ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ସତ୍ସଙ୍ଗ ପବ୍ଲିଶିଂ ହାଉସ୍

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ସତୀଶଚନ୍ଦ୍ର ଜୋୟାରଦାର

ପ୍ରକାଶକ
ଶ୍ରୀଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ
ସତ୍‌ସଙ୍ଗ ପବ୍‌ଲିଶିଂ ହାଉସ୍
ସତ୍‌ସଙ୍ଗ, ଦେଓଘର, ଝାଡ଼ଖଣ୍ଡ

© ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରକାଶକାଳ
ପ୍ରଥମ ସଂସ୍କରଣ : ଜୁଲାଇ, ୧୯୭୮
ସପ୍ତମ ସଂସ୍କରଣ : ଡିସେମ୍ବର, ୨୦୦୨

ଅନୁବାଦକ
ଶ୍ରୀଯତୀନ୍ଦ୍ର ମୋହନ ବସୁ

ଫଟୋ କମ୍ପୋଜିସନ୍
ଉତ୍କଳ ସମ୍ବାଦ ପ୍ରକାଶନ ପ୍ରାଇଭେଟ୍ ଲିମିଟେଡ

ମୁଦ୍ରକ
କୌଶିକ ପାଇ
ପ୍ରିଣ୍ଟିଂ ସେଣ୍ଟର
୧୮ବି, ଭୁବନ ଧର ଲେନ
କୋଲକାତା ୭୦୦ ୦୧୨

ମୂଲ୍ୟ : ବତ୍ରିଶ ଟଙ୍କା ମାତ୍ର

SRI SRI THAKUR ANUKULCHANDRA
by *Sri Satishchandra Joardar*
7th edition, December 2002

Price : Rupees thirty two only

ବନ୍ଦେ ଲୋକତିଳକଂ ସାତ୍ୱତବାର୍ତ୍ତା—ବିଭୂଷଣଂ
ଅମର କୃତ୍ୟୁସ୍ମାରଣଂ ପ୍ରବୁଦ୍ଧଂ ଲୋକଜୀବନଂ
ପ୍ରଣୟ—ପ୍ରମଉ—ଯାଗଦୀପନଂ
ବନ୍ଦେ ଜୀବନ—ଜୀବନଂ ସତ୍—ପୁରୁଷମ୍ ।

—ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ତୁମେ ଅକିଞ୍ଚନ ହୁଅ,
ତାଙ୍କ ଛଡ଼ା ତୁମର ଯେପରି
ଆଉ କିଛି ବି ନ ଥାଏ—
ତୁମର ଅନ୍ତର—ଆକର୍ଷଣକୁ ବ୍ୟାପି;
ଏହା ଭିତର—ଦେଇ
ତୁମର ସାତ୍ୱତ କୃତି—ଐଶ୍ୱର୍ଯ୍ୟ
ଅପର୍ଯ୍ୟାପ୍ତ ହୋଇଉଠୁ—
ତାଙ୍କୁ କେନ୍ଦ୍ର କରି
ଉତ୍‌କ୍ରମଣୀ ଅନୁବ୍ୟାପନାରେ;
ଏପରି ଯଦି ନ ହୁଏ,—
ତେବେ ତୁମର ଧର୍ମ ବି ହେଲା ନାହିଁ,
କର୍ମ ବି ହେଲା ନାହିଁ ।

— **ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର**



ଭୂମିକା

ପରମ ଦୟାଳ ଅନନ୍ତ ଲୀଳାମୟ ଏକ ଏବଂ ଅଦ୍ୱିତୀୟ ସ୍ରଷ୍ଟାପୁରୁଷ । ଆତ୍ମଲୀଳାର ରସାସ୍ୱାଦନରେ ତାଙ୍କର ସର୍ବୋତ୍ତମ ନରଲୀଳାର ନରବିଗ୍ରହ ଧାରଣ କରି ତାଙ୍କର ସୃଷ୍ଟିରେ ଅବତୀର୍ଣ୍ଣ ହୁଅନ୍ତି । ତାଙ୍କର ଅଘଟଣ-ଘଟଣ ପଟୀୟସୀର ପଟାନ୍ତର ହିଁ ତାଙ୍କରି ସୃଜିତ ଜୀବମାନସ ଲୋକରେ ତାଙ୍କର ଅସ୍ତିତ୍ୱର ସ୍ୱୀକୃତିକୁ ଯେତେବେଳେ ନିବିଡ଼ ସଂଶୟ ମୋହରେ ସମାଚ୍ଛନ୍ନ କରି ବିଧ୍ୱଂସୀ ବିକୃତି ବିସ୍ତାର କରେ, ସେତେବେଳେ ହିଁ ସେ ନିଜକୁ ପ୍ରକଟ ନ କରି ରହିପାରନ୍ତି ନାହିଁ । ଆଉ ନିଜକୁ ସ୍ୱ-ମହିମାରେ ମୂର୍ତ୍ତକରି ନିଜର ସୃଷ୍ଟିବିଧାନକୁ ଗ୍ଲାନି ବିକାର ମୁକ୍ତକରି ସ୍ୱଚ୍ଛନ୍ଦରେ ସାମଞ୍ଜସ୍ୟରେ ସମନ୍ୱୟରେ ପରମ ତାତ୍ପର୍ଯ୍ୟରେ ଛନ୍ଦାୟିତ କରି ତୋଳନ୍ତି । ଏହିପରି ଏହି ଯୁଗ ସନ୍ଧିକ୍ଷଣରେ ଏକ ଅନିବାର୍ଯ୍ୟ ପ୍ରୟୋଜନରେ ଅବ୍ୟକ୍ତଈଶ୍ୱର ବ୍ୟକ୍ତ ରୂପ ପରିଗ୍ରହ କରି ଯୁଗପୁରୁଷୋତ୍ତମ ରୂପେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ତ୍ରୟୋଦଶ ଶତାବ୍ଦୀର ଶେଷଭାଗରେ ଏହି ମର୍ତ୍ତ୍ୟ ଲୋକରେ ଏକ ସୁନିଷ୍ଠ ସାଧକ ବ୍ରାହ୍ମଣ ପରିବାରରେ ଆବିର୍ଭୂତ ହୁଅନ୍ତି । ମହୀୟସୀ ମହାସାଧିକା ଜନନୀ ଶ୍ରୀଶ୍ରୀମନୋମୋହିନୀଦେବୀଙ୍କ ଜଠରରୁ ଅବତରଣ ପରଠାରୁ ଜନ୍ମୋତ୍ତର ବହୁ ବିଚିତ୍ର ଘଟଣା ପରମ୍ପରାକୁ କେନ୍ଦ୍ରକରି ତାଙ୍କର ଐଶୀଶକ୍ତି ଓ ଅଲୌକିକ ଅନିର୍ବଚନୀୟ ଦୈବୀ ମହିମା ଲୋକଚକ୍ଷୁରେ ପ୍ରକଟିତ ହେଉଥାଏ । ଉନ୍ନତ ଜଡ଼-ବିଜ୍ଞାନ ବିଦଗ୍ଧ ସଂଶୟୀର ଦୁର୍ଭେଦ୍ୟ ସଂଶୟକୁ ଛିନ୍ନ କରି ଅବିଶ୍ୱାସୀର ନିର୍ମମ ପରୀକ୍ଷା ପଦ୍ଧତିରେ କେତେକ ଘଟଣା ତାଙ୍କର ଅମର ମହିମାର ସାକ୍ଷ୍ୟସ୍ୱରୂପ ହୋଇଅଛି । ସେହି ଅପୂର୍ବ ଏବଂ ଅଦ୍‌ଭୁତ ବିଷୟଗୁଡ଼ିକୁ କୁଷ୍ଟିୟାର ଅନ୍ୟତମ ଭକ୍ତ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର ମହାଶୟ ଶ୍ରୀଶ୍ରୀଠାକୁରଙ୍କର ଜୀବନ-ଆଲେଖ୍ୟ ହିସାବରେ ସର୍ବପ୍ରଥମ ଏହା ବଙ୍ଗଳାରେ ଲିପିବଦ୍ଧ କରନ୍ତି । ପୁରୁଷୋତ୍ତମଙ୍କର ପ୍ରକାଶ-ମହିମା କେବଳ ଅଲୌକିକ ଘଟଣାନିଚୟର ସମାବେଶ ମାତ୍ର ନୁହେଁ । ଅଖଣ୍ଡ-ଜ୍ଞାନ, ପ୍ରେମ ଓ କର୍ମର ଚରମ ଓ ପରମ ତାତ୍ପର୍ଯ୍ୟମୟ ମୂର୍ତ୍ତ ଜୀବନ-ଲୀଳା ସର୍ବତୋଭାବେ ଷୋଳକଳାରେ ପରିପୂର୍ଣ୍ଣ । ସେହି ବିଗ୍ରହରେ ଏହି ଗ୍ରନ୍ଥଟି ଅସଂପୂର୍ଣ୍ଣ ଅଟେ । କିନ୍ତୁ ଏହା ସତ୍ତ୍ୱେ ପରମପୁରୁଷଙ୍କର ମର୍ତ୍ତ୍ୟଲୀଳାର ଯେଉଁ ସାମାନ୍ୟତମ ଅଂଶ ଏହି ଗ୍ରନ୍ଥରେ ବିଧୃତ ହୋଇଛି ତାହା ହିଁ ଅନ୍ୟତମ ପ୍ରମାଣ ହିସାବରେ ଚିରକାଳ ହିଁ ଜନସମାଜରେ ଅମୂଲ୍ୟ ଏବଂ ଅପରିହାର୍ଯ୍ୟ ରୂପେ ସମାଦୃତ ହେବ । ସତ୍‌ସଙ୍ଗର ପ୍ରଧାନ ଆଗ୍ରଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରଚେଷ୍ଟାରେ ଏହି ଗ୍ରନ୍ଥଟି ପ୍ରକାଶିତ ହୁଏ ।

ପରମାରାଧ୍ୟ ଇଷ୍ଟଦେବ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟରେ ଥିବା ସମୟରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ଏହି ଗ୍ରନ୍ଥଟିର ଭାଷାନ୍ତର କରି ଏକ ଓଡ଼ିଆ ସଂସ୍କରଣ ପ୍ରକାଶ କରିବାକୁ ମୋତେ ଆଦେଶ ପ୍ରଦାନ କରନ୍ତି । ଦୟାଳଙ୍କ ଅପାର କରୁଣା ଏବଂ ଶ୍ରୀଶ୍ରୀବଡ଼ଦାଙ୍କ

ପ୍ରୀତିପୂର୍ଣ୍ଣ ପ୍ରେରଣାରେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଏହି ଗ୍ରନ୍ଥ ପ୍ରକାଶିତ ହେବାରୁ ଓଡ଼ିଆ ଭାଷାଭାଷୀ ଭକ୍ତ ଓ ସୁଧୀବୃନ୍ଦ ପରମପୁରୁଷଙ୍କର ଦିବ୍ୟଲୀଳାର ଅମୃତ ରସାସ୍ୱାଦନରେ ଆନନ୍ଦ ଲାଭ କଲେ ମୋର ଶ୍ରମ ସାର୍ଥକ ହେବ— ମୁଁ ଧନ୍ୟ ହେବି । ଲେଖକଙ୍କ ମୂଳ ଲେଖାକୁ ଯେତେଦୂର ସମ୍ଭବ ଅକ୍ଷୁଣ୍ଣ ରଖାଯାଏ ସେହି ପ୍ରୟାସରେ ହିଁ ଅନୁବାଦର ତ୍ରୁଟି ବିଚ୍ୟୁତି ଥିବା ସ୍ୱାଭାବିକ ଏବଂ କ୍ଷମାର ଯୋଗ୍ୟ । ବନ୍ଦେ ପୁରୁଷୋତ୍ତମମ୍ ।

ବିନୀତ

ଶ୍ରୀ ଯତୀନ୍ଦ୍ର ମୋହନ ବସୁ

ସହ-ସମ୍ପାଦକ, ସତ୍‌ସଙ୍ଗ

ସତ୍‌ସଙ୍ଗ, ଦେଓଘର
ଶ୍ରୀପଞ୍ଚମୀ
ତା ୧୨.୨.୭୮

ଚତୁର୍ଥ ସଂସ୍କରଣ

ଯୁଗ ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁରଙ୍କର ଦିବ୍ୟ ଜୀବନ ଆଲେଖ୍ୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର'' ର ଚତୁର୍ଥ ସଂସ୍କରଣ 'ଜନ୍ମ ଶତବାର୍ଷିକୀ ସଂସ୍କରଣ' ରୂପେ ପ୍ରକାଶିତ ହେଲା । ଆଶାକରେ, ଏହି ଜୀବନୀ ଗ୍ରନ୍ଥ ପାଠରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ ହୋଇ ଅନୁରାଗୀ ଭକ୍ତବୃନ୍ଦ ଶ୍ରୀଶ୍ରୀ ଠାକୁରଙ୍କର ଅଲୌକିକ ଦିବ୍ୟ—ଜୀବନ ଏବଂ ବାଣୀ ସମ୍ବନ୍ଧରେ ଅଧିକତର ଆଗ୍ରହୀ ହୋଇ ଉଠିବେ ।

ଶୁଭ ଶତତମ ଜାଳନବମୀ ତିଥି
୩୦ ଭାଦ୍ର, ୧୩୯୪
ସତ୍‌ସଙ୍ଗ, ଦେଓଘର

ପ୍ରକାଶକ

ସପ୍ତମ ସଂସ୍କରଣ

ପରମଦୟାଳଙ୍କର ଅପ୍ରମେୟ ଦୈବୀଲୀଳାର କିଂଚିତ ପ୍ରକାଶ ତାଙ୍କରି ଅନ୍ୟତମ ଲୀଳାସାକ୍ଷୀ ଓ ଭକ୍ତ ସ୍ୱର୍ଗତ ଶ୍ରୀ ସତୀଶଚନ୍ଦ୍ର ଜୋୟାରଦାରଙ୍କ ପ୍ରଣୀତ ମୂଳ ବଙ୍ଗଳାଗ୍ରନ୍ଥ 'ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର'ର ଓଡ଼ିଆ ଅନୁବାଦର ସପ୍ତମ ସଂସ୍କରଣ ଅବିକଳଭାବେ ପ୍ରକାଶିତ ହେଲା । ଭକ୍ତଜନ-ସ୍ୱୀକୃତ ଓ ସମାଦୃତ ଏଇ ପୁରୁଷୋତ୍ତମଲୀଳା କାହାଣୀର ବର୍ତ୍ତମାନ ସଂସ୍କରଣ ପୂର୍ବାପର ସଦୃଶ ତାଙ୍କରି ଦୈବୀ, ଅନନ୍ତ ଦିବ୍ୟ ଜୀବନଲୀଳାର ପରଶ ପ୍ରଦାନ ପୂର୍ବକ ଆପାମର ସମସ୍ତଙ୍କର ଅସ୍ତି-ବୃଦ୍ଧି-ପଥରେ ଚାଲିବାର ପ୍ରେରଣା ସ୍ୱରୂପ ହେଉ—ଏହାହିଁ ଆମର ପ୍ରାର୍ଥନା ।

— ବନ୍ଦେ ପୁରୁଷୋତ୍ତମମ୍ ।

ପହିଲା ନଭେମ୍ବର, ୨୦୦୨
ସତ୍‌ସଂଗ, ଦେଓଘର

ପ୍ରକାଶକ

ସୂଚୀପତ୍ର

ବିଷୟ				ପୃଷ୍ଠା
ବଂଶ ପରିଚୟ	...	...	...	୧
ମତ୍ସ୍ୟ-ମାଂସାହାର	...	...	...	୩
ପ୍ରପ୍ତରେ ଦୀକ୍ଷା ଓ ସତ୍ୟନାମ	...	...	...	୫
ପ୍ରଯଂ ଭଗବାନଙ୍କ କର୍ତ୍ତୃକ ସତ୍ୟନାମ ପ୍ରକାଶ	...	...	...	୮
ଶ୍ରୀଶ୍ରୀଠାକୁରଙ୍କର ଶୁଭ ଆବିର୍ଭାବ	...	...	...	୯
ଶୁଭ ଜନ୍ମବୃତ୍ତାନ୍ତ	...	...	...	୧୦
ପୂତିକା ଘରର ସୃଚି	...	...	...	୧୩
ଶୁଭ ଅନ୍ନପ୍ରାଶନ ସମୟର ଘଟଣା	...	...	...	୧୩
ଶୈଶବକାଳର ଲୀଳାଖେଳା	...	...	...	୧୪
ଶ୍ରୀଶ୍ରୀଗୋପାଳଠାକୁରଙ୍କ ସିଂହାସନ ଉପରେ ଏହି ଶିଶୁ	...	...	...	୧୪
ଶୈଶବର ଅନନ୍ୟସାମିତ୍ୱ ଓ ଭବିଷ୍ୟତବାଣୀ	...	...	...	୧୪
ଶିଶୁର ବିଷଭକ୍ଷଣ	...	...	...	୧୫
ନାରାୟଣଶିଳାର କଥା	...	...	...	୧୫
ଶିଶୁଙ୍କ ଦର୍ଶନ ପାଇଁ ସନ୍ଥ୍ୟାସୀଙ୍କ ଆଗମନ	...	...	...	୧୬
ଶ୍ରୀଶ୍ରୀଜନନୀଙ୍କ କଥା	...	...	...	୧୬
ଜନନୀଙ୍କ ଦରିଦ୍ରତା	...	...	...	୧୮
ଅମାନିଶାର ଅବସାନ	...	...	...	୨୨
ସୁଖ ସୂର୍ଯ୍ୟୋଦୟ	...	...	...	୨୨
ଜନନୀଙ୍କ ସନ୍ତାନ ସଂଖ୍ୟା	...	...	...	୨୫
ଗୁରୁ ଓ ସଦ୍‌ଗୁରୁ	...	...	...	୨୫
ଶ୍ରୀଶ୍ରୀଠାକୁରଙ୍କ ବାଲ୍ୟଲୀଳା—ରାଜା ସଜାଇବା	...	...	...	୨୬
ବାଲ୍ୟକାଳରେ କ୍ରିଡାଚ୍ଛଳରେ ଅଲୌକିକ ଦୁଗ୍ଧପାନ	...	...	...	୨୬
ଆମ୍ର ଭୁଞ୍ଜନ	...	...	...	୨୭
ଉଦ୍ୟାନ ଅଧିକାର	...	...	...	୨୭
ଲୋଭ ଦମନ	...	...	...	୨୭
ଦେବ ଦର୍ଶନ	...	...	...	୨୮
ଶିକ୍ଷକଙ୍କ ପ୍ରତି ଭକ୍ତି	...	...	...	୨୮
ବିଦ୍ୟାଳୟରେ ଶୀତକାଳରେ ଅଦ୍ଭୁତ କାଣ୍ଡ	...	...	...	୨୮
ସତ୍ୟନାମରେ ଜ୍ୟୋତିଃଦର୍ଶନ ଓ ମୂର୍ଚ୍ଛା	...	...	...	୨୯
ସତ୍ୟନାମ ଜପରେ ଅନାହତ ସଙ୍ଗୀତ ଶ୍ରବଣ	...	...	...	୨୯
ଅଙ୍କ ପରୀକ୍ଷାରେ ମାତୃଭକ୍ତି	...	...	...	୨୯
ନଗ୍ନପଦରେ ଅତ୍ୟୁତ୍ତପ୍ତ ବାଲୁକା ଉପରେ ଭ୍ରମଣ	...	...	...	୩୦
ଶିମର-ଘାଟରେ କୁଲି କାର୍ଯ୍ୟ	...	...	...	୩୦
ଆତ୍ମାର ଦେହତ୍ୟାଗ ଓ ପ୍ରବେଶ	...	...	...	୩୧
ଶ୍ରୀଶ୍ରୀକାଳୀମାତାଙ୍କର ବୋଝ ବହନ	...	...	...	୩୧

ବିଷୟ				ପୃଷ୍ଠା
ଶ୍ରୀକୃଷ୍ଣଙ୍କ ସହିତ ସାକ୍ଷାତ୍ ଓ ବାଳ୍ୟାଳାପ	...	...	...	୩୧
ଶ୍ରୀକୃଷ୍ଣ-କର୍ତ୍ତୃକ କାଷ୍ଠଛେଦନ	...	...	...	୩୧
ଶ୍ରୀଶ୍ରୀକାଳୀମାତାଙ୍କ କର୍ତ୍ତୃକ ପରାମର୍ଶ ଓ ଭୋଜନ ଦାନ	...	...	...	୩୧
ବନଶାରେ ମାଛ ଧରି ବିପଦ	...	...	...	୩୨
କ୍ଷିପ୍ରଗତି	...	...	...	୩୨
ଶିକ୍ଷକଙ୍କ ଚରିତ୍ର ସଂଶୋଧନ	...	...	...	୩୨
(ବାଳକ) ତୁମେ କ'ଣ ମୋର ଆଲ୍ଲା ?	...	...	...	୩୨
ବାଳକ ହୃଦରେ ବାଳପକ୍ଷୀ ବସିଲା	...	...	...	୩୩
ପରଦୁଃଖକାତରତା ଓ ଦାନଶୀଳତା	...	...	...	୩୩
ବାଳକଙ୍କ ସ୍ପର୍ଶରେ ନିର୍ବାପିତ ଆଲୋକ ଜଳିଉଠିଲା	...	...	...	୩୪
କୈଶୋରଲୀଳା, ବେଶ୍ୟାମାତାର ଉଦ୍ଧାର	...	...	...	୩୪
ଶତ୍ରୁ ପ୍ରତି ପ୍ରେମ	...	...	...	୩୫
ଶୁଭ ପରିଣୟ	...	...	...	୩୬
ଯୌବନ ଅବସ୍ଥା, ଚାକୁରୀ ବ୍ୟବସାୟ	...	...	...	୩୭
ଦୀକ୍ଷା ଗ୍ରହଣ ସମୟରେ ଆଶ୍‌ଚର୍ଯ୍ୟ ବ୍ୟାପାର	...	...	...	୩୭
ଦୈବଯୋଗେ ରୋଗୀର ବ୍ୟବସ୍ଥା ପତ୍ର **(Prescription)**ପ୍ରାପ୍ତି	...	...	...	୩୮
ନିଦ୍ରା ନିର୍ବାସନ	...	...	...	୩୮
ସର୍ବତ୍ରବ୍ରହ୍ମମୟ ବୋଧ	...	...	...	୩୯
ପରଦୁଃଖକାତରତାରେ ନିଜ ଦେହରେ ଆଘାତ ଚିହ୍ନ	...	...	...	୩୯
ଦାନଶୀଳତା	...	...	...	୩୯
ବୃକ୍ଷାଦିର ଯନ୍ତ୍ରଣା ବୁଝିପାରିବା	...	...	...	୪୦
କୀଟପତଙ୍ଗାଦି ପର୍ଯ୍ୟନ୍ତର ପ୍ରତି ସମଦୟା	...	...	...	୪୦
ସ୍ୱଦେହରେ ୧୧୦ ଡିଗ୍ରୀ ଉତ୍ତାପ	...	...	...	୪୦
ଅମାବସ୍ୟା ରାତ୍ରିରେ ଚନ୍ଦ୍ର ଉଦୟ	...	...	...	୪୦
ନୈହାଟୀରେ ଅନାଥଭଣ୍ଡାର ସ୍ଥାପନ କଥା	...	...	...	୪୦
ପାପୀମାନଙ୍କୁ ନବଜୀବନ ପ୍ରଦାନ	...	...	...	୪୧
ଶ୍ରୀଶ୍ରୀଠାକୁର	...	...	...	୪୪
ଭକ୍ତର **ଇଷ୍ଟ**ମୂର୍ତ୍ତି-ଦର୍ଶନପ୍ରାପ୍ତି—ତାଙ୍କ ଦେହରେ	...	...	...	୪୪
ମହାଭାବାବସ୍ଥା	...	...	...	୪୫
ମହାଭାବବାଣୀ	...	...	...	୪୫
ଗୀତା ଓ **ଶ୍ରୀଶ୍ରୀ**ଠାକୁରଙ୍କ ଭାବବାଣୀ	...	...	...	୪୬
ଭାବବାଣୀର ପ୍ରକାର	...	...	...	୪୬
ଅଲୌକିକ ଶକ୍ତିର କଥା **(miracles)**	...	...	...	୪୮
ଶ୍ରୀଶ୍ରୀଠାକୁରଙ୍କ କର୍ତ୍ତୃକ ଭକ୍ତର ପଦସେବା	...	...	...	୫୨
ଶ୍ରୀଶ୍ରୀଠାକୁର ପ୍ରଥମେ ଧରା ପଡ଼ିଲେ	...	...	...	୫୩
ଅବତାର ନାହିଁ କହେ ମୁଁହି ଅବତାର	...	...	...	୫୪
ସାଧନ ପ୍ରଣାଳୀର ଉପଦେଶ	...	...	...	୫୫
ଉପଦେଶ ଚାନ୍ଦ୍ରାବଳୀ—ଉପଦେଶ ଗ୍ରହଣେଚ୍ଛୁଗଣଙ୍କ ପ୍ରତି	...	...	...	୫୫

ବିଷୟ				ପୃଷ୍ଠା
ଉପଦିଷ୍ଟ ସତ୍‌ସଙ୍ଗୀଗଣଙ୍କର ଅବଶ୍ୟ ପାଳନୀୟ :-ସତ୍‌ସଙ୍ଗର ବାହ୍ୟ-ପ୍ରକୃତି..			...	୫୬
ସତ୍‌ସଙ୍ଗର ଅନ୍ତଃପ୍ରକୃତି	...	...	...	୫୬
ଅଧ୍ୟାପକ ଜ୍ୟୋତିଷୀଙ୍କ କଥା	...	...	...	୫୮
ଅପରିଚିତ ବ୍ୟକ୍ତିର **ଶ୍ରୀଶ୍ରୀ**ଠାକୁରଙ୍କୁ ଦର୍ଶନ	...	...	...	୫୮
ନିଜ **ଇଷ୍ଟ**ମୂର୍ତ୍ତି ଧ୍ୟାନକାଳରେ **ଶ୍ରୀଶ୍ରୀ**ଠାକୁରଙ୍କୁ ଦର୍ଶନ	...	...	...	୫୯
ପାଷଣ୍ଡର ଉଦ୍ଧାର ଓ ସାଧନାରେ ଉନ୍ନତି	...	...	...	୫୯
ବିଜ୍ଞାନାଦି ଶାସ୍ତ୍ରର ଅଗୀତ ବ୍ୟାପାର	...	...	...	୫୯
ସତ୍ୟନାମର ଶ୍ରେଷ୍ଠତ୍ୱ ସମ୍ବନ୍ଧରେ ତାଙ୍କର ଉକ୍ତି	...	...	...	୫୯
ଆମିଷ ଓ ନିରାମିଷ ସମ୍ବନ୍ଧରେ **ଶ୍ରୀଶ୍ରୀ**ଠାକୁରଙ୍କ ଉକ୍ତି	...	...	...	୫୯
ଅଲୌକିକ ଭାବରେ ନିର୍ବାପିତ ଆଲୋକ ଜଳିଲା	...	...	...	୬୦
ଶ୍ରୀଶ୍ରୀଠାକୁରଙ୍କ ସ୍ପର୍ଶରେ ଅନ୍ୟ ମନୁଷ୍ୟ ଦେହରେ ଆଲୋକ ଜଳିଲା	...	...	...	୬୦
ଚରଣାମୃତ-ତତ୍ତ୍ୱ ଓ ଅଦ୍ଭୁତ କାହାଣୀ	...	...	...	୬୧
ସତ୍ୟନାମର ତତ୍ତ୍ୱ ଓ ମାହାତ୍ମ୍ୟ	...	...	...	୬୪
ସତ୍ୟନାମରେ କି ପ୍ରଣାଳୀରେ ଅଦ୍ଭୁତକାର୍ଯ୍ୟ ହୋଇପାରେ	...	...	...	୬୫
ସତ୍ୟନାମରେ ଆଶ୍‌ଚର୍ଯ୍ୟ ଭାବରେ ୨୪ ଘଣ୍ଟାରେ ନିଉମୋନିୟା ଆରୋଗ୍ୟ	...	...	...	୬୯
ସତ୍ୟନାମରେ ରୋଗଯନ୍ତ୍ରଣା ଉପଶମ	...	...	...	୬୯
ସତ୍ୟନାମ ସମ୍ବନ୍ଧରେ ସ୍ୱପ୍ନାଦେଶ	...	...	...	୬୯
ସତ୍ୟନାମ ଅବଜ୍ଞାର ପ୍ରତିଫଳ	...	...	...	୬୯
ସନ୍ନ୍ୟାସୀ ଓ ମୁସଲମାନର ସତ୍ୟନାମ ମାହାତ୍ମ୍ୟାନୁଭୂତି	...	...	...	୭୩
ସତ୍ୟନାମରେ ମୃତ ଶିଶୁର ଜୀବନଲାଭ	...	...	...	୭୩
ସତ୍ୟନାମ ବଳରେ ସ୍ତିମର ଫେରି ଆସିଲା	...	...	...	୭୪
ସତ୍ୟନାମରେ ମୁମୂର୍ଷୁର ଜୀବନପ୍ରାପ୍ତି	...	...	...	୭୪
ସତ୍ୟନାମ ଜପିବାରେ ମଲା ମଣିଷ ବଞ୍ଚିଗଲା	...	...	...	୭୬
ଗର୍ଭସ୍ଥ ମୃତ ଭ୍ରୂଣର ପୁନର୍ଜୀବନ ପ୍ରାପ୍ତି	...	...	...	୭୬
ବିଷ ଭକ୍ଷଣରେ ମୃତ ବ୍ୟକ୍ତିର ଜୀବନ ଲାଭ	...	...	...	୭୬
ସତ୍ୟନାମରେ ରୋଗାରୋଗ୍ୟ ବ୍ୟାଧ ସାଧୁ	...	...	...	୭୮
ନାମରେ ଶୁଷ୍କତରୁ ମଞ୍ଜରିଲା	...	...	...	୭୯
ଭକ୍ତ ଦୀନନାଥଙ୍କର ଅପୂର୍ବ କାହାଣୀ	...	...	...	୮୧
ସତ୍ୟନାମ ଦ୍ୱାରା ମୁମୂର୍ଷୁର ଜୀବନ ଲାଭ	...	...	...	୮୫
ଜୀବେଦୟା ଓ ବୃକ୍ଷଲତାଦିର ଦୁଃଖ ଅନୁଭବକରଣ		...	...	୮୬
ପରକୁ ଦୟା କରିବା ମାନେ ନିଜକୁ ହିଁ ଦୟା କରିବା		...	...	୮୬
ଭଲ ଖାଦ୍ୟ ଦେଖି କ୍ରନ୍ଦନ	...	...	...	୮୬
ଛାତିରେ ଛୁରି ମାର	...	...	...	୮୬
ବାମ ହସ୍ତର ଅଘାତପାରରେ ଦକ୍ଷିଣ ହସ୍ତରେ ଦାନ	...	...	...	୮୭
ନିଜର ଏକମାତ୍ର ପରିଧେୟ ବସ୍ତ୍ର ଦାନ	...	...	...	୮୮
ତାନ୍ତ୍ରିକର ଛାଗବଳୀ ବନ୍ଦ	...	...	...	୮୮
ଶ୍ରୀଶ୍ରୀଠାକୁରଙ୍କ ଦେହରେ ଜ୍ୟୋତିଃଦର୍ଶନ	...	...	...	୯୧

ବିଷୟ				ପୃଷ୍ଠା
ସଶରୀରରେ ଚିଦ୍‌ଘନ ମୂର୍ତ୍ତିର ଦର୍ଶନ ପ୍ରାପ୍ତି	...	...	...	୯୩
ଏକ ସମୟରେ ଦୁଇ ସ୍ଥାନରେ ଉପସ୍ଥିତି	...	...	...	୯୮
ଯହିଁ ଯହିଁ ଦୃଷ୍ଟି ପଡ଼େ ତହିଁ ତହିଁ ଇଷ୍ଟସ୍ଫୁରେ	...	...	...	୯୮
ସ୍ଥୂଳ ଦେହରେ ଦର୍ଶନ ପ୍ରାପ୍ତି : ନିବେଦିତ ଭୋଜ୍ୟ ଭୋଜନ		...	...	୯୯
ଦତ୍ତମାଙ୍କ କଥା : ଦୈବ ପ୍ରତ୍ୟାଦେଶ	...	...	...	୧୦୧
ଦତ୍ତମା'ଙ୍କ କଥା : ଇଷ୍ଟ ମୂର୍ତ୍ତିରେ ଦର୍ଶନ ଲାଭ	...	...	...	୧୦୧
ଦତ୍ତମାଙ୍କ କଥା : ଦୈବବାଣୀ ଶ୍ରବଣ	...	...	...	୧୦୩
ପଟମୂର୍ତ୍ତିର ଅନ୍ନ ଭୋଜନ	...	...	...	୧୦୪
ପଟମୂର୍ତ୍ତିର ଲାଜାଖେଳା—ପଟମୂର୍ତ୍ତି କର୍ତ୍ତୃକ ମାଳା ଦୁଗଡୁ ନିକ୍ଷେପ		...	...	୧୦୬
ପଟମୂର୍ତ୍ତିର ଝୁଲଣ	...	...	...	୧୦୭
ବର୍ତ୍ତମାନ ଯୁଗର ପଦ୍ଧତି	...	...	...	୧୦୭
ଦୈବଯୋଗରେ ମୃଦଙ୍ଗ ବାଇଣା	...	...	...	୧୦୯
ଦୈବଯୋଗରେ ଧୂପଝୁଣା ଫୁଲଚନ୍ଦନର ଗନ୍ଧ	...	...	...	୧୧୦
ଶ୍ରୀଶ୍ରୀଠାକୁରଙ୍କ ପରୀକ୍ଷା, ଜିଶୋରୀମୋହନଙ୍କ କଥା	...	...	...	୧୧୦
ନବାନ୍ନ ଭୋଗରେ ପରୀକ୍ଷା	...	...	...	୧୧୦
ପଦେଶ୍ରଦ୍ୱାରା ପରୀକ୍ଷା	...	...	...	୧୧୧
ଶ୍ମଶାନରେ ପ୍ରତ୍ୟକ୍ଷ ପରୀକ୍ଷା	...	...	...	୧୧୩
ପଦ୍ମାନଦୀଗର୍ଭରେ ଜୀବନ ପଣଟକାଳରେ ପ୍ରତ୍ୟକ୍ଷ ପରୀକ୍ଷା		...	...	୧୧୬
ଦୈବ ଅଶରୀରୀ କୀର୍ତ୍ତନ	...	...	...	୧୧୯
ଅର୍ଥ ଓ ସାହାଯ୍ୟ ଅଭାବରେ ଆଶ୍‌ଚର୍ଯ୍ୟ ଘଟଣା	...	...	...	୧୧୯
ଅତି ଲୋଇରୁ ସବୁ ନଷ୍ଟ	...	...	...	୧୨୦
ସନ୍ଦେହ ମୁକ୍ତ ମନୋଗତ ପ୍ରଶ୍ନ ସମାଧାନ	...	...	...	୧୨୧
ଆକୁଇପ୍ରାଣରେ ଡାକି ଅର୍ଥପ୍ରାପ୍ତି ଓ ବଂଶୀରବ ଶ୍ରବଣ		...	...	୧୨୧
ନିଷିଦ୍ଧ କାର୍ଯ୍ୟରେ ଉଦ୍ୟତ ହେବାରୁ ଶାସ୍ତି ପ୍ରାପ୍ତି	...	...	...	୧୨୨
ଅଷ୍ଟ ସାତ୍ତ୍ୱିକଭାବ ଓ ରକ୍ତଘର୍ଷ୍ମ	...	...	...	୧୨୨
ଅନାହାରରେ ଦର୍ଶନ ଲାଭ	...	...	...	୧୨୨
ଅଦ୍ଭୁତ ସ୍ୱପ୍ନକାହାଣୀ ସତ୍ୟ ହେଲା	...	...	...	୧୨୩
ସ୍ୱପ୍ନରେ ଦୀକ୍ଷା, ସ୍ୱପ୍ନାଦେଶ ଓ ନାନା କଥା	...	...	...	୧୨୫
ସତ୍ୟନାମ ଗ୍ରହଣରେ ଅଶରୀରୀ ଆଦେଶ	...	...	...	୧୨୯
ଦୈବବାଣୀ ଓ ଧ୍ୟାନଲବ୍ଧ ବ୍ୟାପାର	...	...	...	୧୩୦
ଦୈବବାଣୀ ଅନେକ ପ୍ରକାରରେ ଶ୍ରୁତ ହୋଇଥାଏ	...	...	...	୧୩୦
ବାବା ବୈଦ୍ୟନାଥଙ୍କ ଆଦେଶ	...	...	...	୧୩୫
ଶ୍ରୀଶ୍ରୀଠାକୁର ଜଗତକୁ କି କି ଶିକ୍ଷା ଦେଲେ	...	...	...	୧୩୫
ମହାଭାବବାଣୀ ବା **(Holy Book)** ପୁଣ୍ୟପୋଥିର ନମୁନା		...	...	୧୩୫
ଭାବବାଣୀର କିୟଦଂଶ	...	...	...	୧୩୬
ସତ୍ୟାନୁସରଣର ନମୁନା	...	...	...	୧୪୩
ଅତି ଅଦ୍ଭୁତ ଅନ୍ତର୍ଯ୍ୟାମିତ୍ୱ	...	...	...	୧୪୬

ବିଷୟ				ପୃଷ୍ଠା
କାମରିପୁ ଦମନର ଉପାୟ	...	...	...	୧୫୩
ଅକାଳ ମୃତ୍ୟୁରୁ ବଞ୍ଚିବାର ଉପାୟ	...	...	...	୧୫୫
କାମଦମନ ସମ୍ବନ୍ଧରେ ମୋର ନିଜର ପ୍ରତ୍ୟକ୍ଷ ଘଟଣା		...	...	୧୫୬
ଶ୍ରୀଶ୍ରୀଠାକୁରଙ୍କ ଦେହରେ ଶ୍ରୀଶ୍ରୀକାଳୀମୂର୍ତ୍ତି ଦର୍ଶନ	...	...	...	୧୫୯
ବାଳଗୋପାଳ ମୂର୍ତ୍ତିରେ ଶ୍ରୀଶ୍ରୀଠାକୁର	...	...	...	୧୫୯
ଶ୍ରୀଶ୍ରୀଠାକୁରଙ୍କୁ ଶ୍ରୀଗୌରାଙ୍ଗରୂପେ ଦର୍ଶନପ୍ରାପ୍ତି	...	...	...	୧୫୯
ଶ୍ରୀଶ୍ରୀଠାକୁରଙ୍କ ଦେହରେ କୃଷ୍ଣକାଳୀମୂର୍ତ୍ତି ଦର୍ଶନ	...	...	...	୧୬୦
କାଶୀର ବିଶ୍ୱେଶ୍ୱରଙ୍କ ମୂର୍ତ୍ତିରେ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ	...	...	...	୧୬୦
ଶ୍ରୀଶ୍ରୀଠାକୁରଙ୍କୁ ସ୍ୱର୍ଗ ଜରିବାର ଫଳ	...	...	...	୧୬୧
ପୁରୁଷର ସ୍ପର୍ଶ ଅନୁଭୂତି	...	...	...	୧୬୧
ଶ୍ରୀଶ୍ରୀଠାକୁରଙ୍କ ଶରୀରରେ ବେତ୍ରାଘାତ	...	...	...	୧୬୨
ଶ୍ରୀଶ୍ରୀଠାକୁରଙ୍କ ଦେହରେ ପାଦୁକାଘାତ	...	...	...	୧୬୨
ଭୂତ ପ୍ରେତର କାହାଣୀ	...	...	...	୧୬୩
ଶ୍ରୀଶ୍ରୀଠାକୁରଙ୍କ କର୍ତ୍ତୃକ ଭବିଷ୍ୟତବାଣୀ	...	...	...	୧୬୫
ବ୍ୟାଘ୍ର ବିତାଡ଼ନ	...	...	...	୧୬୬
ଏହି ଜୀବନରେ ପାଇବାକୁ ହେବ	...	...	...	୧୬୬
ଅବତାର ଚିହ୍ନିବାର ଗୋଟିଏ ଦୁଇଟି ଉପାୟ	...	...	...	୧୬୬
ସାଧନ ଭଜନର ପ୍ରତ୍ୟକ୍ଷ ଅନୁଭୂତିର ତାରତମ୍ୟ	...	...	...	୧୬୭
ପ୍ରାର୍ଥନା ମାହାତ୍ମ୍ୟ ବା ଭକ୍ତର ବାଞ୍ଛା ପୂରଣ	...	...	...	୧୬୭
ଶିଷ୍ୟସହ ଗୋସ୍ୱାମୀପ୍ରଭୁଙ୍କର ପୁନର୍ଦୀକ୍ଷା ଗ୍ରହଣ	...	...	...	୧୬୪
ହିନ୍ଦୁମାନେ ପ୍ରଣାମ କରନ୍ତି କାହିଁକି ?	...	...	...	୧୬୬
ପ୍ରେମଦ୍ୱାରା ସଂଶୋଧନ	...	...	...	୧୬୮
ମୋର ନିଜର କଥା	...	...	...	୧୬୮
ଚୁମ୍ବକର ପ୍ରାଥମିକ ପ୍ରାର୍ଥନା	...	...	...	୧୬୯
ଜ୍ଞାନାନନ୍ଦଦେବଙ୍କ କଥା	...	...	...	୧୮୪
ପ୍ରଭୁ ଜଗଦ୍‌ବନ୍ଧୁଙ୍କ କଥା	...	...	...	୧୮୪
ଆଉ ବେଳ କାହିଁ ଭଟିବି ତୋତେ	...	...	...	୧୯୨
ଏକଚାଳିଶ ଦିନ ସାଧନାରେ ଆଶ୍‌ଚର୍ଯ୍ୟଫଳ	...	...	...	୧୯୫
ପ୍ରଭୁ ଯୀଶୁ ଓ ଖ୍ରୀଷ୍ଟିୟାନ ପାଦ୍ରୀଙ୍କ କଥା	...	...	...	୧୯୮
ଶ୍ରୀଶ୍ରୀଠାକୁରଙ୍କୁ ଅବତାର କହୁ କାହିଁକି ?	...	...	...	୧୯୯
ଅବତାର କହିଲେ ମନରେ କଷ୍ଟ ହୁଏ	...	...	...	୨୦୦
କୀର୍ତ୍ତନରେ ଭଦ୍ରମହିଳା	...	...	...	୨୦୦
ସତ୍ୟ ପ୍ରଚାର ନା ମାଣିଷ ପ୍ରଚାର	...	...	...	୨୦୧
ମୂର୍ତ୍ତି ଧ୍ୟାନ କଥା	...	...	...	୨୦୨
ମୌନ ସନ୍ନ୍ୟାସୀଙ୍କ କଥା	...	...	...	୨୦୩
ଶ୍ରୀଶ୍ରୀଠାକୁରଙ୍କୁ ବିଷ ପ୍ରୟୋଗ ସନ୍ଦେହ	...	...	...	୨୦୫
ଶ୍ରୀଯୁକ୍ତ ବିରାଜଦାଙ୍କର ଗୋଟିଏ କଥା	...	...	...	୨୦୫

ବିଷୟ				ପୃଷ୍ଠା
ସ୍ତ୍ରୀ-ପୁରୁଷରେ ଭେଦଜ୍ଞାନ ରାହିତ୍ୟଭାବ	...	...	...	୨୦୬
ସଦ୍‌ଗୁରୁ ଚିହ୍ନିବାର ଆଉ ଏକ ଉପାୟ	...	...	...	୨୦୬
ଦୁଇଜଣ ଉଲଗ୍ନ ସନ୍ନ୍ୟାସିଙ୍କ କଥା	...	...	...	୨୦୭
ମାତୃଆଜ୍ଞା ପାଳନ	...	...	...	୨୦୮
ବ୍ରହ୍ମାନନ୍ଦଦେବଙ୍କ ଭକ୍ତର କଥା	...	...	...	୨୦୮
ମହାଗ୍ରନ୍ଥାପହରଣ	...	...	...	୨୦୯
ଶ୍ରୀଶ୍ରୀବିଶ୍ୱଗୁରୁ ଆବିର୍ଭାବ-ମହାମହୋତ୍ସବ	...	...	...	୨୧୦
ମହୋତ୍ସବର	...	...	...	୨୧୨
ବ୍ରହ୍ମାନନ୍ଦଦେବଙ୍କ କଥା	...	...	...	୨୧୭
ଶାକ୍ୟସିଂହଙ୍କର ଫେରିଜାର୍ଯ୍ୟ	...	...	...	୨୧୭
ମସ୍ତକରେ ରୌପ୍ୟ-ପାଦୁକା ଧାରଣ	...	...	...	୨୧୮
ପାଦୁକା ପ୍ରଦାନ	...	...	...	୨୧୮
ଶ୍ରାଦ୍ଧର ଆବଶ୍ୟକତା	...	...	...	୨୧୮
ଅନ୍ନ ଖାଦ୍ୟରେ ବହୁ ବ୍ୟକ୍ତିଙ୍କର ଭୋଜନ	...	...	...	୨୧୯
ଭକ୍ତର ବୋଝ ବହନ କରିବା ଓ	...	...	...	୨୧୯
ସଂସାରରେ ଥାଇ ଧର୍ମ ଜାର୍ଯ୍ୟ ଚକ୍ରତୀର୍ଥକୁ ଗମନ		...	...	୨୨୦
ବ୍ରହ୍ମା, ବିଷ୍ଣୁ ଓ ଶିବ	...	...	...	୨୨୦
ଅବତାରଗଣଙ୍କ କଥା	...	...	...	୨୨୧
ଶ୍ରୀରାମକୃଷ୍ଣଦେବଙ୍କ କଥା	...	...	...	୨୨୧
ଅପରର ରୋଗ ନିଜ ଶରୀରରେ ଗ୍ରହଣ	...	...	...	୨୨୨
ଆତ୍ମସମର୍ପଣ ବା ବକଲମା	...	...	...	୨୨୨
ଭୟଙ୍କର ମୂର୍ତ୍ତିରେ ଦର୍ଶନ ପ୍ରାପ୍ତି	...	...	...	୨୨୩
ବାଇଦ୍ୟନାଥର ରୋଟିଏ କଥା	...	...	...	୨୨୩
ଦକ୍ଷିଣେଶ୍ୱର ମନ୍ଦିରରେ ଅଦ୍ଭୁତ ଘଟଣା	...	...	...	୨୨୩
ଶ୍ରୀଶ୍ରୀକାଳୀମାତାଙ୍କ କର୍ତ୍ତୃକ ପ୍ରତି-ନମସ୍କାର	...	...	...	୨୨୪
ଚୋରସଙ୍ଗେ ଚୋରି କରିବାକୁ ଶ୍ରୀଶ୍ରୀଠାକୁରଙ୍କ ଗମନ	...	...	...	୨୨୪
ନିଅଁରେ ହାତ ଦେଲେ ପୋଡ଼େ ନାହିଁ	...	...	...	୨୨୪
ଉର୍ଦ୍ଧ୍ୱ ପୁଚ୍ଛରେ କାହାର କଣ୍ଠରବରେ ଗାଈ ଧାଏଁ	...	...	...	୨୨୫
ବିଖ୍ୟାତ ଜ୍ୟୋତିଷୀଙ୍କ କଥା	...	...	...	୨୨୫
ପର ମନରେ କଷ୍ଟ ଦେବାର ଫଳ	...	...	...	୨୨୫
ସତ୍ୟଯୁଗ ଆରମ୍ଭ କଥା	...	...	...	୨୨୬
କାୟବ୍ରହ୍ମ କଥା	...	...	...	୨୨୬
Political Salvation ବା ଦେଶର ରାଜନୈତିକ ମୁକ୍ତି	...	...	...	୨୨୬
କ୍ଷୁଧାରେ ଖାଦ୍ୟ ଦୈବଯୋଗରେ ମିଳେ	...	...	...	୨୨୬
ରୋଗୀ ନ ଦେଖି ମଧ୍ୟ ଭବିଷ୍ୟତ ଫଳ କଥନ	...	...	...	୨୨୬
ଅଜ୍ଞାତ ଚିତ୍ରଦତ୍ତ ଉଦ୍ଧାରରେ ସହାୟତା	...	...	...	୨୨୮
ମୃତ୍ୟୁକାଳୀନ ଅବସ୍ଥା ଓ ଚିତ୍ରପୁପ୍ତ	...	...	...	୨୨୮

ବିଷୟ				ପୃଷ୍ଠା
ମାନବଜନ୍ମ ଦେବତାମାନେ ମଧ୍ୟ ଇଚ୍ଛା କରନ୍ତି, କାହିଁକି ?	...	...	...	୨୨୯
ଅକାଳମୃତ୍ୟୁ ହରଣ	...	...	...	୨୨୯
ବର୍ତ୍ତମାନ ଯୁଗଧର୍ମ ବା ପୂର୍ଣ୍ଣାଙ୍ଗ ସାଧନା, ଜ୍ୟୋତିଃ ଓ ଶବ୍ଦ		...	...	୨୨୯
ଅସାଧାରଣ ସହିଷ୍ଣୁତା, କ୍ଷମା ଓ ଅକ୍ରୋଧ	...	...	...	୨୩୦
ଶ୍ରୀଶ୍ରୀଠାକୁରଙ୍କ ଦେହରେ ପଦାଘାତ	...	...	...	୨୩୦
ଯୁବତୀ କର୍ତ୍ତୃକ ଭୟାନକ ଅତ୍ୟାଚାର	...	...	...	୨୩୧
ଶ୍ରୀଶ୍ରୀଠାକୁରଙ୍କର ପୁଣ୍ୟଧାମକୁ ଗମନ	...	...	...	୨୩୩
ଦୈବବାଣୀ—ମହାନ୍ ଅବତାର	...	...	...	୨୩୪
ବାଲ୍ୟକାଳର ଅନ୍ୟ ଏକ କଥା	...	...	...	୨୩୫
ଅନ୍ତର୍ଯ୍ୟାମିତ୍ୱ ସମ୍ବନ୍ଧରେ କେତୋଟି ବିଶେଷ କଥା	...	...	...	୨୩୬
ତପୋବନ—ଆଦର୍ଶ ବିଦ୍ୟାଳୟ	...	...	...	୨୩୭
ଜାତିସ୍ମରତ୍ୱ ବା ପୂର୍ବଜନ୍ମ ସ୍ମୃତି	...	...	...	୨୩୮
ପ୍ରକୃତ ବ୍ରହ୍ମଚର୍ଯ୍ୟ	...	...	...	୨୩୮
ଭୋଗ ନ ଦେବା ପରେ ଠାକୁର ଭୋଗ ହେଲା	...	. .	...	୨୩୯
ଭୟଙ୍କର ଛୁରି ଓ ରିଭଲ୍‌ଭର କଥା	...	...	...	୨୩୯

ସତ୍ତା ସଚ୍ଚିଦାନନ୍ଦମୟ,—
ଅସତ୍ ନିରୋଧୀ ପ୍ରତଃହିଁ,
ସଚ୍ଚିଦାନନ୍ଦର ପରିପୋଷାକ ଯା' ତା'ହିଁ ଧର୍ମ,
ଧର୍ମ ମୂର୍ତ୍ତ ହୁଏ ଆଦର୍ଶରେ—
ଆଦର୍ଶରେ ଦୀକ୍ଷା ଆଣେ ଅନୁରାଗ,
ଅନୁରାଗ ଆଣେ ବୃତ୍ତି—ନିୟନ୍ତ୍ରଣ,
ବୃତ୍ତି-ନିୟନ୍ତ୍ରଣ ଆଣେ ଧୃତି,
ଧୃତି ଆଣେ ସହାନୁଭୂତି,
ସହାନୁଭୂତି ଆଣେ ସଂହତି,
ସଂହତି ଆଣେ ଶକ୍ତି,
ଶକ୍ତି ଆଣେ ସନ୍ତର୍ଦ୍ଧନା;
ଆଉ, ଏହି ଧୃତି ଆଣେ ପ୍ରଣିଧାନ,
ପ୍ରଣିଧାନରୁହିଁ ଆସେ ସମାଧି,
ପୁଣି ସମାଧିରୁହିଁ ଆସେ କୈବଲ୍ୟ—
ତୃଷ୍ଣାର ଏକାନ୍ତ ନିର୍ବାଣ—
ମହାଚେତନ ସମୁତ୍‌ଥାନ !

୧

ବଂଶ-ପରିଚୟ

ଭଗବାନଙ୍କର ଶ୍ରୀଚରଣ-କମଳ ବ୍ୟତୀତ କୃପାମୟୀଙ୍କର ଆଉ ଅନ୍ୟ ଲକ୍ଷ୍ୟ ନଥିଲା । ତାଙ୍କର ନିଷ୍ଠା ଓ ବିଶ୍ୱାସ ପ୍ରତ୍ୟେକ ଲୋକର ଅନୁସରଣୀୟ । ସେ ବିଧବା ହେଲେ ସୁଦ୍ଧା ସୁଜଳା, ସୁଫଳା, ପୁନାର ବଙ୍ଗଦେଶରେ ତାଙ୍କର ଅନ୍ନ-ବସ୍ତ୍ରର ଅଭାବ ନଥିଲା । ବରଂ ଅବସ୍ଥା ତୁଳନାରେ ଏହି ବ୍ରାହ୍ମଣ ରମଣୀଙ୍କର ସମାଜରେ ଯଥେଷ୍ଟ ମାନମର୍ଯ୍ୟାଦା ମଧ୍ୟ ଥିଲା । ଯାଗଯଜ୍ଞାଦି ସେ ବିଶେଷ କିଛି ବୁଝୁ ନଥିଲେ । ବୁଝିଥିଲେ କେବଳ 'ହରିନାମ'; ଯୋଗ ଥିଲା ତାଙ୍କର ଭଗବାନଙ୍କର ଶ୍ରୀପାଦପଦ୍ମରେ— ଆତ୍ମସମର୍ପଣ ଯୋଗ । ଆଉ ଜପ ଥିଲା ତାଙ୍କର— 'ହରିବୋଲ'— 'ହରିବୋଲ' । ସର୍ବଦା ସର୍ଗାବସ୍ଥାରେ ଓ ସର୍ଗକାର୍ଯ୍ୟରେ ଏହି ଜପ ହିଁ ତାଙ୍କର ଘୁଲୁଥିଲା ।

ଦିନକର ଘଟଣା— ସେଦିନ ଘରେ ପାଣି ନାହିଁ । ଅନ୍ୟ କାହାରି ହାତରେ ପାଣି ଆଣିଲେ ଚଳିବ ନାହିଁ । କୃପାମୟୀ ନିଜେ କଳସୀ କାଖରେ ଘେନି କୂଅମୂଳକୁ ଗଲେ ପାଣି ଆଣିବାକୁ । କିନ୍ତୁ, ଦଉଡ଼ି ନାହିଁ,— ପାଣି କାଢ଼ିବେ କିପରି ? ନିରାଶ ହୋଇ ପଡ଼ିଲେ । ସେହି ସମୟରେ ଜଣେ ପଡ଼ୋଶୀ ସ୍ତ୍ରୀଲୋକ ମଧ୍ୟ ପାଣି ନେବାକୁ ଆସିଥିଲେ । ସେ କୃପାମୟୀଙ୍କୁ ପାଖରେ ଥିବା ଗୋଟିଏ କଦଳୀଗଛକୁ ଦେଖାଇ ପରିହାସ ଛଳରେ ଟାହୁଲି କରି କହିଲେ— ''ଏହି କଦଳୀ ଗଛର ବାସୁଙ୍ଗାକୁ କଳସୀରେ ବାନ୍ଧି ପାଣି କାଢୁନାହଁ ! ତୁମର ବା ଏତେ ଭାବନା କେଉଁଥି ପାଇଁ ? ତୁମର ତ ହରି ଅଛନ୍ତି ।'' ସରଳପ୍ରାଣା କୃପାମୟୀ ଅତି ସହଜ ବିଶ୍ୱାସପରାୟଣା ଥିଲେ । ଅଙ୍ଗା ଟାପରା ସେ ବୁଝିପାରିଲେ ନାହିଁ । ସେ ଯାହା ଶୁଣିଲେ ତତ୍‌କ୍ଷଣାତ୍ ତାହା ହିଁ କଲେ । କଦଳୀ ବାସୁଙ୍ଗାକୁ କଳସୀ ବେକରେ ବାନ୍ଧି କୂଅ ଭିତରକୁ ଛାଡ଼ିଦେଲେ । କଳସୀ ପାଣିରେ ଭରିଯିବାରୁ 'ହରିବୋଲ' 'ହରିବୋଲ' କହି ବାସୁଙ୍ଗା ଧରି ଟାଣିବାରୁ ଭରାକଳସୀଟି ଧୀରେ ଧୀରେ ଉପରକୁ ଉଠି ଆସିଲା । କୃପାମୟୀ ଆନନ୍ଦରେ ଦିଅଁ ହରିଠାକୁରଙ୍କୁ ଓଳିକି କରି କାଖରେ କଳସୀଟି ନେଇ 'ହରିବୋଲ' 'ହରିବୋଲ' କରି କରି ଘରକୁ ଫେରିଲେ ।

ଠିକ୍ ପରେ ସେହି ପଡ଼ୋଶୀ ସ୍ତ୍ରୀଲୋକଟି ମଧ୍ୟ ସେହିପରି କଦଳୀ ବାସୁଙ୍ଗାରେ ପାଣି କାଢ଼ିବାକୁ ଚେଷ୍ଟାକଲେ । କିନ୍ତୁ, ହାୟ, ହାୟ ! ବାସୁଙ୍ଗା ଛିଣ୍ଡି କଳସୀଟି ଆଖିପିନ୍ଧୁକାକେ କୂଅ ଭିତରେ ପଡ଼ି ବୁଡ଼ିଗଲା । ସ୍ତ୍ରୀଲୋକଟି ଆଚମ୍ବିତ ହୋଇ ଭାବିଲେ, ବାସ୍ତବିକ ହରିନାମର ମହିମାରେ ଅସମ୍ଭବ ବି ସମ୍ଭବ ହୁଏ । ମୋର ସେପରି ନିଷ୍ଠା, ଭକ୍ତି ନାହିଁ । ମୋ ହାତରେ କଦଳୀ ବାସୁଙ୍ଗାରେ ପାଣି ଉଠିବ କିପରି ? ଧନ୍ୟ ତୁମେ କୃପାମୟୀ; ଧନ୍ୟ ତୁମର ଅଟଳ ବିଶ୍ୱାସ— ଏହା ହିଁ ଯଥାର୍ଥ ଯେ, ''ଯାହାର ମନ ଯେଡ଼େ ତାହାର ପ୍ରଭୁ ସେଡ଼େ ।''

ଆଉଦିନେ କୃପାମୟୀ ବାଇଗଣ ଖେତକୁ ବାଇଗଣ ତୋଳିବାକୁ ଯାଉ ଯାଉ ବାଟରେ ହଠାତ୍ ଗୋଟିଏ କୂଅ ଭିତରେ ପଡ଼ିଗଲେ । କୂଅ ଭିତରେ ପଡ଼ିଯାଇ କହିଲେ— ''ହାୟ, ହରି ! ତୁମେ ମୋର ଏ କ'ଣ କଲ ? ଶେଷକାଳରେ କୂଅ ଭିତରେ ମୋର ଅପମୃତ୍ୟୁ ଘଟେଇଲ ? ହଉ, ତୁମର ଯାହା ଇଚ୍ଛା ।'' କିଛିକ୍ଷଣ ପରେ ତାଙ୍କୁ ଓଦାଲୁଗାରେ କୂଅମୂଳରେ ଛିଡ଼ା ହୋଇଥିବାର ଦେଖାଗଲା । ସେତେବେଳେ ସେଠାରେ ଉପସ୍ଥିତ ଥିବା ଲୋକେ ଘଟଣା କ'ଣ ତାଙ୍କୁ ପଚାରିବାରୁ ସେ ସରଳ ଭାବରେ କହିଲେ, ''ହରି ମୋତେ କୂଅ ଭିତରେ ପକେଇଦେଲେ, ଆଉ ମୁଁ କନ୍ଦାକଟା କଲାରୁ ସେ

ଗୋଟାଏ ବଡ଼ ଘାସ ବଢ଼େଇଦେଲେ, ମୁଁ ତାକୁ ଧରି ଉପରକୁ ଉଠି ଆସିଲି ।'' ସମସ୍ତେଲକ୍ଷ୍ୟକଲେ ଯେ, ତାଙ୍କର ଦେହରେ ଆଘାତର ଚିହ୍ନ ନାହିଁ ବା ସେ କୌଣସି ପ୍ରକାରେ ଭୟଭୀତା ବା ବିସ୍ମିତା ହୋଇ ନାହାନ୍ତି । ଏପରିକି ଶରୀରର କୌଣସି ସ୍ଥାନରେ ବ୍ୟଥା ବା ବେଦନା ପାଇବା କଥା ମଧ୍ୟ ସେ କହିଲେ ନାହିଁ । ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ବୁଝିଲେ ବିଧବା ଠାକୁରାଣୀମା'ଙ୍କର ହୃଦୟରେ ବିଶ୍ୱାସ କେତେ ଦୃଢ଼, ମନବଳ କିପରି, ଆଉ ଭକ୍ତି କେତେ ଗଭୀର !

ଏହି ପରମଭକ୍ତିମତୀ କୃପାମୟୀଙ୍କର ସ୍ୱାମୀଙ୍କର ନାମ ଥିଲା ✓ କମଳାକାନ୍ତ, ବାଗ୍‌ଚୀ । ପୂର୍ବବଙ୍ଗ ପାବନା ଜିଲ୍ଲା ଅନ୍ତର୍ଗତ ହିମାଇତପୁର ଗ୍ରାମରେ ତାଙ୍କର ବାସସ୍ଥାନ ଥିଲା । ଏହି ହିମାଇତପୁର ପାବନା ସହର ସନ୍ନିକଟସ୍ଥ ଗୋଟିଏ ଅତି ପ୍ରାଚୀନ ଗ୍ରାମ– ପଦ୍ମାନଦୀର ଉତ୍ତରରେ ଅବସ୍ଥିତ । ଗ୍ରାମରେ ଗୋଟିଏ ଡାକଘର ଅଛି । ଗ୍ରାମ ନିକଟରେ ପାବନାର ଷ୍ଟିମରଘାଟ । ଯଦିଓ ପ୍ରଚଳିତ ଇତିହାସରେ ଏହି ଗ୍ରାମ ସମ୍ବନ୍ଧରେ ବିଶେଷ କିଛି ବର୍ଣ୍ଣନା ଦେଖିବାକୁ ମିଳେନାହିଁ, ତଥାପି ଏଠାର ପ୍ରାଚୀନ ଲୋକେ କହନ୍ତି, ଯେ, ଯେଉଁ ସମୟରେ ଦିଲ୍ଲୀ-ସମ୍ରାଟ ଆକବରଙ୍କର ସେନାପତି ମାନସିଂହ ଏ ଦେଶକୁ ଆସିଥିଲେ, ସେହି ସମୟରେ ସେ ଏହି ସ୍ଥାନରେ ଗୋଟିଏ ବାସସ୍ଥାନ ନିର୍ମାଣ କରି କିଛିକାଳ ବାସ କରିଥିଲେ । ତାଙ୍କର ସେହି ବାସଭବନର ଭଗ୍ନାବଶେଷ ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳେ । ସେ ସ୍ଥାନକୁ ସମସ୍ତେ ''ରାଜା ମାନସିଂହଙ୍କର ପ୍ରାସାଦ'' ବୋଲି କହନ୍ତି । ମାନସିଂହଙ୍କ ଦ୍ୱାରା ନିର୍ମିତ କାଳୀମନ୍ଦିରର ଭଗ୍ନସ୍ତୂପ ବର୍ତ୍ତମାନ ମଧ୍ୟ ଏହି ଗ୍ରାମରେ ବିଦ୍ୟମାନ । ଏହା ବେଶୀଦିନର କଥା ନୁହେଁ । ପ୍ରବାଦ ଅଛି, ଥରେ ଜଣେ ଇଂରେଜ ଏହି ପ୍ରାସାଦରୁ କେତେ ଗାଡ଼ି ଇଟା ନେଇ ପାବନା ଯିବା ସମୟରେ ରାସ୍ତାରେ ତାଙ୍କର ମୁଖରୁ ରକ୍ତ ବାହାରି ମୃତ୍ୟୁ ହୁଏ । ସେହିଦିନରୁ ଏହି ସ୍ଥାନର ଖଣ୍ଡେ ଇଟା ବି ନ୍ଉଇଁବାକୁ କେହି ସାହସ କରନ୍ତି ନାହିଁ । ଏହି ସ୍ଥାନରେ ପଦ୍ମାନଦୀର ଦୃଶ୍ୟ ଅତି ମନୋହର ।

କୃପାମୟୀଙ୍କର ଗୁରୋଟି ସନ୍ତାନ ହୋଇଥିଲା । ପ୍ରଥମ ପୁତ୍ର କେଶବ, ଦ୍ୱିତୀୟା କନ୍ୟା ଉମାସୁନ୍ଦରୀ, ତୃତୀୟ ପୁତ୍ର ହରନାଥ ଓ ଚତୁର୍ଥ କନ୍ୟା କୃଷ୍ଣସୁନ୍ଦରୀ । ହରନାଥଙ୍କ ଦୁଇପୁତ୍ର ଓ ଦୁଇ କନ୍ୟା ବର୍ତ୍ତମାନ । ପ୍ରଥମ ପୁତ୍ରଟି ଇହଲୋକ ତ୍ୟାଗ କରିଛନ୍ତି । କୃପାମୟୀ ବିଧବା ହେବା ପରେ ହିମାଇତପୁରର ବିଖ୍ୟାତ ଚୌଧୁରୀବଂଶର ରାମେନ୍ଦ୍ର ନାରାୟଣ ଚୌଧୁରୀଙ୍କ ସହିତ ବାରବର୍ଷ ବୟସରେ କୃଷ୍ଣସୁନ୍ଦରୀର ବିବାହ ହୁଏ । କୃଷ୍ଣସୁନ୍ଦରୀଙ୍କ ବୟସ ଯେତେବେଳେ ମାତ୍ର ବର୍ଷେ, ସେହି ସମୟରେ ହିନ୍ଦୁଧର୍ମର ପ୍ରଧାନ ଅଙ୍ଗ ତୀର୍ଥଭ୍ରମଣ ଉପଲକ୍ଷ୍ୟେ କୃପାମୟୀ ନିଜର ସାଙ୍ଗପାଥୀମାନଙ୍କ ସହିତ ନୌକାରେ ବସି ବ୍ରହ୍ମପୁତ୍ରରେ ବୁଡ଼ ପକାଇବାକୁ ଯାଉଥିଲେ । ନୌକାଟି କୌଣସି କାରଣରୁ ହଠାତ୍ ଯମୁନା ନଦୀରେ ଜଳମଗ୍ନ ହେବାକୁ ଲାଗିଲା । ସମସ୍ତେ ଭୟବିହ୍ୱଳ ହୋଇ ପଡ଼ିଲେ । କିନ୍ତୁ, ଭଗବଦ୍‌ଭକ୍ତି-ପରାୟଣା କୃପାମୟୀ ଏହି ଘୋର ସଙ୍କଟକାଳରେ ହତାଶ ବା ବିଚଳିତା ନ ହୋଇ ତାଙ୍କର ପ୍ରଭାବପିଛ ବିଶ୍ୱାସ ଓ ନିର୍ଭରତା ବଳରେ ଭାବ-ବିଭୋର ହୋଇ 'ହରିବୋଲ' 'ହରିବୋଲ' ଧ୍ୱନିରେ ସହଯାତ୍ରୀମାନଙ୍କୁ ଆଶ୍ୱସ୍ତ କରିବାକୁ ଲାଗିଲେ ଏବଂ ତାଙ୍କର ପ୍ରଭୁଙ୍କ ନିକଟରେ ଜଣାଣ କଲେ– ''ହରି ତୁମେ କ'ଣ ଆମର ନୌକା ବୁଡ଼ାଇ ଆମ ସମସ୍ତଙ୍କର ଅପମୃତ୍ୟୁ ଘଟାଇବ''– ଏହି କଥା କହିବା ମାତ୍ରକେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଦେଖିଲେ, ସେଠାରେ ଆଣ୍ଠୁଏ ପାଣି ହୋଇ ନୌକା ଖଣ୍ଡିକ ଆଉ ଯମୁନା ଗର୍ଭରେ ଜଳମଗ୍ନ ହେଲାନାହିଁ । ଯମୁନାଦେବୀ ହରିନାମ ଶ୍ରବଣରେ ଆନନ୍ଦିତା ହୋଇ ହରିଭକ୍ତ, ତୀର୍ଥଯାତ୍ରୀମାନଙ୍କର ନୌକାକୁ ଗ୍ରାସ ନ କରି ତାକୁ ବକ୍ଷରେ ଧାରଣ ପୂର୍ବକ ଧନ୍ୟ ହେଲେ । ଭଗବାନ ଦୟାକରି ତାଙ୍କର ଚରଣାଶ୍ରିତା ପରମ ଭକ୍ତିମତୀ କୃପାମୟୀଙ୍କୁ ଏହି ଘୋର

ବିପଦରୁ ଅବଲୀଳାକ୍ରମେ ରକ୍ଷା କରିଥିଲେ ଏବଂ ଏହି ସତ୍‌ସଙ୍ଗ ମାହାତ୍ମ୍ୟ ବଳରେ ସହଯାତ୍ରୀଗଣ ମଧ୍ୟ ରକ୍ଷା ପାଇଥିଲେ । କୃପାମୟୀ ସମସ୍ତଙ୍କ ସହିତ 'ହରିବୋଲ' 'ହରିବୋଲ' ନାମ କରି କରି ମହାଆନନ୍ଦରେ ଗନ୍ତବ୍ୟ ସ୍ଥାନକୁ ଯାତ୍ରା କଲେ ।

କୃଷ୍ଣସୁନ୍ଦରୀଙ୍କ ଗର୍ଭରେ ଛଅଟି ସନ୍ତାନ ଜନ୍ମଗ୍ରହଣ କରନ୍ତି । ତହିଁରୁ ପ୍ରଥମ ପୁତ୍ରର ଶିଶୁ କାଳରେ ମୃତ୍ୟୁ ହୁଏ । ଦ୍ୱିତୀୟା କନ୍ୟା ପ୍ରାୟ ଘୁଳିଶ ବର୍ଷ ବୟସରେ ଦେହତ୍ୟାଗ କରେ । ଆଉ ତୃତୀୟ ପୁତ୍ରର ମଧ୍ୟ ଶୈଶବ କାଳରେ ମୃତ୍ୟୁ ହୁଏ । ଚତୁର୍ଥ କନ୍ୟା ମନୋମୋହିନୀ, ପଞ୍ଚମ କନ୍ୟା ଗୋବିନ୍ଦମଣି ବର୍ତ୍ତମାନ ବିଧବା । ଷଷ୍ଠ ପୁତ୍ର ଯୋଗେନ୍ଦ୍ରନାଥ ଚୌଧୁରୀ ପ୍ରାୟ ଖୋଳବର୍ଷ ବୟସରେ ସ୍ୱର୍ଗଲାଭ କଲେ । ଯୋଗେନ୍ଦ୍ରନାଥ ଅତ୍ୟନ୍ତ ଦୟାଳୁ, ପରୋପକାରୀ ଓ ଭଗବଦ୍‌ଭକ୍ତ ଥିଲେ । ସେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭଗବାନଙ୍କର ନାମ କରୁଥିଲେ । ଏହି ଯୋଗେନ୍ଦ୍ରନାଥଙ୍କ ଡାକନାମ ଥିଲା ଲୋହା ।

ରାମେନ୍ଦ୍ର ନାରାୟଣ ବଙ୍ଗଳା, ଇଂରେଜୀ, ସଂସ୍କୃତ ଓ ପାର୍ସୀ ଭାଷାରେ ଦକ୍ଷ ଥିଲେ । ସେ କିଛିକାଳ ଇଂରେଜ ସରକାରଙ୍କ ଅଧୀନରେ ସିଭିଲ୍ କୋର୍ଟରେ ଅମୀନ ଥିଲେ । ପରେ କିଛିକାଳ ପୋଲିସ୍ ସବ୍‌ଇନ୍‌ସପେକ୍ଟର କାର୍ଯ୍ୟ କରି ସେ ଇନ୍‌ସପେକ୍ଟର ହୋଇଥିଲେ । ତାହାପରେ ସେ କୋଚବିହାର ମହାରାଜାଙ୍କ ମ୍ୟାନେଜର ରୂପେ କିଛିଦିନ କାର୍ଯ୍ୟ କରିଥିଲେ । ସେହି ସମୟରେ ଗ୍ରାମ ମଧ୍ୟରେ ସେ ଜଣେ ଧନଶାଳୀ ଓ ଗଣ୍ୟମାନ୍ୟ ବ୍ୟକ୍ତି ବୋଲି ପରିଗଣିତ ହେଉଥିଲେ ।

ରାମେନ୍ଦ୍ର ନାରାୟଣଙ୍କର ପ୍ରଥମା ସ୍ତ୍ରୀ ବନ୍ଧ୍ୟା ଥିବାରୁ ସେ ଦ୍ୱିତୀୟା ସ୍ତ୍ରୀ ରୂପେ କୃଷ୍ଣସୁନ୍ଦରୀଙ୍କୁ ବିବାହ କରିଥିଲେ । ଏହି ଗର୍ଭଜାତ କନ୍ୟା ମନୋମୋହିନୀ ରାମେନ୍ଦ୍ର ନାରାୟଣଙ୍କର ଅତି ପ୍ରିୟପାତ୍ରୀ ଥିଲେ । ସେ ମନୋକୁ (ମନୋମୋହିନୀ) କଦାପି ଧୂଳିରେ ଖେଳିବାକୁ ଦେଉ ନଥିଲେ । ପ୍ରାୟ ସବୁବେଳେ କୋଳା ଓ ପାଜ-ପୋଷାକରେ ସଜାଇ ନିଜ ନିକଟରେ ରଖି ସାଂସାରିକ ଧର୍ମ ଓ ନୀତିଶିକ୍ଷା ଦେଉଥିଲେ । ଆଦରର କନ୍ୟାକୁ ବାଜା ବଜାଇବା ପାଇଁ ସେ ଗୋଟିଏ ଡୋଲିକି କିଣି ଦେଇଥିଲେ । କନ୍ୟା ସେହି ଡୋଲିକି ବଜାଇ ଆନନ୍ଦ ପାଉଥିଲେ ।

ମତ୍ସ୍ୟ-ମାଂସାହାର

ରାମେନ୍ଦ୍ର ନାରାୟଣ ତାଙ୍କର ସନ୍ତାନମାନଙ୍କୁ ମାଛମାଂସ ଖାଇବାକୁ ଦେଉ ନଥିଲେ; କହୁଥିଲେ ମାଛମାଂସ ଆହାରରେ ରିପୁ ବୃଦ୍ଧି ହୁଏ, ପ୍ରଭାବ ଉଗ୍ର ହୁଏ ଓ ସାତ୍ତ୍ୱିକ ଭାବର କ୍ଷତି ହୁଏ ।

ମନୋମୋହିନୀ ବାଲିକା ବୟସରେ ବିବାହ ପୂର୍ବରୁ ଏବଂ ତାହାର କିଛିଦିନ ପର୍ଯ୍ୟନ୍ତ, ପିତାଙ୍କ ନିକଟରେ ରହି ଲେଖାପଢ଼ା ଶିକ୍ଷା କରିଥିଲେ । ତାଙ୍କୁ ଯେତେବେଳେ ଆଠ ବର୍ଷ ବୟସ, ଜଣେ ବିଖ୍ୟାତ ଜ୍ୟୋତିଷୀ ଗଣନା କରି କହିଥିଲେ– ''ଏହି କନ୍ୟାକୁ ବହୁ ବଡ଼ ଲୋକ ପୂଜା କରିବେ, କିନ୍ତୁ, ସ୍ୱାମୀ ଖୁବ୍ ଧନବାନ୍ ହେବେ ନାହିଁ ।''

ବଙ୍ଗଳା ୧୨୮୬ ସାଲର ମାର୍ଗଶୀର ୧୩ ତାରିଖରେ ନଅବର୍ଷ ବୟସରେ ଶ୍ରୀଯୁକ୍ତ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ମହାଶୟଙ୍କ ସହିତ ମନୋମୋହିନୀଙ୍କର ଶୁଭ ପରିଣୟ ସୁସମ୍ପନ୍ନ ହୁଏ, ଜାମାତା ଶିବଚନ୍ଦ୍ରଙ୍କ ବୟସ ସେତେବେଳେ ପ୍ରାୟ ଚବିଶ ବର୍ଷ ।

ବିବାହ ପୂର୍ବରୁ ମନୋମୋହିନୀ ଦେବୀଙ୍କର ଇଷ୍ଟଦେବ ଆରାଧନା ପ୍ରତି ବିଶେଷ ଆକାଂକ୍ଷା ଓ ଅନୁରକ୍ତି ଥିଲା । କୃପାମୟୀ ପିତୃଦେବ ରାଧାକୃଷ୍ଣ ମୂର୍ତ୍ତି ପୂଜା କରୁଥିଲେ । ଏହି ବିଗ୍ରହର ନାମ ଥିଲା ରାଧାମଦନମୋହନ । କୃପାମୟୀଙ୍କ ଠାକୁରପୂଜା ଦେଖି ବାଳିକା ମନୋମୋହିନୀର ମଧ୍ୟ ପୂଜା କରିବାକୁ ବଡ଼ ଇଚ୍ଛା ହୁଏ । କୃପାମୟୀଙ୍କର ନିକଟରେ ସେ ସର୍ବଦା କାତର ଓ ବିନୀତ ଭାବରେ ସ୍ୱୀୟ ଇଚ୍ଛା ପ୍ରକାଶ କରନ୍ତି । ଦୀକ୍ଷା ଗ୍ରହଣ ନ କଲେ ଠାକୁର ପୂଜା କରାଯାଏ ନାହିଁ ବୋଲି କୃପାମୟୀ କହନ୍ତି । ଏହା ଶୁଣି ଦୀକ୍ଷା ଗ୍ରହଣ କରିବା ପାଇଁ ବାଳିକା ଅତି ବ୍ୟସ୍ତ ହୋଇ ପଡ଼ନ୍ତି; କନ୍ୟାକୁ ଶାନ୍ତ କରିବା ପାଇଁ ରାମେନ୍ଦ୍ର ନାରାୟଣ ଗ୍ରାମର ସୁବିଖ୍ୟାତ ବ୍ରାହ୍ମଣ ପଣ୍ଡିତ ଶ୍ରୀଯୁକ୍ତ ଇଚ୍ଛାନନ୍ଦ ଶିରୋମଣିଙ୍କୁ ଘରକୁ ଡକାଇ କହିଲେ, "ମହାଶୟ, ମୋର ଏହି କନ୍ୟାଟିକୁ ମନ୍ତ୍ର ଶିଖାଇ ଦିଅନ୍ତୁ ।" ଏହା ଶୁଣି ପଣ୍ଡିତ ମହାଶୟ ଗୋଟିଏ ମାଟିର ଶିବମୂର୍ତ୍ତି ଗଢ଼ି ବାଳିକାକୁ ଶିବପୂଜାର ମନ୍ତ୍ର ଓ ଶିବପୂଜା କରିବାର ବିଧି ଶିଖାଇଦେଲେ । କିନ୍ତୁ ଦୁଇ-ଚାରି ଦିନ ପରେ ସେ ମନ୍ତ୍ରରେ ବାଳିକାର ମନଃପୂତ ହେଲାନାହିଁ । କାରଣ ତହିଁରେ ରାଧାନାମ ବା କୃଷ୍ଣନାମ ନଥିଲା । ବାଳିକା ସେ ବିଷୟ କୃପାମୟୀଙ୍କୁ ପରିବାରୁ ସେ କହିଲେ, "ଏ-ମନ୍ତ୍ରରେ ରାଧାନାମ ବା କୃଷ୍ଣନାମ ନଥାଏ ।" ସେତେବେଳେ ବାଳିକା କାନ୍ଦିବାକୁ ଲାଗିଲେ ଏବଂ ପିତାଙ୍କ ନିକଟରେ ଅଳି କରି କହିଲେ— "ବାପା ! ସେ-ମନ୍ତ୍ର ଭଲ ନୁହେଁ, ମୋତେ ରାଧାନାମ ବା ହରିନାମ ଥିବା ମନ୍ତ୍ର ଦେଇଦିଅନ୍ତୁ ।"

ରାମେନ୍ଦ୍ର କହିଲେ— ସେ ମନ୍ତ୍ର ମଣିଷ ନିକଟରୁ ମିଳେନାହିଁ ।

ବାଳିକା— ତେବେ କେଉଁଠି, କାହା ନିକଟରୁ ମିଳିପାରେ ?

ରାମେନ୍ଦ୍ର— ରାଧାକୃଷ୍ଣଙ୍କ ନିକଟରେ କାନ୍ଦିଲେ ମିଳିବ ।

ବାଳିକା— କିପରି ଭାବେ ସେମାନେ ମନ୍ତ୍ର ଦିଅନ୍ତି ?

ରାମେନ୍ଦ୍ର— ସ୍ୱପ୍ନରେ ।

ବାଳିକା— ସେମାନେ କ'ଣ ସେହି ମୂର୍ତ୍ତିରେ ମନ୍ତ୍ର ଦିଅନ୍ତି ?

ରାମେନ୍ଦ୍ର— ମନୁଷ୍ୟ ରୂପେ ଆସି ମନ୍ତ୍ର ଦିଅନ୍ତି ।

ପିତାଙ୍କ ନିକଟରୁ ଏହି କଥା ଶୁଣି ବାଳିକା ମନୋମୋହିନୀର ହୃଦୟରେ ଏକ ନୂତନ ଆଶାର ସଞ୍ଚାର ହୁଏ । ସେ ସେତେବେଳେ ତାଙ୍କର ସାନଭାଇ 'ଲୋହା' ସହିତ ଯୁକ୍ତି-ପରାମର୍ଶ କରି ଦୁଇଜଣ ରାତ୍ରିଭୋଜନ ଶେଷ କରି ପ୍ରତ୍ୟହ ପନ୍ଦ୍ରା ପରେ ଭଗବାନଙ୍କ ନିକଟରେ ଦୀକ୍ଷାମନ୍ତ୍ର ପାଇବା ପାଇଁ କାନ୍ଦି କାନ୍ଦି ପ୍ରାର୍ଥନା କରନ୍ତି । ଏହିପରି ଭାବରେ ମାସେ-କାଳ ବିତିଗଲା ପରେ ବାଳିକା ମନୋମୋହିନୀ ପିତାଙ୍କ ନିକଟରେ କହିଲେ, "କାହିଁ ବାପା, କିଛି ତ ହେଲା ନାହିଁ ? ଠାକୁର ତ ମୋତେ ଦୀକ୍ଷା-ମନ୍ତ୍ର ଦେଲେ ନାହିଁ । ଆଈମା କେତେ ପୂଜାକରେ, କେତେ କରି ଠାକୁର ସଜାଏ, କିନ୍ତୁ ମୁଁ ତ ତାହା ପାରେ ନାହିଁ ?" ରାମେନ୍ଦ୍ର କନ୍ୟାକୁ ଶାନ୍ତ କରିବା ପାଇଁ କହିଲେ— "ରାତିରେ ଠାକୁର ପହଡ଼ରେ ଥାଆନ୍ତି । ମନ୍ତ୍ର ଦେବେ କିପରି ?" ଶ୍ରୀଯୁକ୍ତ ଇଚ୍ଛାନନ୍ଦ ଶିରୋମଣି ଓ ଦେବନାଥ ଭଟ୍ଟାଗର୍ଯ୍ୟ-ମହାଶୟ ଦୁହେଁ ସେଠାରେ ଉପସ୍ଥିତ ଥିଲେ । ସେମାନେ କହିଲେ— "ଏହି କଥା ହିଁ ଯଥାର୍ଥ । ଠାକୁର ନ ବସିଲେ କ'ଣ ମନ୍ତ୍ର ଦେଇ ପାରିବେ ?" ସରଳା ବାଳିକା ସେମାନଙ୍କର ଏହି ପାଣ୍ଡୁନାପୂର୍ଣ୍ଣ କୁଟିଳ ବାକ୍ୟର ମର୍ମ ଜାଣିବାରେ ସମର୍ଥା ହେଲେନାହିଁ ।

୨

ସ୍ୱପ୍ନରେ ଦୀକ୍ଷା ଓ ଇଷ୍ଟନାମ

ସନ୍ଧ୍ୟା ପରେ ଭାଇଭଉଣୀ ଦୁଇଜଣ ଖାଇସାରିଲା ପରେ ଠାକୁରଘର ଚଉଦୋଳ ନିକଟରେ ଯାଇ ଶୋଇପଡ଼ନ୍ତି । ପରେ ରାତି ଅଧିକ ହେଲେ ସେମାନଙ୍କୁ ଶୋଇବାଘରକୁ ଅଣାହୁଏ । ସେଦିନ ବି ଦୁଇଜଣ ଚଉଦୋଳ ନିକଟରେ ଶୋଇଲେ, କିନ୍ତୁ କାହାରି ଆଖିରେ ନିଦ ଆସୁନାହିଁ । ବାଳକ ଲୋହାର ମନ ଚଞ୍ଚଳ, ମଝିରେ ମଝିରେ ଶେଯରୁ ଉଠି ଘୁରିଆଡ଼କୁ ଅନାଇ ପୁଣି ଶୋଇପଡୁଛି । ଭଉଣୀ ଶୋଇ ଶୋଇ ଭାଇର ଗତିବିଧି ଲକ୍ଷ୍ୟ କରୁଛନ୍ତି ନୀରବରେ । ରାତିରେ ଦିଅଁଙ୍କ ପହଡ଼ ପଡ଼ିବା ପରେ ଲୋହା ଧୀରେ ଧୀରେ ଠାକୁରଘରକୁ ଯାଇ ଦିଅଁଙ୍କୁ (ଶ୍ରୀବିଗ୍ରହ) ଆସ୍ଥାନରୁ ଉଠାଇ ସିଂହାସନ ଉପରେ ବସାଇ ଭଉଣୀ ମନୋମୋହିନୀଙ୍କୁ ଡାକି କହିଲା— "ଦେଖ, ସାନନାନୀ, ଆଜି ଠାକୁରଙ୍କୁ ବସାଇଦେଇଛି, ଆଜି ଆମେ ମନ୍ତ୍ର ପାଇବା । ତୁ ଯଦି ମନ୍ତ୍ର ପାଉ ତେବେ ମୋତେ କହିବୁ, ଆଉ ମୁଁ ପାଇଲେ ତୋତେ କହିବି ।" ଏହିପରି ଦୁହେଁ ପରାମର୍ଶ କରିବା ପରେ ମନୋମୋହିନୀ ଠାକୁରଙ୍କ ନିକଟରୁ ମନ୍ତ୍ର ପାଇବା ପାଇଁ କାନ୍ଦି କାନ୍ଦି ପ୍ରାର୍ଥନା କରୁ କରୁ ନିଦରେ ଶୋଇପଡ଼ିଲେ ଏବଂ ସେହି ରାତିରେ ହିଁ ସ୍ୱପ୍ନ ହେଲା । ବାଳିକା ମନୋମୋହିନୀ ସ୍ୱପ୍ନରେ ଦେଖିଲେ ଜଣେ ଅତି ସୁଠାମ ସୁନ୍ଦର ଉଜ୍ଜ୍ୱଳ ପୁରୁଷମୂର୍ତ୍ତି— ମୁହଁରେ ଚାଙ୍ଗର ପାଚିଲା ନିଶ-ଦାଢ଼ି, ମୁଣ୍ଡରେ ଟୋପି— ସେହି ବ୍ୟକ୍ତି ପଗ୍ଧରିଲେ— "ମନୋ, ମନ୍ତ୍ର ନେବୁ ?" ବାଳିକା କହିଲେ— "ହଁ ।"

ଏହାପରେ ସେହି ମହାପୁରୁଷ କହିଲେ— "କହ * *," (ଗୋଟିଏ ଉଚ୍ଚତମ ଅନାହତ ନାଦ ବା ଧ୍ୱନ୍ୟାତ୍ମକ ସର୍ବୋଚ୍ଚ ବୀଜମନ୍ତ୍ର ବା ଆଦିବୀଜ) ସେ ଏହି କଥା ପଦଟିକୁ ଅତି ସୁନ୍ଦର ସୁସ୍ପଷ୍ଟ ଓ ସୁମିଷ୍ଟ ସ୍ୱରରେ କହିଲେ । ଏହିଭାବରେ ମନୋମୋହିନୀ ଦୀକ୍ଷାପ୍ରାପ୍ତ ହେଲେ । ପ୍ରଣାଳୀ ଏ-ପୁସ୍ତକରେ ଅପ୍ରକାଶ ରହିଲା— ଏହି ପୁସ୍ତକ ଖଣ୍ଡିକ ଶେଷ ପର୍ଯ୍ୟନ୍ତ ପାଠକଲେ ପାଠକେ ଜାଣି ପାରିବେ । ଧନ୍ୟ ମନୋମୋହିନୀ, ଧନ୍ୟ ତାଙ୍କର ଆକୁଳ ପ୍ରାର୍ଥନା, ଯାହାଙ୍କୁ ଭଗବାନ ଦୟାକରି ସ୍ୱୟଂ ଦୀକ୍ଷା ଦେଲେ । ପରଦିନ ସକାଳେ ମନୋ ମନର ଆନନ୍ଦରେ ବହୁ ଲୋକଙ୍କ ସମ୍ମୁଖରେ ତାଙ୍କର ମନ୍ତ୍ରପ୍ରାପ୍ତି କଥା ପ୍ରକାଶ କଲେ । ସେତେବେଳେ ସେ ସ୍ଥାନରେ ଦେବନାଥ ଭଟ୍ଟାଗର୍ଯ୍ୟ ମହାଶୟ ଉପସ୍ଥିତ ଥିଲେ, ସେ ସମସ୍ତଙ୍କୁଣି କହିଲେ— "ମନୋ, ତୋର ଭୁଲ୍ ହୋଇଛି । ଯାହା ସ୍ୱପ୍ନରେ ପାଇଛୁ, ତାହା * * ନାମ ନୁହେଁ । ତୁ ପ୍ରକୃତରେ "ରାଧା-ଶ୍ୟାମ, ରାଧା-ଶ୍ୟାମ" ଶୁଣିଛୁ । ତୁ ତାହା ହିଁ କହ, ମନୋ ଏହା ଶୁଣି କହିଲେ, "ନା, ମୋର ବେଶ୍ ମନେଅଛି— ମୁଁ 'ରାଧା—ଶ୍ୟାମ' ଶବ୍ଦ ଶୁଣିନାହିଁ । ମୁଁ * * ନାମ ପାଇଛି ।" ସେତେବେଳେ ରାମେନ୍ଦ୍ର ନାରାୟଣ କହିଲେ— "ଦେଖ୍ ମନୋ, ତୁ କାହାରି କଥା ଶୁଣ୍ ନା । କେହି ଯେପରି କିଛି ଜାଣନ୍ତି ନାହିଁ ! ତୋର ଶୁଣିବା * * ଶବ୍ଦ ହିଁ ଠିକ୍ । ତୁ ମୋ ନିକଟରୁ ଶୁଣ୍, ମୁଁ ତୋତେ ଭଲକରି ବୁଝାଇଦେଉଛି ।" ରାମେନ୍ଦ୍ର ନାରାୟଣ ଥିଲେ ଶାନ୍ତ, * * ନାମ ଜାଣନ୍ତି ନାହିଁ, କେବଳ ବାଳିକାକୁ ଶାନ୍ତ କରିବା ପାଇଁ ସେ ଏପରି କଥା କହିଥିଲେ । ଆଦର କରି ମନୋକୁ କହିଲେ, "ତୋର ଆଈମା ଯେପରି ପୂଜା କରନ୍ତି, ତୁ ମଧ୍ୟ ସେହିପରି ଦିଅଁ ପୂଜା କରିବୁ । ଆଉ ସ୍ୱପ୍ନରେ ଯାହାଙ୍କ ମୂର୍ତ୍ତି ଦେଖିବୁ, ଆଖି ବନ୍ଦକରି ତାଙ୍କର ସେହି ଦିବ୍ୟ ମୂର୍ତ୍ତିକୁ ନାକମୂଳରେ * * ସ୍ଥାନରେ ଚିନ୍ତା କରିବୁ, ଏବଂ ମୂର୍ତ୍ତିଚିନ୍ତା ସହ ଏହି ସ୍ୱପ୍ନପ୍ରାପ୍ତ ନାମକୁ ମଧ୍ୟ ମନେ ମନେ ଜପ କରିବୁ । ଆଉ ଏପରୁ କଥା କାହାରି ନିକଟରେ କହିବୁ ନାହିଁ; କହିଲେ ମନ୍ତ୍ର ଗୁଲିଯିବ ।" ଏହିଭାବରେ କନ୍ୟାକୁ ସାନ୍ତ୍ୱନା

ଦେଇ ସାଧନ-ପ୍ରଣାଳୀ ଶିକ୍ଷା ଦିଆଗଲା। ମନୋ ମଧ୍ୟ ମନ୍ତ୍ର ଘୁଲିଯିବା ଭୟରେ ଆଉ କାହାରି ନିକଟରେ ଏ କଥା ପ୍ରକାଶ କଲେନାହିଁ। ସେହି ସମୟରେ ସେ ଯେପରି ଉପଦେଶ ପାଇଥିଲେ ସେହି ପ୍ରଣାଳୀ କ୍ରମେ ସେହି ନାମ ଜପ ଓ ମୂର୍ତ୍ତି ଧ୍ୟାନ କରିବାକୁ ଲାଗିଲେ। ଅତି ଅଳ୍ପଦିନ ମଧ୍ୟରେ ତାଙ୍କର ସୁନ୍ଦର ଜ୍ୟୋତିଃ ଦର୍ଶନ ହେବାକୁ ଲାଗିଲା। ସେତେବେଳକୁ ତାଙ୍କର ବିବାହ ହୋଇନାହିଁ। ବିବାହର ତିନି ଘୁରି ବର୍ଷ ପରେ ପିତା ରାମେନ୍ଦ୍ର ନାରାୟଣଙ୍କର ସ୍ୱର୍ଗପ୍ରାପ୍ତି ହେଲା।

ନାନା ଲୋକଙ୍କର ନାନା କଥାରେ ମନୋମୋହିନୀଙ୍କର ହୃଦୟରାଜ୍ୟରେ ଆରମ୍ଭ ହୁଏ ସାଧନ-ବିପ୍ଲବ। ବେଳେବେଳେ ତାଙ୍କର ସ୍ୱପ୍ନ-ପ୍ରାପ୍ତ ନାମ ଜପ କରିବାକୁ ଏବଂ ସ୍ୱପ୍ନଦୃଷ୍ଟ ମୂର୍ତ୍ତିଧ୍ୟାନ କରିବାକୁ ଇଚ୍ଛା ହୁଏନାହିଁ। କେବଳ 'ରାଧାଶ୍ୟାମ' ନାମ ଜପ କରିବାକୁ ଇଚ୍ଛା ହୁଏ ଏବଂ ସେ ତାହା ହିଁ କରିବାକୁ ଲାଗିଲେ। କିନ୍ତୁ, ଏହା ଫଳରେ ସେ ଲକ୍ଷ୍ୟକଲେ ପରିବର୍ତ୍ତନ— ପୂର୍ବେ ସ୍ୱପ୍ନରେ ପାଇଥିବା ନାମଜପରେ ଯେପରି ଆନନ୍ଦ'ହୁଅନ୍ତା, ଏହି 'ରାଧାଶ୍ୟାମ' ନାମଜପରେ କେଜାଣି କାହିଁକି ସେପରି ଆନନ୍ଦ ସେ ପାଇଲେ ନାହିଁ। ଅବସାଦଗ୍ରସ୍ତ ମନ। ଅଥଚ ଅନିଚ୍ଛା ସତ୍ତ୍ୱେ ଅବଶ ଭାବରେ ମଧ୍ୟ ଯେପରି ଅନ୍ତରେ ଅନ୍ତରେ ସେହି ସ୍ୱପ୍ନପ୍ରାପ୍ତ ନାମ ହେଉଛି।

ଗ୍ରାମର ସନ୍ନ୍ୟାସୀ ରାମଗୋପଳ ପାନ୍ୟାଲ୍ ଦୀର୍ଘ ଚଉଦବର୍ଷ ପରେ ଘରକୁ ଫେରି ଅଗୃହୀ ଭାବରେ ବାସ କରୁଥିଲେ। ସେହି ସମୟରେ ତାଙ୍କ ନିକଟକୁ ବହୁ ସାଧୁ-ସନ୍ନ୍ୟାସୀ ଆସୁଥାନ୍ତି। ମନୋମୋହିନୀ ସେମାନଙ୍କ ସହିତ ଆଳାପ-ଆଲୋଚନା କରି ତୃପ୍ତି ବୋଧକଲେ ନାହିଁ। କିଛି ତାଙ୍କୁ ଭଲ ଲାଗୁନଥାଏ। ଦିନେ ସେଠାକୁ ଭବାନୀପୁରର ଗୋପାଳ ବ୍ରହ୍ମଚାରୀ ଆସିଥାନ୍ତି। ସେ ସାଧକ ରାମପ୍ରସାଦଙ୍କର ଭକ୍ତ। ସେ ସ୍ନେହରେ ମନୋମୋହିନୀଙ୍କୁ 'ରାମପ୍ରସାଦର ମା' ବୋଲି ଡାକିବାକୁ ଲାଗିଲେ। ଦିନେ ସେ ମନୋମୋହିନୀଙ୍କୁ ଗୋଟିଏ ପାଚିଲା ବରକୋଳି ଖାଇବାକୁ ଦେଲେ— ଆଶ୍ଚର୍ଯ୍ୟ ବିଷୟ। ସେ ସମୟରେ କୌଣସି ସ୍ଥାନରେ ଏପରି କୋଳି ମିଳିବାର ସମ୍ଭାବନା ନ ଥିଲା।

ମନୋମୋହିନୀଙ୍କର ସ୍ୱାମୀ ଶିବଚନ୍ଦ୍ରଙ୍କର ଜନ୍ମ ହୁଏ ପାବନା ଜିଲ୍ଲା ଅନ୍ତର୍ଗତ ଘୁଟମୋହର ପୋଷ୍ଟଅଫିସ ଅଧୀନରେ ଥିବା ଘୁଯାଖାଡ଼ା ଗ୍ରାମରେ। ତାଙ୍କର ପିତାଙ୍କ ନାମ ୶ ଈଶ୍ୱର ଚନ୍ଦ୍ର ଚକ୍ରବର୍ତ୍ତୀ। ବଡ଼ଭାଇଙ୍କର ନାମ ୶ ହରେଶ୍ୱର ଚକ୍ରବର୍ତ୍ତୀ। ବାଲ୍ୟକାଳରେ ଶିବଚନ୍ଦ୍ର ଭାରେଙ୍ଗାର ମାଇନର ସ୍କୁଲ (ମଧ୍ୟ-ଇଂରାଜୀ ବିଦ୍ୟାଳୟ)ରେ ଅଧ୍ୟୟନ କରୁଥିଲେ।

ଶିବଚନ୍ଦ୍ରଙ୍କ ବୟସ ଯେତେବେଳେ ସାତ ଆଠ ବର୍ଷ ସେତେବେଳେ ତାଙ୍କର ପିତୃ ବିୟୋଗ ହୁଏ, ଏବଂ ପନ୍ଦର ଷୋହଳ ବର୍ଷ ବୟସରେ ତାଙ୍କର ମାତୃଦେବୀ ୶ ମୃଣ୍ମୟୀ ଦେବ୍ୟା ମାନବଲୀଳା ସମ୍ବରଣ କରନ୍ତି। ତାଙ୍କର ମାମୁଘର ପାବନା ଜିଲ୍ଲାର ଦୁଲାଇ ପୋଷ୍ଟଅଫିସ ଅଧୀନରେ ଥିବା କଲାଗାଚି ଗ୍ରାମରେ ଏବଂ ମଥୁରା ପୋଷ୍ଟଅଫିସ ଅଧୀନରେ ଥିବା ଧୋପାକୋଲା ଗ୍ରାମନିବାସୀ ତାଙ୍କର ମାଉସୀପୁଅ ଭାଇ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ଥିଲେ। ତାଙ୍କ ଭାଇ ଗୋବିନ୍ଦ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ପୁଅ ଈଶ୍ୱର ଚକ୍ରବର୍ତ୍ତୀ ସେତେବେଳେ ମେଦିନୀପୁର ଉଚ୍ଚ-ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ଗୋବିନ୍ଦଚନ୍ଦ୍ର ପାବନାର ଫୌଜଦାରୀ ହେଡ୍‌କିରାନୀ ଥିଲେ। ଶିବଚନ୍ଦ୍ର ସେହି ଘରେ ରହି କଣ୍ଟ୍ରାକ୍ଟରି (ଠିକାଦାରୀ) କାର୍ଯ୍ୟ କରୁଥିଲେ। ବିବାହ କରିବାର କିଛିଦିନ ପରେ ସେ ସେହି ଘରେ ସସ୍ତ୍ରୀକ ରହୁଥିଲେ। ଶିବଚନ୍ଦ୍ର ବାରେନ୍ଦ୍ର ଶ୍ରେଣୀର ବ୍ରାହ୍ମଣ ଥିଲେ।

କଣ୍ଟ୍ରାକ୍ଟରୀ କାର୍ଯ୍ୟରେ ଶିବଚନ୍ଦ୍ର ବେଶ୍ ଦୁଇପଇସା ଆୟ କରୁଥାଆନ୍ତି। ମନୋମୋହିନୀ ବିବାହର ପୂର୍ବରୁ ଓ ପରେ ବହୁଦିନ ପର୍ଯ୍ୟନ୍ତ, ବେଶ୍ ସୁଖରେ ଥିଲେ। କିନ୍ତୁ, ତାଙ୍କର ପ୍ରଥମ ଗର୍ଭାବସ୍ଥା ସମୟରେ ହିଁ ୧୨୯୫ ସାଲରେ ଭାଇ ଯୋଗେନ୍ଦ୍ରଙ୍କର ମୃତ୍ୟୁ ହୁଏ। ତାହାପରେ ତାଙ୍କର ମାତା ଠାକୁରାଣୀଙ୍କୁ ଏକାକିନୀ ବିଧବା ଦେଖି ଗ୍ରାମର ଅଂଶୀଦାର ଶତ୍ରୁ ପକ୍ଷଗଣ ମାମଲା-ମୋକଦ୍ଦମାରେ ବଡ଼ ହଇରାଣ ହରକତ୍ କରୁଥାଆନ୍ତି। ସେତେବେଳେ ମୃତ ରାମେନ୍ଦ୍ର ନାରାୟଣଙ୍କର ସମ୍ପତ୍ତି ସମସ୍ତନଷ୍ଟ ହେବାର ଉପକ୍ରମ ହେବାରୁ ବନ୍ଧୁଲୋକଙ୍କର ଅନୁରୋଧରେ ସେହି ସମ୍ପତ୍ତି ରକ୍ଷା କରିବା ପାଇଁ ଶିବଚନ୍ଦ୍ର ଏହି ସଂସାରର ଭାର ଗ୍ରହଣ କରନ୍ତି। ୧୨୯୭ ସାଲଠାରୁ ନିୟମିତ ଭାବରେ ତାଙ୍କୁ ହିମାଇତପୁରରେ ବାସ କରିବାକୁ ହେଲା।

ନଦୀୟା ଜିଲ୍ଲାର କୁଷ୍ଟିୟା ମହକୁମା ଅଧୀନ ବାରଖାଦା ଗ୍ରାମ-ନିବାସୀ ୶ କାଲାଗ୍ରହ ଅଧିକାରୀର ଡିଗ୍ରୀଜାଗୀକୁ ଶିବଚନ୍ଦ୍ର ନିଜ ଅର୍ଥଦ୍ୱାରା ରାମେନ୍ଦ୍ର ନାରାୟଣଙ୍କ ଘରବାଡ଼ି ଓ ଜମିଜମା ନିଲାମରେ ଖରିଦ କରିନେଲେ। ସେହିଦିନଠାରୁ ଏଠାରେ ରହି ପୁତ୍ର ଓ ସ୍ୱାମୀ ଶୋକାତୁରା କୃଷ୍ଣସୁନ୍ଦରୀଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ।

ଶ୍ରୀଯୁକ୍ତ ଈଶ୍ୱରଚନ୍ଦ୍ର ଚକ୍ରବର୍ତ୍ତୀ ମହାଶୟ ହିମାଇତପୁରର ଡାକ୍ତର ଶ୍ରୀଯୁକ୍ତ ବସନ୍ତ କୁମାର ଚୌଧୁରୀ-ମହାଶୟଙ୍କର ଭିଣୋଇ। ସେ ଏହି ସମୟରେ ଥରେ ଉକ୍ତ ଡାକ୍ତର-ମହାଶୟଙ୍କର ଘରକୁ ପତ୍ନୀକ ଆସିଥିଲେ। ଗୋଟିଏ ପର୍ଦ୍ଦାର୍କରେ ଈଶ୍ୱରବାବୁ ଶିବଚନ୍ଦ୍ରଙ୍କର ପୁଡୁରା। ତାଙ୍କର ସ୍ତ୍ରୀଙ୍କ ନାମ ବିପଦନାଶିନୀ ଦେବୀ। ଦିନେ ଈଶ୍ୱରବାବୁ ଏବଂ ହିମାଇତପୁରର କାଳୀକମଳ ଦତ୍ତ ଦୁହେଁ ଖଣ୍ଡିଏ ହିନ୍ଦିବହି ପଢୁଥିଲେ। ତହିଁରେ ** ଶବ୍ଦ (ଇଷ୍ଟନାମ) ହଠାତ୍ ମନୋମୋହିନୀ ଶୁଣିବାକୁ ପାଇଲେ। ସେତେବେଳେ ତାଙ୍କର ସ୍ୱପ୍ନରେ ପାଇଥିବା ** ନାମ ଯେ ଠିକ୍, ତାହା ଜାଣିପାରି ଅତ୍ୟନ୍ତ ସୁଖ ଓ ଆନନ୍ଦ ଲାଭକଲେ, ଯେପରି ହଜି ଯାଇଥିବା ମଣିକୁ ସେ ପୁଣି ଫେରି ପାଇଲେ। ସତେଯେପରି ସ୍ୱର୍ଗକୁ ହାତରେ ପାଇଗଲେ। ସେତେବେଳେ ସେ ସେହି ବିଷୟରେ ବିଶେଷ ଅନିସନ୍ଧିତ୍ସୁ ଓ କୌତୂହଳୀ ହୋଇ ତାହାର ପ୍ରକୃତ ବିବରଣୀ ଈଶ୍ୱରବାବୁଙ୍କୁ ପଚାରିଲେ। ଈଶ୍ୱରବାବୁ ବିଶେଷ କିଛି ପ୍ରକାଶ କରିଲେ ନାହିଁ। ସେହି ବିଷୟ ଜାଣିପାରି ସେହିଦିନ ହିଁ ଶିବଚନ୍ଦ୍ର ତାଙ୍କୁ ଖଣ୍ଡିଏ ହିନ୍ଦି-ଶିକ୍ଷା ପୁସ୍ତକ ପାବନାରୁ ଅଣାଇ ଦେଲେ। ଗୋଟିଏ ମାତ୍ର ରାତିରେ ମନୋମୋହିନୀ ହିନ୍ଦିଭାଷାର ଅକ୍ଷର ପରିଚୟ ଶେଷ କରିଦେଲେ। ସେ ଶିଶୁକାଳରୁ ଅସାଧାରଣ ଧୀଶକ୍ତିସମ୍ପନ୍ନା ଥିଲେ। ଏହି ସମୟରେ ତାଙ୍କର ମନେ ହେଉଥିଲା ଯେପରି ସମସ୍ତ ଜ୍ଞାନ ସ୍ୱତଃ ତାଙ୍କ ଭିତରେ ପ୍ରବେଶ କରୁଛି। ତାଙ୍କର ଜ୍ଞାନ ଯେପରି ଶିକ୍ଷାପ୍ରାପ୍ତ ଜ୍ଞାନ ନୁହେଁ। ଯେତେବେଳେ ସେ ସ୍ୱହସ୍ତରେ ସ୍ୱାଧୀନ ଭାବରେ ଲୁଗା ପିନ୍ଧିବାକୁ ଶିଖିନଥିଲେ ସେତେବେଳଠାରୁ ହିଁ ସେ ପାଠ ପଢ଼ାପଢ଼ି ଆରମ୍ଭ କରିଥିଲେ।

ପରଦିନ ସେ ଦେଖିବାକୁ ପାଇଲେ ଈଶ୍ୱରବାବୁଙ୍କ ହିନ୍ଦି ବହି ଉପରେ ଲେଖାଅଛି ''** ଦୟାଲ୍ କୀ ଦୟା।'' ''** ସହାୟ।'' ଆଉ ଲେଖାଅଛି ''ରାୟ ସାଲିଗରାମ ସିଂ ବାହାଦୁର, ଏଲାହାବାଦ। ସେତେବେଳେ ତାଙ୍କର ପ୍ରାଣ ଆନନ୍ଦରେ ଭରିଉଠେ। ସେ ବାରମ୍ବାର ମନେ ମନେ ସେହି ନାମ ଉଚ୍ଚାରଣ କରିବାକୁ ଲାଗିଲେ; କିନ୍ତୁ, ପ୍ରକାଶ୍ୟରେ କିଛି କାହାକୁ କହିଲେ ନାହିଁ, ଯେହେତୁ ପିତା ପୂର୍ବେ ତାଙ୍କୁ ଏହି ନାମ ବା ମନ୍ତ୍ର ପ୍ରକାଶ କରିବାକୁ ନିଷେଧ କରିଥିଲେ। ତାଙ୍କର ସ୍ୱପ୍ନପ୍ରାପ୍ତଇଷ୍ଟନାମକୁ ବହିରେ ଦେଖି ଏବଂ ନିଜେ ପଢ଼ି ଆନନ୍ଦରେ ଅଧୀରା ହୋଇ ପଡ଼ିଲେ। ସ୍ୱପ୍ନଦୃଷ୍ଟ ନାମ-ସମ୍ବନ୍ଧରେ ତାଙ୍କର ଆଉ କୌଣସି ସଂଶୟ ରହିଲା ନାହିଁ। ସେ ଶୁଣିବାକୁ ପାଇଲେ ଯେ,

ଈଶ୍ୱରବାବୁ ତାଙ୍କ ଉପାସ୍ୟ ଇଷ୍ଟଦେବଙ୍କର ଗୋଟିଏ ସୁନ୍ଦର ଛବି ବା ଫଟୋ—ପ୍ରତିମୂର୍ତ୍ତି ବୁମାଲରେ ଘୋଡ଼ାଇ ରଖିଛନ୍ତି । ଈଶ୍ୱରବାବୁ ପଦ୍ମାନଦୀରେ ସ୍ନାନ କରିବାକୁ ଯାଇଛନ୍ତି । ସେହି ଅବସରରେ ତାଙ୍କର ସହଧର୍ମିଣୀଙ୍କ ସହାୟତାରେ ସେ ଅନୁସନ୍ଧାନ କରି ଦେଖିବାକୁ ପାଇଲେ ଗୋଟିଏ ସୁନ୍ଦର ପଟମୂର୍ତ୍ତି । ଛବିଟିକୁ ଦେଖୁ ଦେଖୁ ତାଙ୍କର ଶରୀର ଝଙ୍କାର ଦେଇ ରୋମାଞ୍ଚିତ ହୋଇଉଠିଲା । ସେ ଦେଖିଲେ ଯେ ଏହା ତାଙ୍କର ସେହି ସ୍ୱପ୍ନଦ୍ରଷ୍ଟ ମୂର୍ତ୍ତିର ପ୍ରତିମୂର୍ତ୍ତି ବା ଛବି । ସେତେବେଳେ ସେହି ପୂର୍ବ ସ୍ୱପ୍ନବୃତ୍ତାନ୍ତ, ତାଙ୍କର ସ୍ମୃତିପଟରେ ଉଦୟ ହୋଇ ତାଙ୍କୁ ଆନନ୍ଦରେ ଆହୁରି ଅଧୀରା କରି ତୋଳିଲା । ସେହିଦିନ ହିଁ ସେ ଭଙ୍ଗା ଭଙ୍ଗା ହିନ୍ଦି ଭାଷାରେ ଏଲାହାବାଦକୁ ରାୟ ସାଲିଗରାମ ସିଂ ବାହାଦୁରଙ୍କ ନିକଟକୁ ଏକ ପତ୍ର ଲେଖିଲେ । ହିନ୍ଦିଭାଷା ଭଲ ଭାବରେ ଜାଣି ନ ଥିବାରୁ ପତ୍ରଟିରେ ସେ ଯେ କୌଣସି ପ୍ରକାର ତାଙ୍କର ମନୋଭାବ ବ୍ୟକ୍ତ କଲେ ମାତ୍ର । ପ୍ରାୟ ସପ୍ତାହକ ମଧ୍ୟରେ ସେଠାରୁ ତାଙ୍କ ନିକଟକୁ ପତ୍ରର ଉତ୍ତର ଓ ଦୀକ୍ଷାପ୍ରଣାଳୀର ଏକ ଛାପା ହୋଇଥିବା କାଗଜ ଆସିଲା । ପତ୍ରରେ ତାଙ୍କୁ ''ସୁଶୀଲେ'' ବୋଲି ସମ୍ବୋଧନ କରାହୋଇଛି ଏବଂ ବଙ୍ଗଳାଭାଷାରେ ପତ୍ରାଦି ଲେଖିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ବର୍ତ୍ତମାନ ତାଙ୍କର ସମସ୍ତ ସନ୍ଦେହ ତୁଟିଗଲା । ମନପ୍ରାଣ ସୁଶୀତଳ ହେଲା ।

ସ୍ୱୟଂ ଭଗବାନଙ୍କ କର୍ତ୍ତୃକ ସତ୍ୟନାମ ପ୍ରକାଶ

ଭଗବାନ ଦୟାକରି ଶେଷରେ ଏହି ସତ୍ୟଯୁଗର ପ୍ରାରମ୍ଭରେ ଜଗତକୁ ଉଦ୍ଧାର କରିବା ପାଇଁ ତାଙ୍କ ସତ୍ୟନାମ ବା ନିଜର ପ୍ରକୃତ ସର୍ବଶ୍ରେଷ୍ଠ ନାମର ଆଦିବୀଜ * ଭବିଷ୍ୟତର ପରମ ସୌଭାଗ୍ୟଶାଳୀ ବଙ୍ଗଦେଶରେ ମନୋମୋହିନୀଙ୍କ ଦ୍ୱାରା ବପନ କରାଇଲେ । ଆଜିଠାରୁ ଧନ୍ୟ ହେଲା ବଙ୍ଗଦେଶ, ଧନ୍ୟ ହେଲା ସମଗ୍ର ଭାରତବର୍ଷ— ସେହି ସ୍ୱପ୍ନଦର୍ଶନର ଦିନଠାରୁ ଏବଂ ମନୋମୋହିନୀଙ୍କର ପ୍ରଥମ-ପୁତ୍ର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କୁ ଗର୍ଭରେ ଧାରଣ ଓ ପ୍ରସବ କରିବା ଦିନଠାରୁ ହିଁ ଧନ୍ୟ ! ଆଉ ଧନ୍ୟ ତୁମ ସହିତ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ! କିନ୍ତୁ ତନ୍ମଧ୍ୟରେ ତୁମେ ଶ୍ରେଷ୍ଠତମ !

---

* ଭଗବାନଙ୍କର ନାମ ଦୁଇ ପ୍ରକାର ଅଛି । ଗୋଟିଏ ସତ୍ୟନାମ ବା ବୀଜମନ୍ତ୍ର ଓ ଅନ୍ୟଟି କଳ୍ପନାମୂଳକ ନାମ । ସତ୍ୟନାମ ବା ବୀଜମନ୍ତ୍ରର ଗୂଢ଼ ରହସ୍ୟ ଋଷିମାନେ ଜାଣିଥିଲେ । ବର୍ତ୍ତମାନ ତଥାକଥିତ ପଣ୍ଡିତ, ସାଧକ ଏବଂ ସିଦ୍ଧନାମଧାରୀ ବ୍ୟକ୍ତି ମଧ୍ୟ ବୀଜମନ୍ତ୍ରର ରହସ୍ୟ ଜାଣନ୍ତି ନାହିଁ । ସତ୍ୟନାମ ନିତ୍ୟ, ଏହାର ସଂଖ୍ୟା ମଧ୍ୟ ଅଗଣ୍ୟ ନୁହେଁ, ଯଦିଓ କଳ୍ପନାମୂଳକ ନାମ ଲକ୍ଷ ଲକ୍ଷ ହୋଇପାରେ । ସାଧନା ସମୟରେ ଶ୍ରୁତ ଅନାହତନାଦର ବୋଧକ ଶବ୍ଦ ହିଁ ବୀଜମନ୍ତ୍ର । ଏହା ବ୍ୟତୀତ ଅନ୍ୟ ସମସ୍ତ ହିଁ କେବଳ କଳ୍ପନାମୂଳକ ନାମ । ଭାରତରେ ଧର୍ମସାହିତ୍ୟର ପ୍ରଣବ ମଧ୍ୟ ଏହିପରି ଗୋଟିଏ ବୀଜ । ଅନାହତ ଓଁକାରଧ୍ୱନି ସାଧକ ଋଷିତ୍ୱ ପ୍ରାପ୍ତ ହେଲେ ନିଜ ଅନ୍ତଃକରଣରେ ଉପଲବ୍ଧି କରିପାରନ୍ତି । ଏହି ଅବସ୍ଥାରୁ ମଧ୍ୟ ଉଚ୍ଚତର ଅବସ୍ଥା ଅଛି, ଯେଉଁଠି ଅନ୍ୟପ୍ରକାର ଉଚ୍ଚ ଧରଣର ଅନାହତନାଦର ଉପଲବ୍ଧି ଘଟେ, ଯାହା ଅପେକ୍ଷା ଉତ୍ତତର ଓ ସୂକ୍ଷ୍ମତର ଅନାହତ ନାଦର ସଂବାଦ କେହି ଜାଣନ୍ତି ନାହିଁ । ତାହା ହିଁ ଆଦି ଅନାହତ ନାଦ । ଆଉ ସେହି ନାଦର ପ୍ରକାଶକ ଶବ୍ଦ ହିଁ ଆଦିବୀଜ ବା ପ୍ରକୃତ ଆଦିନାମ ବା ସର୍ବଶ୍ରେଷ୍ଠ ନାମ । ବୈଦିକ ଋଷିମାନେ ପ୍ରଣବକୁ ହିଁ ଆଦିନାଦ ବୋଲି ଜାଣିଥିଲେ । ଶ୍ରୀକୃଷ୍ଣ ନିଜ ଜୀବନରେ ପ୍ରଣବ ଅପେକ୍ଷା ମଧ୍ୟ ଅତି ଉଚ୍ଚ ବୀଜମନ୍ତ୍ରର ଦ୍ରଷ୍ଟା ଥିଲେ । କିନ୍ତୁ ସେ କେଉଁ ବୀଜମନ୍ତ୍ରର ଦ୍ରଷ୍ଟା ଥିଲେ, ତାହା ବର୍ତ୍ତମାନ ବହୁ ଅବତାରକଳ୍ପ ସାଧକ ମଧ୍ୟ ଜ୍ଞାତ ନୁହଁନ୍ତି । ଏହି ପୁସ୍ତକ ସମ୍ପୂର୍ଣ୍ଣ ପାଠ କଲେ ପାଠକେ ତାହାର ସନ୍ଧାନ ପାଇପାରିବେ ।

ତାହାପରେ ଗୁରୁର ମହାରାଜ ଓ ଦୟାଳ ଶରଣଙ୍କ ନିକଟରୁ ପତ୍ର ଓ ଭଜନ ପ୍ରଣାଳୀ ଶିକ୍ଷା କରିବାର କାଗଜ ଆସିଲା ।

ମନୋମୋହିନୀ ସଦ୍‌ଗୁରୁରୂପୀ ପରମପିତାଙ୍କ ନିକଟରେ ଏକାନ୍ତରେ କାମନା କରିଥିଲେ ତାଙ୍କ ପରି ଗୋଟିଏ ପୁତ୍ରସନ୍ତାନ । ଏହାପରେ ମନୋମୋହିନୀଙ୍କର ପ୍ରଥମ ପୁତ୍ରସନ୍ତାନଙ୍କର ଜନ୍ମ ହୁଏ ।

୩

ଶ୍ରୀଶ୍ରୀଠାକୁରଙ୍କର ଶୁଭ ଆବିର୍ଭାବ

ମନୋମୋହିନୀ ଦେବୀ ବର୍ତ୍ତମାନ ଗର୍ଭବତୀ (ବଙ୍ଗଳା ୧୨୯୫ ସାଲ) । ସାଂସାରିକ ଧର୍ମପାଳନ ଓ ଆଧ୍ୟାତ୍ମିକ ସାଧନାରେ ରହି ସେ ମହାଆନନ୍ଦରେ ଓ ପରମ ସୁଖରେ ଦିନ ଯାପନ କରୁଛନ୍ତି । ପରୋପକାର କାର୍ଯ୍ୟ ତାଙ୍କ ଜୀବନର ସର୍ବପ୍ରଧାନ ବ୍ରତ । ଏହି ସମୟରେ ତାଙ୍କ ସାନଭାଇ ଯୋଗେନ୍ଦ୍ର ନାରାୟଣର ବୟସ ମାତ୍ର ଷୋଳବର୍ଷ; ସ୍ୱାମୀ ଶିବଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ସଂସାରର ଅବସ୍ଥା ଭଲ ଭାବରେ ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ଗଡ଼ୁଛି ।

ଏହି ସମୟରେ ଦିନେ ବିଶ୍ୱପତିଙ୍କ ପଦରେ ଜୀବନ-ମନ-ଉତ୍ସର୍ଗକାରୀ ଜଟାକୁଟଧାରୀ ମାନବ-ମନରେ ପ୍ରେମ-ଭକ୍ତି-ଉଦ୍ଦୀପନକାରୀ ସୁନ୍ଦର ପୌମ୍ୟମୂର୍ତ୍ତି ପ୍ରବୀଣ ସୁଦୀର୍ଘକାୟ ଜଣେ ସନ୍ନ୍ୟାସୀ ଦେବୀ ମନୋମୋହିନୀଙ୍କର ଘରେ ଆସି ଉପସ୍ଥିତ ହେଲେ । ମନୋମୋହିନୀଙ୍କ ହାତରୁ ଭିକ୍ଷା ଗ୍ରହଣ ହିଁ ତାଙ୍କର ଏକମାତ୍ର ଆକାଂକ୍ଷା । ତାହାର କାରଣ ସେ ସବିଶେଷ ଭାବେ ପ୍ରକାଶ କରି ନ କହିଲେ ମଧ୍ୟ ଟିକିଏ ଅର୍ଦ୍ଧଗୂଢ଼କ ଭାବେ ଏହି ଗୃହସ୍ଥର ଓ ଜଗତର ଭବିଷ୍ୟତ ଏବଂ ତାଙ୍କର କଥାର ସତ୍ୟତା ପ୍ରମାଣର ଆଭାସ ଜଣାଇଥିଲେ । ସେ ଯାହା କହିଥିଲେ ତାହାର ଭାବାର୍ଥ ଏହି ଯେ (ଏହି ଘରେ) ଜଣେ ମା'ଙ୍କର ଗୋଟିଏ ପୁଅର ମୃତ୍ୟୁ ହେବ ଏବଂ (ଏହି ଗର୍ଭରେ) ଏପରି ଜଣେ ଆସୁଛନ୍ତି, ଯେ କି ଜନ୍ମଗ୍ରହଣ କରିବା ପରେ (ଜଗତର) ସମସ୍ତ କିଛି ଓଲଟ ପାଲଟ କରିଦେବେ । ଏହି ଘଟଣା ସମ୍ବନ୍ଧରେ ଯେଉଁମାନେ ଅବଗତ ଥିଲେ ସେମାନଙ୍କ ମଧ୍ୟରୁ କେହି କେହି ମନେକଲେ ବୋଧହୁଏ ସନ୍ନ୍ୟାସୀ ଭିକ୍ଷା ଲୋଭରେ ଯାହାତାହା କହିଗଲେ । କିନ୍ତୁ ଯେଉଁମାନେ ବୁଦ୍ଧିମାନ୍ ଓ ବୁଦ୍ଧିମତୀ, ଯେଉଁମାନଙ୍କର ଦୃଷ୍ଟି ଟିକିଏ ଅନ୍ତର ରାଜ୍ୟରେ ପ୍ରବେଶ ଲାଭ କରିବାକୁ ଆରମ୍ଭ କରିଅଛି ସେମାନେ କହିଲେ— ''ଏହି ସନ୍ନ୍ୟାସୀ ସାଧାରଣ ସନ୍ନ୍ୟାସୀ ନୁହନ୍ତି । ତାଙ୍କର ଚେହେରା, ତାଙ୍କର ଆଖିର ଗୁହାଣି, ମୁହଁର ହାବଭାବ, ଗାମ୍ଭୀର୍ଯ୍ୟ ଓ ଲାବଣ୍ୟ ଏବଂ ଜ୍ୟୋତିଃ ମାନବ ମନରେ ପ୍ରେମଭକ୍ତି ଉଦ୍ଦୀପନ କରେ । ସନ୍ନ୍ୟାସୀଙ୍କର ଏହି ମହାବାଣୀ କଦାପି ମିଥ୍ୟା ବୋଲି ମନେହୁଏ ନାହିଁ । ବୋଧହୁଏ ମନୋର ଗର୍ଭରେ କୌଣସି ଏକ ଅସାଧାରଣ ପୁରୁଷଙ୍କର ଆବିର୍ଭାବ ହୋଇଛି । ମା'ଙ୍କର ଏକମାତ୍ର ପୁଅ ଓ ମନୋର ଏକମାତ୍ର ଭାଇ ଯୋଗେନ୍ଦ୍ର । ହାୟ ବିଧି, ତାହାରି କାଳ କଣ ନିକଟବର୍ତ୍ତୀ ! ବିଧିର ବିଧାନ କିଏ ବା ଖଣ୍ଡିବ ? ଦେଖାଯାଉ ଭବିଷ୍ୟତର ଗର୍ଭରେ କ'ଣ ବା ନିହିତ ଅଛି । ଦେଖାଯାଉ ଭଗବାନଙ୍କର କ'ଣ ଇଚ୍ଛା ଏବଂ ସେ ଜଗତର ଓ ଏହି ପରିବାରର ଭାଗ୍ୟରେ କ'ଣ ସଂଘଟନ କରାନ୍ତି । ଏହିପରି ନାନା କଳ୍ପନା ଜଳ୍ପନା ମଧ୍ୟରେ ଏବଂ ନାନା ପ୍ରକାର ଲୋକଙ୍କର ନାନାବିଧ ଚିନ୍ତା ମଧ୍ୟଦେଇ ଗର୍ଭରେ ଦଶମାସ ବିତିଗଲା । ଏଗାର ମାସ ମଧ୍ୟ ଯିବା ଉପରେ, କିନ୍ତୁ ଶୀଘ୍ର ପ୍ରସବ ହେବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ । ଅନେକେ ସେ ବିଷୟରେ ଔଦାସୀନ୍ୟ ପ୍ରକାଶ କଲେ ମଧ୍ୟ କେହି କେହି ଚିନ୍ତିତ

ହୋଇ ପଡ଼ିଲେ । ଏପରି ସମୟରେ ହଠାତ୍ ଯୋଗେନ୍ଦ୍ରବାବୁ ଅସୁସ୍ଥ ହୋଇ ପଡ଼ିଲେ ଏବଂ ଯେଉଁଦିନ ଏଗାର ମାସ ପୂର୍ଣ୍ଣହେଲା, ସେହିଦିନ ଶ୍ରାବଣ ମାସର ସଂକ୍ରାନ୍ତିରେ ସେ ପରଲୋକ ଗମନ କଲେ ।

ପରିବାର ମଧ୍ୟରେ ଏକ ଶୋକର ଝଡ଼ ବହିବାକୁ ଲାଗିଲା । ସମସ୍ତେ ଶୋକରେ ଅଧୀର ହୋଇ ପଡ଼ିଲେ । ହେବାର ବି କଥା— ଏକାମାତ୍ର ନୟନମଣି ଅନ୍ଧର ଲଉଡ଼ି ପ୍ରାଣପ୍ରତିମ ଉପଯୁକ୍ତପୁତ୍ରର ମୃତ୍ୟୁରେ କୃଷ୍ଣସୁନ୍ଦରୀ ଅତ୍ୟନ୍ତ ଶୋକରେ ଉନ୍ମାଦବତ୍ ଓ ମୃତପ୍ରାୟ ହୋଇପଡ଼ିଲେ । ଏଣେ ପୁଣି ତାଙ୍କର ଆଉ ଏକ ଦୁଶ୍ଚିନ୍ତା— କନ୍ୟା ପୂର୍ଣ୍ଣଗର୍ଭା । ଏଗାର ମାସ ପୂରିଗଲା, ତେବେ ବି ପ୍ରସବର କୌଣସି ଲକ୍ଷଣ ନାହିଁ । ଜାଣେନା, ବିଧାତା ଅଦୃଷ୍ଟରେ ଆଉ କେତେ କ'ଣ ଲେଖିଛନ୍ତି । ଏହିପରି ଚିନ୍ତାରେ ତାଙ୍କର ହୃଦୟ ଭାଙ୍ଗିପଡ଼ିବାକୁ ଲାଗିଲା । କ୍ରମେ ଦେଖୁ ଦେଖୁ ଏହି ଶୋକ-ସନ୍ତାପ ମଧ୍ୟରେ ଗର୍ଭର ବାରମାସ ପୂର୍ଣ୍ଣ ହୋଇ ଆସିଲା । ଲୋକେ ଫୁସ୍‌ଫାସ୍ ହେବାକୁ ଲାଗିଲେ । କେହି କହିଲେ, ''ବିଘ୍ନରା କୃଷ୍ଣସୁନ୍ଦରୀଙ୍କ ଅଦୃଷ୍ଟରେ ଆଉ କେତେ ଦୁଃଖ ଅଛି ? କନ୍ୟାର ଗର୍ଭ ବାରମାସ ପୂର୍ଣ୍ଣ ହେବାକୁ ଲାଗିଲା, ତଥାପି ସନ୍ତାନ ଭୂମିଷ୍ଠ ହେଉ ନାହିଁ ।'' କେହି କେହି ମନ୍ତବ୍ୟ କଲେ— ''ଜାଣେ, ସେ ସନ୍ନ୍ୟାସୀ ସହଜ ମଣିଷ ନ ଥିଲେ । ତାଙ୍କ କଥା କ'ଣ ମିଥ୍ୟା ହୋଇପାରେ ? ମା'ର ଗୋଟିଏ ବୋଲି ପୁଅ, ସେ ବି ଗୁଲିଗଲା । ଆଉ ଏଇ ମନୋର ପେଟରେ ଯିଏ, ସେ ତ ସାମାନ୍ୟ ମଣିଷ ନୁହଁ ଯେ ସାଧାରଣ ଜୀବ ପରି ଦଶମାସରେ ଭୂମିଷ୍ଠ ହେବ । ବୋଧହୁଏ ସତକୁ ସତ କୌଣସି ଅସାଧାରଣ ପୁରୁଷ ଆସୁଛନ୍ତି ।'' କେହି ବା କହିଲେ— ''ତାଙ୍କର ଆଉ ଶୋଇ ବସି କାମ ନାହିଁ, ବିବେଚନା ନାହିଁ । ଏତେ ଦେଶ, ଏତେ ଗ୍ରାମ, ପରିବାର ଓ ଲୋକ ଥାଉ ଥାଉ ସେ ଆସି ଉପସ୍ଥିତ ହେଲେ ଏହି ଚୌଧୁରୀ ଘରର ମନୋର ପେଟରେ !'' ଏହାର ଉତ୍ତରରେ କେହି କେହି କହିଲେ— ''ମନୋର ଆଈମା କୃପାମୟୀ ବଡ଼ ସାଧାସିଧା, ସହଜ ସରଳା, ଧର୍ମଶୀଳା ଓ ହରିଭକ୍ତି ପରାୟଣା ଥିଲେ । ତାକୁ ଅବା କିଏ ନ ଜାଣେ ? ଆଉ କୃଷ୍ଣସୁନ୍ଦରୀଙ୍କର ମଧ୍ୟ ଧର୍ମରେ ମତିଗତି ଅଛି । ରାମେନ୍ଦ୍ର ଚୌଧୁରୀ ମଧ୍ୟ ବେଶ୍ ଧର୍ମପ୍ରାଣ, ପରୋପକାରୀ ଓ ସଦାଶୟ ବ୍ୟକ୍ତି ଥିଲେ । ଆଉ ଆମର କୋଇଁବାବୁ ଶିବଚନ୍ଦ୍ର, ଯାହା ଭାବନୁ, ନା କାହିକି, ପ୍ରକୃତ ପକ୍ଷରେ ତାଙ୍କ ପରି ଏପରି ଏକ ସରଳପ୍ରାଣ, ଉଦାରହୃଦୟ ଓ ପରଦୁଃଖକାତର ବ୍ୟକ୍ତି ଖୁବ୍ କମ୍ ଦେଖିବାକୁ ମିଳେ । ଆଉ ଆମର 'ମନୋ', ସେ ତ ରୂପଗୁଣରେ ସାକ୍ଷାତ ଦେବୀ ! ଏହି ଦେଖୁନାହଁ— ଏଇ ସେ ଦିନର ଝିଅ, ଆଠ ନଅ ବର୍ଷ ବୟସରୁ ଈଶ୍ୱର ଆରାଧନା କରୁଛି, ଭଗବାନଙ୍କ ନିକଟରେ କାନ୍ଦି କାନ୍ଦି ସ୍ୱପ୍ନରେ ଦୀକ୍ଷାମନ୍ତ୍ର ପାଇଛି । ଆମର 'ମନୋ' ଏତେ ତେଜସ୍ୱିନୀ କିନ୍ତୁ ଅବିନୟୀ ନୁହେଁ; ସ୍ପଷ୍ଟ କଥା କହିବାରେ ଭୀତା ନୁହେଁ, ଅଥଚ ଗୃଢ଼ଭାଷିଣୀ ମଧ୍ୟ ନୁହେଁ । କାହାରି କୌଣସି ବିପଦ ଦେଖିଲେ 'ମନୋ' କଦାପି ସ୍ଥିର ରହିପାରେନା । 'ମନୋ'ର ସ୍ୱାମୀଭକ୍ତି ଅତି ଚମତ୍କାର । 'ମନୋ' ନିଜେ ନ ଖାଇ ଅନ୍ୟକୁ ଖୁଆଏ ।''

ଶୁଭ ଜନ୍ମକୁଣ୍ଡଳୀ

୧୮୧୦ ଶକାବ୍ଦ, ବଙ୍ଗଳା ସନ ୧୨୯୫ ସାଲର ଭାଦ୍ର ୩୦ ତାରିଖ ସଂକ୍ରାନ୍ତି, ତାଳନବମୀ ତିଥି, ଶୁକ୍ରବାର ଦିବା ଘଡ଼ିଦଣ୍ଡ କୋଡ଼ିଏ ଲିତା ସମୟରେ ଶ୍ରୀଶ୍ରୀଠାକୁରଙ୍କର ଜନ୍ମ ହୁଏ । ଲୋକେ ଆଜି ଘରେ ଘରେ ତାଳନବମୀ ବ୍ରତ ପାଳନ କରି ତାଳବଡ଼ା ଖାଇ ଆନନ୍ଦ ଉପଭୋଗ କରିବେ । ରଜନୀ ପ୍ରଭାତକାଳ; ଭଗବାନ ମଗୀଚିମାଳୀ ଉଦୟାଚଳ ଶିଖର ପରିତ୍ୟାଗ କରି ଲୋକଲୋଚନର ପ୍ରତ୍ୟକ୍ଷୀଭୂତ ହୋଇ ନାହାଁନ୍ତି । ବିହଙ୍ଗମଗଣ ନିଜ ନିଜ ନୀଡ଼ ମଧ୍ୟରେ ଥାଇ ସୁମଧୁର କାକଳିରେ ଜଗଦ୍‌ବାସୀଙ୍କୁ ଆନନ୍ଦ ଦାନ କରୁଛନ୍ତି । ସାଧାରଣ ଚିନ୍ତାଶୀଳ ବ୍ୟକ୍ତିମାନେ ପକ୍ଷୀମାନଙ୍କର ଏହି ସୁମଧୁର

ରବ ଶୁଣି ମୁଗ୍ଧ; କିନ୍ତୁ, ଯେଉଁମାନେ ଭଗବଦ୍‌ଭକ୍ତ, ସେମାନେ ଭାବୁଛନ୍ତି ''ଡାକୁଛନ୍ତି ପକ୍ଷୀସବୁ ପରମ ଦୟାଳଙ୍କୁ ।'' ସେହି ପରମ ପୁରୁଷ, ପରମ ଦୟାଳଙ୍କ ଶୁଭ ଆବିର୍ଭାବ ବୁଝିପାରି ପକ୍ଷୀମାନେ ବୋଧହୁଏ ତାଙ୍କରି ଆବାହନ ମଙ୍ଗଳଗୀତି ଗାଇବାକୁ ଆରମ୍ଭ କରିଛନ୍ତି । ସେତେବେଳେ ଉଷାକାଳ । ଉଷାଦେବୀ ବାଳସୂର୍ଯ୍ୟ ରୂପ ସିନ୍ଦୂର ବିନ୍ଦୁ ଲଲାଟରେ ଧାରଣ କରିବା ପ୍ରୟାସରେ ଅନ୍ଧକାର ରୂପ ମଳିନତା ଦୂରୀଭୂତ ହୋଇ ତାଙ୍କର ଅଧର କୋଣରେ ସତେଯେପରି ହସରେଖା ଫୁଟିଉଠୁଛି । ମୁସଲମାନ ଭକ୍ତଗଣ ଅନ୍ୟାନ୍ୟ ସମସ୍ତଙ୍କୁ ଆଲ୍ଲାଙ୍କ ଆଡ଼କୁ ଆକର୍ଷଣ କରି ନମାଜ କରିବାକୁ ଉଦାତ୍ତ କଣ୍ଠରେ 'ଆଜାନ୍' ଦେଉଛନ୍ତି । ହିନ୍ଦୁ ଭକ୍ତମାନେ 'ହରିବୋଲ' 'ହରିବୋଲ' ଓ ଦୁର୍ଗା-ଦୁର୍ଗା କହି ଭଗବାନଙ୍କ ନାମ କରୁ କରୁ ଶଯ୍ୟା ତ୍ୟାଗ କରୁଛନ୍ତି । ଲୋକଲୋଚନର ଅନ୍ତରାଳରେ ଥାଇ ଦେବଗଣ ହୁଏତ ପ୍ରଭାତୀ ସଙ୍ଗୀତ ଗାନକରି ଭଗବାନଙ୍କର ଜୟଗାନରେ ଅଜ୍ଞାତସାରରେ ମାନବ ପ୍ରାଣରେ ଭକ୍ତି-ରସାମୃତଧାରା ବର୍ଷଣ କରୁଛନ୍ତି —

କିମ୍ପା ଶୁଅ ଅକାରଣ ।
କିଏ ତୁମେ ଗଲ ଭୁଲି,
କି ହେତୁ ଜଗତେ ଆସି,
ଭାବି ଦେଖ ଆଖି ମେଲି ହୋଇ ସଚେତନ ।
ମା'ଲ ଭୂତର ବେଠି ଖଟି,
ଧନଜନାଦିରେ ମାତି,
ଭବପାରର କରିଲ କିବା ଆୟୋଜନ ?
ପଲକେ ନେବ ଜୀବନ,
କେଶ ଧରି ଯେ ଶମନ,
କିପରି କେ ନିବାରିବ ଚୌରାଶୀ ଭ୍ରମଣ ?
କିବା ହେବ ଶେଷ ଗତି,
କେବେ କି ଦେଖିଛ ଭାବି,
କେସନେ ପାଇବ ରକ୍ଷା ଦାରା-ସୁତ-ଧନ ?
ହସଇ ଦେଖ କେସନେ,
ଭାଗ୍ୟ ପୂରବ ଗଗନେ,
ଦେଉଛନ୍ତି ଦେଖା ସେହି ପ୍ରେମିକ ତପନ * ।
ପୂର୍ଣ୍ଣ ମହାତତ୍ତ୍ୱ ଭବେ,
ଅଂଶ କଳା ସହ ଏବେ,
ଆସିଛନ୍ତି ଧରାଧାମେ କର ଅନ୍ୱେଷଣ ।

(ବଙ୍ଗଳା)

କେନ ଘୁମାଓ ଅକାରଣ ।
କି ହେତୁ ଜଗତେ ଏଲେ,
କେ ତୁମି ତା' ଭୁଲେ ଗେଲେ,
ଦେଖ ଭେବେ ନୟନ ଖୁଲେ ହ'ୟେ ସଚେତନ ।
ଧନେ—ଜନେ ମେତେ ରୈଲେ
ଭୂତେର ବାଗାରେ ଖେଟେ ମଲେ,
ଭବପାରେର କର୍‌ଲେ ବଲ କିବା ଆୟୋଜନ ?

---

* ବଙ୍ଗଳା ୧୩୨୯ ସାଲର ଶାଶ୍ୱତ ସମାଜ (ବଙ୍ଗଳା) ପ୍ରଥମ ସଂଖ୍ୟାରେ ପ୍ରେମିକ ତପନ ପ୍ରକାଶିତ ହୋଇଛି ।

ପଲକେ ନେବେ ଜୀବନ,
ଧ'ରେ ଯେ କେଶେ ଶମନ,
କେବା କିସେ ନିବାରିବେ ଚୌରାଶୀ ଭ୍ରମଣ ?
ଶେଷ ଗତି କିବା ହବେ,
କଲ୍ପ କି ଦେଖୋଛ ଭେବେ,
ଦାର–ସୁତ–ଧନେ ରକ୍ଷା ପା'ବେ କି ତଖନ ?
ହାସିଛେ ତବ ଏଖନ,
ଭାଗ୍ୟ ପୂରବ ରଗନ,
ଦିତେଛେନ୍ ଦେଖା ଏଁ ପ୍ରେମିକ ତପନ ।
ପୂର୍ଣ୍ଣ ମହାତତ୍ତ୍ୱ ଭବେ,
ଅଂଶ କଲା ସହ ଏବେ,
ଆସିଛେନ୍ ଧରାଧାମେ କର ଅନ୍ୱେଷଣ ।

ଆଜି ରାତି ପାହିବା ପୂର୍ବରୁ ମନୋମୋହିନୀଙ୍କର ଦେହଟା ସେତେ ଭଲ ଲାଗୁନାହିଁ, କିପରି ଗୋଟାଏ ଅଦ୍ଭୁତ। ବୋଧ ହେଉଥିଲା। ସାଧାରଣ ସ୍ତ୍ରୀଲୋକଙ୍କ ପରି ତାଙ୍କର ସେପରି କଷ୍ଟକର ପ୍ରସବବେଦନା ହୋଇ ନାହିଁ। ସେ ସୂତିକାଗୃହକୁ (ଅନ୍ଧାରି ଶାଳ) ଆସିଅଛନ୍ତି। ଧାଈ ତାଙ୍କ ଦେହରେ ହାତ ଦେଇ ବସିଛି। ମନୋମୋହିନୀଙ୍କର ଭଉଣୀ ନିକଟରେ ବସିଛନ୍ତି। ଅନ୍ୟାନ୍ୟ ସମସ୍ତେଘରବାରଣ୍ଡାରେ ବସି କ'ଣ ହେବ ଦେଖିବା ପାଇଁ ଉଦ୍‌ଗ୍ରୀବ ହୋଇ ଅପେକ୍ଷା କରୁଛନ୍ତି। କି ଆଶ୍‌ଚର୍ଯ୍ୟ ! ପ୍ରସବ ସମୟରେ ଯେପରି ଯନ୍ତ୍ରଣା ବା ବେଦନା କିଛି ହୁଏ, ସେପରି କିଛି ଜଣାଯାଉ ନାହିଁ। ମନୋମୋହିନୀ ହୁଏତ ମୂର୍ଚ୍ଛିତା ବା ତନ୍ଦ୍ରାଗତା, ଧାଈ ମଧ୍ୟ ସେହିପରି ବସିବା ଅବସ୍ଥାରେ ତନ୍ଦ୍ରାଚ୍ଛନ୍ନ, ଏପରି କି କେହି ସେ ସମୟରେ ସଜାଗ ନଥିଲେ। ଏହି ସମୟରେ ହଠାତ୍ ଗୋଟାଏ ନିଆଁର ଆଲୋକଛଟାର ଝଲକରେ ସମସ୍ତଙ୍କର ତନ୍ଦ୍ରାବସ୍ଥା ଭାଙ୍ଗିଗଲା। ସମସ୍ତେ ଆଶ୍‌ଚର୍ଯ୍ୟ ହୋଇ ପ୍ରସୂତି ଆଡ଼କୁ ଅନାଇଲେ– ଦେଖିଲେ ଭୂମିଷ୍ଠ ହୋଇଛି ଗୋଟିଏ ପୁତ୍ର ସନ୍ତାନ। ପ୍ରସବକାର୍ଯ୍ୟ କିପରି ଭାବରେ ସମ୍ପନ୍ନ ହେଲା, ତାହା ସମସ୍ତଙ୍କ ନିକଟରେ ଅଜ୍ଞାତ ରହିଗଲା। ମନୋମୋହିନୀଙ୍କ ଏହି ଭାବ କ'ଣ ପ୍ରକୃତ ମୂର୍ଚ୍ଛା ବା ତନ୍ଦ୍ରା ? ଆଉ ଅନ୍ୟାନ୍ୟ ସମସ୍ତଙ୍କ ତନ୍ଦ୍ରା କ'ଣ ପ୍ରକୃତ ତନ୍ଦ୍ରା ? ନା ଏକ ମୋହନିଦ୍ରା– ଯେପରି ଯୋଗମାୟାଙ୍କ ଅପୂର୍ବ ମାୟା ?

ଭୂମିଷ୍ଠ ସନ୍ତାନଟି ମଧ୍ୟ ଅତି ଅଦ୍‌ଭୁତ। ମୁଣ୍ଡଟି କେଶଶୂନ୍ୟ। ଭୂମିଷ୍ଠ ହେବାମାତ୍ରେ ସନ୍ତାନ ସ୍ୱଭାବତଃ ହିଁ କାନ୍ଦିଥାଏ। କିନ୍ତୁ ଏହି ସନ୍ତାନ ଏକ ଅତିମାନବ ଶିଶୁ ଯେ କାନ୍ଦିବା ପରିବର୍ତ୍ତେ ଏପାଖ ସେପାଖ ଦେଖିବାରେ ଲାଗିଛନ୍ତି, ମୁଖରେ ମୃଦୁ ହସରେଖା। ସମସ୍ତେ ଆଶ୍‌ଚର୍ଯ୍ୟାନ୍ୱିତ ଓ ସ୍ତମ୍ଭିତ ହୋଇ ପଡ଼ିଲେ। ଏ କିପରି ସମ୍ଭବ, ଜନ୍ମିବା ସାଥେ ସାଥେ ଏ କିପରି ଭାବ, ଯାହା ସ୍ୱଭାବତଃ ସମ୍ପୂର୍ଣ୍ଣ ଅସମ୍ଭବ ! ସେତେବେଳେ ସେଠାରେ ଉପସ୍ଥିତ ଅଧିକାଂଶ ସେହି ପ୍ରବୀଣ ସନ୍ନ୍ୟାସୀଙ୍କର ଭବିଷ୍ୟବାଣୀ ବିଷୟରେ ଆଲୋଚନା କରି କହିଲେ– ''ଏହା ମଧ୍ୟରେ ନିଶ୍‌ଚୟ କୌଣସି ଗୂଢ଼ ରହସ୍ୟ ଅଛି। ଏଇ ଶିଶୁ, ସାମାନ୍ୟ ଶିଶୁ ନୁହେଁ।'' ଏ ଶିଶୁଟିର କି ଅପରୂପ ରୂପ ! ସୂତିକା ଘର ଯେପରି ରୂପରେ ଆଲୋକିତ ହୋଇଯାଇଛି ! କୃଷ୍ଣପୁନ୍ଦରୀ ଏହି ରୂପଲାବଣ୍ୟ ସମ୍ପନ୍ନ ଆଶ୍‌ଚର୍ଯ୍ୟ ଶିଶୁକୁ ଦେଖିବା ମାତ୍ରେ ତାଙ୍କର ପୂର୍ବର ସମସ୍ତ ଶୋକତାପ ଭୁଲିଗଲେ। ପରିବାର ମଧ୍ୟରେ ଆନନ୍ଦର ଏକ ଢେଉ ଖେଳିଗଲା। ଦେଶାଘର ଓ କୁଳାଘର ଅନୁସାରେ କୁଳବଧୂମାନେ ଥର ଥର କରି ପାଞ୍ଚଥର ହୁଳହୁଳି ପକାଇଲେ– ପଡ଼ୋଶୀମାନେ ଏହା ଶୁଣି ବୁଝି ପାରିଲେ ମନୋମୋହିନୀଙ୍କର ପୁତ୍ରସନ୍ତାନ ଜନ୍ମ ହୋଇଛି। ଅତି ଅଳ୍ପ ସମୟ ମଧ୍ୟରେ ଏହି ଅଲୌକିକ ଜନ୍ମ ବୃତ୍ତାନ୍ତ ଘରିଆଡ଼େ ବ୍ୟାପିଗଲା। ଇତର-ଭଦ୍ର, ଆବାଳବୃଦ୍ଧବନିତା ସମସ୍ତେ ଦଳ ଦଳ ହୋଇ ରଥଯାତ୍ରାର ଯାତ୍ରୀଙ୍କ ପରି ଆସି

ଚୌଧୁରୀଙ୍କ ଘର ମୁଖରିତ କରିବାକୁ ଲାଗିଲେ। ସମସ୍ତେ ଦର୍ଶନ କଲେ ସେହି ନବଜାତ ସୁନ୍ଦର ସନ୍ନ୍ୟାସଟିକୁ। ଆହା ! ପୁଅଟି କେଡ଼େ ସୁନ୍ଦର ! ଯେତେ ଦେଖିଲେ ଦର୍ଶନ-ପିପାସା ମେଣ୍ଟୁ ନାହିଁ, ବରଂ ଆହୁରି ବଢ଼ିଯାଏ, ଅପୂର୍ବ ସେ ରୂପମାଧୁର୍ଯ୍ୟ ! ''ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।''

ଦିନ ପରେ ଦିନ ଯିବାକୁ ଲାଗିଲା। ଶିଶୁପୁତ୍ରଟି ଶଶିକଳା ପରି କ୍ରମେ ବଢ଼ିବାକୁ ଲାଗିଲେ। ମୁଣ୍ଡଟି କେଶରେ ଭରି ଗଲା। ଜନ୍ମ ସମୟରେ ଜନନୀଙ୍କ ବୟସ ମାତ୍ର ଅଠର ବର୍ଷ ଥିଲା।

ଯେତେବେଳେ ଶିଶୁଙ୍କ ବୟସ ମୋଟେ ତିନିମାସ, ସେତେବେଳେ ସେ ଦିନେ ଖୁବ୍ କାନ୍ଦିବାରୁ ମାଉସୀ ବହୁ ଚେଷ୍ଟା ଯତ୍ନ କରି ଶାନ୍ତ କରି ନ ପାରିବାରୁ ଶେଷରେ ବିରକ୍ତ ହୋଇ ଶିଶୁର ଗାଲରେ ଆଙ୍ଗୁଳି ଦ୍ୱାରା ସାମାନ୍ୟ ଆଘାତ କଲେ। ରାତିରେ ସ୍ୱପ୍ନ ଦେଖିଲେ, ଶିଶୁ ତାଙ୍କୁ କହୁଛନ୍ତି– ''ତୁମେ ମୋ ଦେହରେ ରାଗିକରି ଆଘାତ କରିଛ। ତୁମେ ଜାଣ, ମୁଁ କିଏ ?'' ଇତ୍ୟାଦି।

ସୂତିକା ଘରର ସ୍ମୃତି

ଶିଶୁ ଭୂମିଷ୍ଠ ହେବା ସମୟଠାରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ, ଜୀବନର ସମସ୍ତ ଘଟଣା ଅଦ୍ୟାପି ତାଙ୍କର ବେଶ୍ ମନେ ରହିଛି ବୋଲି ଜଣାଯାଏ। ମଝିରେ ମଝିରେ ସେପରି କୌଣସି କୌଣସି ଘଟଣାର କଥା ଶୁଣି ଜନନୀ ନିଜେ ଏବଂ ଅନ୍ୟାନ୍ୟ ଲୋକମାନେ ଆଜି ମଧ୍ୟ ଆଶ୍‌ଚର୍ଯ୍ୟାନ୍ୱିତ ହୁଅନ୍ତି। ଏହି ପ୍ରସଙ୍ଗରେ ଗୋଟିଏ ଘଟଣା– ଶିଶୁ ଜନ୍ମ ହେବାର ଅଳ୍ପଦିନ ପରେ ଦିନେ ସାମାନ୍ୟ କନା ଖଣ୍ଡିଏ ନିଆଁରେ ଉଷୁମ କରି ଶିଶୁର ଗୁହ୍ୟ-ଦେଶରେ ସେକ ଦିଆ ହେଉଥିଲା। କିନ୍ତୁ କନା ଖଣ୍ଡିକ ବେଶୀ ଗରମ ଥିବାରୁ ଶିଶୁର କଷ୍ଟ ହେଲା ଏବଂ ସେ ଚିତ୍କାର କରି କାନ୍ଦି ଉଠିଥିଲେ। ଏହି ଘଟଣାଟି ପରେ ସମସ୍ତେ ଭୁଲି ଯାଇଥିଲେ; କିନ୍ତୁ, ଶିଶୁକାଳର କଥା ବର୍ତ୍ତମାନ ସମୟରେ ଶ୍ରୀଶ୍ରୀଠାକୁରଙ୍କ ସ୍ମୃତିରେ ଜାଜ୍ୱଲ୍ୟମାନ ଥିବାରୁ ସେ ତାହା ପ୍ରକାଶ କରିଥିଲେ। ସେ ସମୟରେ ଜନନୀ ଏବଂ ଯେଉଁମାନେ ତାହା ଜାଣିଥିଲେ, ସେମାନେ ସମସ୍ତେ ବିସ୍ମିତ ହୋଇଥିଲେ। କିନ୍ତୁ, ଶ୍ରୀଶ୍ରୀଠାକୁର ତାଙ୍କର ଭୂମିଷ୍ଠ ହେବାର ପରବର୍ତ୍ତୀ ଅତି ଶୈଶବର ସମସ୍ତ ଘଟଣା ଆଜି ପର୍ଯ୍ୟନ୍ତ ବିସ୍ମୃତ ହୋଇ ନାହାଁନ୍ତି।

ବର୍ତ୍ତମାନ ମନୋମୋହିନୀ ଦେବୀ ସନ୍ନ୍ୟାସର ମାତା। ବର୍ତ୍ତମାନଠାରୁ ତାହାଙ୍କୁ ଆମେମାନେ ଜନନୀ ବୋଲି ଉଲ୍ଲେଖ କରିବୁ।

ଶୁଭ ଅନ୍ନପ୍ରାଶନ ସମୟର ଘଟଣା

କ୍ରମେ ଶିଶୁ ବଡ଼ ହେବାକୁ ଲାଗିଲେ। ଆର୍ଯ୍ୟମାନଙ୍କର ଚିରାଚରିତ ପ୍ରଥାନୁଯାୟୀ ଶିଶୁର ଆଜି ଶୁଭ ଅନ୍ନପ୍ରାଶନ ଦିନ, ଦଶବିଧ ସଂସ୍କାରରୁ ଗୋଟିଏ। ଘରେ ବାହାରେ ସମସ୍ତେ ଆଜି ଆନନ୍ଦରେ ମାତି ଉଠିଛନ୍ତି। ନହବତ୍, ଟିକୁରା ଓ ଢୋଲ ଇତ୍ୟାଦି ନାନା ପ୍ରକାର ବାଦ୍ୟ ଧ୍ୱନିରେ ଗ୍ରାମ ମୁଖରିତ। ବହୁ ଲୋକଙ୍କୁ ନାନା ରକମର ଭୂରି ଭୋଜନରେ ପରିତୃପ୍ତ କରାଇ ଶୁଭ ଅନ୍ନପ୍ରାଶନ, 'ଖୀରିଖିଆ' ବା 'ମୁହଁରେଭାତ' କାର୍ଯ୍ୟ ମହାସମାରୋହରେ ସୁସମ୍ପନ୍ନ ହେଲା। ପୁରୋହିତ ବ୍ରାହ୍ମଣ ଶାସ୍ତ୍ର ଓ ଦେଶାଚାର ପ୍ରଥାନୁଯାୟୀ ଶିଶୁଙ୍କ ହାତରେ ରୂପାଟଙ୍କା ଦେବାରୁ ସେ ଆଦୌ ଗ୍ରହଣ କଲେ ନାହିଁ। କିନ୍ତୁ, ପୁରୋହିତ ଯେତେବେଳେ ମାଟି ଦେଲେ ସେତେବେଳେ ଛୁଇଁଲେ। ଏହା ଦେଖି ଉପସ୍ଥିତ ବ୍ରାହ୍ମଣମାନେ

କହିଲେ, ''ଶିଶୁ ତ୍ୟାଗୀ ହେବେ।'' କାଗଜ ଦେବାରୁ ସେ ତାହା ନେଲେ। ଏହା ଦେଖି ସେମାନେ କହିଲେ, ''ଶିଶୁ ବିଦ୍ୟାଲାଭ କରିବେ।''

୪

ଶୈଶବକାଳର ଲୀଳାଖେଳା

ଏହି ଶିଶୁ ସାଧାରଣ ଶିଶୁମାନଙ୍କ ଅପେକ୍ଷା ଅଳ୍ପ ବୟସରେ ଅତି ଆଶ୍‌ଚର୍ଯ୍ୟ ଭାବରେ କଥାବାର୍ତ୍ତା ଓ ଚୁଲିବା ବୁଲିବାରେ ସକ୍ଷମ ଓ ପଟୁ ହୋଇ ଉଠିଲେ।

ଶ୍ରୀଶ୍ରୀଗୋପାଳ ଠାକୁରଙ୍କ ସିଂହାସନ ଉପରେ ଏହି ଶିଶୁ

ଯେତେବେଳେ ଏହି ଶିଶୁଙ୍କ ବୟସ ପ୍ରାୟ ଏଗାର ମାସ, ସେତେବେଳେ ଜନନୀ ପାବନା ଜିଲ୍ଲାର ହରିପୁର ନିବାସୀ ଜମିଦାର ଉମେଶ ଚନ୍ଦ୍ର ଲାହିଡ଼ୀଙ୍କ ଘରକୁ ଯାଇ ସେଠାରେ କିଛି ଦିନ ରହିଥିଲେ। ଉମେଶବାବୁ ଏହି ଶିଶୁକୁ ଅତ୍ୟନ୍ତ ଭଲ ପାଉଥିଲେ ଓ ସ୍ନେହ ମଧ୍ୟ କରୁଥିଲେ। ଶିଶୁ ମଧ୍ୟ ତାଙ୍କ ନିକଟରେ ରହିବାକୁ ଭଲ ପାଉଥିଲେ। ଦିନେ ସକାଳେ ସେ ତାଙ୍କ ଗୃହଦେବତା ଶ୍ରୀଶ୍ରୀଗୋପାଳ ଦେବଙ୍କ ମନ୍ଦିରର ଦରୱାନମାନଙ୍କ ହେପାଜତରେ ଶିଶୁକୁ ରଖି ସନ୍ଧ୍ୟାପୂଜାଦି ଦିଅଁଙ୍କଠାରେ କରିବାକୁ ବସିଲେ। ଆଖି ବୁଜି ପୂଜା କରୁଛନ୍ତି, ଏପରି ସମୟରେ କୌଣସି ଭାରି ଜିନିଷ ପଡ଼ିବା ଶବ୍ଦରେ ଚମକି ପଡ଼ି ଦେଖନ୍ତି ଯେ ତାଙ୍କର ଆରାଧ୍ୟ ଦେବତା ଶ୍ରୀଶ୍ରୀଗୋପାଳ ଠାକୁରଙ୍କ ପିତଳମୂର୍ତ୍ତି ତଳେ ପଡ଼ିଛି ଆଉ ଏହି ଶିଶୁ ଠାକୁରଙ୍କ ସିଂହାସନ ଉପରେ ବସି ହସୁଛନ୍ତି। ଗୋପାଳଠାକୁରଙ୍କ ପରିବର୍ତ୍ତେ ଯେପରି ସେ ନିଜେ ପୂଜା ଗ୍ରହଣ କରୁଛନ୍ତି। ଉମେଶବାବୁ ଦରୱାନକୁ ଡାକି ପଗ୍ଭରିବାରେ ସେ ଆଶ୍‌ଚର୍ଯ୍ୟ ହୋଇ କହିଲା ଯେ ସେ ଅନ୍ୟମନସ୍କ ବା ନିଦ୍ରିତ ନଥିଲା; କିନ୍ତୁ କିପରି ଯେ ଏହି ଅଳ୍ପ ବୟସର ଶିଶୁ ସେମାନଙ୍କ ଆଖିରେ ଧୂଳି ଦେଇ ମନ୍ଦିର ଭିତରେ ପଶି ଦିଅଁଙ୍କର ଏତେ ବଡ଼ ସିଂହାସନ ଉପରେ ଚଢ଼ି ସେଠାରେ ବସିପାରିଲେ ଏବଂ ଶ୍ରୀବିଗ୍ରହଙ୍କୁ ଦୂରକୁ ପକେଇ ଦେଲେ, ତାହା ଅତ୍ୟନ୍ତ ଦୁର୍ବୋଧ୍ୟ।

ଶୈଶବର ଅନ୍ତର୍ଯ୍ୟାମିତ୍ୱ ଓ ଭବିଷ୍ୟତ ବାଣୀ

ଶିଶୁକୁ ଯେତେବେଳେ ଘୁରିବର୍ଷ ବୟସ, ସେହି ସମୟରେ ଘର ନିକଟରେ ଥିବା ମୁକୁନ୍ଦଲାଲ ବସୁଙ୍କ ଘରେ ତାଙ୍କ ପୁତୁରା ହେମଚନ୍ଦ୍ର ଗୋଟିଏ ଫୁଲ ବଗିଘ୍ର କରି ସେଥିରେ ଏପରି ବାଡ଼ ଦେଇ ଘେରାଉ କରିଥିଲେ ଯେପରି କି କୁକୁର ବିରାଡ଼ି ପର୍ଯ୍ୟନ୍ତ ତାହା ଭିତରେ ପଶିପାରୁ ନଥିଲେ। ବାଡ଼ ଉପରେ ପୁଣି ଖଜୁରିକଣ୍ଟା ଦେଇ ବଗିଘ୍ର ଦୁଆରରେ ତାଲା ପକାଇ ବନ୍ଦ ରଖୁଥିଲେ। ଏହି ଶିଶୁ କିନ୍ତୁ ସେ ବଗିଘ୍ରରେ କୌଣସି ପ୍ରକାରେ ପଶି ଫୁଲଗଛ ଗୁଡ଼ିକୁ ନଷ୍ଟ କରି ପକାଉଥିଲେ। ତାହା କେହି ଜାଣି ପାରୁନଥିଲେ। ହେମଚନ୍ଦ୍ର ଯେତେବେଳେ ଏସବୁ ଦେଖି ଦୁଃଖରେ କାନ୍ଦନ୍ତି, ସେତେବେଳେ ଏହି ଶିଶୁ

ପ୍ରତଃପ୍ରବୃତ୍ତ ହୋଇ କହନ୍ତି– ''ମୁଁ ଗଛପବୁ ଭାଙ୍ଗିଛି।'' ଏହିପରି ଦୁଇ ତିନିଥର କରିବା ପରେ ଜନନୀ ବିରକ୍ତ ହୋଇ ସେମାନଙ୍କୁ କହିଲେ– ''ସେ ଯଦି ଅନିଷ୍ଟ କରେ, ତେବେ ତାକୁ ଧରି ମାଡ଼ଦିଅ।'' ସେ କଥା ଶୁଣି ଶିଶୁ କହିଲେ– ''ହାତ ଅଛି ବାନ୍ଧ, ଆଉ ପିଠି ଅଛି ମାର; ମୋର କ'ଣ ? ଯେତେଥର ଏଠାରେ ଫୁଲ ବଗିଘ୍ର କରିବ ସେତେଥର ତାକୁ ଭାଙ୍ଗିବି। କିନ୍ତୁ ଭାଇ, ଗୋଟିଏ ସୁନ୍ଦର ସ୍ଥାନ ଅଛି, ସେଠାରେ ଫୁଲବଗିଘ୍ର କଲେ ମୁଁ ଭାଙ୍ଗିବି ନାହିଁ। ସେ ସ୍ଥାନରେ ବଗିଘ୍ର କଲେ ଚିରଦିନ ରହିବ। ଏଠାରେ ବଗିଘ୍ର କଲେ କଣ ରହିବ ? ଏଠି ତ ତୁମେ ଆଉ ରହିବ ନାହିଁ, ତୁମେ ତ ଶୀଘ୍ର ସେଠାକୁ ଯିବ।'' ସାନପିଲା କଥାରେ କିଏ ବା ଆସ୍ଥା ରଖିବ ? ଶିଶୁର କଥା ଗୁଡ଼ିକ ଭାରି ମିଷ୍ଟ ଏବଂ ଉପଭୋଗ୍ୟ। ସେତେବେଳେ କେହି ଭାବି ପାରି ନଥିଲେ ଯେ ଏହି ଶିଶୁଙ୍କ ଅଧା ଅଧା କଥା କଠୋର ସତ୍ୟରେ ପରିଣତ ହେବ, ହାୟ ବିଧି ! ତୁମର ବିଶ୍ୱରାଜ୍ୟର ଲୀଳା କିଏ ବା ବୁଝିବ ? ହେମଚନ୍ଦ୍ର ସତକୁ ସତ ହଠାତ୍ ଫୁଲବଗିଘ୍ରର ମାୟା ତ୍ୟାଗ କରି ବୋଧହୁଏ ଜୀବନ ନଦୀର ପରପାରରେ ଫୁଲବଗିଘ୍ର ସଜାଇବାକୁ ଚିରଦିନ ପାଇଁ ଚୁଲିଗଲେ। ହେମ ଆଉ ଏହି ଇହଲୋକରେ ରହିଲେ ନାହିଁ।

ଏହାର କିଛିଦିନ ପରେ ଜଣକ ଘରେ ଗୋଟିଏ ପୁଅ ଜନ୍ମ ହୋଇଛି। ଜନନୀ ଶିଶୁକୁ ନେଇ ସେହି ପୁଅଟିକୁ ଦେଖିବାକୁ ଯିବା ଆଗରୁ ଶିଶୁକୁ କହିଲେ– ''ଚୁଲ, ତାଙ୍କର ପୁଅ ହୋଇଛି, ଦେଖିଆସେ।'' ଶିଶୁ କହିଲେ– ''ମୁଁ ଯିବି ନାହିଁ, ସେ ପୁଅ ମାତ୍ର ଅଠର ଦିନ ବଞ୍ଚିବ। ତାକୁ ପୁଣି ଦେଖିବି କ'ଣ ?'' ଆଶ୍‌ଚର୍ଯ୍ୟର ବିଷୟ, ସତକୁ ସତ ଠିକ ଅଠର ଦିନରେ ହିଁ ସେହି ନବଜାତ ଶିଶୁଟିର ମୃତ୍ୟୁ ହୁଏ।

ଶିଶୁର ବିଷ ଭକ୍ଷଣ

ଜନନୀଙ୍କ ଘର ନିକଟରେ ଜଣେ କବିରାଜ ଥିଲେ। ସେ ଦିନେ ଅନେକ ଗୁଡ଼ିଏ ଅତି ବିଷାକ୍ତ ବଟିକା ଚିଆରି କରି ଖରାରେ ଶୁଖାଇବା ପାଇଁ ବାହାରେ ଥୋଇ ଜଗି ବସିଥିଲେ, କେହି ଯେପରି ହାତ ନ ଦିଅନ୍ତି। କବିରାଜ ସାମାନ୍ୟ ଅନ୍ୟମନସ୍କ ଥିବାବେଳେ ହଠାତ୍ ଏହି ଶିଶୁ ସେଠାରେ ପହଞ୍ଚି ଆଖିପିଛୁଳାକେ ସେହି ବିଷାକ୍ତ ବଟିକାରୁ ମୁଠାଏ ଧରି ପାଟିରେ ପକେଇ ଗିଳିଦେଲେ। ଏହି ଘଟଣା କବିରାଜ ମହାଶୟ ଓ ଅନ୍ୟାନ୍ୟ ସମସ୍ତେ ଦେଖି ଅତ୍ୟନ୍ତ ଭୟଭୀତ ହୋଇ ''ହାୟ-ହାୟ'' କରିବାକୁ ଲାଗିଲେ। ସେମାନଙ୍କ ଚେଷ୍ଟାରେ ଶିଶୁଙ୍କ ଜୀବନ ରକ୍ଷାର କୌଣସି ଉପାୟ ନାହିଁ, ଏହା ନିଶ୍‌ଚିତ ଜାଣି କଣ କରିବେ କିଛି ଠିକ୍ କରି ପାରିଲେ ନାହିଁ। କିନ୍ତୁ ଆଶ୍‌ଚର୍ଯ୍ୟର ଓ ସୌଭାଗ୍ୟର ବିଷୟ ଯେ ଯେଉଁ ବଟିକାରୁ ଗୋଟିଏ ମାତ୍ର ଖାଇଲେ ମୃତ୍ୟୁ ଅନିବାର୍ଯ୍ୟ, ସେହି ବଟିକାରୁ ଅନେକ ଗୁଡ଼ିଏ ଖାଇବା ସତ୍ତ୍ୱେ ବି ଶିଶୁଙ୍କ ମୃତ୍ୟୁ ହେବା ତ ଦୂରର କଥା କୌଣସି ପ୍ରକାର ଅସୁସ୍ଥତାର ଲକ୍ଷଣ ମଧ୍ୟ ତାଙ୍କ ଶରୀରରେ ଦେଖାଗଲା ନାହିଁ।

ନାରାୟଣ ଶିଳାର କଥା

ଏହି ବୟସରେ ସେ ପ୍ରାୟ ଗ୍ରାମର ଠାକୁର ମନ୍ଦିର ଗୁଡ଼ିକରେ ପ୍ରବେଶ କରି ଶାଳଗ୍ରାମ ଶିଳା ନେଇ ବାଉଁଶବଣ ଭିତରେ ପତ୍ରାଚ୍ଛାଦିତ କରି ଲୁଚେଇ ରଖନ୍ତି। ଆଉ ଉକୁ, ଶାଳଗ୍ରାମ ଶିଳାର ଚନ୍ଦନାଦି ଦ୍ୱାରା ସ୍ୱୀୟ ଲଲାଟଦେଶ ପ୍ରଲିପ୍ତ କରନ୍ତି। ସେ ପ୍ରାୟ ଶାଳଗ୍ରାମ ଶିଳାର ଏହିପରି ଦୁରବସ୍ଥା ଘଟାନ୍ତି। ପଗ୍ଭରିଲେ ମିଥ୍ୟା କଥା ନ କହି ପ୍ରକୃତ ସତ୍ୟ କଥା କହିଦିଅନ୍ତି।

ଶିଶୁଙ୍କ ଦର୍ଶନ ପାଇଁ ସନ୍ନ୍ୟାସୀଙ୍କ ଆଗମନ

ଥରେ ଏହି ଶିଶୁଙ୍କର କଠିନ ପୀଡ଼ା ହୁଏ । ଏହି ସମୟରେ ଅକସ୍ମାତ୍ ଜଣେ ପ୍ରବୀଣ ସନ୍ନ୍ୟାସୀ ଆସି ଉପସ୍ଥିତ ହୋଇ ଜନନୀଙ୍କୁ ଅତ୍ୟନ୍ତ ଚିନ୍ତିତ ଦେଖି ବ୍ୟାଧିର ଆଶୁ ଉପଶମ ପାଇଁ କେତେକ ପ୍ରକ୍ରିୟା କହିଗଲେ । ସେ ଆହୁରି କହିଲେ– ''ଏହି ଶିଶୁ ମରିବ ନାହିଁ । ଏ ସାମାନ୍ୟ ପିଲା ନୁହେଁ ।'' ପରେ ପରେ ଶିଶୁ ଆରୋଗ୍ୟ ଲାଭ କଲେ । ଏହି ପିଲାବେଳରେ ଆଉ ଜଣେ ସନ୍ନ୍ୟାସୀଙ୍କର ଶୁଭାଗମନ ହୋଇଥିଲା । ସେ ଏହି ଶିଶୁଙ୍କୁ ନାନା ପ୍ରକାର ଖାଦ୍ୟ ଖୁଆଇ ପରେ ତାଙ୍କର ଉଚ୍ଛିଷ୍ଟକୁ ପ୍ରସାଦ ରୂପେ ନିଜେ ଗ୍ରହଣ କରି ଅତ୍ୟନ୍ତ ପରିତୃପ୍ତ ଓ ଆନନ୍ଦିତ ହୁଅନ୍ତି । ସେ ସମୟ ସମୟରେ ନିଜ ନିକଟରେ ଶିଶୁଙ୍କୁ ରଖି ବଡ଼ ଆନନ୍ଦ ଉପଭୋଗ କରନ୍ତି । ଏ ସମସ୍ତ ଦେଖି ଜନନୀଙ୍କ ମନରେ ନାନା ପ୍ରକାର ସନ୍ଦେହ ଓ ଅମଙ୍ଗଳକର ଆଶଙ୍କା ହୁଏ ଏବଂ ସେ ସନ୍ନ୍ୟାସୀଙ୍କୁ ଏସବୁ ପୁନରାୟ କରିବାକୁ ନିଷେଧ କରନ୍ତି । ସନ୍ନ୍ୟାସୀ ଅତ୍ୟନ୍ତ ଦୁଃଖିତ ହୋଇ କହନ୍ତି– ''ମା, ଏ ବାଳକ ସାମାନ୍ୟ ବାଳକ ନୁହଁନ୍ତି । ଏହାଙ୍କର ସଙ୍ଗଲାଭରୁ ମୋତେ ବଞ୍ଚିତ କରନ୍ତୁ ନାହିଁ । ସମୟ ଆସିବ, ଦେଖିବେ ଯେତେବେଳେ ସହସ୍ର ସହସ୍ର ଲୋକେ ତାଙ୍କର ସଙ୍ଗଲାଭ କରିବେ ।'' ଏହା ଶୁଣି ଜନନୀ ସ୍ତମ୍ଭୀଭୂତ ହୋଇ ପଡ଼ନ୍ତି । ଏହି ଶିଶୁଙ୍କ ନିକଟକୁ ସନ୍ନ୍ୟାସୀମାନଙ୍କ ଆଗମନ ଯେ କେଉଁଥିପାଇଁ, କିଏ ଏ କଥା ଜାଣନ୍ତି– ଉଦ୍ଦେଶ୍ୟ ବା କ'ଣ ? ଏହି ଶିଶୁଙ୍କୁ ଯେ କେହି ଦେଖନ୍ତି, ସେମାନେ ମୁଗ୍ଧ ହୁଅନ୍ତି । ସେ କଥା ଯେ ବୁଝେ ସେହି ବୁଝେ, ଆଉ ଜାଣନ୍ତି, ସେହି ଶିଶୁ ଓ ସେହି ସନ୍ନ୍ୟାସୀମାନେ । ସହୃଦୟ ପାଠକ ପାଠିକାମାନେ ଅନୁଗ୍ରହ କରି ଗ୍ରହଣ କରନ୍ତୁ, ଜନନୀଙ୍କ ବର୍ତ୍ତମାନ ଅବସ୍ଥା ଅବଗତ ହୋଇ ଆସିବା ।

୫

ଶ୍ରୀଶ୍ରୀଜନନୀଙ୍କ କଥା

ଶିବଚନ୍ଦ୍ର ଯେତେବେଳେ ପାବନାରେ ରହି ଠିକାଦାରୀ (କଣ୍ଟ୍ରାକ୍ଟରୀ) କରୁଥିଲେ ମନୋମୋହିନୀ ଦେବୀ ସେତେବେଳେ ପାବନା ବସାରେ ରହୁଥିଲେ । ସେଠାରେ ସେ ବଡ଼ ସୁଖରେ ଥାଆନ୍ତି । ସର୍ବଦା ଦାସଦାସୀ ପରିବୃତା ରହୁଥିଲେ । ପାଚକ ବ୍ରାହ୍ମଣ ଥିଲା । କୌଣସି ଅଭାବ ନଥିଲା । ଯେତେବେଳେ ତାଙ୍କର ଏହି ଜ୍ୟେଷ୍ଠପୁତ୍ରଙ୍କର ବୟସ ୪ ବର୍ଷ ସେତେବେଳ ପର୍ଯ୍ୟନ୍ତ ହିମାଇତପୁରରେ ବେଶ୍ ସୁଖ ସ୍ୱଚ୍ଛନ୍ଦରେ କାଳ କଟାଉଥିଲେ । ଶିବଚନ୍ଦ୍ର ଯଥେଷ୍ଟ ଅର୍ଥ ଦ୍ୱାରା ଶାଶୁ କୃଷ୍ଣସୁନ୍ଦରୀଙ୍କୁ ସାହାଯ୍ୟ କରୁଥିଲେ ।

ବାଲିକା ବୟସରେ ''ସଦ୍‌ଭାବଶତକ'' ଜନନୀଙ୍କର କଣ୍ଠସ୍ଥ ଥିଲା । ତାଙ୍କର ପାଠର ଜ୍ଞାନ ସର୍ବଦା ତାଙ୍କ ଜୀବନରେ ପ୍ରତିଫଳିତ ହେଉଥିଲା । ସେ କହନ୍ତି, ସେତେବେଳେ ସଦ୍‌ଭାବଶତକ ତାଙ୍କର ଗୁରୁସଦୃଶ ଥିଲା । କେହି ତାଙ୍କର ମନର ବ୍ୟଥା ବୁଝି ନ ପାରିଲେ ସେ ନିମ୍ନଲିଖିତ କବିତାଟି ମନେ କରି ଶାନ୍ତିଲାଭ କରୁଥିଲେ–

ଚିର ସୁଖୀଜନ ଭ୍ରମେ କି କଖନ
ବ୍ୟଥିତ ବେଦନ ବୁଝିତେ ପାରେ ?
କି ଯାତନା ବିଷେ ବୁଝିବେ ସେ କିସେ
କଭୁ ଆଶୀବିଷେ ଦଂଶେନି ଯାରେ;
ଯତଦିନ ଭବେ ନା ହବେ ନା ହବେ
ତୋମାର ଅବସ୍ଥା ଆମାର ସମ;
ଈଷତ୍ ହାସିବେ ଶୁନେ ନା ଶୁନିବେ
ବୁଝେ ନା ବୁଝିବେ ଯାତନା ମମ ।

କେହି ବିନା ଅପରାଧରେ କୌଣସି କାର୍ଯ୍ୟରେ ତାଙ୍କୁ ଦୋଷାରୋପ କଲେ ସେ ନିମ୍ନଲିଖିତ କବିତାଟି ମନେ ପକାଇ ଶାନ୍ତି ପାଉଥିଲେ–

ନା ଥାକେ ଯଦ୍ୟପି ଦୋଷ କାରେ ତବ ଭୟ
ଆଛାଡ଼େ ରଜକ ମ୍ଲାନ ବସନ ନିଚୟ ।

ପିତାଙ୍କ ମୃତ୍ୟୁରେ ଶୋକସନ୍ତପ୍ତ ଅବସ୍ଥା ମଧ୍ୟରେ ଅଂଶୀଦାରମାନେ ସମ୍ପତ୍ତି ନଷ୍ଟ କରିବାକୁ ସଚେଷ୍ଟ ହେବାରୁ ଏବଂ ଆର୍ଥିକ ଅବସ୍ଥା ଖରାପ ହେବାରୁ ସେ ନିମ୍ନଲିଖିତ ପଦ୍ୟଟି ପାଠ କରି ଶାନ୍ତିଲାଭ କରୁଥିଲେ–

ଯଦ୍ୟପି ଯତନ କରେ ଶତଜନ
ଜୀବନ ହରିତେ ଛଲେ ।
ତୁମି ସଖା ଯାର ବଲ ହେ ତାହାର
କି ଭୟ ଜଗତୀତଳେ ?
ତବ ପ୍ରେମସୁଧା ପିୟେ କ୍ଷୋଭକ୍ଷୁଧା
ଯେ-ଜନ ହରିତେ ପାରେ;
ବଲ, ପ୍ରିୟ ବଲ ଜଠର ଅନଳ
କି ଦୁଃଖ ଦିବେ ତାହାରେ;
ତବ ପ୍ରେମ ଧନେ ଧନୀ ଯେ ଅଧନେ
କେ ଦୀନ ତାହାରେ ବଲେ ?
ପ୍ରମତ୍ତ ସେ ନୟ ପ୍ରମତ୍ତ ଯେ ହୟ
ତବ ପ୍ରେମ ସୁରା ବଲେ ।
ପ୍ରଣୟେର ତାନେ ପ୍ରେମ ଗୁଣଗାନେ
ମାନସ ମୋହିତ ଯାର;
କୋକିଲ ନିସ୍ପନ ଅଖିଳ ଗୁଞ୍ଜନ
ହୟ କି ରଞ୍ଜନ ତାର ?
ପ୍ରେମ କୁତୂହଲେ ତବ ପ୍ରେମ-ଜଳେ
ଯେ-ଜନ ଦିୟେଛେ ଝାଁପ;

କହ ପ୍ରେମାଧାର କି କରିବେ ତାର
ବିରହ ତପନ ତାପ ?

ଜନନୀଙ୍କର ଦରିଦ୍ରତା

ବର୍ତ୍ତମାନଠାରୁ ଆମ୍ଭେମାନେ ଶିବଚନ୍ଦ୍ରଙ୍କୁ କର୍ତ୍ତା ବୋଲି ଉଲ୍ଲେଖ କରିବା— ଯେହେତୁ ସମସ୍ତେତାଙ୍କୁ କର୍ତ୍ତା ବୋଲି ସମ୍ବୋଧନ କରିଥାନ୍ତି ।

ଏହି ବାଳକଙ୍କ ଜନ୍ମ ଗ୍ରହଣର କିଛିକାଳ ପରେ କର୍ତ୍ତା କଠିନ ରୋଗାକ୍ରାନ୍ତ ହୋଇ କ୍ରମାଗତ କିଞ୍ଚିନ୍ନ୍ୟୂନାଧିକ ପାଞ୍ଚ ବର୍ଷ କାଳ କୌଣସିପ୍ରକାର କାର୍ଯ୍ୟକ୍ରମ ବା ଅର୍ଥୋପାର୍ଜନ କରିବାକୁ ସକ୍ଷମ ହୋଇ ନଥିଲେ । ଏହି ସୁଯୋଗ ପାଇ କେହି କେହି ରାମେନ୍ଦ୍ରଙ୍କର ସମ୍ପତ୍ତି ନଷ୍ଟ କରିବା ପାଇଁ ମାମଲା-ମୋକଦ୍ଦମା ଆରମ୍ଭ କଲେ । ସେତେବେଳେ କ୍ରମେ ସାଂସାରିକ ଅବସ୍ଥା ଅର୍ଥାଭାବ ହେତୁ ହୀନ ହୋଇ ପଡ଼ିଲା । ଶିବଚନ୍ଦ୍ରଙ୍କ ମଧ୍ୟମପୁତ୍ର କ୍ଷେପୁ (ବର୍ତ୍ତମାନ ପାବନାର ବି-ଏ, ବି-ଏଲ୍, ଓକିଲ ବାବୁ ପ୍ରଭାସଚନ୍ଦ୍ର ଚକ୍ରବର୍ତ୍ତୀ) ଜନ୍ମଗ୍ରହଣ କରିଥାନ୍ତି । ବର୍ଣ୍ଣନୀୟ ଏହି ବାଳକଙ୍କ ବୟସ ସେତେବେଳକୁ ପ୍ରାୟ ୪ ବର୍ଷ ମାତ୍ର । ଅଂଶୀଦାରମାନଙ୍କ ଚକ୍ରାନ୍ତରେ ଲୋକେ ମୋକଦ୍ଦମା କରି ରାମେନ୍ଦ୍ରଙ୍କର ସମ୍ପତ୍ତି ନିଲାମ କରାଇବାରୁ କର୍ତ୍ତା ସ୍ୱୋପାର୍ଜିତ ଅର୍ଥରେ ସମସ୍ତ ସମ୍ପତ୍ତି ଉଦ୍ଧାର କରିଥିଲେ ଏବଂ ଦେଣା ପରିଶୋଧ କରିଥିଲେ । କିନ୍ତୁ ରୋଗରେ ଅଶକ୍ତ ଥିବାରୁ ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ସେ ସମସ୍ତ ସମ୍ପତ୍ତି ନଷ୍ଟ ହେବାକୁ ଦେଲେ ନାହିଁ ସତ, କିନ୍ତୁ ନଗଦ ଅର୍ଥ ନ ଥିବାରୁ ରିକ୍ତହସ୍ତ ବା କପର୍ଦ୍ଦକ ଶୂନ୍ୟ ହୋଇ ପଡ଼ିଲେ ।

ସେହି ସମୟରେ ଏହି ବାଳକ ଜନନୀଙ୍କ ଦୁଃଖ ବୁଝିପାରି ଅମୃତମୟ ଖନଖନିଆ ସ୍ୱରରେ କହିଲେ— ''ମା ଭୟ ନାହିଁ, ତୁ ଖୁବ୍ ମୁଢ଼ି ଭାଜିବୁ, ଆଉ ମୁଁ ଖୁବ୍ ବିକିବି, ଲୋକେ ଖୁବ୍ ଖାଇବେ ଆଉ ତୋର ସେତେବେଳେ ଖୁବ୍ ଟଙ୍କା ହେବ ଦେଖିବୁ ।'' ଏହି କଥାର ଅର୍ଥ ସେତେବେଳେ କେହି ବୁଝିପାରି ନାହାନ୍ତି ସତ, କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଜନନୀଙ୍କର ବାସ୍ତବିକ ସେହି ଅବସ୍ଥା । ବର୍ତ୍ତମାନ ସେ ପ୍ରତ୍ୟହ ଶତ ଶତ ନରନାରୀଙ୍କୁ ଅନ୍ନଦାନ ଏବଂ ସର୍ବଶ୍ରେଷ୍ଠ ପ୍ରଣାଳୀର ଆଧ୍ୟାତ୍ମିକତା ଦାନ କରୁଛନ୍ତି । ଏହି ଗ୍ରନ୍ଥ ଶେଷ ପର୍ଯ୍ୟନ୍ତ ପାଠ କଲେ ତାହା ସମ୍ପୂର୍ଣ୍ଣରୂପେ ବୋଧଗମ୍ୟ ହେବ ।

ସେତେବେଳେ ଏପରି ଦୁରବସ୍ଥା ହୋଇଥିଲା ଯେ ଏହି ପଞ୍ଚମ ବର୍ଷ ବୟସ୍କ କଅଁଳିଆ ପିଲାଟିକୁ କର୍ତ୍ତାଙ୍କ ପାଇଁ ଔଷଧ ଆଣିବା ସକାଶେ ଦୁଇ ମାଇଲ ଦୂରବର୍ତ୍ତୀ ପାବନା ସହରକୁ ଯାତାୟାତ କରିବାକୁ ପଡୁଥିଲା ।

ଏହି କାର୍ଯ୍ୟରେ ପାବନାର ଇଚ୍ଛାମତୀ ନଦୀ ପାରିହେବା ସମୟରେ ଘାଟ ତଙ୍ଗାରେ ବାଳକର ଛତାଟି ହଜିଗଲା । ଏଥିରେ ଜନନୀଙ୍କ ପ୍ରାଣରେ ବଡ଼ ଆଘାତ ଲାଗିଥିଲା । ଜନନୀଙ୍କ ମନର ଦୁଃଖଦୂର କରିବା ପାଇଁ ଏହି କ୍ଷୁଦ୍ର ବାଳକ ବୁଦ୍ଧିକରି କହିଲେ, ''ମା, ଚିନ୍ତା କର ନା, ମୋର ଛତା ଦରକାର ହୁଏ ନା । ମୋର ଆଉ ଛତାର ପ୍ରୟୋଜନ ହେବ ନାହିଁ ।''

ଏତେ ଅଳ୍ପବୟସ୍କ ବାଳକର ଏପରି କ୍ଷମତାର କଥା ସାଧାରଣ ଲୋକଙ୍କ ବିଶ୍ୱାସଯୋଗ୍ୟ ନ

ହେଲେ ମଧ୍ୟ କଥାଟି ସତ୍ୟ । ସହୃଦୟ ପାଠକ ପାଠିକାଗଣ ଦୟାକରି ଟିକିଏ ଚିନ୍ତା କରନ୍ତୁ, ପରେ ଗ୍ରଲନ୍ତୁ, ଜନନୀଙ୍କର ଅନ୍ୟାନ୍ୟ ଅବସ୍ଥା ଦର୍ଶନ କରି ଆସିବା ।

ନିଜର ଏହି ଘୋର ବିପଦ ସତ୍ତ୍ୱେ ଅପରର ବିପଦ ଦେଖିଲେ ଜନନୀ ଅଧୀର ହୋଇ ପଡ଼ନ୍ତି ଏବଂ ସାହାଯ୍ୟ କରିବାକୁ ପ୍ରାଣପଣେ ଚେଷ୍ଟା କରନ୍ତି ।

ନାନା ଦିଗରୁ ତାଙ୍କର ସମ୍ପତ୍ତି ଉପରେ ଡିଗ୍ରୀଜାରି ଓ ନିଲାମ ହୋଇ ଗ୍ରଲିଥାଏ । ଅଦାଲତର ଚପରାଶୀ ଡିଗ୍ରୀଜାରି କରିବାକୁ ତାଙ୍କ ଘରକୁ ଆସି ତେଙ୍ଗୁରା ବଜାଉଛି, ଏପରି ସମୟରେ ଗ୍ରାମସ୍ଥ ଗରିବ ହରିବୋଲା ଭୂମିମାଳୀ ଅର୍ଥାଭାବରେ ବିପଦଗ୍ରସ୍ତ ହୋଇ ଜନନୀଙ୍କ ନିକଟକୁ ଆସି ସାହାଯ୍ୟ ପ୍ରାର୍ଥନା କଲା । ଜନନୀଙ୍କର ସେତେବେଳେ ଘରେ କୌଣସି ପ୍ରକାର ଅର୍ଥ ନଥିଲା । ନିଜର କୌଣସି ଅଳଙ୍କାର ମଧ୍ୟ ନଥାଏ । ସେ ହରିବୋଲାର ଦୁଃଖରେ ଅସ୍ଥିର ହୋଇ ପଡ଼ିଲେ । ଭାବିଲେ ''କଅଣ କରାଯିବ ? ନିଜ ବିପଦର ଯାହା ହେବାର ହେବ, ଏହାକୁ ବିପଦରୁ ଉଦ୍ଧାର କରିବାର ଉପାୟ କ'ଣ ?'' ଅବଶେଷରେ ପ୍ରଥମ ପୁତ୍ରର ହସ୍ତର ସୁବର୍ଣ୍ଣ ବଳୟ ଓ କଣ୍ଠସ୍ଥ ସୁବର୍ଣ୍ଣ ହାର ବନ୍ଧକ ରଖି ଟଙ୍କା କରଜ କରି ହରିବୋଲାକୁ ଏକ ଶତ ଟଙ୍କା ପ୍ରଦାନ କଲେ । ସେ ବିପଦରୁ ଉଦ୍ଧାର ଲାଭ କଲା । ସେହି ଟଙ୍କା ସେ ଆଉ ଦେଇ ପାରିନାହିଁ । ତା'ପରେ ପ୍ରାୟ ପଞ୍ଚବିଂଶ ବର୍ଷ ପରେ ବଙ୍ଗଳା ୧୩୨୭ ସାଲର ଭାଦ୍ରମାସରେ ହରିବୋଲାର ମୃତ୍ୟୁ ହୁଏ ।

ଏହି ଦରିଦ୍ରାବସ୍ଥା ଘଟିବା ପୂର୍ବେ କର୍ତ୍ତା ବହୁ ଲୋକଙ୍କୁ ଅନେକ ଟଙ୍କା ପଇସା ଧାର ଦେଇଥିଲେ । କିନ୍ତୁ ଏହି ସମୟରେ ତାହା ଆଦାୟ ହୋଇ ପାରିଲା ନାହିଁ । ସାମର୍ଥ୍ୟ ଥିଲେ ମଧ୍ୟ ବହୁଲୋକ ଟଙ୍କା ଦେଲେ ନାହିଁ । ଅନେକେ ଟଙ୍କା ଦେବାପାଇଁ ଅସମର୍ଥ ହୋଇ ପଡ଼ିଲେ । ପ୍ରକୃତ-ପକ୍ଷରେ ଜନନୀ ହିଁ ବର୍ତ୍ତମାନ ସଂସାରର କର୍ତ୍ତୀ । ତାଙ୍କର ଦୟା, ପରୋପକାର, ବୁଦ୍ଧିର ତୀକ୍ଷ୍ଣତା, ସାଂସାରିକ କାର୍ଯ୍ୟରେ ଅଭିଜ୍ଞତା ଓ ସୁଦକ୍ଷତା, କର୍ତ୍ତବ୍ୟନିଷ୍ଠା, ନ୍ୟାୟପରାୟଣତା ଓ ଧର୍ମଭାବ ଯୋଗୁଁ ସେ ବର୍ତ୍ତମାନ ପରିବାରର ପରିଗ୍ରଳିକା ହେଲେ । ତାଙ୍କ ମା' ନାମକୁ ମାତ୍ର କର୍ତ୍ତୀସ୍ଥାନୀୟା ହୋଇ ରହିଲେ । ଜନନୀଙ୍କ କାର୍ଯ୍ୟରେ ଓ ବ୍ୟବହାରରେ ପରିବାରର ଓ ଗ୍ରାମର ସମସ୍ତେ ପରମ ପ୍ରୀତିଲାଭ କରିବାକୁ ଲାଗିଲେ ।

ସେତେବେଳେ ନିଜର ସବୁ ଅର୍ଥ ପରହସ୍ତଗତ, ସୁତରାଂ ଜନନୀ ମନୋମୋହିନୀ ରିକ୍ତହସ୍ତା କପର୍ଦ୍ଦକ ଶୂନ୍ୟା ।

ତାଙ୍କର ଯେତେ ସୁନାର ଅଳଙ୍କାର ଥିଲା ତାହା ବନ୍ଧା ରଖି ଟଙ୍କା କରଜ କରି ପରିବାରର ଖର୍ଚ୍ଚ ଚଳାଇବାକୁ ପଡୁଥାଏ । ଯଦିଓ ସେ କଠିନ ଦରିଦ୍ରତାରେ ପଡ଼ିଥାନ୍ତି— ତଥାପି ସେ ସନ୍ତାନମାନଙ୍କୁ କୌଣସି ଦୁଃଖ କଷ୍ଟ ଭୋଗ କରିବାକୁ ଦେଇନଥିଲେ । ସେମାନଙ୍କୁ ଯଥୋପଯୁକ୍ତ ଆହାର ଓ ପୋଷାକ ପରିଚ୍ଛଦ ଦ୍ୱାରା ସୁଖସ୍ୱଚ୍ଛନ୍ଦରେ ରଖିଥିଲେ ।

ସେତେବେଳେ ଏପରି ଘୋର କଠିନ ଅବସ୍ଥା ହେଲା ଯେ ଅର୍ଥାଭାବରେ ସମୟ ସମୟରେ ଜନନୀଙ୍କୁ ଉପବାସରେ ରହିବାକୁ ପଡୁଥାଏ । ଏହି ଅବସ୍ଥାରେ ମଧ୍ୟ ସେ ଅତିଥି ସତ୍କାର ପରିତ୍ୟାଗ କରିନଥିଲେ । ପୈତୃକ କୌଣସି କୌଣସି ସମ୍ପତ୍ତି ଦେଣା ଭାରରେ କଣ୍ଠବନ୍ଧକ ଥିଲା, ସୁତରାଂ ତାହାର ଦଖଲ ପାଇଲେ ନାହିଁ । ଜଣେ ଆତ୍ମୀୟ ଏହି ସମୟରେ ହିମାଇତପୁରକୁ ଆସିଥିଲେ । ତାଙ୍କ

ଦେହରେ ଖଣ୍ଡେ ଛଅଟଙ୍କା ମୂଲ୍ୟର ଗ୍ୱଦର ଦେଖି କର୍ତ୍ତା ତାକୁ ସେହିପରି ଖଣ୍ଡେ ଗ୍ୱଦର ମାଗିଥିଲେ। ସେ ଏହିପରି ଗ୍ୱଦର କର୍ତ୍ତାଙ୍କୁ ଦେବେ ବୋଲି ପ୍ରତିଶ୍ରୁତି ଦେଇ କାର୍ଯ୍ୟସ୍ଥଳକୁ ଗ୍ୱଲିଗଲେ। ସେହି ଭଦ୍ରବ୍ୟକ୍ତି ଯଥା ଶୀଘ୍ର ତାଙ୍କ ଶ୍ୱଶୁରଙ୍କ ପାଇଁ ସେହିପରି ଖଣ୍ଡେ ଗ୍ୱଦର ପଠାଇଥିଲେ କିନ୍ତୁ କର୍ତ୍ତାଙ୍କ ନିକଟକୁ ପଠାଇଲେ ନାହିଁ, ଶେଷରେ ସମ୍ବାଦ ଦେଲେ ଯେ ସେହିପରି ଗ୍ୱଦର ଆଉ ମିଳୁନାହିଁ। ଏଥିରେ କର୍ତ୍ତା ଦୁଃଖିତ ହେଲେ। ତାଙ୍କ ଦୁଃଖ ଦେଖି ଜନନୀ ହୃଦୟରେ ବଡ଼ ବ୍ୟଥା ଅନୁଭବ କଲେ। ସେ କହିଲେ— "ଯେପରି ହେଉ ତୁମକୁ ମୁଁ ଶୀଘ୍ର ଖଣ୍ଡିଏ ଭଲ ଘୋଡ଼ିହେବା ଗ୍ୱଦର ନିଶ୍ଚୟ ଦେବି।" କର୍ତ୍ତା କହିଲେ, ହାୟ ! ହାୟ ! ବର୍ତ୍ତମାନ ଯେ ଅବସ୍ଥା, ତୁମେ ମୋତେ କିପରି ଘୋଡ଼ିହେବା ଗ୍ୱଦର ଦେବ ? ତୁମର ତ କୌଣସି ଉପାୟ ନାହିଁ ! ପୂର୍ବରେ ଯେତେବେଳେ ଅବସ୍ଥା ଭଲ ଥିଲା ସେ ସମୟରେ ଏବଂ ପୁନର୍ବାର ପରେ ଯେତେବେଳେ ଅବସ୍ଥା ଖୁବ୍ ଭଲ ହେଲା ସେତେବେଳେ ମଧ୍ୟ ସେହି ଆତ୍ମୀୟଜଣକ କେତେ ଆତ୍ମୀୟତା କରୁଥିଲେ ଓ କେତେ କ'ଣ ଉପହାର ଦେଉଥିଲେ।

ଏହି ସମୟରେ ଆତ୍ମୀୟ ସବ୍‌ଜଜ ବାବୁ ଯାଦବଚନ୍ଦ୍ର ଭଟ୍ଟାଗ୍ୟର୍ଯ୍ୟ ମହାଶୟଙ୍କ ପତ୍ନୀ ବସନ୍ତକୁମାରୀ ଦେବୀ ଦଶଟଙ୍କା ଦେଇ ଏକ ଯୋଡ଼ା ଭଲ ଘୋଡ଼ିହେବା ଗ୍ୱଦର କିଣି କର୍ତ୍ତାଙ୍କୁ ଦେଇଥିଲେ। ସେତେବେଳର ଦଶଟଙ୍କାର ଗ୍ୱଦର ବର୍ତ୍ତମାନ କାଳରେ ତିରିଶି ଟଙ୍କା ମୂଲ୍ୟର ଗ୍ୱଦର ତୁଲ୍ୟ। ସେହି ଗ୍ୱଦର ଦେଖି ମୋହିନୀମୋହନ ଚୌଧୁରୀ ମହାଶୟ କହିଲେ— "ଏ ଲୁଗାରେ ଭଲ କୋଟ୍ ହୁଏ।" ତେଣୁ ସେଥିରୁ ଫାଳେ କାଟି ମୋହିନୀବାବୁ ଓ କର୍ତ୍ତାଙ୍କର ଦୁଇଟି କୋଟ୍ କରାଗଲା। ଆଉ ଅନ୍ୟ ଫାଳକ କର୍ତ୍ତା ଘୋଡ଼ି ହେବା ଗ୍ୱଦର ରୂପେ ବ୍ୟବହାର କରିବାକୁ ଲାଗିଲେ। ପରେ ଜନନୀ ବସନ୍ତ କୁମାରୀଙ୍କୁ ସେହି ଦଶଟଙ୍କା ପରିଶୋଧ କରିଦେଲେ। ଦିନେ ଜନନୀ ଟଙ୍କାର ବିଶେଷ ଅଭାବବଶତଃ ଜଣେ ଆତ୍ମୀୟ ପ୍ରତିବେଶୀଙ୍କ ନିକଟକୁ ଗ୍ୱରୋଟି ମାତ୍ର ଟଙ୍କା ଧାର କରିବାକୁ ଯାଇଥିଲେ। ସେମାନେ ଜନନୀଙ୍କୁ ଦରିଦ୍ର ବୋଲି ଟଙ୍କା ଗ୍ୱରୋଟି ଧାର ଦେବାକୁ ସାହସ କଲେ ନାହିଁ। ଘରେ ଟଙ୍କା ଥିବା ସତ୍ତ୍ୱେ ମଧ୍ୟ ହଲପ୍ କରି କହିଲେ— "ଟଙ୍କା ନାହିଁ।" ପୁଣି କହିଲେ— "କ'ଣ କରିବି ମା, ଆହା ! ତୁମେ ଆସିଛ, ତୁମକୁ ଆମର ନ ଦେବାରେ କ'ଣ ଅଛି ? ଟଙ୍କା ଥିଲେ ଦେଇଥାନ୍ତି।" ଜନନୀ କହିଲେ— "ମୁଁ ଖାଲି ହାତରେ ଧାର ମାଗେ ନା, ମୋ କାନରେ ବର୍ତ୍ତମାନ ଗୋଟାଏ ସୁନାର ଫୁଲ ଅଛି। ସେହି ସୁନାଫୁଲଟିକୁ ରଖି ଗ୍ୱରୋଟି ଟଙ୍କା ଧାର ଦିଅ।" ସେତେବେଳେ ସେହି ସୁନାଫୁଲ କଥା ଶୁଣି ସେମାନେ ମନେ ମନେ ରାଜି ଓ ଖୁସି ହେଲେ ଏବଂ ପ୍ରକାଶ୍ୟରେ କପଟ କରି କହିଲେ— "ଟିକିଏ ଅପେକ୍ଷା କର, ଦେଖେ ଝିଅମାନଙ୍କ ମଧ୍ୟରୁ କାହାରିଠାରୁ ମିଳିପାରେ।" ଏପ୍ରକାର କହି ପରେ କାନଫୁଲ ବନ୍ଧକ ରଖି ଗ୍ୱରୋଟି ରୂପା ଟଙ୍କା ଜନନୀଙ୍କୁ କରଜ ଦେଲେ। ଗ୍ରାମର ଭୋଳାନାଥ ଗ୍ୱକୀ ପୂର୍ବେ ଜନନୀଙ୍କ ଘରେ ଗ୍ୱକିରି କରୁଥିଲେ। ସେ କହିଲେ— "ମା ତୁମର ଅନେକ ଖାଇଛି, ତୁମମାନଙ୍କର ଏହି ଅଭାବ, ଅଭାବ ନୁହେଁ। ଭଗବାନ ତୁମମାନଙ୍କୁ ପରୀକ୍ଷା କରୁଛନ୍ତି। କର୍ତ୍ତାଙ୍କର ରୋଗ ମଧ୍ୟ ଭଲ ହୋଇଯିବ। ତୁମର ସମ୍ପତ୍ତି ମଧ୍ୟ ଫେରି ପାଇବ।" ଏହା କହି ସେ ଗ୍ୱରୋଟି ଟଙ୍କା ଦେଇ କାନଫୁଲଟି ମୁକୁଳାଇ ଦେଲେ, ଆଉ କହିଲେ— "ମା, ଯେତେବେଳେ ପାରିବ ସେତେବେଳେ ଏ ଟଙ୍କା ଦେବ। ନ ପାରିଲେ ଦେବ ନାହିଁ।" ସେହି ଗ୍ୱକୀ ମହାଶୟ ଆହୁରି ଅନେକ ସାହାଯ୍ୟ ମଧ୍ୟ କରୁଥିଲେ।

ଦୁରବସ୍ଥା ଯୋଗୁଁ ଜନନୀ ଭିକାରୀମାନଙ୍କ ନିକଟରୁ ଭିକ୍ଷାଲବ୍ଧ ଗ୍ୱଉଳ ସୁଲଭ ବୋଲି କ୍ରୟ କରିବାକୁ ଆରମ୍ଭ କଲେ। କିନ୍ତୁ ସେହି କାର୍ଯ୍ୟ ବଡ଼ ଦୋଷାବହ ବୋଲି ଲୋକେ ନିଷେଧ କରିବାରୁ ତାହା ମଧ୍ୟ ଆଉ କରିପାରିଲେ ନାହିଁ।

ଏହିପରି ଦୁର୍ଦ୍ଦଶା ସମୟରେ ଦିନେ ତେରଜଣ ଅତିଥି ଉପସ୍ଥିତ ହେଲେ। ସେତେବେଳେ ଘରେ ମାତ୍ର ତିନିସେର ଗ୍ୱଁଉଳ ଥିଲା। ଅନ୍ୟ କୌଣସି ଦ୍ରବ୍ୟ ମଧ୍ୟ ନଥିଲା। କିନ୍ତୁ ସେଥିରେ ଜନନୀ ଅତିଥିଙ୍କୁ ପ୍ରତ୍ୟାଖ୍ୟାନ କରି ନାହାନ୍ତି। ସେହିଦିନ ଡାକ୍ତର ବାବୁ ବସନ୍ତ କୁମାର ଚୌଧୁରୀ ମହାଶୟ ଜନନୀଙ୍କୁ ସାହାଯ୍ୟ କରିଥିଲେ। ମଝିରେ ମଝିରେ ସେ ଏବଂ ତାଙ୍କ ବଡ଼ ଭାଇ ମୋହିନୀ ବାବୁ ପ୍ରାୟ ଏପରି ସାହାଯ୍ୟ କରୁଥିଲେ।

ଏହିପରି ଆଉ ଦିନେ ଘରେ କିଛି ନାହିଁ, ଅତିଥି ଆସି ଉପସ୍ଥିତ। ଜନନୀ ସେମାନଙ୍କୁ ନ ଫେରାଇ ଅତିଥି ସତ୍କାର କଲେ। ତାଙ୍କ ନିଜ ପାଇଁ ଯେଉଁ ସାମାନ୍ୟ ଖାଦ୍ୟ ଅବଶିଷ୍ଟ ଥିଲା ତାହା ହଠାତ୍ ଗୋଟିଏ ଶୃଗାଳ ଲୁକ୍‌କାୟିତ ଭାବରେ ଆସି ଉଦରସାତ୍ କରି ପଳାଇ ଗଲା। ଭଗବାନଙ୍କର କି କଠୋର ପରୀକ୍ଷା ! ଏହି ଘଟଣା ଅଗତ୍ୟ ହୋଇ ବସନ୍ତ, ବାବୁ ଜନନୀଙ୍କୁ ତାଙ୍କ ଘରେ ଆହାର କରିବାକୁ ଅନୁରୋଧ କରିବାରୁ ସେ ସେଥିରେ ସ୍ୱୀକୃତ ହେଲେ ନାହିଁ। ସେ ଉପବାସୀ ରହିଲେ।

ଏହି ସମୟରେ ଗୋଟିଏ ବ୍ରାହ୍ମଣ ଘରେ ଜଣେ ମହିଳା ସନ୍ତାନ ପ୍ରସବ କଲେ। ଗୃହସ୍ୱାମୀ ପରୋପକାର ବ୍ରତପରାୟଣା ଜନନୀଙ୍କୁ ଆହ୍ୱାନ କରିବାରୁ ଜନନୀ ସେହି ଗୃହକୁ ଗମନ କରି ପ୍ରସୂତିର ସେବା-ଶୁଶ୍ରୁଷା କରିବାକୁ ଲାଗିଲେ। ଦିନେ ହଠାତ୍ ତାଙ୍କର କର୍ଣ୍ଣଗୋଚର ହେଲା ଯେ ସେ ଘରର ଲୋକେ କହୁଛନ୍ତି— "ମନୋକୁ ଖାଇବାକୁ ଦେଲେ ସେ କାମ କରିଦେବ।" ଆତ୍ମପଜ୍ଞାନ ଜ୍ଞାନ ଜନନୀଙ୍କର ଯଥେଷ୍ଟ ଥିଲା। ଇଆଡ଼େ କର୍ତ୍ତବ୍ୟ ଜ୍ଞାନ ମଧ୍ୟ ଯଥେଷ୍ଟ ଥିଲା। ତେଣୁ କରି ସେ ଆଉ ସେ ଘରେ ଅନ୍ନ ଗ୍ରହଣ କଲେ ନାହିଁ। ନିଜ ଘରେ ଆହାର କରି ସେମାନଙ୍କ କାର୍ଯ୍ୟ କରି ଦେଉଥିଲେ। ଯେତେଦିନ ଆବଶ୍ୟକ ହୋଇଥିଲା— ସେତେଦିନ ସେ ସେମାନଙ୍କ କାର୍ଯ୍ୟର କ୍ଷତି କରି ନାହାଁନ୍ତି। ଏହି ସମୟରେ ବେଳେବେଳେ ସେ ଛିନ୍ନ ବସ୍ତ୍ରର ଦୁଇ ତିନିଖଣ୍ଡ ଅଥବା କ୍ଷୁଦ୍ର କ୍ଷୁଦ୍ର ଗ୍ୱରିଖଣ୍ଡ ଏକତ୍ର ସିଲାଇ କରି ଗୋଟା ଲୁଗାରେ ପରିଣତ କରି ପିନ୍ଧି ଦିନ ଯାପନ କରୁଥିଲେ।

ଦିନେ କାଶୀପୁର ଗ୍ରାମର ଜମିଦାର ସ୍ୱର୍ଗତ କୈଳାସଚନ୍ଦ୍ର ରାୟ ଚୌଧୁରୀ ମହାଶୟଙ୍କ ଘରେ ନିମନ୍ତ୍ରଣ ଉପଲକ୍ଷେ ଜନନୀଙ୍କର ଯିବାର ବିଶେଷ ଆବଶ୍ୟକ ହେଲା। କର୍ତ୍ତା କହିଲେ— "ଏପରି ହୀନବସ୍ତ୍ରରେ ନ ଯିବା ଭଲ।" ଜନନୀ କହିଲେ— "ଯିବା ହିଁ କର୍ତ୍ତବ୍ୟ।" ଖଣ୍ଡେ ମଇଳା ଲୁଗା ଛଡ଼ା ଘରେ ଆଉ ଲୁଗା ନାହିଁ। ସେତେବେଳେ ସେହି ଲୁଗା ଖଣ୍ଡିକ ପରିଷ୍କାର କରି ନେବା ପାଇଁ ସୋଡ଼ା ପାଣିରେ ପିଞ୍ଚାଇଲେ। କିନ୍ତୁ "ଛିଦ୍ରେଷୁ ଅନର୍ଥା ବହୁଳୀ ଭବନ୍ତି" ହେଲା। ଲୁଗା ଖଣ୍ଡିକ ପିଞ୍ଚାଇବାରୁ ପ୍ରାୟ କୋଡ଼ିଏ ଜାଗାରେ ପୋଡ଼ିଗଲା। ସେଥିରେ ମଧ୍ୟ ବୀରା ରମଣୀଙ୍କର ଅଧ୍ୟବସାୟରେ ହୀନଚା ବା ଧୈର୍ଯ୍ୟଚ୍ୟୁତି ହୋଇନାହିଁ। ବୁଦ୍ଧିମତୀ ଓ ସହିଷ୍ଣୁ ପ୍ରତ୍ୟୁତ୍ପନ୍ନମତିତ୍ୱ ବଳରେ ଭଗ୍ନୋତ୍ସାହ ହେଲେ ନାହିଁ। ସେ ଖଣ୍ଡେ ଧଳା ଲୁଗାର ଧଡ଼ିରେ ଲାଲବର୍ଣ୍ଣ ସୂତା ଦ୍ୱାରା ଚିନୋଟି ଲେଖାଏଁ ରେଖାପରି ସିଲାଇ କରି ତଅଁର ପ୍ରସ୍ତୁତ କରିନେଲେ। ତା'ପରେ ସେହି ଲୁଗା ପିନ୍ଧି କାଶୀପୁର ଯାଇ ନିମନ୍ତ୍ରଣ ରକ୍ଷା କରିବା ସଙ୍ଗେସଙ୍ଗେ କର୍ତ୍ତାଙ୍କର ତଥା ବଂଶର ମାନ ରକ୍ଷା କଲେ।

ସେତେବେଳେ ହୁକୁର ମହାରାଜ ଦୟା କରି ଅର୍ଥ ଦ୍ୱାରା ଜନନୀଙ୍କୁ ଯଥେଷ୍ଟ ସାହାଯ୍ୟ କରିବାକୁ ଲାଗିଲେ। ପ୍ରଥମେ ଜନନୀ କହିଲେ— "ଲୋକମାନେ ଗୁରୁଙ୍କୁ ଦିଅନ୍ତି, ଆଉ ମୁଁ ଗୁରୁଙ୍କ ଅର୍ଥ ଗ୍ରହଣ

କରିବି, ସେ କିପରି କଥା ! ମୁଁ ମରିଗଲେ ମଧ୍ୟ ଏପରି ଅର୍ଥ ଗ୍ରହଣ କରିପାରିବି ନାହିଁ ।'' ତହିଁରେ ହୁକୁର ମହାରାଜ କହିଥିଲେ– ''ତୁମେ ମୋତେ ପର ବୋଲି ଭାବ ନାହିଁ । ତୁମର ଓ ମୋର ଅର୍ଥ ପୃଥକ ନୁହେଁ, ଏକ । ବର୍ତ୍ତମାନ ତୁମର ଅଭାବ, ତୁମେ ନିଅ । ପରମପିତାଙ୍କ କୃପାରେ ତୁମର ଏହି ପରୀକ୍ଷାର ସମୟ ଶୀଘ୍ର କଟିଯିବ । ତୁମର ଅବସ୍ଥା ଖୁବ୍ ଭଲ ହେବ । ସେତେବେଳେ ତୁମେ ପୁଣି ମୋତେ ଦେବ ।'' ପରେ ଅବସ୍ଥା ଭଲ ହେବାରେ ଜନନୀ ଏଲାହାବାଦକୁ (ଗୁରୁଙ୍କ ନିକଟକୁ) ଟଙ୍କା ପଠାଉଥିଲେ ଏବଂ ବର୍ତ୍ତମାନ ମଧ୍ୟ ପଠାନ୍ତି । ଏହି ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଜନନୀ ହୁକୁର ମହାରାଜ ଏବଂ ଦୟାଲ ଶରଣଙ୍କର ପତ୍ର ପାଠ କରି ଉତ୍ସାହ ଓ ଆନନ୍ଦ ପ୍ରାପ୍ତ ହେବାକୁ ଲାଗିଲେ ଏବଂ ପ୍ରାୟ ଭଜନରେ ଅଚଳା ଭକ୍ତି ଯୋଗୁଁ ପରମାନନ୍ଦରେ ଧୈର୍ଯ୍ୟପ୍ରାପ୍ତ ହୋଇ ଶାନ୍ତିରେ କାଳ କଟାଇବାକୁ ଲାଗିଲେ ।

୬

ଅମାନିଶାର ଅବସାନ

ଆମର ବର୍ଣ୍ଣନୀୟ ବାଳକ ସପ୍ତମବର୍ଷରେ ପଦାର୍ପଣ କରିଛନ୍ତି । ବର୍ତ୍ତମାନ ଜନନୀଙ୍କ ପ୍ରତି ପରମପିତାଙ୍କ ପରୀକ୍ଷା ଶେଷ ହୋଇ ଆସିଲା । ଦୁଃଖନିଶା ପ୍ରଭାତ ହୋଇ ସୁଖ-ସୂର୍ଯ୍ୟୋଦୟର ଇଙ୍ଗିତ ପରିଦୃଷ୍ଟ ହେଲା । ମୟମନସିଂହ ଜିଲ୍ଲା ଅନ୍ତର୍ଗତ ରାମଗୋପାଳପୁର ପୋଷ୍ଟ ଅଫିସ ଅଧୀନସ୍ଥ ଗୋଲକପୁରର ଜମିଦାର ରାଜା ✓ ହରିଶ୍ଚନ୍ଦ୍ର ଚୌଧୁରୀଙ୍କ ପତ୍ନୀ ରାଣୀ ଅମୃତ ସୁନ୍ଦରୀ ଜନନୀଙ୍କର ପିତୃସ୍ୱସା (ପିଉସୀ) ଥିଲେ । ସେ ଜନନୀଙ୍କୁ ଡାକି ଗୋଲକପୁର ନେଇଗଲେ । ଏଥିପୂର୍ବେ ଜନନୀ ତାଙ୍କ ଦୁଃଖଦାରିଦ୍ର୍ୟର କଥା ରାଣୀ ଠାକୁରାଣୀଙ୍କୁ ଜଣାଇ ନଥିଲେ । ସେଠାରେ ଜନନୀଙ୍କୁ ଦର୍ଶନ କରି ଓ ତାଙ୍କର ସାଂସାରିକ ଅବସ୍ଥା ବିଷୟ ଶୁଣି କର୍ତ୍ତାଙ୍କୁ ତାଙ୍କ ଜମିଦାରୀର ଏକ ସ୍ଥାନର ମ୍ୟାନେଜର (କାର୍ଯ୍ୟାଧ୍ୟକ୍ଷ) ରୂପେ ନିଯୁକ୍ତ କରିନେଲେ । ସେତେବେଳେ ଦୁଃଖ-ଦୈନ୍ୟ ସମସ୍ତ ବିଦୂରିତ ହୋଇ କ୍ରମେ ବେଶ୍ ଅର୍ଥାଗମ ହେବାକୁ ଲାଗିଲା ।

କର୍ତ୍ତା ପ୍ରଥମେ ୧୩୦୧ ସାଲରେ ମୟମନସିଂହରେ, ପରେ ସୁନ୍ଦରପୁରରେ, ତାହାପରେ ୧୩୦୪-୫ ସାଲରେ ଢାକା ଜିଲ୍ଲା ଅନ୍ତର୍ଗତ ଆମିରାବାଦରେ କାର୍ଯ୍ୟରେ ନିଯୁକ୍ତ ହେଲେ । ଆମିରାବାଦ କଚେରିରେ ସେ ପ୍ରାୟ ବାରବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

ସୁଖ ସୂର୍ଯ୍ୟୋଦୟ

''ଚିରଦିନ କେବେ ସମାନ ଯାଏ ନା ।'' ''ଚକ୍ରବତ୍ ପରିବର୍ତ୍ତନ୍ତେ, ଦୁଃଖାନି ଚ ସୁଖାନି ଚ ।'' ସୁଖ-ଦୁଃଖ ଚକ୍ରବତ୍ ପରିବର୍ତ୍ତିତ ହୋଇଥାଏ । ଆମର ଜନନୀଙ୍କ ଭାଗ୍ୟରେ ମଧ୍ୟ ସେହି ନିୟମର ବ୍ୟତିକ୍ରମ ହୋଇ ନାହିଁ । ଜନନୀ ଯେତେବେଳେ ପ୍ରଥମଦିନ ଆମିରାବାଦ ଯାତ୍ରା କଲେ

ସେତେବେଳେ ସେ ବାଷ୍ପୀୟପୋତ (ଷ୍ଟିମର) ର ପ୍ରଥମଶ୍ରେଣୀର କୋଠରୀରେ ଅବସ୍ଥାନ କରିଥିଲେ । ତାଙ୍କର ସାଦାସିଧା ସାଧାରଣ ବେଶଭୂଷା ଦେଖି ସହଯାତ୍ରୀ ଧନୀ ସ୍ତ୍ରୀଲୋକମାନେ ତାଙ୍କୁ ଆକାର ଇଙ୍ଗିତରେ ଉପାହାସ କରିଥିଲେ । ଷ୍ଟିମର ଘାଟରେ ପହଞ୍ଚିବା ପରେ ଜନନୀଙ୍କୁ ରାଜକୀୟ ମର୍ଯ୍ୟାଦାରେ ଅଭ୍ୟର୍ଥନା କରିବା ପାଇଁ ଘାଟରେ ପର୍ଦ୍ଦାର ବନ୍ଦୋବସ୍ତ ହେଲା । ଢାଲ, ତରବାରି, ବନ୍ଧୁକ ଓ ବଡ଼ ବଡ଼ ପୋଷାକୀ ବହୁଲୋକ ଶ୍ରେଣୀବଦ୍ଧ ଭାବରେ ଦଣ୍ଡାୟମାନ ହେଲେ । ଦାମାମାବାଦ୍ୟ (ବଡ଼ ବଡ଼ ଢୋଲ) ବାଜିବାକୁ ଲାଗିଲା । ଗୁଡୁମ୍ ଗୁଡୁମ୍ ଶବ୍ଦରେ ବନ୍ଧୁକ ଗର୍ଜ୍ଜି ଉଠିଲା । ଜନନୀ ଷ୍ଟିମର ଘାଟରୁ କୂଳକୁ ଆସିବାମାତ୍ରେ ପ୍ରଜାମାନେ ପ୍ରଣାମୀ ବା ନଜର-ସଲାମୀ ସ୍ୱରୂପ ପନ୍ଦର ଶହ ମୁଦ୍ରା ଜନନୀଙ୍କୁ ଦେଇ ପ୍ରଣାମ କଲେ । ଘୁଙ୍କଚକ୍ୟମୟ ବହୁମୂଲ୍ୟ ବସନ-ଭୂଷଣରେ ସୁସଜ୍ଜିତା ଧନ-ଜନ-ଯୌବନ-ମଦଗର୍ବିତା ଧନୀ ରମଣୀଗଣ ଏହି ସମସ୍ତ ଘଟଣା ଦେଖି ଜନନୀଙ୍କ ପ୍ରତି ସେମାନଙ୍କ ବିଦ୍ରୂପାତ୍ମକ ବ୍ୟବହାର ପାଇଁ ବିଶେଷଭାବେ ଲଜ୍ଜିତା ହେଲେ । ଜନନୀ ଆମିରାବାଦ କଚେରିରେ ବାସ କରିବାକୁ ଲାଗିଲେ । କର୍ତ୍ତା ଯେଉଁ ନିଜର ସଲାମୀ ଓ ବନ୍ଦୋବସ୍ତ ସଲାମୀ ପାଆନ୍ତି ତାହାର ତିନି ଚତୁର୍ଥାଂଶ ସରକାରରେ ଜମା ହେବ ଏବଂ ଏକ ଚତୁର୍ଥାଂଶ ସେ ପାଇବେ ଏପରି ବନ୍ଦୋବସ୍ତ ଥିଲା । ବସାଖର୍ଚ୍ଚ ବାବଦ ସେ ପ୍ରତି ମାସରେ ଶହେ ତିନି ଟଙ୍କା ରାଣୀ ଠାକୁରାଣୀଙ୍କ ସରକାରରୁ ପାଉଥିଲେ । ଜନନୀ ମଧ୍ୟ ପ୍ରତିଦିନ ପୃଥକ୍ ଭାବରେ ପ୍ରଣାମୀ ପାଉଥିଲେ । କର୍ତ୍ତା ମଫସଲ ଗଲେ ଦୈନିକ ଖୋରାକି ଖର୍ଚ୍ଚ ବାବଦ ପୃଥକ ଟଙ୍କାର ବ୍ୟବସ୍ଥା ଥିଲା । ଯେତେବେଳେ ଜନନୀ କଚେରିରେ ବାସ କରୁଥିଲେ ସେ ସମୟରେ ରାଣୀ ଠାକୁରାଣୀ ତାଙ୍କ ପାଇଁ ପୃଥକ୍ ଭାବରେ ମାସକୁ ୨୦ ଟଙ୍କା ଦେଉଥିଲେ । ଏହି ହିସାବରେ ସେ ସମୟରେ ସେମାନଙ୍କର ଯଥେଷ୍ଟ ଅର୍ଥାଗମ ହେବାକୁ ଲାଗିଲା । କର୍ତ୍ତାଙ୍କ ବସାଘରେ ଏପରି ବନ୍ଦୋବସ୍ତ ଥିଲା ଯେ ଆହାରାନ୍ତେ ପରିଗୃରିକାମାନେ ଜନନୀଙ୍କ ହାତ ଧୋଇ ଦେଉଥିଲେ । ଆହାରାନ୍ତେ, ଶୟନକକ୍ଷକୁ ଯିବା ସମୟରେ ଜନନୀଙ୍କ ମସ୍ତକରେ ଛତ୍ରଧାରଣ କରାଯାଉଥିଲା । ତାଙ୍କୁ ବ୍ୟଜନ କରିବା ପାଇଁ ପୃଥକ୍ ପରିଗୃରିକାର ବନ୍ଦୋବସ୍ତ ଥିଲା । ଚଟି ଜୋତା ବ୍ୟବହାର କରିବା ପାଇଁ ମଧ୍ୟ ବ୍ୟବସ୍ଥା ଥିଲା । କିନ୍ତୁ ଜନନୀ ତାହା ବ୍ୟବହାର କରୁ ନଥିଲେ । ବାହାର ଘରେ ରୋଷେଇ କରିବାର ସମସ୍ତ ସୁବ୍ୟବସ୍ଥା ଥିବା ସତ୍ତ୍ୱେ ମଧ୍ୟ ଜନନୀ ଅନ୍ଦରମହଲରେ ନିଜେ ରାନ୍ଧି ଆହାରାଦି କରୁଥିଲେ ।

ଥରେ ଜଣେ କଲେକ୍ଟର ସାହେବଙ୍କୁ ଜନନୀ ନିଜ ହାତରନ୍ଧା ତରକାରି ଓ ପିଠା ପ୍ରଭୃତି ଖୁଆଇ ତାଙ୍କଠାରୁ ପ୍ରଶଂସା ଓ ଧନ୍ୟବାଦ ପାଇଥିଲେ ।

ପୂର୍ବୋଲ୍ଲିଖିତ ଭୋଳାନାଥ ଗୁକ୍ଲାର ଭ୍ରାତା କୋକନଚନ୍ଦ୍ର ଗୁକ୍ଲା ଏହି ସମୟରେ ଜନନୀଙ୍କ ବସାଘରେ ଗୁକିରି କରୁଥିଲା । ବର୍ତ୍ତମାନ ମଧ୍ୟ ସେ କର୍ତ୍ତାଙ୍କ କାର୍ଯ୍ୟରେ ନିଯୁକ୍ତ ରହିଅଛି । ଏଣିକି ଅବସ୍ଥାର ପରିବର୍ତ୍ତନ ଏପରି ହେଲା ଯେ ପ୍ରାୟ ସଦାସର୍ବଦା ଶତାଧିକ ଟଙ୍କା ଜନନୀଙ୍କ ଶଯ୍ୟାତଳେ ଥାଏ । ମଝିରେ ମଝିରେ ବଜ୍‌ରାରେ (ବୋଟ୍‌ରେ) ମେଘନା ନଦୀରେ ବାୟୁ ସେବନ ପାଇଁ ଜନନୀ ବାହାରୁ ଥିଲେ । ସେ ସମୟରେ ତାଙ୍କର ସଜ୍ଜାନାର୍ଥେ ଢୋଲ ବଜା ହେଉଥିଲା ।

ଜନନୀଙ୍କ ପ୍ରତିଭା ଏହି ସମୟରେ ସେ ସ୍ଥାନରେ ଏତେଦୂର ପ୍ରକାଶିତ ହୋଇପଡ଼ିଲା ଯେ ରାଣୀଙ୍କ ଆଦେଶରେ ଜମିଦାରୀ ସଂକ୍ରାନ୍ତ କାର୍ଯ୍ୟବ୍ୟବସ୍ଥା ଜନନୀଙ୍କୁ ଚିକ୍ ବା ପରଦାର ଅନ୍ତରାଳରେ ରହି କରିବାକୁ ପଡୁଥିଲା । ରାଣୀ ଠାକୁରାଣୀ ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ ଏବଂ ବିଶ୍ୱାସ ମଧ୍ୟ

କରୁଥିଲେ । ଥରେ ରାଣୀ ଠାକୁରାଣୀଙ୍କ ସହିତ ଏକ ବଡ଼ ଜମିଦାରଙ୍କର ମାଲିମୋକଦ୍ଦମା ଓ ଦଙ୍ଗା ଘଟିଥାଏ, ସେ ସମୟରେ ରାଣୀ ଠାକୁରାଣୀ ପଦର ମ୍ୟାନେଜରଙ୍କୁ କହିଲେ, ''ଏହି କାର୍ଯ୍ୟ ସମ୍ବନ୍ଧରେ ମୋତେ ପଚ୍ଛରିବାର ଆବଶ୍ୟକ ନାହିଁ, ମନୋମୋହିନୀଙ୍କ ଆଦେଶମତେ କାର୍ଯ୍ୟ କରିବେ ।'' ସେତେବେଳେ ରାଣୀ ଠାକୁରାଣୀଙ୍କ ସହିତ ଜନନୀ କାଶୀରେ ରହୁଥିଲେ ।

ଗୁରୁଙ୍କର କୃପାରୁ ଜନନୀଙ୍କ ଅବସ୍ଥାର ଯେତେବେଳେ ପରିବର୍ତ୍ତନ ହେଲା ଏବଂ ଯଥେଷ୍ଟ ଅର୍ଥାଗମ ହେବାକୁ ଲାଗିଲା ସେତେବେଳେ ✓ କୈଳାସଚନ୍ଦ୍ର ରାୟ ମହାଶୟ ବହୁ ଟଙ୍କା ପ୍ରାପ୍ୟ ଥିବା ସତ୍ତ୍ୱେ ମାତ୍ର ଷ୍ଟ୍ରିଶହ ଟଙ୍କା ନେଇ ତାଙ୍କୁ (ଜନନୀଙ୍କୁ) ତାଙ୍କର ପୈତୃକ ସମ୍ପତ୍ତି ଫେରାଇ ଦେଲେ ।

ଦୟାଳ ଶରଣ ଥରେ କହିଥିଲେ, ''ମନୋମୋହିନୀଙ୍କ ଏହି ବଡ଼ ପୁଅ ପୂର୍ଣ୍ଣାନନ୍ଦ ପ୍ରଦାନ କରିବ ।'' ବଡ଼ପୁଅର ଭାଗ୍ୟ ବଳରେ ଜନନୀ ଯେ ପୂର୍ଣ୍ଣାନନ୍ଦ ପ୍ରାପ୍ତ ହେବେ ତାହାର କ'ଣ ଏହି ସୂଚନା ? ଏହି ଧରଣର ଆନନ୍ଦ କ'ଣ ଆହୁରି ବର୍ଦ୍ଧିତ ହେବ ? ଅଥବା ସେ ପୂର୍ଣ୍ଣାନନ୍ଦ ଏଭଳି ନୁହେଁ, ତାହା ଭିନ୍ନ ପ୍ରକାରର ଆନନ୍ଦ ! ଦେଖାଯାଉ ଏହାପରେ କ'ଣ ଘଟୁଛି ।

ଯେଉଁଦିନ ଜନନୀ ଆମିରାବାଦ ଯାତ୍ରା କରନ୍ତି, ସେଦିନ ଗୁରୁବାର ଥିଲା । କୌଣସି କାରଣବଶତଃ ଜନନୀଙ୍କର ସେଦିନ ଯାତ୍ରା କରିବାକୁ ଇଚ୍ଛା ନଥିଲା । ସେଥିପାଇଁ ସେ କହିଲେ, ''ଆଜି ଗୁରୁବାର, ଯିବା ଭଲ ନୁହେଁ ।'' ତାହା ଶୁଣି ଆମର ବର୍ତ୍ତମାନ ଏହି ମାତୃଭକ୍ତ, ବାଳକ କହିଲେ— ''ତୁମେ ଗୁରୁବାରରେ ଯାତ୍ରାର କାମ ସାରିଦେଲ ।'' ଏ କଥାର ମର୍ମ ଏହି ଯେ ତାଙ୍କ ଜନନୀଙ୍କ କଥା କେବେ ମିଥ୍ୟାହେବ ନାହିଁ । ସୁତରାଂ ଗୁରୁବାର ଦିନ ଯାତ୍ରା କଲେ ନିଶ୍ଚୟ ଅମଙ୍ଗଳ ହେବ । ଏହି ଆଶ୍ଚର୍ଯ୍ୟ ବାଳକଙ୍କ କଥା ମିଥ୍ୟା ହେଲା ନାହିଁ । ଆମିରାବାଦ ଯିବା ପରେ ଜନନୀଙ୍କର ସୁତିଲା ନାମକ କନ୍ୟାଟିର ମୃତ୍ୟୁ ହୁଏ । ତାହାପରେ ଆଉଥରେ ସେହିପରି ଗୁରୁବାର ଦିନ ଯାତ୍ରା କରିବା ପରେ ଟ୍ୟାଁରା ନାମକ ପୁତ୍ରଟିର ମୃତ୍ୟୁ ହୁଏ । ସେହି ଦିନଠାରୁ ଜନନୀଙ୍କର ଗୁରୁବାର ଦିନଟି ଏକ ଆତଙ୍କର ବିଷୟ ହୋଇରହିଲା । ଗୁରୁବାରକୁ ଅଗ୍ରାହ୍ୟ କରି ଯାତ୍ରା କଲେ ତାଙ୍କର କୌଣସି ନା କୌଣସି ଦୁର୍ଘଟଣା ଘଟୁଥିଲା । ଏହିପରି ଭାବରେ ନିଜ ବାକ୍ୟ ବନ୍ଧନରେ ନିଜେ ଆବଦ୍ଧ ହୋଇଗଲେ । ବହୁଥରର ଅଭିଜ୍ଞତାଫଳରେ ତାଙ୍କୁ ଶେଷରେ ଗୁରୁବାର ଦିନ ଯାତ୍ରା କରିବା ବନ୍ଦ କରିବାକୁ ପଡ଼ିଲା ।

ଟ୍ୟାଁରାର ମୃତ୍ୟୁ ପୂର୍ବେ ଦେଖାଗଲା ଯେ ସେ ହାରମୋନିୟମ୍ ଶୁଣିଲେ ବେଶ୍ ଶାନ୍ତି ପାଏ, ରୋଗ ଯନ୍ତ୍ରଣାର ଉପଶମ ବୋଧ ହୁଏ । ଆଉ ହାରମୋନିୟମ୍ ବନ୍ଦ କରିଦେଲେ ପୁଣି ଚିତ୍କାର କରି କାନ୍ଦେ । ତା'ର ମୃତ୍ୟୁ ହେବା ପର୍ଯ୍ୟନ୍ତ, ଏହିସବୁ ହେବାକୁ ଲାଗିଲା । ସେ କେବଳ କହିବାକୁ ଲାଗିଲା — ''ଦାଦା, ହା-ମୋନି ଚଲାଅ, ଦାଦା, ହା-ମୋନି ଚଲାଅ ।'' ଏହିପରି ହାରମୋନିୟମ୍ ଶୁଣୁ ଶୁଣୁ ତାହାର ପ୍ରାଣବାୟୁ ଉଡ଼ିଗଲା । ମହାପୁରୁଷମାନେ କହନ୍ତି— ''ସେ ପୂର୍ବ ଜନ୍ମରେ ଶଙ୍ଖଯୋଗୀ ଥିଲା ।''

ଈଶ୍ୱରବାବୁଙ୍କର ସ୍ତ୍ରୀଙ୍କ ନିକଟରୁ ହୁକୁର ମହାରାଜଙ୍କ ଛବି (ଫଟୋ) ଦର୍ଶନର ପ୍ରାୟ ଛଅବର୍ଷ ପରେ ଜନନୀ କଲିକତାରେ ରାଣୀ ଠାକୁରାଣୀଙ୍କ ବସାଘରକୁ ଯାଇଥିଲେ । ସେଠାରେ ଶୁଣିଲେ ହୁକୁର ମହାରାଜ କଲିକତାରେ ଶ୍ରୀଯୁକ୍ତ ନିର୍ମଳ ବାବୁଙ୍କ ଘରକୁ ଆସିଛନ୍ତି । ରାଣୀ ଠାକୁରାଣୀ ଜନନୀଙ୍କୁ ସେ ଥର ଦେଖା କରିବାକୁ ଦେଲେ ନାହିଁ । ପରେ କାଶୀରେ ତାଙ୍କ ସହିତ ଦେଖା ହୋଇଥିଲା ।

ସ୍ୱପ୍ନଦୃଷ୍ଟ ଗୁରୁ ହୁକୁର ମହାରାଜ ଜୀବିତ ଥିବା ସମୟରେ ଜନନୀଙ୍କର କୌଣସି ସନ୍ତାନ ନଷ୍ଟ

ହୋଇନଥିଲା । ତତ୍‌ପରବର୍ତ୍ତୀ ସପ୍ତ ସଦ୍‌ଗୁରୁ ମହାରାଜ ସାହେବଙ୍କ ସମୟରେ ତାଙ୍କର କେତୋଟି ସନ୍ତାନର ମୃତ୍ୟୁ ହୁଏ । ଟ୍ୟାଁରାର ମୃତ୍ୟୁ ପରେ ଜନନୀଙ୍କ ଦ୍ୱିତୀୟ ପୁତ୍ର ପ୍ରଭାସ ଅତ୍ୟନ୍ତ ପୀଡ଼ିତ ହୁଅନ୍ତି । ପ୍ରାୟ ଛଅବର୍ଷ କଲିକତା ଓ ଦେଓଘର (ବୈଦ୍ୟନାଥଧାମ) ପ୍ରଭୃତି ନାନା ସ୍ଥାନରେ ଚିକିତ୍ସା କରାଇ ଜଳବାୟୁ ପରିବର୍ତ୍ତନ କରି ମଧ୍ୟ କୌଣସି ଫଳ ହେଲାନାହିଁ । ତେଣୁ ଜନନୀ ସେହି ରୁଗ୍‌ଣ ପୁତ୍ରଟିକୁ ନେଇ କାଶୀରେ ମହାରାଜ ସାହେବଙ୍କ ପାଖରେ ଯାଇ ପହଞ୍ଚିଲେ । ସେ କହିଲେ, ''ଆହା, ତୁମର କେତୋଟି ସନ୍ତାନ ମରିଯାଇଛନ୍ତି, ଏ ବି ମୃତପ୍ରାୟ ! ଆହା, ତୁମର କେତେ ଦୁଃଖ ।'' ଜନନୀ କହିଲେ— ''ମୋ ସମ୍ମୁଖରେ ମୃତ୍ୟୁ ହେଉ— ସେଥିରେ ମୋର ଦୁଃଖ ନାହିଁ । ମୋତେ କେବଳ ଦୁଃଖ ସହ୍ୟ କରିବାର ଶକ୍ତି ଦିଅନ୍ତୁ ।'' ସେ କହିଲେ, ''ଏତେ ଦେଶ ବୁଲି ବୁଲି ସନ୍ତାନ ଗୁଡ଼ିକୁ ହରାଇଲ । ଏଇଟିକୁ ନେଇ ନିଜ ଦେଶକୁ ଫେରିଯାଅ । ଯଦି ମରିବାର ଥାଏ ତ ନିଜ ମାଟିରେ ମରୁ । ନ ହେଲେ ଯା' ହେବାର ନିଜ ଘରେ ହେଉ ।''

ପ୍ରଭାସର ସେତେବେଳେ ପ୍ଲିହାକୃତ । ଯକୃତରେ ସ୍ଫୋଟକ । ତାକୁ ନେଇ ଜନନୀ ନିଜ ଘରକୁ ଫେରିଲେ । ସେତେବେଳେ ପ୍ରଭାସ ହଠାତ୍ କଲେରା ରୋଗରେ ମୃତପ୍ରାୟ ହୋଇ ବଞ୍ଚିଉଠିଲେ ଏବଂ ସେଥି ସଙ୍ଗେସଙ୍ଗେ ସେ ସମସ୍ତ ରୋଗରୁ ମୁକ୍ତିଲାଭ କଲେ ।

ନିଜ ସଂସାରର ରକ୍ଷଣାବେକ୍ଷଣ ପାଇଁ ଲୋକର ଅଭାବ ହେତୁ କର୍ତ୍ତା ସେତେବେଳେ ସେହି କାର୍ଯ୍ୟ ପରିତ୍ୟାଗ କରି ଦେଶକୁ ଫେରି ଆସିଲେ । ପିଲାମାନେ ପାବନାରେ ବିଦ୍ୟାଭ୍ୟାସ କରିବାକୁ ଲାଗିଲେ ।

ଜନନୀ ପ୍ରତିଦିନ ସକାଳେ ସନ୍ତାନମାନଙ୍କ ଦ୍ୱାରା ସତ୍‌ସଙ୍ଗ ଓ କୀର୍ତ୍ତନାଦି କରାଉଥାନ୍ତି ।

ଜନନୀଙ୍କ ସନ୍ତାନ ସଂଖ୍ୟା

ଜନନୀଙ୍କ ଗର୍ଭରେ ନଅଟି ସନ୍ତାନ ଜନ୍ମଗ୍ରହଣ କରିଥିଲେ । ପ୍ରଥମ ଆମ୍ମମାନଙ୍କ ବର୍ତ୍ତମାନ ଏହି ଅତିମାନବ ଅତ୍ୟାଶ୍ଚର୍ଯ୍ୟ ବାଳକ । ଦ୍ୱିତୀୟ— ପ୍ରଭାସ ଓରଫ କ୍ଷେପୁ । ତୃତୀୟ— କୁମୁଦ ଓରଫ ବାଦଲ । ଚତୁର୍ଥ— (ମୃତ) ଟ୍ୟାଁରା । ପଞ୍ଚମ— (ମୃତା) ସୁତିଲ୍ । ଷଷ୍ଠ— (ମୃତା) ନିର୍ମଳା । ସପ୍ତମ— (ମୃତା) ଫାଲଗୁନୀ । ଅଷ୍ଟମ— (ମୃତା) ବିଶ୍ୱବିଜୟ । ନବମ କନ୍ୟା— ଗୁରୁପ୍ରସାଦୀ ।

ଗୁରୁ ଓ ସଦ୍‌ଗୁରୁ

ଜନନୀ ସ୍ୱପ୍ନଦୃଷ୍ଟ ସଦ୍‌ଗୁରୁଙ୍କ ନିକଟରୁ ସର୍ବପ୍ରକାର ଭଜନ-ସାଧନ ପଦ୍ଧତି ଶିକ୍ଷା କରିଥିଲେ । ସୁତରାଂ ବଂଶପରମ୍ପରା କ୍ରମିକ ଗୁରୁଙ୍କ ନିକଟରୁ ତାହାଙ୍କୁ ଆଉ ଦୀକ୍ଷା ଗ୍ରହଣ କରିବାକୁ ହୋଇନାହିଁ । ବିଶେଷତଃ ସଦ୍‌ଗୁରୁ ଲାଭ ହିଁ ଶାସ୍ତ୍ର ଓ ବିଧିସଙ୍ଗତ କାର୍ଯ୍ୟ । ତଥାପି ଅନେକ ସମୟରେ ଅନେକ ଆତ୍ମୀୟ-ସ୍ୱଜନ ଭ୍ରମାତ୍ମକ ସଂସ୍କାର ଓ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ତାହାଙ୍କୁ କହନ୍ତି, ''ତୁମେ କୁଳଗୁରୁଙ୍କ ନିକଟରୁ ମନ୍ତ୍ର ନ ନେଇ ସ୍ୱପ୍ନଦୃଷ୍ଟ ସନ୍ନ୍ୟାସୀଙ୍କ ନିକଟରୁ ମନ୍ତ୍ର ନେଇଅଛ, ସେଥିପାଇଁ ତୁମର

କେତୋଟି ସନ୍ତାନ ନଷ୍ଟ ହେଲା।'' ତାହା ଶ୍ରବଣ କରି ଜନନୀ ଉତ୍ତର ଦିଅନ୍ତି– ''କୁଳଗୁରୁ ଅନୁପଯୁକ୍ତ, ବା ଚରିତ୍ରହୀନ, ସାଧନ-ସମ୍ପତ୍ତିହୀନ ହେଲେ ମଧ୍ୟ ତାଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିବାକୁ ହେବ– ଏପରି କଥା ଶାସ୍ତ୍ରରେ ନାହିଁ। ଆଉ ମଧ୍ୟ, ତାହା ବିବେକାନୁମୋଦିତ ନୁହେଁ। ଜଣେ ଅନ୍ଧ କିପରି ଆଉ ଜଣେ ଅନ୍ଧକୁ ପଥ ଦେଖାଇବ ? ଲୋକ-ଦେଖାଣିଆ ଗୁରୁକରଣ କାର୍ଯ୍ୟରେ ତ ସିଦ୍ଧିଲାଭ ହୁଏନାହିଁ। ଯଦି ପ୍ରକୃତ ଦୀକ୍ଷାଗ୍ରହଣ କରିବାକୁ ହୁଏ ତାହାହେଲେ ସଦ୍‌ଗୁରୁ ବ୍ୟତୀତ, ପ୍ରକୃତ ଗୁରୁ ବ୍ୟତୀତ, ଲଘୁତର ବ୍ୟକ୍ତି ଦ୍ୱାରା ସେ କାର୍ଯ୍ୟ ହୋଇପାରେ ନାହିଁ। ସଦ୍‌ଗୁରୁ ନ ହେଲେ ଠିକ୍ ଠିକ୍ ଆଦର୍ଶ ହୋଇ ପାରେ ନାହିଁ। ଯେଉଁ ବ୍ୟକ୍ତି ଲୋକଙ୍କର ଆଧ୍ୟାତ୍ମିକ ଉନ୍ନତିର ସହାୟତା କରିବାରେ ସମର୍ଥ ନୁହେଁ, ସେ ବଂଶ ହିସାବରେ ଗୁରୁବଂଶର ଲୋକ ପଟ, କିନ୍ତୁ ଗୁରୁ ହୋଇପାରେ ନାହିଁ। ଯେଉଁ ଗୁରୁ ଭଗବାନ୍ ଲାଭ କରାଇ ପାରନ୍ତି, ସେହି ଗୁରୁ ହିଁ ଗୁରୁ। ଆଉ ଆପଣମାନେ କୁଳଗୁରୁ ବା ବଂଶର ଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିଅଛନ୍ତି, ତେବେ ଆପଣମାନଙ୍କର ସନ୍ତାନର ମୃତ୍ୟୁ ହୁଏ କାହିଁକି ? ଆପଣମାନଙ୍କ ମଧ୍ୟରେ ଅନେକଙ୍କର ତ ଅନେକ ସନ୍ତାନ ମୃତ୍ୟୁମୁଖରେ ପତିତ ହୋଇଛନ୍ତି। ଆପଣମାନେ କୁଳଗୁରୁ ଧରି ଶୋକଦୁଃଖରେ ଅଧୀର ହୋଇ ନିରାନନ୍ଦରେ କାଳ କଟାଇଛନ୍ତି। ଆଉ, ସଦ୍‌ଗୁରୁ କୃପାରେ ତାଙ୍କର ଆଶ୍ରୟରେ ରହି ସନ୍ତାନ ଶୋକରେ ମୋତେ ଅଧୀରା ହେବାକୁ ହେଉନାହିଁ। ନିରାନନ୍ଦରେ କାଳ କଟାଇବାକୁ ହେଉନାହିଁ। ସେ ଅନୁଗ୍ରହ ପୂର୍ବକ ଭୀଷଣ ଶୋକତାପ ସହ୍ୟ କରିବାର ଶକ୍ତିମୋତେ ପ୍ରଦାନ କରିଅଛନ୍ତି। ଆଉ, ଯଦି କୁଳଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ ନ କରି ସଦ୍‌ଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ ଅନ୍ୟାୟ ହୋଇଥାଆନ୍ତା, ତାହାହେଲେ ଭଗବାନଙ୍କ ନିକଟରେ କାତର ପ୍ରାର୍ଥନାରେ ମୋର ବାଲ୍ୟାବସ୍ଥାରେ ସେ କେବେହେଲେ ସ୍ୱପ୍ନରେ ମୋତେ ଏହି ସଦ୍‌ଗୁରୁ ଲାଭ କରାଇ ଦେଇନଥାନ୍ତେ। ଅଥବା ମୋର ସ୍ୱପ୍ନରେ ଏହି ମନ୍ତ୍ର, ''ସତ୍ୟନାମ'' ଲାଭ ହୋଇ ନଥାନ୍ତା। ଆପଣମାନଙ୍କର କି ଭ୍ରାନ୍ତ ଧାରଣା ! ସ୍ୱୟଂ ଭଗବାନ୍ ହିଁ ଯେ ସଦ୍‌ଗୁରୁ ଅଥବା ସଦ୍‌ଗୁରୁ ହିଁ ଭଗବାନ।''

୭

ଶ୍ରୀଶ୍ରୀଠାକୁରଙ୍କ ବାଲ୍ୟଲୀଳା

ରାଜା ସଜାଇବା

ଗ୍ରାମର ବାଳକଗଣ ଏହି ବାଳକଙ୍କୁ ଖୁବ୍ ଭଲ ପାଆନ୍ତି। ସେମାନେ ନାନା ରୂପର ଫୁଲ ଓ ପତ୍ରର ମାଳା ଏବଂ ମୁକୁଟ ପ୍ରସ୍ତୁତ କରି ଏହି ବାଳକଙ୍କୁ ରାଜା ସଜାଇ ଖେଳନ୍ତି। ସେମାନଙ୍କ ମଧ୍ୟରେ କେହି କେହି ତାହାଙ୍କୁ ପ୍ରଭୁ ବୋଲି ସମ୍ବୋଧନ କରନ୍ତି। ବର୍ତ୍ତମାନ ଜଣେ ଯୁବକ ଗଭର୍ଣ୍ଣମେଣ୍ଟ ଅଫିସରେ କାର୍ଯ୍ୟ କରନ୍ତି, ତାଙ୍କର ନାମ ଦେବେନ୍ଦ୍ର। ସେ ବର୍ତ୍ତମାନ ମଧ୍ୟ ତାହାଙ୍କୁ ପ୍ରଭୁ ବୋଲି ମାନ୍ୟ କରନ୍ତି।

ବାଲ୍ୟକାଳରେ କ୍ରୀଡ଼ା ଛଳରେ ଅଲୌକିକ ଦୁଗ୍ଧପାନ

ସମୟ ସମୟରେ ଅନ୍ୟାନ୍ୟ ବାଳକଙ୍କୁ ସଙ୍ଗରେ ନେଇ ନିଜ ଘରର ଚାଟିବାଡ଼ର ଛିଦ୍ରପଥରେ ନଳ ପ୍ରବିଷ୍ଟ କରାଇ ଦୁଗ୍ଧ ପାତ୍ରରୁ ଦୁଗ୍ଧ ଶୋଷି ପିଆଉଥିଲେ ଓ ପିଉଥିଲେ। ପଗ୍ଭରିଲେ ମିଛ କଥା

ନ କହି ସମସ୍ତ ସ୍ୱୀକାର କରୁଥିଲେ। ଭବିଷ୍ୟତ ପାଇଁ ସାବଧାନ କରିବାକୁ ଯାଇ ଦିନେ ଜନନୀ ତାଙ୍କର ଗାଲରେ ଗୋଟିଏ ଗ୍ଭପୁଡ଼ା ମାରିଲେ। ସେ ଅଭିମାନ ସହକାରେ କାନ୍ଦି କାନ୍ଦି ନିକଟରେ ଥିବା ଆମ୍ବବଗିଚାକୁ ଯାଇ ବସିରହିଲେ। କିଛିକ୍ଷଣ ପରେ କେହି କେହି ଦେଖିବାକୁ ପାଇଲେ ଜଣେ ଅତି ସୁନ୍ଦରୀ, ସୁବେଶୀ, ସାଲଙ୍କୃତା, ଜ୍ୟୋତିର୍ମୟୀ ଯୁବତୀଙ୍କ କୋଳରେ ବସି ବାଳକ ଦୁଗ୍ଧ ପାନ କରୁଛନ୍ତି। ସେମାନେ ନିକଟବର୍ତ୍ତୀ ହୁଅନ୍ତେ, ରମଣୀ ଅଦୃଶ୍ୟା ହେଲେ। ବାଳକ ହସିବାକୁ ଲାଗିଲେ।

ଆମ୍ର ଲୁଣ୍ଠନ

ଗ୍ରାମରେ ଜଣେ ବୃଦ୍ଧା ଥିଲେ। ତାଙ୍କର ବାଡ଼ିରେ ବହୁତ ଆମ୍ବଗଛ ଥିଲା। ଗଛ ଗୁଡ଼ିକରେ ଯଥେଷ୍ଟ ଆମ୍ବ ଫଳୁଥିଲା। ଆମ୍ବ ପାଚିଗଲେ ସେ ଦୂରରେ ସେଗୁଡ଼ିକୁ ନିକ୍ଷେପ କରୁଥିଲେ। ତଥାପି ବାଳକମାନଙ୍କୁ କିମ୍ବା ଅନ୍ୟ କାହାରିକୁ ଭକ୍ଷଣ କରିବାକୁ ଦେଉନଥିଲେ। ଏହି ବାଳକ ଦିନେ ଅନେକ ବାଳକଙ୍କୁ ଏକତ୍ରିତ କରାଇ ବଳପୂର୍ବକ ବୃଦ୍ଧାର ଗୃହରେ ପ୍ରବେଶ କରି ଆମ୍ର ଲୁଣ୍ଠନ କରିବାକୁ ଆରମ୍ଭ କଲେ। ବୃଦ୍ଧା ଭୟ ଦେଖାଇଲେ ଏବଂ କ୍ରୋଧ ପ୍ରକାଶ କରିଲେ। ତାହା ବାଳକ-ଦଳପତି ଗ୍ରାହ୍ୟ କରିଲେ ନାହିଁ। ବୃଦ୍ଧା କାରଣ ଜିଜ୍ଞାସା କରିବାରୁ ବାଳକ କହିଲେ– ''ତୁମେ ନଷ୍ଟ କରି ଫୋପାଡ଼ି ଦେଇପାର, ଆଉ ଛୋଟ-ଛୋଟ ବାଳକମାନଙ୍କୁ ଦେଇପାରନାହିଁ ?'' ବୃଦ୍ଧା ସେତେବେଳେ ବାଳକମାନଙ୍କୁ ଆମ୍ର ପ୍ରଦାନ କରିବାକୁ ପ୍ରତିଜ୍ଞାବଦ୍ଧ ହେବାରୁ ବାଳକ ସଦଳବଳେ ଶାନ୍ତ ହୋଇ ପ୍ରସ୍ଥାନ କରିଲେ। ବୃଦ୍ଧା ବହୁ ଚେଷ୍ଟା କରି ମଧ୍ୟ ଏହି ବାଳକଙ୍କୁ ଶାସନ କରିନପାରି ଆନୁଗତ୍ୟ ସ୍ୱୀକାର କରିଥିଲେ।

ଉଦ୍ୟାନ ଅଧିକାର

ଜନନୀ ଯେତେବେଳେ ପ୍ରଥମେ ଗୋଲକପୁରରେ ଥିଲେ ସେହି ସମୟରେ ରାଣୀ ଠାକୁରାଣୀଙ୍କ ଫଳ ଓ ପୁଷ୍ପୋଦ୍ୟାନରେ ଛୋଟ ବାଳକମାନଙ୍କର ପ୍ରବେଶାଧିକାର ନଥିଲା। ସେଥିରେ ଆମ୍ବମାନଙ୍କର ଏହି ବାଳକ ନେତୃତ୍ୱ ଗ୍ରହଣ କରି ବହୁ ବାଳକଙ୍କ ସମଭିବ୍ୟାହାରରେ ସମୟ ସମୟରେ ବଗିଗ୍ଭରେ ପ୍ରବେଶ କରୁଥିଲେ, ଫୁଲଫଳ ନେଉଥିଲେ ଏବଂ ଡାଳ ଭାଙ୍ଗି ବଗିଗ୍ଭ ନଷ୍ଟ କରୁଥିଲେ। ଦ୍ୱାରପାଳଗଣ ସମସ୍ତ ବାଳକଙ୍କୁ ଶାସନକରି ପାରୁଥିଲେ କିନ୍ତୁ, ଏହି ବାଳକଙ୍କ ସାକ୍ଷୁଖୀନ ହୋଇ କିଛି କହିବାକୁ କାହିଁକି ସେମାନଙ୍କର ସାହସ ହେଉନଥିଲା। ସେମାନେ ତାଙ୍କ ନିକଟରେ ମନ୍ତ୍ରମୁଗ୍ଧବତ୍ ହୋଇ ରହୁଥିଲେ। କର୍ତ୍ତୃପକ୍ଷଙ୍କ ଶାସନ ସତ୍ତ୍ୱେ ସେମାନେ ପ୍ରତିକାର କରିବାରେ ଅସମର୍ଥ ହେବାରୁ ଏହି ବାଳକଙ୍କ ହାବଭାବ ଓ କାର୍ଯ୍ୟକଳାପର କଥା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଲା। ବାଳକଙ୍କୁ ଏହିପରି କରିବାର କାରଣ ପଗ୍ଭରିବାରୁ ସେ କହିଲେ– ''ଛୋଟ ପିଲାମାନଙ୍କୁ ବଗିଗ୍ଭରେ ପ୍ରବେଶାଧିକାର ଦେଲେ ଆଉ କୌଣସି ଅନିଷ୍ଟ ହେବ ନାହିଁ।'' ସେତେବେଳେ ସେମାନେ ବାଳକମାନଙ୍କୁ ବଗିଗ୍ଭରେ ପ୍ରବେଶ କରିବା ପାଇଁ ଅନୁମତି ଦେଲେ। ବାଳକ ସନ୍ତୁଷ୍ଟ ହୋଇ ଅତ୍ୟାଗ୍ଭର ବନ୍ଦ କରିଲେ।

ଲୋଭ ଦମନ

ବାଲ୍ୟକାଳରେ ବିଦ୍ୟାଳୟରୁ ଗୃହକୁ ପ୍ରତ୍ୟାଗମନ କରିବା ସମୟରେ ଦିନେ ରସଗୋଲା

ଦୋକାନ ନିଜଟ ଦେଇ ଯିବା ସମୟରେ ରସଗୋଲା ଖାଇବାକୁ ବଡ଼ ଲୋଭ ହୋଇଥିଲା । ପ୍ରାୟଶଃ ସେ ସେହି ଦୋକାନରେ ରସଗୋଲା ଖାଉଥିଲେ । କିନ୍ତୁ, ଯେତେବେଳେ ତାଙ୍କର ମନେ ହେଲା ଲୋଭ ତାଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ପ୍ରୟାସୀ ସେତେବେଳେ ସେ ଭାବିଲେ— ''ଦେଖିବା, ଲୋଭ ତୁ କିପରି ମୋତେ ରସଗୋଲା ଦୋକାନକୁ ନେଇଯାଇ ପାରୁ'' — ଏହା କହି ଘାସୁରେ ଶୋଇ ପଡ଼ିଲେ । ଏହି ବାଳକଙ୍କ ଜୀବନରେ ଆସକ୍ତି ମଧ୍ୟ ଅଲୌକିକ, ପୁନଶ୍ଚ ଦୌର୍ଭାଗ୍ୟ ମଧ୍ୟ ଅନନ୍ୟସାଧାରଣ । ଆସକ୍ତି ଦେଖିଲେ ମନେହୁଏ ଏତେ ଆସକ୍ତି ପୁରୁଷ ଜଗତରେ ବୋଧ ହୁଏ ଆଉ ଦ୍ୱିତୀୟ ନାହିଁ । ଆଉ, ସେହି ଆସକ୍ତିର ବସ୍ତୁ ପରିତ୍ୟାଗ ବିଷୟରେ ମଧ୍ୟ ମନେହୁଏ ସେ ଦି ଅଦ୍ୱିତୀୟ । ତାଙ୍କର ଭିତରେ ଦୃଷ୍ଟ ହୁଏ ଗୋଟିଏ ଅସମ୍ଭବ ମାନସିକ ଶକ୍ତିର କାର୍ଯ୍ୟକାରିତା । ଏହି ଶକ୍ତି ଯେଉଁ ଦିଗରେ ଧାବିତ ହୁଏ ସେହି ଦିଗରେ ଅନିବାର୍ଯ୍ୟ ବେଗରେ ଘୁଲିଥାଏ ।

ଦେବ ଦର୍ଶନ

ବାଳକ ଦିନେ ରାତ୍ରକାଳରେ କୌଣସି ଏକ ବାଲ୍ୟବନ୍ଧୁ ସହ ଗୃହରେ ଶୟନ କରିଥିଲେ । ସହସା ବନ୍ଧୁ ବାଳକଟି ନିଦ୍ରୋତ୍‌ଥିତ ହୋଇ ଦେଖିଲେ ଗୃହ ଆଲୋକିତ । ଏକ ଜ୍ୟୋତିର୍ମୟ ଆକାଶ ସଦୃଶ ନୀଳବର୍ଣ୍ଣ ପୁରୁଷ ଏହି ବାଳକଙ୍କ ନିକଟରେ ଦଣ୍ଡାୟମାନ । ଘଟଣା କ'ଣ ପଗୁରିବାରେ ଦୃଶ୍ୟ ଅଦୃଶ୍ୟ ହୋଇଲେ ।

ଶିକ୍ଷକଙ୍କ ପ୍ରତି ଭକ୍ତି

ଏକଦା ବିଦ୍ୟାଳୟରେ କୌଣସି ଜଣେ ଶିକ୍ଷକ ଏହି ବାଳକଙ୍କୁ ଭଲ ପୋଷାକ ପରିଧାନ କରି ଆସିବାକୁ କହିଥିଲେ । ଏହି ବାଳକ କହିଲେ— ''ଆପଣଙ୍କ ଆଦେଶ ମୁଁ ପାଳନ କରିବି, କିନ୍ତୁ, ଯଦି କୌଣସି ଦିନ ଭୁଲ୍ ହୁଏ ସେଦିନ କ'ଣ ହେବ ?'' ଅର୍ଥାତ୍ ଭୁଲିଯାଇ ଏହି ଆଦେଶ ଅମାନ୍ୟ କରାହେଲେ ଗୁରୁଭକ୍ତିର ଲଘୁତା ହେତୁ ଅପରାଧ ହେବ । ଶିକ୍ଷକ ମଧ୍ୟ ଉତ୍ତର ଦିଅନ୍ତି, ନାହିଁ, ଏହି ବାଳକ ମଧ୍ୟ ଛାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି । ଶେଷରେ ଶିକ୍ଷକ କହିଲେ— ''ଭୁଲ୍ ହେଲେ ତୁମର ଦୋଷ ହେବ ନାହିଁ ।'' ସେତେବେଳେ ଏହି ବାଳକ ଶାନ୍ତ ହେଲେ । ଏହିରୂପେ ପ୍ରାଣପଣେ ଏହି ବାଳକ ଗୁରୁବାକ୍ୟ ପାଳନ କରିବା ପାଇଁ ଚେଷ୍ଟା କରୁଥିଲେ ।

ବିଦ୍ୟାଳୟରେ ଶୀତ କାଳରେ ଅଦ୍‌ଭୁତ କାଣ୍ଡ

ବିଦ୍ୟାଳୟରେ ଶୀତକାଳରେ କାଷ୍ଠାସନର (ବେଞ୍ଚର) ଉପରେ ବସିବାକୁ ଯାଇ ନିତାନ୍ତ-ଦେଶରେ ଥଣ୍ଡା ଅନୁଭୂତ ହେବାରୁ ବାଳକ ଅନ୍ୟାନ୍ୟ ବାଳକଙ୍କୁ ଗାତ୍ରବସ୍ତ୍ର ବେଞ୍ଚର ଉପରେ ବିସ୍ତାର ପୂର୍ବକ ଉପବେଶନ କରିବାକୁ ଅନୁରୋଧ କରିଲେ । ଅନ୍ୟ ବାଳକମାନେ ସମ୍ମତ ହେଲେ ନାହିଁ । ସେତେବେଳେ ସେ ନିଜର କୋଡ଼ିଏ-ପଚିଶ ଟଙ୍କାର ଗୋଟିଏ ଉତ୍ତମ ଗାତ୍ରବସ୍ତ୍ର କାଟି ଲମ୍ବାଲମ୍ବି ଖଣ୍ଡ ପ୍ରସ୍ତୁତ କରି ସମସ୍ତଙ୍କ ବେଞ୍ଚ ଉପରେ ବିଛାଇ ଦେଇ ସେମାନଙ୍କର ଉପବେଶନର ସୁବିଧା କରିଦେଲେ । ଗୃହ ପ୍ରତ୍ୟାଗତ ହେବାରେ ଜନନୀ ପଗୁରିବାରୁ ସତ୍ୟ କଥା କହିଦେଲେ । ସେଥିରେ ଜନନୀ ଅତ୍ୟନ୍ତ ଭର୍ତ୍ସନା କରିଲେ । ସେତେବେଳେ ସେ ବିଦ୍ୟାଳୟରୁ ସେହି ଖଣ୍ଡ-ସମୂହ

ଆନୟନପୂର୍ବକ ଜନନୀଙ୍କୁ ପ୍ରଦାନ କରିଲେ ଏବଂ କହିଲେ— ''ପିଲାଙ୍କର ଥଣ୍ଡାରେ ବସିବାକୁ ବଡ଼ କଷ୍ଟ ହେଉଥିଲା ସେଥିପାଇଁ ଏହି ଲୁଗା କାଟି ବେଞ୍ଚ ଉପରେ ବିଛାଇ ଦେଇଥିଲି ।'' ସମସ୍ତେ ଶ୍ରବଣ କରି ଅବାକ୍ ହୋଇଗଲେ ।

ସତ୍ୟନାମରେ ଜ୍ୟୋତିଃଦର୍ଶନ ଓ ମୂର୍ଚ୍ଛା

ଏହି ବାଳକ ଯେତେବେଳେ କ୍ରୋଡ଼ସ୍ଥ ପୁନ୍ୟପାୟୀ ଶିଶୁ ସେହି ସମୟରେ ଦିନେ ଜନନୀ.... ସତ୍ୟନାମ ଏହାଙ୍କ କର୍ଣ୍ଣରେ ପ୍ରଦାନ କଲେ । ସେ ସେତେବେଳେ ତାହା ଶୁଣି ବା ବୁଝିପାରି ନଥିଲେ । ପରେ ବାଲ୍ୟକାଳରେ ଖୁବ୍ ନାମ କରୁଥିଲେ । ଜନନୀ-ପ୍ରଦତ୍ତ ନାମ ବୋଲି ନୁହେଁ— ସେ ଆପେ ଆପେ ନାମ କରୁଥିଲେ, ସତ୍ୟନାମ ସ୍ପୃଷ୍ଟ ତାଙ୍କ ମନରେ ଉଦିତ ହେଉଥିଲା । ସେ ନାମ କରୁ କରୁ ବିଭୋର ହୋଇ ଯାଉଥିଲେ । କୌଣସି ସାଧନା ଉଦ୍ଦେଶ୍ୟରେ ନାମ କରୁନଥିଲେ । ନାମ କରିବାକୁ ଭଲ ଲାଗୁଥିବାରୁ ନାମ କରୁଥିଲେ । ସମୟ ସମୟରେ ନାମ କରୁ କରୁ ପ୍ରକାଣ୍ଡ ଓ ଅଦ୍‌ଭୁତ ଜ୍ୟୋତିଃଦର୍ଶନ ହେଉଥିଲା । ସେତେବେଳେ ସେ ମୂର୍ଚ୍ଛିତ ହୋଇ ପଡ଼ି ଯାଉଥିଲେ । କେହି କେହି କହୁଥିଲେ ହିଷ୍ଟିରିୟା ରୋଗ ହୋଇଛି । କେହି କେହି ଡେଉଁରିଆ ଦେଉଥିଲେ । ଦିନେ ବିଦ୍ୟାଳୟକୁ ଯିବା ସମୟରେ ପଥରେ ଖୁବ୍ ନାମ କରି କରି ଯାଉଥିଲେ; ହଠାତ୍ ଜଗତ୍ ବ୍ରହ୍ମାଣ୍ଡବ୍ୟାପୀ ଏକ ଗୋଲାପୀ ରଙ୍ଗର ଜ୍ୟୋତିଃଦର୍ଶନ କରି ମୂର୍ଚ୍ଛିତ ହୋଇ କର୍ଦ୍ଦମ ମଧ୍ୟରେ ପତିତ ହେଲେ । ଜଣେ ଦୁଗ୍ଧ ବିକ୍ରୟକାରିଣୀ ରମଣୀ ତାଙ୍କୁ ତଦବସ୍ଥାରେ ଦେଖି ଘରକୁ ନେଇ ଆସିଲା । ସେ କହିଲା— ''ତୁମର ପିଲା ଅଜ୍ଞାନ ଅବସ୍ଥାରେ କାଦୁଅ ଭିତରେ ପଡ଼ିଥିଲା, ମୁଁ ଧରି ନେଇ ଆସିଛି । ଏ ପିଲାର ବେମାରୀ ଅଛି, ଏହାକୁ ଆଉ ସ୍କୁଲକୁ ଯିବାକୁ ଦିଅନାହିଁ ।'' କେହି କେହି କହିଲେ— ''ବିଦ୍ୟାଳୟକୁ ଯିବା ଭୟରେ ବୋଧହୁଏ ସେପରି କରେ ।'' ପ୍ରକୃତ କଥା କେହି ବୁଝି ପାରିଲେ ନାହିଁ । ବାଲ୍ୟକାଳରେ ଏହିପରି ସହସା ସ୍ପୃଷ୍ଟ ଏହି ସତ୍ୟନାମ ଜପ କରିବାକୁ ତାଙ୍କର ଇଚ୍ଛା ହେଉଥାଏ । ଏହି ନାମ ସେ ଜାଣି ନ ଥିଲେ, ଅଥଚ ଏହି ନାମ ମନେ ହେଉଥାଏ ।

ସତ୍ୟନାମ ଜପରେ ଅନାହତ ସଙ୍ଗୀତ ଶ୍ରବଣ

ଏହି ସମୟରେ ନାମ କରୁ କରୁ ତାଙ୍କର ଦୁଇଟି ସ୍ତର **(plane)** ବୋଧ ହେଉଥାଏ । ଗୋଟିଏ ଜଗତ, ଘରବାଡ଼ି ଇତ୍ୟାଦି ବାହାରେ ଦେଖା ଯାଉଥାଏ । ଆଉ ଗୋଟିଏ ଜଗତ ଅନ୍ତରରେ ଦୃଷ୍ଟ ହେଉଥାଏ । ଆଉ, ତାଳ-ମାନ-ଲୟଯୁକ୍ତ ସୁନ୍ଦର ସୁନ୍ଦର ସଙ୍ଗୀତ ସେ ଶ୍ରବଣ କରୁଥାଆନ୍ତି । ସେହି ସଙ୍ଗୀତ ସେତେବେଳେ ସେ ପସନ୍ଦ କରୁନଥିଲେ କାରଣ ସେହି ସଙ୍ଗୀତ ଯୋଗୁଁ ତାଙ୍କର ନାମର ତାଳରେ **(Rhythm)** ବିଘ୍ନ ହେଉଥିଲା । ସେଥିପାଇଁ ନାମ କରୁ କରୁ ଯେତେବେଳେ ସଙ୍ଗୀତ ଶ୍ରୁତ ହୁଏ, ସେତେବେଳେ ନାମର ତାଳ କଟିଯିବା ଭୟରେ ସେ ସେହି ସ୍ଥାନରୁ ଅନ୍ୟତ୍ର ଗମନ କରୁଥିଲେ । କିନ୍ତୁ, ସେତେବେଳେ ଯେଉଁଠାକୁ ଯାଆନ୍ତି, ସେଠାରେ ମଧ୍ୟ ଆହୁରି ସୁନ୍ଦର ସୁର ଓ ସଙ୍ଗୀତ ଶୁଣିଥାଆନ୍ତି ।

ଅଙ୍କ ପରୀକ୍ଷାରେ ମାତୃଭକ୍ତି

ସେ ଅତ୍ୟନ୍ତ ମାତୃଭକ୍ତ । ଜନନୀଙ୍କ କଥାରେ ତାଙ୍କର ଏତେ ଆସ୍ଥା ଥିଲା ଯେ, ସେ ବିଶ୍ୱାସ କରନ୍ତି, ଜନନୀ ଯାହା କହନ୍ତି, ତାହା କେବେହେଲେ ମିଥ୍ୟା ହୋଇ ପାରେ ନା । ସେ ଯେତେବେଳେ

ପାବନାସ୍ଥ ଏଣ୍ଟ୍ରାନ୍ସ ସ୍କୁଲର (ଉଚ୍ଚ-ଇଂରାଜୀ ବିଦ୍ୟାଳୟ) ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ, ସେହି ସମୟରେ ଥରେ ଅଙ୍କ ପରୀକ୍ଷା ଦିନ ଆହାର କରିବାରେ ବିଳମ୍ବ ହେବାରୁ ବିଦ୍ୟାଳୟର ସମୟ ଅତୀତ ହୋଇ ଯାଉଛି ଦେଖି ଜନନୀ କହିଲେ— ''ତୁ ଆଜି ଭାତ ଖାଇବାକୁ ବିଳମ୍ବ କଲୁ, ସ୍କୁଲ ଯିବାର ସମୟ ଅତୀତ ହୋଇଗଲା, ଆଜି ଆଉ ତୁ ଅଙ୍କ ପରୀକ୍ଷାରେ ପାରିବୁ ନାହିଁ।'' ସେ ସ୍କୁଲକୁ ଗଲେ। ଅଙ୍କର ପ୍ରଶ୍ନ ପାଇଲେ; ମାତ୍ର ବସି ବସି ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ। ଶିକ୍ଷକ-ମହାଶୟ ଜିଜ୍ଞାସା କରିବାରୁ କହିଲେ— ''ମା କହିଛନ୍ତି ଆଜି ତୁ ଅଙ୍କ ପରୀକ୍ଷାରେ ପାରିବୁ ନାହିଁ। ତେବେ ମୁଁ ବର୍ତ୍ତମାନ ପାରିବି କିପରି ? ମୁଁ ଯଦି ଆଜି ଅଙ୍କ କରିଦେଇ ପାରେ ତା'ହେଲେ ଯେ ମୋର ମା'ଙ୍କର କଥା ମିଥ୍ୟା ହୋଇଯିବ !'' ଅଙ୍କ ପ୍ରଶ୍ନ କଠିନ ନଥିଲା, ସେ ଅନାୟାସରେ ପାରିଥାନ୍ତେ, କିନ୍ତୁ ଜନନୀଙ୍କ ବାକ୍ୟ ମିଥ୍ୟା ହୋଇଯିବା ଭୟରେ ତାଙ୍କର ଅଙ୍କ କରାହେଲା ନାହିଁ। ଶିକ୍ଷକଗଣ ବାଳକର ଅଗାଧ ଅଲୌକ ସାମାନ୍ୟ ମାତୃଭକ୍ତି ଓ ବିଶ୍ୱାସ ଦେଖି ସ୍ତମ୍ଭିତ ହେଲେ ଏବଂ ପରେ ପୃଥକ ଭାବରେ ତାଙ୍କର ଅଙ୍କ ପରୀକ୍ଷାର ବ୍ୟବସ୍ଥା କଲେ।

ନଗ୍ନ ପଦରେ ଅତ୍ୟୁତ୍ତପ୍ତ ବାଲୁକା ଉପରେ ଭ୍ରମଣ

ଗୃହ ସଂଲଗ୍ନ ପଦ୍ମାନଦୀର ଚରରେ ଗ୍ରୀଷ୍ମ କାଳରେ ଦିବା ଦ୍ୱିପ୍ରହର ସମୟରେ ବାଲୁକାରାଶି ସୂର୍ଯ୍ୟଙ୍କର ପ୍ରଖର କିରଣରେ ଅତ୍ୟନ୍ତ ଉତ୍ତପ୍ତ ହୋଇଯାଏ; ସେତେବେଳେ ସେଠାରେ ଅନାବୃତ ପାଦରେ ଗମନ କରିବା ମନୁଷ୍ୟର ସାଧ୍ୟାତୀତ। କିନ୍ତୁ ସେତେବେଳେ ଏହି ବାଳକଙ୍କୁ ନଗ୍ନ ପଦରେ ଅମ୍ଳାନ ବଦନରେ ଅବଲୀଳାକ୍ରମେ ସେହି ଅଗ୍ନି ସଦୃଶ ଉତ୍ତପ୍ତ ବାଲୁକାରାଶି ଉପରେ ଭ୍ରମଣ କରିବାର ଦେଖା ଯାଉଥିଲା।

ଦିନେ ତାଙ୍କର ପାଦ ବେଶ୍ କଟି ଯାଇଥାଏ। ଗମନାଗମନ ଶକ୍ତି ରହିତ। ବିଦ୍ୟାଳୟକୁ ଯିବା ଅସମ୍ଭବ। ଜନନୀ କହିଲେ— ''ସେ କିଛି ନୁହେଁ, ବେଶୀ-କିଛି ହୋଇନାହିଁ, ସ୍କୁଲ ଯିବାକୁ ପଡ଼ିବ।'' ସେ କହିଲେ— ''ମା ଯେତେବେଳେ କହୁଛନ୍ତି ବେଶୀ କିଛି ହୋଇନାହିଁ, ତେଣୁ ବାସ୍ତବିକ୍ ବେଶୀ କିଛି ହୋଇନାହିଁ।'' ଏଣୁ ସେହି ଭୟାନକ କ୍ଷତଯୁକ୍ତ-ପଦରେ ସେ ବିଦ୍ୟାଳୟ ଗମନ କଲେ। ଆଶ୍ଚର୍ଯ୍ୟର କଥା, ସେହି ଭୟଙ୍କର କର୍ତ୍ତିତ କ୍ଷତ ମାତୃଭକ୍ତି ଓ ବିଶ୍ୱାସ ବଳରେ ଅଳ୍ପ ସମୟ ମଧ୍ୟରେ ଆରୋଗ୍ୟ ଲାଭ କଲା।

ଷ୍ଟିମର-ଘାଟରେ କୁଲିକାର୍ଯ୍ୟ

ସମୟ-ସମୟରେ ଗୃହପାର୍ଶ୍ୱିକଟସ୍ଥ ଷ୍ଟିମର ଘାଟରେ ସେ ଉପସ୍ଥିତ ରହୁଥିଲେ। କୌଣସି ଯାତ୍ରୀ କୁଲି ଅଭାବରୁ ବିପଦଗ୍ରସ୍ତ ହେଲେ ସେ ବୋଝ, ଗଣ୍ଠିଲା ଇତ୍ୟାଦି ମସ୍ତକରେ ବହନ କରି ସେମାନଙ୍କୁ ସାହାଯ୍ୟ କରୁଥିଲେ। ପଇସା ଦେବାକୁ ଗଲେ ସେ ତାହା ଗ୍ରହଣ ନ କରି ପଳାୟନ କରୁଥିଲେ। ଏକଦା ଜଣେ ଭଦ୍ରଲୋକଙ୍କର ଗୋଟିଏ ଅତ୍ୟନ୍ତ ଭାରୀ ଗଣ୍ଠିଲା ଷ୍ଟିମରରେ ଚଢ଼ାଇ-ଦେବାକୁ ଯାଇ ଯାତ୍ରୀର ଅସାବଧାନତା ଓ ଅବ୍ୟବସ୍ଥା ଯୋଗୁଁ କିଞ୍ଚିତ୍ ଦ୍ରୁତ ଢାଳି ଯିବାରୁ ସେହି ଭଦ୍ରଲୋକ ବାଳକଙ୍କୁ ଅକଥ୍ୟ ଭାଷାରେ ଖୁବ୍ ତିରସ୍କାର କଲେ। ବାଳକ ହାସ୍ୟ କରିବାକୁ ଲାଗିଲେ। ତହୁଁ ସମସ୍ତେ ବୁଝି ପାରିଲେ ଯେ ବାଳକ ବାସ୍ତବିକ୍ ଅସାଧାରଣ।

ଆତ୍ମାର ଦେହତ୍ୟାଗ ଓ ପ୍ରବେଶ

ଏକ ସମୟରେ ବାଳକଙ୍କର କଠିନ ରୋଗ ହୋଇଥିଲା। ସେହି ସମୟରେ ଦିନେ ସେ କିଛିକ୍ଷଣ ଗୃହ ମଧ୍ୟରେ ଏକାକୀ ଥିଲେ। ସେତେବେଳେ ତାଙ୍କର ଆତ୍ମା ହଠାତ୍ ଦେହରୁ ବହିର୍ଗତ ହୋଇଗଲା। ପରେ ସେ ଇଚ୍ଛା କରି ପୁଣି ସେହି ପରିତ୍ୟକ୍ତ ଦେହ ମଧ୍ୟରେ ପ୍ରବେଶ କଲେ। ଏବେ ମଧ୍ୟ ତାଙ୍କର ସେ କଥା ବେଶ୍ ମନେଅଛି। ବର୍ତ୍ତମାନ କେବଳ ସେ କାହିଁକି— ତାଙ୍କର ଚରଣାଶ୍ରିତ ବ୍ୟକ୍ତିଗଣଙ୍କ ମଧ୍ୟରେ ବି କେହି କେହି ସାଧନଶକ୍ତି ବଳରେ ସେପରି କରିବାକୁ ସମର୍ଥ।

ଶ୍ରୀଶ୍ରୀକାଳୀମାତାଙ୍କର ବୋଝ ବହନ

ଗୃହର ଭୃତ୍ୟ କୌଣସି ଦୂରବର୍ତ୍ତୀ ସ୍ଥାନରୁ କେତେଗୁଡ଼ିଏ ନାରିକେଳ ମସ୍ତକରେ ବହନ କରି ଆଣୁଥିଲା। ପଥରେ ତାହାର କଷ୍ଟ ଅନୁଭବ କରି ବାଳକ ନିଜ ମସ୍ତକରେ ନାରିକେଳ ବୋଝ ନେଇ ଗଲିଲେ। କିନ୍ତୁ କିଛିଦୂର ଗମନ କରି କ୍ଲାନ୍ତ ହୋଇ କହିଲେ— ''ମା, ଆଉ ତ ପାରୁନାହିଁ।'' ଏପରି ସମୟରେ ସେ ଦେଖିଲେ, ଶ୍ରୀଶ୍ରୀକାଳୀମାତା ମୋ-କାଳୀ ତାଙ୍କର ମସ୍ତକର ବୋଝ ନେଇ ଗଲିଛନ୍ତି।

ଶ୍ରୀକୃଷ୍ଣଙ୍କ ସହିତ ସାକ୍ଷାତ୍ ଓ ବାକ୍ୟାଳାପ

ବେଳେ ବେଳେ ବାଳକ ଦେଖନ୍ତି, ଶ୍ରୀକୃଷ୍ଣ ଆଗମନ କରି ଅନତିଦୂରସ୍ଥ ବାବୁଲା ବୃକ୍ଷ ମୂଳରେ ଉପବିଷ୍ଟ ହୋଇ ବଂଶୀବାଦନ କରୁଛନ୍ତି। ଶ୍ରୀକୃଷ୍ଣ ଆଗମନ ଜଣେ ବାଳକର ନାମ ଜପ କରିବାରେ ବିଘ୍ନ ହେଉଥିବାରୁ ସେ ଶ୍ରୀକୃଷ୍ଣଙ୍କ ଆଗମନ ପସନ୍ଦ କରୁ ନଥିଲେ। କିନ୍ତୁ ତଥାପି ଶ୍ରୀକୃଷ୍ଣ ଆସନ୍ତି, ତାଙ୍କର ଗାତ୍ର ସ୍ପର୍ଶ କରନ୍ତି, କେତେ କଥା କହନ୍ତି। ଶ୍ରୀକୃଷ୍ଣ କହୁଥିଲେ— ''ଭାଇ, ରାଗୁଛ କାହିଁକି ? ଦେଖ ମୁଁ ତୁମକୁ କେତେ ଭଲ ପାଏ,'' ଇତ୍ୟାଦି। ବାଳକ କହନ୍ତି— ''ନା ଭାଇ ତୁମେ ଏବେ ଯାଅ।'' ସେ ଗଲି ଯିବାକୁ ଗୁହଁ ନ ଥାନ୍ତି। ସେତେବେଳେ ବାଳକ ବିରକ୍ତ ହୋଇ ତାଙ୍କୁ ଚଢ଼ି ଦେଉଥିଲେ, —କହୁଥିଲେ— ''ଯାଅ ଭାଇ, ବିରକ୍ତ କରନା।''

ଶ୍ରୀକୃଷ୍ଣଙ୍କ କର୍ତ୍ତୃକ କାଷଚ୍ଛେଦନ

ଦିନେ ବାଳକ କୁଠାର ଦ୍ୱାରା କାଷଚ୍ଛେଦନ କରୁଥାନ୍ତି, ଏପରି ସମୟରେ ଶ୍ରୀକୃଷ୍ଣ ଆସି ତାଙ୍କ ହସ୍ତରୁ କୁଠାର ଗ୍ରହଣ କରି ସ୍ୱୟଂ କାଷ ଛେଦନ କରିଦେଇ ପ୍ରସ୍ଥାନ କଲେ। ଭଗବତ୍ତାଙ୍କ କର୍ତ୍ତୃକ ରାମପ୍ରସାଦଙ୍କର ବାଡ଼ ବାନ୍ଧି ଦେବା ଅପେକ୍ଷା ମଧ୍ୟ ଏହା ଆହୁରି ଗୁରୁତର ଘଟଣା।

ଶ୍ରୀଶ୍ରୀକାଳୀମାତାଙ୍କ କର୍ତ୍ତୃକ ପରାମର୍ଶ ଓ ଭୋଜନ ଦାନ

କେବେ କେମିତି ଶ୍ରୀଶ୍ରୀକାଳୀମାତା ଆସି ତାଙ୍କୁ ଦର୍ଶନ ଦେଉଥିଲେ ଓ କଥାବାର୍ତ୍ତା କରୁଥିଲେ। ବେଳେ ବେଳେ ଦୁଗ୍ଧପାନ କରାଉଥିଲେ। ତାଙ୍କ ସହିତ କେତେ ଯୁକ୍ତି ପରାମର୍ଶ ହେଉଥିଲା।

କେତେ ଭୋଜନ କରାଉଥିଲେ। କେତେବେଳେ ବା ବାଳକଙ୍କୁ କ୍ରୋଡ଼ରେ ନେଇ ଶୟନ କରାଉଥିଲେ। ଦିନେ ଏକ ଜଙ୍ଗଲୀ ସ୍ଥାନରେ ବସି କ୍ଷୁଧାର୍ତ୍ତ ଥିବା ସମୟରେ ମା-କାଳୀ ଆସି ତାଙ୍କୁ ପାୟସାନ୍ନ ଭୋଜନ କରାଇଲେ। ଏହିପରି ଅନେକ ଥର ଅନେକ ଘଟଣା ହୋଇଥିଲା।

ବନଶୀରେ ମାଛ ଧରି ବିପଦ

ଅନ୍ୟାନ୍ୟ ବାଳକମାନଙ୍କ ଦେଖାଦେଖି କାହାରି ଅନୁରୋଧରେ ଦିନେ ବାଳକ ପଦ୍ମାନଦୀରେ ବନଶୀ ପକାଇ ମତ୍ସ୍ୟ ଧରିବାକୁ ଯାଇଥିଲେ। ତାଙ୍କ ବନଶୀରେ ଗୋଟାଏ ବଡ଼ମାଛ ପଡ଼ିଲା। ମାଛଟି ଧରାପଡ଼ି କଷ୍ଟ ପାଉଛି ବା ମରିଯିବ ମନେକରି ସେ ଆକୁଳ ହୋଇ କ୍ରନ୍ଦନ କରିବାକୁ ଲାଗିଲେ। ମାଛଟିକୁ ବନଶୀରୁ ଛଡ଼ାଇ ବସ୍ତାଇ ଦେବାପାଇଁ ଉପସ୍ଥିତ ଲୋକମାନଙ୍କୁ କାତର ଭାବରେ ଅନୁରୋଧ କରିବାକୁ ଲାଗିଲେ। ଚହଁ ସେମାନେ ମାଛଟିକୁ ମୁକ୍ତ କରି ଜଳରେ ଛାଡ଼ିଦେବାରୁ ସେ ଶାନ୍ତ ହେଲେ। ଆଉ କେବେହେଲେ ସେ ଏପରି କାର୍ଯ୍ୟ କରି ନାହାନ୍ତି।

କ୍ଷିପ୍ର ଗତି

ବାଲ୍ୟକାଳରେ ଗମନାଗମନ ସମୟରେ ସେ କେବେହେଲେ ଧୀର ଗତିରେ ଗଲି ପାରୁନଥିଲେ। ପ୍ରାୟ ଅତ୍ୟନ୍ତ ଦ୍ରୁତ ଗତିରେ ବା ଦୌଡ଼ି ଦୌଡ଼ି ଗଲୁଥିଲେ। ତାଙ୍କର ମନେ ହେଉଥିଲା ଯେପରି ଜନନୀଙ୍କ ଗୁରୁ ହୁକୁର ମହାରାଜ ତାଙ୍କ ମସ୍ତକ ମଧ୍ୟରେ ଅବସ୍ଥାନ କରି ତାଙ୍କୁ ଚଳାଉଛନ୍ତି।

ଶିକ୍ଷକଙ୍କ ଚରିତ୍ର ସଂଶୋଧନ

ଯେଉଁ ସମୟରେ ବାଳକ ଆମାରାବାଦରେ ଥିଲେ ସେତେବେଳେ ତାଙ୍କର ବୟସ ଆନୁମାନିକ ବାର-ଚଉଦ ବର୍ଷ। ସେହି ସମୟରେ ତାଙ୍କ ଶିକ୍ଷକଙ୍କର ଚରିତ୍ରଦୋଷ ହେଲା। ଦିନେ ସେ (ଶିକ୍ଷକ) ବାରାଙ୍ଗନା ଗୃହକୁ ଗମନୋଦ୍ୟୋଗ କରିଥିଲେ। ବାଳକ କୌଣସିମତେ ତାଙ୍କର ସଙ୍ଗ ତ୍ୟାଗ କଲେ ନାହିଁ। ଶିକ୍ଷକ-ମହାଶୟଙ୍କର ଏହି କାର୍ଯ୍ୟଟି ପଣ୍ଡ କରିବା ପାଇଁ ବାଳକ ମନେ ମନେ ନାମ ଜପିବାକୁ ଲାଗିଲେ। ତା'ପରେ ଶିକ୍ଷକ ମହାଶୟଙ୍କର ଏପରି ଅବସ୍ଥା ହେଲା ଯେ, ଯେଉଁ ଗୃହକୁ ସେ ପ୍ରବେଶ କରିବାକୁ ଚେଷ୍ଟା କଲେ ସେହି ଗୃହର କବାଟ ବନ୍ଦ ଦେଖି ତାଙ୍କୁ ଫେରି ଆସିବାକୁ ପଡ଼ିଲା। ଅବଶେଷରେ ତାଙ୍କର ମନୋରଥ ବ୍ୟର୍ଥ ହୋଇ କାର୍ଯ୍ୟ ପଣ୍ଡ ହେଲା। ବାଳକଙ୍କ ଉଦ୍ଦେଶ୍ୟ ସଫଳ ହେଲା।

(ବାଳକ) ତୁମେ କ'ଣ ମୋର ଆଲ୍ଲା

ଦିନେ ବିଦ୍ୟାଳୟରୁ ଗୃହ ପ୍ରତ୍ୟାଗମନ ସମୟରେ ଭୟାନକ ଝଡ଼ବୃଷ୍ଟି ଓ ଶିଳାବୃଷ୍ଟି ଆରମ୍ଭ ହେଲା। ସମସ୍ତ ଛାତ୍ରଗଣ ଉପଯୁକ୍ତ ସ୍ଥାନରେ ଆଶ୍ରୟ ଗ୍ରହଣ କଲେ, କିନ୍ତୁ ଏହି ବାଳକ ସେହି ଝଡ଼ ଓ

ଶିଳାବୃଷ୍ଟି ମଧ୍ୟରେ କେଜାଣି କାହିକି କୌଣସି ସ୍ଥାନରେ ଆଶ୍ରୟ ଗ୍ରହଣ କଲେ ନାହିଁ। ସେ ରାସ୍ତା ଉପରେ ଗଲି ଯିବାକୁ ଲାଗିଲେ। ବୃଷ୍ଟିରେ ଭିଜୁଥାନ୍ତି, ପ୍ରକାଣ୍ଡ ପ୍ରସ୍ତରବତ୍ ଶିଳାଖଣ୍ଡମାନ ତାଙ୍କ ଉପରେ ପତିତ ହେଉଥାଏ। ସେଥିରେ କୌଣସି କଷ୍ଟ ବୋଧ ନ କରି ପ୍ରସ୍ତର-ଫଳକ (ସ୍ଲେଟ୍) ଦ୍ୱାରା ମସ୍ତକ ଆବୃତ କରି ନାମ ଜପ କରୁ କରୁ ସମସ୍ତ କଷ୍ଟ ଉପେକ୍ଷା କରି ବେଶ୍ ଆନନ୍ଦର ସହିତ ସେ ଗଲିଥାନ୍ତି। କିଏ ବା ଜାଣେ ତାଙ୍କର ସ୍ୱାଭାବିକ ଅନ୍ତର୍ଯ୍ୟାମିତ୍ୱଶକ୍ତି ବଳରେ କେଉଁ ବିଷୟ ଜ୍ଞାତ ହୋଇ କେଉଁ ମହତ କାର୍ଯ୍ୟ ସାଧନ ଉଦ୍ଦେଶ୍ୟରେ ସେ ଏପରି ଭାବରେ ଧାବିତ ହେଲେ। ଏକ ସ୍ଥାନରେ ସେ ଦେଖିଲେ ଯେ ଜଣେ ବୃଦ୍ଧ ଅନ୍ଧବ୍ୟକ୍ତି ପଥ ପାର୍ଶ୍ୱସ୍ଥ ନାଳ ମଧ୍ୟରେ ଜଳରେ ନିମଜ୍ଜିତ ପ୍ରାୟ। ତାହାର ମୁଖ, ମସ୍ତକ ଓ ଦାଢ଼ି ଜଳ ଉପରେ ଭାସିବା ପରି ଦେଖାଯାଉଥାଏ, ଅବଶିଷ୍ଟ ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ଜଳମଗ୍ନ। ମୁଖ ଓ ମସ୍ତକରେ ଶିଳାଘାତ ତାହାକୁ ଅସ୍ଥିର କରି ପକାଉଥାଏ। ତାହାର ଚିତ୍କାର କରିବାର ଶକ୍ତି ନଥାଏ। ସେ ଧୀରେ ଧୀରେ ମୃଦୁ-ମୃଦୁ ସ୍ୱରରେ କହୁଥାଏ— ''ଆଲ୍ଲା-ଆ-ଆ'' ''ଆଲ୍ଲା-ଆ-ଆ''। ବାଳକ କହିଲେ— ''ତୁମର କ'ଣ ହୋଇଛି, ବାପା ? ତୁମର କୌଣସି ଭୟ ନାହିଁ। ମୁଁ ଆସିଯାଇଛି। ମୁଁ ତୁମକୁ ସୁସ୍ଥ କରି ଦେଉଛି।'' ବୃଦ୍ଧ ବାଳକଙ୍କୁ କହିଲା— ''ତୁମେ କ'ଣ ମୋର ଆଲ୍ଲା ?'' ଏହା କହି ଅନ୍ଧ ବୃଦ୍ଧ ବାହୁଦ୍ୱୟ ପ୍ରସାରିତ କରି ବାଳକଙ୍କୁ ଆଲିଙ୍ଗନ ପୂର୍ବକ ଦୃଢ଼ ଭାବରେ ଗ୍ରାପି ଧରିଲା। ବାଳକ କହିଲେ— ''ଭୟ ନାହିଁ ବାପା, ମୁଁ ତୁମକୁ ସୁସ୍ଥ କରିଦେବି। ମୁଁ ମଣିଷ।'' ଏହା କହି ସେ ତାକୁ ଧରି ଯତ୍ନ ପୂର୍ବକ ଉଠାଇ ନେଇ ନିକଟବର୍ତ୍ତୀ ଏକ ଗୃହରେ ଅଗ୍ନିସେକ ଦ୍ୱାରା ଗରମ କରି ସୁସ୍ଥ କରିବାର ବ୍ୟବସ୍ଥା କରିଦେଲେ।

ବାଳକ ସ୍କନ୍ଧରେ ବାଜପକ୍ଷୀ ବସିଲା

ବୃଦ୍ଧକୁ ରକ୍ଷାକରି ବାଳକ ନିକଟବର୍ତ୍ତୀ ବାଉଁଶବୁଦା ମଧ୍ୟରେ ପ୍ରବେଶ କରି ଦଣ୍ଡାୟମାନ ହେଲେ। ସେତିକିବେଳେ ଝଡ଼ବର୍ଷାରେ ବିଧ୍ୱସ୍ତ ଅର୍ଦ୍ଧମୃତ ପ୍ରାୟ ଏକ ବାଜପକ୍ଷୀ ତାଙ୍କୁ ଦେଖିବା ମାତ୍ରେ ତାଙ୍କର ସ୍କନ୍ଧ ଦେଶରେ ଉପବେଶନ ପୂର୍ବକ ନିଜର ପ୍ରାଣରକ୍ଷା କଲା। ସେ ଧୀର-ସ୍ଥିର ଅଚଳ ଭାବରେ ଠିଆହୋଇ ରହିଲେ। ପକ୍ଷୀଟି ସୁସ୍ଥ ହୋଇ ପ୍ରସ୍ଥାନ କଲା। ଆହା ! ଏଇଥିପାଇଁ ବୋଧହୁଏ ଝଡ଼ ଓ ଶିଳାବୃଷ୍ଟି ଉପେକ୍ଷା କରି ସେ ଏହି ସ୍ଥାନକୁ ଆସିଥିଲେ। ଏପରି ନ ହେଲେ କୌଣସି ମନୁଷ୍ୟ ସ୍କନ୍ଧରେ ପକ୍ଷୀ ବସିଥାଏ କି ? ଆଉଦିନେ ଦେଖାଗଲା, ସେ ଜଣେ ସ୍ୱର୍ଣ୍ଣକାରର ଦୋକାନରେ ଉପବିଷ୍ଟ ଥିବା ସମୟରେ ଗୋଟିଏ ସୁନ୍ଦର ପକ୍ଷୀ ଆସି ତାଙ୍କର ଉରୁଦେଶରେ କିଛିକ୍ଷଣ ଅବସ୍ଥାନ କରି ଉଡ଼ିଗଲା। ପକ୍ଷୀଟି ତାଙ୍କ ଅଙ୍ଗରେ ବସି ରହିବାକୁ ଆଦୌ ଇତସ୍ତତଃ କରିନଥିଲା। ଆହା ! ଏ-ବାଳକ କିଏ ? ହାୟ, ଆମ୍ଭେମାନେ ସନ୍ଦେହ ଓ ଅହମିକା ବୁଦ୍ଧିର ଦାସ, ସରଳ, ବ୍ୟାକୁକ ଓ ବିଶ୍ୱାସୀ ନ ହେଲେ କ'ଣ ବା ବୁଝିପାରିବୁ ?

ପରଦୁଃଖକାତରତା ଓ ଦାନଶୀଳତା

ବାଳକ ଅତ୍ୟନ୍ତ ପରଦୁଃଖକାତର ଓ ଦାନଶୀଳ ଥିଲେ। କାହାରି ଦୁଃଖ-କଷ୍ଟ ଦେଖିଲେ କାନ୍ଦି ପକାନ୍ତି, ଏବଂ ଯଥାସାଧ୍ୟ ପ୍ରତିକାରର ଚେଷ୍ଟା କରାନ୍ତି। ନିଜର ପଇସା, ଜାମା, ଲୁଗା ମଧ୍ୟ ପରକୁ ଦେଇ ଦେଉଥିଲେ। ବେଳେ ବେଳେ ନିଜର ପରିଧାନ ବସ୍ତ୍ର ଦାନ କରି ଉଲଗ୍ନ ଅବସ୍ଥାରେ ଗୃହକୁ ପ୍ରତ୍ୟାବର୍ତ୍ତନ ହେଉଥିଲେ।

ବାଳକଙ୍କର ସ୍ପର୍ଶରେ ନିର୍ବାପିତ ଆଲୋକ ଜଳି ଉଠିଲା

ପାବନା ଜିଲ୍ଲାର କାଶୀପୁର ନିବାସୀ ଶ୍ରୀଯୁକ୍ତ ଭବାନୀ ଚରଣ ପାଲ- ମହାଶୟ ବାଳକତ୍ୱ ବାଲ୍ୟାବସ୍ଥାରେ ଟୁହ-ଶିକ୍ଷକ ଥିଲେ । ବର୍ତ୍ତମାନ ସେ ଗଭର୍ଣ୍ଣମେଣ୍ଟ ଅଫିସ୍‌ରେ କାର୍ଯ୍ୟ କରନ୍ତି । ଦିନେ ସନ୍ଧ୍ୟା ପରେ ଗୋଟିଏ ଟିବି ଲ୍ୟାମ୍ପ୍ ଜାଳି ବାଳକଙ୍କୁ ପଢ଼ାଉଥିବା ସମୟରେ ପଚାରିଲେ– ''ତୁମେ କୁଆଡ଼େ ସିଗାରେଟ୍ କିଣିଛ ?'' ବାଳକ କହିଲେ– ''ହଁ ।'' ସେ କହିଲେ– ''କେଉଁଠି ରଖିଛ ?'' ବାଳକ କହିଲେ– ''ଗୁରୁମାନେ ଗାଈ ପାଇଁ ଘାସ କାଟି ରଖିଛନ୍ତି, ତା'ରି ଭିତରେ ଲୁଗୁଇ ରଖିଛି ।'' ଏହି କଥା ଶ୍ରବଣ କରି ସେ ଟିକିଏ କ୍ରୋଧାବିଷ୍ଟ ହୋଇ ଡିବିଟିକୁ ବାମହସ୍ତରେ ଧରି କହିଲେ– ''ଗୁରୁ, କେଉଁଠାରେ ସିଗାରେଟ୍ ଦେଖାଅ ।'' ଏହି କଥା କହୁ କହୁ ବେଗରେ ଗମନ କରିବାରୁ ଆଲୋକଟି ନିର୍ବାପିତ ହୋଇଗଲା । ସେଠାରେ ଦୀପଶଳାକା ବା ଆଲୋକ ପ୍ରଜ୍ୱଳିତ କରିବାର ଅନ୍ୟ ଉପାୟ ନଥିଲା । ଭବାନୀବାବୁ ସେହି ଘୋର ଅନ୍ଧକାରରେ ଆଲୋକ ପ୍ରଜ୍ୱଳିତ କରିବାକୁ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ିଲେ ଏବଂ କହିଲେ– ''ଦୁଷ୍ଟପିଲା, ତୁମରି ପାଇଁ ତ ଟିବି ଲିଭିଗଲା । ବର୍ତ୍ତମାନ କ'ଣ କରାଯିବ, ମା'ଙ୍କ ପାଖରେ ଏକଥା କହିଲେ ସେ ରାଗ କରିବେ ।'' ''ମୋର ଦୋଷ କ'ଣ ?'' ଏହି କଥା କହି ବାଳକ ହାସ୍ୟ କରି ଭବାନୀବାବୁଙ୍କୁ ସ୍ପର୍ଶ କରିବା ମାତ୍ରେ ତାଙ୍କର ହସ୍ତସ୍ଥିତ ନିର୍ବାପିତ ଆଲୋକ ଦପ୍ କରି ଜଳି ଉଠିଲା । ଭବାନୀବାବୁ ସ୍ତମ୍ଭିତ ! ଘଟଣା କ'ଣ ? ସେହିକ୍ଷଣଠାରୁ ଭବାନୀବାବୁ ତାଙ୍କୁ ଆଉ ଶାସନ କରୁନଥିଲେ ।

ଯୌବନ କାଳରେ ମଧ୍ୟ ତାଙ୍କର ଅଲୌକିକ ଶକ୍ତି-ମାହାତ୍ମ୍ୟରେ ନିର୍ବାପିତ ଆଲୋକ ପ୍ରଜ୍ୱଳନର ଦୃଷ୍ଟାନ୍ତ ରହିଛି । ପରେ ଆପଣମାନଙ୍କ ନିକଟରେ ନିବେଦନ କରାଯାଉଅଛି ।

କୈଶୋର ଲୀଳା
ବେଶ୍ୟାମାତାର ଉଦ୍ଧାର

ଯେତେବେଳେ ସେ କଲିକତାରେ ଚିକିତ୍ସାବିଦ୍ୟା ଶିକ୍ଷା କରୁଥିଲେ ସେତେବେଳେ ଅନେକ ସମୟରେ ତାଙ୍କୁ ଅପରାହ୍ଣରେ ବା ସନ୍ଧ୍ୟାର ପ୍ରାକ୍‌କାଳରେ ଗଙ୍ଗାତୀରରେ ମୌନ ଭାବରେ ଧ୍ୟାନ-ସ୍ତିମିତ ଲୋଚନରେ ଧ୍ୟାନମଗ୍ନ ମହାଯୋଗୀ ସଦୃଶ ନିର୍ବାକ-ନିସ୍ପନ୍ଦ ଭାବରେ ଅଥବା ଗଙ୍ଗା ଆଡ଼କୁ ଏକଦୃଷ୍ଟିରେ ଗ୍ରହି ବସିଥିବାର ଦେଖାଯାଉଥିଲା । ଏ ସମୟରେ କୈଶୋର ବୟସ-ସୁଲଭ ଆମୋଦ-ପ୍ରମୋଦ ବା ବାଜେ କଥାରେ ଅଥବା ବୃଥା ରଙ୍ଗରସରେ ଅନ୍ୟ ସଙ୍ଗୀଗଣଙ୍କ ସହିତ ସେ ଯୋଗଦାନ କରୁନଥିଲେ ବା ମିଶୁ ନଥିଲେ । ସେଥିରେ କେତୋଟି ଯୁବକ ପରାମର୍ଶ କରି ତାଙ୍କୁ ଅପଦସ୍ଥ କରିବା ପାଇଁ ଅଥବା ସ୍ୱଦଳଭୁକ୍ତ କରିବା ନିମିତ୍ତ ଷଡ଼ଯନ୍ତ୍ର କରି ସେମାନଙ୍କର ଗୁପ୍ତବନ୍ଦୋବସ୍ତାନୁସାରେ ଏକ ସନ୍ଧ୍ୟାର ପ୍ରାକ୍‌କାଳରେ ସେ ଗଙ୍ଗା ତୀରାଭିମୁଖରେ ଯାଉଥିବା ସମୟରେ ଅତର୍କିତ ଭାବରେ ଆସି ତାଙ୍କୁ ରାଜପଥରୁ ଧରିନେଇ ବଳପୂର୍ବକ ଗୋଟିଏ ଦ୍ୱିତଳ ଅଟ୍ଟାଳିକାରେ ପ୍ରକୋଷ୍ଠାଭ୍ୟନ୍ତରରେ ଉପସ୍ଥିତ କରିଲେ । ସେମାନଙ୍କର ଗୁପ୍ତ ବ୍ୟବସ୍ଥା ଅନୁଯାୟୀ ପୂର୍ବରୁ ସେହି ସୁସଜ୍ଜିତ ପ୍ରକୋଷ୍ଠରେ କେତୋଟି ପରମାସୁନ୍ଦରୀ ନବଯୌବନସମ୍ପନ୍ନା ବାରବିଳାସିନୀ ଉପସ୍ଥିତ ଥିଲେ । ସେଠାରେ ଉପସ୍ଥିତ ହେବା ମାତ୍ରକେ ଏବଂ ତାର କିଛିକ୍ଷଣ ପୂର୍ବରୁ ତାଙ୍କର ହୃତ୍‌ସ୍ପନ୍ଦନ

ହେଉଥିଲା । ତାଙ୍କର ବକ୍ଷ ସ୍ପନ୍ଦିତ ହୋଇ ଶ୍ୱାସରୋଧର ଉପକ୍ରମ ହେଉଥିଲା । ସେମାନେ ଅଙ୍ଗଭଙ୍ଗୀ ଓ ବାକ୍‌ଗ୍ରତୁର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ କରୁଛନ୍ତି, ଏପରି ସମୟରେ ସେ କହିଲେ– ''ମା, ତୋର ଏ କି ଲୀଳା ! ଏକ ସମୟରେ ଜନନୀ ରୂପେ ଜଠରରେ ଧାରଣ କରି ଏବଂ ସ୍ତନ୍ୟପାନ କରାଇ ଲାଳନ ପାଳନ କରି ଆଜି ପୁଣି ବାରାଙ୍ଗନା ବେଶରେ ଏହି ବେଶ୍ୟାଳୟରେ ସନ୍ନ୍ୟାସ ସମ୍ମୁଖରେ ଏପରି ଭାବରେ ଉପସ୍ଥିତ ହୋଇଛୁ !'' ସେହି ବକ୍ତ୍ରଗମ୍ଭୀର ମହାକାବ୍ୟ କର୍ଣ୍ଣକୁହରରେ ପ୍ରବିଷ୍ଟ ହେଲାକ୍ଷଣି ବେଶ୍ୟାଗଣ ଭୀତା-ସନ୍ତ୍ରସ୍ତ ହୋଇ କମ୍ପିତ-କଳେବରରେ ଲମ୍ଫପ୍ରଦାନ ପୂର୍ବକ ସେଠାରୁ ଅପସୃତା ହେଲେ ! କେହି କେହି ଉର୍ଦ୍ଧଶ୍ୱାସରେ ଦୌଡ଼ି ପଳାୟନ କଲେ, କେହି ବା ମନରେ ମାତୃଭାବ ଜାଗ୍ରତ ହେବାରୁ ସ୍ନେହରସାପ୍ଲୁତ ହୃଦୟରେ ଆକୁଳ ହୋଇ କ୍ରନ୍ଦନ କରୁ କରୁ ତାଙ୍କର ଚରଣ ତଳେ ଲୁଣ୍ଠିତ ହୋଇପଡ଼ିଲେ । ବହୁ ଅନୁରୋଧ ସତ୍ତ୍ୱେ ମଧ୍ୟ ସେ ସେମାନଙ୍କର ଆସନ ସ୍ପର୍ଶ କରିନଥିଲେ । ସୁତରାଂ ତତ୍‌କ୍ଷଣାତ୍ ନୂତନ କୁଶାସନ ଆନୟନ ପୂର୍ବକ ତାଙ୍କୁ ଉପବେଶନ କରିବାକୁ ଦିଆଗଲା । ସେ ସେଥିରେ ମଧ୍ୟ ଉପବେଶନ କଲେ ନାହିଁ । ସେ ସେମାନଙ୍କ ବ୍ୟବହୃତ ହୁକାରେ ତମାଖୁ ସେବନ କରିବେ ନାହିଁ ବୋଲି ନୂତନ ହୁକାରେ ଗଙ୍ଗୋଦକ ପୂର୍ଣ୍ଣକରି ତାଙ୍କୁ ଧୂମ୍ରପାନ କରିବାକୁ ଦିଆଗଲା । ସେ ତାହା ମଧ୍ୟ ସ୍ପର୍ଶ କଲେ ନାହିଁ । ତହୁଁ ସେ ବେଶ୍ୟାମାତାଟି କାତରଭାବରେ କହିଲେ– ''ବାପା, ମୁଁ ଆପଣଙ୍କର ଧର୍ମ-ମା । ଆପଣ ମୋର ଧର୍ମ-ପୁଅ । ମୋର ସମସ୍ତ ଧନସମ୍ପତ୍ତି ଓ ଅଳଙ୍କାରାଦି ଆପଣଙ୍କୁ ଦାନକଲି । ଆଉ ଆପଣଙ୍କ ସମ୍ମୁଖରେ ଏହି ପ୍ରତିଜ୍ଞା କରୁଅଛି ଯେ, ମୁଁ ଆଜିଠାରୁ ଏହି ଘୃଣିତ ବେଶ୍ୟାବୃତ୍ତି ପରିତ୍ୟାଗ କଲି ।'' ସେ କହିଲେ– ''ମୁଁ ତୁମର କୌଣସି ସମ୍ପତ୍ତି ଗ୍ରହଣ କରିବି ନାହିଁ । ତୁମେ ତୁମର ଧନସମ୍ପତ୍ତି ଗରିବ-ଦୁଃଖୀମାନଙ୍କୁ ଦାନ କରି ଏବଂ ଅନ୍ୟାନ୍ୟ ସତ୍‌କାର୍ଯ୍ୟରେ ବ୍ୟୟ କରି ସତ୍‌ପଥ ଅବଲମ୍ବନ କର ।'' ସେ ତହୁଁ କୃତାଞ୍ଜଳି-ପୁଟରେ ତାଙ୍କ ନିକଟରେ ପ୍ରାର୍ଥନା କଲା ଯେ, ଅନ୍ତତଃ ସେ ସେହି ସ୍ଥାନରେ ରହିଥିବା ପର୍ଯ୍ୟନ୍ତ ଯେପରି ପ୍ରତ୍ୟହ ତାକୁ ଦୟାକରି ଥରେ ଦର୍ଶନ ଦାନ କରନ୍ତି । ସେ ସେଥିରେ ମଧ୍ୟ ଅସମ୍ମତି ପ୍ରକାଶ କଲେ । ଆଉ ସେହି ଦୁଷ୍ଟମତି ଯୁବକଗଣ ସେହି ବେଶ୍ୟାକର୍ତ୍ତୃକ ଯତ୍‌ପରୋନାସ୍ତି ଅପମାନିତ ଓ ତିରସ୍କୃତ ହେଲେ । କିଛିଦିନ ପରେ ସମ୍ବାଦ ମିଳିଲା ଯେ ସେହି ବେଶ୍ୟା ବେଶ୍ୟାବୃତ୍ତି ପରିତ୍ୟାଗ ପୂର୍ବକ ସମସ୍ତ ଧନସମ୍ପତ୍ତି ଦୁଃଖୀ ଦରିଦ୍ରଙ୍କୁ ଏବଂ ଅନ୍ୟାନ୍ୟ ସତ୍‌କାର୍ଯ୍ୟରେ ଦାନ କରି ନିରୁଦ୍ଦେଶ ହୋଇ କେଉଁଆଡ଼େ ଚାଲିଯାଇଛି ।

ଉପରୋକ୍ତ ଘଟଣାର ପ୍ରାୟ ସମ ସମୟରେ ତାଙ୍କର ବଡ଼ କଷ୍ଟକର ଅବସ୍ଥା ହୋଇ ପଡ଼ିଲା । କୌଣସି ଲୋକର ପରାମର୍ଶ କ୍ରମେ କର୍ତ୍ତା ତାଙ୍କର ବସାଖର୍ଚ୍ଚ କମାଇଦେଲେ । ତଦ୍ଦ୍ୱାରା କିଛିଦିନ ତାଙ୍କୁ ଖୁବ୍ କଷ୍ଟ ପାଇବାକୁ ପଡ଼ିଲା । କୌଣସି କୌଣସି ଦିନ କଳପାଣି ପାନ କରି ତାଙ୍କୁ ଉଦରପୂର୍ଣ୍ଣ କରିବାକୁ ପଡୁଥିଲା । ଅବଶ୍ୟ ଏ କଷ୍ଟ ତାଙ୍କୁ ଦୀର୍ଘକାଳ ଭୋଗ କରିବାକୁ ପଡ଼ିନାହିଁ ।

ଶତ୍ରୁ ପ୍ରତି ପ୍ରେମ

କରୋନେସନ୍ ସମୟରେ ଆମର ମହାମାନ୍ୟ ସମ୍ରାଟ ପଞ୍ଚମଜର୍ଜ୍ଜ ମହୋଦୟ ଯେତେବେଳେ କଲିକତା ମହାନଗରୀକୁ ଶୁଭାଗମନ କରିଥିଲେ, ସେହି ସମୟରେ କିଶୋର ଅନୁକୂଳଚନ୍ଦ୍ର ସମ୍ରାଟଙ୍କୁ ଦର୍ଶନ କରିବା ଅଭିପ୍ରାୟରେ ବୌବଜାର କଲେଜ ଷ୍ଟ୍ରିଟ୍‌ର ଏକ ସ୍ଥାନରେ ଜନସମୁଦ୍ର ମଧ୍ୟରେ ଫୁଟ୍‌ପାଥ୍ ଉପରେ ଦଣ୍ଡାୟମାନ ଥିଲେ । ଏପରି ସମୟରେ ଅତର୍କିତ ଭାବରେ ଜଣେ ସିପାହି ସେଠାକୁ

ଆସି ଘୁଷୁଯିବା ପାଇଁ ତାଙ୍କୁ ଯଷ୍ଟି ଦ୍ୱାରା ଆଘାତ କଲା । ଆଶ୍‌ଚର୍ଯ୍ୟର ବିଷୟ ଏହି ଯେ ସଙ୍ଗେସଙ୍ଗେ ଜଣେ ଗୋରା ସର୍ଜେଣ୍ଟ ହଠାତ୍ କେଉଁଠାରୁ ଆସି ସେହି ସିପାହିକୁ ସବୁଟ୍‌ପଦାଘାତରେ ଧରାଶାୟୀ କରିପକାଇଲା । ଯଦିଓ ସେହି ସିପାହି ତାଙ୍କୁ ଆଘାତ କରିଥିଲା, ତଥାପି ସେ ତାର ଏହି ଦୁର୍ଦ୍ଦଶା ଦର୍ଶନରେ ଅତ୍ୟନ୍ତ ଦୁଃଖିତ ହେଲେ । ତାର ବ୍ୟାଥାରେ ତାଙ୍କର ପ୍ରାଣ ବ୍ୟଥିତ ହୋଇ ପଡ଼ିଲା । ଏହାକୁ ହିଁ କହନ୍ତି, ଶତ୍ରୁ ପ୍ରତି ପ୍ରେମ ।

ଅଳ୍ପ ସମୟ ପରେ ମହାମାନ୍ୟ ସମ୍ରାଟଙ୍କର ଶକଟ ସେହି ସ୍ଥାନ ଦେଇ ଯାଉ ଯାଉ ତାଙ୍କ ସମ୍ମୁଖରେ ପହଞ୍ଚି ଟିକିଏ ରହିଯାଇ ତା'ପରେ ଚାଲିଗଲା ।

ଶୁଭ ପରିଣୟ

ସନ ୧୩୧୩ ସାଲର ଶ୍ରାବଣ ମାସ ୨୮ ତାରିଖରେ ତାଙ୍କର ଶୁଭବିବାହ ହେଲା । ଏହିଠାରେ ନିମନ୍ତ୍ରଣପତ୍ରର ଅନୁଲିପି ସନ୍ନିବେଶିତ ହେଲା ।

ଓଁ ନମଃ ପ୍ରଜାପତୟେ

ବର୍ତ୍ତମାନ ମାସର ୨୮ ତାରିଖ ସୋମବାର ମୋର ଦୌହିତ୍ର ଶ୍ରୀମାନ୍ ଅନୁକୂଳଚନ୍ଦ୍ର ଚକ୍ରବର୍ତ୍ତୀଙ୍କର ଶୁଭବିବାହ ଧୋପାଦହ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ମହାଶୟଙ୍କର କନ୍ୟା ଶ୍ରୀମତୀ ଷୋଡ଼ଶୀବାଳା ଦେବୀଙ୍କ ସହିତ ହିମାଇତପୁର ମୁକାମରେ ଅନୁଷ୍ଠିତ ହେବ । ପତ୍ର ଦ୍ୱାରା ନିମନ୍ତ୍ରଣ କଲି । ନିବେଦନ ଏହିକି ଯେ, ମହାଶୟ ସବାନ୍ଧବେ ମୋର ହିମାଇତପୁର ବାସସ୍ଥଳୀରେ ଆଗମନ ପୂର୍ବକ ଶୁଭକାର୍ଯ୍ୟ ସୌଷ୍ଠବାଦି କରି ବାଧିତ କରିବେ ।

ହିମାଇତପୁର — ଇତି
ଶ୍ରାବଣ ଦି ୨୦ ନ, ୧୩୧୩ — **ଶ୍ରୀ କୃଷ୍ଣସୁନ୍ଦରୀ ଦେବ୍ୟା**

ଏହି ସମୟରେ ସେ ପାବନା ଉଚ୍ଚ ଇଂରାଜୀ ବିଦ୍ୟାଳୟର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ଏହାପରେ ସେ ଢାକାର କୌଣସି ଏକ ବିଦ୍ୟାଳୟରେ ଅଳ୍ପ କିଛିକାଳ ଏବଂ କିଛିଦିନ ନୈହାଟୀ ଉଚ୍ଚ-ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ବିବାହ ପରେ ଏବଂ ଏହିସବୁ ବିଦ୍ୟାଳୟରେ ଅଧ୍ୟୟନ କରିବା ପରେ ସେ କଲିକତାର ନ୍ୟାଶନାଲ୍ ମେଡିକାଲ ସ୍କୁଲରେ ଅଧ୍ୟୟନ କରିଥିଲେ । ବିବାହ ସମୟରେ ତାଙ୍କର ବୟସ ୧୭ ବର୍ଷ ହୋଇଥିଲା । ୧୩୧୮ ସାଲରେ ତାଙ୍କର ପ୍ରଥମ ପୁତ୍ରର ଜନ୍ମ ହୁଏ, ତାହାର ନାମ ଅମରେନ୍ଦ୍ର । ଏହାର ଦୁଇବର୍ଷ ପରେ ଦ୍ୱିତୀୟପୁତ୍ର ବିବେକରଞ୍ଜନ ଜନ୍ମ ଗ୍ରହଣ କରିଥିଲେ ।

୮

ଯୌବନ ଅବସ୍ଥା
ଡାକ୍ତରୀ ବ୍ୟବସାୟ

ବିଶେଷ ପାରଦର୍ଶିତାର ସହିତ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ସେ ଘରକୁ ଫେରିଲେ । ଏଠାରେ ବର୍ଷାଧିକ କାଳ ଦୟାଦାକ୍ଷିଣ୍ୟ, ପାରଦର୍ଶିତା ଓ ବିଶେଷ ପ୍ରଶଂସାର ସହିତ ଶତଶତ ରୋଗୀ ନିରାମୟ କରି ଅଜସ୍ର ଅର୍ଥ ଉପାର୍ଜନ କଲେ । ବହୁ ଗରିବ-ଦୁଃଖୀ ରୋଗୀଙ୍କୁ ଦାତବ୍ୟ ଭାବରେ ଚିକିତ୍ସା କରୁଥିଲେ । ଅର୍ଥାଭାବଗ୍ରସ୍ତ ବହୁ ରୋଗୀଙ୍କର ପଥ୍ୟର ମୂଲ୍ୟ ମଧ୍ୟ ସେ ନିଜେ ପ୍ରଦାନ କରୁଥିଲେ । ଦେଶ ମଧ୍ୟରେ ତାଙ୍କ ନାମରେ ଧନ୍ୟଧନ୍ୟ ରବ ଉଠିଲା । ସେତେବେଳକୁ ସେ ଯୌବନରେ ପଦାର୍ପଣ କରିଥାନ୍ତି ।

ଦୀକ୍ଷା ଗ୍ରହଣ ସମୟରେ ଆଶ୍‌ଚର୍ଯ୍ୟ ବ୍ୟାପାର

ଦିନେ ପଶ୍ଚିମାଞ୍ଚଳର ଜଣେ ଦେଶବିଖ୍ୟାତ ପରମପ୍ରେମିକ ମହାପୁରୁଷଙ୍କ ଠାରୁ ଜନନୀଙ୍କ ନିକଟକୁ ସମ୍ବାଦ ଆସିଲା ଯେ, ''ତୁମର ଜ୍ୟେଷ୍ଠପୁତ୍ର.... କୁ..... ପ୍ରଣାଳୀମତେ ଦୀକ୍ଷିତ କର ।'' ଜନନୀ ସ୍ୱୟଂ ବାଲ୍ୟକାଳରେ ଶ୍ରୀକୃଷ୍ଣଙ୍କ ନିକଟରେ କାତର ପ୍ରାର୍ଥନା କରି ସ୍ୱପ୍ନଯୋଗେ ଯେଉଁମନ୍ତ୍ରରେ ଦୀକ୍ଷା ପ୍ରାପ୍ତ ହୋଇଥିଲେ ଏହା ମଧ୍ୟ ସେହି ମନ୍ତ୍ର । ଏଥିପୂର୍ବେ ଏହି ଯୁବକଙ୍କ ଅତି ଶୈଶବାବସ୍ଥାରେ ଯେତେବେଳେ ସେ କଥା କହିବାକୁ ମଧ୍ୟ ଶିଖି ନାହାନ୍ତି, ଜନନୀ ତାଙ୍କର ଜ୍ଞାନବୁଦ୍ଧିର ଅଗୋଚରରେ ଏହି ମନ୍ତ୍ର ତାଙ୍କର କର୍ଣ୍ଣରେ ପ୍ରଦାନ କରିଥିଲେ । ସେ ସେତେବେଳେ ତାହା ବୁଝି ପାରି ନାହାନ୍ତି, ଅଥବା ତାଙ୍କର ସ୍ମରଣ ନ ଥିଲା । ତା'ପରେ ତାଙ୍କ ମନରେ ବାଲ୍ୟକାଳରୁ ସ୍ୱତଃ ଏହି ନାମ ଜପ କରିବାକୁ ଇଚ୍ଛା ହେଉଥିବାରୁ ସେ ଏହି ସତ୍ୟନାମ ଜପ କରୁଥିଲେ । ଏ କଥା ପୂର୍ବେ ବର୍ଣ୍ଣିତ ହୋଇଅଛି । ବର୍ତ୍ତମାନ ଏହି ସମ୍ବାଦ ପ୍ରାପ୍ତ ହୋଇ ଜନନୀ ପୁଣି ତାଙ୍କୁ ଏହି ସତ୍ୟନାମ ଓ ସାଧନାର ପ୍ରଣାଳୀ କହିଦେଲେ ।

କି ଅତ୍ୟାଶ୍‌ଚର୍ଯ୍ୟ ବ୍ୟାପାର ! ଏହି ଦୀକ୍ଷାପ୍ରାପ୍ତି ସଙ୍ଗେସଙ୍ଗେ ତାଙ୍କର ଅତ୍ୟନ୍ତ ଭାବାନ୍ତର ଉପସ୍ଥିତ ହେଲା । ସେ ବୋଧକଲେ ଯେପରି ଏକ ଅତ୍ୟୁଜ୍ଜ୍ୱଳ ଜ୍ୟୋତିଃ ଏହି ଦୀକ୍ଷା-ପ୍ରାପ୍ତି ସଙ୍ଗେସଙ୍ଗେ ତାଙ୍କର ଶରୀରାଭ୍ୟନ୍ତରରେ ପ୍ରବେଶ କଲା । ସେ ଦେଖିଲେ, ସେହି ଜ୍ୟୋତିଃ ସହିତ ସେହି ମହାପୁରୁଷ ମଧ୍ୟ ତାଙ୍କର ଶରୀରରେ ଲୀନ ହୋଇଗଲେ । ଏହି ମହାପୁରୁଷଙ୍କୁ ପୂର୍ବେ ସେ ଆଦୌ ଦର୍ଶନ କରିନଥିଲେ । ପରେ ତାଙ୍କର ଛବି (ଫଟୋ) ଦେଖି ଅବଗତ ହେଲେ ଯେ ଏ-ହି ସେହି ମହାପୁରୁଷ । ଯେତେବେଳେ ଏଠାରେ ଦୀକ୍ଷା, ଠିକ୍ ସେତିକିବେଳେ ସେଠାରେ ତାଙ୍କର ଦେହତ୍ୟାଗ । ପରବର୍ତ୍ତୀ ସମ୍ବାଦରେ ଜଣାଗଲା ଯେ, ତାଙ୍କର ସେହି ଭାବାନ୍ତର ସମୟରେ ହିଁ ସେହି ମହାପୁରୁଷ ସେ ଅଞ୍ଚଳରେ ମାନବଲୀଳା ସମ୍ବରଣ କରିଥିଲେ । ଯୁବକ ତାଙ୍କୁ ପାର୍ଥିବ ଦେହରେ ଦର୍ଶନ ନ କରିଥିଲେ ହେଁ ତାଙ୍କୁ ହିଁ ସେ ଗୁରୁ ବୋଲି ମାନ୍ୟ କରନ୍ତି । ତାଙ୍କ ମୁଖରେ ଦାଢ଼ି ନଥିଲେ ମଧ୍ୟ ଦୀକ୍ଷା ଗ୍ରହଣ ପରେ ପରେ ସେ ମୁଖରେ ହସ୍ତପ୍ରଦାନ ପୂର୍ବକ ଏପରି ଭାବରେ ଅଙ୍ଗୁଳି ସଞ୍ଚାଳନ କରିବାକୁ ଲାଗିଲେ ଯେପରି ତାଙ୍କ ମୁଖରେ ସୁଦୀର୍ଘ ଦାଢ଼ି ବର୍ତ୍ତମାନ । ବସ୍ତୁତଃ ସେହି ମହାପୁରୁଷଙ୍କ ମୁହଁରେ ଦାଢ଼ି ଥିଲା । କିନ୍ତୁ ଏହି ଯୁବକଙ୍କର ଦାଢ଼ି ନଥିଲା ।

ସେତେବେଳେ ସେ ଆଉ ପୂର୍ବପରି ଚିକିତ୍ସାକାର୍ଯ୍ୟ କଲେ ନାହିଁ, ବା କରିପାରିଲେ ନାହିଁ। ସେତେବେଳେ ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କ ପରି ତାଙ୍କର ନାନା ପ୍ରକାର ଭାବ ହେବାକୁ ଲାଗିଲା। କେହି କେହି ତାହାଙ୍କୁ ବିକୃତ ମସ୍ତିଷ୍କ, କେହି କେହି ବା ତାଙ୍କୁ ମାଦକଦ୍ରବ୍ୟସେବୀ ବୋଲି ସାବ୍ୟସ୍ତ କରିବାକୁ ଲାଗିଲେ। ଜଣେ ଜଣେ ତାଙ୍କୁ ଏକ ଏକ ଭାବରେ ଗ୍ରହଣ କଲେ। ଏହି ସମୟରେ ସେ ଦିବାରାତ୍ର ଭାବରେ ବିଭୋର ରହୁଥିଲେ।

ଏହି ସମୟରେ ଦିନେ ଗୋଟିଏ ରୋଗୀକୁ ଔଷଧ ଦେବା ସମୟରେ ସେ ସାଂଘାତିକ ବିଷମାତ୍ରାରେ ଏକ ପୁଡ଼ିଆ ଔଷଧ ଦେଇଥିଲେ। ରୋଗୀର ଘରର ଲୋକ ଔଷଧ ନେଇ ଘୁଲିଯିବାର ଅନେକ ସମୟ ପରେ ସେ କହିଲେ— ''ଭୟାନକ ବିଷମାତ୍ରାରେ ଔଷଧ ଦିଆଯାଇଛି, ବର୍ତ୍ତମାନ ରକ୍ଷାର ଉପାୟ କ'ଣ ?''

କେହି କେହି କହିଲେ— ଏତେକ୍ଷଣ ରୋଗୀର ଔଷଧ ସେବନ ହୋଇଯାଇଛି। ସେ କହିଲେ— ''ପରମପିତା ନିଶ୍ଚୟ ରକ୍ଷା କରିବେ।'' ଏପରି ସମୟରେ ରୋଗୀର ଗୃହରୁ ସମ୍ବାଦ ଆସିଲା,— ''ରୋଗୀକୁ ଔଷଧ ସେବନ କରାଯାଇ ନାହିଁ। ଦୈବକ୍ରମେ ଔଷଧଟି ପଡ଼ିଯାଇଛି।'' ତାଙ୍କର କଥା ଠିକ୍ ହେଲା। ଏ-ଅବସ୍ଥାରେ କାର୍ଯ୍ୟରେ ଅନିଷ୍ପୋତ୍ପତ୍ତି ହୋଇପାରେନା। ତାପରେ ପୁଣି ଦେଖାଯିବାକୁ ଲାଗିଲା ଯେ, ସେ ଯେତେବେଳେ ରୋଗୀ ଚିକିତ୍ସା କରନ୍ତି, ଅତି ସୁନ୍ଦର ଭାବରେ ବଡ଼ ବଡ଼ ପୁରୁଖା ଡାକ୍ତରଙ୍କ ପରି ଚିକିତ୍ସା କରନ୍ତି ! କିନ୍ତୁ, ସେଇଟି ତାଙ୍କର ସ୍ୱେଚ୍ଛାମତ। ବର୍ତ୍ତମାନ ଅନେକ ସ୍ଥଳରେ ତାଙ୍କର ଚିକିତ୍ସା ନୈପୁଣ୍ୟରେ ଆଶ୍ଚର୍ଯ୍ୟ କ୍ଷମତା ଦେଖାଯିବାକୁ ଲାଗିଲା।

ଦୈବ ଯୋଗେ ରୋଗୀର ବ୍ୟବସ୍ଥାପତ୍ର (prescription) ପ୍ରାପ୍ତି

ଅନେକ ସମୟରେ କଠିନ ରୋଗୀର ବ୍ୟବସ୍ଥାପତ୍ର **(prescription)** ତାଙ୍କ ମସ୍ତିଷ୍କ ମଧ୍ୟରେ ପ୍ରକାଶିତ ହେଉଥିଲା। ବର୍ତ୍ତମାନ ତାଙ୍କ କୃପାରେ ତାଙ୍କର ଚରଣାଶ୍ରିତ ଡାକ୍ତରଙ୍କ ମଧ୍ୟରେ କେହି କେହି ସେହିଭଳି ବ୍ୟବସ୍ଥାପତ୍ର ବେଳେବେଳେ ପ୍ରାପ୍ତ ହୋଇଥାନ୍ତି।

ନିଦ୍ରା ନିର୍ବାସନ

ଏହି ସମୟରେ କେତେଜଣ ସଙ୍ଗୀଙ୍କ ସହିତ କେତେବେଳେ ପଦ୍ମାତୀରରେ, କେତେବେଳେ ଜଙ୍ଗଲରେ, କେତେବେଳେ ଶସ୍ୟକ୍ଷେତ୍ରରେ, କେତେବେଳେ ବା ଶ୍ମଶାନ ଭୂମିରେ ଭ୍ରମଣ କରି ବୁଲୁଥିଲେ। କେବେ କେବେ ଗୃହରେ ମଧ୍ୟ ଅବସ୍ଥାନ କରୁଥିଲେ, କିନ୍ତୁ କ୍ରମାଗତ ଅର୍ଦ୍ଧବର୍ଷାଧିକାଳ ସେମାନେ କେହି ଶୟନ କରି ନାହାନ୍ତି, ବା ନିଦ୍ରାଗତ ହୋଇ ନାହାନ୍ତି। ଏହିପରି ଭାବରେ ଛଅ ମାସ ଅତୀତ ହୋଇଯିବା ପରେ ଦିନେ ସେ କହିଲେ— ''ଆରେ, ଆମେମାନେ କ'ଣ ଏକାବେଳକେ ନିଦ୍ରା ଭୁଲି ଯାଇନୁ ନା କଅଣ ? ଥରେ ଶୋଇ ଦେଖିବା ଗ୍ଲଲ।'' ଏହା କହି ନିଦ୍ରାଦେବୀଙ୍କୁ ସେହିଦିନ ସ୍ମରଣ କରି ଶୟନ କଲେ ଓ କରାଇଲେ। ଏହା ବାସ୍ତବିକ୍ ଏକ ଅତ୍ୟାଶ୍ଚର୍ଯ୍ୟ ଅଭିନୟ ଦିବସ।

ସର୍ବ ବ୍ରହ୍ମମୟ ବୋଧ

ମଣିଷକୁ ଦେଖିଲେ ମଣିଷ ମନରେ ଯେପରି କୌଣସି ପ୍ରଶ୍ନ ହୁଏନା, ବର୍ତ୍ତମାନ ତାଙ୍କର ସର୍ବଜୀବରେ ସର୍ବବସ୍ତୁରେ ସେହିପରି ହେବାକୁ ଲାଗିଲା। ସର୍ବତ୍ର ସର୍ବବସ୍ତୁ ହିଁ ଠାକୁର (ବ୍ରହ୍ମ), ନିଜେ ମଧ୍ୟ ଠାକୁର ଏହିପରି ବୋଧ ହେଉଥାଏ, ଚକ୍ଷୁ ରକ୍ତବର୍ଣ୍ଣ ରହୁଥାଏ। ଲୋକେ ନିଶାଖୋର ମନେ କରୁଥାନ୍ତି। ଏହି ସମୟରେ ତାଙ୍କ ନିକଟରେ ''ସର୍ବଂ ଖଲ୍ଵିଦଂ ବ୍ରହ୍ମ'' ବା ''ସର୍ବବ୍ରହ୍ମମୟ ଜଗତ୍'' ହେଲା। ସେତେବେଳେ ସର୍ବଜୀବରେ ବା ସକଳ ବସ୍ତୁରେ ତାଙ୍କର ଏକାତ୍ମାନୁଭୂତି ହେଉଥିଲା। ଦିନେ ସେ ପ୍ରସ୍ରାବ କାଳରେ ଜଳ ଗ୍ରହଣ କଲେ ନାହିଁ। ଜଣେ ବ୍ୟକ୍ତି କାରଣ ଜିଜ୍ଞାସା କଲେ। ସେ କହିଲେ— ''ମୁଁ ଦେଖି ପାରୁଛି ପ୍ରସ୍ରାବ ମଧ୍ୟ ବ୍ରହ୍ମ, ଶିଶୁ ମଧ୍ୟ ବ୍ରହ୍ମ, ଜଳ ମଧ୍ୟ ବ୍ରହ୍ମ, ଆପଣ ମଧ୍ୟ ବ୍ରହ୍ମ ଜଳର ଗୋଟାଏ ପୃଥକ୍ ସତ୍ତା ମନେ ହେଉନାହିଁ।'' କେଉଁ କେଉଁ ସମୟରେ ହୁଏତ ଭୋଜନ କରୁ କରୁ ଭୋଜନ ବନ୍ଦ କରି ଚୁପ୍ କରି ବସିଲେ। ମନେହୁଏ ନିଜେ ବି ବ୍ରହ୍ମ, ଅନ୍ନ-ବ୍ୟଞ୍ଜନାଦି ସବୁ ବ୍ରହ୍ମ; କ'ଣ ଖାଇବେ ଠିକ୍ ନାହିଁ। ମନ କେଉଁଠାରେ ? କିଏ ଜାଣେ ? କୌଣସି ଦ୍ରବ୍ୟ ଭୋଜନ କରି କୌଣସି ସ୍ୱାଦ ପାଆନ୍ତି ନାହିଁ। ହୁଏତ ଖାଉ ଖାଉ ଖାଇବା ବନ୍ଦ କରି ଗୀତ ବୋଲିବାକୁ ଲାଗନ୍ତି। କେହି ହୁଏତ କହିଲେ— ''ଭାତ ଦେଇଛି, ଖାଅ। ଏ କ'ଣ ହେଲା, ଗଞ୍ଜେଇ ଖାଇଛ ନା କ'ଣ ?'' ସେହିକ୍ଷଣି ଚମକି ଉଠି ଖାଇଲେ, କିନ୍ତୁ ସ୍ୱାଦ ନାହିଁ। ମନ ବ୍ରହ୍ମମୟ। କେତେବେଳେ କେତେବେଳେ ଆହାର କରିବା ସମୟରେ ଆହାର ବନ୍ଦ ହୋଇଗଲେ ଧକ୍କା ମାରିଲେ ଆହାର କରୁଥିଲେ।

ପରଦୁଃଖକାତରତାରେ ନିଜ ଦେହରେ ଆଘାତ ଚିହ୍ନ

ତାଙ୍କ ସମ୍ମୁଖରେ କେହି ମରାମରି କଲେ ଅଥବା କାହାରିକୁ ବା କୌଣସି ପଶୁକୁ ଆଘାତ କଲେ କିମ୍ବା କେହି କାହାକୁ ନିର୍ଯାତନ କଲେ, ସେ ସେଥିରେ ବଡ଼ ଦୁଃଖାନୁଭବ କରୁଥିଲେ। କେବେ କେବେ ସେହିପରି ଘଟଣା ଦେଖି ତାଙ୍କୁ କାନ୍ଦି ଅଧୀର ହେବାକୁ, ଏପରିକି ଧୂଳିରେ ଅବଲୁଣ୍ଠିତ ହେବାକୁ ଦେଖା ଯାଇଛି। ବେଳେ ବେଳେ ତାଙ୍କ ସମ୍ମୁଖରେ କୌଣସି ପଶୁଦେହରେ ଆଘାତ କଲେ ସେ ଏତେ ଦୁଃଖ ବୋଧ କରିଥାନ୍ତି, ଯେ, ତଦ୍ଦ୍ୱାରା ତାଙ୍କ ନିଜ ଶରୀରରେ ଆଘାତ ଚିହ୍ନ ଉତ୍ପାଦିତ ହେବାର ଦେଖାଯାଇଛି। ତେବେ ସର୍ବଦା ଯେ ସେପରି ହୁଏ ତାହା ନୁହେଁ।

ଦାନଶୀଳତା

ଏହି ସମୟରେ କାହାରି କୌଣସି ଦୁଃଖକଷ୍ଟ ଦେଖିଲେ ସେ ସହ୍ୟ କରି ପାରୁନଥାନ୍ତି। ନିଜ ଗୃହରୁ ଟଙ୍କା ପଇସା ନେଇ ଦାନ କରି ଦେଉଥାନ୍ତି। ଅନେକ ସମୟରେ ଏତେ ବେଶୀ ଦାନ କରି ପକାଉଥିଲେ ଯେ କର୍ତ୍ତା ସେଥିରେ ଟିକିଏ ଅସନ୍ତୋଷ ପ୍ରକାଶ କରୁଥିଲେ। କିନ୍ତୁ, ସେଥିରେ ମଧ୍ୟ ସେ ନିରସ୍ତ ହୋଇପାରୁ ନଥିଲେ। କେତେବେଳେ କେତେବେଳେ କାହାରି ଅଭାବ ଦେଖି ଉଲଗ୍ନ ହୋଇ ନିଜର ଲୁଗାପଟା ସମସ୍ତ ଦାନ କରିଦେବାର ଦେଖାଯାଇଛି।

ବୃକ୍ଷାଦିର ଯନ୍ତ୍ରଣା ବୁଝି ପାରିବା

ତାଙ୍କ ସମ୍ମୁଖରେ କୌଣସି ବୃକ୍ଷର ଶାଖା ଭଗ୍ନକଲେ ବା ପତ୍ର ଛିନ୍ନ କଲେ ଅଥବା ପୁଷ୍ପାଦି ଚୁନ୍ତ୍ୟୁତ କଲେ ସେ ପ୍ରାଣରେ ଅତ୍ୟନ୍ତ ବ୍ୟଥା ଅନୁଭବ କରନ୍ତି। ବୃକ୍ଷଗୁଡ଼ିକର ଶରୀରରେ ସେପରି କରିବା ଦ୍ୱାରା ଯେ ଯନ୍ତ୍ରଣା ହୁଏ ତାହା ସେ ଅନୁଭବ କରନ୍ତି, ଏବଂ ଦିବ୍ୟଦୃଷ୍ଟିରେ ଦେଖି ପାରନ୍ତି। ତେଣୁ ସେ ପୁଷ୍ପଚୟନ ନ କରି ବୃକ୍ଷକୁ ଆଲିଙ୍ଗନ କରି ଫୁଲର ସୌରଭ ଗ୍ରହଣ ପୂର୍ବକ ଆନନ୍ଦ ଉପଭୋଗ କରିଥାନ୍ତି।

କୀଟପତଙ୍ଗାଦି ସର୍ବଜୀବ ପ୍ରତି ସମଦୟା

କୌଣସି ପ୍ରକାର ଜୀବ, କୀଟ, ପତଙ୍ଗ, ପିମ୍ପୁଡ଼ି ଏପରି କି ଛାରପୋକ, ମଶା ପର୍ଯ୍ୟନ୍ତ ସେ ମାରନ୍ତି ନାହିଁ, ବା ଅନ୍ୟ କାହାରିକୁ ତଦ୍ରୂପ କାର୍ଯ୍ୟ କରିବାର ଦେଖିଲେ ସେ ସହ୍ୟ କରି ପାରନ୍ତି ନାହିଁ।

ସୁସ୍ଥ ଦେହରେ ୧୧୦ ଡିଗ୍ରୀ ଉତ୍ତାପ

ଏହି ସମୟରେ ନାମ କରୁ କରୁ ତାଙ୍କ ଶରୀରରେ ପ୍ରାୟ ସଦାସର୍ବଦା ୧୧୦ ଡିଗ୍ରୀ (ଫାରେନ୍‌ହିଟ୍) ଉତ୍ତାପ ଦେଖାଯାଉଥିଲା। ଅନ୍ୟ କେହି ତାଙ୍କ ଶରୀରରେ ହସ୍ତାର୍ପଣ କଲେ ଉତ୍ତାପରେ ହସ୍ତ ଜଳିଯିବା ପରି ବୋଧ ହେଉଥିଲା। ଶରୀରରେ ଏହିପରି ଉତ୍ତାପ ହେଲେ କୌଣସି ମଣିଷର ଜୀବନ ରକ୍ଷା ହୋଇପାରେ ନା। ବିଜ୍ଞାନ ଶାସ୍ତ୍ରାନୁସାରେ ମୃତ୍ୟୁ ଅନିବାର୍ଯ୍ୟ। କିନ୍ତୁ, ତାଙ୍କର ଏଥିରେ କୌଣସି ଅସୁସ୍ଥତା ହୋଇନାହିଁ। ଭିନ୍ନ ଭିନ୍ନ ତାପମାନ ଯନ୍ତ୍ର (ଥର୍ମୋମିଟର) ଦ୍ୱାରା ସେହି ଉତ୍ତାପ ପରୀକ୍ଷା କରି ଦେଖା ଯାଉଥିଲା। ପ୍ରତ୍ୟେକ ଥର ୧୧୦ ଡିଗ୍ରୀ ହେଉଥାଏ, ଏପରି କି ସେ ଅଙ୍ଗୁଳି ଦ୍ୱାରା ଥର୍ମୋମିଟର୍ ଧରିବାକ୍ଷଣି ତାପ ୧୧୦ ଡିଗ୍ରୀ ଉଠୁଥାଏ।

ଅମାବାସ୍ୟା ରାତ୍ରିରେ ଚନ୍ଦ୍ର ଉଦୟ

ସେ କେବେ କେବେ ଅମାବାସ୍ୟାର ଘୋର ଅନ୍ଧକାର ରାତ୍ରିରେ ଚନ୍ଦ୍ରାଲୋକରେ ରାସ୍ତା ଦେଖିଗମନାଗମନ କରୁଥିଲେ। **(Mental plane)** ମାନସକ୍ଷେତ୍ର ବା ମନାକାଶର ଚନ୍ଦ୍ର ବହିର୍ଦେଶରେ ପରିଦୃଷ୍ଟ ହେଉଥାଏ ଏବଂ ତାହାରି କିରଣରେ ବାହାରର ରାସ୍ତା ଦେଖାଯାଉଥାଏ। ତାଙ୍କର ପାର୍ଶ୍ୱଦ ମହାରାଜଙ୍କର ମଧ୍ୟ ସେହିଭଳି ଅବସ୍ଥା ହେଉଥିଲା। ବିସ୍ତୃତ ବିବରଣ ଅନ୍ୟତ୍ର ବିବୃତ ହେଉଅଛି।

ନୈହାଟୀରେ ଅନାଥଭଣ୍ଡାର ସ୍ଥାପନ କଥା

ବାଲ୍ୟକାଳରେ ନୈହାଟୀରେ ପାଠ୍ୟାବସ୍ଥାରେ ଶ୍ରୀଯୁକ୍ତ ଶଶାଭୂଷଣ ଚକ୍ରବର୍ତ୍ତୀ ମହାଶୟଙ୍କ ଗୃହରେ ଅବସ୍ଥାନ କାଳରେ ସ୍ଥାନୀୟ ବିଖ୍ୟାତ ଡାକ୍ତର ଶ୍ରୀଯୁକ୍ତ ବାବୁ ପରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ ମହାଶୟଙ୍କ ସହାୟତାରେ ଗୋଟିଏ ସମିତି ଓ ଅନାଥ ଭଣ୍ଡାର ସ୍ଥାପନ କରି ସେ ଅନେକ ଅଳକ୍ଷିତ,

ପୀଡ଼ିତ ଓ ଦୁଃସ୍ଥ ବ୍ୟକ୍ତିଙ୍କର ଯଥେଷ୍ଟ ଉପକାର ଓ ସାହାଯ୍ୟ କରିଥିଲେ। ପରବର୍ତ୍ତୀ କାଳରେ ଦିନେ ଆମମାନଙ୍କ ସମ୍ମୁଖରେ ସେ ପରମେଶ୍ୱରବାବୁଙ୍କୁ ପ୍ରଣାମ କରିବାକୁ ଉଦ୍ୟତ ହେବାରୁ ତାଙ୍କୁ ବାଧା ଦେଇ ତାଙ୍କର ନୈହାଟୀର ପୂର୍ବକୃତ କାର୍ଯ୍ୟର ସେହିସବୁ କଥା କହୁ କହୁ ଆନନ୍ଦାଶ୍ରୁ ବିସର୍ଜନ କରିଥିଲେ ଏବଂ କହିଥିଲେ— "ବାବାଜୀ, ମୁଁ ବର୍ତ୍ତମାନ ତୁମର ପ୍ରଣାମ ଗ୍ରହଣର ଉପଯୁକ୍ତ ନୁହେଁ, ସେତେବେଳେ ତୁମକୁ ଚିହ୍ନି ପାରିନାହିଁ। ବର୍ତ୍ତମାନ ବୁଝି ପାରିଛି, ତୁମେ.... ଲାଭ କରିଅଛ।"

ପାପୀମାନଙ୍କୁ ନବ ଜୀବନ ପ୍ରଦାନ

ସେ ଦେଖିଲେ ଯେ ଗ୍ରାମସ୍ଥ ଯୁବକମାନଙ୍କ ମଧ୍ୟରେ ଅଧିକାଂଶ ଅପଚରିତ୍ର ଓ ଉନ୍ମାର୍ଗଗାମୀ। କେହି କେହି ପରସ୍ୱ ହରଣପରାୟଣ ଓ ମାଦକ ଦ୍ରବ୍ୟ ସେବନାପକ୍ତ ହୋଇ ପଡ଼ିଛନ୍ତି। ଭଗବାନଙ୍କ ନାମରେ ଅନେକଙ୍କର ରୁଚି ବା ଭକ୍ତି ନାହିଁ। ସେମାନଙ୍କର ଏ ପ୍ରକାର ନୈତିକ ଓ ଆଧ୍ୟାତ୍ମିକ ଅବନତିରେ ତାଙ୍କର ପ୍ରାଣ କାନ୍ଦି ଉଠିଲା। ସେ ଭାବିଲେ, ଯେ କୌଣସି ପ୍ରକାରେ ଏହାର ପ୍ରତିବିଧାନ କରିବାକୁ ହିଁ ହେବ। ଏମାନଙ୍କର ଏହିସବୁ ଦୋଷ ପରିତ୍ୟାଗ କରାଇ ଏମାନଙ୍କୁ ସତ୍‌ପଥକୁ ଆଣି ଜଣ ଜଣଙ୍କୁ ମହାପୁରୁଷ ରୂପେ ପରିଣତ କରିବାକୁ ହେବ। ପରମପିତାଙ୍କ ନାମରେ ବିଶ୍ୱବ୍ରହ୍ମାଣ୍ଡ ମତ୍ତ କରିବାକୁ ହେବ ଏବଂ ଏମାନଙ୍କୁ ସେହି ମହାଯଜ୍ଞର ହୋତା ଓ ପୁରୋହିତ କରାଇବାକୁ ହେବ। ସେ ଭାବିଲେ, ଏମାନଙ୍କର ଏହିସବୁ ଅପତ୍ କାର୍ଯ୍ୟରେ ବାଧା ଦେଇ ଏମାନଙ୍କ ନିକଟରେ ସତ୍‌ପ୍ରସଙ୍ଗ ଉତ୍‌ଥାପନ କଲେ ତାହା କେବେହେଲେ କାର୍ଯ୍ୟକାରୀ ହେବ ନାହିଁ। ଏମାନେ ସେଥିରେ କର୍ଣ୍ଣପାତ କରିବେ ନାହିଁ। ଅତ୍ୟୁତ୍ତପ୍ତ ରକ୍ତବର୍ଣ୍ଣ ଲୌହଖଣ୍ଡ ଉପରେ ଜଳବିନ୍ଦୁ ନିକ୍ଷେପ କଲେ ଉକ୍ତ ଜଳବିନ୍ଦୁର ବାଷ୍ପତ୍ୱରେ ପରିଣତ ହେବାଭଳି ଅଥବା ଅରଣ୍ୟରୋଦନ ପରି ତାଙ୍କର ସାଧୁପ୍ରସ୍ତାବ ସେମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବ। କଥାରେ କହନ୍ତି— "ଘୋର ନ ଶୁଣେ ଧର୍ମ କାହାଣୀ।" ତହୁଁ ସେ ସେମାନଙ୍କ ସହିତ ମିଳିମିଶି ବନ୍ଧୁତ୍ୱ ସ୍ଥାପନ ପୂର୍ବକ ତାଙ୍କର ସ୍ୱଭାବସିଦ୍ଧ ଅସାଧାରଣ ପ୍ରେମର ଆକର୍ଷଣରେ ସେମାନଙ୍କୁ ଆକୃଷ୍ଟ ଓ ଆବଦ୍ଧ କରି ଏବଂ ସେଥିସଙ୍ଗେ ନାନା ପ୍ରକାର ସଦୁପଦେଶ ଦ୍ୱାରା ସେମାନଙ୍କୁ କ୍ରମେ କ୍ରମେ ଅତି ସହଜରେ ସତ୍ୱର ସତ୍‌ପଥକୁ ଆନୟନ କରିଥିଲେ।

ନିମ୍ନଲିଖିତ ଘଟଣାଦ୍ୱୟ ପ୍ରତି ଦୃଷ୍ଟିପାତ କଲେ ବ୍ୟାପାରଟି ଅନେକାଂଶରେ ଅବଗତ ହୋଇ ପାରିବା।

ଦିନେ ଘନଘଟାଚ୍ଛନ୍ନ ଅନ୍ଧକାରମୟୀ ଘୋର ରାତ୍ରିରେ କେହି କେହି ଅଭିସାର ଉଦ୍ଦେଶ୍ୟରେ ଗମନୋଦ୍ୟୋଗ କରୁଥିଲେ। ଏହି ବିଷୟ ଜାଣିପାରି ସେ ସ୍ପାୟ ମନୋଭାବ ଗୋପନ କରି ସେମାନଙ୍କ ନିକଟରେ ବନ୍ଧୁପରି ମିଳିମିଶି ସେମାନଙ୍କର ସଙ୍ଗୀ ହେଲେ। ସେମାନେ ମଧ୍ୟ ତାଙ୍କର ମନର ଭାବ ବୁଝି ନ ପାରି ତାଙ୍କୁ ସଙ୍ଗୀ କରିନେଲେ। ଗନ୍ତବ୍ୟସ୍ଥାନରେ ଉପନୀତ ହୋଇ ସେ ବନ୍ଧୁ ଭାବରେ ଧୀର-ଗମ୍ଭୀର, ମୃଦୁମଧୁର ବିନୟ ଓ ପ୍ରେମପୂର୍ଣ୍ଣ ଭାଷାରେ ସେମାନଙ୍କୁ କହିବାକୁ ଲାଗିଲେ, "ମୋର କିଛି ବକ୍ତବ୍ୟ ଅଛି, ଶ୍ରବଣ କର। ଦେଖ, ପଡ଼ିଆ ଓ ଜଙ୍ଗଲ ପଥ ଦେଇ ଆମେ ଆସିଅଛୁ। ଘୋର ଅନ୍ଧକାର ରାତ୍ରି, ଏଥିରେ ଆମର କେତେ ପ୍ରକାର ବିପଦ ହୋଇପାରେ। କେହି ହୁଏତ ଆକ୍ରମଣ କରିପାରେ। ସାପ କାମୁଡ଼ି ପାରେ। ଆଉ, ମଶାର ଦଂଶନରେ ତ ପ୍ରାଣ ଅସ୍ଥିର! ସତେ ଯେପରି

ଜୀବନର ମାୟା ପରିତ୍ୟାଗ କରି ଏହି କାର୍ଯ୍ୟରେ ପ୍ରବୃତ୍ତ ହୋଇଥାଇଁ । ଏ କାର୍ଯ୍ୟରେ କି ସୁଖ ମିଳିବ ଭାଇ ? ଏ କର୍ମ ଅପେକ୍ଷା ଏହି ଦୁର୍ଲଭ ମାନବ ଜୀବନଟା କ'ଣ ଏତେ ତୁଚ୍ଛ ? ଆମ୍ଭମାନଙ୍କର ମାନମର୍ଯ୍ୟାଦା କ'ଣ କିଛି ହେଲେ ନାହିଁ ? ପୁଣି ଦେଖ– ଏ କାର୍ଯ୍ୟଟି କେତେ ବଡ଼ ନୀଘୃଣ୍ୟତା ଓ ପାପ କାର୍ଯ୍ୟ ! ତା'ପରେ ଭାବିଦେଖ, ଗୋଟାଏ ପ୍ରଧାନ କଥା ଏହି ଯେ ଏଠାରେ ଯେଉଁମାନେ ପରସ୍ତ୍ରୀ ହରଣ କରିବାକୁ ଆସିଛନ୍ତି ସେମାନଙ୍କର ମଧ୍ୟ ଘରେ ସ୍ତ୍ରୀଲୋକ ଅଛନ୍ତି । କହିଲ ଦେଖି ଭାଇ, ସେହି ମା'ମାନଙ୍କ ନିକଟକୁ କୌଣସି ପରପୁରୁଷ ଏହି ଅବସରରେ ଯାଇ ଯଦି କୌଣସି ପ୍ରକାରେ ସେମାନଙ୍କର ସତୀତ୍ୱଧର୍ମ ନଷ୍ଟ କରେ ତା'ହେଲେ ସେମାନଙ୍କ ନିଜର ମନର ଅବସ୍ଥା କିପରି ହୁଏ ? ସଂସାରରେ କିପରି ଅଶାନ୍ତିର କାରଣ ହୁଏ ? ଲୋକସମାଜରେ ମୁହଁ ଦେଖାଇବା କିପରି ଲଜ୍ଜାକର ହୁଏ ?''

ତାଙ୍କର ଏହି ତେଜପୂର୍ଣ୍ଣ, ମର୍ମସ୍ପର୍ଶୀ, ଅମୃତୋପମ, ସାରଗର୍ଭ, ପ୍ରେମମୟ ବାକ୍ୟରାଶି ସେମାନଙ୍କ ହୃଦୟର ଅନ୍ତରତମ ପ୍ରଦେଶ ପର୍ଯ୍ୟନ୍ତ ପ୍ରବେଶ କରି ସେମାନଙ୍କୁ ଚୈତନ୍ୟ ପ୍ରଦାନ ଓ ଅନୁତପ୍ତ କରାଇ ଚିର ଦିନ ପାଇଁ ଦୁଷ୍କାର୍ଯ୍ୟରୁ ପ୍ରତିନିବୃତ୍ତ କରିଦେଲା । ସେମାନେ ସେତେବେଳେ ବୁଝି ପାରିଲେ ଯେ, କେବଳ ସେମାନଙ୍କର ଉଦ୍ଧାରାର୍ଥେ ସେ ନିଜ ମନର ଭାବ ବ୍ୟକ୍ତ ନ କରି ଛଦ୍ମବେଶୀ ଭାବରେ ସେମାନଙ୍କର ସଙ୍ଗୀ ହୋଇଛନ୍ତି । ତାଙ୍କର ଏହି ବାକ୍ୟ ସଙ୍ଗେସଙ୍ଗେ ତାଙ୍କର ବ୍ୟକ୍ତିତ୍ୱ ବା ଅତିମାନବ ଶକ୍ତି ମଧ୍ୟ ସେମାନଙ୍କ ମନ ଉପରେ ପ୍ରଭାବ ବିସ୍ତାର କରିଥିଲା ।

ତା'ପରେ ଗ୍ରାମର ଲୋକମାନଙ୍କୁ ହରିନାମରେ ମତାଇବା ପାଇଁ ସେ ଏକ ସୁନ୍ଦର ଉପାୟ ଅବଲମ୍ବନ କଲେ । ଯେଉଁଠାରେ କୀର୍ତ୍ତନ ହେଉଥାଏ ସେଠାକୁ ଗମନ ପୂର୍ବକ ସେମାନଙ୍କ ସହିତ ଯୋଗଦାନ କରି ସେମାନଙ୍କୁ ଉତ୍ସାହ ଦେଉଥାନ୍ତି । ଏହିଭାବରେ ଗ୍ରାମର ଭିନ୍ନ ଭିନ୍ନ ପଡ଼ାରେ କେତୋଟି ଦଳ ଗଢ଼ି ଉଠିଲା । ଏହିସବୁ ଦଳ ପରସ୍ପର ମଧ୍ୟରେ କିଞ୍ଚିତ୍ ପ୍ରତିଯୋଗିତା ଓ ଜିଦାଜିଦିର ଭାବ ନେଇ ତୁମୁଳ ସଂକୀର୍ତ୍ତନ ଆରମ୍ଭ କରିଦେଲେ । ଗ୍ରାମରେ ପ୍ରତିଦିନ ଦଳ ଦଳ ହୋଇ ସଂକୀର୍ତ୍ତନ ହେବାକୁ ଲାଗିଲା । ସେ ସମସ୍ତ ଦଳରେ ଯୋଗଦାନ କରି ସେମାନଙ୍କୁ ଭାବ ଓ ଉତ୍ସାହ ପ୍ରଦାନ କରୁଥାନ୍ତି, ଏବଂ ପ୍ରତ୍ୟେକ ଦଳକୁ ଅନ୍ୟର ଅଜ୍ଞାତସାରରେ ନିଜେ ସଙ୍ଗୀତ ରଚନା କରି ଦେଉଥାନ୍ତି । ପ୍ରତ୍ୟେକ ଦଳ ଅପର ଦଳଠାରୁ ଶ୍ରେଷ୍ଠତର ହେବାକୁ ଚେଷ୍ଟା କରିବାକୁ ଲାଗିଲେ । ଖୋଳ କରତାଳ ଇତ୍ୟାଦି ପ୍ରତ୍ୟେକ ଦଳରେ ଯଥେଷ୍ଟ ସଂଗୃହୀତ ହେଲା । ପ୍ରତ୍ୟେକ ଦଳ ପ୍ରତିଦିନ ନଗରସଂକୀର୍ତ୍ତନରେ ବହିର୍ଗତ ହୋଇ ସ୍ୱ-ସ୍ୱ ବାହାଦୁରୀ ଦେଖାଇବାକୁ ଯଥାସାଧ୍ୟ ପ୍ରୟାସ କଲେ । ଏହିପରି କରୁ କରୁ ଶେଷରେ ସେମାନେ ସମସ୍ତେ ସୁମଧୁର ହରିନାମର ରସ ଆସ୍ୱାଦନ ପୂର୍ବକ ଭଗବଦ୍ଭକ୍ତ ହୋଇପଡ଼ିଲେ । ସେତେବେଳେ ସେ ମଧ୍ୟସ୍ଥ ହୋଇ ସେମାନଙ୍କ ଦଳାଦଳି ନିଷ୍ପତ୍ତି କରିଦେଇ ସେମାନଙ୍କୁ ନେଇ ଏକସୂତ୍ରାବଦ୍ଧ ପରମପ୍ରେମିକ ସୁବୃହତ୍ ଏକ ହରିଭକ୍ତଙ୍କ ଦଳ ପ୍ରସ୍ତୁତ କରିଦେଲେ ।

ସେତେବେଳେ ସେ ସଖା ଭାବରେ ସେମାନଙ୍କ ସହିତ ବ୍ୟବହାର ଆଚରଣ କରିବାକୁ ଲାଗିଲେ । ସେମାନଙ୍କ ସହିତ ଅନେକ ଭଲ ଏବଂ ସଚ୍ଚରିତ୍ର ଯୁବକ ମଧ୍ୟ ଯୋଗଦାନ କଲେ । କେତେବେଳେ ସେ କାହାର ସ୍କନ୍ଧରେ ଆରୋହଣ କରନ୍ତି, କେତେବେଳେ ବା କାହାରିକୁ ନିଜ ସ୍କନ୍ଧରେ ନେଇ ନୃତ୍ୟ କରନ୍ତି । କାହାର ମୁଖ ଚୁମ୍ବନ କରନ୍ତି । କେତେବେଳେ ବା ପଦସେବା କରିବାକୁ

ମଧ୍ୟ ତ୍ରୁଟି କରନ୍ତି ନାହିଁ । ଏହିସବୁ ଅନୁରାଗ ଓ ପ୍ରେମମୟ ଭାବଦ୍ୱାରା ଆକୃଷ୍ଟ ହୋଇ ନିଜ ନିଜର ଅଜ୍ଞାତସାରରେ ସେମାନେ ତାଙ୍କ ଚରଣରେ 'ନିଜ ନିଜକୁ ବିକ୍ରିତ କରି ବସିଲେ ।' ପ୍ରଥମେ ସେମାନେ ମନେ ମନେ ଭାବିଲେ, ''ଜନମେ-ଜନମେ ଜୀବନେ-ଜୀବନେ ପ୍ରାଣନାଥ ହୁଅ ତୁମେ ।'' ସେତେବେଳେ ସେମାନେ ତାଙ୍କୁ ହୃଦୟ ସିଂହାସନରେ ବସାଇ ସ୍ୱ-ସ୍ୱ ହୃଦୟସ୍ୱାମୀରୂପେ ପ୍ରତିଷ୍ଠା କଲେ । ତାଙ୍କୁ ଦର୍ଶନ ନ କରି ସେମାନେ ତିଳେମାତ୍ର ସ୍ଥିର ରହିପାରନ୍ତି ନାହିଁ । ଭଲ ଦ୍ରବ୍ୟ ମୁଖରେ ମିଷ୍ଟ ଲାଗିଲେ ଯେ ପର୍ଯ୍ୟନ୍ତ, ସେହି ପ୍ରେମାସ୍ପଦଙ୍କୁ, ସେହି ପ୍ରାଣସଖାଙ୍କୁ ଭୋଜନ କରାଇ ଦିଆନଯାଏ, ସେ ପର୍ଯ୍ୟନ୍ତ, ମିଷ୍ଟବୋଧ ହୁଏ ନା । କିଛି ଭଲ ଲାଗେ ନା । ମନରେ ଶାନ୍ତି ହୁଏ ନା । ସେ ମଧ୍ୟ ସେମାନଙ୍କୁ ନ ଦେଖି ନ ଖୁଆଇ ରହିପାରନ୍ତି ନାହିଁ । ଏହି ସମସ୍ତଭାବରେ ସେମାନେ ବିଶିଷ୍ଟ ରୂପେ ବିଭୋର ହୋଇପଡ଼ିଲେ । ତାଙ୍କ ପ୍ରେମରେ ଅସଚ୍ଚରିତ୍ର ଓ ସଚ୍ଚରିତ୍ର ଏକତ୍ରଭାବେ ମହାସାଧୁ ହୋଇ ପଡ଼ିଲେ । ସେମାନଙ୍କର ଅହଂଭାବ ଘୁଲିଗଲା । ସେତେବେଳେ ସେମାନେ ସର୍ବଦା ତାଙ୍କର ସାଥୀ ହୋଇ ରହିଲେ । ତାଙ୍କର ଇଙ୍ଗିତାନୁସାରେ ସର୍ବଦା ସାଂସାରିକ ଓ ଅନ୍ୟାନ୍ୟ କର୍ମ ସଙ୍ଗେସଙ୍ଗେ ଭଗବଦାରାଧନାରେ କାଳଯାପନ କରୁ କରୁ ସଦାନନ୍ଦରେ ମହାମତ୍ତ ହୋଇପଡ଼ିଲେ । କେତେ ଜଗାଇ-ମାଧାଇ ଉଦ୍ଧାର ହୋଇଗଲେ । କେତେ ମହାପାଷଣ୍ଡ ମହାସାଧୁ ହେଲେ, ପୁଣି କେତେ ଭଲ ପିଲା ଆହୁରି ଭଲ ହୋଇ ମହାସାଧୁ ହୋଇପଡ଼ିଲେ ।

ସେତେବେଳେ ଏହି ଗ୍ରାମରେ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସଦାସର୍ବଦା ଧର୍ମାଲୋଚନା ଘୁଲିଲା । ସର୍ବତ୍ର ସର୍ବଦା ଭଗବାନଙ୍କ ନାମକୀର୍ତ୍ତନ ହେବାକୁ ଲାଗିଲା । ପ୍ରତ୍ୟହ ସନ୍ଧ୍ୟା କାଳରେ ସଂକୀର୍ତ୍ତନର ସ୍ରୋତ ବୋହି ଯିବାକୁ ଲାଗିଲା । ଆକାଶ ପାତାଳ ଓ ମେଦିନୀ କମ୍ପିତ କରି ସଂକୀର୍ତ୍ତନ ଧ୍ୱନି ଆହୁରି ଉଚ୍ଚତର ରାଜ୍ୟରେ ପ୍ରବେଶ କରିବାକୁ ଲାଗିଲା । ସେତେବେଳେ ପ୍ରାୟ ଚତୁର୍ଦ୍ଦିଗରେ ହରିନାମଧ୍ୱନି ଶ୍ରୁତିଗୋଚର ହେଉଥାଏ । କୃଷକର କୃଷିକ୍ଷେତ୍ରରେ ଶୁଭୁଥାଏ 'ହରିବୋଲ' । ଗୃହସ୍ଥ ଘରେ ଉଠୁଛି ହରିନାମର ରୋଳ । ଦୋକାନୀ ଦୋକାନରେ ବସି କହୁଛି 'ହରିବୋଲ' । ଧୀବରଗଣ ମତ୍ସ୍ୟ ଧରୁ ଧରୁ କହୁଛନ୍ତି 'ହରିବୋଲ' । ନାଉରିମାନେ ନୌକାରେ ଥାଇ କହୁଛନ୍ତି 'ହରିବୋଲ', ଶିଶୁ ଓ ବାଳକଗଣ ନାଚକୁଦ କରିବା ସଙ୍ଗେସଙ୍ଗେ କହୁଛନ୍ତି 'ହରିବୋଲ' । ଜଳରେ ହରି, ସ୍ଥଳରେ ହରି, ସର୍ବତ୍ର ହରିନାମର ରୋଳ ଓ ଧ୍ୱନି । ପ୍ରତିଧ୍ୱନି ମଧ୍ୟ ଗାଉଛି 'ହରିବୋଲ' । କେତେ କୁଳର କୁଳବଧୂ ମଧ୍ୟ ଗାଇଲେ 'ହରିବୋଲ' । ହିନ୍ଦୁ ଗାଇଲା 'ହରିବୋଲ', ମୁସଲମାନ ଗାଇଲା 'ହରିବୋଲ' । ଦଳେ ଲୋକ କୀର୍ତ୍ତନରେ ଏପରି ମାତି ଉଠିଲେ ଖୋଳ ଦ୍ୱାରା କୀର୍ତ୍ତନ କରିବାରେ ଆଉ ସୁବିଧା ହେଲାନାହିଁ । ଖୋଳ ଭାଙ୍ଗିଗଲା । ହାତ ଫାଟିଗଲା । ଆଉ, ପ୍ରାଣରେ କୀର୍ତ୍ତନର ଆବେଗ ଏତେ ବେଶୀ ଯେ ଖୋଳର ଶବ୍ଦ ସେତେ ଉଚ୍ଚକୁ ଗମନ କରିବାରେ ଅକ୍ଷମ । ତେଣୁ ଆହୁରି ବକ୍ରଗମ୍ଭୀର ନିନାଦରେ ହୃଦୟତନ୍ତ୍ରୀ କମ୍ପନକାରୀ ଢକ୍‌କାନିନାଦ ସହକାରେ କୀର୍ତ୍ତନ ଘୁଲିବାକୁ ଲାଗିଲା । ସେତେବେଳେ ଆକାଶ ପାତାଳ କମ୍ପାଇ ମଣିଷଠାରୁ ପଶୁପକ୍ଷୀ, ବୃକ୍ଷାଦି ପର୍ଯ୍ୟନ୍ତ କମ୍ପିତ କରି ସେହି ସ୍ୱାମୀ ବିବେକାନନ୍ଦ ଆକାଙ୍କ୍ଷିତ ରୁଦ୍ରତାଳ ଏ ବ୍ରହ୍ମତାଳ ସହକାରେ ଗଗନଭେଦୀ ଶବ୍ଦରେ 'ହରିବୋଲ-ହରିବୋଲ' ଧ୍ୱନି ଉଠିବାକୁ ଲାଗିଲା ।

ଦିନେ ବିହାରୀଲାଲ ହାଲଦାର ନାମକ ଏକ ବ୍ୟକ୍ତି ଜଣେ ଆତ୍ମୀୟଙ୍କ ସଙ୍ଗରେ ନୌକାରେ ମତ୍ସ୍ୟଶିକାର କରୁଥିଲା । ବିହାରୀ ଆପଣା ମନରେ ନାମକୀର୍ତ୍ତନ କରୁଥାଏ । କୀର୍ତ୍ତନରେ ଏତେ ମତ୍ତ ହୋଇ ପଡ଼ିଲା ଯେ ଭାବରେ ବିଭୋର ହୋଇ ଜଳରେ ପଡ଼ି ବୁଡ଼ିଗଲା । ତା'ର ସଙ୍ଗୀ ମନେକଲା ଯେ

ଶୀଘ୍ର ଉଠି ଆସିବ । କିନ୍ତୁ ତାହାର ଉଠି ଆସିବାରେ ବିଳମ୍ବ ହେବାରୁ ସଙ୍ଗୀ ମନେକଲା, ''ଭଣ୍ଡାମି କରି ଜଳରେ ବୁଡ଼ି ରହିଛି, ମୁଁ ଏହି ଅବସରରେ ଟିକିଏ ତମାଖୁ ଖାଇନିଏ ।'' ଏହା କହି ସେ ତମାଖୁ ସଜାଇ ଚିଲମରେ ଅଗ୍ନିପ୍ରଦାନ କରି ଧୂମ୍ରପାନ କରିବାକୁ ଲାଗିଲା । ଏହି କାର୍ଯ୍ୟରେ ତା'ର ଅନେକ ସମୟ ଅତୀତ ହୋଇଗଲା । ସେ ଦେଖିଲା ଯେ ବ୍ୟାପାର ଗୁରୁତର । ତହିଁ ସେ ଗୋଟିଏ ବାଉଁଶ ଦ୍ୱାରା ଅନୁସନ୍ଧାନ କରି ଅତି କଷ୍ଟରେ ବିହାଗୀକୁ ଜଳ ମଧ୍ୟରେ ନିମଜ୍ଜିତ ଅବସ୍ଥାରେ ପ୍ରାପ୍ତ ହୋଇ ତାକୁ ଜଳ ମଧ୍ୟରୁ ଉତ୍ତୋଳନ କରି ନୌକାରେ ବସାଇଲା । ସେତେବେଳେ ବିହାଗୀ ପ୍ରକୃତିସ୍ଥ ହୋଇ ବିସ୍ମିତ ଭାବରେ ଏବଂ ଟିକିଏ ଅପ୍ରସ୍ତୁତ ହୋଇ ସେହି ସଙ୍ଗୀକୁ କହିଲା, ''ତୁମେ ମୋର ସମସ୍ତ ଶରୀର ଓ ବସ୍ତ୍ର ଚିନ୍ଧାଇ ଦେଇ କାହିଁକି ?'' ସଙ୍ଗୀଟି ସମସ୍ତ ବୃତ୍ତାନ୍ତ ପ୍ରକାଶ କଲା । ସେତେବେଳେ ବୁଝାଗଲା—କୀର୍ତ୍ତନ ମହିମା, ହରିନାମର ଶକ୍ତି । ସେହି ସମୟରୁ ଏକ-ଏକ ଦିନ ଏକ-ଏକ ସ୍ଥାନରେ କୀର୍ତ୍ତନରେ ଅଲୌକିକ ଅଦ୍‌ଭୁତ ଘଟଣା ସମୂହ ସଂଘଟିତ ହେବାକୁ ଲାଗିଲା । ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ତାହା ବିବୃତ ହେବ ।

୯

ଶ୍ରୀଶ୍ରୀଠାକୁର

ସେତେବେଳେ ସମସ୍ତେ ତାଙ୍କୁ ଭଲପାଇ ଏବଂ ଭକ୍ତି କରି ''ଠାକୁର'' ବୋଲି ସମ୍ବୋଧନ କରିବାକୁ ଲାଗିଲେ । ଡାକୁରବାବୁ ବୋଲି କିମ୍ବା ନାମ ଧରି ସମ୍ବୋଧନ କରିବାକୁ ଇଚ୍ଛା କଲେ ନାହିଁ । ସେ କିନ୍ତୁ ''ଠାକୁର'' ହେବା ଆଦୌ ପସନ୍ଦ କରନ୍ତି ନାହିଁ । କେହି ''ଠାକୁର'' ବୋଲି ସମ୍ବୋଧନ କଲେ ସେ ସନ୍ତୁଷ୍ଟ ହେଉନଥିଲେ । ତେବେ ସମସ୍ତେ ''ଠାକୁର'' କହୁ-କହୁ କ୍ରମେ ସେହି ଡାକ ତାଙ୍କର ସହ୍ୟ ଓ ଅଭ୍ୟସ୍ତ ହୋଇଗଲା । ଆମ୍ଭେମାନେ ଏଣିକି ତାଙ୍କୁ 'ଶ୍ରୀଶ୍ରୀଠାକୁର' ବୋଲି ଅଭିହିତ କରିବା ।

ଏହି ସମୟରେ ତାଙ୍କର ଏହି ପରମ ପବିତ୍ର ନର ଦେହରେ ଆଧ୍ୟାତ୍ମିକତାର ପୂର୍ଣ୍ଣ ପ୍ରକାଶର ବିଷୟ କ୍ରମେ ପ୍ରକାଶିତ ହୋଇପଡ଼ିଲା । ଅନ୍ତରସ୍ଥ ମହା ଆଧ୍ୟାତ୍ମିକ ଭାବ ଫୁଟି ବାହାରିବାକୁ ଲାଗିଲା । ଉକ୍ତ ଭାବକୁ ସେ ଗୁପି ରଖିବାକୁ ବା ଗୋପନ କରିବାକୁ ଚେଷ୍ଟା କରିବା ସତ୍ତ୍ୱେ ସେହି ପ୍ରେମଗଙ୍ଗାର ସ୍ରୋତାବେଗ ପ୍ରବଳରୁ ପ୍ରବଳତର ହୋଇ ବର୍ଦ୍ଧିତ ହେବାକୁ ଲାଗିଲା । ଭସ୍ମାଚ୍ଛାଦିତ ବହ୍ନି ଆଉ ଅପ୍ରକାଶିତ ରହି ପାରିଲା ନାହିଁ । ତାଙ୍କ ସଙ୍ଗରେ ଯେଉଁମାନେ ''ଅଗ୍ନିଅଂଶୁ ଯେନ ପାଂଶୁଜାଲେ ଆଚ୍ଛାଦିତ'' ଥିଲେ ସେ ସେମାନଙ୍କୁ ମଧ୍ୟ ଅତିମାନବଶକ୍ତି ପ୍ରଭାବରେ ପ୍ରଜ୍ୱଳିତ କରିଦେଲେ ସେମାନଙ୍କୁ ମଧ୍ୟ ସେ ଫୁଟାଇ ତୋଳିଲେ ।

ଭକ୍ତର ଇଷ୍ଟମୂର୍ତ୍ତି ଦର୍ଶନପ୍ରାପ୍ତି ତାଙ୍କ ଦେହରେ

ସେ ଯେ କ'ଣ ! କେଉଁ ଭାବ ତାଙ୍କର ନିଜସ୍ୱ, ତାହା କେହି ସ୍ଥିର କରି ପାରୁନଥିଲେ । ଆକୁଳ ଭଗବଦ୍‌ଭକ୍ତମାନଙ୍କ ସଂସର୍ଗରେ ସେ ସେମାନଙ୍କର ଇଷ୍ଟଙ୍କ ଭାବାପନ୍ନ ହୋଇ ପଡୁଥିଲେ । ଗୌରଭକ୍ତଗଣ ତାଙ୍କ ଦେହରେ ଶ୍ରୀଗୌରାଙ୍ଗଦେବଙ୍କ ଭାବାବସ୍ଥାର ସମସ୍ତ ଲକ୍ଷଣ ଦେଖିବାକୁ ଲାଗିଲେ ଏବଂ ମିଳାଇ ନେଇ ପରିତୃପ୍ତ ହେଉଥିଲେ । କେହି କେହି ତାଙ୍କୁ ଗୌରାଙ୍ଗ ରୂପରେ ଦର୍ଶନ

ମଧ୍ୟ ପ୍ରାପ୍ତ ହେଲେ । କୌଣସି କୌଣସି ଶାକ୍ତଭକ୍ତ ତାଙ୍କୁ କାଳୀରୂପରେ ମଧ୍ୟ ଦର୍ଶନପ୍ରାପ୍ତ ହୋଇଛନ୍ତି । କେହି ବା ତାଙ୍କୁ ନିତ୍ୟାନନ୍ଦ ମନେ କରୁଥିଲେ । ପୁଣି, କେହିବା ତାଙ୍କୁ ସିଦ୍ଧପୁରୁଷ ବୋଲି ଭାବୁଥିଲେ । କିନ୍ତୁ ଯେଉଁମାନେ ତାଙ୍କର ନିଜ ଅନୁଭୂତିର ବିଷୟ ଜାଣିବାକୁ ଚେଷ୍ଟା କରିଥିଲେ ବା ଜାଣି ପାରିଥିଲେ ସେମାନେ ଜାଣିଥିଲେ ଯେ, ସେ ଏ ସମସ୍ତଙ୍କ ମଧ୍ୟରୁ କେହି ନୁହଁନ୍ତି । ଚିନ୍ତା ମାତ୍ରକେ ସେ ଏହିସବୁ ଭାବାପନ୍ନ ହୋଇ ପଡ଼ିଲେ ମଧ୍ୟ ତାଙ୍କର ଗୋଟାଏ ନିଜସ୍ୱ ସତ୍ତା ଅଛି । ସେହି ସତ୍ତା ମଧ୍ୟରେ ଏହି ସମସ୍ତ ଉଲ୍ଲିଖିତ ଭାବ ବ୍ୟତୀତ ଆହୁରି କିଛି ଅଛି ।

ସେ ଆତ୍ମପ୍ରକାଶ କରିବାକୁ ବା ଲୋକଙ୍କ ନିକଟରେ ଧରାଦେବାକୁ ଇଚ୍ଛା କରୁନଥିଲେ । ସୁତରାଂ ବେଳେବେଳେ କୌଶଳ ପୂର୍ବକ ଅନ୍ୟାନ୍ୟ ମହାପୁରୁଷଙ୍କୁ ଆଦର୍ଶ ରୂପେ ଲୋକମାନଙ୍କ ନିକଟରେ ପ୍ରକାଶ କରୁଥିଲେ, ବା ଲୋକଙ୍କର ଭାବ ଅନୁଯାୟୀ ନାନା ସଦ୍‌ଗ୍ରନ୍ଥ ପାଠ ଦ୍ୱାରା ସେମାନଙ୍କୁ ଭଗବଦ୍‌ଚିନ୍ତାରେ ନିଯୁକ୍ତ ରଖୁଥିଲେ । ଅନେକେ ତାଙ୍କୁ ବୁଝିପାରି ମଧ୍ୟ ଆଦେଶ ପାଳନାର୍ଥେ ତାଙ୍କୁ ପ୍ରକାଶ କରୁନଥିଲେ ।

ମହାଭାବାବସ୍ଥା

ଏହି ସମୟରେ ଈଶ୍ୱର-ବିଷୟକ କୌଣସି ସଙ୍ଗୀତ ଶ୍ରବଣ କରିବା ଦ୍ୱାରା କିମ୍ବା କୌଣସି ଉଦ୍ଦୀପନାର କାରଣ ଉପସ୍ଥିତ ହେଲେ ଅଥବା ନିଜେ କୀର୍ତ୍ତନ ବା ସଙ୍ଗୀତ କଲେ ତାଙ୍କର ଭାବ ଓ ମହାଭାବ ହେବାକୁ ଲାଗିଲା । ପ୍ରଥମେ ପ୍ରଥମେ ସେହି ଅବସ୍ଥାକୁ କୌଣସି ବ୍ୟାଧିବିଶେଷ ବୋଲି ଅନେକେ ମନେ କରିଥିଲେ । କିନ୍ତୁ ପାବନା ସହରସ୍ଥ ଜଣେ ବିଶିଷ୍ଟ ବ୍ୟକ୍ତି ଏହାର ବିଶେଷତ୍ୱ ଉପଲବ୍ଧି କରି ଏହି ମହାଭାବାବସ୍ଥାର କଥା ସମସ୍ତଙ୍କୁ ଅବଗତ କରାଇଲେ । ସେହି ସମୟଠାରୁ ଉକ୍ତମହାଭାବାବସ୍ଥା ସମୟରେ ପ୍ରକାଶିତ ବାଣୀ ଲିପିବଦ୍ଧ କରାଗଲା । ଏହି ମହାସମାଧି ବା ଭାବାବସ୍ଥା ସମୟରେ ତାଙ୍କର କୌଣସି ପ୍ରକାର ବାହ୍ୟଜ୍ଞାନ ନ ଥାଏ । ସେହି ମହାଭାବର ପ୍ରଗାଢ଼ ଅବସ୍ଥାରେ କୌଣସି କୌଣସି ସମୟରେ ତାଙ୍କର ଶ୍ୱାସପ୍ରଶ୍ୱାସ କାର୍ଯ୍ୟ ଏକାବେଳେକେ ବନ୍ଦ ହୋଇଯିବାର ଦେଖାଯାଉଥିଲା । ପ୍ରକୋଷ୍ଠର ଧମନୀ ସ୍ପନ୍ଦନ ବନ୍ଦ ହୋଇ ଯାଉଥିଲା । ସେତେବେଳେ ଠିକ୍ ମୃତବତ୍ ଅବସ୍ଥା ହୋଇପଡୁଥିଲା । ଡାକ୍ତରମାନେ ମଧ୍ୟ ପରୀକ୍ଷା କରି ସ୍ତମ୍ଭିତ ହୋଇଛନ୍ତି । ଦିନେ କୌଣସି ଏକ ସ୍ଥାନରେ କୌଣସି ବ୍ୟକ୍ତି ତାଙ୍କୁ ଏହି ମହାଭାବାବସ୍ଥାରେ ପରୀକ୍ଷା କରିବାକୁ ଯାଇ ଅଗ୍ନି ଖଣ୍ଡ ଦ୍ୱାରା ତାଙ୍କ ଦେହର ଚର୍ମ ଏକ ସ୍ଥାନରେ ଦଗ୍ଧ କରି ଦେଇଥିଲେ । କିନ୍ତୁ ସେଥିରେ ମଧ୍ୟ ତାଙ୍କର ବାହ୍ୟଚୈତନ୍ୟ ସମ୍ପାଦିତ ହୋଇନାହିଁ । ଆଉ ଥରେ ମଧ୍ୟ ସେହିପରି କରାଯାଇଥିଲା ।

ମହାଭାବବାଣୀ

ଏହିପରି ଅବସ୍ଥାରେ ଜୀବୋଦ୍ଧାରକଳ୍ପେ ଓ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ତାଙ୍କ ଶ୍ରୀମୁଖରୁ ଭାବବାଣୀ ନିର୍ଗତ ହେଉଥାଏ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଯୋଗଯୁକ୍ତ ବା ଆତ୍ମସଂସ୍ଥ ଅବସ୍ଥାରେ ଗୀତା ପ୍ରକାଶ କରିଥିଲେ ମହାଭାରତ ଷୋଡ଼ଶ ଅଧ୍ୟାୟ— ଅଶ୍ୱମେଧ ପର୍ବ) । ଏହି ବାଣୀ ମଧ୍ୟ ଅନେକାଂଶରେ ସେହି ଧରଣର । ତେବେ ଏଥିରେ ନାନା ଭାବର ବାଣୀ ଓ ଏପରି ସବୁ କଥା ନିର୍ଗତ ହୋଇଛି ଯେ, ସେପରି ଭାବବାଣୀ କୌଣସି ଦେଶର କୌଣସି ଧର୍ମଗ୍ରନ୍ଥରେ ଦୃଷ୍ଟ ହୁଏ ନାହିଁ ।

ଗୀତା ଓ ଶ୍ରୀଶ୍ରୀଠାକୁରଙ୍କ ଭାବବାଣୀ

ମହାଭାରତର ଅଶ୍ୱମେଧ ପର୍ବ (ଷୋଡ଼ଶ ଅଧ୍ୟାୟ) ପାଠ କଲେ ଦେଖାଯାଏ, ଅର୍ଜ୍ଜୁନ ଏକସ୍ଥାନରେ ଶ୍ରୀକୃଷ୍ଣଙ୍କୁ ପୁନରାୟ ଗୀତାର ଉପଦେଶ ଦେବାକୁ ଅନୁରୋଧ କଲେ । ତହିଁରେ ଶ୍ରୀକୃଷ୍ଣ କହିଲେ, ''ମୁଁ ସେତେବେଳେ ଯୋଗସ୍ଥ ଅବସ୍ଥାରେ ଗୀତାର ବାଣୀ କହିଥିଲି । ସୁତରାଂ ବର୍ତ୍ତମାନ ଆଉ ସେପରି ଭାବରେ କହିପାରିବି ନାହିଁ । ବର୍ତ୍ତମାନ ଆଉ ମୋର ଯୋଗଯୁକ୍ତ, ଅବସ୍ଥା ଉପସ୍ଥିତ ହେବ ନାହିଁ । ତୁମେ ସେ ସମୟରେ ସେହିସବୁ କଥା ହୃଦୟଙ୍ଗମ ନଜରି ଓ ସମ୍ପୂର୍ଣ୍ଣ ସ୍ମରଣ ନ ରଖି ଅନ୍ୟାୟ କାର୍ଯ୍ୟ କରିଅଛ । ଯାହା ହେବାର ହୋଇଛି, ମୁଁ ତୁମକୁ ନୂତନ ନୂତନ ଉପଦେଶ ଦେଉଅଛି,-ଶ୍ରବଣ କର ।'' ସେହି ଉପଦେଶ ସମଷ୍ଟି 'ଅନୁଗୀତା' ନାମରେ ଖ୍ୟାତ । ଏହି ଘଟଣାରୁ ବୁଝାଯାଉଛି ଯେ ଶ୍ରୀକୃଷ୍ଣଙ୍କର ଗୀତା କହିବା ସମୟର ଭାବ ବା ଅବସ୍ଥା କିପରି ଥିଲା । ଏହି ଅବସ୍ଥାରେ ବାହ୍ୟଜ୍ଞାନ ନ ଥିଲେ ହେଁ ଭିତରେ ଚିଦାନନ୍ଦର ତରଙ୍ଗ ଉଠୁଥାଏ । ଏଥିପାଇଁ ଗୀତାର ବାଣୀ ପ୍ରକାଶର ଧରଣ ଓ ଆମର ବର୍ତ୍ତମାନ ଭାବବାଣୀ ପ୍ରକାଶର ଧରଣକୁ ଏକ ବୋଲି କୁହାଯାଇଛି । ତେବେ, ବାଣୀ ହିସାବରେ କୌଣସି କୌଣସି ଅଂଶରେ ଉଭୟ ଏକ ଧରଣର, ପୁଣି କୌଣସି କୌଣସି ଅଂଶରେ ଭିନ୍ନ ଧରଣର । ଆମେମାନେ ଗୀତାରେ ଯେଉଁସବୁ ଉପଦେଶ ଓ ସତ୍ୟ ପ୍ରାପ୍ତ ହେଉ ସେ ସମସ୍ତ ହିଁ ଉପନିଷଦରେ ଦୃଷ୍ଟ ହୁଏ । ତେବେ ଗୀତା ଓ ଉପନିଷଦ ମଧ୍ୟରେ ତାରତମ୍ୟ କ'ଣ ? ଉପନିଷଦର ସମସ୍ତ ଭାବଗୁଡ଼ିକୁ ସଂଗ୍ରହ କରି ସେଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟ ବିଧାନ କରାଯାଇଛି ଏବଂ ତା'କୁ ସଂକ୍ଷିପ୍ତ କରାଯାଇଛି । ଗୀତା ସହିତ ଉପନିଷଦର ସମ୍ବନ୍ଧ ଯେ ଠିକ୍ ଏତିକି ମାତ୍ର, ତାହା ନୁହେଁ । ଗୀତାର ବକ୍ତା ଭାବସ୍ଥ ଅବସ୍ଥାରେ ଅର୍ଜ୍ଜୁନଙ୍କୁ ଉପଦେଶ ଦେଇଥିଲେ । କିନ୍ତୁ ଉପନିଷଦର ଋଷିମାନେ

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ସାଧାରଣତଃ ନିଜର ସ୍ୱରୂପ ସମ୍ବନ୍ଧରେ ନିର୍ବାକ୍ । କିନ୍ତୁ, ତାଙ୍କର ଏହି ନିର୍ଲିପ୍ତ ସମାଧିକାଳୀନ ଅବସ୍ଥାରେ ତାଙ୍କର ନିଜର ତୁରୀୟ ସତ୍ତା, ପରାପ୍ରକୃତି, ଅବ୍ୟୟ, ଅକ୍ଷୟ, ଅନାଦି, ଅନନ୍ତ, ନିତ୍ୟୋପାଧିସ୍ୱରୂପ, ଚରମ ତତ୍ତ୍ୱ, ପରମ ପ୍ରକାଶ ଓ ମହାଶକ୍ତି ସମ୍ବନ୍ଧରେ ଯେଉଁ ଦୈବୀଘୋଷଣା ଉଦ୍‌ଘୋଷିତ ହୋଇଛି ତାହା ସମସ୍ତ ମାନବସମାଜ ପକ୍ଷରେ ଅଶେଷ ଆଶାର ବାର୍ତ୍ତା । ସେ ପ୍ରତି ପଦେ ପଦେ ମଣିଷକୁ ଅଭୟ ଦେଇଛନ୍ତି, ଆଶା ଦେଇଛନ୍ତି, ଭରସା ଦେଇଛନ୍ତି, ପରିତ୍ରାଣର ପଥ ଦେଖାଇଛନ୍ତି ବିଶ୍ୱବିଭୁ, ନିଖିଳ ପ୍ରାଣେଶ୍ୱର, ସର୍ବକାରଣ-କାରଣ, ସର୍ବଶକ୍ତିମାନ୍ ଯେ ସେ-ହିଁ ଆଜି ଅଘମ ଜଗୁଣାରେ ନରଭୋଜରେ ନରଦେହରେ ଅବତୀର୍ଣ୍ଣ ହୋଇ ମାନବକଲ୍ୟାଣରେ ନିୟୋଜିତ । ଏହାଠାରୁ ମହତ୍ତର, ଆଶ୍ୱାସର ବାଣୀ ଆଉ କ'ଣ ଥାଇପାରେ— ଆର୍ତ୍ତ, ପ୍ରପୀଡ଼ିତ ମନୁଷ୍ୟ ନିକଟରେ ? ସେ ଏହି ବାଣୀଗୁଡ଼ିକ ମଧ୍ୟରେ ବହୁବାର କହିଛନ୍ତି ଆତ୍ମସମର୍ପଣର କଥା, ବିଶ୍ୱାସର କଥା, ଭକ୍ତିର କଥା, କୀର୍ତ୍ତନର କଥା, ନାମଧ୍ୟାନର କଥା, ଅଚଦ୍ରକର୍ମର କଥା, ଆତ୍ମହରା ହଇ ପାଇବାର ଓ ସେବାର କଥା ଓ ପ୍ରେମୋନ୍ମତ୍ତ ହୃଦୟରେ ଜଗତମୟ ନାମ ପ୍ରସ୍ପରର କଥା । ବାଣୀ ଗୁଡ଼ିକ ଏପରି ଏକ ଉଚ୍ଚୁଟ ଭାବଭୂମିସ୍ଥ ଅମୋଘ ଆବେଗର ସହିତ କୁହାଯାଇଛି ଯେ, ସେଗୁଡ଼ିକ ନିର୍ବିଘ୍ନ ନିଷ୍ଠା ସହିତ ଅଧ୍ୟୟନ ଓ ଅନୁଧ୍ୟାନ କଲେ ମନେହୁଏ ଯେପରି ଏକ ମୁହୂର୍ତ୍ତରେ ମଣିଷର ଏକ କ୍ଷୁଦ୍ର, ଅବସାଦଗ୍ରସ୍ତ ମନକୁ ଅତ୍ୟୁଚ୍ଚ ଆଲୋକର ରାଜ୍ୟକୁ, ଆନନ୍ଦର ରାଜ୍ୟକୁ, ଚୈତନ୍ୟର ରାଜ୍ୟକୁ ନେଇଯାଏ । ଦୁଃଖ, ବିଷାଦ, ଅବସାଦ, ଅବିଶ୍ୱାସ, ଜଡ଼ତା ଯେପରି ପଇଜରେ କେଉଁଆଡ଼େ ଉଭେଇଯାଏ । ମନ ଆନନ୍ଦରେ ଭରିଉଠେ, ପ୍ରାଣ ପାଗଳ ହୁଏ ଆତ୍ମସନ୍ଦର୍ଶନ ପାଇଁ, ଭଗବାନ୍ ଲାଭ ପାଇଁ । ଜୀବନରେ ଯେପରି ଏକ ଅଭୂତପୂର୍ବ ଶକ୍ତିର ଉତ୍ସ ଖୋଲିଯାଏ । ସମସ୍ତଙ୍କ ମଧ୍ୟରେ ତାଙ୍କୁ ପ୍ରତିଷ୍ଠା କରିବା ପାଇଁ ସତ୍ତା ଜାଗ୍ରତ, ଆକୁଳ ଓ ଉଦ୍ଦାମ ହୋଇଉଠେ ।

ଏହି ଅଭୂତପୂର୍ବ ମହାଭାବାବତାରରେ ବିଶ୍ୱରହସ୍ୟର ଗଭୀରତତ୍ତ୍ୱପୂର୍ଣ୍ଣ ଅପୂର୍ବ ବାଣୀସମୂହ ତାଙ୍କର କଣ୍ଠରୁ କିପରି ଯେ ବାହାରି ଆସୁଥାଏ— ଏହି ମହାରହସ୍ୟମୟ ଘଟଣା କିପରି ବା ସମ୍ଭବ ହୁଏ, ତାହା ବୁଦ୍ଧିର ରାଜ୍ୟରେ ଧରାଦିଏନା । ବିଜ୍ଞାନ ଆଜି ମଧ୍ୟ ତାହା ବ୍ୟାଖ୍ୟା କରିପାରେ ନା । ତେବୁ ଏହାହିଁ ବିଶ୍ୱସାହିତ୍ୟ—ଦୈବୀସାହିତ୍ୟ ।

ଧ୍ୟାନସ୍ଥ ଅବସ୍ଥାରେ ଯାହା ଦର୍ଶନ ଓ ଶ୍ରବଣ କରିଥିଲେ, ସହଜ ଓ ସାଧାରଣ ଅବସ୍ଥାରେ ତାହାହିଁ ଶିଷ୍ୟଗଣଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । ଏଥିପାଇଁ ଉପନିଷଦର ପ୍ରକାଶ ଏକଭାବରେ ଆଉ ଗୀତାର ପ୍ରକାଶ ଅନ୍ୟଭାବରେ । ବାଣୀ ଯେପରି ଭାବରେ ପ୍ରକାଶିତ ହେଉ ନା କାହିଁକି ତାହା ପାଠକମାନଙ୍କ ପକ୍ଷରେ ପ୍ରାୟ ଏକ ହେଲେ ହିଁ ଶ୍ରୋତା ପକ୍ଷରେ ତା'ର ତାରତମ୍ୟ ଖୁବ୍ ବେଶି । କୌଣସି ଋଷିମୁଖରୁ ଶ୍ରୁତ ଉପନିଷଦ କୌଣସି ବ୍ୟକ୍ତିର ଯେପରି ମର୍ମସ୍ପର୍ଶୀ ହେବାର କଥା, ସେହି ସମସ୍ତ ବାଣୀ ଭାବସ୍ଥ ଅବସ୍ଥାରେ ଗୀତା ବକ୍ତାଙ୍କ ମୁଖରୁ ଶ୍ରୁତ ହେଲେ ତାହା ଅପେକ୍ଷା ବହୁଗୁଣରେ ମର୍ମସ୍ପର୍ଶୀ ହେବ । ଉପନିଷଦ ସହିତ ଗୀତାର ଏହି ସମ୍ବନ୍ଧ ବୁଝିପାରିଲେ, ଯୁଗାଘ୍ୟର୍ଯ୍ୟଙ୍କ ବାଣୀ ସହିତ ଶ୍ରୀଶ୍ରୀଠାକୁରଙ୍କ ଭାବବାଣୀର ସମ୍ବନ୍ଧ ବୁଝିହେବ । ଉପନିଷଦର କଥା ଋଷିଙ୍କର ଉପଲବ୍ଧିର କଥା । ଆଉ, ଗୀତାର ବାଣୀ ଆତ୍ମସଂସ୍ଥାବସ୍ଥାରେ ଶ୍ରୀଭଗବାନଙ୍କର ବାଣୀ । ଏହି ଭାବବାଣୀରେ ସାମାନ୍ୟ ସାମାନ୍ୟ ସାଧକଙ୍କ ବାଣୀ ଓ ଉପଦେଶରୁ ଆରମ୍ଭ କରି ବର୍ତ୍ତମାନ ଯୁଗର ଯୁଗାଘ୍ୟର୍ଯ୍ୟ ଜଗଦ୍ବରେଣ୍ୟ ପୁରୁଷଗଣଙ୍କର ଉପଦେଶନିଚୟ ମଧ୍ୟ ପରିଦୃଷ୍ଟ ହୁଏ । ପୁଣ୍ୟପୋଥି ବା **Holy Book** ନାମରେ ଏହି ଭାବବାଣୀର ସାମାନ୍ୟ ଏକ ଅଂଶ ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି । ଏହି ଗ୍ରନ୍ଥର ଅନ୍ୟତ୍ର ତାହାର କିୟଦଂଶ ସହୃଦୟ ପାଠକ-ପାଠିକାମାନଙ୍କର ଅବଗତି ପାଇଁ ଉଦ୍ଧୃତ କରାଯାଇଛି ।

ଭାବବାଣୀର ପ୍ରକାର

ଭାବର ଚରମରେ ଅନେକଙ୍କର ଲୟ ହୋଇଯାଏ । କିନ୍ତୁ, ସେ ଯେତେବେଳେ ବିଶ୍ୱୋଦ୍ଧାରକତ୍ୱେ ଜୀବ ପ୍ରତି ଦୟାକରି ଏହି ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି, ସେ-ହି ଭାବର ଚରମରେ ମଧ୍ୟ ଏକାବେଳକେ ଲୟ ନ ହୋଇ ଫେରି ଆସିପାରନ୍ତି । ଏହି ଭାବବାଣୀର ବ୍ୟାପାର ଏହାଠାରୁ ମଧ୍ୟ ଗୁରୁତର । ଏହି ଭାବବାଣୀରେ ନାନାପ୍ରକାର ଉପଦେଶ ଦୃଷ୍ଟ ହୁଏ । କେତେବେଳେ କେତେବେଳେ ସମୁଦାୟ ଜଗତର ମଙ୍ଗଳଜନକ ସାଧାରଣ କଥା, କେତେବେଳେ ଚୈତନ୍ୟଧାମର ସର୍ବୋଚ୍ଚତମ ସ୍ତରର କଥା ବା କୌଣସି ବ୍ୟକ୍ତିଗତ କଥା, ପୁଣି କେତେବେଳେ କାହାରି ମନୋଗତ ପ୍ରଶ୍ନର ଉତ୍ତର ଓ ଜଗତର ନାନା ବିଷୟକ ଭବିଷ୍ୟଦ୍‌ବାଣୀ ପ୍ରକାଶିତ ହୋଇଅଛି । କ୍ୱଚିତ୍ କେତେବେଳେ ଇଂରାଜୀ ଓ ବଙ୍ଗଳା ବ୍ୟତୀତ ଅନ୍ୟ ଭାଷାରେ ବାଣୀ ବହିର୍ଗତ ହୋଇଅଛି । ମନୁଷ୍ୟ ହିସାବରେ ଯେଉଁସବୁ ଭାଷା ସେ ଜାଣନ୍ତି ନାହିଁ, ଏପରି ଦୁର୍ବୋଧ୍ୟ ଭାଷାରେ କ୍ୱଚିତ୍ ଦିନେ ଦିନେ ପଦେଅଧେ ବାଣୀ ବାହାରିଥିଲା, କିନ୍ତୁ ସେପ୍ରକାର ଭାଷାରେ ଅଭିଜ୍ଞ ଲୋକର ଅଭାବରୁ ସେଗୁଡ଼ିକ ଲିପିବଦ୍ଧ ହୋଇନାହିଁ । ସାଧାରଣତଃ ଅଧିକାଂଶ ବାଣୀ ବଙ୍ଗ-ଭାଷାରେ ହିଁ ବିନିର୍ଗତ ହୋଇଅଛି ।

ଏହି ଭାବବାଣୀରେ ପୃଷ୍ଟିତତ୍ତ୍ୱ, ଶ୍ରୀଭଗବାନଙ୍କର ଅଧୁନା ଅବତାର ଗ୍ରହଣ ବିଷୟକ ନାନା କଥା, ଜଗତର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଅବସ୍ଥାର କଥା, ଜୀବୋଦ୍ଧାର ପାଇଁ ବର୍ତ୍ତମାନ ଯୁଗର ସର୍ବଶ୍ରେଷ୍ଠ, ସହଜ, ସରଳ ଓ ଆଶୁ ଫଳପ୍ରଦ ସାଧନ-ଭଜନତତ୍ତ୍ୱର କଥା ବା ଇଷ୍ଟରୋପାସନା ପ୍ରଣାଳୀ, ଜ୍ଞାନ, ଭକ୍ତି ଓ କର୍ମର କଥା, ବଙ୍ଗଳା ତଥା ଭାରତର କଥା ମଧ୍ୟ କୁହାଯାଇଛି । ଇଉରୋପ ଆମେରିକା ପ୍ରଭୃତିର କଥା ମଧ୍ୟ ଅଛି । ରାଜଭକ୍ତି ସମ୍ବନ୍ଧୀୟ କଥା ଏବଂ ଧର୍ମ ସହିତ କର୍ମର ଉପଦେଶ ଅଛି । ଶ୍ରୀମଦ୍‌ଭାଗବତ ବେଦାନ୍ତ ଶିକ୍ଷା ଏବଂ ପ୍ରଶ୍ନୋତ୍ତରର କଥା ଅଛି । ସାର୍ବଜନୀନ ଭ୍ରାତୃଭାବ ଓ ପ୍ରେମପ୍ରଶ୍ନୋତ୍ତରର କଥା ବିଶେଷଭାବରେ ଉପଦିଷ୍ଟ ହୋଇଅଛି । ନାମତତ୍ତ୍ୱ, ନାମମାହାତ୍ମ୍ୟ,

ସଂକୀର୍ତନତତ୍ତ୍ୱ, ସଂକୀର୍ତନମାହାତ୍ମ୍ୟ, ଯଥାର୍ଥ ଓ ପ୍ରତ୍ୟକ୍ଷ ଫଳପ୍ରଦ ସଙ୍କୀର୍ତନ ପ୍ରଣାଳୀ, ଯୋହାକି ଆଜିକାଲି ଅଧିକାଂଶ ଲୋକ ଅବଗତ ନୁହଁନ୍ତି ଏବଂ ଜ୍ଞାନ, ଭକ୍ତି ଓ ଜ୍ଞାନମିଶ୍ରାଭକ୍ତିର ବିଷୟ ବିଶେଷଭାବରେ ଉପଦିଷ୍ଟ ହୋଇଅଛି ।

ଅଲୌକିକ ଶକ୍ତିର କଥା (miracles)

ବର୍ତ୍ତମାନ ସେ ନିଜେ ପ୍ରକାଶ ନ କଲେ ସୁଦ୍ଧା ତାଙ୍କର ଅସାମାନ୍ୟ ଅନ୍ତର୍ଯ୍ୟାମିତ୍ୱ ଓ ଅଲୌକିକ ଶକ୍ତିର ବିଷୟ ଅନେକଙ୍କ ନିକଟରେ ପ୍ରକାଶିତ ହୋଇପଡ଼ିଲା । ସେସବୁ ଘଟଣାକ୍ରମେ ଦ୍ରଷ୍ଟବ୍ୟ । ତାଙ୍କର ପଦାଙ୍କାନୁସରଣକାରୀ ଅନେକଙ୍କଠାରେ ମଧ୍ୟ ଏହିସବୁ ଅତିମାନବଶକ୍ତିର ପ୍ରକାଶ ଦେଖାଯାଉଅଛି । ବର୍ତ୍ତମାନ ସମୟରେ ତାଙ୍କ ସମ୍ବନ୍ଧରେ ଅନେକ ଅତ୍ୟାଶ୍ଚର୍ଯ୍ୟ ଅତିମାନବ ଘଟଣା ଅନେକେ ପ୍ରତ୍ୟକ୍ଷ କରୁଅଛନ୍ତି । ଯେତେ ଦିନ ପରେ ଦିନ ଅତିବାହିତ ହୋଇଯାଇଛି, ତାଙ୍କର ନାନାପ୍ରକାର ଅତିମାନବଶକ୍ତି ଓ ଅଲୌକିକ ଘଟଣାବଳୀର କଥା ସେତିକି ପ୍ରକାଶିତ ହୋଇପଡୁଛି । ସବୁଗୁଡ଼ିକ ଲେଖି ପ୍ରକାଶ କରାଯାଇ ପାରେନା ଏବଂ ଲିପିବଦ୍ଧ କଲେ ପୁସ୍ତକର କଲେବର ଅସମ୍ଭବରୂପେ ବଢିଯିବ । କେତେକ ଅଂଶ ମାତ୍ର ଏହି ପୁସ୍ତକରେ ପ୍ରକାଶ କରାଗଲା । ସେ ଇଚ୍ଛା କରି କୌଣସି ଅଲୌକିକ ଘଟଣା ସଂଘଟନ କରିବା ଉଦ୍ଦେଶ୍ୟରେ କୌଣସି ଅତିମାନବଶକ୍ତି ପ୍ରକାଶ କରନ୍ତି ନାହିଁ । ତାଙ୍କର ଇଚ୍ଛମାନଙ୍କର ଭକ୍ତି ଓ ବିଶ୍ୱାସ ବଳରେ ଓ ତାଙ୍କ ପ୍ରଦତ୍ତ ସତ୍ୟନାମ ମାହାତ୍ମ୍ୟରେ ତାଙ୍କର ଜ୍ଞାତ ବା ଅଜ୍ଞାତସାରରେ ସେହିପରି ଘଟଣା ଘଟିଥାଏ । ସେ ଅତିମାନବ କ୍ରିୟାର ଅତୀତ । ସେଥିରେ କୌଣସି ଅଲୌକିକତ୍ୱ ନାହିଁ । ସେ ଏହିସବୁ ଅତିମାନବ କାର୍ଯ୍ୟକୁ ସର୍ବଦା ଅଗ୍ରାହ୍ୟ କରିବା ପାଇଁ ବିଶେଷଭାବରେ ଉପଦେଶ ଦେଇଥାନ୍ତି । ସେ କହନ୍ତି–– ''ଏହି ସତ୍ୟନାମ ସାଧନା କଲେ ଅତିଶୀଘ୍ର ତୁମେମାନେ ମଧ୍ୟ ଅତିମାନବ ଶକ୍ତିର ଅଧିକାରୀ ହୋଇପାରିବ, ଅନେକଙ୍କର ମଧ୍ୟ ଏହିପରି ହୋଇଅଛି । ତାହା ପ୍ରକାଶ କର ନାହିଁ ବା ସେ ଦିଗକୁ ମୋନୋଯୋଗ ଦିଅ ନାହିଁ । ତଦ୍ଦ୍ୱାରା ସାଧନପଥରେ ଅଗ୍ରସର ହେବାରେ ବିଘ୍ନ ହୁଏ ।''

ଆଶ୍ଚର୍ଯ୍ୟର କଥା ଏହି ଯେ, ଅନେକେହି ଏହିସବୁ ଅଲୌକିକ ଘଟଣା ଆଗ୍ରହ ସହକାରେ ଶୁଣିବା ପାଇଁ ସର୍ବଦା ଆକାଂକ୍ଷା ପ୍ରକାଶ ଓ ବିଶେଷଭାବେ ଅନୁରୋଧ କରିଥାନ୍ତି, ପୁଣି ଅନେକ ପ୍ରକାଶ୍ୟରେ ବୀତଶ୍ରଦ୍ଧ ହେଲେ ମଧ୍ୟ ଅନ୍ତରରେ ଅଲୌକିକ ଶକ୍ତିର ଭକ୍ତ ।

ଶିକ୍ଷିତ ବ୍ୟକ୍ତିମାନେ ପ୍ରାୟଶଃ ଦୁଇଟି କାରଣରୁ ଅଲୌକିକତ୍ୱ ଉପରେ ବୀତଶ୍ରଦ୍ଧ ହୋଇଥାନ୍ତି । ଗୋଟିଏ କାରଣ ଏହି ଯେ, ହୁଏତ ସେମାନେ ଇତିପୂର୍ବେ କେତେଗୁଡ଼ିଏ ଅପ୍ରାକୃତ ଭାବର ଅଲୌକିକତ୍ୱ ଅବଗତ ହୋଇଥିଲେ—ଯାହାକି ଭିତ୍ତିହୀନ ଅଥବା ଅବିଶ୍ୱସ୍ତ ବ୍ୟକ୍ତିର ଅତିରଞ୍ଜନ । ଆଉ ଗୋଟିଏ କାରଣ ଏହି ଯେ, ପୁସ୍ତକରେ ଦୃଷ୍ଟ ହୁଏ ଏବଂ ଶୁଣାଯାଏ ଯେ ଅଲୌକିକ ଶକ୍ତି ପ୍ରକାଶ ଅମ୍ନୋନ୍ନତିର ବା ଆଧ୍ୟାତ୍ମିକତାର ଅନ୍ତରାୟ । କିନ୍ତୁ ତାହାର ତଥ୍ୟ ବା ତତ୍ତ୍ୱ କିଏ ବା ଜାଣେ ? ସର୍ବଜନହିତ ପାଇଁ ମହାପୁରୁଷ ବା ଅବତାର ପୁରୁଷମାନଙ୍କର ଅଲୌକିକ ଶକ୍ତି ଜଗତରେ ପ୍ରକାଶିତ ହୋଇଥାଏ ।

ମଣିଷ ବିଚାର କରେ ଏକଭାବରେ, ଆଉ ଅନୁଭବ କରେ ଅନ୍ୟ ଭାବରେ । ଅଲୌକିକ ଶକ୍ତିଲାଭ ଜୀବନର ଲକ୍ଷ୍ୟ ନୁହେଁ । ଲକ୍ଷ୍ୟ ଶାନ୍ତି । କିନ୍ତୁ ଶାନ୍ତିକୁ ପଦଦଳିତ କରି ଅଶାନ୍ତିକର ଭୋଗ ଓ

ଶକ୍ତିକୁ ଆଲିଙ୍ଗନ କରିବାହିଁ ଜନସାଧାରଣଙ୍କର ଅଭ୍ୟାସ । ଶ୍ରୀକୃଷ୍ଣଙ୍କୁ ପ୍ରେମିକ ବା ସତ୍ୟଦ୍ରଷ୍ଟା ହିସାବରେ ଯେତେଲୋକ ଭଗବାନ କୁହନ୍ତି, ତାହାଠାରୁ ବହୁ ଗୁଣରେ ଅଧିକ ଲୋକ ତାଙ୍କର ଅଲୌକିକ କାର୍ଯ୍ୟଗୁଡ଼ିକୁହିଁ ଭଗବାନତ୍ୱର ଚିହ୍ନ ବୋଲି ଘୋଷଣା କରନ୍ତି । ଶ୍ରୀମଦ୍ଭାଗବତ ମଧ୍ୟ ସେ କଥା ଅସ୍ୱୀକାର କରନ୍ତି ନାହିଁ । ଭାଗବତରେ ଅଛି 'ଶ୍ରୀଭଗବାନଙ୍କ ଅଲୌକିକ ଶକ୍ତିର କଥା ଶ୍ରବଣ କରିବା କର୍ତ୍ତବ୍ୟ' (ପ୍ରଥମ ସ୍କନ୍ଧ, ପ୍ରଥମ ଅଧ୍ୟାୟ, ବିଂଶଶ୍ଲୋକ) । ଏପରି ଅନେକ ଲୋକ ଦେଖିବାକୁ ମିଳନ୍ତି, ଯେଉଁମାନେ ବିଗ୍ରହ କ୍ଷେତ୍ରରେ ଅଲୌକିକତ୍ୱକୁ ଘୃଣା କଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଏହାକୁ ଘୃଣା କରନ୍ତି ନାହିଁ, ବରଂ ଆକାଂକ୍ଷା କରନ୍ତି । ଅଲୌକିକତ୍ୱ ମାତ୍ରେହିଁ ଯେ ଘୃଣ୍ୟ ତାହା ନୁହେଁ । ଅସାଧାରଣ ପ୍ରେମ ବା ତତ୍ତ୍ୱଜ୍ଞାନ ଥିବା ମଧ୍ୟ ଅସାଧାରଣତ୍ୱ ଓ ଅଲୌକିକତ୍ୱ ଅଟେ । ଏ ପ୍ରକାର ଅଲୌକିକତା ଶେଷପର୍ଯ୍ୟନ୍ତ ମଙ୍ଗଳଜନକ ହୋଇଥାଏ, ତେଣୁ ତାହା ଶ୍ରେୟଃ ଓ ଗ୍ରାହ୍ୟ ଅଟେ । ସତ୍‌ନାମ ଓ ସଦ୍‌ଗୁରୁ-ମାହାତ୍ମ୍ୟରୁ କେତେଗୁଡ଼ିଏ ଆଶ୍ଚର୍ଯ୍ୟ ଘଟଣା ଆପେ ଆପେ ସଂଘଟିତ ହୋଇଥାଏ । କେହି କେହି କହନ୍ତି, ଏସବୁ ଅପାମ ଆଧ୍ୟାତ୍ମିକ ଶକ୍ତିର ବା ଈଶ୍ୱରଲାଭର ଅଥବା ଅବତାର ଗୁରୁଙ୍କର ପୂର୍ଣ୍ଣ ଭଗବତ୍ତାର ସ୍ୱାଭାବିକ ଶକ୍ତିର ବିକାଶ ମାତ୍ର । ଏ ସବୁ ଭୌତିକ କାଣ୍ଡ ନୁହେଁ, ଯାଦୁକରର ଯାଦୁ ନୁହେଁ, କିମ୍ବା କୌଣସି ପ୍ରକାର ବାହାଦୁରି ଦେଖାଇବା ବା ନିଜର ପ୍ରଚାର ପାଇଁ ନୁହେଁ । ଏହାର ପ୍ରକାଶ ଜଗତର ମଙ୍ଗଳ ନିମିତ୍ତ ।

'କିମିୟାୟେ ଛାହାଦତ୍' ନାମକ ମୁସଲମାନ ଗ୍ରନ୍ଥରେ ତିନି ପ୍ରକାର ଅଲୌକିକତ୍ୱର ବର୍ଣ୍ଣନା ଦେଖାଯାଏ । (୧) ଯାଦୁ– ସାଧାରଣ ଯାଦୁକରମାନେ ଯେଉଁସବୁ ଅଲୌକିକ କାର୍ଯ୍ୟ ପ୍ରଦର୍ଶନ କରିଥାଆନ୍ତି । ତାହାଦ୍ୱାରା ଜଗତର କୌଣସି ମଙ୍ଗଳ ବା ଆଧ୍ୟାତ୍ମିକ ଉନ୍ନତି ନ ହୋଇ ବରଂ ଅବନତି ହୋଇଥାଏ ।

(୨) କେରାମତ ବା କାରାମତ– ଯାହା ଓଲୀ ଅର୍ଥାତ୍ ପିଦ୍ଧପୁରୁଷମାନେ ଜଗତର ମଙ୍ଗଳ ପାଇଁ ପ୍ରଦର୍ଶନ କରିଥାନ୍ତି ।

(୩) ମୋୟାଜେଜା– ଯାହା ପୟଗମ୍ବର ବା ନବୀ **(prophet)** ଅର୍ଥାତ୍ ପ୍ରେରିତ ପୁରୁଷଗଣ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ କରିଥାନ୍ତି । ଶ୍ରୀକୃଷ୍ଣ ଜଗତର ମଙ୍ଗଳ ପାଇଁ ଏହିଭଳି ଅନେକ କାର୍ଯ୍ୟ କରିଥିଲେ । ଯେପରି—ମୃତବ୍ୟକ୍ତିର ପ୍ରାଣଦାନ, ଦ୍ରୌପଦୀଙ୍କଠାରୁ ଶାଗ ଟିକିଏ ଖାଇ ଉଦ୍‌ଗାର ତୋଳି ଷଷ୍ଟି-ସହସ୍ର ଶିଷ୍ୟଙ୍କର କ୍ଷୁଧା ନିରାକରଣ, ଗୋବର୍ଦ୍ଧନ ଧାରଣ ଇତ୍ୟାଦି ।

ଏ ସବୁ ଘଟଣା ତାଙ୍କର ଭଗବତ୍ତାର ସର୍ବପ୍ରଧାନ ଲକ୍ଷଣ ନ ହେଲେ ମଧ୍ୟ, ଏକ ଶ୍ରେଣୀର ଲକ୍ଷଣ ନିଶ୍ଚୟ । ହନୁମାନ ଗନ୍ଧମାର୍ଦ୍ଦନ ବହନ କରି ଆଣି ମଧ୍ୟ ଭଗବାନ ହୋଇ ପାରି ନାହାନ୍ତି । ସେ ଭଗବାନଙ୍କ କାର୍ଯ୍ୟୋଦ୍ଧାର ପାଇଁ ତାଙ୍କରି ନାମମାହାତ୍ମ୍ୟରେ ଇଚ୍ଛଭାବର ବିଶ୍ୱାସ ଓ ଶକ୍ତିବଳରେ ସେପରି କାର୍ଯ୍ୟ କରିବାକୁ ସମର୍ଥ ହୋଇଥିଲେ । ଅଗସ୍ତ୍ୟମୁନି ଯୋଗବଳରେ ସମୁଦ୍ର ଶୋଷଣ କରିଥିଲେ ବୋଲି ତାଙ୍କୁ ଭଗବାନ କୁହାଯାଇ ପାରେନା । କିମ୍ବା ଗୋବର୍ଦ୍ଧନ ଧାରଣ ବା ସମୁଦ୍ରଶୋଷଣାଦି କାର୍ଯ୍ୟରେ ସେମାନଙ୍କ ପଦଗୌରବର ହୀନତା ହୋଇନାହିଁ ।

ଯୀଶୁଖ୍ରୀଷ୍ଟ ଅନ୍ଧକୁ ଚକ୍ଷୁଦାନ, ମୃତକୁ ଜୀବନଦାନ ଓ ଖଣ୍ଡିଏମାତ୍ର ରୁଟି ଦ୍ୱାରା ଛଅହଜାର ଲୋକଙ୍କର ଭୋଜନ ପ୍ରଭୃତି ଅଲୌକିକ କାର୍ଯ୍ୟ ଜଗତର ମଙ୍ଗଳ ଉଦ୍ଦେଶ୍ୟରେହିଁ କରିଥିଲେ । ସେତେବେଳେ ସେହି ଛଳରେ ସେହିପରି କାର୍ଯ୍ୟ କରିବା ଆବଶ୍ୟକ ହୋଇଥିଲା ।

ଅନେକ ସମୟରେ ଅବତାରପୁରୁଷ ବା ସଦ୍‌ଗୁରୁ ଅଥବା ସେମାନଙ୍କର ଉଚ୍ଚଶ୍ରେଣୀର ଭକ୍ତଗଣ ଜଗତର ମଙ୍ଗଳ ନିମନ୍ତେ ଇଚ୍ଛାପୂର୍ବକ ସେହିପ୍ରକାର ଅତିମାନବ ଶକ୍ତି ପ୍ରକାଶ କରିଥାନ୍ତି। ପୁଣି, ଅନେକ ସମୟରେ ସେମାନଙ୍କ ନିକଟରେ ପ୍ରାର୍ଥନା ଫଳରେ, ସେମାନଙ୍କ ପ୍ରଦତ୍ତ ସତ୍ୟନାମ୍ ବଳରେ, ସେମାନଙ୍କ ଜ୍ଞାତସାରରେ ବା ଅଜ୍ଞାତସାରରେ ବହୁ ଅତିମାନବ ଘଟଣା ସଂଘଟିତ ହୋଇଥାଏ।

ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପଦସ୍ପର୍ଶରେ କାଷ୍ଠତରଣୀର ସୁବର୍ଣ୍ଣତ୍ୱ ପ୍ରାପ୍ତି, ପାଷାଣୀ ଅହଲ୍ୟାଙ୍କର ମାନବଦେହ ଧାରଣ କାର୍ଯ୍ୟ ଶ୍ରୀରାମଚନ୍ଦ୍ର ଇଚ୍ଛାପୂର୍ବକ କରି ନାହାଁନ୍ତି। ତାଙ୍କର ଐଶୀଶକ୍ତି ପ୍ରଭାବରେ ଏସବୁ ଆପେଆପେ ଘଟିଥିଲା। ତଦ୍ଦ୍ୱାରା ତାଙ୍କର ଭଗବତ୍ତାର ହାନି ହୋଇପାରେ ନା ବା ସେ ବାହାଦୁରି ଦେଖାଇବା ପାଇଁ ଏପରି କାର୍ଯ୍ୟ କରି ନାହାଁନ୍ତି।

ପଦ୍ମପାଦ ଗୁରୁଙ୍କ ଆଦେଶରେ ନଦୀ ପାରି ହେବାକୁ ଯାଇ ଉପାୟାନ୍ତର ନ ଦେଖି ସନ୍ତରଣ ଦ୍ୱାରା ପାରିହେବାକୁ ଯାଇଥିଲେ। ତାଙ୍କର ପ୍ରତି ପଦକ୍ଷେପରେ ପଦତଳରେ ଗୋଟିଏ ଗୋଟିଏ ପଦ୍ମ ଫୁଟି ଉଠିଥିଲା। ସେହି ପଦ୍ମଗୁଡ଼ିକ ଉପର ଦେଇ ଚାଲି ଚାଲି ସେ ନଦୀ ପାରି ହୋଇଥିଲେ। ତାହା ତାଙ୍କର ସ୍ପେଚ୍ଛାକୃତ ଘଟଣା ନୁହେଁ। ଆପେ ଆପେ ସେପରି ହୋଇଥିଲା।

ଶୁଣାଯାଏ ଯେ, ସାଧୁ ପିଟର **(St. Peter)** ଙ୍କ ଗାମୁଛା ଦ୍ୱାରା ଅନ୍ୟ ଲୋକର ଗାତ୍ରସ୍ପର୍ଶ କଲେ ସେମାନଙ୍କର ରୋଗାରୋଗ୍ୟ ହେଉଥିଲା। ସାଧୁ ପିଟର ଇଚ୍ଛା କରି ନଥିଲେ ଯେ ସେପରି ହେଉ।

ଦ୍ରୌପଦୀଙ୍କର ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଯେ ଦର୍ଶନଦାନ କରିଥିଲେ ଏବଂ ବସ୍ତ୍ରର ଅପାମ ଦୀର୍ଘତା ସଂଘଟିତ କରି ଦ୍ରୌପଦୀଙ୍କ ଲଜ୍ଜା ନିବାରଣ କରିଥିଲେ, ତାହାଦ୍ୱାରା ଭଗବାନ କିପରି କୃପାପୂର୍ବକ ଭକ୍ତର ଲଜ୍ଜାନିବାରଣ କରନ୍ତି, ବିପଦରୁ ଉଦ୍ଧାର କରନ୍ତି ତାହାହିଁ ପ୍ରଦର୍ଶିତ ହୋଇଥିଲା, ଅଧିକନ୍ତୁ ପ୍ରଦର୍ଶିତ ହୋଇଥିଲା—ଭକ୍ତିମାହାତ୍ମ୍ୟ। ଏ ପ୍ରକାର ଅତିମାନବ କାର୍ଯ୍ୟ କ'ଣ ଦୋଷାବହ? ଏପରି କାର୍ଯ୍ୟ ଦେଖିଲେ ସର୍ବସାଧାରଣ ଓ ପାଷଣ୍ଡ ବ୍ୟକ୍ତିଙ୍କର ଚିତ୍ତ ମଧ୍ୟ ଭଗବାନଙ୍କ ଆଡ଼କୁ ଆକୃଷ୍ଟ ହୁଏ।

ଏହିସବୁ ଅତିମାନବଶକ୍ତିର କ୍ରିୟା ବା ପ୍ରକାଶ ଅନ୍ୟାୟ ନୁହେଁ। ଏହା ଜଗତର ମଙ୍ଗଳପ୍ରଦ ଏବଂ ଅନେକ ସମୟରେ କାହାରି ଇଚ୍ଛାକୃତ ନୁହେଁ। ପୁଣି କେତେବେଳେ ବା ଇଚ୍ଛାଶକ୍ତି ପ୍ରଭାବରେ ମଧ୍ୟ ପ୍ରକାଶିତ ହୋଇଥାଏ। ତେବେ ଏଭଳି ଶକ୍ତିର ଅପବ୍ୟବହାର ଅନ୍ୟାୟ ଅଟେ।

ବିଭୂତିଯୋଗୀମାନଙ୍କର ମଧ୍ୟ ଏସବୁ ହୋଇଥାଏ। ଯୋଗର ଚରମ ଅବସ୍ଥାରେ ସାଧକର ସେହିସବୁ ଐଶ୍ୱର୍ଯ୍ୟର ଅବସ୍ଥା ଆପେ ଆପେ ଆସି ଉପସ୍ଥିତ ହୁଏ, କିନ୍ତୁ ସାଧକ ତାହା ନିଜେ ଜାଣି ପାରନ୍ତି ନାହିଁ। ସାଧକର ଇଚ୍ଛାରହିତ ଅବସ୍ଥାରେ ଏହିସବୁ ଯୋଗୈଶ୍ୱର୍ଯ୍ୟ ହୁଏ। ଇଚ୍ଛାରହିତ ଅବସ୍ଥା ହେଲେ ଯେତେବେଳେ ଏସବୁ ବିଭୂତି ଆପେ ଆପେ ହୁଏ, ସେତେବେଳେ ସାଧକର ମନରେ କୌଣସି ଭାବ ଉଦୟ ହେବା ପୂର୍ବରୁ ତାଙ୍କ ଅଜ୍ଞାତସାରରେ ତାହାର କାର୍ଯ୍ୟ ଆପେ ଆପେ ହୋଇଯାଏ, କିନ୍ତୁ ଅନ୍ୟମାନେ ଦେଖି ବିସ୍ମୟାନ୍ୱିତ ହୁଅନ୍ତି। ଶୁକ୍ରାଚାର୍ଯ୍ୟ ଯେ ମୃତଦେହରେ ଜୀବନଦାନ କରି ପାରୁଥିଲେ ତାହା ଯାଦୁ ନୁହେଁ, ଗୋଟିଏ ସତ୍‌ବିଦ୍ୟା! ତାହା ଲୁପ୍ତପ୍ରାୟ ହୋଇଅଛି। ବର୍ତ୍ତମାନ ଯୁଗରେ

ଅକାଳ ମୃତ୍ୟୁ ହରଣର ଉପାୟ ପୁଣି ପ୍ରକାଶିତ ହେବାର ବିଶେଷ ସମ୍ଭାବନା ଦେଖାଯାଉଅଛି।

ଗଭୀର ଆଧ୍ୟାତ୍ମିକ ତତ୍ତ୍ୱର ଉପଲବ୍ଧି ଏବଂ ପ୍ରେମହିଁ ମହତ୍ତ୍ୱ ଓ ଭଗବତ୍ତାର ପ୍ରକୃତ ଲକ୍ଷଣ। ଏହି ଲକ୍ଷଣ ଯାହାଙ୍କଠାରେ ଯେତେ ଅଧିକ, ଋଷିମାନେ ତାହାଙ୍କୁ ସେତେବଡ଼ ଅବତାର ବୋଲି ଆଖ୍ୟାତ କରିଛନ୍ତି। ଅଲୌକିକତ୍ୱ ଭୂତ୍ୟପରି ଏହିସବୁ ଅବତାର ପୁରୁଷଙ୍କର ଅନୁସରଣ କରେ। ସେମାନେ ନିଜେ ଇଚ୍ଛାକରି କୌଣସି ଅଲୌକିକତ୍ୱ ସଂଘଟିତ ନ କଲେ ମଧ୍ୟ ସେମାନଙ୍କ ଶକ୍ତି ପ୍ରଭାବରେ ବହୁ ଆଶ୍‌ଚର୍ଯ୍ୟ ଘଟଣା ଦୃଷ୍ଟ ହୋଇଥାଏ। ସେମାନଙ୍କ ନିକଟରୁ ଶକ୍ତିପ୍ରାପ୍ତ ଭକ୍ତମାନଙ୍କଠାରେ ମଧ୍ୟ ଏପରି ଅଲୌକିକତ୍ୱ ଦେଖାଯାଏ। ଦୃଷ୍ଟାନ୍ତ ପୂର୍ବେ ପ୍ରଦତ୍ତ ହୋଇଅଛି। ଏହା ଯାହାଙ୍କ ମଧ୍ୟରେ ଭୂତ୍ୟରୂପେ ଥାଏ, ସେ ହିଁ ମୁକ୍ତପୁରୁଷ ବା ଅବତାର। ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଭଗବତ୍ତାର ଚିହ୍ନ ପ୍ରେମ ଓ ତତ୍ତ୍ୱଜ୍ଞାନ। ଆଉ, ସେମାନଙ୍କର ଅଲୌକିକତ୍ୱ ଥିଲା ସ୍ୱାଭାବିକ ଭାବରେ ବା ଭୂତ୍ୟଭାବରେ। ପୂର୍ବ ଅବତାରମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଶ୍ରେଷ୍ଠତ୍ୱର କାରଣ ତାଙ୍କର ଅଲୌକିକଶକ୍ତି ସହିତ ତାଙ୍କର ଅଦ୍ଭୁତ ପ୍ରେମ ଓ ଜଗତକୁ ଗୀତାର ବାଣୀ ପ୍ରଦାନ।

କୌଣସି ଜୀବନ-ଚରିତ ଲେଖିବାକୁ ଯାଇ ଐତିହାସିକଗଣ ଅନେକ ଅତିମାନବ ଘଟଣା ବାଦ୍ ଦେଇଥାନ୍ତି। ଭକ୍ତମାନେ ଭକ୍ତିର ଆତିଶଯ୍ୟରେ ଅନେକ ଘଟଣା ଅତିରଞ୍ଜିତ କରିଥାନ୍ତି। ଏହି ପୁସ୍ତକରେ ଐତିହାସିକ ଭାବରେ ବା ଭକ୍ତ ଭାବରେ କିଛି ଲିଖିତ ହେଲାନାହିଁ, ସବୁ ଘଟଣା ମଧ୍ୟ ସଂଗ୍ରହ କରାଯାଇ ପାରିନାହିଁ। ସୁତରାଂ ଯେତେଟିକିଏ ଖାଣ୍ଟି ସତ୍ୟ ମିଳିପାରିଛି ତାହାହିଁ ଲିପିବଦ୍ଧ କରାଗଲା। ଉଦ୍ଦେଶ୍ୟ—ଜଗତର ମଙ୍ଗଳ।

କାହାରି ଜୀବନ-ବୃତ୍ତାନ୍ତ ଲେଖିବାକୁ ଯାଇ ଅତିମାନବ ଘଟଣାବଳୀ ପରିତ୍ୟାଗ କରି କେବଳ ସାଧାରଣ ଘଟଣାମାନ ଲିପିବଦ୍ଧ କରିବା ଅନୁଚିତ। କେହି କେହି କୁହନ୍ତି, ତଦ୍ଦ୍ୱାରା ମଣିଷକୁ ପ୍ରଚାର କରାହୁଏ—ସୁତରାଂ ତାହା ଭଲ ନୁହେଁ। **Truth** ଅର୍ଥାତ୍ ସତ୍ୟ ପ୍ରଚାର କରିବା ଉଚିତ। ବାସ୍ତବିକପକ୍ଷେ ସୁବିଚାର କରି ଦେଖିଲେ ଦେଖାଯାଏ ଯେ, ଯେଉଁ ସତ୍ୟ ପ୍ରଚାର କରିବାକୁ ହେବ ସେହି ସତ୍ୟ କୌଣସି ନରବିଗ୍ରହଠାରୁ କିପରି ପ୍ରାପ୍ତ ହେଉଅଛୁ ତାହାର ବିସ୍ତୃତ ବିବରଣ ପ୍ରକାଶ ନ କଲେ ସତ୍ୟର ଅପଳାପ ହୁଏ। ତାହା ଗୋପନ କରାଯିବ କିପରି? ସେପରି କଲେ ସତ୍ୟ ପୂର୍ଣ୍ଣଭାବରେ ପ୍ରଚାର କରାଯାଏ ନା। ପୁଣି, ତାଙ୍କୁ ଭଲରୂପେ ଜାଣି ନ ପାରିଲେ କେବଳ ମାତ୍ର ଅପର ମୁଖରୁ ଶୁଣି ତୃପ୍ତି ଓ ଶାନ୍ତି ଲାଭ କରାଯାଇ ପାରେନା, "ଓୟାଜ୍ ଗୁରୁକୋ ମାନୋ" ଅର୍ଥାତ୍ ବର୍ତ୍ତମାନ ସଦ୍‌ଗୁରୁଙ୍କୁ ମାନିବା। ବର୍ତ୍ତମାନ ସଦ୍‌ଗୁରୁଙ୍କ ବିଷୟରେ, ତାଙ୍କର ଭାବ ଓ ଧ୍ୟାନ ଇତ୍ୟାଦି ଅବଗତ ହେବାହିଁ ପ୍ରତ୍ୟେକ ସାଧକର ଏକମାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ତାଙ୍କୁ ବାଦ୍‌ଦେଇ ସତ୍ୟପ୍ରଚାର କରିବା ଆଉ ଶୂନ୍ୟଦେଶରେ ଦୁର୍ଗ ନିର୍ମାଣ କରିବା ଏକାକଥା। ସଦ୍‌ଗୁରୁଙ୍କ ବିଷୟରେ ଅବଗତ ହୋଇ ତାଙ୍କୁ ଦର୍ଶନ କଲେ ତାଙ୍କ ନିକଟରୁ ଗୋଟାଏ **Holy influence** ଅର୍ଥାତ୍ ପବିତ୍ର ଶକ୍ତି ବା **Spiritual force-current** ଅର୍ଥାତ୍ ଚୈତନ୍ୟଶକ୍ତିଧାରା ଲାଭ କରାଯାଇପାରେ। ଅପରର ଲିଖିତ ବା ବାଚନିକ ଶ୍ରୁତ ସତ୍ୟ ଦ୍ୱାରା ତାହା ହୋଇପାରେ ନା। ଅତିମାନବ-ଶକ୍ତି ବିଷୟ ପରିତ୍ୟାଗ କରି ଜୀବନୀ ପ୍ରକାଶ କଲେ ସେହି ନରବିଗ୍ରହଙ୍କୁ ସାଧାରଣ ମଣିଷଙ୍କଠାରୁ ପୃଥକ ଭାବରେ ବୁଝିବାକୁ ନଦେଇ ସାଧାରଣଙ୍କୁ ପ୍ରକୃତ ସତ୍ୟଲାଭରୁ ବଞ୍ଚିତ କରାଯାଏ। ଯିଏ ଇଚ୍ଛାକରି ଅତିମାନବକାର୍ଯ୍ୟ ନ କଲେ ମଧ୍ୟ ଯାହାଙ୍କ ଭିତରେ ବା ଯାହାଙ୍କ ଶକ୍ତିରେ ସ୍ୱାଭାବିକଭାବରେ ଯେଉଁସବୁ ଅତିମାନବ ଘଟଣା ଘଟୁଅଛି, ତାହା ଅବଗତ ହୋଇ ଗୋପନ କରିବା ଜୀବନୀ-ଲେଖକର ଅପରାଧ ନୁହେଁ କି?

୧୦

ଶ୍ରୀଶ୍ରୀଠାକୁରଙ୍କ କର୍ତ୍ତୃକ ଭକ୍ତର ପଦସେବା

ଶ୍ରୀଶ୍ରୀଠାକୁର ଅନେକ ସମୟରେ ତାଙ୍କ ନିଜ ଇଚ୍ଛାରେ କାହାରି କାହାରି ଶରୀରରେ, ମୁଣ୍ଡରେ ଓ ପାଦରେ ସ୍ନାନ ସମୟରେ ତୈଳମର୍ଦ୍ଦନ କରି ଦେଉଥିଲେ । କେବେ କେବେ ମଧ୍ୟ ଚିଲମରେ ତମାଖୁ ସଜାଇ ଭକ୍ତର ଧୂମପାନର ଇଚ୍ଛା ପୂରଣ କରିବାର ଦେଖାଯାଉଥିଲା । ଆବଶ୍ୟକ ବୋଧହେଲେ କେବେ କେବେ କାହାରି ପଦସମ୍ବାହନ ମଧ୍ୟ କରିଥାନ୍ତି । କୌଣସି ଲୋକ ଦୂରଦେଶରୁ ପାଦରେ ଚାଲି ଚାଲି ଆସି ଗୋଡ଼ରେ ବ୍ୟଥା ଅନୁଭବ କଲେ ଅନେକ ସମୟରେ ଶ୍ରୀଶ୍ରୀଠାକୁର ସ୍ପୃହରେ ତାହାର ଗୋଡ଼ ଟିପି ଦେଇଥାନ୍ତି । ଏଥିରେ କୌଣସି ଆପତ୍ତି ଶୁଣନ୍ତି ନାହିଁ । ସେଥିରେ ସେ ସୁଖୀ ହୋଇଥାନ୍ତି ।

ଥରେ ଜଣେ ଲୋକର ଧୂମପାନ କରିବାପାଇଁ ଅତ୍ୟନ୍ତ ଇଚ୍ଛା ହେଲା କିନ୍ତୁ ଶ୍ରୀଶ୍ରୀଠାକୁର ସେତେବେଳେ ଧୂମପାନ କରୁ ନ ଥିଲେ ବୋଲି ସେ ବ୍ୟକ୍ତି ମନେକଲେ ଯଦି ବର୍ତ୍ତମାନ ଠାକୁର ଥରେ ଧୂମପାନ କରନ୍ତି ତେବେ ସେ ମଧ୍ୟ ତମାଖୁ ଖାଇପାରିବେ । ଅନ୍ତର୍ଯ୍ୟାମୀ ଠାକୁର ସେତେବେଳେ ମନେ ମନେ ଏହି ଘଟଣା ବୁଝିପାରି କହିଲେ, "ମୋର ଟିକିଏ ତମାଖୁ ସଜେଇବାକୁ ଇଚ୍ଛା ହୋଇଛି ।" ଏହା କହି ଅନ୍ୟ କାହାରିକୁ ସଜେଇବାକୁ ନ ଦେଇ ନିଜ ହାତରେ ତମାଖୁ ସଜାଇ ଯେଉଁ ଲୋକଟି ଏହିପରି ଚିନ୍ତା କରୁଥିଲେ ସର୍ବପ୍ରଥମେ ତାଙ୍କୁ ଅନୁରୋଧ କରି ଧୂମପାନ କରାଇଲେ । ଏହିପରି ଘଟଣା ବହୁବାର ଦେଖାଯାଇଛି ।

ଦିନେଏକ ଅତିବୃଦ୍ଧ ଗରିବ କୃଷକକୁ ସେ ଗାଧୋଇବା ପୂର୍ବରୁ ତେଲ ଲଗାଇଦେଲେ । ସେ ବହୁ ଆପତ୍ତି କଲେ ମଧ୍ୟ ଶୁଣିଲେ ନାହିଁ । ଅନେକ ମିଠାକଥା କହି ତାକୁ ଆଶ୍ୱସ୍ତ କରାଇଲେ । କିନ୍ତୁ ଯେତେବେଳେ ତାର ପାଦରେ ତେଲ ମାଲିସ କରିବାକୁ ଲାଗିଲେ ସେତେବେଳେ ସେ ଭୟରେ ଓ ଭକ୍ତିରେ ଚିତ୍କାର କରି ଉଠିଲା । ସେ ସୁମଧୁର ସାନ୍ତ୍ୱନାବାକ୍ୟରେ ତାକୁ ଅଭୟ ଦେଇ ଶାନ୍ତ କରାଇଲେ ।

୧୩୨୭ ସାଲର ଚୈତ୍ରମାସରେ ନାନା ସ୍ଥାନର ନାନା ଶ୍ରେଣୀର ବହୁ ଭକ୍ତ ହିମାଇତ୍‌ପୁର ସତ୍‌ସଙ୍ଗ ଆଶ୍ରମରେ ଉପସ୍ଥିତ ଥିଲେ । ମଧ୍ୟାହ୍ନ କାଳରେ ଶ୍ରୀଶ୍ରୀଠାକୁର ସମସ୍ତ ଭକ୍ତଙ୍କୁ ନିଜ ହାତରେ ତେଲ ଲଗାଇ ଦେଇ କହିଲେ, "ଚାଲନ୍ତୁ ଦାଦା, ଆଜି ସମସ୍ତେ ଜୋତା ପିନ୍ଧି ସ୍ନାନ କରିବାକୁ ଚାଲନ୍ତୁ ।" ସମସ୍ତେ ତାହାହିଁ କଲେ । ପଦ୍ମାତୀରରେ ଜୋତାରଖି ଜଳରେ ଅବଗାହନ କଲେ । ଶ୍ରୀଶ୍ରୀଠାକୁର ସମସ୍ତଙ୍କର ନିଷେଧ ଓ ଆପତ୍ତି ସତ୍ତ୍ୱେ ପ୍ରାୟ ୫୦/୬୦ ଜଣଙ୍କର ଜୋତାକୁ ଗାମୁଛା ଦେଇ ପୋଛି ଶ୍ରେଣୀବଦ୍ଧ ଭାବରେ ଧାଡ଼ିକରି ସଜେଇ ରଖିଲେ । ପରେ ନିଜେ ମଧ୍ୟ ଜଳ ଭିତରକୁ ଯାଇ ପ୍ରତ୍ୟେକ ଲୋକର ଶରୀର ମାର୍ଜ୍ଜନା କରିଦେଲେ । ତାହାପରେ ଯେତେବେଳେ ସେମାନେ ଜଳରୁ ଉପରକୁ ଉଠି ଆସିଲେ ସେତେବେଳେ ତାଙ୍କ ଆଦେଶରେ ମହାରାଜ ଅନନ୍ତନାଥ ପ୍ରତ୍ୟେକଙ୍କ ପାଦସମୀପରେ ପାଦୁକା ଉପସ୍ଥିତ କରିବାକୁ ଲାଗିଲେ । ଶ୍ରୀଶ୍ରୀଠାକୁର ଗାମୁଛା ଦେଇ ଭଲ ଭାବରେ ମାର୍ଜ୍ଜନା ପୂର୍ବକ ପ୍ରତ୍ୟେକଙ୍କର ପଦଧୌତ କରି ପାଦୁକା ପରିଧାନ କରାଇଦେଇ ପ୍ରତ୍ୟେକଙ୍କୁ ପ୍ରଣାମ କରି କହିଲେ— "ଭାଗ୍ୟ ମୋର ! ଆଜି ମୁଁ ଧନ୍ୟ ହେଲି ।" ସେତେବେଳେ କଲିକତା ୯ ନମ୍ବର

ମାଣିକତଲା ଗୋଡ଼ର ଶ୍ରୀଯୁକ୍ତ ବାବୁ ହୀରାଲାଲ ଦାଶ ମହାଶୟ ପାଇଖାନାରେ ଥିଲେ । ତାଙ୍କୁ ସେଠାରୁ ଡକାଇ ଅଣାଗଲା । ଜଣେଲୋକ ଏସବୁ କାଣ୍ଡ-କାରଖାନା ଦେଖି ପହଁରି ଯାଇ ବହୁଦୂରରେ ଥିବା ନଦୀ ଚରରେ ସେଠାରେ ଯାଇ ରହିଲେ, ନିକଟକୁ ଆସିଲେ ନାହିଁ । ସେଠାକୁ ନୌକା ଯିବାରୁ ସେ ପହଁରି ପୁନରାୟ ଏପାଖକୁ ଆସିଲେ । ଇତ୍ୟବସରରେ ଏହି ଖେଳ ଶେଷ ହୋଇଗଲା । ସେ ହେଉଛନ୍ତି ହରିଣାକୁଣ୍ଡା ନିବାସୀ ଜମିଦାର ବାବୁ ଶ୍ରୀ ସୁଶୀଲଚନ୍ଦ୍ର ବସୁ, ବି.ଏ । ଏହା ଯେ କି ଖେଳ, କେହି ବୁଝିପାରିଲେ ନାହିଁ । ସମସ୍ତେ ରୋଷେଇଶାଳାକୁ ଯାଇ ଭୋଜନ ଶେଷ କଲେ । ସମସ୍ତଙ୍କର ଭୋଜନକାର୍ଯ୍ୟ ଶେଷ ହେବାପରେ ଶ୍ରୀଶ୍ରୀଠାକୁର ଅପରାହ୍ନ ସମୟରେ ଆହାରାଦି ସମାପନ କଲେ ।

ଶ୍ରୀଶ୍ରୀଠାକୁର ପ୍ରଥମେ ଧରାପଡ଼ିଲେ

ତାଙ୍କର ଜଣେ ବନ୍ଧୁ—ପରେ ସେ ତାଙ୍କର ଚରଣାଶ୍ରୟ ଗ୍ରହଣ କରି ଜଣେ ବିଖ୍ୟାତ ମହାପୁରୁଷ ବୋଲି ପରିଚିତ—ମହାରାଜ ଅନନ୍ତନାଥ (ଡାକର ଅନନ୍ତନାଥ ରାୟ) ଅନ୍ୟ ପ୍ରଣାଳୀକ୍ରମେ ବହୁଦିନ ଧରି କଠୋର ସାଧନ-ଭଜନ କରି କୌଣସି ଫଳ ପାଇଲେ ନାହିଁ । ପ୍ରାନ୍ତର ମଧ୍ୟସ୍ଥ ଗୋଟିଏ କୁଡ଼ିଆ ଭିତରେ ସେ ପାନ୍ଥ-ଛଅ ଦିନ କାଳ ଦ୍ୱାର ବନ୍ଦ କରି କଠୋର ସାଧନା କରୁଥିଲେ । ଏହି କେତେଦିନ ସେ ଆଦୌ ପଦାକୁ ବାହାରୁ ନ ଥିଲେ । ଆହାରାଦି ଗ୍ରହଣ ବା ଶୌଗାଦି କିଛି କରୁ ନ ଥିଲେ । ତାହାପରେ ଦିନେ ବାହାରି ମଳମୂତ୍ର ତ୍ୟାଗ କରି ଏବଂ ସାମାନ୍ୟ କିଛି ଆହାର କରି ପୁନରାୟ କୋଠରି ଭିତରେ ଦ୍ୱାର ବନ୍ଦ କରି ପାନ୍ଥ-ଛଅ ଦିନ ରହୁଥିଲେ । ଦିନେ ମନେକଲେ— "ଏଥର ବିଶେଷ ସାଧନ-ଭଜନ ହେଲା ନାହିଁ । ଦେହକୁ ପରିବର୍ତ୍ତନ କରି ପୁନରାୟ ଅନ୍ୟ ଦେହରେ ଆସି ସାଧନା କରିବି ।" ଏହା କହି ନିର୍ଜ୍ଜନ ପ୍ରାନ୍ତରସ୍ଥ ପର୍ଣ୍ଣକୁଟୀର ମଧ୍ୟରେ ଲୋକଲୋଚନର ଅନ୍ତରାଳରେ ଖଣ୍ଡିଏ ବସ୍ତ୍ରକୁ ରଜ୍ଜୁବତ୍ କରି ବାଉଁଶଆଡ଼ିରେ ବାନ୍ଧି ବେକରେ ଫାଶ ଲଗାଇ ପ୍ରାଣତ୍ୟାଗ କରିବାକୁ ଉଦ୍ୟୋଗ କଲେ । ସମୟ ସେତେବେଳେ ଦ୍ୱିପ୍ରହର । ଭୟାନକ ଝଡ଼ ଓ ବୃଷ୍ଟି ହେଉଥାଏ । ଜନପ୍ରାଣୀ ନିକଟରେ କେହି ନାହାଁନ୍ତି । ଘଟଣା କେହି ଜାଣି ପାରିଲେ ନାହିଁ । ଅନନ୍ତନାଥଙ୍କର କୌଣସି ଅଭାବ ନାହିଁ ସଂସାରରେ । ଯଦିଓ ନିଜର ସ୍ତ୍ରୀ-ପୁତ୍ର ନାହାଁନ୍ତି,— କିନ୍ତୁ ଜ୍ୟେଷ୍ଠଭ୍ରାତା ଦୁଇଜଣ ବର୍ତ୍ତମାନ । ସେମାନଙ୍କ ସ୍ତ୍ରୀ ଓ ସନ୍ତାନାଦି ଅଛନ୍ତି । ଆଜି କେଉଁ ଦୁଃଖରେ ସେ ଏହି ଦୁର୍ଲଭ ମାନବଦେହକୁ ପରିତ୍ୟାଗ କରୁଛନ୍ତି ? ଆହା, କେହି ବୁଝି ପାରିଲେ ନାହିଁ । ଆଜି ଚାଲିଲେ ଅନନ୍ତନାଥ ଭବଲୀଳା ସାଙ୍ଗ କରିବାକୁ । ଏତେ କଠୋର ସାଧନା କରି ମଧ୍ୟ ଭଗବାନଙ୍କର ସନ୍ଧାନ ତାଙ୍କୁ ମିଳିଲା ନାହିଁ । କାହିଁକି ? ଉପଯୁକ୍ତ ପ୍ରଣାଳୀର ଅଭାବ । ସଦ୍‌ଗୁରୁଙ୍କର ଆଶ୍ରୟ ଗ୍ରହଣ ବ୍ୟତୀତ ଓ ସତ୍‌ନାମ ବ୍ୟତୀତ ବାସ୍ତବିକ୍ ଭଗବାନଙ୍କର ସନ୍ଧାନ ମିଳିପାରେ ନାହିଁ । ସେଥିଯୋଗୁଁ ଅନନ୍ତନାଥ ଏତେ କରି ପୁଣ୍ଡା ଏହି ଅବସ୍ଥା ! ଆଉ ଅଧିକ ବିଳମ୍ବ ନାହିଁ, ଏହିକ୍ଷଣି ତାଙ୍କର ପ୍ରାଣପକ୍ଷୀ ଦେହପିଞ୍ଜର ପରିତ୍ୟାଗ କରି ଚାଲିଯିବ । ଶ୍ରୀଶ୍ରୀଠାକୁର ତାଙ୍କର ଡାକ୍ତରଖାନାର ଠାକୁର ଘରେ ବସି କେତେ ଲୋକଙ୍କ ସହିତ କଥାବାର୍ତ୍ତାରେ ନିବିଷ୍ଟ ଥିଲେ । ହଠାତ୍ ସେହି ଝଡ଼ବୃଷ୍ଟି ଭିତରେ କାହାରିକୁ କିଛି ନକହି ଲମ୍ଫ-ପ୍ରଦାନ ପୂର୍ବକ ସେ ଦୌଡ଼ିବାକୁ ଲାଗିଲେ, ସେହି ପ୍ରାନ୍ତର ମଧ୍ୟସ୍ଥ ପର୍ଣ୍ଣକୁଟୀର ଅଭିମୁଖେ ! ଏହିପରି ପ୍ରାୟ ଅର୍ଦ୍ଧକ୍ରୋଶ ପଥ ଅତିକ୍ରମ କରି କୁଟୀର ନିକଟରେ ପହଞ୍ଚି ଖୁବ୍ ଜୋର୍‌ରେ ପଦାଘାତ କରି କୁଟୀରଦ୍ୱାରକୁ ଭାଙ୍ଗି ପକାଇଲେ । ଅନନ୍ତନାଥ ସେତେବେଳେ ବସ୍ତ୍ର (ଲୁଗା) ଖଣ୍ଡିକୁ ଲୁଚାଇ ପକାଇଲେ । କିନ୍ତୁ ତାଙ୍କ ଚକ୍ଷୁରେ ଧୂଳି ପକାଇବାକୁ ସମର୍ଥ ହେଲେ ନାହିଁ । ଧରା ପଡ଼ିଗଲେ । ପ୍ରାଣତ୍ୟାଗ କରିବା ଆଉ ହେଲା ନାହିଁ ।

ଅନେକ କଥାବାର୍ତ୍ତା ହେଲା। (ପରେ ପ୍ରକାଶ୍ୟ)। ଶେଷରେ ଶ୍ରୀଶ୍ରୀଠାକୁର ସେହି ବସ୍ତ୍ରଖଣ୍ଡ ଅନନ୍ତନାଥଙ୍କୁ ଧରିଆଣି ଜନନୀଙ୍କ ନିକଟରେ ସମର୍ପଣ କଲେ। ଏହିଦିନ ସେ ବିଶେଷଭାବରେ ଧରା ପଡ଼ିଗଲେ। ସେତେବେଳେ ଜନନୀଙ୍କ ଦ୍ୱାରା ଅନନ୍ତନାଥଙ୍କୁ ସତ୍‌ନାମ ପ୍ରଦାନ କରାହେଲା। ସେ ଅଳ୍ପକାଳ ମଧ୍ୟରେ ଏହି ପ୍ରଣାଳୀକ୍ରମେ ସାଧନା କରି ଧନ୍ୟ ହେଲେ। ତାଙ୍କର ଅଭୀଷ୍ଟ ଲାଭହେଲା। ମନୋବାସନା ପୂର୍ଣ୍ଣ ହେଲା।

ସେ ମହାରାଜ ବୋଲି ଖ୍ୟାତ। ବର୍ତ୍ତମାନ ଏହି ମହାରାଜଙ୍କ ନିକଟରେ ଶତଶତ ଶାନ୍ତିହରା ନରନାରୀ ପରମଶାନ୍ତି ଲାଭ କରୁଛନ୍ତି। ସେମାନଙ୍କୁ ଭଗବାନଙ୍କ ପ୍ରତ୍ୟକ୍ଷ ସନ୍ଧାନ ମିଳୁଛି ଏହି ମହାରାଜଙ୍କ ନିକଟରେ।

"ଅବତାର କହେ ନା ମୁଁହି ଅବତାର"

ବର୍ତ୍ତମାନ ତାଙ୍କର ଭକ୍ତମାନେ ଯଥେଷ୍ଟ ଯଥୋପଯୁକ୍ତ ଭୂରି ଭୂରି ପ୍ରମାଣ ପ୍ରାପ୍ତ ହୋଇ ତାହାକୁ ପୁରୁଷୋତ୍ତମ ବୋଲି ମାନ୍ୟ କରିଥାନ୍ତି। କିନ୍ତୁ "ଅବତାର କହେ ନା ମୁଁ ଅବାତର"। ସେ ସର୍ବଦା ଦୀନତା ପ୍ରଦର୍ଶନ ପୂର୍ବକ ଆତ୍ମଗୋପନ କରିଥାନ୍ତି। ସେ ସାଧାରଣତଃ କହନ୍ତି— "ତୁମେ ଯେଉଁ ପରମପିତାଙ୍କ ସନ୍ତାନ ମୁଁ ମଧ୍ୟ ସେହି ପରମପିତାଙ୍କ ସନ୍ତାନ। ମୁଁ କାହାରି ଗୁରୁ ନୁହେଁ, କେହି ମୋର ଶିଷ୍ୟ ନୁହେଁ। ମୁଁ ଯାହା ଜାଣେ ବନ୍ଧୁଭାବରେ ଲୋକଙ୍କୁ ତାହାହିଁ କହିଥାଏ। ମୋତେ ଗୁରୁ, ଅବତାର ବା ଭଗବାନ କହିଲେ ମନରେ ଦୁଃଖ ହୁଏ। ମୋତେ ଭାଇ, ଦାଦା ବା ବନ୍ଧୁ କହିଲେ ମୁଁ ଖୁସି ହୁଏ।" ଶ୍ରୀକୃଷ୍ଣ ଆତ୍ମସଂସ୍ଥ ଅବସ୍ଥା ବ୍ୟତୀତ ଆପଣାକୁ ଭଗବାନ କହି ନାହାଁନ୍ତି। ଶ୍ରୀଗୌରାଙ୍ଗଦେବ ମଧ୍ୟ ଆବେଶାବସ୍ଥା ବ୍ୟତୀତ ନିଜକୁ ଭଗବାନ କହି ନାହାଁନ୍ତି। ଭାବାବିଷ୍ଟ ଅବସ୍ଥାରେ କହୁଥିଲେ— 'ମୁଁରେ ସେଇ'। ସେପରି ଅବସ୍ଥା ବ୍ୟତୀତ ବିଷ୍ଣୁଖଟ୍ଟାରେ ଉପବିଷ୍ଟ ହେଉ ନଥିଲେ। ଆଉ କେବଳ ସେହି ଅବସ୍ଥାରେ ହିଁ ସେ ପଦସ୍ଥାପନ କରି ପାରନ୍ତି ଶଚୀମାତାଙ୍କ ମସ୍ତକରେ।

ଇଏ ମଧ୍ୟ ସେହିପରି ମହାଭାବାବସ୍ଥାରେ ଏହାଙ୍କର ପୂର୍ଣ୍ଣବ୍ରହ୍ମତ୍ୱ ଅସ୍ୱୀକାର କରି ପାରିନାହାଁନ୍ତି। ସେହି ମହାଭାବାବସ୍ଥାରେ କାହାରି କାହାରି ମନୋଗତ ପ୍ରଶ୍ନର ଉତ୍ତର ପ୍ରଦାନ କରିଛନ୍ତି। ସେହି ପ୍ରଶ୍ନର ଉତ୍ତରରେ ଆତ୍ମପ୍ରକାଶ କରିଛନ୍ତି ବା ଧରା ପଡ଼ିଛନ୍ତି ଯେ, ବର୍ତ୍ତମାନ ଯୁଗରେ ଏହି ପବିତ୍ର ନର ଦେହରେ ଇଏ ସେହି ପୁରୁଷୋତ୍ତମ। କିନ୍ତୁ ସାଧାରଣ ଅବସ୍ଥାରେ ସାଧାରଣ ଜ୍ଞାନରେ ସେ କିଛିମାତ୍ର ସ୍ୱୀକାର କରନ୍ତି ନାହିଁ। ତେବେ ଭକ୍ତମାନଙ୍କ ନିକଟରେ ଅନେକ ଘଟଣାରେ ଏବଂ ସେମାନଙ୍କର ସାଧନାକାଳରେ ଧରା ପଡ଼ିଛନ୍ତି।

ତାଙ୍କର ସାଧନଶୀଳ ଭକ୍ତଗଣ ଅନେକ କହନ୍ତି ଯେ, ସେମାନେ ବିପଦ-ଆପଦରେ, ଅନ୍ଧକାର ରାତ୍ରିରେ,ଗୁମ୍ଫଦ୍ୱାର-ଗୃହମଧ୍ୟରେ, ସୁଦୂର ପ୍ରାନ୍ତର ମଧ୍ୟରେ, ଯେ-କୌଣସି ସ୍ଥାନରୁ ଯେ-କୌଣସି ସମୟରେ ଆକୁଳ ପ୍ରାଣରେ ଡାକିବା ମାତ୍ରକେ ସେହି ସ୍ଥାନରେ ତତ୍‌କ୍ଷଣାତ୍ ତାହାଙ୍କୁ ସଶରୀରରେ ଖାଲି ଆଖିରେ ବା ଖୋଲା ଆଖିରେ ସ୍ପଷ୍ଟ ଦେଖିବାକୁ ଓ ତାଙ୍କର ସ୍ୱୀମୁଖରୁ ଅଭୟବାଣୀ ଶୁଣିବାକୁ ପାଇଥାନ୍ତି। ଏସବୁ ଭାବରାଜ୍ୟର ଖେଳ ସାଧକ ଭିନ୍ନ ଅନ୍ୟ ପକ୍ଷରେ ଧାରଣା କରିବା ସୁକଠିନ।

ସାଧନ-ପ୍ରଣାଳୀର ଉପଦେଶ

ବୃଥା ଆଚାର-ନିୟମ ସଂଯମର ଅଯଥା ବାହୁଲ୍ୟ ଏଠାରେ ନାହିଁ। ଯାହା ଯଥାର୍ଥ ତାହାହିଁ ଅଛି। ଆଧ୍ୟାତ୍ମିକ ମଙ୍ଗଳଜନକ ସଦାଚାର ବ୍ୟତୀତ ବୃଥା ଆଚାର-ନିୟମର କୌଣସି ବିଶେଷ କଡ଼ାକଡ଼ି ଧରାଧରି ନାହିଁ। ତମାଖୁ ବ୍ୟତୀତ କୌଣସି ପ୍ରକାର ମାଦକଦ୍ରବ୍ୟ ସେବନ ନିଷେଧ। ମଦ୍ୟ, ମାଂସାଦି ଆମିଷ ଭୋଜନ ଓ ପିଆଜ-ରସୁଣାଦି ଉଗ୍ରଦ୍ରବ୍ୟ ଭକ୍ଷଣ ନିଷେଧ। କିନ୍ତୁ ତାହା ବୋଲି ଯେଉଁ ଗୃହରେ ଯେଉଁ ଚୁଲିରେ ମଦ୍ୟମାଂସ ରନ୍ଧାହୁଏ ଅଥବା ଯେଉଁ ବାସନରେ କେହି କେବେ ମଦ୍ୟ-ମାଂସ ଖାଇଛନ୍ତି ସେହି ଗୃହରେ ବା ସେହି ଚୁଲିରେ ଅଥବା ସେହି ବାସନରେ ଆହାର କରିହେବ ନାହିଁ, ଏପରି କୌଣସି ନିୟମ ନାହିଁ। ଅଥବା ମଦ୍ୟ-ମାଂସ ଭୋଜନକାରୀ ବା ସ୍ପର୍ଶକାରୀ ବ୍ୟକ୍ତିର ସ୍ପୃଷ୍ଟଦ୍ରବ୍ୟ ଭୋଜନରେ ମଧ୍ୟ ନିଷେଧ ନାହିଁ।

ନ୍ୟାସ, କୁମ୍ଭକ, ପ୍ରାଣାୟାମର କଠୋର ନିୟମ-ନିଗଡ଼ ପରିଧାନ କରି ଶ୍ୱାସ ବା ଯକ୍ଷ୍ମା (କ୍ଷୟ) ରୋଗଗ୍ରସ୍ତ ହେବାର ଭୟ ଏଠାରେ ନାହିଁ। ମସ୍ତକ ମୁଣ୍ଡନ କରି, କୌପୀନ ପରିଧାନ କରି ଗୃହତ୍ୟାଗପୂର୍ବକ ପିତାମାତା, ଭାଇଭଉଣୀ, ଆତ୍ମୀୟସ୍ୱଜନ, ସ୍ତ୍ରୀ-ପୁତ୍ର ପରିତ୍ୟାଗ କରିବାକୁ ପଡ଼େ ନାହିଁ। ସଂସାରରେ ରହି କର୍ମ ମଧ୍ୟରେ ନିର୍ଲିପ୍ତଭାବରେ ବା ଅନାସକ୍ତ ଭାବରେ କର୍ମକରି ସହଜରେ ଆଧ୍ୟାତ୍ମିକତା ବା ଭଗବାନ ପ୍ରାପ୍ତିର ସହଜ ସରଳ ଆଶୁଫଳପ୍ରଦ ବ୍ୟବସ୍ଥା ଓ ପନ୍ଥା ଏଠାରେ ମିଳେ।

ଉପଦେଶ ରତ୍ନାବଳୀ

ଉପଦେଶ ଗ୍ରହଣେଚ୍ଛୁଗଣଙ୍କ ପ୍ରତି

୧। ମାଛ, ମାଂସ, ସବୁପ୍ରକାର ମାଦକଦ୍ରବ୍ୟ (ତମାଖୁ ସେତେ ଦୂଷଣୀୟ ନୁହେଁ) ଓ ଅତ୍ୟନ୍ତ ଉତ୍ତେଜକ ଦ୍ରବ୍ୟ ସେବନ ନିଷିଦ୍ଧ।

୨। ରାଜନୈତିକ ଓ ସାମାଜିକ ବିଷୟ * ଚିନ୍ତା ବା ସେଥିରେ ଯୋଗଦାନ ନିତାନ୍ତ ଅବିଧେୟ। କାରଣ ଏଥିରେ ଅହଂକାର, ଦ୍ୱେଷ,ସ୍ୱାର୍ଥଚରିତାର୍ଥତା ପ୍ରଭୃତି ବହୁ ନିନ୍ଦନୀୟ ଓ ବହିର୍ମୁଖୀଭାବରେ ମନ ପୂର୍ଣ୍ଣ ରହୁଥିବାରୁ, ସତ୍‌ଚିନ୍ତା ଓ ପ୍ରେମଭାବ ମନରେ ଆସିପାରେ ନାହିଁ। ଏପରି କର୍ମ ଯେଉଁମାନଙ୍କର ଜୀବିକା ସେମାନଙ୍କର ମଧ୍ୟ ଅନାବଶ୍ୟକ ଭାବରେ ଏହି ପ୍ରକାର କର୍ମ ବା ଚିନ୍ତାରେ ଯୋଗ ନ ଦେବା ବା ଯଥାସମ୍ଭବ ଦୂରରେ ରହିବା ଉଚିତ।

୩। ନିଜ ମନର ସଂଶୟ ଯେତେଦୂର ସମ୍ଭବ ଛିନ୍ନ କରି ଏବଂ ସାଧ୍ୟମତ ଆଲୋଚନା ଦ୍ୱାରା ବୁଝି ଉପଦେଶ ଗ୍ରହଣ କରିବା ଉଚିତ୍।

---

* ବିବାହ ଓ ଅନ୍ୟାନ୍ୟ ପ୍ରୟୋଜନୀୟ ସାମାଜିକ କାର୍ଯ୍ୟକୁ ଲକ୍ଷ୍ୟ କରି ଏକଥା କୁହାଯାଉନାହିଁ। ସାମାନ୍ୟ କାରଣରେ ଲୋକଙ୍କୁ ଅପଦସ୍ଥ କରିବାର ଚେଷ୍ଟା, ବିଭିନ୍ନ ଦଳଗଠନ ବା ଦଳାଦଳି କରିବାର ଚେଷ୍ଟା ଇତ୍ୟାଦି ଏହି ଶ୍ରେଣୀର ଅଟେ।

ଉପଦିଷ୍ଟ ସତ୍‌ସଙ୍ଗୀଗଣଙ୍କର ଅବଶ୍ୟ ପାଳନୀୟ :—

ସତ୍‌ସଙ୍ଗର ବାହ୍ୟ-ପ୍ରକୃତି

୧ । ସତ୍‌ସଙ୍ଗ, ସଦାଳାପ ଓ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରିବା ଆବଶ୍ୟକ । ଅଯଥା ବୈଷୟିକ ଚିନ୍ତା, ଭଗବଚ୍ଚିନ୍ତା ଓ ଭାବର ଅତ୍ୟନ୍ତ ବିରୋଧୀ ।

ବଙ୍ଗଦେଶରେ ପ୍ରଚଳିତ ଧ୍ୟାନ-ସମନ୍ୱିତ ସଂକୀର୍ତ୍ତନ ଏବଂ ପଶ୍ଚିମ ଦେଶରେ ପ୍ରଚଳିତ ଆଧ୍ୟାତ୍ମିକ ବିଷୟର ଗ୍ରନ୍ଥପାଠ ଉଭୟକୁହିଁ ସତ୍‌ସଙ୍ଗ କୁହାଯାଏ ।

୨ । ସତ୍‌ସଙ୍ଗୀ କିମ୍ବା ଯେ କେହି ହେଉ ନା କାହିଁକି, ସମସ୍ତଙ୍କ ସହିତ ବିନୀତ, ନମ୍ର ଓ ପ୍ରେମ-ଗମ୍ଭୀର ସ୍ୱରରେ ବାକ୍ୟାଳାପ କରିବା ପାଇଁ ଓ ଭାବମୁଖୀ ରହିବା ପାଇଁ ଚେଷ୍ଟା କରିବା ଉଚିତ ।

୩ । ସମସ୍ତଙ୍କୁ ସର୍ବାବସ୍ଥାରେ ଆଲିଙ୍ଗନର ଚେଷ୍ଟା କରିବା ବାଞ୍ଛନୀୟ । ନିଜକୁ ସର୍ବପ୍ରକାର ଲୋକଙ୍କ ସହିତ ମିଶିବାକୁ ଅନୁପଯୁକ୍ତ ବୋଧ କଲେ, ଅନ୍ତତଃ ସତ୍‌ସଙ୍ଗୀମାନଙ୍କ ସହିତ ଏପରି ଆଚରଣ ବାଞ୍ଛନୀୟ ।

ସତ୍‌ସଙ୍ଗର ଚରିତ୍ରଦୋଷ ଜାଣି ପାରିଲେ କେବଳ ତାହାରି ନିକଟରେ ନିର୍ଜ୍ଜନରେ ବିନୟ ଓ ପ୍ରେମର ସହିତ ଏପରିଭାବରେ ସେହି ବିଷୟ କହିବାକୁ ଓ ବୁଝାଇବାକୁ ଚେଷ୍ଟା କରିବା ଉଚିତ ଯଦ୍ଦ୍ୱାରା ସେ କ୍ରୁଦ୍ଧ ବା ଅସନ୍ତୁଷ୍ଟ ନ ହୋଇ ବରଂ ଅନୁତପ୍ତ ହୋଇ ଦୋଷ ପରିହାରର ଚେଷ୍ଟା କରେ । ଅଖ୍ୟାତିଠାରୁ ସୁଖ୍ୟାତିର ମଧ୍ୟ ଦେଇ ସଂଶୋଧନର ଚେଷ୍ଟାହିଁ ଶ୍ରେଷ୍ଠ । ପ୍ରେମହିଁ ଘୃଣିତକୁ ଗ୍ରହଣ କରି ନିଜ ପରି ପବିତ୍ର ଆଦରଣୀୟ କରିପାରେ ।

୪ । ସମସ୍ତଙ୍କ ସହିତ — ବିଶେଷତଃ ସତ୍‌ସଙ୍ଗୀଙ୍କ ସହିତ ଯେଉଁଥିରେ ମନୋମାଳିନ୍ୟ ନ ହୁଏ, ଏପରି ଭାବ ଅବଲମ୍ବନ କରିବା ଏବଂ ଆବଶ୍ୟକ ହେଲେ ଆପଦବିପଦରେ ଯେତେଦୂର ସମ୍ଭବ ସେମାନଙ୍କୁ ସାହାଯ୍ୟ କରିବା ଉଚିତ ।

ଭାଇ (ସତ୍‌ସଙ୍ଗୀ) ଯେପରି ବୁଝିପାରେ ବହିର୍ଜଗତରେ ତାକୁ ଧରି ରଖିବାକୁ ଭାଇମାନେ ଅଛନ୍ତି ଏବଂ ଅନ୍ତରରେ ପରମପିତା ଅଛନ୍ତି ।

୫ । କାମିନୀ-କାଞ୍ଚନଠାରୁ ଯେତେଦୂର ସମ୍ଭବ ସାବଧାନ ରହିବା ଉଚିତ । କାରଣ ଏହି ଦୁଇଟି ମନୋରାଜ୍ୟ ଦଖଲ କରିବାରେ ପକ୍‌କା ଯୋଦ୍ଧା । ଏମାନେ ମନୋବୃତ୍ତିର ଜ୍ୟୋତିଷ୍ମାନ୍ ବିବେକକୁ ନିମିଷକେ ଅନ୍ଧକାରରେ ବୁଡ଼ାଇ ଦିଅନ୍ତି ଏବଂ ଚୋର ପରି ଅନ୍ତରରେ ପ୍ରବେଶ କରି ବିବେକକୁ ବିଧ୍ୱସ୍ତ ଓ ଅପଦସ୍ଥ କରି ଜୀବର ମନକୁ ଦଖଲ କରି ବସନ୍ତି । ଫଳରେ ଆମର ବିବେକ ମୃତପ୍ରାୟ ହୋଇ କେତେ ଜନ୍ମଜନ୍ମାନ୍ତର ଧରି ପ୍ରବୃତ୍ତିର ଅନୁଗମନକରି ଜରା, ବ୍ୟାଧି, ଜନ୍ମ ଓ ମୃତ୍ୟୁଯନ୍ତ୍ରଣା ପ୍ରଭୃତି ନାନାବିଧ ଦୁଃଖ ଭୋଗ କରୁଥାଏ । ଶେଷରେ ଅସହନୀୟ ଅସହ୍ୟ କ୍ଲେଶର ଆଘାତରେ ଜୀବ କାତର ହୋଇ ପରମପିତାଙ୍କ ନିକଟରେ ପ୍ରାର୍ଥନା କରେ । ଏଥିରେ କରୁଣାନିଧାନ ପରମପିତାଙ୍କ କରୁଣାଧାରା ତାହା ଉପରେ ବର୍ଷିତ ହୁଏ ଏବଂ ତାହାକୁ ନିଜର ଅସୀମ ଜ୍ୟୋତିର ପ୍ରଭାବରେ ପ୍ରଭାବାନ୍ୱିତ ଓ ନିଜ ଆଡ଼କୁ ଆକୃଷ୍ଟ କରି ମନର ତମୋ-ପ୍ରବୃତ୍ତିନାଶ ଓ ନିବୃତ୍ତି ରାଜ୍ୟ ସ୍ଥାପନ କରି ତାହାକୁ ଦୁଃଖରୁ ଉଦ୍ଧାର ଓ ପରମାନନ୍ଦ ଦାନ କରନ୍ତି ।

ଅତଏବ ସତ୍‌ସଙ୍ଗୀମାନଙ୍କର ଉଚିତ ସ୍ତ୍ରୀଲୋକଙ୍କ ସହିତ ବିଶେଷ ମିଳାମିଶା ନ କରିବା । ସ୍ତ୍ରୀ-ସତ୍‌ସଙ୍ଗୀମାନଙ୍କର ଉଚିତ ଯେତେଦୂର ସମ୍ଭବ ପୁରୁଷଙ୍କୁ ସ୍ପର୍ଶ ନ କରିବା ବା ସେମାନଙ୍କ ସହିତ ମିଳାମିଶା ନ କରିବା । ଏପରିକି ଯେଉଁମାନେ ସାଧୁଗୁରୁ ପଦବାଚ୍ୟ ସେମାନଙ୍କର ମଧ୍ୟ ସଦ୍‌ଗୁରୁଙ୍କ ଆଦେଶ ଓ ନିତାନ୍ତ ସତ୍‌ପ୍ରୟୋଜନ ବ୍ୟତୀତ ସ୍ତ୍ରୀଲୋକ ବା ଅର୍ଥ ସହିତ ମିଶିବା ଅନାବଶ୍ୟକ । ସଦ୍‌ଗୁରୁ ଆଦେଶ ଦେଲେ ମଧ୍ୟ ଆଦେଶକାଳ ପୂର୍ଣ୍ଣ ହୋଇଯିବା ପରେ ପ୍ରୟୋଜନ ବଢାଇ ସେମାନଙ୍କ ସହିତ ମିଳାମିଶା କରିବା ଉଚିତ ନୁହେଁ ।

୬ । ମନର ପ୍ରବୃତ୍ତି ଯହିଁରେ ଉଚ୍ଚ ହୁଏ, ଏପରି କର୍ମ କରିବା ନିତାନ୍ତ କର୍ତ୍ତବ୍ୟ ।

ସତ୍‌ସଙ୍ଗର ଅନ୍ତଃପ୍ରକୃତି

୧ । ସଦ୍‌ଗୁରୁଙ୍କ ଚରିତ୍ର ଆଲୋଚନା ବା ଚିନ୍ତା ଇତ୍ୟାଦି ଦ୍ୱାରା ଯେଉଁଥିରେ ତାଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ଅନୁରାଗ ବୃଦ୍ଧି ହୁଏ ସେହିପରି କରିବା କର୍ତ୍ତବ୍ୟ ।

୨ । ଉପଦେଶ ଅନୁସାରେ ସାଧନା ଅଭ୍ୟାସ କରିବା ଓ ନିୟତ ସତ୍ୟ ଚିନ୍ତାଦ୍ୱାରା ମନକୁ ସତ୍ୟଭାବାପନ୍ନ କରି ରଖିବାକୁ ଚେଷ୍ଟା କରିବା ଏକାନ୍ତ କର୍ତ୍ତବ୍ୟ ।

୩ । କୁଚିନ୍ତା ବା ପ୍ରବୃତ୍ତିଠାରୁ ମନକୁ ଦୂରରେ ରଖିବାକୁ ଚେଷ୍ଟା କରିବା ଉଚିତ । ମନରେ କୁଚିନ୍ତାର ତରଙ୍ଗ ଉଠିବା ମାତ୍ରକେ ଏପରି କୌଣସି କର୍ମ କରିବାକୁ ହେବ ଯାହା ଶରୀର ଓ ମନ ଉଭୟର ବିଶେଷ ଦରକାର । କର୍ମ ନ କରି ପ୍ରବୃତ୍ତି ତ୍ୟାଗର ଚିନ୍ତା କରିବା ସେହି ପ୍ରବୃତ୍ତିକୁହିଁ ଆମନ୍ତ୍ରଣ କରେ । ଏହାଦ୍ୱାରା କୁଚିନ୍ତା ତ୍ୟାଗ ନ ହୋଇ କ୍ରମଶଃ ମନର ଦୁର୍ବଳତା ଆସେ ଏବଂ ସଂଶୟ ଉପସ୍ଥିତ ହୁଏ । କୁଚିନ୍ତାଗୁଡ଼ିକୁ ପ୍ରଥମେ ତାଚ୍ଛିଲ୍ୟ କରିବାକୁ ହୁଏ ଏବଂ ବିରୋଧୀ କର୍ମରେ ଶରୀର ଓ ମନକୁ ନିୟୋଜିତ କରି ଶେଷରେ ସେମାନଙ୍କୁ ଭୁଲି ଯିବାହିଁ ଉତ୍ତମ ଉପାୟ ।

୪ । ଅନ୍ତରରେ ସର୍ବେଶ୍ୱର ଅଛନ୍ତି ଚିନ୍ତାକରି ମନକୁ ସାହସୀ ଓ ଅକପଟ ରଖିବାକୁ ଚେଷ୍ଟା କରିବା ଉଚିତ ।

୫ । ସଦ୍‌ଗୁରୁଙ୍କ ବଚନକୁ ଭକ୍ତି ଓ ଯତ୍ନ ସହିତ ରକ୍ଷାକରି ଚିନ୍ତାଦ୍ୱାରା ନିଜର ଚରିତ୍ରଗତ କରିବାକୁ ଚେଷ୍ଟା କରିବା ଆବଶ୍ୟକ ।

୬ । ଯେତେଦୂର ସମ୍ଭବ ମନକୁ ନିରଭିମାନ, ନିଃସ୍ୱାର୍ଥ, ନିରହଙ୍କାର ଭକ୍ତି ଓ ପ୍ରେମଭାବାପନ୍ନ ରଖିବାକୁ ଚେଷ୍ଟା କରିବା ଉଚିତ ।

ପ୍ରକାଶକ — ଶ୍ରୀ ଅନନ୍ତନାଥ ରାୟ ଓ ଶ୍ରୀ କିଶୋରୀମୋହନ ଦାସ ।

ଅଧ୍ୟାପକ ଜ୍ୟୋତିଷୀଙ୍କ କଥା

ଢାକା ଜିଲ୍ଲା ଅନ୍ତର୍ଗତ ମାଣିକରଣ୍ଡର ଅଧୀନ ଧାମାରଣ ନିବାସୀ ବିଖ୍ୟାତ ଜ୍ୟୋତିଷୀ ଶ୍ରୀଯୁକ୍ତ ମୋହିନୀମୋହନ ଜ୍ୟୋତିଃଶାସ୍ତ୍ରୀ-ମହାଶୟଙ୍କର କୁଷ୍ଟିୟା, ପାବନା, ରାଇବାଡ଼ୀ ପ୍ରଭୃତି ଅଞ୍ଚଳରେ ବିଶେଷ ଯଶ ଓ ପ୍ରତିପତ୍ତି ଥାଏ । ଏକ ସମୟରେ ବିଶେଷ କାର୍ଯ୍ୟୋପଲକ୍ଷ୍ୟେ ସେ ଗୋୟାଲନ୍ଦ ରାଇବାଡ଼ୀକୁ ଆସିଥାନ୍ତି । ହଠାତ୍ ତାଙ୍କର କୁଷ୍ଟିୟା ଯିବାପାଇଁ ପ୍ରବଳ ଇଚ୍ଛା ହେଲା । ବହୁ ଲୋକଙ୍କ ଅନୁରୋଧ ସତ୍ତ୍ୱେ ସେ ସେହି ବଳବତୀ ଇଚ୍ଛାର ବଶବର୍ତ୍ତୀ ହୋଇ କୁଷ୍ଟିୟା ଯିବାକୁ ବାହାରିଲେ । ଶ୍ରୀଶ୍ରୀଠାକୁର ସେତେବେଳେ କୁଷ୍ଟିୟାରେ ଥାଆନ୍ତି । ଭକ୍ତଗଣ ମନେ ମନେ ଚିନ୍ତା କରୁଥାନ୍ତି ଯେ,

ମୋହିନୀ ଜ୍ୟୋତିଷୀ ଆସିଲେ ଠାକୁରଙ୍କ ହାତଟିକୁ ଥରେ ତାଙ୍କୁ ଦେଖାଇବେ, କିନ୍ତୁ ତାଙ୍କୁ ବର୍ତ୍ତମାନ ପାଇବେ କେଉଁଠି ? ଏହିସବୁ ଭାବି ମନେ ମନେ ପ୍ରାର୍ଥନା କଲେ – ''ଠାକୁର, ମୋହିନୀ ଜ୍ୟୋତିଷୀକୁ ଆଣି ଦିଅନ୍ତୁ।'' ଠିକ୍ ସେହି ଦିନ ଜ୍ୟୋତିଷୀ-ମହାଶୟ କୁଷ୍ଟିୟାରେ ଆସି ଉପସ୍ଥିତ ହେଲେ। ସେତେବେଳେ ଭକ୍ତମାନେ କହିଲେ– ''ଆପଣ ଆମର ଠାକୁରଙ୍କ ହାତ ଦେଖିବୁ ତ !'' ସେ ଦେଖିବାକୁ ପ୍ରସ୍ତୁତ ହେଲେ। କିନ୍ତୁ ଶ୍ରୀଶ୍ରୀଠାକୁର ହାତ ଦେଖେଇବାକୁ ସମ୍ମତ ହେଲେ ନାହିଁ। ଅନେକ ଅନୁନୟ ବିନୟ କରିବାରୁ ସେ ହାତ ଦେଖାଇଲେ। ମୋହିନୀବାବୁ ଶ୍ରୀଶ୍ରୀଠାକୁରଙ୍କର ହସ୍ତରେଖା ଓ ରାଶିଚକ୍ର ଦେଖି ବିଶେଷ ପରୀକ୍ଷା କରି କହିଲେ– ''ଅନେକ ବଡ଼ବଡ଼ ମହାପୁରୁଷ ଓ ଅବତାରଙ୍କ ହସ୍ତରେଖା ଓ ରାଶିଚକ୍ର ଯେତେଦୂର ଜଣାଯାଇଛି ତାହାଠାରୁ ଏହାଙ୍କର ଏଗୁଡ଼ିକ କମ୍ ବଳଯୁକ୍ତ ନୁହେଁ ବରଂ କୌଣସି କୌଣସି ଅଂଶରେ ଏଗୁଡ଼ିକ ବେଶୀ ବଳଯୁକ୍ତ। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏହାଙ୍କ ହସ୍ତର ରେଖାସମୂହ ମୁହୁର୍ମୁହୁଃ ପରିବର୍ତ୍ତିତ ହେଉଛି।'' ସେତେବେଳେ ପରେ ପରେ ଦୁଇଦିନ ବିଶେଷ ଯତ୍ନସହକାରେ ପର୍ଯ୍ୟବେକ୍ଷଣ କରି ଉକ୍ତ ଅଧ୍ୟାପକ ମହାଶୟ କମ୍ପିତ କଲେବରରେ ଶ୍ରୀଶ୍ରୀଠାକୁରଙ୍କ ଚରଣରେ ଲୁଣ୍ଠିତ ହୋଇ ପଡ଼ିଲେ ଏବଂ ଆତ୍ମସମର୍ପଣ କଲେ। ସେ ବର୍ତ୍ତମାନ ଶ୍ରୀଶ୍ରୀଠାକୁରଙ୍କର ଜଣେ ପ୍ରଧାନ ଭକ୍ତ ଏବଂ ତାଙ୍କୁ ପୁରୁଷୋତ୍ତମ ବୋଲି ଦୃଢ଼ରୂପେ ବିଶ୍ୱାସ କରନ୍ତି।

ତାହାପରେ ଥରେ ଉକ୍ତ ଜ୍ୟୋତିଷୀମହାଶୟଙ୍କୁ ମ୍ୟାଲେରିଆ ଜ୍ୱର ହେଲା। ଅନେକ ଦିନ ଭୋଗିବା ପରେ ମଧ୍ୟ କୌଣସି ପ୍ରକାରେ ଆରୋଗ୍ୟ ଲାଭ କରି ପାରିଲେ ନାହିଁ। ସେ ସେତେବେଳେ ଅନନ୍ୟୋପାୟ ଓ ଅନନ୍ୟଶରଣ ହୋଇ ହିମାଇତପୁର ସତ୍‌ସଙ୍ଗ ଆଶ୍ରମକୁ ଆସିଲେ। ଶ୍ରୀଶ୍ରୀଠାକୁରଙ୍କୁ ସମସ୍ତ ଅବସ୍ଥା ଜଣାଇବାରୁ ସେ ତାଙ୍କୁ (ଜ୍ୟୋତିଷୀଙ୍କୁ) ସ୍ନାନ କରାଇ ଦେଲେ, ସେହିଦିନ ଠାରୁ ତାଙ୍କର ବ୍ୟାଧି-ପୀଡ଼ା ଦୂର ହୋଇଗଲା।

ଆଉ ଏକ ସମୟରେ କୁଷ୍ଟିୟାରେ ଉକ୍ତ ଜ୍ୟୋତିଷୀ-ମହାଶୟ ଶ୍ରୀଶ୍ରୀଠାକୁରଙ୍କ ମହାଭାବାବସ୍ଥା ଦର୍ଶନ କରିବା ପାଇଁ ପ୍ରାର୍ଥନା କରି ସେହିଦିନ ହିଁ ସମାଧି ଅବସ୍ଥା ଦର୍ଶନ କରି ଧନ୍ୟ ହେଲେ।

ଅପରିଚିତ ବ୍ୟକ୍ତିର ଶ୍ରୀଶ୍ରୀଠାକୁରଙ୍କୁ ସ୍ୱପ୍ନରେ ପ୍ରାପ୍ତି

ଅନେକ ସ୍ଥାନରୁ ବହୁ ଭଦ୍ର ପରିବାରର ପୁରୁଷ-ରମଣୀ—ଯେଉଁମାନେ କେବେହେଲେ ତାହାଙ୍କୁ ଦର୍ଶନ କରି ନାହାଁନ୍ତି ବା ତାଙ୍କର ନାମ ଧାମ ଅଥବା ତାଙ୍କ ବିଷୟରେ କିଛିହେଲେ ପୂର୍ବେ ଶୁଣି ନାହାଁନ୍ତି, ସେମାନେ ସ୍ୱପ୍ନଯୋଗେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ ଏବଂ ତାଙ୍କର ପ୍ରଚାରିତ ସାଧନପ୍ରଣାଳୀରେ ଦୀକ୍ଷାପ୍ରାପ୍ତ ହୋଇଛନ୍ତି, ଏବଂ ଏହାଙ୍କୁ ସେମାନଙ୍କର ଏକମାତ୍ର ଆରାଧ୍ୟ ପରମପୁରୁଷ ବୋଲି ଜାଣି ପାରିଛନ୍ତି। ଏପରି ସ୍ୱପ୍ନଦର୍ଶନରେ ଅନେକ ଆକୁଳ ପ୍ରାଣରେ ଛୁଟି ଆସି ତାଙ୍କ ଚରଣରେ ଲୋଟି ପଡ଼ିଛନ୍ତି।

ନିଜ ଇଷ୍ଟମୂର୍ତ୍ତି ଧ୍ୟାନକାଳରେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ

କେହି କେହି ଆସି ଏପରି ବର୍ଣ୍ଣନା କରିଛନ୍ତି ଯେ, ସେମାନେ ସ୍ୱୀୟ ଇଷ୍ଟମୂର୍ତ୍ତି ଧ୍ୟାନକାଳରେ ସେହି ଇଷ୍ଟମୂର୍ତ୍ତି ସ୍ଥଳରେ କୌଣସି ଏକ ମନୁଷ୍ୟମୂର୍ତ୍ତିର ଦର୍ଶନ ପାଇଥାନ୍ତି। ପରେ ନାନାରୂପେ ଅନୁସନ୍ଧାନ କରି ତାଙ୍କର (ଶ୍ରୀଶ୍ରୀଠାକୁରଙ୍କର) ଛବି (ଫଟୋ) ଦେଖି ତାଙ୍କର ବିଷୟ ଅବଗତ ହୋଇଛନ୍ତି। ତାହାପରେ ତାଙ୍କ ନିକଟକୁ ଯାଇ ତାଙ୍କୁ ଦର୍ଶନ କରି ଜାଣି ପାରନ୍ତି ଯେ ଏ ସେହିଁ।

ପାଷଣ୍ଡର ଉଦ୍ଧାର ଓ ସାଧନାରେ ଉନ୍ନତି

ତାଙ୍କର ଚରଣଛାୟା ତଳେ ଆଶ୍ରୟପ୍ରାପ୍ତ ବ୍ୟକ୍ତିମାନେ ଅତି ସତ୍ୱର ଅତି ଆଶ୍ଚର୍ଯ୍ୟରୂପେ ଆଧ୍ୟାତ୍ମିକ ଉନ୍ନତି ଲାଭ କରିବାର ଦେଖାଯାଉଛି। ସେମାନଙ୍କର କାମ, କ୍ରୋଧାଦି ରିପୁଗଣ ଅତି ସହଜରେ ଅତି ସତ୍ୱର ସଂଯତ ହୋଇପଡୁଛି। ଏହି ସତ୍ୟ ଆଶ୍ରୟ କରି ଅନେକ ଭୟାନକ ମଦ୍ୟପାୟୀ ବା ମାଦକଦ୍ରବ୍ୟସେବୀ ଏବଂ ବେଶ୍ୟାସକ୍ତ, ବ୍ୟକ୍ତିଙ୍କୁ ଅତି ଅଳ୍ପକାଳ ମଧ୍ୟରେ ସେମାନଙ୍କର ସମସ୍ତ କୁଅଭ୍ୟାସ ପରିତ୍ୟାଗ କରିବାର ଦେଖାଯାଉଛି। ଅତ୍ୟନ୍ତ, ଦୁଷ୍କୃତିପରାୟଣ ବ୍ୟକ୍ତି ନବଜୀବନ ଲାଭ କରୁଛନ୍ତି।

ବିଜ୍ଞାନାଦି ଶାସ୍ତ୍ରର ଅତୀତ ବ୍ୟାପାର

୧୩୨୫ ସାଲର ଶେଷ ଭାଗରେ ଦିନେ ବସି କଥାବାର୍ତ୍ତା ଚାଲିଥାଏ। ଶ୍ରୀଶ୍ରୀଠାକୁର କହିଲେ– ''ଦେଖ ତ ଅନନ୍ତ, ମୋର **heart** (ହୃତ୍‌ପିଣ୍ଡ) ଯେ ବନ୍ଦ ହୋଇଯାଉଛି। ଯେପରି ମୋଟେ ଚାଲୁନାହିଁ।'' ମହାରାଜ ନିଜେ ଜଣେ ଭଲ ଡାକ୍ତର। ସୁତରାଂ ପରୀକ୍ଷା କରି ଦେଖିଲେ– ସତକୁ ସତ ତାହାହିଁ ହୋଇଛି। ସେ ବକ୍ଷ-ପରୀକ୍ଷାଯନ୍ତ୍ର **(Stethoscope)** ଦ୍ୱାରା ଦେଖିଲେ– ଶ୍ରୀଶ୍ରୀଠାକୁରଙ୍କ ହୃତ୍‌ସ୍ପନ୍ଦନ ଏକାବେଳକେ ବନ୍ଦ। ପ୍ରକୋଷ୍ଠର ଧମନୀ ପରୀକ୍ଷା କରି ଦେଖିଲେ– ହାତରେ ନାଡ଼ୀ ମିଳୁନାହିଁ। ସେ ଭୀତ ଓ ସନ୍ଦେହଯୁକ୍ତ ହୋଇ କୁଷ୍ଟିୟାର ବିଖ୍ୟାତ ଡାକ୍ତର ଶ୍ରୀଯୁକ୍ତ ବାବୁ ଗୋକୁଳଚନ୍ଦ୍ର ମଣ୍ଡଳ ଏଲ୍.ଏମ୍.ଏସ୍ ମହାଶୟଙ୍କୁ ଟେଲିଗ୍ରାମ ଡାକ(ଚିଠି)କଲେ। ଗୋକୁଳବାବୁ ପରଦିନ ଯାଇ ପରୀକ୍ଷା କରି ଦେଖିଲେ– ଶ୍ରୀଶ୍ରୀଠାକୁରଙ୍କ ନାଡୀ ମିଳୁନାହିଁ। ହୃତ୍‌ପିଣ୍ଡର କାର୍ଯ୍ୟ ମଧ୍ୟ ବନ୍ଦ, ଅଥଚ ବସି ଗଳ୍ପ କରୁଛନ୍ତି। ସେ ସମ୍ପୂର୍ଣ୍ଣ ବିଶ୍ରାମ ଓ ଔଷଧର ବ୍ୟବସ୍ଥା କଲେ। କିଛିକ୍ଷଣପରେ ସଂକୀର୍ତ୍ତନ ଆରମ୍ଭ ହେଲା। ଶ୍ରୀଶ୍ରୀଠାକୁର ଉଦ୍ଦଣ୍ଡ ନୃତ୍ୟକୀର୍ତ୍ତନ କରିବାକୁ ଲାଗିଲେ ଏବଂ କୀର୍ତ୍ତନରେ ତାଙ୍କର ମହାଭାବାବସ୍ଥା ଉପସ୍ଥିତ ହେଲା। ସେତେବେଳେ ସମସ୍ତେ ବିସ୍ମୟାନ୍ୱିତ ଓ ସ୍ତମ୍ଭିତ ହୋଇପଡ଼ିଲେ। ଏ କି କାଣ୍ଡକାରଖାନା ! ଏହି ବ୍ୟକ୍ତିଙ୍କୁ ଚିକିତ୍ସା କରିବା ବିଷମ ସମସ୍ୟା। ସେ ଯେ ବିଜ୍ଞାନାଦି ସର୍ବ ଶାସ୍ତ୍ରର ଅତୀତ।

ସତ୍ୟନାମର ଶ୍ରେଷ୍ଠତ୍ୱ ସମ୍ବନ୍ଧରେ ତାଙ୍କର ଉକ୍ତି

ଶ୍ରୀଶ୍ରୀଠାକୁର ଦିନେ କହିଲେ ଯେ, ଏହି ସତ୍ୟନାମ ଜପ କରିବାରେ ଯେପରି ଆଶ୍ଚର୍ଯ୍ୟ ଫଳ ହୁଏ, ଅନ୍ୟ କୌଣସି ପ୍ରକାର ନାମ ବୀଜ ଓ ଓଁକାରାଦି ବୀଜ ଜପ କରିବା ଦ୍ୱାରା ସେପରି ହୁଏନା। ମୁଁ କୌଣସି ଦିନ ସାଧନା କରିବି ବୋଲି ସାଧନା କରିନାହିଁ। କୌଣସି ଆଚାର ନିୟମ ସଂଯମ କରି ନାହିଁ।

ଆମିଷ ଓ ନିରାମିଷ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁରଙ୍କ ଉକ୍ତି

ଦିନେ କହିଲେ– ''ପୂର୍ବେ ମାଛ ଖାଇଛି କିନ୍ତୁ ସେଥିରେ ସାଧନାର ଫଳ ଭଲ ହୋଇନାହିଁ। ସେଥିପାଇଁ ଲୋକଙ୍କୁ ମାଛମାଂସ ଖାଇବାକୁ ନିଷେଧ କରେ। ମାଛମାଂସ ଖାଇଲେ ଧ୍ୟାନର ଜ୍ୟୋତିଃ ସ୍ପଷ୍ଟ ଦେଖାଯାଏ ନାହିଁ, ଧୂଆଁଳିଆ ଦେଖାଯାଏ। ସ୍ନାୟୁଶକ୍ତିର ବିଘ୍ନ ହୁଏ। ଭୁଲିର ହାନି ହୁଏ। ମୁଁ

ଦେଖେ– ଆମିଷ ଖାଇଲେ ମୋର ସ୍ମୃତିଶକ୍ତି କମ୍ ହୁଏ । ଆମିଷ ଖାଇବା ଫଳରେ ସ୍ୱପ୍ନ ଓ ଧ୍ୟାନରେ ଦୃଷ୍ଟ ବିଷୟ ଠିକ୍‌ଠିକ୍ ମନେ ରହେ ନାହିଁ । ଆମିଷରେ ରିପୁର ଉତ୍ତେଜନା ବୃଦ୍ଧିପ୍ରାପ୍ତ ହୁଏ । ସାତ୍ତ୍ୱିକ-ଆହାରରେ ମଣିଷ ଦୀର୍ଘାୟୁ ହୁଏ ।''

୧୧

ଅଲୌକିକଭାବେ ନିର୍ବାପିତ ଆଲୋକ ଜଳିଲା

ଥରେ ଦିନବେଳରେ ଶ୍ରୀଶ୍ରୀଠାକୁରଙ୍କ ସହିତ ଆମ୍ଭେମାନେ କୁଷ୍ଟିୟା ଅନ୍ତର୍ଗତ ରାତୁଲପଡ଼ା ଗ୍ରାମ ଉଦ୍ଦେଶ୍ୟରେ ଯାତ୍ରା କଲୁ । ସନ୍ଧ୍ୟା ସମୟରେ ଶ୍ରୀଯୁକ୍ତ ବାବୁ ବସନ୍ତକୁମାର ରାୟଚୌଧୁରୀ ମହାଶୟ ଓ ଖୋକସାଇନିପୁରର ଏକ ଭଦ୍ରଲୋକ ଏବଂ ବସନ୍ତବାବୁଙ୍କର ଆଉ ଜଣେ ସାଙ୍ଗ ଦ୍ୱିଚକ୍ରଯାନ (ବାଇ-ସାଇକେଲ) ଯୋଗେ ରାତୁଲପଡା ଅଭିମୁଖରେ ବାହାରିଲେ । ବସନ୍ତବାବୁଙ୍କ ସାଇକେଲରେ ଘ୍ୟାସ୍‌ବତୀ ଥିଲା, ଦ୍ୱିତୀୟ ଭଦ୍ରଲୋକଙ୍କର ବତୀ ନଥିଲା । ତୃତୀୟ ଭଦ୍ରଲୋକଙ୍କ ସାଇକେଲରେ ଯେଉଁ ବତୀ ଥିଲା ତାହା ମିଣ୍ଟିମିଣ୍ଟି ହୋଇ ଜଳୁଥିଲା । ସେଥିରେ ବାଟ ଦେଖାଯାଏ ନା । ସମସ୍ତେ ବସନ୍ତବାବୁଙ୍କ ବତୀ ଉପରେ ନିର୍ଭର କରି ସାଇକେଲ ଚଳାଇବାକୁ ଲାଗିଲେ । କିଛିଦୂର ଯିବା ପରେ ବସନ୍ତବାବୁଙ୍କ ବତୀଟି ଲିଭିଗଲା । ନାନାପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ବି ଜଳିଲା ନାହିଁ । ନିରୁପାୟ ହୋଇ ସେମାନେ ଅନ୍ଧାର ଭିତରେ ଗାଡି ଚଳାଇବାକୁ ଲାଗିଲେ । ମାତ୍ର କିଛିବାଟ ଅଗ୍ରସର ହେବା ପରେ ଆଉ ଆଗେଇ ପାରିଲେ ନାହିଁ । ସଭିଏ କହିଲେ– ''ଆଉ ପାରିହେବ ନାହିଁ । ପଡ଼ି ମରିବୁ ଯେ !''ବସନ୍ତବାବୁ କହିଲେ– ''ମରିବୁ କାହିକି ? ଠାକୁରଙ୍କ ପାଖକୁ ଯାଉଛୁ, ତହିଁରେ କ'ଣ ବିପଦ ହୋଇପାରେ ? ଆଉ, ଯଦି ତାଙ୍କର ଇଚ୍ଛା ତାହା ହୋଇଥାଏ, ତେବେ ତାହାହିଁ ହେଉ । ତାଙ୍କର ଇଚ୍ଛା ହେଲେ, ତାଙ୍କର କୃପା ହେଲେ ବତୀ କ'ଣ ଆପେଆପେ ଜଳି ଉଠି ପାରେ ନା ? ଆସ ଭାଇ ନାମ କରାଯାଉ ।'' ଏପରି କହି ସତ୍ୟନାମ ଜପ କରିବାକୁ ଲାଗିଲେ । କିଛି ସମୟ ଏହିପରି କରିବା ପରେ ସେହି ନିର୍ବାପିତ ବତୀଟି ହଠାତ୍ ଆପଣାଛାଏଁ ଦପ୍‌କରି ଜଳି ଉଠିଲା । ସେମାନେ ଆନନ୍ଦଚିତ୍ତରେ ସେହି ଆଲୋକ ସାହାଯ୍ୟରେ ନାମ ଜପ କରୁ କରୁ ପ୍ରାୟ ଚାରିକ୍ରୋଶ ଦୂରବର୍ତ୍ତୀ ଗନ୍ତବ୍ୟସ୍ଥାନକୁ ଗମନ କଲେ । ରାତୁଲପଡାର ଶ୍ରୀଯୁକ୍ତ ବାବୁ ଯୋଗେନ୍ଦ୍ରନାଥ ସରକାର ଏମ୍.ଏ.ବି.ଏଲ୍. ମହାଶୟଙ୍କ ଗୃହରେ ଉପନୀତ ହୋଇ ବସନ୍ତବାବୁ ସେହି ବତୀଟି ଦେଖାଇ ଶ୍ରୀଶ୍ରୀଠାକୁର ଓ ଆମ୍ଭମାନଙ୍କ ସମ୍ମୁଖରେ ସମସ୍ତ ଘଟଣା ବର୍ଣ୍ଣନା କଲେ । ପରୀକ୍ଷା ଉଦ୍ଦେଶ୍ୟରେ ସେହି ବତୀଟିକୁ ରଖିଦିଆଗଲା । ବତୀଟି ରାତିପାରା ଜଳିଲା ।

ଶ୍ରୀଶ୍ରୀଠାକୁରଙ୍କ ସ୍ପର୍ଶରେ ଅନ୍ୟ ମନୁଷ୍ୟ ଦେହରେ ଆଲୋକ ଜଳିଲା

ପ୍ରାୟ ପାଞ୍ଚବର୍ଷ ତଳର ଘଟଣା । ଦିନେ ଘୋର ଅନ୍ଧକାର ରାତିରେ ପାବନାର ଜାଶୀପୁର ନିବାସୀ ଶ୍ରୀଯୁକ୍ତ ବାବୁ ଭବାନୀଚରଣ ପାଲ ମହାଶୟ ପଦ୍ମାନଦୀତୀରସ୍ଥ ପଥ ଦେଇଯାଉଥିଲେ । ସେତେବେଳେ ଏପରି ଅବସ୍ଥା ହେଲା ଯେ ସେ ଅନ୍ଧକାରରେ ପଥ ଦେଖି ପାରିଲେ ନାହିଁ । ଅତ୍ୟନ୍ତ ଅସୁବିଧା ଓ କଷ୍ଟର ସମ୍ମୁଖୀନ ହେଲେ । ରାସ୍ତାର ଏକ ପାର୍ଶ୍ୱରେ ଗଭୀର ପଦ୍ମା, ଅପର ପାର୍ଶ୍ୱରେ ଭୀଷଣ

ଜଙ୍ଗଲ, – ସେ ପଥହରା ହେଲେ, ଅତ୍ୟନ୍ତ ଭୀତ ହୋଇପଡ଼ିଲେ । ଏପରି ସମୟରେ ନିକଟରେ ମନୁଷ୍ୟର ପଦଶବ୍ଦ ଶ୍ରୁତିଗୋଚର ହେବାରୁ ଜିଜ୍ଞାସା କରି ଜାଣିପାରିଲେ ଯେ ସେ ଠାକୁର ଶ୍ରୀଶ୍ରୀଠାକୁରଭବାନୀବାବୁଙ୍କୁ ପଚାରିଲେ–''ଆପଣଙ୍କର କ'ଣ ହୋଇଛି । ଭବାନୀବାବୁ କହିଲେ– ''ମୁଁ ଭୟାନକ ବିପଦରେ ପଡ଼ିଛି । ଘୋର ଅନ୍ଧକାର ମଧ୍ୟରେ ପଥ ଦେଖି ପାଉନାହିଁ । ଘରକୁ ଯିବି କିପରି ?'' ଶ୍ରୀଶ୍ରୀଠାକୁର ସୁମଧୁର ବଚନରେ ''ଭୟ କ'ଣ, ଚାଲି ଯାଆନ୍ତୁ''– ଏହା କହି ଭବାନୀବାବୁଙ୍କୁ ଆଲିଙ୍ଗନ କରି ଛାଡ଼ିଦେଲେ । ଭବାନୀବାବୁ ଧୀରେ ଧୀରେ ଚାଲିବାକୁ ଲାଗିଲେ । କିଛି ବାଟ ଅଗ୍ରସର ହେଉଣୁ ନ ହେଉଣୁ ଭବାନୀବାବୁଙ୍କ ବାମ ଚକ୍ଷୁରୁ ହଠାତ୍ ଏକ ଉଜ୍ଜ୍ୱଳ ଆଲୋକ ବହିର୍ଗତ ହେଲା । ସେହି ଆଲୋକ ସାହାଯ୍ୟରେ ପଥ ଦେଖି ସେ ଘରକୁ ଚାଲିଗଲେ । ସେ ଆଶ୍ଚର୍ଯ୍ୟାନ୍ୱିତ ଓ ମହା ଆନନ୍ଦିତ ହେଲେ, କିନ୍ତୁ ଘଟଣା ସ୍ମରଣ କରି ସ୍ତମ୍ଭିତ ହେଲେ । ଆଲିଙ୍ଗନର ଫଳ କେବଳ ଭବାନୀବାବୁ ଜାହିକି, ଆହୁରି ଅନେକେ ପ୍ରାଣେ ପ୍ରାଣେ ଅନୁଭବ କରିଛନ୍ତି ।

ବାଲ୍ୟଲୀଳା ବର୍ଣ୍ଣନାକାଳରେ ଉଲ୍ଲିଖିତ ହୋଇଛି ଯେ, ଏକଦା ସନ୍ଧ୍ୟାପରେ ଏହି ଭବାନୀବାବୁଙ୍କ ହସ୍ତସ୍ଥିତ ଆଲୋକ ନିର୍ବାପିତ ହୋଇ ଯାଇଥିଲା । କିନ୍ତୁ ଶ୍ରୀଶ୍ରୀଠାକୁର (ବାଲ୍ୟକାଳରେ) ତାଙ୍କୁ ସ୍ପର୍ଶ କରିବାରେ ଉକ୍ତ ଆଲୋକଟି ପୁଣି ଜଳି ଉଠିଥିଲା ।

ପାବନା ଜିଲ୍ଲା ନାଜିରପୁର ଗ୍ରାମ ନିବାସୀ ଶ୍ରୀଯୁକ୍ତ ବାବୁ ଦୁର୍ଗାନାଥ ପାନ୍ୟାଇ ମହାଶୟ ଥରେ ଘୋର ଅନ୍ଧକାର ରାତ୍ରିରେ କିଶୋରୀମୋହନଙ୍କ ଗୃହରୁ ସଂକୀର୍ତ୍ତନ ପରେ ଚାଲି ଚାଲି ଯାଉଥିଲେ । ସାଙ୍ଗରେ ଶ୍ରୀଶ୍ରୀଠାକୁର ମଧ୍ୟ ଥିଲେ । ଦୁର୍ଗାନାଥବାବୁ ଅନ୍ଧାରରେ ଚାଲି ପାରୁ ନ ଥିଲେ । ସେ କହିଲେ– ''ଠାକୁର, ମୁଁ ତ ଅନ୍ଧାରରେ ବାଟ ଦେଖି ପାଉନି, ଯିବି କିପରି ?'' ଶ୍ରୀଶ୍ରୀଠାକୁର କହିଲେ– ''ମୋ ହାତ ଧରି ଆସନ୍ତୁ ।'' ତହିଁ ଦୁର୍ଗାନାଥବାବୁ ଶ୍ରୀଶ୍ରୀଠାକୁରଙ୍କ ହସ୍ତ ଧାରଣ କରିବାମାତ୍ରେ ଦେଖିଲେ ଯେ, ଅନ୍ଧକାର ତିରୋହିତ ହୋଇଗଲା । ଠିକ୍ ଉଷାକାଳ ପରି ପଥ ବେଶ୍ ପରିଷ୍କାର ଦେଖାଯିବାକୁ ଲାଗିଲା । ସେ ମହାନନ୍ଦରେ ଗମନ କଲେ ।

ଚରଣାମୃତ-ତତ୍ତ୍ୱ ଓ ଅଦ୍ଭୁତ କାହାଣୀ

ଶ୍ରୀଶ୍ରୀଠାକୁରଙ୍କ ପାଦୋଦକ ବା ଚରଣାମୃତ ନେବାକୁ ଗଲେ ସେ କୌଣସି ପ୍ରକାରେ ପଙ୍କତ ହୁଅନ୍ତି ନାହିଁ ବା କାହାରିକୁ ତାହା ନେବାକୁ ଦିଅନ୍ତି ନାହିଁ । ତେବେ ପାଦଧୋଇବା ପରେ, ସ୍ନାନ ପରେ ଅଥବା ମହାଭାବାବସ୍ଥାରେ କୌଣସି କୌଶଳରେ ତାହା ସଂଗୃହୀତ ହୋଇଥାଏ । ଏହି ସଂଗୃହୀତ ଚରଣାମୃତ ଦ୍ୱାରା ଦୂରାରୋଗ୍ୟ ବା ଅସାଧ୍ୟ ବ୍ୟାଧିର କବଳରୁ ଅନେକେ ରକ୍ଷା ପାଇଛନ୍ତି ଏବଂ ଅନେକ ମୁମୂର୍ଷୁ ବ୍ୟକ୍ତି ଜୀବନଲାଭ କରିଛନ୍ତି । ଏହି ଚରଣାମୃତ ପାନ କରି ଅନେକ ପାଷଣ୍ଡର ହୃଦୟରେ ଧର୍ମଭାବ ଜାଗ୍ରତ ହୋଇଛି ।

ଚରଣାମୃତ ସମ୍ବନ୍ଧରେ ଆମର ଗୋଟାଏ ଧାରଣା ବା ସଂସ୍କାର ଥିଲା ଯେ, ଯେ-କୌଣସି ଦେବମନ୍ଦିରରୁ ଚରଣାମୃତ ନେଇ ପାନ କଲେଇ ହେଲା । କିନ୍ତୁ ଏବେ ଦେଖୁଛି ଯେ, ବାସ୍ତବିକ ପକ୍ଷରେ ସବୁ ସମୟରେ ତାହା ଠିକ୍ ହୁଏ ନା । ଏକ ବୈଷ୍ଣବ ମାସିକ ପତ୍ରିକାରେ କୌଣସି ଜଣେ ବିଖ୍ୟାତ ସାଧକ ଥରେ ଏହି ସମ୍ବନ୍ଧରେ ବିଶେଷ ଆଲୋଚନା କରି ଲେଖିଥିଲେ ଯେ, ସବୁ ସମୟର ଚରଣାମୃତ ଠିକ୍ ହୁଏ ନା । ପୁଣି, ବିଶ୍ୱାସ କରି ପ୍ରସାଦ ଭୋଜନ କଲେ ସବୁ କ୍ଷେତ୍ରରେ ପ୍ରସାଦ ଭକ୍ଷଣର ଫଳପ୍ରାପ୍ତି ହୁଏ ନା । କୌଣସି ବିଗ୍ରହ ସମ୍ମୁଖରେ ଖାଦ୍ୟଦ୍ରବ୍ୟ ପ୍ରଦାନ କରି ନିବେଦନ

ଜଣେହି ସବୁ ସମୟରେ ପ୍ରସାଦ ହୁଏ, ସେ କଥା ମଧ୍ୟ ଠିକ୍ ନୁହେଁ। ନିବେଦିତ ବସ୍ତୁ କୌଣସି କୌଣସି ସମୟରେ ନିବେଦକର କୌଣସି ପ୍ରକାର ଦୋଷ ବା ତ୍ରୁଟି ଯୋଗୁଁ କିମ୍ବା ନିବେଦିତ ବସ୍ତୁର କୌଣସି ଦୋଷ ବଶତଃ ଅଥବା କୌଣସି କାରଣ ବଶତଃ ପ୍ରସାଦ ଠିକ୍ ନ ହୋଇ ବି ପାରେ। ଏ ସମ୍ବନ୍ଧରେ ଗୋଟିଏ ସତ୍ୟ ଗଳ୍ପ ଅଛି। ଜଣେ ସାଧୁ ଥିଲେ, ସମସ୍ତେ ତାଙ୍କୁ ପାଗଳା ସାଧୁ କହୁଥିଲେ। ସେହି ସାଧୁ ମଝିରେ ମଝିରେ କୌଣସି କୌଣସି ଗୃହରେ ଶ୍ରୀବିଗ୍ରହଙ୍କ ପ୍ରସାଦ ଭୋଜନ କରି ଆନନ୍ଦିତ ହୋଇଥାଆନ୍ତି। ନୃତ୍ୟ କରନ୍ତି ଓ କହନ୍ତି– "ଆଜି ଠିକ୍ ପ୍ରସାଦ ହୋଇଛି।" କେବେ କେବେ ଭୋଜନରେ ବସି କହନ୍ତି– "ପ୍ରସାଦ ଠିକ୍ ହୋଇନାହିଁ। ଅମୁକ ଅମୁକ ଦୋଷରୁ ଠାକୁରେ ଆଜି ଭୋଗ ଗ୍ରହଣ କରି ନାହାଁନ୍ତି।" ଏପରି କହି ସେ ଆଉ ଭୋଜନ କରନ୍ତି ନାହିଁ। ତାଙ୍କୁ ସମସ୍ତେ ଖୁବ୍ ଅନ୍ତର୍ଯ୍ୟାମୀ ଓ ବଡ ସାଧକ ବୋଲି ଜାଣିଥିଲେ, ଏବଂ ତାଙ୍କର ଏହି କଥା ସମସ୍ତେ ବିଶ୍ୱାସ କରୁଥିଲେ। ଆଉ, ଯେଉଁଦିନ ସେ ଠାକୁର ଭୋଗ ସମ୍ବନ୍ଧରେ ଯେଉଁ ଦୋଷର ଉଲ୍ଲେଖ କରୁଥିଲେ, ଅନୁସନ୍ଧାନରେ ତାହା ସତ୍ୟ ବୋଲି ପ୍ରମାଣିତ ହେଉଥିଲା। ଅନେକ ସମୟରେ ଠାକୁରଭୋଗରେ ସେଭଳି ଗୁପ୍ତଦୋଷ ଥିଲେ ସାଧକଗଣ ଧ୍ୟାନରେ ବା ସ୍ୱପ୍ନରେ ତାହା ଅବଗତ ହୋଇଥାନ୍ତି। ଯଦି ଠାକୁର-ବିଗ୍ରହ ମାନିବାକୁ ହୁଏ ତା' ହେଲେ ଏକଥା ଅଗ୍ରାହ୍ୟ କରି ଉଡାଇ ଦେଲେ ଚଳିବ ନାହିଁ। ସେହିଭଳି ଶ୍ରୀବିଗ୍ରହଙ୍କ ଚରଣାମୃତ କୌଣସି କୌଣସି ଦିନ ଠିକ୍ ହୁଏ, ପୁଣି କୌଣସି ଦିନ ଠିକ୍ ନ ହୋଇ ବି ପାରେ।

ପ୍ରକୃତ ମହାପୁରୁଷ, ସଦ୍‌ଗୁରୁ ଅଥବା ଅବତାର କାଳରେ—ଜୀବନ୍ତ ନରବିଗ୍ରହଙ୍କର ପାଦୋଦକ ଗ୍ରହଣ କରି ପାରିଲେ ତାହା ଠିକ୍ ଠିକ୍ ଚରଣାମୃତ ହେବହିଁ ହେବ। କାରଣ ସେହି ଜଳରେ ଜୀବନ୍ତ ମନୁଷ୍ୟ ଦେହରୁ ଚୈତନ୍ୟ ଶକ୍ତିଧାରା **(Spiritual force Current)** ର ସଂଯୋଗ ହୋଇଥାଏ। ପାଦର ଅଙ୍ଗୁଳି ଶରୀରର ନେଗେଟିଭ୍ ପୋଲ୍। ସେହି ସ୍ଥାନରୁ ବହିର୍ଗାମୀ ସ୍ନାୟୁଦ୍ୱାରା ଚୈତନ୍ୟ ଶକ୍ତିଧାରା ନିର୍ଗତ ହୁଏ। ସୁତରାଂ ଉଚ୍ଚତମ ଚୈତନ୍ୟଶକ୍ତି ସମ୍ପନ୍ନ ବ୍ୟକ୍ତିର, **Spritual man** ବା ଅବତାର ପୁରୁଷଙ୍କ ପାଦର ବୃଦ୍ଧାଙ୍ଗୁଳି ଧୌତ ଜଳ ଠିକ୍ ଠିକ୍ ଚରଣାମୃତ ହୋଇଥାଏ। ଏଥିପାଇଁ ଆମ ଦେଶରେ ଗୋଟିଏ ପ୍ରଥା ଅଛି ଯେ, ଗୁରୁଦେବଙ୍କ ପାଦର ବୃଦ୍ଧାଙ୍ଗୁଳି ଗୋଟିଏ ପାତ୍ର ମଧ୍ୟସ୍ଥ ବିଶୁଦ୍ଧଜଳରେ ବୁଡାଇ ନେଇ ସେହି ଜଳ ଶିଷ୍ୟଗଣ ପାନ କରନ୍ତି। ଗୁରୁ ସଦ୍‌ଗୁରୁ ହେଲେ ଏପରି ଜଳପାନ ବାସ୍ତବିକ ମଙ୍ଗଳଜନକ। କିନ୍ତୁ ଗୁରୁ ଉପଯୁକ୍ତ ନ ହେଲେ ବା ଅପଚରିତ୍ର ହୋଇଥିଲେ, ସେଭଳି ଚରଣାମୃତ ପାନ ମନ୍ଦଫଳହିଁ ପ୍ରସବ କରିଥାଏ। କାରଣ ତାଙ୍କର ପଦାଙ୍ଗୁଳିରୁ ସୁପବିତ୍ରଧାରା ନିର୍ଗତ ନ ହୋଇ ତାଙ୍କର କୁଚରିତ୍ରର ମନ୍ଦଭାବଧାରାହିଁ ନିର୍ଗତ ହୋଇଥାଏ। ଆଉ ଗୋଟିଏ କଥା ସେହି ଅଙ୍ଗୁଳିରେ ରୋଗବୀଜ ଥିଲେ ତାହା ରୋଗୋତ୍ପତ୍ତିର ହେତୁ ହୋଇପାରେ। କିନ୍ତୁ ପୂର୍ଣ୍ଣଶକ୍ତିମାନ୍ ବ୍ୟକ୍ତିଙ୍କ ଅଙ୍ଗସ୍ପର୍ଶରେ ରୋଗଜୀବାଣୁ ଧ୍ୱଂସପ୍ରାପ୍ତ ହୋଇଥାଏ। ସୁତରାଂ ସେହି ଚରଣାମୃତ ରୋଗଜୀବାଣୁ ବହନ କରେନାହିଁ। ତାହା ପାନ କଲେ ମଙ୍ଗଳହିଁ ହୋଇଥାଏ।

ଶ୍ରୀଶ୍ରୀଠାକୁରଙ୍କ ସମାଧି ଅବସ୍ଥାରେ ସଂଗୃହିତ ଚରଣାମୃତ ନେଇ ଅନେକ ଜଣଙ୍କୁ ଅତି ଉତ୍ତମ ଫଳ ଲାଭ କରୁଛନ୍ତି।

ଦିନେ ଶ୍ରୀଶ୍ରୀଠାକୁର କୁଷ୍ଟିୟାର ବିଖ୍ୟାତ ଧନୀ ଶ୍ରୀଯୁକ୍ତ ବାବୁ କୁଞ୍ଜଲାଲ ରାୟଚୌଧୁରୀ ମହାଶୟଙ୍କ ମନୋହରୀ ଦୋକାନଘରେ ଉପସ୍ଥିତ ଥାଆନ୍ତି। କୁଞ୍ଜବାବୁଙ୍କ କନିଷ୍ଠଭ୍ରାତା ବସନ୍ତବାବୁ ମନେ ମନେ ଶ୍ରୀଶ୍ରୀଠାକୁରଙ୍କ ଚରଣାମୃତ ପ୍ରାର୍ଥନା କଲେ। ସେ ଶ୍ରୀଶ୍ରୀଠାକୁରଙ୍କୁ କହିଲେ — "ପାଦ ଦୁଇଟି ଖୁବ୍ ଗରମ ହୋଇଛି, ଧୋଇ ଦେଲେ ଭଲ ହୁଅନ୍ତା।" ସେ ଅସ୍ୱୀକାର କଲେ।ପରେ ଭକ୍ତର କାତର ପ୍ରାର୍ଥନାରେ ସଞ୍ଚତ ହେଲେ। ପଦଧୌତ କରାଗଲା। ବସନ୍ତବାବୁ କୌଶଳରେ ପାଦୋଦକ ସଂଗ୍ରହ

କଲେ। କୂପଜଳରେ ପଦଧୌତ କରାଯାଇଥିଲା। ଏଥିପୂର୍ବେ ଅଶ୍ୱିନୀବାବୁଙ୍କ ଗୃହରେ ସମାଧି ଅବସ୍ଥାରେ ଗୋଲାପଜଳରେ ପଦଧୌତ କରାଯାଇଥିଲା। ତେଣୁ ବସନ୍ତବାବୁ ମନେ ମନେ ଦୁଃଖିତ ହେଲେ ଯେ, ତାଙ୍କର ସଂଗୃହୀତ ପାଦୋଦକ ଗୋଲାପଜଳରେ ନ ହୋଇ କୂପଜଳରେ ହେଲା। ସେମାନେ କେଇଜଣ ଏ ସମ୍ବନ୍ଧରେ ଆଲୋଚନା କରି ଦୁଃଖିତ ଅନ୍ତଃକରଣରେ ଅବସ୍ଥାନ କଲେ। ଦୁଇ ତିନିଦିନ ପରେ ଦେଖାଗଲା ଯେ, ସେହି କୂପୋଦକ ଗୋଲାପଜଳରେ ପରିଣତ ହୋଇଛି। ଏହି ଘଟଣା ଅବଗତ ହୋଇ ଏବଂ ସେଥିରେ ଆକୃଷ୍ଟ ହୋଇ କାନାଇଲାଲ ଦେ ନାମକ ଜଣେ ଫଟୋଗ୍ରାଫର ସେହି ଚରଣାମୃତରୁ କିଞ୍ଚିତ୍ ପାନ କରିଥିଲେ। ତାଙ୍କର କୋଡିଏ ବର୍ଷର ପୁରାତନ ଉଗ୍ରଦର ରୋଗ ଥିଲା। ତାଙ୍କ ପୂର୍ବ ପୁରୁଷମାନଙ୍କର ମଧ୍ୟ ସେହି ବ୍ୟାଧି ଥିଲା ଏବଂ ସେହି ବ୍ୟାଧିରେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ସେହି ଚରଣାମୃତପାନ କରି ମାତ୍ର ସାତଦିନ ମଧ୍ୟରେ କାନାଇବାବୁ ବ୍ୟାଧିମୁକ୍ତ ହୋଇଥିଲେ। ଶ୍ରୀଶ୍ରୀଠାକୁରଙ୍କୁ ଏସବୁ ବିଷୟ କୁହାଯିବାରୁ ସେ କହିଲେ— "ସମ୍ଭବତଃ ଗୋଲାପଜଳ ବୋତଲରେ ସେହି ପାଦୋଦକ ରଖା ଯାଇଥିଲା।" ଅନୁସନ୍ଧାନରେ ଜଣାଗଲା ଯେ ସେହି ପାଦୋଦକ ଗୋଲାପଜଳ ବୋତଲରେ ରଖାଯାଇଥିଲା ସତ, କିନ୍ତୁ ପାଦୋଦକ ରଖିବା ପୂର୍ବରୁ ବୋତଲଟିକୁ ଏତେ ପରିଷ୍କାର ଭାବରେ ଧୁଆ ଯାଇଥିଲା ଯେ ସେଥିରେ ଗୋଲାପଜଳର ସାମାନ୍ୟତମ ଗନ୍ଧ ବି ନଥିଲା, ଏବଂ ସେହି କାରଣରୁ କୂପୋଦକ ଗୋଲାପଜଳରେ ପରିଣତ ହୋଇପାରେ ନା।

ମୋର ଜଣେ ଆତ୍ମୀୟା କଲିକତାରେ କଲେରା ରୋଗାକ୍ରାନ୍ତା ହୋଇ ସାଙ୍ଘାତିକ ଅବସ୍ଥାପନ୍ନ ଏବଂ ବିକାରରେ ସଂଜ୍ଞାଶୂନ୍ୟା ଓ ମୁମୂର୍ଷୁ ହୋଇ ପଡ଼ିଥିଲେ। ତାଙ୍କର ସ୍ୱାମୀ ମୋତେ ବିଶେଷ ଅନୁରୋଧ କରି ଏକ ପତ୍ର ଲେଖିଲେ ଯେ, "ତୁମର କୁଆଡ଼େ ଜଣେ ଠାକୁର ଅଛନ୍ତି, ତାଙ୍କ ଚରଣଧୂଳିରେ ଅନେକ ଆଶ୍‌ଚର୍ଯ୍ୟ ଫଳ ମିଳେ। ଗୋଟିଏ ଲଫାପା ଭିତରେ ତାଙ୍କର ଟିକିଏ ଚରଣଧୂଳି ମୋତେ ପଠାଇବେ।" ମୁଁ ସେ ପତ୍ରର କୌଣସି ଉତ୍ତର ଦେଇ ନାହିଁ। ମନେ କଲି, ଆମର ଠାକୁର କ'ଣ ରୋଗ ଛଡ଼େଇବା ଠାକୁର ହୋଇଛନ୍ତି ନା କଅଣ ? ମୁଁ ସେପରି ଧୂଳି ପଠାଇବି ନାହିଁ। ତା' ଛଡା ଆଉ ଗୋଟାଏ କଥା, ସେ ତାଙ୍କ ଚରଣଧୂଳି ନେବାକୁ ଦିଅନ୍ତି ନାହିଁ। ତା'ପରେ ସେ ପୁନରାୟ ମୋତେ ଅନୁଯୋଗ କରି କ୍ରୋଧାନ୍ୱିତ ଭାବରେ ଆଉ ଖଣ୍ଡିଏ ପତ୍ର ଲେଖି ସେହି ଚରଣରେଣୁ ପ୍ରାର୍ଥନା କଲେ। ତହୁଁ ବସନ୍ତବାବୁଙ୍କ ନିକଟରୁ ମୋର କନିଷ୍ଠ ଭ୍ରାତା (ଡାକ୍ତର ରାଧାରମଣ ଜୋୟାରଦାର) ଦ୍ୱାରା କିଞ୍ଚିତ୍ ଚରଣାମୃତ ଅଣାଯାଇ ପ୍ରେରିତ ହେଲା। ସେହି ଚରଣାମୃତ **ସଂଜ୍ଞାଶୂନ୍ୟାବସ୍ଥାରେ ରୋଗିଣୀଙ୍କର ମୁଖରେ ପ୍ରଦାନ କରାଗଲା। ଅତି ଅଳ୍ପ ସମୟ ମଧ୍ୟରେ ସେ ସମ୍ପୂର୍ଣ୍ଣ ନିରାମୟ ହେଲେ।**

କୁଷ୍ଟିୟା ଅନ୍ତର୍ଗତ କମଲାପୁର ଗ୍ରାମନିବାସୀ ଜମିଦାର ଓ ମହାଜନ ଶ୍ରୀଯୁକ୍ତ ବାବୁ ଗିରୀନ୍ଦ୍ରଭୂଷଣ ବିଶ୍ୱାସ ମହାଶୟ ଦାତବ୍ୟ-ଚିକିତ୍ସା କରୁଥିଲେ। ସେ ତାଙ୍କର ଏକ ସାଙ୍ଘାତିକ ରୋଗାକୁ ଚିକିତ୍ସା ଦ୍ୱାରା କୌଣସି ପ୍ରକାରେ ଆରୋଗ୍ୟ ନ କରିପାରି ମୁମୂର୍ଷୁ ଅବସ୍ଥାରେ ଏହି ଚରଣାମୃତ ଦ୍ୱାରା ଅତି ଅଳ୍ପକାଳ ମଧ୍ୟରେ ନିରାମୟ କରି ମୋତେ ପତ୍ରଦ୍ୱାରା ଜଣାଇଥିଲେ।

ନଦୀୟା ଜିଲ୍ଲାର କୁଷ୍ଟିୟା ମହକୁମାସ୍ଥ ଜୋତପଡ଼ା ପୋଷ୍ଟ ଅଫିସ ଅନ୍ତର୍ଗତ ଆମଲାବାଡ଼ୀ ଗ୍ରାମରେ ଶ୍ରୀଯୁକ୍ତ ଲଳିତମୋହନ ବସୁ ମହାଶୟଙ୍କ ଗୃହରେ ବହୁ ଭକ୍ତ ସମାଗମ ହୋଇଥାନ୍ତି।

ବର୍ଷାକାଳ, ବେଳ ପ୍ରାୟ ଦଶଟା ; ଉଦ୍ଦାମ ନୃତ୍ୟ-କୀର୍ତ୍ତନ ଚାଲିଥାଏ । ଧୀରେ ଧୀରେ ଜଳଦଗଣଙ୍କ ବର୍ଷଣ ଚପୁରତାରେ ପ୍ରାଙ୍ଗଣ କର୍ଦ୍ଦମାକ୍ତ ହୋଇପଡିଲା । କୀର୍ତ୍ତନ ମଧ୍ୟରେ ଶ୍ରୀଶ୍ରୀଠାକୁର ମଧ୍ୟ ଥାଆନ୍ତି । ଜଣେ ରମଣୀ ପାଞ୍ଚବର୍ଷ ବୟସ୍କ ଗୋଟିଏ ପୁତ୍ର ସନ୍ତାନକୁ ଧନୁଷ୍ଟଙ୍କାର **(Tetanus)** ରୋଗରେ ମୃତପ୍ରାୟ ଅବସ୍ଥାରେ କୋଳରେ ନେଇ ଉନ୍ମାଦିନୀ ପରି ଆସି ଉପସ୍ଥିତ ହେଲେ । ସ୍ତ୍ରୀ ଲୋକଟିର ଉଦ୍ଦେଶ୍ୟ ଏବଂ ବିଶ୍ୱାସ ଥିଲା ଯେ, ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରୁ କିଞ୍ଚିତ୍ କର୍ଦ୍ଦମ ନେଇ ମୂମୂର୍ଷୁ ପୁତ୍ରର ଲଲାଟଦେଶରେ ସ୍ପର୍ଶ କରାଇପାରିଲେ ସେ ରୋଗମୁକ୍ତ ହେବ । ମୃତ୍ୟୁର କରାଳକବଳରୁ ରକ୍ଷା ପାଇବ । ସେତେବେଳେ ମଧ୍ୟ ଟୋପା ଟୋପା ବର୍ଷା ହେଉଥାଏ । ଶ୍ରୀଶ୍ରୀଠାକୁର ଭକ୍ତଗଣଙ୍କ ସହିତ କୀର୍ତ୍ତନରେ ନୃତ୍ୟ କରୁଥାନ୍ତି ।ରମଣୀଙ୍କୁ ଦେଖିବାମାତ୍ରେ ଅନେକେ ଚିତ୍କାର କରି କହିଉଠିଲେ— ''କଲେ କ'ଣ, କଲେ କ'ଣ, ପାଣିରେ ତିନ୍ତେଇ ପିଲାଟାକୁ ମାରି ପକାଇଲେ ଯେ, ପଳାନ୍ତୁ, ପଳାନ୍ତୁ, ଘରକୁ ଚାଲିଯାଆନ୍ତୁ । ଥଣ୍ଡା ଲାଗିପିଲାଟା ମରିଯିବ ଯେ ମା !'' ସେ ମାଆଟି କିନ୍ତୁ ନଛୋଡ଼ବନ୍ଧା । ସେ ଶ୍ରୀଶ୍ରୀଠାକୁରଙ୍କ ସନ୍ନିକଟରେ ଉପସ୍ଥିତ ହେଲେ । ମନର ଭାବ— ସେହି ଶ୍ରୀପାଦର ଟିକିଏ ଜଳ ବା କର୍ଦ୍ଦମ ନେଇ ପୁତ୍ରର ମସ୍ତକରେ ସ୍ପର୍ଶ କରାଇବେ । ଶ୍ରୀଶ୍ରୀଠାକୁର ସେହି ମାତାର ଉଦ୍ଦେଶ୍ୟ ବୁଝିପାରି ଏକାତିଆଁରେ ସ୍ଥାନାନ୍ତରକୁ ଯାଇ ନୃତ୍ୟ କରିବାକୁ ଲାଗିଲେ । ସେହି ମନୋହର ନୃତ୍ୟ— ସେହି ପ୍ରାଣାରାମ, ନୟନାଭିରାମ ଦୃଶ୍ୟ ଯେ ଦର୍ଶନ କରିଛି, କେବଳ ସେ ହିଁ ଅନୁଭବ କରିଛି, ଆସ୍ୱାଦନ କରିଛି, ତାର ଅପୂର୍ବ ମାଧୁରୀ । ସେତେବେଳେ ସେହି ସନ୍ତାନପ୍ରାଣଭୟଭୀତା କିଂ-କର୍ତ୍ତବ୍ୟବିମୂଢ଼ା ଜନନୀ କୌଣସି ଭକ୍ତର ଇଙ୍ଗିତ ଅନୁସାରେ ଶ୍ରୀଶ୍ରୀଠାକୁର ପୂର୍ବେ ଯେଉଁ ସ୍ଥାନରେ ନୃତ୍ୟ କରୁଥିଲେ, ସେହି ସ୍ଥାନରେ ତାଙ୍କ ପଦଚିହ୍ନରୁ କିଞ୍ଚିତ ଜଳମିଶ୍ରିତ କର୍ଦ୍ଦମ ନେଇ ତାଙ୍କର ମୁମୂର୍ଷୁ ସନ୍ତାନର ଲଲାଟଫଳକରେ ପ୍ରଲିପ୍ତ କରିଦେଇ ଦଣ୍ଡବତ ହୋଇ ପ୍ରଣାମ କରି ପ୍ରସ୍ଥାନ କଲେ । ପରଦିନହିଁ ପିଲାଟି ଭୀଷଣ ଦୁରାରୋଗ୍ୟ ଧନୁଷ୍ଟଙ୍କାର ବିକାରରୁ ଆରୋଗ୍ୟ ଲାଭ କଲା ।

ଦିନେ କୌଣସି ଏକ ଗୃହରେ ଏକ ବ୍ୟକ୍ତି ଚରଣାମୃତ ନେବାକୁ ଆସିବାରୁ ତାଙ୍କୁ ତାହା ପ୍ରଦାନ କରାଯାଉଥିଲା । ଶ୍ରୀଶ୍ରୀଠାକୁର ହଠାତ୍ ତାହା ଦେଖିପାରି ପଚାରିଲେ— ''ସେ କ'ଣ ?'' ଭକ୍ତଗଣ କହିଲେ, ''ଚରମଣାମୃତ ।'' ସେ କହିଲେ— ''ସେଥିରେ କ'ଣ ହୁଏ ?'' ଭକ୍ତବୃନ୍ଦ କହିଲେ— ''ଅନେକଙ୍କର ବହୁତ ମଙ୍ଗଳ ଓ ଉପକାର ହୁଏ ।'' ସେ ଟିକିଏ ଉପହାସ କରି କହିଲେ— ''ହଁ ।'' ଭକ୍ତମାନେ କହିଲେ— ''ଅବଶ୍ୟ ହୁଏ ।'' ସେ କହିଲେ— ''ତେବେ ମୋତେ ବି ଟିକିଏ ଦିଅନ୍ତୁ, ମୁଁ ବି ଖାଏ ।'' ଏହାକହି ସେ ମଧ୍ୟ ସେଥିରୁ ଟିକିଏ ଗ୍ରହଣ କରି ହସି ହସି ପାନ କଲେ । ଯାହାଙ୍କର ପାଦୋଦକ ସେ ହିଁ ପାନ କଲେ । ଇଏ ପୁଣି କି ଖେଳ ?

୧୨

ସତ୍ୟନାମର ତତ୍ତ୍ୱ ଓ ମାହାତ୍ମ୍ୟ

ଅନାମା ଜଗଦୀଶ୍ୱରଙ୍କର ଅନେକ ପ୍ରକାର ନାମ ଅଛି । ତନ୍ମଧ୍ୟରେ ଏକ ପ୍ରକାର ନାମ— ଭାବାତ୍ମକ ବା ବର୍ଣ୍ଣାତ୍ମକ । ଏହି ନାମ ମନୁଷ୍ୟର ଅର୍ଥାତ୍ ସାଧକର ଭାବଦ୍ୱାରା କମ୍ପିତ ବା ଉଚ୍ଚାରିତ ନାମ—ଦନ୍ତ, ଓଷ୍ଠ, ଜିହ୍ୱା, ତାଲୁ, କଣ୍ଠ, ମୂର୍ଦ୍ଧା ବା ବାୟୁ ସଂଯୋଗରେ ଆହତ ନାଦ ବା ଶବ୍ଦ ବିଶେଷ । ଏହି ନାମ ଗୁଡ଼ିକ ମଧ୍ୟରେ ଭିନ୍ନ ଭିନ୍ନ ନାମର ବିଭିନ୍ନ ପ୍ରକାର ମାହାତ୍ମ୍ୟ ବା ଶକ୍ତିର ତାରତମ୍ୟ ଅଛି ।

ଔଷଧେ ଚିନ୍ତୟେତ୍ ବିଷ୍ଣୁଃ ଭୋଜନେ ଚ ଜନାର୍ଦ୍ଦନଂ ।
ଶୟନେ ପଦ୍ମନାଭଞ୍ଚ ବିବାହେ ଚ ପ୍ରଜାପତିଂ ।
ଯୁଦ୍ଧେ ଚକ୍ରଧରଂ ଦେବଂ ପ୍ରବାସେ ଚ ତ୍ରିବିକ୍ରମଂ ।
ନାରାୟଣଂ ତନୁତ୍ୟାଗେ ଶ୍ରୀଧରଂ ପ୍ରିୟସଙ୍ଗମେ ।
ଦୁଃସ୍ୱପ୍ନେ ସ୍ମର ଗୋବିନ୍ଦଂ ସଙ୍କଟେ ମଧୁସୂଦନଂ ।
କାନନେ ନରସିଂହଞ୍ଚ ପାବକେ ଜଳଶାୟିନଂ ।
ଜଳମଧ୍ୟେ ବରାହଞ୍ଚ ପର୍ବତେ ରଘୁନନ୍ଦନଂ ।
ଗମନେ ବାମନଞ୍ଚୈବ ସର୍ବକାର୍ଯ୍ୟେଷୁ ମାଧବଂ ।

ପୁଣି କାଳୀ, ଦୁର୍ଗା ଓ ତାରା ପ୍ରଭୃତି ବିଭିନ୍ନ ନାମର ମଧ୍ୟ ବିଭିନ୍ନ ଶକ୍ତି ଓ ମାହାତ୍ମ୍ୟ ଅଛି ।

ଏହିସବୁ ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମକୁ ସତ୍ୟନାମ କୁହାଯାଏ ନାହିଁ । ଭୂଃ, ଭୂବଃ, ସ୍ୱଃ, ମହଃ, ଜନଃ, ତପଃ ଏବଂ ସତ୍ୟ ଇତ୍ୟାଦି ଯେଉଁ ବିଭିନ୍ନ ଭୁବନ, ଲୋକ ବା ଧାମ ବିଶ୍ୱରେ ବର୍ତ୍ତମାନ ଅଛି, ସେ ସମସ୍ତ ବିଭିନ୍ନ ଲୋକ ବା ଧାମ ଏହି ନରଦେହରେ ବିଦ୍ୟମାନ ଅଛି । ତାକୁ ଇଂରାଜୀରେ କହନ୍ତି **microcosm of the macrocosm** ଅର୍ଥାତ୍ ବିଶ୍ୱର କ୍ଷୁଦ୍ର ପ୍ରତିଚ୍ଛବି ଏହି ନରଦେହ । କଥାରେ କହନ୍ତି— ''ଯାହା ଅଛି ବିଶ୍ୱବ୍ରହ୍ମାଣ୍ଡେ, ତାହା ଅଛି ଏହି ଦେହଭାଣ୍ଡେ ।'' ଏହି ନରଦେହ ମଧ୍ୟସ୍ଥ ବିଭିନ୍ନ ଧାମରେ ଅନାହତନାଦରୂପୀ ଯେଉଁ ସବୁ ବିଭିନ୍ନ ସ୍ତରର ବୀଜ ବର୍ତ୍ତମାନ ଅଛି, ତାହା ସର୍ବଦା ମାନବ ଦେହାଭ୍ୟନ୍ତରରେ ଧ୍ୱନିତ ହେଉଅଛି । ''ହରେକ୍ ଆଦ୍‌ମିକା ଘଟ୍‌ମେ ହରଦମ୍ ଧୂନ୍ ହୋତା ହ୍ୟାୟ ।'' ସାଧକଗଣ ସାଧନକାଳରେ ସେହି ସକଳଧ୍ୱନି, ଅନାହତନାଦ ବା ''ବୀଜ'' ଶ୍ରବଣ କରିଥାନ୍ତି । ସେହିସବୁ ଅନାହତ ଶବ୍ଦକୁ ବୀଜମନ୍ତ୍ର ବା ଧ୍ୱନ୍ୟାତ୍ମକନାମ କୁହାଯାଏ । ତାହାକୁ ହିଁ କହନ୍ତି ଶବ୍ଦବ୍ରହ୍ମ ବା ନାମବ୍ରହ୍ମ । ତନ୍ମଧ୍ୟରୁ ଯେଉଁଟି ସର୍ବାପେକ୍ଷା ଉଚ୍ଚତମ ସ୍ତରର ''ବୀଜ'' ବା ''ଧ୍ୱନ୍ୟାତ୍ମକ ନାମ'', ସେହି ନାମହିଁ ଆଦି ବୀଜ — ''ଶ୍ରେଷ୍ଠତମ ସତ୍ୟନାମ'', ଏବଂ ତାହାହିଁ ଅନାମା ଜଗଦୀଶ୍ୱରଙ୍କର ପ୍ରକୃତ ସତ୍ୟନାମ । ଏ ପୁସ୍ତକରେ ତାହାକୁହିଁ ସତ୍ୟନାମ ବୋଲି ଉକ୍ତ କରାଯାଇଅଛି । ଶ୍ରୀଶ୍ରୀଠାକୁର ବର୍ତ୍ତମାନ ସେହି ସତ୍ୟନାମ ଜଗତରେ ପ୍ରଚାର କରୁଅଛନ୍ତି । ଏହି ସତ୍ୟନାମର ମାହାତ୍ମ୍ୟ ଅନ୍ୟ ନାମ ଅପେକ୍ଷା ଶ୍ରେଷ୍ଠ । ଏହି ସତ୍ୟନାମ ସର୍ବଶକ୍ତିମାନ୍ । ନାମ ଓ ନାମୀ ଅଭେଦ । ଏହି ସତ୍ୟନାମର ମାହାତ୍ମ୍ୟହିଁ ବର୍ଣ୍ଣିତ ହେଉଅଛି ।

ହାୟ ! ହାୟ ! ପ୍ରକୃତ ସାଧକର ଅଭାବରେ, ପ୍ରକୃତ ତତ୍ତ୍ୱଦ୍ରଷ୍ଟାର ଅଭାବରେ, ଦେଶର ଯେ କି ଦଶା ହୋଇଅଛି ତାହା ଚିନ୍ତାକଲେ ଅତ୍ୟନ୍ତ ଦୁଃଖ ହୁଏ । ଦେଶର ଅନେକ ଲୋକ ପ୍ରକୃତରେ ପିପାସିତ, କିନ୍ତୁ ବିଶୁଦ୍ଧ ଜଳର ବଡ଼ ଅଭାବ ।

ଅନ୍ଧବିଶ୍ୱାସୀ ଓ ଧର୍ମୋନ୍ମାଦ ବ୍ୟକ୍ତିଗଣ ପ୍ରାଣପାତ କରି ନାମପ୍ରଚାର କରୁଅଛନ୍ତି । ସେମାନେ ଯଦି ସତ୍ୟନାମର ତତ୍ତ୍ୱ ଜାଣନ୍ତେ ଓ ବୁଝନ୍ତେ ତା'ହେଲେ ଆଜି ଦେଶର ଯେ କି କଲ୍ୟାଣ ସାଧିତ ହୁଅନ୍ତା ତାହା କଳ୍ପନାତୀତ । ହେ କରୁଣାସିନ୍ଧୁ ପରମ ପୁରୁଷ ! ତୁମେ ଦୟାକରି ସେମାନଙ୍କୁ ତୁମର ସତ୍ୟନାମ ଓ କାଳ୍ପନିକ ନାମର ଭେଦ ବୁଝି ପାରିବାର ଶକ୍ତି ଦିଅ । ଲୋକସମାଜରେ ସତ୍ୟ ପ୍ରଚାରିତ ଓ ପ୍ରତିଷ୍ଠିତ ହେଉ ।

ଅନେକ ସ୍ଥଳରେ ସତ୍ୟନାମ ପ୍ରଚାରିତ ନ ହୋଇ ପ୍ରଚାରିତ ହେଉଛି କାଳ୍ପନିକ ନାମ। ଯେଉଁ ନାମ ଅନାହତ-ନାଦ-ମୂଳକ ନିତ୍ୟ ନାମ ନୁହେଁ– ଅଥଚ ବ୍ୟକ୍ତିଗତ ବା ବସ୍ତୁଗତ ନାମ, ତାହା ମଧ୍ୟ କାଳ୍ପନିକ ନାମ ଅଟେ। ଏହି କାଳ୍ପନିକ ନାମ ଅବତାର ବା ବ୍ୟକ୍ତିବିଶେଷଙ୍କ ପ୍ରତି ଶ୍ରଦ୍ଧା ଆନୟନର ସହାୟକ ମାତ୍ର। କିନ୍ତୁ ତାହା ସାଧନକ୍ଷେତ୍ରରେ ଗଭୀର ଉପଲବ୍ଧି ଦାନ କରିବାରେ କୌଣସି ସାହାଯ୍ୟ କରେ ନାହିଁ। ଶ୍ରୀଚୈତନ୍ୟଦେବ ସେଥିପାଇଁ ଲୋକସମାଜ ମଧ୍ୟରେ ପ୍ରକାଶ୍ୟ ଭାବରେ କାଳ୍ପନିକ ନାମର ସହାୟତାରେ ସଂକୀର୍ତ୍ତନ କରୁଥିଲେ ଏବଂ ତଦ୍ଦ୍ୱାରା ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରଦ୍ଧା ବା ଭକ୍ତି ଉତ୍ପାଦନ କରାଇ ନେଉଥିଲେ। ପରେ ସେହି ସବୁ ଲୋକଙ୍କୁ 'କ୍ଲୀଂ' ପ୍ରଭୃତି ଅନାହତ-ନାଦ-ମୂଳକ ନାମ ଗୁପ୍ତଭାବରେ ପ୍ରଦାନ କରୁଥିଲେ ବା କରାଉଥିଲେ। ସେହି ଅନାହତ-ନାଦ-ମୂଳକ ନାମ ଦ୍ୱାରାହିଁ ପ୍ରକୃତ ଭକ୍ତି ଓ ଉପଲବ୍ଧି ଉପସ୍ଥିତ ହେଉଥିଲା। କୃଷ୍ଣନାମ ଦ୍ୱାରା ଶ୍ରୀକୃଷ୍ଣଙ୍କ ପ୍ରତି ବାହ୍ୟ ଶ୍ରଦ୍ଧା ଭକ୍ତି ଆସିପାରେ, କିନ୍ତୁ 'କ୍ଲୀଂ' ବୀଜ ବା ନିତ୍ୟନାମ ଦ୍ୱାରା ହିଁ ଶ୍ରୀକୃଷ୍ଣଙ୍କ ଭିତରର ଭାବ ବା ତତ୍ତ୍ୱ ଜଣାଯାଏ (ଦ୍ୱିତୀୟ ଅଧ୍ୟାୟ ପାଦଟିକା ଦ୍ରଷ୍ଟବ୍ୟ)। ସତ୍ୟ ନାମର ଅଶେଷ ମାହାତ୍ମ୍ୟ ଓ ଅଦ୍ଭୁତ ଶକ୍ତି ! ପ୍ରଥମେ ଏହି ଅଧ୍ୟାୟରେ ସତ୍ୟନାମ ଦ୍ୱାରା ପାର୍ଥିବ ବିଷୟରେ କିଭଳି ଆଶ୍‌ଚର୍ଯ୍ୟ ଫଳଲାଭ କରାଯାଏ ତାହା ବର୍ଣ୍ଣନା କରି ଅନ୍ୟ ଅଧ୍ୟାୟରେ ଆଧ୍ୟାତ୍ମିକ କାର୍ଯ୍ୟରେ ସତ୍ୟନାମର ଅଦ୍ଭୁତ କ୍ଷମତାର କଥା ବର୍ଣ୍ଣନା କରାଯାଉଅଛି।

ସତ୍ୟନାମରେ କି ପ୍ରଣାଳୀରେ ଅଦ୍ଭୁତ କାର୍ଯ୍ୟ ହୋଇପାରେ ?

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତି ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଓ ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ– ଏକଥା ଶ୍ରବଣ କଲେ ବା ଅଙ୍କଟିକୁ କଠିନ ମନେ କଲେ ତା' ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏ ନାହିଁ। 'ଅଙ୍କଟି କରି ପାରିବି ନାହିଁ'– ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରି ପାରେ ନା। ମନଟି ନିବିଷ୍ଟ ନ ହେଲେ ଆଉ ତାହା ଦ୍ୱାରା ସେ ଅଙ୍କ ହୋଇପାରେ ନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ଦ୍ୱାରା ଆଭ୍ୟନ୍ତରିକ ସୁପ୍ତଶକ୍ତିର ଉଦ୍‌ବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେ କୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପକଲେ ନାମର ଗୋଟିଏ ସ୍ପନ୍ଦନ **(vibration)** ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ **(tissue)**, କୋଷ **(cell)**, ସମସ୍ତ ସ୍ନାୟୁ **(nerve)** ତଥା ସମସ୍ତ ଯନ୍ତ୍ରରେ କ୍ରମେ କ୍ରମେ ଅନ୍ତର ରାଜ୍ୟ **(inner part)** ରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା, ମର୍ମସ୍ଥାନ **(vital part)** ବା ସଞ୍ଜୀବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ **(excited)** ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ **(flow)** ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ରର, ଶରୀରର ଓ ମନର କାର୍ଯ୍ୟକାରିତା **(activity)** ବୃଦ୍ଧିପାଏ।

ଆମର ଶରୀର ମଧ୍ୟରେହିଁ ଆରୋଗ୍ୟକାରୀ ଶକ୍ତି **(curative force)** ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦ୍‌ବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ।

ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ୍ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ ସାଧରଣତଃ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ଡିଗ୍ରୀ-ପରିମାଣର ରୋଗାକ୍ରମଣ ସେତେ ଡିଗ୍ରୀ-ପରିମାଣର ନାମର କମ୍ପନରେହିଁ ଉପକାର ହୋଇପାରେ, ଅଥବା ତଦପେକ୍ଷା ଉଚ୍ଚଡିଗ୍ରୀର ନାମରେ ମଧ୍ୟ ହୋଇପାରେ କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେ ନା। ଯେପରି 'ଓଁ'ର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହାହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକ୍‌ଟ୍ରନାଦି ପର୍ଯ୍ୟନ୍ତ ଏବଂ ନରଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।

ସେଥିପାଇଁ ସାଧକ ଗାଇଛନ୍ତି– "ନାମେ ଶୁଷ୍କତରୁ ମୁଞ୍ଜରିଲ।" (ଅର୍ଥାତ୍ ନାମଦ୍ୱାରା ଶୁଷ୍କତରୁ ପଲ୍ଲବିତ ହେଲା) ସେଥିପାଇଁ ନାମ ଦ୍ୱାରା ମଲା-ମଣିଷ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ **(faithcure)** ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ସେହିପରି ଭାବରେ ନାମକରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ **(attention)** ହୋଇ ମନ ସଂଯତ **(concentrated)** ଓ ସଂଯୁକ୍ତ ହୁଏ ଏବଂ ତାହା ଫଳଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ୍ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ଦ୍ୱାରା ତାହାର (ନାମକାରୀର) ଶରୀରରେ ଯେ କମ୍ପନ ହୁଏ, ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମକାତୀୟତା ବଶତଃ ଅଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀକ୍ରମେ **(process)** ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ୍ୟ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ୍ ପୋଲ୍‌ର **(negative pole)** କାର୍ଯ୍ୟ କରେ। ସେହି ଅଙ୍ଗୁଳି-ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ **(ingoing and outgoing nerve)** ରହିଛି, ତଦ୍ଦ୍ୱାରା ଚୈତନ୍ୟଶକ୍ତିଧାରା

ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ୍ ପୋଲ **(positive pole)** କାର୍ଯ୍ୟ କରେ। ପୁଚରା' ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ, ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ପର୍ଶିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଚୁହ, ତନୁଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ୍ୟ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ୍ୟ ରୋଗୀ ଲାଭ କରିଥାଏ। ଯେପରି, କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍‌ଭାବର କମ୍ପନର ଯେପରି ବିସ୍ତାର ଲାଭ ଘଟିଥାଏ, ନାମ-କମ୍ପନରେ ମଧ୍ୟ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣାର ଗଳ୍ପ ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ବ୍ରୁଗୀ ଦ୍ୱାରା ନରହତ୍ୟା ହୋଇଥିଲା। ତା'ପରେ ଦେଖାଗଲା, ସେହି ନରହତ୍ୟାର ଭାବକମ୍ପନ ସେହି ବ୍ରୁଗୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ସେହି ବ୍ରୁଗୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗସଂସ୍ପୃଷ୍ଟ ପ୍ରତ୍ୟେକ ବସ୍ତୁହିଁ ନାମକମ୍ପନମୟ ହୋଇଥାଏ। ସେତେବେଳେ ସେହି ସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି, ସାଧୁ ପିଟର୍ **(Saint Peter)**ଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ହାଇକୋର୍ଟର ଓକିଲ (ପୁଣ୍ୟପୋଥିର ଭାଷ୍ୟକାର) ଲେଖୁଛନ୍ତି– ''ଜଣେ ଭଦ୍ରଲୋକର ହାତ ଧରି ମୋର ମନେ ହେଉଥିଲା– ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସହିତ ଓଁ କାର ଧ୍ୱନି ଶୁଣାଯାଉଛି।''

ଉପରୋକ୍ତ ଉପାୟରେ ସତ୍ୟନାମର ଶକ୍ତିରେ ମୃତ ବ୍ୟକ୍ତିର ଜୀବନଲାଭ ହୋଇପାରେ। ଯଦି ମୃତ୍ୟୁର ସମସମୟରେ ବା ଠିକ୍ ଅବ୍ୟବହିତ ପରେ ସତ୍ୟନାମର ଶକ୍ତି ପ୍ରୟୋଗ କରାଯାଏ, ତା'ହେଲେ ତାହାର ସେହି ଅନ୍ତରତମ ମର୍ମସ୍ଥାନ **(vital part)** ମସ୍ତିଷ୍କ ବା ଚୈତନ୍ୟଶକ୍ତି ଉତ୍ତେଜିତ ହୋଇ ବୈଦ୍ୟୁତିକ ଶକ୍ତି-ସ୍ରୋତ ଓ କୃତ୍ରିମ ଶ୍ୱାସ-ପ୍ରକ୍ରିୟା ଦ୍ୱାରା ଯେପରି ହୁଏ ସେହିପରି ଭାବରେ ସମସ୍ତ ଯନ୍ତ୍ର ଏକ ସଙ୍ଗରେ କାର୍ଯ୍ୟକରିବା ଦ୍ୱାରା ଜୀବନଲାଭ ଘଟିଥାଏ–ଅବଶ୍ୟ ଯଦି ଅଭ୍ୟନ୍ତରସ୍ଥ କୌଣସି ଯନ୍ତ୍ର ଧ୍ୱଂସପ୍ରାପ୍ତ ନ ହୋଇଥାଏ। ଏକଥା ବିଜ୍ଞାନଶାସ୍ତ୍ର-ସମ୍ମତ ଓ ପ୍ରତ୍ୟକ୍ଷ ପରୀକ୍ଷିତ।

ସଦ୍‌ଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁବ୍ୟକ୍ତି ଯେଉଁଭାବ ନେଇ ସଦ୍‌ଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦ୍‌ଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦ୍‌ଗୁରୁଙ୍କ ଦର୍ଶନ-ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ-ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହି ପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ, ସଦ୍‌ଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ। ସତ୍‌ଭାବ ନେଇ ତାଙ୍କର ନିକଟସ୍ଥ ହେଲେ ସତ୍‌ଭାବର ଉଦ୍‌ବୋଧନ ହୁଏ, ବୃଦ୍ଧି ହେବାକୁ ଲାଗେ। ପୁଣି, ତାଙ୍କ ମଧ୍ୟରେ ନାମର ଶକ୍ତିର କମ୍ପନ ବର୍ତ୍ତମାନ ଥିବାରୁ ତାଙ୍କର ଦର୍ଶନ-ସ୍ପର୍ଶନରେ ଅଥବା ତାଙ୍କର ଅଙ୍ଗ ସଂଲଗ୍ନ ଶକ୍ତି ସଞ୍ଚାରିତ ବସ୍ତୁ ଦ୍ୱାରା ନାନାବିଧ ଅଦ୍ଭୁତ ଘଟଣା ସଂଘଟିତ ହୋଇଥାଏ।

ବିଶ୍ୱାସରେ ରୋଗ ଆରୋଗ୍ୟ ହୁଏ ବୋଲି ଶୁଣାଯାଏ, ସେ କଥା ସତ୍ୟ। କିନ୍ତୁ ସେହି ବିଶ୍ୱାସ ସହିତ ଯଦି ସତ୍ୟନାମ ଜପ କରାଯାଏ, ତା'ହେଲେ ବହୁ ଅସାଧ୍ୟ ବ୍ୟାଧି ଆରୋଗ୍ୟ ହୋଇ ମୁମୂର୍ଷୁ ଓ

ମୃତ ବ୍ୟକ୍ତିର ଜୀବନଲାଭ ହୁଏ। ନାମ ପ୍ରୟୋଗର ଆହୁରି କେତେଗୁଡ଼ିଏ ପ୍ରକ୍ରିୟା ଅଛି, ତାହା ସଦ୍‌ଗୁରୁ-ଉପଦେଶଗମ୍ୟ। ସେହି ପ୍ରଣାଳୀ ଅବଗତ ନ ହେଲେ ପ୍ରକୃତ ଭାବରେ କାର୍ଯ୍ୟରେ ସଫଳତା ଆସେ ନାହିଁ। ଆୟୁର୍ବେଦ ଶାସ୍ତ୍ରୋକ୍ତ ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ହୋଇଥାଏ। ପୁଣି, ଏଲୋପ୍ୟାଥିକ୍ ଚିକିତ୍ସା ପ୍ରଣାଳୀରେ ମଧ୍ୟ ରୋଗାରୋଗ୍ୟ ହୁଏ। ମାନସିକ ଶକ୍ତି ବା ହିପ୍‌ନଟିକ୍‌ମ (ସମ୍ମୋହନ) ବା **suggestion** ଦ୍ୱାରା ରୋଗାରୋଗ୍ୟ ହୋଇଥାଏ। ସୂକ୍ଷ୍ମତମ ହୋମିଓପ୍ୟାଥିର ଉଚ୍ଚଶକ୍ତିର ଏକ ମାତ୍ରାରେ ମଧ୍ୟ ରୋଗାରୋଗ୍ୟ ହୁଏ। ପୁଣି ଶତସହସ୍ର ଔଷଧଦ୍ୱାରା ଚିକିତ୍ସା ନ କରି ମଧ୍ୟ ମାତ୍ର ବାରଗୋଟି ବାଇଓକେମିକ୍ ବା ଟିସୁରେମିଡି ଦ୍ୱାରା ରୋଗାରୋଗ୍ୟ ହେଉଛି। ସେହିଭଳି ବର୍ତ୍ତମାନ ନବଯୁଗରେ ପ୍ରଣାଳୀକ୍ରମରେ ଏକ ସତ୍ୟନାମ ଦ୍ୱାରା ସହଜରେ ସତ୍ତର ରୋଗାରୋଗ୍ୟ ହେଉଅଛି ଏବଂ ହେବ, ଅକାଳମୃତ୍ୟୁର ହାତରୁ ରକ୍ଷା ମିଳିପାରିବ। ତାହାର ପୂତ୍ରପାତ ହେଉଅଛି। ତାହା ସୁଦୂର ଭବିଷ୍ୟତରେ ନୁହେଁ। ''ଏ ନୁହେଁ କାହାଣୀ, ଏ ନୁହେଁ ସ୍ୱପ୍ନ।'' ସେଦିନ ଆଗତପ୍ରାୟ। ପୂର୍ବୋକ୍ତ ସେହିସବୁ ଚିକିତ୍ସା-ପ୍ରଣାଳୀ ଦ୍ୱାରା ରୋଗ ଆରୋଗ୍ୟ ଅପେକ୍ଷା ସତ୍ୟନାମରେ ରୋଗ ଆରୋଗ୍ୟର ଶକ୍ତି ଅତ୍ୟନ୍ତ ଅଧିକ। ପ୍ରତ୍ୟକ୍ଷ ସତ୍ୟ କଥା। ଯେ-କେହି ପରୀକ୍ଷା କରି ଦେଖିପାରନ୍ତି।

(୧)

ସତ୍ୟନାମରେ ଆଶ୍ଚର୍ଯ୍ୟଭାବରେ ୨୪ ଘଣ୍ଟାରେ ନିଉମୋନିଆ ଆରୋଗ୍ୟ

ତାହା ବେଶୀଦିନର କଥା ନୁହେଁ। ୧୩୨୬ ସାଲର ଚୈତ୍ରମାସରେ ମୋର କନିଷ୍ଠପୁତ୍ର ଛଅବର୍ଷ ବୟସ୍କ ଶ୍ରୀମାନ ବିଜୟକୃଷ୍ଣର ଭୟାନକ ଜ୍ୱର ହୁଏ। ଚାରିପାଞ୍ଚଦିନ କ୍ରମାଗତ ଅବିରାମ ୧୦୫ ଡିଗ୍ରୀ ଜ୍ୱର। କୁଷ୍ଟିୟାର ବିଖ୍ୟାତ ଡାକ୍ତର ଗୋକୁଳବାବୁଙ୍କୁ ଦେଖାଗଲା। ରୋଗ କଠିନ ନିଉମୋନିୟାର ପୂର୍ବଲକ୍ଷଣ ଦେଖା ଦେଇଛି। ସନ୍ଧ୍ୟା ସମୟରେ ରୋଗୀର ଅବସ୍ଥା ଗୁରୁତର ହୋଇପଡ଼ିଲା। ଛାତିର ଦୁଇ ପାର୍ଶ୍ୱରେ ଅସହ୍ୟ ବେଦନା, ପାର୍ଶ୍ୱପରିବର୍ତ୍ତନ କ୍ଷମତା ରହିତ ଅବସ୍ଥା। ଶ୍ରୀଶ୍ରୀଠାକୁର କୁଷ୍ଟିୟାରେ ଜଣକ ଘରେ ଥିଲେ। ସେଠାକୁ ମୁଁ ଗଲି। ସେ ମୋତେ ଦେଖି କହିଲେ– ''କ'ଣ ହୋଇଛି, ମୁହଁ ଭାରି କରିଛ କାହିଁକି?'' ମୁଁ କହିଲି– ''ଛୋଟ ପୁଅଟିର ଦେହ ଭୀଷଣ ଖରାପ।'' ସେ କହିଲେ– ''ସେଥିରେ ମୁହଁଭାରି କରିଲେ କ'ଣ ଚଳିବ? ସେ ପୁଅର ବଞ୍ଚିବାର କଥା ନୁହେଁ, ସହ୍ୟ କରିବାକୁ ହେବ।'' ମୁଁ କହିଲି– ''ଠାକୁର, ମୋର ଅନେକ ସନ୍ତାନ ମରିଯାଇଛନ୍ତି। ମୋର ସାହସ ଭାଙ୍ଗି ଯାଇଛି। ଆଉ, ସହ୍ୟ କରିବାର କ୍ଷମତା ମୋର ନାହିଁ। ହୁଏତ ତୁମେ ମୋତେ ଏପରି କ୍ଷମତା ଦିଅ ଯେ ପୁଅର ମୃତ୍ୟୁ ମୋର ସାକ୍ଷୁଖରେ ହେଲେ ମଧ୍ୟ ମୁଁ ତାହା ଦେଖି ବିଚଳିତ ନ ହୋଇ ହସି ପାରେ, ବେଶ୍ ସହ୍ୟ କରିପାରେ। ଆଉ ତା' ନ ହେଲେ ଏପରି କର ଯେପରି ପୁଅର ମୃତ୍ୟୁ ପୂର୍ବରୁ ମୋର ମୃତ୍ୟୁ ହୁଏ।'' ସେ କହିଲେ– ''ତା' କ'ଣ ଆଉ ହୁଏ ଦାଦା, ଯେଉଁ ସମୟରେ ଆପଣଙ୍କର ମୃତ୍ୟୁର ଦିନ ନିର୍ଦ୍ଦିଷ୍ଟ ଥିଲା ରିଷ୍ଟ ଥିଲା ସେ ଦିନ କଟିଯାଇଛି। ପୁଣି ଯେଉଁ ସମୟ ନିର୍ଦ୍ଦିଷ୍ଟ ହୋଇଛି ତା'ର ଆଗରୁ ତ ମୃତ୍ୟୁ ହୋଇପାରେ ନା।'' ବୋଉବିକ୍ ମୋର ଜୀବନର ଏହି ସମୟରେ ଯେଉଁ ଅଲୌକିକ ଘଟଣା ସଂଘଟିତ ହୋଇଥିଲା ତାହା ସମ୍ପୂର୍ଣ୍ଣଭାବେ ବର୍ତ୍ତମାନ ପ୍ରକାଶ କରା ହେଲା ନାହିଁ। ମୋର କୋଷ୍ଠୀ ସତ୍ୟ ଓ ବହୁ ଭଲ ଜ୍ୟୋତିଷୀଙ୍କ ଦ୍ୱାରା ପରୀକ୍ଷିତ। ମୋର ବିଶ୍ୱାସ ମୋର ମୃତ୍ୟୁ

ଚିନ୍ତ ଥିଲା, ସତ୍ୟନାମ ମାହାତ୍ମ୍ୟରେ ଓ ସଦ୍‌ଗୁରୁଙ୍କ କୃପାରେ ସେ ଚିନ୍ତ କଟିଯାଇଛି । ଦିନେ ମୁଁ ତାହା ଦୈବଯୋଗେ ଜାଣି ପାରିଥିଲି । ପରେ ତାହାର ବିସ୍ତୃତ ବିବରଣ ପ୍ରକାଶିତ ହେବ ।) ମୁଁ କହିଲି– ''ମୁଁ ଆଉ ପାରୁ ନାହିଁ, ମୁଁ ମୃତ୍ୟୁ ଚାହେଁ ।'' ସେ କହିଲେ– ''ଆପଣଙ୍କର ମୃତ୍ୟୁ ବର୍ତ୍ତମାନ ହୋଇପାରେ ନା, ତା'ହେଲେ ମୋତେ ମଧ୍ୟ ସଙ୍ଗେ ସଙ୍ଗେ ଯିବାକୁ ହେବ ।'' ମୁଁ କହିଲି– ''ତେବେ କାହାରି ମୃତ୍ୟୁ ଦରକାର ନାହିଁ, ମୋର ପୁଅଟି ବଞ୍ଚିଉଠୁ ।'' ସେ କହିଲେ– ''ଚାଲନ୍ତୁ, ଦେଖି ଆସିବା ।'' ଏହା କହି ସେ ଆମ ଗୃହକୁ ଆଗମନ କରି ଗୃହାଭ୍ୟନ୍ତରରେ ପ୍ରବେଶ ନ କରି କବାଟ ନିକଟରେ ଅବସ୍ଥାନ ପୂର୍ବକ ଦୂରରୁ ପୁଅପ୍ରତି ଦୃଷ୍ଟିପାତ କରି କହିଲେ, ''ଓଃ ! ନିଉମୋନିୟା ହୋଇଛି ବୋଲି ବୋଧ ହେଉଛି, ଡାକ୍ତରବାବୁଙ୍କୁ (ଗୋକୁଳବାବୁଙ୍କୁ) ଡାକନ୍ତୁ ତ ଦେଖିବା ।'' ସେତେବେଳେ ଡାକ୍ତରବାବୁଙ୍କୁ ଡକାଗଲା । ସେ ଆସି ଭଲ କରି ପରୀକ୍ଷା କରି କହିଲେ– ''ଡବଲ୍ ନିଉମୋନିୟା, ଦୁଇ ଦିଗରେ ପ୍ରବଳ ଆକ୍ରମଣ, ରୋଗୀର ଜୀବନରେ ଆଶା ବହୁତ କମ୍ ।'' ଆହୁରି ମଧ୍ୟ ଜଣେ ଦୁଇଜଣ ଭଲ ଡାକ୍ତର ଦେଖି ସେହି ଏକାକଥା କହିଲେ । ଶ୍ରୀଶ୍ରୀଠାକୁର କହିଲେ– ''ପିତାମାତାଙ୍କର ମନର ବଳ, ବିଶ୍ୱାସ ଓ ସତ୍ୟନାମ-ମାହାତ୍ମ୍ୟରେ ସବୁ ହୋଇପାରେ । ଏ ପୁଅ ମଧ୍ୟ ବଞ୍ଚିଯାଇପାରେ ।''

ଏହାକହି ସେ ଚାଲିଗଲେ । ଗୋକୁଳବାବୁଙ୍କର ବ୍ୟବସ୍ଥାନୁସାରେ ରୋଗୀକୁ ଔଷଧ ଦିଆହେଲା । ତତ୍‌ପୂର୍ବେ ସେ କେବେହେଲେ ଏଲୋପ୍ୟାଥି ଔଷଧ ଖାଇନାହିଁ, ମୁଖରେ ଔଷଧ ଦେବା ମାତ୍ରକେ ସେ ଫୋପାଡ଼ି ଦେଲା । କୌଣସିମତେ ତାହାକୁ ଔଷଧ ଗଳାଧଃକରଣ କରାଇ ହେଲା ନାହିଁ । ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ ସତ୍ୟନାମ କରିବାକୁ ଲାଗିଲି । ରାତ୍ରି ପ୍ରାୟ ବାରଟା ପର୍ଯ୍ୟନ୍ତ ନାମକରି ସମସ୍ତେ ନିଦ୍ରାର କ୍ରୋଡ଼ରେ ଆଶ୍ରୟପ୍ରାପ୍ତ ହେଲୁ । ପ୍ରତ୍ୟୁଷରେ ନିଦ୍ରାଭଙ୍ଗ ହେବା ପରେ ପୁଅ ନିକଟକୁ ଯାଇ ଦେଖିଲି, ସେ ସମ୍ପୂର୍ଣ୍ଣ ସୁସ୍ଥ । ଆମେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲୁ । ତତ୍‌କ୍ଷଣାତ୍ ଡାକ୍ତର ଗୋକୁଳବାବୁଙ୍କ ନିକଟକୁ ଯାଇ ସମସ୍ତ କହିଲି । ସେ ଏହି ବିଷୟ ଜାଣି ସ୍ତମ୍ଭିତ ହେଲେ । କହିଲେ– ''ଏହା ଯେ ବିଜ୍ଞାନାତୀତ ବ୍ୟାପାର ! ଦିନବେଳା ନିଉମୋନିୟା ପ୍ରବଳଭାବେ ଆକ୍ରମଣ କଲା, ସେହି ରାତ୍ରିରେ ସମ୍ପୂର୍ଣ୍ଣ ରିଇଲିଉସନ୍ ହୋଇ ରୋଗୀ ଆରୋଗ୍ୟଲାଭ କଲା– ଏ ବ୍ୟାପାର ବିଜ୍ଞାନର ଅଗମ୍ୟ । ଶାସ୍ତ୍ରଯୁକ୍ତିର ଅତୀତ ! ସତ୍ୟନାମର ମାହାତ୍ମ୍ୟରେ ଓ ସଦ୍‌ଗୁରୁଙ୍କ କୃପାରୁ ଆରୋଗ୍ୟ । ଆଉ ଔଷଧ ଦେବେ ନାହିଁ ।'' ଶ୍ରୀଶ୍ରୀଠାକୁରଙ୍କୁ ଏହି କଥା କହିଲି । ସେ ହାସ୍ୟ କରି କହି ଉଠିଲେ– ''ଜୟଗୁରୁ'' । ଆଉ କିଛି ନ କହି ହସିବାକୁ ଲାଗିଲେ । ସେତେବେଳେ ସମସ୍ତେ କହିବାକୁ ଲାଗିଲେ, ଆମେମାନେ ମଧ୍ୟ ବୁଝିପାରିଲୁ, ''ପ୍ରଭୁ ତୁମର କୃପାରୁ ଅସମ୍ଭବ ସମ୍ଭବ ହୁଏ । ଯେ ତୁମ ଚରଣରେ ଆତ୍ମସମର୍ପଣ କରିପାରେ ଏବଂ ଯେ ତୁମ ସତ୍ୟନାମର ଆଶ୍ରୟ ଗ୍ରହଣ କରେ, ତାହାପାଇଁ ଦୟାକରି ଏପରି ଅଘଟନ ସଂଘଟନ କରିଥାଅ ତୁମେ ।'' ପୂର୍ବଦିନ ଯେଉଁମାନେ ଏହି ପୁଅର ଏହି ପାଡ଼ା ଦେଖି ଆଶା ତ୍ୟାଗ କରିଯାଇଥିଲେ, ସେମାନେ ଏହି ସମ୍ବାଦ ପାଇ ଆଗମନ କରି ଦେଖିଲେ ବାଳକ ଖେଳୁଅଛି । ସେହିଦିନ ସେ ଅନାହାର କଲା । ଜୟ ଦୟାମୟ ! ଜୟ ସଦ୍‌ଗୁରୁଙ୍କର ଜୟ ! ଜୟ ସତ୍ୟନାମର ଜୟ ! ସଦ୍‌ଗୁରୁ ଓ ସତ୍ୟନାମ ଆଶ୍ରୟ କଲେ ତ୍ରିତାପଜ୍ୱାଳା ଦୂରକୁ ଚାଲିଯାଏ । ଘଟଣାଟି କୃତଜ୍ଞତା ପ୍ରକାଶ ନିମିତ୍ତ ଏବଂ ଜଗତର ମଙ୍ଗଳ ପାଇଁ ପ୍ରକାଶ କରାହେଲା । ଏଥିରେ ନିଜର କୌଣସି ଅହଙ୍କାର ବା ବାହାଦୁରିର ଲେଶମାତ୍ର ମଧ୍ୟ ନ ଥିଲା ବା ନାହିଁ ।

(୨)

ପୂର୍ବବର୍ତ୍ତୀ ଘଟଣାର ପ୍ରାୟ ଏକ ମାସ ପରେ ଶ୍ରୀଶ୍ରୀଠାକୁର ଭକ୍ତଗଣ ସହ କୁଷ୍ଟିୟାକୁ ଆଗମନ କରିଥିଲେ । ମୋର ଦୌହିତ୍ର ଗୌରଗୋପାଳ ଇନ୍‌ଫ୍ଲୁୟେଞ୍ଜା ନିଉମୋନିଆ ରୋଗରେ ଅତ୍ୟନ୍ତ ସାଂଘାତିକ ଅବସ୍ଥାପନ୍ନ । ବଡ଼ ବଡ଼ ଡାକ୍ତରଗଣ ଚିକିତ୍ସା କରୁଛନ୍ତି, କୌଣସି ଉପକାର ବା ଉପଶମ ଦୃଷ୍ଟି ହେଉନାହିଁ । କନ୍ୟା ଓ ଜ୍ୱାଇଁ କାନ୍ଦିକରି ଆକୁଳ । ଜ୍ୱାଇଁ ଫରିଦ୍‌ପୁର ଜିଲ୍ଲା ଅନ୍ତର୍ଗତ ମଦାପୁର ଗ୍ରାମ-ନିବାସୀ ଶ୍ରୀମାନ୍ ଜ୍ୟୋତିଷ୍ଚନ୍ଦ୍ର ଘୋଷଙ୍କ ପୁତ୍ରର ରୋଗାରୋଗ୍ୟ ହେତୁ ଶ୍ରୀଶ୍ରୀଠାକୁରଙ୍କର ଚରଣରେ ନିବେଦନ କରିବାପାଇଁ ମୋତେ ଅନୁରୋଧ କଲେ ।

ମୁଁ କହିଲି– ''ମୁଁ ଆଉ ବାର-ବାର ଠାକୁରଙ୍କ ନିକଟରେ ରୋଗ ଭଲ କରିବା ପାଇଁ ପ୍ରାର୍ଥନା କରିପାରିବି ନାହିଁ । ତୁମେମାନେ ତ ସମସ୍ତେ ସତ୍ୟନାମ ଗ୍ରହଣ କରିଛ । ନାମ କରୁଥାଅ ଏବଂ ତାଙ୍କ ନିକଟରେ ମନେ ମନେ ପ୍ରାର୍ଥନା କର । ନିଶ୍ଚୟ ଫଳ ପାଇବ ।'' ସେମାନେ ତାହା କରିବାକୁ ଲାଗିଲେ । ଏହି ସମୟରେ ଶ୍ରୀଶ୍ରୀଠାକୁରଙ୍କର ଜଣେ ପ୍ରଧାନ ପାର୍ଷଦ କିଶୋରୀମୋହନ ସଦଳବଳେ କୀର୍ତ୍ତନ କରି–କରି ରାସ୍ତା ଦେଇ ଗମନ କରୁଥିଲେ । ମୁଁ ଜ୍ୱାଇଁବାବୁଙ୍କୁ କହିଲି– ''ତୁମେ ଯଦି କିଶୋରୀଦାଙ୍କ ଗୋଡ଼ତଳେ ପଡ଼ି ପୁଅ ନିକଟରେ ନାମ କରାଇ ପାର ତା'ହେଲେ ତୁମର ପୁଅ ନିଶ୍ଚୟ ବଞ୍ଚିଯିବ ।''

ସେହିପରି କରାହେଲା । କିଶୋରୀମୋହନ ସଙ୍କୀର୍ତ୍ତନ ସହ ଘରକୁ ଆସିଲେ । ଆହା ! ସେ ପ୍ରେମମୟ ପରମପବିତ୍ର ମଧୁରଭାବ ଯେ ଦେଖିଛି ସେ ହିଁ ଜାଣେ ସେ କି ଅପାର୍ଥିବ ସ୍ୱର୍ଗୀୟ ଭାବ । ଭାବରେ ମତୁଆଲା । ସେ କହିଲେ– ''ଘରକୁ ଯିବିନାହିଁ, ପୁଅକୁ ଦୁଆରକୁ ଆଣିଦିଅ ।'' ସେତେବେଳେ ସେହି ମୁମୂର୍ଷୁ ରୋଗୀକୁ ଦୁଆରରେ ଶୟନକରାଇ ଦିଆଗଲା । କିଶୋରୀମୋହନ ପ୍ରାୟ ଦଶମିନିଟ୍ କାଳ ବାଳକର ଚାରିଦିଗରେ ଘୂରି ଘୂରି ନାମକୀର୍ତ୍ତନ କରି କହିଲେ– ''ଘରକୁ ଉଠାଅ ।'' ବାଳକଟିକୁ ଗୃହାଭ୍ୟନ୍ତରକୁ ନିଆଗଲା ଏବଂ ତା'ର ମୁହଁରେ ବୁନ୍ଦାଏ ଚରଣାମୃତ ପ୍ରଦାନ କରାହେଲା । ସେତେବେଳେ ସନ୍ଧ୍ୟା ସମାଗତ । ସେହି ରାତ୍ରିରେ ରୋଗୀ ସମ୍ପୂର୍ଣ୍ଣ ନିରାମୟ ହେଲା । ଦୈବଯୋଗେ ଆରୋଗ୍ୟଲାଭ ସୁତରାଂ ବିଳମ୍ବ ନ କରି ପ୍ରାତଃକାଳରେ ତା'କୁ ଅନ୍ନପଥ୍ୟ ଦିଆହେଲା । ମୋର ଡାକ୍ତରୀ ବିଦ୍ୟାର ଗୌରବ ପୂର୍ବେ ପୁତ୍ରର ନିଉମୋନିୟାରେ ଓ ଅନ୍ୟ କେତୋଟି ଘଟଣାରେ ଘୁଞ୍ଚି ଯାଇଥିଲା, ଏହିଦିନ ତାହା ଏକାବେଳକେ ବିଦୂରିତ ହେଲା ।

ସତ୍ୟ ନାମରେ ରୋଗ ଯନ୍ତ୍ରଣାରେ ଉପଶମ

(୩)

ହିମାଇତପୁରର ସ୍ୱର୍ଗତ ଦେବୀଦାସ ଚୌଧୁରୀ ମହାଶୟଙ୍କର ପୁତ୍ର ଶ୍ରୀଯୁକ୍ତ ହେମଚନ୍ଦ୍ର ଚୌଧୁରୀ-ମହାଶୟ ଶଯ୍ୟାଗତ ପୀଡ଼ିତ । ରୋଗଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ମୁଁ ତାହାଙ୍କୁ

ଦେଖିବାକୁ ଗଲି। ସେ କହିଲେ– ''ଦାଦା ବଡ଼ ଯନ୍ତ୍ରଣା, କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା, ଯେତେବେଳେ ମୁଁ ଠାକୁରଙ୍କ ପ୍ରଚାରିତ..... ନାମ କରେ ସେତେବେଳେ ମୋର ରୋଗଯନ୍ତ୍ରଣାର କିଞ୍ଚିତ୍ ଉପଶମ ବୋଧହୁଏ ; ମୁଁ ଟିକିଏ ଶାନ୍ତି ପାଏ। କିନ୍ତୁ ମୁଁ ପୂର୍ବରୁ ଯେଉଁସବୁ ନାମ କରିଥାଏ, ସେଥିରେ କୌଣସି ଉପକାର ପାଏ ନା କାହିଁକି, କିଛି ବୁଝିପାରେ ନା। ପୁଣି, ସେ ସମସ୍ତ ନାମ ଛାଡ଼ିବାକୁ ମଧ୍ୟ ପ୍ରାଣ ଚାଁହେ ନା, ତେଣୁ ସେ ନାମ କରେ, କିନ୍ତୁ ସେଥିରେ ରୋଗଯନ୍ତ୍ରଣାର କୌଣସି ଉପଶମ ହୁଏ ନାହିଁ, ସେତେବେଳେ ପରୀକ୍ଷା କରିବାକୁ ଯାଇ ଠାକୁରଙ୍କର .....ନାମ (ସତ୍ୟନାମ) କରେ ; ସଙ୍ଗେ ସଙ୍ଗେ ଯନ୍ତ୍ରଣାର କିଛିଟା ଉପଶମ ହୁଏ, କିଛିଟା ଶାନ୍ତି ବୋଧହୁଏ। ଏହିପରି ଆଜିକୁ ତିନିଦିନ ହେଲା ଅନେକ ଥର ପରୀକ୍ଷା କରି ବୁଝିଲି ଠାକୁରଙ୍କର..... ନାମହିଁ ସର୍ବଶ୍ରେଷ୍ଠ ଶକ୍ତିମାନ ନାମ ନିଶ୍ଚୟ। ପ୍ରଥମେ ମନେକରିଥିଲି, ମୋର ମା ସେହି ସତ୍ୟନାମ କରନ୍ତି। ସେଥିପାଇଁ ବୋଧହୁଏ ମୋର ମନର ଏହି ଅବସ୍ଥା, କିନ୍ତୁ ବାସ୍ତବିକ୍ ପରୀକ୍ଷା କରି ଦେଖିଲି ତା'ନୁହେଁ, ସେହି ନାମର ନିଶ୍ଚୟ ଖୁବ୍ ଶକ୍ତି।'' ମୁଁ ତାଙ୍କର ମନ ପରୀକ୍ଷା କରିବା ପାଇଁ କହିଲି– ''ଯଦି ଏ କଥା ସତ୍ୟ ହୁଏ ତେବେ ଏହି ଘଟଣା ସତ୍ୟ ବୋଲି ନାମ-ସ୍ୱାକ୍ଷର କରିଦିଅନ୍ତୁ।'' ସେ ଅମ୍ଳାନବଦନରେ ସନ୍ତୋଷ-ସହକାରେ ତାହା କରିଲେ।

(୪)

ସତ୍ୟନାମ ସମ୍ବନ୍ଧରେ ସ୍ୱପ୍ନାଦେଶ

ଆମ୍ଭମାନଙ୍କର ଜଣେ ପୂଜନୀୟା ମାତା ରଂପୁର ଜିଲ୍ଲା ଅନ୍ତର୍ଗତ ବଦରଗଞ୍ଜରେ ଏହି ସତ୍ୟନାମ ପ୍ରଚାର କରନ୍ତି। ଶ୍ରୀଶ୍ରୀଠାକୁରଙ୍କ କର୍ତ୍ତୃକ ତାଙ୍କ ପ୍ରତି ଅନ୍ୟ ଲୋକଙ୍କୁ ସାଧନପ୍ରଣାଳୀ ଶିକ୍ଷା ପ୍ରଦାନର ଭାର ଅର୍ପିତ ହୁଏ। ଅନେକେ ତାଙ୍କ ନିକଟରୁ ଏହି ସତ୍ୟନାମ ଗ୍ରହଣ କରି ଫଳପ୍ରାପ୍ତ ହୁଅନ୍ତି। ଏହି ସମୟରେ କେତେକ ଲୋକ ତାଙ୍କର ବିରୁଦ୍ଧରେ ଅନେକ ଅବୈଧ କଥା କହନ୍ତି। କିଛିଦିନ ପରେ ସେମାନେ ସ୍ୱପ୍ନରେ ଦେଖିଲେ ଯେ, ''ଯେଉଁ ମାତା ସତ୍ୟନାମ ପ୍ରଚାର କରୁଛନ୍ତି ସେ ସାମାନ୍ୟ ମାତା ନୁହଁନ୍ତି। ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା ନ କରିଲେ ସେମାନଙ୍କର ନିସ୍ତାର ନାହିଁ।'' ପ୍ରଥମତଃ ସ୍ୱପ୍ନ ଅମୂଳକ ମନେକରି ସେମାନେ ତାହା ଗ୍ରାହ୍ୟ କରି ନଥିଲେ। ଶେଷରେ ସେମାନଙ୍କର ନାନା ପ୍ରକାର ଅମଙ୍ଗଳର ସୂଚନା ହେବାକୁ ଲାଗିଲା। ସେତେବେଳେ ସେମାନେ ସେହି ମାତାଠାକୁରାଣୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ରକ୍ଷା ପାଇଲେ। କେହି କେହି ତାଙ୍କ ନିକଟରେ ସତ୍ୟନାମ ଗ୍ରହଣ କଲେ।

(୫)

ସତ୍ୟନାମ ଅବଜ୍ଞାର ପ୍ରତିଫଳ

ଉକ୍ତ ବଦରଗଞ୍ଜରେ ଜଣେ ରମଣୀ ସେହି ମା'ଙ୍କ ନିକଟରୁ ଏହି ସତ୍ୟନାମ ଗ୍ରହଣ କରନ୍ତି। ଦିନେ ସେ ନିର୍ଜନରେ ବସି ନାମ କରୁଛନ୍ତି, ଏପରି ସମୟରେ ତାଙ୍କର ସ୍ୱାମୀ ବିଦ୍ରୂପଚ୍ଛଳରେ ତାଙ୍କର ପୃଷ୍ଠଦେଶରେ ସ୍ୱୀୟ ପଦସ୍ପର୍ଶ କରିଲେ। ସେତେବେଳେ ହଠାତ୍ କେଉଁଠାରୁ ବହୁସଂଖ୍ୟକ ମହୁମାଛି ଆସି ସେହି ଭଦ୍ରଲୋକର ମୁଖରେ ଦଂଶନ କରି ଅସ୍ଥିର କରି ପକାଇଲେ। ଅବଶେଷରେ ସେ ସ୍ତ୍ରୀ ନିକଟରେ କ୍ଷମା ଭିକ୍ଷା କରିବା ପରେ ମଧୁମକ୍ଷିକାଗଣ ତାଙ୍କୁ ପରିତ୍ୟାଗ କରି ଉଡ଼ିଗଲେ।

(୬)

ସନ୍ନ୍ୟାସୀ ଓ ମୁସଲମାନ୍‌ର ସତ୍ୟନାମ ମାହାତ୍ମ୍ୟାନୁଭୂତି

ଏକଦା କୁଷ୍ଟିୟା ସତ୍‌ସଙ୍ଗ ପ୍ରାଣତତ୍ତ୍ୱାନୁସନ୍ଧାନ ସମିତିର **(life research society)** ଦାତବ୍ୟ ଆଉରାଶ୍ରମରେ ଜଣେ ହିନ୍ଦୁ ସନ୍ନ୍ୟାସୀ ରୋଗାକ୍ରାନ୍ତ ଶ୍ମଶାନସ୍ଥ ତାଙ୍କର କୁଟୀରରୁ ଆନୟନ କରାହେଲା। ରୋଗାଙ୍କର ନିଉମୋନିୟା ହୋଇଅଛି, ଏବଂ ମଳ ଓ ମୂତ୍ର ସହିତ ରକ୍ତସ୍ରାବ ହେଉଛି। ସେହିଦିନ ଖୋକସା-କାନିପୁର ସତ୍‌ସଙ୍ଗର ତପୋବନରୁ ବାବୁରାଲୀ ନାମକ ଜଣେ ମୁସଲମାନ୍ ରୋଗୀ ଏହି ଆଶ୍ରମକୁ ପ୍ରେରିତ ହେଲା। ତାହାର ପ୍ଲୁରୋନିଉମୋନିୟା ହୋଇଛି। ଦୁଇ ଜଣଙ୍କର କ୍ରୁର ଭୟଙ୍କର। ଦୁଇଜଣଙ୍କୁ ଲାଇଫ୍ ରିସର୍ଜର ପ୍ରଣାଳୀକ୍ରମେ 'ନାମସନ୍ନଳିତ ଚିକିତ୍ସା' ଆରମ୍ଭ କରାହେଲା। ସନ୍ନ୍ୟାସୀଙ୍କୁ ଏହି ସତ୍ୟନାମ କରାହେଲା।ସନ୍ନ୍ୟାସୀ କହିଲେ– ''ବାବୁଜୀ ଏ କ୍ୟା ନାମ ହାୟ, ହାମାରା ପେଟ୍‌ମେ ଯା କର୍‌କେ ଉଲଟ୍-ପାଲଟ୍ ଲଗାତା ହାୟ।'' ଆଉ, ସେହି ମୁସଲମାନ୍‌କୁ କୌଣସି ଏକ ମୁସଲମାନୀ ନାମ ଆମର ମୁସଲ୍‌ମାନ ପରମାର୍ଥ ଭ୍ରାତା ଘୁଘୁରାଲୀ ଭାଇ (ସୁଲମାଷ୍ଟର) କରାଇଲେ। ସେ କିଛିକ୍ଷଣ ପରେ କହିଲା– ''ବାବୁ, ମୁଁ ଏ-ନାମରେ କୌଣସି ଉପକାର ପାଉନାହିଁ କାହିଁକି ବୁଝି ପାରୁନାହିଁ। ସନ୍ନ୍ୟାସୀଙ୍କୁ ଯେଉଁ ନାମ କରାହେଉଛି (ସତ୍ୟନାମ) ମୁଁ ମନେ ମନେ ପ୍ରାୟ ପନ୍ଦରମିନିଟ୍ ସେହି ନାମ କରି ଦେଖିଲି, ସେଥିରେ ମୋର ରୋଗଯନ୍ତ୍ରଣା କମ୍ ହୁଏ। ଆପଣମାନେ ଦୟାକରି ମୋତେ ସେହି ନାମ କରାନ୍ତୁ।'' ସେତେବେଳେ ଘୁଘୁରାଲୀ ଭାଇ ସେହି ସନ୍ନ୍ୟାସୀ ଓ ସେହି ମୁସଲମାନକୁ ଏକସଙ୍ଗରେ ସତ୍ୟନାମ କରାଇଲେ। ସେହି ଘଟଣାର ପରଠାରୁ ଅନେକ ହିନ୍ଦୁ ଓ ମୁସଲମାନଙ୍କର ଏହି ନାମ ପ୍ରତି ଭକ୍ତି ହେଲା।

(୭)

ସତ୍ୟନାମରେ ମୃତ ଶିଶୁର ଜୀବନଲାଭ

ବାଗବଜାର କାଳୀପ୍ରସାଦ ଚକ୍ରବର୍ତ୍ତୀ ଷ୍ଟ୍ରାଟ୍‌ର ଶ୍ରୀଯୁକ୍ତ ବାବୁ ପାନ୍ନାଲାଲ ମୁଖାର୍ଜ୍ଜୀ-ମହାଶୟଙ୍କ ଘରେ ଗତ ୧୩୨୭ ସାଲର ଭାଦ୍ରବମାସର ଶେଷରେ ଶ୍ରୀମତୀ.....ଙ୍କର ପ୍ରସବ ବେଦନା ଉପସ୍ଥିତ ହେଲା। ପ୍ରସବରେ ବଡ଼ କଷ୍ଟ ହେଲା। କୌଣସିମତେ ସହଜରେ ପ୍ରସବ ହେଲା ନାହିଁ। ଧାତ୍ରୀ ପରୀକ୍ଷା କରି କହିଲେ– ''ସନ୍ତାନଟି ଗର୍ଭରେ ମରିଯାଇଛି।'' ଅତିକଷ୍ଟରେ ପ୍ରସବକାର୍ଯ୍ୟ କରାହେଲା। ମୃତ କନ୍ୟା ଭୂମିଷ୍ଠା ହେଲା। ଗର୍ଭରେ ମୃତ୍ୟୁ ହୋଇ ସନ୍ତାନଟି ବିବର୍ଣ୍ଣ ହୋଇଯାଇଛି। ଥଣ୍ଡାଜଳ ଓ ଉଷ୍ଣଜଳ ପ୍ରୟୋଗରେ ମଧ୍ୟ କୌଣସି ଫଳ ହେଲାନାହିଁ। ସେତେବେଳେ ଧାତ୍ରୀ କହିଲେ–''ମଲାଝିଅ ଫୋପାଡ଼ି ଦିଅନ୍ତୁ।'' ପାନ୍ନାବାବୁଙ୍କର ମାତା ସେତେବେଳେ ମୃତ ସନ୍ତାଟିକୁ ନେଇ ସତ୍ୟନାମ ଜପ କରିବାକୁ ଲାଗିଲେ ଆଉ ପ୍ରାର୍ଥନା କଲେ– ''ଠାକୁର, ଝିଅଟି ମରିଛି ସେଥିରେ କୌଣସି ଦୁଃଖ ନାହିଁ, କିନ୍ତୁ ତୁମର ନାମରେ ଯେ କଳଙ୍କ ହେଲା ତା' ମୋର ସହ୍ୟ ହେବ ନାହିଁ।'' ଏହିପରି କିଞ୍ଚିନ୍ନ୍ୟୂନାଧିକ ଅଧଘଣ୍ଟା ପର୍ଯ୍ୟନ୍ତ ନାମ କରିବାପରେ ଦେଖାଗଲା, ମୃତ ଶିଶୁଟାର ବର୍ଣ୍ଣରେ କିଞ୍ଚିତ୍ ପରିବର୍ତ୍ତନ ହେଲା। ନୀଳବର୍ଣ୍ଣ ଥିଲା ରକ୍ତାଭ ହେଲା। ସେତେବେଳେ ସେମାନେ ଖୁବ୍ ନାମ କରିବାକୁ ଲାଗିଗଲେ। ଝିଅଟି କ୍ରନ୍ଦନ କରି ଉଠିଲା ଏବଂ ଜୀବନ ଲାଭ କଲା। ଏହିପରି ଗଳ୍ପ ଅନେକ ଶ୍ରବଣ କରିଥାନ୍ତି ମାତ୍ର ଏପରି ପ୍ରତକ୍ଷ୍ୟଭାବେ ନାମ-ମାହାତ୍ମ୍ୟରେ ମୃତର ଜୀବନଲାଭ କିଏ ବା କେତୋଟି ଦେଖିଛନ୍ତି ? ଆମ୍ଭେମାନେ ଏହି ସତ୍ୟନାମର ପ୍ରଭାବରେ ଓ ଶ୍ରୀଶ୍ରୀଠାକୁରଙ୍କ କୃପାରେ ମଝିରେ

ମଝିରେ ଏହି ପ୍ରକାର ଘଟଣା ପ୍ରତ୍ୟକ୍ଷ କରିବାର ସୌଭାଗ୍ୟ ଲାଭ କରିଛୁ। କେହି କେହି କୁତର୍କ ଛଳରେ କହି ପାରନ୍ତି– ''ଜନ୍ୟାଟିର ମୃତ୍ୟୁର କିଛି ବାକୀଥିଲା, ମୃତ୍ୟୁଟା ଠିକ୍ ସମ୍ପୂର୍ଣ୍ଣ ହୋଇ ନଥିଲା, ସେଥିପାଇଁ ସେ ବଞ୍ଚିଗଲା।'' କିନ୍ତୁ ଘଟଣା ପ୍ରତ୍ୟକ୍ଷରେ ଦର୍ଶନ କଲେ ଆଉ ସେପରି ତର୍କ ଆସିବ ନାହିଁ। ଆଉ, ଏହି ଗୋଟିଏ ନୁହେଁ, ଅନେକ ଛଳରେ ଏହିପରି ଅନେକ ଘଟଣା ଦୃଷ୍ଟ ହୋଇଅଛି।

(୮)

ସତ୍ୟନାମ ବଳରେ ଷ୍ଟିମର ଫେରି ଆସିଲା

ଶ୍ରୀଯୁକ୍ତ ବାବୁ ଶ୍ରୀଶଚନ୍ଦ୍ର ନନ୍ଦୀ, ନିବାସ ଶ୍ୟାମନଗର (ଇ.ବି.ଆର୍.) କୁଷ୍ଟିୟାର ରେଲର ସୁପରଭାଇଜର ଅଫ୍ ଓୟାର୍କସ। ଏକଦା ଶ୍ରୀଶବାବୁ ହିମାଇତପୁର ଶ୍ରୀଶ୍ରୀଠାକୁର-ବାଡୀ ଯାଇଛନ୍ତି। କୁଷ୍ଟିୟା ଆସିବା ପାଇଁ ପାବନା ଷ୍ଟିମରରେ ଚଢ଼ିବାକୁ ଯିବେ, ଏପରି ସମୟରେ ଷ୍ଟିମର ଛାଡିଦେଲା। ତାଙ୍କର ମାତ୍ର ଗୋଟିଏ ଦିନ ଛୁଟି। ସେ ଅତ୍ୟନ୍ତ ଭୀତ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣ କରି କହିଲେ– ''ଠାକୁର, ଏ କି ବିପଦରେ ମୋତେ ପକାଇଲେ ?'' ଏହା କହି କୌଣସି ଉପାୟାନ୍ତର ନ ଦେଖି ସେ ପଦ୍ମାତୀରରେ ବିକମ୍ପିତ କଲେବରରେ ଦଣ୍ଡାୟମାନ ହୋଇ ମନେ ମନେ ସତ୍ୟନାମ କରିବାକୁ ଲାଗିଲେ। ଇତ୍ୟବସରରେ ଷ୍ଟିମର କିଛିଦୂର ଚାଲିଯାଇଛି। କିନ୍ତୁ କ'ଣ ହୋଇଯିବାରୁ ଷ୍ଟିମର ଚାଲିଲା ନାହିଁ, ସେତେବେଳେ ଷ୍ଟିମର ଫେରାଇ ତାଙ୍କୁ ଉଠାଇ ନେବାପରେ ଷ୍ଟିମର ବେଶ୍ ଚାଲିଗଲା।

(୯)

ସତ୍ୟନାମରେ ମୁମୂର୍ଷୁର ଜୀବନପ୍ରାପ୍ତି

ଉକ୍ତ ଶ୍ରୀଶବାବୁଙ୍କର ସ୍ତ୍ରୀଙ୍କର ଉଦରାଭ୍ୟନ୍ତରରେ ଆବୁ **(tumour)** ହୋଇଥିଲା। ଡାକ୍ତରମାନେ କହିଲେ–''ରୋଗ ଦୁରାରୋଗ୍ୟ।'' ଦିନେ ଆକସ୍ମିକ ଘଟଣା ବଶତଃ ତାଙ୍କର ଛୋଟ କନ୍ୟାର ପଦାଘାତ ଲାଗି ସେହି ଟିଉମର ପେଟ ଭିତରେ ଫାଟିଗଲା। ସେତେବେଳେ ଆହୁରି ଭୟଙ୍କର କାଣ୍ଡ ହୋଇପଡ଼ିଲା। ତଦ୍ଦ୍ୱାରା ରୋଗୀର ପେରିଟୋନାଇଟିସ୍ ନାମକ ସାଂଘାତିକ ବ୍ୟାଧି ଉପସ୍ଥିତ ହେଲା। ସେ ମୃତପ୍ରାୟ ହୋଇ ପଡ଼ିଲେ। ବଡ଼ ବଡ଼ ଡାକ୍ତରମାନେ କହିଲେ– ''ବଞ୍ଚିବାର କୌଣସି ଆଶା ନାହିଁ।'' ସେହି ରାତ୍ରିରେହିଁ ମୃତ୍ୟୁ ନିଶ୍ଚୟ ସ୍ଥିର ହେଲା। ଶ୍ରୀଶବାବୁ ସ୍ତ୍ରୀର ଜୀବନଲାଭ ଉଦ୍ଦେଶ୍ୟରେ ଅନନ୍ୟୋପାୟ ହୋଇ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା ସହକାରେ ସାଧ୍ୟାନୁସାରେ ସତ୍ୟନାମ କରିବାକୁ ଲାଗିଲେ। କି ଅଦ୍ଭୁତ ବ୍ୟାପାର ! ସେହି ରାତ୍ରି ହେବାରୁ ରୋଗୀ ସୁସ୍ଥ ହେବାକୁ ଆରମ୍ଭ କରି ଅତ୍ୟଳ୍ପକାଳ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହେଲେ।

(୧୦)

ଆଉ ଥରେ ୧୩୨୫ ସାଲର ଭାଦ୍ରବମାସରେ ଉକ୍ତ ଶ୍ରୀଶବାବୁଙ୍କର ସ୍ତ୍ରୀଙ୍କର ଅତ୍ୟନ୍ତ କଠିନ ରୋଗ ହୋଇଥିଲା। କୁଷ୍ଟିୟାରେ ଶ୍ରୀଶ୍ରୀବିଶ୍ୱଗୁରୁ-ଆବିର୍ଭାବ ମହା-ମହୋତ୍ସବର ଠିକ୍ ସମସମୟରେ ଡାକ୍ତର ଗୋକୁଳବାବୁ ଏବଂ ମୁଁ ରୋଗୀର ଅବସ୍ଥା ଆଶାପ୍ରଦ ନୁହେଁ ମନେ କରିଲୁ। ରୋଗିଣୀକୁ କଲିକତା ପଠାଇବାକୁ କୁହାଗଲା। ଶ୍ରୀଶବାବୁ ସେତେବେଳେ ଉତ୍ସବକାର୍ଯ୍ୟରେ ଏତେ ବ୍ୟସ୍ତ ଯେ ସ୍ତ୍ରୀ ମରିଗଲେ ସୁଦ୍ଧା ସେ ସମୟରେ କଲିକତା ଯିବାରେ ସେ ଅସମର୍ଥ ; ଏବଂ ସେଥିରେ ସେ ସମ୍ମତ ହେଲେନାହିଁ। ଅନେକଙ୍କର ଅନୁରୋଧରେ ଶ୍ରୀଶ୍ରୀଠାକୁର ଥରେ ଗୃହଭିତରକୁ ଗଲେ। ସେ ରୋଗିଣୀକୁ ଦେଖି କହିଲେ– ''ଭୟ କ'ଣ ମା, ଖୁବ୍ ନାମ କର, ନାମବଳରେ ସବୁ ହୋଇପାରେ।''

ସେତେବେଳେ ଏହି ସତ୍ୟନାମର ଶକ୍ତିରେ ଅତି ସତ୍ୱର ସେହି ଉତ୍ସବ ମଧ୍ୟରେହିଁ ସେ ଆରୋଗ୍ୟଲାଭ କରିଲେ। ଯେଉଁମାନଙ୍କର ବିଶ୍ୱାସ ଥିଲା ବିନାଚିକିତ୍ସାରେ ଏହିପରି ହୋଇ ପାରେନା ସେମାନେ ବିନାଚିକିତ୍ସାରେ ନାମ-ମାହାତ୍ମ୍ୟରେ ଏହି ଦୁରାରୋଗ୍ୟ ଘଟଣା ଦର୍ଶନ କରି ବିଶ୍ୱାସୀ ହୋଇପଡ଼ିଲେ।

(୧୧)

ଏକଦା ଶ୍ରୀଶବାବୁ ଶ୍ୱାସ (ଆକ୍‌ମା) ରୋଗ ଦ୍ୱାରା ଅନେକଦିନ ଖୁବ୍ କଷ୍ଟ ପାଉଥିଲେ। ଶ୍ରୀଯୁକ୍ତ ହରିଶ୍‌ଚନ୍ଦ୍ର ରାୟ ଓକିଲ ମହାଶୟଙ୍କର କୁଷ୍ଟିୟାସ୍ଥିତ ଘରକୁ ଶ୍ରୀଶ୍ରୀଠାକୁର ଆସିଛନ୍ତି। ଆମେମାନେ ବହୁଲୋକ ତାଙ୍କୁ ଦର୍ଶନ-ମାନସରେ ସେଠାରେ ଉପସ୍ଥିତ ହୋଇଛୁ। ଶ୍ରୀଶବାବୁ ମଧ୍ୟ ସେଠାରେ ଉପସ୍ଥିତ। ମୋତେ ଦେଖି ଶ୍ରୀଶ୍ରୀଠାକୁର କହିଲେ– ''ଆପଣ ଏବଂ ଗୋକୁଳବାବୁଙ୍କ ସଙ୍ଗେ ମୁଁ କଥା କହିବି ନାହିଁ।'' ମୁଁ କହିଲି– ''କାହିଁକି ?'' ସେ କହିଲେ– ''ଆପଣମାନେ ଥାଉ ଥାଉ ଶ୍ରୀଶଦା ଏପରି ଭୋଗୁଛନ୍ତି, ଆପଣମାନେ ଭଲ କରି ଦେଉନାହାଁନ୍ତି।'' ମୁଁ କହିଲି– ''ସେ ତ କିଛି ଜଣାଇ ନାହାଁନ୍ତି।'' ସେ କହିଲେ– ''ଜଣାଇବେ ପୁଣି କ'ଣ ? ଆପଣମାନଙ୍କର କର୍ତ୍ତବ୍ୟ– ନ ଜଣାଇଲେ ମଧ୍ୟ ତାଙ୍କୁ ଦେଖାଇ ଭଲ କରିଦେବା। ଥାଉ ସେ କଥା, ବର୍ତ୍ତମାନ ତାଙ୍କୁ ଭଲ କରିଦିଅନ୍ତୁ ତ।'' ମୁଁ କହିଲି– ''ତା' କ'ଣ ହୁଏ, ଏତେ ଶୀଘ୍ର ହୋଇପାରେ ନା, ଆଉ ମୋ ପାଖରେ ତ କୌଣସି ଔଷଧ ନାହିଁ। ଘରୁ ଔଷଧ ଆଣି ଦେଉଛି।'' ସେ କହିଲେ– ''ନା, ଏଠାରୁ ଗୋଟାଏ ଔଷଧ ଯା-ହୁଏଦିଉନ୍ତୁ ନା।'' ମୁଁ କହିଲି– ''ଯା-ହୁଏ ଗୋଟାଏ ଦେଲେ ତ ହେବ ନାହିଁ, ଏତେ ଶୀଘ୍ର ଭଲ ହେବାର ବ୍ୟାଧି ନୁହେଁ, ଆଉ ଏଠାରେ ତ ବେଶୀ କିଛି ଔଷଧ ନାହିଁ।'' ସେ କହିଲେ– ''ଯା ହୁଏ ଗୋଟାଏ ଦେଇ ବର୍ତ୍ତମାନ ଭଲକରି ଦିଅନ୍ତୁ।'' ସେତେବେଳେ ଓକିଲ ସ୍ରଫୁଲ୍ଲବାବୁଙ୍କର ଗୋଟାଏ ଛୋଟ ହୋମିଓପ୍ୟାଥିକ୍ ଔଷଧ ବାକ୍‌ସରେ ଉପଯୁକ୍ତ ଔଷଧ ନ ପାଇ ଗୋଟାଏ ପୁରାତନ ଅନୁପଯୁକ୍ତ ଔଷଧ ନେଇ ଏକମାତ୍ରା ନାମ କରି କରି ଶ୍ରୀଶବାବୁଙ୍କୁ ସେବନ କରିବାକୁ ଦେଲି। ସେ ମଧ୍ୟ ନାମ କରୁ କରୁ ଔଷଧଟିକୁ ଗଳାଧଃକରଣ କରିବାର ଅଳ୍ପକ୍ଷଣ ପରେ କହିଲେ– ''ଦେଖନ୍ତୁ, ଦେଖନ୍ତୁ, ମୋର ଶ୍ୱାସ ଭଲ ହୋଇଯାଇଛି।'' କି ଆଶ୍‌ଚର୍ଯ୍ୟ, ସମସ୍ତେ ଦେଖିଲୁ ସେତେବେଳେ ଶ୍ରୀଶବାବୁଙ୍କର ଆଉ ଶ୍ୱାସ ନାହିଁ। ସଙ୍ଗେ ସଙ୍ଗେ ଆରୋଗ୍ୟଲାଭ ! ଶ୍ରୀଶ୍ରୀଠାକୁର କହିଲେ– ''ବା, କି ସୁନ୍ଦର ଚିକିତ୍ସା ! ଆମେମାନେ ମନେମନେ ବୁଝିଲୁ, ଔଷଧରେ ସେ ରୋଗ ଭଲ ହୋଇନାହିଁ, ଭଲ ହୋଇଛି ତାଙ୍କର ଦୟାରେ ଓ ସତ୍ୟନାମ-ମାହାତ୍ମ୍ୟରେ। ତିନିଚାରି ବର୍ଷ ସେ ଖୁବ୍ ଭଲ ଥିଲେ। ତାପରେ ଶ୍ରୀଶବାବୁ କାର୍ଯ୍ୟକ୍ଷେତ୍ରରେ ପଞ୍ଜାବରେ ଯାଇ କିଛିଦିନ ବାସ କରିଥିଲେ। ସେ ସ୍ଥାନର ଜଳବାୟୁ ତାଙ୍କର ଉପଯୁକ୍ତ ନ ହେବାରୁ ଅତ୍ୟନ୍ତ ବ୍ୟାଧିଗ୍ରସ୍ତ ହୋଇ ପଡ଼ନ୍ତି। ଅସ୍ଥିଚର୍ମସାର ଶରୀର ନେଇ ହିମାଇତପୁର ଠାକୁରବାଡ଼ୀକୁ ଆସନ୍ତି। ସେତେବେଳେ ପୁଣି ତାଙ୍କର ଶ୍ୱାସରୋଗ ହୋଇଥିଲା। ପୂର୍ବବଙ୍ଗର ହୋମିଓପ୍ୟାଥିକ୍ ରିସର୍ଚ୍ଚର ଡାକ୍ତର ଟି.ଏନ୍. ଚକ୍ରବର୍ତ୍ତୀ ମହାଶୟ ସେଠାରେ ଉପସ୍ଥିତ ଥିଲେ। ଶ୍ରୀଶ୍ରୀଠାକୁର କହିଲେ– ''ଦେଖନ୍ତୁ ତ୍ରୈଲୋକ୍ୟଦା, ଶ୍ରୀଶଦାକୁ ଗୋଟାଏ କିଛି ଦେଇ ବର୍ତ୍ତମାନ ଭଲ କରି ଦିଅନ୍ତୁ ତ।'' ଡାକ୍ତରବାବୁ କହିଲେ–''ମୁଁ ଏପରି କ'ଣ ଦେବି ଯେ ବର୍ତ୍ତମାନ ଭଲ କରିଦେବି, ଏପରି କିଛି ତ ଜାଣିନାହିଁ।'' ଶ୍ରୀଶ୍ରୀଠାକୁର କହିଲେ–''ଆହା, ଯା-ହୁଏ ଗୋଟାଏ ଦିଅନ୍ତୁ ନା।'' ସେତେବେଳେ ଉକ୍ତ ଡାକ୍ତରବାବୁ କ'ଣ କରିବେ ସ୍ଥିର କରି ନ ପାରି ସମ୍ମୁଖରେ ଗୋଟାଏ କ୍ଷୁଦ୍ର ଗଛ ଥିଲା। ତାହାର ଗୋଟାଏ ଡାଳ ନାମ କରି କରି ଶ୍ରୀଶବାବୁଙ୍କୁ ଦେଲେ। ଶ୍ରୀଶବାବୁ ମଧ୍ୟ ନାମ କରି କରି ସେଇଟିକୁ ଖାଇ ଦେଲେ ଏବଂ ସେହିଦିନହିଁ ରୋଗମୁକ୍ତ ହେଲେ। ସେହି ଗଛର ସେପରି କିଛି ଗୁଣ କେହି ଜାଣନ୍ତି ନାହିଁ, ସେହି ଡାକ୍ତରବାବୁ ମଧ୍ୟ ଜାଣନ୍ତି ନାହିଁ। ଆଉ, ସେହି ଗଛର କୌଣସି ଗୁଣ ଥିଲେ ମଧ୍ୟ ତତ୍‌କ୍ଷଣାତ୍ ରୋଗାରୋଗ୍ୟ ହେବାର ସମ୍ଭାବନା ଖୁବ୍ କମ୍। ସେତେବେଳେ ଏହି ଘଟଣା ବୁଝିବାକୁ

କାହାରି ମଧ୍ୟ ବାକି ରହିଲା ନାହିଁ ।

(୧୨)

ସତ୍ୟନାମ ଜପିବାରେ ମଲାମଣିଷ ବଞ୍ଚିଗଲା

ରାଟୁଲପଡ଼ାର ଶ୍ରୀଯୁକ୍ତ ଶ୍ରୀକାନ୍ତ ସରକାର ମହାଶୟ ଭୟାନକ ପାଡ଼ିତାବସ୍ଥାରେ ସପରିବାର କୁଷ୍ଟିୟାରେ ଥାଆନ୍ତି । ଗୁରୁଭାଇମାନେ ପ୍ରାଣପଣେ ଯତ୍ନ, ଶୁଶ୍ରୂଷା ଓ ଚିକିତ୍ସାର ବ୍ୟବସ୍ଥା କରିଛନ୍ତି । ବଡ଼ ବଡ଼ ଏମ୍.ବି., ଏଲ୍.ଏମ୍.ଏସ୍. ଡାକ୍ତରମାନେ ରୋଗୀର ଜୀବନରେ କୌଣସି ଆଶା ନାହିଁ ବୋଲି ଜବାବ ଦେଇପାରିଛନ୍ତି । ହୋମିଓପ୍ୟାଥି ମତରେ ଚିକିତ୍ସା କରି ମୁଁ ମଧ୍ୟ କୃତକାର୍ଯ୍ୟ ହୋଇପାରିଲି ନାହିଁ । ରାତ୍ରିରେ ମୋଭାରବାବୁ ବୀରେନ୍ଦ୍ରନାଥ ରାୟ ଓ ମୋର କମ୍ପାଉଣ୍ଡର ଶ୍ରୀମାନ ଉପେନ୍ଦ୍ରନାଥ ଦେ ରୋଗୀର ଶୁଶ୍ରୂଷା ଓ ପ୍ରହରାରେ ନିଯୁକ୍ତ ହେଲେ । ସେମାନେ ଖୁବ୍ ନାମ କରୁଥାନ୍ତି (ଏହି ସତ୍ୟନାମ) । ରାତ୍ରିରେ ଶ୍ରୀକାନ୍ତଙ୍କର ପ୍ରାଣପକ୍ଷୀ ଦେହପିଞ୍ଜରା ପରିତ୍ୟାଗ କଲା । ଏତେ ରାତ୍ରିରେ ପ୍ରକାଶ କରିବା ଉଚିତ ନୁହେଁ ବିବେଚନା କରି ସେମାନେ ନୀରବ ରହିଲେ । ପରେ ସେମାନେ ପରାମର୍ଶ କଲେ ଯେ ଏହି ସତ୍ୟନାମ ଦ୍ୱାରା ଅନେକ ମୃମୂର୍ଷୁ ଏବଂ ମୃତବ୍ୟକ୍ତି ବଞ୍ଚି ଯାଇଛନ୍ତି । ଏହାକୁ ମଧ୍ୟ ନାମଦ୍ୱାରା ଚେଷ୍ଟାକରି ଦେଖାଯାଉ । ଏହା କହି ସେମାନେ ପ୍ରାଣପଣେ ନାମ କରିବାକୁ ଲାଗିଲେ ଏବଂ ତାଙ୍କ ମୁହଁରେ ଟିକିଏ ଚରଣାମୃତ ଢାଳିଦେଲେ । ରାତ୍ରି ପ୍ରଭାତ ହେବା ସଙ୍ଗେ ସଙ୍ଗେ ଶ୍ରୀକାନ୍ତ ପୁନରାୟ ବଞ୍ଚି ଉଠିଲେ । ଆନନ୍ଦର ସୀମା ରହିଲା ନାହିଁ । ସମସ୍ତଙ୍କୁ ଯେପରି ସ୍ୱପ୍ନବତ୍ ବୋଧ ହେବାକୁ ଲାଗିଲା ।

(୧୩)

ଗର୍ଭସ୍ଥ ମୃତ ଭ୍ରୂଣର ପୁନର୍ଜୀବନ ପ୍ରାପ୍ତି

ବହୁଦିନ ଧରି ଶ୍ରୀଶ୍ରୀଠାକୁରଙ୍କର ବହୁପ୍ରକାର ପ୍ରେମପୂର୍ଣ୍ଣ ଭୁବନମଙ୍ଗଳକର ଅତିମାନବ ଭାଗବତୀଲୀଳାସ୍ରୋତରେ ଭିତରେ, ବିସ୍ମୟରେ ଓ ଆନନ୍ଦରେ ସମସ୍ତେ ଭାସି ଚାଲିଛନ୍ତି । ଅଶ୍ୱିନୀକୁମାରଙ୍କର ସ୍ତ୍ରୀ ଗର୍ଭବତୀ—ପ୍ରାୟ ଛଅ-ସାତ ମାସ ହେବ କଠିନ ରୋଗାକ୍ରାନ୍ତା । ଡାକ୍ତର ଗୋକୁଳବାବୁ ଚିକିତ୍ସା କରୁଥାନ୍ତି, ଆଉ ମୁଁ ସହକାରୀ ସ୍ୱରୂପ ଥାଏ । ଅକସ୍ମାତ୍ ପ୍ରସବ ବେଦନା ଉପସ୍ଥିତ ହେଲା । ଦୁର୍ଗନ୍ଧସ୍ରାବ ନିର୍ଗତ ହେବାକୁ ଲାଗିଲା । ଗୋକୁଳବାବୁ, ମୁଁ ଓ ଆହୁରି ଜଣେ ଦୁଇଜଣ ଡାକ୍ତରଙ୍କ ପରୀକ୍ଷାରେ ଓ ଯୁକ୍ତି ପରାମର୍ଶରେ ଠିକ୍ ହେଲା ଯେ ଗର୍ଭସ୍ଥ ସନ୍ତାନଟିର ମୃତ୍ୟୁ ହୋଇଛି, ଶୀଘ୍ର ପ୍ରସବ କରାଇ ନ ଦେଲେ ପ୍ରସୂତିର ଅନିଷ୍ଟ ହୋଇପାରେ । ସହଜରେ ଗର୍ଭସ୍ଥ ଭ୍ରୂଣ ନିଃସାରିତ ହେବାର ଉପଯୁକ୍ତ ଔଷଧ ରୋଗିଣୀକୁ ସେବନ କରିବାକୁ ଦିଆଗଲା । ଡାକ୍ତର ଗୋକୁଳବାବୁଙ୍କ ଘରେ ସେଦିନ ମଧ୍ୟାହ୍ନରେ ଠାକୁର ଭୋଗ ହୋଇଥିଲା । ପ୍ରସାଦ ଗ୍ରହଣ ପରେ ଅନେକ ଭକ୍ତ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଉପସ୍ଥିତ ଥିଲେ । ଅଶ୍ୱିନୀଙ୍କ ଘରୁ ସମ୍ବାଦ ଆସିଲା ଯେ ତାଙ୍କ ସ୍ତ୍ରୀଙ୍କର ଅବସ୍ଥା ସଙ୍କଟାପନ୍ନ । ରୋଗୀର ଦୁର୍ବଳତା ଅତ୍ୟନ୍ତ ଅଧିକ, ପେଟରେ ଅସହ୍ୟ ବେଦନା । ମୃତ ସନ୍ତାନ କୌଣସି ପ୍ରକାର ଭୂମିଷ୍ଠ ବା ବହିଃନିସୃତ ହେଉନାହିଁ । ଭକ୍ତମାନଙ୍କ ମଧ୍ୟରୁ ଅନେକେ କାତରତାର ସହିତ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ନିବେଦନ କଲେ ଯେ, "ଆଜି ରାତିରେ ବହୁଭକ୍ତ ଅଶ୍ୱିନୀଙ୍କ ଘରେ ଭୋଜନ କରିବେ । ତାଙ୍କର ଯଦି କୌଣସି ଦୁର୍ଘଟଣା ହୁଏ ତେବେ ତାହା ବଡ଼ ବିପଦର କଥା ଓ ଦୁଃଖର ବିଷୟ ହେବ ।" ଶ୍ରୀଶ୍ରୀଠାକୁର କହିଲେ— "ମୁଁ କ'ଣ କରିବି ? ପ୍ରକୃତି ଉପରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଯାଆନ୍ତୁ ନା, ଆପଣମାନେ ତ ବଡ଼ ବଡ଼ ଡାକ୍ତର ଅଛନ୍ତି, ସନ୍ତାନ ଓ ପ୍ରସୂତିଟାକୁ ବଞ୍ଚାଇ ଦିଅନ୍ତୁ ନା । ଯାଅ ନା ଡାକ୍ତର (କିଶୋରୀମୋହନଙ୍କୁ) ଯାଇ ଦେଖ, ଭଲରୂପେ ପେଟରେ ହାତ ଦେଇ ଦେଖିବ । ମୁଁ ଓ ଡାକ୍ତରବାବା (ଗୋକୁଳବାବୁ) ପରେ ଆସୁନ୍ତୁ ।" ଅଶ୍ୱିନୀଙ୍କ ଘରକୁ ସମସ୍ତେ ଆସିଲୁ । ଦେଖାଗଲା ଯେ ସତକୁ ସତ ସନ୍ତାନଟି ପେଟ ଭିତରେ ମରିଯାଇଛି । କିଶୋରୀମୋହନ ନାମମୟ

ହୋଇ ରୋଗୀର ପେଟ ଉପରେ ହାତ ରଖି କିଛି ସମୟ ପରେ ବାହାରକୁ ଚାଲିଗଲେ । ଶ୍ରୀଶ୍ରୀଠାକୁର ପଚାରିଲେ— "ଅବସ୍ଥା କିଭଳି ?" କୁହାଗଲା— "ପିଲାଟି ମରିଯାଇଛି ।" ସେ କହିଲେ— "ଦେଖନ୍ତୁ ତ, ଆଉଥରେ ଦେଖନ୍ତୁ ।" ଆମେମାନେ କହିଲୁ— "ଆଉ ପୁଣି କ'ଣ ଦେଖିବା, ରୋଗୀର ଅବସ୍ଥା ଶୋଚନୀୟ । ସନ୍ତାନଟି ପେଟ ଭିତରେ ମରିଯାଇଛି ।" ସେ କହିଲେ— "ଯାଆନ୍ତୁ ନା ଦାଦା, ଆପଣମାନେ ଆଉଥରେ ଦେଖନ୍ତୁ ।" ତେଣୁକରି ଗୋକୁଳବାବୁଙ୍କ ସହିତ ସମସ୍ତେ ଯାଇ ଦେଖିଲେ ରୋଗୀର ଅବସ୍ଥା ଅନେକାଂଶରେ ଭଲ । ଗର୍ଭସ୍ଥ ସନ୍ତାନ ଜୀବିତ । ଷ୍ଟେଥୋସ୍କୋପ୍ ଦ୍ୱାରା ଭ୍ରୂଣର **ହୃତ୍ସ୍ପନ୍ଦନ** ଶବ୍ଦ ସ୍ପଷ୍ଟ ଶୁଣାଗଲା । କିଶୋରୀମୋହନ କହିଲେ— "ପିଲାର ମରିବା ବି ସତ୍ୟ, ବଞ୍ଚିବା ବି ସତ୍ୟ ।" ସେତେବେଳେ ଗର୍ଭ ମଧ୍ୟରେ ସନ୍ତାନର ଅଙ୍ଗ ସଞ୍ଚାଳନ ପର୍ଯ୍ୟନ୍ତ ବୁଝି ହେଲା । ସମସ୍ତେ ବିସ୍ମୟାବିଷ୍ଟ ଭାବରେ ଆସି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଉପସ୍ଥିତ ହେଲୁ । ସେ କହିଲେ— "ଆପଣମାନେ ସବୁ ପାରନ୍ତି । ମୋର ଡାକ୍ତରବାବା (ଗୋକୁଳବାବୁ) ଖୁବ୍ ଭଲ ଡାକ୍ତର ! ଦେଖନ୍ତୁ ପିଲାକୁ ବଞ୍ଚେଇଦେଲେ । ତାପରେ ଦୁଇମାସ ପରେ ପିଲା ଭୂମିଷ୍ଠ ହେଲା । ବର୍ତ୍ତମାନ ସେ ପରମପିତାଙ୍କ କୃପାରେ ଜୀବିତ ରହି ଆମ୍ଭମାନଙ୍କର ସେହି ସ୍ମୃତିକୁ ଜାଗ୍ରତ କରିଦେଇ ଦେଖାଉଛି— "ମାନବ, ତୁମର ଜ୍ଞାନ, ବୁଦ୍ଧି, ଯୁକ୍ତି, ତର୍କ, ବିଜ୍ଞାନ ଓ ଶାସ୍ତ୍ରର ଅତୀତ ଆହୁରି ମଧ୍ୟ ଅଦୃଷ୍ଟ, ଅବ୍ୟକ୍ତ, ଅଜ୍ଞାତଶକ୍ତି ଅଛି, ଯେଉଁ ଶକ୍ତି ବଳରେ ସେ ଜୀବନଲାଭ କରିଅଛି । ଜଗତରେ ଅସମ୍ଭବ କିଛି ନାହିଁ । ସେହିମାନଙ୍କର ଭ୍ରମହୁଏ, ଯେଉଁମାନେ ଅବିଶ୍ୱାସୀ ।"

(୧୪)

୧୩୨୭ ସାଲର ଶ୍ରାବଣ ମାସରେ ମୋର କନିଷ୍ଠପୁତ୍ରର ଜ୍ୱର ହେଲା । ତିନି ଚାରି ଜଣ ଭଲ ଡାକ୍ତର ଦେଖୁଥାନ୍ତି । ସେମାନେ କହିଲେ— "ସାନ୍ନିପାତିକ ଜ୍ୱର (ଟାଇଫଏଡ୍) ।" ଚିକିତ୍ସାରେ ବିଶେଷ ଉପକାର ହେଲାନାହିଁ । କ୍ରମେ ଦୁଇ ସପ୍ତାହ ଅତୀତ ହୋଇଗଲା । ଦିନେ ରାତ୍ରିରେ ମୋର ସ୍ତ୍ରୀ ହଠାତ୍ ବ୍ୟସ୍ତଭାବରେ ମୋତେ ଡାକିଲେ । ରୋଗୀ ନିକଟକୁ ଯାଇ ଦେଖିଲି, ସେ ଭଲଭାବରେ କଥା କହି ପାରୁନାହିଁ । ଶ୍ୱାସକଷ୍ଟ ହେଉଛି । ନାଡ଼ୀର ଅବସ୍ଥା ମଧ୍ୟ ଭଲ ନୁହେଁ । ମୋର କମ୍ପାଉଣ୍ଡର ସେତେବେଳେ ଦୁଇଜଣ ଡାକ୍ତର ଡାକି ଆଣିଲା । "ଅବସ୍ଥା ଭଲ ନୁହେଁ ।"— କହି ସେମାନେ ଚାଲିଗଲେ । ସେତେବେଳେ ଠାକୁରଙ୍କୁ ଡାକିବା ଭିନ୍ନ ଗତ୍ୟନ୍ତର ନାହିଁ । ମୁଁ କ୍ଷିପ୍ର ଗତିରେ ଶ୍ରୀଶ୍ରୀଠାକୁରଙ୍କ ପ୍ରତିମୂର୍ତ୍ତି (ଫଟୋ) ତାହାର ବକ୍ଷସ୍ଥଳରେ ସ୍ଥାପନ କଲି ଏବଂ ଆକୁଳ ହୋଇ ସ୍ୱାମୀ-ସ୍ତ୍ରୀ ଦୁଇଜଣ ସତ୍ୟନାମ ଜପ କରିବାକୁ ଲାଗିଲୁ । ପ୍ରାୟ ପନ୍ଦରମିନିଟ୍ ପରେ ଦେଖାଗଲା, ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ।

(୧୫)

ବିଷ ଭକ୍ଷଣରେ ମୃତ ବ୍ୟକ୍ତିର ଜୀବନ ଲାଭ

ଶ୍ରୀଯୁକ୍ତ ବାବୁ..... ମହାଶୟ ଦିନେ ହିମାଇତପୁରରେ ଠାକୁରବାଡ଼ୀରେ ଅସୁସ୍ଥ ହେବାରୁ ତାଙ୍କୁ ସତ୍‌ସଙ୍ଗର ଔଷଧାଳୟରୁ ଔଷଧ ସେବନର ବ୍ୟବସ୍ଥା କରାଗଲା । କମ୍ପାଉଣ୍ଡର ଔଷଧ ଦେବା ସମୟରେ ଓଜନ ନ କରି ଅନୁମାନରେ ଔଷଧ ଦେଇଥିଲେ । ଔଷଧର ପରିମାଣ ବିଷମାତ୍ରା ବା ସାଂଘାତିକ ମାତ୍ରା ଅପେକ୍ଷା ଅନେକ ହୋଇଥିଲା । .....ବାବୁ ତାହା ଜାଣି ନ ପାରି ଔଷଧ ସେବନ କଲେ । ଅତି ଅଳ୍ପକ୍ଷଣ ମଧ୍ୟରେ ତାଙ୍କ ଶରୀରରେ ଅତ୍ୟନ୍ତ ବିଷକ୍ରିୟା ଆରମ୍ଭ ହେଲା । କମ୍ପାଉଣ୍ଡରଙ୍କୁ ପଚାରିବାରୁ ସେ ଭୁଲ ସ୍ୱୀକାର କରି ପ୍ରକୃତ କଥା କହିଦେଲେ । ସେତେବେଳେ ଏପରି ଅବସ୍ଥା ଯେ ପ୍ରତିକାରର ଆଉ ଉପାୟ ନାହିଁ । .....ବାବୁ ବଡ଼ ନିର୍ଭୀକ ପୁରୁଷ । ସେ ସ୍ଥିର ହୋଇ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଅବସ୍ଥାନ କରିବାକୁ ଲାଗିଲେ । ତାଙ୍କର ଆଦେଶରେ ନାମକୀର୍ତ୍ତନ ଓ ନୃତ୍ୟ କରିବାକୁ ଲାଗିଲେ । କିଛିକ୍ଷଣ ଏହିପରି କରିବା ପରେ ଆଉ ପାରିଲେ ନାହିଁ । ଶରୀର ଅବସନ୍ନ ହୋଇପଡ଼ିଲା ।

ଶ୍ରୀଶ୍ରୀଠାକୁର କହିଲେ– "ପାବନାରୁ ବଡ଼ ଡାକ୍ତର ଆଣିଲେ ହୁଏ।" .....ବାବୁ ମନେକଲେ ବୋଧହୁଏ ତାଙ୍କୁ ପାବନା ହାସପାତାଳକୁ ପଠାଇଦେବାର ବ୍ୟବସ୍ଥା ହେଉଛି। ତେଣୁ ସେ କାତର କଣ୍ଠରେ କହିଲେ– "ଠାକୁର, ଏପରି ସମୟରେ ଆପଣଙ୍କୁ ଛାଡ଼ି କୁଆଡ଼େ ଯିବି ଠାକୁର ! କ୍ରମେ ଶରୀର ଥଣ୍ଡା ହୋଇ ଆସିଲା, ସ୍ପନ୍ଦନହୀନ ହୋଇ ଆସିଲା। ସମସ୍ତ ଅନ୍ଧକାର ହୋଇଗଲା। ସେ ଚୈତନ୍ୟଶୂନ୍ୟ ହୋଇପଡ଼ିଲେ। ଶ୍ରୀଶ୍ରୀଠାକୁର ସ୍ନେହ ତାଙ୍କୁ କୋଳରେ ଧରି ବସି ରହିଲେ। ଅନେକ ସମୟ ପରେ ତାଙ୍କର କୃପା ବଳରେ ଓ ସତ୍ୟନାମ ମାହାତ୍ମ୍ୟରେ ସେ ପୁନର୍ଜୀବନ ପ୍ରାପ୍ତ ହେଲେ। ଯେହି ଭୀଷଣ ଦୃଶ୍ୟ ଓ ଆନନ୍ଦର ଘଟଣା ଯେଉଁମାନେ ସ୍ୱଚକ୍ଷୁରେ ଦେଖିଛନ୍ତି ସେମାନେ ବୁଝିଛନ୍ତି ଏହି କାଣ୍ଡକାରଖାନାରେ କି ରହସ୍ୟ ଅନ୍ତର୍ନିହିତ ଥିଲା।

(୧୬)

ସତ୍ୟନାମରେ ରୋଗାରୋଗ୍ୟ ବ୍ୟାଧ ସାଧୁ

ନଦୀୟା ଜିଲ୍ଲା ଅନ୍ତର୍ଗତ ଜୋତପଡ଼ା ପୋଷ୍ଟଅଫିସ୍‌ର ଅଧୀନସ୍ଥ ବରଇଚାରା ଗ୍ରାମରେ ମୋର କନିଷ୍ଠଭ୍ରାତା ଡାକ୍ତର ରାଧାରମଣ ଜୋୟାରଦାର ଶ୍ରୀଶ୍ରୀଠାକୁରଙ୍କର ଜଣେ ଭକ୍ତ। ଗ୍ରାମର ପ୍ରଜ୍ଞା ଜ୍ଞାନକୀନାଥ ହାଲଦାର ଧୋବରୀ ନିଉମୋନିୟା ଦ୍ୱାରା ଆକ୍ରାନ୍ତ ହୋଇ ମୁମୂର୍ଷୁ ହୋଇପଡିବାରୁ ଏହି ରୋଗୀକୁ ସତ୍ୟନାମ ଦ୍ୱାରା ଆରୋଗ୍ୟ କରିବା ଅଭିପ୍ରାୟରେ ଉପଯୁକ୍ତ ଲୋକ ପଠାଇବା ପାଇଁ କୁଷ୍ଟିୟାରେ ମୋ ନିକଟକୁ ଅନୁରୋଧ କରି ଜ୍ଞାନକୀ ହାଲଦାରର ଭାଇ ଖୋକାକୁ ପତ୍ରସହ ପଠାଇଲେ। ପରମାର୍ଥ ଭ୍ରାତା ଶ୍ରୀଯୁକ୍ତ ରାମକୃଷ୍ଣ ପରମାଣିକ ମହାଶୟଙ୍କୁ ମୁଁ କୁଷ୍ଟିୟାରୁ ଯିବାକୁ କହିଲି। ସେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଅନୁମତି ନେବାପାଇଁ ମୋ ସହିତ ଓକିଲ ଶ୍ରୀଯୁକ୍ତ ବାବୁ ତ୍ରୈଲୋକ୍ୟନାଥ ସେନ ମହାଶୟଙ୍କ ଘରକୁ ଯାଇ ଦେଖାକଲେ। ଶ୍ରୀଶ୍ରୀଠାକୁର ରାମକୃଷ୍ଣଙ୍କୁ ଆଦର କରି ତାଙ୍କ ପିଠିରେ ଦୁଇଟି ବିଧା ମାରି କହିଲେ- "ସତୀଶଦା ଯେତେବେଳେ କହିଛନ୍ତି, ସେତେବେଳେ ମୋତେ ପଠାରିବାର ପ୍ରୟୋଜନ କ'ଣ ? ଏହିକ୍ଷଣି ଚାଲି ଯା।" ରାମକୃଷ୍ଣ ସନ୍ଧ୍ୟାଗାଡ଼ୀରେ ଯାଇ ସେଠାରେ ଉପସ୍ଥିତ ହୋଇ ଦେଖିଲେ ଯେ ରୋଗୀ ମୃତ। ତାକୁ ଚରଣାମୃତ ଦେଇ ନିର୍ଦ୍ଦିଷ୍ଟ ପ୍ରଣାଳୀକ୍ରମେ ସତ୍ୟନାମ ଶୁଣାଇବାକୁ ଲାଗିଲେ। ପ୍ରାୟ ଆଠଘଣ୍ଟା ନାମ କରିବା ଫଳରେ ରୋଗୀର ସଂଜ୍ଞା ହେଲା। ସେତେବେଳେ ରୋଗୀକୁ ନାମ ପ୍ରଦାନ କରାଗଲା। ସେ ନିଜେ ନାମ କରିବାକୁ ଲାଗିଲା। ରୋଗୀ ଚବିଶ ଘଣ୍ଟା ମଧ୍ୟରେ ଆରୋଗ୍ୟ ଲାଭ କଲା। ଜ୍ଞାନକୀ ସୁସ୍ଥ ହେବାପରେ ଯଥା ନିୟମରେ ନିରାମିଷ ଭୋଜନ କରୁଥାଏ ଏବଂ ସତ୍ୟନାମ ଜପ କରୁଥାଏ। ମତ୍ସ୍ୟ ଶିକାର ତା'ର ଜାତିଗତ ବେଉସା। ତେଣୁ ସେ ଜାଲଦ୍ୱାରା ମାଛ ଧରିବାକୁ ଗଲା। ଜାଲରେ ମାଛ ଧରା ପଡ଼ିବାରୁ ସେ କାନ୍ଦିବାକୁ ଲାଗିଲା। ସେ ଆଉ ମାଛ ଧରି ପାରିଲା ନାହିଁ। ସେ ବର୍ତ୍ତମାନ ସେହି ବ୍ୟବସାୟ ଛାଡ଼ି ତମାଖୁ ପତ୍ତର ଦୋକାନ କରିଛି। ଆଉଦିନେ ସେ ଲୋକଙ୍କ ଅନୁରୋଧରେ ମାଛ ଧରିବାକୁ ଯାଇଥିଲା। ସେହି ସମୟରେ ଭୀଷଣ ଏକ କୃଷ୍ଣକାୟ ମୂର୍ତ୍ତି ଆସି ତାକୁ ଭୟ ଦେଖାଇ ମାଛ ଧରିବାକୁ ନିଷେଧ କଲେ। ଧନ୍ୟ ପ୍ରଭୁ, ତୁମର ସତ୍ୟନାମର ମହିମା ! ବ୍ୟାଧକୁ ସାଧୁ କରିଦେଲା।

(୧୭)

ମୋର ମଧ୍ୟମଭ୍ରାତା ସବ୍-ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ଶ୍ରୀମାନ କ୍ଷୀରୋଦେଶ୍ୱର ଜୋୟାରଦାର ନୌକାରେ ଶ୍ରୀଶ୍ରୀଠାକୁର ବାଡ଼ୀ ଯାଉଥିଲେ। ଗଡ଼ାଇନଦୀ ଅତିକ୍ରମ କରି ପଦ୍ମାନଦୀର ମୁହାଣ ନିକଟରେ ଉପସ୍ଥିତ ହେଲାବେଳେ ଭୟାନକ ଝଡ଼ ଆରମ୍ଭ ହେଲା। ଦୁଇଟା ଲଗି ପୋତି ଓ ନଙ୍ଗର କରି ସେହିଠାରେ ନୌକା ରକ୍ଷା କରି ତାହା ଭିତରେ ଅବସ୍ଥାନ କଲେ। ହଠାତ୍ ଭୀଷଣ ତୋଫାନ ଦ୍ୱାରା ଆରୋହୀଙ୍କ ସହିତ ନୌକା ପ୍ରବଳ ବେଗରେ ଘୂର୍ଣ୍ଣାୟମାନ ହୋଇ ଭାସି ଚାଲିଗଲା। ରାତ୍ରିକାଳ, ଭୀଷଣ ନଦୀ, କାହାରି ଆଉ ପ୍ରାଣରେ ଆଶା ନାହିଁ। ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ଜଣାଣ ଓ ସତ୍ୟନାମ ଚାଲିବାକୁ ଲାଗିଲା। ବହୁ ସମୟ ପରେ ହଠାତ୍ ନୌକା ଯେପରି ଏକ ସ୍ଥାନରେ ଟାପୁ ଉପରେ ଆସି ଲାଗିଲା। ନାଉରୀ–ମାଝିମାନେ ନୌକା ମାଟିରେ ଲାଗିଛି ବୋଲି ଚିତ୍କାର କରି ଉଠିଲେ। ଆରୋହୀମାନେ ସଙ୍ଗେ ସଙ୍ଗେ ନୌକାରୁ ଡିଆଁମାରି ଓହ୍ଲେଇ ପଡ଼ିଲେ। ସେମାନେ ଦେଖିବାକୁ ପାଇଲେ ଲୋକାଳୟ, ଘରେ ଆଲୁଅ ଜଳୁଛି ଏବଂ ଲୋକେ ଜାଗ୍ରତ ଅଛନ୍ତି। ରାତ୍ରି ନାହିଁ– ପ୍ରଭାତ ହୋଇଛି। ଗୃହ ମଧ୍ୟରୁ ଶ୍ରୀଶ୍ରୀଠାକୁର ସୁମଧୁର ସ୍ୱରରେ ଡାକି କହିଲେ– "ଆରେ, କ୍ଷୀରୋଦ, ଆ।" କ୍ଷୀରୋଦ ଅବାକ୍। ସେ ଦେଖିଲେ, ନୌକା ପାତ ଆଠ ମାଇଲ ଦୂରରୁ ଆସି ତାଙ୍କର ଈପ୍‌ସିତ୍ ଗନ୍ତବ୍ୟସ୍ଥାନ ଶ୍ରୀଶ୍ରୀଠାକୁରଙ୍କ ସତ୍‌ସଙ୍ଗବାଟୀର * ଘାଟରେ ଆସି ଉପସ୍ଥିତ।

(୧୮)

ନାମରେ ଶୂଷ୍ଟଚରୁ ମଞ୍ଜରିଲା

ସତ୍‌ସଙ୍ଗବାଟୀରେ କୁଣ୍ଡରେ ଲଗାଯାଇଥିବା କେତୋଟି ଗୋଲାପ ଫୁଲର ଗଛ ଥିଲା। ସେଥିମଧ୍ୟରୁ ଗୋଟାଏ ଗଛ ମରିଯାଇଥାଏ। ମୁଁ ଦିନେ ହିମାଇତପୁର ଯାଉଛି। ଶ୍ରୀଶ୍ରୀଠାକୁର ମୋତେ ଡାକି କହିଲେ– "ନାମରେ ଶୂଷ୍ଟଚରୁ ମଞ୍ଜରିଲା, ଶୁଣିଛନ୍ତି ?" ମୁଁ କହିଲି– "ଶୁଣିଛି।" ସେ କହିଲେ– "ଦେଖିଛନ୍ତି ?" ମୁଁ କହିଲି– "ନା।" ଚହଁ ସେ ଗୋଟିଏ କୁଣ୍ଡ ଦେଖାଇ ମୋତେ କହିଲେ– "ଏଇ ଦେଖନ୍ତୁ, ଏହି ଗୋଲାପ ଗଛଟି ଏକାବେଳକେ ମରିଯାଇଥିଲା। ଚେର ପର୍ଯ୍ୟନ୍ତ କାଟି ଦେଖାଗଲା ଯେ ଶୁଖି ଯାଇଛି। ଅନ୍ୟ ଗଛରେ ପାଣି ଦେବା ସମୟରେ ସୁଶୀଲଦା ଏ ଗଛରେ ମଧ୍ୟ ପାଣି ଦେଉ ଦେଉ ଦେଖନ୍ତୁ ମଲାଗଛ ଅଙ୍କୁରିତ ହୋଇଉଠିଛି।" ଦେଖିଲି ସତକୁ ସତ ତାହାହିଁ ଘଟିଅଛି। ଅନ୍ୟ ଗଛ ହୁଏତ ମରି ବଞ୍ଚିପାରେ, କିନ୍ତୁ ଗୋଲାପ ଗଛ ମୂଳ ପର୍ଯ୍ୟନ୍ତ ଶୁଖିଯିବା ପରେ ଏପରି ବଞ୍ଚିଉଠିବାର କଥା କେବେହେଲେ ଶୁଣାଯାଏ ନାହିଁ।

---

* ସତ୍‌ସଙ୍ଗବାଟୀ : ଶ୍ରୀଶ୍ରୀଠାକୁରଙ୍କ ପୈତୃକଭିଟାର ପ୍ରାୟ ଦୁଇଶହ ହାତ ଦକ୍ଷିଣରେ ଠିକ୍ ପଦ୍ମାନଦୀ ତୀରରେ ଶ୍ରୀଶ୍ରୀଠାକୁରଙ୍କ ରାତ୍ରିବାସ ପାଇଁ ଗୋଟିଏ ଚାଲଘର ଏବଂ ତାଙ୍କର ପ୍ରଧାନଭକ୍ତ ଓ ପାର୍ଷଦ ମହାରାଜଙ୍କର ଗୋଟିଏ ଟିଣଘର, ଲାଇବ୍ରେରୀ ବା ପାଠାଗାର, ଭକ୍ତ ଓ ଅତିଥି ଅଭ୍ୟାଗତଙ୍କ ପାଇଁ ରହିବା ଘର, ହୋମିଓପ୍ୟାଥି ଓ ଏଲୋପ୍ୟାଥି ଔଷଧାଳୟ ଓ ଗୋଟିଏ ଅଜାଡିକା (ମନ୍ଦିର) ଏବଂ ଦୁଇପାର୍ଶ୍ୱରେ ଦୁଇଟି କ୍ଷୁଦ୍ର ଅଜାଡିକା (ପୁଇଟ୍ କଟେଜ) ସମନ୍ୱିତ ବର୍ତ୍ତମାନର ପୂତଳ ମନୋରମ ପରିବେଷ୍ଟନୀଟିକୁ ସତ୍‌ସଙ୍ଗବାଟୀ କୁହାଯାଏ। କେହି କେହି ତାହାକୁ ଆଶ୍ରମ କହନ୍ତି। ଏଠାରେ ଶତଶତ ବ୍ୟକ୍ତି ଆହାର ଓ ବିଶ୍ରାମ ପ୍ରାପ୍ତ ହୋଇଥାନ୍ତି। ଏଠାରେ ସଦାସର୍ବଦା ସଦାଲୋଚନା ଓ ଆଧ୍ୟାତ୍ମିକ - ଚର୍ଚ୍ଚା ହୁଏ। ବର୍ତ୍ତମାନ ଏହିଠାରେ ତପୋବନ ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଅଛି।

(୧୯)

ଯଶୋହର ଜିଲ୍ଲା ଅନ୍ତର୍ଗତ ବରୁଣାତୈଳ ଗ୍ରାମ-ନିବାସୀ ଶ୍ରୀଯୁକ୍ତ ବାବୁ ବିଧୁଭୂଷଣ ଭଟ୍ଟାଚାର୍ଯ୍ୟ ମହାଶୟ ଜଣେ ପୋଲିସ ସବ୍-ଇନ୍‌ସ୍‌ପେକ୍ଟର । ସେ ପୋଡାଦହ ଷ୍ଟେସନରେ ଥାଆନ୍ତି । ୧୩୨୭ ସାଲର ଆଶ୍ୱିନ ମାସରେ ଦିନେ ମୁଁ ଓ ଡାକ୍ତର ଗୋକୁଳବାବୁ ଏବଂ ଓକିଲ ପ୍ରଫୁଲ୍ଲବାବୁ ପ୍ରଭୃତି କେତେଜଣ ଯାଇଥିଲୁ । ରେଳଗାଡ଼ୀ ମଧ୍ୟରେ ଉକ୍ତ ବିଧୁବାବୁ କହିଲେ— "ମହାଶୟ, ଆପଣଙ୍କ ଠାକୁରଙ୍କୁ ମୁଁ ଥରେ ଦେଖିବାକୁ ଯିବି । ଆପଣମାନଙ୍କ ଠାକୁରଙ୍କର ସମ୍ପ୍ରଦାୟ ଆମ ଗ୍ରାମକୁ ଯାଇଥିଲେ । ତାଙ୍କ ନିକଟରୁ ଏହି ସତ୍ୟନାମ ଗ୍ରହଣ କରି ମୋର ଜଣେ ବନ୍ଧୁ ବହୁଦିନର କଠିନ ଆଜ୍‌ମା (ଶ୍ୱାସ) ରୋଗରୁ ମୁକ୍ତିଲାଭ କରିଅଛି ।"

(୨୦)

ସେଥର ଡିସେମ୍ବର ମାସରେ ବଡ଼ଦିନ ଛୁଟି ସମୟରେ ଆମ୍ଭେମାନେ ଶ୍ରୀଶ୍ରୀଠାକୁରଙ୍କ ସହିତ ୨୪ ପ୍ରଗଣା ଜିଲ୍ଲାର ଜୟନଗର-ମଜିଲପୁର ଗ୍ରାମକୁ ଯାଇଥିଲୁ । ମଜିଲପୁରର ଜଣେ ଜମିଦାର ଶ୍ରୀଯୁକ୍ତ ବାବୁ ଯତୀନ୍ଦ୍ରକୃଷ୍ଣ ବସୁମହାଶୟଙ୍କର ଭୟଙ୍କର ଶୂଳବେଦନା ଥିଲା । ତାଙ୍କର କାତର ଆହ୍ୱାନରେ ଶ୍ରୀଶ୍ରୀଠାକୁର ଦିନେ ତାଙ୍କ ଘରକୁ ଗଲେ । ଆମ୍ଭେମାନେ ମଧ୍ୟ ତାଙ୍କର ଅନୁଗମନ କଲୁ । ଦେଖିଲୁ ଯତୀନ୍‌ବାବୁ ରୋଗ ଯନ୍ତ୍ରଣାରେ ଭୀଷଣ ଚିତ୍କାର କରୁଛନ୍ତି ଓ ଘର ଭିତରେ ଘୂରି ବୁଲୁଛନ୍ତି । ସେ କୁଆଡ଼େ ଚବିଶ ଘଣ୍ଟା ଏହି ରୋଗଯନ୍ତ୍ରଣା ଭୋଗ କରନ୍ତି । ଆହାର-ନିଦ୍ରାର ମଧ୍ୟ ସମୟ ନାହିଁ । ବହୁଦିନରୁ ଏପରି ଯନ୍ତ୍ରଣା ଭୋଗ କରୁଛନ୍ତି । ମିନିଟିଏ ମଧ୍ୟ ବିରାମ ନାହିଁ । ଏକାଦିକ୍ରମେ ଛଅମାସ ରାତିରେ ନିଦ ହୋଇନାହିଁ । ବହୁ ଅର୍ଥବ୍ୟୟ ଓ ବହୁ ଚିକିତ୍ସାରେ ମଧ୍ୟ କୌଣସି ଫଳ ହୋଇନାହିଁ । ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ସେ କହିଲେ— "ଠାକୁର ତୁମକୁ ମୁଁ ମୋର ରୋଗର କଥା କହିବାକୁ ଚାହେନା । ରୋଗ ଭଲ ହେବାର ପ୍ରାର୍ଥନା ମୋର ନାହିଁ । ମୁଁ ଚାହେଁ ତୁମକୁ । ତୁମେ ମୋତେ ଦୟାକର, ମୋର ପରକାଳର କାମ କରିଦିଅ । ରୋଗ ମୋର ଥିଲେ ଥାଉ, ସେଥିରେ ମୋର ଆପତ୍ତି ନାହିଁ । ମୁଁ ବୁଝିଛି ତୁମେ.....।" ଆମେ ଦେଖି ଶୁଣି ସ୍ତବ୍ଧ ହୋଇଗଲୁ । ଏପରି ଲୋକ, ଆଉ ଏଭଳି ଯନ୍ତ୍ରଣା ମଧ୍ୟରେ ଏପରି ପ୍ରାର୍ଥନା ତ କେବେହେଲେ ଦେଖିନାହୁଁ, କେବେହେଲେ ଶୁଣିନାହୁଁ । ସେତେବେଳେ ସେ ଏହି ସତ୍ୟନାମ ଓ ସାଧନପ୍ରଣାଳୀ ଗ୍ରହଣ କଲେ । ବର୍ତ୍ତମାନ ତାଙ୍କର ଶୂଳବେଦନା ସତ୍ୟନାମରେ ପ୍ରାୟ ଭଲ ହୋଇଯାଇଛି । ଆଦୌ ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ ।

(୨୧)

ଉକ୍ତ ଯତୀନ୍‌ବାବୁ କହିଲେ— ତାଙ୍କ ଗ୍ରାମରେ ସୁନ୍ଦରବନର ଗୋଟିଏ ସ୍ତ୍ରୀଲୋକ ପରିଚାରିକାର କାର୍ଯ୍ୟ କରେ । ସେ ଏହି ସତ୍ୟନାମ ଗ୍ରହଣ କରିଛି । ଏକମାସ ମଧ୍ୟରେ ତାହାର ଏପରି ଆଶ୍‌ଚର୍ଯ୍ୟ ଅନୁଭୂତି ହୋଇଛି ଯେ, ସେ ପ୍ରାୟ କହେ— "ଆହା ! ଏ କ'ଣ ହେଲା ! ସବୁ କିଛି ଯେ ଅଂ (ରଙ୍ଗ ବା ଆଲୁଅ) ଦେଖିବାକୁ ପାଉଛି । ଏହି ଦେଖ ଲାଲ, ଏହି ଦେଖ ନୀଳ, ସବୁ ଅଂ ହୋଇଗଲା । ଏହି ଦେଖ ନିଆଁ, ସବୁ ନିଆଁ (ଜ୍ୟୋତିଃ) । ଏହି ଶୁଣନା, କି ସୁନ୍ଦର ବାଦ୍ୟ (ଶବ୍ଦ, ଅନାହତ ନାଦ) ।"

କେତେବେଳେ କୁହେ— "ଓଃ, ଠାକୁର ଶିଶୁଟିଏ ହୋଇଆସି ବଡ଼ ହଇରାଣ କରେ । ଆଭିରେ (ରାତ୍ରିରେ) ଶୋଇବାକୁ ଦିଏନା, ତନ୍ (ସ୍ତନ) ଖାଏ ।" ଆହୁରି ଅନେକ ଅନେକ ଅନୁଭୂତିର କଥା ସେ କହିଥାଏ, ଯାହା ସାଧକ ବ୍ୟତୀତ ଅନ୍ୟ ନିକଟରେ ପ୍ରକାଶ କରିବା ନିଷେଧ । ତାହାର ସରଳତା ଓ ସତ୍ୟନିଷ୍ଠା ଏତେ ବେଶୀ ଯେ ତାକୁ ଅବିଶ୍ୱାସ କରାଯାଇପାରେ ନାହିଁ ।

(୨୨)

ଭକ୍ତ ଦୀନନାଥଙ୍କର ଅପୂର୍ବ କାହାଣୀ

ଶ୍ରୀଯୁକ୍ତ ଦୀନନାଥ ପାଲ୍-ମହାଶୟ କୁଷ୍ଟିୟାର ଜଣେ ବଡ଼ ଧନୀ ମହାଜନ । କୌଣସି ଏକ ମକଦ୍ଦମାରେ ହାଇକୋର୍ଟ ପର୍ଯ୍ୟନ୍ତ ଚେଷ୍ଟା କରି ଏବଂ ପ୍ରାୟ କୋଡ଼ିଏ ହଜାର ଟଙ୍କା ବ୍ୟୟ କରି ମଧ୍ୟ ଜୟଲାଭ କରି ପାରିଲେ ନାହିଁ । ବ୍ୟବସାୟ ବାଣିଜ୍ୟରେ ଏହି ସମୟରେ ବହୁ କ୍ଷତି ହେଲା । ପାଲ୍-ମହାଶୟ କପର୍ଦ୍ଦକଶୂନ୍ୟ ହୋଇପଡିଲେ । ତାଙ୍କୁ ଋଣଗ୍ରସ୍ତ ହେବାକୁ ପଡ଼ିଲା । ସମ୍ପତ୍ତି ଓ କୋଠାଘର ରହଣୀ—ବନ୍ଧକ ରଖି ପ୍ରାୟ ତିରିଶ ହଜାର ଟଙ୍କା କରଜ କରିବାକୁ ପଡ଼ିଲା । ଗୋଟିଏ ପୁଅର ଓ ଗୋଟିଏ କର୍ମଚାରୀର କାରାଦଣ୍ଡ ହେଲା । ମହାଜନମାନେ ନାଲିଶ୍ କଲେ । ବର୍ତ୍ତମାନ ତାଙ୍କର ମାନସିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଲା । ସିଏ ଜଣେ ବିଶିଷ୍ଟ ଧନୀ ମହାଜନ ଓ ତାଲୁକଦାର ରୂପେ ପରିଚିତ ଥିଲେ, ଆଜି ତାଙ୍କର ଏହି ଦୁର୍ଦ୍ଦଶା । ଅତିଶୀଘ୍ର ମହାଜନମାନେ ଡିଗ୍ରୀଜାରୀ କରି ସମସ୍ତ ସମ୍ପତ୍ତି ଓ ବସାଘର ପର୍ଯ୍ୟନ୍ତ ବିକ୍ରୟ କରିଦେବେ । ବୃହତ୍ ପରିବାର, ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନଟିକକ ମଧ୍ୟ ରହିବ ନାହିଁ । ଭରଣ ପୋଷଣର କୌଣସି ଉପାୟ ରହିବାର ମଧ୍ୟ ଆଶା ନାହିଁ ।" ଜଣେ ପୂଜାରୀ ବ୍ରାହ୍ମଣ ରଖି ଶ୍ରୀଶ୍ରୀରାଧାକୃଷ୍ଣଙ୍କର ପଟ-ମୂର୍ତ୍ତିର ପୂଜା ଓ ଆରାଧନା କରାଯାଉଥାଏ । ପ୍ରାଣର ଆବେଗରେ ଦିବାରାତ୍ର ନାମଜପ କରାହେଉଥାଏ । ପ୍ରତି ପୂର୍ଣ୍ଣିମାତିଥିରେ ସତ୍ୟନାରାୟଣଙ୍କର ପୂଜା ହୁଏ । ତୁଳସୀ ସେବା ଚାଲିଥାଏ । କୌଣସିମତେ ଦୁର୍ଦ୍ଦଶାର ପ୍ରତିକାର ବା କୌଣସି ପ୍ରକାର ଉପଶମ ହେଉନାହିଁ । ତାଙ୍କ ମନରେ ବିନ୍ଦୁମାତ୍ର ଶାନ୍ତି ନାହିଁ । ଖାଇବାରେ ମଧ୍ୟ ପ୍ରବୃତ୍ତି ନାହିଁ । ରାତିରେ ନିଦ ହୁଏନା । ଏହିପରି ପ୍ରାୟ ଚାରିବର୍ଷ ବିତିଗଲା । ଶରୀର ଭାଙ୍ଗି ପଡ଼ିଲା, ବିବର୍ଣ୍ଣ ଓ ଶୀର୍ଣ୍ଣ ହୋଇଗଲା । ସ୍ୱାସ୍ଥ୍ୟ ନଷ୍ଟ ହେଲା । ହାୟ ! ହାୟ ! କୌଣସି ଉପାୟ ନାହିଁ । ସମସ୍ତେ ଜାଣନ୍ତି ପାଲ୍-ମହାଶୟ ଖୁବ୍ ଶାନ୍ତ-ସ୍ୱଭାବାପନ୍ନ ସତ୍‌ଲୋକ ଓ ଚରିତ୍ରବାନ୍ ପୁରୁଷ । କ'ଣ କଲେ, କେଉଁଠାକୁ ଗଲେ ବା କାହା ନିକଟକୁ ଗଲେ ଶାନ୍ତି ମିଳିବ ? ଶ୍ରୀଶ୍ରୀଠାକୁରଙ୍କର ପାର୍ଷଦ ଭକ୍ତ ଶ୍ରୀଳ ଶ୍ରୀଯୁକ୍ତ ସତୀଶ ଚନ୍ଦ୍ର ଗୋସ୍ୱାମୀ-ମହାଶୟଙ୍କ ଆଶ୍ରମବାଟୀରେ ପ୍ରତ୍ୟହ ରାତ୍ରିରେ ସଂକୀର୍ତ୍ତନ ହେଉଥିଲା । ପାଲ୍ ମହାଶୟ ଦୁଇ ଏକଦିନ ସେଠାକୁ ଆସିଲେ । ଦିନେ ସେ ମୋତେ ପଚାରିଲେ— "ଡାକ୍ତରବାବୁ, ଶୁଣିଲି ଆପଣମାନଙ୍କର ଠାକୁର ଖୁବ୍ ଅଲୌକିକ ଶକ୍ତି ସମ୍ପନ୍ନ, ତାଙ୍କର ଶରଣାପନ୍ନ ହେଲେ ମୋର ଏ ବିପଦର କୌଣସି ଶାନ୍ତି ହୋଇପାରିବ କି ?" ମୁଁ କହିଲି— "ସେ ଅସୀମ ଅତିମାନବ ଶକ୍ତିସମ୍ପନ୍ନ ହେଲେ ମଧ୍ୟ ସେ-ଶକ୍ତି ପ୍ରକାଶ କରନ୍ତି ନାହିଁ ବା ଲୋକ ଦେଖାଣିଆ କାର୍ଯ୍ୟରେ ନିଯୁକ୍ତ କରନ୍ତି ନାହିଁ । ସେ କହନ୍ତି ସତ୍ୟନାମ ମାହାତ୍ମ୍ୟରେ ସବୁକିଛି ହୋଇପାରେ । ସର୍ବ ଆପଦ ଶାନ୍ତି ହୁଏ । ଦେଖନ୍ତୁ, ଏଠାକୁ ଲୋକ ଆଧ୍ୟାତ୍ମିକ ଉନ୍ନତି କାମନାରେ ଆସିଥାନ୍ତି । ସେଥିରେ ଫଳପ୍ରାପ୍ତ ହୁଅନ୍ତି, ଶାନ୍ତିଲାଭ କରିଥାନ୍ତି । ଅର୍ଥପାଇଁ ଏଠାକୁ ଆସିଲେ କୌଣସି ଫଳଲାଭ ହେବ କି ନାହିଁ କହି ପାରୁନାହିଁ । ତେବେ ଧର୍ମ ପାଇଁ ଆସି ସାଧନା କଲେ ସତ୍ୟନାମ ମାହାତ୍ମ୍ୟରେ, ସବୁ ବିଷୟରେ

ଶାନ୍ତିଲାଭ କରାଯାଇପାରେ । ସେହିଭାବରେ ଯଦି ଆପିପାରିବେ ତେବେ ଆସନ୍ତୁ ।''

ସେ କହିଲେ– ''ଡାକ୍ତରବାବୁ, ମୋର ଶୂଳବେଦନା ଯେ ଅତି ଭୟାନକ । ଦୀର୍ଘକାଳ ବ୍ୟାପା ଟିକିହା ପରେ ଚାଲିପାରେ, କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ସମୟରେ ଅନ୍ତତଃପକ୍ଷେ ମରଫିୟା ପରି ଗୋଟିଏ କିଛି ଦେଇ ନିଶା କରି ଯନ୍ତ୍ରଣା ଶୀଘ୍ର ଉପଶମ କରିବା ତ ସର୍ବାଗ୍ରେ ଦରକାର । ଏପରି କୌଣସି ଉପାୟ କ'ଣ ଆପଣଙ୍କ ଠାକୁରଙ୍କ ନିକଟରୁ ମିଳେ ନାହିଁ ?'' ମୁଁ କହିଲି– ''ଚେଷ୍ଟାକରି ଦେଖିପାରନ୍ତି । ଏହି ସର୍ବଶକ୍ତିସମ୍ପନ୍ନ ସତ୍ୟନାମ ଗ୍ରହଣ କରି ସାଧନ-ପ୍ରଣାଳୀ ଶିକ୍ଷା କରି ଦେଖିପାରନ୍ତି । ଏହି ନାମ ମାହାତ୍ମ୍ୟଦ୍ୱାରା ଅନେକେ ଶାନ୍ତି ପାଇଛନ୍ତି । ଚେଷ୍ଟା କଲେ ଆପଣ ମଧ୍ୟ ଶାନ୍ତି ପାଇପାରନ୍ତି ।'' ସେ କହିଲେ– ''ମୋର ଯେ ଗୁରୁ ଅଛନ୍ତି, ଗୁରୁତ୍ୟାଗ କରିବି କିପରି ?'' ମୁଁ କହିଲି– ''ଗୁରୁତ୍ୟାଗ କରିବାକୁ ହେବନାହିଁ । ତାଙ୍କୁ ଯଥାଗତି ଭକ୍ତି ଶ୍ରଦ୍ଧା କରିବାକୁ ହେବ, ବାର୍ଷିକ ପ୍ରାପ୍ୟ ଗଣ୍ଡିକ ବୁଝି ଦେବାକୁ ହେବ । ତେବେ ଏହି ନାମଟି ଜପ କରିବାକୁ ହେବ, ସାଧନା ମଧ୍ୟ ଏହି ପ୍ରଣାଳୀରେ କରିବାକୁ ହେବ । ସେ ପ୍ରଣାଳୀମତେ ସାଧନା କରି କୌଣସି ଫଳ ପାଇ ନାହାଁନ୍ତି ବୋଲି କହୁଛନ୍ତି । ପ୍ରକୃତ ସଦ୍‌ଗୁରୁ ଲାଭ ହେଲେ ତ୍ୟାଗ କରିବା ମହାପାପ, ବାସ୍ତବିକ୍ ଉପଯୁକ୍ତ ଗୁରୁହେଲେ ସେ-ଗୁରୁ ତ୍ୟାଗ ହୋଇପାରେ ନା । ତେବେ ଗୁରୁ, ଗୁରୁ ନହୋଇ ଯଦି ଲଘୁ ହୁଅନ୍ତି, ଯଦି ସାଧକ ନ ହୁଅନ୍ତି, ଯଦି ସଚ୍ଚରିତ୍ର ନ ହୁଅନ୍ତି, ଯଦି ଜ୍ଞାନୀ ବା ଭକ୍ତ ନ ହୁଅନ୍ତି, ଯଦି ଉପଯୁକ୍ତ ନ ହୁଅନ୍ତି, ତାଙ୍କ ପ୍ରତି ପ୍ରକୃତ ଭକ୍ତି ଯଦି ନ ଆସେ, ଯଦି ଲୋକ ଦେଖାଣିଆ ଭକ୍ତି କରିବାକୁ ହୁଏ ବା ଭୟରେ ଭକ୍ତି କରିବାକୁ ହୁଏ ତେବେ ସେ ଗୁରୁଙ୍କୁ ଗୁରୁ କୁହାଯାଏ ନାହିଁ । ସେ-ଗୁରୁକରଣ ଗୁରୁକରଣ ନୁହେଁ । ଗୁରୁ ନ ହେଲେ ଚା'ର ପୁଣି ତ୍ୟାଗ କ'ଣ ? 'ଶିରୋନାସ୍ତି ଶିରଃପୀଡ଼ା' । ଶାସ୍ତ୍ରରେ ଅଛି :–

ମଧୁ ଲୁବ୍‌ଧୋ ଯଥା ଭୃଙ୍ଗଃ ପୁଷ୍ପାତ୍ ପୁଷ୍ପାନ୍ତରଂ ବ୍ରଜେତ୍ ।
ଜ୍ଞାନଲୁବ୍‌ଧ ସ୍ତଥା ଶିଷ୍ୟ ଗୁରୁର୍ଗୁର୍ବନ୍ତରଂ ବ୍ରଜେତ୍ ।

ଗୁରୁ ଯଦି ଉପଯୁକ୍ତ ନ ହୁଅନ୍ତି, ଆଉ ତାଙ୍କ ପାଖରୁ ଯଦି କୌଣସି ଫଳ ନ ମିଳେ, ତେବେ ସଦ୍‌ଗୁରୁ ଆଶ୍ରୟ କରିବାହିଁ କର୍ତ୍ତବ୍ୟ । ଏଥିପାଇଁ ପୂର୍ବ ଗୁରୁଙ୍କୁ ପରିତ୍ୟାଗ ବା ଅଭକ୍ତି କରିବାକୁ ହେବନାହିଁ । ବଂଶପରମ୍ପରାକ୍ରମିକ କୌଣସି ସମ୍ବନ୍ଧ ନ ଥାଏ । ଲୋକାଚାର ବା ଶାସ୍ତ୍ରାନୁସାରେ ବିବାହ, ଶ୍ରାଦ୍ଧାଦି ଉପଲକ୍ଷ୍ୟରେ ଗୁରୁଙ୍କର ଯାହା ପ୍ରାପ୍ୟ ହୁଏ, ତାହା ସେହି ଗୁରୁଙ୍କୁ ଦେଇପାରନ୍ତି । ଏମାନେ ସେ ସବୁ ଗ୍ରହଣେଚ୍ଛୁକ ନୁହଁନ୍ତି ପ୍ରକୃତ ରାସ୍ତା ପାଇବାକୁ ହେଲେ ଏହା ବିଚାର କରିବାକୁ ହେବ ଯେ, ଜଣେ ଅନ୍ଧ ଅନ୍ୟ ଅନ୍ଧକୁ କିପରି ପଥ ଦେଖାଇପାରିବ ? ଶ୍ରୀଶ୍ରୀରାମାନୁଜ ଦୁଇବାର ଗୁରୁ ଗ୍ରହଣ କରିଥିଲେ, ଶ୍ରୀଶ୍ରୀବୁଦ୍ଧଦେବ ତିନିବାର ଗୁରୁଗ୍ରହଣ କରିଥିଲେ । ଆଉ, ଗୋଟିଏ କାମ କରନ୍ତୁ ।'' ସେ କହିଲେ– ''କି କାମ ?'' ମୁଁ କହିଲି– ''ପୂର୍ବ ଗୁରୁଦେବଙ୍କ ଘରକୁ ଥରେ ଯାଆନ୍ତୁ, ଅଥବା ତାଙ୍କୁ ସମ୍ବାଦ ଦେଇ ନିଜ ଘରକୁ ଅଣାନ୍ତୁ । ତାଙ୍କୁ ସମସ୍ତ ଖୋଲି କହନ୍ତୁ । ଦେଖାଯାଉ ସେ କ'ଣ କହନ୍ତି । ପାଲ୍-ମହାଶୟ କହିଲେ– ''ଏହା ଅତି ଉତ୍ତମ କଥା ।'' ଏହା କହି ସେ ସେଦିନ ବିଦାୟ ନେଲେ । ସେ ପୂର୍ବ ଗୁରୁଦେବଙ୍କୁ ସମ୍ବାଦ ଦେଲେ । ଗୁରୁଦେବଙ୍କ ଶୁଭାଗମନ ହେଲା । ତାଙ୍କୁ ସମସ୍ତ କଥା ଖୋଲି କୁହାଗଲା । ସେ କହିଲେ– ''ମୁଁ ବିଶେଷ କିଛି ଜାଣେ ନାହିଁ, ଗୁରୁଙ୍କ ନିକଟରୁ ଯାହା ଶୁଣିଛି, ତୁମକୁ ତାହାହିଁ କହିଦେଇଛି । ସାଧନାରେ ନିଜେ ଅଗ୍ରସର ହୋଇନାହିଁ । ମୋଠାରୁ ବେଶୀ କିଛି ଆଶା କରିବା ବୃଥା । ସଦ୍‌ଗୁରୁ ଆଶ୍ରୟ କଲେ ମୁଁ ବିଶେଷ ସନ୍ତୁଷ୍ଟ ହେବି । ତେବେ ମୋ ପ୍ରତି ଦୃଷ୍ଟି ରଖିବ, ଇତ୍ୟାଦି ।''

ତାହାପରେ ପାଲ୍-ମହାଶୟ ଏହି ସତ୍ୟନାମ ଗ୍ରହଣ କଲେ । ପ୍ରତ୍ୟହ ରାତ୍ରିରେ ସେ ଆସି ସଂକୀର୍ତ୍ତନରେ ଯୋଗ ଦିଅନ୍ତି । ଯଥାଗତି ସାଧନା ମଧ୍ୟ କରନ୍ତି । ଏକ ସପ୍ତାହ ପରେ ମୋତେ କହିଲେ– ''ଡାକ୍ତରବାବୁ ବଡ଼ ଆଶା କରି ଆପଣଙ୍କ ନିକଟକୁ ଆସିଥିଲି । କିନ୍ତୁ ମୋର ତ କିଛି ହେଲାନାହିଁ । କୌଣସି ଉନ୍ନତି ବୁଝିପାରୁନାହିଁ ।'' ମୁଁ କହିଲି– ''ଦେଖନ୍ତୁ ହତାଶ ହେବେ ନାହିଁ । ପଚାଶ ବର୍ଷ ବା ଶହେବର୍ଷର ସାଧନାରେ ଯାହା ହୁଏନା, ଆପଣ ସାତଦିନରେ ତାହା ପାଇବାକୁ ଚାହାନ୍ତି, ତାହା କି କେବେ ସମ୍ଭବ ହୁଏ ? ଅନ୍ତତଃ ମାସେ ସାଧନା କରନ୍ତୁ । ଅନ୍ୟ ପ୍ରଣାଳୀରେ ସାଧନା କରି ବହୁ ବର୍ଷରେ ଯାହା ହୁଏ ନାହିଁ, ଅଳ୍ପଦିନରେ ଏଠାରେ ତାହା ହୋଇଥାଏ । ଅନେକଙ୍କର ସେପରି ହେବାର ଦେଖୁଛି । କରି ଦେଖନ୍ତୁ ।'' ପାଲ୍-ମହାଶୟ ବିଦାୟ ନେଇ ଘରକୁ ଗଲେ ।

ପରବର୍ତ୍ତୀ ସପ୍ତାହରେ ପାଲ୍-ମହାଶୟଙ୍କୁ ଆଉ ଦେଖିବାକୁ ମିଳିଲା ନାହିଁ । ମନରେ ସନ୍ଦେହ ହେଲା ଯେ, ଲୋକଟି ଭଲ କରି ନାମ କରିନାହିଁ, କାର୍ଯ୍ୟତଃ ଫଳ ମଧ୍ୟ ପାଇନାହିଁ । ସତ୍ୟନାମ ମାହାତ୍ମ୍ୟ ଅବଗତ ହୋଇପାରି ନାହିଁ । ବୋଧହୁଏ ଖସି ପଡ଼ିଛି । ଯାହାହେଉ, ଲୋକଟି କିନ୍ତୁ ବଡ଼ କଷ୍ଟରେ ବଡ଼ ଯନ୍ତ୍ରଣାରେ ଦିନ କଟାଉଛି । ଆହା ! ତାକୁ ଥରେ ଦେଖିବା ଉଚିତ । ଶ୍ରୀଶ୍ରୀଠାକୁର କହିଲେ– ''ଲୋକଙ୍କୁ ଦି'ଟା ଆଶାର ବାଣୀ ଶୁଣାଅ । ଦି'ଟା ମିଠାକଥା କୁହ ।'' ଏହା ମନେକରି ତାଙ୍କ ବସାକୁ ଗଲୁ । ତାଙ୍କୁ କହିଲି– ''କ'ଣ ପାଲ୍-ମହାଶୟ, ଆଉ ଯେ ଆପଣଙ୍କ ଦେଖା ମିଳୁନାହିଁ । କିପରି ଅଛନ୍ତି ?'' ପାଲ୍-ମହାଶୟ ହୃଷ୍ଟଚିତ୍ତରେ କହିଲେ– ''ଆହା ! ଆହା ! କ'ଣ କହିବି ଡାକ୍ତରବାବୁ ! ଚାରିବର୍ଷ ଭଲକରି ଦିଇଟା ଖାଇନାହିଁ । ଦିନ ବି ରାତିରେ ନିଦ ହୋଇନାହିଁ । ଏହିପରି ଅବସ୍ଥା ମୋର ହୋଇଥିଲା । ଶ୍ରୀଶ୍ରୀଠାକୁରଙ୍କ କୃପାରୁ ତାଙ୍କର ଚରଣାଶ୍ରୀତାଦରୁ ଏବଂ ଏହି ସତ୍ୟନାମ ମାହାତ୍ମ୍ୟରୁ ମୋର ଆହାରରେ ବିଶେଷ ରୁଚି ହୋଇଛି । ନିରାମିଷ ଭୋଜନ କରି ଖୁବ୍ ଭଲ ଅଛି । ନାମ କରୁ କରୁ ସନ୍ଧ୍ୟାରେ ଶୋଇପଡ଼େ, ଆଉ ଭୋର ହେଲେ ନିଦ ଭାଙ୍ଗିଯାଏ । ଦେଖନ୍ତୁ, ମୋର ଏହି ଷାଠିଏ ବର୍ଷ ବୟସରେ ମୁଁ ତିରିଶ ବର୍ଷ ବୟସ ପରି ଶକ୍ତି ଓ ତେଜ ଅନୁଭବ କରୁଅଛି । ଯଥାସାଧ୍ୟ ନାମ କରୁଛି । ଆନନ୍ଦ ମଧ୍ୟ ପାଉଛି । ବେଶ୍ ଶାନ୍ତିରେ ଅଛି । ସାଂସାରିକ ଗୋଳମାଳ ବା ବିପଦ ବୋଲି ଆଉ କୌଣସି ଭୟ ବା ଅଶାନ୍ତି ବୋଧ ହେଉନାହିଁ । ଆପଣ ଦିନେ ଶ୍ରୀଶ୍ରୀଠାକୁରଙ୍କ କଥା କହିଥିଲେ– 'ନିର୍ଭର କର, ନିର୍ଭୟ ହୁଅ ।' ମୋର ତାହାହିଁ ହୋଇଛି । ଆଉ ଗୋଟିଏ ସୁସମ୍ବାଦ ଶୁଣନ୍ତୁ, ଯେଉଁ ମହାଜନ ଜିଦ୍ କରି ମୋର ଯଥାସର୍ବସ୍ୱ ବିକ୍ରୟ କରିବାକୁ ବଦ୍ଧ ପରିକର ହୋଇଥିଲେ, ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣାରୁ ଓ ସତ୍ୟନାମର ଅପାର ମହିମାରୁ, ସେହି ମହାଜନ ହଠାତ୍ ଦିନେ ମୋ ଘରକୁ ଆସି ବହୁ ଟଙ୍କା ମାଫ୍ କରିଦେଇ, କିସ୍ତିବନ୍ଦୀ କରି ଦେଇଛନ୍ତି । ମନରେ ଖୁବ୍ ଆନନ୍ଦ ପାଉଛି ବାବୁ । ମରଫିୟା **(morphia)** ଦେଇ ଯନ୍ତ୍ରଣା ନିବାରଣ ହେବା ପରି ସତ୍ୟନାମ ଦ୍ୱାରା ମୋର ସମସ୍ତ ଯନ୍ତ୍ରଣା ନିବାରିତ ହୋଇଛି ବାବୁ ।'' ଶ୍ରୀଶ୍ରୀଠାକୁରଙ୍କ ପ୍ରଧାନ ଭକ୍ତ ଡାକ୍ତର ସତ୍ୟଚରଣ ଦତ୍ତ-ମହାଶୟଙ୍କ ନିକଟରୁ ପାଲ୍-ମହାଶୟ ସାଧନା ସମ୍ବନ୍ଧରେ ଏବଂ ଅନ୍ୟାନ୍ୟ ବିଷୟରେ ଅନେକ ଉପଦେଶ ନେଉଥିଲେ । ସେ କହୁଥିଲେ, ''ସତ୍ୟବାବୁ ସତେ ଯେପରି ମୋର ନିତାଇ ।''

କିଛିକାଳ ପରେ ପାଲ୍-ମହାଶୟଙ୍କ ଦ୍ୱିତୀୟ ଓ ତୃତୀୟ ପୁତ୍ରର ବିବାହ ଉପସ୍ଥିତ ହେଲା । ଗରିବଙ୍କ ପରି ଶହେ ଜଣ ଲୋକଙ୍କର ଉପଯୁକ୍ତ ଆୟୋଜନ ଓ ବନ୍ଦୋବସ୍ତ କରିଥିଲେ । କିନ୍ତୁ ଭୋଜନ ସମୟରେ ଚାରିଶହ ଲୋକ ଉପସ୍ଥିତ । ପାଲ୍–ମହାଶୟ ଖୁବ୍ ଚିନ୍ତିତ ହୋଇପଡ଼ିଲେ । ଦହି ଯାହା ଅଛି, ତାହା ପ୍ରାୟ ଶହେ ଜଣ ଲୋକଙ୍କ ପାଇଁ ହୋଇପାରେ । ପାଲ୍-ମହାଶୟ କୁହନ୍ତି, ଘରପୋଡି

ସମୟରେ ମନର ଯେଉଁ ଅବସ୍ଥା ହୁଏ, ସେତେବେଳେ ତାଙ୍କର ସେହିପରି ହୋଇଥିଲା । ସେ ଭୀତ ଓ ଜିଜ୍ଞାସୁ ହୋଇ ଶ୍ରୀଶ୍ରୀଠାକୁରଙ୍କ ପଟମୂର୍ତ୍ତି ନିକଟକୁ ଯାଇ କହିଲେ— ''ମୁଁ ଆଉ ପାରୁନାହିଁ, ଠାକୁର, ତୁମର ଯାହା ଇଚ୍ଛା ତାହା କର ।'' ଏହାକହି ସେ ପ୍ରାଣପଣେ ନାମ କରିବାକୁ ଲାଗିଲେ । ଇଆଡ଼େ ସମସ୍ତେ ଭୋଜନ କରିବାକୁ ଲାଗିଲେ । ଆଶ୍ଚର୍ଯ୍ୟର ବିଷୟ ସେହି ଦହିଦ୍ୱାରା ସମସ୍ତ ଲୋକଙ୍କୁ ପରିତୋଷ ସହକାରେ ଖୁଆଇ ଦିଆଗଲା । ଆହୁରି ଦହି ଉଦ୍‌ବୃତ୍ତ ରହିଗଲା । ସମସ୍ତେ ଖାଇ କହିଲେ, ''ଅତି ଉତ୍ତମ ଦହି ।'' ସତ୍ୟନାମର ମାହାତ୍ମ୍ୟ ପ୍ରଚାର ହେଲା । ଭକ୍ତବାଞ୍ଛାକଳ୍ପତରୁ ଭକ୍ତର ଇଚ୍ଛା ନିବାରଣ କଲେ । ପାଲ୍-ମହାଶୟଙ୍କ ଭକ୍ତି ଓ ବିଶ୍ୱାସ ଆହୁରି ବୃଦ୍ଧିପ୍ରାପ୍ତ ହେଲା ।

ତାହାପରେ ଶ୍ରୀଶ୍ରୀଠାକୁରଙ୍କ ଅନୁମତି ଗ୍ରହଣ କରି ମାତ୍ର ନଅଶହ ଟଙ୍କା ମୂଳଧନ ନେଇ ପାଲ୍-ମହାଶୟ ବ୍ୟବସାୟ ଆରମ୍ଭ କଲେ । ଦେଢ଼ବର୍ଷ ଭିତରେ ତାଙ୍କର ତେତ୍ରିଶହଜାର ଟଙ୍କା ହେଲା । ପାଲ୍-ମହାଶୟ ପୁନରାୟ ଧନୀ ହେଲେ । ଏଥର ସେ ଏକାଧାରରେ ଧନୀ ଓ ସାଧକ-ଚୂଡ଼ାମଣି । ପାଲ୍-ମହାଶୟଙ୍କ ଆତ୍ମୀୟଙ୍କ ଘର ହିମାଇତପୁରରେ । ଉକ୍ତ ଆତ୍ମୀୟ-ମହାଶୟ ଶ୍ରୀଶ୍ରୀଠାକୁର ଓ ସତ୍ୟନାମ ପ୍ରତି ପାଲ୍-ମହାଶୟଙ୍କର ଅଭକ୍ତି ଆନୟନ ପାଇଁ ବହୁ ଚେଷ୍ଟା କରି ମଧ୍ୟ ସଫଳତା ଲାଭ କରି ପାରି ନ ଥିଲେ । ଦିନେ ପାଲ୍-ମହାଶୟ କୁଷ୍ଟିୟା ସତ୍‌ସଙ୍ଗ ସାଧନ-ମନ୍ଦିରରେ ବସି ବହୁ ଭଦ୍ରଲୋକଙ୍କ ସମ୍ମୁଖରେ କହିଥିଲେ— ''ମୋର ଅନୁଭୂତି ଓ ଉପଲବ୍ଧି ଦ୍ୱାରା ଯାହା ପ୍ରତ୍ୟକ୍ଷ ବୁଝିଛି, ଯାହା ସ୍ୱଚକ୍ଷୁରେ ଦେଖିଛି, ହାତକୁ ହାତ ଫଳ ପାଇଛି, ଏଥର ଏ ଜନ୍ମରେ ଆଉ କାହାରି କଥା ଶୁଣିବାକୁ ମୁଁ ପ୍ରସ୍ତୁତ ନୁହେଁ ।''

ପାଲ୍-ମହାଶୟଙ୍କ ଜ୍ୟେଷ୍ଠପୁତ୍ର ଛାପଡ଼ା ଜିଲ୍ଲା ଅନ୍ତର୍ଗତ ସିଉୟାନରେ ଗୋଟିଏ କାରଖାନା (ଫ୍ୟାକ୍ଟରୀ) କରିଥିଲେ । କୌଣସି ଜଣେ ଆତ୍ମୀୟ ଉକ୍ତ ପୁତ୍ରଙ୍କ ନିକଟକୁ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଯେଉଁଥିରେ ଅବିଶ୍ୱାସ ହୋଇପାରେ ଏପରି ଏକ ପତ୍ର ଗୋପନରେ ଲେଖିଥିଲେ । ପୁତ୍ରଟି ସେହି ସ୍ଥାନରେ ଉପସ୍ଥିତ ଥିବା ସତ୍ତ୍ୱେ ସେହି ପତ୍ର ଫେରିଯାଇ କୁଷ୍ଟିୟାରେ ପାଲ୍-ମହାଶୟଙ୍କର ହସ୍ତଗତ ହେଲା । ସେ ସେହିକଥା ଆମମାନଙ୍କୁ ଜଣାଇଲେ, ଆଉ କହିଲେ— ''କେହି ଛୁରୀ ନେଇ ମୋର ବେକ କାଟିବାକୁ ଉଦ୍ୟତ ହୋଇ ଯଦି କହେ ଠାକୁରଙ୍କୁ ଅବିଶ୍ୱାସ କର, ତଥାପି ମୁଁ କହିବି ଯେ, — ମୁଁ ଅବିଶ୍ୱାସ କରି ପାରିବି ନାହିଁ ।''

ଦିନେ ଶ୍ରୀଶ୍ରୀଠାକୁର ଜଣକ ଘରେ ବସିଥାନ୍ତି, ଆମେମାନେ ଅନେକେ ମଧ୍ୟ ତାଙ୍କ ବିଛଣାରେ ବସିଥାଉଁ । ପାଲ୍-ମହାଶୟ ଆସି ଦୀନହୀନ ପରି ଚଟାଣ ଉପରେ ବସିଲେ । ସେ ଶ୍ରୀଶ୍ରୀଠାକୁରଙ୍କ ସାମନାରେ ଚୁପ୍ କରି ଦୀନହୀନ ପରି ବସି ରହନ୍ତି । ମନକଥା ପ୍ରକାଶ ନ କରି ମନେ ମନେ ପ୍ରାର୍ଥନା ଜଣାନ୍ତି । ସେଥିରେହିଁ ତାଙ୍କର କାର୍ଯ୍ୟ ହୁଏ । ଆମେମାନେ କହିଲୁ— ''ପାଲ୍-ମହାଶୟ, ଚଟାଣ ଉପରେ କାହିଁକି ବସିଛନ୍ତି, ବିଛଣାରେ ଆସି ବସନ୍ତୁ ।'' ପାଲ୍‌ମହାଶୟ କହିଲେ— ''ବାବୁ, ତାହା କ'ଣ ମୁଁ ପାରେ ! ମନ୍ଦିରରେ ପଥରର ଠାକୁର ଥାଆନ୍ତି, ସେ ଠାକୁରଙ୍କୁ ସ୍ପର୍ଶ କରିପାରେ ନା । ଆଜି ମୁଁ କିପରି ଏହି ଜୀବନ୍ତ ଠାକୁରଙ୍କୁ ଛୁଇଁବି, ବାବୁ ? ମୁଁ କୌଣସିମତେ ତାହା ପାରିବି ନାହିଁ ।'' ଧନ୍ୟ ଭକ୍ତି ! ଧନ୍ୟ ବିଶ୍ୱାସ ! ଆଉ, ଧନ୍ୟ ତାଙ୍କର ସୁଫଳପ୍ରାପ୍ତି ।

ପାଲ୍-ମହାଶୟଙ୍କ ଜ୍ୟେଷ୍ଠପୁତ୍ରବଧୂଙ୍କ ମୃତ୍ୟୁ ହେବାପରେ ଦିନେ କୁଷ୍ଟିୟା ସତ୍‌ସଙ୍ଗ ସାଧନ-ମନ୍ଦିରରେ ପାଲ୍-ମହାଶୟ କହିଲେ— ''ଶ୍ରୀଶ୍ରୀଠାକୁରଙ୍କର ଅସୀମ କୃପା, ସତ୍ୟନାମର

ଅପାର ମହିମା । ଏହି ବୋହୂକୁ ମୁଁ ଝିଅପରି ଲାଳନ—ପାଳନ କରିଥିଲି । ବଡ଼ ଭଲ ପାଉଥିଲି, ଠିକ୍ ନିଜ ସନ୍ତାନ ପରି । ସେ ମଧ୍ୟ ମୋର ଖୁବ୍ ସେବା ଓ ଯତ୍ନ କରୁଥିଲା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ତା'ର ମୃତ୍ୟୁରେ ମୋ ମନରେ କୌଣସି ଶୋକ ବା ଦୁଃଖକଷ୍ଟର ଭାବ ମଧ୍ୟ ଉଦିତ ହୋଇନାହିଁ । ଏହି ସତ୍ୟନାମ ଗ୍ରହଣ ପୂର୍ବେ ଏପରି ଘଟଣା ଘଟିଥିଲେ ମୁଁ ଖୁବ୍ ଶୋକ ପାଇଥାନ୍ତି । ଆଉ ସେ ଶୋକ ସମ୍ବରଣ କରିବା ମୋ ପକ୍ଷରେ କଷ୍ଟକର ହୋଇଥାଆନ୍ତା । ବାସ୍ତବିକ୍ ସତ୍ୟନାମର ଅପାର ମହିମା । ଯେ ପାଇଛି ସେ ବୁଝିଛି ।''

(୨୩)

ସତ୍ୟନାମ ଦ୍ୱାରା ମୁମୂର୍ଷୁର ଜୀବନଲାଭ

୧୩୨୭ ସାଲରେ କୁଷ୍ଟିୟାର ଶ୍ରୀଯୁକ୍ତ ଅମୃତଲାଲ ଲାହିଡ଼ୀ ନାମକ ଜଣେ ବିଶିଷ୍ଟ ଭଦ୍ରଲୋକ ନିଉମୋନିୟା ରୋଗରେ ମୁମୂର୍ଷୁ ହୋଇ ପଡ଼ିଥାନ୍ତି । ଶ୍ରୀଯୁକ୍ତ ଗୋକୁଳବାବୁ ପ୍ରଭୃତି ବଡ଼ବଡ଼ ଡାକ୍ତରମାନେ ରୋଗୀର ଜୀବନର କୌଣସି ଆଶା ନାହିଁ ବୋଲି ଶେଷ ଜବାବ ଦେଲେ । ତାଙ୍କର ଜୀବନର ଶେଷ ମୁହୂର୍ତ୍ତ ଉପସ୍ଥିତ ହେଲା । ଅର୍ଥାତ୍ ନାଭିଶ୍ୱାସ **(Gasping)** ଆରମ୍ଭ ହେଲା । ଏପରି ସମୟରେ ଶ୍ରୀଶ୍ରୀଠାକୁରଙ୍କର କେତେଜଣ ଭକ୍ତ ଯାଇ ତାଙ୍କ ଛାତି ଉପରେ ଶ୍ରୀଶ୍ରୀଠାକୁରଙ୍କର ଖଣ୍ଡେ ଫଟୋମୂର୍ତ୍ତି ସ୍ଥାପନ କରି ତାଙ୍କୁ ଟୋପାଏ ଚରଣାମୃତ ଖୁଆଇଦେଲେ । ସଙ୍ଗେ ସଙ୍ଗେ ତାଙ୍କ କର୍ଣ୍ଣକୁହରରେ ଖୁବ ଉଚ୍ଚସ୍ୱରରେ ଏହି ସତ୍ୟନାମ ପ୍ରବେଶ କରାଇବାକୁ ଲାଗିଲେ । ସେତେବେଳେ ସେହି ଅଜ୍ଞାନ ଅବସ୍ଥାରେ ଊର୍ଦ୍ଧ୍ୱଶ୍ୱାସ ସଙ୍ଗେ ସଙ୍ଗେ ଅସ୍ପଷ୍ଟଭାବରେ ନାମ ଉଚ୍ଚାରିତ ହେବାକୁ ଲାଗିଲା । ପରେ ଆହୁରି ଥରେ ଦୁଇଥର ସେହିପରି ହେଲା, ତାହାପରେ ଆଉ ଟିକିଏ ସ୍ପଷ୍ଟଭାବରେ ସେହି ଶ୍ୱାସ ସହିତ ନାମ ଉଚ୍ଚାରିତ ହେଲା । ଏହାଦେଖି ଭକ୍ତମାନେ ମଧ୍ୟ ଖୁବ୍ ଉଚ୍ଚସ୍ୱରରେ ତାହାଙ୍କୁ ନାମ ଶୁଣାଇବାକୁ ଲାଗିଲେ । ସେତେବେଳେ ତାଙ୍କର ଶ୍ୱାସ ଯେପରି କ୍ରମେ କ୍ରମେ ଟିକିଏ ଟିକିଏ କରି ଉଣା ହେବାକୁ ଲାଗିଲା । ନାମ ସ୍ପଷ୍ଟ ଭାବରେ ଉଚ୍ଚାରିତ ହେଲା । ତାହାପରେ ସାମାନ୍ୟ ସ୍ୱାନସଞ୍ଚାର ହେଲା । ସେତେବେଳେ ସେ ନିଜେ ସେହି ଫଟୋମୂର୍ତ୍ତିକୁ ନିଜ ଛାତି ଉପରେ ଚାପିଧରି ନାମ କରିବାକୁ ଲାଗିଲେ । ବେଳେବେଳେ ତାଙ୍କର ନାମ ଭୁଲ୍ ହେଉଥାଏ, ସେତେବେଳେ ଭକ୍ତମାନେ ତାଙ୍କୁ ଧକ୍କା ଦେଇ ନାମ କରାଇବାକୁ ଲାଗିଲେ । ଏହିପରି ଭାବରେ ସେହିଦିନ ସେ ନିରାମୟ ହେଲେ । ଏହି ସତ୍ୟନାମ ମାହାତ୍ମ୍ୟଦ୍ୱାରା ସେ ଜୀବନଲାଭ କଲେ । ଆମେମାନେ ସେ ସମୟରେ ଶ୍ରୀଶ୍ରୀଠାକୁରଙ୍କ ସଙ୍ଗେ କଲିକତାରେ ଥିଲୁ । ଏହି ସମ୍ବାଦ ଶୁଣି ଅମୃତବାବୁଙ୍କୁ ଦେଖିବା ପାଇଁ କୁଷ୍ଟିୟା ଯାଇ ତାଙ୍କୁ ଦେଖିଲୁ ଯେ ସେ ଶଯ୍ୟାଗତ, ଅତ୍ୟନ୍ତ ଦୁର୍ବଳ । ସେ ଅତି କ୍ଷୀଣସ୍ୱରରେ ଏହି ଘଟଣା ମୋତେ କହିଲେ, ପରେ ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀମାନେ ଏବଂ ତାଙ୍କର ଗୋକୁଳବାବୁ ମଧ୍ୟ ମୋତେ ସବୁ କଥା କହିଲେ । ପୂର୍ବେ ଅମୃତବାବୁ ଶ୍ରୀଶ୍ରୀଠାକୁରଙ୍କର ଭକ୍ତ ନଥିଲେ ବା ଏହି ସତ୍ୟନାମ ଗ୍ରହଣ କରି ନଥିଲେ ।

୧୩

ଜୀବେ ଦୟା ଓ ବୃକ୍ଷଲତାଦିର ଦୁଃଖ ଅନୁଭବ-କରଣ

ଶ୍ରୀଶ୍ରୀଠାକୁରଙ୍କର ବାଲ୍ୟଲୀଳାରେ ପୂର୍ବରୁ ଉଲ୍ଲିଖିତ ହୋଇଛି ଯେ ସେ କାହାରି ଦୁଃଖକଷ୍ଟ ସହ୍ୟ କରି ପାରନ୍ତି ନାହିଁ। କୌଣସି ମଣିଷ ବା କୌଣସି ପଶୁକୁ ତାଙ୍କ ସଳ୍ଲୁଖରେ ଆଘାତ କଲେ ସେ ନିଜ ଦେହରେ ବେଦନା ଅନୁଭବ କରି ଥାଆନ୍ତି। କେବେକେବେ କୌଣସି ଜୀବର ଶରୀରରେ ଆଘାତ ଦର୍ଶନ କଲେ ତାଙ୍କର ନିଜ ଶରୀରରେ ଆଘାତଚିହ୍ନ ଉତ୍ପାଦିତ ହେବାର ଦେଖାଯାଇଛି। ତାହ ସଳ୍ଲୁଖରେ କୌଣସି ବୃକ୍ଷକୁ ଆଘାତ କଲେ, କିମ୍ବା ଫୁଲ ବା ପତ୍ର ଛିନ୍ନ କଲେ ତାଙ୍କର କଷ୍ଟ ହୁଏ। କୌଣସି କୀଟପତଙ୍ଗ, ଛାରପୋକ, ମଶା ପର୍ଯ୍ୟନ୍ତ ସେ ମାରି ପାରନ୍ତି ନାହିଁ ବା ଏପରି କାର୍ଯ୍ୟ କରିବାକୁ ସମସ୍ତଙ୍କୁ ନିଷେଧ କରନ୍ତି। ବର୍ତ୍ତମାନ ତାଙ୍କର ପରଦୁଃଖକାତରତା ଓ ଜୀବେ ଦୟା ଆହୁରି ବୃଦ୍ଧିପ୍ରାପ୍ତ ହୋଇଛି।

ପରକୁ ଦୟା କରିବା ମାନେ ନିଜକୁହିଁ ଦୟା କରିବା

ସେ ଦୟା କରିବା ସକାଶେ କାହାରି ପ୍ରତି ଦୟା କରନ୍ତି ନାହିଁ। ତାହା ତାଙ୍କର ସ୍ୱଭାବସିଦ୍ଧ କାର୍ଯ୍ୟ ବା ଭାବ। ସେ ପରକୁ ପର ଭାବନ୍ତି ନାହିଁ ବା ଭାବି ପାରନ୍ତି ନାହିଁ। ତେଣୁ କାହାରି ପ୍ରତି କୌଣସି ଦୟାର କାର୍ଯ୍ୟ କରିବା ନିଜ ପ୍ରତି କରାହେଲା ବୋଲି ସେ ମନେ କରନ୍ତି। ସୁତରାଂ ଦୟା କରାହେଲା ବୋଲି ସେ ଦୟା କରନ୍ତି ନାହିଁ। ପରର ଦୁଃଖଯନ୍ତ୍ରଣା ତାଙ୍କର ନିଜର ବୋଲି ମନେ କରନ୍ତି ଏବଂ ସେହିପରି ଅନୁଭବ କରନ୍ତି। କେହି ତାଙ୍କ ନିଜଠାରୁ ପୃଥକ ନୁହଁନ୍ତି ଏହି ବୋଧରେ ସାହାଯ୍ୟ କରନ୍ତି। ତାହା ଯେପରି ପରପାଇଁ କରାହୁଏ ନାହିଁ, ନିଜ ପାଇଁ କରାହୁଏ, ଏହି ବୋଧ।

ଭଲ ଖାଦ୍ୟ ଦେଖି କ୍ରନ୍ଦନ

କେବେ କେବେ ତାଙ୍କୁ ଭୋଜନ କରାଇବା ନିମିତ୍ତ ସୁନ୍ଦର ଆସନ ଦିଆହେଲେ ଏବଂ ତାଙ୍କ ସଳ୍ଲୁଖରେ ନାନାପ୍ରକାର ଚର୍ବ୍ୟ-ଚୁଷ୍ୟ-ଲେହ୍ୟ-ପେୟ ସାମଗ୍ରୀ ସୁସଜ୍ଜିତ କରି ଦିଆହେଲେ ସେ ସେ–ସମସ୍ତ ଜିନିଷ ଦେଖି ବିଷଣ୍ଣ ହୋଇ ଅଶ୍ରୁପାତ କରି କହିଛନ୍ତି– ''ହାୟ ! ହାୟ ! ତୁମ୍ଭେମାନେ ମୋତେ ଠାକୁର କରିଛ, ମୁଁ ଗୋଟିଏ ବ୍ରାହ୍ମଣ ପୁଅ ଥିଲି, ପରେ ହେଲି ଡାକ୍ତରବାବୁ, ପୁଣି ବର୍ତ୍ତମାନ ତୁମ୍ଭେମାନେ ମୋତେ କୁହ ଠାକୁର, ଆହୁରି ମୋ ପାଇଁ ଏତେ ବହୁମୂଲ୍ୟ ସୁନ୍ଦର ଖାଦ୍ୟଦ୍ରବ୍ୟ ସଜାଇ ଦେଇଛ। ତୁମ୍ଭମାନଙ୍କର କେତେ ଗରିବ ଭାଇ କେତେ ଜାଗାରେ ମୁଠାଏ ଚାଉଳ ଅଭାବରେ କେତେ କଷ୍ଟ ପାଉଛନ୍ତି ତାହା ତ ତୁମ୍ଭେମାନେ ଦେଖୁନାହଁ।''

ଛାତିରେ ଛୁରୀ ମାର

ଅନ୍ୟ ଏକଦିନ ସେ ଆମଘରେ ରେଲ୍‌ୱେ ସୁପର୍‌ଭାଇଜର୍ ଅଫ୍ ଓୟାର୍କସ୍ ଶ୍ରୀଶବାବୁଙ୍କ ସଳ୍ଲୁଖରେ ମୋତେ କହିଲେ– ''ଆପଣଙ୍କ ଘରେ ଛୁରୀ ଅଛି ?'' ମୁଁ କହିଲି– ''ଅଛି।'' ସେ କହିଲେ– ''ମାରନ୍ତୁ ମୋ ଛାତିରେ, ଆଉ ସହ୍ୟ ହେଉନାହିଁ। ଜଗତବାସୀଙ୍କର ଦୁଃଖ ଆପଣମାନେ

ଦେଖୁନାହାଁନ୍ତି। ଘରେ ବସି ସୁଖରେ କାଳ କଟାଉଛନ୍ତି। ଜଗତର ଦୁଃଖ ମୋର ଆଉ ସହ୍ୟ ହେଉନାହିଁ।'' ଏହା କହି ସେ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ। ସେତେବେଳେ ଆମ୍ଭେମାନେ ଜଗତର ମଙ୍ଗଳକାର୍ଯ୍ୟରେ ବ୍ରତୀ ହେବାକୁ ପ୍ରତିଜ୍ଞା କରିବାରୁ ସେ ଶାନ୍ତ ହେଲେ। ଏହିପରି ଭାବ ଅନେକଥର ଦେଖା ଯାଇଛି।

ଏକଦା ଶ୍ରୀଶ୍ରୀଠାକୁରଙ୍କ ସଙ୍ଗରେ ଆମ୍ଭେମାନେ ହିମାଇତପୁରରୁ କାଶୀପୁର ଯାଉଥିଲୁ। ରାସ୍ତାର ଗୋଟିଏ ସ୍ଥାନରେ ଜଳସ୍ରୋତରେ ବହୁସଂଖ୍ୟକ କୀଟ ଭାସି ଯାଉଥିବାର ଦେଖାଗଲା। ତାହା ଦେଖି ତାଙ୍କର ପ୍ରାଣ କାନ୍ଦି ଉଠିଲା। ଆଉ ତାଙ୍କର ଯିବା ହେଲା ନାହିଁ। ସେତେବେଳେ ସେ ସେହି ଜଳ ମଧ୍ୟରେ ଦଣ୍ଡାୟମାନ ହେଲେ ଏବଂ ଗୋଟିଏ ଗୋଟିଏ କରି କୀଟ ସାବଧାନତା ସହକାରେ ଧରି ଶୁଖିଲା ସ୍ଥାନକୁ ଛାଡ଼ିଦେଲେ, ଏବଂ ଅନୁନୟ କରି କହିଲେ– ''ବଞ୍ଚାନ୍ତୁ ଦାଦା, ଏହି ପୋକଗୁଡ଼ିକୁ ବଞ୍ଚାଇ ଦିଅନ୍ତୁ।'' ସେତେବେଳେ ଆମ୍ଭେମାନେ ମଧ୍ୟ ସେହିପରି କରିବାକୁ ଲାଗିଲୁ। ଏହି କାର୍ଯ୍ୟରେ ପ୍ରାୟ ଏକଘଣ୍ଟା ସମୟ ଅତିବାହିତ ହୋଇଗଲା।

ବାମ ହସ୍ତର ଅଜ୍ଞାତସାରରେ ଦକ୍ଷିଣହସ୍ତରେ ଦାନ

୧୩୨୬ ସାଲରେ ହିମାଇତପୁର ଗ୍ରାମରେ..... କର୍ମକାର ଏପରି ଦୁର୍ଦ୍ଦଶାରେ ପତିତ ହେଲା ଯେ, ପ୍ରତ୍ୟହ ଦୁଇବେଳା ତାହାର ପରିବାରବର୍ଗଙ୍କର ଅନ୍ନସଂସ୍ଥାନ ହୁଏ ନାହିଁ। ତାହାର ସ୍ତ୍ରୀ ବସ୍ତ୍ରାଭାବରୁ ଘରର ବାହାରକୁ ଆସିପାରେ ନାହିଁ। ତାହାର ଏହି ଶୋଚନୀୟ ଅବସ୍ଥାରେ ପରମ ଦୟାଳ ଶ୍ରୀଶ୍ରୀଠାକୁରଙ୍କର ପ୍ରାଣ କାନ୍ଦି ଉଠିଲା। ତାହାକୁ ସାହାଯ୍ୟ କରିବାକୁ ହେବ। କିନ୍ତୁ ଗୁପ୍ତଭାବରେ ଦାନ କରିବାକୁ ହେବ।

ତେଣୁ ସେ-ବ୍ୟକ୍ତି ଯେପରି ବୁଝି ନ ପାରେ ଏପରି ବନ୍ଦୋବସ୍ତ କରି ସେହି ଗ୍ରାମର ଅପରିଚିତ ଦୁଇଜଣ ବ୍ୟକ୍ତିଙ୍କୁ କୁଷ୍ଟିୟାରୁ ଅଣାଇ ସେମାନଙ୍କ ଦ୍ୱାରା ରାତ୍ରିରେ ନୌକା ସାହାଯ୍ୟରେ କେତେଖଣ୍ଡ ନୂଆ ଲୁଗା, ଦୁଇବସ୍ତା ଚାଉଳ ଏବଂ ତଦୁପଯୁକ୍ତ ଡାଲି, ପରିବା, ଲବଣ, ତୈଳ ଇତ୍ୟାଦି ସେ ବ୍ୟକ୍ତିର ଘରକୁ ପ୍ରେରଣ କରାହେଲା। ସେମାନେ ସେହି ଘରକୁ ଯାଇ କୌଶଳରେ ସେହି ସମସ୍ତ ଦ୍ରବ୍ୟ ସେହି ଲୋକଙ୍କୁ ପ୍ରଦାନ କରି ପରିଚୟ ଗୋପନ ରଖି ପ୍ରସ୍ଥାନ କଲେ। କିଏ କାହାଦ୍ୱାରା ତାକୁ ଏହି ପରମ ଦୟା କରିଲେ ତାହା ସେ ଅନେକ ଦିନ ବୁଝି ପାରିନାହିଁ। ପରେ ବୁଝିପାରିଲା ଯେ ସେହି ଦୟାଳ ଠାକୁରଙ୍କ ବ୍ୟତୀତ ଦେଶରେ ଏପରି ଦୟାଳୁ ଆଉ ନାହାଁନ୍ତି। ସେତେବେଳେ ଘଟଣା ପ୍ରକାଶ ପାଇଲା। ଗୁପ୍ତ ଦାନ ଆହୁରି ମଧ୍ୟ କରାହୁଏ।

ଗ୍ରାମର..... ଚୌଧୁରୀ-ମହାଶୟଙ୍କୁ ପ୍ରାୟ ସାହାଯ୍ୟ କରିବାକୁ ହୁଏ। ଅର୍ଥାଭାବରୁ ସେ ଅତି କଷ୍ଟରେ ସପରିବାରେ କାଳଯାପନ କରନ୍ତି। ଦିନେ ସେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସି ଅତ୍ୟନ୍ତ ଦୁଃଖ ଜଣାଇ ସାହାଯ୍ୟ ପ୍ରାର୍ଥନା କଲେ। ଭଦ୍ରଲୋକଟି କହିଲେ– କାଲି ସେମାନଙ୍କର ଆହାର ହୋଇନାହିଁ। ଏହି କଥାରେ ଶ୍ରୀଶ୍ରୀଠାକୁରଙ୍କ ପ୍ରାଣରେ ବଡ ବ୍ୟଥା ଲାଗିଲା। ସେ ତ ବର୍ତ୍ତମାନ ଅର୍ଥ ଉପାର୍ଜନ କରୁ ନାହାଁନ୍ତି, କ'ଣ କରିବେ ? କୌଣସି ଉପାୟ ନ ଦେଖି ଶ୍ରୀଶ୍ରୀବଧୂମାତା ଠାକୁରାଣୀଙ୍କ ନିକଟକୁ ଯାଇ

ସମସ୍ତ ଜଣାଇ କିଛି ମାଗିଲେ । ସେତେବେଳେ ତାଙ୍କ ନିକଟରେ ମଧ୍ୟ କିଛି ନ ଥିଲା । ସୁତରାଂ ତାଙ୍କର କର୍ଣ୍ଣାଭରଣ ସୁବର୍ଣ୍ଣ ମାଙ୍କଡ଼ୀ ଦୁଇଟି ନେଇ ଗୋପନରେ ସେହି ଭଦ୍ରଲୋକଙ୍କୁ ପ୍ରଦାନ ପୂର୍ବକ କହିଲେ– "ଏହି ଦୁଇଟି ବିକ୍ରୟ କରି ଆହାର ବ୍ୟବସ୍ଥା କରନ୍ତୁ ।" ଶ୍ରୀଶ୍ରୀଜନନୀ ସେହି ବିଷୟ ଜାଣି ପାରି କୌଣସି ଲୋକ ଦ୍ୱାରା ଦୁଇଟି ଟଙ୍କା ସେହି ଭଦ୍ରଲୋକଙ୍କୁ ପ୍ରଦାନପୂର୍ବକ ମାଙ୍କଡ଼ୀ ଦୁଇଟି ଫେରାଇ ଆଣି ଶ୍ରୀଶ୍ରୀବଧୂମାତାଙ୍କୁ ପ୍ରଦାନ କଲେ ।

ନିଜର ଏକମାତ୍ର ପରିଧେୟ ବସ୍ତ୍ର ଦାନ

ଦିନେ ଜଣେ ସ୍ତ୍ରୀଲୋକ ଆସି କହିଲା– "ବାବା, ମୋତେ ଖଣ୍ଡେ ଲୁଗା ଦେବାକୁ ହେବ । ମୋର ମୋଟେ ଲୁଗା ନାହିଁ । ଲଜ୍ଜାରକ୍ଷା କରି ପାରୁନାହିଁ ।" ସେ କହିଲେ– "ମୋ ହାତରେ ତ ଟଙ୍କା ପଇସା ନାହିଁ ଯେ ତୁମକୁ ଦେବି । ଆଉ, ମୋ ନିକଟରେ ଦ୍ୱିତୀୟ ବସ୍ତ୍ର ମଧ୍ୟ ନାହିଁ ଯେ ତୁମକୁ ଦେଇପାରେ ; ତେବେ ମୁଁ ପିନ୍ଧିଥିବା ଲୁଗାଟି ଅଛି ଏହିଟିକୁ ଦେଇପାରେ ।" ରମଣୀ ତାହା ପ୍ରାର୍ଥନା କଲା । ସେ ଗୋଟାଏ ମୋଟା ଆଲୁଅନ୍ ପରିଧାନ କରି ନିଜର ସେହି ବସ୍ତ୍ରଖଣ୍ଡିକୁ ସେହି ସ୍ତ୍ରୀଲୋକଟିକୁ ପ୍ରଦାନ କଲେ । ତାହା ପରେ ସେହି ସମ୍ବାଦ ଅବଗତ ହୋଇ ଜନନୀ ତାଙ୍କୁ ଘରୁ ଖଣ୍ଡେ ବସ୍ତ୍ର ଆଣି ପ୍ରଦାନ କରିବାରୁ ତାଙ୍କର ପରିଧାନ କାର୍ଯ୍ୟ ଚଳିଲା ।

ତାନ୍ତ୍ରିକର ଛାଗବଳି ବନ୍ଦ

ଜଣେ ଶକ୍ତିସାଧକ ୧୩୨୬ ସାଲର ଚୈତ୍ର ସଂକ୍ରାନ୍ତିରେ ହିମାଇତପୁର ସତ୍‌ସଙ୍ଗବାଟୀର ନିକଟବର୍ତ୍ତୀ ଏବଂ ସମ୍ମୁଖସ୍ଥ ଶ୍ମଶାନଭୂମିରେ ନିଶାକାଳରେ ଜୀବବଳି ଦ୍ୱାରା ପୂଜା କରିବା ପାଇଁ ଅନ୍ୟ ଜଣେ ଲୋକ ପାଇଁ ଖୁବ୍ ଧୁମ୍‌ଧାମ୍ ଓ ବାଦ୍ୟୋଦମ ଆରମ୍ଭ କଲେ । ଅନେକେ କହନ୍ତି, ଶ୍ରୀଶ୍ରୀଠାକୁର ଛାଗବଳି ସହ୍ୟ କରି ପାରନ୍ତି ନାହିଁ, ଅଥବା ଜୀବବଳି ଦ୍ୱାରା ପୂଜା ଭଲ ମନେକରନ୍ତି ନାହିଁ ଏବଂ ସେ ଏପରି ପୂଜାପ୍ରଣାଳୀର ଘୋର ବିରୋଧୀ ; ତେଣୁ ତାଙ୍କ ପ୍ରାଣରେ ଆଘାତ ପ୍ରଦାନ ଓ ତାଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ଅନ୍ୟତ୍ର ଶ୍ମଶାନ ଥିଲେ ମଧ୍ୟ ଏହି ସ୍ଥାନରେ ସେମାନେ ସେହି କାର୍ଯ୍ୟର ଆୟୋଜନ କରିଥିଲେ । ଛାଗଶିଶୁଟି ଚିତ୍କାର କରିବାକୁ ଲାଗିଲା । ଶ୍ରୀଶ୍ରୀଠାକୁର ତାହାର କ୍ରନ୍ଦନ ବୁଝି ପାରିଥିଲେ । ସେ ଯେପରି କାତରଭାବରେ ଘୋର ବିପଦରେ ପତିତ ହୋଇ–ନିଶ୍ଚୟ ତାହାକୁ ଅକ୍ଷଣ ପରେ ହତ୍ୟା କରାହେବ ବୁଝିପାରି–ପ୍ରାଣରକ୍ଷାର୍ଥେ ସାହାଯ୍ୟ ପ୍ରାର୍ଥନା କରୁଥିଲା । ସେ ବୁଝିଲେ–ସେ ଯେପରି କହୁଛି, ଭାଇ କିଏ କେଉଁଠି ଅଛ, ମୋତେ ରକ୍ଷା କର । ତୁମେମାନେ ଯେଉଁ ପରମପିତାଙ୍କ ସନ୍ତାନ, ମୁଁ ମଧ୍ୟ ସେହି ପରମପିତାଙ୍କ ସନ୍ତାନ । ତୁମେମାନେ ମଣିଷ, ଆମମାନଙ୍କର ଜ୍ଞାନ ଓ ପ୍ରଜ୍ଞାସମ୍ପନ୍ନ ବଡ଼ଭାଇ । ଆଉ, ଆମେମାନେ ଜ୍ଞାନବୁଦ୍ଧିହୀନ ପଶୁ । କିନ୍ତୁ ତୁମମାନଙ୍କର ଓ ଆମମାନଙ୍କର ଦେହର ଶୋଣିତ ଏକ ପ୍ରକାର, ଏବଂ ଗୋଟିଏ ଭାବରେ ଶିରା ଧମନୀରେ ପ୍ରବାହିତ ; ଯନ୍ତ୍ରଣାବୋଧ, ପ୍ରାଣଭୟ, ଆହାରନିଦ୍ରା ଇତ୍ୟାଦି ଗୋଟିଏ ପ୍ରକାରରେ ଅନୁଭୂତ ହୋଇଥାଏ । ମୁଁ ପ୍ରାଣଭୟରେ ଭୀତ ଏବଂ ନିରାଶ୍ରିତ । ମୋତେ ରକ୍ଷା କର । ତୁମମାନଙ୍କ ଅପେକ୍ଷା କୌଣସି ପ୍ରବଳ

ଶକ୍ତି ବା ହିଂସ୍ରପଶୁ ତୁମମାନଙ୍କର ପ୍ରାଣବଧ କରିବା ପାଇଁ ଉଦ୍ୟତ ହେଲେ ତୁମମାନଙ୍କର ଯେପରି ପ୍ରାଣଭୟରେ ଅନ୍ୟ କୌଣସି ପ୍ରବଳର ନିକଟରେ ସାହାଯ୍ୟ ପ୍ରାର୍ଥନା କରିବାକୁ ଇଚ୍ଛା ହୁଏ, ପ୍ରାଣଟିକୁ ବଞ୍ଚାଇବା ପାଇଁ ଯେପରି ଇଚ୍ଛା ଓ ମନର ଅବସ୍ଥା ହୁଏ, ମୋର ମଧ୍ୟ ବର୍ତ୍ତମାନ ଠିକ୍ ସେହି ଅବସ୍ଥା ! ତୁମେମାନେ ଦୟା କରି ମୋର ଅବସ୍ଥା ବିବେଚନା କରି ଏହି ଦୁର୍ବଳକୁ ପ୍ରବଳର ହସ୍ତରୁ, ପ୍ରବଳର ଅତ୍ୟାଚାରରୁ ରକ୍ଷା କର । ପ୍ରାଣ ବଞ୍ଚାଅ । ତୁମମାନଙ୍କର ସମ୍ମୁଖରେ ତୁମମାନଙ୍କର କୌଣସି ସହୋଦରକୁ ଏହି ନିଶାକାଳରେ ଏପରି ନିରାଶ୍ରୟ ଅବସ୍ଥାରେ ଯଦି ଅନ୍ୟ କେହି ହତ୍ୟା କରିବାକୁ ଉଦ୍ୟତ ହୋଇଥାନ୍ତା, ତା'ହେଲେ କ'ଣ ଦାଦା, ତୁମେମାନେ ଉଦାସୀନଭାବେ ଚୁପ୍ କରି, ହୃଦୟ ପାଷାଣ ପରି କରି ନିଶ୍ଚିନ୍ତ ଓ ନିସ୍ପନ୍ଦ ରହି ପାରିଥାନ୍ତ ? କ'ଣ ସ୍ୱକର୍ଣ୍ଣରେ ତାହାର ହୃଦୟଭେଦୀ ଆର୍ତ୍ତନାଦ ଶ୍ରବଣ କରି ପାରିଥାନ୍ତ ? ଦଣ୍ଡାୟମାନ ହୋଇ ତାହାର ଦେହରୁ ଉତ୍ତମାଙ୍ଗର ବିଚ୍ଛିନ୍ନତି କ'ଣ ସ୍ୱଚକ୍ଷୁରେ ଦର୍ଶନ କରି ପାରିଥାନ୍ତ ? ଆଉ, ତୀର ବେଗରେ ବହି ଯାଇଥିବା ରୁଧିରର ଧାରା କ'ଣ ଦର୍ଶନ କରି ପାରିଥାନ୍ତ ? ତୁମର ବିବେକ, ତୁମର ଅନ୍ତରାତ୍ମା ସେହି କାର୍ଯ୍ୟରେ କ'ଣ ତୁମକୁ ପ୍ରତିକାରପରାୟଣ ନ କରି ରହିପାରନ୍ତା ?

ଏଇ ଦେଖ କରାଳମୂର୍ତ୍ତି ଘାତକର ଶାଣିତ ଖଡ୍‌ଗ ମୋର ଶିରୋପରି ଉତ୍ତୋଳିତ । ଆଉ ବେଶୀ ବିଳମ୍ବ ନାହିଁ । ଏଇ ଯେ ରୁଦ୍ରମୂର୍ତ୍ତି ଭୟାଳଭ୍ରାନ୍ତ ପାଧକ ମୋତେ ହତ୍ୟା କରିବାକୁ ପ୍ରସ୍ତୁତ ହୋଇଛି । ଦେଖ ଭାବିକରି ଦେଖ, ମୁଁ କିପରି ଶାନ୍ତଶିଷ୍ଟ, ଅନ୍ୟର ଅନୁପକାରୀ ନିର୍ଦ୍ଦୋଷୀ ଅଧମ ଜୀବ । କିପରି ସ୍ୱାଧୀନ ଭାବରେ ସ୍ୱଚ୍ଛନ୍ଦରେ ବନଜାତ ଶାକପତ୍ରୀ ଓ ଘାସ ଦ୍ୱାରା ଜୀବନ ରକ୍ଷା କରି ଉନ୍ମୁକ୍ତ ଅନନ୍ତ ଆକାଶତଳେ ବିଚରଣ କରୁଥିଲି, ଜନନୀର କ୍ରୋଡ଼ାଶ୍ରୟରେ ଅବସ୍ଥାନ କରୁଥିଲି । କି ଭୀଷଣ କଥା ! ସେହି ସ୍ନେହମୟୀ ଜନନୀର କ୍ରୋଡ଼ରୁ ସହସା ବଳପୂର୍ବକ ମୋତେ ବିଚ୍ଛିନ୍ନ କରିଅଛି । ଭାବିକରି ଦେଖ, ତୁମର ଗୋଟିଏ ସନ୍ତାନକୁ ହତ୍ୟା କରିବା ପାଇଁ ଏପରିଭାବରେ କେହି ବଳପୂର୍ବକ ଅପହରଣ କରିଲେ ବା ମାତୃକ୍ରୋଡ଼ଚ୍ୟୁତ କରିଲେ ପ୍ରାଣର କି ଅବସ୍ଥା ହୁଏ ? ଏହି ଭ୍ରାନ୍ତ ସାଧକ ଜାଣେ ନା ଯେ, ସେ ଯେଉଁ ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୋତେ ହତ୍ୟା କରିବାକୁ ଉଦ୍ୟତ ସେହି ମା ସେଥିରେ ସନ୍ତୁଷ୍ଟା ନୁହଁନ୍ତି । ସେ ଜାଣେନା ଯେ ମୁଁ ମଧ୍ୟ ତାହାରି ପରି ସେହି ଜଗଜ୍ଜନନୀଙ୍କର ଗୋଟିଏ ସନ୍ତାନ । ମାଆର କ'ଣ ଅଧମ ଦୁର୍ବଳ ସନ୍ତାନ ପ୍ରତି ସ୍ନେହମମତା କମ୍ ? କେବେହେଲେ ତାହା ନୁହେଁ । ମାଆ କ'ଣ କେବେ ସନ୍ତାନରକ୍ତଲୋଲୁପା, ସନ୍ତାନଗୁଣ୍ଠିରପାନାସକ୍ତା ? ରକ୍ତ କ'ଣ ମାଆର ଶ୍ରେୟ ପାନୀୟ ? ଆଉ ଜଗଜ୍ଜନନୀ କ'ଣ ପ୍ରକୃତରେ ମଣିଷ ନିକଟରେ ଭୋଜ୍ୟପାନୀୟ-ପ୍ରାର୍ଥୀ ? ଆହା ଅନ୍ଧ ମାନବ, ଜଗନ୍ମାତା ତୁମକୁ ସମସ୍ତ ପ୍ରଦାନ କରିଛନ୍ତି । ତୁମର ଆହାର ଯୋଗାଉଛନ୍ତି । ତୁମର ଜନ୍ମ ପୂର୍ବରୁ ତୁମର ଜନନୀର ରକ୍ତକୁ କ୍ଷୀର କରି ତୁମପାଇଁ ସଞ୍ଚିତ କରିଛନ୍ତି । ତୁମେ ଆଜି ଭ୍ରାନ୍ତିବଶତଃ ସେହି ଜଗତ୍‌ପାଳନକର୍ତ୍ତ୍ରୀଙ୍କୁ ତାଙ୍କରି ଦ୍ରବ୍ୟ, ଖାଦ୍ୟ-ଅଖାଦ୍ୟ ବିବେଚନାଶୂନ୍ୟ ହୋଇ ତାଙ୍କୁହିଁ ପ୍ରଦାନ କରିବାକୁ ଚାହ କେଉଁ ହିସାବରେ ? ତୁମେ କ'ଣ ପରମ ଦୟାମୟୀ ଜଗଜ୍ଜନନୀଙ୍କୁ ରୁଧିରପାନାସକ୍ତା ପିଶାଚୀରୂପେ ଜଗତରେ ପ୍ରଚାର କରିବାକୁ ଚାହ ? ତୁମେ ଚଣ୍ଡସାଧନାର ପ୍ରକୃତ ମର୍ମୋଦ୍‌ଘାଟନରେ ବର୍ତ୍ତମାନ ମଧ୍ୟ ସମର୍ଥ ହୋଇନାହଁ । ଯେ ପ୍ରକୃତ ଶକ୍ତି-ଉପାସକ ହେବ, ପ୍ରକୃତ ମାତୃଭକ୍ତ ହେବ, ସେ କ'ଣ କେବେ ନିଷ୍ଠୁର ନିର୍ମମ ହୋଇପାରେ ? ସେ ତ 'ମା' ନାମ କରିବାମାତ୍ରେ ଭକ୍ତିରସାର୍ଦ୍ର ହୃଦୟରେ, ଭକ୍ତିରସାପ୍ଲୁତଚିତ୍ତରେ ପ୍ରେମରେ ମିଳାଇଯିବ । ପ୍ରେମାଶ୍ରୁଧାରାରେ ଭାସୁଥିବ । ସେ-ଭକ୍ତର ହୃଦୟତ କୁସୁମାଦପି ସୁକୋମଳ । ସେ ତ ସର୍ବଜୀବରେ ଦୟାବାନ୍ । ସେ ତ

ଇଚ୍ଛାପୂର୍ବାଦିର ଯନ୍ତ୍ରଣା ବିଷୟ ମଧ୍ୟ ଅନୁଭବ କରିପାରେ ! ଜୀବହତ୍ୟା କରିଲେ କ'ଣ ବଳି ଦେବା ହୁଏ ? ଦଳିତ ଲୋକଙ୍କର ଉଦର ପରିତୃପ୍ତି ଦ୍ୱାରା ବାଧ୍ୟ କରାଇ ସ୍ୱାର୍ଥ-ସାଧନୋଦ୍ଦେଶ୍ୟରେ ଦେବତାଙ୍କ ନାମରେ ଜୀବହତ୍ୟା କ'ଣ ବଳି ? ଅଥବା ସ୍ୱାୟ ରସନା ଏବଂ ଉଦର ତୃପ୍ତି ପାଇଁ ବୃଥା ମା'ପ ଲୋଳନକରେନ କହି ଦେବତାଙ୍କ ନାମରେ ଜୀବହତ୍ୟା କ'ଣ ବଳି ? ସିଦ୍ଧ-ଶାକ୍ତ-ସାଧକଗଣ ଓ ମା'ଙ୍କର ପ୍ରକୃତ ଭକ୍ତଗଣ କହିଯାଇଛନ୍ତି– ''ସ୍ୱାର୍ଥ ଆର୍ କାମାଦିରେ ବଳି ଦାଓ ଅତଃପରେ ।'' ଯଦି ପ୍ରକୃତ ବଳି ଦେବାକୁ ହୁଏ ତେବେ ଅପରର ପ୍ରାଣସଂହାର ନ କରି ନିଜର ସ୍ୱାର୍ଥ ଆଉ କାମପ୍ରବୃତ୍ତିକୁ ବଳି ଦିଅ । ଦେଖାଯାଉ ତୁମେ କିପରି ବୀର, କିପରି ସାଧକ ! ହାୟ ଭ୍ରାନ୍ତ ସାଧକ ! ଯଦି ସତରେ ଜଗନ୍ମାତାଙ୍କୁ ଆରାଧନା କରିବା ତୁମର ଉଦ୍ଦେଶ୍ୟ ହୋଇଥାଏ, ତେବେ ଥରେ ତୁମର ହୃଦୟର ସେହି ମଣିକୋଠରେ ଅବସ୍ଥିତା ସେହି ବିଶ୍ୱଜନନୀଙ୍କୁ ଜିଜ୍ଞାସା କର, ତୁମର ଏହି ହତ୍ୟାକାର୍ଯ୍ୟରେ ସେ ପତୁଷ୍ଟା କି ଅପତୁଷ୍ଟା ? ସିଦ୍ଧ ସାଧକଙ୍କୁ ଓ ସଦ୍‌ଗୁରୁଙ୍କୁ ଜିଜ୍ଞାସା କର– ଏହି ପ୍ରଣାଳୀରେ ସାଧନକରି କିଏ କେତେ ସହଜରେ ସାଧନମାର୍ଗର କେତେ ଉଚ୍ଚସ୍ତର ଆରୋହଣ କରିବାକୁ ସମର୍ଥ ହୋଇଛନ୍ତି ? ଛାତିରେ ହାତ ରଖି କିଏ କହିପାରିବ କହୁ, ଯେ ପଶୁବଳି ଦ୍ୱାରାହିଁ ମାତୃଚରଣ ଲାଭ ହୋଇପାରେ ? ଶୁଣିନାହଁ କ'ଣ ସୁରଥ ରାଜାଙ୍କର ବଳିଦାନର ପ୍ରତିଫଳ ? ହାୟ-ହାୟ ! କାହା ନିକଟରେ କ'ଣ କହୁଛି ? ଏହା ଯେ ଅରଣ୍ୟରୋଦନ ! ହାୟ ଭଗବାନ ! ତୁମେ କେଉଁଠି, ମୋତେ ରକ୍ଷା କର । ଶତିହୀନ ସନ୍ତାନର ପ୍ରତି ତୁମର ଦୟା ତ କେବେହେଲେ କମ୍ ହୁଏ ନା ।

ଛାଗଶିଶୁର ଏହି ମର୍ମଭେଦୀ ଚିତ୍କାରଧ୍ୱନି ଶ୍ରୀଶ୍ରୀଠାକୁରଙ୍କର କର୍ଣ୍ଣକୁହରରେ ପ୍ରବେଶପୂର୍ବକ ତାଙ୍କ ପ୍ରାଣର ଅନ୍ତରତମ ପ୍ରଦେଶରେ ଆଘାତ କରି ତାଙ୍କୁ ଅଧୀର କରି ପକାଇଲା । ସେ ସ୍ଥିର ହୋଇ ରହିପାରିଲେ ନାହିଁ ।

ସେ ସନ୍ନ୍ୟାସୀ ନିକଟକୁ ଯାଇ ଅନେକ ଅନୁନୟ-ବିନୟ ଓ ମିନତି କରିବାକୁ ଲାଗିଲେ । କାତରଭାବରେ ପ୍ରାର୍ଥନା କରିବାକୁ ଲାଗିଲେ । ସେ କହିଲେ– ''ଦେଖନ୍ତୁ, ଏହା ଆପଣଙ୍କର ଯଜ୍ଞ । ଯଜ୍ଞରେ ବ୍ରାହ୍ମଣକୁ ଦାନ କରିବାର ବ୍ୟବସ୍ଥା ଅଛି । ବ୍ରାହ୍ମଣକୁ ଦାନ କରିବାକୁ ହୁଏ । ମୁଁ ଗୋଟିଏ ବ୍ରାହ୍ମଣର ପୁଅ, ମୋତେ ଗୋଟିଏ ଦାନ କରନ୍ତୁ ।'' ସନ୍ନ୍ୟାସୀ ରୋଷକଷାୟିତଲୋଚନରେ କହିଲେ– ''କ'ଣ ତୁମକୁ ଦାନ କରିବି ?'' ସେ କହିଲେ– ''ଆପଣ ଦୟାକରି ଏହି ଛାଗଶିଶୁଟିକୁ ମୋତେ ଦାନ କରନ୍ତୁ ।'' ସନ୍ନ୍ୟାସୀ କ୍ରୋଧାନ୍ୱିତ ହୋଇ ଭ୍ରୂକୁଟିପୂର୍ବକ କହିଲେ– ''ତା' ହେବ ନାହିଁ, ତୁମେ ଏଠାରୁ ଚାଲିଯାଅ ।''

ସେ କହିଲେ– ''ଦେଖନ୍ତୁ, ପଶୁବଳୀ ବ୍ୟତୀତ ତ ପୂଜା ହୋଇପାରେ । ଆପଣ ଦୟାକରି ଏହି ଛାଗଶିଶୁଟିକୁ ବଳି ନ ଦେଇ ଅନ୍ୟ ଉପସ୍କରରେ ବା ଅନ୍ୟ ପ୍ରଣାଳୀକ୍ରମେ ପୂଜା କରନ୍ତୁ ।'' ଏହା କହି ସେ ସନ୍ନ୍ୟାସୀ ନାମଧାରୀ ବ୍ୟକ୍ତିର ପଦଧାରଣ କରିଲେ । ସନ୍ନ୍ୟାସୀ କହିଲେ– ''ତା' ହେବ ନାହିଁ, ତୁମେ ଯାଅ ।'' ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ଜଣେ ଭକ୍ତ ଅନୁକୂଳ ବ୍ରହ୍ମଗ୍ୱରୀ ମହାଶୟ କହିଲେ ''ମହାଶୟ ! ଆଜି ଛାଗ ପରିବର୍ତ୍ତେ ମୋତେ ନରବଳି ଦିଆଯାଉ । ଯଦି ବଳି ଦେବାକୁ ହୁଏ ତେବେ ନରବଳି ତ ଶ୍ରେଷ୍ଠ । ଯଦି ସେଥିରେ ଆପଣଙ୍କର ଭୟ ହେଉଛି, ତେବେ ମୁଁ କହୁଛି ମୋର କେହି ନାହିଁ, ମୁଁ ବ୍ରହ୍ମଗ୍ୱରୀ, ଆପଣଙ୍କର ଖଡ୍‌ଗ ଖଣ୍ଡିକ ମୋତେ ଦିଅନ୍ତୁ, ମୁଁ ଏହି ଛାଗର ପରିବର୍ତ୍ତେ, ଯାହା ଲାଗି ମୋର ପରମାରାଧ୍ୟ ଠାକୁର ପ୍ରାଣରେ ବ୍ୟଥା ପାଇଲେ, ଆତ୍ମବଳି ଦେବି । ମୁଁ ନିଜକୁ ନିଜେ ସ୍ୱହସ୍ତରେ ବଳି ଦେବାକୁ ପ୍ରସ୍ତୁତ

ଲୋକଟି ସେଥିରେ ସମ୍ମତ ହେଲେ ନାହିଁ । ଇତ୍ୟବସରରେ ଶ୍ରୀଶ୍ରୀଜନନୀ ସେହି ସ୍ଥାନରେ ଉପସ୍ଥିତ ହୋଇ ଶ୍ରୀଶ୍ରୀଠାକୁରଙ୍କର ହସ୍ତଧାରଣ ପୂର୍ବକ ସତ୍‌ସଙ୍ଗବାଟୀକୁ ନେଇଗଲେ । ମାତୃଭକ୍ତ ଠାକୁର ମାତୃଆଜ୍ଞା ପାଳନାର୍ଥ ଫେରିଆସିଲେ ସତ, କିନ୍ତୁ ପ୍ରାଣ ଧୈର୍ଯ୍ୟଧାରଣ କରି ପାରିଲା ନାହିଁ । ସେ ଅସ୍ଥିରଭାବେ ଛଟପଟ ହୋଇ ଇତସ୍ତତଃ ଦୌଡ଼ିବାକୁ ଲାଗିଲେ । ସେହି ଘୋର ରାତ୍ରିରେ ସେ ଦୌଡ଼ିକରି ପ୍ରାୟ ଅର୍ଦ୍ଧକ୍ରୋଶ ଦୂରବର୍ତ୍ତୀ ଜମିଦାର ଶ୍ରୀଯୁକ୍ତ ବାବୁ ଯୋଗେଶଚନ୍ଦ୍ର ରାୟଚୌଧୁରୀ-ମହାଶୟଙ୍କ ଘରପର୍ଯ୍ୟନ୍ତ ମଧ୍ୟ ଥରେ ଘୁରି ଆସିଲେ । ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ଭକ୍ତ ନଫରଚନ୍ଦ୍ର ଘୋଷ ଶ୍ରୀଶ୍ରୀଠାକୁରଙ୍କର ଏହି ଅପହ୍ୟ ଯନ୍ତ୍ରଣା ଦେଖି ସ୍ଥିର ହୋଇ ରହି ପାରିଲେ ନାହିଁ । ସନ୍ନ୍ୟାସୀ ନିକଟରୁ ଛାଗଶିଶୁଟିକୁ ଆଣିବା ପାଇଁ ଶ୍ରୀଶ୍ରୀଜନନୀଙ୍କର ଅନୁମତି ପ୍ରାର୍ଥନା କରିଲେ । ଜନନୀ କହିଲେ– ''ଯଦି ବିବାଦ-ବିସମ୍ବାଦ ନ କରି ବା କୌଣସି ଗୋଳମାଳ ନ କରି ଆଣିପାର ତେବେ ଆଣ ।''

ଇଆଡ଼େ ସନ୍ନ୍ୟାସୀର ଆଦେଶରେ ପଚାଶ-ଷାଠିଏଜଣ ଲୋକ ଛାଗଟିର ପ୍ରହରାରେ ନିଯୁକ୍ତ । ସେମାନେ ଛାଗଶିଶୁଟିକୁ ଚକ୍ରାକାରରେ ବେଷ୍ଟନପୂର୍ବକ ଅବସ୍ଥାନ କରିଥିଲେ । ନଫରଚନ୍ଦ୍ର ''ଜୟଗୁରୁ'' କହି ହୁଙ୍କାର କରି ଏକ ଲମ୍ଫ ପ୍ରଦାନପୂର୍ବକ ସେମାନଙ୍କର ବ୍ୟୁହମଧ୍ୟରେ ଉପସ୍ଥିତ ହୋଇ ଛାଗଶିଶୁଟିକୁ କ୍ରୋଡ଼ରେ ତୋଳିନେଲେ, ଏବଂ ନୃତ୍ୟ କରିକରି ସତ୍‌ସଙ୍ଗବାଟୀକୁ ଚାଲି ଆସିଲେ । ସନ୍ନ୍ୟାସୀ ଓ ତାଙ୍କର ଲୋକମାନେ ସ୍ପନ୍ଦନହୀନବତ୍ ଅବସ୍ଥାନ କରିବାକୁ ଲାଗିଲେ । ସେମାନେ କେହି ମଧ୍ୟ ଭକ୍ତ ନଫରଚନ୍ଦ୍ରକୁ ପ୍ରତିରୋଧ କରିପାରିଲେ ନାହିଁ । ସନ୍ନ୍ୟାସୀ ସେତେବେଳେ ପୂଜା ନକରି ଭୟ ପ୍ରଦର୍ଶନ ଓ ଅଭିସମ୍ପାତ କରି ପ୍ରସ୍ଥାନ କଲେ । ସେ କହିଗଲେ– ''ମା'ଙ୍କର ପୂଜା ନଷ୍ଟ କଲେ, ସେମାନଙ୍କର ଆଉ ନିସ୍ତାର ନାହିଁ ।'' ଫଳରେ ନଫରଚନ୍ଦ୍ରର ସେଥିରେ କିଛି ହେଲାନାହିଁ । ସନ୍ତାନକୁ ରକ୍ଷା କରିଥିବାରୁ ପରମପିତା ନଫର ପ୍ରତି ମହାସନ୍ତୁଷ୍ଟ ହେଲେ । ଇତ୍ୟବସରରେ ଗ୍ରାମସ୍ଥ ବହୁଲୋକ ଶ୍ରୀଶ୍ରୀଠାକୁରଙ୍କ ଦୁଃଖରେ ଦୁଃଖିତ ହୋଇ ସେଠାକୁ ଆସିଥିଲେ । ଗୋଟିଏ ଗରିବ ଲୋକ ପାଇଁ ଏହି ପୂଜା ହେଉଥିଲା, ତାକୁ ଛାଗର ମୂଲ୍ୟାପେକ୍ଷା କିଛି ଅଧିକ ଅର୍ଥ ପ୍ରଦାନ କରାଯିବାରୁ ସେ ମହାଖୁସି ହେଲା ।

ଶ୍ରୀଶ୍ରୀଠାକୁର ଛାଗଶିଶୁଟିକୁ ଚୁମ୍ବନ କରି ମହାନନ୍ଦରେ ନୃତ୍ୟ କରିବାକୁ ଲାଗିଲେ । ଶ୍ରୀଶ୍ରୀଠାକୁରଙ୍କ ଇଚ୍ଛାନୁସାରେ ବର୍ତ୍ତମାନ ଅନେକ ସ୍ଥାନରେ ଶ୍ରୀଶ୍ରୀକାଳୀପୂଜାରେ ଓ ଶ୍ରୀଶ୍ରୀଦୁର୍ଗୋତ୍ସବରେ ''ଜୀବବଳି'' ବନ୍ଦ ହୋଇଛି ।

୧୪

ଶ୍ରୀଶ୍ରୀଠାକୁରଙ୍କ ଦେହରେ ଜ୍ୟୋତିଃ ଦର୍ଶନ

(୧)

ପାବନାର ଉଚ୍ଚ-ଇଂରାଜୀ-ବିଦ୍ୟାଳୟର ଚିତ୍ରାଙ୍କନ-ଶିକ୍ଷକ (ଡ୍ରଇଂ-ମାଷ୍ଟର) ଶ୍ରୀଯୁକ୍ତ ବାବୁ ବିଧୁଭୂଷଣ ସରକାର-ମହାଶୟ ଦିନେ କହିଲେ ଯେ, ସେ ଥରେ ରାତ୍ରିରେ କିଶୋରୀମୋହନଙ୍କ ଘରେ କୀର୍ତ୍ତନ ସାରି ନିଜ ଘରକୁ ଫେରିବା ସମୟରେ ଜଳାଶୟ ପାର୍ଶ୍ୱରେ ଦେଖିଲେ ସମ୍ମୁଖରେ

ଶ୍ରୀଶ୍ରୀଠାକୁର ଯାଉଛନ୍ତି। ସେହି ସମୟରେ ସେ ଶ୍ରୀଶ୍ରୀଠାକୁରଙ୍କ ପର୍ଣ୍ଣାଙ୍ଗରେ ଜହ୍ନ ପରି ଅଥଚ ତଦପେକ୍ଷା ଅଧିକତର ଉଜ୍ଜ୍ୱଳ ଜ୍ୟୋତିଃ ଦର୍ଶନ କରିଥିଲେ।

(୨)

ଦିନେ ଅପରାହ୍ନ ସମୟରେ ଶ୍ରୀଶ୍ରୀଠାକୁରଙ୍କ ପହିତ କାଶୀପୁରର ଜମିଦାର ଓ ଅନରାରୀ ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ବାବୁ ଯୋଗେଶଚନ୍ଦ୍ର ରାୟଚୌଧୁରୀ ମହାଶୟଙ୍କ ଘରକୁ ଯାଉଥିଲୁ। ସେ ପଶ୍ଚିମୁଖରେ ଏବଂ ମୁଁ ପଛରେ ତାଙ୍କର ଅନୁଗମନ କରୁଥିଲି। ଗୋଟିଏ ସ୍ଥାନରେ ବାଉଁଶବୁଦା ଛାଇରେ ଟାଙ୍କି ହୋଇଥିବା ଗଳି ମଧ୍ୟରେ ଦେଖିଲି—ପ୍ରତି ପଦକ୍ଷେପରେ ତାଙ୍କର ଜାନୁଦେଶର ନିମ୍ନଭାଗରୁ ବିଦ୍ୟୁତ୍-ଝଲକ ପରି ଜ୍ୟୋତିଃ ନିର୍ଗତ ହେଉଥିଲା। ଦେଖି ମନେ କଲି ମୋର ବହୁଦିନର ମନୋବାସନା ଆଜି ପୂର୍ଣ୍ଣ ହେଲା। ଶ୍ରୀଶ୍ରୀଠାକୁରଙ୍କ ଶରୀରରୁ ଆଜି ଜ୍ୟୋତିଃ ଦର୍ଶନ କରି ଧନ୍ୟ ହେଲି। ସେହିକ୍ଷଣି ଉକ୍ତ ଜ୍ୟୋତିଃ ଅଦୃଶ୍ୟ ହୋଇଗଲା। ପ୍ରାୟ ଦଶମିନିଟ୍ କାଳ ସେହି ଜ୍ୟୋତିଃ ନିର୍ଗତ ହୋଇଥିଲା।

(୩)

ଥରେ ରାତ୍ରିକାଳରେ ଦୁଇଜଣ ବିଦେଶୀ ଲୋକ ଶ୍ମିମରରେ ଯିବାପାଇଁ ସତ୍‌ସଙ୍ଗବାଟୀ-ସଂଲଗ୍ନ ରାସ୍ତା ଦେଇ ଯାଉଥିଲେ। ସତ୍‌ସଙ୍ଗବାଟୀର ଯେଉଁ ଘରେ ଶ୍ରୀଶ୍ରୀଠାକୁର ସେତେବେଳେ ଶୋଉଥିଲେ, ସେହି ଘରେ ନିଆଁଲାଗି ପୋଡ଼ିଯାଉଛି ମନେକରି ସେମାନେ "ନିଆଁ-ନିଆଁ" ବୋଲି ଚିତ୍କାର କରି ଉଠିଲେ। ସେମାନଙ୍କ ଚିତ୍କାର ଶୁଣି ସେଠାରେ ବହୁଲୋକ ଆସି ଉପସ୍ଥିତ ହେଲେ। ପାଖ ଘରେ ପଶ୍ଚିମଦେଶୀୟ ପରମାର୍ଥଭ୍ରାତା ଛତ୍ରିଲାଲ ଶୁକୁଲ ଥିଲେ। ସେମାନେ କିଛି ଦେଖି ପାରିଲେ ନାହିଁ। ସେତେବେଳେ ସେହି ଦୁଇଜଣ ଲୋକ ଘଟଣା କ'ଣ ବୁଝି ନ ପାରି ଭୟରେ କମ୍ପୁଥାନ୍ତି। ସେମାନେ କହିଲେ— "ଆମେ ରାସ୍ତାରେ ଯାଉଥିଲୁ, ଦେଖିଲୁ ଏହି ଘରର ଚାଳରେ ଓ ବାଡ଼ରେ ନିଆଁ ଜଳୁଥିଲା, ଝରକା ଓ ବାଡ଼ର ଫାଙ୍କ ଦେଇ ନିଆଁ ବାହାରି ଆସୁଥିଲା। ଆପଣମାନଙ୍କର ଆସିବା ସଙ୍ଗେ ସଙ୍ଗେ ନିଆଁ କେଉଁଆଡ଼େ ଗଲା! ଏ କି କାଣ୍ଡ କାରଖାନା!" ଏହି ଘଟଣାରେ ସେମାନେ ଏପରି ଭୀତବିହ୍ୱଳ ହୋଇପଡ଼ିଲେ ଯେ ସେହି ରାତ୍ରିରେ ଶ୍ମିମରଘାଟକୁ ଯିବାକୁ ସାହସୀ ହେଲେ ନାହିଁ। ପାଙ୍ଗରେ ଲୋକ ଦେଇ ସେମାନଙ୍କୁ ଗନ୍ତବ୍ୟ ସ୍ଥାନକୁ ପଠାଇ ଦିଆଗଲା। ସେହି କଥା କୌଣସି ଜଣେ ମହାପୁରୁଷଙ୍କୁ ପଚାରିବାରେ ସେ କହିଲେ— "ତାହା ଠାକୁରଙ୍କ ଅଙ୍ଗଜ୍ୟୋତିଃ।"

(୪)

୧୩୨୬ ସାଲର ବୈଶାଖ ମାସର ପ୍ରଥମରେ ଦିନେ ସନ୍ଧ୍ୟାପରେ ଭୟାନକ ଝଡ଼ ହେଉଥିଲା। ସୂଚ୍ୟଭେଦ୍ୟ ଅନ୍ଧକାରାଚ୍ଛନ୍ନ ରଜନୀ। ଶ୍ରୀଶ୍ରୀଠାକୁର ପଦ୍ମାନଦୀ ବାଲିଚର ଉପରେ ପଦଚାରଣା କରି ବୁଲୁଥିଲେ। ସେହି ଝଡ଼ ଓ ଅନ୍ଧକାରରେ ପଦ୍ମାର ବାଲିଚରରେ ସେ ଭ୍ରମଣ କରୁଛନ୍ତି ବୋଲି ଜାଣିପାରି ଜଣେ ମାତା ଚିତ୍କାର କରି କହିଲେ— "ବାବା ଖୁବ୍ ପବନ, ଘୋର ଅନ୍ଧକାର, ଆଶ୍ରମକୁ ଆସନ୍ତୁ।" ସେ କହିଲେ— "ତୁ ଯା, ମୁଁ ବର୍ତ୍ତମାନ ଯିବିନାହିଁ।" ରମଣୀ କହିଲେ— "ବାବା ଘରକୁ ଆସନ୍ତୁ, ବଡ଼ ଅନ୍ଧକାର, ଖୁବ୍ ଝଡ଼ ହେଉଛି, ଆପଣ ଘରକୁ ଆସନ୍ତୁ ବାବା।" ଏଥର ସେ କୌଣସି ଉତ୍ତର ଦେଲେ ନାହିଁ। ସେତେବେଳେ ଦେଖାଗଲା ଶ୍ରୀଶ୍ରୀଠାକୁରଙ୍କ ଶରୀରରୁ ଏକ ପ୍ରକାର

ଗୋଲାପୀ ରଙ୍ଗର ଆଲୋକ ବା ଜ୍ୟୋତିଃ ବାହାରି ବହୁଦୂର ପର୍ଯ୍ୟନ୍ତ ଚିତ୍ତାଡ଼ି ହୋଇପଡ଼ିଛି। ସେହି ଜ୍ୟୋତିଃ ଆକାଶରୁ ଭୂମି ପର୍ଯ୍ୟନ୍ତ ଏବଂ ପଦ୍ମାନଦୀର ଏପାରିରୁ ସେପାରି ପର୍ଯ୍ୟନ୍ତ ବିସ୍ତୃତ ହେଉଥିଲା। ସେହି ଆଲୋକରେ ଘର-ବାଡ଼ୀ, ରାସ୍ତାଘାଟ ଆଲୋକିତ ହୋଇ ସୁସ୍ପଷ୍ଟ ଦେଖାଯାଉଥିଲା। ସେହି ରମଣୀ ଶ୍ରୀଶ୍ରୀଠାକୁରଙ୍କ ଶରୀରରୁ ଏପରି ଆଲୋକ ବାହାରିବାର ଦେଖି ଚିତ୍କାର କରି ସମସ୍ତଙ୍କୁ ଡାକିବାକୁ ଲାଗିଲେ। ମହାରାଜ ଓ ଶ୍ରୀଯୁକ୍ତ ବାବୁ ଦୁର୍ଗାନାଥ ସାନ୍ୟାଲ୍-ମହାଶୟ ଚିତ୍କାର ଶୁଣି ସେହି ସ୍ଥାନକୁ ଯାଇ ସେ ଜ୍ୟୋତିଃ ଦର୍ଶନ କଲେ। ଆହୁରି କୌଣସି କୌଣସି ବ୍ୟକ୍ତି ଦୂରରୁ ସେହି ଆଲୋକ ଦର୍ଶନ କରିଥିବାର ପରେ ଜଣାଗଲା। ସେହି ଜ୍ୟୋତିଃ ପ୍ରାୟ ପନ୍ଦରମିନିଟ୍ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା। ଯେଉଁମାନେ ସେହି ଜ୍ୟୋତିଃ ଦର୍ଶନ କରିଥିଲେ ସେମାନେ ଆଶ୍ଚର୍ଯ୍ୟାନ୍ୱିତ ଓ ସ୍ତମ୍ଭିତ ହୋଇଥିଲେ। ପରଦିନ ଆମେମାନେ ହିମାଇତପୁର ଯାଇ ସେହି ଘଟଣାର ବିଷୟ ଜାଣିପାରିଲୁ।

୧୫

ସଶରୀରରେ ଚିଦ୍‌ଘନ ମୂର୍ତ୍ତିର ଦର୍ଶନପ୍ରାପ୍ତି

ଧନ୍ୟ ଭକ୍ତ! ଯାହାର ଐକାନ୍ତିକ ଆକର୍ଷଣ ଓ ଆକୁଳ ପ୍ରାର୍ଥନାରେ ସଶରୀରରେ ଦର୍ଶନ ଲାଭ ହୁଏ।

(୧)

ନଦୀୟା ଜିଲ୍ଲାର ଛୋଟପଡ଼ା ପୋଷ୍ଟଅଫିସ ଅଧୀନସ୍ଥ ଆମଲାବାଡ଼ୀ ଗ୍ରାମନିବାସୀ ଶ୍ରୀଯୁକ୍ତ ବାବୁ ଲଳିତମୋହନ ବସୁ-ମହାଶୟ ବରାଇଚାରା ଗ୍ରାମସ୍ଥ ଆମର ପୈତୃକ ଭଦ୍ରାସନ ଘରୁ ନିଜ ଗ୍ରାମର ନିଜ ଘରକୁ ଯାଉଥିଲେ। ଘୋର ମେଘାଚ୍ଛନ୍ନ ରଜନୀରେ ପୁବିପାର୍ଶ୍ୱ-ପ୍ରାନ୍ତର ମଧ୍ୟ ଦେଇ ତାହାଙ୍କୁ ଏକାକୀ ଯିବାକୁ ପଡ଼ିଥିଲା। କିଛିଦୂର ଯିବା ପରେ ସେ ଭୀତ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣ କରି କହିଲେ— "ଠାକୁର, କି ବିପଦରେ ପଡ଼ିଲି!" ସେହିକ୍ଷଣି ସେ ଦେଖିଲେ—ଶ୍ରୀଶ୍ରୀଠାକୁର ସଶରୀରରେ ସେହି ସ୍ଥାନରେ ଉପସ୍ଥିତ ହୋଇ ତାଙ୍କୁ କହିଲେ—"ଭୟ କ'ଣ ଦାଦା, ଚାଇ ମୁଁ ତୁମ ସହିତ ଯାଇ ଘରେ ଛାଡ଼ିଦେଇ ଆସେ।" ଏହିପରି ପ୍ରାୟ ଏକ ମାଇଲ ରାସ୍ତା ଉଭୟ ଗଳ୍ପ କରୁ କରୁ ଘରେ ପହଞ୍ଚିବା ପରେ ଶ୍ରୀଶ୍ରୀଠାକୁର ଅନ୍ତର୍ହିତ ହେଲେ। ସେତେବେଳେ ଲଳିତବାବୁ ବିସ୍ମୟରେ, ଆନନ୍ଦରେ ଓ ବିରହରେ ସ୍ତମ୍ଭୀଭୂତ ହୋଇ ପଡ଼ିଲେ। ତାହାପରେ ମଧ୍ୟ କିଛିଦିନ ତାଙ୍କର ସେହି ଆନନ୍ଦ-ବିହ୍ୱଳତା ଥିଲା।

(୨)

କୁଷ୍ଟିୟାର ଅଧୀନ କମଳାପୁର-ନିବାସୀ ଶ୍ରୀଯୁକ୍ତ ବାବୁ ଗିରୀନ୍ଦ୍ରଭୂଷଣ ବିଶ୍ୱାସ-ମହାଶୟ ଦିନେ ମୋର କୁଷ୍ଟିୟାର ଔଷଧାଳୟରେ ଉପସ୍ଥିତ ହୋଇ ଈଷତ୍ ବିଦ୍ରୂପାତ୍ମକ ବାକ୍ୟରେ କହିଲେ— "ଡାକ୍ତର-ଦା, ଘରେ ବସି ସଶରୀରରେ ଠାକୁରଙ୍କର ଦର୍ଶନ ଆପଣଙ୍କ ସ୍ୱୀକାର ହୁଏ, ଆମେ ପାଉନାହୁଁ କାହିଁକି? ଆମେମାନେ କ'ଣ କେହି ନୁହଁ।" ମୁଁ କହିଲି— "ଯେଉଁ ପତ୍ୟନାମ ଓ ସାଧନପ୍ରଣାଳୀ ପାଇଛ ସମସ୍ତ ଦିନ ତଦନୁସାରେ ଖୁବ୍ କାମ କର, ଆଉ ରାତିରେ ଯଦି କାନ୍ଦି କାନ୍ଦି ତକିଆ ତିନ୍ତେଇ ଦେଇ ପାରିବ ତେବେ ଦର୍ଶନ ପାଇପାର।" "ତାହାହିଁ କରିବି"— କହି ସେ

ଚର୍‌କ୍ଷଣାତ୍ ଘୋଡ଼ାରେ ଚଢ଼ି ଦ୍ରୁତ ବେଗରେ ଘୋଡ଼ା ଦଉଡ଼ାଇ ଘରକୁ ଚାଲିଗଲେ । ମୁଁ ଭାବିଲି— ''ହାୟ ମୁଁ କ'ଣ କଲି ! ଠିକ୍ ଯେ ଦେଖାପାଇବ ତାର ନିଶ୍ଚୟତା ବା କ'ଣ ? ବଡ଼ଲୋକର ପୁଅ, କିଶୋର ବୟସ, ମନର ଉଚ୍ଛୃଙ୍ଖଳତା ବର୍ତ୍ତମାନ ପୁଦ୍ଧା ଦୂର ହୋଇନାହିଁ । ଯଦି ପତକୁ ପତ ଯାହା ଯାହା କହିଲି ତାହା କରି ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ସଶରୀରରେ ଦର୍ଶନ ନ ପାଏ, ତାହାହେଲେ କେତେ ଅନର୍ଥ ଘଟାଇପାରେ ଜାଣେନା । ଅଭିମାନରେ ଆତ୍ମହତ୍ୟା କରିବା ମଧ୍ୟ ଆଶ୍ଚର୍ଯ୍ୟ କ'ଣ ? ସତେବେଳେ ମୁଁ ଭୟବିହ୍ୱଳ ହୋଇ ପ୍ରାର୍ଥନା କରିବାକୁ ଲାଗିଲି— ''ହେ ଦୟାମୟ, ନ ଭାବିଚିନ୍ତି ଅର୍ବାଚୀନଙ୍କ ପରି କାମ କଲି । ମୋର ଅପରାଧ ଦୟାକରି କ୍ଷମାକର । ଲଜ୍ଜାନିବାରଣ କର । ଗିରୀନ୍‌ଭାଇ ପ୍ରତି ଦୟାକର, ଲୋକସମାଜରେ ଯେପରି ମୁହଁ ଦେଖାଇପାରେ ତାର ଉପାୟ କର । ଗିରୀନ୍‌ଭାଇକୁ ମୁଁ ଯାହା କହିଛି ତାହା ଚ ନିଜର କୌଣସିପ୍ରକାର ସ୍ୱାର୍ଥବୁଦ୍ଧିବଶତଃ କହି ନାହିଁ । ତୁମର ସତ୍ୟନାମର ମହିମା ପ୍ରଚାରକରିବେ କହିଛି । ଆଉ କ'ଣ କହିବି ପ୍ରଭୁ ? ତୁମର ଇଚ୍ଛା ପୂର୍ଣ୍ଣ ହେଉ ।''

ଗିରୀନ୍‌ବାବୁ ଘରକୁ ଯାଇ ରାତ୍ରିରେ ଦୁଇମହଲା ଘର ଭିତରେ ଦ୍ୱାର ବନ୍ଦ କରି ପ୍ରାର୍ଥନା ସହକାରେ କାନ୍ଦିବାକୁ ଲାଗିଲେ । ସେ ଚିନି ଚାରିଘଣ୍ଟା ଅନବରତ ଅଶ୍ରୁବର୍ଷଣ ଓ କାତର ପ୍ରାର୍ଥନା କରୁ କରୁ ଦେଖିବାକୁ ପାଇଲେ ଶ୍ରୀଶ୍ରୀଠାକୁର ସଶରୀରରେ ତାଙ୍କ ନିକଟରେ ଉପସ୍ଥିତ । ସେ ଆନନ୍ଦିତ ହୋଇ ଠାକୁରଙ୍କ ସହିତ ବାକ୍ୟାଳାପ କଲେ, ଠାକୁର ମଧ୍ୟ ତାଙ୍କ ସହିତ ବାକ୍ୟାଳାପ କରୁ କରୁ ଅଦୃଶ୍ୟ ହେଲେ । ଗିରୀନ୍ଦ୍ରଭୂଷଣ ଆନନ୍ଦରେ ବିହ୍ୱଳଭାବେ ଅବସ୍ଥାନ କରିବାକୁ ଲାଗିଲେ । ସେତେବେଳେ ପ୍ରାୟ ରାତ୍ରି ବାରଟା, ତାଙ୍କ ମନରେ ଆଉ କୌଣସି ସନ୍ଦେହ ରହିଲା ନାହିଁ । ସେ କେତେ କ'ଣ ଭାବୁ ଭାବୁ ବହୁକ୍ଷଣ ପରେ ଶୋଇ ପଡିଲେ । ହଠାତ୍ ଶେଷ ରାତ୍ରିରେ ପ୍ରାୟ ଚାରିଟା ସମୟରେ ତାଙ୍କର ନିଦ ଭାଙ୍ଗିଗଲା । ସେତେବେଳେ ନାନାପ୍ରକାର ସନ୍ଦେହ ଜାଲରେ ବିଜଡ଼ିତ ହୋଇ ତାଙ୍କର ମନ ବଡ଼ ଚଞ୍ଚଳ ହୋଇ ଉଠିଲା । ସେ ଭାବିଲେ— ''ସେତେବେଳେ ଯେ ମୁଁ ଠାକୁରଙ୍କ ଦର୍ଶନ ପାଇଲି, ସେ ଘର ଭିତରକୁ ପ୍ରବେଶ କଲେ କିପରି ? ମୋ ଘରର କବାଟ, ଝରକା ପ୍ରଭୃତି ସମସ୍ତ ତ ବନ୍ଦ ଥିଲା । ତେବେ କ'ଣ ମୁଁ ଭେଳିକି ଦେଖୁଛି ? ନା ସ୍ୱପ୍ନ ଦେଖୁଛି ? ପୁଣି ଭାବିଲେ, ନା ସ୍ୱପ୍ନ ଦେଖିନାହିଁ, ଭେଳିକି ମଧ୍ୟ ଦେଖିନାହିଁ । ସେତେବେଳେ ତ ମୁଁ ସଜ୍ଞାନରେ ସୁସ୍ଥ ଶରୀରରେ ଜାଗ୍ରତ ଅବସ୍ଥାରେ ସ୍ୱଚକ୍ଷୁରେ ତାଙ୍କୁ ଦର୍ଶନ କରିଛି ଏବଂ କଥାବାର୍ତ୍ତା କରିଛି । ସେ ମଧ୍ୟ କଥାବାର୍ତ୍ତା କରିଛନ୍ତି ।'' ଏହା ଭାବୁ ଭାବୁ ଦୁଷ୍ଟ ମନ ପୁଣି ଅବିଶ୍ୱାସ କରି ବସିଲା, ସନ୍ଦେହ ଦୋଳିରେ ଦୋଦୁଲ୍ୟମାନ ହେବାକୁ ଲାଗିଲା । ସେତେବେଳେ ଗିରୀନ୍ଦ୍ରଭୂଷଣ ଭାବିଲେ—''ଥାଉ, ଏତେ ଭାବିବାର ଆଉ ଦରକାର ନାହିଁ । ମୁଁ ଦିନବେଳେ ଦର୍ଶନ ପାଏ କି ନା ଦେଖେଁ ।'' ଏହା କହି ସେ ସେହି ମୁହୂର୍ତ୍ତରୁ ସରଳ ଓ ବ୍ୟାକୁଳ-ହୃଦୟରେ, ସବିନୟରେ, କାତରଭାବରେ ଦର୍ଶନପ୍ରାପ୍ତି ଆଶାରେ କାନ୍ଦି କାନ୍ଦି ପ୍ରାର୍ଥନା କରିବାକୁ ଲାଗିଲେ । ଅଶ୍ରୁଜଳରେ ସତକୁ ସତ ତାଙ୍କର ତକିଆ ତିନ୍ତିଗଲା । ଭୋର ହେଲା । ସେ ଘରୁ ବାହାରିଲେ ନାହିଁ । ତାଙ୍କର କାତର କ୍ରନ୍ଦନ ଓ ପ୍ରାର୍ଥନା ଚାଲିବାକୁ ଲାଗିଲା । କ୍ରମେ ସକାଳ ଛଅଟା ହେଲା । ଦର୍ଶନ ପାଇଲେ ନାହିଁ । ସାତଟା ବାଜିଲା, ଦର୍ଶନ ଲାଭ ଘଟିଲା ନାହିଁ । ପରେ ଘଡ଼ିରେ ଢଂ ଢଂ କରି ଆଠଟା ମଧ୍ୟ ବାଜିଗଲା, ଏଥର ମଧ୍ୟ ଦର୍ଶନ ଲାଭ ହେଲା ନାହିଁ । ସେ ମଧ୍ୟ ଛାଡ଼ିବା ପାତ୍ର ନୁହଁନ୍ତି । ତାଙ୍କର ସାଧନା ତ୍ରୀବ୍ରବେଗରେ ଚାଲିବାକୁ ଲାଗିଲା । ବେଳ ଯେତେବେଳେ ନଅଟା ସତେବେଳେ ସେହି ଗୁହ୍ୟଦ୍ୱାର ଗୁହରେ ପ୍ରକାଶ୍ୟ ଦିବାଲୋକରେ ସେ ଶ୍ରୀଶ୍ରୀଠାକୁରଙ୍କୁ ସଶରୀରରେ ଦର୍ଶନ ପାଇ ଏବଂ ବାକ୍ୟାଳାପ ଶ୍ରବଣସୁଖଲାଭ କରି ନିଃସନ୍ଦେହ ଓ ଧନ୍ୟ ହୋଇ ଅପାର ଆନନ୍ଦ-ସାଗରରେ ଭାସମାନ ହେଲେ । ଧନ୍ୟ ଭକ୍ତ ! ବାହାଦୁରି କିନ୍ତୁ ତୁମରି ।

(୩)

ଏହିପରି ଭାବରେ ଗିରୀନ୍‌ଭାଇ ମହାନନ୍ଦରେ ଦିନ କଟାଇବାକୁ ଲାଗିଲେ । ଦିନେ ସେ ତାଙ୍କର କଲିକତାର ୧୦ ନମ୍ବର ନନ୍ଦଲାଲ ବସୁ ଲେନ୍‌ର ଘରେ ଅବସ୍ଥାନ କରୁଛନ୍ତି, ଏପରି ସମୟରେ ତାଙ୍କର ମନେହେଲା— ''କୁଣ୍ଡିୟାର ସତୀଶ ଡାକ୍ତରଙ୍କ ବସାଘରେ ସତୀଶଚନ୍ଦ୍ର ଗୋସ୍ୱାମୀ ପ୍ରଭୁ ଭୋଗ ନିବେଦନ କରିଦେଇଥିଲେ—ଆଉ ଶ୍ରୀଶ୍ରୀଠାକୁର ସତକୁ ସତ ସଶରୀରରେ ଆସି ବହୁ ଲୋକଙ୍କ ସମ୍ମୁଖରେ ସେହି ନିବେଦିତ ଖାଦ୍ୟଦ୍ରବ୍ୟ ଭୋଜନ କରିଥିଲେ । ମୁଁ ମଧ୍ୟ ଆଜି ଭୋଗ ନିବେଦନ କରି ଦେଖିବି ।'' ଏହା କହି ସେ ଦୁଇମହଲା ଘରେ ସମସ୍ତ କବାଟ ଝରକା ବନ୍ଦକରି ଶ୍ରୀଶ୍ରୀଠାକୁରଙ୍କ ଫଟୋମୂର୍ତ୍ତିର ସମ୍ମୁଖରେ ଦଶଖଣ୍ଡ ଲୁଚି ନିବେଦନ କରି ଧ୍ୟାନରେ ବସିଲେ । ଧ୍ୟାନ କରୁ କରୁ ସେ ମାନସନେତ୍ରରେ ଦେଖିବାକୁ ପାଇଲେ ଯେ ଶ୍ରୀଶ୍ରୀଠାକୁର ଭୋଜନ କରୁଛନ୍ତି । ସେହିକ୍ଷଣି ସେ ମନେ କଲେ— ''ସତରେ ଭୋଜନ କରୁଛନ୍ତି କି ନା ଖୋଲା ଆଖିରେ ଦର୍ଶନ ପାଇଲେ ମନରେ ବଡ଼ ସୁଖ ହୁଅନ୍ତା ।'' ସେ ଆଖି ଖୋଲି ଦେଖିଲେ ସତକୁ ସତ ଶ୍ରୀଶ୍ରୀଠାକୁର ଭୋଜନ କରୁଛନ୍ତି । ସେ ଆନନ୍ଦରେ ଅଧୀର ହୋଇ ଭାବିଲେ— ''ଠିକ୍ ତ ଦର୍ଶନ ପାଇଛି ।'' ସେହିକ୍ଷଣି ଶ୍ରୀଶ୍ରୀଠାକୁର ମୁରୁକି ହସି ଅନ୍ତର୍ହିତ ହେଲେ । ଗିରୀନ୍‌ବାବୁ କହିଲେ— ''ମୁଁ ଲୁଚି ଗଣନା କରି ଦେଖିବି ତେବେ ଛାଡ଼ିବି ।'' ଚହଁ ସେ ଗଣି ଦେଖିଲେ ଲୁଚି ଦୁଇ ଖଣ୍ଡ କମ୍ । ଦେଇଥିଲେ ଦଶ ଖଣ୍ଡ । ରହିଛି ଆଠ ଖଣ୍ଡ । ଘଟଣା କ'ଣ ? ''ଭକ୍ତ ଯିଏ ସେ-ହିଁ ଜାଣେ, ତୁମେ ଯାହାକୁ ଜଣାଅ ସେ-ହିଁ କେବଳ ଜାଣେ ।'' ''ବିଶ୍ୱାସେ ମିଳଇ ବସ୍ତୁ ତର୍କେ ବହୁଦୂର ।'' ''କୃଷ୍ଣ କିପରି ?'' ''ଯାହାର ମନରେ ଯେପରି ।''

(୪)

ଭକ୍ତ ଗିରୀନ୍‌ବାବୁଙ୍କ ଜେଠାଝିଅ ଭଉଣୀ ଦିନେ ଦିନବେଳାରେ ଦି'ମହଲା ଘର ଭିତରେ ଅପ୍ରତ୍ୟାଶିତ ଭାବରେ ଦେଖିଲେ, ଶ୍ରୀଶ୍ରୀଠାକୁର ସେଠାରେ ଉପସ୍ଥିତ ହୋଇ ତାଙ୍କୁ ଏହି ସତ୍ୟନାମ ଗ୍ରହଣ କରିବାକୁ କହିଲେ । କିନ୍ତୁ ବାସ୍ତବିକପକ୍ଷେ ସେ ସେତେବେଳେ ସେ-ଅଞ୍ଚଳରେ ନ ଥିଲେ ।

(୫)

୧୩୨୭ ସାଲ କାର୍ତ୍ତିକ ମାସର ମହାଷ୍ଟମୀ ଦିବସରେ ଶ୍ରୀଶ୍ରୀଠାକୁରଙ୍କ ସହିତ ଆମେମାନେ କଲିକତାର ୧/୧ ସି, ହରିତକୀବାଗାନ୍ ଲେନ୍‌ର ଘରେ ଅବସ୍ଥାନ କରୁଥାଉଁ । ବାଗ୍‌ବଜାରର ଶ୍ରୀଯୁକ୍ତା ଦୁର୍ଗାସୁନ୍ଦରୀ ଦେବୀ ଏଠାକୁ ଆସିଥାନ୍ତି । ଶ୍ୟାମବଜାରର ନ୍ୟାୟରତ୍ନ ଲେନ୍‌ର ବିଖ୍ୟାତ ଧନୀ ଗୃହିଣୀ..... ମାତା ଭକ୍ତ ଦୁର୍ଗାସୁନ୍ଦରୀ ଦେବୀଙ୍କୁ ନିମ୍ନଲିଖିତ ପତ୍ର ଲେଖି ଭୃତ୍ୟଦ୍ୱାରା ହରତକୀବାଗାନ୍‌ସ୍থ ଭବନକୁ ତାଙ୍କ ନିକଟକୁ ପଠାଇଲେ— ''ଦୁର୍ଗାଦିଦି, ମୁଁ ସେଠାକୁ ଯାଇ ଶ୍ରୀଶ୍ରୀଠାକୁରଙ୍କ ପାଦପଦ୍ମ ସ୍ପର୍ଶ କରି ମହାପ୍ରସାଦ ପାଇବି, ତାହା ମୋ ଭାଗ୍ୟରେ ଘଟିଲା ନାହିଁ । କାରଣ, ଦୟାଳ ଯେପରି ଚକ୍ରାନ୍ତ କରି ରଖିଛନ୍ତି ସେହି ଚକ୍ରରେ ପଡ଼ିଛି । ତେବେ ଆଜି କାଶୀମିତ୍ର ଘାଟରେ ଗଙ୍ଗାସ୍ନାନ କରିବାକୁ ଯାଇ ଶ୍ରୀଶ୍ରୀଠାକୁର ମୋ ସହିତ ବୁଢ଼ ପକାଇଲେ ସେହି ହସ ହସ ମୁଖରେ । ତାହାଦେଖି ମୁଁ ହସିବାକୁ ଲାଗିଲି । ମନେ କରୁଥାଏ ବନାରସୀ ଲୁଗାଖଣ୍ଡିଏ ଶ୍ରୀଶ୍ରୀଠାକୁରଙ୍କୁ ପିନ୍ଧାଇବି । କିନ୍ତୁ ଭିଡ଼ ଭିତରେ ଶ୍ରୀଶ୍ରୀଠାକୁର ଚାଲିଗଲେ, ଆଉ ଖୋଜି ପାଇଲି ନାହିଁ । ବୋଧହୁଏ, ଆଜି ସେଠାରେ ମହାମେଳା । ତେଣୁକରି ଏପରିଭାବରେ ଦେଖା ଦେଇ ମୋର ଯିବା ବନ୍ଦ କରିଦେଲେ । ତେବେ ମୋ ମନରେ ଆନନ୍ଦ ଅଛି । ପୁଣ୍ଡାଇର ସ୍ତ୍ରୀ କିପରି ଅଛି । ସ୍ୱୟଂ ଧନ୍ୱନ୍ତରୀ ରହିଛନ୍ତି, ଭାବନା

କ'ଣ ? ମିଷ୍ଟାନ୍ନ ଖୁଆଇବାର ଭାର ଆପଣଙ୍କ ଉପରେ, ଅଧୀନର ବାସନା ପୂରଣ କରିବେ । (ସ୍ୱାକ୍ଷର) ତୁମମାନଙ୍କର ଭଉଣୀ ବ୍ର..... ।" ପରେ ସେହି ମାତା ସମ୍ବାଦ ପାଇଲେ ଯେ ଶ୍ରୀଶ୍ରୀଠାକୁର ସେଦିନ ଗଙ୍ଗାଘାଟକୁ ଯାଇ ନାହାଁନ୍ତି । ଏପରିକି ଘରେ ମଧ୍ୟ ସ୍ନାନ କରି ନାହାଁନ୍ତି । ସମସ୍ତ ଦିନ ଘର ଭିତରେ ରହିଛନ୍ତି । ସେତେବେଳେ ସେହି ମାତା ସମସ୍ତ ଘଟଣା ବୁଝିଲେ ଏବଂ ନିଜର ମଟରଗାଡ଼ିରେ ଆସି ଆମମାନଙ୍କ ସକୁଖରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଲୋଟି ପଡ଼ିଲେ । ଯିଏ ଯେପରି ଭକ୍ତ, ଯାହାର ଯେପରି ସାଧନ ଓ ଭଜନର ତୀବ୍ରତା, ଯାହାର ବିଶ୍ୱାସ ଯେପରି ତାହାର ସେପରି ଲାଭ ।

(୬)

ପାବନା ନାଜିରପୁରର ଶ୍ରୀଯୁକ୍ତ ବାବୁ ଦୁର୍ଗାନାଥ ସାନ୍ୟାଲ୍-ମହାଶୟ ଦିନବେଳାରେ ନାମ କରି କରି ଯାଉଥିଲେ । ସେ ଖାଲି ଆଖିରେ ସ୍ପଷ୍ଟ ଦେଖିବାକୁ ପାଇଲେ ଶ୍ରୀଶ୍ରୀଠାକୁର ସଶରୀରରେ ତାଙ୍କ ସକୁଖରେ ଅଗ୍ରଗମନ କରୁଛନ୍ତି, ଏବଂ ମଝିରେ ମଝିରେ ମୁହଁ ବୁଲାଇ ତାଙ୍କୁ (ଦୁର୍ଗାନାଥବାବୁଙ୍କୁ) ଦେଖୁଛନ୍ତି, ପରେ ହଠାତ୍ ଅଦୃଶ୍ୟ ହୋଇଗଲେ । ଭକ୍ତ ନିକଟରେ ଅସମ୍ଭବ କିଛି ନୁହେଁ ।

(୭)

ଭକ୍ତ ଦୁର୍ଗାନାଥବାବୁ ଦିନେ ରାତିରେ ନିଦରେ ଶୋଇଥାନ୍ତି । ହଠାତ୍ ମଣିଷର କଣ୍ଠସ୍ୱରରେ ତାଙ୍କର ନିଦ ଭାଙ୍ଗିଗଲା । ସେ ସ୍ପଷ୍ଟ ଶୁଣିବାକୁ ପାଇଲେ, ଶ୍ରୀଶ୍ରୀଠାକୁର ତାଙ୍କୁ ଡାକୁଛନ୍ତି । ସେ ବାହାରକୁ ଆସି ଦେଖିଲେ, ଶ୍ରୀଶ୍ରୀଠାକୁର ଛିଡ଼ା ହୋଇଛନ୍ତି । ସେ ଦୁର୍ଗାନାଥବାବୁଙ୍କୁ କହିଲେ— "ମୋ ସହିତ ଆସନ୍ତୁ ।" ଦୁର୍ଗାନାଥବାବୁ ତାଙ୍କ ସାଙ୍ଗେ ସାଙ୍ଗେ ଚାଲିଲେ । ସେତେବେଳକୁ ରାତି ପ୍ରାୟ ଦୁଇଟା, ଜ୍ୟୋତ୍ସ୍ନାମୟୀ ରଜନୀ ଯେପରି ହସୁଥାଏ । ସେମାନେ ଦୁଇଜଣ ଗଳ୍ପ କରୁ କରୁ ପ୍ରାୟ ଏକକ୍ରୋଶ ପରିମିତ ପଥ ଅତିକ୍ରମ କରି ହିମାଇତପୁର ଠାକୁରବାଡ଼ୀରେ ଆସି ଉପସ୍ଥିତ ହେଲେ । ଆଶ୍ରମକୁ ଆସି ହଠାତ୍ ଠାକୁର ଅଦୃଶ୍ୟ ହୋଇଗଲେ । ସେତେବେଳେ ଦୁର୍ଗାନାଥବାବୁ ଜନନୀଙ୍କୁ ଡାକି ଏହି ସମସ୍ତ କଥା କହିଲେ । ଜନନୀ କହିଲେ— "ଦୁର୍ଗାନାଥ, ତୁମର ମୁଣ୍ଡ ଖରାପ ହୋଇଛି । ଏହି ତ ସେ (ଠାକୁର) ମୋ ପାଖରେ ଶୋଇଛି, ସେ ତ ଆଜି ରାତିରେ ଘରୁ କୌଣସି ସ୍ଥାନକୁ ଯାଇ ନାହିଁ ।" ଦୁର୍ଗାନାଥବାବୁ କହିଲେ— "ନା ମା, ମୋର ଭୁଲ୍ ହୋଇନାହିଁ ମା । ଠାକୁର ଆମ ଘରକୁ ଯାଇ ମୋତେ ଡାକି ନିଦରୁ ଉଠାଇ ମୋ ସହିତ ଗଳ୍ପ କରୁ କରୁ ଏଠାକୁ ଆସି ହଠାତ୍ କେଉଁଆଡ଼େ ଅଦୃଶ୍ୟ ହୋଇଗଲେ ।" ମା କହିଲେ— "ଏହି ତ ମୋ ପୁଅ ମୋ ନିକଟରେ ଶୋଇ ରହିଛି ।" ଦୁର୍ଗାନାଥବାବୁ ଦେଖିଲେ ସତକୁ ସତ ଠାକୁର ଜନନୀଙ୍କ ପାଖରେ ଶୋଇଛନ୍ତି । ତହିଁ ଦୁର୍ଗାନାଥବାବୁ କିଛିକ୍ଷଣ ସେଠାରେ ଆନନ୍ଦବିହ୍ୱଳ ଅବସ୍ଥାରେ ଅବସ୍ଥାନ କରି ଧ୍ୟାନ-ଜପ କରିବାକୁ ଲାଗିଲେ । କିଛି ସମୟ ପରେ ସେ ଧ୍ୟାନରେ ଦେଖିଲେ ଅଦ୍ଭୁତ ଅତ୍ୟଦ୍ଭୁତ ଜ୍ୟୋତିଃ ଓ ସହସ୍ରଦଳ ପଦ୍ମ । ପଦ୍ମ ଉପରେ ଶ୍ରୀଶ୍ରୀଠାକୁର ଉପବିଷ୍ଟ । କେତେବେଳେ ପଦ୍ମ ମଧ୍ୟରେ ବୁଡ଼ି ଯାଉଛନ୍ତି, କେତେବେଳେ ଭାସି ଉଠୁଛନ୍ତି । ବୁଡ଼ିଗଲେ ମଧ୍ୟ ମୁଖଦର୍ଶନ ହେଉଥିଲା । ଦୁର୍ଗାନାଥବାବୁ ସେହି ଅବସ୍ଥାରେ ରହି ଚରଣ-ଦର୍ଶନ ପ୍ରାର୍ଥନା କଲେ, ଚରଣ ଦୁଇଟି ପଦ୍ମ ପାଖୁଡ଼ା ଉପରେ ଦୃଷ୍ଟ ହେଲା । ତତ୍କ୍ଷଣାତ୍ ସେ ପଦ୍ମର ପାଖୁଡ଼ା ହଜାରେ କି ନା ଗଣିବାକୁ ଆରମ୍ଭ କଲେ । ସେହିକ୍ଷଣି ପଦ୍ମ ଅଦୃଶ୍ୟ ହୋଇଗଲା । ସେ ଏହି ପ୍ରକାର ଦୃଶ୍ୟର ଅଦର୍ଶନ ହେତୁ କାନ୍ଦିବାକୁ ଲାଗିଲେ ଏବଂ ପୁନର୍ବାର ସେହି ପଦ୍ମ ଦର୍ଶନ ନ ପାଇଲେ ଆତ୍ମହତ୍ୟା କରିବାକୁ ସଂକଳ୍ପ କଲେ । ତାହାପରେ ସେ ପୁନଶ୍ଚ ପଦ୍ମ ଦର୍ଶନ ପାଇ ଶାନ୍ତ ହୋଇଥିଲେ । ଅଘଟନ ଘଟାଇବାରେ ଏକମାତ୍ର ଭକ୍ତଙ୍କି ସମର୍ଥ ।

(୮)

ଚାଗ୍‌ବଜାରର ଶ୍ରୀଯୁକ୍ତ ବାବୁ ପାନ୍ନାଲାଲ ମୁଖାର୍ଜି—ମହାଶୟ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବା ଅଭିପ୍ରାୟରେ ସପରିବାରେ ହିମାଇତପୁରକୁ ଯାଇଥାନ୍ତି । ପାନ୍ନାବାବୁଙ୍କ ମାତାଠାକୁରାଣୀ ଏକାକିନୀ ଜଲିକତାର ଘରେ ରହିଛନ୍ତି । ଜଣେ ମାତ୍ର ଚାକର ପିଲା ଘରେ ଅଛି । ମାତା ଠାକୁରାଣୀ ଦିନେ ମଧ୍ୟରାତ୍ରିରେ ନିଦ ଭାଙ୍ଗି ଯିବାରୁ ଉଠିପଡ଼ିଲେ । ମନରେ ଭୟ ହେଲା । ଭାବିଲେ, କିପରି ଏହି ନୀରବ ନିସ୍ତବ୍ଧ ରାତ୍ରିରେ ଏକାକିନୀ ଏହି ଘରେ ବାସ କରିବି ? ଭୟ ହେଉଛି ଯେ ! ଏହିଭଳି ଚିନ୍ତାରେ କୌଣସିମତେ ନିଦ ଆସୁନାହିଁ । ଏପରି ସମୟରେ ଦେଖିଲେ ଶ୍ରୀଶ୍ରୀଠାକୁର ପାନ ପିଲାପରି ତାଙ୍କ ପାର୍ଶ୍ୱରେ ଶୟନ କରିଛନ୍ତି । ସେତେବେଳେ ଆଉ ଭୟ ରହିଲା ନାହିଁ । ସେତେବେଳେ କେବଳ ଅସୀମ ଅନିର୍ବଚନୀୟ ଅଫୁରନ୍ତ ଆନନ୍ଦ ।

୯

ମୟମନ୍‌ସିଂହ ଜିଲ୍ଲା ଅନ୍ତର୍ଗତ ମୁକ୍ତାଗାଛା ଉଚ୍ଚଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ (ହେଡ୍‌ମାଷ୍ଟର) ଶ୍ରୀଯୁକ୍ତ ବାବୁ ସୁରେନ୍ଦ୍ରନାଥ ଦାଶଗୁପ୍ତ ଇଂରାଜୀ ୧୯୨୨ ସାଲ ମେ ମାସର ପ୍ରଥମଭାଗରେ ଦିନେ ହାରମୋନିୟମ୍ ନେଇ ଜୟଦେବଙ୍କ ରଚିତ "ରତିସୁଖସାରେ ଗତମଭିସାରେ ମଦନମନୋହର ବେଶମ୍" ଗୀତଟି ଗାଇବାକୁ ଆରମ୍ଭ କରିଛନ୍ତି, ଏପରି ସମୟରେ ଦେଖିଲେ ଶ୍ରୀଶ୍ରୀଠାକୁରଙ୍କ ମୂର୍ତ୍ତି; ଆଉ ସେ ଯେପରି ସେହି ମୂର୍ତ୍ତିକୁ ପଦଦଳିତ କରି ଅପମାନିତ କରିଛନ୍ତି । ସେ ଚମକି ଉଠିଲେ, ଗୀତ ବନ୍ଦ ହୋଇଗଲା । ହାରମୋନିୟମ୍ ମଧ୍ୟ ବନ୍ଦ ହୋଇଗଲା । କିଛିକ୍ଷଣ ପରେ ଏହି ଦୃଶ୍ୟ ଅନ୍ତର୍ହିତ ହେଲା । ସେ ଭାବିଲେ ସେ ଯାହା ଦେଖିଲେ ତାହା ସତ୍ୟ ନା ପ୍ରହେଳିକା ? ସେ ତ କୌଣସି ଦିନ ସ୍ୱପ୍ନରେ ମଧ୍ୟ ତାଙ୍କୁ ଅଶ୍ରଦ୍ଧା କରି ନାହାଁନ୍ତି, ତାଙ୍କ ପ୍ରତି ଗଭୀର ଐକାନ୍ତିକ ଶ୍ରଦ୍ଧାଭକ୍ତି ଅଛି । ମନେ ମନେ ତାଙ୍କୁହିଁ ପୂଜା କରନ୍ତି । କାହିଁକି ସେ ସେହି ଦୃଶ୍ୟ ଦେଖିଲେ ? ସେ କ'ଣ କୌଣସି ଅପରାଧ କରିଛନ୍ତି ? ଇତ୍ୟାଦି ନାନା ପ୍ରକାର ଚିନ୍ତାପରେ ସେ ପୁନରାୟ ଗାଇବାକୁ ଆରମ୍ଭ କଲେ । ହାରମୋନିୟମ୍ ବାଜି ଉଠିଲା । ଦ୍ୱିତୀୟବାର ମଧ୍ୟ ଏହିପରି ଶ୍ରୀଶ୍ରୀଠାକୁରଙ୍କ ମୂର୍ତ୍ତି ସେହି ଅବସ୍ଥାରେ ଦେଖାଗଲା । ଗୀତ ବନ୍ଦ ହେଲା ଓ ବାଜଣା ମଧ୍ୟ ବନ୍ଦ ହେଲା । ସେତେବେଳେ ଇଷ୍ଟମୂର୍ତ୍ତି ମଧ୍ୟ ଅଦୃଶ୍ୟ ହୋଇଗଲେ । ସେ ନାନାପ୍ରକାର ଭାବି କିଛି ସ୍ଥିର କରି ନ ପାରି ତୃତୀୟବାର ସେହିପରି ଗାଇବାକୁ ଓ ବଜେଇବାକୁ ଆରମ୍ଭ କଲେ । ସେତେବେଳେ ପୁଣି ସେହିପରି ମୂର୍ତ୍ତି ଆହୁରି ସ୍ପଷ୍ଟ ଭାବରେ ତଦବସ୍ଥାରେ ଦେଖିବାକୁ ପାଇଲେ । ତେଣୁ ପୁନରାୟ ତାଙ୍କର ଗୀତ ବନ୍ଦହେଲା, ବାଜଣା ବନ୍ଦ ହେଲା । ତାଙ୍କ ମନରେ ଗଭୀର ଦୁଃଖ ହେଲା । ଭାବିଲେ—"ଏହି ଗୀତଟା ଗାଇବା କ'ଣ ଉଚିତ ନୁହେଁ ?" ଘଟଣାଟି ଏଥର ଆଉ ପ୍ରହେଳିକା ବୋଲି ମନେ କରି ପାରିଲେ ନାହିଁ । ତହିଁ ସେ ସାଶ୍ରୁନୟନରେ କାତର କଣ୍ଠରେ କହିବାକୁ ଲାଗିଲେ— "ହେ ଦେବ ! ମୁଁ ତ ତୁମକୁ ଗଭୀର ଶ୍ରଦ୍ଧା କରେ ।" ସେ ସ୍ପଷ୍ଟ ଉତ୍ତର ଶ୍ରବଣ କଲେ— "ହଁ କର ।" ସେ କହିଲେ —"ତେବେ କେଉଁ ପାପରୁ ମୋର ଏହି ଶାସ୍ତି ?" ଆଉ କୌଣସି ଉତ୍ତର ପାଇଲେ ନାହିଁ । ସେଥିରୁ ବୁଝିଲେ ସେହି ଗୀତଟି ଗାଇବା ଉଚିତ ନୁହେଁ । ସେ ବିପତ୍ନୀକ । ଏହାର କିଛିଦିନ ପରେ ସେ ହିମାଇତପୁର ଆସି ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲେ— "ଜୟଦେବଙ୍କ ଗୀତ ଗାଇବା ତାଙ୍କ ପକ୍ଷରେ ଉଚିତ କି ନା ?" ଶ୍ରୀଶ୍ରୀଠାକୁର କହିଲେ— "ନ କରିବାହିଁ ଭଲ । ଏ ଗୀତ ସବୁ ଅବସ୍ଥା ପାଇଁ ନୁହେଁ । ସେହି ଧରଣର କବି ଏବଂ ମହାପୁରୁଷଙ୍କ ଗୀତ ଆହୁରି ଅଧିକ ଶ୍ରେଷ୍ଠ । ସେଥିରେ ଆଦିରପର ଗନ୍ଧ ପୁଦ୍ଧା ନାହିଁ, ଅଥଚ ଈଶ୍ୱରବିରହର ଉଚ୍ଚଭାବ

ଅଛି।'' ଏହି ଘଟଣା ମୋତେ ଲେଖିବାକୁ ଯାଇ ସୁରେନ୍‌ବାବୁ ମୋତେ ଲେଖିଛନ୍ତି– ''ବିପଥରେ ଗଲେ ଯିଏ ବହୁଦୂରରୁ (ସେ ଚ ପର୍ବତ୍ର ଉପସ୍ଥିତ, ଆମେ ବୁଝି ପାରୁନା) ଆମ୍ଭମାନଙ୍କୁ ସାବଧାନ କରାନ୍ତି, କୌଣସି ଭ୍ରମସଙ୍କୁଳ ପଥରେ ଯିବାକୁ ଦିଅନ୍ତି ନାହିଁ, ତାଙ୍କୁ ମୁଁ କ'ଣ ବୋଲି କହିବି ? ଏପରି କରୁଣାମୟ ପୁରୁଷଙ୍କୁ ଶ୍ରୀଗୁରୁ, ପ୍ରାଣର ବନ୍ଧୁ, ନା ଅନ୍ତର୍ଯ୍ୟାମୀ ଭଗବାନ, ନା ମୋର ସର୍ବସ୍ୱ, କ'ଣ କହିବି ? କବି ଗାଇଛନ୍ତି :–

''କଲୁଷ କାମନା କୁତ୍ସିତ କାୟା କମନୀୟ ସାଜେ ଢାକି ।
ଆପାତ ମଧୁର ନରକର ପଥେ ଲୟେ ଯାୟ ଯବେ ଡାକି ॥

କେ ଥେକେ ଆଡ଼ାଲେ ଡେକେ-ଡେକେ ବଲେ ଓପଥେ ଯେଓ ନା କଭୁ ।
ଆମାର ହୃଦୟ-ଦେବତା ସେ ଯେ ଗୋ ଆମାର ପ୍ରାଣେର ପ୍ରଭୁ ॥''

ଏକ ସମୟରେ ଦୁଇସ୍ଥାନରେ ଉପସ୍ଥିତି

ପାବନା ଷ୍ଟିମରଘାଟର ନିକଟବର୍ତ୍ତୀ ଜଣେ ବ୍ୟକ୍ତିର (ଘୋଷ) ପ୍ରତ୍ୟହ ରାତ୍ରିରେ କୀର୍ତ୍ତନକୁ ଯିବାକୁ ଇଚ୍ଛା ହେଉଥାଏ । ସ୍ତ୍ରୀ ଗର୍ଭବତୀ, ତାକୁ ଏକାକିନୀ ରଖି ଯାଇ ପାରେ ନାହିଁ । ଏକଦିନ ରାତ୍ରିରେ ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ସେଠାକୁ ଯାଇ ତାଙ୍କ ସହିତ ପ୍ରାୟ ସାରାରାତ୍ରି କୀର୍ତ୍ତନ କରି ଶେଷ ରାତ୍ରିରେ ଘରକୁ ଫେରି ଆସି ସ୍ତ୍ରୀ ନିକଟରୁ ଶୁଣିଲା ଯେ ଶ୍ରୀଶ୍ରୀଠାକୁର ରାତ୍ରିରେ ଆସି ତାଙ୍କର ସ୍ତ୍ରୀକୁ ପହରା ଦେଇଛନ୍ତି ଏବଂ ବାକ୍ୟାଳାପ କରିଛନ୍ତି । ସ୍ୱାମୀ କହିଲା– ଠାକୁର ଆସିନାହାନ୍ତି, ମୁଁ ତାଙ୍କ ସହିତ କୀର୍ତ୍ତନ କରିଛି ।'' ସ୍ତ୍ରୀ କହିଲା– ''ସେ କୀର୍ତ୍ତନରେ ନଥିଲେ, ଏଠାରେ ଥିଲେ ।'' ପରେ ସେମାନେ ବୁଝିପାରିଲେ ଯେ ସେ ଉଭୟସ୍ଥାନରେ ଏକ ସମୟରେ ଉପସ୍ଥିତ ଥିଲେ । ଏହି ଘଟଣାର ସମ୍ବାଦ ପାଇ ମୁଁ ଅନୁସନ୍ଧାନାର୍ଥେ କେତେଜଣ ଭଦ୍ରଲୋକଙ୍କୁ ସଙ୍ଗରେ ନେଇ ସେମାନଙ୍କ ଘରେ ଉପସ୍ଥିତ ହେବାରୁ ସେମାନେ ସ୍ୱାମୀ-ସ୍ତ୍ରୀ ଉଭୟେ ଉପରୋକ୍ତ ପ୍ରକାରେ ବର୍ଣ୍ଣନା କଲେ ।

ଏହିପରି ଆଉ ଗୋଟିଏ ହୃଷ୍ଟ ଘଟଣା କୌଣସି ଏକ ବିଶିଷ୍ଟ ବ୍ୟକ୍ତିଙ୍କ ଘରେ ହୋଇଥିଲା । ଅନ୍ୟ ଘଟଣା ସହିତ ସେ କଥା ଅନ୍ୟତ୍ର ବର୍ଣ୍ଣିତ ହୋଇଛି ।

ଯହିଁ ଯହିଁ ଦୃଷ୍ଟି ପଡ଼େ ତହିଁ ତହିଁ ଇଷ୍ଟସ୍ଫୁରେ

ଚନ୍ଦନ ସିଂ ନାମକ ଜଣେ ପଞ୍ଜାବୀ ଶିଖ୍ ଏହି ସତ୍ୟନାମ ଗ୍ରହଣ କରି ଏହି ପ୍ରଣାଳୀମତେ ସାଧନ କରୁ କରୁ ବିଶେଷ ଉପଲବ୍ଧି ଲାଭ କରିଥିଲା । ୧୩୨୬ ସାଲର ମାଘ ମାସରେ ସେ ସତ୍ୟନାମ ଗ୍ରହଣ କରିଥିଲା । ୧୩୨୮ ସାଲର ବୈଶାଖ ମାସର ପ୍ରଥମ ଭାଗରେ ଦିନେ ରାତ୍ରିରେ ସେ କିଶୋରୀମୋହନଙ୍କ ଘରଠାରୁ ପରିଷ୍କାର ଜ୍ୟୋତ୍ସ୍ନାଲୋକରେ ସତ୍‌ସଙ୍ଗବାଟୀକୁ ଆଗମନ କରି ପ୍ରସ୍ରାବ କରିବାକୁ ବସିଲା । କିନ୍ତି ପ୍ରସ୍ରାବ ନିର୍ଗତ ହୋଇନାହିଁ ଏପରି ସମୟରେ ଦେଖିଲା ଶ୍ରୀଶ୍ରୀଠାକୁର ତାର ଠିକ୍ ସମ୍ମୁଖରେ । ସେହିକ୍ଷଣି ପ୍ରସ୍ରାବ ବନ୍ଦ କରି ଲମ୍ଫପ୍ରଦାନ ପୂର୍ବକ ଅନ୍ୟତ୍ର ଗମନ କରିଲା । ଆଉ ପ୍ରସ୍ରାବ କରି ପାରିଲା ନାହିଁ । ସେତେବେଳେ ସେ ଯେଉଁଆଡ଼େ ଦୃଷ୍ଟିପାତ କଲା, ଗୃହ, ଲତା, ମାଟି, ବୃକ୍ଷ, ପଦ୍ମାନଦୀ ଏବଂ ଆକାଶରେ ସର୍ବତ୍ର ଶ୍ରୀଶ୍ରୀଠାକୁରଙ୍କ ମୂର୍ତ୍ତି ଦେଖିବାକୁ ପାଇଲା ।

କଲିକତାର ବାରିଷ୍ଟର ଜେ.ଏନ୍. ଦତ୍ତ-ମହାଶୟଙ୍କ ସ୍ତ୍ରୀ ପ୍ରାୟ ସଦାସର୍ବଦା ସର୍ବତ୍ର ଶ୍ରୀଶ୍ରୀଠାକୁରଙ୍କ ମୂର୍ତ୍ତି ଦର୍ଶନ କରୁଥିଲେ । ଅନ୍ୟ ଅଧ୍ୟାୟରେ ଏ ବିଷୟ ବର୍ଣ୍ଣିତ ହୋଇଅଛି ।

ସ୍ଥୂଳଦେହରେ ଦର୍ଶନପ୍ରାପ୍ତି : ନିବେଦିତ ଭୋଜ୍ୟ ଭୋଜନ

ସତୀଶଚନ୍ଦ୍ର ଗୋସ୍ୱାମୀପ୍ରଭୁ ଦିନେ କହିଲେ ଯେ ସେ କୌଣସି ସ୍ଥାନରେ ଅତ୍ୟନ୍ତ ଆକୁଳତାର ସହିତ ଭୋଗ ନିବେଦନ କରି ଦେଖିଛନ୍ତି ଶ୍ରୀଶ୍ରୀଠାକୁର ସ୍ୱୟଂ ତାହା ଜାଣିପାରି ସେହି ସ୍ଥାନରେ ଉପସ୍ଥିତ ହୋଇ ସେହି ନିବେଦିତ ଭୋଗ ଗ୍ରହଣ କରିଛନ୍ତି । ମୁଁ କହିଲି– ''ଶ୍ରୀଶ୍ରୀଠାକୁର ଯେ ଖୁବ୍ ଅନ୍ତର୍ଯ୍ୟାମୀ ତାହାର ଯଥେଷ୍ଟ ପ୍ରମାଣ ମୁଁ ପାଇଛି, କିନ୍ତୁ ଆପଣ ଦିନେ ଦୟାକରି ଏହିଭଳି ଭୋଗ ନିବେଦନ କରି ତାଙ୍କୁ ଏଠାକୁ ଆକର୍ଷଣପୂର୍ବକ ଭୋଜନ କରାଇ ଆମ୍ଭମାନଙ୍କୁ ଧନ୍ୟ କରାନ୍ତୁ ।'' ସେ କହିଲେ– ''ମୋତେ ଯଦି କୀର୍ତ୍ତନରେ ପାଗଳ କରିଦେଇ ପାରନ୍ତି, ଆଉ ସେହି ଅବସ୍ଥାରେ ମୋ'ଦ୍ୱାରା ଭୋଗ ନିବେଦନ କରାଇ ଦେଇପାରନ୍ତି, ତା'ହେଲେ ହୋଇପାରେ ।'' ଦିନେ ସେହିପରି କରାଗଲା । ଖୁବ୍ କୀର୍ତ୍ତନ ଚାଲିବାକୁ ଲାଗିଲା, ଗୋସ୍ୱାମୀପ୍ରଭୁ କୀର୍ତ୍ତନରେ ପାଗଳ ପରି ହୋଇପଡ଼ିଲେ । ଖେଚୁଡ଼ି-ଅନ୍ନ ପ୍ରସ୍ତୁତ କରିବାକୁ କହିଲେ । ତାହାହିଁ କରାଗଲା । ସେ ଭାବାବେଶରେ ଦୋଳାୟମାନ ଅବସ୍ଥାରେ ଆସି ଭୋଗ ନିବେଦନ କଲେ । ପ୍ରାୟ ଦୁଇଘଣ୍ଟା ଅତୀତ ହୋଇଗଲା, ଠାକୁର ଆସୁନାହାନ୍ତି, ନିବେଦିତ ବସ୍ତୁ ମଧ୍ୟ ଗ୍ରହଣ କରୁ ନାହାଁନ୍ତି, ଆମେମାନେ କହିଲୁ– ''ପ୍ରଭୁ, ଆପଣଙ୍କ ଠାକୁର ଆସିଲେ ନାହିଁ କି ଭୋଗ ଗ୍ରହଣ କଲେ ନାହିଁ, ଆମ୍ଭମାନଙ୍କୁ କ୍ଷୁଧା ଲାଗିଲାଣି, ଏବେ ପ୍ରସାଦ ଦିଅନ୍ତୁ ।'' ସେ କହିଲେ –''ସେ ଯଦି ନ ଆସନ୍ତି, ଏବଂ ଏହି ନିବେଦିତ ଭୋଗ ମଧ୍ୟ ଗ୍ରହଣ ନ କରନ୍ତି, ତଥାପି ମୁଁ ଅବିଶ୍ୱାସ କରି ପାରିବି ନାହିଁ । ତା'ହେଲେ ଜାଣିବି ମୋର ନିବେଦନରେ ନିଶ୍ଚୟ କୌଣସି ତ୍ରୁଟି ହୋଇଛି । ଯାହାହେଉ, ଏହି ଭୋଗର ଅଗ୍ରଭାଗ କାହାରିକୁ ଦେବି ନାହିଁ । ଅଗ୍ରଭାବ କିୟଦଂଶ ରଖିଦିଏ, ପରେ ଆପଣମାନେ ପ୍ରସାଦ ଗ୍ରହଣ କରନ୍ତୁ । ମୋର ବିଶ୍ୱାସ– ସେ ଆସିବେ, ଏବଂ ଏହି ଭୋଗର ଦ୍ରବ୍ୟ ଭୋଜନ କରିବେ ।'' ସେତେବେଳେ ତାହାହିଁ କରାଗଲା । ସେହି ଅନ୍ନର ଅଗ୍ରଭାଗ କିୟଦଂଶ ରଖିଦେଇ କୁଷ୍ଟିୟାର ଗୋକୁଳବାବୁ, ଓକିଲ ପ୍ରଫୁଲ୍ଲବାବୁ ଏବଂ ଅନେକ ଗଣ୍ୟମାନ୍ୟ ଭଦ୍ରଲୋକଙ୍କୁ ପ୍ରସାଦ ଭୋଜନ ନିମନ୍ତେ, ବସାଇ ଦିଆଗଲା । ଆମର ପ୍ରସାଦ ସେବନ ପ୍ରାୟ ଶେଷ ହୋଇଛି ଏପରି ସମୟରେ ଶ୍ରୀଶ୍ରୀଠାକୁର, ମହାରାଜ, କିଶୋରୀମୋହନ, ଆହୁରି ୨।୩ ଜଣ ଭକ୍ତଙ୍କ ସହିତ ସେଠାକୁ ଆଗମନପୂର୍ବକ ଗୋସ୍ୱାମୀପ୍ରଭୁଙ୍କ ଦ୍ୱାରା ନିବେଦିତ ସେହି ଖେଚୁଡ଼ି-ଅନ୍ନ ଭୋଜନ କରି ଆମ୍ଭମାନଙ୍କୁ ଧନ୍ୟ ଓ କୃତାର୍ଥ କଲେ । ମାଘ ମାସର ସେହି ଶୀତରେ ରାତି ଦଶଟା ସମୟରେ ସେମାନଙ୍କର କୁଷ୍ଟିୟା ଆଗମନ କରିବାର କୌଣସି ସମ୍ଭାବନା ବା ବନ୍ଦୋବସ୍ତ ନ ଥିଲା । ହଠାତ୍ ସେମାନେ ପଦ୍ମା ଓ ଗଡ଼ାଇ ଦୁଇଟି ନଦୀ ପାରି ହୋଇ ପ୍ରାୟ ଦଶମାଇଲ ପଥ ପଦବ୍ରଜରେ ଅତିକ୍ରମ କରି ଗୋସ୍ୱାମୀପ୍ରଭୁଙ୍କ ନିବାସକୁ ଆଗମନ କରିଥିଲେ । ସେମାନଙ୍କ ସହିତ ଶ୍ରୀଯୁକ୍ତ ଯଦୁନାଥ ପାଲ୍ ନାମକ ଜଣେ ଅପରିଚିତ ନୂତନ ବ୍ୟକ୍ତି ଥିଲେ । ତାଙ୍କୁ ଜିଜ୍ଞାସା କରିବାକୁ ତାଙ୍କ ନିକଟରୁ ନିମ୍ନୋକ୍ତ ଘଟଣା ଜଣା ପଡ଼ିଲା । ସେ କହିଲେ– ''ସତ୍‌ସଙ୍ଗ ଆଶ୍ରମବାଟୀଠାରେ ସମସ୍ତେ ସମବେତ ହୋଇ ସଦାଲୋଚନା ହେଉଥିଲା ; କ୍ରମେ ରାତି ହୋଇ ଆସିଲା, ଅବଶେଷରେ ରାତି ଆଠଟା ସମୟରେ ଶ୍ରୀଶ୍ରୀଠାକୁର କହିଲେ– 'ସ୍ମଲ ଭାଇ, ଥରେ କୁଷ୍ଟିୟା ଯିବା । ଏହିକ୍ଷଣି ଯିବି, ଚାଲ ।' ଏପରି କହି ସେ ବିଶେଷ ଅନୁରୋଧ କରି ସେମାନଙ୍କୁ ସାଙ୍ଗରେ ନେଇ ଏଠାକୁ ଆସିଛନ୍ତି । ସେହି ସମୟରେ ଏତେ

ରାତିରେ ନଦୀ ପାରି ହେବାକୁ ଘାଟରେ ନୌକା ନ ଥାଏ; କିନ୍ତୁ ଆଶ୍‌ଚର୍ଯ୍ୟର ବିଷୟ ଏହି ଯେ ଉଭୟ ନଦୀରେ ସେହି ଅସମୟରେ ଘାଟନୌକାଟି ପଡେ ଯେପରି ସେମାନଙ୍କ ପାଇଁ ପ୍ରସ୍ତୁତ ଥିଲା । ସେହି ରାତ୍ରିରେ ଏତେ ଦ୍ରୁତ ଗତିରେ ଠାକୁର ସ୍ୱୟଂ ସେହି ପଥ ଅତିକ୍ରମ କରିଥିଲେ ଯେ ସଙ୍ଗୀଗଣଙ୍କୁ ତାଙ୍କ ସହିତ ଦୌଡ଼ି ଦୌଡ଼ି ଚାଲିବାକୁ ପଡ଼ିଥିଲା । ଅବଶେଷରେ ଏପରି ହେଲା ଯେ କେହି ତାଙ୍କୁ ଆଉ ଦେଖି ପାରିଲେ ନାହିଁ । କେବଳ ମାତ୍ର ଦୂରରୁ ଶୁଣି ପାରିଲେ, ସେ ଥରେ ଥରେ କହୁଛନ୍ତି– ''ଆସ ।'' ସେଦିନ ଥିଲା ଜ୍ୟୋତ୍ସ୍ନାରାତ୍ରି । ସେହି ଶବ୍ଦ ଶ୍ରବଣ କରି ସମସ୍ତେ ତାଙ୍କ ପଶ୍‌ଚାତରେ ଦ୍ରୁତ ବେଗରେ ଧାବିତ ହୋଇଥିଲେ । ପ୍ରତ୍ୟକ୍ଷଦର୍ଶୀ ବ୍ୟତୀତ ଏ ଘଟଣା ବିଶ୍ୱାସ କରିବା ଅତ୍ୟନ୍ତ କଠିନ କଥା, ତେବେ ଏଭଳି ଘଟଣା ଆଧ୍ୟାତ୍ମିକତାର ଆକରସ୍ୱରୂପ ଭାରତବର୍ଷରେ ବା ବଙ୍ଗଦେଶରେ ବିରଳ ନୁହେଁ । ଭକ୍ତମାଳ ଗ୍ରନ୍ଥରେ କେତେ ଅଲୌକିକ ଘଟଣା ପ୍ରକାଶ ପାଇଛି । ସାଧକମାନଙ୍କ ମୁଖରୁ କେତେ ଅଦ୍ଭୁତ ଘଟଣା ଶୁଣିବାକୁ ମିଳେ, ସରଳ ବିଶ୍ୱାସୀ ହୃଦୟ ବ୍ୟତୀତ ସାଧାରଣଜ୍ଞାନ ବା ଯୁକ୍ତିତର୍କ ଦ୍ୱାରା ଘଟଣା ଗୁଡ଼ିକ ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ସେଗୁଡିକ ସତ୍ୟ । ଅତୀତ ପ୍ରତି ସନ୍ଧାନପ୍ରଦର୍ଶନ ଓ ବିଶ୍ୱାସ ସ୍ଥାପନ କରିବା ଆମ୍ଭମାନଙ୍କ ପକ୍ଷରେ ସ୍ୱାଭାବିକ । ତେଣୁ ସେହି ସବୁ ଅତୀତର ଅଦ୍ଭୁତ କାହାଣୀ ବିଶ୍ୱାସ କରିବାକୁ ଆମ୍ଭମାନଙ୍କର ପ୍ରବୃତ୍ତି ହୁଏ । ବର୍ତ୍ତମାନ କାଳରେ ସେହିଭଳି କୌଣସି ପ୍ରତ୍ୟକ୍ଷ ସତ୍ୟ ଘଟଣା ମଧ୍ୟ ବିଶ୍ୱାସ କରିବାକୁ ସହଜରେ ଅନେକଙ୍କର ପ୍ରବୃତ୍ତି ହୁଏ ନାହିଁ ସତ, କିନ୍ତୁ ସତ୍ୟ ଘଟଣା, ସତ୍ୟର ଅପଳାପ ଭୟରେ ପ୍ରକାଶ ନ କରି ରହି ହୁଏ ନାହିଁ।

(୨)

ଦିନେ ପ୍ରାତଃକାଳରେ କୁଷ୍ଟିୟାଠାରେ ଶ୍ରୀଶ୍ରୀଠାକୁର ମୋତେ କହିଲେ –''ଆମେମାନେ ଆଜି ଖୋକସା ଯିବୁ, ଆପଣ ପ୍ରସ୍ତୁତ ହୁଅନ୍ତୁ''। ତତ୍ରତ୍ୟ ତଦାନୀନ୍ତନ ସବ୍‌ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ରାୟସାହେବ ଭୂପେନ୍ଦ୍ରନାଥ ମୁଖାର୍ଜି ମହାଶୟଙ୍କ ସହିତ ସାକ୍ଷାତ କରି ଆସେ ବୋଲି କହି ମୁଁ ତାଙ୍କର ବଙ୍ଗଳାକୁ ଚାଲିଗଲି । ଅତି ଅଳ୍ପ ସମୟ ପରେ ଖୋକସା ଉଚ୍ଚ ଇଂରାଜୀ ବିଦ୍ୟାଳୟର ହେଡ୍‌ମାଷ୍ଟର ଶ୍ରୀଯୁକ୍ତ ବାବୁ ଯୋଗେନ୍ଦ୍ରନାଥ ସରକାର ଏମ୍.ଏ., ବି.ଏଲ୍. ମହାଶୟ ସେଠାରେ ଉପସ୍ଥିତ ହୋଇ ମୋତେ କହିଲେ– ''ଆପଣ ଶୀଘ୍ର ଆସନ୍ତୁ, ଶ୍ରୀଶ୍ରୀଠାକୁର ରାସ୍ତା ଉପରେ ଘୋଡ଼ାଗାଡ଼ିରେ ବସି ଅପେକ୍ଷା କରିଛନ୍ତି, ତାଙ୍କ ସହିତ ଏହିକ୍ଷଣି ଆପଣଙ୍କୁ ରାତୁଲପଡ଼ା ଯିବାକୁ ପଡ଼ିବ '' ଶ୍ରୀଯୁକ୍ତ ରାୟସାହେବ କହିଲେ– ''ତେବେ ଶୀଘ୍ର ଯାଆନ୍ତୁ ।'' ସେତେବେଳେ ମୁଁ ସେମାନଙ୍କ ସହିତ ସେହି ଦଶ ମାଇଲ ଦୂରବର୍ତ୍ତୀ ରାତୁଲପଡ଼ା ଗ୍ରାମକୁ ଗଲି । ସେଠାରେ ପହଞ୍ଚିବାର କିଛି ସମୟ ପରେ ଶ୍ରୀକାନ୍ତବାବୁଙ୍କ ମାତା ମୋତେ ଡାକି ପଠାଇଲେ– ''କହ ତ ବାପା, ଠାକୁର ଆଜି ହଠାତ୍ ଆମ ଘରକୁ ଆସିଲେ କାହିଁକି ?'' ମୁଁ କହିଲି– ''ସେ କଥା ତ ଜାଣେ ନା ମା', ତେବେ ଖୋକସା ଯିବେ କହିଲେ, ଯିବାର ବ୍ୟବସ୍ଥା ମଧ୍ୟ ହେଲା, ପୁଣି ହଠାତ୍ ଏଠାକୁ ଆସିଲେ ।'' ସେ କହିଲେ– ''ବାପା, ଆଜି ମୁଁ ବଡ଼ ଦୁଃଖରେ ପଡ଼ି କାନ୍ଦିଛି । ଆମେ ଗାଡ଼ି ଅଥବା ସବାରିରେ ଶ୍ରୀଶ୍ରୀଠାକୁର ଦର୍ଶନ ଉଦ୍ଦେଶ୍ୟରେ କୁଷ୍ଟିୟା ଯାଉଁ, ତେଣୁ..... ମୁକ୍ତିଆର ନିନ୍ଦା କରେ ଓ ବିଦ୍ରୂପାତ୍ମକ କଥା କହେ । ତେଣୁ ମନରେ ଅତ୍ୟନ୍ତ ଆଘାତ ପାଇ ଆଜି ଖୁବ୍ ପାହାନ୍ତିଆରୁ ଉଠି ଠାକୁରଙ୍କ ଫଟୋ ପାଖରେ କାନ୍ଦି କାନ୍ଦି କହିଲି– 'ଠାକୁର,ଲୋକଙ୍କର ଏତେ କଥା ତ ସହ୍ୟ ହୁଏନା । ମୁଁ ତୁମକୁ ଦେଖିବା ପାଇଁ ପ୍ରାୟ ସେଠାକୁ ଯାଏ । ଆଜି ଯଦି ତୁମେ ଦୟା କରି ମୋ ଘରକୁ ଆସି ଦେଖାଦିଅ ତେବେ ଯାଇଁ ମୋ ମନର ଦୁଃଖ ଦୂର ହେବ ।' ବର୍ତ୍ତମାନ ଦେଖୁଛି ଯତକୁ ସତ ଯେ ତୁମ ସମସ୍ତଙ୍କୁ ନେଇ ଦୟା କରି ଏଠାକୁ ଆସିଛନ୍ତି ।'' ମୁଁ

କହିଲି– ''ମା, ଆଉ କେବେହେଲେ ସେପରି କରିବେ ନାହିଁ । ସେପରି ଜିଦ୍ କରିବା ଉଚିତ ନୁହେଁ । ଜାଣନ୍ତି ତ ଠାକୁର ଅତିଶୟ ଅନ୍ତର୍ଯ୍ୟାମୀ, ଦୂରରୁ ସେପରି କାନ୍ଦିଲେ ତାଙ୍କ ପ୍ରାଣରେ ଆଘାତ ଲାଗେ । ଏଥି ପାଇଁ ବୋଧହୁଏ ଖୋକସା ଯାଉଁ ଯାଉଁ ସ୍ଥଗିତ କରି ଏଠାକୁ ଆସିଲେ । ଆଉ, ପରର କଥା ଶୁଣି ସତ୍ୟପଥଯାତ୍ରୀ ଆପଣମାନେ ଏପରି ବିଚଳିତ ହେବେ କାହିଁକି ?'' ମାଆଟି କହିଲେ– ''ନାହିଁ ବାପ, ମୁଁ ଆଉ କେବେହେଲେ ସେପରି ପ୍ରାର୍ଥନା କରିବି ନାହିଁ । ଆଜି ମୋର ମନୋବାସନା ପୂର୍ଣ୍ଣ ହୋଇଛି । ମୋର ବିଶ୍ୱାସ ଯାହା ଥିଲା ତାହା ଆହୁରି ଦୃଢ଼ ହେଲା । ମୋର ଆଉ କୌଣସି କାମନା-ପ୍ରାର୍ଥନା ନାହିଁ ।'' ଏହା କହି ସେହି ମା-ଠାକୁରାଣୀ ଅଶ୍ରୁବିସର୍ଜ୍ଜନ କରିବାକୁ ଲାଗିଲେ । ପରେ ଆହାରାନ୍ତେ ବସି ମନେ ମନେ ଚିନ୍ତା କରୁଛି– ''ତେବେ କ'ଣ ଖୋକସା ଯିବେ ନାହିଁ ? ଠାକୁରଙ୍କ କଥା କ'ଣ ମିଥ୍ୟା ହେବ ? ସେପରି ତ କେବେ ହୁଏ ନା ।'' ସେହିକ୍ଷଣି ଶ୍ରୀଶ୍ରୀଠାକୁର କହିଲେ– ''ଚାଲନ୍ତୁ, ଏହିକ୍ଷଣି ଖୋକସା ଯିବାକୁ ପଡ଼ିବ । ଯିବି ବୋଲି କହିଛି, ନିଶ୍‌ଚୟ ଯିବାକୁ ହେବ । ତତ୍‌କ୍ଷଣାତ୍ କୁଷ୍ଟିୟାକୁ ଆସି ଖୋକସା ଅଭିମୁଖରେ ଯାତ୍ରା କରାଗଲା । ପଥରେ ଗୋଟିଏ ଘଟଣା ଘଟିଲା । ଅନ୍ୟ ଅଧ୍ୟାୟରେ ତାହା ବର୍ଣ୍ଣିତ ହୋଇଛି ।

୧୬

ଦରମା'ଙ୍କ କଥା : ଦୈବ ପ୍ରତ୍ୟାଦେଶ

କଲିକତାର ବାରିଷ୍ଟର ମିଷ୍ଟର..... ଦରଙ୍କ ସ୍ତ୍ରୀ ଦିନେ ଦୈବବାଣୀ ଶ୍ରବଣ କଲେ :– ''ଶକ୍ତି, ଶକ୍ତି, ତୁମ ଭିତରେ ଶକ୍ତି ଅଛି । ତୁମେ ମୋର ପ୍ରଚାର କର । ସମସ୍ତଙ୍କୁ କହିଦିଅ । ଲୋକମାନେ ମନେ କରନ୍ତି, ଭଗବାନ ଲାଭ କରିବା ଅତ୍ୟନ୍ତ, ଦୁଷ୍କର, ଅତ୍ୟନ୍ତ କଠିନ । ସେମାନେ ମୋତେ ଭୟ କରନ୍ତି । କହିଦିଅ ସମସ୍ତଙ୍କୁ, ମୋତେ ଲାଭ କରିବା ଖୁବ୍ ସହଜ, ମୋତେ ଭୟ କରିବାର କିଛି ନାହିଁ,''..... ଇତ୍ୟାଦି ।

ଦରମା'ଙ୍କ କଥା :ଇଷ୍ଟମୂର୍ତ୍ତିରେ ଦର୍ଶନ ଲାଭ

ଏହି ଘଟଣାର କିଛିଦିନ ପରେ ୧୩୨୬ ସାଲର ଭାଦ୍ରବ ୧୬ ଦିନ, ମଙ୍ଗଳବାର ମି : ଦର, ଦରମା (ଆମେ ତା'ଙ୍କୁ ଦରମା ବୋଲି ଡାକିଥାଉଁ । ଏହି ଗ୍ରନ୍ଥରେ ସେ ଦରମା ବୋଲି ଉଲ୍ଲିଖିତ ହେବେ), ତାଙ୍କର କନ୍ୟା ଓ ଲେଡି..... ଏବଂ ଆହୁରି ଅନେକ ବଡ଼ ବଡ଼ ଭଦ୍ରମହିଳା ଓ ଭୂପ୍ରଦକ୍ଷିଣ ଗ୍ରନ୍ଥପ୍ରଣେତା ବାରିଷ୍ଟର ଶ୍ରୀ ଚନ୍ଦ୍ରଶେଖର ସେନ୍ (ସେତେବେଳେ ଜୀବିତ ଥିଲେ) ୭ ନଂ ଇଶ୍ୱରମିଲ୍ ବାଇ ଲେନ୍‌ସ୍ଥ ଗୃହରେ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ କରିବାକୁ ଆସିଲେ । ଦରମା ସେଠାକୁ ଆଗମନ ଓ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ କରିବା ମାତ୍ରକେ ତାଙ୍କର କୌଣସି ପରିଚୟ ଜିଜ୍ଞାସା ନ କରି ପ୍ରାୟ ପଚାଶ ଷାଠିଏ ଜଣ ଲୋକଙ୍କ ମଧ୍ୟରେ ଉନ୍ମାଦିନୀପରି ଶ୍ରୀଶ୍ରୀ ଠାକୁରଙ୍କ ସମ୍ମୁଖରେ ନତଜାନୁ ହୋଇ ଉପବେଶନପୂର୍ବକ କୃତାଞ୍ଜଳିପୁଟରେ ସ୍ତବ କରିବାକୁ ଲାଗିଲେ– ''ନମୋ ବ୍ରହ୍ମଣ୍ୟଦେବାୟ ଗୋବ୍ରାହ୍ମଣହିତାୟଚ । ଜଗଦ୍ଧିତାୟ ଶ୍ରୀକୃଷ୍ଣାୟ ଗୋବିନ୍ଦାୟ ନମୋ ନମଃ ।'' ଶ୍ରୀଶ୍ରୀ ଠାକୁର ତାଙ୍କ ସ୍ୱଭାବସୁଲଭ ସହାସ୍ୟ ବିନମ୍ର ସୁମଧୁର ବଚନରେ କହିଲେ– ''ମା, ମୁଁ ମଣିଷ, ତୁ ମୋତେ ସେ ସବୁ କହି ସ୍ତବ କରୁଛୁ କାହିଁକି ମା ।'' ଦରମା ସ୍ପେଦକମ୍ପ-ଅଶ୍ରୁପୁଲକାନ୍ୱିତ ଦେହରେ ଭକ୍ତି ଗଦ୍‌ଗଦ୍ କଣ୍ଠରେ କହିଲେ– ''ଠାକୁର, ଏବେ ଆଉ ସେ କଥା କହିଲେ ଚଳିବ ନାହିଁ । ତୁମେ ଯେ ପୂର୍ବେ

ମୋତେ ଧରା ଦେଇଛ । ଏବେ କ'ଣ ମୋତେ ଆଉ ଭୁଲାଇ ପାରିବ । ତୁମେ କୃଷ୍ଣମୂର୍ତ୍ତି ଧାରଣ କରି ସ୍ୱପ୍ନରେ ମୋ ପାଖରେ କଦଳୀଭଣ୍ଡା ତରକାରି ଖାଇବାର ଇଚ୍ଛା ପ୍ରକାଶ କରି ପରଦିନ ଏହି ମୂର୍ତ୍ତିରେ ଭଣ୍ଡା ତରକାରି ଖାଇଛ । ଏହା ଯେ ସେହି ମୂର୍ତ୍ତି, ଏହା ଯେ ସେହି ଗଳାର ସ୍ୱର । ମୁଁ କହିଥିଲି– 'ତୁମେ କିଏ, ମୋର ଭଣ୍ଡା ତରକାରି ଖାଉଛ ?' ତୁମେ କହିଥିଲ– 'ତୁ ଯେ ମୋତେ ଡାକିଛୁ ।' ମୁଁ କହିଥିଲି– 'ମୁଁ ମୋର ଭଗବାନ୍‌ଙ୍କୁ ଡାକିଥିଲି, ତୁମେ କ'ଣ ମୋର ଭଗବାନ୍ ?' ତୁମେ କହିଲ– 'ହଁ, ତାହାହିଁ ଠିକ୍ ।' ମୁଁ କହିଲି –'ମୁଁ ତୁମକୁ ପ୍ରଣାମ କରେ ।' ତୁମେ କହିଲ– 'ତୁ ବାତ୍ସଲ୍ୟଭାବରେ ଡାକିଛୁ, ପ୍ରଣାମ କରିବାକୁ ହେବ ନାହିଁ ।' ସେତେବେଳେ ମୁଁ ତୁମକୁ ପ୍ରଣାମ କଲି, ଆଉ ତୁମେ ପଳାଇଗଲ ।''– ଏହିପରି କହି ଦତ୍ତମା କେତେବେଳେ ହସୁଥାନ୍ତି, କେତେବେଳେ କାନ୍ଦନ୍ତି, କେତେବେଳେ ପଡ଼ି ଯାଉଥାନ୍ତି, କେତେବେଳେ ସ୍ତବ କରନ୍ତି, କେତେବେଳେ ଗାନ କରନ୍ତି, କେତେବେଳେ ବା ଆତ୍ମହରା ହୋଇ ନୃତ୍ୟ କରନ୍ତି ; ଏହିପରି ନାନା ଭାବ ହେବାକୁ ଲାଗିଲା । ଭକ୍ତଙ୍କ ବିଷୟରେ ଅନେକ କଥା ଶୁଣାଯାଏ, କିନ୍ତୁ ସ୍ୱଚକ୍ଷୁରେ ଦର୍ଶନ ନ କଲେ ସେ ବିଷୟରେ ପ୍ରକୃତ ଭାବ ବୋଧଗମ୍ୟ ହୁଏ ନା, ଚକ୍ଷୁ-କର୍ଣ୍ଣର ବିବାଦ ମୀମାଂସିତ ହୁଏ ନା । ସେହି ସମୟରେ ଦତ୍ତମା'ଙ୍କର ସେହି ଅପାର୍ଥିବ ପ୍ରେମ ଓ ଆନନ୍ଦମୟ ଭକ୍ତିଭାବ ଯେ ଦେଖିଛି ସେ ହୃଦୟଙ୍ଗମ କରିଛି ; ଏ-ଅଧମର କ୍ଷୁଦ୍ରବୁଦ୍ଧି ବା କ୍ଷୁଦ୍ର ଲେଖନୀର କି ସାଧ୍ୟ ଯେ ତାହା ବର୍ଣ୍ଣନା କରିବ ? ସେତେବେଳେ ସେଠାରେ ଉପସ୍ଥିତ ସମସ୍ତ ପୁରୁଷ-ରମଣୀ ଚିତ୍ର-ପୁତ୍ତଳିକାବତ୍ ଅବସ୍ଥାନ କରି ଲଜ୍ଜା, ଭୟ, ଭେଦାଭେଦ ଏବଂ ଆତ୍ମପର ଭୁଲି ବିମୋହିତ ହୋଇଥିଲେ– ଦତ୍ତମା'ଙ୍କର ସେହି ସ୍ୱର୍ଗୀୟ ଭାବ ଓ ମୂର୍ତ୍ତି ଦର୍ଶନ କରି । କେତେ ପାଷଣ୍ଡର ହୃଦୟ ବିଚଳିତ ହୋଇ ଯାଇଥିଲା ସେ ଦୃଶ୍ୟ ଦେଖି । କେତେ ଲୋକଙ୍କର ଗଣ୍ଡଦେଶ ଭକ୍ତିପ୍ରେମାଶ୍ରୁ ଧାରାରେ ପ୍ଲାବିତ ହୋଇ ଯାଇଥିଲା । ଜଣେ ଗ୍ରାଜୁଏଟ୍ ଯୁବକ ପ୍ରେମଭକ୍ତିରେ ଆତ୍ମହରା ହୋଇ 'ମା ମା' ବୋଲି ଚିତ୍କାର କରି ସଂଜ୍ଞାହୀନ ହୋଇ ପଡ଼ିଥିଲେ । କ୍ୟାମ୍ବେଲ ମେଡିକାଲ ସ୍କୁଲର ଜଣେ ଯୁବକ ଛାତ୍ର ଅଶ୍ରୁପୂର୍ଣ୍ଣ ନୟନରେ କମ୍ପିତ ହେଉ ହେଉ ଲୁଣ୍ଠିତ ହୋଇପଡ଼ିଲେ । ଶ୍ରୀଶ୍ରୀଠାକୁର ସେତେବେଳେ ଧୀର ସ୍ଥିର ନିଶ୍‌ଚଳ ଭାବରେ ଉପବିଷ୍ଟ । ଚକ୍ଷୁର ପଲକ ପଡୁନାହିଁ । ତାଙ୍କର ଭାବାବସ୍ଥା ପରି ହେଲା । ଦତ୍ତମା କହିଲେ– ''ଏଇ ଦେଖ ମୋର ସଚଳ ଠାକୁର ଅଚଳ ହୋଇଛନ୍ତି ।'' ସେ ପୁଣି କହିଲେ– ''କିଏ କହେ ମୋ ଠାକୁର ଭଗବାନ ନୁହନ୍ତି ? ମୋ ଠାକୁର ନିଶ୍‌ଚିତ ରୂପେ ଭଗବାନ୍ । ଦେଖ ଏହିକ୍ଷଣି ତୁମମାନଙ୍କ ମଧ୍ୟରେ ପ୍ରେମଭକ୍ତିର ଉଦୟ ହେବ ।'' ସତକୁ ସତ ସେହିକ୍ଷଣି ଅଧିକାଂଶ ଲୋକଙ୍କ ମଧ୍ୟରେ ପ୍ରେମଭକ୍ତିର ଉଦୟ ହେଲା, ଶରୀର ରୋମାଞ୍ଚିତ ହୋଇ ଉଠିଲା, ନୟନରେ ଅଶ୍ରୁ ଦେଖାଦେଲା । ଦତ୍ତମା'ଙ୍କ କନ୍ୟାର ଶରୀର ଶିହରି ଉଠିଲା, ଚକ୍ଷୁ ସ୍ଥିର ହୋଇଗଲା, ଉପବିଷ୍ଟାବସ୍ଥାରୁ ଶାୟିତାବସ୍ଥାରେ ପତିତା ହେଲେ । ଅଳ୍ପ ସମୟ ପରେ ଉଠି ବସି କହିଲେ–''ମୁଁ ନାମ ପାଇଛି'' । ସତକୁ ସତ ଦୈବଯୋଗେ ସେହି ମୁହୂର୍ତ୍ତରେ ସେ ସତ୍ୟନାମ ପ୍ରାପ୍ତ ହୋଇଥିଲେ । ସେ ସମୟରେ ସେହି ସ୍ଥାନରେ ଯେ କି ଅନିର୍ବଚନୀୟ ସ୍ୱର୍ଗୀୟ ଭାବ ଓ ଅପାର୍ଥିବ ଦୃଶ୍ୟ, ତାହା ଯେଉଁମାନେ ପ୍ରତ୍ୟକ୍ଷଦର୍ଶୀ ସେମାନଙ୍କ ବ୍ୟତୀତ ଅନ୍ୟର ବୋଧଗମ୍ୟ ହେବା ସମ୍ଭବ କି ନୁହେଁ ଜାଣେନା । ପରେ ସନ୍ଧ୍ୟାବେଳେ ଦତ୍ତମା'ଙ୍କୁ ଯେତେବେଳେ ଘରକୁ ଯିବା ପାଇଁ କୁହାଗଲା, ସେତେବେଳେ ସେ ଅତି କରୁଣ କଣ୍ଠରେ ଅଥଚ ଗମ୍ଭୀର ସ୍ୱରରେ କହିଲେ– ''ଠାକୁର, ଏମାନେ ଦସ୍ୟୁ, ପୁଣି ମୋତେ ସଂସାର କାରାଗାରକୁ ନେଇ ଯାଉଛନ୍ତି । ମୋତେ ରକ୍ଷା କର । ତୁମର ସୁଦର୍ଶନ କେଉଁଠି,'' ଇତ୍ୟାଦି । ଶ୍ରୀଶ୍ରୀ ଠାକୁର କହିଲେ– ''ମା, ସ୍ୱାମୀଙ୍କ କଥା ଶୁଣିବା ଉଚିତ, ସ୍ୱାମୀ ଦେବତା,

ଯାଅ ଘରକୁ ଯାଅ ।'' ମା କହିଲେ– ''ତେବେ କୁହ, ମୁଁ ଡାକିଲେ ତୁମେ ଦେଖାଦେବ ।'' ଶ୍ରୀଶ୍ରୀଠାକୁର ସେଥିରେ ସ୍ୱୀକୃତ ହେଲେ ନାହିଁ । ଏଣୁ ତେଣୁ ଘୂରାଇ ଫେରାଇ ଉତ୍ତର ଦେବାକୁ ଲାଗିଲେ । ସେ ତ ସେଭଳି କଥା ସ୍ପଷ୍ଟ ଭାବରେ ସ୍ୱୀକାର କରି ପାରନ୍ତି ନାହିଁ । ମାଆଟି କିନ୍ତୁ ଛାଡ଼ିବାକୁ ନାରାଜ । ତହୁଁ ଶ୍ରୀଶ୍ରୀଠାକୁର ନିମ୍ନସ୍ୱରରେ ତାଙ୍କ କାନ ପାଖରେ କେଜାଣି କ'ଣ କହିଦେଲେ, ଆଉ ଦତ୍ତମା ସହାସ୍ୟବଦନରେ ଆନନ୍ଦିତ ଚିତ୍ତରେ ମଟରଗାତି ଆରୋହଣ କରି ଗୃହ ପ୍ରତ୍ୟାଗତ ହେଲେ ।

ପରେ ଦିନେ ଦତ୍ତମା'ଙ୍କୁ ପଚାରି ଜାଣି ପାରିଲି ଯେ, ସେ ପ୍ରଥମ ଦର୍ଶନମାତ୍ରକେ ଶ୍ରୀଶ୍ରୀଠାକୁରଙ୍କୁ ଶ୍ରୀ ଗୌରାଙ୍ଗ ମୂର୍ତ୍ତିରେ ଦେଖିଲେ । ମଝିରେ ଥରେ ବାଳଗୋପାଳ ଭାବରେ ଦର୍ଶନ ପାଇଥିଲେ । ପରେ, ସନ୍ଧ୍ୟାର ପ୍ରାକ୍-କାଳରେ ଗୃହ ପ୍ରତ୍ୟାଗମନ ସମୟରେ ସେ ଦେଖିଲେ, ଶ୍ରୀଶ୍ରୀଠାକୁର ଯେପରି ସ୍ୱୟଂ ଶ୍ରୀକୃଷ୍ଣ, ଚୂଡ଼ାବଂଶୀଭୂଷିତ, ପାଦରେ ନୂପୁର । ପାଦରେ ଦଶଟି ଆଙ୍ଗୁଳିର ନଖରେ କୋଟି ସୂର୍ଯ୍ୟର ଜ୍ୟୋତିଃ । ସେ-ଜ୍ୟୋତିଃ ସୁସ୍ନିଗ୍ଧ ଏବଂ ସୁବିମଳ । *ଏହି କାରଣରୁ ସେ ସେହିଦିନ ସୁଦର୍ଶନ କାହିଁ ବୋଲି ପଚାରିଥିଲେ ।

ସେ ଏଥିପୂର୍ବରୁ ଆଉ କେବେହେଲେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ନଥିଲେ । ଏହାହିଁ ତାଙ୍କର ପ୍ରଥମ ଦର୍ଶନ । ଆଉ, ସେ ଯେ ସେଦିନ ଅନେକ ଥର କଚାଡ଼ି ହୋଇ ପଡ଼ି ଯାଇଥିଲେ, ସେଥିରେ ତାଙ୍କର କୌଣସି ପ୍ରକାର ଆଘାତ ବା ବେଦାନୁଭୂତି ହୋଇନାହିଁ । ତାଙ୍କର ବୋଧ ହୋଇଥିଲା, ସେ ଯେପରି ତୁଳାର ଗଦି ଉପରେ ପତିତ ହେଉଥିଲେ ।

ଦତ୍ତମା'ଙ୍କ କଥା : ଦୈବବାଣୀ ଶ୍ରବଣ

ଆଶ୍ୱିନ ମାସର ପ୍ରଥମ ଦିବସ । ବେଳ ପ୍ରାୟ ଦ୍ୱିପ୍ରହର । ଏପରି ସମୟରେ ଦତ୍ତମା ପୁଣି ସେହିସବୁ ସଙ୍ଗିନୀ ଓ ତାଙ୍କ ସ୍ୱାମୀଙ୍କ ସହିତ ଆଗମନ କରିଛନ୍ତି । ସମସ୍ତେ ଆହାର କରିଛନ୍ତି, ମାତ୍ର ଦତ୍ତମା ଆହାର କରି ନାହାଁନ୍ତି । ସେ ଆହାର କରିବାକୁ ଯିବେ, ଏପରି ସମୟରେ ଶୁଣି ପାରିଲେ ଶ୍ରୀଶ୍ରୀଠାକୁର ତାଙ୍କୁ କହୁଛନ୍ତି–''ସର୍ବଧର୍ମ୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।'' ଏହି କଥା ଶୁଣି ସେ ଭାବବିହ୍ୱଳ ହୋଇପଡ଼ିଲେ । ଏଣେ ଏଠାରେ (ଶ୍ରୀଶ୍ରୀଠାକୁରଙ୍କ ନିବାସସ୍ଥଳରେ) ସମସ୍ତଙ୍କର ଆହାରାଦି ଶେଷ ହେବା ପରେ ଶ୍ରୀଶ୍ରୀଜନନୀଙ୍କର କାହିଁକି କେଜାଣି ଜଣକର ଉପଯୁକ୍ତ ଅନ୍ନବ୍ୟଞ୍ଜନାଦି (ଅବଶ୍ୟ ନିରାମିଷ) ରଖି ଦେବାକୁ ଇଚ୍ଛା ହେଲା । ସେ ତାହାହିଁ କଲେ । ଦତ୍ତମା ଆସିବା ପରେ ସେ ଆହାର କରିନାହାଁନ୍ତି ବୋଲି

*ଉନ୍ନତ ସାଧକଭକ୍ତ ପ୍ରଥମେ ଯେତେବେଳେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ସରଳ ଓ ଆକୁଳ ପ୍ରାଣରେ ଆଗମନ କରନ୍ତି, ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ଦେହରେ ନିଜ ନିଜର ଅଭୀଷ୍ଟ ଦେବତାର ମୂର୍ତ୍ତି ଦର୍ଶନ କରି ପରିତୃପ୍ତ ହୁଅନ୍ତି । କିଛିଦିନ ବିତିଯିବା ପରେ ସେମାନେ ବୁଝିପାରନ୍ତି ଯେ ସେଭଳି ବ୍ୟାପାର ଅନ୍ୟାନ୍ୟ ଦେବମୂର୍ତ୍ତି ସେବକଙ୍କର ଅଦୃଷ୍ଟରେ ମଧ୍ୟ ଘଟିଥାଏ । କାଳକ୍ରମେ ଆହୁରି ଅନେକ ଘଟଣା ପରିଦର୍ଶନ କରି ଭକ୍ତଗଣ ଏହି ସୁଦୃଢ଼ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି– ''ଏକାଧାରରେ ତୁମେ ସବୁ ଓ ସର୍ବାତୀତ ।'' ଶାକ୍ତଗଣ ତାଙ୍କ ମଧ୍ୟରେ କାଳୀମୂର୍ତ୍ତି ଦର୍ଶନ କରି କୃତାର୍ଥ ହୋଇଛନ୍ତି । ବୈଷ୍ଣବଗଣ ଶ୍ରୀକୃଷ୍ଣ ବା ଶ୍ରୀ ଗୌରାଙ୍ଗମୂର୍ତ୍ତି ଦର୍ଶନ କରି ଧନ୍ୟ ହୋଇଛନ୍ତି । ସତ୍ତ ଭକ୍ତଗଣ ତାଙ୍କଠାରେ ପୂର୍ଣ୍ଣ ସତ୍ତତ୍ୱର ଚିହ୍ନ ପାଇ ପରିତୃପ୍ତ ହୋଇଛନ୍ତି ।

ପଚାରିଲି—''ଘଟଣାଟି କ'ଣ ହୋଇଛି ମା ?'' ସେ କହିଲେ ଯେ ସେ ମାନେ କଲେ, ତାଙ୍କ ଝିଅର ଶ୍ୱଶୁର-ମହାଶୟ କନ୍ୟାଟିକୁ ତ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ ଉଦ୍ଦେଶ୍ୟରେ ବିଶେଷ ଆସିବାକୁ ଦିଅନ୍ତି ନାହିଁ । ଶ୍ରୀଶ୍ରୀଠାକୁର ଶୀଘ୍ର ଦେଶକୁ ଚାଲିଯିବେ । ତେଣୁ କନ୍ୟାର ଘରକୁ ଯାଇ ତାକୁ ସଙ୍ଗରେ ନେଇ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରାଇବାକୁ ତାଙ୍କର ଇଚ୍ଛା ହେଲା । ତହୁଁ ସେ ତାଙ୍କ ପୂର୍ବ ଗୁରୁଦେବଙ୍କ ମାତାଙ୍କୁ ସଙ୍ଗରେ ନେଇ କନ୍ୟାଗୃହକୁ ଗମନ କଲେ । ସେଠାରେ ସେ ଝିଅକୁ କହିଲେ—''ତୁ ତ ବହୁଦିନ ହେଲା ଠାକୁରଙ୍କୁ ଦର୍ଶନ କରିନାହୁଁ, ତେବେ ତୋର ଏତେ ଆନନ୍ଦ ଦେଖୁଛି କାହିଁକି ?'' କନ୍ୟା କହିଲେ— ''ମୁଁ ପ୍ରତିଦିନ ଘରେ ବସି ଶ୍ରୀଶ୍ରୀଠାକୁରଙ୍କୁ ଦେଖିପାରୁଛି ।'' ଦରମା କହିଲେ— ''କିପରି ?'' କନ୍ୟା କହିଲେ— ''ଯେତେବେଳେ ମୁଁ ଖାଇବାକୁ ବସି ନିବେଦନ କରେ, ସେହିକ୍ଷଣି ଶ୍ରୀଶ୍ରୀଠାକୁର ଆସି ଖାଇ ଯାଆନ୍ତି, ମୁଁ ସେହି ପ୍ରସାଦ ସେବନ କରେ ।'' ଦରମା କହିଲେ— ''ମୋତେ ଆଜି ଦେଖାଇ ପାରିବୁ ତ ?'' କନ୍ୟା କହିଲେ— ''ତାହାହିଁ ହେବ ।'' ସେତେବେଳେ ଦରମା, ସେହି ଗୁରୁମା ଓ କନ୍ୟା ସେଠାରେ ବସି ରହିଲେ । କନ୍ୟାର ଭୋଜନର ସମୟ ହୋଇଥିଲା, ସୁତରାଂ ସେଠାକୁ ଅନ୍ନାଦି ଆଣାଗଲା । କନ୍ୟା ଭୋଜନ କରିବାକୁ ବସି ନିବେଦନ କରୁ କରୁ ହସି ଉଠିଲେ । ଦରମାକହିଲେ—''ହସିଲୁକାହିଁକି ଲୋ ?'' କନ୍ୟା କହିଲେ—''ଠାକୁର କହିଛନ୍ତି, ଆଜି ପ୍ରକାଶ୍ୟରେ ଖାଇବି ନାହିଁ, ପଟରେ (ପଟମୂର୍ତ୍ତିରେ) ଖାଇବି ।'' ଶ୍ରୀଶ୍ରୀଠାକୁରଙ୍କ ପଟମୂରି ଆଲମାରିରେ ଚାବିବନ୍ଦ ହୋଇ ରହିଥିଲା । ସେମାନେ ସମସ୍ତେ ଏକାଠି ଆଲମାରି ଖୋଲି ଦେଖୁଛେ, ସତକୁ ସତ ଠାକୁର ପଟରେ ଖାଇଛନ୍ତି । ଆଲମାରି ମଧ୍ୟସ୍ଥ ଶ୍ରୀଶ୍ରୀଠାକୁରଙ୍କ ପଟମୂର୍ତ୍ତିର ମୁହଁରେ ପ୍ରାୟ ୨୦।୨୫ଟି ସଦ୍ୟପ୍ରସ୍ତୁତ ଅନ୍ନ ଲାଗି ରହିଛି । ସେହି ଅନ୍ନ ସହିତ ପଟ ଦରମା ସର୍ବସମକ୍ଷରେ କାଗଜାବୃତ ଅବସ୍ଥାରେ ଆଣିଥିଲେ ।

୧୩୨୭ ସାଲରେ ଥରେ ଦରମାଙ୍କ ଦୌହିତ୍ରୀ କଠିନ ଜ୍ୱରରେ କଷ୍ଟ ପାଉଥିଲେ । ବଡ଼ ବଡ଼ ଡାକ୍ତରମାନେ ଚିକିତ୍ସା କରି କ୍ଷାନ୍ତ ହୋଇଗଲେ । ତହୁଁ ଦରମା କହିଲେ— ''ଆଉ ଚିକିତ୍ସା କରାଇବି ନାହିଁ । ଠାକୁରଙ୍କ ନାମରେ ହିଁ ତାକୁ ପୁଣ୍ଡ କରିବି ।'' ଏହାକହି ଦିନେ ଶ୍ରୀଶ୍ରୀଠାକୁରଙ୍କ ଫଟୋ ସାକ୍ଷୁଖରେ ରଖି ରୋଗିଣୀର ଶିରୋଦେଶରେ 'ପୁଣ୍ୟପୋଥି' ସ୍ଥାପନ କରି ସତ୍ୟନାମ କୀର୍ତ୍ତନ କରିବାକୁ ଲାଗିଲେ । ଦରମା କୀର୍ତ୍ତନ କରୁ କରୁ ଏପରି ମାତି ଉଠିଲେ ଯେ ଉଚ୍ଚକୀର୍ତ୍ତନ ସହ ନୃତ୍ୟ କରିବାକୁ ଲାଗିଲେ । ସେତେବେଳକୁ ତାଙ୍କର ବାହ୍ୟଜ୍ଞାନ ରହିତାବସ୍ଥା । କନ୍ୟା ମଧ୍ୟ ସେଠାରେ ବସି ନାମ କରୁଥିଲେ । ଦତ୍ତ ସାହେବ ମଧ୍ୟ ଉପସ୍ଥିତ ଥିଲେ । ବହୁକ୍ଷଣ ପରେ ଦରମା ବୋଧ କଲେ ଯେପରି ଉଜ୍ଜ୍ୱଳ କମ୍ପନ ବିଶିଷ୍ଟ ଏକ ବୈଦ୍ୟୁତିକ ସ୍ରୋତ ତାଙ୍କ ଶରୀର ମଧ୍ୟ ଦେଇ ବାଳିକାର ଶରୀରରେ ପ୍ରବେଶ କଲା ଆଉ ସେ ସ୍ପଷ୍ଟ ଦେଖି ପାରିଲେ ଶ୍ରୀଶ୍ରୀଠାକୁର ଓ ମହାରାଜ ଯେପରି ସେହି ସ୍ଥାନରେ ଦଣ୍ଡାୟମାନ ରହିଛନ୍ତି । ସ୍ପଷ୍ଟ ଶୁଣିପାରିଲେ, ସେମାନେ ଯେପରି କହୁଛନ୍ତି—''ଭୟ ନାହିଁ, ସେ ବଞ୍ଚିଗଲା ।'' ସେତେବେଳେ ଦରମା ଦେଖୁଛେ, ରୋଗିଣୀର ନାଡ଼ି ନାହିଁ, ଶ୍ୱାସପ୍ରଶ୍ୱାସ ନାହିଁ, ହୃତ୍ସ୍ପନ୍ଦନ ମଧ୍ୟ ବନ୍ଦ, ମୁଖବ୍ୟାଦାନ କରି ନିସ୍ପନ୍ଦଭାବରେ ପଡ଼ି ରହିଛି । ସେ କହିଲେ— ''ମରି ଗଲାଣି ।'' କନ୍ୟା କହିଲେ— ''ନାହିଁ ମା,ସେ ମରିନି, ତୁମ ଭିତର ଦେଇ ଠାକୁରେ ତା' ମଧ୍ୟରେ ଯେଉଁ ଶକ୍ତି ଦେଲେ, ତାରି ବଳରେ ସେ ସମାଧିସ୍ଥ ଭାବରେ ରହିଛି । ତୁମେ ନାମ କର ।'' ତା'ପରେ ପୁଣି ନାମ ଚାଲିବାକୁ ଲାଗିଲା । ଝିଅଟି ବଞ୍ଚି ଉଠିଲା । ସେ ଚକ୍ଷୁ ଉନ୍ମୀଳିତ କରିବା ସଙ୍ଗେ ସଙ୍ଗେ କହିଲା— ''ମୁଁ କ'ଣ ଶୋଇଥିଲି ? ମୋ କପାଳରେ ଲେଖିଦିଅ 'ଦୟାମୟ ଅ.....'।''

ଜାଣିପାରି ପୂର୍ବୋକ୍ତ ରକ୍ଷିତ ଅନ୍ନ ତାଙ୍କୁ ଭୋଜନ କରିବାକୁ ଅନୁରୋଧ କରାଗଲା । ସେ କହିଲେ- ''ଠାକୁର ତୁମେ ଥରେ ମାତ୍ର ଦେଖାଦେଇ ଭଲରୂପେ ଦେଖା ନ ଦେଇ ପଳାଇ ଆସିଲ କାହିଁକି ? ଆଉ, ତୁମେ ଯେଉଁ ସଂସ୍କୃତ ଶ୍ଲୋକଟି ସେତେବେଳେ କହିଥିଲ, ମୋ ସ୍ୱାମୀଙ୍କ ନୋଟ୍ ବହିରେ ଲେଖା ଅଛି, ତାହା ମୋତେ ନ କହିଲେ ମୁଁ ଖାଇବି ନାହିଁ ।'' ଠାକୁର କହିଲେ—''ମୁଁ ତ ତୁମ ଘରକୁ ଯାଇନାହିଁ, କୌଣସି ସଂସ୍କୃତ ଶ୍ଲୋକ ମଧ୍ୟ କହିନାହିଁ ।'' ଦରମା କିନ୍ତୁ ସେହି କଥାଟି ଠାକୁରଙ୍କ ମୁଖରୁ ନ ଶୁଣି ଛାଡ଼ିବାକୁ ନାରାଜ ; ସେ ମଧ୍ୟ କହିବାକୁ ନାରାଜ । ଅବଶେଷରେ ଭକ୍ତମାତାଙ୍କର ଜୟ ହେଲା । ଶ୍ରୀଶ୍ରୀଠାକୁର ସ୍ପଷ୍ଟ ଭାବରେ ପ୍ରକାଶ୍ୟରେ ନ କହି ଗୋଟିଏ ଗୀତ ଗାଇ ତା'ର ମଧ୍ୟରେ କହିଲେ —''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।'' ସେତେବେଳେ ଦରମା 'ଏଇ ସେହି କଥା, ଏଇ ସେହି କଥା'— କହି ଆନନ୍ଦବିହ୍ୱଳଭାବରେ ଚିତ୍କାର କରି ଉଠିଲେ । ତତ୍ପରେ ସେ ସେହି ଅନ୍ନ ଭୋଜନ କଲେ ।

ମହାରାଜ ସେତିକିବେଳେ ''ସୋ ଶଚୀନନ୍ଦନ ନଦୀୟାପୁରନ୍ଦର'' ଗୀତଟି ଗାନ କରିବାକୁ ଲାଗିଲେ । ସଙ୍ଗୀତଟି ଶ୍ରବଣ କରି ଦରମା ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ, ଯେପରି ଘୃଣା, ଲଜ୍ଜା, ଭୟ ସେହି ପରମଭକ୍ତିମତୀ ଜନନୀଙ୍କ ନିକଟରେ ଆଉ ସ୍ଥାନ ପାଇଲା ନାହିଁ । ସେ ଅଶ୍ରୁପୂର୍ଣ୍ଣ ଲୋଚନରେ ମହାରାଜଙ୍କୁ କହିଲେ— ''ବୃନ୍ଦେ ସଖୀ, କାହୁ କାହିଁ, ବୃନ୍ଦେ ସଖୀ, କାହୁ କାହିଁ ?'' ଗୀତ ଶେଷ ହେବା ମାତ୍ରକେ ସେ ପୁଣି କହିଲେ—''ଗାଅ ମା-।'' ପୁରୁଷ ମହାରାଜଙ୍କୁ ସେ ସେତେବେଳେ ସଖୀ ଭାବରେ 'ମା' ବୋଲି ସମ୍ବୋଧନ କରିବାକୁ ଲାଗିଲେ । ମହାରାଜ ପୁଣି ଗାଇଲେ— ''ତୁମି ହେ ବ୍ରଜେର ବନ୍ଧୁ, ଆମରା ତୋମାର ବ୍ରଜବାସୀ,'' ଇତ୍ୟାଦି ।

ପଟମୂର୍ତ୍ତିର ଅନ୍ନଭୋଜନ

୧୩୨୭ ସାଲର ଆଶ୍ୱିନ ମାସରେ ଶ୍ରୀଶ୍ରୀଠାକୁର କଲିକତାରେ ୧/୧ସି, ହରୀତକୀ ବାଗାନ୍ ଲେନସ୍ଥ ବାସଭବନରେ ଅବସ୍ଥାନ କରୁଥିଲେ । ମୁଁ ଜ୍ୱରରେ ଶଯ୍ୟାଗତ ଥାଏ । ବେଳ ପ୍ରାୟ ଅପରାହ୍ନ, ଏପରି ସମୟରେ ଦେଖାଦେଲା ଦରମା ମହାନନ୍ଦଭାବରେ ବିଭୋର ହୋଇ (କେତେବେଳେ ହସୁଥାଆନ୍ତି, କେତେବେଳେ ବା କାନ୍ଦୁଥାନ୍ତି) ଶ୍ରୀଶ୍ରୀଠାକୁରଙ୍କର ଖଣ୍ଡିଏ ପଟମୂର୍ତ୍ତି କାଗଜରେ ଆଚ୍ଛାଦିତ କରି ନେଇ ଆସିଲେ । ମୂର୍ତ୍ତିର ମୁହଁରେ ସଦ୍ୟପ୍ରସ୍ତୁତ ଅନ୍ନ ଲାଗି ରହି ଥାଏ । ଦରମାଙ୍କର ଭକ୍ତିପୂର୍ଣ୍ଣ ଆବେଗୋଚ୍ଛ୍ୱାସଜନିତ ହୁଙ୍କାରରେ ଦିଗଦିଗନ୍ତ, ଗଗନ ପବନ ସତେ ଯେପରି କମ୍ପିତ ହୋଇ ଉଠିଲା । ସେ ଆନନ୍ଦାଶ୍ରୁ ବିସର୍ଜ୍ଜନ କରୁ କରୁ କହିବାକୁ ଲାଗିଲେ—''ଠାକୁର ଯେ କି ବସ୍ତୁ ଅଦ୍ୟାବଧି ଆପଣମାନେ ବୁଝି ପାରି ନାହାଁନ୍ତି । ମା, (ଜନନୀଦେବୀଙ୍କ ଉଦ୍ଦେଶ୍ୟରେ) ଏବେ ମଧ୍ୟ ବୁଝି ପାରି ନାହାଁନ୍ତି, ଆପଣଙ୍କ ପୁଅ କିଏ ?'' କେତେ ପ୍ରକାର କାଣ୍ଡ ହେବାକୁ ଲାଗିଲା । ଭକ୍ତମାନଙ୍କ ମଧ୍ୟରେ ଚହଳ ପଡ଼ିଗଲା । ଅନେକେ ସେହି ପଟମୂର୍ତ୍ତି ମୁଖରେ ଲାଗିଥିବା ପ୍ରସାଦରୁ କଣିକାଏ ମାତ୍ର ଗ୍ରହଣ କରି ଧନ୍ୟ ହେବାକୁ ଲାଗିଲେ । ସେମାନଙ୍କ ମଧ୍ୟରୁ କେହିଜଣେ—ସମ୍ଭବତଃ ଦରସାହେବ— ଦୟାକରି ସେହି ପ୍ରସାଦରୁ ଏକ କଣିକା ମୋ ମୁଖରେ ପ୍ରଦାନ କଲେ । ସେହିକ୍ଷଣି ଝାଳ ବୋହି ମୋର ଜ୍ୱର ଛାଡ଼ିଗଲା । ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହେଲି । ସେହି ରାତ୍ରିରେ ଶ୍ରୀଶ୍ରୀଜନନୀ ମୋତେ ଚର୍ବ୍ୟ-ଚୁଷ୍ୟ ଲେହ୍ୟ-ପେୟ ଦ୍ୱାରା ପଥ୍ୟ କରାଇଲେ । ମୁଁ ଚଲାବୁଲା କରିବାକୁ ଲାଗିଲି । ଗୃହଟି ମଧ୍ୟରେ ଆନନ୍ଦର ପ୍ରସ୍ରବଣ ଉନ୍ମୁକ୍ତ ହୋଇଗଲା । କିଛିକ୍ଷଣ ପରେ ଦରମା ସ୍ଥିର ହେବା ପରେ ସର୍ବସମକ୍ଷରେ ମୁଁ ତାଙ୍କୁ

ସେତେବେଳେ ତାହାହିଁ କରାଗଲା । ଚନ୍ଦନଦ୍ୱାରା ତା'ର କପାଳରେ ଲେଖି ଦିଆଗଲା 'ଦୟାମୟ ଅ.....' । ସେହିଦିନ ହିଁ ସେ ସୁସ୍ଥ ହେଲା ଏବଂ ତାକୁ ଅନ୍ନପଥ୍ୟ ପ୍ରଦାନ କରାହେଲା ।

ଏକ ସମୟରେ ଦରମା'ଙ୍କ ଘରେ ଜଣେ କୁଳଲଳନା ସ୍ୱପ୍ନରେ ଜାଣି ପାରିଲେ ଶ୍ରୀଶ୍ରୀଠାକୁର ଯେପରି କହୁଛନ୍ତି—''ବାବୁ ଶନିବାର ଦିନ ଡେଉଁରିଆ ଆଣିଦେବେ, ସେଇ ଡେଉଁରିଆ ଧାରଣ କଲେ ତୁମର ସମସ୍ତ ବ୍ୟାଧି ଆରୋଗ୍ୟ ହୋଇଯିବ ।'' ସେ ସେହି ସ୍ୱପ୍ନବୃତ୍ତାନ୍ତ, ଦରମା'ଙ୍କୁ କହିଲେ । ସେମାନେ ଶନିବାର ଅପେକ୍ଷାରେ ରହିଲେ । ଏଣେ ବାବୁ ଶନିବାର ଦିନ ଦରମା'ଙ୍କ ଘରକୁ ଆସିବେ ନାହିଁ ବୋଲି ଚିଠି ଲେଖି ଡାକରେ ଦେବା ପାଇଁ ଦରୁଆନ୍‌କୁ ଦେଲେ । ଦରୁଆନ୍ ଚିଠିଖଣ୍ଡିକ ଡାକରେ ଦେବାକୁ ଭୁଲି ଗଲା । ସେ କଥା ଜାଣି ପାରି ବାବୁ ଶନିବାର ଦିନ ଦରମା'ଙ୍କ ଘରକୁ ଆଗମନ କଲେ । ତାଙ୍କ ନିକଟରେ ଡେଉଁରିଆ ବିଷୟ କୁହାଗଲା । ସେ ବିସ୍ମିତ ହୋଇ କହିଲେ— ''ଡେଉଁରିଆ ପାଇବି କେଉଁଠୁ ?'' ବାସ୍ତବିକ୍ ତାଙ୍କ ନିକଟରେ କୌଣସି ଡେଉଁରିଆ ତ ନ ଥିଲା, ଅଥବା ସେ ଏ ବିଷୟରେ କିଛି ଅବଗତ ନ ଥିଲେ । ସେମାନେ କହିଲେ—''ଠାକୁରେ ଜଣାଇଛନ୍ତି, ଏକଥା କ'ଣ ମିଥ୍ୟା ହୋଇ ପାରେ ? ଦେଖ ତ ଲୁଗା ବା ଜାମା ଭିତରେ ଥାଇପାରେ ।'' ଲୁଗାଭିତରେ କୌଣସି ଡେଉଁରିଆ ପାଇଲେ ନାହିଁ । ପରେ ଜାମା ପକେଟ୍‌ରୁ ଗୋଟିଏ ରୌପ୍ୟ ନିର୍ମିତ ଡେଉଁରିଆ ପ୍ରାପ୍ତ ହୋଇ ବିସ୍ମିତ ହେଲେ ।

୧୩୨୬ ସାଇର ଆଶ୍ୱିନ ମାସର ଏକ ପୂର୍ବାହ୍ନରେ ଦରମା ସ୍ୱାମୀ ସହ ଅଶ୍ରୁପୂର୍ଣ୍ଣ ଲୋଚନରେ ଭାବବିହ୍ୱଳାବସ୍ଥାରେ ହରୀଚଳା ବାଗାନସ୍ଥ ଶ୍ରୀଶ୍ରୀଠାକୁରଙ୍କ ନିବାସକୁ ଆସିଲେ । ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖରେ ସେ କେତେ ସ୍ତବ କରିବାକୁ ଲାଗିଲେ । ପରେ କହିଲେ— ''ପ୍ରାତଃକାଳରେ ଧ୍ୟାନ କରିବାବେଳେ ଶ୍ରୀଶ୍ରୀଠାକୁରଙ୍କ ଘ୍ରାଣରେ ମହାରାଜ ଆସୁଥିଲେ ।'' ମନେ ମନେ କହିଲେ, ''ଠାକୁର, ତୁମ ଘ୍ରାଣରେ ବାରମ୍ବାର ମହାରାଜ ଆସୁଛନ୍ତି କାହିଁକି ?'' ଧ୍ୟାନ ମଧ୍ୟରେ ହିଁ ଠାକୁର କହିଲେ— ''ସେ ଓ ମୁଁ ଯେ ଏକ ।'' ଆଉ ଥରେ ଶ୍ରୀଶ୍ରୀଠାକୁର ଭକ୍ତଗଣଙ୍କ ସହିତ ଚଳ ମହଲା ଘରେ ଥିଲେ, ବହୁକ୍ଷଣ ଦର୍ଶନ ନ ପାଇ ଦରମା'ଙ୍କ ମନରେ କଷ୍ଟ ହେବାରୁ ଧ୍ୟାନରେ ବସିଲେ । ସେତେବେଳେ ଧ୍ୟାନରେ ଦର୍ଶନ ହେଲା ଏବଂ ସେ ଶୁଣିପାରିଲେ ଶ୍ରୀଶ୍ରୀଠାକୁର କହୁଛନ୍ତି—''ମା ତୁ ଦୁଃଖ କରୁଛୁ କାହିଁକି ? ବହୁତ ଲୋକଙ୍କୁ ନେଇ ରହିଛି । ତୋତେ ତ ଧ୍ୟାନରେ ଦେଖା ଦେଉଛି ।'' ଦରମା'ଙ୍କର ଆନନ୍ଦର ଆଉ ସୀମା ରହିଲା ନାହିଁ । ତାଙ୍କର ଆନନ୍ଦ ଏତେ ପ୍ରବଳ ହେଲାଯେ ଆତ୍ମସମ୍ବରଣ କରି ନ ପାରି ଘଟଣାଟି ପ୍ରକାଶ କରିଦେଲେ ।

୧୭
ପଟମୂର୍ତ୍ତିର ଲୀଳାଖେଳା
ପଟମୂର୍ତ୍ତି-କର୍ତ୍ତୃକ ମାଳା ଦୂରକୁ ନିକ୍ଷେପ

୧୩୨୬ ସାଲରେ ବୈଶାଖ-ସଂକ୍ରାନ୍ତି ଦିନ କୁଷ୍ଟିୟା ବଜାରରେ ମହୋତ୍ସବ ହେଲା । ସନ୍ଧ୍ୟାକାଳରେ ସତ୍‌ସଙ୍ଗ-ସାଧନମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କର ପଟମୂର୍ତ୍ତି ସୁସଜ୍ଜିତ କରାହୋଇଛି, ବହୁଲୋକ ଉପସ୍ଥିତ । ସଙ୍ଗୀତ ଆରମ୍ଭ ହେବ ଏପରି ସମୟରେ ଜଣେ ବ୍ୟକ୍ତି ସେଠାକୁ ଆଗମନ କରି ଗୋଟିଏ ସୁନ୍ଦର ମଲ୍ଲିଫୁଲର ମାଳା ଡାକ୍ତର ଶ୍ରୀଯୁକ୍ତ ବାବୁ ସତ୍ୟଚରଣ ଦତ୍ତ-ମହାଶୟଙ୍କୁ ଉପହାର

ଦେଲା । ସତ୍ୟବାବୁ ମାଳାଟି ପାଇ ନିଜେ ବ୍ୟବହାର ନକରି ଅତି ଆନନ୍ଦର ସହିତ ଶ୍ରୀଶ୍ରୀଠାକୁରଙ୍କର ପଟମୂର୍ତ୍ତିକୁ ପିନ୍ଧାଇଦେଲେ । ଆମ୍ଭେମାନେ ମନେ କରିଲୁ ମାଳାଟି ଯେହେତୁ ଅନ୍ୟଲୋକର ଉଦ୍ଦେଶ୍ୟରେ ପ୍ରସ୍ତୁତ ଏବଂ ଅନ୍ୟଲୋକର ବ୍ୟବହାରାର୍ଥେ ପ୍ରଦାନ କରାହୋଇଛି, ସେତେବେଳେ ଠାକୁରଙ୍କୁ ଏହି ମାଳା ପ୍ରଦାନ କରିବା ଯୁକ୍ତିସଙ୍ଗତ କାର୍ଯ୍ୟ ନୁହେଁ । ମାଳାଟି କୌଣସି ଏକ ବେଶ୍ୟାମାତା କର୍ତ୍ତୃକ ପ୍ରେରିତ । ତାହା ସଦୁଦ୍ଦେଶ୍ୟରେ ପ୍ରେରିତ ହୋଇନାହିଁ । ସେତେବେଳେ ଅନେକେ ଦେଖିବାକୁ ପାଇଲେ, ସେହି ପଟମୂର୍ତ୍ତି ଉକ୍ତ ମାଳାଟିକୁ ଦୂରକୁ ନିକ୍ଷେପ କରିଲେ । ଘଟଣାଟି ଏପରି ନୁହେଁ ଯେ, କୌଣସି କାରଣରୁ ମାଳାଟି ନିମ୍ନରେ ପତିତ ହେଲା ମାତ୍ର । ସ୍ପଷ୍ଟ ଦେଖାଗଲା ଯେ ମାଳାଟି ବେଶ୍ ସଞ୍ଚାଳିତ ହୋଇ ପ୍ରାୟ ଦୁଇତିନି ହସ୍ତ ଦୂରରେ ସେହି ମୂର୍ତ୍ତିର ଦକ୍ଷିଣପାର୍ଶ୍ୱରେ ନିକ୍ଷିପ୍ତ ହେଲା । ସମସ୍ତେ ସ୍ତମ୍ଭିତ,ଚମତ୍‌କୃତଓ ମହା-ଆନନ୍ଦିତ ହେଲେ । ପ୍ରତ୍ୟକ୍ଷଦର୍ଶୀଗଣ ବୁଝିଲେ, ଏହି ପଟମୂର୍ତ୍ତି ଯାହାଙ୍କର ସେ କିପରି !

ପଟମୂର୍ତ୍ତିର ଅନ୍ୟାହାର ପୂର୍ବବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।

ପଟମୂର୍ତ୍ତିର ଝୁଲଣ

ବାଗ୍‌ବଜାରରେ ପାନ୍ନାଲାଲବାବୁଙ୍କର ମାଉସୀ ମାତାଠାକୁରାଣୀ ଦିନେ ତାଙ୍କ ଠାକୁରଘରେ ଶ୍ରୀଶ୍ରୀଠାକୁରଙ୍କ ପଟମୂର୍ତ୍ତିର ସମ୍ମୁଖରେ ବସି ନାମ କରୁଥିଲେ, ଏପରି ସମୟରେ ଦେଖିବାକୁ ପାଇଲେ, ସେହି ଛବି ଝୁଲୁଛି । ପାଖ ଘରେ ଚାକର ଥିଲା, ସେ ପ୍ରଥମେ ତାକୁ ଡାକି ଦେଖାଇଲେ । ସେ କହିଲେ— ''ଘରର ସମସ୍ତଙ୍କୁ ଡାକି ଦେ, ସେମାନେ ଆସି ଘଟଣାଟା ଦେଖନ୍ତୁ ।'' ଚାକରଟି ବେଶ୍ ଭକ୍ତ, ସେ କହିଲା— ''ଅନ୍ୟ କାହାକୁ ଡାକିବା ଉଚିତ ନୁହେଁ । ଅନ୍ୟ ଲୋକ ଆସିଲେ ହୁଏତ ଦୋଳନ ବନ୍ଦ ହୋଇଯାଇପାରେ ।'' ସେ ତାହା ମାନିଲେ ନାହିଁ । ସମସ୍ତଙ୍କୁ ଡାକିବାକୁ କହିଲେ । ଭୃତ୍ୟଟି ତାହା କରିଲା । ସେମାନେ ସେଠାରେ ଉପସ୍ଥିତ ହେବାମାତ୍ରକେ ଝୁଲଣଲୀଳା ବନ୍ଦ ହୋଇଗଲା ! ସେମାନେ ଦର୍ଶନରୁ ବଞ୍ଚିତ ହୋଇ ଦୁଃଖିତ ହେଲେ । ସେତେବେଳେ ଛବି ପୁନଶ୍ଚ ଝୁଲିବାକୁ ଆରମ୍ଭ କରିଲା । ଅନେକେ ଚଦର୍ଶନରେ ପରମ ଆନନ୍ଦ ଲାଭ କରିଲେ । କେହି କେହି କହିଲେ— ''ହୁଏତ ଛବିଟା ପବନରେ ଏପରି ଝୁଲୁଛି ।'' କେହି କେହି ମନ୍ତବ୍ୟ କଲେ—''ସେହି ଛବିର ନିକଟରେ ତ ଆହୁରି ଅନେକ ଛବି ରହିଛି, ସେଗୁଡ଼ିକ ତେବେ ଝୁଲୁ ନାହିଁ କାହିଁକି ?'' ସେତେବେଳେ ଯେପରି ସେହି ସ୍ଥାନରେ ପବନ ପ୍ରବେଶ କରି ନ ପାରେ, ସେ ଉଦ୍ଦେଶ୍ୟରେ ଘରର ଦ୍ୱାର ଓ ଝରକା ବନ୍ଦ କରାଗଲା । ସେତେବେଳେ ମଧ୍ୟ ସମସ୍ତେ ପ୍ରତ୍ୟକ୍ଷ ଦର୍ଶନ କଲେ, ସେହି ପଟମୂର୍ତ୍ତି ପୂର୍ବବତ୍ ଝୁଲୁଛି । ଧନ୍ୟ ଭକ୍ତ ! ତୁମର ପ୍ରେମରେ, ତୁମର ଭକ୍ତିରେ, ତୁମର ଭାଗ୍ୟବଳରେ, ତୁମ ପାଇଁ ଜଗତରେ ସମସ୍ତ ସମ୍ଭବ ହୁଏ ।

ବର୍ତ୍ତମାନ ଯୁଗର ପଦ୍ମପାଦ

କୁଷ୍ଟିୟାର ବିଖ୍ୟାତ ଧନୀ ଶ୍ରୀଯୁକ୍ତ ବାବୁ କୃଷ୍ଣଚନ୍ଦ୍ର ରାୟଚୌଧୁରୀ-ମହାଶୟ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବାକୁ ଯାଇ ଅନେକ ଦିନ ହିମାଇତପୁରରେ ଅବସ୍ଥାନ କରିଛନ୍ତି । ଦେଶକୁ ଯିବା ପାଇଁ ବାରମ୍ବାର ସମ୍ବାଦ ଦେବା ସତ୍ତ୍ୱେ ସେ ଦେଶକୁ ପ୍ରତ୍ୟାଗମନ କରି ନାହାନ୍ତି । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣ

ବର୍ଷାକାଳର ଅବସ୍ଥା, ସେମାନେ ବୁଝି ପାରିବେ କି ଆଶ୍ଚର୍ଯ୍ୟ ବ୍ୟାପାର ଘଟିଗଲା। ଅତୀତ ଯୁଗର ପଦ୍ମପାଦ ପରି ବା ପ୍ରହ୍ଲାଦ ପରି କୃଷ୍ଣଚନ୍ଦ୍ର ଅଗାଧଜଳରେ ବୁଡ଼ି ମଧ୍ୟ ପ୍ରାଣ ପାଇଲେ ଏବଂ ଜଳ ଉପରେ ଚାଲି ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କଲେ। କୃଷ୍ଣବାବୁ ହସିବାକୁ ଲାଗିଲେ। ଘଟଣାଟିରେ ଯେ ଚିଳେମାତ୍ର ବିଚଳିତ ହୋଇନାହାଁନ୍ତି। ତାଙ୍କର ପ୍ରାଣରେ ଯେପରି ଆନନ୍ଦ ଧରୁ ନ ଥାଏ। ଶ୍ରୀଶ୍ରୀଠାକୁର ତାଙ୍କର ପୃଷ୍ଠଦେଶରେ ହସ୍ତାର୍ପଣପୂର୍ବକ ସହାସ୍ୟବଦନରେ ମୃଦୁମଧୁର ବାକ୍ୟରେ କହିଲେ—"ପାଗଳ, ଧନ୍ୟ ତୋର ସାହସ।" ଦର୍ଶକଗଣ, ଆନନ୍ଦ ବିହ୍ୱଳିତଚିତ୍ତରେ ବିସ୍ମୟ-ବିମ୍ଫାରିତ ଲୋଚନରେ ଚିତ୍ରାର୍ପିତବତ୍ ଦଣ୍ଡାୟମାନ ରହିଲେ। ହାୟ ରେ, ଆମ୍ଭଚଞ୍ଚଳ ମନ ଆମର ! ଏତେ ଦେଖି, ଏତେ ଶୁଣି କ'ଣ ବିଶ୍ୱାସ ସ୍ଥିର ରଖିପାର ନା !

ଦୈବଯୋଗରେ ମୃଦଙ୍ଗ-ବାଜଣା

କଲିକତା ବେଲିୟାଘାଟାର ଶ୍ରୀଯୁକ୍ତ ବାବୁ ବଲାଇଚନ୍ଦ୍ର ଘୋଷ-ମହାଶୟଙ୍କର ପିତା ଅଶୀତିପରବୃଦ୍ଧ ଶ୍ରୀଯୁକ୍ତ ବାବୁ ଶ୍ରୀନାଥ ଘୋଷ-ମହାଶୟ ଓ ହରିହରବାବୁଙ୍କର ଶ୍ୱଶୁର-ମହାଶୟ ହିମାଇତପୁର ଶ୍ରୀଶ୍ରୀଠାକୁର-ବାଡିକୁ ଆସିଥିଲେ। ଶ୍ରୀନାଥବାବୁଙ୍କୁ ଜିଜ୍ଞାସା କଲି—"ମହାଶୟ, ଆପଣ କେଉଁ ବିଶ୍ୱାସରେ ଏଠାକୁ ଆସିଲେ ?" ସେ କହିଲେ— "ମୋର ପୁତ୍ର ଶ୍ରୀମାନ୍ ବଲାଇଚନ୍ଦ୍ର, ତା'ର ବନ୍ଧୁ ହରିହର, ସତ୍ୟଚରଣ, ଯତୀନ୍‌ବାବୁ, ଯଶୋଦାବାବୁ ପ୍ରଭୃତି ଏଠାରୁ ସତ୍ୟନାମ ଗ୍ରହଣ କରିଛନ୍ତି। ଦିନେ ମୁଁ ଓ ହରିହରବାବୁଙ୍କର ଶ୍ୱଶୁର ଦୁହେଁ ସେମାନଙ୍କର ସତ୍‌ସଙ୍ଗ-ସାଧନମନ୍ଦିରକୁ କୀର୍ତ୍ତନ ଶୁଣିବାକୁ ଯାଇ ଏକପାର୍ଶ୍ୱରେ ବସିଥିଲୁ। ସେମାନେ ନାନାପ୍ରକାର ବାଦ୍ୟଯନ୍ତ୍ର ଦ୍ୱାରା କୀର୍ତ୍ତନ କରୁଛନ୍ତି। ସମସ୍ତେ ଭାବରେ ମତୁଆଲା। ଘରର ଗୋଟିଏ କୋଣରେ ଗୋଟିଏ ମୃଦଙ୍ଗ ଝୁଲା ହୋଇଛି। କୀର୍ତ୍ତନରେ ସେହି ମୃଦଙ୍ଗଟି ବଜା ହେଉନାହିଁ। କିଛିକ୍ଷଣ ପରେ ଦେଖିଲେ ସେହି ମୃଦଙ୍ଗର ବାମ ପାଖଟି ଆପେ ଆପେ ବାଜୁଛି। ପରେ ସେହି ମୃଦଙ୍ଗର ବାମ ଓ ଡାହାଣ ପାଖ ଆପେ ଆପେ ବାଜିବାକୁ ଲାଗିଲା। ଶେଷରେ ସେହି ଝୁଲା ହୋଇଥିବା ମୃଦଙ୍ଗ କୀର୍ତ୍ତନର ତାଳ, ମାନ, ଲୟ ଅନୁସାରେ ଆପେ-ଆପେ ବାଜିବାକୁ ଲାଗିଲା। ଅନେକେ ତା' ଲକ୍ଷ୍ୟକରି ଆଶ୍ଚର୍ଯ୍ୟାନ୍ୱିତ ହେଲେ। ମୋର ମନରେ ସେତେବେଳେ ଭକ୍ତିଭାବର ଉଦୟ ହେଲା। ଠାକୁରଙ୍କର ଛବି ଚିନ୍ତା କରି ଆଖି ବନ୍ଦ କରି ରହିଲି। ଅଳ୍ପକ୍ଷଣ ପରେ ଆଶ୍ଚର୍ଯ୍ୟ ଜ୍ୟୋତିଃ ଦର୍ଶନ କରି ମୂର୍ଚ୍ଛିତ ହୋଇ ପଡ଼ିଲି। ମୋର ପୁଅ ଭୟଭୀତ ହୋଇ ମୋତେ ଡାକି ଉଠାଇଲା। ସେହି ଘଟଣାରେ ଆକୃଷ୍ଟ ହୋଇ ଏଠାକୁ ଆସିଛି ବାବା।"

ମୁଁ କହିଲି—"ଏଠାକୁ ଆସି କ'ଣ ମନେ ହେଉଛି, କିପରି ଲାଗୁଛି ?" ସେ ଉତ୍ତରରେ କହିଲେ— "ଏଠାକୁ ଆସି କେତେକ ଅଲୌକିକ ଘଟଣା ଆର ଠାକୁରଙ୍କ ଅନ୍ତର୍ଯ୍ୟାମିତ୍ୱ ଓ ଅପରିସୀମ ଭଲପାଇବା ଦେଖି ଏହି ସତ୍ୟନାମ ଗ୍ରହଣ କରିଛି।"

ଦିନେ ଶୁଣିଲି, କଲିକତା ହରାତକୀ ବାଗାନ୍‌ର ବସାଘରେ ଯଶୋହର ଜିଲ୍ଲା ଅନ୍ତର୍ଗତ କୋଦଳାପଡ଼ା-ନିବାସୀ ଶ୍ରୀଯୁକ୍ତ ବାବୁ ହରିଚରଣ ମୌଳିକ-ମହାଶୟ କାଳୀଘାଟ ନିବାସୀ ଶ୍ରୀଯୁକ୍ତ ବାବୁ ମଣିମୋହନ ବ୍ୟାନାର୍ଜି-ମହାଶୟଙ୍କ ନିକଟରେ କହୁଥିଲେ ଯେ, ଗ୍ରାମରେ ମୃଦଙ୍ଗ ବା କୀର୍ତ୍ତନର ଉପଯୁକ୍ତ ବାଦ୍ୟଯନ୍ତ୍ର ନ ଥିବାରୁ ସେମାନେ ସେତାର ନେଇ କୀର୍ତ୍ତନ କରୁଥିଲେ। ମୃଦଙ୍ଗ ନ ଥିଲା

ଛାଡ଼ି ତାଙ୍କର ପ୍ରାଣ କୌଣସିମତେ ଚୁହକୁ ଗମନ କରିବାକୁ ଚାଁହେନା। ଦିନେ ବିଶେଷ ଅନୁରୋଧକ୍ରମେ ତାଙ୍କୁ ନୌକାଯୋଗେ କୁଷ୍ଟିୟା-ଅଭିମୁଖରେ ଯାତ୍ରା କରିବାକୁ ହେଲା। ତରଙ୍ଗ-ହିଲ୍ଲୋଳ-ବିକ୍ଷୋଭିତ ପଦ୍ମା ବକ୍ଷରେ ପାଇ ବନ୍ଧା ହୋଇଥିବା ତରଣୀଟି ବିଦ୍ୟୁତ୍ ବେଗରେ ଧାବିତ ହେବାକୁ ଲାଗିଲା। ଶ୍ରୀଶ୍ରୀଠାକୁରଙ୍କ ନିକଟରୁ କେହି ଗୃହଗମନୋଦ୍ଦେଶ୍ୟରେ ଯାତ୍ରା କଲେ ତାଙ୍କର ଅବସ୍ଥା ଗର୍ଭଧାରିଣୀ ଜନନୀର ବିଦେଶ ଗମନୋଦ୍ୟତ ସନ୍ତାନକୁ ବିଦାୟ-ଦାନକାଳୀନ ଅବସ୍ଥା ପରି ହୋଇଥାଏ। ତେଣୁ ସେ ପଦ୍ମାତୀରରେ ସତ୍‌ସଙ୍ଗବାଟୀରେ ନିର୍ନିମେଷ ନୟନରେ କୃଷ୍ଣଚନ୍ଦ୍ରଙ୍କର ସେହି ନୌକା ଆଡ଼କୁ ଦୃଷ୍ଟିପାତ କରି ଦଣ୍ଡାୟମାନ ରହିଲେ। କୃଷ୍ଣଚନ୍ଦ୍ର ମଧ୍ୟ ନୌକାରୁ ଏକଦୃଷ୍ଟିରେ ଶ୍ରୀଶ୍ରୀଠାକୁରଙ୍କର ଅଲୌକସାମାନ୍ୟ ରୂପ ମାଧୁରୀ ଦର୍ଶନରେ ବିମୋହିତ ହୋଇ ରହିଛନ୍ତି। କୃଷ୍ଣବାବୁଙ୍କ ଦେହଟା ନୌକାରେ ରହିଲା ମାତ୍ର, କିନ୍ତୁ ତାଙ୍କର ପ୍ରାଣଟି ଛୁଟି ଯାଇ ଉପସ୍ଥିତ ହେଲା ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣ ପ୍ରାନ୍ତରେ। ନୌକାଟି ସତ୍‌ସଙ୍ଗବାଟୀଠାରୁ ଅନେକ ଦୂରକୁ ଗମନ କରିଛି, ପ୍ରାୟ ପଦ୍ମାନଦୀର ମଧ୍ୟଭଳର ନିକଟବର୍ତ୍ତୀ ହୋଇଛି। କୃଷ୍ଣଚନ୍ଦ୍ର ଅକସ୍ମାତ୍ ଏକ ଲମ୍ଫରେ ପଦ୍ମାଗର୍ଭରେ ପତିତ ହେଲେ। ସେତେବେଳେ ବର୍ଷାକାଳ। ଭରାନଦୀ, ଭୀଷଣ ଖରସ୍ରୋତ, ଦେଖିଲେ ଭୟ ହୁଏ। ନୌକାସ୍ଥିତ ଏବଂ ପଦ୍ମାତୀରସ୍ଥ ବ୍ୟକ୍ତିଗଣ ହାୟ-ହାୟ କରିବାକୁ ଲାଗିଲେ। ଘଟଣା ଦେଖିବା ପାଇଁ ବହୁଲୋକ ଆସି ଉପସ୍ଥିତ ହେଲେ। ନୌକାର ଲୋକମାନେ ଅତ୍ୟନ୍ତ ଭୀତିପୂର୍ଣ୍ଣ ବ୍ୟାକୁଳ-ଚିତ୍ତରେ କ୍ଷିପ୍ରହସ୍ତରେ ପାଲ ଖପାଇବାକୁ ଲାଗିଲେ। ସେହି ଭୀଷଣ ସ୍ରୋତ କୃଷ୍ଣଚନ୍ଦ୍ରଙ୍କୁ ଆଖିପଲକରେ ନୌକାଠାରୁ ଅନେକ ଦୂରକୁ ଭସାଇ ନେଇଗଲା। ସମସ୍ତେ ଭାବିଲେ ତାଙ୍କର ଜୀବନରେ ଆଉ କୌଣସି ଆଶା ନାହିଁ। ଶ୍ରୀଶ୍ରୀଠାକୁର ଅଟଳ, ଅଚଳ, ଧୀରସ୍ଥିର ଭାବରେ ଦଣ୍ଡାୟମାନ। ସେହ କହିଲେ—"ଭୟ ନାହିଁ, ସେ-ଶଳାର କ'ଣ ଏଥିରେ ମରଣ ହୋଇପାରେ ?" କୃଷ୍ଣବାବୁ କହନ୍ତି, ସେ ବୋଧ କରିବାକୁ ଲାଗିଲେ କିଏ ଯେପରି ସେତେବେଳେ ତାଙ୍କୁ ଧରି ଭସାଇ ରଖିଛି। ତାଙ୍କର ପରିହିତ ବସ୍ତ୍ର ଖୋଲିଯାଇ ପାଦରେ ଗୁଡ଼ାଇ ହେବାର ଉପକ୍ରମ ହେଲା। ବାମହସ୍ତରେ ଗୋଟିଏ ଲୁଗା ଓ ଗାମୁଛା ଥିଲା। କେବଳ ଦକ୍ଷିଣ ହସ୍ତରେ ସନ୍ତରଣ କାର୍ଯ୍ୟ ଚାଲିଥିଲା। ଥରେ ସେହି ଅଲକ୍ଷିତ ସାହାଯ୍ୟକାରୀର ହସ୍ତ କୃଷ୍ଣବାବୁଙ୍କୁ ପରିତ୍ୟାଗ କଲା। ସେ ନଦୀ ଗର୍ଭରେ ନିମଜ୍ଜିତ ହେଲେ। ବୁଡ଼ିଯିବା ସମୟରେ ତାଙ୍କର ଆରାଧ୍ୟ ଇଷ୍ଟନରବିଗ୍ରହଙ୍କୁ ଥରେ ଦର୍ଶନ କରିନେଲେ। ସେତେବେଳେ ମନେ ମନେ ସେ ଖୁବ୍ ନାମ (ସତ୍ୟନାମ) କରୁଥିଲେ। ଏହି ସମୟରେ ସେ ମନେ ମନେ କହିଲେ— "ଠାକୁର, ଏଥର ଶେଷ। ମୃତ୍ୟୁ ହେଲା ପେଥିରେ ଚିନ୍ତା ନାହିଁ। ଶେଷ ସମୟରେ ଯେ ତୁମକୁ ଦେଖିବାକୁ ପାଇଲି ଏହାହିଁ ମୋର ସୁଖ। ଏଥିରୁ ମୁଁ ଧନ୍ୟ ହେଲି।" ସଙ୍ଗେ ସଙ୍ଗେ ତାଙ୍କର ପଦରେ ମୃତ୍ତିକାସ୍ପର୍ଶାନୁଭୂତି ହେଲା। ସେଠାରେ ଖୁବ୍ କମ୍ ଜଳ ମନେକରି ସେ ଦଣ୍ଡାୟମାନ ହେବାକୁ ଚେଷ୍ଟା କରି ଦେଖିଲେ, ସେଠାରେ ତାଙ୍କୁ ଆଣ୍ଠୁଏ ଜଳ। ଅବଶ୍ୟ ସ୍ରୋତରେ ସେ ତୀରର ଅନେକ ନିକଟବର୍ତ୍ତୀ ହୋଇଥିଲେ, ତେବେ ତୀରଠାରୁ ବହୁଦୂରରେ ଅଗାଧ ଜଳରେ ସେ ଅବସ୍ଥାନ କରିଲେ ମଧ୍ୟ ଆଣ୍ଠୁଏ ଜଳ ଅନୁଭବ କଲେ। ସେତେବେଳେ ହସି ହସି ଶ୍ରୀଶ୍ରୀଠାକୁରଙ୍କ ଆଡ଼କୁ ଧାବିତ ହେଲେ। ସେ ଯେତେ ଦୌଡ଼ିବାକୁ ଲାଗିଲେ ସେତେ ତାଙ୍କର ଫୂର୍ତ୍ତି ହେବାକୁ ଲାଗିଲା। ନଦୀର ସେହି ଅଗାଧ ଜଳରାଶିରୁ ବହୁ ଦୂରବର୍ତ୍ତୀ ସତ୍‌ସଙ୍ଗବାଟୀ ପର୍ଯ୍ୟନ୍ତ ସର୍ବତ୍ର ତାଙ୍କର ଆଣ୍ଠୁଏ ଜଳ ହୋଇଗଲା। ସମସ୍ତେ ଦେଖିଲେ ବାସ୍ତବିକ୍ ସେଠାରେ ଅଗାଧ ଜଳ, ଅଥଚ ସେ ବାସ୍ତବିକ୍ ଆଣ୍ଠୁଏ ଜଳରେ ଦୌଡ଼ି ଯାଉଛନ୍ତି। ପଦ୍ମାନଦୀକୁ ଯେଉଁମାନେ ଜାଣନ୍ତି, ବିଶେଷତଃ ତାହାର

ବୋଲି ମନରେ ଦୁଃଖ ହୋଇଥିଲା । କିନ୍ତୁ ସତ୍ୟନାମର କି ଅପାର ମହିମା ! ସେମାନଙ୍କର କୀର୍ତ୍ତନ ମଧ୍ୟରେ ଥରେ ଦୈବଯୋଗରେ ବିନା ମୃଦଙ୍ଗରେ ମୃଦଙ୍ଗ ବାଜି ଉଠିଥିଲା ।

ଦୈବଯୋଗରେ ଧୂପଝୁଣା ଫୁଲ-ଚନ୍ଦନର ଗନ୍ଧ

ଅନେକ ସ୍ଥାନରେ ଅନେକ ସମୟରେ ଯେଉଁ ଗୃହରେ ଶ୍ରୀଶ୍ରୀଠାକୁରଙ୍କ ପଟମୂର୍ତ୍ତି ଥାଏ ଓ ସେଠାରେ ଏହି ସତ୍ୟନାମ କୀର୍ତ୍ତନ ହୁଏ ବିନା ଝୁଣା ଫୁଲ-ଚନ୍ଦନରେ ସେଠାରେ ଏହିପରି ସୁଗନ୍ଧ ପ୍ରାପ୍ତ ହୋଇଯାଏ । କୋଦଳାପଡ଼ାରେ କେତେଥର ଏହିପରି ହୋଇଥିଲା । ଦତ୍ତମା କହନ୍ତି– ସେ ଯେତେବେଳେ ଯେଉଁ ଫୁଲ କଳ୍ପନା କରି ମନେ ମନେ ଶ୍ରୀଶ୍ରୀଠାକୁରଙ୍କୁ ପୂଜା କରନ୍ତି ସେତେବେଳେ ସେହି ଫୁଲର ସଦ୍‌ଗନ୍ଧରେ ଘର ପରିପୂର୍ଣ୍ଣ ହୋଇଯାଏ । ସେଥର ମୟମନ୍‌ସିଂହ, ଗୋଲକପୁର ରାଣୀମାତାଙ୍କ କଲିକତାସ୍ଥ ବାସଭବନରେ ଦତ୍ତମା'ଙ୍କର ଏହିପରି ଘଟଣା ଓ ବିନା ଫୁଲରେ ଫୁଲର ଗନ୍ଧ ଅନେକେ ପ୍ରତ୍ୟକ୍ଷ କରିଥିଲେ ।

୧୮

ଶ୍ରୀଶ୍ରୀଠାକୁରଙ୍କ ପରୀକ୍ଷା
କିଶୋରୀମୋହନଙ୍କ କଥା

ପାବନା ଷ୍ଟିମରଘାଟର ସନ୍ନିକଟସ୍ଥ ମାଝିପଡ଼ା ପ୍ରତାପପୁର-ନିବାସୀ କିଶୋରୀମୋହନ ବର୍ତ୍ତମାନ ଜଣେ ପରମପ୍ରେମିକ ମହାପୁରୁଷ । ସେ ଶ୍ରୀଶ୍ରୀଠାକୁରଙ୍କର ଜଣେ ପ୍ରଧାନ ପାର୍ଷଦ ଭକ୍ତ । ପୂର୍ବେ ସେ ଶ୍ରୀଶ୍ରୀହରନାଥ ଠାକୁରଙ୍କର ଭକ୍ତ ଥିଲେ ।

ନବାନ୍ନଭୋଗରେ ପରୀକ୍ଷା

ଆଜି କିଶୋରୀମୋହନଙ୍କର ଗୃହରେ ନବାନ୍ନଭୋଗ ହେବ । ତାଙ୍କର ଭକ୍ତ କୋକନଚନ୍ଦ୍ର ତାଙ୍କୁ କହିଲେ–''ଠାକୁରଙ୍କ ପ୍ରତି ମଝିରେ ମଝିରେ ମୋର ଅବିଶ୍ୱାସ ହୁଏ । ଆଜି ନବାନ୍ନଭୋଗରେ ଟିକିଏ ପରୀକ୍ଷା କରେ ।''

କିଶୋରୀମୋହନ ଅସମ୍ମତ ହେଲେ ନାହିଁ । ନବାନ୍ନଭୋଗର ଆୟୋଜନ ହେଲା । ଦୁଇ ସ୍ଥାନରେ ପୃଥକ୍-ପୃଥକ୍ ଦୁଇଖଣ୍ଡ ଆସନ ଦେଇ ପୃଥକ୍-ପୃଥକ୍‌ଭାବରେ ଦୁଇଟି ଭୋଗ ଦିଆହେଲା । ଗୋଟିଏ ଶ୍ରୀଶ୍ରୀହରନାଥଙ୍କ ନାମରେ ନିବେଦନ କରାହେଲା । ଆଉ ଗୋଟିଏ ନିବେଦନ କରାହେଲା ଆମର ବର୍ଣ୍ଣିତ ଶ୍ରୀଶ୍ରୀଠାକୁରଙ୍କ ନାମରେ । ଭୋଗ ନିବେଦନ କରି ସେମାନେ ଅନେକ ସମୟ ଅପେକ୍ଷା କରିଲେ । ମନର ଭାବ ଏହି ଯେ, ଦେଖାଯାଉ, ନ ଡାକିଲେ ଠାକୁର ଆସି ଏହି ନିବେଦିତ-ଭୋଜ୍ୟ ଗ୍ରହଣ କରନ୍ତି କି ନାହିଁ । ଆଉ, ଏହି ଦୁଇଟି ନିବେଦିତ-ଭୋଗ ମଧ୍ୟରୁ ଠିକ୍ ତାଙ୍କର ନିଜରଟା ଜାଣି ପାରନ୍ତି କି ନାହିଁ– ଦେଖିବାକୁ ହେବ । ସେମାନେ ଅନେକ ସମୟ ବସି ରହିଲେ, କିନ୍ତୁ ଠାକୁର ଆସିଲେ ନାହିଁ । ସେତେବେଳେ ତାଙ୍କୁ ଘରୁ ଡାକି ଆଣିବା ପାଇଁ କୋକନଚନ୍ଦ୍ରଙ୍କୁ ପଠାଗଲା । କିଶୋରୀମୋହନଙ୍କ ଘରଠାରୁ ଠାକୁରଙ୍କ ଘର ପ୍ରାୟ ପାଞ୍ଚମିନିଟ୍‌ର ରାସ୍ତା । ତାଙ୍କୁ ଡାକିବା ପାଇଁ

କୋକନ ଚାଲିଗଲା, ଏହି ସମୟରେ ଅନ୍ୟ ରାସ୍ତା ଦେଇ ଆସି ହଠାତ୍ ସେ ଉପସ୍ଥିତ ହେଲେ । କୋକନ ବିଫଳମନୋରଥ ହୋଇ ଫେରି ଆସି ତାଙ୍କୁ ଏଠାରେ ଦେଖିବାକୁ ପାଇଲା । ଶ୍ରୀଶ୍ରୀଠାକୁର କିଶୋରୀମୋହନଙ୍କୁ କହିଲେ– ''ଡାକ୍ତର, ଆଜି ଯେ ଭାରି ଆନନ୍ଦ, ଭାରି ଆୟୋଜନ । କିଛି ଖାଇବାକୁ ଦେବ ନା କ'ଣ ?'' କିଶୋରୀମୋହନ କହିଲେ– ''ଖାଉ ନା କାହିଁକି ?''

ଶ୍ରୀଶ୍ରୀଠାକୁର– ସତରେ ଖାଇବି ନା କ'ଣ ?
କିଶୋରୀମୋହନ– ସତରେ ଖାଅ ।
ଠାକୁର– ଏତ ଦୁଇଟା ଦେଖୁଛି, କେଉଁଟା ଖାଇବି ?
କିଶୋରୀମୋହନ–ଯେଉଁଟା ତୁମର ଇଚ୍ଛା ହୁଏ, ସେଇଟା ତୁମେ ଖାଅ ।
ଠାକୁର–କେଉଁଟା ଖାଇବି କହି ଦିଅନା ଭାଇ ।
କିଶୋରୀମୋହନ– ତୁମର ଯେଉଁଟା ଇଚ୍ଛା ସେଇଟା ଖାଅ ।
ଠାକୁର– ନା ଭାଇ, ତୁମେମାନେ ରାଗିବ ।
କିଶୋରୀମୋହନ– ନା, ରାଗିବି ନାହିଁ । ତୁମର ଯେଉଁଟା ଇଚ୍ଛା ଖାଅ ।

ଶ୍ରୀଶ୍ରୀହରନାଥଙ୍କ ନାମରେ ଯେଉଁ ଖାଦ୍ୟ ନିବେଦନ କରା ହୋଇଥିଲା ତାହାର ଢାଙ୍କୁଣି ଖୋଲି ଶ୍ରୀଶ୍ରୀଠାକୁର ହସି ହସି କହିଲେ–''ହଁ, ହଁ, ଏଇଟାକୁ ଖାଇବି ନାହିଁ, ତୁମେମାନେ ରାଗିବ ।'' କିଶୋରୀମୋହନ କହିଲେ– ''ଖାଅ ।'' ସେ କିନ୍ତୁ ସେଇଟିକୁ ଭୋଜନ କରିଲେ ନାହିଁ । ତାଙ୍କ ନିଜ ପାଇଁ ଯେଉଁଟି ନିବେଦନ କରାହୋଇଥିଲା ସେଇଟି ଭୋଜନ କଲେ । ପରେ ପାଗଳ ହରନାଥଙ୍କ ନାମରେ ନିବେଦିତ ଦ୍ରବ୍ୟ ଗ୍ରହଣ କରୁ କରୁ କହିଲେ– ''ଦେଖ, ଏଇଟା ମଧ୍ୟ ମୋର, ଏଇଟା ମଧ୍ୟ ମୋର ଗୋ''– ଏହାକହି ସେ-ଦ୍ରବ୍ୟକୁ ସେ ଭକ୍ଷଣ କଲେ । ସେତେବେଳେ କିଶୋରୀମୋହନ ଠିକ୍-ଠିକ୍ ବୁଝି ପାରି ଆନନ୍ଦାଶ୍ରୁ ସମ୍ବରଣ କରି ପାରିଲେ ନାହିଁ । କୋକନଚନ୍ଦ୍ର କାନ୍ଦି ଆକୁଳ ହେଲେ ।

ସନ୍ଦେଶଦ୍ୱାରା ପରୀକ୍ଷା

ଥରେ ଗୋଟିଏ ରୋଗୀ ଘରୁ କିଶୋରୀମୋହନ ଫେରୁଛନ୍ତି । ପଥ ମଧ୍ୟରେ ଷ୍ଟିମରଘାଟରେ ଗୋଟିଏ ଦୋକାନରେ ଅତି ଉତ୍ତମ ଦୁଇଟି ଖଜୁରୀ ସନ୍ଦେଶ ଦେଖିବାକୁ ପାଇଲେ । ସେ ମନେ କରିଲେ– ''ଆହା, ଏପରି ସୁନ୍ଦର ସନ୍ଦେଶ, ଶ୍ରୀଶ୍ରୀଠାକୁରଙ୍କୁ ଭକ୍ଷଣ କରାଇ ପାରିଲେ ପ୍ରାଣରେ ବଡ଼ ଆନନ୍ଦ ହେବ ।'' ସେ ସନ୍ଦେଶ ଦୁଇଟିକୁ କ୍ରୟ କରି ଘରକୁ ନେଇ ଆସିଲେ । ଘରକୁ ଆସି ତାଙ୍କର ମନେହେଲା–'' ଆଜି ଯଦି ଠାକୁର ବିନା ଆହ୍ୱାନରେ ସ୍ୱୟଂ ସ୍ୱତଃପ୍ରବୃତ୍ତ ହୋଇ ଆଗମନ ପୂର୍ବକ ଏହି ଦୁଇଟି ସନ୍ଦେଶ ମୋ ନିକଟରୁ ମାଗି ଭୋଜନ କରନ୍ତି ତେବେ ଜାଣିବି ସେ..... '' ଏହିପରି ମନେକରି ସେ ସନ୍ଦେଶ ଦୁଇଟିକୁ ଗୋପନରେ ଗୋଟିଏ ଚିତ୍ରପଟର ଅନ୍ତରାଳରେ ଲୁଚାଇ ରଖିଲେ । କୀର୍ତ୍ତନାନନ୍ଦ ହେଲା । କୀର୍ତ୍ତନାନ୍ତେ ସେ ସ୍ୱଗୃହାଭିମୁଖରେ ଗମନ କଲେ । କିଶୋରୀମୋହନ ମନେ ମନେ ଭାବାଲେ–''ଠାକୁର ତ ସନ୍ଦେଶ କଥା କିଛି କହିଲେ ନାହିଁ, ମାଗିଲେ ନାହିଁ, ବା ଖାଇଲେ ନାହିଁ ।'' ସେ ଏହିପରି ଚିନ୍ତା କରୁଛନ୍ତି, ଏପରି ସମୟରେ ଶ୍ରୀଶ୍ରୀଠାକୁର ରାସ୍ତାରୁ ପ୍ରତ୍ୟାଗମନ କରି କହିଲେ–''ଡାକ୍ତର, ମୋତେ ଟିକିଏ ପାଣି ଦିଅ ତ, ପାଣି ପିଇବି ।'' କିଶୋରୀମୋହନ କହିଲେ–''ପାଣିପିଇବ, ଘରକୁଯାଇ ତ ପିଇ ପାରିଥାନ୍ତ । ଏତେଦୂର ଯାଇ ଫେରି ଆସିଲ କାହିଁକି ?''

ଠାକୁର—ତେବେ ଭାଇ ତୁମେ ଟିକିଏ ପାଣି ଦିଅନା ।

କିଶୋରୀ—ଏଠାରେ ପାଣି ପିଇବ, ତା'ର ମାନେ କ'ଣ ?

ଠାକୁର—ତୁମର ଏଠାରେ ପାଣି ପିଇବାକୁ ଇଚ୍ଛା ହେଲା, ତେଣୁ ଫେରି ଆସିଲି ଭାଇ ।

କିଶୋରୀ— ତେବେ ବେଶ୍ ପିଅ । (ଏହି କଥା କହି ପାନୀୟ ଜଳ ପ୍ରଦାନ କଲେ) ।

ଠାକୁର—ଭାଇ, ଖାଲି ପାଣି କ'ଣ ପିଲ୍ଲ ହୁଏ ? କିଛି ଗୋଟାଏ ଦିଅ ନା, ଖାଇ ପାଣି ପିଇବି ।

କିଶୋରୀ—କ'ଣ ଦେବି ?

ଠାକୁର—ଯାହା ତୁମ ଘରେ ଥିବ ।

କିଶୋରୀ—ମୋ ଘରେ କିଛି ନାହିଁ ।

ଠାକୁର—ଟିକିଏ ମିଠା ।

କିଶୋରୀ—ମିଠା କେଉଁଠୁ ପାଇବି ?

ଠାକୁର—ଦୁଇଟି ପଦେଶ ।

କିଶୋରୀ—ତୁମେ କ'ଣ କହୁଛ ? ମୁଁ କହୁଛି ଘରେ କିଛିନାହିଁ, ତୁମେ କହୁଛ ଦୁଇଟି ପଦେଶ । ମୁଁ ପଦେଶ କେଉଁଠୁ ପାଇବି ?

ଠାକୁର—ଦେଖ ନା ଭାଇ, ଦୁଇଟି ଖଜୁରୀ ପଦେଶ ଯଦି ଥାଏ ।

କିଶୋରୀ—ନା, ପଦେଶ ନାହିଁ ।ପାଣି ପିଅ ନା ?

ଠାକୁର—ଭାଇ ପଦେଶର ନିମନ୍ତ୍ରଣ, କେବଳ ପାଣି ପିଇବି କାହିଁକି ?

କିଶୋରୀ—(କୃତ୍ରିମ ମୁଖଭଙ୍ଗୀ କରି) ନା, ପଦେଶ-ଟଦେଶ ନାହିଁ ।

ସେତେବେଳେ ଶ୍ରୀଶ୍ରୀଠାକୁର ଦୁଇବାହୁ ଦ୍ୱାରା କିଶୋରୀମୋହନଙ୍କ ଗଳଦେଶ ବେଷ୍ଟନପୂର୍ବକ, ଯେଉଁଠାରେ ଖଜୁରୀ ପଦେଶ ଚିତ୍ରପଟର ଅନ୍ତରାଳରେ ଲୁକ୍କାୟିତଭାବରେ ରକ୍ଷିତ ଥିଲା ସେହି ସ୍ଥାନରେ ଶୋଇ ପଡ଼ିଲେ ଏବଂ ସେହି ପଦେଶରେ ହସ୍ତାର୍ପଣ କରି କହିଲେ—"ଏ କ'ଣ ଭାଇ ?"

କିଶୋରୀମୋହନ କହିଲେ—"ସେ ତମାଖୁ ।"

ଶ୍ରୀଶ୍ରୀଠାକୁର ପୁନରାୟ ସେଥିରେ ହାତ ଦେଇ କୃତ୍ରିମ ଭାବରେ ଚମକିତ ହୋଇ କହିଲେ—"ଓ ! ଏ କ'ଣ ? ସାପ ନା କ'ଣ ଭାଇ ? ତୁମର ଏହି ଛବିଟିର ଆଡୁଆଳରେ ସାପ ନା କ'ଣ ?"

କିଶୋରୀମୋହନ କହିଲେ—"ଥାଉ-ଥାଉ, ସେଥିରେ ହାତ ଦିଅନା । ସାପ-ଫାପ ନାହିଁ ସେଠାରେ ।"

ଶ୍ରୀଶ୍ରୀଠାକୁର ସେତେବେଳେ ସେହି ସ୍ଥାନରୁ ସ୍ନେହସ୍ତରେ ସେହି ଗୁପ୍ତଭାବରେ ରକ୍ଷିତ ସନ୍ଦେଶ

ଦୁଇଟିକୁ ବାହାର କରି ଆଣିଲେ । କହିଲେ— "ବାଃ, କି ସୁନ୍ଦର ଖଜୁରୀର ପଦେଶ ! ପତରେ ତ ! ପରମପିତା ମୋ ପାଇଁ ଏଠାରେ ଖଜୁରୀର ସନ୍ଦେଶ ଆଣି ରଖିଛନ୍ତି । ଆଉ ତୁମେ ମୋତେ ଦେବାକୁ ଚାହୁଁନା ଡାକୁର !"

ସେତେବେଳେ କିଶୋରୀମୋହନ ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଆନନ୍ଦବିହ୍ୱଳ-ଭାବରେ ବାଷ୍ପାକୁଳିତ କଣ୍ଠରେ ଅଶ୍ରୁପୂର୍ଣ୍ଣ ଲୋଚନରେ କହିଲେ—"ତୁମରି ପାଇଁ ଅଛି, ତୁମେ ଖାଅ ।"

ଶ୍ରୀଶ୍ରୀଠାକୁର ସନ୍ଦେଶ ଦୁଇଟି ଭକ୍ଷଣ କରି ଜଳପାନ କରି ତାଙ୍କର ସ୍ମିତାବପିଦ୍ଧ ସୁନ୍ଦର ସୁମଧୁର ହାସ୍ୟୋତ୍ପୁଲ୍ଲ ବଦନରେ "ଘରକୁ ଯାଉଛି ଏବେ"— କହି ଗୁହାଭିମୁଖରେ ଗମନ କଲେ ।

କିଶୋରୀମୋହନଙ୍କର ନୟନଦ୍ୱୟରୁ ଅବିରଳଧାରାରେ ମହାନନ୍ଦରେ ମୁକ୍ତାଫଳସଦୃଶ ଅଶ୍ରୁବିନ୍ଦୁସମୂହ ଝର-ଝର କରି ଝରି ପଡୁଛି । ସେ ଭାବୁଛନ୍ତି—"ସତରେ ଠାକୁର ସତ୍ୟ ।" ପୁଣି ମନ ଦୁଃଖରେ ଧୂଲ୍ୟବଲୁଣ୍ଠିତ ହୋଇ ବିଳାପ କରିବାକୁ ଲାଗିଲେ—"ହାୟ, ମୁଁ କିପରି ନରାଧମ ! ମନ କିପରି ପାଚ୍ଛି ! ଏତେ ପରୀକ୍ଷା କରି ମଧ୍ୟ ପୁଣି ଅବିଶ୍ୱାସ !" ପୁଣି ଉନ୍ମାଦପରି ଆନନ୍ଦରେ ନୃତ୍ୟ କରୁଛନ୍ତି— ଠିକ୍ ଠିକ୍ ମନୋବାସନା ପୂର୍ଣ୍ଣ ହେଲା ବୋଲି । ପରକ୍ଷଣରେ ପୁଣି ପାଗଳ ପରି କ୍ରନ୍ଦନ କରି କହିବାକୁ ଲାଗିଲେ—"କେତେ ପରୀକ୍ଷା କଲି, କେତେ ପ୍ରମାଣ ପାଇଲି, ତେବେ ବି ମୋ ମନରେ ଅବିଶ୍ୱାସ ହୁଏ ! ମୁଁ କିପରି ପାଷଣ୍ଡ !" ପୁଣି ଚତୁର୍ଭଣ୍ଡାର୍ ମହାନନ୍ଦରେ ନୃତ୍ୟ କରୁ କରୁ କହୁଛନ୍ତି—"ଧନ୍ୟ ଧନ୍ୟ ଆମେ । କେତେ ମୁନିଋଷି ସହସ୍ର ବର୍ଷ ତପସ୍ୟା କରି ଯେଉଁ ବସ୍ତୁକୁ ପାଆନ୍ତି ନାହିଁ, ଆଜି ଆମେ ସେହି ଧନରେ ଧନୀ ।" ଏହିପରି କିଶୋରୀମୋହନ ପ୍ରେମୋନ୍ମତ୍ତଭାବରେ କେତେବେଳେ ହାସ୍ୟ, ତେତେବେଳେ କ୍ରନ୍ଦନ, କେତେବେଳେ ନୃତ୍ୟ, କେତେବେଳେ ଧୂଲ୍ୟବଲୁଣ୍ଠିତ କରିବାକୁ ଲାଗିଲେ ।

ଶ୍ମଶାନରେ ପ୍ରତ୍ୟକ୍ଷ ପରୀକ୍ଷା

ପୂର୍ବୋକ୍ତ ଘଟଣାର କେତେକ ମାସ ପରେ ଥରେ ରାତ୍ରିରେ କିଶୋରୀମୋହନଙ୍କ ମନରେ ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ ସନ୍ଦେହ ଆସି ଉପସ୍ଥିତ ହେଲା । ସେ ମନେ ମନେ ଭାବିଲେ—"ଠାକୁରଙ୍କୁ ଅବତାର ବୋଲି ମନେ ହୁଏ । ଅନେକ ପ୍ରମାଣ ମଧ୍ୟ ପାଇଛି । କିନ୍ତୁ ସମୟ-ସମୟରେ ଅବିଶ୍ୱାସ ହୁଏ । ମନ ସମୟ-ସମୟରେ ମାନିବାକୁ ଚାଁହେନା । ତେବେ କ'ଣ ମୁଁ ବୁଝି ପାରିବି ନାହିଁ ? ମୋ ଭାଗ୍ୟରେ କ'ଣ ଭଗବାନ ଲାଭ ହେବ ନାହିଁ ? ଏହି ରାତ୍ରିରେ ଶ୍ମଶାନକୁ ଯାଇ ଥରେ ଖୁବ୍ କାନ୍ଦି କରି ଦେଖେ କ'ଣ ହେଉଛି । ଆଜି ଶ୍ମଶାନରେ ବସି ଖୁବ୍ କାନ୍ଦିବି, ସେଥିରେ ପ୍ରାଣ ରହୁ ବା ଯାଉ । 'ମନୁ ସାଧନ କିମ୍ବା ଶରୀର ପାତନ' ।" ମାଘମାସର ଶୀତ । ଆକାଶ ମେଘାଚ୍ଛନ୍ନ । ଘୋର ଅନ୍ଧକାର ରାତ୍ରି । କାହାକୁ ନ ଜଣାଇ ସେ ଶ୍ମଶାନକୁ ଯାଇ ସେଠାରେ ଉପବେଶନ କରି 'ହା ଭଗବାନ୍ ଦେଖା ଦିଅ, ହା ଭଗବାନ୍ ଦେଖା ଦିଅ', କହି ଆକୁଳ ପ୍ରାଣରେ କ୍ରନ୍ଦନ କରିବାକୁ ଲାଗିଲେ । ହଠାତ୍ କେତେ ଘୁଡ଼ିଏ ଶୃଗାଳ ଏକସଙ୍ଗରେ ଉଚ୍ଚସ୍ୱରରେ ଭୁକି ଉଠିଲେ । ସେ ଚମକିତ ହେଲେ । ଭୟ ପାଇଲେ । ସେତେବେଳେ ସେହି ଘୋର ଅନ୍ଧକାରାଚ୍ଛନ୍ନ ନିଶୀଥକାଳରେ ନିସ୍ତବ୍ଧ ଜନପ୍ରାଣୀହୀନ ଭୀଷଣ ଶ୍ମଶାନରେ ଅକସ୍ମାତ୍ ମନୁଷ୍ୟ କଣ୍ଠଧ୍ୱନି ହେଲା— "ଡାକୁର ।" ସେହିଶବ୍ଦରେ ସେ ଭୟଚକିତ ଓ କମ୍ପିତ ହୋଇଉଠିଲେ । ଭାବିଲେ—"ଏ କଣ, ଏହି ମେଘାଚ୍ଛନ୍ନ ଘୋର ଅନ୍ଧକାର ଶୀତ ରାତ୍ରିରେ,

ଏହି ଭୀଷଣ ଶ୍ମଶାନରେ କିଏ ମୋତେ ଡାକୁର ବୋଲି ଡାକିବ ? ଏ କ'ଣ ଭୂତ ନା କ'ଣ ?''

ପୁଣି ଶବ୍ଦ ହେଲା–''ଡାକୁର ।'' ସେତେବେଳେ ସେ କମ୍ପିତ କଳେବରରେ ଭୀତସନ୍ତ୍ରସ୍ତ ମନରେ ଭଙ୍ଗା-ଭଙ୍ଗା ସ୍ୱରରେ ଜିଜ୍ଞାସା କଲେ– ''ତୁମେ କିଏ ?''

ଉତ୍ତର ହେଲା–''ମୁଁ ।'' ଏହି ମୁଁ ଶବ୍ଦରେ କିଶୋରୀମୋହନଙ୍କର ମନେହେଲା ଯେପରି ଆକାଶ-ମେଦିନୀ, ପଦ୍ମାର ବକ୍ଷ, ଶ୍ମଶାନ ଭୂମି ଏବଂ କିଶୋରୀମୋହନଙ୍କ ହୃତ୍‌ପିଣ୍ଡ ପର୍ଯ୍ୟନ୍ତ କମ୍ପିତ ହୋଇ ଉଠିଲା । ନଦୀର ପରପାରରୁ ତାଙ୍କୁ ଯେପରି ବିଦ୍ରୂପ କରିବାପାଇଁ ପ୍ରତିଧ୍ୱନି କହିଲା– 'ମୁଁ' । ସେ ଅତି କଷ୍ଟରେ ଆତ୍ମସମରଣପୂର୍ବକ କହିଲେ– ''କିଏ ତୁମେ ?'' ଉତ୍ତର ହେଲା–''ମୁଁ ଅ..... ।''

କିଶୋରୀମୋହନଙ୍କର ବିଶ୍ୱାସ ହେଲା ନାହିଁ । ସେ ଭୂତ ମନେକରି ରାମନାମ ଜପ କରିବାକୁ ଲାଗିଲେ । ବାଲ୍ୟକାଳରେ ଆଈମା ମୁଖରୁ ଶୁଣିଥିଲେ ଯେ, ରାମନାମ କରିଲେ ଭୂତର ଭୟ ରହେ ନା । ଭୂତ ନିକଟକୁ ଆସି ପାରେ ନା ।

ପୁଣି ଉତ୍ତର ହେଲା–''ସତରେ ମୁଁ ଅ..... ।''

କିଶୋରୀ–କେଉଁ ଅ..... ।

ଶ୍ରୀଶ୍ରୀଠାକୁର–ମୁଁ..... ଚକ୍ରବର୍ତ୍ତୀଙ୍କ ପୁଅ ଡାକୁର ଅ..... ।

କିଶୋରୀ–ସେ ତୁମେ ଯିଏ ହୁଅ ଦୂରରେ ଥାଅ, ନିକଟକୁ ଆସ ନା ।

ଠାକୁର–ମୁଁ ବାସ୍ତବିକ୍ କହୁଛି, ମୁଁ ଅ..... । ତୁମେ ନିକଟକୁ ଆସି ଦେଖ ନା ।

କିଶୋରୀ–ତୁମେ ଯିଏ ହୁଅ ଦୂରରେ ଥାଅ । ମୁଁ ରାମନାମ କରୁଛି, ଶୁଣୁନାହଁ ?

ଠାକୁର–ରାମନାମ କରି କ'ଣ ହେବ ? ମୁଁ ସତରେ ଅ..... ।

କିଶୋରୀମୋହନ ସେତେବେଳେ ମନେ ମନେ ଚିନ୍ତା କଲେ–''ଲୋକଟି ରାମନାମ କରୁଛି, ତେବେ ବୋଧହୁଏ ଭୂତ ନୁହେଁ । ଭୂତ ତ ରାମନାମ କରିପାରେ ନା ଶୁଣିଛି ।''

ସେତେବେଳେ ଶ୍ରୀଶ୍ରୀଠାକୁର ପୁଣି କହିଲେ–''ସେ-ସବୁ ଭାବି କ'ଣ ହେବ ? ତୁମେ ଏଠାକୁ କାହିଁକି ଆସିଲ ?''

କିଶୋରୀ– ଯେଉଁଥି ପାଇଁ ଆସେ ନା କାହିଁକି, ତୁମେ ଆସିଲ କାହିଁକି ?

ଠାକୁର–ତୁମେ ଆସିଛ ବୋଲି ।

କିଶୋରୀ–ମୁଁ ଆସିଲି, ସେଥିରେ ତୁମର ଆସିବା ଦରକାର କ'ଣ ?

ଠାକୁର–ତୁମେ ଆସିଲେ କ'ଣ ମୁଁ ନ ଆସି ରହିପାରେ ? ତୁମେ ବର୍ତ୍ତମାନ ମୋ ସଙ୍ଗେ ଆସ ।

କିଶୋରୀମୋହନଙ୍କର ସନ୍ଦେହ ସେତେବେଳେ ମଧ୍ୟ ଯାଇ ନାହିଁ, ତେଣୁ କହିଲେ–''ତୁମେ ଆଗେ ଆଗେ ଚାଲ ।''

ସେତେବେଳେ ଶ୍ରୀଶ୍ରୀଠାକୁର ଅଗ୍ରଗମନ କରିବାକୁ ଲାଗିଲେ, କିଶୋରୀମୋହନ ତାଙ୍କର ପଶ୍ଚାତ୍-ପଶ୍ଚାତ୍ ଚାଲିଲେ ।

ମଝିରେ ମଝିରେ ବିଦ୍ୟୁତ୍-ଝଲକରେ ଦେଖିବାକୁ ପାଇଲେ–ଗୋଟିଏ ମନୁଷ୍ୟ ଗମନ କରୁଛି । ସେତେବେଳେ ସେ ସେହି ମୂର୍ତ୍ତିର ପାଦ ଆଡ଼କୁ ଲକ୍ଷ୍ୟ କରି ରହିଲେ । କାହିଁକି ନା, ସେ ବାଲ୍ୟକାଳରେ ଶୁଣିଛନ୍ତି, ଭୂତ ଯେତେବେଳେ ଚାଲି ଚାଲି ଯାଏ ସେତେବେଳେ ତାହାର ପାଦ ମାଟିରେ ପଡ଼େ ନାହିଁ । ଶ୍ରୀଶ୍ରୀଠାକୁର ତାଙ୍କ ଆଡ଼କୁ ଚାହିଁ କହିଲେ–''ଦେଖୁଛ କାହିଁକି, ପାଦ ମାଟିରେଅଛି ।'' ସେତେବେଳେ କିଶୋରୀମୋହନ ମନେକଲେ– ''ମୁଁ ପଛରୁ ମନେ ମନେ ପାଦ ଦେଖୁଛି ମୋର ସେହି ଅନ୍ତର୍ଯ୍ୟାମୀ ଅ..... ଠାକୁର ନ ହେଲେ ଜାଣିବେ କିପରି ?'' ପୁଣି ମନେ ମନେ ବୁଦ୍ଧି କରି ଚିନ୍ତା କରିବାକୁ ଲାଗିଲେ– ''ଯଦି ତୁମେ ଭୂତ ନ ହୁଅ ଏବଂ ବାସ୍ତବିକ୍ ମୋର ଅନ୍ତର୍ଯ୍ୟାମୀ ଠାକୁର ଅ..... ହୁଅ ଏବଂ ମୋର ମନର କଥା ଜାଣି ପାରିଥାଅ, ତେବେଏହି ମାଘ ମାସର ଶୀତ ରାତ୍ରିରେ ପଦ୍ମାନଦୀର ଶୀତଳ ଜଳରେ ଜାମା ଜୋତା ସହକାରେ ବୁଡ଼ ଦେଇ ସ୍ନାନ କର, ଦେଖେ ।''

ଶ୍ରୀଶ୍ରୀଠାକୁର ସେତେବେଳେ ତାଙ୍କର ମନର କଥା ଜାଣିପାରି କହିଲେ– ''ଡାକୁର, ମୋର ଜୋତାରେ ବିଷ୍ଠା ଲାଗିଛି ବୋଧ ହେଉଛି । ରୁହ, ଗୋଟାଏ ବୁଡ଼ ଦିଏ ।'' ଏହା କହି ସେ ସେତେବେଳେ ସେହି ଅବସ୍ଥାରେ ପଦ୍ମାର ଶୀତଳ ଜଳରେ ପଶିଲେ ଏବଂ ବୁଡ଼ ଦେଇ କହିଲେ–''ଡାକୁର ମୋର ହାତଧର, ମୁଁ ଉଠିଯାଏ ।'' ସେଥିରେ ମଧ୍ୟ କିଶୋରୀମୋହନଙ୍କର ବିଶ୍ୱାସ ହେଲା ନାହିଁ । ସେ ହାତ ଧରିବାକୁ ସାହସୀ ହେଲେ ନାହିଁ । ସେ କହିଲେ– ''ହାତ ଧରିବି କାହିଁକି ? ସେମିତି ନିଜେ ଉଠି ଆସ ନା ।'' ଶ୍ରୀଶ୍ରୀଠାକୁର ପଦ୍ମାଗର୍ଭରୁ ଉଠି ଆସି କହିଲେ–''ତେବେ ବର୍ତ୍ତମାନ ଚାଲ ।'' କିଶୋରୀମୋହନ କହିଲେ–''ତୁମେ ଆଗରେ ଚାଲ ।'' ସେତେବେଳେ ତାହାହିଁ ହେଲା । ଶ୍ରୀଶ୍ରୀଠାକୁର ଅଗ୍ରଗମନ କରିବାକୁ ଲାଗିଲେ, କିଶୋରୀମୋହନ ତାଙ୍କୁ ଅନୁସରଣ କରିବାକୁ ଲାଗିଲେ । ଅନେକଦୂର ଚାଲି ଆସି ସେମାନେ ଷ୍ଟିମରଘାଟରେ ପହଞ୍ଚିଲେ । ସେତେବେଳେ କିଶୋରୀମୋହନ ପୁଣି ମନେ ମନେ କହିବାକୁ ଲାଗିଲେ–''ଠାକୁର, ସତରେ ବର୍ତ୍ତମାନ ମୁଁ ତୁମକୁ ଚିହ୍ନିଛି । କିନ୍ତୁ ମୁଁ ତୁମକୁ ଯାହା ମନେ କରି ମାନ୍ୟ କରେ ତୁମେ ଯଦି ଠିକ୍-ଠିକ୍ ସେହି ବସ୍ତୁ ହୋଇଥାଅ, ଦୟାକରି ମୋର ମନର କଥା ବୁଝି ଯଦି ଆଉ ଥରେ ଏହି ଶୀତରେ ବର୍ତ୍ତମାନ ସ୍ନାନ କରିପାର, ତେବେ ମୋର ଠିକ୍-ଠିକ୍ ବିଶ୍ୱାସ ହେବ ।'' ତତ୍‌କ୍ଷଣାତ୍ ଶ୍ରୀଶ୍ରୀଠାକୁର କହିଲେ–''ଦେଖ ଡାକୁର, ଶୀତ ମଧ୍ୟରେ ଗାଧୋଇ ମୋ ଦେହରୁ ଶ୍ୱାସ ବାହାରୁଛି, ମୁଁ ଆଉ ଥରେ ଗାଧୋଇ ପଡ଼େ, ତାହେଲେ ଶରୀର ଠିକ୍ ହେବ ।'' ଏହାକହି ସେହି ଭୀଷଣ ଶୀତରାତ୍ରିରେ ସେ ପୁଣି ସ୍ନାନ କଲେ । ସ୍ନାନାନ୍ତରେ ଶ୍ରୀଶ୍ରୀଠାକୁର ଅଗ୍ରଗମନ କରିବାକୁ ଲାଗିଲେ, କିଶୋରୀମୋହନ ପଶ୍‌ଚାତ୍‌ରେ । ଭକ୍ତି, ବିଶ୍ୱାସ, ଆନନ୍ଦ ଓ ଦୁଃଖର ଏକତ୍ର ସମିଶ୍ରଣରେ କିଶୋରୀମୋହନ ଅଶ୍ରୁ ବିସର୍ଜ୍ଜନ କରିବାକୁ ଲାଗିଲେ, ଆଉ ଭାବିଲେ–''ତାଙ୍କ ଚରଣରେ ଲୋଟିପଡ଼େ ।'' ପୁଣି ଭାବିଲେ–''ଯଦି ଠାକୁର କାଲି କାହାରି ନିକଟରେ କହି ଦିଅନ୍ତି ଯେ କିଶୋରୀ ଭଗବାନ୍ କହି ମୋର ପାଦ ଧରିଥିଲା, ତା'ହେଲେ ଯେ ଲୋକେ ଲଜ୍ଜା ଦେବେ ।'' ସେତେବେଳେ ତାଙ୍କର ଲଜ୍ଜା-ଘୃଣା-ଭୟ ଦୂର ହୋଇଗଲା । ସେ ସ୍ଥିର ରହି ନ ପାରି ତାଙ୍କର ଶ୍ରୀପଦରେ ଲୁଣ୍ଠିତ ହୋଇପଡ଼ିଲେ । ସେତେବେଳେ ଠାକୁର ତାଙ୍କର ଅନ୍ତରର ସେହି ଘଟଣା ବୁଝିପାରି ହସି ହସି କହିଲେ–''ଏହି ତ ଡାକୁର, ଭଗବାନ୍ କହି ମୋ ପାଦରେ ପଡ଼ିଲ, କାଲି ସବୁଲୋକଙ୍କୁ ଏହି କଥା କହିଦେବି ।'' କିଶୋରୀମୋହନ ଜାଣିଲେ, ମନର ସମସ୍ତ ଖବର ଠାକୁର ଜାଣୁଛନ୍ତି ; ସେତେବେଳେ ଆଉ ତାଙ୍କର ଲଜ୍ଜା-ଘୃଣା-ଭୟ କିଛିମାତ୍ର ରହିଲା ନାହିଁ । ସେ ଛିନ୍ନମୂଳ

ତୁମେ ପୁଅର ଚାରିଦିଗରେ ଘୁରି 'ଜୟ ରାଧାଗୋବିନ୍ଦ' କହି କୀର୍ତ୍ତନ କର !'' କିଶୋରୀମୋହନ ତାହା କଲେ । ପୁତ୍ର ଦେହରେ କେତେଗୁଡିଏ ସ୍ୱର୍ଣ୍ଣାଳଙ୍କାର ଥିଲା, ଶ୍ରୀଶ୍ରୀଠାକୁର ସେଗୁଡିକୁ ଖୋଲି ନେବାକୁ ନିଷେଧ କଲେ । ବର୍ଷାକାଳ, ଘନଘଟାଚ୍ଛନ୍ନ ଆକାଶ, ନିବିଡ଼ ଅନ୍ଧକାରାବୃତ ରଜନୀ, ଅଳ୍ପ ଅଳ୍ପ ଝିପି-ଝିପି- ବୃଷ୍ଟି ହେଉଛି । କିଶୋରୀମୋହନ ଏକାକୀ ଏହି ମୃତ ପୁତ୍ରକୁ କ୍ରୋଡ଼ରେ ନେଇ ଶ୍ମଶାନକୁ ଯିବାକୁ ଆଦିଷ୍ଟ ହେଲେ । ସେତେବେଳେ ଘରଠାରୁ ଶ୍ମଶାନ ପ୍ରାୟ ଏକାମାଇଲ ଦୂରରେ । କିଶୋରୀମୋହନ ସେତେବେଳେ ହରିଶ୍ଚନ୍ଦ୍ରଙ୍କ ଶୈବ୍ୟା ପରି ମୃତ ପୁତ୍ରକୁ କ୍ରୋଡ଼ରେ ନେଇ ବର୍ଷାକାଳରେ ମଙ୍ଗଳବାରରେ ବୃଷ୍ଟି ମଧ୍ୟରେ ଘୋଗ ତମସାଚ୍ଛନ୍ନ ଅମାବାସ୍ୟା ରାତ୍ରିରେ ଜଳ-କର୍ଦ୍ଦମରେ ଉଠପଡ଼ି ଶ୍ମଶାନ ଅଭିମୁଖରେ ଚାଲିଗଲେ । ଶ୍ରୀଶ୍ରୀଠାକୁର କିଶୋରୀମୋହନଙ୍କ ପରିବାରବର୍ଗଙ୍କ ସାନ୍ତ୍ୱନା ଓ ତତ୍ତ୍ୱାବଧାନ କାର୍ଯ୍ୟରେ ନିଯୁକ୍ତ ରହିଲେ । ହାୟ, ସେହି ସମୟରେ କିଶୋରୀମୋହନଙ୍କର କି ଅବସ୍ଥା ତାହା ମାନବମାତ୍ରେ ବିଶେଷତଃ ସନ୍ତାନର ପିତାମାତାଙ୍କର ଅନୁଭବର ବିଷୟ । ସେ ଶ୍ମଶାନରେ ଉପସ୍ଥିତ ହୋଇ ଖଣ୍ଡିଏ ବସ୍ତ୍ରରେ କେତେଖଣ୍ଡ ଇଷ୍ଟକ-ସହଯୋଗରେ ମୃତଦେହଟିକୁ ବନ୍ଧନପୂର୍ବକ ନିଜ କକ୍ଷଚ୍ୟୁତ କରି ପଦ୍ମାନଦୀ ବକ୍ଷରେ ଅର୍ପଣ କରିବାକୁ ଯାଇ ଭୀଷଣ ଖରସ୍ରୋତା ଗମ୍ଭୀର ନଦୀଗର୍ଭରେ ନିଜେ ମଧ୍ୟ ଅକସ୍ମାତ୍ ନିପତିତ ହେଲେ । ସେହି ପ୍ରବଳ ସ୍ରୋତ ତାଙ୍କୁ ଦ୍ରୁତଗତିରେ ଭସାଇ ନେବାକୁ ଲାଗିଲା । ରାତ୍ରିର ଅନ୍ଧକାରରେ ସେହି ଭୀଷଣ ଜଳାବର୍ତ୍ତ ସମନ୍ୱିତ ସ୍ରୋତାବେଗରେ ସେ ଯେ କେଉଁଠାରେ କିଛି ବୁଝି ପାରିଲେ ନାହିଁ । ସେହି ସମୟରେ ପ୍ରତି ମୁହୂର୍ତ୍ତରେ ସ୍ରୋତ-ଆବର୍ତ୍ତରେ ନିମଜ୍ଜିତ ହୋଇ ଅଥବା କୁମ୍ଭୀରାଦି ଜଳଜନ୍ତୁର ଗ୍ରାସରେ ପତିତ ହୋଇ ତାଙ୍କର ଜୀବନଲୀଳା ଶେଷ ହେବାର ବିଶେଷ ସମ୍ଭାବନା ହେଉଥିଲା । ଅନୁମାନରେ ବୁଝିପାରିଲେ, ସେ ଅନ୍ତତଃପକ୍ଷରେ ଦୁଇମାଇଲ ଭାସି ଯାଇଛନ୍ତି । ହଠାତ୍ ଗୋଟିଏ ବାଉଁଶ ସହିତ ତାଙ୍କର ଅଙ୍ଗସ୍ପର୍ଶ ହେବା ମାତ୍ରକେ ସେ ତାହାକୁ ଦୃଢ଼ ମୁଷ୍ଟିରେ ଧରି ପକାଇଲେ ଏବଂ ତାହା ସାହାଯ୍ୟରେ ଅତି କଷ୍ଟରେ ତୀରକୁ ଉଠିଆସିଲେ । ଏ ପୁଣି କ'ଣ ହେଲା । ଏ ତ ଆଉ ଏକ ବିପଦ । ଚାରିଦିଗକୁ ଲକ୍ଷ୍ୟକରି ଦେଖିଲେ ଭୀଷଣ କଣ୍ଟକାକୀର୍ଣ୍ଣ ଜଙ୍ଗଲ । କୌଣସି ପ୍ରକାର ରାସ୍ତାର ଚିହ୍ନ ମଧ୍ୟ ନାହିଁ । ନିକଟରେ ଲୋକାଳୟର କୌଣସି ଆଭାସ ମଧ୍ୟ ପାଇଲେ ନାହିଁ । ସୂଚୀଭେଦ୍ୟ ଅନ୍ଧକାର, ସେଥିରେ ଭୀଷଣ ସର୍ପଭୀତି । ସେ ବର୍ତ୍ତମାନ କେଉଁଠାରେ ଆସି ଉପସ୍ଥିତ, ତାଙ୍କର ଗୃହ ବା କେଉଁ ଦିଗରେ ତାହା ମଧ୍ୟ ବୁଝି ପାରୁ ନାହାଁନ୍ତି, ଦିଗ ନିର୍ଣ୍ଣୟ କରିବାର କୌଣସି ଉପାୟ ନାହିଁ । ସେ ଭାବିଲେ— ''ଜୀବନର ଆଶା ବୃଥା ।'' ସେତେବେଳେ ଏହି ଭୟାନକ ବିପଦରେ ଥରେ ଆକୁଳ ପ୍ରାଣରେ ଡାକିଲେ— ''ହା ଗୁରୁଦେବ ।'' ତତ୍‌କ୍ଷଣାତ୍ ସେହି ଡାକର ସଙ୍ଗେ ସଙ୍ଗେ କିଏ ଯେପରି ତାଙ୍କର ହସ୍ତ ଧାରଣ ପୂର୍ବକ କହିଲେ— ''ଠାକୁର, ଭୟ ନାହିଁ ।'' ସଙ୍ଗେ ସଙ୍ଗେ ଚପଳା ଚମକିତ ହେଲା, ସେହି ଆଲୋକରେ ଦେଖାଗଲା ସେ ଶ୍ରୀଶ୍ରୀଠାକୁର । ଆଉ ସେହି ଗମ୍ଭୀର ସ୍ୱର ମଧ୍ୟ ତାଙ୍କର ଚିରପରିଚିତ । ଶ୍ରୀଶ୍ରୀଠାକୁର ତାଙ୍କୁ ଆଲିଙ୍ଗନ କଲେ ଏବଂ ହସ୍ତଧାରଣପୂର୍ବକ ଗମନ କରିବାକୁ ଲାଗିଲେ । ସେ ଅଗ୍ରଭାଗରେ, ଆଉ କିଶୋରୀମୋହନ ଅନ୍ଧ ସଦୃଶ ପଦବିକ୍ଷେପରେ ଅବଶଭାବରେ ଚାଲିଛନ୍ତି । ମନେ ମନେ ଭାବୁଛନ୍ତି—'ହାୟ-ହାୟ, ଠାକୁର ତୁମେ ଏ ଘୋର ରାତ୍ରିରେ ଏ ଦୁର୍ଗମ ସ୍ଥାନକୁ ଆସିଲ କିପରି ? ଗୁରୁଦେବ ! ସତରେ ତୁମେ ମୋର ଅକୂଳର କାଣ୍ଡାରୀ ବିପଦଭଞ୍ଜନ ମଧୁସୂଦନ ।' କିପରି କେଉଁ ପଥରେ ସେ ନୀତ ହେଉଛନ୍ତି ତାହା ବୁଝିପାରିଲେ ନାହିଁ । କିଛିକ୍ଷଣ ପରେ ଦେଖିବାକୁ ପାଇଲେ ସେମାନେ ଠିକ୍ ଘର ସମ୍ମୁଖରେ ଉପସ୍ଥିତ । ଶ୍ରୀଶ୍ରୀଠାକୁର ସେତେବେଳେ

ଚକ୍ଷୁ ପଦୃଶ ତାଙ୍କ ଚରଣରେ ପୁନରାୟ ଲୁଣ୍ଠିତ ହୋଇ ପଡ଼ିଲେ । ଶ୍ରୀଶ୍ରୀଠାକୁର ସେତେବେଳେ ସହାସ୍ୟବଦନରେ ସୁମଧୁର ସମ୍ବୋଧନରେ ତାଙ୍କୁ ସାନ୍ତ୍ୱନା ବାକ୍ୟରେ ଶାନ୍ତ କରି ଧରି ଉଠାଇଲେ । କିଶୋରୀମୋହନ ରୋରୁଦ୍ୟମାନ ହୋଇ ଜିଜ୍ଞାସା କଲେ— ''ଠାକୁର ତୁମେ ଶ୍ମଶାନକୁ ଆସିଲ କିପରି ?''

ଶ୍ରୀଶ୍ରୀଠାକୁର କହିଲେ—''ଦେଖ ସେତାର ବା ଏସ୍‌ରାଜରେ ଅନେକ ତାର ଥାଏ, ଗୋଟିଏ ତାରରେ ଝଙ୍କାର ଦେଲେ ଅନ୍ୟଗୁଡ଼ିକରେ ମଧ୍ୟ ଝଙ୍କାର ଉଠେ । ସେହିପରି ଭାଇ, ତୁମର କ୍ରନ୍ଦନ, ଆକୁଳ ଆହ୍ୱାନ, ମୋ ମନରେ ପହଞ୍ଚେ । ଆଉ ଶ୍ମଶାନରେ କି କାମ ଭାଇ ! କ'ଣ ଚାଁହ ? ଆଉ ପାଇବ କ'ଣ ? ଯାହା ପାଇବାର ତା' ତ ପାଇଛ । ମନେରଖ ଧ୍ୟାନ କରିବ— ମନରେ, ବନରେ ଆଉ କୋଣରେ ।''

ସେତେବେଳେ ଠାକୁରଙ୍କୁ ଏତେ କଷ୍ଟ ଦିଆହେଲା, ଏତେ ପରୀକ୍ଷା କରାହେଲା— ଏହି ଚିନ୍ତାଜନିତ ଯୁଗପତ୍ ଭକ୍ତି-ରସୋଦ୍ଦୀପ୍ତ ଓ ଆକ୍ଷେପଜନିତ ଦୁଃଖରେ କିଶୋରୀମୋହନ ଅଧୈର୍ଯ୍ୟ ହୋଇ ପୁନରାୟ ବାତ୍ୟାହତ କଦଳୀ ବୃକ୍ଷବତ୍ ତାଙ୍କ ଚରଣରେ ପତିତ ହେଲେ । ସେ ପ୍ରେମରେ ତାଙ୍କୁ କୋଳକୁ ଉଠାଇ ନେଲେ । ସେ କିଶୋରୀମୋହନଙ୍କୁ ନିଜ ଘରକୁ ନେଇ ଶୁଷ୍କବସ୍ତ୍ର ପରିଧାନ କରାଇ ବିଦାୟ ଦେଲେ । କିଶୋରୀମୋହନ ଗୋଟିଏ ଲଣ୍ଠନ ମାଗିଲେ ।

ଶ୍ରୀଶ୍ରୀଠାକୁର— ବର୍ତ୍ତମାନ ଲଣ୍ଠନ କାହିଁକି ? ଶ୍ମଶାନକୁ ଗଲ କିପରି ?

କିଶୋରୀ—ପ୍ରାଣର ଆବେଗରେ ।

ଶ୍ରୀଶ୍ରୀଠାକୁର—ମୋର ମଧ୍ୟ ସେହିପରି ।

ସେତେବେଳେ କିଶୋରୀମୋହନ ନାନା ପ୍ରକାର ଚିନ୍ତାତରଙ୍ଗାକୁଳ ହୃଦୟରେ ଗୃହାଭିମୁଖରେ ଗମନ କଲେ । ଆଉ, ମନେ ମନେ କହିଲେ— ''ଆଉ ନୁହେଁ, ଢେର ହୋଇଛି । ଆଉ ଅବିଶ୍ୱାସ କରିବି ନାହିଁ ।''

ପଦ୍ମାନଦୀ ଗର୍ଭରେ ଜୀବନ—ସଙ୍କଟକାଳରେ ପ୍ରତ୍ୟକ୍ଷ ପରୀକ୍ଷା

କିଶୋରୀମୋହନ ଦୋଗାଛି ଗ୍ରାମରେ ନାମ-କୀର୍ତ୍ତନ କରିବାକୁ ଯାଇଛନ୍ତି । ଘରେ ତାଙ୍କର ଗୋଟିଏ ପୁତ୍ର କଠିନ ରୋଗରେ ଶଯ୍ୟାଗତ । ଶ୍ରୀଶ୍ରୀଠାକୁର ତାଙ୍କୁ ଘରକୁ ଆସିବାପାଇଁ ସମ୍ବାଦ ପଠାଇଲେ । ସେ ଘରକୁ ଆସି ଦେଖିଲେ ପୁତ୍ରଟି ମୁମୂର୍ଷୁ । ଶ୍ରୀଶ୍ରୀଠାକୁର ନାନାପ୍ରକାର ଉପଦେଶ ପ୍ରଦାନପୂର୍ବକ ଓ ଗୀତା ପାଠ କରାଇ ତାଙ୍କର ମନ ପ୍ରସ୍ତୁତ କରାଇଦେଲେ । ହଠାତ୍ ଜଗଜ୍ଜ୍ୟୋତି ପତ୍ରିକା ହସ୍ତରେ ଏକ ବୌଦ୍ଧ ସନ୍ନ୍ୟାସୀ ଆସି ଉପସ୍ଥିତ ହେଲେ । ସେ ପୁଅଟିକୁ ଦେଖି କହିଲେ— ''ରାତ୍ରି ପାଢ଼େ ନଅଟା ପର୍ଯ୍ୟନ୍ତ, ବଞ୍ଚିଲେ ହେଲା । ମୋତେ ଟିକିଏ ନିର୍ଜ୍ଜନ ସ୍ଥାନ ଦିଅନ୍ତୁ ତ, ଚେଷ୍ଟା କରି ଦେଖେ ।'' ତାଙ୍କୁ ଗୋଟିଏ ନିର୍ଜ୍ଜନ ଗୃହ ଦିଆହେଲା । ସେ ସେହି ଘରେ ସାଧନା ଇତ୍ୟାଦି କରି ରାତ୍ରି ଅନୁମାନ ଘ ୯-୧୫ ମି.ରେ ବାହାରକୁ ଆସି ''ହେଲା ନାହିଁ'' କହି ଦ୍ରୁତବେଗରେ କେଉଁଆଡ଼େ ଯେପରି ଚାଲିଗଲେ । ଆଉ ତାଙ୍କର ଖୋଜ ଖବର ମିଳିଲା ନାହିଁ । ସେହି ରାତ୍ରିରେ ପୁଅଟିର ମୃତ୍ୟୁ ହେଲା । ତାହାର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଶ୍ରୀଶ୍ରୀଠାକୁର ଉପସ୍ଥିତ ହୋଇ କହିଲେ—''ଠାକୁର,

କିଶୋରୀମୋହନଙ୍କୁ ନିଜ ଘରକୁ ଯିବାକୁ ନ ଦେଇ ତାଙ୍କ ଘରେ ଶ୍ରୀଶ୍ରୀଜନନୀଙ୍କ ନିକଟକୁ ନେଇଗଲେ । ଜନନୀ ତାଙ୍କୁ ସୁମଧୁର ଜ୍ଞାନଗର୍ଭକ ସାନ୍ତ୍ୱନା ବାକ୍ୟରେ ଶାନ୍ତ ଓ ସୁସ୍ଥ କରି ଘରକୁ ପଠାଇଦେଲେ ।

ପରଦିନ ପ୍ରାତଃକାଳରେ କିଶୋରୀମୋହନ ମୃତ ପୁତ୍ରର କଥା ଓ ଗତରାତ୍ରିର ଘଟଣାବଳୀ ଭାବି ଭାବି କିପରି ଯେମିତି ହୋଇପଡ଼ିଲେ । ମନଟା ଯେପରି କିପରି ହୋଇଯାଉଛି, କିଛି ମଧ୍ୟ ବୁଝି ପାରୁ ନାହାଁନ୍ତି । ପଦଦ୍ୱୟର ତଳଦେଶରୁ ଏକପ୍ରକାର ଯନ୍ତ୍ରଣା ଊର୍ଦ୍ଧ୍ୱ ଦିଗରେ ଉଠିବାକୁ ଲାଗିଲା । ଯେତେବେଳେ ସେହି ଯନ୍ତ୍ରଣା ଚରମସୀମାରେ ଉପସ୍ଥିତ ହେବାରୁ ଅସହ୍ୟ ବୋଧ ହେବାକୁ ଲାଗିଲା ଠିକ୍ ସେହି ସମୟରେ ଯେପରି ତାଙ୍କର ମସ୍ତକର ଉପରିଭାଗରୁ ବରଫ ଜଳପରି ନିମ୍ନଦିଗକୁ ଆସିବାକୁ ଲାଗିଲା, ଆଉ ତତ୍‌କ୍ଷଣାତ୍ ଜ୍ୱାଳାଯନ୍ତ୍ରଣା ଉପଶମିତ ହୋଇ ଶୀତଳ ହୋଇଯିବାକୁ ଲାଗିଲା । ଏହି ସମୟରେ ସେହି ବୌଦ୍ଧସନ୍ନ୍ୟାସୀ ଯେପରି ପୁନରାୟ କେଉଁଠାରୁ ଆସି କହିଲେ—''ଆପଣ ଏ କ'ଣ କରୁଛନ୍ତି, ଜ୍ୱାଳା ସକାଶେ ଗୁରୁଙ୍କୁ ଟାଣି ଆଣୁଛନ୍ତି !'' —ଏହାକହି ସେ ଅନ୍ତର୍ହିତ ହେଲେ । ତତ୍‌କ୍ଷଣାତ୍ ସେ ଭାବଟି ଠିକ୍ ବନ୍ଦ ହୋଇଗଲା । ତନ୍ମୁହୂର୍ତ୍ତରେ ଶ୍ରୀଶ୍ରୀଠାକୁର ମଧ୍ୟ ଆସି ଉପସ୍ଥିତ ହେଲେ ଏବଂ ସହାସ୍ୟ ବଦନରେ କହିଲେ—''କ'ଣ, ମୁଣ୍ଡରୁ ଥଣ୍ଡା ତଳକୁ ଆସିବାଟା ବନ୍ଦ ହୋଇଯାଇଛି ନା କ'ଣ ।'' କିଶୋରୀମୋହନ ଶିହରି ଉଠିଲେ । ଭାବିଲେ— ''ସତରେ ତ, ଘଟଣା କ'ଣ ? ସନ୍ନ୍ୟାସୀଙ୍କ ଘଟଣା ବା କ'ଣ ?'' ଶ୍ରୀଶ୍ରୀଠାକୁରଙ୍କ ଚରଣ-ଦର୍ଶନ-ସ୍ପର୍ଶନରେ ସେ ଶାନ୍ତି ଲାଭ କଲେ । ଶ୍ରୀଶ୍ରୀଠାକୁର ସେତେବେଳେ ଗୋଟିଏ ଗୀତ ରଚନା କରି କିଶୋରୀମୋହନଙ୍କୁ ପ୍ରଦାନ କଲେ ।

ଦୁନିୟାଦାରିର୍ ଖେଲା ଭାବଲେ ପାଗଲ ହ'ୟେ ଯାବେ ।
ଆଜ୍ ଯେ-ନେଶାୟ ବିଭୋର ହ'ୟେ ଆପନ୍ ଭୁଲେ ର'ବେ,
କାଲ୍ ସେ-ନେଶା ଛୁଟେ ଗିୟେ ଆକୁଲେ ଭାସିବେ ।
ଆଜ୍ ଯେ-ଖାଟେ ଫୁଲ୍‌ରାଣୀ କୋଲେ ନିୟେ ଘୁମାବେ,
କାଲ୍ ହୟତୋ ସେ କୋଲେର୍ କାଛେ ଶ୍ମଶାନ୍ ଦେଖ୍‌ତେ ପାବେ ।
ଆଜ୍ ଯେ ତୋମାର୍ ନନୀର୍ ଗୋପାଲ୍ ଆଦରେ ନାଗ୍ରବେ,
କାଲ୍‌କେ ତାହାର ପଗ୍ର ମାଂସ ଶେୟାଲ୍-ଶକୁନି ଖାବେ ।
ଆଜ୍ ଯେ-ସୁନ୍ଦରୀ ରୂପେର ଗୌରବ କରିୟେ ବେଡ଼ାବେ,
କାଲ୍ ଦେଖ୍‌ବେ ସେ ଖାଁଦା-କୁତ୍ସିତ୍ ଭିକ୍ଷା ମେଗେ ଖାବେ ।
ଆଜ୍ ଯେ-ସୁନ୍ଦର ରୂପଟି ଦେଖେ (ଆଦରେ) କୋଲେ ତୁଲେ ନେବେ,
କାଲ୍‌କେ ପଗ୍ର କୁଷ୍ଠ ଦେଖେ (ନାକେ) ରୁମାଲ୍ ଦିୟେ ପାଲାବେ ।
ତାଇ ବଲି ଭାଇ—ହରି ବଲ୍, କାଜ୍ କି ଆର ଗରବେ,
ଅ—ବଲେ କିଶୋରୀ ତୋର୍ ସବ୍‌ଇ ମିଛେ ଭବେ,
ହରେ କୃଷ୍ଣ ବଲରେ ଯଦି ସୁଖେ ଭବପାରେ ଯାବେ ।

ଦୈବ, ଅଶରୀରୀ କୀର୍ତ୍ତନ

କିଶୋରୀମୋହନଙ୍କ ଘରେ ପ୍ରତିଦିନ ସନ୍ଧ୍ୟାପରେ କୀର୍ତ୍ତନ ହୋଇଥାଏ । କେବେ କେବେ ଶ୍ରୀଶ୍ରୀଠାକୁର ଉପସ୍ଥିତ ଥାଆନ୍ତି । କୀର୍ତ୍ତନ ମଧ୍ୟରେ ସମୟ ସମୟରେ ଅନେକ ଅଲୌକିକ ଘଟଣା ସଂଘଟିତ ହୋଇଥାଏ । ଏହି ସମୟରେ କିଶୋରୀମୋହନଙ୍କ ମଧ୍ୟରେ ଏପରି ଶକ୍ତି ସଞ୍ଚାରିତ ହୋଇଅଛି ଯେ ସେ ଇଚ୍ଛା କରିଲେ ତାଙ୍କର ମନର ଇଚ୍ଛା କୀର୍ତ୍ତନକାରୀ ବ୍ୟକ୍ତିଗଣଙ୍କର ମନ ଉପରେ କାର୍ଯ୍ୟକାରୀ ହୋଇଥାଏ । ସେ ମନେ ମନେ କୀର୍ତ୍ତନ ଆରମ୍ଭ ଇଚ୍ଛା କରିଲେ ଆକାର ଇଙ୍ଗିତରେ ବା ମୁଖରେ ସେହି ଭାବ ପ୍ରକାଶ ନକରିଲେ ମଧ୍ୟ କୀର୍ତ୍ତନକାରୀଗଣଙ୍କର ମନରେ ଏପରି ଅବସ୍ଥା ସେହି ସମୟରେ ହୁଏ ଯେ, ସେମାନେ ତତ୍‌କ୍ଷଣାତ୍ କୀର୍ତ୍ତନ ଆରମ୍ଭ କରନ୍ତି । ପୁନଶ୍ଚ, କେତେବେଳେ ହୁଏତ କୀର୍ତ୍ତନ ଚାଲିଛି, ଏପରି ସମୟରେ ସେ ମନେ ମନେ କୀର୍ତ୍ତନ ବନ୍ଦ କରିବାକୁ ଇଚ୍ଛା କରିଲେ ତତ୍‌କ୍ଷଣାତ୍ କୀର୍ତ୍ତନ ବନ୍ଦ ହୋଇଯାଏ । ଦିନେ ଗୃହମଧ୍ୟରେ ଖୁବ୍ କୀର୍ତ୍ତନ ହେଉଅଛି, ଶ୍ରୀଶ୍ରୀଠାକୁର ସେଠାକୁ ଆଗମନ କରି କିଶୋରୀମୋହନଙ୍କର ସ୍ପନ୍ଧୋପରି ହସ୍ତ ସଂସ୍ଥାପନପୂର୍ବକ ତାହାଙ୍କୁ ବାହାରକୁ ଘେନି ଆସିଲେ । ବାହାରକୁ ଆଗମନମାତ୍ରକେ କିଶୋରୀମୋହନ ଦେଖିବାକୁ ପାଇଲେ ଗୋଟିଏ ପ୍ରକାଣ୍ଡ ବହୁଦୂରବିସ୍ତୃତ ଜ୍ୟୋତିର୍ମଣ୍ଡଳ । ଯେପରି ସହସ୍ର ସର୍ଚ୍ଚ-ଲାଇଟ୍ (ଏକପ୍ରକାର ବୈଦ୍ୟୁତିକ ଆଲୋକ, ବଡ଼ ବଡ଼ ଷ୍ଟିମରରେ ଓ ଯୁଦ୍ଧକ୍ଷେତ୍ରରେ ବହୁଦୂରର ବସ୍ତୁ ଦର୍ଶନ କରିବାକୁ ବ୍ୟବହୃତ ହୋଇଥାଏ) ଏକତ୍ର ଜଳୁଛି, ଆଉ ସେହି ଆଲୋକାଭ୍ୟନ୍ତରରେ ବହୁସଂଖ୍ୟକ ଛାୟାମୂର୍ତ୍ତି-ମନୁଷ୍ୟ ଖୋଳକରତାଳ-ସହକାରେ ନୃତ୍ୟକୀର୍ତ୍ତନ କରୁଛନ୍ତି । ସ୍ପନ୍ଧରେ ହସ୍ତ ରହିଲେ ଏହି କୀର୍ତ୍ତନ ଦୃଷ୍ଟ ହୁଏ, ହସ୍ତ ଉଠାଇନେଲେ ଅଦୃଷ୍ଟ ହୁଏ । ସେତେବେଳେ ସେ ଗୃହମଧ୍ୟସ୍ଥ କୀର୍ତ୍ତନ ବନ୍ଦହେଉ ଇଚ୍ଛାକରିବା ମାତ୍ରକେ ସେହି କୀର୍ତ୍ତନ ବନ୍ଦ ହୋଇଗଲା । ଏଣେ ବାହାରେ ଜ୍ୟୋତିରଭ୍ୟନ୍ତରସ୍ଥ କୀର୍ତ୍ତନ ମଧ୍ୟ ବନ୍ଦ ହେଲା । ଏ ସବୁ ବ୍ୟାପାର ନ ଦେଖିଲେ ବିଶ୍ୱାସ କରିବା ବା ବୁଝିପାରିବା ସହଜ ନୁହେଁ । ସତ୍ୟନାମ ସାଧକଙ୍କ ପକ୍ଷରେ ସମସ୍ତ ସମ୍ଭବ ।

ଅର୍ଥ ଓ ଆହାର୍ଯ୍ୟ ଅଭାବରେ ଆଶ୍‌ଚର୍ଯ୍ୟ ଘଟଣା

ଦିନେ କିଶୋରୀମୋହନଙ୍କ ଗୃହରେ ଆହାର୍ଯ୍ୟଦ୍ରବ୍ୟ ଲେଶ୍‌ମାତ୍ର ନାହିଁ, ସେଦିନ ତାଙ୍କର କପର୍ଦ୍ଦକଶୂନ୍ୟାବସ୍ଥା । ମାତା ଓ ସହଧର୍ମିଣୀ ବଡ଼ ଚିନ୍ତାନ୍ୱିତା ହୋଇପଡ଼ିଲେ । ମାଧପୁରରୁ ଗୋଟିଏ ଲୋକ ଆସି ରୋଗୀ ଚିକିତ୍ସାର୍ଥେ ତାଙ୍କୁ ଛଅ ଟଙ୍କା ଫି (ଦର୍ଶନୀ) ଦେବାକୁ ସ୍ୱୀକୃତ ହେଲା । ଲୋକଟିକୁ ଔଷଧର ବାକ୍ସ ସହିତ ଆଗରୁ ବିଦାୟ କରିଦେଇ ସେ ସେଠାକୁ ଗମନୋଦ୍ୟତ ହୋଉଛନ୍ତି ଏପରି ସମୟରେ ଶ୍ରୀଶ୍ରୀଠାକୁର ଆସି କହିଲେ—''କିଛି ଖାଇବାକୁ ଦିଅନା ତାକ୍ତର ।'' କିଶୋରୀମୋହନ କହିଲେ—''କଣ ଦେବି, ଘରେ କିଛି ତ ନାହିଁ ।'' ଶ୍ରୀଶ୍ରୀଠାକୁର କହିଲେ— ''କିଣି ଆଣି ଦିଅ ।'' କିଶୋରୀମୋହନ କହିଲେ— ''ସୁଉକିଏ ପଇସା ମଧ୍ୟ ଘରେ ନାହିଁ ।'' ଶ୍ରୀଶ୍ରୀଠାକୁର କହିଲେ— ''କାହିଁକି ତୁମ ହାତରେ ତ ସୁନାର ମୁଦି ରହିଛି । ଏଇଟିକୁ ବନ୍ଧକ ରଖି ମୋତେ ଖୁଆଉନା କାହିଁକି ।'' କିଶୋରୀମୋହନ କହିଲେ—''ବର୍ତ୍ତମାନ ଯେ ସମୟ ନାହିଁ । ଲୋକଟି ଔଷଧର ବାକ୍ସ ନେଇ ଆଗରୁ ଚାଲିଯାଇଛି । ମୁଁ ସେଠାକୁ ଯିବି, ବଡ଼ ବିଳମ୍ବ ହୋଇଯିବ ଯେ ।'' ସେ କହିଲେ— ''ତା' ହେଉ, ତୁମେ ମୁଦିଟିକୁ ବନ୍ଧକ ରଖି ମୋତେ ମାଲପୁଆ କିଛି ଖୁଆଅ ।'' କିଶୋରୀମୋହନ କହିଲେ— ''ସେଥିରେ

ମୁଁ ପ୍ରସ୍ତୁତ, କିନ୍ତୁ ମାଲପୁଆ ତ ନିକଟରେ ମିଳେ ନା । ତା'ହେଲେ ସେହି ଦୁଇ ମାଇଲ୍ ଚାଲିଚାଲି ପାବନା ଯିବାକୁ ପଡ଼ିବ । ଆଉ ତ ସମୟ ନାହିଁ, ଏବେ କ'ଣ କରିବି ।'' ଶ୍ରୀଶ୍ରୀଠାକୁର କହିଲେ– ''ଦେଖ ତ, ଷ୍ଟିମରଘାଟରେ ପରମପିତାଙ୍କ ଦୟାରୁ ମିଳିଯାଉଛି କି ନା ?'' ଷ୍ଟିମରଘାଟରେ ମାଲପୁଆ ମିଳେନା ଜାଣିବା ସତ୍ତ୍ୱେ କିଶୋରୀମୋହନ ସେଠାକୁ ଥରେ ଦେଖିବାକୁ ଗଲେ । ସେଠାରେ ସେ ଦେଖିଲେ, ଜଣେ ଦୋକାନୀ ସୁନ୍ଦର ତଟକା ମାଲପୁଆ ପ୍ରସ୍ତୁତ କରୁଛି । ସୁବର୍ଣ୍ଣ ଅଙ୍ଗୁରୀୟଟିକୁ ବନ୍ଧକ ରଖି ସେ ଅଧସେର ମାଲପୁଆ ଶ୍ରୀଶ୍ରୀଠାକୁରଙ୍କ ପାଇଁ ନେଇ ଆସିଲେ । ସେ ସେହି ମାଲପୁଆ ଆହାର କରି ତାହାର ଘୃତରସାଦି କିଶୋରୀମୋହନଙ୍କ ମୁଣ୍ଡରେ ବୋଳିଦେଇ କଦଳୀପତ୍ରଟିକୁ ଦୂରରେ ନିକ୍ଷେପ କରି ଦୌଡ଼ିକରି ଘରକୁ ଚାଲିଗଲେ । ମସ୍ତକ ଅପରିଷ୍କୃତ ହେବାରୁ କିଶୋରୀମୋହନ ତାହା ଧୌତ କରି ରୋଗୀ ଦେଖିବାକୁ ଗମନ କଲେ । ଅପରାହ୍ନରେ କିଶୋରୀମୋହନ ଗୃହକୁ ପ୍ରତ୍ୟାଗମନ କଲେ । କି ଚମତ୍କାର ଘଟଣା ! ସେ ଦିନ ସେ ନଗଦରେ ଓ ପୂର୍ବପ୍ରାପ୍ୟ ଆଦାୟରେ ମୋଟ ପଚସ୍ତରି ଟଙ୍କା ଉପାର୍ଜନ କରିଥିଲେ ।

ଅତି ଲୋଭରୁ ସବୁ ନଷ୍ଟ

ଆଉ ଏକଦିନ ଏପରି ହେଲା ଯେ କିଶୋରୀମୋହନଙ୍କ ଘରେ ଅଧଲା ପଇସାଟିଏ ମଧ୍ୟ ନାହିଁ । କୌଣସି ଖାଦ୍ୟସାମଗ୍ରୀ ମଧ୍ୟ ଗୃହରେ ନାହିଁ । ସମସ୍ତେ ମହାବ୍ୟସ୍ତହୋଇପଡ଼ିଛନ୍ତି । ଠିକ୍ ସେହି ସମୟରେ ଶ୍ରୀଶ୍ରୀଠାକୁର ଆସି କହିଲେ–''ତାକ୍ତର, ମୋତେ ଗୋଟିଏ ପ୍ୟାକେଟ୍ ସିଗାରେଟ୍ କିଣି ଆଣି ଦିଅ ତ ଶୀଘ୍ର ।'' କିଶୋରୀମୋହନ ତତ୍କ୍ଷଣାତ୍ ଦ୍ରୁତବେଗରେ ପାବନା ଗମନପୂର୍ବକ ସ୍ୱହସ୍ତସ୍ଥିତ ସ୍ୱର୍ଣ୍ଣାଙ୍ଗୁରୀୟ ବନ୍ଧକ ରଖି ଅଢେଇ ଟଙ୍କା ମୂଲ୍ୟର ଗୋଟିଏ ପ୍ୟାକେଟ୍ ସିଗାରେଟ୍ କ୍ରୟ କରି ଆଣିଦେଲେ । ସେ ଭାବିଥିଲେ– ''ଠାକୁରଙ୍କ ପାଇଁ ବ୍ୟୟ କଲେ ଆୟ ଖୁବ୍ ବେଶୀ ହେବ ।'' କିନ୍ତୁ ସେହିଦିନଠାରୁ କ୍ରମାଗତ ସାତଦିନ ପର୍ଯ୍ୟନ୍ତ ସେ ଗୋଟିଏ କପର୍ଦ୍ଦକ ମଧ୍ୟ ଉପାର୍ଜନ କରିପାରି ନାହାଁନ୍ତି ଅଥବା ଏକ ପଇସା ମଧ୍ୟ ବାକୀ ଆଦାୟ ହୋଇନାହିଁ । ଭୟଙ୍କର କଷ୍ଟରେ ତାଙ୍କର ଦିନପାତ ହୋଇଅଛି । ଇତିମଧ୍ୟରେ ଦିନେ ବାରଜଣ ଅତିଥି ଆସି ଉପସ୍ଥିତ ହେଲେ । ସେତେବେଳେ କ'ଣ କରିବେ, ଅତିଥି ପ୍ରତ୍ୟାଖ୍ୟାନ ମଧ୍ୟ କରିପାରନ୍ତି ନାହିଁ । ସେମାନଙ୍କୁ ବିଶ୍ରାମ ସ୍ଥାନ ପ୍ରଦାନ କରାହେଲା, କିନ୍ତୁ ସେମାନଙ୍କର କ'ଣ କରାଯିବ ସେ ତାହାହିଁ ଭାବୁଛନ୍ତି, ତତ୍କ୍ଷଣାତ୍ ଶ୍ରୀଶ୍ରୀଠାକୁର ସେଠାରେ ଉପସ୍ଥିତ ହୋଇ ସହାସ୍ୟବଦନରେ କହିଲେ– ''କ'ଣ ତାକ୍ତର, ଆଉ ଏକ ପ୍ୟାକେଟ୍ ସିଗାରେଟ୍ ମୋତେ କିଣି ଦେବ ?'' କିଶୋରୀମୋହନ କହିଲେ– ''ତୁମେ ତ ସବୁ ଜାଣୁଛ । ହାତରେ ଯେ ଗୋଟିଏ ଅଧଲା ପଇସା ମଧ୍ୟ ନାହିଁ । ମୁଦିଟି ସମ୍ବଳ ଥିଲା ତା' ମଧ୍ୟ ସେଦିନ ବନ୍ଧକ ରଖିଛି । ବାରଜଣ ଅତିଥି ଉପସ୍ଥିତ । ସେମାନଙ୍କ ଆହାରର କୌଣସି ସଂସ୍ଥାନ ନାହିଁ । ବର୍ତ୍ତମାନ ତୁମକୁ ସିଗାରେଟ୍ ଦେବି କିପରି ?'' ଶ୍ରୀଶ୍ରୀଠାକୁର କହିଲେ– ''ଦେଖ ତାକ୍ତର, ସେଦିନ ଯେଉଁ ମୁଦି ବନ୍ଧକ ରଖି ମାଲପୁଆ କିଣି ମୋତେ ଖାଇବାକୁ ଦେଇଥିଲ, ତାହା ନିଷ୍କାମଭାବରେ କରିଥିଲ । ସେଥିପାଇଁ ସେହିଦିନ ପଚସ୍ତରିଟଙ୍କା ପାଇଥିଲ । ତାପରେ ଯେଉଁ ମୁଦି ବନ୍ଧକ ରଖି ମୋତେ ସିଗାରେଟ୍ କିଣି ଦେଇଥିଲ ତାହା ଲୋଭରେ ବଶୀଭୂତ ହୋଇ କରିଥିଲ । ଭାବିଥିଲ, ସେଦିନ ଠାକୁରଙ୍କୁ ମାଲପୁଆ ଦେଇ ବହୁ ଟଙ୍କା ପାଇଛି, ଆଜି ପୁଣି ସିଗାରେଟ୍ ଦେଲେ ଜାଣେନା କେତେ ଟଙ୍କା ପାଇବି । ତୁମର ଏହି ଦୁର୍ଲୋଭ ପାଇଁ କିଛି ପାଇ ନାହଁ । ମନରେ ବାସନା ରଖି କାମ କରି ଥିବାରୁ ତୁମର ଏହି ଦୁର୍ଦ୍ଦଶା

ହୋଇଛି । ପ୍ରତିଜ୍ଞା କର– ଏହିପରି ବାସନା ରଖି ଆଉ କୌଣସି କାମ କରିବ ନାହିଁ ।'' କିଶୋରୀମୋହନ ସେତେବେଳେ ସେହିରୂପେ ପ୍ରତିଜ୍ଞା କଲେ । ଶ୍ରୀଶ୍ରୀଠାକୁର ଚାଉଳ, ଡାଲି ପ୍ରଭୃତିର ବନ୍ଦୋବସ୍ତ କରିଦେଲେ । କିଶୋରୀମୋହନଙ୍କର ଅତିଥିସତ୍କାର ହେଲା । ତାହାର ପରଦିନ ଠାରୁ ସେ ପୁନରାୟ ଖୁବ୍ ରୋଗୀ ପାଇବାକୁ ଲାଗିଲେ, ବହୁ ଟଙ୍କା ଆୟ ହେବାକୁ ଲାଗିଲା । ଭାବିବାର ବିଷୟ । କହିବାର କିଛି ନାହିଁ ।

ସନ୍ଦେହମୁକ୍ତ ମନୋଗତ ପ୍ରଶ୍ନ ସମାଧାନ

ଯେଉଁଦିନ କିଶୋରୀମୋହନଙ୍କର ସନ୍ଦେହ ଉପସ୍ଥିତ ହୁଏ ଯେ, ସତରେ କ'ଣ ଶ୍ରୀଶ୍ରୀଠାକୁର 'ପୁରୁଷୋତ୍ତମ', ସେହିଦିନ ସେ କୀର୍ତ୍ତନକୁ ଆଗମନ କରନ୍ତି ଏବଂ ସମାଧିଅବସ୍ଥାରେ କିଶୋରୀମୋହନଙ୍କର ସମସ୍ତ ମନୋଗତ ପ୍ରଶ୍ନର ଉତ୍ତର ପ୍ରଦାନ କରିଥାନ୍ତି ।

ଆକୁଳ ପ୍ରାଣରେ ଡାକି ଅର୍ଥପ୍ରାପ୍ତି ଓ ବଂଶୀରବ ଶ୍ରବଣ

ଫରିଦ୍‌ପୁରରୁ ଚଉଦ ଜଣ ଅତିଥି କିଶୋରୀମୋହନଙ୍କ ଘରକୁ ଆସିଛନ୍ତି । ଘରେ କିଛି ନାହିଁ । ହାତରେ ମଧ୍ୟ ଟଙ୍କା ପଇସା ନାହିଁ । ସେ ନିର୍ଜନରେ ଠାକୁର ଘରକୁ ଯାଇ ଶ୍ରୀଶ୍ରୀଠାକୁରଙ୍କ ପଟମୂର୍ତ୍ତିର ସମ୍ମୁଖରେ ବସି କିଛିକ୍ଷଣ କ୍ରନ୍ଦନ କଲେ, ପରେ ଧ୍ୟାନରେ ବସିଲେ । କିଛିକ୍ଷଣ ଧ୍ୟାନ କରିବା ପରେ ଦର୍ଶନ କଲେ ଏକ ଆଲୋକ– କୋଟି ସୂର୍ଯ୍ୟ ବିନିନ୍ଦିତ ଜ୍ୟୋତିଃ । ଆଉ ଶ୍ରବଣ କଲେ ନାନା ପ୍ରକାର ସୁମଧୁର ଶବ୍ଦ । ତତ୍ପରେ ସେ କେଉଁ ଏକ ବକ୍ର ଛିଦ୍ରପଥରେ ଆକାଶକୁ ଉଠିଗଲେ ; ସେଠାରେ ସୁମଧୁର ବଂଶୀଧ୍ୱନି ଶୁଣିବାକୁ ପାଇଲେ । ଏହି ବଂଶୀଧ୍ୱନି ଶ୍ରବଣ ପରେ ତାଙ୍କର ବାହ୍ୟଜ୍ଞାନ-ରହିତାବସ୍ଥା ହେଲା । ବହୁଲୋକଙ୍କର ଚିତ୍କାରରେ ମଧ୍ୟ ତାଙ୍କର ସଂଜ୍ଞାଲାଭ ହେଲା ନାହିଁ । ଏହିପରି ଅବସ୍ଥାନ କରିବାର ବହୁକ୍ଷଣପରେ ବାହ୍ୟଜ୍ଞାନପ୍ରାପ୍ତ ହେଲେ । ସେତେବେଳେ ମଧ୍ୟ ଯେପରି ନିଶାର ଝୁଙ୍କ ଛାଡ଼ିନାହିଁ । ଯେପରି ସେ କେତେ ନିଶା କରିଛନ୍ତି । ଏପରି ସମୟରେ ତାକ ପିଅନ୍ ମନିଅର୍ଡର ନେଇ ଆସିଲା । ସେ ତାଙ୍କର ହାବଭାବ ଓ ଆକୃତି ଦେଖି ମନେ କଲା, ସେ ବୋଧହୁଏ ମଦ୍ୟପାନ କରିଛନ୍ତି । ସେ କହିଲା–''ବାବୁ, ଆଜି ଯେ ଦିନବେଳାରେ ଟାଣିଛନ୍ତି ।'' ହାୟ ! ଅବୋଧ ପିଅନ୍ ବୁଝିଲା ନାହିଁ ଯେ କିଶୋରୀମୋହନ ଆଜି କି ସ୍ୱର୍ଗୀୟ ଦେବଦୁର୍ଲଭ ନିଶାରେ ମତ୍ତ । ଶ୍ରୀଳ ଶ୍ରୀଯୁକ୍ତସତୀଶଚନ୍ଦ୍ର ଗୋସ୍ୱାମୀ ପ୍ରଭୁଙ୍କର ପଚିଶ ଟଙ୍କା ମନିଅର୍ଡର କିଶୋରୀମୋହନଙ୍କ ନାମରେ ଆସିଅଛି । ସେ ସେହି ଟଙ୍କା ପାଇ ନିଶ୍‌ଚିନ୍ତହେଲେ । ଠିକ୍ ଏହି ଘଟଣାର ଅବ୍ୟବହିତ ପରେ ଶ୍ରୀଶ୍ରୀଠାକୁର ଆସି କହିଲେ– ''କ'ଣ ତାକ୍ତର, ମନିଅର୍ଡର ଆସିଲା ନା କ'ଣ ?'' ପ୍ରକୃତପକ୍ଷରେ ଏହି ମନିଅର୍ଡର ସମ୍ବନ୍ଧରେ କିଛି ଘୃଣାକ୍ଷରରେ ମଧ୍ୟ ସେ ଅବଗତ ନ ଥିଲେ ! ''କାହାର ନାମରେ ମନିଅର୍ଡର ଆସିଲା ?''– ଶ୍ରୀଶ୍ରୀଠାକୁର ପୁନରାୟ ତାକ୍ତରଙ୍କୁ ଜିଜ୍ଞାସା କଲେ । କିଶୋରୀମୋହନ ଏ ସମସ୍ତଦେଖିଶୁଣି ଅବାକ୍ ହୋଇଯାଇଛନ୍ତି ଏବଂ ଶ୍ରୀଶ୍ରୀଠାକୁରଙ୍କ ଆଡ଼କୁ ଏକଦୃଷ୍ଟିରେ ଚାହିଁ ରହିଛନ୍ତି । ସେତେବେଳେ ଶ୍ରୀଶ୍ରୀଠାକୁର ତାଙ୍କର ମନୋଭାବ ଜାଣିପାରି ସହାସ୍ୟବଦନରେ କହିଲେ–''ଶୁଣ ତାକ୍ତର, ଆକୁଳପ୍ରାଣରେ ଡାକିଲେ ଜ୍ୟୋତିଃଦର୍ଶନ ମଧ୍ୟ ହୁଏ, ବଂଶୀ ମଧ୍ୟ ଶୁଣାଯାଏ, ଟଙ୍କା ମଧ୍ୟ ମିଳେ, ଅବିଶ୍ୱାସ କର ନା ତାକ୍ତର । ଏହି ଟଙ୍କା ବର୍ତ୍ତମାନ ଖର୍ଚ୍ଚ କର, କିନ୍ତୁ ଯାହାର ଟଙ୍କା ତାକୁ ଶୀଘ୍ର ଦିଅ ।'' ସେତେବେଳେ ଅତିଥିସତ୍କାର ସୁନ୍ଦର ସୁଚାରୁରୂପେ ସୁସମ୍ପନ୍ନ ହେଲା । ପରେ ସେ ଗୋସ୍ୱାମୀପ୍ରଭୁଙ୍କର ଟଙ୍କା ପରିଶୋଧ କରିଥିଲେ ।

ନିଷିଦ୍ଧକାର୍ଯ୍ୟରେ ଉଦ୍ୟତ ହେବାରୁ ଶାସ୍ତିପ୍ରାପ୍ତି

କୌଣସି ଏକ ନିଷିଦ୍ଧକାର୍ଯ୍ୟ କରିବାକୁ କିଶୋରୀମୋହନଙ୍କର ଖୁବ୍ ଇଚ୍ଛା ହେଲା। କୌଣସି ବାଧା ନ ପାଇଲେ ହୁଏ ତ କାର୍ଯ୍ୟଟି ତତ୍କ୍ଷଣାତ୍ ଅନୁଷ୍ଠିତ ହେବ। ସଦ୍‌ଗୁରୁ ତାଙ୍କର ଭକ୍ତ ଦ୍ୱାରା କୌଣସି ଅବୈଧକାର୍ଯ୍ୟ ସଂଘଟିତ ହେବାକୁ ଦିଅନ୍ତି ନାହିଁ। ତେଣୁ ତାଙ୍କର କୃପାରୁ କେତେକ ମହୁମାଛି ଅକସ୍ମାତ୍ ରାତ୍ରିକାଳରେ ଗୃହାଭ୍ୟନ୍ତରରେ ରେଙ୍ଗେଇ ମଧ୍ୟରେ ପ୍ରବିଷ୍ଟ ହୋଇ କିଶୋରୀମୋହନଙ୍କୁ ଦଂଶନ କଲେ। ସେ ଶ୍ରୀଶ୍ରୀଠାକୁରଙ୍କର ଏହି କଠୋର କୃପା ଅନୁଭବ କରି ଯନ୍ତ୍ରଣା ଭିତରେ ମଧ୍ୟ ଆନନ୍ଦିତ ହେଲେ। ଅବୈଧ ଚିନ୍ତାଟି ମନରୁ ଦୂର ହୋଇଗଲା। ସେ ଘଟଣାକୁ କାହାରି ନିକଟରେ ମଧ୍ୟ ପ୍ରକାଶ କଲେ ନାହିଁ। ପରଦିନ ପ୍ରତ୍ୟୁଷକାଳରେ ଶ୍ରୀଶ୍ରୀଠାକୁର କିଶୋରୀମୋହନଙ୍କ ଘରକୁ ଗମନପୂର୍ବକ ତାଙ୍କୁ କହିଲେ—"ତାକୁର, ରାତିରେ ମହୁମାଛି କାମୁଡ଼ା ଖାଇଲ କିପରି ?" କିଶୋରୀମୋହନ କହିଲେ— "କିଏ ତୁମକୁ କହିଛି ଯେ ମୋତେ ମହୁମାଛି ଦଂଶନ କରିଛି ?" ସେହି ସମୟରେ ଶ୍ରୀଶ୍ରୀଠାକୁର ତାଙ୍କ ନିଜର ଶରୀର କିଶୋରୀମୋହନଙ୍କୁ ଦେଖାଇଲେ। କିଶୋରୀମୋହନ ଦେଖିଲେ ତାଙ୍କ ଶରୀରର ଯେଉଁ ଯେଉଁ ସ୍ଥାନରେ ମହୁମାଛି ଦଂଶନ କରିଥିଲା, ଶ୍ରୀଶ୍ରୀଠାକୁରଙ୍କ ଶରୀରରେ ମଧ୍ୟ ଠିକ୍ ସେହି ସେହି ସ୍ଥାନରେ ମହୁମାଛି ଦଂଶନର ଚିହ୍ନ ସ୍ପଷ୍ଟ ବର୍ତ୍ତମାନ। ଆହା ! ଏ କି ଖେଳ ? କିଏ ବୁଝେ ? କିଏ ବା ସହଜରେ ବିଶ୍ୱାସ କରେ ?

ଅଷ୍ଟ-ସାତ୍ତ୍ୱିକଭାବ ଓ ରକ୍ତଘର୍ମ

ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କର ଯେପରି ଅଷ୍ଟ-ସାତ୍ତ୍ୱିକଭାବ ହେଉଥିଲା ଏବଂ କେବେ କେବେ ରକ୍ତଘର୍ମ ହେଉଥିଲା ଶ୍ରୀଶ୍ରୀଠାକୁରଙ୍କର ପ୍ରିୟଭକ୍ତ କିଶୋରୀମୋହନଙ୍କର ମଧ୍ୟ କେବେ କେବେ ସେହିପରି ଅଷ୍ଟ-ସାତ୍ତ୍ୱିକଭାବର ସମସ୍ତ ଲକ୍ଷଣ ପୂର୍ଣ୍ଣଭାବରେ ପ୍ରକାଶ ପାଉଥାଏ। ଆଉ, କେବେ କେବେ ତାଙ୍କ ଶରୀରରେ ରକ୍ତଘର୍ମ ଦୃଷ୍ଟ ହେଉଥାଏ।

ଅନାହାରରେ ଦର୍ଶନ ଲାଭ

ଥରେ ଶୀତଦିନେ ରାତ୍ର ପ୍ରାୟ ଗୋଟାଏ ସମୟରେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ସମକ୍ଷରେ ଶ୍ରୀଯୁକ୍ତ ବାବୁ ଦୁର୍ଗାନାଥ ସାନ୍ୟାଲ୍-ମହାଶୟଙ୍କୁ କହିଲେ— "ଦୁର୍ଗାନାଥ ଦା, ଆପଣ ଏହିକ୍ଷଣି ଯାଇ କିଶୋରୀକୁ କିଛି ଖୁଆଇ ପାରିବେ ?" "ଆଜ୍ଞା ହଁ, ଆପଣଙ୍କର ଆଦେଶ ହେଲେ ପାରେ।" —ଏହା କହି ଦୁର୍ଗାନାଥ ବାବୁ କିଶୋରୀମୋହନଙ୍କ ଘରକୁ ଗଲେ। ସେଠାରେ ସେତେବେଳେ ସମସ୍ତେକୀର୍ତ୍ତନାନ୍ତେ, ଶୟନ କରିଛନ୍ତି। ସେହି ସ୍ଥାନରୁ ଜଣକୁ ସଙ୍ଗରେ ନେଇ ଦୁର୍ଗାନାଥବାବୁ ଷ୍ଟିମରଘାଟକୁ ଗମନ କରି ବିଶେଷ ଚେଷ୍ଟା ସତ୍ତ୍ୱେ ଭଲ ଖାଦ୍ୟଦ୍ରବ୍ୟ ନ ପାଇ ଚିପିଟକ ଓ ଉଖୁଡ଼ା ଆଣିଦେଲେ। କିଶୋରୀମୋହନ ସେହି ଖାଦ୍ୟର କିଛି ଅଂଶ ଅନ୍ତରମହଲକୁ ପ୍ରେରଣ କଲେ ଏବଂ କିୟଦଂଶ ସ୍ୱୟଂ ଭକ୍ଷଣ କରିବାକୁ ଆରମ୍ଭ କରି କ୍ରନ୍ଦନ କରୁ କରୁ ଭକ୍ତି ଗଦ୍‌ଗଦ କଣ୍ଠରେ ଆକୁଳ ଭାବରେ କହିଲେ— "ଦାଦା ଠାକୁରଙ୍କର କି କୃପା ! ଆଜି ରାତ୍ରିରେ କୌଣସି କାରଣବଶତଃ ଆମର କାହାରି ମଧ୍ୟ ଆହାରାଦି ହୋଇନାହିଁ। ସେହି ପରମଦୟାଳ ସର୍ବାନ୍ତର୍ଯ୍ୟାମୀ ସର୍ବଜ୍ଞ ଜାଣି ପାରିଛନ୍ତି

ବୋଲି ଆପଣଙ୍କ ଦ୍ୱାରା ଏହି ଖାଦ୍ୟ ସାମଗ୍ରୀ ଆଣିଦେଲେ।" ସେ ଏହି କଥା କହୁଛନ୍ତି ଏପରି ସମୟରେ ସମସ୍ତେଦେଖିଲେ ମହାରାଜ ଗୋଟିଏ ପୁଙ୍ଖାପୁର୍ଣ୍ଣ ରସଗୋଲାନେଇ ସେହି ସ୍ଥାନରେ ଉପସ୍ଥିତ ହେଲେ ଏବଂ କହିଲେ— "ଦୁର୍ଗାନାଥଦା, ଆପଣ ଶୁଖିଲା ଚୁଡ଼ା ଦେଇଛନ୍ତି, ତାହା କ'ଣ ଖାଇହୁଏ, ଏଇ ନିଅନ୍ତୁ, ଏହି ରସଗୋଲା ଖାଇବାକୁ ଦିଅନ୍ତୁ।" ସେତେବେଳେ ସେହି ରସଗୋଲା କିଛି ଘର ଭିତରକୁ ପଠାଇ ଦିଆହେଲା ଏବଂ କିଛି କିଶୋରୀମୋହନ ଖାଇଲେ। "ମୁଁ ଝାଡ଼ା ଫେରି ଆସେ"— କହି ମହାରାଜ ଶୌଚ ପାଇଁ ଗମନ କଲେ। ଶୌଚ ହେବା ପରେ ଆଗମନପୂର୍ବକ ପଦ ପ୍ରକ୍ଷାଳନ କଲେ। ଦୁର୍ଗାନାଥବାବୁ କହିଲେ— "ଚାଲନ୍ତୁ ମହାରାଜ, ବର୍ତ୍ତମାନ ଆମେ ଯିବା।" ମହାରାଜ ଗମନ କରିବାକୁ ଲାଗିଲେ, ଦୁର୍ଗାନାଥବାବୁ ପଶ୍‌ଚାତ୍-ପଶ୍‌ଚାତ୍ ଚାଲିଲେ। ଆଖି ପଲକରେ ମହାରାଜ ଅନ୍ତର୍ନିହିତ। ଆଉ ମହାରାଜ ନାହାଁନ୍ତି। ଦୁର୍ଗାନାଥବାବୁ ଉର୍ଦ୍ଧ୍ୱଶ୍ୱାସରେ ଦୌଡ଼ି ଯାଇ ସତ୍‌ସଙ୍ଗବାଟୀରେ ଦେଖିଲେ, ମହାରାଜ ଶ୍ରୀଶ୍ରୀଠାକୁରଙ୍କ ସହିତ ରୁଦ୍ଧଦ୍ୱାର ଗୃହାଭ୍ୟନ୍ତରରେ ନିଦ୍ରିତ। ଦୁର୍ଗାନାଥ ବାବୁ ଭୀତିବିହ୍ୱଳତାପୂର୍ଣ୍ଣ ବିସ୍ମୟରେ ଚିତ୍କାର କରି ଉଠିଲେ। ତାଙ୍କର ଚିତ୍କାରରେ ସୁପ୍ରୋତ୍‌ଥିତ ହୋଇ ଦ୍ୱାରୋଦ୍‌ଘାଟନ ପୂର୍ବକ ଶ୍ରୀଶ୍ରୀଠାକୁର ଓ ମହାରାଜ ଆଖି ମଳି ମଳି ଗୃହରୁ ବହିର୍ଗତ ହେଲେ। ଦୁର୍ଗାନାଥବାବୁ ସ୍ତମ୍ଭିତ। ସେତେବେଳେ ବୁଝିହେଲା ମହାରାଜ କିଶୋରୀମୋହନଙ୍କ ଘରକୁ ଯାଇ ନାହାଁନ୍ତି। ସେ ମଧ୍ୟ ଏ କଥା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହେଲେ। ଶ୍ରୀଶ୍ରୀଠାକୁରଙ୍କର ଏକ ଲୀଳାଭିନୟ ଆଜି କିଶୋରୀମୋହନଙ୍କ ଘରେ ହୋଇଗଲା।

୧୯

ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଭକ୍ତମାନଙ୍କର ଆଗମନ କାହାଣୀ ଅଦ୍ଭୁତ ସ୍ୱପ୍ନକାହାଣୀ ସତ୍ୟ ହେଲା

କୁଷ୍ଟିୟାର ଜଣେ ଅନରାରି ମାଜିଷ୍ଟ୍ରେଟ୍‌ଙ୍କ (ଅବୈତନିକ ହାକିମଙ୍କ) ଭ୍ରାତୁଷ୍ପୁତ୍ରୀ ମୋ ନିକଟକୁ ଲେଖିଛନ୍ତି :—

କଜା..... ସ୍ୱପ୍ନବୃତ୍ତାନ୍ତ, ଜାଣିବାକୁ ଚାହିଁଛନ୍ତି ତେଣୁ ଲେଖୁଅଛି— ମୁଁ ସଦ୍‌ଗୁରୁ-ସଦ୍‌ଗୁରୁ ବୋଲି ଅତ୍ୟନ୍ତବ୍ୟସ୍ତ ହୋଇଥିଲି ଏବଂ ସଦ୍‌ଗୁରୁଙ୍କ କାମନାରେ ଶିବଦୁର୍ଗା ଉପାସନା କରୁଥାଏ। କିନ୍ତୁ ସେଥିରେ କାହିକି ଯେପରି ମୋ ମନରେ ମୋଟେ ତୃପ୍ତି ଆସୁ ନ ଥାଏ। ଯାହାହେଉ, ତେବେ ସଂକଳ୍ପ କରିଥିଲି ଯେତେଦିନ ସଦ୍‌ଗୁରୁ ନ ପାଇବି ସେତେଦିନ ଶିବଦୁର୍ଗା ଉପାସନା କରିବି। କେଉଁ ଦେବତାଙ୍କୁ ମୁଁ ଭଲ ପାଏ ତାହା ମୋଟେ ବୁଝି ପାରୁ ନଥାଏ। ପ୍ରାଣ ଭିତରଟା କେବଳ ହୁ ହୁ ହୋଇ ଜଳି ଯାଉଥାଏ। ଧୈର୍ଯ୍ୟ ନ ରଖିବା ଭଳି ହେଲା। କାନ୍ଦି କାନ୍ଦି ଅସ୍ଥିର ହେବାକୁ ଲାଗିଲି। ଶଯ୍ୟା କଣ୍ଟକପ୍ରାୟ ହେଲା। କାନ୍ଦି ଈଶ୍ୱରଙ୍କ ଉଦ୍ଦେଶ୍ୟରେ କହିଲି,—'କେଉଁ ଦେବତା ମୋର ପ୍ରାଣର ତା' ତ ମୁଁ ବୁଝି ପାରୁ ନାହିଁ। ହେ କୃଷ୍ଣ, ମୁଁ ତ ବୁଝେନା କିଏ ଶ୍ରେଷ୍ଠ, କିଏ କନିଷ୍ଠ। ତୁମେମାନେ ଯଦି ସ୍ୱାର୍ଥପର ନ ହୁଅ, ଯିଏ ଶ୍ରେଷ୍ଠ ତାଙ୍କୁହିଁ ମୋ ପ୍ରାଣର କରିଦିଅ।' ଏହିପରି ଅବସ୍ଥାରେ କେତେଦିନ ଗଲା। ମହାମାୟା ଦୁର୍ଗା ଏହି କ୍ଷୁଦ୍ରର ଡାକରେ ଅସ୍ଥିର ହେଲେ। ସ୍ୱପ୍ନରେ ସେ ଚିନିବାର ଦର୍ଶନ ଦିଅନ୍ତି, ଏବଂ ମୋତେ ଆଶ୍ୱସ୍ତକରନ୍ତି।..... ୧୩୨୧ ସାଲର ମାଘମାସରେ ବୈଦ୍ୟନାଥ ଧୁନିଆ ବାବାଜିଙ୍କ ସହିତ ଦେଖାହୁଏ। ଥରେ ଇଚ୍ଛା ହେଉଥିଲା ହଠାତ୍ ତାଙ୍କଠାରୁ ଦୀକ୍ଷା ନେଲେ ହୁଅନ୍ତା। ପୁଣି

ହେଉନଥିଲା। ଏହିପରି ହେଲେ ମା'ଦୁର୍ଗା ଦେଖାଦିଅନ୍ତି, ଏବଂ ନିଷେଧ କରନ୍ତି। ସେହିଦିନ ମନେହେଲା ଯଦି ଇଏ ମୋର ଗୁରୁ ନ ହୁଅନ୍ତି, ତେବେ ନିଶ୍ଚୟ ମା ଜଗଦ୍ଧାତ୍ରୀ ଆଜି ରାତିରେ ଦେଖାଦେବେ ଓ ନିଷେଧ କରିବେ। ରାତ୍ରିରେ ନିଦ୍ରାରେ ସ୍ୱପ୍ନରେ ମା'ଙ୍କୁ ଆଉ ଦେଖିଲି ନାହିଁ। ଦେଖିଲି ଗୋଟିଏ ଜଳ-କୂଳ-ଶୂନ୍ୟ ନଦୀ। ବାଲିର ଚର ଧୁ ଧୁ କରୁଅଛି। ସେହି ଚର ଉପରେ ଗୋଟିଏ କୁଟୀର, ତା' ଭିତରେ ଜଣେ ସୁନ୍ଦର ଯୁବାପୁରୁଷ—ଏକ ଗୁଚ୍ଛ ପଇତା ଗଳାରେ—ଧ୍ୟାନସ୍ଥ ଯୋଗାସନରେ। ତାଙ୍କ ନିକଟରେ ଜଣେ ପାର୍ଷଦ ଦଣ୍ଡାୟମାନ। ଧ୍ୟାନସ୍ଥ ବ୍ୟକ୍ତି ଗୌରବର୍ଣ୍ଣ। ପାର୍ଷଦ ତାଙ୍କଠାରୁ କ୍ଷୀଣ ବର୍ଣ୍ଣର। ପାର୍ଷଦଙ୍କର ଗଳାରେ ପଇତା। ଉଭୟଙ୍କର ଶରୀର କ୍ଷୀଣ। ମୁଁ କୁଟୀରକୁ ଯାଇ ଭୂମିଷ୍ଠ ହୋଇ ପ୍ରଣାମ କଲି। ପାର୍ଷଦ ମୋତେ ସମ୍ବୋଧନ କରି କହିଲେ—"ମା, ତୁମେ ଗୁରୁ-ଗୁରୁ କରି ବ୍ୟସ୍ତ ହେଉଛ କାହିକି ?" ଧ୍ୟାନସ୍ଥ ବ୍ୟକ୍ତିଙ୍କୁ ଦେଖାଇ କହିଲି— "ଏହି ଯେ ତୁମର ଗୁରୁ।" କିନ୍ତୁ ବୃହତ୍ତର ପରି ବେଶ ଦେଖି ଭାବିଲି— ମୋର ଇଚ୍ଛା ଗେରୁଆ ପିନ୍ଧିଥିବା ଜଟାଧାରୀ ଗୁରୁ, ଇଏ ତ ତା' ନୁହଁନ୍ତି। ଥାଉ ସେଟା ପ୍ରକାଶ କଲିନାହିଁ। ତା'ପରେ ସ୍ୱପ୍ନ ଭିତରେ ଅନୁଭୂତି ହେଲା। ପାର୍ଷଦଙ୍କୁ କହିଲି— "ଇଏ ମୋର ଗୁରୁ, ମୁଁ ଚିହ୍ନିବି କିପରି ?" ପାର୍ଷଦ କହିଲେ— "ଦେଖିଲେ ହିଁ ଚିହ୍ନି ପାରିବ— ହର୍ଷରେ।"

ତୃତୀୟ ସ୍ୱପ୍ନ ୧୩୨୩ ସାଲରେ। କେଉଁମାସ ତାହା ଠିକ୍ ମନେନାହିଁ। ହରିଣାକୁଣ୍ଡାରେ ଖୁବ୍ କାନ୍ଦି କାନ୍ଦି ଦିନେ ଅସ୍ଥିର ହେଲି। ଏହା କ'ଣ ସବୁ ସ୍ୱପ୍ନ—ପ୍ରହେଳିକା ? ଶୁଣେ ସ୍ୱପ୍ନରେ ଦେବଦର୍ଶନ, ଗୁରୁଦର୍ଶନ ମିଥ୍ୟା ନୁହେଁ। ମୋର ଭାଗ୍ୟକ୍ରମରେ ତେବେ କ'ଣ ସବୁ ମିଥ୍ୟା ହେବ ? ମହାମାୟା କହିଥିଲେ ଯେ ଚେରି ଅଛି। କିନ୍ତୁ ପ୍ରାଣ ପ୍ରବୋଧ ମାନୁଛି କେଉଁଠି ? ଖୁବ୍ ଅସ୍ଥିର ହେଲି। ଏହିଦିନ ପୁନରାୟ ସେହି ପାର୍ଷଦସହ ସେହି ଧ୍ୟାନସ୍ଥ ପୁରୁଷ ଦେଖାଦେଲେ। ଏଥର ଉଭୟ ପାଖାପାଖି ଦଣ୍ଡାୟମାନ। ଉଭୟଙ୍କର ଗଳାରେ ଯଜ୍ଞସୂତ୍ର ଝୁଲୁଛି। ଉଭୟଙ୍କର ଲମ୍ବିତ କୁଞ୍ଚ ଭୂମି ଚୁମ୍ବନ କରୁଛି। ପୂର୍ବଧ୍ୟାନସ୍ଥ ବ୍ୟକ୍ତି ଏଥରକ ଈଷତ୍ ବାମକୁ ଢଳି ଦଣ୍ଡାୟମାନ। ମୁଁ ସେମାନଙ୍କ ସମ୍ମୁଖରେ ଯାଇ ଭୂମିଷ୍ଠ ହୋଇ ପ୍ରଣାମ କଲି। ପାର୍ଷଦ ଯେପରି ଏକ ଅପୂର୍ବ ଶାନ୍ତିପୂର୍ଣ୍ଣଭାବରେ କହିଲେ—"ମା, ତୁ ଯାହା-ତାହା ନିକଟରୁ ଦୀକ୍ଷା ନେବୁ କାହିକି ? ମୁଁ ଯେ ତୋତେ ନିଜେ ଦୀକ୍ଷା ଦେବି।" ମୋ ମନରେ ପୁଣି ଜାଗିଉଠିଲା— ଏ ତ ଗୈରିକ ପିନ୍ଧିଥିବା ଜଟାଧାରୀ ଗୁରୁ ନୁହଁନ୍ତି ? କେଜାଣି ମୁଁ ପ୍ରକାଶ୍ୟରେ 'ନ' କହିଲେ ପୁଦ୍ଧା ପାର୍ଷଦ ମୋ ମନର କଥା କିପରି ବୁଝିପାରି କହିଲେ— "ମା, ତୁମେ ଭାବୁଛ ତୁମର ଜଟାଧାରୀ ସନ୍ୟାସୀ ଗୁରୁ ହେବେ ଏବଂ ତୁମର ଗୁରୁ ଯେ, ସେ ଆଉ କାହାରି ଗୁରୁ ହେବେ ନାହିଁ। ତା' ତ ତୁମର ହେବ ନାହିଁ, ମା। ତୁମର ଯେ ଗୁରୁ ସେ କେତେ ଶତ-ଶତ ଲୋକଙ୍କର ଗୁରୁ ହେବେ। ସେ ଅବତାର ରୂପେ ଜୀବ ଉଦ୍ଧାର ପାଇଁ ଆସିଛନ୍ତି।" ସେ ମୋର ଅନ୍ତର ବୁଝିଛନ୍ତି ବୋଲି ମୁଁ ଲଜ୍ଜିତ ହେଲି ଏବଂ ଜାଗ୍ରତରେ ଆନନ୍ଦସାଗରରେ ଭାସିବାକୁ ଲାଗିଲି। ମୋର ଅବତାର ଗୁରୁ ହେବେ— ବଡ଼ ଆନନ୍ଦ।

ପରେ ପ୍ରଭୁ ଜଗଦ୍‌ବନ୍ଧୁଙ୍କର ସନ୍ଧାନ ପାଇଲି। ଭାବିଲି ଇଏ ବୋଧହୁଏ ସେହି। କିନ୍ତୁ ସ୍ୱପ୍ନମୂର୍ତ୍ତି ସହିତ ଜଗଦ୍‌ବନ୍ଧୁଙ୍କର ମୂର୍ତ୍ତି ମିଳୁନାହିଁ। ଗୁରୁ-ଗୁରୁ ବୋଲି ପାଗଳ ହୋଇଥିଲି। ଭାବିଲି ସ୍ୱପ୍ନରେ ବୋଧହୁଏ କିଛି ତାରତମ୍ୟ ଦେଖାଯାଏ। ଆଶ୍ୱିନ ମାସ ସଂକ୍ରାନ୍ତିରେ ଜଗଦ୍‌ବନ୍ଧୁଙ୍କ ଫଟୋ ପ୍ରତିଷ୍ଠା କରେ। ଏହି ଫଟୋ ପ୍ରତିଷ୍ଠା କରି ମୋତେ କଳାକୁର ହେଲା। ଏକମାସ ଜଗଦ୍‌ବନ୍ଧୁଙ୍କର ଅର୍ଚ୍ଚନା କରି ପାରିଲି କି ନାହିଁ ତା' ସନ୍ଦେହ। ପରେ ପୁନରାୟ ସ୍ୱପ୍ନ ହେଲା ଯେପରି ଜଟାକୁଟଧାରୀ ତ୍ରିଶୂଳ ହସ୍ତରେ

ଜ୍ୟୋତିର୍ମୟ ମୂର୍ତ୍ତିରେ ମହାଦେବ ମୋତେ ଅତ୍ୟନ୍ତ କ୍ରୋଧରେ କହୁଛନ୍ତ—"ତୁ ଯାହା ତାହା ନକଟରୁ ଦୀକ୍ଷା ନେବୁ କାହିକି ? ତୋର ଯେ ମହାସନ୍ୟାସୀ ଗୁରୁ ହେବେ (ସେହି ପାର୍ଷଦ)।" ପରେ କି ଅଘଟାରେ କଟିଛି ତା' ସେହି ପରମପିତା ଜାଣନ୍ତି। ଏଥର ମାସେ କାଳ ଜ୍ୱର ଭୋଗିବା ପରେ ୧୩୨୪ ସାଲର ଭାଦ୍ର ମାସରେ କୁଷ୍ଟିୟାରେ ଉପସ୍ଥିତ ହେଲି। କେତେ କାନ୍ଦିଛି ତେବେ ପୁଦ୍ଧା କୌଣସି ଦେବ ମୂର୍ତ୍ତିର ଛାୟା ମଧ୍ୟ ଦେଖିନାହିଁ। ଭାଦ୍ର, ୧୯ ଶୁକ୍ରବାର, ଭୋରରେ ସ୍ୱପ୍ନରେ ପୁଣି ସେହି ମୂର୍ତ୍ତି ଏଥର ପାର୍ଷଦ ସଙ୍ଗରେ ନାହାଁନ୍ତି, ଦେଖୁଛି ଏକ ବିସ୍ତୃତ ଶୂନ୍ୟ ଆକାଶ। ମୋତେ ନେଇ ପାଞ୍ଚଟି ସ୍ତ୍ରୀ-ଲୋକ। ତିନିଟି ସଧବା, ଦୁଇଟି ବିଧବା। ସମସ୍ତେ ଭଗବାନ ପାଇବା ଆଶାରେ ବ୍ୟାକୁଳ। ସମସ୍ତେ ଏକତ୍ର ଭାବରେ ଉର୍ଦ୍ଧ୍ୱ ନେତ୍ରରେ ଉର୍ଦ୍ଧ୍ୱକୁ ଚାହିଁ ରହିଛନ୍ତି। ସମସ୍ତଙ୍କର ଦୁଇନେତ୍ର ଦେଇ ଅନର୍ଗଳ ଅଶ୍ରୁଧାରା ପ୍ରବାହିତ। ସେ ଯେଉଁ ଭାବ ବର୍ଣ୍ଣନା କରାଯାଏ ନା। .....ସେହି ଶୂନ୍ୟ ଆକାଶରେ ଲୁଣ୍ଠିତ ହୋଇ କେବଳ ଗଡ଼ାଗଡ଼ି କରୁଛି। ଦୁଇ ଆଖିର ଲୁହରେ ସବୁ ତିନ୍ତି ଯାଇଛି। ମୁଖରେ, 'ହାୟ ! ମୁଁ ତ ପାଇଲି ନାହିଁ, ମୁଁ ତ ପାଇଲି ନାହିଁ'—ଭାଷା। ହଠାତ୍ ଦେଖେ କୌଣସି ଉଚ୍ଚ ଶୂନ୍ୟଦେଶରୁ ଏକ ଜ୍ୟୋତିର୍ମୟ ପୁରୁଷ ଅବତରଣ କଲେ ଏବଂ ମୋ ପାର୍ଶ୍ୱରେ ଠିଆହୋଇ ଅତି ସ୍ନେହପୂର୍ଣ୍ଣ ମଧୁର କଣ୍ଠରେ କହିଲେ "ତୁ କଣ ଚାହୁ ? ତୁ ଏପରି କରୁଛୁ କାହିକି ?" ମୁଁ ବ୍ୟାକୁଳ ହୋଇ କହିଲି— "ଆଗୋ ମୁଁ କିଛି ଚାହେନା, ମୁଁ କିଛି ଚାହେନା। ମୁଁ ଚାହେ ଭଗବାନ୍।" ସେ କହିଲେ—"ତୁ ଭଗବାନ୍ ଚାହୁ, ଏଇ ନେ।" ଏହା କହି ମୋର ବକ୍ଷ ଉପରେ ଉଠି ଠିଆ ହେଲେ। ପ୍ରାଣରେ ଅପୂର୍ବ ଆନନ୍ଦ। ନିଦ୍ରାନ୍ତେ ଦେଖେ ସକାଳ। ସେହିଦିନ ଅପରାହ୍ନରେ କାଶୀଶ୍ରୀରୀ ଅଶ୍ୱିନୀଦାଙ୍କ ଘରକୁ (କୁଷ୍ଟିୟାର ମୁକ୍ତିଆର ଅଶ୍ୱିନୀବାବୁ) ଡାକି ନେଇଗଲେ। ଦେଖେ ଛୋଟ ଘରେ ଖଟ ଉପରେ ଠାକୁର ଶୋଇଛନ୍ତି। ଠାକୁର ମୋତେ ଦେଖିବାମାତ୍ରେ କେତେ ଦିନର ପରିଚିତ ଭଳି ମୁଁ କିଛି କହିବା ପୂର୍ବରୁ ଡାକିଲେ (ପୂର୍ବେ କେବେହେଲେ ଦେଖା ହୋଇନାହିଁ)।" "ମା ଆସିଛୁ ! ମା ଆସିଛୁ !" ମୁଁ ବସିଲି। ଅନେକ କଥା ହେଲା। ଠାକୁର ଏଥର ଗାତ୍ରାବରଣ ଖୋଲି ଉଠି ଠିଆହେଲେ, ମୋ ପ୍ରାଣ ଚମକିତ ହୋଇ ଉଠିଲା। ଏଇ ମୂର୍ତ୍ତି ନା ଆଜି ଜ୍ୟୋତିର୍ମୟ ଭଗବାନ ରୂପେ ଦର୍ଶନ କରିଛି। ବୁଝନ୍ତୁ, ସେତେବେଳେ ମୋର କି ଆନନ୍ଦ। ମୁଁ ଲେଖନୀରେ ବା ଭାଷାରେ ତାହା ବର୍ଣ୍ଣନା କରିବାକୁ ଅକ୍ଷମ। ମୋର ଜୀବନବଧୂ ଖୋକୁଥିବା ନିଧି ମୁଁ ସେହିଦିନ ପାଇଲି। ସେହି ସମୟରେ ହିଁ ତାଙ୍କରି ଇଚ୍ଛାରେ ମୋତେ ତାଙ୍କର ସତ୍ୟନାମ ଦାନ ହେଲା (ପାର୍ଷଦଙ୍କ) ଦ୍ୱାରା.....।

(୧) ସ୍ୱପ୍ନରେ ଦୀକ୍ଷା, ସ୍ୱପ୍ନାଦେଶ ଓ ନାନାକଥା

ଆମର ପରମବନ୍ଧୁ ମୁକ୍ତିଆର ଅଶ୍ୱିନୀକୁମାର ବିଶ୍ୱାସ ଶ୍ରୀଶ୍ରୀରାମକୃଷ୍ଣ-ଭକ୍ତ। ସେ ନିୟମିତଭାବରେ ଶ୍ରୀଶ୍ରୀରାମକୃଷ୍ଣଙ୍କର ପୂଜା-ଅର୍ଚ୍ଚନାଦି କରୁଥାନ୍ତି। ୧୩୨୩ ସାଲ କାର୍ତ୍ତିକ ୨୯ ଶେଷ ରାତ୍ରିରେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ସ୍ୱପ୍ନରେ ଦୀକ୍ଷାମନ୍ତ୍ର ପ୍ରାପ୍ତ ହେଲେ। ଶ୍ରୀଶ୍ରୀଠାକୁରଙ୍କୁ ଲାଭ କରିଥିବାରୁ ଥରେ ସ୍ୱପ୍ନରେ ଶ୍ରୀଶ୍ରୀରାମକୃଷ୍ଣ ଅଶ୍ୱିନୀକୁ "ତା ବେଶ୍" କହି ଉତ୍ସାହିତ କରିଥିଲେ। ଏହି ସମସ୍ତ ଘଟଣାର କିଛିଦିନ ପରେ ଏକଦା ରାତ୍ରିରେ ମୁଁ, ଅଶ୍ୱିନୀ, ମହାରାଜ ଓ ଶ୍ରୀଶ୍ରୀଠାକୁର ହିମାଇତପୁର ସତ୍‌ସଙ୍ଗବାଟୀରେ ଦକ୍ଷିଣଦ୍ୱାରୀ ଚାଳଘରେ ଏକଘାନରେ ନିଦ୍ରିତ। ହଠାତ୍ ଅଶ୍ୱିନୀ ମୋତେ ଡାକିଲେ, "ଉଠ ତ ଭାଇ ଡାକୁର, ମୋର ଯେପରି କ'ଣ ହେଲା, ଆଉ ଶୋଇ ରହି ପାରୁନାହିଁ।" ରାତ୍ରି ସେତେବେଳେ ପ୍ରାୟ ଦୁଇଟା ହୋଇଥାଏ। ଉଭୟ ଗୃହରୁ ବହିର୍ଦ୍ଦେଶକୁ ଆଗମନ

କଲୁ। ବାହାରକୁ ଆସି ଦେଖୁ ହାପ୍ୟୋର୍‌ଫୁଲ୍ ଶୁଭ ଜ୍ୟୋସ୍ନାମୟୀ ରଜନୀ ସେହି ପଦ୍ମତୀରସ୍ଥ ସତ୍‌ସଙ୍ଗବାଟୀର ଏକ ଅପୂର୍ବ ଅନିର୍ବଚନୀୟ ମନୋହର ଶୋଭା ପ୍ରକାଶ କରୁଛି। ଉପରେ ନକ୍ଷତ୍ରରାଜିଖଚିତ ଚନ୍ଦ୍ରାତପପରିପୂର୍ଣ୍ଣ ଅନନ୍ତ ପୁନୀଳ ଗଗନ ଦିଗକୁ ଦୃଷ୍ଟି ନିକ୍ଷେପ କଲେ ପ୍ରାଣ ଯେପରି ଉଦାର ଓ ଉଦାସ ହୋଇପଡ଼େ। ସମ୍ମୁଖରେ ପୁଣ୍ୟତୋୟା ପଦ୍ମାର ସୁପବିତ୍ର ନିର୍ମଳ ସୁସ୍ନିଗ୍ଧ ବିସ୍ତୀର୍ଣ୍ଣ ଜଳରାଶି ଓ ତାହାର ମୃଦୁମଧୁର କୁଳୁ କୁଳୁ ଧ୍ୱନି ଆନନ୍ଦରେ ପ୍ରାଣକୁ ଯେପରି ନଚାଉଛି। ଘାନେ ଘାନେପ୍ରଶସ୍ତ ଓ ପ୍ରଶାନ୍ତ ରଜତଧବଳ ବାଲିଚର ମଧ୍ୟ କମ୍ ମନୋହର ନୁହେଁ। ସେତେବେଳେ ଏହି ସତ୍‌ସଙ୍ଗବାଟୀର ଯେ କୌଣସି ଦିଗକୁ ଦୃଷ୍ଟି ନିକ୍ଷେପକଲେ ମନ ଯେପରି କୌଣସି ଏକ ଅପାର୍ଥିବ ରାଜ୍ୟକୁ ଉଡ଼ିଯିବାକୁ ଚାହେ। ଆଶ୍ରମ ଓ ରଜନୀ ନିଥର ନିସ୍ତବ୍ଦ। କାହାରି ସହିତ କାହାର ମଧ୍ୟ ଦେଖାସାକ୍ଷାତ ବା କଥାବାର୍ତ୍ତା ନାହିଁ। କେବଳ ଚନ୍ଦ୍ର ଓ ପଦ୍ମାର ସହିତ ଦେଖାଦେଖି ଏବଂ କୌଣସି କଥାବାର୍ତ୍ତା ହେଉଥିଲା କି ନା ଜାଣୁନା। ହେଉଥିଲେ ମଧ୍ୟ ବୋଧହୁଏ ତାହା ବନ୍ଦ ହୋଇଗଲା ଆମର ସେହି ସ୍ଥାନକୁ ଆଗମନରେ। ଅଶ୍ୱିନୀ ପଦ୍ମାର ତୀରରେ ପଦଚାରଣା କରୁଥିଲେ। ମୁଁ ଶୌଚପାଇଁ ଗମନ କଲି। ସେଠାରୁ ପ୍ରତ୍ୟାଗତ ହୋଇ ଦେଖେ, ଅଶ୍ୱିନୀ ଭାବରେ ବିଭୋର,ସ୍ୱେଦକମ୍ପ-ଅଶ୍ରୁପୁଲକାନ୍ୱିତ।ସେ କେତେବେଳେ ହସନ୍ତି, କେତେବେଳେନାଚନ୍ତି, କେତେବେଳେ ଗାଆନ୍ତି– ଏପରି ଅବସ୍ଥା। ସେତେବେଳେ ତାଙ୍କ ଶରୀର ଏପରିଭାବେ କମ୍ପିତ ହେଉଥିଲା ଯେ, ଦୁଇ ଦନ୍ତପାଟିର ଘାତ ପ୍ରତିଘାତରେ ଠକ୍ ଠକ୍ ଶବ୍ଦ ହେଉଥିଲା। ମୁଁ ବିସ୍ମୟାନ୍ୱିତ ହୋଇ ତାଙ୍କୁ ଧରି ପକାଇଲି। କହିଲି–"ଏପରି କେଉଁଥିପାଇଁ ହେଲା ?" ସେ କହିଲେ– "ଆଜି ରାତ୍ରିରେ ଶ୍ରୀଶ୍ରୀଠାକୁର ମୋତେ ସ୍ୱପ୍ନରେ ଦୟାକରି ଭଜନପ୍ରଣାଳୀ ଶିକ୍ଷା ଦେଲେ, ତା'ପରଠାରୁ ମୋର ଏହି ଅବସ୍ଥା।" ମୁଁ କହିଲି–"ଶୋଇବାକୁ ଚେଷ୍ଟା କର।"ସେ କହିଲେ–"ଖୁବ୍ ଚେଷ୍ଟା କରୁଛି, କୌଣସିମତେ ପାରୁନି।" ସେତେବେଳେ ଉଭୟ ଗୃହକୁ ପ୍ରତ୍ୟାଗମନ କଲୁ। ନିଶାକାଳ। ସମସ୍ତେ ନିଦ୍ରାଦେବୀଙ୍କ କ୍ରୋଡ଼ରେ। ରଜନୀ ନିଥର ନିସ୍ତବ୍ଦ ହେଲେ ମଧ୍ୟ ନିଶାନାଥଙ୍କୁ ପ୍ରାପ୍ତ ହୋଇ ସଂଗୋପନରେ ଲୋକଲୋଚନାନ୍ତରାଳରେ ମୃଦୁହାସ୍ୟ କରୁଥିଲେ। ଆଉ, ଲୀଳାମୟଙ୍କର ଲୀଳାକୌଶଳ ନୃତ୍ୟ କରାଉଥିଲା ଅଶ୍ୱିନୀକୁମାରଙ୍କୁ। ଆଉ, ସେହି ଅପାର୍ଥିବ ଲୀଳାଖେଳା, ଅଶ୍ୱିନୀକୁମାରଙ୍କର ସୌଜନ୍ୟ ଦର୍ଶନ ଓ ଅନୁଭୂତିର ସୁଖଲାଭ କରୁଥିଲା ଏହି ଅଧମ ସୌଭାଗ୍ୟବାନ୍। ଅଶ୍ୱିନୀଦାଙ୍କୁ ଶୟନ କରାଇବାକୁ ଚେଷ୍ଟା କଲି, କିନ୍ତୁ ସେ ସେହି ଉଦ୍‌ବେଳିତ ଆନନ୍ଦ ଭାବତରଙ୍ଗୋତ୍ତାସିରେ କୌଣସିମତେ ଶଯ୍ୟାଗ୍ରହଣ କରି ପାରିଲେ ନାହିଁ ! ସେତେବେଳେ ନିରୁପାୟ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ଡାକିଲି। ସେ ମୃଦୁମଧୁର ହାସ୍ୟ କରି ଅଶ୍ୱିନୀଙ୍କୁ ଆଲିଙ୍ଗନ କଲେ, ଅଶ୍ୱିନୀ ଶାନ୍ତ ହେଲେ। ସେତେବେଳେ ଅଶ୍ୱିନୀ ଜିଜ୍ଞାସା କଲେ–"ସବୁ ଲୋକଙ୍କୁ ମୌଖିକ ସାଧନ ପ୍ରଣାଳୀ ଶିକ୍ଷା ଦିଆହୁଏ, ଆଉ ମୋର ପ୍ରତିଥର ଏପରି ସ୍ୱପ୍ନଯୋଗେ ହେଉଛି କାହିଁକି ?" ଶ୍ରୀଶ୍ରୀଠାକୁର ତାଙ୍କର ସ୍ୱଭାବ ସୁଲଭ ଅମୃତଧାରା-ବର୍ଷଣକାରୀ ମୃଦୁମଧୁର ହାସ୍ୟଯୁକ୍ତ ପ୍ରେମମୟ ବାକ୍ୟରେ କହିଲେ "ଯେଉଁମାନେ ଦୃଷ୍ଟ, ସହଜରେ ବିଶ୍ୱାସ କରିବାକୁ ଚାହାଁନ୍ତି ନାହିଁ, ସେହିମାନଙ୍କର ବିଶ୍ୱାସ ପାଇଁ ପରମପିତା ସ୍ୱପ୍ନରେ ଜଣାଇ ଦିଅନ୍ତି। ଏ-ସବୁ ତ ଆପଣ ଜାଣି ନଥିଲେ ! ସ୍ୱପ୍ନରେ ଜାଣି ଠିକ୍ ଠିକ୍ ବିଶ୍ୱାସ ହେଲା।"

(୨) କଲିକତା ଶ୍ୟାମବଜାର ନ୍ୟାୟରତ୍ନ ଲେନ୍‌ର ବିଖ୍ୟାତ ଧନୀ ଶ୍ରୀଯୁକ୍ତ ବାବୁ ଅ..... ମହାଶୟଙ୍କର ସହଧର୍ମିଣୀ ଶ୍ରୀଶ୍ରୀଠାକୁରଙ୍କର ଆଦେଶ ଗ୍ରହଣ ପୂର୍ବକ ଏହି ସତ୍ୟନାମରେ ଦୀକ୍ଷିତା

ହୋଇଥିଲେ। ସ୍ୱପ୍ନରେ ସେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଭଜନ-ପ୍ରଣାଳୀ ପ୍ରାପ୍ତ ହୋଇଛନ୍ତି।

ଉପରୋକ୍ତ, ମାତାଠାକୁରାଣୀଙ୍କର ଏକ ପୁତ୍ରବଧୂ ଦିନେ କହିଲେ ଯେ, ତାଙ୍କର ପିତୃଚରଣ ବିଖ୍ୟାତ ସନ୍ନ୍ୟାସୀ ଗୁରୁ..... ନିକଟରୁ ସେ ଦୀକ୍ଷା ଗ୍ରହଣ କରିବେ। ତାଙ୍କର ଶ୍ରଶ୍ରୂମାତାଠାକୁରାଣୀଙ୍କ ପରି ଶ୍ରୀଶ୍ରୀଠାକୁରଙ୍କର ଏହି ସତ୍ୟନାମରେ ସେ ଦୀକ୍ଷିତା ହେବେ ନାହିଁ। କିନ୍ତୁ ସେହିଦିନ ରାତ୍ରିରେ ସେ ସ୍ୱପ୍ନରେ ଏହି ସତ୍ୟନାମରେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଦୀକ୍ଷାପ୍ରାପ୍ତ ହେଲେ।

ଦିନେ ଉକ୍ତ ମାତାଠାକୁରାଣୀ ଶ୍ରୀଶ୍ରୀଠାକୁରଙ୍କ ପଟମୂରି ନିକଟରେ ନାନାବିଧ ଦ୍ରବ୍ୟଦ୍ୱାରା ଭୋଗ ପ୍ରଦାନ କରିଥିଲେ, ରାତ୍ରିକାଳରେ ସେ ସ୍ୱପ୍ନରେ ଦେଖିବାକୁ ପାଇଲେ ଶ୍ରୀଶ୍ରୀଠାକୁର ତାଙ୍କୁ କହୁଛନ୍ତି–"ତୁମର ପଇଡ଼ ମୁଁ ଖାଇନାହିଁ, ଯେହେତୁ ପଇଡ଼ଟି କାଟି ଦିଆହୋଇ ନଥିଲା।" ପରଦିନ ପ୍ରାତଃକାଳରେ ସେମାନେ ଦେଖିବାକୁ ପାଇଲେ ସତକୁ ସତ ଭୋଗରେ ଯେଉଁ ପଇଡ଼ଟି ଦିଆ ହୋଇଥିଲା ତାହା କାଟି ଦେବାକୁ ଭୁଲ ହୋଇଥିଲା। ତାହା ସେହିସ୍ଥାନରେ ସେହି ଅବସ୍ଥାରେ ପଡ଼ିରହିଛି।

(୩) କୁଷ୍ଟିୟାର ଓକିଲ ଶ୍ରୀଯୁକ୍ତ ବାବୁ ତ୍ରୈଲୋକ୍ୟନାଥ ସେନ୍-ମହାଶୟ ସ୍ୱପ୍ନରେ ଉପଦେଶ ପ୍ରାପ୍ତ ହୋଇଥିଲେ। ସେହି ଉପଦେଷ୍ଟାଙ୍କୁ ସେ ପୂର୍ବରୁ କେବେ ଦେଖିନାହାଁନ୍ତି, ବା ଜାଣନ୍ତି ନାହିଁ। ପରେ ଦିନେ କୁଷ୍ଟିୟାରେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି କହିଲେ–"ଏ ହେଉଛନ୍ତି ସେ।" ସେତେବେଳେ ସପରିବାର ତାଙ୍କର ଶ୍ରୀଚରଣାଶ୍ରୟ ଗ୍ରହଣ କଲେ।

(୪) କଲିକତାର ବାରିଷ୍ଟର ମିଷ୍ଟର..... ଦରଙ୍ଗ ସ୍ୱାଙ୍କର ସ୍ୱପ୍ନବୃତ୍ତାନ୍ତ, ଓ ପରେ ସେହି ବିଷୟରେ ପ୍ରତ୍ୟକ୍ଷାନୁଭୂତି ପୂର୍ବ ଅଧ୍ୟାୟରେ ଦ୍ରଷ୍ଟବ୍ୟ।

(୫) ହାଲିସପୁରରେ ଥରେ ଜଣେ ବ୍ରାହ୍ମଣ କୁଳଲଳନା ସ୍ୱପ୍ନରେ ଦେଖିଥିଲେ ଯେ, 'ଏ ଯୁଗର ଯେ..... ସେ କୁଷ୍ଟିୟାନିବାସୀ ଓକିଲ ଶ୍ରୀଯୁକ୍ତ ବାବୁ ହରିଶ୍ଚନ୍ଦ୍ର ରାୟଙ୍କ ଘରେ ଆସି ରହନ୍ତି। ତାଙ୍କର ନାମ..... (ଶ୍ରୀଶ୍ରୀଠାକୁର) ସେ ତୁମର ଆରାଧ୍ୟ। ସେଠାକୁ ଗଲେ ତାଙ୍କର ସନ୍ଧାନ ପାଇବ।' ଏହିପରି ସ୍ୱପ୍ନରେ ପ୍ରତ୍ୟାଦିଷ୍ଟ ହୋଇ ସେହି ମାତା ବ୍ୟଗ୍ର ଉତ୍କଣ୍ଠିତାବସ୍ଥାରେ ସାଶ୍ରୁଲୋଚନରେ କୁଷ୍ଟିୟାକୁ ଅନୁସନ୍ଧାନ ପାଇଁ ଆଗମନ କରିଥିଲେ। ସେ ପୂର୍ବରୁ ନା କ'ଣ କେବେହେଲେ ଶ୍ରୀଶ୍ରୀଠାକୁରଙ୍କର ବା ହରିଶବାବୁଙ୍କର ଅଥବା କୁଷ୍ଟିୟାର ବିଷୟ କିଛି ଜାଣି ନ ଥିଲେ।

(୬) ଶ୍ରୀଶ୍ରୀଠାକୁରଙ୍କ ନାମ ଶ୍ରୁତ ହେବା ଏବଂ ତାଙ୍କ ବିଷୟ କିଛି ଅବଗତ ହେବା ଅଥବା ତାଙ୍କ ସହିତ ପରିଚିତ ହେବା ପୂର୍ବରୁ ମୋ ସ୍ତ୍ରୀ ସ୍ୱପ୍ନରେ ଦୀକ୍ଷାପ୍ରାପ୍ତ ହୋଇଥିଲା। ପରେ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନପ୍ରାପ୍ତି ଘଟିବାରୁ ଅବଗତ ହେଲା ଯେ, ସେ ସେହି ସ୍ୱପ୍ନର ଦୀକ୍ଷାଦାତା। ବିସ୍ତୃତ ବିବରଣ ଅନ୍ୟ ଅଧ୍ୟାୟରେ ବିବୃତ ହୋଇଛି।

(୭) ବେଲେଘାଟାର ଯଶୋଦା ଗୋସ୍ୱାମୀ ଓ ହାବଡ଼ାର କୁମୁଦବନ୍ଧୁ ମାଇତି ଶ୍ରୀଶ୍ରୀଠାକୁରଙ୍କୁ ଚର୍ମଚକ୍ଷୁରେ ଦର୍ଶନ କରିବା ପୂର୍ବରୁ ସ୍ୱପ୍ନରେ ଦର୍ଶନପ୍ରାପ୍ତ ହୋଇଥିଲେ।

(୮) କୃଷ୍ଣଚନ୍ଦ୍ରଙ୍କ ପିତାମହୀ ଶ୍ରୀଯୁକ୍ତେଶ୍ୱରୀ ବାମାସୁନ୍ଦରୀ– ଯେ ଶ୍ରୀଶ୍ରୀଠାକୁରଙ୍କ ଦେହରେ ନିଜର ଇଷ୍ଟ କାଳୀମୂର୍ତ୍ତି ଦର୍ଶନ କରିଥିଲେ ଏବଂ ଦିନେ ସନ୍ଧ୍ୟା କରୁ କରୁ କାଳୀମୂର୍ତ୍ତିସଜ୍ଜେ

ଚାଇଗୋପାଳରୂପେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିଥିଲେ, ସେ ଦିନେ ରାତ୍ରିରେ ସ୍ୱପ୍ନଯୋଗେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଏହି ସତ୍ୟନାମ ଜପ କରିବା ପାଇଁ ଉପଦେଶ ପାପ୍ତ ହୋଇଥିଲେ ।

(୯) କୁଷ୍ଟିୟାର ଶ୍ରୀଯୁକ୍ତ ବାବୁ ନବଦ୍ୱୀପଚନ୍ଦ୍ର କର-ମହାଶୟ କହିଛନ୍ତି ଯେ, ସେ ମ୍ୟାଲେରିଆ ଜ୍ୱର ଏବଂ ଶ୍ୱାସରୋଗରେ ବହୁତ କଷ୍ଟ ଭୋଗ କରୁଥିଲେ । ଏଲୋପ୍ୟାଥି, ହୋମିଓପ୍ୟାଥି ଏବଂ କବିରାଜିମତରେ ବହୁ ଚିକିତ୍ସା କରି ମଧ୍ୟ ବ୍ୟାଧି ହସ୍ତରୁ ନିସ୍ତୃତି ଲାଭ କରି ପାରି ନଥିଲେ । ଦିନେ ରାତ୍ରିରେ ସ୍ୱପ୍ନ ଦେଖିଲେ, ଶ୍ରୀଶ୍ରୀଠାକୁର ତାଙ୍କୁ କହୁଛନ୍ତି—"ଆପଣ..... (ସତ୍ୟନାମ) ଜପନ୍ତୁ । ଯେତେକ୍ଷଣ ନାମଜପ କରିବେ ଗୋଟିଏ ପାତ୍ରରେ କିଞ୍ଚିତ ଜଳ ନେଇ ଆଙ୍ଗୁଳି ଦ୍ୱାରା ତାହା ପଞ୍ଚାଳିତ କରିବେ ଏବଂ ଜପ ଶେଷ ହେଲେ ସେହି ଜଳପାନ କରିବେ । ତାହାହେଲେ ଆପଣଙ୍କର ସମସ୍ତ ରୋଗ ନିରାମୟ ହୋଇଯିବ ।" ସାତଦିନ ସେହିପରି କରି ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ । ଗୀତିମତ ନାମ ଓ ନିୟମ ପାଳନ କଲେ ସେ ସୁସ୍ଥ ଥାଆନ୍ତି, ଆଉ ସେଥିରେ ଶିଥିଳତା ହେଲେ 'ଅସୁସ୍ଥ-ବୋଧ' କରି ଥାଆନ୍ତି ।

(୧୦) କୁଷ୍ଟିୟା ମ୍ୟୁନିସିପାଲିଟିର ହେଡ୍ କ୍ଲର୍କ ବାବୁ..... ମହାଶୟଙ୍କ ସ୍ତ୍ରୀ ଶ୍ରୀମତୀ କୁଷ୍ଣକୁମାରୀ ଦେବୀ ଦିନେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣ ସ୍ପର୍ଶ କରି ମନେ ମନେ ପ୍ରାର୍ଥନା କରି କହିଥିଲେ—"ଠାକୁର, ମୋତେ ନାମରେ ଭକ୍ତି ବିଶ୍ୱାସ ଦିଅନ୍ତୁ ।" ଉକ୍ତ ମାତା ପୂର୍ବରୁ ତାଙ୍କର ଶାଶୁମାତାଠାକୁରାଣୀଙ୍କର—ଶକ୍ତି ମନ୍ତ୍ରରେ ଦୀକ୍ଷିତା ଥିଲେ । ସେଥିରେ ବିଶେଷ ଫଳପ୍ରାପ୍ତ ନ ହୋଇ ଏବଂ ଏହି ସତ୍ୟନାମ ଦ୍ୱାରା ଅନେକଙ୍କୁ ଆଶ୍ଚର୍ଯ୍ୟରୂପେ ଫଳପ୍ରାପ୍ତ ହେଉଥିବା ଦେଖି ଏହି ସତ୍ୟନାମରେ ପୁନରାୟ ଦୀକ୍ଷା ଗ୍ରହଣ କରନ୍ତି । ଏହି ସତ୍ୟନାମ ଦ୍ୱାରା ସେ ବେଶ୍ ଫଳପ୍ରାପ୍ତ ହୋଇଛନ୍ତି, ତେବେ ସୁଦ୍ଧା ପୂର୍ବ ସଂସ୍କାରବଶତଃ ସମୟ ସମୟରେ ମନେ ହୁଏ ଏହି ନାମ ଶ୍ରେଷ୍ଠ କାହିକି ? ସୁତରାଂ ନାମ ପ୍ରତି ପୂର୍ଣ୍ଣ ବିଶ୍ୱାସ ହୋଇନାହିଁ ମନେକରି ଏପରି ପ୍ରାର୍ଥନା କରିଥିଲେ । ତାହାର ୪।୫ ଦିନ ପରେ ସ୍ୱପ୍ନରେ ଦେଖିଲେ ସେ ଯେପରି କାଶୀ ଯାଇଛନ୍ତି, ସେଠାରେ ଶ୍ରୀଶ୍ରୀସ୍ୱାମିଜୀ ମହାରାଜ (ସଦ୍ଗମତର ଆଦିଗୁରୁ) ତାଙ୍କୁ କହିଲେ— "ମନ୍ତ୍ର ନେବୁ ?" ସେ କହିଲେ—"କି ମନ୍ତ୍ର ?" ସ୍ୱାମିଜୀ ମହାରାଜ କହିଲେ,..... "ଏହି ସତ୍ୟନାମ ।" କୃଷ୍ଣକୁମାରୀ କହିଲେ— "ଓ ମା ! ସେ ନାମ ତ ମୁଁ ପାର୍ଷଦ ମହାରାଜଙ୍କ ନିକଟରୁ କୁଷ୍ଟିୟାରେ ନେଇଛି ।" ସେ କହିଲେ— "ତୁ ଏହି ସତ୍ୟନାମକୁ କ'ଣ କମ୍ ଭାବୁଛୁ ? ଏହି ନାମ ଆଦି ନାମ । ଏହି ନାମ ଯଦିଓ ବର୍ତ୍ତମାନ ଅଳ୍ପ ପ୍ରଚାର ହୋଇଛି, ଏହାପରେ ସର୍ବତ୍ର ପ୍ରଚାରିତ ହେବ, ସମସ୍ତେ ଏହି ନାମ ନେବେ ।"

(୧୧) ପ୍ରଭୁ ଜଗଦ୍‌ବନ୍ଧୁ ସମ୍ପ୍ରଦାୟ ଅନ୍ତର୍ଗତ ମହାନାମ ସମ୍ପ୍ରଦାୟର କୁଷ୍ଟିୟାସ୍ଥିତ ବନ୍ଧୁମିଳନ ମଠର ପ୍ରଧାନକର୍ତ୍ତା ବିଖ୍ୟାତ କଣ୍ଟ୍ରାକ୍ଟର, ମହାଜନ ଓ ଜମିଦାର ଶ୍ରୀଯୁକ୍ତ ବାବୁ ବ୍ରଜେନ୍ଦ୍ର କୁମାର ସେନ୍-ମହାଶୟ ସ୍ୱପ୍ନରେ ଦେଖିଲେ ଯେ, ସେ ଗଙ୍ଗା ପାର ହୋଇ ଯାଉଛନ୍ତି । ସଙ୍ଗରେ ତାଙ୍କର ପିତା ୺ବିହାରୀ ଲାଲ ସେନ୍-ମହାଶୟ ଓ ଜଣେ ଦୁଇଜଣ ବଡ଼ଲୋକ ଅଛନ୍ତି । ଗଙ୍ଗାର ଅପରପାର୍ଶ୍ୱରେ ବଡ଼ ବଡ଼ ସାଧୁ-ମହାପୁରୁଷଙ୍କ ସହିତ ଦେଖାହେଲା । ତାଙ୍କ କୋଟ୍‌ରେ ଜଗଦ୍‌ବନ୍ଧୁଙ୍କର ଗୋଟିଏ ଫଟୋ-ଲକେଟ୍ ଝୁଲୁଥାଏ । ତଦ୍ଦର୍ଶନରେ ଗୋଟିଏ ଆଶ୍ରମର ଜଣେ ସାଧୁ ଜିଜ୍ଞାସା କଲେ— "ଏଇଟି କ'ଣ ?" ସେ କହିଲେ—"ପ୍ରଭୁ ଜଗଦ୍‌ବନ୍ଧୁଙ୍କ ଛବି ।" ସନ୍ନ୍ୟାସୀ ଟିକେ ଚମକିଗଲେ, ପରେ କହିଲେ— "ଲକେଟ୍‌ଟି ଦେଖାନ୍ତୁ ।" ବ୍ରଜେନବାବୁ ଲକେଟ୍ ଦେଖାଇଲେ ; ସମସ୍ତେ ଦେଖିଲେ ଲକେଟ୍‌ରେ ପ୍ରଭୁଙ୍କର ମୂର୍ତ୍ତି ନାହିଁ, ରହିଛି— ଶ୍ରୀଶ୍ରୀଠାକୁରଙ୍କ ମୂର୍ତ୍ତି ।

(୧୨) ଢାକା ଜିଲ୍ଲା ଅନ୍ତର୍ଗତ ପୋଷ୍ଟ ଅଫିସ୍ ବାହୁଣଗାଁ ଅଧୀନ ପାଇକଡ଼ା ଗ୍ରାମ ନିବାସୀ ହୋମିଓପ୍ୟାଥି ରିସର୍ଚ୍ଚ ଲାବୋରେଟୋରୀର ଅଧ୍ୟକ୍ଷ ଏବଂ "ଢାକା ର'-ପ୍ରଣାଳୀ" ପୁସ୍ତକ ପ୍ରଣେତା ଡାକ୍ତର ଟି.ଏନ୍. ଚକ୍ରବର୍ତ୍ତୀ ୧୩୨୫ ସାଲରେ ଭୟାନକ ଇନ୍‌ଫ୍ଲୁଏଞ୍ଜା ରୋଗାକ୍ରାନ୍ତ ହୁଅନ୍ତି । ସେଥିରେ ତାଙ୍କର **(delirium)** ବିକାରାବସ୍ଥା ହୋଇଥିଲା । ସେହି ସମୟରେ ସେ ସ୍ୱପ୍ନରେ ଶ୍ରୀଶ୍ରୀଠାକୁରଙ୍କର ଏହି ସତ୍ୟନାମରେ ଦୀକ୍ଷାପ୍ରାପ୍ତ ହୁଅନ୍ତି । କିନ୍ତୁ ରୋଗ ପ୍ରାବଲ୍ୟହେତୁ ସେତେବେଳେ ସେ ସେ-ସମସ୍ତ ଭୁଲି ଯାଆନ୍ତି । ପରେ କୁଷ୍ଟିୟାରେ ମୋ ସହିତ ଗମନ କରି ଅଶ୍ୱିନୀ କୁମାରଙ୍କ (ମୁକ୍ତିଆର) ଘରେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନମାତ୍ରକେ ସେ-ସମସ୍ତ ତାଙ୍କ ସ୍ମୃତିପଟରେ ଉଦିତ ହେଲା । ସେ ସତ୍ୟନାମରେ ଦୀକ୍ଷିତ ହେଲେ । ସେ ମୋତେ କହିଲେ—"ଏହି ନାମ ତ ଶ୍ରୀଶ୍ରୀଠାକୁର ମୋତେ ସ୍ୱପ୍ନରେ ପ୍ରଦାନ କରିଥିଲେ ।"

ତାହାପରେ ଥରେ ଡାକ୍ତର ତ୍ରୈଲୋକ୍ୟବାବୁ କୌଣସି ଏକ ବିଷୟ ସମ୍ବନ୍ଧରେ ଜାଣିବା ପାଇଁ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ପତ୍ର ଲେଖିଥିଲେ । ପତ୍ରର ଉତ୍ତର ପାଇବା ପୂର୍ବରୁ ସେ ସ୍ୱପ୍ନରେ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ସେହି ବିଷୟ ଉତ୍ତର ପ୍ରାପ୍ତ ହୋଇଥିଲେ ।

(୧୩) ୧୩୨୭ ସାଲର ଆଶ୍ୱିନ ପହିଲା ତାରିଖରେ ଡାକ୍ତର ଟି.ଏନ୍. ଚକ୍ରବର୍ତ୍ତୀ ପାବନା ଜିଲ୍ଲା ଅନ୍ତର୍ଗତ ଧାନକୋଡ଼ା ଷ୍ଟେଟ୍‌ର କଚେରୀ ସାହାଜାତପୁରରେ ଉପସ୍ଥିତ ହୁଅନ୍ତି । ତତ୍ରତ୍ୟ କମନ୍-ମ୍ୟାନେଜର ଶ୍ରୀଯୁକ୍ତ ବାବୁ ସତୀଶଚନ୍ଦ୍ର ମୁଖୋପାଧ୍ୟାୟ ଏମ୍.ଏ. ମହାଶୟଙ୍କ ସହିତ ଏହି ସତ୍ୟ **(truth)** ଓ ଠାକୁରଙ୍କ ସମ୍ବନ୍ଧରେ କଥୋପକଥନ ହୁଏ । ସେ ଏହି ସତ୍ୟ ଗ୍ରହଣ କରିବାକୁ ଇଚ୍ଛୁକ ହୋଇମଧ୍ୟ ମନରେ କୌଣସି ଖଟକା ଉପସ୍ଥିତ ହେବାରୁ ଗ୍ରହଣ କଲେ ନାହିଁ । ସେହିଦିନ ରାତ୍ରିରେ ତାଙ୍କର ଏକ କନ୍ୟାର ମୂର୍ଚ୍ଛା ହୁଏ । ପୂର୍ବେ ମଧ୍ୟ ହୋଇଛି । ଅନ୍ୟ ଏକ କନ୍ୟା ରାତ୍ରିରେ ସ୍ୱପ୍ନ ଦେଖି ପିତାଙ୍କୁ ଡାକି କହିଲା—"ବିଶ୍ୱଗୁରୁଙ୍କ ଶିଷ୍ୟ (ଡା : ଚକ୍ରବର୍ତ୍ତୀ) ଆସିଛି । ସେ ଔଷଧ ଦେଇ ମୂର୍ଚ୍ଛା ଛାଡ଼ିଯିବ ।" ପରଦିନ ପ୍ରାତଃକାଳରେ ପ୍ରଭୁ ଜଗଦ୍‌ବନ୍ଧୁଙ୍କର ଜଣେ ବିଶେଷ ଭକ୍ତ ଉକ୍ତ ସତୀଶବାବୁଙ୍କ ଅଧୀନସ୍ଥ କର୍ମଚାରୀ ଶ୍ରୀଯୁକ୍ତବାବୁ ରାଜନାଥ ଦତ୍ତ ତ୍ରୈଲୋକ୍ୟବାବୁଙ୍କୁ ସେହିକଥା କହି ଔଷଧ ମାଗିଲେ । ତ୍ରୈଲୋକ୍ୟବାବୁ ସତ୍ୟନାମ ଓ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣ କରି ଅନୁମାନରେ ଅଷ୍ଟାଦଶଗୁଣବିଶିଷ୍ଟ ଚୁଷ୍ଟର ଗୋଟିଏ ପତ୍ର ଦେଲେ । ରୋଗଟି ଆରୋଗ୍ୟ ଲାଭ କଲା । ତ୍ରୈଲୋକ୍ୟବାବୁ ୧୩୨୯ ସାଲର ଆଶ୍ୱିନମାସରେ କହିଲେ—"ଦୁଇ ବର୍ଷ ପରେ ରାଜନାଥବାବୁଙ୍କ ସହିତ ତାଙ୍କର ହିମାଇତପୁରରେ ଦେଖା ହୋଇଥିଲା । ସେ କନ୍ୟାଟିର ଆଉ ମୂର୍ଚ୍ଛା ହୋଇନାହିଁ ।"

ସତ୍ୟନାମ ଗ୍ରହଣରେ ଅଶରୀରୀ ଆଦେଶ

(୧୪) କଲିକତାର ୭ ନଂ ଦୀନବନ୍ଧୁ ଲେନ୍‌ର ଶ୍ରୀଯୁକ୍ତବାବୁ ଆଶୁତୋଷ ଘୋଷ, ବି.ଏ., ବି.ଏଲ୍., ମହାଶୟ ଜୁଡବିହାରର ଅବସରପ୍ରାପ୍ତ ଡେପୁଟି ମ୍ୟାଜିଷ୍ଟ୍ରେଟ୍ (ନୋଏବ୍ ଆହେଲ୍‌କାର) । ସେ ବିଖ୍ୟାତ ମହାପୁରୁଷ ୺ଠାକୁର ଦାସ ବାବାଜିଙ୍କ ଶିଷ୍ୟ । ନାନକପନ୍ଥୀ । ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ଏବଂ ଏହି ସତ୍ୟନାମ ସାଧନ ପ୍ରଣାଳୀ ଅବଗତ ହୋଇ ବିଶେଷ ସନ୍ତୋଷଲାଭ କରିଛନ୍ତି । ସେ ପୁନରାୟ ଏହି ସତ୍ୟନାମରେ ଦୀକ୍ଷିତ ହେବେ ସ୍ଥିର କରିଛନ୍ତି । କିନ୍ତୁ ମନରେ ସମୟ ସମୟରେ ଟିକିଏ ସନ୍ଦେହ ଆସୁଛି । ଗତ ମାର୍ଗଶୀର ୬ ତାରିଖ ରାତ୍ରିରେ ତାଙ୍କର ନିଦ୍ରା ଭଙ୍ଗ ହେଲା ।

ସେତେବେଳେ ତାଙ୍କର ଅର୍ଦ୍ଧନିଦ୍ରା ଅର୍ଦ୍ଧ-ଜାଗରଣବତ୍ ଅବସ୍ଥା । ସେ ସ୍ପଷ୍ଟ ଶ୍ରବଣ କଲେ– ତାଙ୍କର ସ୍ୱର୍ଗୀୟ ଗୁରୁଦେବ କହୁଛନ୍ତି–"ମୋର ମନ୍ତ୍ର ଫେରାଇ ଦେଲେ ଆକ୍ଷେପ ହେବ ନାହିଁ । ଯେଉଁ ପଥ ଅବଲମ୍ବନ କରିବାକୁ ଯାଉଛ– ତା ବେଶ୍ । ସେଥିରେ ମଙ୍ଗଳ ହେବ ।" ଏହି ଘଟଣା ପରେ ସେ ଶ୍ରୀଶ୍ରୀଠାକୁରଙ୍କ ଏହି ସତ୍ୟନାମରେ ଦୀକ୍ଷିତ ହୋଇଥିଲେ ।

୨୦

ଦୈବବାଣୀ ଓ ଧ୍ୟାନଲବ୍ଧ ବ୍ୟାପାର

ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣାଶ୍ରୟରେ ଏହି ସତ୍ୟନାମ ଗ୍ରହଣ କରି ଏହି ମତରେ ସାଧନା କରି ଅନେକେ ଅତି ଅଳ୍প ଦିନରେ ନାନା ପ୍ରକାର ଦୈବବାଣୀ ଶ୍ରବଣ କରିଛନ୍ତି ଏବଂ ଧ୍ୟାନରେ ଅତି ଆଶ୍ଚର୍ଯ୍ୟରକମର ଉପଲବ୍ଧି ବା ଅନୁଭୂତି ଲାଭ କରିଛନ୍ତି । ଅନ୍ୟ ମତରେ ସାଧନାରେ ଏତେ ସତ୍ୱର ଏତେ ଅନୁଭୂତି ଓ ଏପରି ଅଧିକ ଫଳପ୍ରାପ୍ତି ସମ୍ବାଦ ମିଳିନାହିଁ ।

ଦୈବବାଣୀ ଅନେକ ପ୍ରକାରରେ ଶ୍ରୁତ ହୋଇଥାଏ ।

(୧) କୌଣସି ଦେବମୂର୍ତ୍ତି ପରି ଧ୍ୟାନ କାଳରେ ଉପସ୍ଥିତ ହୋଇ ସ୍ପଷ୍ଟ କଥା କହିବା ।

(୨) କୌଣସି ମନୁଷ୍ୟମୂର୍ତ୍ତି ପରି ଧ୍ୟାନକାଳରେ ଉପସ୍ଥିତ ହୋଇ କଥା କହିବା ।

(୩) ଶ୍ରୀଶ୍ରୀଠାକୁରଙ୍କ ପ୍ରତ୍ୟାଦେଶ ବହୁଦୂର ସ୍ଥାନରୁ ସ୍ପଷ୍ଟଭାବରେ ଶ୍ରବଣ ।

(୪) ଶ୍ରୀଶ୍ରୀଠାକୁରଙ୍କ ମୂର୍ତ୍ତିରେ କଥା କହିବା ।

(୫) କୌଣସି ମୂର୍ତ୍ତି ବ୍ୟତୀତ ସ୍ପଷ୍ଟ କଥା କହିବା ।

(୬) କେବେ କେବେ ଶରୀରାଭ୍ୟନ୍ତରରୁ ଦୈବବାଣୀ ଶ୍ରୁତ ହୁଏ ।

(୭) କେବେ କେବେ ବହିର୍ଦ୍ଦେଶରୁ ଦୈବବାଣୀ ଶ୍ରୁତ ହୋଇଥାଏ ।

(୮) ଆଧ୍ୟାତ୍ମିକ ବ୍ୟାପାର-ସଂକ୍ରାନ୍ତ ଦୈବବାଣୀ ।

(୯) ଜାଗତିକ ବିଷୟ-ସମ୍ବନ୍ଧୀୟ ଦୈବବାଣୀ ।

ଯେଉଁମାନଙ୍କ ଭାଗ୍ୟରେ ଏହି ଦୈବବାଣୀ-ଶ୍ରବଣକାର୍ଯ୍ୟ ସଂଘଟିତ ହୋଇଛି ସେମାନଙ୍କର ଶ୍ରୁତ ଦୈବବାଣୀ ସମସ୍ତ ସତ୍ୟ ହୋଇଛି । ତାହାର ଗୋଟିଏ ମଧ୍ୟ ମିଥ୍ୟା ହୋଇନାହିଁ । ଅନେକ ଭବିଷ୍ୟତକାଳର ଘଟଣା ସମ୍ବନ୍ଧୀୟ ଦୈବବାଣୀ ତାହାର ପରବର୍ତ୍ତୀ କାଳରେ ସେହି ସମସ୍ତ ବ୍ୟାପାର ସଂଘଟିତ ହୋଇଥିବାରୁ ସତ୍ୟ ବୋଲି ପ୍ରମାଣିତ ହୋଇଛି । ଏହିପରି ବହୁ ଘଟଣା ହୋଇଥିବାରୁ ଜାଗତିକ ବା ଆଧ୍ୟାତ୍ମିକ ବ୍ୟାପାର ସଂକ୍ରାନ୍ତରେ ଶ୍ରୁତ ଦୈବବାଣୀର ଅବଶିଷ୍ଟାଂଶ ମଧ୍ୟ ସତ୍ୟ ହେବ ବୋଲି ଆମର ଦୃଢ଼ବିଶ୍ୱାସ । ଶ୍ରୀଶ୍ରୀଠାକୁରଙ୍କର ବହୁ ଭକ୍ତ, ଏପରି ଦୈବବାଣୀ ଦ୍ୱାରା ପରିଚାଳିତ ହୋଇଥାଆନ୍ତି । ସେହି ଦୈବବାଣୀସଂକ୍ରାନ୍ତ, ସମସ୍ତ ଘଟଣା ପୁସ୍ତକରେ ପ୍ରକାଶ କରାଯାଏନାହିଁ, ତେବେ ଯେ-ସମସ୍ତ ସାମାନ୍ୟ ଘଟଣା ପ୍ରକାଶ କରାଯାଇପାରେ ତନ୍ମଧ୍ୟରୁ କେତେକ ମହାନୁଭବ, ଆଗ୍ରହାନ୍ୱିତ ଓ କୌତୂହଳାକ୍ରାନ୍ତ, ପାଠକପାଠିକାଗଣଙ୍କ ଅବଗତି ନିମିତ୍ତ ଏହି ଖଣ୍ଡରେ ପ୍ରକାଶିତ ହେଲା । ସହୃଦୟ

ପାଠକ ଭ୍ରାତୃଗଣ ଏବଂ ପାଠିକା ଜନନୀଗଣ ! ଆପଣମାନଙ୍କର ଏହି ଅଧମ ଭ୍ରାତା ଓ ସନ୍ତାନ ଅନ୍ତରରେ ଏପରି ଆଶା ପରିପୋଷଣ କରୁଛି ଯେ, ଯଦି ଆପଣମାନେ ଅନୁଗ୍ରହପୂର୍ବକ ଏହି ସମସ୍ତ ପାଠ କରି ଟିକିଏ ସରଳ ଅନ୍ତଃକରଣରେ ଚିନ୍ତା କରି ଦେଖନ୍ତି, ତାହାହେଲେ ଏହା ମଧ୍ୟରୁ ହିତଜନକ ବ୍ୟାପାର ପ୍ରାପ୍ତ ହୋଇପାରିବେ ।

(୧) କଲିକତା ବେଲେଘାଟାର ୨୯ ନଂ ପ୍ୟାରିମୋହନ ସୁରର ଗାର୍ଡନ ଲେନ୍‌ର ଡାକ୍ତର ଶ୍ରଯୁକ୍ତ ବାବୁ ଶଶିଭୂଷଣ ମିତ୍ର ଏଲ୍.ଏମ୍.ଏସ୍. ମହାଶୟ ଡାକ୍ତରୀ ହିସାବରେ ଶ୍ରୀଶ୍ରୀଠାକୁରଙ୍କର ଗୁରୁ । ପୁଣି ଆଧ୍ୟାତ୍ମିକତା ହିସାବରେ ସେ ଶ୍ରୀଶ୍ରୀଠାକୁରଙ୍କୁ ସଦ୍‌ଗୁରୁ ବୋଲି ମାନ୍ୟ କରିଥାଆନ୍ତି । ସେ ୧୩୨୬ ସାଲର ମାଘ ୨୭ ତାରିଖରେ ଏହି ସତ୍ୟନାମରେ ଦୀକ୍ଷିତ ହୁଅନ୍ତି । ସେ ଠାକୁରଙ୍କୁ ବାବା ବୋଲି ଡାକନ୍ତି, ଶ୍ରୀଶ୍ରୀଠାକୁର ତାଙ୍କୁ ସାର୍ (Sir) ବୋଲି ଡାକନ୍ତି । ପ୍ରଣାମ ସମୟରେ ଉଭୟ ଉଭୟଙ୍କୁ ଦଣ୍ଡବତ୍ ହୋଇ ପ୍ରଣାମ କରନ୍ତି । ଉଭୟ ଉଭୟଙ୍କ ସାକ୍ଷାତରେ ଧୂମପାନ କରନ୍ତି ନାହିଁ । ଦିନେ ଉକ୍ତ ଡାକ୍ତରବାବୁଙ୍କୁ କୌଣସି ଏକ କାର୍ଯ୍ୟୋପଲକ୍ଷ୍ୟେ ହିମାଇତପୁର ଯିବା ପାଇଁ ସମ୍ବାଦ ଦିଆହୁଏ । ସେ ମନେ କଲେ–"ଏଇ ତ ସେଦିନ ସେଠାରୁ ଆସିଛି, ପୁଣି ଏତେ ଶୀଘ୍ର ସମ୍ବାଦ ଆସିଲା, ଆଜି ଆଉ ଯିବି ନାହିଁ ।' ତାହାର କିଛିକ୍ଷଣ ପରେ ସେ ଧ୍ୟାନ କରିବାକୁ ବସିଲେ । ସେତେବେଳେ ସେ ସେହି ଧ୍ୟାନରେ ସ୍ପଷ୍ଟ ଦୈବବାଣୀ ଶ୍ରବଣ କଲେ । ଶ୍ରୀଶ୍ରୀଠାକୁର ହିମାଇତପୁରରୁ ଠିକ୍ ଯେପରି ଟେଲିଫୋନ୍‌ର ଶବ୍ଦ ପରି ତାଙ୍କୁ କହୁଛନ୍ତି–"ସାର୍, ସାର୍, ଗୋଡ଼ ତଳେ ପଡୁଛି ସାର୍, ଆସିବା ଇଲ, ଆସନ୍ତୁ ।" ସେ ସେତେବେଳେ ଆଉ ଅନ୍ୟମତ ନକରି ହିମାଇତପୁର ଗମନ କଲେ । ସେଠାକୁ ଯାଇ ସେ ବୁଝିଲେ ତାଙ୍କର ସେହି ସ୍ଥାନରେ ସେହି ସମୟରେ ଉପସ୍ଥିତିର ବିଶେଷ ଆବଶ୍ୟକତା ଥିଲା ।

(୨) ରଂପୁର ଅନ୍ତର୍ଗତ ଜଲୁବର ଗ୍ରାମର ବିଶେଷ ବୃଦ୍ଧା ମାତା ବଦରଗଞ୍ଜରେ ଶ୍ରୀକୃଷ୍ଣ ଦାସଙ୍କ ଜନନୀଙ୍କଠାରୁ ଏହି ସତ୍ୟନାମରେ ଦୀକ୍ଷିତା ହୋଇଥିଲେ । ମାସେ ସାଧନାକରିବା ପରେ ଦିନେ ଧ୍ୟାନ ସମୟରେ ବୃଦ୍ଧା ଶୁଣିବାକୁ ପାଇଲେ–ଶ୍ରୀଶ୍ରୀଠାକୁର ଦୈବବାଣୀରେ କହିଲେ–"ମା, ତୋର ଆଉ ସମୟ ନାହିଁ, ଅମୁକଦିନ ତୋତେ ଚାଲିଯିବାକୁ ହେବ ।" ସେହି ବୃଦ୍ଧା ସେହି କଥା ସମସ୍ତ ଗୁରୁଭ୍ରାତା ଓ ଭଗ୍ନୀଙ୍କ ନିକଟରେ କହିଲେ । ଠିକ୍ ନିର୍ଦ୍ଦିଷ୍ଟ ଦିନରେ ହଠାତ୍ ସ୍ୱସ୍ଥାନରେ ସେ ଇହଧାମ ପରିତ୍ୟାଗ କରି ନିତ୍ୟ ଧାମକୁ ଗମନ କଲେ ।

(୩) ଦୁଦକୋମଡ଼ା ନିବାସୀ ✓ ପଞ୍ଚାନନ ବସୁ ରାତ୍ରିରେ କୁଣ୍ଡିୟାରେ ଅଛନ୍ତି । ତାଙ୍କର ବାସସ୍ଥାନ ସେ-ସ୍ଥାନରୁ ପ୍ରାୟ ଛଅ ମାଇଲ ଦୂର । ଯୁବତୀ ସ୍ତ୍ରୀ ଏକାକିନୀ ଶିଶୁ କନ୍ୟା ସହ ଗୃହରେ ନିଦ୍ରିତା । ସିନ୍ଧି କରି ଚୋର ଘରେ ପ୍ରବେଶ କରିଛି, ଏକ ମନୁଷ୍ୟକଣ୍ଠ ଧ୍ୱନିରେ ସେହି ଯୁବତୀ ମାତାଙ୍କର ନିଦ୍ରାଭଙ୍ଗ ହେଲା । ସେ ଶୁଣିବାକୁ ପାଇଲେ ଶ୍ରୀଶ୍ରୀଠାକୁର ତାଙ୍କୁ ଡାକିଲେ– "ମା" । ସେ ଠାକୁରଙ୍କୁ ବାହାରେ ଦର୍ଶନ କରିବାକୁ ଯିବା ପାଇଁ କ୍ଷିପ୍ରହସ୍ତରେ ଆଲୁଅ ଜଳାଇଲେ । ଚୋର ପଳାୟନ କଲା । ସେତେବେଳେ ଚୋର ନାହିଁ, ଠାକୁର ମଧ୍ୟ ନାହାଁନ୍ତି, ଚୋର ସିନ୍ଧି କରିଥିଲା କିନ୍ତୁ ଅଧଲାଟିଏ ମଧ୍ୟ ଅପହରଣ କରିପାରି ନାହିଁ ।

(୪) ଏକଦା ମୁଁ କୌଣସି ଏକ ନିର୍ଜ୍ଜନ ସ୍ଥାନରେ ବସି ଧ୍ୟାନ କରୁଥିଲି । ଦୈବବାଣୀ ହେଲା–ଶୁଣିବାକୁ ପାଇଲି–"ତୁମେ ଏ ସ୍ଥାନରେ ବସି ଧ୍ୟାନ କଲେ ଛଅ ମାସରେ ମଧ୍ୟ କିଛି ହେବ ନାହିଁ । ସେହି ବଗିଚାର ସେହି ସ୍ଥାନରେ ବସି ଧ୍ୟାନ କର, ଶୀଘ୍ର ଫଳ ପାଇବ ।" ସେତେବେଳେ

ସେହି ଦୈବବାଣୀ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଧ୍ୟାନ କଲି, ସେଥିରେ ବେଶ୍ ଫଳ ଲାଭ ହେଲା। ଧ୍ୟାନ ଶେଷରେ ଶୁଣିବାକୁ ପାଇଲି, ପୁନଶ୍ଚ ଦୈବବାଣୀ ହେଲା—''ତୁମକୁ ଆଉ ଧ୍ୟାନ କରିବାକୁ ହେବ ନାହିଁ। .....ମୁକ୍ତିଆରଙ୍କ ଝିଅର ଭୟାନକ ପେଟ ଯନ୍ତ୍ରଣା ହୋଇଛି। ତିନିଥର ଲୋକ ଆସି ତୁମକୁ ଖୋଜି ପାଇ ନାହିଁ। ତୁମେ ଏଠାରେ ଅଛ, ତା' ଘରର କେହି ଜାଣନ୍ତି ନାହିଁ। ଶୀଘ୍ର ସେଠାକୁ ଯାଅ।'' ମୁଁ ଚତ୍ଷଣାତ୍ ସେହି ସ୍ଥାନରୁ ଉଠି ଘରକୁ ଗମନପୂର୍ବକ ଜିଜ୍ଞାସା କରି ଅବଗତ ହେଲି ପତକୁ ପଚ ସେହି ମୁକ୍ତିଆରଙ୍କ ଝିଅର ଅତ୍ୟନ୍ତ ପେଟ ଯନ୍ତ୍ରଣା। ତିନିଥର ଲୋକ ମୋତେ ଡାକିବାକୁ ଆସି ଫେରି ଯାଇଛି। ସେତେବେଳେ ମୁଁ ଦ୍ରୁତଗତିରେ ସେହି ଘରକୁ ଗମନ କଲି। ସେଠାରେ ଯାଇ ଶୁଣିଲି ଦୈବବାଣୀର ପ୍ରତ୍ୟେକ ବର୍ଣ୍ଣ ସତ୍ୟ। ସେତେବେଳେ ମୁଁ ଭାବିବାକୁ ଲାଗିଲି— 'ହେ ଦୟାମୟ ! ଏହି ଘୋର ଅବିଶ୍ୱାସ ଯୁଗରେ ମଧ୍ୟ ତୁମେ ଲୋକକୁ କୃପାପୂର୍ବକ ଦୈବବାଣୀ ଦ୍ୱାରା ଏପରି ପରିଚାଳିତ କରି ଥାଅ।'

(୧୩୨୪ ପାଇ)

(୫) ୧୩୨୭ ପାଇର ଭାଦ୍ରମାସରେ ହାବଡ଼ାର ୫୬ ନଂ ପଞ୍ଚାନନତଲା ରୋଡ଼ରେ ଶ୍ରୀଯୁକ୍ତ ଚାରୁମୋହନ ଚଟ୍ଟୋପାଧ୍ୟାୟ-ମହାଶୟ ହିମାଇତପୁର ଠାକୁରବାଡିରୁ ମଧ୍ୟରାତ୍ରିରେ ମୋର କୁଣ୍ଡିୟାସ୍ଥିତ ବାସଭବନରେ ଉପସ୍ଥିତ ହୋଇ ମୋତେ କହିଲେ—''ଆଜି ଆପଣଙ୍କୁ ମୋ ସହିତ କଲିକତା ଯିବାକୁ ପଡ଼ିବ। ଜଣେ ଖୁବ୍ ବଡ଼ ଧନୀ ବରେବାଲାର ଭ୍ରାତୁଷ୍ପୁତ୍ରୀ କଠିନ ବ୍ୟାଧିଗ୍ରସ୍ତା, କୌଣସି ପ୍ରକାର ଚିକିତ୍ସାରେ କୌଣସି ଫଳ ହୋଇନାହିଁ। ଆମମାନଙ୍କ ସହିତ ତାଙ୍କର ବେଶ୍ ଭଲ ପାଇବା ଓ ଜଣାଶୁଣା ଅଛି। ସେ କହିଛନ୍ତି—'ଯେ ଏହି ରୋଗିଣୀକୁ ସୁସ୍ଥ କରି ଦେଇ ପାରିବେ ତାକୁ କୋଡ଼ିଏ ହଜାର ଟଙ୍କା ଦେବେ।' ଆମର କଲିକତାର ଗୁରୁଭାଇମାନେ ଏହି ସତ୍ୟନାମ ଦ୍ୱାରା ଚିକିତ୍ସା କରିବାକୁ ଆପଣଙ୍କୁ ନେଇଯିବାକୁ ମୋତେ ପଠାଇଛନ୍ତି। ଚାଲନ୍ତୁ, ଏହି ରାତ୍ରିରେ ଆପଣଙ୍କୁ ମୋ ସହିତ ଯିବାକୁ ହେବ। ଆପଣ ଠାକୁରଙ୍କ ଅନୁମତି ନ ହେଲେ ଯିବେ ନାହିଁ। ତେଣୁ ଆଗ ସେଠାକୁ ଯାଇ ତାଙ୍କର ଅନୁମତି ନେଇ ଆସିଲି।'' ମୁଁ କହିଲି— ''ଠାକୁର କ'ଣ କହିଲେ ?'' ସେ କହିଲେ— ''ଦାଦା, ପରର ଉପକାର ପାଇଁ ଆସି ନାହାନ୍ତି। ଆସିଛନ୍ତି କୋଡ଼ିଏ ହଜାର ଟଙ୍କା ଲୋଭରେ। ଯଦି ଟଙ୍କାର ଲୋଭ ନ କରି ଆପଣମାନେ ପରୋପକାର କରିବେ ବୋଲି ଏ କାମରେ ପ୍ରବୃତ୍ତ ହୋଇ ଥାଆନ୍ତେ, ତା'ହେଲେ ଉଚିତ ହୋଇ ଥାଆନ୍ତା। ତେବେ ସତୀଶ୍‌ଦା ଯଦି ଯାଆନ୍ତି, ତାକୁ ନେଇ ଯାଆନ୍ତୁ।'' ପରଦିନ କଲିକତା ଯିବାକୁ ହେବ ବୋଲି ସ୍ଥିର କରି ଚାରୁବାବୁଙ୍କୁ ଶୟନ କରିବାକୁ ଦିଆଗଲା। ବେଶ୍ ନିର୍ଜ୍ଜନ ନିସ୍ତବ୍ଧ ରାତ୍ରି, ଟିକିଏ ବସି ନାମ କରେ ଏହା ମନେଭଳି ମୁଁ ନାମ କରିବାକୁ ବସିଲି। ଅଳ୍ପକ୍ଷଣ ପରେ ଦୈବବାଣୀ ହେଲା, ଶ୍ରୀଶ୍ରୀଠାକୁର ଯେପରି ସେହି ଅଦୂର ଯାତ୍ରାକାର ଗୋଟିଏ ପ୍ରାନ୍ତରୁ କହୁଛନ୍ତି— ସ୍ପଷ୍ଟ ଶୁଣିବାକୁ ପାଇଲି— ''ବୁଝି ଦେଖନ୍ତୁ ଦାଦା, ଯିବାକୁ କହିଲେ ସଙ୍ଗେ ସଙ୍ଗେ ଯେ ଯିବାକୁ ହେବ ତା'ର ମାନେ କ'ଣ ? ଯଦି ସୁସ୍ଥ କରି ନପାରନ୍ତି, ତେବେ ସେଠାରେ ଦେହ ରଖି ଆସିବାକୁ ହେବ।'' ସଙ୍ଗେ ସଙ୍ଗେ ମୁଁ ସେହି କଥା କେତୋଟି ଲେଖି ରଖିଲି। ଯିବା ଉଚିତ ନୁହେଁ ବୁଝିଲି। ପରଦିନ ପ୍ରାତଃକାଳରେ ଚାରୁବାବୁଙ୍କୁ ସମସ୍ତ ବୃତ୍ତାନ୍ତ କହିବା ପରେ କହିଲି—''ମୁଁ ଆଜି ଠାକୁରବାଡ଼ି ଯାଇ ତାଙ୍କ ଚରଣରେ ବ୍ୟାପାରଟାକୁ ନିବେଦନ କରି ଆଦେଶ ପାଇଲେ ଯିବି, ନ ହେଲେ ଯିବି ନାହିଁ। ଆପଣଙ୍କୁ ଚିଠି ଲେଖି ଜଣାଇବି।'' ଚାରୁବାବୁ ଟିକିଏ କ୍ଷୁଣ୍ଣ ମନରେ କଲିକତା ଗମନ କଲେ, ମୁଁ ହିମାଇତପୁର ଗମନ କଲି। ଶ୍ରୀଶ୍ରୀଠାକୁରଙ୍କୁ ପୂର୍ବୋକ୍ତ ସମସ୍ତ

ବ୍ୟାପାର କହି ଯାହା ଉତ୍ତର ପାଇଲି ସେଥିରୁ ବୁଝିଲି ମୋର ସେଠାକୁ ଯିବା ଠିକ୍ ନୁହେଁ, ରୋଗିଣୀ ମଧ୍ୟ ଭବଲୀଳା ସାଙ୍ଗ କରିବେ। ଚାରୁବାବୁଙ୍କୁ ପତ୍ରଦ୍ୱାରା ଜ୍ଞାପନ କଲି। ସେ ସେତେବେଳେ ସେଥିରେ ସନ୍ତୁଷ୍ଟ ହୋଇ ପାରି ନଥିଲେ। ରୋଗିଣୀ ଏକ ସପ୍ତାହ ମଧ୍ୟରେ ପଞ୍ଚତ୍ୱପ୍ରାପ୍ତ ହେଲେ। ସେତେବେଳେ ସମସ୍ତେ ବୁଝିଲେ ଏହି ଦୈବବାଣୀର ବ୍ୟାପାର।

(୬) କୁଣ୍ଡିୟାର ଅସ୍ତ୍ରଧାରୀ ପୁଲିସର ହାବିଲଦାର ପଶ୍ଚିମଦେଶୀୟ ସତୀର୍ଥ ଶ୍ରୀଯୁକ୍ତ ହରିଚଂଶ ସିଂ ମନେ ମନେ ଶ୍ରୀଶ୍ରୀଠାକୁରଙ୍କ ମହାଭାବାବସ୍ଥା ଦର୍ଶନ ପ୍ରାର୍ଥନା କରିଥିଲେ। ଦିନେ ସେ ସନ୍ଧ୍ୟାକାଳରେ ଫୌଜଦାରୀ ଅଦାଲତ ସମ୍ମୁଖସ୍ଥ ପୁଷ୍କରିଣୀ ଘାଟରେ ଚଉତରା ଉପରେ ବସି ସନ୍ଧ୍ୟା କରୁଛନ୍ତି, ଏହି ସମୟରେ ସେ ଶ୍ରବଣ କଲେ— ''ଠାକୁରଙ୍କର ସମାଧି ହୋଇଛି, ଦେଖିବାକୁ ଚାହିଁଥିଲ, ବର୍ତ୍ତମାନ ଯାଅ, ଦର୍ଶନ କର।'' ଏହି କଥା ଶ୍ରବଣ କରି ସିଂଜୀ ଉଠି ଦଣ୍ଡାୟମାନ ହୋଇ ଇତସ୍ତତଃ ଚଲାଫେରା କରି ଦେଖିଲେ କୌଣସି ଲୋକ ନିକଟରେ ନାହିଁ। ଦୂରରେ ଧନାଗାରର (ଟ୍ରେଜେରୀ) ବାରଣ୍ଡାରେ ବନ୍ଧୁକଧାରୀ ସାନ୍ତ୍ରୀ ଚଳାଫେରା କରୁଛି। ସିଂଜୀ ଇତିପୂର୍ବରୁ ଏପରି କୌଣସି ଦୈବବାଣୀ ବିଷୟରେ ଅବଗତ ନ ଥିଲେ, ଆଉ ଏହି ସତ୍ୟନାମ ସାଧନାରେ ଯେ ଏପରି କୌଣସି ଦୈବବାଣୀ ଶୁଣାଯାଏ ତାହା ମଧ୍ୟ କେହି ତାଙ୍କୁ ପୂର୍ବରୁ ଜଣାଇ ନାହାନ୍ତି। ଘଟଣା ବୁଝି ନ ପାରି ସେ ଧ୍ୟାନ କରିବାକୁ ବସିଲେ। ଅକସ୍ମାତ୍ କିଏ ଯେପରି ତାଙ୍କର ପଛରୁ ତାଙ୍କର କନ୍ଧଦ୍ୱୟ ମଧ୍ୟରେ ଦୁଇ ହସ୍ତ ପ୍ରଦାନ ପୂର୍ବକ ତାଙ୍କୁ ଉତ୍ତୋଳନ କରି ଦଣ୍ଡାୟମାନ କରାଇ ଦେଇ କହିଲା— ''କହିଲି ଠାକୁରଙ୍କର ସମାଧିହୋଇଛି, ତା ବିଶ୍ୱାସ ହେଲା ନାହିଁ, ଯାଇ ଦେଖ ଅଶ୍ୱିନୀ ବିଶ୍ୱାସ ମୁକ୍ତିଆରଙ୍କ ଘରେ।'' ସେ ଏହି ଦୈବବାଣୀ ସ୍ପଷ୍ଟ ଶ୍ରବଣ କରି ଓ ଏହି ସ୍ପର୍ଶ ସ୍ପଷ୍ଟ ଅନୁଭବ କରି ସଚକିତଭାବରେ ଚତୁର୍ଦ୍ଦିଗରେ ଦୃଷ୍ଟି ନିକ୍ଷେପ କରି କୌଣସି ଜନପ୍ରାଣୀର ଚିହ୍ନମାତ୍ର ନିକଟରେ ଦେଖି ନ ପାରି ଊର୍ଦ୍ଧଶ୍ୱାସରେ ଅଶ୍ୱିନୀବାବୁଙ୍କ ଗୃହ ଅଭିମୁଖରେ ଦୌଡ଼ିଲେ। ସାନ୍ତ୍ରୀ କହିଲା—''ଦେଖ-ଦେଖ, ହାବିଲଦାର ସାହେବକୋ କ୍ୟା ହୁଆ ହ୍ୟାୟ, ଦୌଡ଼କେ କିଧାର୍ ଯାତା।'' ସେତେବେଳେ ଜଣେ ଦୁଇଜଣ ସିପାହୀ ତାଙ୍କର ପଶ୍ଚାଦ୍‌ଧାବନ କଲେ। ସେମାନେ ଆସି ଦେଖିଲେ ଶ୍ରୀଶ୍ରୀଠାକୁର ମହାଭାବାବସ୍ଥାରେ ଅଶ୍ୱିନୀ ବାବୁଙ୍କ ଅନ୍ଦରମହଲର ଅଗଣାରେ ଶାୟିତ, ଶ୍ରୀମୁଖରେ ଭାବବାଣୀ କଥିତ ହେଉଛି ଏବଂ ସିଂଜୀ ଥର ଥର କମ୍ପିତ କଳେବରରେ ଦଣ୍ଡାୟମାନ। ବ୍ୟାପାର କ'ଣ ଜିଜ୍ଞାସା କରିବାରୁ ବହୁ ଭଦ୍ରଲୋକଙ୍କ ସମ୍ମୁଖରେ ସେତେବେଳେ ସେହି ସ୍ଥାନରେ ସିଂଜୀ ଦୈବବାଣୀର ଅଦ୍ଭୁତ ବ୍ୟାପାର ବର୍ଣ୍ଣନା କଲେ।

(୭) ଫରିଦପୁର ଜିଲ୍ଲାର ନାଦୁଡ଼ିୟା ଗ୍ରାମନିବାସୀ ମୋର ସତ୍ଗୁରୁ ପୂରେନ୍ଦ୍ର ନାଥ ଘୋଷ ନାଏବୀ ଚାକିରି କରିବାକୁ ଯାଇ ଗୋଟିଏ ମୋକଦ୍ଦମାରେ ଛଅ ମାସ କାରାଦଣ୍ଡ ପାଇଲେ। ଜାମିନ୍ ଦେଇ କୁଣ୍ଡିୟା ଆଗମନ କରି ଶ୍ରୀଶ୍ରୀଠାକୁରଙ୍କ ସହିତ ଦେଖା କରିବାରୁ ସେ କହିଲେ—''ପାପ ଥିଲା, ଅଳ୍ପ ପାପ— ଖୁବ୍ ନାମ କର, ଅପିଲ୍ ସମୟରେ ମୁକ୍ତି ପାଇବୁ।'' ତା'ର ମୋକଦ୍ଦମା ପୂର୍ବରୁ ମୋର କନିଷ୍ଠ ଭ୍ରାତା ଡାକ୍ତର ରାଧାରମଣ ଧ୍ୟାନରେ ଦର୍ଶନ କଲେ— ''ଗୋଟିଏ ପ୍ରକାଣ୍ଡ ଅଦାଲତ-ଗୃହ, ଓକିଲ, ବିଚାରକ (ଜଜ୍) ଓ ଆଇନ୍ ପୁସ୍ତକ। ଓକିଲ ଆଇନ୍ ପୁସ୍ତକ ଖୋଲି କହିଲେ, * * * ଧାରା ଅନୁସାରେ ଏହି ଆସାମୀ ବିରୁଦ୍ଧରେ ଏହି ମୋକଦ୍ଦମା ଚାଲି ପାରିବ ନାହିଁ।'' ଏହିପରି ଦୈବବାଣୀ ସେ ସ୍ପଷ୍ଟ ଶୁଣିବାକୁ ପାଇଲେ। ବ୍ୟାପାରଟି ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଦିଆଗଲା, ସେ କହିଲେ—''ପ୍ରକାଶ କର ନା, ଗୋପନରେ ନୋଟ୍ ବୁକ୍‌ରେ ଲେଖିରଖ। ତେବେ ବ୍ୟାପାରଟା ତାକୁ ଚିଠିରେ ଲେଖି ଦେ, ଧାରାଟା ଯେପରି ଓକିଲକୁ କହେ।'' ସେହିପରି କରାହେଲା। ମୋକଦ୍ଦମା ପୂର୍ବେ ଯେଉଁଦିନ

ସୁରେନ୍ଦ୍ରନାଥ ଘରୁ ଯାତ୍ରା କରିବେ ସେତେବେଳେ ସେ ନିଦ୍ରିତ ଥିଲେ । ''ଉଠ୍, ଷ୍ଟିମର ଘାଟକୁ ଆସିଛି''– ଏପରି ଦୈବବାଣୀ ଶୁଣି ଷ୍ଟିମରରେ ଯାତ୍ରା କଲେ । ବାସ୍ତବିକ୍ ମୋକଦ୍ଦମାର ସେହି ଧାରା ଅନୁସାରେ ସେ ନିର୍ଦୋଷରେ ଖଲାସ ପାଇଲେ ।

(୮) ଅନ୍ୟ ଏକ ଦିନରେ ଶ୍ରୀମାନ୍ ରାଧାରମଣ କାଶୀପୁରରେ ମହାରାଜଙ୍କ ପୂର୍ବ ସାଧନକାଳରେ ମନ୍ଦିରରେ ଧ୍ୟାନ କରିବା ସମୟରେ ଦେଖିଲା– ନଦିଆ ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ଗ୍ରାମନିବାସୀ ଶ୍ରୀଯୁକ୍ତ ବାବୁ ବିରାଜ୍ମ ଲାଲ ବିଶ୍ୱାସ ମହାଶୟଙ୍କ ଗୋଟିଏ ଦୁର୍ଘଟଣା ଏବଂ କାହାର ଗୋଟିଏ କନ୍ୟାର ମୃତ୍ୟୁ । ବିରାଜ୍ମବାବୁଙ୍କ ସହିତ ବିଶେଷ ଆନୁଗତ୍ୟଭାବ ଥିବାରୁ ତାଙ୍କୁ ସମ୍ବାଦ ଦିଆହେଲା ଏବଂ ଭଗବାନଙ୍କ ନାମ କରିବାକୁ କୁହାଗଲା । ସେ କଥାଟାକୁ ହସି ଉଡ଼ାଇଦେଲେ । କିନ୍ତୁ ଅଳ୍ପଦିନ ମଧ୍ୟରେ ତାଙ୍କର ପ୍ରିୟତମା ଦୁହିତା ଭବଲୀଳା ସାଙ୍ଗ କଲେ ।

(୯) ଆମଲାବାଡ଼ୀ ଗ୍ରାମନିବାସୀ ଶ୍ରୀଯୁକ୍ତ ବାବୁ ଲଳିତ ମୋହନ ବସୁ ମହାଶୟଙ୍କ ସ୍ତ୍ରୀ ଥରେ ଦିନବେଳା ଶ୍ରବଣ କଲେ, ଦୈବବାଣୀ ହେଲା–''ମା, ତୋ ପୁଅର ଦୁଧ ମୁଁ ଖାଇ ଦେଇ ଗଲି ।'' ସେ ତତ୍କ୍ଷଣାତ୍ ଗୃହରେ ପ୍ରବେଶ କରି ଦେଖିଲେ ଦୁଧ ପାତ୍ରରେ ଢାଙ୍କୁଣି ଠିକ୍ ଅଛି କିନ୍ତୁ ସେଥିରେ ଦୁଧର ଲେଶ୍‌ମାତ୍ର ବି ନାହିଁ । ଅନେକ ଦିନରୁ ଶ୍ରୀଶ୍ରୀଠାକୁରଙ୍କୁ ଭୋଜନ କରାଇବା ପାଇଁ ଏହି ମହିଳାଙ୍କ ପ୍ରାଣ କାନ୍ଦୁଥିଲା ! କିନ୍ତୁ ତାଙ୍କ ଭାଗ୍ୟରେ ତାହା ହୋଇ ନ ଥିଲା । ସେଥିପାଇଁ କ'ଣ ଏହି ଘଟଣା ?

(୧୦) ୧୩୨୫ ସାଲର ବଡ଼ଦିନ ଛୁଟିରେ ଅଶ୍ୱିନୀବାବୁ ମହାରାଜଙ୍କ ସାଧନମନ୍ଦିରରେ ସାଧନକାଳରେ ଶ୍ରବଣ କଲେ ଦୈବବାଣୀ ଦ୍ୱାରା ଶ୍ରୀଶ୍ରୀଠାକୁର ତାଙ୍କଠାରୁ ସନ୍ଦେଶ ମାଗିଲେ ; ସେଦିନ ସେ-କଥାଟାକୁ ସେ ବିଶେଷ ଗ୍ରାହ୍ୟ କରି ନାହାଁନ୍ତି । ପରଦିନ ପୁଣି ସେପରି ଶୁଣିବାକୁ ପାଇବାରୁ ସେ ଜିଜ୍ଞାସା କଲେ–''ପତରେ କ'ଣ ସନ୍ଦେଶ ଖାଇବେ ।?'' ଉତ୍ତର ହେଲା–-''ଖାଇବି ।'' ଅଶ୍ୱିନୀ ପାବନାରୁ ସନ୍ଦେଶ କିଣି ଆଣି ଖାଇବାକୁ ଦେଲେ ।

(୧୧) ଅଶ୍ୱିନୀବାବୁ ୧୩୨୭ ସାଲର ଶେଷଭାଗରେ ବାସ୍ତୁ ପରିବର୍ତ୍ତନ କରିବାକୁ ପଶ୍ଚିମ ଚୁନାରକୁ ଗମନ କରିଥିଲେ । ସେଠାରୁ ଖଣ୍ଡେ ପତ୍ର ଦ୍ୱାରା ସେ ମୋତେ ଜଣାଇଥିଲେ—''ଘରେ ଦୁଇଥର ଆହାର କରିଲେ ମଧ୍ୟ ହଜମ ହେଉ ନଥାଏ । ଏଠାରେ ତିନିଥର ଖୁବ୍ ଭୋଜନ ସତ୍ତ୍ୱେ ବେଶ୍ ହଜମ ହୁଏ । କିନ୍ତୁ ପ୍ରତ୍ୟହ ଅପରାହ୍ନ ସମୟରେ ଅତ୍ୟନ୍ତ ପେଟକ୍ଷାଳା ହୁଏ । ସେଥିପାଇଁ ନାନାପ୍ରକାର ଔଷଧ ବ୍ୟବହାର କରି ମଧ୍ୟ ଉପଶମ ହେଲା ନାହିଁ । ପେଟକ୍ଷାଳା କାହିଁକି ହୁଏ ତା' ବୁଝିହେଲା ନାହିଁ ।'' ଶ୍ରୀଶ୍ରୀଠାକୁର ପାବନାରୁ ଚୁନାରକୁ ଦୈବବାଣୀ ଦ୍ୱାରା କହିଲେ– ''ଶଳା, ଖୁବ୍ କ୍ଷୁଧାରେ ବାର ବାର ଯେପରି ଖାଇପାରେ ଏଇ ପ୍ରାର୍ଥନା କରି ଚୁନାରକୁ ଆସିଲୁ, ବର୍ତ୍ତମାନ ଖାଇବା ଛାଡ଼ିଲେ ହେବ ନାହିଁ । ଉପରବେଳା ଖାଅ, ସବୁ ଭଲ ହୋଇଯିବ ।'' ସେ ସେପରି କରିଲେ, ସମସ୍ତ ପେଟକ୍ଷାଳା ଭଲ ହୋଇଗଲା । ଅଶ୍ୱିନୀ ବାସ୍ତବିକ୍ ପୂର୍ବରୁ ଏପରି ପ୍ରାର୍ଥନା କରିଥିଲେ ।

(୧୨) ୧୩୨୭ ସାଲରେ ଶ୍ରୀଳ ଶ୍ରୀଯୁକ୍ତ ସତୀଶଚନ୍ଦ୍ର ଗୋସ୍ୱାମୀ କୁଷ୍ଟିୟାରେ ତାଙ୍କର ଆଶ୍ରମସ୍ଥ ଗୋଟିଏ ଘରେ ବସି ମୋତେ କହିଲେ–''ଦେଖନ୍ତୁ, କୀର୍ତ୍ତନ ଘରେ ବୋଧହୁଏ ସ୍ତ୍ରୀଲୋକମାନେ ପୁରୁଷମାନଙ୍କ ମଧ୍ୟରେ ଯାଇ ବସିଛନ୍ତି । ମୁଁ ଶୁଣିଲି ଠାକୁର ହିମାଇତପୁରରୁ କହୁଛନ୍ତି–''ମା'ମାନଙ୍କର କର୍ତ୍ତବ୍ୟ ମା'ମାନଙ୍କ ଘାନରେ ରହିବା ।'' ତତ୍କ୍ଷଣାତ୍ କୀର୍ତ୍ତନଗୃହକୁ

ଗମନପୂର୍ବକ ଦେଖିବାକୁ ପାଇଲି ଚିନିଜଣ ବର୍ଷୀୟସୀ ରମଣୀ କୀର୍ତ୍ତନଗୃହର ଏକକୋଣରେ ଅନ୍ଧକାରରେ ଲୁକ୍କାୟିତଭାବରେ କୀର୍ତ୍ତନ ଶ୍ରବଣ କରୁଛନ୍ତି ।

ବାବା ବୈଦ୍ୟନାଥଙ୍କ ଆଦେଶ

ଶ୍ରୀଯୁକ୍ତ ବାବୁ ଦୁର୍ଗାନାଥ ସାନ୍ୟାଲ ମହାଶୟ କଠିନ ରୋଗରେ ବହୁ ଦିନ ଭୋଗି ଶେଷରେ ସେହି ରୋଗମୁକ୍ତି-କାମନାରେ ଶ୍ରୀଶ୍ରୀବୈଦ୍ୟନାଥ ଧାମକୁ ଗମନ ପୂର୍ବକ ଅଧିଆ ପଡ଼ିଥିଲେ । ସେଥିରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସି ସତ୍ୟନାମ ଗ୍ରହଣ କରିବାକୁ ବାବା ବୈଦ୍ୟନାଥଙ୍କର ପ୍ରତ୍ୟାଦେଶ ହୋଇଥିଲା । ଆଉ, ସେହିଦିନ ଦୁର୍ଗାନାଥବାବୁ ଦେଖିଲେ ଶ୍ରୀଶ୍ରୀଠାକୁର ବୈଦ୍ୟନାଥଙ୍କ ମନ୍ଦିରରେ ପ୍ରବେଶ କରିଲେ । ସେତେବେଳେ ସେ ମନ୍ଦିରରେ ବହୁ ଅନୁସନ୍ଧାନ କରି ମଧ୍ୟ ଆଉ ତାଙ୍କୁ ପାଇଲେ ନାହିଁ । ଶେଷରେ ଦେଖିଲେ ଶ୍ରୀଶ୍ରୀବୈଦ୍ୟନାଥଙ୍କ ମୂର୍ତ୍ତିରୁ ଶ୍ରୀଶ୍ରୀଠାକୁର ବହିର୍ଗତ ହେଲେ । ତାହାପରେ ବହୁ ଅନୁସନ୍ଧାନରେ ମଧ୍ୟ ଆଉ ତାଙ୍କୁ ପାଇଲେ ନାହିଁ । ପରେ ସେ ଦେଶକୁ ପ୍ରତ୍ୟାଗମନ କରି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଉପସ୍ଥିତ ହୋଇ ଶରଣାଗତ ହୋଇ ସତ୍ୟନାମ ଗ୍ରହଣ କରିବାରୁ ଶୀଘ୍ର ରୋଗମୁକ୍ତ ହେଲେ ।

୨୧

ଶ୍ରୀଶ୍ରୀଠାକୁର ଜଗତକୁ କି କି ଶିକ୍ଷା ଦେଲେ ? ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଜଗତ ଚାରିଟି ଉପାୟରେ ଆଧ୍ୟାତ୍ମିକ ଶିକ୍ଷା ଲାଭ କରିଅଛି

୧। ସେ ମହାଭାବାବସ୍ଥାରେ ଭାବବାଣୀ ଦ୍ୱାରା-ଉଚ୍ଚତମ ଚତ୍ତ୍ୱଲାଭର ସହଜ ସରଳ ଉପାୟ, ଜଗତର ଓ ବ୍ୟକ୍ତିଗତ ନାନାବିଧ ମଙ୍ଗଳଜନକ ଉପଦେଶ ଏବଂ ନାନା ସମସ୍ୟାର ମୀମାଂସା ପ୍ରକାଶ କରିଛନ୍ତି– ଯାହା **Holy Book** ବା ପୁଣ୍ୟପୋଥି ନାମରେ ପ୍ରକାଶିତ ।

୨। ତାଙ୍କ ଦ୍ୱାରା ଲିଖିତ ଅମୂଲ୍ୟ ଉପଦେଶ ଯାହା 'ସତ୍ୟାନୁସରଣ' ନାମରେ ପ୍ରକାଶିତ ।

୩। ତାଙ୍କର ଭକ୍ତମାନଙ୍କ ସହିତ କଥୋପକଥନ ସମୟରେ ସଂଗୃହୀତ ଉପଦେଶ ଯାହା ''ଅମୀୟବାଣୀ'' ନାମରେ ପ୍ରକାଶିତ ହୋଇଛି, ସେହି ପୁସ୍ତକ ଦ୍ରଷ୍ଟବ୍ୟ ।

୪। ତାଙ୍କର ହାବଭାବ, ଚାଲିଚଳନ ଓ ଆଚାର-ବ୍ୟବହାର ଦ୍ୱାରା ଓ ସମସ୍ତ ଜୀବଜନ୍ତୁ, ବୃକ୍ଷଲତା ଓ ସମସ୍ତ ମାନବ ପ୍ରତି ତାଙ୍କର ଆଚରଣ ଦ୍ୱାରା ଅନେକ ଆଦର୍ଶ ଶିକ୍ଷାପ୍ରାପ୍ତ ହୋଇଥାଏ । ତାହାର କେତେକ ଅଂଶ ଏହି ପୁସ୍ତକରେ ସଂଗୃହୀତ ଓ ସନ୍ନିବିଷ୍ଟ ହୋଇଅଛି ।

ମହାଭାବବାଣୀ ବା (Holy Book)

ପୁଣ୍ୟପୋଥିର ନମୁନା

ପୁଣ୍ୟପୋଥିର ମୂଳ ଉପଦେଶଗୁଡ଼ିକ ଭାବାବସ୍ଥାର ବାଣୀ । ଏହି ସକଳ ଉପଦେଶର ପ୍ରତି ଛତ୍ରରେ ପ୍ରତି ବର୍ଣ୍ଣରେ ପରମାତ୍ମା ଜୀବ-ଜଗତରେ ସ୍ୱୀୟ ଅଭିପ୍ରାୟ ପ୍ରକାଶ କରିଛନ୍ତି । ଯେପରି

ଜୀବ-ଜଗତ ତାଙ୍କର ଇଚ୍ଛା ସ୍ୱୀକାର ହୋଇ ତଦନୁସାରେ କାର୍ଯ୍ୟ କରି ସହଜରେ ଅନନ୍ତ, ଆନନ୍ଦଲାଭ କରିପାରେ ସେଥିପାଇଁ ଶ୍ରୀଭଗବାନ୍ ଏହି ଭାବବାଣୀ ଦ୍ୱାରା ନିଜର ଇଚ୍ଛା ପ୍ରକାଶିତ କରିଛନ୍ତି । ଜୀବର ଦୁଃଖରେ ଦୟାପରବଶ ହୋଇ ପରମପିତା ଜୀବୋଦ୍ଧାର ପାଇଁ ସେହି ସତ୍ୟସମୂହ ବ୍ୟକ୍ତ କରିଛନ୍ତି । ଏହି ବାଣୀ ପ୍ରକାଶ ଦ୍ୱାରା ସମସ୍ତ ଜଗତର ସମସ୍ତ ବିବାଦ-ବିସମ୍ବାଦ ବିଦୂରିତ ହେବ ଏବଂ ପୃଥିବୀ ଜଗତ ପୁର୍ଣ୍ଣାୟ ବିମଳ ଆନନ୍ଦ ଓ ପ୍ରେମଧାରାରେ ଭାସମାନ ହେବ । ସମସ୍ତ ମାନବଜାତି ସର୍ବତୋଭାବେ ଭ୍ରାତୃଭାବରେ ଏକତାସୂତ୍ରରେ ଚିରାବଦ୍ଧ ହେବ । ସତ୍ୟଯୁଗର ଆରମ୍ଭ ହେବ । ସମାଧି ଅବସ୍ଥାରେ ଚିତ୍ତବୃତ୍ତି ସ୍ଥିର ହୁଏ ; ଚିନ୍ତା ନ ଥାଏ, ସୁଖ ଦୁଃଖ ବୋଧ ନ ଥାଏ, ଏପରି ଅବସ୍ଥା ହୁଏ ଯାହା ବର୍ଣ୍ଣନା କରି ହୁଏ ନାହିଁ । ଏହି ଅବସ୍ଥାରୁ ପ୍ରତ୍ୟାବୃତ୍ତ ହେଲେ ଏକ ଅନିର୍ବଚନୀୟ ଆନନ୍ଦର ସ୍ମୃତି ମାତ୍ର ଥାଏ । ସମାଧିର ଚରମରେ ମଣିଷର ସକଳ ବିଶେଷତ୍ୱ ବା ବ୍ୟକ୍ତିତ୍ୱ ଲୁପ୍ତହୁଏ । ସେ-ଅବସ୍ଥାରୁ ମଣିଷର ଆଉ ପ୍ରତ୍ୟାବୃତ୍ତ ହେବାର କାରଣ ନ ଥାଏ ବୋଲି କେହି ପ୍ରତ୍ୟାବୃତ୍ତ ହୁଅନ୍ତି ନାହିଁ । ଏହି ଅବସ୍ଥାରୁ ଯେ ପ୍ରତ୍ୟାବୃତ୍ତ ହୁଅନ୍ତି ସେ ସତକୁସତ ସମଗ୍ର ବିଶ୍ୱର ଜୀବନ । ଏପରି ମହାଭାବାବସ୍ଥାରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖବିନିର୍ଗତ ଅମୃତୋପମ ଭାବବାଣୀ ସମୂହର କିୟଦଂଶ ପୁସ୍ତକାକାରେ ମୁଦ୍ରିତ ହୋଇଛି । ତାହାର ଦୈବପ୍ରାପ୍ତ ନାମ **Holy Book**— ମଣିଷର ଦେବା ନାମ ପୁଣ୍ୟପୋଥି ବା ଅମୀୟଧାରା । ତାହାର ମୁଦ୍ରିତ ଓ ଅମୁଦ୍ରିତ କିୟଦଂଶର ନମୁନା ଭାଷ୍ୟ ଓ ବିବୃତି ବ୍ୟତୀତ ପାଠକବର୍ଗଙ୍କର ଅବଗତି ପାଇଁ ଏ ଘରେ ସନ୍ନଦ୍ଧ ହେଲା । ଭାବବାଣୀ ସମ୍ବନ୍ଧରେ ନବମ ଅଧ୍ୟାୟ ଦ୍ରଷ୍ଟବ୍ୟ ।

ପ୍ରଥମ ଦିବସର ଭାବବାଣୀର ମୂଳର କିୟଦଂଶ

* * * କୀର୍ତ୍ତନର ଗୋଟିଏ ଶକ୍ତି ଅଛି, ଜୋର୍ କରି ମନକୁ ଉଇକୁ ନେଇଯାଏ— ତେଣୁ ମହାପ୍ରଭୁଙ୍କର କୀର୍ତ୍ତନ ପ୍ରଚାର । * * * ସଂକୀର୍ତ୍ତନ କର, ସଂକୀର୍ତ୍ତନ ପ୍ରଚାର କର, କୀର୍ତ୍ତନ ବଡ଼ ଭଲ ଜିନିଷ । * * * ବିଶ୍ୱାସ ଚାହିଲେ ବିଶ୍ୱାସ କରିବାକୁ ହୁଏ । ତୁମେମାନେ ଗୋଟାଏ ଗୁପ୍ତ ରହସ୍ୟ ଶୁଣ, ଯାହାକୁ ତୁମେମାନେ ଚୈତନ୍ୟ ନିତ୍ୟାନନ୍ଦ ଜାଣିଛ ସେମାନେ ବୁକୁଭରା ପ୍ରେମ ନେଇ ଯେ ଅଧାର୍ମିକ ଚାର ପାଦ ଧରି ଚାର ସମସ୍ତ ଅହଙ୍କାର ନଷ୍ଟ କରି ଦେଇଥିଲେ । * * * ସ୍ନାନ ସଙ୍ଗରେ ଉକ୍ତି ରହିବା ଭଲ । * * * ତୁମମାନଙ୍କର ମହା କାର୍ଯ୍ୟକ୍ଷେତ୍ର । ତୁମମାନଙ୍କର ପରମାତ୍ମାକୁ ଜିଜ୍ଞାସା କର, ସେ ବି କହେ ଭକ୍ତିମିଶ୍ରିତ ଜ୍ଞାନ ଶିକ୍ଷା ଦେଲେ ନଷ୍ଟ ହୁଏ ନାହିଁ । * * * ଭାଇ, ନିଜକୁ ଭୁଲ ନା, ଖୋଜ ଅନ୍ତରରେ ତୁମେ କିଏ ? * * * ବନ୍ଧା ବାପ ମା'ରେ ସୁଖ ନାହିଁ, ବାପ ମା ଯେତେବେଳେ ଜଗତଜୋଡ଼ା, ବାପ ମା ଯେତେବେଳେ ମୁଁ ପରମାତ୍ମା ସେତେବେଳେ କେତେ ସୁଖ * * * ।

ଦେଖ, ବିଶ୍ୱାସ କର—ବିଶ୍ୱାସ ରୂପକ ପଦକ ଦେଇ ଟିକଟ କିଣିବାକୁ ହୁଏ । * * * ଗୁରୁଙ୍କ ଦେବା ଜିନିଷ ଯଦି ଦିନ ଭିତରେ ୨।୧ ଥର କରାଯାଏ ସେଥିରେ କିଛି ହୁଏ ନାହିଁ । ୨୪ ଘଣ୍ଟା ଭାବିବାକୁ ହୁଏ । ତେବେ ନିୟମ ବାନ୍ଧି କରିବା ଭଲ । ମନ ତିଆରି ହୁଏ । କିନ୍ତୁ କୀର୍ତ୍ତନରେ ଏକେବାର ମନ ତିଆରି ହୁଏ । ବିଶ୍ୱାସ କରି ତାର ଭିତରକୁ ପଶିଲେ ହେଲା । * * *

ଦେଖ, ସବୁ ମଣିଷ ଦେଖିବାକୁ ହୁଏ ଇଷ୍ଟ ଭାବି । * * * ଶକ୍ତି ଦେହର ନୁହେଁ, ମନର । ଯେ ଭାବେ ମୁଁ ଗୋରୁ, ସେ ଶଳା ଗୋରୁ । *** ଭଲ ପାଇଲେ ଭଲ ପାଇ ହୁଏ । ଟିକିଏ ଟିକିଏ ଇଚ୍ଛା କରି ଭଲ ପାଇବାକୁ ହୁଏ । * * *

ଦ୍ୱିତୀୟ ଦିବସର ଭାବବାଣୀର ମୂଳର କିୟଦଂଶ

ସଂଯାଗୀ ସନ୍ନ୍ୟାସୀ ଦରକାର— ଜଙ୍ଗଲର ସନ୍ନ୍ୟାସୀ ଦରକାର ନାହିଁ । ନିତାଇ ଦରକାର । ଶକ୍ତି ଧରି ବୁକୁଭରା ଭଲପାଇବା ନେଇ ସମସ୍ତଙ୍କୁ ଠେସିଧର । ଆକାଂକ୍ଷା ସର୍ବନାଶର ମୂଳ । * * * ଭକ୍ତି ଅପେକ୍ଷା ଜ୍ଞାନ ଆହୁରି ଦରକାର, ସେଥିରେ ନଷ୍ଟହୁଏ ନାହିଁ । ଜ୍ଞାନ ପାଥିରେ ଭକ୍ତି ଭଲ । ଜ୍ଞାନଟା କିପରି ଜାଣିଛ, ଯେପରି ପଞ୍ଜାବ ମେଲ୍ । ଯେତେକ ମିକ୍ସଡ ଟ୍ରେନ୍ ପବୁ ଭକ୍ତି । ଯଦି ମେଲ୍ ସଙ୍ଗେ ଧକ୍କା ଲାଗେ, ତେବେ ଭାରି କଠିନ— ମିକ୍ସଡ ଟ୍ରେନ୍ ରହି ରହି ଯାଏ ତ— ସେଥିପାଇଁ ପ୍ରାୟ ଧକ୍କା ହୁଏ ନାହିଁ । ଏକ୍ସପ୍ରେସ୍‌ଗୁଡ଼ିକ ଭଲ, ଜୋର୍‌ରେ ମଧ୍ୟ ଯାଏ । —କୀର୍ତ୍ତନରେ ପବୁ ପଥରେ ନେଇ ଯାଇପାରେ ।

ତୃତୀୟ ଦିବସର ଭାବବାଣୀର ମୂଳର କିୟଦଂଶ

.....ଖୁବ୍ ନାମ କର, ବିଭୋର ହୋଇ ନାମ କର । କଳିର ଲୟ ଅତି ନିକଟରେ । ତୁମ ସମସ୍ତଙ୍କୁ ନେଇ ମୁଁ (ଏକତ୍ର) ମହା ମୁଁ ତେଣୁ କଲ୍‌କି । .....ପାପୀକୁ ସାନ୍ତ୍ୱନା ଦିଅ, ପାପୀକୁ ଆଶ୍ରୟ ଦିଅ ।

Spit on and Spurn the sin not the man– the sinner ପାପକୁ ଛେପ ପକାଅ, ଗୋଇଠା ମାର, ମଣିଷକୁ—ପାପୀକୁ ନୁହେଁ **Name and love can win everyone. Love can give everything in this world..... therefore love and name can conquer this universe..... therefore declare name and love..... Love is heaven and heaven is love.** ନାମ ଓ ପ୍ରେମ ସମସ୍ତଙ୍କୁ ଜୟ କରିପାରେ । ପ୍ରେମ ଜଗତର ସକଳ ପଦାର୍ଥକୁ ଲାଭ କରିପାରେ । .....ପ୍ରେମହିଁ ସ୍ୱର୍ଗ, ସ୍ୱର୍ଗହିଁ ପ୍ରେମ ।).....

Love everything and come to me. I will give you everything. ପ୍ରତ୍ୟେକ ବସ୍ତୁକୁ ଭଲ ପାଅ ଏବଂ ମୋ ନିକଟକୁ ଆସ, ମୁଁ ତୁମକୁ ସକଳ ବସ୍ତୁ ପ୍ରଦାନ କରିବି ।)

ଚତୁର୍ଥ ଦିବସର ଭାବବାଣୀର କିୟଦଂଶର ନମୁନା

ରହିବୁ ସଂସାରରେ, ମନ ରଖିବୁ ଭଗବାନଙ୍କଠାରେ ।

.....ଶାନ୍ତି, ଅଶାନ୍ତି, ମନଗଢ଼ା, ମନ ନ ଥିଲେ ଶାନ୍ତି ନାହିଁ ଅଶାନ୍ତି ବି ନାହିଁ । ଆଗ ଶାନ୍ତି, ପାଇଁ ଦୌଡ଼ିବାକୁ ହୁଏ ନା, ଅଶାନ୍ତି, ପାଇଁ ମଧ୍ୟ ଦୌଡ଼ିବାକୁ ହୁଏ ନା, ଭଗବାନଙ୍କ ପଛରେ ଦୌଡ଼, ଶାନ୍ତି, ନିଜେ ପଛରେ ଦୌଡିବ ।

ଦେଖ, ମନ ଗଢ଼ିବାଟା ଯା କଷ୍ଟ, ତାପରେ ସବୁ ସହଜ । କୀର୍ତ୍ତନ ମନ ଗଢ଼ିଦିଏ ରେ— କୀର୍ତ୍ତନ ମନ ଗଢ଼ି ଦିଏ ।.....

There is great similarity in God of every Religion ଅର୍ଥାତ୍, ପ୍ରତ୍ୟେକ ଧର୍ମର ଈଶ୍ୱରଙ୍କ ଧାରଣା ପ୍ରାୟ ଏକ ।

Without low tongue you cannot expect low tongue ଅର୍ଥାତ୍, କୋମଳ ଭାଷା ବ୍ୟତୀତ କୋମଳ ଭାଷା ପାଇବାକୁ ଆଶା କରି ପାର ନା ।

ଯେତେ ଉଚ୍ଚକୁ ଉଠାଯାଏ ସେତେ ସବୁ ସମାନ । ଖାଲ, ବିଲ, ଡୁବ ସମାନ । ଉଚ୍ଚକୁ ଉଠିବୁ ନାମ-ବେଲୁନ୍ । ଚରମେ ଚରମ ପ୍ରକାଶ କଲ୍‌କି ।

ପଞ୍ଚମ ଦିବସର ଭାବବାଣୀର ନମୁନା

ତାଙ୍କ ନାମରେ ସବୁ ହୁଏ– ଧର୍ମ, ଅର୍ଥ, କାମ । ଝାମ୍ପ ଦେ, ସବୁ ହେବ । କୀର୍ତ୍ତନରେ ପାଗଳ ହେଲେ ମନ ଭଲ ହୁଏ । ତୁମେମାନେ କାମିନୀ ବି ଛାଡୁନାହଁ, କାଞ୍ଚନ ବି ଛାଡୁନାହିଁ । ସମସ୍ତ ଦିନ ମତ୍ତ ହୋଇ ସଂସାରର କାମ କର, ସନ୍ଧ୍ୟାବେଳେ ଦୌଡ଼ି ଆସ, ପାଗଳ ପରି ନାମ-କୀର୍ତ୍ତନ କର । ମୁଁ ସବୁ ଦେବି । ମୋତେ ବିଶ୍ୱାସକର, ମୁଁ ସବୁ ଦେବି । ତୁମମାନଙ୍କର ବିଶ୍ୱାସ ନାହିଁ । ରଖି ଦେ ତୋର କାମିନୀ, ରଖି ଦେ ତୋର କାଞ୍ଚନ, ସନ୍ଧ୍ୟାବେଳେ ଦୌଡ଼ିଆ,ନାମରେ ପାଗଳ ହୋଇ କେତେ ଘଣ୍ଟା ମାତ୍ର କୀର୍ତ୍ତନ କର । ଦୌଡ଼ିଆ ତୋର କୌଣସି କଷ୍ଟ ହେବ ନାହିଁ । ଟିକିଏ ବିଶ୍ୱାସ–ଦେଖ୍ ମୋର କେତେ ଶକ୍ତି । ଦେଖ, ମୋ ଭିତରେ କେତେ ଶକ୍ତି ! ଥରେ ମୋତେ ଚିହ୍ନି ଯା । ଥରେ ସନ୍ଧ୍ୟା ସମୟରେ ହରିନାମ ବୋଲ । ଦେଖ, ମୁଁ ମାୟାର ଆବରଣ ଛିଣ୍ଡାଇ ଦେଇ ପାରେ କି ନା ? ମହା-ମହା ପାପ, ମୁଁ ସବୁ ଧୋଇ ଦେବି । ତୁମେମାନେ ଏଥର ଢାକ, ଢୋଲ, ଶିଙ୍ଗା, ଭେରୀ, ଶଙ୍ଖ, ଘଣ୍ଟା ବଜାଇ ହରିନାମ କର, ପ୍ରାଣରେ ଭୟ କରି ଦୌଡ଼ି ଆସ । ନିଶ୍‌ଚୟ, ନିଶ୍‌ଚୟ, ଥରେ ସାତଦିନ କରି ଦେଖ ।

ନାମର ଶକ୍ତି । ନାମ କରି କରି ପ୍ରଣବ ପର୍ଯ୍ୟନ୍ତ ଉଠା ଯାଏ । ନାମର ଉପରକୁ ଉଠିଲେ, ନାମ କରିଛେହି କୁଚକୁଣ୍ଡଳିନୀ ଜାଗରିତ ହୁଏ ।

* * * *

ସାରାଦିନ ଖଟିବୁ, ସନ୍ଧ୍ୟାବେଳେ ଠାକୁରଙ୍କ ନିକଟକୁ ଆସି ଜ୍ୱାଳା ଯନ୍ତ୍ରଣା ସବୁ ଭସାଇ ଦେଇ ନାମ କରିବୁ । ଏହି କୀର୍ତ୍ତନରେ ତୁମର ଭଲ ପାଇବା ବିଶ୍ୱରେ ବ୍ୟାପିଯିବ । ସମସ୍ତଙ୍କୁ ଭଲ ପାଇବୁ । ମୁଁ ସବୁ ଦେବି । ତୁମର ଯେତେ ଜ୍ୱାଳା ଅଛି, ଯେତେ ପାପ ଅଛି, ଯେତେ ତାପ ଅଛି, ସବୁ ମୋ ମୁଣ୍ଡରେ ଚଢ଼ାଇ ଦେ । ହସ, ହସ ନାମ-କୀର୍ତ୍ତନ କର, ତୁମର ମୁଁ ଅଛି । ଦେଖ, ଭୟ କ'ଣ ରେ ? ଦେଖ, ସଂସାର କ'ଣରେ ? ସଂସାର କାହାର ? ସଂସାର ତୋର ? ତୁ କିଏ ରେ ? ସଚ୍ଚିଦାନନ୍ଦ ପରମପୁରୁଷ । ତୋର ପୁଣି ସଂସାର, ତୋର ପୁଣି ସ୍ୱର୍ଗ, ତୁ ଯା' ଇଚ୍ଛା କରିବୁ ତା' ହେବ । ତୁମର ଜଗତରେ ଭୟ କ'ଣ ରେ, ତୁମର ଭୟ କ'ଣ ! ଏକମାତ୍ର ନାମ । ତୁମ ସମସ୍ତଙ୍କ ଆତ୍ମାରେ ମୁଁ ବିଦ୍ୟମାନ । ମୁଁ ସମସ୍ତଙ୍କର ଆତ୍ମା–ପରମବ୍ରହ୍ମ, ମୋର ସମସ୍ତ ଇଚ୍ଛା ତୁମ ଭିତରେ ପ୍ରବେଶ କରାଇ ଦେଇଛି । ଏବେ ଇଚ୍ଛା ତୁମର । ଟିକିଏ ପଥ ଦେ, ମୁଁ ତୁମର ସବୁ ତୃପ୍ତି କରି ପକାଇବି । ତୁମେ ସିଂହର ଶିଶୁ । ଗୋଟାଏ ଗୋଟାଏ କରି ଧରିବୁ ଆଉ ଚୋବାଇ ଚୋବାଇ ଉଦରସ୍ଥ କରି ସବୁ ଲୟ କରିଦେବୁ । ତୁମରି କେହି ପ୍ରତିଦ୍ୱନ୍ଦ୍ୱୀ ନାହିଁ । ତୁମେ ମହାପୁରୁଷ, ତୁମର ପ୍ରତିଦ୍ୱନ୍ଦ୍ୱୀ କେହି ନାହିଁ ଜଗତରେ । ଦେଖ, ତୁମେ ଭଗବାନଙ୍କର ସିଂହାସନ ହୁଡ଼-ହୁଡ଼ କରି ଟାଣି ଆଣି ମର୍ତ୍ତ୍ୟଧାମରେ ବସାଇ ଦେବ । ସ୍ୱାର୍ଥ ଛାଡ଼ି ଦେ, ଅର୍ଥ ଛାଡ଼ି ଦେ,ମାୟା ଛାଡ଼ି ଦେ, ପୁଣି ଏକ ଦିଗରେ ସବୁ ରଖ, ସମସ୍ତଙ୍କ ମଧ୍ୟରେ ବିତରଣ କରି ଦେ । ଦେଖ, ବୁକୁର ରକ୍ତ ଖୋଲି ଦେଇ ସଂସାର କର । ମୋର ସିଂହାସନ ତୁମକୁ ଛାଡ଼ି ଦେଇ ମୁଁ ତୁମ ମଧ୍ୟରେ ଲୟ ହୋଇଯିବି ।

ଆ ରେ ସତୀତ୍ୱ-ଅପହରଣକାରୀ, ଏବେ ବି କହୁଛି ନାମରେ ବୁଡ଼ି ଯା, ସବୁ ପାପତାପ ଖୋଲିଦେବି । ମା ମା କରି ଡାକ । ପାପର ଭାଗୀ କିଏ ରେ ? ପାପ ପାଇଁ ମୁଁ ଦାୟୀ– ବୁକୁଭରା ପ୍ରେମ

ନେଇ ଚାଲି ଆ । ଆମ୍ଭ ଅଭିମାନ ଛାଡ଼ି ଦେ, ବେଟା ଆମ୍ଭାଭିମାନୀ ତୁଇ ! ପାପରେ ସବୁ ଭାଗୀ ହୁଏ । ପାପ ସବୁ ଛାଡ଼ି ପାରୁନା– ସବୁ ଢାଳି ଦେ, ମୁଁ ଯାଉଛି । ତୁମେ ଛୁଟି ଆସ, ସୂର୍ଯ୍ୟଲୋକ, ଚନ୍ଦ୍ରଲୋକ, ପ୍ରେତଲୋକ, ଏପରି କୌଣସି ଲୋକ ନାହିଁ ଯେ ତୁମର ଗତିରୋଧ କରିପାରେ । ଦୌଡ଼ି ଆ, ମହାଦେବଙ୍କ ପରି ପତୀଦେହ କାନ୍ଧରେ ଧରି ଦୌଡ଼ିଆ । ବୁକୁଭରା ପ୍ରେମ ନେଇ, ପ୍ରାଣରେ ଅସୀମ ଶକ୍ତି ନେଇ ଦୌଡ଼ି ଆ । ପାପୀକୁ ଘୃଣା କର ନା, ପାପୀକୁ ବୁକୁ ଉପରକୁ ତୋଳି ନେ–ସବୁ ମୁଁ ତୋଳି ନେଇଯିବି । ପାପୀକୁ ଆଶ୍ରୟ ଦେ ।

ଆଦିରେ ଏକା, ଇଚ୍ଛାରେ ବହୁ, ଶେଷରେ ଏକା– ତେଣୁ କଲ୍‌କି । ପ୍ରଥମେ ଥିଲି ନିର୍ବିକାର, କିଛି ନ ଥିଲା, ତାର ପରେ ହେଲି ବିକାର । ପୁଣି ଇଚ୍ଛା ନିର୍ବିକାର ହେବାକୁ–ତେଣୁ ଅବତାର କଲ୍‌କି । ମୋର ମୁଁ-ଗୁଡ଼ିକୁ ଗୋଟେଇ ପୁଣି ପୂର୍ଣ୍ଣତ୍ୱପ୍ରାପ୍ତି । ଦେଖ, ତୁମ ପାଇଁ କେତେ ଭାଗ ହୋଇଛି, କେତେ ମହାଭାଗ ହୋଇଛି, କେବଳ ଗୋଟେଇ ନେବାକୁ । ଆସ, ଦୌଡ଼ି ଆସ, ତୁମେହିଁ ମୋତେ ଗୋଟେଇ ନେବ । ତୁମେ ଖୋଜ ବୋଲି ମୁଁ ଖୋଜେ । ପୁଣି, ମୁଁ ଖୋଜେ ବୋଲି ତୁମେ ଖୋଜ ।

ଦେଖ, ତାଣ୍ଡବନୃତ୍ୟରେ କୀର୍ତ୍ତନ କର ତ । ଅଣୁଗୁଡ଼ିକୁ ଥର୍ ଥର୍ କରି ନଚାଅ, ଗଛପତ୍ର, ଜଡ଼, ଚେତନ ଯେ-ଯେଉଁଠାରେ ଅଛି, ସବୁକୁ କମ୍ପାଅ, ଶକ୍ତି, ସଞ୍ଚାର ହେଲେ ସମସ୍ତେ ଦୌଡ଼ି ଆସିବେ । ଭିତରେ ମହାଶକ୍ତି–ବାହାରେ ବିନୟ ନମ୍ରତା । ସୌଜନ୍ୟ, ଅଧୀନତା ଦ୍ୱାରା ଆବୃତ ; ମୋପରି ଏପରି ଶିକ୍ଷା ଦ୍ୱାରା ସମସ୍ତଙ୍କୁ ବଶ କରିନେବୁ । ପୃଥିବୀଟାହିଁ ତୋର ।

ଷଷ୍ଠ ଦିବସର ଭାବବାଣୀର ନମୁନା

.....ପ୍ରତ୍ୟେକକୁ ଭଲ ପାଇବାକୁ ହୁଏ ରେ–ସବୁ ଭଗବାନ୍ ଭାବି । ଦେଖ, ଟିକିଏ ବିଚାରବୁଦ୍ଧି ରଖିବା ପାଇଁ ଅହଂର ପରଦା ଟିକିଏ ରଖିବାକୁ ହେବ । ନଚେତ୍ କାମ କରିବୁ କିପରି ?

ସପ୍ତମ ଦିବସର ଭାବବାଣୀର ନମୁନା

.....ଦେଖ, ଶକ୍ତି ଧରିଲେ ବ୍ରହ୍ମ ମିଳେ– ବ୍ରହ୍ମ ଧରିଲେ ଶକ୍ତି ଓ ବ୍ରହ୍ମ ଦୁଇଟାହିଁ ମିଳେ ।

.....ସଂସାରୀ ସନ୍ନ୍ୟାସୀର ପ୍ରଭାବ ଦେଖ, ଆକାଶରେ ନିଶାଣ ଉଠାଇ ସମତୁଲ୍ୟର ପ୍ରଭାବ ଦେଖ । ଚିନ୍ତା ବିଶ୍ୱବ୍ୟାପୀ କର– ସଂସାରୀ ସନ୍ନ୍ୟାସୀ ପରି ସନ୍ନ୍ୟାସୀ ନାହିଁ । ଚିନ୍ତା ନାହିଁ– କେବଳ ପରର ଚିନ୍ତା । ରିପୁଗୁଡ଼ିକୁ ଦମନ କର– କୀର୍ତ୍ତନରେ ଝାମ୍ପ ଦେ । ତୁ କ'ଣ ଚାହୁଁ, ଧର୍ମ, ଅର୍ଥ, କାମ, ମୋକ୍ଷ ? ମୁଁ ସବୁ ଦେବି । ଅର୍ଥ ଚାଁହୁ, ନିଷ୍କାମଭାବରେ କାମ କର, ଗଦାଗଦା ଅର୍ଥ ତୋର ପାଦତଳେ ଗଡ଼ି ପଡ଼ିବ । ମୋକ୍ଷ ଧର୍ମ ସବୁ ପାଇବୁ । ତାପିତ ପ୍ରାଣ କୋଳକୁ ତୋଳି ନେ, ମୁଁ ସବୁ ଦେବି । କାମ ଚାହୁଁ ତ ନିଷ୍କାମ, ମୁଁ ସବୁ ଦେବି । ଚିନ୍ତାସ୍ରୋତକୁ ବଢ଼ାଇଦେ, ପ୍ରାଣେ ପ୍ରାଣେ ବିଶ୍ୱାସ ଦରକାର । ବିଶ୍ୱାସ ନ ହେଲେ କିଛି ହୁଏ ନା, ଆଗ ବିଶ୍ୱାସ ଦରକାର । ଅନ୍ତରେ-ଅନ୍ତରେ ଛୁଟି ଯା–ସତ୍ ଇଚ୍ଛା ନେଇ, ବିଶ୍ୱପ୍ରେମ ନେଇ, ସମସ୍ତଙ୍କୁ ବୁକୁରେ ଟାଣି ଧର– ଥରେ ଉନ୍ମୁକ୍ତ ପରି ଗାଇ ଗାଇ ବୁଲ ତ– ନିଦ୍ରିତର କାନରେ ଯାଇ କହ– "ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।" ବିଶ୍ୱକୁ ପ୍ରସ୍ତୁତ କରି ପକା । ପ୍ରାତଃସୂର୍ଯ୍ୟ ପରି ସମସ୍ତଙ୍କୁ ଉଠା । ଆଖି ପୋଛି– ମୁହଁ ଦେଇ ସମସ୍ତଙ୍କୁ କହ ତ । **Charity begins at home, but you must expand it, the charity of home.** (ଗୃହରେହିଁ ବଦାନ୍ୟତା ଆରମ୍ଭ ହୁଏ, ଏହାର ସମ୍ପ୍ରସାରଣ ଆବଶ୍ୟକ) ।

.....**I am supreme soul–the** ପରବ୍ରହ୍ମ । (ମୁଁ ପରମାତ୍ମା—ପରବ୍ରହ୍ମ) ।

ଅଷ୍ଟମ ଦିବସର ଭାବବାଣୀର ନମୁନା

ହିଂସା ନ କରିଲେ କେହି ହିଂସା କରେ ନା । .....

ନବମ ଦିବସର ଭାବବାଣୀର ନମୁନା

ବହି ପଢ଼ି କ'ଣ ବ୍ରହ୍ମଜ୍ଞାନ ଲାଭ କରାଯାଏ ରେ ? କିଛି ବିଶ୍ୱାସ ହୁଏ, ଜ୍ଞାନ ବି ଆସିପାରେ। ବ୍ରହ୍ମ ସାକ୍ଷାତ୍‌କାର ହେବା ଦରକାର । ସାକ୍ଷାତ୍‌କାର ନ ହେଲେ କିଛି ହୁଏ ନା । .....ବିଦ୍ୟା ଧରିବାକୁ ହେଲେ ଅବିଦ୍ୟା ଦରକାର । କିଛି ଲେଖାପଢ଼ା ଦରକାର । ଲେଖାପଢ଼ା କରିବାକୁ ହୁଏ । କର୍ମକୁ ଦୁଇଭାଗରେ ଭାଗ କରାଯାଏ, ମୁକ୍ତ କର୍ମ ଆଉ ବଦ୍ଧ କର୍ମ । ଯେଉଁ କର୍ମରେ ଅହଂ ଥାଏ, ମୋର ସଂସାର, ମୋର ପୁଅ, ମୋର ଝିଅ, ମୁଁ ସମସ୍ତଙ୍କୁ ଆହାର ଯୋଗାଇବି —ଏପରି ଭାବ ଥାଏ ତାକୁ କହନ୍ତି ବଦ୍ଧ କର୍ମ । ଆଉ ଯେଉଁଥିରେ ତୁମେହିଁ ସବୁ, ତୁମର ସଂସାର, ମୁଁ ତୁମର ଭୃତ୍ୟ, ତୁମେ ଯାହା କରାଅ ତାହାହିଁ କରେ, ତୁମର ପୋଷ୍ୟ—ତୁମେ ପ୍ରତିପାଳନ କର, ମୁଁ ଉପଲକ୍ଷ୍ୟ ମାତ୍ର । ସେଇଟି ମୁକ୍ତ କର୍ମ । ଯଦି ବିଶ୍ୱର ସମସ୍ତ ପଦାର୍ଥକୁ ଭଲପାଇ ହୁଏ ତେବେ ଆପଣାକୁ ଆତ୍ମସାକ୍ଷାତ୍‌କାର ହୁଏ । .....**Think yourself always powerful. Think not yourself that you are an idle fellow. Try to keep your mind always powerful. We are but abodes of supreme soul.** (ତୁମେ ନିଜକୁ ସର୍ବଦା ଶକ୍ତିଶାଳୀ ମନେକର । ତୁମେ ନିଜକୁ କେତେବେଳେ ବି ଅଳସୁଆ ମନେକର ନା । ମନକୁ ସର୍ବଦା ଶକ୍ତିଯୁକ୍ତ ରଖିବାକୁ ଚେଷ୍ଟା କରିବ । ଆମେମାନେ ପରମପିତାଙ୍କର ବାସଗୃହ) ।

ସର୍ବଜୀବେ ଭଗବାନ୍ ଭାବିବାକୁ ହୁଏ ରେ..... ।

ଦଶମ ଦିବସର ଭାବବାଣୀର ନମୁନା

ଦେଖ, ଯେଉଁଟାକୁ କହୁ କାଳୀ, ଯେଉଁଟାକୁ କହୁ ରାଧା, ସେଇଟା ଧରିଲେ ଉକ୍ତ, ଯାଗାକୁ ଯାଇହୁଏ । ଆଉ, ବ୍ରହ୍ମ ଧରିଲେ ତ କଥା ନାହିଁ ।

ଏକାଦଶ ଦିବସର ଭାବବାଣୀର ନମୁନା

(ଶ୍ରାବଣ ୭ ଦିନ, ୧୩୨୧)

କର୍ମ, କର୍ମ ଦରକାର କର୍ମ । ଯେତେ **କର୍ମ** ସେତେ ଅଗ୍ରସର । କର୍ମ ନ କରିଲେ ପେଟ ପୂରିବା **କଷ୍ଟ** ହୁଏ ରେ । ପେଟ ନ ପୂରିଲେ କ'ଣ ଧର୍ମ-କର୍ମ ଆସେ ? .....ସ୍ୱାଲୋକଙ୍କୁ ଶକ୍ତିର ଅବତାର ବୋଲି ମାନ୍ୟ କରିବାକୁ ହୁଏ । ସେମାନଙ୍କୁ ଖୁବ୍ ଭଲପାଇବାକୁ ହୁଏ, ଖୁବ୍ ଭକ୍ତି କରିବାକୁ ହୁଏ । ସେମାନେ ଯଦି ଧର୍ମପ୍ରାଣା ହୁଅନ୍ତି, ତେବେ ଜଗତଟା ଧର୍ମପ୍ରାଣ ହୋଇପଡ଼ିବ । .....ମନେମନେ କେବଳ ଚିନ୍ତାରେ କାମ ହୁଏ ନା, କର୍ମ ବି କରିବାକୁ ହୁଏ । ଖୁବ୍ ଖାଇବୁ, ପୂର୍ଣ୍ଣବେଗରେ କର୍ମ କରିବୁ । ଆଉ ନାମରେ ମାତି ରହିବୁ । .....

ଦ୍ୱାଦଶ ଦିବସର ଭାବବାଣୀର ନମୁନା

ଧର୍ମ ଜାଗ୍ରତ କରିବାକୁ ହେଲେ କର୍ମକୁ ଜାଗ୍ରତ କରିବାକୁ ହୁଏ, ଆଉ କର୍ମଟା ଜାଗ୍ରତ କରିବାକୁ ହେଲେ ଧର୍ମଟାକୁ ଜାଗ୍ରତ କରିବାକୁ ହୁଏ । ଦୁଇଟାଯାକ ପାଖା-ପାଖି । ତାହା ଦୁଇଟା ଭାବ ରେ । **ଧର୍ମ-କର୍ମ** ଦୁଇ ଭାଇଙ୍କୁ ମିଶାଇ ନିଏ ସେତେବେଳେ ନିବୃତ୍ତି ପଥରେ—ସେଇ ବ୍ରହ୍ମ । ପରିତ୍ରାଣ ଚାହିଲେ ଦୁଇ ଭାଇଙ୍କୁ ଆଗ ଡାକିବାକୁ ହୁଏ । ସେ ଦୁଇ ଭାଇ ଦୁଇ ଦିଗରେ ଯାଆନ୍ତି । ସତ୍ ଦିଗରେ ମଧ୍ୟ ଯାଆନ୍ତି ; ଅସତ୍ ଦିଗରେ ମଧ୍ୟ ଯାଆନ୍ତି । ଚୋରି କରିବା ଚୋରର ଧର୍ମ, ସାଧୁର ଧର୍ମ ପରୋପକାରାଦି ସତ୍‌କର୍ମ, ଆଉ ଭଗବାନଙ୍କଠାରେ ଆତ୍ମସମର୍ପଣ ହେଲା ଧର୍ମ । କର୍ମଟା ଚଳେଇ ନେଇଯାଏ, ଆଉ ଧର୍ମଟା ଧରିରଖେ । ଧର ଯେପରି ମଣିଷ, ମନେକର ତାର ପ୍ରାଣ ନାହିଁ, ଧର୍ମଟା ସେହିପରି ମଣିଷ ଆଉ କର୍ମଟା ସେହି ପ୍ରାଣ— ଯେ ମଣିଷକୁ ଚଳେଇ ନେଇଯାଏ । ଧର୍ମଟା ଜଳକୁ ଜଳ କରି ରଖିଛି, ଆଉ କର୍ମଟା ତାକୁ ନାନାରକମ କରୁଛି । .....ମୋର ମୁଁ ଉଠି ପଡ଼ିଛି । ଜୀବ ତୋର ଚିନ୍ତା କ'ଣ ? ତୋର ଶୋକ-ଦୁଃଖ କ'ଣ ? ଦୌଡ଼ିଆ, ବିଶ୍ୱାସ କର, ଝାମ୍ପ ଦେ କୀର୍ତ୍ତନରେ, ବ୍ରହ୍ମସାଗରରେ ବୁଡ଼ି ଯିବୁ । ତୁମର ମହା-ମହା ପାପ ଥାଉ, ବ୍ରହ୍ମହତ୍ୟା, ଗୋହତ୍ୟା, ସ୍ତ୍ରୀହତ୍ୟା ଇତ୍ୟାଦି କରି ଥାଅ, ଭୟ ନାହିଁ, ମୋତେ— ବିଶ୍ୱାସ କର, ଆତ୍ମାକୁ ବିଶ୍ୱାସ କର, ଦୌଡ଼ି ଚାଲିଆସ, ନାଚି ନାଚି ଦୌଡ଼ି ଆସ, ଭଗବାନ୍-ଭଗବାନ୍ କହି ଦୌଡ଼ି ଆସ, ଖୋଦା-ଖୋଦା କହି ଦୌଡ଼ି ଆସ, ଜୟ **Jesus** (ଯୀଶୁ), ଜୟ **Jesus** (ଯୀଶୁ) କହି ଦୌଡ଼ି ଆସ । କିଏ କେଉଁଠି ଅଛ— ଶିଖ୍, ବୌଦ୍ଧ, ଖ୍ରୀଷ୍ଟାନ୍, ଚୈନ, ବ୍ରାହ୍ମଣ ବୈଷ୍ଣବ, ଚଣ୍ଡାଳ ଆସ, ଥରେ ପରମାତ୍ମା ଭାବରେ ଭାବିଚ ହୁଅ, ତୁମର ସବୁ ଜ୍ୱାଳା-ଯନ୍ତ୍ରଣା ମୋର ହାତ ଦେଇ ସବୁ ପୋଛି ଦେବି ।.....

ଏହି ବହିଟି ପୁଣ୍ୟପୋଥି ମୋଅରି ଦାନ । .....

ସପ୍ତଦଶ ଦିବସର ଭାବବାଣୀର ନମୁନା

ଦେଖ, ଏ ସଂସାର-ଜଙ୍ଗଲରେ ବହୁ ବହୁ * ଅଛି । ସାପ, ବାଘ, ଭାଲୁ କେତେ ଅଛି । ସଂସାର-ଜଙ୍ଗଲରେ ବୁଲିବାକୁ ଗଲେ ବଡ଼ କଠିନ । ଅଜ୍ଞାତସାରରେ ଧରି ଖାଇ ପକାଏ । ଏମାନଙ୍କ ହାତରୁ ପରିତ୍ରାଣର ଉପାୟ ଏକମାତ୍ର ହରିନାମ କୀର୍ତ୍ତନ । ନାମ ଶୁଣିଲେ ଏମାନେ ପଳାଇଯାନ୍ତି, ନାମ ଶୁଣିଲେ ଏମାନେ ବନ୍ଧୁ ହୋଇ ପଡ଼ନ୍ତି ; ସେତେବେଳେ ଆଉ କାମୁଡ଼ନ୍ତି ନାହିଁ । ଦେଖ, ଏହି ଅନ୍ଧକାର ପଥରେ ଚାଲିଲେ ଲୋକ ହାତଚାଳି ଦେଇ ଦେଇ ଚାଇନ୍ତି । କାହିଁକି ଜାଣିବୁ ? ସାପ, ବାଘ, ଭାଲୁ ପଳାଇ ଯାଏ । ହାତରେ ତାଳି ଦେଇ କୀର୍ତ୍ତନ କଲେ ଆପଦ-ବିପଦ ସବୁ ପଳାଇଯାଏ । ସଂସାରରେ ପ୍ରତ୍ୟେକକୁ ଇଷ୍ଟ ରାବିବୁ । ସେପରି କରୁକରୁ ତୃଣାଦପି ସୁନୀଚେନ । ସବୁରି ନିକଟରେ ହରି-କଥା କହିବୁ । ନାମ କରୁ କରୁ କାମିନୀ-କାଞ୍ଚନ ପ୍ରତି ଆସକ୍ତି ସବୁ ଖୋଲି ପଡ଼ିଯାଏ । ଯେଉଁ ଜାଗାରେ ନାମ-କୀର୍ତ୍ତନ ହୁଏ ନା, ସେହି ଜାଗା ଶ୍ମଶାନ ବୋଲି ଜାଣିବୁ । .....ନାମ ଦ୍ୱାରା ଆଧିବ୍ୟାଧି ସବୁ ଦୂର ହୁଏ । ଭବରୋଗ ଦୂର ହୁଏ । ମୁକ୍ତି ତାର କରତଳକୁ ଆସେ । ଯା'ର ପ୍ରାଣରେ ନାମ ନାହିଁ ତା'ର ଦେହଟା ରୋଗର ମନ୍ଦିର ହୋଇପଡ଼େ । ତାର ସଂସର୍ଗରେ ଯେଉଁମାନେ ଆସନ୍ତି, ସେମାନେ ମଧ୍ୟ

---

* ଶତ୍ରୁକୁ ଭୟ ଦେଖାଇବା ପାଇଁ କଳ୍ପିତ ଜୀବ ।

ରୋଗା ହୋଇପଡ଼ନ୍ତି। ଯେଉଁମାନେ ବୁଝନ୍ତି-ସୁଝନ୍ତି, ଯେଉଁମାନଙ୍କର ଜ୍ଞାନ ଅଛି ଅଥଚ ସଂସାର ମଦରେ ମତ୍ତ ହୋଇ ଥାଆନ୍ତି, ଅଜ୍ଞାନ ଅପେକ୍ଷା ସେମାନଙ୍କର ବେଶୀ ପାପ। ସେମାନେ ମୁହଁ ଖୋଲି କହନ୍ତି ମୋର ନୁହେଁ, କିନ୍ତୁ ସବୁ ମୋର-ମୋର। ସେମାନେ ନରକରେ ବୁଡ଼ନ୍ତି। ଯେଉଁମାନେ ପ୍ରାଣେ-ପ୍ରାଣେ ବିଶ୍ୱାସ କରନ୍ତି, ପ୍ରାଣେ-ପ୍ରାଣେ ବୁଡ଼ି ଥାଆନ୍ତି ସେମାନଙ୍କର ସଂସାର ଅଚଳ ହୁଏ ନା। ଭଗବାନ୍ ମୁଣ୍ଡରେ ବୋହି ସେମାନଙ୍କର ଖାଦ୍ୟସାମଗ୍ରୀ ଆଣି ଥଆନ୍ତି। ଯେଉଁ ସ୍ତ୍ରୀ ସ୍ୱାମୀକୁ ଭଗବାନ୍‌ଙ୍କ ଦିଗରେ ଯିବାକୁ ଦିଏ ନା, ସେ ଜାଣିବୁ ଅସତୀ। ତାର ସଂସର୍ଗରେ ସ୍ୱାମୀ ସମେତ ମରିଥାଏ। ପତ୍ ଦିଗରେ ଯେ ଯିବାକୁ ନ ଦିଏ ସେ-ହିଁ ଅସତୀ। ଭଗବାନ୍‌ହିଁ ପତ୍ ବସ୍ତୁ। ନାମ ଆର ଭଗବାନ୍ ମଧ୍ୟରେ ପୃଥକ୍ ନାହିଁ। ନାମକୁହିଁ ଭଗବାନ୍ ବୋଲି ଜାଣିବୁ। ଆଉ, ଭକ୍ତକୁ ଭଗବାନ୍ ବୋଲି ଜାଣିବୁ। ଭକ୍ତର ହୃଦୟରେ ଭଗବାନ୍ ବାସ କରନ୍ତି। ଦେଖ, ଯେ ମୁଖରେ କହେ ହରି-ହରି ଅଥଚ ଭକ୍ତର ଅପମାନ କାନରେ ଶୁଣେ, ଆଖିରେ ଦେଖେ, ତାକୁ ତିନି ଗୋଇଠା ମାରି ତଡ଼ି ଦେବୁ। ଗୋଇଠା ମାରିବୁ ତାର ସ୍ୱଭାବକୁ। ବୁକୁରେ ବୁକୁ ଦେଇ ତାର ଆପଦ ଦୂର କରିଦେବୁ। କୌଣସି କଥା ସେମାନଙ୍କର ପ୍ରଶ୍ରୟ ଦେବୁ ନାହିଁ, ତା' ହେଲେ ତୁମର ମଧ୍ୟ ପାପ ହେବ। ଦେଖ, କ୍ରୋଧକୁ ପାପ ବୋଲି ଜାଣିବୁ। ସେଟାକୁ ପ୍ରଶ୍ରୟ ଦେବୁ ନାହିଁ। ସହ୍ୟ କରିବୁ। ପ୍ରାଣ ଖୋଲି ସମସ୍ତ ସହ୍ୟ କରିବୁ। ସହ୍ୟ କରିବା ଭଳି ଆଉ ଗୁଣ ନାହିଁ। ଦେଖ, ସଂସାରରେ ରହିବାକୁ ହେଲେ ମଝିରେ ମଝିରେ ଫଁ କରିବା ଦରକାର। ଯେଉଁ ଫଁ କରିବୁ ତାହା ନିଜ ପାଇଁ ନୁହେଁ। ଆଗ ଭକ୍ତ ପାଇଁ। ତାପରେ ନିଜ ପାଇଁ। ଭକ୍ତକୁ ରକ୍ଷା କରିବା ହିଁ ପରମଧର୍ମ। .....ସଂସାରର ପ୍ରତ୍ୟେକ କାମରେ ଭଗବାନ୍‌ଙ୍କୁ ମିଶାଇ ରଖିବୁ। ସାରାଦିନ ପ୍ରାଣ ଦେଇ ଖଟିବୁ। ସନ୍ଧ୍ୟାବେଳେ ସଂସାରକୁ ବିଦାୟ ନେବୁ। ।ଏବେ ମୁଁ ଜାଣିଲି ପିତାଙ୍କ ନିକଟକୁ ; ପିତାଙ୍କୁ **(Supreme Being)** ଆଶ୍ରୟ କରିବୁ। ନିଦଟା ଖୁବ୍ କମ୍ ହେବା ଦରକାର। ୪ ଘଣ୍ଟା ନିଦ ଯଥେଷ୍ଟ। ବିଦ୍ୟୁତ୍ ବେଗରେ କାମ କରିବୁ। ଅଳସୁଆ ହୋଇ ବସି ରହନା, ଅକର୍ମଣ୍ୟ ହୋଇ ବସି ହରିନାମଗେ କଚଦ କରନା। ଥରେ ହରିନାମ କରିଲେ ଜୀବର ଶତ ଶକ୍ତି ବୃଦ୍ଧି ହୁଏ। ସବୁ ସମୟରେ ଭାବିବୁ ମୁଁ ଯନ୍ତ୍ର, ଭଗବାନ୍ ଯନ୍ତ୍ରୀ ; ତା'ହେଲେ ପାପ ସ୍ପର୍ଶ କରି ପାରିବ ନାହିଁ। କାମକୁ ପ୍ରଶ୍ରୟ ନ ଦେବା ହିଁ ଭଲ। ତାଙ୍କୁ ଅନବରତ ସ୍ମରଣ, ମନନ, ଭଜନ କରୁକରୁ ତାଙ୍କର ସାରୂପ୍ୟ ଲାଭ ହୁଏ। ସେତେବେଳେ ଭଗବାନ୍ ଆପଣା ମୁଣ୍ଡରେ ବୋହି ଆହାର ଯୋଗାନ୍ତି।

କାମାଦି ରିପୁଗୁଡ଼ିକୁ ଦମନ କରିବାକୁ ହୁଏ ନା। ନାମ କରୁ କରୁ ସବୁ ହୋଇଯାଏ।

ଅଷ୍ଟାଦଶ ଦିବସର ଭାବବାଣୀର ନମୁନା

ଯା-କିଛି କରିବୁ ଏହି ମନ ଦ୍ୱାରା, ମନଟାକୁ ମଣ କରି ପାରିଲେ ହିଁ ହେଲା। ସବୁ ଛାତି ମିଟି ଏକ ପଙ୍ଗରେ ଖାଇଲେ କ'ଣ ସର୍ବ-ଧର୍ମ ସମନ୍ୱୟ ହୁଏ ରେ ? ସମସ୍ତଙ୍କୁ ଏକ ବୋଲି ଜାଣିବାକୁ ହୁଏ, ସବୁ ଭଗବାନ୍, ସମସ୍ତଙ୍କ ପ୍ରାଣ ଏକ ହେବା ଦରକାର, ପ୍ରାଣେ-ପ୍ରାଣେ ଈଶ୍ୱରଙ୍କୁ ଜାଣିବା ଦରକାର। ଝିଅମାନଙ୍କୁ ମା' ପରି ଦେଖିବା ଦରକାର। ବଜାରରେ ଯେ ଠିଆ ହୋଇଛି ତାକୁ, ଘରେ ଯେ ଅଛି ତାକୁ।.....

ମୁଁ ସେହି ପରମାତ୍ମା। ନାମରେ ପୁଣି ଜାତିର ବିଚାର କ'ଣ ରେ ? ଯଦି ପ୍ରସାଦ ମନେ କରିଲୁ ତେବେ ଆଉ ଜାତିର ବିଚାର କ'ଣ ରେ ?

ଦେଖ, ଯେପରି-ସେପରି କରି ନାମ କରି ପାରିଲେ ଆୟୁ ବୃଦ୍ଧି ହୁଏ। ନାମ ସଙ୍ଗେ ସଙ୍ଗେ

ଆୟୁ, ବଳ ସବୁ ଚଢ଼ିଯାଏ। ଦେଖ, ହୋଲି ବୁକ୍‌ଟାକୁ ଖୁବ୍ ଭକ୍ତି କରିବୁ। ଯେ ଥରେ ନିର୍ଜ୍ଜନରେ ପ୍ରାଣ ଖୋଲି ସେଟାକୁ ଦେଖିପାରେ ତାର ତତ୍‌କ୍ଷଣାତ୍ ବ୍ରହ୍ମଭାବ ଆସିଯିବ। ନବ ବଳ ଆସି ଜୁଟିଯିବ। **Holy Book** (ପୁଣ୍ୟ-ପୋଥି) ଓ ମୋ ଭିତରେ କୌଣସି ପ୍ରଭେଦ ନାହିଁ। ଭଗବାନ୍‌ଙ୍କୁ ଯେପରି ଚିନ୍ତା ନ କରିଲେ ପାଇ ହୁଏ ନା, ସେହିପରି ହୋଲି ବୁକ୍ ଭାବିଲେ ହିଁ ଭଗବାନ୍ ଲାଭ ହେବ।

New Planରେ (ନୂତନ ପ୍ରଣାଳୀରେ) କୀର୍ତ୍ତନ କର ନା, ଧ୍ୟାନ କର ନା, ଚାକ୍ଷୁସ ଅପେକ୍ଷା ପ୍ରମାଣ କ'ଣ ଅଛି ? ଭାତ ଖାଇଲେ ପେଟ ପୂରିଥାଏ। ଏ କ'ଣ ବିଶ୍ୱାସ ନ କରି ରହିହୁଏ ?

ପ୍ରେମ ଭିନ୍ନ ଆଉ ରକ୍ଷା ନାହିଁ। ଭଲପାଇବା ପାଇଁ ଭଲ ପାଇ ପାରିବୁ ନାହିଁ ? ତା ଯଦି ପାରୁ ତେବେ ସବୁ ପାରିବୁ। କେବଳ ଭଲପାଇଲେ ସବୁ ଗୋଳମାଳ କଟିଯିବ, ହିଂସାଦ୍ୱେଷ-କୁଟିଳତା ସବୁ ଚାଲିଯାଏ। ବେଶୀ ତର୍କ-ଯୁକ୍ତି ମଧ୍ୟରେ ଯାଆନା। ସାରା ବିଶ୍ୱକୁ ସରଳ କରିପକା ଓ ଭଲପାଅ। ସବୁ ଉଚ୍ଚ ଭାଙ୍ଗି ସମାନ ହୋଇ ଯିବ। ୨।୪ ଦିନ ଜୋର୍ କରି ଭଲ ପାଉ-ପାଉ ଭଲପାଇବା ଶିଖିବୁ।

****

ଏହିପରି ବହୁଦିନର ମହାଭାବାବସ୍ଥାର ବହୁ ଭାବବାଣୀ ଅଛି। ସମସ୍ତ ବିଷୟ ଓ ବିଶେଷ ବିବରଣ ''ପୁଣ୍ୟପୋଥି'' ନାମକ ଗ୍ରନ୍ଥରୁ ଜାଣି ପାରି ହେବ।

ସତ୍ୟାନୁସରଣର ନମୁନା

ଶ୍ରୀଶ୍ରୀଠାକୁରଙ୍କ ଶ୍ରୀହସ୍ତ ଲିଖିତ ଅନେକ ଅମୂଚ୍ୟୋପମ ଅମୂଲ୍ୟ ଉପଦେଶ ଅଛି। ତାହାର କିୟଦଂଶ ''ସତ୍ୟାନୁସରଣ'' ନାମକ ପୁସ୍ତକରୁ ଜଣାଯାଏ। ନମୁନା-ସ୍ୱରୂପ କେତୋଟି ଉଦ୍ଧୃତ କରାହେଲା।

ଏତେ ଟିଚିଏ ଦୁର୍ବଳତା ଥିଲେ ମଧ୍ୟ ତୁମେ ଠିକ୍-ଠିକ୍ ଅକପଟ ହୋଇ ପାରିବ ନାହିଁ। ଆଉ, ଯେତେଦିନ ତୁମର ମନ ମୁହଁ ଏକ ନ ହୋଇଛି ସେତେଦିନ ତୁମର ମଳିନତା ଦେହରେ ହାତ ବି ପଡ଼ିବ ନାହିଁ। ମନ ମୁହଁ ଏକ ହୋଇଗଲେ ଆଉ ଭିତରେ ମଇଳା ଜମି ପାରେ ନାହିଁ— ଗୁପ୍ତ ଆବର୍ଜ୍ଜନା ଭାଷାରେ ଭାସିଉଠେ। ପାପ ଯାଇ ତା' ଭିତରେ ବସା ବାନ୍ଧି ପାରେ ନାହିଁ। .....ଦୁର୍ବଳ ହୃଦୟରେ ପ୍ରେମଭକ୍ତିର ସ୍ଥାନ ନାହିଁ। .....ତୁମେ କୁହନା ତୁମେ ଭାରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ, ପିତାଙ୍କ ଆଡ଼କୁ ନଜର କର, ଆବେଗ ଭରି କୁହ— ହେ ପିତା, ମୁଁ ତୁମରି ସନ୍ତାନ।.....

ଅନୁତାପ କର ; କିନ୍ତୁ ସ୍ମରଣ ରଖ ଯେପରି ପୁନରାୟ ଅନୁତପ୍ତ ହେବାକୁ ନ ପଡ଼େ। .....ଯେ ଅନୁତପ୍ତ ହୋଇ ମଧ୍ୟ ପୁନରାୟ ସେହିପ୍ରକାର ଦୁଷ୍ଟର୍ମରେ ରତ ହୁଏ, ବୁଝିବାକୁ ହେବ ସେ ସତ୍ୱର ଅତ୍ୟନ୍ତ ଦୁର୍ଗତିରେ ପତିତ ହେବ।.....

କାମିନୀଠାରୁ କାମ ବାଦ ଦେଲେହିଁ ସେ ମା ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ, ମା, କେବଳ ମା, କାମିନୀ ନୁହେଁ, 'ମା' ଶବ୍ଦରେ ଗା ଦେଇ ଭାବିଲେ ସର୍ବନାଶ। ସାବଧାନ୍ ! ମା'କୁ ମାଗୀ ଭାବି ମରନାହିଁ। .....ମୋର କାମକ୍ରୋଧାଦି ଗଲା ନାହିଁ, ଗଲା ନାହିଁ ବୋଲି ଚିତ୍କାର କଲେ କେବେହେଲେ ସେଗୁଡ଼ିକ ଯାଏ ନାହିଁ। ଏପରି କର୍ମ, ଏପରି ଚିନ୍ତା, ଅଭ୍ୟାସ କରି ନେବାକୁ ହୁଏ

ଯହିଁରେ କାମ-କ୍ରୋଧାଦିର ଗନ୍ଧ ବି ନାହିଁ— ମନ ଯେପରି ସେ-ସବୁ ଭୁଲିଯାଏ । .....ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା, ରସାୟନ-ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ ।.....

ଗ୍ରହିଦାଟା ନ-ପାଇବାହିଁ ଦୁଃଖ । କିଛି ଗ୍ରହ ନାହିଁ । ସବୁ ଅବସ୍ଥାରେ ରାଜି ଥାଅ, ଦୁଃଖ ତୁମର କ'ଣ କରିବ ? .....ପରମପିତାଙ୍କ ନିକଟରେ ପ୍ରାର୍ଥନା କର— 'ତୁମର ଇଚ୍ଛାହିଁ ମଙ୍ଗଳ। ମୁଁ ଜାଣେନା କେଉଁଥିରେ ମୋର ମଙ୍ଗଳ ହେବ । ମୋ ଭିତରେ ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ ।' ଆଉ, ସେଥିପାଇଁ ତୁମେ ରାଜି ଥାଅ— ଆନନ୍ଦରେ ରହିବ, ଦୁଃଖ ତୁମକୁ ସ୍ପର୍ଶ କରି ପାରିବ ନାହିଁ । କାହାରି ଦୁଃଖର କାରଣ ହୁଅ ନା, କେହି ତୁମର ଦୁଃଖର କାରଣ ହେବେ ନାହିଁ । ଦୁଃଖ ବି ଏକ ରକମ ଭାବ, ସୁଖ ବି ଏକ ରକମ ଭାବ । ଅଭାବର ବା ଗ୍ରହିବାର ଭାବଟାହିଁ ଦୁଃଖ । ତୁମେ ଜଗତର ହଜାରକରି ମଧ୍ୟ ଦୁଃଖ ନଷ୍ଟ କରି ପାରିବ ନାହିଁ, ଯେ ପର୍ଯ୍ୟନ୍ତ ତୁମେ ହୃଦୟରୁ ସେହି ଅଭାବର ଭାବଟାକୁ କାଢ଼ି ନ ନେଇଛ । ଆଉ, ଧର୍ମ ହିଁ ତା'କରିପାରେ । ..... ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଘୁଁହ, ତେବେ କପଟତା ତ୍ୟାଗ କର । ..... ତୁମର ନଜର ଯଦି ଅନ୍ୟର କେବଳ 'କୁ'ହି ଦେଖେ, ତେବେ ତୁମେ କେବେହେଲେ କାହାରିକୁ ଭଲପାଇ ପାରିବ ନାହିଁ । ଆଉ, ଯେ ସତ୍ ଦେଖିପାରେ ନା ସେ କଦାପି ସତ୍ ହୁଏ ନାହିଁ । ଏଟା ଖୁବ୍ ସତ୍ୟ କଥା ଯେ, ମନରେ ଯେତେବେଳେ ଅପରର ଦୋଷ ଦେଖିବାର ପ୍ରବୃତ୍ତି ଆସିଛି ସେତେବେଳେ ହିଁ ସେହି ଦୋଷ ନିଜ ଭିତରେ ଆସି ବସା ବାନ୍ଧିଛି । ତୁମେ ଯାହା ଦେଖ ନା କାହିଁକି, ଅନ୍ତରର ସହିତ ସର୍ବାଗ୍ରେ ତାର ଭଲଟିକକ ଦେଖିବାକୁ ଚେଷ୍ଟା କର, ଆଉ, ଏହି ଅଭ୍ୟାସ ତୁମେ ମଜ୍ଜାଗତ କରିପକାଅ । .....ପରନିନ୍ଦା କରିବାହିଁ ପରର ଦୋଷ କୁଡ଼ାଇ ଆଣି ନିଜେ କଳଙ୍କିତ ହେବା, ଆଉ ପରର ସୁଖ୍ୟାତି କରିବା ଅଭ୍ୟାସ ଦ୍ୱାରା ନିଜର ସ୍ୱଭାବ ଅଜ୍ଞାତସାରରେ ଭଲ ହୋଇପଡ଼େ । ତାହାବୋଲି କୌଣସି ସ୍ୱାର୍ଥବୁଦ୍ଧି ନେଇ ଅନ୍ୟର ସୁଖ୍ୟାତି କରିବା ଠିକ୍ ନୁହେଁ । ସେ ତ ଖୋସାମଦ୍ । ସେଥିରେ ନିଜର ସ୍ୱାଧୀନ ମତ ପ୍ରକାଶ କରିବାର ଶକ୍ତି ହଜିଯାଏ । .....ଯାହା ଉପରେ ଯାହାକିଛି ସବୁ ଚିନ୍ତି ରହିଛି ତାହାହିଁ ଧର୍ମ, ଆଉ ସେହି ପରମପୁରୁଷ । ଯାହା ଉପରେ ବିଷୟର ଅଭିତ୍ୱ ତାହା ଧର୍ମ । ଯେ ପର୍ଯ୍ୟନ୍ତ ତାହା ଜଣାଯାଏ ନା ସେ ପର୍ଯ୍ୟନ୍ତ ବିଷୟକୁ ଠିକ୍ ଠିକ୍ ଜଣାଯାଏ ନା । ଧର୍ମ କେବେହେଲେ ବହୁ ହୁଏ ନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ । ମତ ବହୁତ ହୋଇପାରେ, ଏପରି କି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁ ହୋଇପାରେ ନା । ହିନ୍ଦୁଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟଧର୍ମ, ବୌଦ୍ଧଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ୍, ବରଂ ସେ-ସବୁଗୁଡ଼ିକ ମତ ।..... ଯଦି ପରୀକ୍ଷକ ସାଜି ଅହଙ୍କାର ନେଇ ସଦ୍‌ଗୁରୁ କିମ୍ବା ପ୍ରେମୀ ସାଧୁଗୁରୁଙ୍କୁ ପରୀକ୍ଷା କରିବାକୁ ଯାଅ, ତେବେ ତୁମେ ତାଙ୍କଠାରେ କେବଳ ତୁମକୁହିଁ ଦେଖିବ, ଠକି ଆସିବ ।.....

କାର୍ଯ୍ୟ କରିଯାଅ, ଅଦୃଷ୍ଟ ଭାବି ଭାଙ୍ଗିପଡ଼ନାହିଁ; ଅଳସୁଆ ହୁଅ ନାହିଁ, ଯେପରି କାର୍ଯ୍ୟ କରିବ ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ । ସତ୍‌କର୍ମୀର କଦାପି ଅକଲ୍ୟାଣ ହୁଏ ନାହିଁ; ଦିନକ ଆଗରୁ ବା ପରେ । ପରମପିତାଙ୍କ ଆଡ଼କୁ ଅନାଇ କାର୍ଯ୍ୟ କରିଯାଅ । ତାଙ୍କର ଇଚ୍ଛାହିଁ ଅଦୃଷ୍ଟ, ତା'ଛଡ଼ା ଆଉ-ଗୋଟାଏ ଅଦୃଷ୍ଟ-ଫଦୃଷ୍ଟ ବନେଇ ବେକୁବ୍ ହୋଇ ବସି ଗ୍ରହ ନାହିଁ ।.....

କେବେହେଲେ ନିନ୍ଦା କର ନାହିଁ, କିନ୍ତୁ ଅପତ୍ୟକୁ ପ୍ରଶ୍ରୟ ଦିଅ ନାହିଁ ।.....

ନିଜକୁ ପ୍ରଶଂସା ଦେବାକୁ କୃପଣ ସାଜ, କିନ୍ତୁ ଅପରର ବେଳକୁ ଦାତା ହୁଅ । ତୁମ ଗାଇରେ ଗୁପୁଡ଼ା ମାରିଲେ ଯଦି କହିପାର, କିଏ କାହାକୁ ମାଗୁଛି, ତେବେ ଅନ୍ୟର ବେଳକୁ ମଧ୍ୟ କୁହ ଭଲ । ଖବରଦାର, ନିଜେ ଯଦି ସେପରି ନ ଭାବିପାର ତେବେ ଅନ୍ୟର ବେଳକୁ କହିବାକୁ ଯାଅନାହିଁ ।..... ନିଜର ମୃତ୍ୟୁ ଯଦି ଅପସନ୍ଦ କର, ତେବେ କେବେହେଲେ କାହାକୁ 'ମର' କୁହ ନାହିଁ । .....ସତ୍ୟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ । .....ସତ୍ୟ କୁହ, କିନ୍ତୁ ସଂହାର ଆଣ ନାହିଁ ।....

ଯେଉଁ କର୍ମ ମନର ପ୍ରସାରଣ ନେଇ ଆସେ ତାହା ପୁଣ୍ୟକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା, ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ, ତାହା କୁକର୍ମ । ଯେଉଁ କର୍ମ ମଣିଷ ପାଖରେ କହିଲେ ମୁହଁରେ କାଳିମା ପଡ଼େ, ତାହା କରିବାକୁ ଯାଅନାହିଁ । ଘୃଣା-ଲଜ୍ଜା-ଭୟରେ ଗୋପନ ଯେଉଁଠାରେ, ସେହିଠାରେ ହିଁ ଦୁର୍ବଳତା, ସେହିଠାରେ ହିଁ ପାପ । .....ତୁମେ ଯଦି ଏପରି ଶକ୍ତି ଭାଇ କରିଥାଅ ଯାହାଦ୍ୱାରା ଚନ୍ଦ୍ର, ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା-ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନ ଥାଏ, ତେବେ ତୁମର କିଛି ବି ହୋଇନାହିଁ । .....ନିର୍ଭର କର, କେବେହେଲେ ଭୟ ପାଇବ ନାହିଁ । ବିଶ୍ୱାସ କର, ଅନ୍ତରର ଅଧିକାରୀ ହେବ । ଧୈର୍ଯ୍ୟଧର, ବିପଦ କଟିଯିବ । .....ସରଳ ହୁଅ, କିନ୍ତୁ ବେକୁବ୍ ହୁଅନାହିଁ । .....ବିନୀତ ହୁଅ; ତାହା ବୋଲି ଦୁର୍ବଳ ହୃଦୟ ହୁଅନାହିଁ । ନିଷ୍ଠା ରଖ, କିନ୍ତୁ ଖୁଚିବାୟା ହୁଅନାହିଁ ।

ସାଧୁ ସାଜ ନାହିଁ, ସାଧୁ ହେବାକୁ ଚେଷ୍ଟା କର । .....ପ୍ରେମର କଥା କହିବା ଆଗରୁ ପ୍ରେମ କର । ସ୍କୁଲକୁ ଗଲେ ହିଁ ତାକୁ ଛାତ୍ର କୁହାଯାଏ ନାହିଁ, ଆଉ ମନ୍ତ୍ର ନେଲେ ହିଁ ତାକୁ ଶିଷ୍ୟ କୁହାଯାଏ ନାହିଁ । ହୃଦୟଟି ଶିକ୍ଷକ ବା ଗୁରୁଙ୍କ ଆଦେଶ ପାଳନ ନିମିତ୍ତ ସର୍ବଦା ଉନ୍ମୁକ୍ତ ରଖିବାକୁ ହୁଏ । ଅନ୍ତରରେ ସ୍ଥିର ବିଶ୍ୱାସ ଆବଶ୍ୟକ । ସେ ଯାହା କହିଦେବେ ତାହାହିଁ କରିବାକୁ ହେବ ବିନା ଆପତ୍ତିରେ, ବିନା ଓଜରରେ, ବରଂ ପରମ ଆନନ୍ଦରେ ।.....

ଦୀନ ହେବା ଅର୍ଥ ଅପରିଚ୍ଛନ୍ନ ସାଜିବା ନୁହେଁ । ତୁମେ ଯେତେ ଲୋକଙ୍କ ସେବା କରିବ ସେତେ ଲୋକଙ୍କର ଯଥାସର୍ବସ୍ୱର ଅଧୀଶ୍ୱର ହେବ । ତେଜ ମାନେ କ୍ରୋଧ ନୁହେଁ, ବରଂ ବିନୟ-ସମନ୍ୱିତ ଦୃଢ଼ତା । ସାଧୁ ମାନେ ଯାଦୁକର ନୁହେଁ, ବରଂ ତ୍ୟାଗୀ, ପ୍ରେମୀ । ଦୟା କରିବା ହିସାବରେ ଦାନ ଅହଙ୍କାରର ପରିପୋଷାକ । ଯାଚ୍ଞାକାରୀକୁ ଫେରାଅ ନାହିଁ । ଅର୍ଥ ନ ହେଲେ—ସହାନୁଭୂତି, ସାହାସ, ସାନ୍ତ୍ୱନା, ମିଷ୍ଟକଥା, ଯା'ହେଉ ଗୋଟାଏ ଦିଅ—ହୃଦୟ କୋମଳ ହେବ । ଅପରର ମଙ୍ଗଳ କାମନାହିଁ ନିଜ ମଙ୍ଗଳର ପ୍ରସୂତି । ଧନୀ ହୁଅ କ୍ଷତି ନାହିଁ, କିନ୍ତୁ ଦୀନ ଏବଂ ଦାତା ହୁଅ । ଦୀନତାହୀନ ଅହଙ୍କାରୀ ଧନୀ ପ୍ରାୟ ଅବିଶ୍ୱାସୀ ହୁଏ, ଆଉ ତାର ହୃଦୟରେ ସ୍ୱର୍ଗର ଦ୍ୱାର ଖୋଲେ ନାହିଁ ।.....

ଯେଉଁ ଭାବ ବିରୁଦ୍ଧଭାବ ଦ୍ୱାର ଆହତ ବା ଅଭିଭୂତ ନ ହୁଏ ତାହାହିଁ ବିଶ୍ୱାସ । ବିଶ୍ୱାସ ନ ଥିଲେ ଦର୍ଶନ ହେବ କିପରି ! କର୍ମ ବିଶ୍ୱାସର ଅନୁସରଣ କରେ, ଯେପରି ବିଶ୍ୱାସ, କର୍ମ ମଧ୍ୟ ସେପରି ହୁଏ । ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ । ବିଶ୍ୱାସ କର, ସାବଧାନ—ଅହଙ୍କାର, ଅଧୈର୍ଯ୍ୟ ଓ ବିରକ୍ତି ନ ଆସେ—ଯାହା ଗ୍ରହ ତାହା ହେବ । ବିଶ୍ୱାସ ହିଁ ବିସ୍ତାର ଓ ଚୈତନ୍ୟ ଆଣି ଦେଇପାରେ, ଆଉ ଅବିଶ୍ୱାସ ଜଡ଼ତ୍ୱ, ଅବସାଦ, ସଂକୀର୍ଣ୍ଣତା ଆଣିଦିଏ । .....ବିଶ୍ୱାସ ନାହିଁ ଏଭଳି ମଣିଷ ନାହିଁ । ଯାହାର ବିଶ୍ୱାସ ଯେତେ ଗଭୀର, ଯେତେ ଉଚ୍ଚ, ତାର ମନ ସେତେ ଉଚ୍ଚ, ଜୀବନ ସେତେ ରଙ୍ଗୀନ ।.....

ଅଶ୍ରୁ, ପୁଲକ, ସ୍ୱେଦ, କମ୍ପନ ହେଲେ ହିଁ ଯେ ସେଠାରେ ଭକ୍ତି ଆସିଛି ତା'ନୁହେଁ, ଭକ୍ତିର ଏହିଗୁଡ଼ିକ ପହିଚ ଚାର ସ୍ୱଧର୍ମ ଚରିତ୍ରଗତ ଲକ୍ଷଣ ରହିବ ହିଁ ରହିବ । ଅଶ୍ରୁ, ପୁଲକ, ସ୍ୱେଦ, କମ୍ପନ ଇତ୍ୟାଦି ଭାବର ଲକ୍ଷଣ ; ତାହା ଅନେକ ରକମରେ ହୋଇପାରେ । ଭକ୍ତିର ଚରିତ୍ରଗତ ଲକ୍ଷଣ ପହିଚ ଯଦି ଉକ୍ତ ଭାବର ଲକ୍ଷଣଗୁଡ଼ିକ ପ୍ରକାଶ ପାଏ, ତେବେ ହିଁ ତାହା ପାତ୍ତ୍ୱିକ ଭାବର ଲକ୍ଷଣ ।

ଅବିଶ୍ୱାସୀ ଓ ବହୁନୈଷ୍ଠିକର ହୃଦୟରେ ଭକ୍ତି ଆସି ପାରେ ନାହିଁ । ଭକ୍ତି ଏକ ପାଇଁ ବହୁକୁ ଭଲ ପାଏ, ଆଉ ଆସକ୍ତି ବହୁ ପାଇଁ ଏକକୁ ଭଲ ପାଏ । ଆସକ୍ତିରେ ସ୍ୱାର୍ଥରେ ଆଘାତଜୁଷ୍ଟି, ଆଉ ଭକ୍ତିରେ ପରାର୍ଥରେ ଆଘାତଜୁଷ୍ଟି । ଭକ୍ତିର ଅନୁରକ୍ତି ପତ୍ରରେ, ଆଉ ଆସକ୍ତିର ନିଶା ସ୍ୱାର୍ଥରେ, ଅହଂରେ । ଆସକ୍ତି କାମର ପଶା, ଆଉ ଭକ୍ତି ପ୍ରେମର ଛୋଟ ଭଉଣୀ ।

ଅନୁଭୂତି ଦ୍ୱାରା ଯାହା ଜଣାଯାଏ ତାହା ହିଁ ଜ୍ଞାନ । ଜାଣିବାକୁ ହିଁ ବେଦ କହନ୍ତି, ଆଉ ବେଦ ଅଖଣ୍ଡ । ଯେ ଯେତିକି ଜାଣେ ସେ ସେତିକି ବେଦବିତ୍ ।.....

ବାଧାପ୍ରାପ୍ତ କାମ ହିଁ କ୍ରୋଧ ; ଆଉ, କ୍ରୋଧ ହିଁ ହିଂସାର ବନ୍ଧୁ । ସ୍ୱାର୍ଥବୁଦ୍ଧିର ଆଘାତଜୁଷ୍ଟିର ଅଭିପ୍ରାୟହି ଲୋଭ ; ଆଉ, ଏହି ଲୋଭ ହିଁ ଆସକ୍ତି ।

ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ, ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର—ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବ ନାହିଁ ।.....

(ବିସ୍ତୃତଭାବରେ ''ସତ୍ୟାନୁସରଣ'' ପୁସ୍ତକରୁ ଜାଣିପାରିବେ)

୨୨

ଅତି ଅଦ୍ଭୁତ ଅନ୍ତର୍ଯ୍ୟାମିତ୍ୱ

ସେ ତାଙ୍କର ଅନ୍ତର୍ଯ୍ୟାମିତ୍ୱର କଥା ଗୋପନ କରି ଥାଆନ୍ତି । ପ୍ରକାଶ କରିବାକୁ ଇଚ୍ଛା କରନ୍ତି ନାହିଁ । ତାହା ପ୍ରକାଶିତ ହେଲେ ସେ ପରୁଷ ମଧ୍ୟ ହୁଅନ୍ତି ନାହିଁ, କିନ୍ତୁ ଘଟଣାଚକ୍ରରେ କେବେ କେବେ ପ୍ରକାଶିତ ହୋଇଯାଏ । ଯେଉଁମାନେ ପ୍ରାୟ ସର୍ବଦା ତାଙ୍କର ସଙ୍ଗ କରନ୍ତି ସେମାନେ ଅନେକ ସମୟରେ ବୁଝିପାରନ୍ତି ।

(୧) ଏହି ପୁସ୍ତକର ଚତୁର୍ଥ ଅଧ୍ୟାୟ ଏବଂ ସପ୍ତମ ଅଧ୍ୟାୟରେ ବାଲ୍ୟକାଳର ଅନ୍ତର୍ଯ୍ୟାମିତ୍ୱ ବିଷୟ ଉଲ୍ଲିଖିତ ହୋଇଅଛି ।

(୨) ଦଶମ ଅଧ୍ୟାୟରେ ଗୋଟିଏ ଯୌବନକାଳର ଅନ୍ତର୍ଯ୍ୟାମିତ୍ୱର ପ୍ରଧାନ ଘଟଣା ଜାଣିହୁଏ ।

(୩) ବିଂଶ ଅଧ୍ୟାୟର କେତୋଟି ଘଟଣା ପାଠ କରିଲେ ମଧ୍ୟ ତାଙ୍କର ଅନ୍ତର୍ଯ୍ୟାମିତ୍ୱର ବିଷୟ ଅବଗତ ହୋଇହେବ ।

(୪) ୧୩୨୯ ସାଲର ଜାର୍ତ୍ତିକ ମାସରେ ମୟମନସିଂହ ଜିଲ୍ଲା ଅନ୍ତର୍ଗତ ମୁକ୍ତାଗାଛାର ଜମିଦାର ଶ୍ରୀଯୁକ୍ତ ବାବୁ ଯତୀନ୍ଦ୍ରନାରାୟଣ ଆସ୍ତର୍ଯ୍ୟ ଚୌଧୁରୀ-ମହାଶୟଙ୍କ କଲିକତାସ୍ଥ ୭ନଂ କାଶୀ

ଘୋଷ ଲେନ୍‌ର ବାସଭବନରେ ଶ୍ରୀଶ୍ରୀଠାକୁରଙ୍କର ମଧ୍ୟାହ୍ନ ଭୋଜନ କରିବା କଥା । ସେ ୧।୧୨ ପି, ହରିତକୀ ବାଗାନ୍ ଲେନ୍‌ର ଭଡ଼ାଘରେ ରହିଛନ୍ତି । ଯତୀନ୍‌ବାବୁଙ୍କ ଆଦେଶ ଅନୁସାରେ ମୁଁ ସେଠାକୁ ଯାଇ ଜିଜ୍ଞାସା କଲି —''ଆପଣ କ'ଣ ବର୍ତ୍ତମାନ ଯତୀନ୍‌ଦାଙ୍କ ଘରକୁ ଯିବେ, ଗାଡ଼ି ଆଣିବି କି ?'' ସେ କହିଲେ—''ଆଣିଲେ ହୁଏ ।'' କଥା ଏପରିଭାବରେ କହିଲେ ସେଥିରୁ ବୁଝାଗଲା ସେତେବେଳେ ତାଙ୍କର ବିଶେଷ ଇଚ୍ଛା ହୋଇନାହିଁ ବା ବେଶୀ କ୍ଷୁଧା ନାହିଁ । ମୁଁ ଅନ୍ୟ ଘରକୁ ଯାଇ ଜଗଦୀଶଦାଙ୍କୁ ଗାଡ଼ି ଆଣିବାକୁ କହିଲି । ଜଗଦୀଶଦା ଗାଡ଼ି ଡାକିବାକୁ ଗଲେ । ୮।୧୦ ମିନିଟ୍ ପରେ ଶ୍ରୀଶ୍ରୀଠାକୁର ମୋ ନିକଟକୁ ଆସି କହିଲେ—''ଗାଡ଼ି ଆଣିଛନ୍ତି ?'' ମୁଁ କହିଲି—''ଜଗଦୀଶଦା ଯାଇଛନ୍ତି ।'' ସେ କହିଲେ—''ଶୀଘ୍ର ଗାଡ଼ି ନେଇ ଆସନ୍ତୁ, ମୋତେ ବଡ଼ କ୍ଷୁଧା ଲାଗୁଛି, ବଡ଼ କ୍ଷୁଧା ।'' ଗାଡ଼ି ଆସିଲା । ଯତୀନ୍‌ଦାଙ୍କ ଘରକୁ ଆସିଲେ । ଅନ୍ୟ ଦିନରେ ଆସିଲେ କେତେ ଗଳ୍ପ କରନ୍ତି, ତମାଖୁ ଖାଆନ୍ତି, ଧୀରେ ଧୀରେ ତେଲ ଲଗାହୁଏ, କିନ୍ତୁ ଆଜି ଆଉ ତାହା ହେଲା ନାହିଁ, ଆଜି ଆସିବା ପଙ୍କେ ପଙ୍କେ କହିଲେ—''ଯତୀନ୍‌ଦା, ବଡ଼ କ୍ଷୁଧା, ବଡ଼ କ୍ଷୁଧା ହୋଇଛି । ଆଉ ବିଳମ୍ବ ସହ୍ୟ ହେଉନାହିଁ ।'' ଯତୀନ୍‌ଦା ଶ୍ରୀଶ୍ରୀଠାକୁରଙ୍କ ପାଇଁ ପ୍ରସ୍ତରରେ ପବିତ୍ରଭାବେ ରନ୍ଧନକାର୍ଯ୍ୟ କରନ୍ତି । ରନ୍ଧନକାର୍ଯ୍ୟରେ ସେ ସିଦ୍ଧହସ୍ତ । ସେ କହିଲେ—''ସମସ୍ତ ରୋଷେଇ ଶେଷ ହୋଇଛି । ଭାତ ହୋଇ ନାହିଁ, ଏଇ ଭାତ ବସାଉଛି ।'' ଶ୍ରୀଶ୍ରୀଠାକୁର କହିଲେ—ଶୀଘ୍ର କରନ୍ତୁ, ମୋର ଆଉ ସହ୍ୟ ହେଉ ନାହିଁ ।'' ଯତୀନ୍‌ଦା କହିଲେ—''ଏଇ ହେଲା ଆଉ କ'ଣ, ଆପଣ ତା'ଭିତରେ ଗାଧୋଇ ପଡ଼ନ୍ତୁ ।'' ସେ ସ୍ନାନ କରିବାକୁ ଆରମ୍ଭ କଲେ । ସ୍ନାନ କରୁ କରୁ ରନ୍ଧନକାର୍ଯ୍ୟ ଶେଷ ହୋଇଗଲା । ସେ ସ୍ନାନାନ୍ତେ ଭୋଜନରେ ଉପବିଷ୍ଟ ହେଲେ । ଏଠାରେ କେତେ ଦିନ ହେଲା ଗୋଟାଏ ନିୟମ ଥିଲା ଯେ ପ୍ରଥମେ ସପାର୍ଷଦ ଶ୍ରୀଶ୍ରୀଠାକୁରଙ୍କୁ ଭୋଜନ କରା ହୋଇଥାଏ । ଦ୍ୱିତୀୟବାର ଯତୀନ୍‌ଦା, ମୁଁ ଓ ଅନ୍ୟାନ୍ୟ ଜଣେ ଦୁଇଜଣ ପ୍ରସାଦ ଗ୍ରହଣ କରୁ, ତାହାପରେ ତୃତୀୟ ଦଳରେ ଅନ୍ୟାନ୍ୟ ସମସ୍ତେ ଗ୍ରହଣ କରନ୍ତି । ଆଜି ସେ ଭୋଜନରେ ବସି ଯତୀନ୍‌ଦାଙ୍କ ଗୁରୁକର ଶ୍ରୀମାନ୍ ସୁଧୀରଚନ୍ଦ୍ର ଦେ ଓରଫ କୋକାକୁ ଡାକି ତାଙ୍କର ଦକ୍ଷିଣରେ ଉପବେଶନ କରିବାକୁ ଆଜ୍ଞା କରିଲେ । କୋକା ସେଥିରେ ସାହାସା ହେଲା ନାହିଁ । ଶେଷରେ ତାଙ୍କର ଆଜ୍ଞାନୁସାରେ ଏବଂ ଯତୀନ୍‌ଦାଙ୍କ ଆଦେଶପ୍ରାପ୍ତିହୋଇ ସେ ବସିଲା । ସେ କହିଲେ—''ତାକୁ ଖଣ୍ଡେ ପତ୍ର ଦିଅନ୍ତୁ ।'' ତାହାହିଁ ହେଲା । ସେତେବେଳେ ସେ ନିଜର ଭୋଜ୍ୟରୁ ଅନ୍ନ, ଡାଲି, ତରକାରି ଇତ୍ୟାଦି ସର୍ବାଗ୍ରେ କୋକାକୁ ଭୋଜନ କରାଇବାକୁ ଆରମ୍ଭ କରାଇ ଦେଇ ସ୍ୱୟଂ ଭୋଜନ ଆରମ୍ଭ କରିଲେ । ସମସ୍ତେ ଭାବିବାକୁ ଲାଗିଲେ ବ୍ୟାପାର କ'ଣ ? ଭୋଜନାନ୍ତେ କୋକା ନିକଟରେ ଗୋପନାନୁସନ୍ଧାନରେ ସେ ଯତୀନ୍‌ଦା ଓ ଆମ ନିକଟରେ କହିଲା—''ମୋର ଆଜି ସକାଳେ ଭୟାନକ କ୍ଷୁଧା ହୋଇଥିଲା, କ୍ଷୁଧାରେ ପେଟ ମଧ୍ୟରେ ଓଲଟ ପାଲଟ କରୁଥିଲା । ତେଣୁ ମୁଁ ମନେମନେ ପ୍ରାର୍ଥନା କରିଥିଲି ଯେ ଠାକୁର, ତୁମେ କେତେବେଳେ ଆସିବ । କେତେବେଳେ ଖାଇବ, ତେବେ ମୁଁ ଦିଇଟା ଖାଇବାକୁ ପାଇବି, ତୁମର ଖାଇବା ନ ହେଲେ ତ ମୁଁ ଖାଇ ପାରିବି ନାହିଁ । ତେଣୁ ବୋଧହୁଏ ଠାକୁର ଆଜି ଖୁବ୍ ସଅଳ ଆସି ଖାଇଲେ ଏବଂ ଏ ଘଟଣା ବୋଧହୁଏ ସେଥିପାଇଁ ହୋଇଛି ।'' ସେତେବେଳେ ସମସ୍ତେ ଘଟଣାଟା ବୁଝିଲେ । ଅନ୍ୟ ଅନେକସ୍ଥାନରେ ଅନେକଥର ଜାହାରି କ୍ଷୁଧା ହେଲେ ଶ୍ରୀଶ୍ରୀଠାକୁର ତାହା ଜାଣିପାରି ଏପରି କରନ୍ତି ଦେଖାଯାଇଛି । ସେହି ସମୟରେ ଆଉ ଏକ ଘଟଣା ହେଲା । ଶ୍ରୀଶ୍ରୀଠାକୁରଙ୍କ ଭୋଜନ ସମୟରେ ଯତୀନ୍‌ଦା ନିକଟରେ ବସି ମନେମନେ ଚିନ୍ତା କରୁଥିଲେ—''ଠାକୁରଙ୍କ ଖାଇବା ସମୟରେ କେବେ କେବେ ମାଉସୀମା ଭାତ ଗୋଳେଇ ଦିଅନ୍ତି, ଠାକୁର ଖାଆନ୍ତି । ମୋର ବି ଇଚ୍ଛା ହୁଏ, ଠାକୁର ଯଦି କହନ୍ତି ତ ମୁଁ ତାଙ୍କର ଭାତ ଗୋଳେଇ ଦିଅନ୍ତି ।'' ସଙ୍ଗେ ସଙ୍ଗେ ସେ

କହିଲେ—''ଯତୀନ୍‌ଦା, ଆପଣ ଡାଲି-ତରକାରି ଦେଇ ମୋର ଭାତ ଗୋଳେଇ ଦିଅନ୍ତୁ, ମୁଁ ଖାଏ।'' ଯତୀନ୍‌ଦା ଆନନ୍ଦିତ ହୋଇ ଭାତ ଗୋଳେଇ ଦେଲେ, ଶ୍ରୀଶ୍ରୀଠାକୁର ଭୋଜନ କଲେ, ଯତୀନ୍‌ଦାଙ୍କ ମନୋବାସନା ପୂର୍ଣ୍ଣ ହେଲା। ଧନ୍ୟ ଯତୀନ୍‌ଦା, ଧନ୍ୟ ଆପଣଙ୍କର ଭକ୍ତି! ଆଉ ଧନ୍ୟ କୋକା ଭାଇ!

(୫) ଡାକୁ କେହି କୌଣସି ଭଲ ଖାଦ୍ୟଦ୍ରବ୍ୟ ପ୍ରଦାନ କଲେ ତାହା ଦେଖି ସେହି ଜିନିଷ ପ୍ରତି ଯେଉଁ ବ୍ୟକ୍ତିର ଲୋଭ ବେଶୀ ହୁଏ ବହୁ ଲୋକ ଉପସ୍ଥିତ ଥିବା ସତ୍ତ୍ୱେ ଠିକ୍ ସେହି ଲୋକଟିକୁ ସେ ସର୍ଟାଗ୍ରେ ସେହି ବସ୍ତୁ ପ୍ରଦାନ କରନ୍ତି। ଏହାର ବହୁ ପ୍ରମାଣ ମିଳିଛି। ଦିନେ ଜଣେ ମା' ଭଲ ଖାଇବା ଜିନିଷ ଆଣି ଡାକୁ ପ୍ରଦାନ କଲେ। ସେଠାରେ ବହୁ ଲୋକ ଉପସ୍ଥିତ ଥିଲେ। ଡାକୁର ରାଧାରମଣ ଜୋୟାରଦାରର ସେହି ଦ୍ରବ୍ୟ ଦର୍ଶନରେ ଲୋଭ ଉପସ୍ଥିତ ହେଲା। ''ତାଙ୍କ ଆହାର ଦ୍ରବ୍ୟ ପ୍ରତି ଲୋଭ ହେବା ଅନ୍ୟାୟ, ବିଶେଷତଃ ସେ ତାହା ଜାଣିପାରିଛନ୍ତି, ତାଙ୍କ ନିକଟରେ ଗୋପନ ରହିଲା ନାହିଁ, ସୁତରାଂ ଏ ସ୍ଥାନରୁ ଅନ୍ୟତ୍ର ଗମନ କରିବା ଭଲ।'' —ଏହା ମନେକରି ଶ୍ରୀମାନ୍ ରାଧାରମଣ ପଦ୍ମାତୀରକୁ ଗମନପୂର୍ବକ ଭ୍ରମଣ କରିବାକୁ ଲାଗିଲେ। ଅଳ୍ପକ୍ଷଣ ପରେ ସେ ସେହି ଦ୍ରବ୍ୟ ଆହାର କରିବାକୁ ଆରମ୍ଭ କରି ଡାକିଲେ—''ରାଧାରମଣ!'' ସମସ୍ତେ କହିଲେ—''ସେ ଏଠାରେ ନାହିଁ '' ସେ କହିଲେ—''ଦେଖନ୍ତୁ ତ ରାଧାରମଣ କେଉଁଠାରେ?'' ଜଣେ କହିଲେ—''ସେ ପଦ୍ମାଚରରେ ବୁଲୁଛି।'' ସେ କହିଲେ—''ଶୀଘ୍ର ଡାକି ଆଣନ୍ତୁ ତ ଡାକୁ।'' ସେତେବେଳେ ଡାକୁ ଡାକି ଅଣାଗଲା। ସେ ସେହି ଦ୍ରବ୍ୟର କିୟଦଂଶ ଡାକୁ ଭକ୍ଷଣ କରିବାକୁ ଦେଲେ। ଏହିପରି ଅନେକ ସମୟରେ ହୋଇଥାଏ। ତାହା ଜ୍ଞାତ ହୋଇ ଅନେକ ବର୍ତ୍ତମାନ ସାବଧାନ ହୋଇଛନ୍ତି। ତାଙ୍କର ଖାଦ୍ୟଦ୍ରବ୍ୟ ଦର୍ଶନରେ ମନେମନେ ପ୍ରାର୍ଥନା କରନ୍ତି ଯେ ସେହି ଦ୍ରବ୍ୟରେ ଯେପରି ସେମାନଙ୍କର ଲୋଭ ନ ହୁଏ।

(୬) ସେ ଦିନକର ଖୋକସା-ଜାନିପୁରର ଶ୍ରୀଯୁକ୍ତ ବାବୁ ଜାନକୀନାଥ ରାୟ-ମହାଶୟଙ୍କର ଘରକୁ ଗମନ କରିଛନ୍ତି। ସଙ୍ଗରେ ଅନେକ ଲୋକ। ଜାନକୀବାବୁ ଗୋଟାଏ ଭଲ ସୁପକ୍ୱ ଫଜ୍‌ଲି ଆମ୍ବ ତାଙ୍କ ହସ୍ତରେ ପ୍ରଦାନ କଲେ। ସେ ଆମ୍ବଟିକୁ ଗ୍ରହଣ କରିବା ମାତ୍ରକେ ଡାକୁର ଶ୍ରୀଯୁକ୍ତ ବାବୁ ସୁରେନ୍ଦ୍ରନାଥ ସାହାକୁ ପ୍ରଦାନପୂର୍ବକ କହିଲେ—''ଦାଦା, ଏହି ଆମ୍ବଟିକୁ ଆପଣ ଭଲ ପାଆନ୍ତି, ଏହାକୁ ଆପଣ ଖାଆନ୍ତୁ। ଆପଣ ଖାଇଲେ ମୁଁ ସନ୍ତୁଷ୍ଟ ହେବି।'' ସୁରେନ୍ ବାବୁ କହିଲେ—ବାସ୍ତବିକ୍ ସେହି ଆମ୍ବଟିର ଦର୍ଶନମାତ୍ରେ ତାହା ପ୍ରତି ତାଙ୍କର ଲୋଭ ହୋଇଥିଲା।

(୭) ୧୩୨୭ ସାଲର କାର୍ତ୍ତିକ ମାସରେ କୁଷ୍ଟିୟାର ଭୂତପୂର୍ବ କୋର୍ଟ ସବ୍-ଇନ୍‌ସପେକ୍ଟର୍ ଶ୍ରୀଯୁକ୍ତ ବାବୁ ବଲାଇଚନ୍ଦ ଗାଙ୍ଗୁଲୀ-ମହାଶୟଙ୍କ ଭ୍ରାତା ଆଲିପୁର ଜଜ୍‌କୋର୍ଟର ଓକିଲ ଶ୍ରୀଯୁକ୍ତ ବାବୁ କାନାଇଲାଲ ଗାଙ୍ଗୁଲୀ-ମହାଶୟ ଡାକୁ ଦର୍ଶନ କରିବାକୁ ହିମାଇତପୁର ଯାଇଛନ୍ତି। ଜଣେ ଭକ୍ତର ପ୍ରାଣରେ ବଡ଼ ଆକାଂକ୍ଷା ହେବାରୁ ସେ ଶ୍ରୀଶ୍ରୀଠାକୁରଙ୍କୁ ସୁଗନ୍ଧ ତୈଳ ଲଗାଇଦେଲେ। ତୈଳ ଲଗାହେଲା। ତୈଳଶିଶିଟି ଗୃହାଭ୍ୟନ୍ତରରେ ରଖିବାକୁ ଆଦେଶପ୍ରାପ୍ତ ହୋଇ ଜଣେ ବ୍ୟକ୍ତି ସେହି ତୈଳଶିଶି ନେଇ ଯାଉଛନ୍ତି। ଏପରି ସମୟରେ କାନାଇ ବାବୁଙ୍କର ଉକ୍ତ ତୈଳ ଲଗାଇବାକୁ ଇଚ୍ଛା ହେଲାରୁ ସେ ମନେକରିଲେ —''ସେଟା ଠାକୁରଙ୍କ ତେଲ, ମୋର ଲଗାଇବା ଦରକାର କ'ଣ?'' ପୁଣି ମନେ କରିଲେ—''ଶୁଣିଛି ଠାକୁର ଖୁବ୍ ମନକଥା ଜାଣି ପାରନ୍ତି, ଅନେକଙ୍କର ମନର ବାସନା ପୂର୍ଣ୍ଣ ହୁଏ, ଦେଖେ ମୋର ମନର ବାସନା ପୂର୍ଣ୍ଣ ହୁଏ କି ନା? ଠାକୁର ଯଦି ସ୍ୱହସ୍ତରେ ଉକ୍ତ ତେଲ ମୋତେ ଲଗାଇ ଦିଅନ୍ତି ତାହାହେଲେ ମୁଁ ଖୁସି ହେବି।'' ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁର

କହିଲେ—''ତେଲ ଶିଶିଟା ଦିଅ ତ।'' ଶିଶିଟା ତାଙ୍କ ହାତକୁ ଦିଆଗଲା। ସେ କାନାଇବାବୁଙ୍କୁ କହିଲେ—''ଆପଣ୍ଟୁ ଦାଦା, ସ୍ନାନ କରନ୍ତୁ।'' କାନାଇବାବୁ କହିଲେ—''ଟିକିଏ ପରେ ସ୍ନାନ କରିବି।'' ''ନା ଏବେ କରନ୍ତୁ''—ଏହା କହି ସେ ସେହି ତେଲ କାନାଇବାବୁଙ୍କ ମସ୍ତକ ଓ ସର୍ବାଙ୍ଗରେ ଉତ୍ତମରୂପେ ମର୍ଦ୍ଦନ କରି ପାଦତଳେ ମଧ୍ୟ ତୈଳମର୍ଦ୍ଦନ କରିଦେଲେ। ପାଦତଳେ ତୈଳ ମର୍ଦ୍ଦନକାଳରେ କାନାଇବାବୁ ଆପତ୍ତି କରିବାକୁ ଲାଗିଲେ। ଅନ୍ୟାନ୍ୟ ଭକ୍ତମାନେ କହିଲେ—''ତାଙ୍କର ଯାହା ଇଚ୍ଛା ତାହା ହୁଏ ହେଉ, ଆପତ୍ତି କରିବା ଦରକାର ନାହିଁ।'' ସେହି କଥାରେ କାନାଇବାବୁ ନିରସ୍ତ ହେଲେ। କାନାଇବାବୁ ସେ ପର୍ଯ୍ୟନ୍ତ ଏହି ସତ୍ୟନାମ ଗ୍ରହଣ କରି ନଥିଲେ। ପରେ ଗ୍ରହଣ କରିଥିଲେ।

(୮) କୁଷ୍ଟିୟାର ପ୍ରଧାନ କଣ୍ଟ୍ରାକ୍ଟର୍ ମହାଜନ ଜମିଦାର, ଓ ପ୍ରଭୁ ଜଗଦ୍‌ବନ୍ଧୁଙ୍କର ଜଣେ ପ୍ରଧାନ ଭକ୍ତ ଶ୍ରୀଯୁକ୍ତ ବାବୁ ବ୍ରଜେନ୍ଦ୍ର କୁମାର ସେନ୍-ମହାଶୟ ଦିନେ ତାଙ୍କ ଘରେ ବସି ତାଙ୍କର ଭଗ୍ନିପତି ଶ୍ରୀଯୁକ୍ତ ବାବୁ ଯୋଗେନ୍ଦ୍ରନାଥ ମଜୁମଦାର ଓ କନିଷ୍ଠ ଭ୍ରାତା ଶ୍ରୀଯୁକ୍ତ ବାବୁ ବିପ୍ରକୁମାର ସେନ୍-ମହାଶୟଙ୍କ ସପକ୍ଷରେ ମୋତେ କହିଲେ ଯେ ଦିନେ ସେମାନେ ନୌକାଯୋଗେ ପାବନାରୁ କୁଷ୍ଟିୟା ଆସୁଥିଲେ। ନୌକା ସତ୍‌ସଙ୍ଗବାଟୀ ସାମ୍ନାଖୋନ ହେଲାରୁ ବ୍ରଜେନ୍‌ବାବୁ କହିଲେ—''.....ଠାକୁର ବଡ଼ ଅନ୍ତର୍ଯ୍ୟାମୀ, ଏଠାରୁ ଡାକିଲେ ସେ ଶୁଣି ପାରନ୍ତି।'' ତାଙ୍କ ମାତାଠାକୁରାଣୀ ସେ-କଥା ବିଶ୍ୱାସ କଲେ ନାହିଁ; ସେତେବେଳେ ବ୍ରଜେନ୍‌ବାବୁ ଅତି ମୃଦୁସ୍ୱରରେ,—ଯାହା ଦଶ ହସ୍ତ ପରିମିତ ଦୂରବର୍ତ୍ତୀ ଲୋକ ପକ୍ଷରେ ଶ୍ରବଣ କରିବା ଅସମ୍ଭବ,—ଶ୍ରୀଶ୍ରୀଠାକୁରଙ୍କ ନାମ କରି ତିନିଥର ଡାକିଲେ। ନୌକାଠାରୁ ଆଶ୍ରମବାଟୀ ଅନେକ ଦୂର। ବଡ଼ ପାଟିରେ କଥା କହିଲେ ମଧ୍ୟ ଶୁଣିହୁଏ ନାହିଁ। ଶ୍ରୀଶ୍ରୀଠାକୁର ଗୃହରୁ ବହିର୍ଗତ ହୋଇ ବାଟର ଅଗଣା ପରିତ୍ୟାଗ କରି ନଦୀତୀରକୁ ଆଗମନପୂର୍ବକ ଉକ୍ତ ନୌକାର ସାମ୍ନାଖୋନ ହୋଇ ଦୁଇହସ୍ତ ଉତ୍ତୋଳନ କରି ଦଣ୍ଡାୟମାନ ହେଲେ। ବ୍ରଜେନବାବୁ ଆନନ୍ଦିତ ହୋଇ ସମସ୍ତଙ୍କୁ ତାଙ୍କ କଥାର ସତ୍ୟତା ପ୍ରତ୍ୟକ୍ଷଭାବେ ସପ୍ରମାଣ କରାଇଦେଲ।

(୯) ଶ୍ରୀଶ୍ରୀଠାକୁରଙ୍କ ସଙ୍ଗରେ ଆମେ ଅନେକେ କଲିକତା ଈଶ୍ୱରମିଲ୍ ବାଇ ଲେନ୍‌ସ୍ଥ ବାସଗୃହରେ ଅବସ୍ଥାନ କରିଥୁ। ଅଶ୍ୱିନୀକୁମାର କହିଲେ—''ଆଜି ମୁଁ କୁଷ୍ଟିୟା ଯିବାକୁ ଘୁଞ୍ଚୁଛି।'' ଶ୍ରୀଶ୍ରୀଠାକୁର କହିଲେ—''ଆଜି ନ ଗଲେ କ'ଣ ନ ଚଳେ?'' ଅଶ୍ୱିନୀ କହିଲେ—''ଆଗାମୀ କାଲି ମୋର ୭।୮ଟା ମୋକଦ୍ଦମା ଅଛି, ପ୍ରାୟ ୩୪।୩୬ ଟଙ୍କା ପାଇବି। ନ ଗଲେ ଟଙ୍କା କ୍ଷତି ଆଉ ମକ୍‌କେଲ ଅସନ୍ତୁଷ୍ଟ ହେବ। ଆଜି ମୋର ନ ଗଲେ ଚଳିବ ନାହିଁ।'' ନାନା କଥା ପରେ ମଧ୍ୟ ଅଶ୍ୱିନୀ ଯେତେବେଳେ କୌଣସିମତେ ପ୍ରତିନିବୃତ୍ତ ହେଲେ ନାହିଁ, ସେତେବେଳେ ''ଆପଣଙ୍କ ପାଦ ଧରୁଛି ଅଶ୍ୱିନୀଦା, ଆଜି ଆଉ ଯିବ ନାହିଁ''—କହି ସେ ଅଶ୍ୱିନୀଙ୍କ ପାଦଧାରଣ କରିବାକୁ ଉଦ୍ୟତ ହେଲେ। ଅଶ୍ୱିନୀ ଏକଲମ୍ଫରେ ଦୂରକୁ ଘୁଞ୍ଚିଗଲେ, ଏବଂ କୁଷ୍ଟିୟା ଗମନରୁ ପ୍ରତିନିବୃତ୍ତ ହେଲେ। ସମସ୍ତେ ମନେକରିଲେ ଅଶ୍ୱିନୀବାବୁଙ୍କର ବଡ଼ କ୍ଷତି କରାହେଲା। ପରଦିନ ଅନୁମତ୍ୟାନୁସାରେ ଅଶ୍ୱିନୀ କୁଷ୍ଟିୟା ଗମନ କରିଲେ। ତାର ପରଦିନ ସେ ଧର୍ମାଧିକରଣରେ (କୋର୍ଟରେ) ଉପସ୍ଥିତ ହେଇ ଦେଖିଲେ, ବିପ୍ରକ ମୋଜିଷ୍ଟ୍ରେଟ୍ ତାଙ୍କ (ଅଶ୍ୱିନୀଙ୍କ) ନିକଟରୁ ପାଚ ଶହ ଟଙ୍କା ଜାମିନ୍ ବାଜ୍ୟାପ୍ତ ବୋଲି ଆଦାୟ କରିବା ପାଇଁ ନୋଟିସ୍ ଜାରି କରିଛନ୍ତି। ଗୋଟିଏ ଆସାମୀ ତଲବରେ ହାଜିର କରାଇବାକୁ ସେ ବାଧ୍ୟ ଥିଲେ। ଆସାମୀ ପଳାତକ, ଦୁଷ୍ଟାମି କରି ତଲବରେ ବିପ୍ରକାଲୟରେ ଉପସ୍ଥିତ ହୋଇନାହିଁ। ଅଶ୍ୱିନୀବାବୁ କୁଷ୍ଟିୟାରେ ସେଦିନ ଥିଲେ ତାଙ୍କୁ ସେହି ୭୦୦ ଟଙ୍କା ଦଣ୍ଡ ଦେବାକୁ ହୋଇଥାନ୍ତା କିନ୍ତୁ

ସେ କଲିକତାରେ ଥିଲେ ବୋଲି ଅବ୍ୟାହତି ପାଇଲେ। ସେତେବେଳେ ଆମେ ସମସ୍ତେ ବୁଝିବୁ ଏଥିପାଇଁ ଶ୍ରୀଶ୍ରୀଠାକୁର ସେଦିନ ପାଦ ମଧ୍ୟ ଧରି ଅଶ୍ୱିନୀଙ୍କୁ କଲିକତାରେ ରଖାଇଥିଲେ। ତେବେ ତାଙ୍କର ଅନ୍ତର୍ଯ୍ୟାମିତ୍ୱ ଗୋପନ ରଖିବା ପାଇଁ ସେତେବେଳେ କାରଣ ପ୍ରକାଶ କରି ନାହାଁନ୍ତି।

(୧୦) ୧୩୨୭ ସାଲର ଚୈତ୍ର ମାସରେ ହିମାଇତପୁର ସତ୍‌ସଙ୍ଗବାଟୀରେ ଅନେକ ଉପସ୍ଥିତ ଅଛନ୍ତି। ଅ.....ବାବୁଙ୍କର ପାଇଖାନା ଯିବା ଦରକାର ହେଲା। ପାଇଖାନାରେ ବସି ବିଡ଼ି ବା ସିଗାରେଟ୍‌ର ଧୂମପାନ ନ କରିଲେ ତାଙ୍କର ଝାଡ଼ା ହୁଏ ନା। ସେ ଦେହରୁ ଜାମା ଖୋଲି ପକାଇଛନ୍ତି। ପାଇଖାନା ଯିବା ବଡ଼ ଅସୁବିଧା। ପୁଣି ଖାଲି ଦେହରେ ଥାଇ ପାଇଖାନା ଯିବା ସମୟରେ ଜାମା ପିନ୍ଧିଲେ ଲୋକେ କ'ଣ କହିବେ। ବରଂ ଜାମାଟା ଯଦି ପୂର୍ବରୁ ଦେହରେ ଥାଆନ୍ତା ତା'ହେଲେ ହୋଇପାରିଥାନ୍ତା। ପକେଟ୍‌ରେ ବିଡ଼ି ଥିଲା। ଭାବୁଛନ୍ତି—"ଏବେ କ'ଣ କରିବି?" ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁର କହିଲେ—"କି ଅ.....ଦା ପାଇଖାନା ଯିବେ ନା କ'ଣ?" ସେ କହିଲେ, "ଆଜ୍ଞା ହଁ।" ଶ୍ରୀଶ୍ରୀଠାକୁର କହିଲେ—"ଖଣ୍ଡେ ଜାମା ଦେହରେ ଦେଇ ଯାଆନ୍ତୁ, ଥଣ୍ଡା ଯେପରି ନ ଲାଗେ।" ଅ.....ବାବୁ ରକ୍ଷା ପାଇଲେ।

(୧୧) ଦିନେ କୁଷ୍ଟିୟାରେ ସଂଧ୍ୟାବେଳେ ରାସ୍ତାରେ ଶ୍ରୀଶ୍ରୀଠାକୁର ଯାଉଛନ୍ତି, ସଙ୍ଗେ ୨୦।୨୫ ଜଣ ଲୋକ। ପଛରେ ଥିଲେ ଅଶ୍ୱିନୀ। ଜଣେ ଶ୍ରୀଶ୍ରୀଠାକୁରଙ୍କ ଗଳାରେ ଗୋଟିଏ ଫୁଲମାଳା ପିନ୍ଧାଇଦେଲେ। ତାଙ୍କ ଗଳାରେ କେହି ଫୁଲମାଳ ଦେଲେ ସେ କିଛିକ୍ଷଣ ପରେ ତାହା ଅନ୍ୟ କାହାରିକୁ ଦେଇଥାଆନ୍ତି। ଅଶ୍ୱିନୀ ମନେକଲେ—"ମାଳାଟି ତ କାହାରିକୁ ନିଶ୍ଚୟ ଦେବେ, ଆଜ୍ଞା, ମୋତେ ଦିଅନ୍ତୁ ନା। ମୁଁ ମନେ ମନେ ମାଳାଟି ଘୁଂହୁଛି ତାହା ଜାଣିପାରି ସେ ଯଦି ଉକ୍ତ ମାଳାଟିକୁ ମୋ ଗଳାରେ ପିନ୍ଧାଇ ଦିଅନ୍ତି ତେବେ ଜାଣିବି ସେ ଅନ୍ତର୍ଯ୍ୟାମୀ।" ସେତେବେଳେ ସେ ଅଶ୍ୱିନୀବାବୁଙ୍କୁ ଆହ୍ୱାନ କରି ତାଙ୍କ ନିକଟକୁ ନେଇ ସ୍ନାୟ କଣ୍ଠ ଦେଶରୁ ସେହି ପୁଷ୍ପମାଲ୍ୟ ଉନ୍ମୋଚନପୂର୍ବକ ଅଶ୍ୱିନୀଙ୍କ ଗଳଦେଶରେ ଅର୍ପଣ କଲେ, ଆଉ ହସି ହସି ତାଙ୍କୁ ଆଲିଙ୍ଗନ କରି କହିଲେ—"ଦୁଷ୍ଟାମି ଆଉ ଗଲାନାହିଁ।" ପରଦିନ ରାତ୍ରି ୮ଟା ସମୟରେ ବଙ୍ଗାରର ଗୋଟିଏ ସ୍ଥାନରେ କୀର୍ତ୍ତନ ହେଉଛି, ତାଙ୍କ ସଙ୍ଗେ ଅଶ୍ୱିନୀ ମଧ୍ୟ ଅଛନ୍ତି। ଜଣେ ଲୋକ ଆସି ଗୋଟିଏ ଫୁଲମାଳା ଶ୍ରୀଶ୍ରୀଠାକୁରଙ୍କ ଗଳାରେ ପିନ୍ଧାଇ ଦେଲା। ଅଶ୍ୱିନୀବାବୁ ମନେକଲେ—"କାଲିର ମାଳା ପ୍ରଦାନ ଘଟଣା କେଜାଣି କିପରି ସଂଘଟିତ ହୋଇ ଯାଇଛି, ଆଜି ଯଦି ଏହି ମାଳା ଉକ୍ତ କୋଣରେ ଦଣ୍ଡାୟମାନ ମାଖନବାବୁଙ୍କୁ (ଶ୍ରୀଯୁକ୍ତ ବାବୁ ମାଖନଲାଲ ରାୟଚୌଧୁରୀଙ୍କୁ) ଦେଇ ଆପଡ଼ି ତେବେ ଠିକ୍ ଠିକ୍ ତାଙ୍କର ଅନ୍ତର୍ଯ୍ୟାମିତ୍ୱ ଜଣାଯିବ।" ତାଙ୍କ ମନରେ ଏହି ଚିନ୍ତା ହେବାମାତ୍ରକେ ଶ୍ରୀଶ୍ରୀଠାକୁର ହସି ହସି ମାଖନବାବୁଙ୍କ ନିକଟକୁ ଯାଇ ତାଙ୍କୁ ମାଳା ପିନ୍ଧାଇଦେଲେ। ସେତେବେଳେ ଅଶ୍ୱିନୀବାବୁ ମନେ ମନେ କହିଲେ—"ହଁ, ଠିକ୍ ହୋଇଛି।" କିନ୍ତୁ ଅଶ୍ୱିନୀବାବୁ ମନେ ମନେ ଖୁବ୍ ଲଜ୍ଜିତ ହେଲେ। ତାହା ବୁଝିପାରି ଶ୍ରୀଶ୍ରୀଠାକୁର ତରତର ହୋଇ ଆସି ଅଶ୍ୱିନୀଙ୍କୁ କୁଣ୍ଢାଇ ଧରି ତାଙ୍କର ସେହି ଭାବ ଅପନୋଦନ କରି ଭଲପାଇ ଆଦର ଓ ଆଲିଙ୍ଗନ ପୂର୍ବକ କୀର୍ତ୍ତନସ୍ଥାନ ତ୍ୟାଗ କଲେ। କିଛି ଦୂରକୁ ଗମନ କରି ଅଶ୍ୱିନୀଙ୍କୁ କହିଲେ—"ଯେଉଁମାନେ ପରୀକ୍ଷା ଦେବେ ସେମାନେହିଁ କ୍ରମାଗତ ନାନା ରକମରେ ପରୀକ୍ଷା ନେଉଛନ୍ତି ; ଆଉ ସେମାନଙ୍କର ପରୀକ୍ଷା ଦେବା ସମୟରେ ସେମାନେ ଦେବାକୁ ଘୁହୁ ନାହାଁନ୍ତି। ଏ ମଜା ମନ୍ଦ ନୁହେଁ।"

(୧୨) ୧୩୨୬ ସାଲର ନଦୀୟା ଜିଲ୍ଲା ଅନ୍ତର୍ଗତ ଆଲମଡାଙ୍ଗା ବଜାରରେ ଧର୍ମସଭା ହେଉଛି। ସେଠାରେ ମୁଁ ଉପସ୍ଥିତ ରହିଛି। ହଠାତ୍ ମହାରାଜ ସେଠାରେ ଉପସ୍ଥିତ ହୋଇ ମୋତେ କହିଲେ—"ଠାକୁର ଆପଣଙ୍କୁ ଶୀଘ୍ର ସେଠାକୁ ଯିବାକୁ କହିଛନ୍ତି।" "ଅକସ୍ମାତ୍ କାହିଁକି ଏପରି ଆଦେଶ?"—ଭାବି ଭାବି ପରିଦିନ ତାଙ୍କ ନିକଟରେ ଯାଇ ଉପସ୍ଥିତ ହେଲି। ସେ କହିଲେ—"ମୁଁ ଦେଖିଲି ଯେପରି ଆପଣଙ୍କର ଖୁବ୍ ବସନ୍ତ ହୋଇଛି..... ଆପଣ ଦୁଇ-ଘୁରିଦିନ ମୋ ପାଖରେ ରହନ୍ତୁ।" ମୁଁ "ଯେ ଆଜ୍ଞା"—କହି ସେହି ଆଦେଶ ଶିରୋଧାର୍ଯ୍ୟ କରି ସେଠାରେ ରହିଲି। ପରଦିନ ମୋର ସର୍ବାଙ୍ଗ ବେଦନାସହ ଭୟାନକ ଜ୍ୱର ହେଲା, ସାରାଦିନ ଅଜ୍ଞାନ ଅବସ୍ଥାରେ କଟିଗଲା। ତାହାର ପରଦିନ ପ୍ରାତଃକାଳରେ ମୋ ଶରୀରରେ ଗୋଟିଏ-ଦୁଇଟି ବସନ୍ତ-ଗୁଟି ନିର୍ଗତ ହେଲା। ତାପରେ ଅତି ଶୀଘ୍ର ଆରୋଗ୍ୟଲାଭ କରି ଅନ୍ନ-ପଥ୍ୟ ଗ୍ରହଣ କଲି। ମୁଁ ଭାବିଲି ଯଦି ସେ ଦୟା କରି ମୋତେ ଏପରି ଏଠାକୁ ଡକାଇ ଆଣି ରଖିନଥାନ୍ତେ ତା'ହେଲେ ଜାଣେନା ମୋ ଭାଗ୍ୟରେ ବସନ୍ତରୋଗ କେତେ ଭୋଗ ହୋଇଥାନ୍ତା।

(୧୩) ଅଶ୍ୱିନୀଙ୍କର ଗୋଟିଏ ପାଇଖାନା ଭାଙ୍ଗି ନୂତନ କରି ଆଉ ଗୋଟିଏ କରିବାକୁ ହେବ। ମେହେନ୍ତରଗଣ ଅନ୍ୟାୟ ଅତିରିକ୍ତ ମଜୁରି ଦାଗ କରିବାରୁ ମୁଁ କହିଲି—"ଘୁଇ, ଆମେ ପାଇଖାନା ଭାଙ୍ଗିବା।" ସେତେବେଳେ ଅଶ୍ୱିନୀ, ଲଳିତମୋହନ ବସୁ ଏବଂ ମୁଁ ପାଇଖାନା ଭାଙ୍ଗିବାକୁ ଆରମ୍ଭ କଲୁ। କିୟଦଂଶ ଭଙ୍ଗା ହେବା ପରେ ମେହେନ୍ତରଗଣ ଉପଯୁକ୍ତ ମଜୁରିରେ ଅବଶିଷ୍ଟାଂଶ ଭାଙ୍ଗିବାକୁ ଆରମ୍ଭ କଲେ। ସେତେବେଳେ ଆମେ କୁଷ୍ଟିୟାରୁ ଠାକୁରବାଡ଼ୀକୁ ଯାତ୍ରା କରି କେତେ ଘଣ୍ଟା ମଧ୍ୟରେ ସେଠାରେ ଉପସ୍ଥିତ ହେଲୁ। ଏହି ସମୟ ମଧ୍ୟରେ କୁଷ୍ଟିୟାରୁ ଅନ୍ୟ କୌଣସି ବ୍ୟକ୍ତି ସେଠାକୁ ଗମନ କରି ନାହାଁନ୍ତି। ଆମେ ସେଠାରେ ଉପସ୍ଥିତ ହେବାମାତ୍ରେ ଶ୍ରୀଶ୍ରୀଠାକୁର ହସି କରି କହିଲେ—"କ'ଣ, ଅଶ୍ୱିନୀବାବୁଙ୍କ ପାଇଖାନା ଆପଣମାନେ ନିଜେ ଭାଙ୍ଗିଲେ?" ମୁଁ କହିଲି—"ଠାକୁର, ଆଜି ତ ଆପଣ ଧରା ପଡ଼ିଲେ। ଏ ସମ୍ବାଦ ତ ଆପଣ ଏହା ପୂର୍ବରୁ ପାଇ ନାହାଁନ୍ତି, ତେବେ ଜାଣିଲେ କିପରି?" ସେ ସଙ୍ଗେ ସଙ୍ଗେ କୌଶଳପୂର୍ବକ ଚପାଇ ଦେବା ପାଇଁ ଅନ୍ୟ କଥାରେ ମୋ କଥାକୁ ଚପାଇଦେଲେ।

(୧୪) ୧୩୨୭ ସାଲର ଆଶ୍ୱିନ ୭ ତାରିଖରେ ପାବନା ଅନ୍ତର୍ଗତ ଦୋଗାଛି ଗ୍ରାମରୁ ଆମେ ଅଶ୍ୱଶକଟାରୋହଣ କରି ହିମାଇତପୁର ଗମନ କରୁଛୁ, ବାତାପିଲେମୁ ଦେଖି କହିଲି, ଏହାର ରସରେ ଚିନି ଦେଇ ପରବତ୍ କରି ଖାଇଲେ ବେଶ୍ ଆରାମ ବୋଧହୁଏ। ପ୍ରାୟ ଦୁଇ ଘଣ୍ଟା ମଧ୍ୟରେ ଠାକୁରବାଡ଼ୀରେ ପହଞ୍ଚି ଦେଖେ ସେହିପରି ପରବତ୍ ପ୍ରସ୍ତୁତ ହୋଇଛି, ଶ୍ରୀଶ୍ରୀଠାକୁର ଗୋଟିଏ କାଚ ଗ୍ଲାସ୍‌ରେ ଧରି "ସର୍ବାଗ୍ରେ ଆପଣ ଖାଆନ୍ତୁ"—ଏହାକହି ମୋତେ ଦେଲେ। ପରେ ଅନ୍ୟାନ୍ୟ ସମସ୍ତଙ୍କୁ ଦିଆହେଲା, ସେ ମଧ୍ୟ ପାନ କଲେ। ମୋ ସଙ୍ଗେ ଥିବା ଭ୍ରାତୃଗଣ କହିଲେ—"ଦାଦା, ଆପଣ ଗାଡ଼ିରେ ଯା କହିଲେ ଠିକ୍ ତାହା ହେଲା, ଦେଖୁନୁ।"

(୧୫) ପଞ୍ଚଦଶ ଅଧ୍ୟାୟରେ ରାତୁଲପଡ଼ାର ଶ୍ରୀକାନ୍ତବାବୁଙ୍କ ମା'ଙ୍କର ଘରେ ଘଟିଥିବା ଘଟଣା ପରେ ସେଠାରୁ ପ୍ରତ୍ୟାଗମନ ସମୟରେ ଶ୍ରୀଶ୍ରୀଠାକୁର ଅଶ୍ୱଶକଟରେ ଆରୋହଣ କରିଛନ୍ତି, ଆମେ ଶକଟମଧ୍ୟରେ ପ୍ରବେଶ କରିବାକୁ ଯାଉଛୁ ଏପରି ସମୟରେ ଦେଖାଗଲା ଜଣେ ଲୋକ କେତେଗୁଡ଼ିଏ "ପଲୋ" ନେଇ ଯାଉଛି। "ପଲୋ" ବାଉଁଶରେ ପ୍ରସ୍ତୁତ ଏକପ୍ରକାର ଯନ୍ତ୍ର ବିଶେଷ, ତଦ୍ଦ୍ୱାରା ପଳ୍ଲୀଗ୍ରାମରେ ଜଳମଗ୍ନ ନିମ୍ନଭୂମିରୁ ମତ୍ସ୍ୟଶିକାର କରାହୁଏ, ଦୁଧର ଡାକ୍ତୁଣି ରୂପେ ମଧ୍ୟ ବ୍ୟବହାର କରାହୁଏ। ଶ୍ରୀଶ୍ରୀଠାକୁର ଏତେ ଲୋକ ଥିଲେ ମଧ୍ୟ ମୋତେ କହିଲେ—"ସତୀଶ୍‌ଦା,

ପଲୋ କିଣିବେ ନାହିଁ ? ଗୋଟିଏ ପଲୋ କିଣନ୍ତୁ।'' ମୁଁ କହିଲି—''ମୋର ପଲୋର କୌଣସି ଦରକାର ନାହିଁ।'' ସେ କହିଲେ—''ଦରକାର ଅଛି ନିଶ୍ଚୟ, କିଣନ୍ତୁ ନା।'' ମୁଁ କହିଲି—''ମୋ ପାଖରେ ପଇସା ନାହିଁ।'' ସେତେବେଳେ ସେ ଅନ୍ୟ ଜଣେ ଭାଡାଙ୍କ ନିକଟରୁ ପାଞ୍ଚଅଣା ପଇସା ନେଇ ଗୋଟିଏ ପଲୋ କ୍ରୟ କରି ପୁନଶ୍ଚ ଗାଡ଼ିରେ ଉଠାଇ ଦେଇ କୁଷ୍ଟିୟା ଆସି ମୋ ଘରକୁ ପଠାଇ ଦେଲେ, ସେତେବେଳେ ମୋର ମନେହେଲା ପତକୁ ସତ ପ୍ରାୟ ପନ୍ଦର ଦିନ ପୂର୍ବରୁ ମୋର ଷ୍ଟ ମୋଟେ ଗୋଟାଏ ପଲୋ ଚେଷ୍ଟା କରି କିଣିବାକୁ କହିଥିଲା, ତାହା ମୁଁ ଏକାବେଳେ ବିସ୍ମୃତ ହୋଇଯାଇଥିଲି।

(୧୬) କୁଷ୍ଟିୟାର ଡାକ୍ତର ଶ୍ରୀଯୁକ୍ତ ବାବୁ ସତ୍ୟଚରଣ ଦତ୍ତ-ମହାଶୟ ସତ୍‌ସଙ୍ଗବାଟୀରେ ବସି ଭାବୁଛନ୍ତି—''ଶ୍ରୀଶ୍ରୀବଡ଼ମାତା ଅସୁସ୍ଥ, ସମସ୍ତେ ତାଙ୍କୁ ଦେଖିସାରି ଆସିଛନ୍ତି, ଏବେ ପୃଥକ୍‌ଭାବେ ଏକାକୀ ଦେଖିବାକୁ ଯିବା ପାଇଁ ଲଜ୍ଜାବୋଧ ହେଉଛି।'' ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁର କହିଲେ—''ହଁ ଦାଦା, ଦେଖିବା ଭଲ, ଯାଆନ୍ତୁ ନା, ଦେଖି ଆସନ୍ତୁ।

(୧୭) ହିମାଇତପୁରରେ ଜଣେ ଭଦ୍ରଲୋକଙ୍କର କେତୋଟି କନ୍ୟାସନ୍ତାନ ହେବାର ବହୁକାଳ ପରେ ଗୋଟିଏ ପୁତ୍ର-ସନ୍ତାନ ଜନ୍ମଗ୍ରହଣ କରିଛି। ମହାନନ୍ଦରେ ଖୁବ୍ ଧୁମ୍‌ଧାମ୍ ସହିତ ପଦେଶ ବିଚରଣାଦି ହେଉଛି। ଉକ୍ତ ଧନୀବାବୁଙ୍କ ଭ୍ରାତା ପ୍ର.....ବାବୁ ଶ୍ରୀଶ୍ରୀଠାକୁରଙ୍କର ଜଣେ ପରମବନ୍ଧୁ, ବାଲ୍ୟସଖା ଏବଂ ଭକ୍ତ। ସେ ପ୍ର.....ବାବୁଙ୍କୁ କହିଲେ—''ଏବେ ତୋ ବଡ଼ଭାଇଙ୍କୁ କହିଦେ, ସତ୍ୟନାମ ଗ୍ରହଣ କରି ସାଧନା କରନ୍ତୁ; ନଚୁବା ଏହି ପୁଅ ବଞ୍ଚିବ ନାହିଁ।'' ପ୍ର.....ବାବୁ ସେ କଥା ଘରେ ବା ବଡ଼ଭାଇଙ୍କୁ କହିବାକୁ ଭୁଲି ଯାଇଥିଲେ। କେତେକ ଦିନ ପରେ ପୁତ୍ରଟିର ଭବଲୀଳା ସାଙ୍ଗ ହେଲା।

(୧୮) ଆମେ ଠାକୁରଙ୍କ ସହିତ ଅପରାହ୍ନ ୫ଟା ଟ୍ରେନ୍‌ରେ (ରେଲଗାଡ଼ିରେ) ଖୋକପା ଷ୍ଟେସନ୍‌କୁ କୁଷ୍ଟିୟାକୁ ଆସୁଛୁ। ବାଷ୍ପୀୟ ଶକଟ ଦୁଇଟି ଷ୍ଟେସନ୍ ପରେ ଚଡ଼ଇକୋଲ ନାମକ ଷ୍ଟେସନରେ ଆସି ଛାଡ଼ିଯିବା ସମୟରେ ''ମୁଁ ଏଠାରେ ଓହ୍ଲାଇ ରହିଲି, ତୁମେମାନେ ଘୁରିଯାଅ''—ଅକସ୍ମାତ୍ ଏହି କଥା କହି ସେ ଗାଡ଼ିରୁ ଅବତରଣ କଲେ। କେହି କିଛି କାରଣ ବୁଝି ପାରିଲେ ନାହିଁ। ରାତ୍ରି ଦୁଇଟା ଗାଡ଼ିରେ କୁଷ୍ଟିୟାକୁ ଆସିଲେ ; ସାଙ୍ଗରେ ଆମଲାବାଡ଼ି ନିବାସୀ ତାଙ୍କର ପୂର୍ବ ଅପରିଚିତ ତିନ ଜଣ ବାଳକ। ସେମାନେ କହିଲେ; ସେମାନେ ତାଙ୍କୁ ଦର୍ଶନମାନସରେ ଖୋକପା ଆଗମନ କରି ଦର୍ଶନ କରି ନପାରି ପ୍ରାଣର ଆବେଗରେ ରେଳଗାଡ଼ି ପଛରେ କୁଷ୍ଟିୟା ଅଭିମୁଖରେ ପଦବ୍ରଜରେ ଧାବିତ ହେଲେ। ସେମାନଙ୍କ ପଛରେ ଭୟାନକ ଝଡ଼-ବୃଷ୍ଟି ଆସୁଥିଲା। କିନ୍ତୁ ସେମାନେ ଝଡ଼-ବୃଷ୍ଟିରେ ଚିନ୍ତି କଷ୍ଟ ପାଇନାହାଁନ୍ତି। ଝଡ଼-ବୃଷ୍ଟି ଯେପରି ଦୂରରେ ରହି ଧୀରେ ଧୀରେ ସେମାନଙ୍କର ଅନୁଗମନ କରୁଥିଲା। ସେମାନଙ୍କ ପାଖରେ ପଇସାପତ୍ର କିଛି ନଥିଲା। ଚଡ଼ଇକୋଲ ଷ୍ଟେସନ୍‌ରେ ପହଞ୍ଚି ସେମାନେ ଦେଖିଲେ ଶ୍ରୀଶ୍ରୀଠାକୁର ସେଠାରେ ସେମାନଙ୍କ ପାଇଁ ଅପେକ୍ଷା କରିଛନ୍ତି। ଏପରି ବହୁ ଘଟଣା ଅଛି।

୨୩

କାମରିପୁ ଦମନର ଉପାୟ

ଅନେକ ମହାପୁରୁଷଙ୍କ ଗ୍ରନ୍ଥରେ ଦେଖିବାକୁ ମିଳେ କାମ ଦମନ କରିବାକୁ ସେମାନଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ଅନେକ ସମୟରେ ଅତ୍ୟନ୍ତ କଠୋରତା ସତ୍ତ୍ୱେ ସୁଫଳପ୍ରାପ୍ତି ହୋଇନାହିଁ। ଅନେକ ଔଷଧ ଏବଂ ମୁଷ୍ଟିଯୋଗ ବ୍ୟବହାର କରିବାକୁ ହୋଇଛି, ତେବେ ମଧ୍ୟ ସୁଫଳ ଲାଭ ଘଟିନାହିଁ। କେହି କେହି ଇନ୍ଦ୍ରିୟ ନିଗ୍ରହ କରିବାକୁ ଯାଇ ଭୟଙ୍କର ଶାରୀରିକ କ୍ଲେଶ ମଧ୍ୟ ସହ୍ୟ କରିଛନ୍ତି ଓ ଶାରୀରିକ ବିକୃତି ଘଟାଇଛନ୍ତି। କାମରିପୁକୁ ଦମନ କରିବାରେ ସର୍ବାପେକ୍ଷା ସହଜ ଏବଂ ସର୍ବଶ୍ରେଷ୍ଠ ଉପାୟ ସଦ୍‌ଗୁରୁଙ୍କ ଦର୍ଶନ-ସ୍ପର୍ଶନ ଓ ଏହି ସତ୍ୟନାମ। ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଏହି ସତ୍ୟନାମ-ମାହାତ୍ମ୍ୟରେ ତାଙ୍କର ଅନେକ ଭକ୍ତ କୌଣସି କଠୋରତା ବା ଦୁରୁହ ଚେଷ୍ଟା ନ କରି ମଧ୍ୟ ଏହି ନାମଜପ ଓ ସାଧନା ଦ୍ୱାରା ଏବଂ ତାଙ୍କର ଦର୍ଶନ-ସ୍ପର୍ଶନରେ କାମ ଦମନ କରିବାରେ ସୁଫଳପ୍ରାପ୍ତ ହୋଇଛନ୍ତି। ଅବଶ୍ୟ, କାମର ବଶୀଭୂତ ବ୍ୟକ୍ତି ପକ୍ଷରେ ଏହା ବିଶ୍ୱାସ କରିବା ଓ ବୁଝି ପାରିବା ସହଜ ନୁହେଁ, କିନ୍ତୁ ଏହି ପ୍ରଣାଳୀରେ ଏହି ସତ୍ୟନାମ ଯଥାରୀତି ସାଧନ କଲେ ଏହାର ସତ୍ୟତା ସହଜରେ ପ୍ରତ୍ୟକ୍ଷଭାବରେ ଉପଲବ୍ଧି କରାଯାଏ। ଅବଶ୍ୟ ସାଧନା କରିବାକୁ ପଡ଼ିବ। ନାମ ଗ୍ରହଣ କରି ଅନୁରୂପ ସାଧନା ନ କଲେ ଫଳ ଫଳିବ କିପରି ?

ଦିନେ ଶ୍ରୀଶ୍ରୀଠାକୁର କହିଥିଲେ କାମ ଦମନ କରିବାକୁ ଚେଷ୍ଟା କରିଲେ କାମ ଦମନ କରାଯାଏ ନାହିଁ। ଏପରି ଦମନକାର୍ଯ୍ୟର ଚିନ୍ତା ଦ୍ୱାରା ଆହୁରି ଉକ୍ତ ବିଷୟ ଚିନ୍ତାପଥରେ ଉଦିତ ହୋଇ ବୃଦ୍ଧିପ୍ରାପ୍ତ ହୁଏ। ସେ ବିଷୟରେ ଏକାବେଳକେ ଚିନ୍ତା ନ କରି ଉଦାସୀନ ରହି ସତ୍ୟନାମ ଗୀତିମତ କରିଲେ ଶୀଘ୍ର ସୁଫଳ ମିଳିଥାଏ। କୁଚିନ୍ତା ବା କୁପ୍ରବୃତ୍ତିଠାରୁ ମନକୁ ଦୂରେଇ ରଖିବାକୁ ଚେଷ୍ଟା କରିବା ଉଚିତ। ମନରେ କୁଚିନ୍ତାର ତରଙ୍ଗ ସୃଷ୍ଟି ହେଲାମାତ୍ରେ ଏପରି କର୍ମରେ ନିଜକୁ ନିୟୋଜିତ କରିବାକୁ ହୁଏ ଯେଉଁଥିରେ ଦେହ ଓ ମନ ଉଭୟ ଲଗାଯାଇପାରେ। କୌଣସି କର୍ମ ନ କରି ଏହି ପ୍ରବୃତ୍ତିକୁ ଦୂର କରିବା ପାଇଁ କେବଳ ବସି ଚିନ୍ତା କରିବା ଦ୍ୱାରା ପ୍ରକାରାନ୍ତରେ ତାକୁ ଡାକି ଅଣାଯାଏ। କୁଚିନ୍ତାକୁ ପ୍ରଥମେ ତାଚ୍ଛିଲ୍ୟ କରିବାକୁ ହୁଏ, ଏବଂ ବିରୋଧୀ ସତ୍‌ଚିନ୍ତା ଓ କର୍ମରେ ଶରୀର ଓ ମନ ନିୟୋଜିତ କରି ରଖିପାରିଲେ କୁଭାବ ବିସ୍ମୃତି ଗର୍ଭରେ ଲୀନ ହେଉଥାଏ। ସର୍ବଦା ମନେ କରିବାକୁ ହେବ ମୁଁ ପରମପିତାଙ୍କର ସନ୍ତାନ। ମୁଁ ପବିତ୍ର। ଆଉ, ଅଳସ ମନ ଶଇତାନର କର୍ମକ୍ଷେତ୍ର ବୋଲି ବୁଝି ସର୍ବଦା ସତ୍‌ଚିନ୍ତା ଓ ସତ୍ୟନାମ ଚିନ୍ତା କରିବାକୁ ହେବ। ସଦ୍‌ଗୁରୁଙ୍କର ଆଦର୍ଶଭାବ ଚିନ୍ତା କରିବାକୁ ହେବ। ସର୍ବଦା ମାତୃଭାବ ମନରେ ସୃଷ୍ଟି କରିବାକୁ ଚେଷ୍ଟା କରିବାକୁ ହେବ। ସ୍ତ୍ରୀଲୋକମାତ୍ରେ ମୋର ମା—ଏହା ଭାବିବାକୁ ଚେଷ୍ଟା କରିବାକୁ ହେବ। ସ୍ତ୍ରୀଲୋକଙ୍କ ସହିତ ନିର୍ଜନରେ ଦେଖା ସାକ୍ଷାତ ନ କରିବା ବା ଦରକାର ନଥିଲେ କୌଣସି ସ୍ତ୍ରୀଲୋକ ଆଡ଼କୁ ନ ଗ୍ରହିବା ହିଁ ଭଲ। ଏପରି ଚିନ୍ତା, ଏପରି କର୍ମ ଅଭ୍ୟାସ କରି ନେବାକୁ ହେବ ଯେଉଁଥିରେ କାମ-କ୍ରୋଧାଦିର ଗନ୍ଧ ବି ନ ଥିବ—ମନ ଯେପରି ସେ ସବୁକୁ ଭୁଲିଯିବ। ସୃଷ୍ଟିତତ୍ତ୍ୱ, ଗଣିତ ବିଦ୍ୟା, ରସାୟନ ଶାସ୍ତ୍ର ଇତ୍ୟାଦି ଆଲୋଚନା କଲେ କାମରିପୁକୁ ଦମନ କରାଯାଇପାରେ। ଆଉ, କାମ ଦମନ କରିବାକୁ ହେଲେ ଗୋଟିଏ ସହକାରୀ ଉପାୟସ୍ୱରୂପ ଆମିଷ ଓ ମଦ୍ୟ-ମାଂସାଦି, ପିଆଜ, ରସୁଣାଦି ଉତ୍ତେଜୀୟ ଦ୍ରବ୍ୟ ବର୍ଜ୍ଜନ କରିବାକୁ ହେବ।

ସତ୍ୟନାମରେ କାମ ଦମନ ହୁଏ ବୋଲି ଏକଥା କେହି ଯେପରି ମନେ ନ କରନ୍ତି ଯେ ସତ୍ୟନାମ ପ୍ରଜପମାତ୍ରେ କାମରିପୁ ଧ୍ୱଂସ ହୋଇଯିବ। ମଣିଷ ଯାହାସବୁ ଚିନ୍ତା କରେ ଓ ଭାବେ, ତାର **impression** (ଦାଗ) ମସ୍ତିଷ୍କକୋଷରେ **(Brain Cell** ରେ) ରହିଯାଏ। ଭଲ ହେଉ ବା ମନ୍ଦ ହେଉ କୌଣସି ଗୋଟିଏ ଚିନ୍ତା ମଧ୍ୟ ବାଦ୍‌ଯାଏ ନାହିଁ। ସେଥିପାଇଁ ଏହି ମସ୍ତିଷ୍କ ହେଉଛି ଚିତ୍ରଗୁପ୍ତ ପାଣ୍ଡି। ଆମେମାନେ ଯାହା ଶୁଣୁ ମଣିଷ ମଲାବେଳେ ଚିତ୍ରଗୁପ୍ତ ତାର ଖାତା ଖୋଲି ମଣିଷର ସମସ୍ତ ଭଲ ଓ ମନ୍ଦ କର୍ମର ବିଚାର କରେ, ତାହା ହେଉଛି– ଏହି **impression** (ଦାଗ) ଗୁଡ଼ିକ ମସ୍ତିଷ୍କ-କୋଷ ଭିତରେ ଜୀବନ୍ତ ହୋଇ ଜୀବାତ୍ମା ସମ୍ମୁଖରେ ଆସି ଦେଖାଦିଏ। ସେଥିପାଇଁ ଦୁଷ୍କୃତି-ପରାୟଣ ଲୋକର ମୃତ୍ୟୁ ବେଳେ ଏହି ଅସତ୍ **idea** (ଧାରଣା)ଗୁଡ଼ିକ ଭୟଙ୍କର ରୂପ ଧାରଣ କରି ତାର ସମ୍ମୁଖରେ ଦୃଶ୍ୟମାନ ହୁଏ। ତାର ମୁଖମଣ୍ଡଳ ମଧ୍ୟ ଭୟଙ୍କର ହୋଇଯାଏ। ଆଉ ସତ୍‌କର୍ମକାରୀ ବ୍ୟକ୍ତି ମୃତ୍ୟୁକାଳରେ ଆନନ୍ଦରେ ସହାସ୍ୟବଦନରେ ଆନନ୍ଦଧାମକୁ ଯାତ୍ରା କରେ ବୋଲି ସେହି ଭାବ ତାର ମୁଖମଣ୍ଡଳରେ ପ୍ରତିଭାତ ହୋଇଥାଏ।

ଆମେ ମନେ ମନେ ଯାହା ଚିନ୍ତା କରୁ ତାହା ମସ୍ତିଷ୍କକେନ୍ଦ୍ରରେ କମ୍ପନ ସୃଷ୍ଟି କରେ ଏବଂ ମସ୍ତିଷ୍କ ତନ୍ତୁଦ୍ୱାରା ଉତ୍ତେଜିତ ହୁଏ ଓ କ୍ରିୟାବାହୀ ସ୍ନାୟୁଦ୍ୱାରା ତାହା ମାଂସପେଶୀ ଜରିଆରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ କରେ। ମସ୍ତିଷ୍କ ସ୍ନାୟୁ ତନ୍ତୁଗୁଚ୍ଛର ମୂଳ, ସେଥିପାଇଁ ଏପରି ହୁଏ। ଏହି ନାମଜପ ଦ୍ୱାରା ମସ୍ତିଷ୍କର ମୂଳକେନ୍ଦ୍ର ସ୍ପନ୍ଦିତ ହୁଏ। ସେତେବେଳେ ଚହିରେ ଗୋଟିଏ **flow** (ପ୍ରବାହ) ଆସେ। ଅନ୍ୟ ନାମ ଅପେକ୍ଷା ସତ୍ୟନାମ ଦ୍ୱାରା ମସ୍ତିଷ୍କକେନ୍ଦ୍ର ଅଧିକ ସ୍ପନ୍ଦିତ ହୋଇଥାଏ। **Pineal gland** (ପିନିଆଲ୍ ଗ୍ରନ୍ଥି) ନାମକ ସ୍ଥାନ ମସ୍ତିଷ୍କର ଏକ ପ୍ରଧାନ କେନ୍ଦ୍ର ସ୍ୱରୂପ। ଏହା ହେଉଛି ମନର ଆବାସସ୍ଥଳୀ। ଏହାକୁ ମଧ୍ୟ **third eye** (ତୃତୀୟ ଚକ୍ଷୁ), ପ୍ରଜ୍ଞାନେତ୍ର ବା ଆଜ୍ଞାଚକ୍ର କହିଥାନ୍ତି। ଝିଟିପିଟିର ଏହି ସ୍ଥାନଟି ଆକାରରେ ବଡ଼ ବୋଲି ଜ୍ୟୋତିଷୀ-ପଣ୍ଡିତଗଣ ଝିଟିପିଟିକୁ କୌଣସି ବିଷୟରେ ଉଚ୍ଚସ୍ଥାନ ପ୍ରଦାନ କରିଥାନ୍ତି। ସେହିସ୍ଥାନରେ ମନଃସଂଯୋଗ କରି ସତ୍ୟନାମ ଜପ କରିଲେ ମସ୍ତିଷ୍କର ସମସ୍ତ କୋଷ **(cell)** ଗୁଡ଼ିକ ସ୍ପନ୍ଦିତ ହୋଇଉଠେ। ଅନ୍ୟସ୍ଥାନରେ ମନଃସଂଯୋଗ କରି ନାମଜପ କରିଲେ ସେଭଳି ସ୍ପନ୍ଦନ ହୁଏ ନାହିଁ। ଉକ୍ତ ସ୍ଥାନରେ ମନଃସଂଯୋଗ କରି ନାମଜପ କରିଲେ ମସ୍ତିଷ୍କକୋଷପମୂହ ସ୍ପନ୍ଦିତ ଓ ଉତ୍ତେଜିତ ହୁଏ। ତଦ୍ଦ୍ୱାରା ସେଠାରେ ଗୋଟାଏ **flow** (ପ୍ରବାହ) ଉପସ୍ଥିତ ହୁଏ, ତାହା ଫଳରେ ଉକ୍ତ କୋଷଗୁଡ଼ିକ ମଧ୍ୟରେ ଯେଉଁ ଚିନ୍ତା ବା ଭାବ **(Idea)** ର **impression** (ଦାଗ) ଥିଲା ସେଗୁଡ଼ିକ ଉଦ୍ଭାସିତ ହୋଇଉଠେ। ପ୍ରଥମେ ସାଧାରଣ ଛୋଟ ଛୋଟ ଭାବଗୁଡ଼ିକ ଭାସିଉଠେ, ପରେ ଅପେକ୍ଷାକୃତ ଉଚ୍ଚ ଓ ଗଭୀର ଭାବଗୁଡ଼ିକ ପ୍ରକାଶିତ ହୋଇପଡ଼େ। ଏଥିପାଇଁ ଦେଖାଯାଏ ଯେ, ନାମଜପ ବା ଧ୍ୟାନ ସମୟରେ ଅନ୍ୟ ସମୟ ଅପେକ୍ଷା ମଣିଷ-ମନରେ ନାନା ରକମର ଚିନ୍ତାତରଙ୍ଗ ଅଧିକରୁ ଅଧିକ ଆସି ଉପସ୍ଥିତ ହୋଇଥାଏ। କୁଆଡୁ କୁଆଡୁ ନାନା ଭାବର ଲହରି ଆସି ମଣିଷର ମନକୁ କୁଆଡ଼େ କୁଆଡ଼େ ଭସାଇ ନେଇଯାଏ। ଯେପରି ଆଖୁରସକୁ ଚୁଲିରେ ବସାଇଲେ ସେହି ରସ ଟକ୍‌ମକ୍ ହୋଇ ଫୁଟିବା ସମୟରେ ତାହା ଭିତରେ ସମସ୍ତ ମଇଳା ପୃଥକ୍ ହୋଇ ଭାସି ଉଠେ। ମଇଳା ଗୁଡ଼ିକ ପାତ୍ରର କେନ୍ଦ୍ରସ୍ଥାନରେ ସ୍ଥାନ ନ ପାଇ ପାତ୍ରର ପାର୍ଶ୍ୱ ଦେଶରେ ବା ଧାରରେ ଆସି ଉପସ୍ଥିତ ହୋଇଥାଏ, କେନ୍ଦ୍ରସ୍ଥଳରେ ପରିଷ୍କୃତ ଗଭୀର ସ୍ଥାନର ରସ ଭାସିଉଠେ। ସେହି ମଇଳାକୁ ବାହାର କରିଦେଲେ ରସ ଆହୁରି ପରିଷ୍କାର ହୋଇଯାଏ, ସେତେବେଳେ ମିଶ୍ରି ପର୍ଯ୍ୟନ୍ତ ହୋଇପାରେ। ଏହିପରି ସତ୍ୟନାମ ଜପରେ ସମସ୍ତ ଭାବ ଜାଗିଉଠେ। ଏହିପରି ଭାବ

ଜାଗରଣ ସମୟରେ ସାଧକକୁ ଟିକିଏ ସାବଧାନ ରହିବାକୁ ହୁଏ, ଯେପରି ସେହି ଭାବରେ କେହି ଲିପ୍ତନହୁଅନ୍ତି। ସେହି ଭାବରାଶିକୁ ଦୁଇ ଭାଗରେ ବିଭକ୍ତ କରି ମନ୍ଦଭାବଗୁଡ଼ିକୁ ତ୍ୟାଗ କରି ଭଲ ଭାବସମୂହକୁ ଗ୍ରହଣ କରିବାକୁ ହୁଏ। ଏହିପରି କରି ଗଲିଲେ ମନ୍ଦ ଭାବଗୁଡ଼ିକ କ୍ରମଶଃ ଦୂର ହୋଇଯାଏ। ଏହିପରିଭାବରେ ସତ୍ୟନାମ ଦ୍ୱାରା କାମରିପୁର ଦମନ ହୋଇଥାଏ। କ୍ରୋଧାଦି ଭାବ ମଧ୍ୟ ଏହିପରି ପ୍ରଶମିତ ହୋଇଥାଏ। ମନ ଆସକ୍ତିଶୂନ୍ୟ ହେଉଥାଏ। ଏହିପରି ଭାବ ତ୍ୟାଗ କରିବା ପାଇଁ ବା ଭାବାତୀତ ହେବା ପାଇଁ ସତ୍ୟନାମ ଜପର ଆବଶ୍ୟକତା ବା ସାର୍ଥକତା।

ଅକାଳମୃତ୍ୟୁରୁ ବଞ୍ଚିବାର ଉପାୟ

କୌଣସି ଭାବ ନେଇ ମୃତ୍ୟୁ ହେଲେ ପୁନରାୟ ଆସିବାକୁ ପଡ଼େ, ପୁନର୍ଜନ୍ମ ହୋଇଥାଏ। ମୁକ୍ତି ହୁଏ ନା। ମୁକ୍ତି ମାନେ କ'ଣ ? ସମସ୍ତ ଭାବର ଅତୀତ ଅର୍ଥାତ୍ ଭାବତ୍ୟାଗ। ଏହିପରି ନାମ ଜପ କରୁ କରୁ ଭାବନା କ୍ରମଶଃ ହ୍ରାସ ପାଇ ପାଇ ମଣିଷକୁ ଶେଷରେ ଭାବାତୀତ ଅବସ୍ଥାରେ ପହଞ୍ଚାଇଦିଏ। ସେତିକିବେଳେ ହିଁ ମୁକ୍ତିଲାଭ ହୋଇଥାଏ। ସାଧାରଣ ସ୍ୱାଭାବିକ ମୃତ୍ୟୁ ଅର୍ଥ **depression of Brain cell.**

ମସ୍ତିଷ୍କକୋଷର ସେହି **depression** ସଙ୍ଗେ ସଙ୍ଗେ ଦୂର କରି ପାରିଲେ ହିଁ ସ୍ୱାଭାବିକ ସାଧାରଣ ଅକାଳ ମୃତ୍ୟୁରୁ ରକ୍ଷା ମିଳିପାରେ। ଏହିପରି କେତୋଟି ମୃତ ବ୍ୟକ୍ତିଙ୍କର ପୁନର୍ଜୀବନ ଲାଭ ବିଷୟ ଏହି ଗ୍ରନ୍ଥରେ ଅନ୍ୟତ୍ର ବର୍ଣ୍ଣନା କରାଯାଇଛି। ଶ୍ରୀଶ୍ରୀଠାକୁର କହିଛନ୍ତି, ଆଉ ଗୋଟିଏ ପ୍ରଣାଳୀରେ ଚେଷ୍ଟା କଲେ ମଲା ମଣିଷକୁ ବଞ୍ଚାଇବା ଅହୁରି ସୁବିଧାଜନକ ହୋଇପାରେ। କୌଣସି ମାମୁଲି ରୋଗରେ ସ୍ୱାଭାବିକଭାବରେ ଅକାଳ ମୃତ୍ୟୁ ଘଟିଲେ, କୌଣସି ଦୁର୍ଘଟଣାଜନିତ ଆକସ୍ମିକ ମୃତ୍ୟୁ ହୋଇଗଲେ ଯହିଁରେ ଦେହାଭ୍ୟନ୍ତରର ଯନ୍ତ୍ରାଦି ଧ୍ୱଂସ ପାଇ ନଥାଏ ଅଥଚ କ୍ରିୟା-ବିକାର ଯୋଗୁଁ ମୃତ୍ୟୁ ହୋଇଥାଏ—ଉଦାହରଣ ସ୍ୱରୂପ ପାଣିରେ ବୁଡ଼ି ମରିବା, ଶ୍ୱାସରୁଦ୍ଧ ହୋଇ ମରିବା, ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇ ମରିବା **(heart-fail)**, ମସ୍ତିଷ୍କ-ବିକୃତି ଯୋଗୁଁ ମରିବା, ଜ୍ୱରରେ ଉତ୍ତାପ ଆଧିକ୍ୟ ଯୋଗୁଁ ମରିବା, ହଇଜା ପ୍ରଭୃତି ରୋଗରେ ମରିବା ଇତ୍ୟାଦି ଘଟଣାମାନଙ୍କରେ ରୋଗୀର ମସ୍ତିଷ୍କରେ ଏହି ସତ୍ୟନାମ (ଉଚ୍ଚତମ ବୀଜମନ୍ତ୍ର ବା ଧ୍ୱନ୍ୟାତ୍ମକ ଶବ୍ଦ) ଯନ୍ତ୍ର ମାଧ୍ୟମରେ ପ୍ରବେଶ କରାଇବାକୁ ହୁଏ। ଠିକ୍ ଗ୍ରାମୋଫୋନ୍ ପରି ଏକ ତଡ଼ିତ୍ ଯନ୍ତ୍ର ପ୍ରସ୍ତୁତ କରିବାକୁ ହେବ। ତାହାର ପଜିଟିଭ୍ **(positive)** ଓ ନେଗେଟିଭ୍ **(negative)** ଦୁଇଟି ପୋଲ **(pole)** ଥିବ ; ତାହାକୁ ମୃତ ବ୍ୟକ୍ତିର ଶରୀର ସହିତ ସଂଯୁକ୍ତ କରିବାକୁ ହେବ ଏବଂ ଏହି ଯନ୍ତ୍ରରୁ ଦୁଇଟି ନଳୀ **Stethoscope**ର ନଳୀ ପରି ନେଇ ମୃତବ୍ୟକ୍ତିର କର୍ଣ୍ଣ-ଗହ୍ୱରରେ ପ୍ରବେଶ କରାଇ ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ଯନ୍ତ୍ରଟିକୁ ପରିଗ୍ଲଳିତ କରିବାକୁ ହେବ। ଏହା କଲେ ମୃତ ଦେହରେ ଯୁଗପତ୍ ବିଦ୍ୟୁତ୍ ଶକ୍ତି ଏବଂ ମସ୍ତିଷ୍କରେ ସେହି ବିଦ୍ୟୁତ୍ ନଳୀଗ୍ଲଳିତ ଅନାହତ ଧ୍ୱନିର ସ୍ପନ୍ଦନ ଫଳରେ ମସ୍ତିଷ୍କକୋଷ ଉତ୍ତେଜିତ ହୁଏ। ଏହା ଫଳରେ **mechanically** ବା **artificially** (କୃତ୍ରିମଭାବରେ) ଶରୀରର ସମସ୍ତ ଯନ୍ତ୍ର ଗ୍ଲଳିତ ହୁଏ। ଏହିପରି କରୁ କରୁ ସମସ୍ତ ଯନ୍ତ୍ର ଗ୍ଲଳିତ ହେବାଦ୍ୱାରା ଦେହ ମଧ୍ୟରେ ପ୍ରାଣ ପ୍ରବାହ ସଞ୍ଚାର କରିବାକୁ ସମର୍ଥ ହୁଏ। ଥରେ ଏହି ଜୀବନୀଶକ୍ତି ସଞ୍ଚାରିତ ହୋଇଗଲେ ତାହାକୁ ସ୍ଥାୟୀ କରିବା ପାଇଁ ନାନା ଉପାୟରେ ଅଧଃଶ୍ୱତ୍ ପିତକାରୀଦ୍ୱାରା ଆବଶ୍ୟକ ଔଷଧ ପ୍ରୟୋଗ କରାଇ ଓ କ୍ରମେ ପୁଷ୍ଟିକର ପଥ୍ୟାଦି ରୋଗୀର ଶରୀର ମଧ୍ୟରେ ପ୍ରବେଶ କରାଇ ଦେବାକୁ ହେବ। ମୃତ ବ୍ୟକ୍ତି ବଞ୍ଚି ଉଠିବ।

ଏହିପରି ଚଡ଼ିଚ୍ ଓ ସତ୍ୟନାମ ମୃତଦେହରେ ପ୍ରବେଶ କରାଇ ମଲାମଣିଷ ବଞ୍ଚାଇବାର ଯନ୍ତ୍ର ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ବହୁ ଦିନରୁ ଶ୍ରୀଶ୍ରୀଠାକୁର ଏହି ପ୍ରକାର ଯନ୍ତ୍ର ଆବିଷ୍କାର ଓ ପରିଚାଳନାର Idea (ଭାବ ଓ ଯୁକ୍ତି) ପ୍ରଦାନ କରିଛନ୍ତି ।

ଶ୍ରୀଶ୍ରୀଠାକୁର ତାଙ୍କର ପ୍ରଥମ ଜୀବନରେ ଦିନେ ଦେଖିଲେ ଯେପରି ଗୋଟାଏ ସ୍ତ୍ରୀଲୋକ ଅପରୂପ ରୂପଲାବଣ୍ୟବତୀ ଷୋଡ଼ଶୀ ଯୁବତୀ । ରୂପର ତେଜରେ ଯେପରି ତାର ସର୍ବାଙ୍ଗ ଝଟକୁଛି । ନାନା ଭାବଭଙ୍ଗୀରେ ସେ ତାର କାମବାସନା ଚରିତାର୍ଥ କରିବାକୁ ଚାହୁଁଛି । ସେଥିପାଇଁ ସେ ନାନା କଳକୌଶଳ ଅବଲମ୍ବନ କରୁଥାଏ । ଶ୍ରୀଶ୍ରୀଠାକୁର ତାକୁ ମାତୃସମ୍ବୋଧନ କରୁଛନ୍ତି, ତେବେ ମଧ୍ୟ ସେ ଛାଡ଼ିବାକୁ ନାରାଜ । ଶେଷରେ ଉକ୍ତ ଯୁବତୀଟି ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ତାଙ୍କୁ ଆଲିଙ୍ଗନ କରିବାକୁ ଆଗେଇ ଆସିଲା । ଏପରି ସମୟରେ ଯେପରି ଶ୍ରୀଶ୍ରୀଜନନୀ ଉପସ୍ଥିତ ହୋଇ ନାମ କରିବାକୁ କହିଲେ । ନାମ କଲାମାତ୍ରେ ସେ ଯୁବତୀଟି କୁଆଡ଼େ ଅନ୍ତର୍ହିତ ହୋଇଗଲା ।

ପ୍ରଥମେ ପ୍ରଥମେ ମୁଁ ଯେତେବେଳେ ଠାକୁରବାଡ଼ୀକୁ ଗମନାଗମନ କରୁଥିଲି ସେତେବେଳେ ଦିନେ ହିମାଇତପୁର ସତ୍‌ସଙ୍ଗବାଟୀରେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ବସି ମନେମନେ ଚିନ୍ତା କରୁଥିଲି—"ଭକ୍ତ ସ୍ତ୍ରୀ-ପୁରୁଷଗଣ ପରସ୍ପର ଦେଖାଚାହାଁ ହୋଇ, କଥାବାର୍ତ୍ତା କରି, ମିଳିମିଶି ମଧ୍ୟ କାମଭାବକୁ ଦମନ କରନ୍ତି କିପରି ?" ଶ୍ରୀଶ୍ରୀଠାକୁର ତତ୍‌କ୍ଷଣାତ୍ କହିଲେ—"ବୁଲିବାକୁ ଯିବେ ଦାଦା ?" ମୁଁ କହିଲି—"ଯିବି ।" ସେ ମୋତେ ସଙ୍ଗରେ ନେଇ ନିକଟବର୍ତ୍ତୀ ଗୋଟିଏ ଗାଁକୁ ଗଲେ । ଗୋଟିଏ ଘର ବାହାରେ ଛିଡ଼ା ହୋଇ ଡାକିଲେ—"ଡାକ୍ତର ।" କିଶୋରୀମୋହନ ଉତ୍ତର ଦେଲେ—"ଆସନ୍ତୁ ।" ସଙ୍ଗେ ସଙ୍ଗେ କେତୋଟି ଯୁବକ-ଯୁବତୀ ଦୌଡ଼ି ଆସି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରଣାମ କଲେ ଏବଂ ତାଙ୍କ ସଙ୍ଗେ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରଣାମ କଲେ । ଶ୍ରୀଶ୍ରୀଠାକୁରଙ୍କୁ ପାଇ ସେମାନେ ଯେପରି କୋଟିନିଧି ପାଇଗଲେ । ଆନନ୍ଦାତିଶଯ୍ୟରେ ସେମାନେ କ'ଣ ଯେ କରିବେ କିଛି ଠିକ୍ କରି ପାରିଲେ ନାହିଁ ! ହାତରେ ଯେପରି ସ୍ୱର୍ଗର ଚନ୍ଦ୍ର ଖସି ପଡ଼ିଛି । ସେମାନେ କହିବାକୁ ଲାଗିଲେ—"ଆହା ! ଆଜି ଆମର କେଡ଼େ ଶୁଭଦିନ, ଆଜି ଆମର କି ସୌଭାଗ୍ୟ ; ଦୟାମୟ ଦୟାକରି ଆଜି ଘରକୁ ଆସି ତାଙ୍କର ଚରଣ ଦର୍ଶନ ଦେଇଛନ୍ତି ଏବଂ ସଙ୍ଗରେ ତାଙ୍କର ଭକ୍ତଙ୍କୁ ମଧ୍ୟ ଆଣିଛନ୍ତି । ଧନ୍ୟ ଧନ୍ୟ ଧନ୍ୟ ହେଲୁ, ଇତ୍ୟାଦି ।" ତାପରେ ସମସ୍ତେ ଘର ଭିତରକୁ ପ୍ରବେଶ କଲେ । ମୁଁ ସଙ୍ଗରେ ଥାଏ । ମୋର ସେତେବେଳେ ତମାଖୁ ଖାଇବା ଅଭ୍ୟାସ ଥିଲା । ମୁଁ ଭିତରକୁ ଯାଉ ଯାଉ ତମାଖୁ ସଜାଇ କଦଳୀପତ୍ରର ଠୋଲା କରି ମୋତେ ଆଣିଦେଲେ । ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ମୁଁ ଧୂମପାନ କରିବାକୁ ଆରମ୍ଭ କଲି । ସେମାନେ ଶ୍ରୀଶ୍ରୀଠାକୁରଙ୍କୁ ପାଇ ଯେପରି ସତକୁ ସତ ସ୍ୱୟଂ ଭଗବାନଙ୍କୁ ପାଇଛନ୍ତି ସେହିପରି ବ୍ୟବହାର କଲେ । ତାଙ୍କୁ ନେଇ କେଉଁଠି ବସାଇବେ, କ'ଣ କରିବେ, କିଛି ବୁଦ୍ଧି ଦିଶୁନାହିଁ । ଭକ୍ତିରେ ଗଦ୍‌ଗଦ ଓ ଭାବରେ ବିଭୋର ହୋଇ ତାଙ୍କୁ କାନ୍ଧରେ ବସାଇ ନାଚିବାକୁ ଲାଗିଲେ । ଆଖି ପିଛୁଳାକେ ସେମାନେ ଫୁଲମାଳା ଗୁନ୍ଥି ଶ୍ରୀଶ୍ରୀଠାକୁର, କିଶୋରୀଦା ଓ ମୋ ବେକରେ ଗୋଟିଏ ଗୋଟିଏ ଲମ୍ବାଇଦେଲେ । ପୁରୁଷମାନେ ମୋତେ କୁଣ୍ଢାଇ ଧରି ଦୟାମୟଙ୍କ ଭକ୍ତଙ୍କୁ ପାଇଛୁ କହି ନାଚି ନାଚି—"ନିଅ, ଠାକୁରଙ୍କ ଭକ୍ତଙ୍କୁ ନେଇ ଧନ୍ୟ ହୋଇଯାଅ"—ଏହା କହି ସେହି ଯୁବତୀଙ୍କର ପ୍ରତ୍ୟେକଙ୍କର କୋଳରେ ମୋତେ ନେଇ ବସାଇବାକୁ ଲାଗିଲେ । ଯୁବତୀଗଣ ମଧ୍ୟ ଆନନ୍ଦରେ ଗଦ୍‌ଗଦ ହୋଇ ନିଜକୁ ଧନ୍ୟ ମନେ କରୁଥାନ୍ତି । ସେତେବେଳେ ମୁଁ ଏକାବେଳେକେ ନିଜକୁ ହରାଇଥାଏ । କାଠପିତୁଳା ପରି ମୋର ଅବସ୍ଥା । ହାତରେ

ଥିବା ତମାଖୁ ପାତ୍ର କେଉଁଠି କେତେବେଳୁ ପଡ଼ିଗଲାଣି ଜାଣେନା । ଛାଏଁ ଛାଏଁ ପାଟିରୁ ମୋର ବାହାରି ପଡୁଥାଏ 'ମା'—'ମା' 'ମା' । ଏକ ଅପୂର୍ବ ସମ୍ମିଳନ । ଯେପରି ଭକ୍ତ-ଭଗବାନ, ସ୍ୱାମୀ-ସ୍ତ୍ରୀ, ମାତା-ପୁତ୍ରର ସମ୍ମିଳନ । ଯେପରି ନୂତନ ଯୁଗର ନୂତନ ରାସଲୀଳା ! ସେତିକିବେଳେ ମୁଁ ବୁଝି ପାରିଲି, ଭକ୍ତ ପୁରୁଷ ଓ ଭକ୍ତ ରମଣୀ ନିକଟରେ କାମରିପୁ କିପରି ଜବତ ହୋଇଥାଏ । ଯେଉଁ ହୃଦୟରେ ଯେଉଁ ସମୟରେ ଭଗବାନଙ୍କର ସିଂହାସନ, ଯେଉଁ ହୃଦୟରେ ଯେଉଁ ସମୟରେ ଭକ୍ତର ସ୍ଥାନ, ସେ-ହୃଦୟରେ ସେତେବେଳେ କାମ ସ୍ଥାନ ଲାଭ କରିବାରେ ଅସମର୍ଥ । ସେତେବେଳେ ମୁଁ ମୋର ମନୋଗତ ପ୍ରଶ୍ନର ଉତ୍ତର ସ୍ୱତଃ ପାଇଗଲି । ଏହି ସମୟରେ ଶ୍ରୀମଦ୍ ଅବଧୂତ ସ୍ୱାନାନନ୍ଦ ଦେବଙ୍କର ଜଣେ ଶିଷ୍ୟ ପାବନାର କାଶୀନାଥପୁର ନିବାସୀ ଶ୍ରୀଯୁକ୍ତ ଜଗତ୍‌କୁମାର ସରକାର ସେଠାରେ ଆସି ପହଞ୍ଚିଲେ । ସେ ଏସବୁ ଦେଖି ଭାବରେ ବିଭୋର ହୋଇ ପ୍ରେମାଶ୍ରୁ ବିସର୍ଜନପୂର୍ବକ କାନ୍ଦି କାନ୍ଦି ଆକୁଳ ହୋଇ ଉଠିଲେ ଏବଂ "ମା, ମା, କୋଳକୁ ନିଅ ମା"—କହି ନୃତ୍ୟ କରିବାକୁ ଲାଗିଲେ । ସେତେବେଳେ ଜଣେ ମା ଆସି ତାଙ୍କୁ କୋଳରେ ନେଇ ବସିଲେ । ପରସ୍ପର ସମସ୍ତେ ଧନ୍ୟ ହେଲେ । ଶ୍ରୀଶ୍ରୀଠାକୁର ଆମକୁ ନେଇ ଅନ୍ୟ ଆଡ଼େ ଚାଲିଲେ । ବାଟରେ ଯାଉ ଯାଉ ଶ୍ରୀଶ୍ରୀଠାକୁର କହିଲେ—"ଧିକ୍ ମୋର ବ୍ରାହ୍ମଣତ୍ୱରେ । ଏମାନେ ହିଁ ପ୍ରକୃତ ବ୍ରାହ୍ମଣ । ଏମାନେ ଥିଲେ ଜଙ୍ଗଲୀ । ଘୁଷୁରି ମାରି ଖାଉଥିଲେ । କିନ୍ତୁ ଆଜି ସେମାନେ ନିରାମିଷଭୋଜୀ ପରମଭକ୍ତ । ଏମାନେ ହିଁ ପ୍ରକୃତ ଭକ୍ତ, ପ୍ରକୃତ ବ୍ରାହ୍ମଣ ।" କିଛି ସମୟପରେ ମୁଁ ଶ୍ରୀଶ୍ରୀଠାକୁରଙ୍କୁ କହିଲି—"କାମଗନ୍ଧହୀନ ବ୍ରଜଲୀଳା କ'ଣ ଏହିପରି ?" ସେ ଟିକିଏ ହସିଲେ । ମୁଁ କହିଲି, "ଏହି କ'ଣ ତେବେ ମୋର ଅନ୍ତରର ପ୍ରଶ୍ନର ଉତ୍ତର ?" ସେ କେବଳ ଟିକିଏ ମୁରୁକି ହସିଲେ ।

କାମଦମନ ସମ୍ବନ୍ଧରେ ମୋର ନିଜର ପ୍ରତ୍ୟକ୍ଷ ଘଟଣା

(୧) ମୁଁ ନିଜେ ଆଖିରେ ଦେଖିଛି ଯେ, କେହି ଜଣେ ଭଦ୍ରଲୋକ (ଡାକ୍ତର) ଓ ତାଙ୍କର ସହଧର୍ମିଣୀ ଶ୍ରୀଶ୍ରୀଠାକୁରଙ୍କ ଆଶ୍ରୟ ଗ୍ରହଣପୂର୍ବକ ଖୁବ୍ ନାମଧ୍ୟାନ କରିବାକୁ ଲାଗିଲେ । ସେମାନେ ଯେତେ ଯେତେ ନାମ-ସାଧନା କଲେ, ସେତିକି ସେମାନଙ୍କର କାମ ପ୍ରବୃତ୍ତି ହ୍ରାସ ପାଇଲା । ଉଭୟ ଏକତ୍ର ଶୟନୋପବେଶନାଦି କଲେ ମଧ୍ୟ କାମଭାବର ଆଦୌ ଉଦ୍ରେକ ହେଲା ନାହିଁ । ଏହିପରି ଭାବରେ ଛଅମାସ ଗତ ହୋଇଯିବା ପରେ ସେମାନେ ଭାବିଲେ—କ'ଣ କିଛି ରୋଗ ହେଲା କି ? ସେତେବେଳେ ସେହି ଭଦ୍ରଲୋକ ହିମାଇତପୁର ଯାଇ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ନିବେଦନ କଲେ—"ଠାକୁର, ସେଟା ତ ଏକେବାରେ ଭୁଲ୍ ହୋଇଯାଇଛି । କୌଣସି ରୋଗ ହୋଇନାହିଁ ତ ? ସେ କହିଲେ—"ଏହି ନାମରେ ସେପରି ଭୁଲ ହୁଏ । ନାମରେ ଉକ୍ତ ପ୍ରକାର ଆଶ୍‌ଚର୍ଯ୍ୟ ଫଳ ହୁଏ, ରୋଗ ନୁହେଁ, ବର୍ତ୍ତମାନ ନାମ କମ୍ କରନ୍ତୁ, ସେଟା ପୁଣି ଜାଗି ଉଠିବ ।" ତାପରେ କିଛି ଦିନ ସେମାନଙ୍କର ନାମଜପରେ ଶିଥିଳତା ଆସିବାରୁ ପୁଣି ସେହି କାମଭାବ ଜାଗି ଉଠିଲା । ଶ୍ରୀଶ୍ରୀଠାକୁରଙ୍କୁ ଏହି କଥା ଜଣାଇ ଦିଆଗଲା । ସେ କହିଲେ—"ନାମ ଜପିବା ଉପରେ ଜୋର୍ ଦିଅ, ଦେଖିବ ଏଟା କମିଯିବ ।" ସେମାନେ ରୀତିମତ ନାମ ଜପିବାରୁ ଉକ୍ତଭାବ ପ୍ରଶମିତ ହେଲା ।

(୨) ଏହି ସମୟରେ ଦିନେ ସେହି ଭଦ୍ରଲୋକ କୁଷ୍ଟିୟାର ଧନୀ ମାରୁଆଡ଼ୀ ମହାଜନ ବାବୁ ଲକ୍ଷ୍ମୀଚାନ୍ଦ ଅଗ୍ରୱାଲାଙ୍କ ପୋଖରୀ ବାଟ ଦେଇ ରୋଗୀ ଦେଖିବାକୁ ଯାଉଥିଲେ । ସେହି ସମୟରେ ପୋଖରୀରେ ସ୍ନାନ କରୁଥିବା ଜଣେ ପରମାସୁନ୍ଦରୀ ପିନୋନ୍ନତପୟୋଧରା ଷୋଡ଼ଶୀ ଯୁବତୀ ତାଙ୍କର

ନୟନଗୋଚର ହେଲା। ରମଣୀର ମୁଖମଣ୍ଡଳ ଓ ପୟୋଧରଯୁଗଳ ଅନାବୃତ। ସେ ନିର୍ଜନରେ ଅନ୍ୟମନସ୍କଭାବରେ ସ୍ନାନ କରୁଥାଏ। ଆଶ୍ଚର୍ଯ୍ୟର କଥା, ଯୁବତୀଟିକୁ ଦେଖିଲାମାତ୍ରେ ଅଜ୍ଞାତସାରରେ ଏବଂ ବିନା ଚେଷ୍ଟାରେ ଉକ୍ତ ଭଦ୍ରଲୋକଙ୍କର ନାଭିମୂଳରୁ 'ମା' ଶବ୍ଦ ଉତ୍‌ଥିତ ହୋଇ ମୁଖବିବର ଦ୍ୱାରା ନିର୍ଗତ ହୋଇ ପଡ଼ିଲା। ସେ ଆଶ୍ଚର୍ଯ୍ୟାନ୍ୱିତ ହେଲେ। ମନରେ କାମଭାବର ଲେଶମାତ୍ର ବି ଉଦିତ ନ ହୋଇ ମାତୃଭାବର ଉଦୟ ଯୋଗୁଁ ହୃଦୟ ଆନନ୍ଦରେ ଭରିଗଲା। ସେ ସତ୍ୟନାମ-ମାହାତ୍ମ୍ୟ ବୁଝିପାରିଲେ।

(୩) ଉକ୍ତ ଭଦ୍ରଲୋକ ଅନ୍ୟ ଏକ ଦିନରେ ଗଡ଼ାଇ ନଦୀରେ ସ୍ନାନ କରି ଘରକୁ ଆସୁଛନ୍ତି, ଏପରି ସମୟରେ ଦେଖିବାକୁ ପାଇଲେ ଏକ କୋଠାର ଛାତ ଉପରେ ଗୋଟିଏ ସୁନ୍ଦରୀ ଯୁବତୀ ଦଣ୍ଡାୟମାନା। ରମଣୀର ବକ୍ଷସ୍ଥଳ ଅନାବୃତ, ପୟୋଧରଯୁଗଳ ପ୍ରତି ଦୃଷ୍ଟିପତିତ ହେବାମାତ୍ରେ ତାଙ୍କର ନୟନଯୁଗଳରୁ ଅବିରଳଧାରାରେ ଅଶ୍ରୁପାତ ହୋବାକୁ ଲାଗିଲା। ସେ ଭାବିବାକୁ ଲାଗିଲେ, ହାୟ, ଭଗବାନ୍ ! ତୁମର କି ଲୀଳା ! ଏହି ପୟୋଧରର କି ପୌନ୍ଦର୍ଯ୍ୟ। କି ସୁନ୍ଦର ତୁମର ନିର୍ମାଣ କୌଶଳ ! ଏଥିରେ ରକ୍ତ-ମାଂସ, ଗ୍ରନ୍ଥି **(gland)** ଓ ଦୁଗ୍ଧନାଳୀ ବର୍ତ୍ତମାନ। ଦେଖିବାକୁ କେତେ ସୁନ୍ଦର ! ଏଥିରେ ପୁରୁଷର କରସ୍ପର୍ଶରେ କାମୋଦ୍ରେକ ହୋଇଥାଏ। ପୁରୁଷ କାମଭାବରେ ଏହା ପ୍ରତି ଦୃଷ୍ଟି ନିକ୍ଷେପ କରେ ଓ ଆକୃଷ୍ଟ ହୁଏ, ପୁଣି ସେଥିରେ ସନ୍ତାନ-କରସ୍ପର୍ଶରେ ସ୍ନେହରସୋଦ୍ରେକ ହୋଇଥାଏ। ସନ୍ତାନ ଜନ୍ମଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ହିଁ ଏହି ସ୍ତନର ରକ୍ତ ଅମୃତମୟ ପୀୟୁଷରେ ପରିଣତ ହୋଇଥାଏ। ସନ୍ତାନ ଏହି ଅମୃତଭଣ୍ଡାରରେ ହସ୍ତାର୍ପଣ କରେ ମନର ଉଲ୍ଲାସରେ, ଦେବଭାବରେ। କି ସୁନ୍ଦର କୌଶଳ ! ଏହାର ଯେ ରଚୟିତା, ଏହାର ଯେ ସ୍ରଷ୍ଟା, ସେ ପୁଣି କେତେ ସୁନ୍ଦର, କେତେ ଦୟାମୟ। ଆହା ! ପୂର୍ବେ ଆମେ ଏହିପରି ନ ଭାବି ରମଣୀର ପୟୋଧର-ଦର୍ଶନରେ କାମଭାବ ହୃଦୟରେ ଅନୁଭବ କରୁଥିଲୁ। ଯେତେବେଳେ ଅନ୍ୟ ପ୍ରଣାଳୀକ୍ରମେ ସାଧନା କରୁଥିଲୁ ସେତେବେଳେ ତ ମନର ଗତି ଏପରି ହୋଇନାହିଁ। ସତ୍ୟନାମ ଗ୍ରହଣ ପରଠାରୁ ଏହିଭାବ ମନରେ ଉପସ୍ଥିତ ହୋଇଛି।

ଯଦି କାମଭାବ ତ୍ୟାଗ କରି ହୃଦୟରେ ପ୍ରେମଭାବ ଜାଗ୍ରତ କରିବାକୁ ଇଚ୍ଛା ହୁଏ, ତେବେ ସତ୍ୟନାମକୁ ଆଶ୍ରୟ କରିବାକୁ ହେବ। ଗୀତିମତ ସତ୍ୟନାମ କଲେ କାମିନୀ ଜନନୀ ହେବେ।

କେହି କେହି ଏହି ସ୍ଥଳରେ କହି ପାରନ୍ତି, ଏହି ସତ୍ୟନାମ ବ୍ୟତୀତ କ'ଣ ଅନ୍ୟ ନାମ କଲେ ଉକ୍ତରୂପେ ଫଳଦୁଏନା ? ଆମେ ଆମର ନିଜର ଅଭିଜ୍ଞତା ଓ ଅନେକ ମହାପୁରୁଷଙ୍କ ଅଭିଜ୍ଞତାର ଫଳ ବିଶ୍ୱସ୍ତଭାବରେ ଅବଗତ ହୋଇ କହୁନୁ—ସକଳ ପ୍ରକାର ନାମରେ ଫଳପ୍ରାପ୍ତି ହୋଇପାରେ, କିନ୍ତୁ ଏହି ନାମରେ ଆଶୁ ଏବଂ ଅଧିକ ସ୍ଥାୟୀ ଫଳ ହେବାର ଦେଖାଯାଇଛି। କୌଣସି କୌଣସି ନାମଜପ ଓ ସେହି ମନ୍ତ୍ର ଜପଧ୍ୟାନର ବିଷୟ ଚିନ୍ତା ଦ୍ୱାରା କାମ ଦମନ ତ ହୁଏ ନା ବରଂ କାମ ଉତ୍ତେଜିତ ହୋଇଥାଏ। ପରେ ସେ ବିଷୟରେ ଆଲୋଚନା କରିବାର ଇଚ୍ଛା ରହିଲା।

୨୪

ଶ୍ରୀଶ୍ରୀଠାକୁରଙ୍କ ଦେହରେ ଶ୍ରୀଶ୍ରୀକାଳୀମୂର୍ତ୍ତି ଦର୍ଶନ

ପାବନାର କାଶୀପୁରରେ ଶ୍ରୀଶ୍ରୀଠାକୁରଙ୍କର ମହାଭାବାବସ୍ଥା ହୋଇଛି। ଭାବବାଣୀ ନିର୍ଗତ ହେଉଅଛି। ତଦବସ୍ଥାରେ ସେ ଶ୍ରୀ କୃଷ୍ଣଚନ୍ଦ୍ର ଦାସଙ୍କ ପିତାମହୀ ଶ୍ରୀଯୁକ୍ତେଶ୍ୱରୀ ବାମାସୁନ୍ଦରୀଙ୍କୁ ଡାକିଲେ। ବାମାସୁନ୍ଦରୀ ସେଠାକୁ ଆଗମନ କରି ତାଙ୍କରି ଇଷ୍ଟମୂର୍ତ୍ତି ଆଲୁଲାୟିତ କୁନ୍ତଳା ଶ୍ରୀଶ୍ରୀକାଳୀମାତାଙ୍କୁ ଦର୍ଶନ କଲେ। କିଛିକ୍ଷଣ ପରେ ଦେଖିଲେ ଶ୍ରୀଶ୍ରୀଠାକୁର ମହାଭାବାବସ୍ଥାରେ ଶାୟିତ।

ବାଳଗୋପାଳ-ମୂର୍ତ୍ତିରେ ଶ୍ରୀଶ୍ରୀଠାକୁର

ଦିନେ ସଂଧ୍ୟାପରେ ଉକ୍ତ କର୍ତ୍ତାମା (ବାମାସୁନ୍ଦରୀ) ଗୃହ ମଧ୍ୟରେ ଶ୍ରୀଶ୍ରୀକାଳୀମାତାଙ୍କ ପଟମୂର୍ତ୍ତି ସମ୍ମୁଖରେ ବସି ସଂଧ୍ୟା କରୁଛନ୍ତି। ଗୃହମଧ୍ୟରେ ଆଲୋକ ଜଳୁଛି। ସମ୍ମୁଖରେ ଗୋଟିଏ ସୁନ୍ଦର ବାଳକକୁ ମାଟିରେ ଗୋଟିଏ ହାତରଖି ଆଣ୍ଠୋଇ ବସିଥିବାର ସେ ଦେଖିବାକୁ ପାଇଲେ। ବାଳକଟିକୁ ସେ ଚିହ୍ନି ପାରିଲେ ନାହିଁ। ତାଙ୍କର ପାର୍ଶ୍ୱରେ ଅନ୍ୟ ଏକ ବାଳକ। ତାକୁ ସେ ଚିହ୍ନି ପାରିଲେ। ସେ ମହାରାଜ। ସେହି ବାଳକରୂପୀ ମହରାଜଙ୍କୁ ବାମାସୁନ୍ଦରୀ ଜିଜ୍ଞାସା କଲେ—"ସେ ବାଳକଟି କିଏ ?" ମହାରାଜରୂପୀ ବାଳକ କହିଲେ—"ଇଏ.....(ଶ୍ରୀଶ୍ରୀଠାକୁର)।" ସେତେବେଳେ ବାଳଗୋପାଳରୂପୀ ଶ୍ରୀଶ୍ରୀଠାକୁରଙ୍କୁ ବାମାସୁନ୍ଦରୀ କହିଲେ—"ତୁମେ କ'ଣ ଖାଇବ ? ତୁମକୁ ଖାଇବାକୁ କ'ଣ ଦେବି ?" ସେ କହିଲେ—"ଯାହା ଥିବ ତାହା ଦିଅ।" ଏହାପରେ କ'ଣ ହେଲା ପ୍ରକାଶ ନାହିଁ। ବାମାସୁନ୍ଦରୀ କିଛିକ୍ଷଣ ସଂଜ୍ଞାହୀନା ନିସ୍ପନ୍ଦବତ୍ ରହି ଚୈତନ୍ୟଲାଭ କରି ଦେଖିଲେ ତାଙ୍କ ନିକଟରେ କେହି ନାହିଁ।

କୌଣସି ଏକ ବାରିଷ୍ଟର-ପତ୍ନୀ ଶ୍ରୀଶ୍ରୀଠାକୁରଙ୍କୁ ବାଳଗୋପାଳ-ମୂର୍ତ୍ତିରେ ଓ ଶ୍ରୀଶ୍ରୀଗୌରାଙ୍ଗ-ମୂର୍ତ୍ତିରେ ଦର୍ଶନ ପାଇଥିଲେ ତାହା ପୂର୍ବେ ଉଲ୍ଲିଖିତ ହୋଇଛି।

ଶ୍ରୀଶ୍ରୀଠାକୁରଙ୍କୁ ଶ୍ରୀଶ୍ରୀଗୌରାଙ୍ଗ ରୂପରେ ଦର୍ଶନପ୍ରାପ୍ତି

ଜଗତୀ ରେଳଷ୍ଟେସନ ନିକଟସ୍ଥ ବାଡ଼ାଦୀ ଗ୍ରାମରେ କୁଷ୍ଟିୟାର ଭୂତପୂର୍ବ ରେଲ୍‌ୱେ ସୁପରିଣ୍ଟେଣ୍ଡାଇଜର୍ ଅଫ୍ ୱାର୍କସ୍—ଶ୍ରୀଯୁକ୍ତ ବାବୁ ଶ୍ରୀଶଚନ୍ଦ୍ର ନନ୍ଦୀ ଶ୍ରୀଶ୍ରୀଠାକୁରଙ୍କୁ ଶ୍ରୀଶ୍ରୀଗୌରାଙ୍ଗରୂପରେ ଦର୍ଶନପ୍ରାପ୍ତ ହୋଇ ଆନନ୍ଦରେ ଅଶ୍ରୁବର୍ଷଣ କରିଥିଲେ। ଆମେ ସେହି ସମୟରେ ସେଠାରେ ଉପସ୍ଥିତ ଥିଲୁ।

ଶ୍ରୀଶ୍ରୀଠାକୁରଙ୍କ ଦେହରେ କୃଷ୍ଣକାଳୀମୂର୍ତ୍ତି ଦର୍ଶନ

ଖୋକପାଟାନିପୁରରେ ଶ୍ରୀଯୁକ୍ତ ବାବୁ ପୂର୍ଣ୍ଣଚନ୍ଦ୍ର ସାହା ଓକିଲ ମହାଶୟଙ୍କ ଘରେ ନାମ-ସଂକୀର୍ତ୍ତନ ହେଉଛି। ଶ୍ରୀଶ୍ରୀଠାକୁର କୀର୍ତ୍ତନରେ ନୃତ୍ୟ କରୁଛନ୍ତି। ଚତୁର୍ଦ୍ଦଶ ଉଚ୍ଚ ଇଂରାଜୀ ବିଦ୍ୟାଳୟର ତଦାନୀନ୍ତନ ପ୍ରଧାନ-ଶିକ୍ଷକ ଶ୍ରୀଯୁକ୍ତ ବାବୁ ଯୋଗେନ୍ଦ୍ରନାଥ ସରକାର ଏମ୍.ଏ.ବି.ଏଲ୍., ବର୍ତ୍ତମାନ କୁଷ୍ଟିୟାର ଓକିଲ, ହଠାତ୍ କୀର୍ତ୍ତନ ମଧ୍ୟରେ କାନ୍ଦି ଆକୁଳ ହେଲେ। ଇତି ପୂର୍ବରୁ ସେ ବଡ଼ କିଛି ମାନୁ ନଥିଲେ। କୀର୍ତ୍ତନକୁ ବେଶୀ ଯାଉ ନଥିଲେ। କୀର୍ତ୍ତନ ସମୟରେ ଲୋକଙ୍କର ନାନା ପ୍ରକାର ଭାବ ହେବା ବା ଅଶ୍ରୁପାତ ପ୍ରଭୃତି ମାନସିକ ଦୁର୍ବଳତା ମନେ କରୁଥିଲେ। ତାଙ୍କର ଏହି କ୍ରନ୍ଦନର କାରଣ ଜିଜ୍ଞାସା କରିବାରୁ ପ୍ରଥମେ କିଛି କହିବାକୁ ଚାହିଁଲେ ନାହିଁ। ବିଶେଷ ଅନୁରୋଧ କରିବାରୁ ପରେ କହିଲେ ଯେ, ସେ କୀର୍ତ୍ତନ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କୁ ସ୍ୱପ୍ନଭାବରେ କୃଷ୍ଣକାଳୀମୂର୍ତ୍ତିରେ ଦର୍ଶନ କଲେ। ସେ ଅନେକ ଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ ଉକ୍ତ ଦର୍ଶନର ରୂପାନ୍ତର ଘଟାଇ ପାରିନାହାଁନ୍ତି।

ସେତେବେଳେ ହୃଦୟର ଭାଗବଭକ୍ତିର ଠାକୁରଙ୍କ ପରେ ହିଁ ସେହି ଭାବ ଓ ଅଶ୍ରୁପାତ ହୋଇଥିଲା । ଏପରି ଆହୁରି ଅନେକ ଘଟଣା ଅଛି, ପରେ ପ୍ରକାଶ କରାଯିବ ।

କାଶୀର ବିଶ୍ୱେଶ୍ୱରଙ୍କ ମୂର୍ତ୍ତିରେ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ

ରାଣାଘାଟ ନିବାସୀ ଶ୍ରୀଯୁକ୍ତ ବାବୁ ମନୋହରଚନ୍ଦ୍ର ବସୁ-ମହାଶୟ, ଦିନେ କହିଲେ ଯେ, ତାଙ୍କର ଭଗ୍ନୀ କାଶୀରେ ଶ୍ରୀଶ୍ରୀବିଶ୍ୱେଶ୍ୱରଙ୍କ ମନ୍ଦିରରେ ବିଶ୍ୱେଶ୍ୱରଙ୍କ ମସ୍ତକରେ ଦୁଧ ଓ ଜଳ ଢାଳିବାକୁ ଯାଇ ଦେଖିଲେ, ସେହି ବିଶ୍ୱେଶ୍ୱରଙ୍କ ମୂର୍ତ୍ତି ଉପରେ ଶ୍ରୀଶ୍ରୀଠାକୁର ବସି ରହିଛନ୍ତି । ସେତେବେଳେ ଠାକୁରଙ୍କ ଶରୀର ଚିତି ଯିବ ବୋଲି ଚୁପ୍‌କରି ଠିଆ ହୋଇ ରହିଲେ । ସମସ୍ତେ କହିଲେ, ସେ କ'ଣ କରୁଛ, ବାବା ବିଶ୍ୱେଶ୍ୱରଙ୍କ ମସ୍ତକରେ ଦୁଧ-ଜଳ ଅର୍ପଣ କର, କିନ୍ତୁ ସେ ଆଉ ତାହା କରି ନ ପାରି ଫେରି ଆସିଲେ । ଏହି ମାତାଠାକୁରାଣୀଙ୍କର ନିବାସ କଲିକତାର ଶ୍ୟାମବଜାରରେ ।

ଶ୍ରୀଶ୍ରୀଠାକୁରଙ୍କୁ ସ୍ପର୍ଶ କରିବାର ଫଳ

କୌଣସି ବ୍ୟକ୍ତି ଶ୍ରୀଶ୍ରୀଠାକୁରଙ୍କୁ ସ୍ପର୍ଶ କଲେ ତାହାର ଶରୀରରେ ଆଶ୍‌ଚର୍ଯ୍ୟ ଅନୁଭୂତି ହୋଇଥାଏ । ତାଙ୍କୁ ସ୍ପର୍ଶ କଲେ ସ୍ପର୍ଶକାରୀ ବ୍ୟକ୍ତିର ତଦାନୀନ୍ତନ ମନର ଭାବ ଯେପରି ଥାଏ ସେହି ଭାବ ବୃଦ୍ଧି ପାଇଥାଏ । କାମଭାବ ଥିଲେ ସେ କାମଭାବର ପରିବର୍ଦ୍ଧନ ଅନୁଭବ କରିପାରେ । କେହି ଯଦି କୁଟିଳତା, ଅବିଶ୍ୱାସ ଓ ସନ୍ଦେହଭାବ ନେଇ ଉପସ୍ଥିତ ହୁଏ, ସେ କିଛି ବି ଅନୁଭବ କରି ପାରେ ନାହିଁ । ବହୁ ଲୋକଙ୍କ ନିକଟରୁ ଆମେ ବିଶ୍ୱସ୍ତସୂତ୍ରରୁ ଅବଗତ ହୋଇଛୁ, ଏବଂ ନିଜେ ମଧ୍ୟ ପ୍ରତ୍ୟକ୍ଷ କରି ଦେଖିଛୁ—ଯେ ଯେପରି ହୃଦୟର ଭାବ ନେଇ (ପ୍ରକାଶ୍ୟ ବା ଅପ୍ରକାଶ୍ୟ) ତାଙ୍କ ନିକଟରେ ଉପସ୍ଥିତ ହୁଏ, ସ୍ପର୍ଶମାତ୍ରେ ତାହାର ସେହି ଭାବର ପରିବର୍ଦ୍ଧନ ହୋଇଥାଏ । କେବେ କେବେ ବା କେହି କିଛି ଅନୁଭବ କରି ପାରନ୍ତି ନାହିଁ । ତାଙ୍କୁ ସ୍ପର୍ଶ କଲେ ଏପରି ଭାବର ପରିବର୍ଦ୍ଧନ ଦ୍ୱାରା ତାଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ କିଛି ଅନୁମାନ କରାଯାଇପାରେ ।

(୧) କଲିକତା ଆଲିପୁରର ଜନୈକ ଓକିଲ ଶ୍ରୀଯୁକ୍ତ ବାବୁ କାନାଇଲାଲ ଗଙ୍ଗୋପାଧ୍ୟାୟ-ମହାଶୟ ଦିନେ ମୋର କୁଷ୍ଟିୟାସ୍ଥିତ ବାସଗୃହରେ ଡିସ୍‌ପେନ୍‌ସରିରେ ବସି ଶ୍ରୀଯୁକ୍ତ ଡାକ୍ତର ଗୋପାଳବାବୁଙ୍କୁ କହିଲେ—"କଲିକତାରେ ଶ୍ରୀଶ୍ରୀଠାକୁରଙ୍କୁ ସ୍ପର୍ଶ କରି ମୋ ମଧ୍ୟରେ କିପରି ଗୋଟିଏ ସ୍ପନ୍ଦନାନୁଭୂତି **(Thrilling Sensation)** ଓ ଅତ୍ୟନ୍ତ ଆନନ୍ଦ ହୋଇଥିଲା । ଏହି ପୃଥିବୀରେ ଯେତେ ପ୍ରକାର ଆନନ୍ଦ ହୋଇପାରେ—ପ୍ରଭୂତ ଅର୍ଥଲାଭ, ପୁତ୍ରଲାଭ, ସ୍ତ୍ରୀସଙ୍ଗ ଇତ୍ୟାଦି ସକଳ ପ୍ରକାର ଆନନ୍ଦ ଅପେକ୍ଷା ତାହା ଅନେକ ଅଧିକ । ମୋର ସେହି ଅବସ୍ଥା ୭।୮ ଦିନ ପର୍ଯ୍ୟନ୍ତ ବର୍ତ୍ତମାନ ଥିଲା ।

(୨) ନଳଡାଙ୍ଗା ରାଜଷ୍ଟେଟ୍‌ର କୁଷ୍ଟିୟାର ଜଣେ କର୍ମଗ୍ରୀ ଶ୍ରୀଯୁକ୍ତ ବାବୁ ଆଶୁତୋଷ ମିତ୍ର-ମହାଶୟ ଆମ ସମ୍ମୁଖରେ ଶ୍ରୀଶ୍ରୀଠାକୁରଙ୍କୁ ସ୍ପର୍ଶ କରିବା ମାତ୍ରେ ମୂର୍ଚ୍ଛିତ ହୋଇ ପଡ଼ିଥିଲେ । ମୂର୍ଚ୍ଛା ଅପନୋଦିତ ହେବା ପରେ କହିଥିଲେ ଯେ, ସେ ଅବସ୍ଥା ସେ ଭାଷାରେ ପ୍ରକାଶ କରିପାରନ୍ତିନାହିଁ । ସେ ଏକ ଅସୀମ ଆନନ୍ଦ ।

(୩) ମୋର ମଧ୍ୟମ ଭ୍ରାତା ଯଶୋହର ଜିଲ୍ଲାର ଶୈଲକୁମାର ବର୍ତ୍ତମାନ ଡାକ୍ତର ଶ୍ରୀମାନ୍ କ୍ଷୀରୋଦେଶ୍ୱର ଜୋୟାରଦାର ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କୁ ମାନୁ ନଥିଲେ । ଦିନେ କୁଷ୍ଟିୟାରେ ପ୍ରଥମ

ଦର୍ଶନକାଳରେ ତାଙ୍କୁ ପ୍ରଣାମ କରିବାକୁ ଯାଇ ସ୍ପର୍ଶ କରିବା ମାତ୍ରେ ମୂର୍ଚ୍ଛିତ ହୋଇ ପଡ଼ିଲେ । ବହୁ ଲୋକଙ୍କ ସାକ୍ଷ୍ୟରେ ଡାକ୍ତର ଗୋକୁଳବାବୁ ତାଙ୍କୁ ଘଟଣା କ'ଣ ଜିଜ୍ଞାସା କରିବାରୁ ସେ କହିଲେ—"ସ୍ପର୍ଶମାତ୍ରେ ଶରୀର ମଧ୍ୟରେ ଯେପରି ଝଙ୍କାର ଦେଇଉଠିଲା । ଗୋଟିଏ ଚମତ୍କାର ଜ୍ୟୋତିଃ ଦର୍ଶନ କଲି, ଅତ୍ୟନ୍ତ ଆନନ୍ଦବୋଧ ହେଲା, ତାପରେ କ'ଣ ହେଲା କିଛି ମନେ ରଖିପାରି ନାହିଁ ।"

(୪) ଭବାନୀବାବୁଙ୍କ କଥା ସପ୍ତମ ଓ ଏକାଦଶ ଅଧ୍ୟାୟରେ ଦ୍ରଷ୍ଟବ୍ୟ । ସ୍ପର୍ଶରେ ବିନା ଆଲୋକରେ ଆଲୋକିତ ହେବା ।

(୫) ଦୁର୍ଗାନାଥବାବୁଙ୍କ କଥା ଏକାଦଶ ଅଧ୍ୟାୟରେ ଦ୍ରଷ୍ଟବ୍ୟ ।

(୬) ଏକ ସମୟରେ କୁଷ୍ଟିୟାରେ ତଦାନୀନ୍ତନ ଜଣେ ମୁନ୍‌ସଫ୍‌ବାବୁଙ୍କ ପିତା ଶ୍ରୀଶ୍ରୀଠାକୁରଙ୍କ ପଦସ୍ପର୍ଶ କରି ଚିତ୍କାର କରି କହି ଉଠିଲେ—"ଓଃ ! ମହାଶୟ, ଆପଣଙ୍କ ମଧ୍ୟରେ ତ ଭୟାନକ ମାଗ୍‌ନେଟିଜମ୍ (ଚୁମ୍ବକ ଶକ୍ତି) ଦେଖିବାକୁ ପାଉଛି ।

(୭) ୧୩୨୬ ସାଲର ଜ୍ୟେଷ୍ଠ ମାସର ପହିଲା ତାରିଖରେ ଇଷ୍ଟର୍ଣ୍ଣବେଙ୍ଗଲ ରେଲ୍‌ୱେର ଖୋକସା ଷ୍ଟେସନରେ ସେଠାକାର ତାରବାବୁ **(signaller)** ଯଶୋହର ରାଜପୁର-ନିବାସୀ ଶ୍ରୀଯୁକ୍ତବାବୁ ମହେନ୍ଦ୍ରନାଥ ଘୋଷ-ମହାଶୟ ପ୍ରଣାମ ସମୟରେ ଶ୍ରୀଶ୍ରୀଠାକୁରଙ୍କ ପଦସ୍ପର୍ଶ ମାତ୍ରେ ମୂର୍ଚ୍ଛିତ ହୋଇପଡ଼ିଲେ । ଜାନିପୁରର ଡାକ୍ତର ଶ୍ରୀଯୁକ୍ତ ବାବୁ ଯତୀନ୍ଦ୍ରମୋହନ ରାୟ-ମହାଶୟ ତାଙ୍କୁ ଧରି ଉଠାଇଲେ । ମୂର୍ଚ୍ଛାପନୋଦିତ ହେବା ପରେ ଜିଜ୍ଞାସା କରିବାରୁ ସେ କହିଲେ, ସେ ଶ୍ରୀଶ୍ରୀଠାକୁରଙ୍କ ସ୍ପର୍ଶରେ ଅଦ୍ଭୁତ ଜ୍ୟୋତିଃ ଓ ଦୈବଦର୍ଶନ କରିଥିଲେ ।

(୮) ୧୩୨୫ ସାଲର କାର୍ତ୍ତିକ ମାସରେ କଲିକତା ମାଣିକତଲା ଷ୍ଟ୍ରାଟ୍‌ର ଶ୍ରୀଯୁକ୍ତ ବାବୁ ଶରତଚନ୍ଦ୍ର ଦେ-ମହାଶୟଙ୍କୁ ବରାହନଗରର ଗଙ୍ଗାତୀରସ୍ଥ ବାଗାନ୍-ବାଟୀରେ ଆଲିପୁରର ଭୂତପୂର୍ବ ଜଣେ ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀଶ୍ରୀଠାକୁରଙ୍କୁ ସ୍ପର୍ଶମାତ୍ରେ କାନ୍ଦି ଆକୁଳ ହେଲେ ଓ କେତେ କ'ଣ ସ୍ତବ-ସ୍ତୁତି କଲେ ।

ପୁରୁଷର ସ୍ତ୍ରୀତ୍ୱ ଅନୁଭୂତି

ଏକ ସମୟରେ ଶ୍ରୀଶ୍ରୀଠାକୁରଙ୍କର ଏପରି ଅବସ୍ଥା ଆସିଥିଲା ଯେ, ମାତୃଭାବ ଚିନ୍ତା କରୁ କରୁ ମାତୃଭାବ ଉଦୟ ହୋଇଥିଲା । ସେହି ସମୟରେ ଅନେକେ ଦେଖିଛନ୍ତି ତାଙ୍କର ସ୍ତନରେ ଦୁଗ୍ଧ ହୋଇଥିଲା । ସେତେବେଳେ ତାଙ୍କର ଛାତି ଚିପିଲେ ଦୁଗ୍ଧ ନିର୍ଗତ ହେଉଥିଲା । ସେହି ସମୟରେ ତାଙ୍କ ମଧ୍ୟରେ ସ୍ତ୍ରୈଣସୁଲଭ ସକଳ ଭାବର ପୂର୍ଣ୍ଣତା ଦୃଷ୍ଟ ହୋଇଥିଲା ।

ଶ୍ରୀଶ୍ରୀଠାକୁରଙ୍କର ଶରୀରରେ ବେତ୍ରାଘାତ

କୁଷ୍ଟିୟାର ସିଙ୍ଗର୍ ସିଲାଇ-କଳ **(Tailoring machine)** ଅଫିସର ତାଦନୀନ୍ତନ ମ୍ୟାନେଜରଙ୍କର କେତେଜଣ ବନ୍ଧୁ ଦିନେ ରାତ୍ରିରେ ଗୋପନରେ ତାଙ୍କୁ ମଦ୍ୟପାନ କରିବା ପାଇଁ

ଅତ୍ୟନ୍ତ ଅନୁରୋଧ କରନ୍ତି । ସେ କହିଲେ—''ଶ୍ରୀଶ୍ରୀଠାକୁର ଅନ୍ତର୍ଯ୍ୟାମୀ, ତାଙ୍କ ନିକଟରେ କିଛି ଗୋପନ ରଖି ହୁଏ ନା, ପୁଚରା' ସେ ଏପରି କାର୍ଯ୍ୟ କରି ପାରିବେ ନାହିଁ ।'' କିନ୍ତୁ ସେମାନଙ୍କର ଅତ୍ୟାଗ୍ରହରେ ସେ ଏକ ଗ୍ଲାସ୍ ମଦ୍ୟପାନ କରନ୍ତି । ସେମାନେ ମଧ୍ୟ ଦ୍ୱିତୀୟଥର ଅନୁରୋଧ କରି ନାହାଁନ୍ତି । ଏହି ଘଟଣା ରାତ୍ରିକାଳରେ ଅଟି ଗୋପନରେ ସଂଘଟିତ ହେଲା । ପରଦିନ ପ୍ରାତଃକାଳରେ ଶ୍ରୀଶ୍ରୀଠାକୁର ତାହା ଜାଣି ପାରି ମୋତେ କହିଲେ ଯେ, ''ଗତ ରାତ୍ରିରେ ବୀ.....ଦା କୌଣସି ଅନ୍ୟାୟ କାର୍ଯ୍ୟ କରିଅଛି, ତାକୁ ଡାକି ନେଇ ଆସନ୍ତୁ ।'' ମୁଁ ଯାଇ ବୀ—ବାବୁଙ୍କୁ ସେହି କଥା କହିବାରୁ ସେ କହିଲେ—''ଠିକ୍ ଗତରାତ୍ରିରେ ଗୋପନରେ ଏପରି ଘଟଣା ହୋଇଛି କିନ୍ତୁ ତାହା ଜନପ୍ରାଣୀ କେହି ଜାଣନ୍ତି ନାହିଁ । ଠାକୁର ଯେତେବେଳେ ଜାଣି ପାରିଛନ୍ତି ସେତେବେଳେ ଆଉ ଗୋପନ କରି ଫଳ କ'ଣ ?'' ଏହା କହି ବୀ—ବାବୁ କମ୍ପିତ କଳେବରରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସି ଘଟଣା ସ୍ୱୀକାର କଲେ । ଶ୍ରୀଶ୍ରୀଠାକୁର ତାଙ୍କୁର ସତ୍ୟବାବୁଙ୍କୁ କହିଲେ—''ତାକୁ ଏହାର ଫଳ ଭୋଗ କରିବାକୁ ହେବ, ସେ ତା'ସହ୍ୟ କରି ପାରିବ ନାହିଁ । ଅତଏବ ଆପଣ ମୋ ପିଗ୍ମରେ ତିନି ଘୁବୁକ ମାରନ୍ତୁ ।'' ସେତେବେଳେ ସମସ୍ତେ କହିଲେ—''ତା ପରିବର୍ତ୍ତେ ସତୀଶ ଡାକ୍ତର, ବସନ୍ତ ରାୟ-ଚୌଧୁରୀ, ସତ୍ୟ ଡାକ୍ତର ଏହି ତିନିଜଣଙ୍କୁ ତିନ ଘୁବୁକ ମାରିଲେ ମଧ୍ୟ ଉକ୍ତ କାର୍ଯ୍ୟ ହୋଇପାରେ ।'' ଶ୍ରୀଶ୍ରୀଠାକୁର କହିଲେ—''ସେଥିରେ ମୋର ଯନ୍ତ୍ରଣା ଆହୁରି ବଢ଼ିବ ।'' ସତ୍ୟବାବୁ କହିଲେ—''ମୋର ପ୍ରାଣ ଥାଉ ଥାଉ ଠାକୁରଙ୍କ ଦେହରେ ଆଘାତ କରି ପାରିବି ନାହିଁ ।'' କିନ୍ତୁ ସାବ୍ୟସ୍ତ ହେଲା, ଆଦେଶ ପାଳନ କରିବାକୁ ହିଁ ହେବ । ସେତେବେଳେ ସତ୍ୟବାବୁ ପ୍ରସ୍ତୁତ ଲହକା ସଗୁ ବେତ ଦ୍ୱାରା ମାରିବାକୁ ଉଦ୍ୟତ ହେବାରୁ ଶ୍ରୀଶ୍ରୀଠାକୁର କହିଲେ—''ଦେଖିବେ ସତ୍ୟଦା, ବେଶ୍ ଜୋର୍ କରି ମାରିବେ, ଖୁବ୍ ବ୍ୟଥା ଲାଗିବା ଦରକାର; ନ ହେଲେ ପ୍ରାୟଶ୍ଚିତ୍ତ ହେବ ନାହିଁ ଯେ ।'' ସେତେବେଳେ ସତ୍ୟବାବୁ ମୁଖମଳିନ କରି ଦୁଃଖିତ ଅନ୍ତଃକରଣରେ ପ୍ରକମ୍ପିତ ହସ୍ତରେ 'ଜୟଗୁରୁ' 'ତାହାହିଁ ହେବ'—କହି ତିନି ଘୁବୁକ ଖୁବ୍ ଜୋର୍‌ରେ ଶ୍ରୀଶ୍ରୀଠାକୁରଙ୍କ ନିତମ୍ବଦେଶରେ ମାରିଲେ । ଉପସ୍ଥିତ ଭକ୍ତବର୍ଗ ଓ ବୀ—ବାବୁ କାନ୍ଦି ପକାଇଲେ । ସେ ଦୃଶ୍ୟ ଦେଖି କାହାର ବା ସାଧ୍ୟ ଚୁପ୍ କରି ରହିପାରେ । ଆହାଃ ! ଏତେ ଦୟା ନ ହେଲେ କ'ଣ ତୁମେ ଦୟାମୟ ! ଏହାକୁ ହିଁ କହନ୍ତି ଅନ୍ୟର ପାପତାପ ଗ୍ରହଣ । ଏ ଯୁଗରେ ପାପୀର ଶାସ୍ତି ଶାପନ ଦ୍ୱାରା ନୁହେଁ, ଏଥର ପାପୀର ପାପ ଖଣ୍ଡନ କ୍ଷମା ଦ୍ୱାରା, ପ୍ରେମାଲିଙ୍ଗନ ଦ୍ୱାରା, ଭଲପାଇବା ଦ୍ୱାରା ଏବଂ ନିଜେ ଶାସ୍ତିଗ୍ରହଣ କରି ଅପରକୁ ସଂଶୋଧନ । ଏଥର ଅପରାଧୀକୁ ବର୍ଜ୍ଜନ କରିବାକୁ ହେବ ନାହିଁ । ଅପରାଧୀର ଶରୀରରେ ଆଘାତ ବ୍ୟବସ୍ଥା ନାହିଁ ବା ଗୋମୟାଦି ଭକ୍ଷଣ ଦ୍ୱାରା ଅପରାଧ ଖଣ୍ଡନ ହେବ ନାହିଁ । ଆହା କେଉଁ ଯୁଗରେ, କେଉଁ ଦେଶରେ, କେଉଁ ଇତିହାସରେ ଏପରି କଥା କିଏ ଶୁଣିଛ ଭାଇ ଯେ, ଅପରର ପାପର ପ୍ରାୟଶ୍ଚିତ୍ତ ପାଇଁ ନିଜେ ସ୍ୱେଚ୍ଛାପ୍ରଣୋଦିତଭାବେ ବେତ୍ରଦଣ୍ଡ ଗ୍ରହଣ କରନ୍ତି ।

ଶ୍ରୀଶ୍ରୀଠାକୁରଙ୍କ ଦେହରେ ପାଦୁକାଘାତ

୧୩୨୯ ସାଲର ପ୍ରାରମ୍ଭକାଳରେ ଦିନେ ସତ୍‌ସଙ୍ଗବାଟୀର ପୁସ୍ତକାଗାର ବାରଣ୍ଡାରେ ସେ ବସି ରହିଛନ୍ତି । ମୋତେ କହିଲେ—''ପଟୀଶଦା, ମୁଁ ଯାହା କହିବି କରି ପାରିବେ ?'' ମୁଁ କହିଲି—''ସାଧ୍ୟ ହେଲେ କରିବି ।'' ସେ କହିଲେ—''ସେଟା ପ୍ରକୃତ ଭଲପାଇବାର କଥା ହେଲା ନାହିଁ । ସାଧାରଣ ଭଲପାଇବାର କଥା ହେଲା ।'' ମୁଁ ଟିକିଏ ଚିନ୍ତା କରୁଛି, ଇତ୍ୟବସରରେ କଲିକତାର ଶ୍ରୀଯୁକ୍ତେଶ୍ୱରୀ ମିତ୍ର କହିଲେ—''ପଟୀଶଦା, ଆପଣ ସ୍ୱୀକାର କରନ୍ତୁ ନା ।'' ମୁଁ ମନେ ମନେ କହିଲି—''ଯା ହେଲେ ହେବ ।'' ପ୍ରକାଶ୍ୟରେ କହିଲି—''ହଁ, ପାରିବି ।'' ସେ ମୋତେ ପୁସ୍ତକାଗାର ଗୃହ ମଧ୍ୟକୁ ନେଇଗଲେ । ଗୃହର କୋଣରେ ଛିନ୍ନ ପାଦୁକାଯୁଗଳ ପଡ଼ିଥିଲା । କହିଲେ—''ସେହି ଛିନ୍ନା ଜୋତା ଯୋଡ଼ାକୁ ନେଇ ଆସନ୍ତୁ ।'' ମୁଁ ଆଣିଲି । ସେ ବାହାରକୁ ଆସି କହିଲେ—''ସେହି ଜୋତାରୁ ଗୋଟିଏ ଗୋଟିଏ ଦ୍ୱାରା ମୋ ପିଠିରେ ତିନିଟି କରି ଛଅଥର ମାରନ୍ତୁ ।'' ମୁଁ ସ୍ତମ୍ଭିତ ହେଲି । ବୁକୁ କମ୍ପି ଉଠିଲା; କିଂକର୍ତ୍ତବ୍ୟବିମୂଢ଼ାବସ୍ଥା ଉପସ୍ଥିତ ହେଲା, କିନ୍ତୁ ତାଙ୍କର ବାରମ୍ବାର ଆଦେଶ ଓ ମୋର କଠୋର ପ୍ରତିଶ୍ରୁତି ଅନୁସାରେ ସେହି ସୁକୋମଳ, ସୁପବିତ୍ର, ମହାନ୍ ଦେହରେ ପାଦୁକା ଦ୍ୱାରା ଆଘାତ କରିବାକୁ ଉଦ୍ୟତ ହେଲି । ସେ କହିଲେ—''ଦେଖିବେ, ଯେପରି ଆସ୍ତେ ନ ମାରିବେ, ବେଶ୍ ଜୋର୍‌ରେ ମାରିବେ । ଯେପରି ବେଶ୍ ବ୍ୟଥା ଲାଗେ ।'' ତାହାହିଁ ହେଲା, ମୋର ଏହି ପାଖଣ୍ଡ କଳୁଷିତ ହସ୍ତ ତାଙ୍କର ପୃଷ୍ଠଦେଶରେ ସେହି ପାଦୁକା ଦ୍ୱାରା ଖୁବ୍ ଜୋର୍‌ରେ ତିନିଟି ଆଘାତ କଲା । ସେ କହିଲେ—''ଅନ୍ୟ ଜୋତା ଦ୍ୱାରା ଆଉ ତିନିଟି ।'' ତାହାହିଁ ହେଲା । ''ଠିକ୍ ହୋଇଛି''—କହି ସେ ହସିବାକୁ ଲାଗିଲେ । ଉପସ୍ଥିତ ବ୍ୟକ୍ତିଗଣ ଦୁଃଖ ଓ ବିସ୍ମୟରେ ଚିତ୍ରପୁତ୍ତଳିକାବତ୍ ନିସ୍ପନ୍ଦଭାବରେ ଦଣ୍ଡାୟମାନ ରହିଲେ । ମୋର ଅବସ୍ଥା ମୁଁ ଆଉ କ'ଣ କହିବି, ତାହା ସମସ୍ତଙ୍କର ଅନୁମାନର ବିଷୟ । କିଛିକ୍ଷଣ ପରେ କାହିଁକି ଏ ଘଟଣା ସଂଘଟନ କରାହେଲା, କିଛି ବୁଝି ନ ପାରି ନାନା ଚିନ୍ତାସ୍ରୋତ ମଧ୍ୟରୁ ପ୍ରକୃତିସ୍ଥ ହୋଇ ଜିଜ୍ଞାସା କଲି—''ଏହା କାହିଁକି କରାହେଲା ?'' ସେ ପୁର ଦେଇ ଗୀତ ଭଳି କହିଲେ—''ଆମିଇ ବୁଝିତେ ନାରି ଅନ୍ୟେ ବଲା ଭାର ।'' (ଅର୍ଥାତ୍ ମୁଁ ତ ବଝୁନାହିଁ ଅନ୍ୟକୁ କହିବା କଷ୍ଟ) ଇଆଡ଼େ ପୂର୍ଣ୍ଣଭାଇ (ପୂର୍ଣ୍ଣଚନ୍ଦ୍ର କବିରାଜ, ବି.ଏ.) ମହାଭାବନାରେ ପଡ଼ିଲେ । ଏତେ ଲୋକ ଥାଉ ଥାଉ ତାଙ୍କ ଜୋତାଦ୍ୱାରା ଏ ଘଟଣା ହେଲା କାହିଁକି ? କିଶୋରୀମୋହନଙ୍କ ଦ୍ୱାରା ମଧ୍ୟ ଥରେ ସେ ନିଜ ଦେହରେ ପାଦୁକାଘାତ କରାଇଥିଲେ ।

ଭୂତପ୍ରେତର କାହାଣୀ

(୧) ଏକ ସମୟରେ ଦରବେଶ ସାଧୁ ପଞ୍ଚାନନ ପାଣ୍ଡେ କେତେଦିନ ରାତ୍ରିରେ ଶ୍ରୀଶ୍ରୀଠାକୁରଙ୍କ ଘରର ବାରଣ୍ଡାରେ ଶୟନ କରିଥିଲେ । ଦିନେ ସେ କହିଲେ—''ମୁଁ ଆଉ ସେ ଘରେ ଶୋଇବି ନାହିଁ । ଠାକୁରଙ୍କ ନିକଟକୁ ରାତ୍ରିରେ ଅନେକ ଭୂତ (ଆତ୍ମା) ଆସନ୍ତି ଓ କଥାବାର୍ତ୍ତା କରନ୍ତି । ଗୋଟାଏ ମୋ ଦେହରେ ହାତ ଦେଇଥିଲା ।''

(୨) ଶ୍ରୀଯୁକ୍ତ ନଫରଚନ୍ଦ୍ର ଘୋଷ-ମହାଶୟ ଦିନେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଅନୁନୟ-ବିନୟ ସହକାରେ ଅନୁରୋଧ କଲେ—''ଠାକୁର, ଆପଣଙ୍କର ପରମଭକ୍ତ ଏବଂ ମୋର ପରମବନ୍ଧୁ ମୃତ ଜ୍ୟୋତିଷ ଘୋଷ କୁଆଡ଼େ ମୁରି ଧରି ଆସି ଆପଣଙ୍କ ସଙ୍ଗରେ ଦେଖାକରେ ଓ କଥା କହେ ? ଦୟା କରି ଦିନେ ମୋ ସଙ୍ଗରେ ଦେଖା କରାଇ ଦିଅନ୍ତୁ ।'' ଶ୍ରୀଶ୍ରୀଠାକୁର କହିଲେ—''ରାତିରେ ଏଠାରେ ବସି ଥା, ଖୁବ୍ ନାମ କର, ଦେଖି ପାରିବୁ ।'' ବେଶ୍ ଜ୍ୟୋତ୍ସ୍ନାପୂର୍ଣ୍ଣ ରାତ୍ରି । ରାତ୍ରି ଅଧିକ ହେବାରୁ ଶ୍ରୀଶ୍ରୀଠାକୁର କହିଲେ—''ନଫର, ଏଇ ଦେଖ, ଜ୍ୟୋତିଷ ଆସିଛି ।'' ନଫରଚନ୍ଦ୍ର ଦେଖିଲେ ଗୋଟାଏ ମନୁଷ୍ୟ-ମୂରି ଠିକ୍ ଜ୍ୟୋତିଷ ପରି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମପୂର୍ବକ ବାକ୍ୟାଳାପ କରିବାକୁ ଲାଗିଲା । ନଫରଚନ୍ଦ୍ର ଭୀତ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ଜାବୁଡ଼ି ଧରିଲେ । ଜ୍ୟୋତିଷର ମୂରି ହସି ଦେଇ ଅନ୍ତର୍ହିତ ହେଲା ।

(୩) ଶ୍ରୀଶ୍ରୀଠାକୁର ଦିନେ ଶ୍ରୀଯୁକ୍ତ ଦୁର୍ଗାନାଥ ପାନ୍ୟାଲ-ମହାଶୟଙ୍କୁ କହିଲେ—"ଏଇ ଦେଖିବୁ ଦୁର୍ଗାନାଥ ଦା, ଜ୍ୟୋତିଷ ଘୋଷ (ମୃତ) ଯାଉଛି।" ଦୁର୍ଗାନାଥବାବୁ ଦେଖିଲେ ଠିକ୍ ଜ୍ୟୋତିଷ ଘୋଷ ଯାଉଛନ୍ତି। ଶ୍ରୀଶ୍ରୀଠାକୁର କହିଲେ—"ସେ କିଶୋରୀ ଘରକୁ ଗଲା।"

(୪) ମୋର ଜଣେ ବନ୍ଧୁ ବାଁକୁଡ଼ା ଜିଲ୍ଲାରେ ଗୋଟିଏ ପୁରାତନ ଘର ଭଡ଼ା କରିଥିଲେ। ସେ ଘରେ ଭୂତର ଉପଦ୍ରବ ହେଉଥିବାରୁ କେହି ଭଡ଼ା ନେଉ ନଥିଲେ। ସେ ସାହସ କରି ଭଡ଼ାନେଇ ବସବାସ କରିବାକୁ ଆରମ୍ଭ କଲେ। ସେମାନଙ୍କ ଉପରେ ମଧ୍ୟ ଭୂତର ଉପଦ୍ରବ ଆରମ୍ଭ ହେଲା। ତାଙ୍କର ପାଚକ ବ୍ରାହ୍ମଣ ଉପରେ ଭୂତାବେଶ ହେଲା। ନାନା ଉପାୟ ଅବଲମ୍ବନ କରି ମଧ୍ୟ ସେ ଭୂତକୁ ଛଡ଼ାଇ ହେଲା ନାହିଁ। ଶେଷରେ ମନରେ ଗୋଟିଏ ବୁଦ୍ଧି ଆସିଲା। ତାହାକୁ ଶ୍ରୀଶ୍ରୀଠାକୁରଙ୍କର ମୂର୍ତ୍ତି (ଫଟୋ) ଦେଖାହେଲା। ଉକ୍ତ ମୂର୍ତ୍ତି ଦର୍ଶନ କରି ସେ ଚିତ୍କାର କରି କରି କହିଲା—"ମୁଁ ଯାଉଛି, କିନ୍ତୁ ଏ ଘରଟାକୁ ଛାଡ଼ି ପାରିବି ନାହିଁ। ସେହି କୂଅ ଭିତରେ ରହିବି।" ସେମାନେ କହିଲେ—"ଦଉଡ଼ିରେ ଏହି ଛବି ବାନ୍ଧି ସେହି କୂଅରେ ଛାଡ଼ି ଦେବୁ।" "ତେବେ ମୁଁ ଯାଉଛି"—କହି ଭୂତ ଛାଡ଼ି ଚାଲିଗଲା।

(୫) କୁଷ୍ଟିୟାର ଗୋଟିଏ ଗ୍ରାମରେ ଜଣକ ଘରେ ଭୂତର ଉପଦ୍ରବ ହୁଏ। ଘରକୁ ତାଲା ଦ୍ୱାରା ବନ୍ଦ କରି ରଖିଲେ ଆପଣାଛାଏଁ ସେ ତାଲା ଖୋଲିଯାଏ। ନାନା ପ୍ରକାର ଚେଷ୍ଟା କରି ମଧ୍ୟ ତାହାର କୌଣସି ପ୍ରତିକାର ହେଲା ନାହିଁ। ରାମନାମ ଦ୍ୱାରା ଭୂତ ପଳାୟନ କରିଥାଏ, ଏହି ଧାରଣାର ବଶବର୍ତ୍ତୀ ହୋଇ ସେହି ଘରର କବାଟ ଉପରେ ରାମନାମ ଲେଖିଦିଆଗଲା। ମାତ୍ର ସେଥିରେ କୌଣସି ଫଳ ହେଲା ନାହିଁ। ପରେ ହରିନାମ, କୃଷ୍ଣନାମ, ଦୁର୍ଗାନାମ ଲେଖି ଦିଆଗଲା। ସେଥିରେ ମଧ୍ୟ କିଛି ଫଳ ମିଳିଲା ନାହିଁ। ଅବଶେଷରେ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ ସତ୍ୟନାମ କାଗଜରେ ଲେଖି ସେହି କବାଟରେ ଲଗାଇଦେବାରୁ ତାହାର ପରକ୍ଷଣଠାରୁ ଭୂତର ଉପଦ୍ରବ ବନ୍ଦ ହୋଇଗଲା।

(୬) କଲିକତା ମାଣିକତଲାର ଶ୍ରୀଯୁକ୍ତ ବାବୁ ଗୌରଚନ୍ଦ୍ର ନନ୍ଦୀ-ମହାଶୟଙ୍କ ଅପର୍ କର୍ଣ୍ଣୱାଲିସ୍ ରୋଡ୍‌ର ବାସଭବନରେ ପ୍ରାୟ ତିନିବର୍ଷ ପୂର୍ବେ ଜଣେ ପ୍ରୌଢ଼ା ରମଣୀଙ୍କର ଭୂତାବେଶ ହୁଏ। ଲୋକକୁ ଭୂତ ଧରିଲେ ଯେପରି ବ୍ୟବହାର ଓ କଥାବାର୍ତ୍ତାର ଗଳ୍ପ ଶୁଣିବାକୁ ମିଳିଥାଏ ସେ ସେହିପରି କରୁଥାନ୍ତି। ନାନା ପ୍ରକାର ଚିକିତ୍ସା ଓ ଗୁଣିଆ ଦ୍ୱାରା ଚିକିତ୍ସା କରିବା ସତ୍ତ୍ୱେ କୌଣସି ଫଳ ହେଲା ନାହିଁ। ଭୁବନଚନ୍ଦ୍ର ନାଥ ନାମରେ ଜଣେ ପୂର୍ବବଙ୍ଗବାସୀ ବାଳକ ସେହି ଘରେ ରହି କଲେଜରେ ଅଧ୍ୟୟନ କରୁଥାଏ। ଦିନେ ସେ ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ ଫଟୋ ଆଣି ଉକ୍ତ ଭୂତାବିଷ୍ଟ ବ୍ୟକ୍ତିଙ୍କୁ ଦେଖାଇବାରୁ ସେ ବିକଟ ଚିତ୍କାର କରି କରି କହିବାକୁ ଲାଗିଲେ—"ସେ କାହାର ଚେହେରା, ସେଟାକୁ ଶୀଘ୍ର ଏଠାରୁ ନେଇଯାଅ, ସେଟାକୁ ମୁଁ ଦେଖିପାରିବି ନାହିଁ, ଦେଖିଲେ ମୋର ବଡ଼ ଭୟ ହୁଏ। ମୁଁ ବର୍ତ୍ତମାନ ତୁମର ଘର ଛାଡ଼ି ଯାଉଛି।" ଯେଉଁ ଘରର କବାଟରେ ଉକ୍ତ ଫଟୋ ରଖାଯାଉଥିଲା ସେ ଘରକୁ ଉକ୍ତ ରମଣୀ ଯାଇ ପାରୁ ନଥିଲେ। ୧୪୮ ନଂ ମାଣିକତଲା ରୋଡ୍‌ର ଓରିଏଣ୍ଟାଲ୍ ମେଡିକାଲ୍ ଷ୍ଟୋର୍ (Oriental Medical Store) ନାମକ ଡାକ୍ତରଖାନାର ମାଲିକ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ର ନାଥ ଘୋଷାଲ-ମହାଶୟ ସେହି ଫଟୋଟିକୁ ଦେଇଥିଲେ। ସେ ତାଙ୍କର ଫଟୋ ନେଇ ଯିବା ପରେ ଉକ୍ତ ଭଦ୍ରଲୋକଙ୍କର ପୁନରାୟ ଭୂତାବେଶ ହେଲା। ସେତେବେଳେ ସେମାନେ ଖଣ୍ଡେ ଫଟୋ କିଣିଆଣି ଘରେ ରଖି ଦେବାରୁ ଭୂତ ଛାଡ଼ିଗଲା, ଆଉ ଆସିଲା ନାହିଁ।

(୭) ଶ୍ରୀଶ୍ରୀଠାକୁର ଏକଦା ରାତ୍ରିକାଳରେ କାର୍ତ୍ତିନାଡେ କିଶୋରୀମୋହନଙ୍କ ଘରୁ ପୃଚ୍ଚାହାଭିମୁଖରେ ଗମନ କରୁଥିଲେ। ଏପରି ସମୟରେ ଦେଖିବାକୁ ପାଇଲେ ଗୋଟିଏ ବୃକ୍ଷଶାଖାରେ

କେତେଜଣ ସ୍ତ୍ରୀ, ପୁରୁଷ, ବାଳକ ଓ ବାଳିକାମୂର୍ତ୍ତି ବସି ରହିଛନ୍ତି। ସେମାନେ ତାଙ୍କୁ ଦର୍ଶନ କରି ଉଦ୍ଧାର ପ୍ରାର୍ଥନା କରି କ୍ରନ୍ଦନ କରିବାକୁ ଲାଗିଲେ।

(୮) ଶ୍ରୀଶ୍ରୀଠାକୁରଙ୍କର ପ୍ରଥମ ଜୀବନରେ ଦିନେ ରାତ୍ରିରେ ସେ କାଶୀପୁରରୁ ଘରକୁ ଫେରୁଥିଲେ। ରାସ୍ତା ଉପରେ ଦେଖିଲେ ଗୋଟିଏ ବିକଟ ମୂର୍ତ୍ତି ତାଙ୍କ ପଙ୍କୁଖକୁ ଆସି ମୁଖବିକୃତ କରି କହିଲା—"ବାଃ ଆଃ ଆ", ସେତେବେଳେ ତାଙ୍କ ଅଜ୍ଞାତସାରରେ ତାଙ୍କର ଲଲାଟଦେଶରୁ ଗୋଟିଏ ଉଜ୍ଜ୍ୱଳ ଆଲୋକ ନିର୍ଗତ ହୋଇ ସେହି ଭୂତ ଆଡ଼କୁ ଛୁଟିଲା। ଭୂତ ପଳାୟନ କଲା।

(୯) ହିମାଇତପୁର ଗ୍ରାମରେ ଥରେ ଖୁବ୍ କଲେରା ହୋଇଥିଲା। ଶ୍ରୀଶ୍ରୀଠାକୁର ରାତ୍ରିକାଳରେ ଗମନ କରୁଥିବା ସମୟରେ ଦେଖିଲେ ଯେପରି ଗୋଟିଏ ସ୍ତ୍ରୀମୂର୍ତ୍ତି ତାଙ୍କ ପଙ୍କୁଖରେ ଯାଉଛି। ସେ ତାହା ଆଡ଼କୁ ମନୋଯୋଗ ଦେବାମାତ୍ରକେ ତାଙ୍କ ଲଲାଟରୁ ଗୋଟିଏ ଉଜ୍ଜ୍ୱଳ ଆଲୋକ ନିର୍ଗତ ହୋଇ ଉକ୍ତ ସ୍ତ୍ରୀମୂର୍ତ୍ତି ଆଡ଼କୁ ଛୁଟିଗଲା। ମୂର୍ତ୍ତିଟି ଖୁବ୍ ବେଗରେ ଦୌଡ଼ିବାକୁ ଲାଗିଲା। ଆଲୋକଟି ମଧ୍ୟ ତାହାର ପଶ୍ଚାଦ୍‌ଧାବନ କରିବାକୁ ଲାଗିଲା। ପରେ ସେହି ସ୍ତ୍ରୀମୂର୍ତ୍ତି ଆକାଶକୁ ଉଠି ଶୂନ୍ୟମାର୍ଗରେ ଘୁରିବାକୁ ଲାଗିଲା, ଆଲୋକଟି ମଧ୍ୟ ତାହାର ପଶ୍ଚାଦନୁସରଣ କରିବାକୁ ଲାଗିଲା। ଶେଷରେ ୫।୬ ମାଇଲ ଦୂରରେ ଠିକ୍ ଯେପରି ଦୋଗାଛି ଗ୍ରାମରେ ସ୍ତ୍ରୀମୂର୍ତ୍ତିଟି ଅବତୀର୍ଣ୍ଣ ହେଲା, ଆଲୋକଟି ସେହିଠାରୁ ଫେରି ଆସିଲା। ପରଦିନହିଁ ହିମାଇତପୁରରୁ କଲେରା ଛାଡ଼ିଗଲା ଏବଂ ଦୋଗାଛିରେ କଲେରା ଆରମ୍ଭ ହେଲା।

(୧୦) ଶ୍ରୀଶ୍ରୀଜନନୀ ଦିନେ ରାତ୍ରିରେ ଘରଠାରୁ ସତ୍‌ସଙ୍ଗବାଟୀକୁ ଆସୁଥିଲେ। ରାସ୍ତାରେ ସ୍ୱର୍ଗତ ବାମାଚରଣ ଚୌଧୁରୀଙ୍କୁ ଦେଖିବାକୁ ପାଇଲେ। ମା କହିଲେ—"କିଏ ବାମାଚରଣ?" ମୂର୍ତ୍ତି କହିଲା—"ହଁ, ସେମାନେ ସମସ୍ତେ (ବାମାଚରଣଙ୍କ ପତ୍ନୀମାତା) କିପରି ଅଛନ୍ତି?" ମା କହିଲେ—"ଭଲ ଅଛନ୍ତି। ତୁ ପରା ମରିଛୁ।" ସଙ୍ଗେ ସଙ୍ଗେ ମୂର୍ତ୍ତିଟି ଅନ୍ତର୍ହିତ ହେଲା।

(୧୧) ଶ୍ରୀଶ୍ରୀଜନନୀ ଦିନେ ରାତ୍ରିରେ ସତ୍‌ସଙ୍ଗବାଟୀରେ ପୁରାତନ ଠାକୁରଘରର ବାରଣ୍ଡାରେ ଶୋଇ ରହିଛନ୍ତି। ଆମେମାନେ ଶ୍ରୀଶ୍ରୀଠାକୁରଙ୍କ ସହିତ ପାର୍ଶ୍ୱବର୍ତ୍ତୀ ଅନ୍ୟ ଏକ ଘର ମଧ୍ୟରେ ଶୟନ କରିଛୁ, ସେ ପର୍ଯ୍ୟନ୍ତ ନିଦ୍ରାଗତ ହୋଇନାହୁଁ। ଶ୍ରୀଶ୍ରୀଜନନୀ କହିଲେ—"ଦେଖ ରେ, ନୈହାଟୀର..... (ଜଣେ ମୃତା ମା) ଆସିଥିଲା। ଦେଖିଲି ଖୁବ୍ ରୋଗା। ମୁଁ ତାର ଦେହରେ ହାତ ଦେଇ ଦେଖିଲି।" ସେ କହିଲା—"କିଛି ଖାଇ ନାହାନ୍ତି, ଘରକୁ ଯାଆନ୍ତୁ, ରାତ୍ରିରେ କିଛି ଖାଇ ନିଅନ୍ତୁ।" ବାସ୍ତବିକ୍ ସେହି ରାତ୍ରିରେ ଜନନୀଙ୍କର ଆହାର କରା ହୋଇ ନଥିଲା।

ଶ୍ରୀଶ୍ରୀଠାକୁରଙ୍କ କର୍ତ୍ତୃକ ଭବିଷ୍ୟତ ବାଣୀ

ଇଂରାଜୀ ୧୯୨୦ ମସିହା ଫେବ୍ରୁୟାରୀ ୨୧ ତାରିଖରେ ରାତ୍ରିରେ ଅନେକ ଭକ୍ତ ହରୀତକୀବାଗାନ୍ ଲେନ୍‌ର ଭଡ଼ା ଗୃହରେ ଉପସ୍ଥିତ। ନାନାପ୍ରକାରର ସଦାଲୋଚନା ଚାଲିଛି। ପ୍ରସଙ୍ଗକ୍ରମରେ ଶ୍ରୀଶ୍ରୀଠାକୁର କହିଲେ—**"A day will come** (ଗୋଟିଏ ଦିନ ଆସିବ) ଆବହୁତ୍ତମ ପର୍ଯ୍ୟନ୍ତ ଆପଣଙ୍କର ଏହି **Faith** (ଏହି ସତ୍ୟନାମ ଓ ସାଧନ-ପ୍ରଣାଳୀ) ବିସ୍ତାରିତ ହେବ।" ଏହା କହି ପୁର ଦେଇ ଗାଇଲେ—"ଏହି ବିଶ୍ୱେ ଅଛି ଯେତେ ନଗରାଦି ଗ୍ରାମ, ସର୍ବତ୍ର ପ୍ରଚାର ହେବ.....ନାମ (ଏହି

ସତ୍ୟନାମ)।'' ପୂର୍ବବଙ୍ଗର ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ଦତ୍ତ ବି.ଏ. ମହାଶୟ ସେଠାରେ ଉପସ୍ଥିତ ଥିଲେ। ସେ କହିଲେ—''ଏହି ବିଶ୍ୱେ, ସେ କ'ଣ ସହଜ କଥା!'' ଶ୍ରୀଶ୍ରୀଠାକୁର କହିଲେ—''ଯେତେବେଳେ କହି ପକାଇଛି ପରମପିତା ନିଶ୍ଚୟ କରିବେ।'' ତାହାପରେ ଦିନେ ଜଣେ ଭକ୍ତ କଲିକତାରୁ କୁଷ୍ଟିୟାକୁ ଫେରି ଆସିବେ, ରେଳର ରିଟର୍ଣ୍ଣ ଟିକେଟ୍‌ର ସମୟ ଘୁଲିଯାଉଛି ବୋଲି ତାଙ୍କ ନିଜଟରେ ଅନୁମତି ପ୍ରାର୍ଥନା କରାହେଲା। ଅନୁମତି ମିଳିଲା ନାହିଁ। ଭକ୍ତଜଣକ କହିଲେ—''ଟିକେଟ୍ ଟ ନଷ୍ଟ ହୋଇଯିବ।'' ଶ୍ରୀଶ୍ରୀଠାକୁର କହିଲେ—**Universe**ର **master**ଙ୍କର (ବିଶ୍ୱ-ଶିକ୍ଷକଙ୍କର) ଏତେ ଭାବନା କାହିଁକି ?''

ବ୍ୟାଘ୍ରବିତାଡ଼ନ

ଏକଦା ରାତ୍ରିକାଳରେ ସତ୍‌ସଙ୍ଗବାଟୀର ସମ୍ମୁଖରେ ପଦ୍ମାଚରରେ ଦଳେ ପୋଷା ଶୂକର ରକ୍ଷିତ ହୋଇଥିଲେ। ଗୋଟିଏ ବ୍ୟାଘ୍ର ଆସି ଉକ୍ତ ଦଳରେ ଗୋଟିଏ ଶୂକର-ଶାବକକୁ ଆକ୍ରମଣ କରୁଥିଲା। ଶ୍ରୀଶ୍ରୀଠାକୁର ତାହା ଜାଣି ପାରି ସ୍ଥିର ହୋଇ ରହିପାରିଲେ ନାହିଁ। କହିଲେ—''ବ୍ୟାଘ୍ରଟିକୁ ତଡ଼ ତ।'' ଏହା କହି ସେ ସ୍ୱୟଂ ଦୁର୍ଗାନାଥବାବୁ ଓ ପ୍ରମଥ ଭୌମିକଙ୍କୁ ସଙ୍ଗରେ ନେଇ ଗୋଟିଏ ଲଣ୍ଠନ ଧରି ଅଷ୍ଟଦିଶୂନ୍ୟ ହସ୍ତରେ ଶୂକରଶିଶୁ ନିକଟକୁ ଗଲେ। ବ୍ୟାଘ୍ର ପ୍ରମଥଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ଶ୍ରୀଶ୍ରୀଠାକୁର ''ଧର ବାଘଟାକୁ''—କହିବାରୁ ତିନିଜଣ ତିନି ଦିଗରେ ବାଘକୁ ଧରିବାକୁ ଗଲେ। ବାଘ ଦୌଡ଼ି ଅନ୍ୟ ଦିଗକୁ ଗଲା, ସେମାନେ ମଧ୍ୟ ସେହି ସ୍ଥାନକୁ ଯାଇ ବାଘର ସମ୍ମୁଖରେ ଉପସ୍ଥିତ ହେଲେ। କିଛିକ୍ଷଣ ଏହିପରି କରିବା ପରେ ବ୍ୟାଘ୍ର ପଳାୟନ କଲା।

ଏହି ଜୀବନରେ ପାଇବାକୁ ହେବ

ସ୍ୱର୍ଗତ ରଜନୀ ସେନ୍‌ଙ୍କ 'ଶେଫାଲୀ'ରେ ଗୋଟିଏ ଗୀତ ଅଛି —

କେନ ବଞ୍ଚିତ ହବ ଚରଣେ ?
ଆମି କତ ଆଶାର ବାସେ ଆଛି;
ପାବ ଜୀବନେ ନା ହୟ ମରଣେ। ଇତ୍ୟାଦି।

ସମୟ ସମୟରେ ଶ୍ରୀଶ୍ରୀଠାକୁର ଏହି ଗୀତଟିକୁ ଗାଇ ଥାଆନ୍ତି। କିନ୍ତୁ ''ପାବ ଜୀବନେ ନା ହୟ ମରଣେ''—ସେ କୌଣସିମତେ କହି ପାରନ୍ତି ନାହିଁ ବା କହନ୍ତି ନାହିଁ। ସେ କହନ୍ତି—''ପାବ ଜୀବନେ, ଏଇ ଜୀବନେ।'' ସେ କହନ୍ତି—''ଏଇ ଜୀବନରେ ହିଁ ପାଇବାକୁ ହେବ।''

ଅବତାର ଚିହ୍ନିବାର ଗୋଟିଏ-ଦୁଇଟି ଉପାୟ

୧୩୨୬ ସାଲର କାର୍ତ୍ତିକ ମାସର ମହା-ଅଷ୍ଟମୀ ଦିନ ହଗୀତକୀ ବାଗାନ୍‌ର ଗୃହରେ ଭକ୍ତଗଣଙ୍କ ସହିତ ଶ୍ରୀଶ୍ରୀଠାକୁର ଆଲୋଚନା କରୁଛନ୍ତି। ସେ କହିଲେ—''ଶ୍ରୀକୃଷ୍ଣ କ୍ଷମତା ଥିଲେ ସୁଦ୍ଧା ନିଜ ମୃତ୍ୟୁର ପ୍ରତିରୋଧ କରିବାକୁ ଚେଷ୍ଟା କରି ନାହାଁନ୍ତି; ଅଥବା ବ୍ୟାଧର ବାଣବିଦ୍ଧ ହୋଇ ତାଙ୍କର ଯେପରି କଷ୍ଟ ମୃତ୍ୟୁ ହୋଇଥିଲା, ତାଙ୍କର ସୁବିଧା ପାଇଁ ଇଚ୍ଛା କରି ନାହାଁନ୍ତି ବୋଲି ସେ ଭଗବାନ୍।

ଶ୍ରୀରାମକୃଷ୍ଣ ତାଙ୍କ ଗଳାର କ୍ୟାନ୍‌ସର ଭଲ କରିବାକୁ ଚେଷ୍ଟା କରି ନାହାଁନ୍ତି ବୋଲି ସେ ଏତେବଡ଼। ସୁବିଧାମତେ ଭଲଭାବରେ ନିଜର ମନୋମତ ମରଣଲାଭ ଯେଉଁମାନଙ୍କର ସେମାନେ ସାଧକ ମାତ୍ର। ଯଥା—କାଶୀର.....ସ୍ୱାମୀ। ସାଧକ ମହାପୁରୁଷମାନଙ୍କର ଚେହେରା ଦେଖି ଲୋକମାନେ **awe** (ସେଲ୍ଲାନ ସହିତ ଭୟ) କରନ୍ତି। ସେମାନଙ୍କର ଚେହେରା ଦେଖି ସାଧକ ବା ମହାପୁରୁଷ ବୋଲି ବୁଝି ହୁଏ, କିନ୍ତୁ **Foreman**ମାନଙ୍କର ଅର୍ଥାତ୍ ଅବତାର ପୁରୁଷମାନଙ୍କର ଚେହେରା ଦେଖି ସେପରି ବୁଝି ହୁଏ ନାହିଁ। ସେମାନଙ୍କ ସଙ୍ଗରେ ଲୋକମାନେ ଅବାଧରେ ଅସଙ୍କୋଚରେ ମିଶି ପାରନ୍ତି। ଏହା ସେମାନଙ୍କର ଗୋଟାଏ **peculiarity** (ବିଶେଷତ୍ୱ)। ଯେଉଁମାନେ କହନ୍ତି—'ମୁଁ ସ୍ୱୟଂ, ମୁଁ ଏକାଧାରରେ ସବୁ, ମୁଁ ଜଗତ ଉଦ୍ଧାର କରିବି', ସେମାନେ ସାଧକ-ଶ୍ରେଣୀର ମାତ୍ର। ଅବତାର ଚିହ୍ନିବାର ଅନ୍ୟାନ୍ୟ ଲକ୍ଷଣ, ସେମାନଙ୍କର ଅମାନୁଷିକ ଅସାଧାରଣ ପ୍ରେମ, ଅତିମାନବ ଶକ୍ତି ଓ ଜଗତରେ ସର୍ବୋଚ୍ଚ ସହଜ, ସରଳ, ଆଧ୍ୟାତ୍ମିକ ତତ୍ତ୍ୱ ପ୍ରଦାନ।'' ଉକ୍ତ ବିଷୟରେ ଏହି ପୁସ୍ତକର ଅନ୍ୟାନ୍ୟ ସ୍ଥାନରେ ଆହୁରି ମଧ୍ୟ କିଛି କିଛି ଉଲ୍ଲିଖିତ ହୋଇଅଛି।

ସାଧନ-ଭଜନର ପ୍ରତ୍ୟକ୍ଷ ଅନୁଭୂତିର ତାରତମ୍ୟ

ଥରେ କେହି କେହି ଶ୍ରୀଶ୍ରୀଠାକୁରଙ୍କୁ କହିଲେ—''ବେଶ୍ ଫଳ ପାଉଛି, ବଡ଼ ଆନନ୍ଦ ପାଉଛି, ପ୍ରତ୍ୟକ୍ଷ ନାନାରୂପ ଦର୍ଶନ ଓ ନାନାପ୍ରକାର ଅନାହତ ଶବ୍ଦ ଶୁଣୁଛି, କାମକ୍ରୋଧାଦି ରିପୁଗଣ ବେଶ୍ ଶାନ୍ତ ହୋଇ ଆସୁଛି। ପୂର୍ବେ ଅନ୍ୟମତରେ ସାଧନା କରି ଏପରି ସୁନ୍ଦର ଫଳ ପାଇ ନାହିଁ।'' କେହି କେହି କହିଲେ—''ପତକୁ ପତ ବେଶ୍ ଫଳ ପାଉଥିଲି, କିନ୍ତୁ କିଛି ଦିନ ହେଲା ଯେପରି ବେଶୀ କିଛି ବୁଝି ପାରୁନାହିଁ।'' କେହି କେହି ପୁଣି କହିଲେ—''କିଛି ବି ବୁଝି ପାରୁନାହିଁ।'' ସେଥିରେ ଶ୍ରୀଶ୍ରୀଠାକୁର କହିଲେ—''ଦେଖନ୍ତୁ, ସମସ୍ତଙ୍କର ଠିକ୍ ଏହିପରି ଭାବର ଅନୁଭୂତି ଲାଭ ହୁଏ ନାହିଁ। ବିଭିନ୍ନ ଲୋକର ଅନୁଭୂତି ବିଭିନ୍ନ ପ୍ରକାରର ହୋଇଥାଏ। ପୁନଶ୍ଚ, ଜଣେ ବ୍ୟକ୍ତିର ବିଭିନ୍ନ ସମୟରେ ବିଭିନ୍ନ ଭାବରେ କାର୍ଯ୍ୟ ହୁଏ। କାହାର କାନ ଆଗ ଖୋଲେ, କାହାର ମଧ୍ୟ ଆଖି ଆଗ ଖୋଲେ, (ଦିବ୍ୟ-ଶ୍ରବଣ ଓ ଦିବ୍ୟ-ଦର୍ଶନ, **clair audience, clairvoyance**)। କେହି ବା ସ୍ପଷ୍ଟ ବୁଝିପାରେ, ପୁଣି କେହି କେହି ବେଶ୍ ସାଧନ-ଭଜନ କରି ଘୁଲିଛି, ଭିତରେ-ଭିତରେ ବେଶ୍ କାର୍ଯ୍ୟ ହେଉଛି, କିନ୍ତୁ ସେ ନିଜେ କିଛି ବୁଝି ପାରୁନାହିଁ—ଏପରି ମଧ୍ୟ ହୋଇଥାଏ। କାର୍ଯ୍ୟ କରି ଯାଆନ୍ତୁ, ଫଳ ଆଡ଼କୁ ଲକ୍ଷ୍ୟ କରିବେ ନାହିଁ। ଏହା ଆପଣମାନଙ୍କର କଥା କହୁଛି (ଅନ୍ୟ ସମ୍ପ୍ରଦାୟର କଥା ହେଉନାହିଁ); **Submarine** (ବୁଡ଼ାଜାହାଜ) ଭଳି କାର୍ଯ୍ୟ ହୋଇଯିବ। ଯେପରି ଜର୍ମାନୀରେ ବୁଡ଼ିଲା ଆଉ ଭାସି ଉଠିଲା ବେଳକୁ ଦେଖାଗଲା ଆମେରିକାରେ ଯାଇ ପହଞ୍ଚିଛି। ଏଠାରେ ଅନ୍ୟ କିଛି ବି ଯାହାର ହେବନାହିଁ, ତାହାର ମଧ୍ୟ ଦିନେ ସ୍ୱପ୍ନଦ୍ୱାରା ସବୁ (ଅନୁଭୂତି) ହୋଇଯିବ।''

ପ୍ରାର୍ଥନା-ମାହାତ୍ମ୍ୟ ବା ଭକ୍ତର ବାଞ୍ଛାପୂରଣ

ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରୟ ଗ୍ରହଣ କରି ଭକ୍ତଗଣ ଅନେକ ସମୟରେ ଯାହା ଇଚ୍ଛା ଓ ପ୍ରାର୍ଥନା କରନ୍ତି ସେଥିରେ ସଫଳତା ପ୍ରାପ୍ତ ହୋଇଥାଆନ୍ତି।

(୧) କୁଷ୍ଟିୟାର ସତ୍‌ସଙ୍ଗ-ସାଧନା-ମନ୍ଦିରରେ ଦିନେ ସଂଧ୍ୟା ପରେ କୀର୍ତ୍ତନାଦି ଅନ୍ତେ, ଜଣେ

ଭକ୍ତ କେତେଗୁଡ଼ିଏ ଗରମ କଚୁଡ଼ି ଆଣି କହିଲେ—''ଏଗୁଡ଼ିକୁ ଠାକୁର ଭୋଗରେ ଲଗାଇ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବିତରଣ କରି ଦିଅନ୍ତୁ।'' ତାହାହିଁ କରା ହେଲା। ପ୍ରସାଦ ଭକ୍ଷଣ କରିବା ସମୟରେ 'ଅଶ୍ୱିନୀକୁମାର' ହସୁଥିଲେ। କାରଣ ପଘ୍ରିବାଗୁ ସେ କହିଲେ—''ଆଜି ରାତ୍ରିରେ ଭାତ ଖାଇବାକୁ ଇଚ୍ଛା ହେଲା ନାହିଁ, ଫଳୁ ସେ କଥା କହିବାଗୁ ସେ କହିଲେ, ଆଜି ଆଉ ତା'ହୋଇ ପାରିବ ନାହିଁ, ଡେଣ୍ଟୁ ଅଗତ୍ୟା ଗୁଟି ତିଆରି କରିବାକୁ କହି ପାଧନ-ମନ୍ଦିରକୁ ଆସିଲି। ବର୍ତ୍ତମାନ ଦେଖୁଛି ଭକ୍ତବାଞ୍ଛା-କଳ୍ପତରୁ ଠାକୁର ଦୟାକରି ଗରମ କଚୁଡ଼ି ଖୁଆଇଲେ। ମୁଁ ଅନେକଥର ଦେଖିଛି ଭାଇ, ଯେତେବେଳେ ଯାହା ଇଚ୍ଛା ହୁଏ, ଠାକୁର ତା' ଅପୂର୍ଣ୍ଣ ରଖନ୍ତି ନାହିଁ।'' ସେତେବେଳେ ଅନ୍ୟ ଜଣେ ଭକ୍ତକହିଲେ—''ଆପଣଙ୍କର ଇଚ୍ଛା ହେଲା ବୋଲି ଯେ ଠାକୁର କଚୁଡ଼ି ଆଣି ଦେଲେ ତାର ମାନେ କ'ଣ ? ହୁଏତ ଘଟଣାଚକ୍ରରେ ତାହା ହୋଇଯାଇଛି। ମୋର ତ ମାଗୁଆଡ଼ିମାନଙ୍କ ଦ୍ୱାରା ପ୍ରସ୍ତୁତ ଭୁଜିଆ ଖାଇବାକୁ ଇଚ୍ଛା ହେଉଥିଲା, କାହିଁ ଠାକୁର ତ ତାହା ଆଣି ଦେଲେ ନାହିଁ ?'' ଏହି କେତେ ପଦ କଥା ତାଙ୍କ ମୁଖରୁ ନିର୍ଗତ ହେଉଣୁ ନ ହେଉଣୁ ଜଣେ ମାଗୁଆଡ଼ି ଭକ୍ତ ତଟକା ଭୁଜିଆ ଆଣି ଉପସ୍ଥିତ ହୋଇ କହିଲେ—''ବାବୁଜୀ, ଏଇ ଭୁଜିଆ ଠାକୁରଜୀଙ୍କେ ଭୋଗ ଲଗାଯକେ ପରପାଦି ଭକ୍ତଲୋଗୋଁକୋ ଦିଜିୟେ।'' ସେତେବେଳେ ସମସ୍ତେ ବିସ୍ମୟାନ୍ୱିତ ହୋଇ କହିଲେ—''ଠିକ୍, ଠାକୁର ଭକ୍ତର ମନୋବାସନା ପୂର୍ଣ୍ଣ କରିବା ପାଇଁ ଆଜି ଏହି ଖେଳ ଖେଳିଲେ, ନଚୁବା ଏ ପର୍ଯ୍ୟନ୍ତ କେବେହେଲେ ଏକ ସମୟରେ ଏପରି ଦୁଇଥର ଭୋଗ ଦିଆ ହୋଇନାହିଁ।'' ସେତେବେଳେ ଶ୍ରୀଶବାବୁ (ନନ୍ଦୀ କୌବୃହଳାକ୍ରନ୍ତଭାବରେ ସହାସ୍ୟ ବଦନରେ କହିଲେ—''ତାହା ଯଦି ସତ୍ୟ ହୁଏ ତେବେ ମୋର ତ ଆଜି ଗଙ୍ଗା ଖାଇବାକୁ ଇଚ୍ଛା ହୋଇଥିଲା, କାହିଁ ତା ତ ଠାକୁର ଦେଲେ ନାହିଁ ?'' ଜଣେ ଗୁରୁଭ୍ରାତା କହିଲେ—''ସେ ବା ଆଉ ଆଶ୍ଚର୍ଯ୍ୟ କ'ଣ ! ଆପଣ ଇଚ୍ଛା କରିଛନ୍ତି, ତେବେ ଠାକୁର ଆପଣଙ୍କର ବାଞ୍ଛା ପୂରଣ ମଧ୍ୟ କରିପାରନ୍ତି, ହୁଏତ ସଙ୍ଗେ ସଙ୍ଗେ ମିଳି ଯାଇପାରେ। ଏହି କଥା କହୁଣୁ ନ କହୁଣୁ କୁଷ୍ଟିୟାର ଧନୀ ମାଗୁଆଡ଼ି ମହାଜନ ପୂର୍ଣ୍ଣମଲ ଅଗରୱାଲା-ମହାଶୟ ଆସି କହିଲେ—''ସତୀଶଦା, ମୁଁ କେତେଗୁଡ଼ିଏ ଗଙ୍ଗା ଆଣିଛି, ଦୟାକରି ଏଗୁଡ଼ିକୁ ଠାକୁରଙ୍କ ଭୋଗରେ ଲଗାଇ ଦେଇ ପ୍ରସାଦ ବିତରଣ କରି ଦିଅନ୍ତୁ ଏବଂ କିଛି ପ୍ରସାଦ ମୋତେ ଦିଅନ୍ତୁ, ମୁଁ ଘରକୁ ନେଇଯିବି।'' ଏହି ଘଟଣାରେ ସମସ୍ତେ ଅବାକ୍ ହୋଇଗଲେ। ପୂର୍ଣ୍ଣବାବୁ ସେତେବେଳେ ଆମର ପରମାର୍ଥଭ୍ରାତା (ଗୁରୁଭାଇ) ହୋଇ ନଥିଲେ। ପରେ ସେ ଶ୍ରୀଶ୍ରୀଠାକୁରଙ୍କ ଆଶ୍ରୟ ଗ୍ରହଣ କରିଥିଲେ। ଏ କିପରି ଖେଳ ! ଯେଉଁ ଭକ୍ତଯାହା ପ୍ରାର୍ଥନା କରିଥିଲା ବା ଇଚ୍ଛା କରିଥିଲା ତାହା ପୂର୍ଣ୍ଣ କରିବା ପାଇଁ ସତରେ କ'ଣ ଦୟାମୟ ତୁମେ ତତ୍କ୍ଷଣାତ୍ ପ୍ରସ୍ତୁତ ଥିଲ ? ତୁମର କରୁଣା ଏ ସାମାନ୍ୟ ଅଧମ ମାନବ କ'ଣ ବା ବୁଝିବ ?

(୨) ମୋ ନିଜ ଜୀବନରେ ଏପରି ବହୁ ଘଟଣା ସଂଘଟିତ ହୋଇଛି। ପରମାର୍ଥ-ଭ୍ରାତାମାନଙ୍କର ମଧ୍ୟ ଅନେକ ହୋଇଛି। ଗୁରୁଭ୍ରାତାମାନଙ୍କ ମଧ୍ୟରେ ପ୍ରାୟ ଏପରି ଦେଖାଯାଏ। ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରୟ ଗ୍ରହଣ ପୂର୍ବରୁ ଏପରି ଏତେ ଘଟଣା ଦୃଷ୍ଟ ହୋଇନାହିଁ। ଖରାରେ ରାସ୍ତାରେ ଦୂରକୁ ଯିବାକୁ ହେଲେ ସେମାନେ ପ୍ରାୟ ମେଘଛାୟାର ଆଶ୍ରୟ ପାଇ ଥାଆନ୍ତି, ତାହା ଅସମୟରେ ମଧ୍ୟ ଘଟିଥାଏ। ମେଘବୃଷ୍ଟି ସମୟରେ ରାସ୍ତାରେ ଗଲିବାକୁ ହେଲେ ମେଘବୃଷ୍ଟି ଯେପରି ଦୟା କରି ସେମାନଙ୍କୁ ରକ୍ଷା କରିଥାଏ, ଏପରି ଅନେକ ଘଟଣା ମଧ୍ୟ ପ୍ରତ୍ୟକ୍ଷଭୂତ ହୋଇଛି। ପୁନଶ୍ଚ ବିଶେଷ ଆବଶ୍ୟକ ସମୟରେ ଅଭାବ-ଅଭିଯୋଗ ତାଙ୍କୁ ଡାକିବାମାତ୍ରେ ଦୂର ହୋଇଯାଏ। ଏକଦା ଖୁବ୍ ଖରା ହୋଇଥିବା ସମୟରେ ଆମେ କେତେଜଣ ଶ୍ରୀଶ୍ରୀଠାକୁରବାଡ଼ୀରୁ

ପଦବ୍ରଜରେ କୁଷ୍ଟିୟା ଅଭିମୁଖରେ ଗମନ କରୁଥିଲୁ, ଆମ ଭିତରୁ ଜଣେ କହିଲେ—''ଆମେ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ, ଆମକୁ କଷ୍ଟ ପାଇବାକୁ ପଡ଼ିବ ନାହିଁ।'' ଆଶ୍ଚର୍ଯ୍ୟର ବିଷୟ ସଙ୍ଗେ ସଙ୍ଗେ କେଉଁଠାରୁ ଖଣ୍ଡେ ମେଘ ଆସି ଆମ ମୁଣ୍ଡ ଉପରେ ଚନ୍ଦ୍ରାତପ ପରି ଅବସ୍ଥାନ କରି ଆମ ସଙ୍ଗେ ସଙ୍ଗେ ଗଲିବାକୁ ଲାଗିଲା। ଆମେ କୁଷ୍ଟିୟାରେ ଉପସ୍ଥିତ ହେବାରୁ ସେହି ମେଘ ଅଦୃଶ୍ୟ ହୋଇଗଲା। ସାଧାରଣ ଲୋକମାନେ ଏ କଥା ଶୁଣି ହସି ଉଡ଼ାଇଦିଅନ୍ତି, କିନ୍ତୁ ଭକ୍ତଭୋଗିଗଣ ହିଁ ବୁଝିଛନ୍ତି କି ଚମତ୍କାର ବ୍ୟାପାର !

(୩) ଥରେ ରାତ୍ରିରେ ଶ୍ରୀଶ୍ରୀଠାକୁରଙ୍କ ସହିତ କେତେଜଣ ଭକ୍ତ କୁଷ୍ଟିୟାର ଡାକ୍ତର ସତ୍ୟବାବୁଙ୍କ ଘରକୁ ଯାଇଥିଲେ। ସେମାନେ ସେଠାରୁ ଅନ୍ୟତ୍ର ଯିବା ସମୟରେ ପ୍ରବଳ ବର୍ଷା ଆରମ୍ଭ ହେଲା। କାହାରି ଛତା ନ ଥିଲା। ଜଣେ ଭକ୍ତ କହିଲେ—''ବର୍ଷା ଛାଡ଼ି ଯାଅ, ଆମେ ଘରକୁ ଯାଉ।'' ସଙ୍ଗେ ସଙ୍ଗେ ବର୍ଷା ଛାଡ଼ି ଗଲା। ତହୁଁ ଆଉ ଜଣେ ଭକ୍ତ ହଠାତ୍ କହିଲେ—''ତାଙ୍କ କଥାରେ ଯେ ବର୍ଷା ବନ୍ଦ ହେଲା—ତାର ପ୍ରମାଣ କ'ଣ ? ଅନ୍ୟ କେହି କହିଲେ ଯଦି ପୁଣି ବର୍ଷା ହୁଏ ତେବେ ଯାଇ ମାନିନେବି।'' ସେତେବେଳେ ଅନ୍ୟ ଜଣେ କହିଲେ—''ବର୍ଷା ଆସ।'' ସଙ୍ଗେ ସଙ୍ଗେ ମୂଷଳଧାରାରେ ବର୍ଷା ହେଲା। ଏହିପରି ପରୀକ୍ଷା କରିବା ପାଇଁ ଅନେକ ସମୟ ପର୍ଯ୍ୟନ୍ତ ସେମାନେ ଆସିବାକୁ କହିଲେ ବର୍ଷା ଆସିବାକୁ ଲାଗିଲା ଏବଂ ଯିବାକୁ କହିଲେ ଛାଡ଼ି ଯିବାକୁ ଲାଗିଲା। ଶ୍ରୀଶ୍ରୀଠାକୁର କହିଲେ—''ସେପରି କରିବା ଭଲ ନୁହେଁ। ତଦ୍ଦ୍ୱାରା ପ୍ରକୃତି ଦେହରେ ଆଘାତ ଲାଗେ। ଆପଣମାନଙ୍କର ଅନେକ ଶକ୍ତି ହୋଇଛି, ତାହା ଆପଣମାନେ ବୁଝି ପାରିନାହାଁନ୍ତି। ଆହୁରି ଅନେକ ଶକ୍ତି ହେବ। ଏପରି ଶକ୍ତି ପ୍ରୟୋଗ କରିବା ଭଲ ନୁହେଁ।'' ଏହି କଥା ଶୁଣିବା ପରେ ସମସ୍ତେ ଭକ୍ତି ସହକାରେ ଅବନତ ମସ୍ତକରେ ନିସ୍ତବ୍ଧଭାବରେ ନିଜ ନିଜ ଗୃହକୁ ପ୍ରତ୍ୟାଗମନ କଲେ।

(୪) ଡାକ୍ତର ଶ୍ରୀଯୁକ୍ତ ଯତୀନ୍ଦ୍ରମୋହନ ରାୟ ରୋଗୀ ଦେଖିବାକୁ ଯାଇଛନ୍ତି। ସାଙ୍ଗରେ ଛତା କିମ୍ବା ଟୋପି ନେଇ ଯାଇ ନାହାଁନ୍ତି। ଫେରିବା ସମୟରେ ପ୍ରଚଣ୍ଡ ଖରା ହେଲା। ସେ କହିଲେ—''ଠାକୁର, ଆଜି କ'ଣ ଖରାରେପୋଡ଼ିଦେବେ?'' ତତ୍କ୍ଷଣାତ୍ ଖଣ୍ଡେ ମେଘ ଆସି ତାଙ୍କ ମୁଣ୍ଡ ଉପରେ ଛତା ଧରିଲାପରି ତାଙ୍କ ସାଙ୍ଗରେ ଗଲିଲା। ପ୍ରାୟ ତିନିମାଇଲ ରାସ୍ତା ଅତିକ୍ରମ କରିବା ପରେ ସେ ଖୋକସାରେ ଉପନୀତ ହେବାମାତ୍ରେ ମେଘ ହଠାତ୍ ଅନ୍ତର୍ହିତ ହେଲା।

(୫) ଶ୍ରୀଯୁକ୍ତ ନଗେନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟ-ମହାଶୟ ଶ୍ରୀମଦ୍ଭାଗବତ ପାରାୟଣ କରୁଥିଲେ। ଗତ ସନ ୧୩୨୫ ସାଲରେ ପୌଷ ମାସରେ ବଡ଼ଦିନ ସମୟରେ ଶ୍ରୀଶ୍ରୀଜଜନୀଙ୍କ ନିକଟରୁ ସତ୍‌ନାମରେ ଦୀକ୍ଷିତ ହୋଇ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରୟ ଗ୍ରହଣ କରି ପାଧନ-ଭଜନରେ ବେଶ୍ ଅନୁଭୂତି ଲାଭ କରି ପରମାନନ୍ଦରେ କାଳ କଟାଇବାକୁ ଲାଗିଲେ। ସେ ପାଧନ-ଭଜନ କାର୍ଯ୍ୟରେ ବିଶେଷ ମନୋନିବେଶ କରି ଲିପ୍ତ ହୋଇ ପଡ଼ିବାରୁ ଅର୍ଥୋପାର୍ଜନରେ ଶିଥିଳତା ହେବାରୁ ଏକ ସମୟରେ ତାଙ୍କର ଅର୍ଥାଭାବ ହେଲା। ଦିନେ ପୂର୍ବାହ୍ନ ସମୟରେ ତାଙ୍କର ପତ୍ନୀ ତାଙ୍କୁ କହିଲେ—''ଚୁପ୍ କରି ବସି ରହିଛ; ଇଆଡ଼େ ତ ଚୁଲିରେ ହାଣ୍ଡି ବସାଇ ପାରୁନାହିଁ।'' ସେ କହିଲେ—''କାହିଁକି।'' ତାଙ୍କର ସହଧର୍ମିଣୀ କହିଲେ—''କୋଇଲା ନାହିଁ, ଚେଲ ନାହିଁ, ଲୁଣ ନାହିଁ, ଘିଉଳ ମୋଟେ ନାହିଁ, ପଇସା ବି ନାହିଁ।'' ସେ କହିଲେ—''ମୁଁ କ'ଣ କରିବି, ଠାକୁରଙ୍କର ଯାହା ଇଚ୍ଛା ତାହାହିଁ ହେବ। ଯେପରି କହିଛି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ସେପରି ପ୍ରାର୍ଥନା କର।'' ଏହା କହି ସେ କିଛିକ୍ଷଣ ଚୁପ୍ କରି

ଶ୍ରୀଶ୍ରୀଠାକୁରଙ୍କର ମୁଖାରବିନ୍ଦ ଚିନ୍ତା କରୁଛନ୍ତି, ଏପରି ସମୟରେ ଅକସ୍ମାତ୍ ଜଣେ ଅପରିଚିତା ରମଣୀ ଜଣେ ଭାରୁଆ ସହିତ ଗୋଟିଏ ଟୋକେଇ ପରିପୂର୍ଣ୍ଣ ଘିଉଳ, ଡାଲି, ପରିବା, ଲୁଣ, ତେଲ, ଘିଅ, ମଇଦା, ଚିନି, ମସଲା, କେତେଖଣ୍ଡ ଲୁଗା ଓ କେତେଟା ଟଙ୍କା ଆଣି ସେଠାରେ ଉପସ୍ଥିତ ହୋଇ କହିଲେ—"ନଗେନ୍ ଭଟ୍ଟାଚାର୍ଯ୍ୟଙ୍କ ଘର କେଉଁଟା ?" ସେ କହିଲେ—"ଏଇ ଘର, ମୋର ନାମ ନଗେନ୍।" ରମଣୀ କହିଲେ—"ଆପଣ ଗୋଟିଏ ଜାଗାରେ ଭାଗବତ ପାରାୟଣ କରିଥିଲେ, ସେଠାରେ ଆପଣଙ୍କର ଏ ସବୁ ପାଉଣା ଥିଲା, ଏହି ନିଅନ୍ତୁ, ଗ୍ରହଣ କରନ୍ତୁ।" ନଗେନ୍‌ଦା ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ—"ମୋର ତ କୌଣସି ସ୍ଥାନରେ କିଛି ପାଉଣା ନଥିଲା ବା ନାହିଁ।" ଏହା କହି ସେ କିୟତ୍‌କାଳ ବିସ୍ମୟାବିଷ୍ଟ ଓ ସ୍ତମ୍ଭିତଭାବରେ ଚିତ୍ରପୁତ୍ତଳିକା ପରି ଅବସ୍ଥାନ କରିବାକୁ ଲାଗିଲେ। ବ୍ରାହ୍ମଣଙ୍କ କଣ୍ଠସ୍ୱରରେ ତାଙ୍କର ଚମକ ଭାଙ୍ଗିଗଲା। ବିସ୍ମୟ ଅପନୋଦିତ ହେବାରୁ ସେ ଦେଖିଲେ ସେହି ରମଣୀ ଓ ଭାରୁଆଟି ସେଠାରେ ନାହିଁ। ବହୁତ ଅନୁସନ୍ଧାନ କରି ସେମାନଙ୍କର ସନ୍ଧାନ ପାଇଲେ ନାହିଁ। ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣା ବୁଝି ତାଙ୍କର ଏତେ ଆନନ୍ଦ ହେଲା ଯେ, ସେ ତାହା ହୃଦୟରେ ଗୋପନ କରି ରଖି ନପାରି ପ୍ରକାଶ କରି ପକାଇଲେ। ପ୍ରଥମେ ଗୁରୁଭ୍ରାତାଗଣଙ୍କ ନିକଟରେ ବ୍ୟକ୍ତ କରି ଧନ୍ୟ ହେଲେ, ପରେ ଅନ୍ୟ ଲୋକ ନିକଟରେ ମଧ୍ୟ ଅପ୍ରକାଶ ରଖି ପାରି ନାହାନ୍ତି।

ଏହି ଘଟଣାଟିର ବିଷୟ ଅତ୍ୟଳ୍ପକାଳ ମଧ୍ୟରେ ସର୍ବତ୍ର ପ୍ରଘୋଷିତ ହୋଇଗଲା। ଯେଉଁମାନେ ସରଳ, ଧର୍ମପ୍ରାଣ ସେମାନେ ବିଶ୍ୱାସ କରି ଆନନ୍ଦିତ ହେଲେ। ଯେଉଁମାନେ ଯୁକ୍ତିତର୍କପରାୟଣ, ଅବିଶ୍ୱାସୀ ଏବଂ କୁଟିଳାନ୍ତଃକରଣ-ବିଶିଷ୍ଟ, ସେମାନେ ଅବିଶ୍ୱାସ ତ କଲେ, ଆହୁରି ମଧ୍ୟ କହିବାକୁ ଲାଗିଲେ—"ତୁମର ଠାକୁରଙ୍କ କୃପାରୁ ଯଦି ସତକୁ ସତ ଏହି ଘଟଣା ଘଟିଥାଏ ତେବେ ତୁମର ଏତେ ବଡ଼ ଝିଅଟି ଅବିବାହିତା ରହିଛି କାହିଁକି ? ସମାଜରେ ମୁହଁ ଦେଖାଇ ପାରୁ ନାହଁ। ଠାକୁର ତାର ବିବାହର ବ୍ୟବସ୍ଥା କରୁ ନାହାନ୍ତି କାହିଁକି ?" ଏହି ସମସ୍ତ କଥାରେ ଟିକିଏ ବ୍ୟଥା ପାଇ ନଗେନ୍‌ଦା ମନେମନେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରାଣର କଥା ନିବେଦନ କରି ଚୁପ୍ ହୋଇ ରହିଲେ। ଅତ୍ୟଳ୍ପକାଳ ମଧ୍ୟରେ ଅକସ୍ମାତ୍ ପାର୍ଶ୍ୱବର୍ତ୍ତୀ ଗ୍ରାମର ଜଣେ କୃତବିଦ୍ୟ ଧନ୍‌ବାନ୍ ସଦ୍‌ବଂଶଜ ଯୁବକ କିଛି ଗ୍ରହଣ ନକରି ବିବାହର ଉଭୟ ପକ୍ଷର ସମସ୍ତ ବ୍ୟୟ ନିଜେ ବହନ କରି କନ୍ୟାଟିକୁ ଅଳଙ୍କାରରେ ଭୂଷିତା କରାଇ ବିବାହ କଲେ।

(୬) ସନ ୧୩୨୭ ସାଲରେ ମହାମାନ୍ୟ ସ୍ୱର୍ଗତ ବାଳଗଙ୍ଗାଧର ତିଳକଙ୍କ ତିରୋଭାବ ଉପଲକ୍ଷେ ପାବନା ସହରରେ କୀର୍ତ୍ତନସହ ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ହିମାଇତପୁର ସତ୍‌ସଙ୍ଗ-କର୍ତ୍ତୃପକ୍ଷ ଆହୂତ ହୋଇଥିଲେ। ସେହି ସମୟରେ ସତ୍‌ସଙ୍ଗବାଟୀରେ ଉକ୍ତ କାର୍ଯ୍ୟ ନିମିତ୍ତ ଉପଯୁକ୍ତ ଲୋକ ସଂଖ୍ୟାରେ କମ୍ ହେବାରୁ କଲିକତାର ବେଲେଘାଟା ଓ ସୁଁଡ଼ୋର ଭକ୍ତଗଣଙ୍କର ସେତେବେଳେ ଏଠାରେ ଉପସ୍ଥିତ ହେବା ବିଶେଷ ଆବଶ୍ୟକ ହୋଇପଡ଼ିଲା। କିନ୍ତୁ ସେତେବେଳେ ସମୟ ଏତେ କମ୍ ଯେ ପତ୍ର ଲେଖିଲେ କିମ୍ବା ଟେଲିଗ୍ରାଫ ଡୋର ଯୋଗେ ସମ୍ବାଦ କଲେ ଠିକ୍ ସମୟରେ ସେମାନଙ୍କ ପକ୍ଷରେ ଏଠାରେ ଉପସ୍ଥିତ ହେବା ଅସମ୍ଭବ। କେତେଜଣ ଭକ୍ତ ପରାମର୍ଶ କଲେ ଯେ, ଉକ୍ତ ସମୟରେ ସେମାନେ ଏଠାରେ ଉପସ୍ଥିତ ହେବା ପାଇଁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା କରାଯାଉ। ତାହାହିଁ ପାବ୍ୟସ୍ତ କରାହେଲା। ସେମାନେ କାତର ପ୍ରାର୍ଥନା କଲେ—"ଠାକୁର, ଏପରି କରି ଦିଅନ୍ତୁ, ଯେପରି ଯତୀନ୍‌ଦା କଲିକତାର ଦଳବଳ ଓ ବାଦ୍ୟଯନ୍ତ୍ରାଦି ସହ ହଠାତ୍ ଆଜି ରାତି

ଶେଷ ହେଲେ ଭୋରରେ ଷ୍ଟିମରରେ ଏଠାରେ ଉପସ୍ଥିତ ହୁଅନ୍ତୁ, ଇତ୍ୟାଦି।" କେହି କେହି ମନେ କରିଥିଲେ ଏ ଅତି ଅସମ୍ଭବ କଥା। କି ଆଶ୍ଚର୍ଯ୍ୟ ! ପ୍ରତ୍ୟୁଷ କାଳରେ ଦେଖାଗଲା ଯତୀନ୍‌ଦା ପ୍ରଭୃତି କଲିକତାର ଗୁରୁଭ୍ରାତାଗଣ ସଦଳବଳରେ ବାଦ୍ୟଯନ୍ତ୍ରାଦିସହ ସତ୍‌ସଙ୍ଗବାଟୀରେ ଆସି ଉପସ୍ଥିତ। ନିଜର ମନୋଗତ ଭାବ ହଠାତ୍ ପ୍ରକାଶ ନ କରି ସେମାନଙ୍କୁ ଜିଜ୍ଞାସା କରାହେଲା ଯେ, ଏପରି ହଠାତ୍ ସଦଳବଳରେ ବାଦ୍ୟଯନ୍ତ୍ରାଦିସହ ଏ ସମୟରେ ସେମାନଙ୍କର ଏଠାକୁ ଆସିବାର କାରଣ କ'ଣ ? ସେମାନେ କହିଲେ—"ଏଟା ବାସ୍ତବିକ୍ ଆଶ୍ଚର୍ଯ୍ୟର ବିଷୟ, ଆଜି ଆମର ଏଠାକୁ ଆସିବାର କୌଣସି କାରଣ ନଥିଲା ବା କାହାରି ମଧ୍ୟ ଆଦୌ ଇଚ୍ଛା ନଥିଲା ଏବଂ କେହି ମଧ୍ୟ ପ୍ରସ୍ତୁତ ନଥିଲୁ। କିନ୍ତୁ ଅକସ୍ମାତ୍ ଟ୍ରେନ୍ (ରେଳଗାଡ଼ି) ଶିଆଲଦହ ଛାଡ଼ିବାର ଅବ୍ୟବହିତ ପୂର୍ବରୁ ସମସ୍ତଙ୍କର ମନର ଅବସ୍ଥା ଏକ ସମୟରେ କିପରି ହୋଇଗଲା, ସମସ୍ତେ ଅତି ଶୀଘ୍ର ପରାମର୍ଶ କରି କ୍ଷିପ୍ରତାସହକାରେ ଯନ୍ତ୍ରାଦି ନେଇ ଦ୍ରୁତ ଗତିରେ ଆସି ଟ୍ରେନ୍ ଧରି ଏଠାରେ ଆସି ପହଞ୍ଚିଲୁ।" ସେତେବେଳେ ଏହି ପ୍ରାର୍ଥନା-ବ୍ୟାପାର ପ୍ରକାଶ କରାହେଲା। ଏହି ପ୍ରାର୍ଥନା ଯେପରି ବେତାର ପରି କାମ କରିଛି—ବୁଝିପାରି ସମସ୍ତେ ଅସୀମ ଆନନ୍ଦସାଗରରେ ଭାସିବାକୁ ଲାଗିଲେ।

(୭) ଭକ୍ତ ଦୀନନାଥଙ୍କର ଅପୂର୍ବ କାହାଣୀ ଦ୍ରଷ୍ଟବ୍ୟ।

(୮) ହରିବଂଶ ପିଂଙ୍କ କଥା—ବିଂଶ ଅଧ୍ୟାୟରେ ବିଶେଷ ଦ୍ରଷ୍ଟବ୍ୟ।

(୯) ଶ୍ରୀଶ୍ରୀଠାକୁରଙ୍କ ପ୍ରତି ପ୍ରଗାଢ଼ ଭକ୍ତିମତୀ କାଶୀପୁରର ପ୍ରାବନା କୌଣସି ଜଣେ ବ୍ରାହ୍ମଣମହିଳା ଦିନେ ସତ୍‌ସଙ୍ଗବାଟୀରେ ଠାକୁରଘରେ ପ୍ରାର୍ଥନା କଲେ—"ଠାକୁର, ମୋର ଯେପରି ଶୀଘ୍ର ନିଉମୋନିୟା ଓ ପେଟରୋଗ ହୋଇ ମୃତ୍ୟୁ ହୁଏ।" ଠିକ୍ ଦୁଇ ସପ୍ତାହ ମଧ୍ୟରେ ସେହି ମାତାଙ୍କର ସେହି ବ୍ୟାଧି ହୋଇ ପଞ୍ଚତ୍ୱପ୍ରାପ୍ତି ହେଲା।

(୧୦) କଲିକତାର ଭୂତପୂର୍ବ କୌଣସି ଜଣେ ବାରିଷ୍ଟରଙ୍କ ପୁତ୍ରବଧୂ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ମୃତ୍ୟୁ ପ୍ରାର୍ଥନା କରିଥିଲେ। ତାହାର ପରେ ପରେ ତାଙ୍କର କଠିନ ରୋଗ ହେଲା। ବିପରୀତ ପ୍ରାର୍ଥନା କରିବାକୁ ତାଙ୍କୁ ଅନୁରୋଧ କରାହେଲା। ସେ କହିଲେ—"ଠାକୁରଙ୍କ ନିକଟରେ ପ୍ରାର୍ଥନା କରି ମୁଁ ଆଉ ଫେରାଇ ନେଇ ପାରିବି ନାହିଁ।" ପରେ କେତେକ ଘଟଣା ପରେ ତାଙ୍କର ମୃତ୍ୟୁ ହୋଇଥିଲା।

(୧୧) ଥରେ ଡିସେମ୍ବର ମାସରେ ମାଜିଷ୍ଟ୍ରେଟ୍ କୋର୍ଟରେ ବନ୍ଧୁକ ଲାଇସେନ୍ସ ସହିତ ଉପସ୍ଥିତ ହେବା ସମୟରେ ବାକ୍ସ ଖୋଲି ଦେଖିଲି ସେଥିରେ ଲାଇସେନ୍ସଟି ନାହିଁ। ମହାଦୁର୍ଭାବନାରେ ପଡ଼ିଲି। ଅନେକ ଚେଷ୍ଟା ସତ୍ତ୍ୱେ କେଉଁଠାରୁ ମଧ୍ୟ ତାହା ପାଇଲି ନାହିଁ। ଘରର ପାଚକ ବ୍ରାହ୍ମଣ ନାନାସ୍ଥାନରୁ କେତେକ କାଗଜପତ୍ର ଆଣି ଦେଖାଇଲା। ସେଥିରେ ମଧ୍ୟ ନଥିଲା। ମନର ଆବେଗରେ ପ୍ରାର୍ଥନା କଲି—"ଠାକୁର, ଏ କି ଅସୁବିଧାରେ ଆଜି ପକାଇଲେ, ଦୟାକରି ଉଦ୍ଧାର କରନ୍ତୁ।" ଉକ୍ତପାଚକ ବ୍ରାହ୍ମଣ ପୁନରାୟ କେତେକ ଛିଣ୍ଡାକାଗଜ ଅଣିଆ ଗଦାରୁ ଆଣି ଦେଖାଇବାରୁ ତା'ଉପରେ ବିରକ୍ତ ହୋଇ ଭର୍ତ୍ସନାକରି ତାକୁ ବିଦାୟ କରିଦେଲି। ସେ ସେଗୁଡ଼ିକୁ ଦୂରକୁ ନିକ୍ଷେପ କରିବା ପରେ ଦେଖିଲି ତାହା ମଧ୍ୟରେ ଲାଇସେନ୍ସ କାଗଜଖଣ୍ଡିକ ରହିଛି। କାର୍ଯ୍ୟଟି ଅସମ୍ଭବ। ସେ ଅସମ୍ଭବ ସମ୍ଭବ ହେଲା।

(୧୨) ପାବନା ଅନ୍ତର୍ଗତ ପ୍ରତାପପୁର-ନିବାସୀ ଭକ୍ତ ଜ୍ୟୋତିଷଚନ୍ଦ୍ର ଘୋଷ ପ୍ରାର୍ଥନା କରି ଅତି ଶୀଘ୍ର ମୃତ୍ୟୁଲାଭ କରିଥିଲେ।

(୧୩) ନଦୀୟା ଏବଂ ମୁର୍ଶିଦାବାଦ ଜିଲ୍ଲା ଇନ୍‌କମ୍-ଟ୍ୟାକ୍ସ ଆସେସର ଓ ହିନ୍ଦୁମୁସଲ୍‌ମାନ ନାମକ ପୁସ୍ତକର ପ୍ରଣେତା ଶ୍ରୀଯୁକ୍ତ ଖଲିଲର ରହମନ ଏବଂ ବହରମପୁରର ଶ୍ରୀଯୁକ୍ତ କୋୟାଦ୍ଦବ ହାକିମ ଓରଫ୍ ପାଁଚୁମିୟା ଶ୍ରୀଶ୍ରୀଠାକୁରଙ୍କର ଆଶ୍ରୟ ଓ ସତ୍ୟନାମ ଗ୍ରହଣ କରିଥିଲେ। ଦିନେ ପାଁଚୁମିୟା ଶ୍ରୀଶ୍ରୀଠାକୁରଙ୍କ ନିକଟରେ ମନେ ମନେ ପ୍ରାର୍ଥନା କଲେ—"ଠାକୁର, ଖଲିଲଭାଇ କେତେ ଦିନ ହେଲା ମଫସଲକୁ ଯାଇଛନ୍ତି। ସେ ଏଠାକୁ ବର୍ତ୍ତମାନ ନ ଆସିଲେ ମୋର ଧ୍ୟାନ କରିବାରେ ବିଶେଷ ଅସୁବିଧା ହେଉଛି। ଦୟାକରି ତାଙ୍କୁ ଶୀଘ୍ର ଏଠାକୁ ଆଣି ଦିଅନ୍ତୁ।" ଖଲିଲଭାଇଙ୍କର ସେତେବେଳେ ସେଠାକୁ ଯିବାର କୌଣସି ସମ୍ଭାବନା ନଥିଲା। କିନ୍ତୁ ହଠାତ୍ ତାଙ୍କର ମନର ଅବସ୍ଥା ଏପରି ହେଲା ଯେ ସେ ଠିକ୍ ସେହି ସମୟରେ ନାନା ଅସୁବିଧା ଓ ଝଡ଼ଝଞ୍ଝି ସତ୍ତ୍ୱେ ସେଠାକୁ ନ ଯାଇ ରହି ପାରିଲେ ନାହିଁ। ସେ କହନ୍ତି, ତାଙ୍କର ମନ ସେତେବେଳେ କାହିଁକି ସେପରି ହେଲା ଏବଂ କାହିଁକି ସେ ସେପରି ଅବସ୍ଥାରେ ସେଠାକୁ ଆସିଲେ କିଛି ବୁଝି ପାରି ନାହାଁନ୍ତି। ପାଁଚୁଭାଇ ତାଙ୍କର ପ୍ରାର୍ଥନା ବିଷୟ ଜଣାଇବାରୁ ସେତେବେଳେ ଖଲିଲଭାଇ ବୁଝିଥିଲେ କେବଳ ସେଥିସକାଶେ ତାଙ୍କର ମନ ଚଞ୍ଚଳ ହୋଇ ଉକ୍ତ ସ୍ଥାନକୁ ଧାବିତ ହୋଇଥିଲା।

(୧୪) କୁଷ୍ଟିୟା ଅନ୍ତର୍ଗତ ବାଡ଼ାଦୀ ଗ୍ରାମର ଉପେନ୍ଦ୍ରନାଥ ସାହା ଶ୍ରୀଶ୍ରୀଠାକୁରଙ୍କର ଜଣେ ବିଶିଷ୍ଟ ଭକ୍ତ। ଉପେନ୍ଦ୍ରନାଥଙ୍କର ଅଗ୍ରଜ ମନ୍ମଥନାଥ ସାହା-ମହାଶୟ ଜୀବିତାବସ୍ଥାରେ ଶ୍ରୀଶ୍ରୀଠାକୁରଙ୍କର ଏହି ସତ୍ୟନାମ ଏବଂ ଏହି ସତ୍ୟନାମ ଗ୍ରହଣକାରୀ ଭ୍ରାତାଗଣଙ୍କର ବିରୋଧୀ ଥିଲେ। ୧୩୨୭ ସାଲରେ ଫାଲ୍‌ଗୁନ ମାସରେ ତାଙ୍କୁ ନିଉମୋନିୟା ହେଲା। ଉପେନ୍ଦ୍ରନାଥ କାର୍ଯ୍ୟୋପଲକ୍ଷ୍ୟେ ଚକ୍ରଧରପୁରରେ ଅବସ୍ଥାନ କରୁଥାନ୍ତି। ଘରେ ଆସି ଦେଖନ୍ତି ଯେ ବଡ଼ଭାଇ କଠିନ ରୋଗାକ୍ରାନ୍ତ। ବିଶିଷ୍ଟ ବିଶିଷ୍ଟ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଚାଲିଛି, କିନ୍ତୁ ବିଶେଷ ଉପକାର ହୋଇନାହିଁ। ଉପେନ୍ଦ୍ରନାଥ ଜାଣନ୍ତି ବହୁ କଠିନ ରୋଗକୁ ସତ୍ୟନାମ ସାହାଯ୍ୟରେ ନିରାମୟ କରା ହୋଇଥାଏ। ରୋଗୀକୁ ବିଶେଷ ପ୍ରଣାଳୀକ୍ରମେ ସତ୍ୟନାମ ଜପ କରିବାକୁ ହୁଏ ଏବଂ ରୋଗୀ ନିକଟରେ ବସି ବିଶେଷ ପ୍ରଣାଳୀ ଅନୁପାରେ ସତ୍ୟନାମ ଜପ କରିବାକୁ ହୁଏ। ସେ ଆଉ ମଧ୍ୟ ଜାଣିଥାନ୍ତି ତାଙ୍କର ବିରୁଦ୍ଧଭାବାପନ୍ନ ବଡ଼ଭାଇଙ୍କୁ ଏହି ନାମ-ଜପ କରାଇ ହେବ ନାହିଁ। ତେବେ ଉପାୟ କ'ଣ ? ସେ ନିଜେ ତ ଏହି ସତ୍ୟନାମ ଦ୍ୱାରା ପ୍ରତ୍ୟକ୍ଷ ଫଳପ୍ରାପ୍ତ ହୋଇଛନ୍ତି ଏବଂ ବହୁ ଲୋକ ଯେ ଫଳପ୍ରାପ୍ତ ହୋଇଛନ୍ତି ତାହା ସ୍ପଷ୍ଟ ଦେଖୁଛନ୍ତି, ସୁତରାଂ ସେ ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ। ରୋଗୀର ଶଯ୍ୟାପାର୍ଶ୍ୱରେ ଉପବିଷ୍ଟ ହୋଇ ସେ ମନେମନେ ଜପ କରିବାକୁ ଲାଗିଲେ। ବେଳେବେଳେ ଭୁଲବଶତଃ ଉଚ୍ଚସ୍ୱରରେ ଜପ କରିବାକୁ ଲାଗିଲେ। ଏହିପରି କିଛି ସମୟ କରିବା ପରେ ଉପେନ୍ଦ୍ରନାଥ ଭଲ ଭାବରେ ଲକ୍ଷ୍ୟ କରି ଦେଖିଲେ ଯେ ସେପରି କରିବା ଫଳରେ ରୋଗୀ ଟିକିଏ ଶାନ୍ତିବୋଧ କରୁଛନ୍ତି ଏବଂ ଉଚ୍ଚସ୍ୱରରେ ନାମ କରିବାରେ ରୋଗୀ କୌଣସି ଆପତ୍ତି ମଧ୍ୟ କରୁ ନାହାଁନ୍ତି। ଆଉ କିଛି ସମୟ ପରେ ସେ ଲକ୍ଷ୍ୟ କରି ବୁଝିଲେ ରୋଗୀ ବେଶ୍ ମନୋଯୋଗ ପୂର୍ବକ ନାମ ଶ୍ରବଣ କରୁଛନ୍ତି ଏବଂ ନାମଦ୍ୱାରା ରୋଗଯନ୍ତ୍ରଣା ଓ ଅସ୍ଥିରତାରୁ ଉପଶମ-ବୋଧ ହେଉଛି। ସେତେବେଳେ ଉପେନ୍ଦ୍ରନାଥ କହିଲେ—"ଭାଇ, ଏହି ନାମ ଜପ କଲେ କିପରି ହୁଅନ୍ତା ?" ରୋଗୀ କହିଲେ—"ଭାଇ, ତୁମର ନାମ ମୁଁ ଶୁଣୁଛି ଏବଂ ମନେମନେ ଏହି ନାମ କରୁଛି, ଏହାଫଳରେ ମୋର ରୋଗଯନ୍ତ୍ରଣାରୁ ଉପଶମ-ବୋଧ ହେଉଛି ଏବଂ ଶାନ୍ତି ପାଉଛି। କିନ୍ତୁ କ'ଣ କରିବି ଭାଇ, ଏତେଦିନ ଏହି ନାମ କରିନାହିଁ, ଏହି ନାମର ଶକ୍ତି ଓ ମହିମା ବୁଝି ନାହିଁ ବୋଲି ଏତେ ବିଗୁଦ୍ଧାଚରଣ କରିଥିଲି। ବର୍ତ୍ତମାନ

ଜାଣିଲି—ଏହି ନାମର ଅପୀମ ଶକ୍ତି, ଅପାର ମହିମା। କିନ୍ତୁ ଭାଇ କ'ଣ କରିଚି, ବର୍ତ୍ତମାନ ଯେ ନାମ କରିବାର ଶକ୍ତି ମୋର ନାହିଁ। ତୁମେ ଦୟାକରି ମୋତେ ଏହି ନାମ ଶୁଣାଅ।"

ଏହି ସମୟରେ କୁଷ୍ଟିୟାର ଡାକ୍ତର ଗୋକୁଳବାବୁ ଆସି ପହଞ୍ଚିଲେ। ରୋଗୀ ଏପର୍ଯ୍ୟନ୍ତ ଗୋକୁଳବାବୁଙ୍କୁ ଭଲ ଡାକ୍ତର ହିସାବରେ ବେଶ୍ ଖାତିର କରୁଥିଲେ, କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ ଏବଂ ଏହି ସତ୍ୟନାମ ସେବକ ବୋଲି ତାଙ୍କୁ ବେଶୀ ପସନ୍ଦ କରୁ ନଥିଲେ। ଆଜି ଗୋକୁଳବାବୁଙ୍କୁ ଦେଖିବା ମାତ୍ରେ ମହାଆନନ୍ଦିତ ହେଲେ, ତାଙ୍କର ମୁଖମଣ୍ଡଳ ପ୍ରଫୁଲ୍ଲ ହୋଇ ଉଠିଲା। ସେ ଭକ୍ତିସହକାରେ ଗୋକୁଳବାବୁଙ୍କର ପଦଧୂଳି ଗ୍ରହଣ କଲେ। ଗୋକୁଳବାବୁ ଚମକିତ ଓ ବିସ୍ମୟାନ୍ୱିତ ହୋଇ "ଏ କ'ଣ କରୁଛନ୍ତି ? ଏ କ'ଣ କରୁଛନ୍ତି ?"—କହି ଘୁଞ୍ଚୁଗଲେ। ରୋଗୀ କହିବାକୁ ଲାଗିଲେ—"ଏତେଦିନ ବୁଝି ପାରିନାହିଁ, ଏତେଦିନ ଆପଣମାନଙ୍କୁ ଚିହ୍ନି ପାରିନାହିଁ। ଆପଣମାନେ ଠାକୁରଙ୍କ ଚରଣ ଓ ସତ୍ୟନାମ ଆଶ୍ରୟ କରି ଧନ୍ୟ ହୋଇଛନ୍ତି, ଆପଣମାନେ ଜଣେ ଜଣେ ମହାପୁରୁଷ, ସେଥିପାଇଁ ଆପଣମାନଙ୍କର ପଦଧୂଳି ଗ୍ରହଣ କଲେ ମୋର ମଙ୍ଗଳ ହେବ ବୋଲି ପଦଧୂଳି ଗ୍ରହଣ କଲି।" ଗୋକୁଳବାବୁ ରୋଗୀକୁ ପରୀକ୍ଷା କରି ଦେଖି "ରୋଗୀର ଅବସ୍ଥା ବେଶ୍ ଭଲ"—କହି ବିଦାୟ ନେଲେ। କଲିକତାରୁ ଡାକ୍ତର ଆସିଛନ୍ତି, ସେ ମଧ୍ୟ ଦେଖୁଛନ୍ତି। ପରଦିନ ରୋଗୀ ଉପେନ୍‌କୁ କହିଲେ—"ଭାଇ, ୧୩୨୨ ସାଲର ବୈଶାଖ ମାସରେ ଆମର ଦୋମହଲାରେ ଗୃହପ୍ରବେଶ ଦିନ ଠାକୁର ପ୍ରଥମେ ଆମ ଘରକୁ ଆସିଥିଲେ। କେହି କେହି କହିଥିଲେ ଠାକୁର ହେଉଛନ୍ତି ସାକ୍ଷାତ୍ ନାରାୟଣ। ସେ କଥା ଶୁଣି ମୁଁ କେତେ ବିଦ୍ରୂପ କରିଥିଲି, ତୁମମାନଙ୍କ ଉପରେ କେତେ ଅତ୍ୟାଗ୍ରର କରିଥିଲି, ବର୍ତ୍ତମାନ ବୁଝି ପାରିଛି ପତକୁ ପତ ଠାକୁର ସାକ୍ଷାତ୍ ନାରାୟଣ। ଆଉ, ଏହି ନାମ ହେଉଛି ଜଗତରେ ସତ୍ୟନାମ। ଭାଇ, ତୁ ମୋର ଛୋଟଭାଇ ହେଲେ ମଧ୍ୟ ବର୍ତ୍ତମାନ ତୁ ମୋର ପ୍ରଣମ୍ୟ। ଏତେଦିନ ତୋତେ ଚିହ୍ନି ପାରି ନାହିଁ, ତୁମେମାନେ ସମସ୍ତେ ଏହି ଠାକୁର ଓ ନାମ ପାଇ ଧନ୍ୟ ହୋଇଛ। ତୁମେମାନେ ତ ସାମାନ୍ୟ ମଣିଷ ନୁହଁ ଭାଇ, ତୁମେମାନେ ବର୍ତ୍ତମାନ ବ୍ରାହ୍ମଣ ହୋଇଛ।"—ଏହିପରି କହି ଉପେନ୍‌ର ପଦଧୂଳି ଗ୍ରହଣ କରିବାକୁ ସେ ଉଦ୍ୟତ ହେଲେ। ଉପେନ୍ ବାଧା ଦେଲେ। ରୋଗୀ ପୁନରାୟ କହିବାକୁ ଲାଗିଲେ—"ଆହା କି ଆନନ୍ଦ, କି ଶାନ୍ତି, ମୋତେ ଯେତେ ନାମ ଶୁଣାଉଛ, ଆଉ ମୁଁ ଯେତେ ନାମ କରୁଛି ସେତେ ମୋର ରୋଗଯନ୍ତ୍ରଣା ଉପଶମ ହେଉଛି। ଆଉ ମୋର ରୋଗ ନାହିଁ।" ସେହି ସମୟରେ ସମସ୍ତେ ଦେଖିଲେ ରୋଗୀ ବେଶ୍ ସୁସ୍ଥ। ରୋଗୀ ଆହୁରି କହିବାକୁ ଲାଗିଲେ—"ଓହୋ ! ମୁଁ କେଡ଼େ ନରାଧମ ! କେଡ଼େ ପିଶାଚ ! ମୁଁ ଘୋର ପାପୀ ! ମୁଁ ଠାକୁରଙ୍କୁ ଚିହ୍ନି ପାରି ନାହିଁ। ମୋର ଆଉ ବଞ୍ଚି ଲାଭ ନାହିଁ। **I must die, I must die,** ମୋର ମରିବା ଠିକ୍, ମୋର ମୃତ୍ୟୁ ହେବା ଉଚିତ। ମୁଁ ଏତେ ଅନ୍ୟାୟ କରିଛି, ମୋର ଆଉ ବଞ୍ଚି ଲାଭ ନାହିଁ।"—ଏହିପରି କହି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ମୃତ୍ୟୁକାମନା କରିବାକୁ ଲାଗିଲେ। ପୁନରାୟ କହିଲେ—"ଆହା, କି ଆନନ୍ଦ, କି ସୁନ୍ଦର, କି ସୁନ୍ଦର, ମୋର ପାଞ୍ଚ ହଜାର ବର୍ଷର ସାଧନାର କାର୍ଯ୍ୟ ଏହି କେତେଟା ଦିନରେ ହୋଇଗଲା। କି ଆନନ୍ଦ, କି ଆନନ୍ଦ।" ଏହି ସମୟରେ କିଶୋରୀବାବୁ ତାଙ୍କ ନିକଟକୁ ଆସିବାରୁ କହିଲେ—"ଭୋଲାଦାଦା, ଆପଣମାନେ ନାମ ନେଇଛନ୍ତି, ଠାକୁର ପାଇଛନ୍ତି, କିନ୍ତୁ ଠାକୁରଙ୍କୁ ବଝିଛନ୍ତି କେତେ। ଆହା, ଠାକୁର ଯେ କି ବସ୍ତୁ ଏପର୍ଯ୍ୟନ୍ତ ବି ବୁଝିନାହାଁନ୍ତି, ଇତ୍ୟାଦି।" ଏହି ପ୍ରକାର ସେ ଶ୍ରୀଶ୍ରୀଠାକୁର ଓ ତାଙ୍କ ପ୍ରଚର-ନାମର ମହିମାକୀର୍ତ୍ତନ କରି ନାମ କରିବାକୁ ଲାଗିଲେ। ସେତେବେଳେ ସମସ୍ତେ ତାଙ୍କର ଚତୁର୍ଦ୍ଦିଗରେ ତାଳେ-ତାଳେ ଏହି ନାମ କରିବାକୁ ଲାଗିଲେ। ତାଙ୍କ

ମାଆଙ୍କର ଚାଳ କଟି ଯାଉଥିବାରୁ ତାଙ୍କୁ ବଡ଼ ପାଟିରେ ନାମ କରିବାକୁ ନିଷେଧ କଲେ। ଉଭି ମଧ୍ୟରେ ସେହି ଘରର ଜଣେ ବାବୁ ଆସି ରୋଗୀ ନିକଟରେ ଏପରି କରିବା ଦ୍ୱାରା ରୋଗୀର ଅନିଷ୍ଟ ହେଉଛି ଇତ୍ୟାଦି କହି ସମସ୍ତଙ୍କୁ ଧମକ ଦେଇ ଚାଲିଗଲେ। ସେଠାରେ କେତେକ ବିଦେଶୀ ଭକ୍ତ ମଧ୍ୟ ଥିଲେ। ସେମାନେ କହିଛନ୍ତି ଯେ, ଉକ୍ତବାବୁଙ୍କର ଭୟରେ ସେମାନେ ନାମ କରି ପାରୁନଥିଲେ। ପରେ ବୋଧହୁଏ ଏହି କାରଣରୁ ରୋଗୀର ମୃତ୍ୟୁକାମନା ଫଳରେ ରୋଗବୃଦ୍ଧି ପାଇବାକୁ ଲାଗିଲା। ରୋଗୀ ହସି ହସି "ଏଇ ଦେଖ ଠାକୁର। ଏଇ ଦେଖ ମୋ ପାଇଁ ସ୍ୱର୍ଗର ଦ୍ୱାର ଖୋଲା ରହିଛି"—କହି କହି ପରମଧାମକୁ ମହାପ୍ରସ୍ଥାନ କଲେ। ଏହି ବ୍ୟାପାର ଦେଖି ଯେଉଁମାନେ ଧର୍ମପଥର ପ୍ରକୃତ ପଥିକ ନୁହଁନ୍ତି ଏବଂ ଯେଉଁମାନେ ବିଜ୍ଞାନ ଓ ଦର୍ଶନଶାସ୍ତ୍ରର ତରଙ୍ଗୋପରି ଭାସମାନ ଏବଂ ବାଚକଜ୍ଞାନୀ ସେମାନେ କହିଲେ ସେ କିଛି ନୁହେଁ, ସେଟା ଗୋଟାଏ ବିକାର ଅବସ୍ଥା **(delirium)** ମାତ୍ର। କିନ୍ତୁ ଯେଉଁମାନେ ପ୍ରକୃତ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞ, ଯେଉଁମାନେ ଦର୍ଶନ ବିଜ୍ଞାନର ଗଭୀରତମ ପ୍ରଦେଶରେ ସଞ୍ଚରଣ କରନ୍ତି ଏବଂ ଯେଉଁମାନେ ପ୍ରକୃତ ଜ୍ଞାନୀ ସେମାନେ ଏହି ବ୍ୟାପାରର ଗଭୀରତାର ବିଷୟ ଜ୍ଞାତ ହୋଇ ଆନନ୍ଦରେ ନୟନକୋଣରୁ ଦୁଇ ଗ୍ରୋଟି ମୁକ୍ତାଫଳସଦୃଶ ଅଶ୍ରୁବିନ୍ଦୁ ବିସର୍ଜ୍ଜନ କଲେ।

(୧୫) କଲିକତାର ମାଣିକତଲା ଓରିଏଣ୍ଟାଲ ମେଡିକାଲ ଷ୍ଟୋରର **(Oriental Medical Store)** ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ର ନାଥ ଘୋଷାଲ-ମହାଶୟଙ୍କ ପୁତ୍ରର ଗତ ୧୩୨୭ ସାଲର ଫାଲ୍‌ଗୁନ ମାସରେ ଭୟଙ୍କର ବସନ୍ତରୋଗ ହୋଇ ପାଞ୍ଚଛଅ ଦିନ ଅଚୈତନ୍ୟାବସ୍ଥା ହେଲା। ବଞ୍ଚିବାର କୌଣସି ଆଶା ନାହିଁ। ଶ୍ୱାସ-ପ୍ରଶ୍ୱାସ ପ୍ରାୟ ବନ୍ଦ। ନଗେନ୍‌ବାବୁ ଏହି ସତ୍ୟନାମରେ ଦୀକ୍ଷାଗ୍ରହଣ କରିବାର ପ୍ରାୟ ଏକମାସ ପରେ ଏହି ଘଟଣା ଘଟିଲା। ସେତେବେଳେ ଘରର ସମସ୍ତେ ଏଥିପାଇଁ ତାଙ୍କର ବିପକ୍ଷରେ। ସେମାନେ କହିଲେ—"ନୂଆ ଗୁରୁ ଧରିଛ, ବଂଶ ତ ବୁଡ଼ିଲା।" ନଗେନ୍‌ବାବୁ ପ୍ରାର୍ଥନା କଲେ—"ଠାକୁର, ପୁଅ ମଲେ ଘର ଛାଡ଼ିବାକୁ ହେବ, ନଚେତ୍ ତୁମକୁ ଛାଡ଼ିବାକୁ ହେବ। ତୁମକୁ ଛାଡ଼ି ପାରିବି ନାହିଁ ଠାକୁର। ଏବେ ଉପାୟ କ'ଣ ? ଯାହା ତୁମର ଭଲ ଚାହାଁ କର।" ଏହା କହି ଖ୍ରୁତ୍ ନାମ କରିବାକୁ ଲାଗିଲେ ଏବଂ ଗୋଟିଏ ଛାୟାମୂର୍ତ୍ତି ଦର୍ଶନ କଲେ। ତତ୍‌କ୍ଷଣାତ୍ ପୁଅ ସୁସ୍ଥ ହେବାକୁ ଆରମ୍ଭ କଲା ଏବଂ ପରଦିନ ଆଶ୍‌ଚର୍ଯ୍ୟଭାବରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା। ଏହା ସାଧାରଣତଃ ବାସ୍ତବିକ୍ ପକ୍ଷରେ ଅସମ୍ଭବ।

ଶିଷ୍ୟସହ ଗୋସ୍ୱାମୀପ୍ରଭୁଙ୍କର ପୁନର୍ଦୀକ୍ଷାଗ୍ରହଣ

କଲିକତା ବେଲିୟାଘାଟା ୧୫୫ ନଂ ମେନ୍ ରୋଡ୍‌ର ଶ୍ରୀଯୁକ୍ତ ବାବୁ ସତ୍ୟଚରଣ କବି-ମହାଶୟ ତାଙ୍କର ବଂଶପରମ୍ପରାକ୍ରମିକ ଗୁରୁ ଶ୍ରୀଳ ଶ୍ରୀଯୁକ୍ତ ରାଧିକାପ୍ରସାଦ ଗୋସ୍ୱାମୀ ପ୍ରଭୁପାଦଙ୍କ (ବେଲୀ ଦେଓୟାନଗଞ୍ଜ ହୁଗୁଲୀ) ନିକଟରୁ ଦୀକ୍ଷା ଗ୍ରହଣ କରି ସାଧନାରେ କୌଣସି ଫଳପ୍ରାପ୍ତ ନ ହେବାରୁ ଶ୍ରୀଶ୍ରୀଠାକୁରଙ୍କ ବିଷୟ ଅବଗତ ହୋଇ ଏହି ସତ୍ୟନାମ ଗ୍ରହଣ କରନ୍ତି। ତାଙ୍କର ଗୁରୁଦେବ ସାଧକ, ପଣ୍ଡିତ ଓ ଭକ୍ତ ଗୋସ୍ୱାମୀପ୍ରଭୁ ଏହି ସମ୍ବାଦ ଅବଗତ ହୋଇ କଲିକତାକୁ ଆସି ସତ୍ୟବାବୁଙ୍କୁ ନାନାପ୍ରକାର ଭର୍ତ୍ସନା କରନ୍ତି। ସତ୍ୟବାବୁ ସବିନୟରେ କହିଲେ—"କ'ଣ କରିବି ପ୍ରଭୁ, ବନ୍ଧୁ-ବାନ୍ଧବ ଅନେକେ ଏଠାରେ ବିଶେଷ ଫଳ ଲାଭ କରୁଛନ୍ତି ଏବଂ ମୁଁ ମଧ୍ୟ କୌଣସି ଫଳ ନ ପାଇ ଫଳପ୍ରାପ୍ତି ଆଶାରେ ଏହି ସତ୍ୟନାମ ଗ୍ରହଣ କରି ସାମାନ୍ୟ ସମୟ ମଧ୍ୟରେ ଆଶ୍‌ଚର୍ଯ୍ୟ ଫଳ ପାଇଛି।" ଗୁରୁଦେବ କହିଲେ—"ମୁଁ ସେ-ସବୁ କଥା ବିଶ୍ୱାସ କରେନା।" ସତ୍ୟବାବୁ

କହିଲେ—"ଥରେ ଦୟାକରି ସେଠାକୁ ଗୁଲନ୍ତୁ, ବ୍ୟାପାର କ'ଣ ଦେଖି ଆସନ୍ତୁ।" ଗୁରୁଦେବ କହିଲେ—"ଯଦି ମୋତେ ପ୍ରମାଣ ଦେଇପାର, ବୁଝେଇ ଦେଇପାର, ବିଶ୍ୱାସ କରାଇ ପାର, ମୁଁ ତାଙ୍କର ଶିଷ୍ୟ ହେବି।" ସତ୍ୟବାବୁ କୁତାଞ୍ଜଳିପୁଟରେ ସବିନୟରେ କହିଲେ—"ପ୍ରଭୁ, ମୋର ମନେହୁଏ ସେଠାକୁ ଗଲେ ଆପଣଙ୍କୁ ଦୀକ୍ଷା ନେବାକୁହିଁ ହେବ।"

ରାତ୍ରିରେ ଗୁରୁଦେବ ସ୍ୱପ୍ନ ଦେଖିଲେ—"ଦୁଇଜଣ ଭଦ୍ରଲୋକ ଶ୍ରୀଶ୍ରୀଠାକୁରଙ୍କର ଆଶ୍ରମ-ବାଡ଼ୀରେ ତାଙ୍କୁ କହିଲେ ଯେ ତାଙ୍କୁ ଦୀକ୍ଷା ନେବାକୁ ହେବ ଏବଂ ସେମାନଙ୍କ ସହିତ ବିଗ୍ରହରେ ପରାସ୍ତ ହୋଇ ତାଙ୍କୁ ତାହାହିଁ କରିବାକୁ ହେଲା।" ପରଦିନ ପ୍ରଭୁପାଦ ସ୍ୱପ୍ନବୃତ୍ତାନ୍ତ ଗୋପନ କରି ସଦଳବଳରେ ସତ୍ୟବାବୁଙ୍କୁ ଓ ତାଙ୍କର କେତେଜଣ ବନ୍ଧୁଙ୍କୁ ସାଙ୍ଗରେ ନେଇ ଶ୍ରୀଶ୍ରୀଠାକୁରଙ୍କ ସତ୍‌ସଙ୍ଗବାଟୀ ଅଭିମୁଖରେ ଯାତ୍ରା କଲେ। ସାଙ୍ଗରେ ଯୁଦ୍ଧାସ୍ତ୍ରସ୍ୱରୂପ ଶ୍ରୀଚୈତନ୍ୟଚରିତାମୃତ ଓ ଶ୍ରୀମଦ୍ଭଗବତ ଗୀତା ପ୍ରଭୃତି ଧର୍ମଗ୍ରନ୍ଥ ନେଲେ। ଯାତ୍ରା ସମୟରେ ସତ୍ୟବାବୁ ପ୍ରଭୃତି ମନେମନେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା କଲେ—"ଠାକୁର ! କୁଷ୍ଟିୟାର ସ-ଡାକୁରଦାଦା ଯେପରି ଆଶ୍ରମରେ ଉପସ୍ଥିତ ଥାଆନ୍ତି, ସେ ସେଠାରେ ଥିଲେ ଆମମାନଙ୍କର ବଡ଼ ସୁବିଧା ହେବ। ଆଉ ପ୍ରଭୁ ଯେପରି ଏହି ସତ୍ୟନାମ ଗ୍ରହଣ କରନ୍ତି।

ସତ୍‌ସଙ୍ଗବାଟୀରେ ଉପସ୍ଥିତ ହୋଇ ଗୋସ୍ୱାମୀପ୍ରଭୁ ଶ୍ରୀଶ୍ରୀଠାକୁରଙ୍କ ସେବକାଧମ କୁଷ୍ଟିୟାର ସେହି ଡାକୁରଙ୍କ ସହିତ ଦୁଇଦିନ ତର୍କ-ବିଗ୍ରର କରି ସ୍ୱୀକାର କଲେ ଯେ, ଏହି ନାମ ହିଁ ପ୍ରକୃତ ସତ୍ୟନାମ ଏବଂ ଶ୍ରେଷ୍ଠତମ ଶକ୍ତିସମ୍ପନ୍ନ ନାଦ। ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ କହିଲେ—"ବର୍ତ୍ତମାନ ମୁଁ ବୁଝିଲି ଏ ହେଉଛନ୍ତି ସେହି।" ସେତେବେଳେ ଏହି ନାମ ଗ୍ରହଣ କରିବାକୁ ସ୍ୱୀକୃତ ହେଲେ, ସମୟ ରାତ୍ରି ପ୍ରାୟ ବାରଟା। ସେତେବେଳେ ତାଙ୍କ ସହିତ ଆସିଥିବା ଜଣେ ବୃଦ୍ଧ ଭଦ୍ରଲୋକ, ସେ ପରାସ୍ତ ହେବାରୁ ଓ ପୁନରାୟ ଦୀକ୍ଷାଗ୍ରହଣ କରିବାକୁ ପଳ୍ପତ ହେବାରୁ ତାଙ୍କୁ ନାନାପ୍ରକାର ଶ୍ଳେଷପୂର୍ଣ୍ଣ ବିଦ୍ରୂପାତ୍ମକ କଥା କହି ଉତ୍ତେଜିତ କଲେ। ସେତେବେଳେ ସେ କ୍ରୋଧାବିଷ୍ଟ ହୋଇ କହିଲେ—"ମୁଁ ନାମ ଗ୍ରହଣ କରିବି ନାହିଁ, ଶକ୍ତି ଯଦି ଥାଏ ତେବେ ମୋତେ ବାଧ୍ୟ କରି ନାମ ଗ୍ରହଣ କରାନ୍ତୁ।" ରାତ୍ରି ଅଧିକ ହେବାରୁ ସମସ୍ତେ ଶୟନ କଲେ। ସେ ରାତ୍ରିରେ ସ୍ୱପ୍ନ ଦେଖିଲେ—ତାଙ୍କର ଜିହ୍ୱା ଓ ଅଙ୍ଗ-ପ୍ରତ୍ୟଙ୍ଗ ଅବଶ। ଏହି ସତ୍ୟନାମ ଗ୍ରହଣ ନ କଲେ ଆରୋଗ୍ୟଲାଭର କୌଣସି ଆଶା ନାହିଁ। ତତ୍‌କ୍ଷଣାତ୍ ତାଙ୍କର ନିଦ୍ରାଭଙ୍ଗ ହେଲା। ଶଯ୍ୟା ପରିତ୍ୟାଗ କରିବାକୁ ଯାଇ ସେ ବୁଝିଲେ ତାଙ୍କର ଅଙ୍ଗ-ପ୍ରତ୍ୟଙ୍ଗ ବାସ୍ତବିକ୍ ଅବଶ **(paralysed)**, କଥା କହିବାକୁ ଚେଷ୍ଟା କରି ଦେଖିଲେ ଜିହ୍ୱା ମଧ୍ୟ ତଦ୍‌ବତ୍ଥାପନ୍ନ। ସେତେବେଳେ ସେ ଭୟରେ କମ୍ପିତ ହୋଇ କ୍ରନ୍ଦନ କରି କରି ଅବଶ ଜିହ୍ୱାରେ କହିବାକୁ ଲାଗିଲେ—"ସତିଶ୍‌ଡାଙ୍କୁ ଡାକ (ସତୀଶଦାଙ୍କୁ ଡାକ)।" ସେତେବେଳେ ମୋତେ ସେଠାକୁ ଡାକିବାରୁ ମୁଁ ଉପସ୍ଥିତ ହେଲି। ସେ ଜଡ଼ତାପୂର୍ଣ୍ଣ ବାକ୍ୟରେ ମୋତେ କାତରଭାବରେ କହିଲେ--"ସତିଶତା ମୋଟେ ମୋଣ୍ଡର ତିଅ, ସତିଶତା ମୋଟେ ମୋଣ୍ଡର ତିଅ (ସତୀଶଦା ମୋତେ ମନ୍ତ୍ର ଦିଅ)।" ବ୍ୟାପର କ'ଣ ମୁଁ ବୁଝି ନ ପାରି ସ୍ତମ୍ଭିତ ହେଲି। ପଗ୍ଧରିବାରୁ ସେ ଅତି କଷ୍ଟରେ ସମସ୍ତ ବର୍ଣ୍ଣନା କଲେ ଏବଂ ଜଣାଇଲେ, ଏଠାକୁ ଆସିବାର ପୂର୍ବଦିନ କଲିକତାରେ ସ୍ୱପ୍ନ ଦେଖିଥିଲେ ଯେ, କୁଷ୍ଟିୟାର ସେହି ଡାକୁର ଓ ଶ୍ରୀଶଦା (ନବଦ୍ୱୀପର ତର୍କ-ବିଗ୍ରରେ ପରାସ୍ତ ହୋଇ ଏହି ନାମ ଗ୍ରହଣ କରିଛନ୍ତି। ସେ ସେ-କଥା ଗୋପନ କରିଥିଲେ। ପରେ ଏଠାକୁ ଆସି ଡାକୁର ଓ ଶ୍ରୀଶଦାଙ୍କୁ ଦେଖି ବିସ୍ମୟାନ୍ୱିତ ହୋଇ ମଧ୍ୟ ଗୋପନ ରଖିଥିଲେ। ପରେ ସେମାନଙ୍କ ସଙ୍ଗେ ତର୍କ-ବିଗ୍ରର ପରେ ସ୍ୱପ୍ନ

ସତ୍ୟ ସପ୍ରମାଣିତ ହେବା ସତ୍ତ୍ୱେ ମଧ୍ୟ ସାଥିବନ୍ଧୁଙ୍କର ଉତ୍ତେଜନାରେ, କ୍ରୋଧରେ ଏବଂ ବିନ୍ଦ୍ର ବଶବର୍ତ୍ତୀ ହୋଇ ରାତ୍ରିରେ ନାମ ଗ୍ରହଣ କରନ୍ତି ନାହିଁ। ଏଠାରେ ସେହି କାର୍ଯ୍ୟର ପ୍ରତିଫଳସ୍ୱରୂପ ତାଙ୍କର ଏହି ଦୁର୍ଦ୍ଦଶା। ସୁତରାଂ ସେ ମୋ ନିକଟରୁ ନାମ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କଲେ। ମୁଁ କହିଲି—"ମୋର ସେ ଅଧିକାର ନାହିଁ।" ସେ କ୍ରନ୍ଦନ କରିବାକୁ ଲାଗିଲେ। ପ୍ରଭୁ ମହାରାଜ ସେତେବେଳେ ସେଠାରେ ଉପସ୍ଥିତ ହୋଇ ତାଙ୍କର ସେବା-ଶୁଶ୍ରୂଷା ଓ ପାଦ ସମ୍ବାହନ କଲେ। ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ମୁଁ ତାଙ୍କୁ ହୋମିଓପ୍ୟାଥିକ୍ ଔଷଧ ଦେଲି। କୌଣସି ଉପକାର ହେଲା ନାହିଁ। ଶ୍ରୀଶ୍ରୀଜନନୀ ଦୟାପରବଶ ହୋଇ ସେଠାରେ ଉପସ୍ଥିତ ହୋଇ ତାଙ୍କୁ ସତ୍ୟନାମ କହିଦେଇ କହିଲେ—"ଏହି ନାମ କଲେ ଆରୋଗ୍ୟଲାଭ ହେବ।" କିଛିକ୍ଷଣ ନାମ କରିବା ପରେ ସେ ସୁସ୍ଥ ହୋଇ ଉଠିଲେ। ଇଟି ମଧ୍ୟରେ ଉଷାଦେବୀ ସହାସ୍ୟବଦନରେ ଯେପରି ଏ ଘଟଣା ଦର୍ଶନ ପାଇଁ ସତ୍ୱର ଜଗତରେ ଆବିର୍ଭୂତା ହେଲେ। ପ୍ରଭୁ ପ୍ରାତଃକୃତ୍ୟାଦି ସମାପନ କରି ମନେମନେ ଭାବିଲେ—"ଏହି ନାମଦ୍ୱାରାହିଁ ଯେ ମୋର ରୋଗ ଭଲ ହେଲା ତାର ପ୍ରମାଣ କ'ଣ ? ସତୀଶଦା ଔଷଧ ଦେଇଛି। ତା ଫଳରେ ଅଥବା ମୁଁ ମୋର ପୂର୍ବନାମ ଜପୁଥିଲି ତାହା ଫଳରେ ଯେ ମୁଁ ସୁସ୍ଥ ହୋଇ ନାହିଁ ତାହାର ପ୍ରମାଣ କ'ଣ ?" ଏହିପରି ଚିନ୍ତା କରୁ ନ କରୁ ତତ୍‌କ୍ଷଣାତ୍ ପୂର୍ବବତ୍ ବ୍ୟାଧିର ଆକ୍ରମଣ, ସେତେବେଳେ ପୁନରାୟ ମୋତେ ଆହ୍ୱାନ। ମୁଁ କହିଲି—"ଆପଣ ମନେମନେ ବୋଧହୁଏ ଏ ନାମରେ ରୋଗ ଭଲ ହୋଇ ନାହିଁ ଏହିପରି ସନ୍ଦେହ କରିଛନ୍ତି ତେଣୁ ତାହାରି ଏହି ପ୍ରତିଫଳ।" ସେ କହିଲେ—"ତାହାହିଁ ଠିକ୍।" ସେତେବେଳେ ପୁନରାୟ ସେ ସତ୍ୟନାମ ଜପ କରି ସୁସ୍ଥ ହେଲେ। ସେତେବେଳେ ମହାରାଜଙ୍କ ନିକଟରୁ ଏହି ସତ୍ୟନାମରେ ଯଥାରୀତି ଦୀକ୍ଷା-ଗ୍ରହଣ କଲେ। ଏହି ସମୟରେ ଶ୍ରୀଶ୍ରୀଠାକୁର ସେଠାରେ ଉପସ୍ଥିତ ହୋଇ କହିଲେ—"ଦାଦା, ଭୟ କ'ଣ, ନାମ କରନ୍ତୁ କୌଣସି ଚିନ୍ତାନାହିଁ। ଆଉ ସତୀଶ୍‌ଦାଙ୍କ ନିକଟରୁ ଔଷଧ ଖାଆନ୍ତୁ। ଔଷଧ ଦେବା ଉଚିତ କାହିଁକି ନାମ ଦ୍ୱାରା ଯେ ଭଲ ହୋଇଛି ଏ କଥା ପ୍ରକାଶ ହେବା ଭଲ ନୁହେଁ। ଶେଷରେ ଆଧ୍ୟାତ୍ମିକ ହିସାବରେ ନାମ ନ କରି ଶତ ଶତ ଲୋକ ରୋଗ ଭଲ କରିବା ପାଇଁ ଏଠାକୁ ଆସିବେ।" ସେତେବେଳେ ସେ କରଯୋଡ଼ରେ ଶ୍ରୀଶ୍ରୀଠାକୁରଙ୍କୁ 'ତୁ'ହି' ଇତ୍ୟାଦି କହି ସ୍ତବ କରିବାକୁ ଲାଗିଲେ। ଶ୍ରୀଶ୍ରୀଠାକୁର ତାଙ୍କୁ ଶାନ୍ତ କରିଦେଲେ। ସେଦିନ ହିଁ ସେମାନେ ସମସ୍ତେ କଲିକତା ଯାତ୍ରା କଲେ। କହିଦେଲି କଲିକତାରେ କୌଣସି ହୋମିଓପ୍ୟାଥିକ୍ ଡାକ୍ତରଙ୍କ ନିକଟରୁ କିଛି ଔଷଧ ଯେପରି ଖାଆନ୍ତି। କଲିକତାରେ ଉପନୀତ ହୋଇ ଜଣେ ଡାକ୍ତରଙ୍କୁ ଦେଖାଇ ସୁରୋଟି ପୁଡ଼ିଆ ଔଷଧ ନେଇ ସେମାନେ ସତ୍ୟବାବୁଙ୍କ ଘରକୁ ଗଲେ। ସେଠାରେ ଯାଇ ଦେଖନ୍ତି କି ଆଶ୍‌ଚର୍ଯ୍ୟ ! ଗୋଟାଏ ପୁଡ଼ିଆ ଔଷଧ ବି ନାହିଁ। ପୁଡ଼ିଆ ଗୁଡ଼ିକ ଶୂନ୍ୟ। ସେତେବେଳେ ସେ ଶ୍ରୀଶ୍ରୀଠାକୁରଙ୍କ ମହିମା ଓ ନାମ ମାହାତ୍ମ୍ୟ ବୁଝି ଆନନ୍ଦିତ ହେଲେ। ଏଠାରୁ ଯିବା ସମୟରେ ଗୋସ୍ୱାମୀପ୍ରଭୁ ଯେ ଏଠାରୁ ପୁନରାୟ ଦୀକ୍ଷା ଗ୍ରହଣ କଲେ ତାହାର ସ୍ମରଣଚିହ୍ନ ସ୍ୱରୂପ ଶ୍ରୀଚୈତନ୍ୟ ଚରିତାମୃତ ଖଣ୍ଡିକ ମୋତେ ଓ ଶ୍ରୀଗୀତା ଖଣ୍ଡିକ ସତ୍ୟବାବୁ ଡାକ୍ତରଙ୍କୁ ଉପହାର ପ୍ରଦାନ କରିଗଲେ।

ହିନ୍ଦୁମାନେ ପ୍ରଣାମ କରନ୍ତି କାହିଁକି ?

୧୩୨୭ ସାଲର କାର୍ତ୍ତିକ ୨୬ ଦିନ ଶ୍ରୀଯୁକ୍ତ ଖଲିଲଭାଇ ଶ୍ରୀଶ୍ରୀଠାକୁରବାଡ଼ୀର ଲାଇବ୍ରେରୀ ଗୃହରେ ବସି କହିଲେ—"ଦେଖନ୍ତୁ ସତୀଶଦା, ଆପଣମାନଙ୍କର ହିନ୍ଦୁମତରେ ମୁଣ୍ଡ ନୁଆଁଇ ପ୍ରଣାମ

କରନ୍ତି, କିନ୍ତୁ ଆମମାନଙ୍କର ମୁସଲମାନମତରେ ସେପରି ପ୍ରଣାମ କରିବାର ବ୍ୟବସ୍ଥା ନାହିଁ।" ମୁଁ କହିଲି—"ମୋର କୌଣସି ମୁସଲମାନ ଜମିଦାର ବନ୍ଧୁଙ୍କୁ ତାଙ୍କର ଅଧୀନସ୍ଥ ମୁସଲମାନ କର୍ମଚାରୀମାନେ ଆଣ୍ଠୁର ନିମ୍ନଦେଶ ହସ୍ତଦ୍ୱାରା ସ୍ପର୍ଶକରି ପ୍ରଣାମ କରିଥିବା ଦେଖିଛି।" ଖଲିଲଭାଇ କହିଲେ—"ପାଦରେ ହାତ ଦେଇ ମଧ୍ୟ ପ୍ରଣାମ କରନ୍ତି, କିନ୍ତୁ ମସ୍ତକଟି କେବଳ ଭଗବାନଙ୍କ ଛଡ଼ା ଅନ୍ୟ କାହାରି ନିକଟରେ ନତ କରାହୁଏନା। ଆପଣମାନେ ଏଜେବାରେ ମୁଣ୍ଡ ମାଟିରେ ଲଗାଇ ଅଥବା ଯାହାକୁ ପ୍ରଣାମ କରିବେ ତାଙ୍କ ପାଦରେ ମୁଣ୍ଡ ଦେଇ ପ୍ରଣାମ କରନ୍ତି କାହିଁକି ?" ମୁଁ କହିଲି—"ଶ୍ରୀଶ୍ରୀଠାକୁର, ମହାରାଜ ଓ କୃଷ୍ଣଚନ୍ଦ୍ରଙ୍କ ନିକଟରୁ ଯେଉଁ ସବୁ କଥା ଶୁଣିଛି ତାହା ଯେତେଦୂର ମନେପଡ଼େ ସେଥିରେ ମୋର ଯାହା ବୋଧହୁଏ ନିଜ ବୁଦ୍ଧିରେ ଏହା କହିପାରେ ଯେ ପ୍ରଣାମ କରିବାଟା ବିନୟ ଶିକ୍ଷାର ଏକ ପ୍ରଧାନ ଉପାୟ। ଲୋକକୁ ପ୍ରଣାମ କରୁ କରୁ କ୍ରମେ ଅହଙ୍କାର କମ୍ ହୋଇ ଯାଉଥାଏ। ଆଉ, ପ୍ରଧାନ କଥା ଏହି ଯେ ଶକ୍ତିମାନ୍ ଲୋକକୁ ଏହିପରି ପ୍ରଣାମ କଲେ ଶକ୍ତିଲାଭ କରାଯାଏ। ଶରୀରର **negative pole** (ନେଗେଟିଭ୍ ପୋଲ୍) ଯଥା ଗୋଡ଼ର ବୃଦ୍ଧାଙ୍ଗୁଳିରୁ **out going nerve** (ବହିର୍ମୁଖୀ ସ୍ନାୟୁ) ଦ୍ୱାରା ଚୈତନ୍ୟଶକ୍ତି ବହିର୍ଗତ ହୁଏ। ସେଥିପାଇଁ ପାଦରେ ମୁଣ୍ଡ ଅର୍ଥାତ୍ **positive pole** (ପଜିଟିଭ୍ ପୋଲ୍) ସଂସ୍ପର୍ଶ ହେଲେ ଉକ୍ତ ପ୍ରଣାମକାରୀର ମସ୍ତକ ଦ୍ୱାରା ଚୈତନ୍ୟଶକ୍ତିଧାରା **in** ହୁଏ, ଅର୍ଥାତ୍ ଅନ୍ତରରେ ପ୍ରବେଶ କରେ, ଆଧ୍ୟାତ୍ମିକ ଶକ୍ତିଲାଭ ଓ ମଙ୍ଗଳ ହୁଏ। ପ୍ରଣାମ ସମୟରେ ପ୍ରଣମ୍ୟ ବ୍ୟକ୍ତି ଆଶୀର୍ବାଦ କରନ୍ତି, ସେଥିରେ ମଧ୍ୟ ମଙ୍ଗଳ ହୁଏ।" ଖଲିଲଭାଇ କହିଲେ—"ପ୍ରଥମେ ଯେତେବେଳେ କୁଷ୍ଟିୟାରେ ଏହି ସତ୍ୟନାମ ଗ୍ରହଣ କରେ ସେତେବେଳେ ମୋର ମୁସଲମାନ ନିୟମାନୁସାରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ନାହିଁ ଏବଂ ଇଚ୍ଛା ମଧ୍ୟ ହୋଇନାହିଁ। ଥରେ ଏଠାକୁ ଆସି ପ୍ରଣାମ କରିଥିଲି। ପରେ ଠାକୁରଙ୍କ ନିକଟରେ ବସି ମନେ ହେଉଥିଲା ପ୍ରଣାମ କରାହୁଏ କାହିଁକି ? ଠାକୁର ମୋର ମନର ଭାବ ଅନ୍ତରରେ ଜାଣି ପାରି ବିରାଜଦାଙ୍କୁ କହିଲେ—"ସେଇଟା ପଢ଼ି ଶୁଣାନ୍ତୁ ତ।" ବିରାଜଦା ଏକ ଗ୍ରନ୍ଥ ପାଠ କଲେ। ସେଥିରୁ ବୁଝିଲି ଯାହାଙ୍କ ମଧ୍ୟରେ ଐଶ୍ୱରିକ ଶକ୍ତିର ବା ଆଧ୍ୟାତ୍ମିକ ଶକ୍ତିର ନିଜ ଅପେକ୍ଷା ବିକାଶ ଅଧିକ ତାଙ୍କୁ ପ୍ରଣାମ କରିବାହିଁ ଲାଭ। ତାପରେ ଆହି ମାଙ୍କ ଠାକୁରଙ୍କର ମାଆ ନିକଟରୁ ପଚାରି ମଧ୍ୟ ସେହିପରି ଉତ୍ତର ପାଇଲି, ତେବେ ସେ କହିଲେ—"ଯାହାକୁ ତାହାକୁ ପ୍ରଣାମ କରିବା ଦରକାର ନାହିଁ।" ମୁଁ କହିଲି—"ମନ୍ଦଭାବାପନ୍ନ ଲୋକକୁ ପ୍ରଣାମ କଲେ ମନ୍ଦଭାବପ୍ରାପ୍ତ ହେବାକୁ ହୁଏ। ସେଥିପାଇଁ ବୋଧହୁଏ ମା ସେକଥା କହିଥିଲେ।" ରାତ୍ରିରେ ସମସ୍ତେ ଲାଇବ୍ରେରୀ ଘରେ ବସି କଥାବାର୍ତ୍ତା ହେଉଛନ୍ତି। ଖଲିଲଭାଇଙ୍କର ପୁନରାୟ ମନରେ ସେହି ପ୍ରଣାମ କରିବାର କଥା ଉଦୟ ହେଉଛି। ଏପରି ସମୟରେ ଶ୍ରୀଶ୍ରୀଠାକୁର ତାଙ୍କର ଉକ୍ତ ଇଦୁହରଣଦାଙ୍କ ପାଦରେ ହାତ ଦେଇ ତାଙ୍କର ନିଜ ମସ୍ତକ ସ୍ପର୍ଶ କରାଇ ଏବଂ ତାହା ପରେ ଇଦୁହରଣଦାଙ୍କର ପଦଯୁଗଳ ସ୍ୱହସ୍ତରେ ଧାରଣ ପୂର୍ବକ ନିଜ ମସ୍ତକରେ ସ୍ଥାପନ କଲେ। ସେତେବେଳେ ଖଲିଲଭାଇ ବୁଝିଲେ ବ୍ୟାପର କ'ଣ। ସମସ୍ତେ ଅବାକ୍। ଖଲିଲଭାଇ ପରେ କହିଲେ ସେ ଏହାଦ୍ୱାରା ବୁଝିଲେ ଯେ ସମସ୍ତଙ୍କୁହିଁ ପ୍ରଣାମ କରାଯାଏ। ମୁଁ କିଛି ବୁଝି ପାରିଲି ନାହିଁ। ତେବେ ଚେଙ୍ଗାୟାନ୍‌ର ପକ୍ଷରେ ଦୋଷ ସ୍ପର୍ଶ ହୁଏ ନା। ଆଉ ଯେ-କୌଣସି ଅଙ୍ଗ ଦ୍ୱାରା ତାଙ୍କର ଯେ-କୌଣସି ଅଙ୍ଗସ୍ପର୍ଶରେ ଆମମାନଙ୍କର ଲାଭ ଓ ମଙ୍ଗଳ। ମସ୍ତକ, ପାଦ ବା **positive-negative pole**ର ହିସାବ ସେଠାରେ କ'ଣ ? ବୋଧହୁଏ ଏହି ହିସାବ।

ପ୍ରେମଦ୍ୱାରା ସଂଶୋଧନ

ପୂର୍ବରୁ ଉଲ୍ଲେଖ କରାଯାଇଛି—ମହା ଅନ୍ୟାୟ କାର୍ଯ୍ୟ କରି ଶ୍ରୀଶ୍ରୀଠାକୁରଙ୍କ ନିକଟରେ ସ୍ୱୀକାର କଲେ ସେ ଭଲ ପାଇ କ୍ଷମା କରି ପ୍ରେମଦ୍ୱାରା ସଂଶୋଧନ କରାଇ ଥାଆନ୍ତି। ସ୍ୱୀକାର-ଉକ୍ତିରେ **(confession)** ସେ ଖୁବ୍ ଖୁସି ହୁଅନ୍ତି। ତାଙ୍କ ନିକଟରେ ଶାସ୍ତିର ବ୍ୟବସ୍ଥା ନାହିଁ। ଦିନେ ମୁଁ କହିଲି—"ଠାକୁର, ମୁଁ କାମକୁ ଏକେବାରେ ଦମନ କରି ତ ପାରିଲି ନାହିଁ।" ସେ ଭଲ ପାଇ ଦୟାଳଗ୍ରି ମୁଖ ଚୁମ୍ବନ କରି ପ୍ରେମାଲିଙ୍ଗନରେ ଓ ସହାସ୍ୟ ସୁମଧୁର ବଚନରେ କହିଲେ—"ଦେଖନ୍ତୁ, ଆପଣ ତ ଜଗତ ଛଡ଼ା ନୁହଁନ୍ତି, ମଣିଷ ଯାହା କରେ ଚାହାହି କରିଛନ୍ତି। ସେଥିରେ ଦୋଷ କ'ଣ ? ଚେଷ୍ଟା କରନ୍ତୁ, କ୍ରମେ ଠିକ୍ ହୋଇଯିବ। ପୂର୍ବେ ଯେପରି ଥିଲେ ତାହା ଅପେକ୍ଷା ଢେର ଭଲ ହୋଇଛନ୍ତି।" ମୁଁ କହିଲି—"ଚାହା ଠିକ୍।" ସେ କହିଲେ—"ହରପୌଁ ଲାଗି ରହ ଭାଇ, ତେରା ବନତ୍-ବନତ୍ ବନ୍ ଯାଇ।"

୨୫

ମୋ ନିଜର କଥା

ବାଲ୍ୟକାଳରୁ ମୋର ଈଶ୍ୱର ବିଶ୍ୱାସ ଥିଲା। ଈଶ୍ୱରୋପାସନା କରିବା ପାଇଁ ପ୍ରାଣରେ ବଡ଼ ଆକାଂକ୍ଷା ଜାଗୁଥିଲା। ନଦୀୟାଜିଲ୍ଲା ଅନ୍ତର୍ଗତ କୁଷ୍ଟିୟା ସବ୍‌ଡିଭିଜନ୍‌ର ଜୋତପାଡ଼ା ପୋଷ୍ଟ ଅଫିସର ଅଧୀନ ଜଗନ୍ନାଥପୁରରେ ମଧ୍ୟ-ଇଂରାଜୀ ବିଦ୍ୟାଳୟର ତଦାନୀନ୍ତନ ପ୍ରଧାନ-ଶିକ୍ଷକ ବ୍ରାହ୍ମଧର୍ମାବଲମ୍ବୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦେ-ମହାଶୟ (ଆଦି ନିବାସ ଢାକା, ବାଗୁଦୀ-ହାମଛାଦି ଗ୍ରାମ) ସେତେବେଳେ ମୋର ସେହି ବୃତ୍ତିର ପ୍ରଧାନ ଉଦ୍‌ବୋଧନକାରୀ ଥିଲେ। ତାଙ୍କୁ କିପରି ଡାକିବାକୁ ହୁଏ ତାହା ଠିକ୍ ଜାଣି ନଥିଲି। ସାଧକ-କବୀରଙ୍କ ଗୀତରେ ଶୁଣିଥିଲି—"କୋନ୍ ନାମେ କେ ଡାକେ ସାଡ଼ା ଦେନ୍ ବା କାକେ।" ଦିବାରାତ୍ରି ମନରେ ସେହି ଚିନ୍ତା ଜାଗୁଥାଏ। କିଛି ବୁଝି ନ ପାରି ଶେଷରେ ନିଜେ ବୁଦ୍ଧି କରି ପ୍ରାୟ ବିଶେଷତଃ ରାତ୍ରିରେ ଶୟନକାଳ ଓ ପ୍ରାତରୁତ୍‌ଥାନ ସମୟରେ ଜପ କରୁଥାଏ, "ହରି ହେ ଦୟାମୟ, ଦୟାକର, ସର୍ବ ବିଷୟରେ ମଙ୍ଗଳ କର, ସର୍ବ ପ୍ରକାର ଆପଦ-ବିପଦରୁ ଉଦ୍ଧାର କର, ରକ୍ଷା କର।" ପ୍ରାୟ ବାର ବର୍ଷରୁ ଷୋଳ ବର୍ଷ ବୟସ ପର୍ଯ୍ୟନ୍ତ ଏହିପରି କରୁଥିଲି। ତାପରେ କଲିକତାରେ ଡାକ୍ତରୀ ପଢ଼ିବା ସମୟରେ ବ୍ରାହ୍ମପରିବାର ମଧ୍ୟରେ ରହି ନିର୍ଜନରେ ବ୍ରାହ୍ମମତରେ ଉପାସନା କରୁଥିଲି। ଲେଡି ଡାକ୍ତର ମାତୃସ୍ଥାନୀୟା ଶ୍ରୀଯୁକ୍ତେଶ୍ୱରୀ ବିଦ୍ୟୁଲତା ମଲ୍ଲିକ-ମହାଶୟାଙ୍କ ନିକଟରେ ସେତେବେଳେ ମୁଁ ବହୁ ବିଷୟରେ ବହୁ ପରିମାଣରେ ଋଣୀ। ଏହିପରି ପ୍ରାୟ ଗ୍ରିବର୍ଷ କଟିଗଲା। ମନେହେଲା—"ଏ କ'ଣ ! ଭଗବାନ ଏକ। ତେବେ ଧର୍ମର ନାନାମତ, ନାନାପ୍ରଣାଳୀ କାହିଁକି ? ଯଦି ଧର୍ମରେ ନାନାମତ ନାନାପ୍ରଣାଳୀ ଥିବା ଶ୍ରେୟସ୍କର ହୁଏ, ତେବେ ତାହା ମଧ୍ୟରେ ଶ୍ରେଷ୍ଠତମଟିକୁ ଅବଲମ୍ବନ ନ କଲେ ତ ମୋର ଚଳିବ ନାହିଁ।" ଏହିପରି ଚିନ୍ତାରେ ଜର୍ଜରିତ ହୋଇ କାଳ କଟାଇବାକୁ ଲାଗିଲି। ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚିକିତ୍ସା ବ୍ୟବସାୟ ଗ୍ରହଣ କରିଛି। ଦିନେ ମନେହେଲା ଯେଉଁମାନେ ସଂସାରୀ ସେମାନେ ଅନେକେହିଁ ଭଗବାନଙ୍କର ନିକଟରେ—ତୁମକୁ ହିଁ ଗ୍ରହଁ; ଆଉ ଅନ୍ୟ କିଛି ଗ୍ରହଁନା, ମନେମନେ ଏ କଥା ବାସ୍ତବିକ୍ ଭାବନ୍ତି ନାହିଁ ବା ପ୍ରାର୍ଥନା କରନ୍ତି ନାହିଁ ଅଥଚ ପ୍ରକାଶ୍ୟଭାବରେ ପ୍ରାର୍ଥନା କରନ୍ତି—"ନା ମାଗି ସୁନ୍ଦର କାୟ, ଅର୍ଥେ ମନ ନାହି ଧାୟ ଇତ୍ୟାଦି।" କେହି ବା ଅନ୍ୟର ପ୍ରସ୍ତୁତ ସ୍ତବ ପାଠକରେ ଯେ "ଧନ ଗ୍ରହେ ନା, ଜନ ଗ୍ରହେ ନା,

ବିଷୟ-ବାସନା ନାହିଁ, ସ୍ୱର୍ଗ ବି ଗ୍ରହେ ନା, ଗ୍ରହେ ତୁମକୁ" ଇତ୍ୟାଦି। କି ଭୟାନକ ! ଅନ୍ତରର ଭାବ ଏପ୍ରକାର ଆଉ ଭଗବାନଙ୍କ ନିକଟରେ ପ୍ରାର୍ଥନାଅନ୍ୟ ରକମର। ଏହା ତ ବଡ଼ ଅନ୍ୟାୟ କଥା ! ଏ କ'ଣ ! ଚଟ୍ ଯେଉଁମାନେ ସକାମ ପ୍ରାର୍ଥନା କରନ୍ତି ସେହିମାନେ ହିଁ ମନର ପ୍ରକୃତ କଥା ଭଗବାନଙ୍କୁ ଜଣାଇଥାନ୍ତି। ଆହୁରି ମନେ ହେବାକୁ ଲାଗିଲା, ଅପରର ରୁଚି ଅନୁସାରେ ରଚିତ ବନ୍ଧା ଗତରେ ଭଗବାନଙ୍କୁ ଡାକିଲେ ତ ବାସ୍ତବିକପକ୍ଷରେ ନିଜର ମନ ପରି, ନିଜର ପ୍ରାଣ ପରି ଡକାହୁଏନା। ସେପରି ଚିଜ୍ଜପ୍ତି ଭୁଲ ହୁଏ। ବୋଧହୁଏ ଏଥିପାଇଁ କେହି ଭଲ ଫଳ ମଧ୍ୟ ପାଏ ନା। ମୁଁ ତ ବାଲ୍ୟକାଳରେ ସହଜ ବଙ୍ଗଳା କଥାରେ ଯେତେବେଳେ ଯେଉଁ ବିଷୟରେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲି, ସେତେବେଳେ ହିଁ ମୋର ମନୋବାସନା ପୂର୍ଣ୍ଣ ହେଉଥିଲା।

୧୩୦୭ ସାଲର ଆଶ୍ୱିନ ମାସରେ ଦିନେ ପ୍ରବଳ ବୃଷ୍ଟି ହେଉଥିଲା। ବରଇଘୁରାର ଘରର ପଶ୍ଚିମ କୋଠାଘରରେ ଦିନବେଳାରେ ପଲଙ୍କ ଉପରେ ସୁଖଶଯ୍ୟାରେ ଅର୍ଦ୍ଧଶାୟିତାବସ୍ଥାରେ କେତେକଣ ଭାବୁ ଭାବୁ ଗୋଟାଏ ସକାମ ପ୍ରାର୍ଥନା ମନରେ ଉଦୟ ହେଲା ଏବଂ ତାହା ଲିପିବଦ୍ଧ କରାହେଲା।

ଗୃହସ୍ଥର ପ୍ରାଥମିକ ପ୍ରାର୍ଥନା

ହରି, ଅଧମେର ବନ୍ଧୁ, କୃପା କର କୃପାସିନ୍ଧୁ,
ଧର୍ମେ ମୋର ସଦା ରାଖ ମତି।
ଦାଓ ଶାନ୍ତି ପରିଜନେ, ଉନ୍ନତି ଧନେ-ଜନେ,
ଅହଙ୍କାରେ ନାହି ଯେନ ମାତି।
ସୁସ୍ଥ ଶରୀରେ ସବେ, ରାଖୋ ପ୍ରଭୋ ଏଇ ଭବେ,
ଯତଦିନ ସବେ ବେଁଚେ ଥାକି।
ଅକାଳ ମରଣ ହରି ସବେ ଦୀର୍ଘଜୀବୀ କରି,
ସୁଖେ ରାଖ ସତ୍ୟ ପଥେ ରାଖି।
ଲୋଭ, ମୋହ, କାମ, କ୍ରୋଧ, ହିଂସା ଆଦି ରିପୁଯତ,
ହେ ସଦା ଆମାର ହୃଦୟ।
ତା'ଦିଗେ କରିତେ ବାଧ୍ୟ ଓହେ ସର୍ବେଦେବାରାଧ୍ୟ,
ଦାଓ ଶକ୍ତି ଓହେ ଦୟାମୟ।
ସକଲି କରିତେ ପାର, ପଇକେତେ ରାଙ୍କାକର,
ଯାର ପ୍ରତି ହଓ ହେ ସଦୟ।
ଅନ୍ଧେ ଦେଖିତେ ପାରେ ବୋବାୟ ସଙ୍ଗୀତ କରେ
ଗିରି ଲଙ୍ଘି'ପଙ୍ଗୁଜନ ଯାୟ।
ଯା କରାଓ ତାଇ ବଲ, କୋନ ଶକ୍ତି ନାହି ଧରି,
ଚଲି-ବଲି ତୋମାର କୃପାୟ।
ତୁମି ଶକ୍ତି, ତୁମି ବଲ, ତୁମି ଭରସା କେବଲ,
ହାସି-କାନ୍ଦି ତୋମାର ଇଚ୍ଛାୟ।

ଆମି ଅତି ଅଭାଜନ, ନା ଜାନି କୋନ ଭଜନ,
କିବା ଗତି ହବେ ଶେଷ ଦିନେ !
କରି କୃପାବିନ୍ଦୁ ଦାନ, ଅନ୍ତିମେତେ ପଦେ ସ୍ଥାନ,
ଏ ଅଧମେ ଦିଓ ନିଜ ଗୁଣେ !

ସେତେବେଳୁ ଏହି ପ୍ରାର୍ଥନାଟି ମୋର ପ୍ରାର୍ଥନା ଓ ଜପ ତପ ହେଲା । ବହୁଦିନ ପର୍ଯ୍ୟନ୍ତ ଏହିପରି ଘୁଲିଲା । ସେଥିରେ ବି ଶାନ୍ତି ହେଲା ନାହିଁ । ମନେହେଲା—ଏହା ଯେ ସମ୍ପୂର୍ଣ୍ଣ ସ୍ୱାର୍ଥଜଡ଼ିତ ପ୍ରାର୍ଥନା । ନିଃସ୍ୱାର୍ଥଭାବରେ ପ୍ରାର୍ଥନା କରିବାକୁ ହେବ । କିନ୍ତୁ ସେପରି ମନର ଅବସ୍ଥା ତ ମୋର ହେଉନାହିଁ । ମନେ ହେବାକୁ ଲାଗିଲା, ଶ୍ରୀଶ୍ରୀ ରାମକୃଷ୍ଣଦେବ କୁଆଡ଼େ କହିଥିଲେ—"ଯତ ମତ ତତ ପଥ ।" "ଯେତେ ମତ ସେତେ ପଥ ।" ସେ ନାନା ମତରେ ସାଧନା କରି ପ୍ରତ୍ୟେକଟିରେ ସିଦ୍ଧିଲାଭ କରିଥିଲେ । କିନ୍ତୁ ସେ ଗୋଟିଏ ମତ ବା ପଥକୁ ଯେପରି ଶ୍ରେଷ୍ଠସ୍ଥାନ ଦେଇଥିଲେ ବୋଲି ଅନେକେ ମନେ କରନ୍ତି । କେହି କେହି କହନ୍ତି, ସେ କୁଆଡ଼େ ଏକ ସମୟରେ କହିଥିଲେ—"ମଇ, ଦଉଡ଼ି, ବାଉଁଶ, ସିଡ଼ି, ସବୁଥିରେ ଛାତକୁ ଉଠାଯାଏ, କିନ୍ତୁ ସିଡ଼ି ଦେଇ ଉଠିବା ହିଁ ପ୍ରଶସ୍ତ ।" ଆଉ, ତାହା ଯଦି ନ ହୁଅନ୍ତା ତେବେ ଶେଷ ପର୍ଯ୍ୟନ୍ତ ମା'କୁ ନ ଡାକି ମୁସଲମାନ ମତ ବା ବ୍ରହ୍ମମତଟିକୁ ଶ୍ରେଷ୍ଠ କହିପାରିଥାନ୍ତେ । ଅଥବା ଯୀଶୁଖ୍ରୀଷ୍ଟ-ଭଜନ ଶ୍ରେଷ୍ଠ ତାହା ବି କହି ନାହାଁନ୍ତି । କେହି କେହି କହନ୍ତି ଯେ, ସେ ଏହି ଭାବର କଥା ବି କହିଛନ୍ତି, "ଅଦ୍ୱୈତ ମତ ଲୁଗାକାନିରେ ବାନ୍ଧି ଯାହା ଇଚ୍ଛା କର ବା ଯଥା ଇଚ୍ଛା ଯାଅ ।" ଏଥିରେ ମନରେ ବାଧା ଉପସ୍ଥିତ ହେଲା । କେଉଁଟି ତେବେ ବଡ଼ ? ମନେହେଲା, ବର୍ତ୍ତମାନ ପ୍ରତ୍ୟକ୍ଷ ଦରକାର । ଅନ୍ଧକାରରେ ଢେଲା ପକାଇବାକୁ ଘୃଣାହେଲା । ମୋର ମନେହେଲା —

ମନପାଗଲା ରେ ହରଦମେ ପ୍ରଭୁର ନାମ ଲଅ ।
ହାତେତେ କରିଅ କାଜ ମୁଖେ ନାମଟି ଲଅ ।
ପ୍ରଭୁର ନାମ ନିଲେ ପରେ ଭାଇ ପାବି ପାରେର ନାଅ ।
ମୁସଲମାନେର ଆଲ୍ଲାରେ ଭାଇ, ହିନ୍ଦୁର ହରି, କାଲୀ,
ଭିନ୍ନ ଭେଦ ନାହି ରେ ଭାଇ, ଭିନ୍ନ ମାତ୍ର ବୁଲି ।
ଯା ଇଚ୍ଛେ ତାଇ ମୁଖେ ବଲେ ଭକ୍ତିତେ ନାମ ଲଅ ।
ଭକ୍ତିଭରେ ଗୁରୁକେ ଭାଇ ଢୈକି କ୍ୟାନ୍ ନା କଅ ।

ସେତେବେଳେ ଦିବାନିଶି ଏହାହିଁ ମୋର ସ୍ତୋତ୍ରସ୍ୱରୂପ ହେଲା । ଆପଣା ମନରେ ଏହାକୁ କିଛିଦିନ ଗାଉଥିଲି । ସ୍ୱର୍ଗତ ଅଶ୍ୱିନୀକୁମାର ଦତ୍ତଙ୍କର ଭକ୍ତିଯୋଗରେ ଦେଖିଥିଲି "ଢିଙ୍କି ଭଜି ଯଦି ପାର ହୋଇପାର ବନ୍ଧୁ ।" କଥାଟି ଭଲ ଲାଗୁଥିଲା । ଏଥିରେ ମଧ୍ୟ ମନ ଶାନ୍ତ ହେଲାନାହିଁ । ତାପରେ ଫରିଦ୍‌ପୁର ଘୋଷପାଡ଼ା ନିବାସୀ ସାଧକପ୍ରବର ଶ୍ରୀଯୁକ୍ତ କାଳୀଦାସ ଘୋଷ ସନ୍ନ୍ୟାସୀ ଓରଫ ଭୁଲୁୟାବାବା ଦୟାକରି ଦୁର୍ଗାନାମ ଜପ କରିବାକୁ ଶିକ୍ଷା ଦେଲେ । ପ୍ରାୟ ଦୁଇବର୍ଷ ତାହାହିଁ କରାହେଲା । ଶାନ୍ତି ପାଇଲି ନାହିଁ । ଏହି ସମୟରେ ମନେ ହେବାକୁ ଲାଗିଲା—"ହରି ଭଜେ କି କାଳୀ ଭଜେ ?" ସେତେବେଳେ ମନର ଏପରି ଏକ ଅବସ୍ଥା ହେଲା ଯେ ପାଲିଙ୍କିରେ ବା ଘୋଡ଼ାରେ ଚଢ଼ି ରୋଗୀ ଦେଖିବାକୁ ଯିବା ସମୟରେ ଖୁବ୍ ହରିନାମ ଜପ କରୁଥାଏ ଓ ଫେରିବା ସମୟରେ ଦୁର୍ଗା ଓ କାଳୀନାମ ଜପ କରୁଥାଏ । କେତେ ସାଧୁ ମହାପୁରୁଷ ନାମଧାରୀ ବ୍ୟକ୍ତିଙ୍କ ସହିତ ଦେଖାହେଲା । କେହି କହନ୍ତି

କାଳୀ-କୃଷ୍ଣ ଅଭେଦ, କେହି କହନ୍ତି ତାହା ହୋଇପାରେ ନା । ସେତେବେଳେ କାଳୀ ଓ କୃଷ୍ଣ ଏକ କରି ଗୀତ ଗାଇବାକୁ ଖୁବ୍ ଭଲ ଲାଗୁଥାଏ । ବଡ଼ ଆରାମ ବୋଧହୁଏ । ସେଥିପାଇଁ ଜଣଙ୍କ ନିକଟରୁ ଶୁଣି ନିମ୍ନଲିଖିତ ଗୀତଟି ନିଜ ମନରେ ସର୍ବଦା ଗାଉଥାଏ ।

ମା ତାରା, କଳୁଷ-ବିନାଶିନୀ କାଲୀ ।
କଣ୍ଠେ ମୁଣ୍ଡମାଳା ଗଲେ କଣ୍ଠେ ବନମାଳୀ ।
କଖନ କରେତେ ଅସି, କଖନ ମୁରଲୀ ।
କଖନ ପୁରୁଷ ହଓ ମା କଖନ ହଓ ନାରୀ ।
ବାମନ ଅବତାରେ ମାଗୋ ବଲିରେ ଛଲିଲି ।
ରାମ ଅବତାରେ ମାଗୋ ରାବଣେ ବଧିଲି ।
କୃଷ୍ଣ ରୂପେ ବୃନ୍ଦାବନେ ବ୍ରଜାଙ୍ଗନା ମନ ଭୁଲାଲି । ଇତ୍ୟାଦି

କିଛିଦିନ ପରେ ବି ଶାନ୍ତି ହେଲା ନାହିଁ । କୌଣସି କୌଣସି ଗ୍ରନ୍ଥପାଠ କରି ଅବଗତ ହେଲି, ପ୍ରଣାଳୀକ୍ରମେ ନାମ ନ କଲେ କୌଣସି ଫଳ ହୁଏ ନାହିଁ । କେହି କେହି କହିଲେ—"ଦୀକ୍ଷା ଗ୍ରହଣ ନ କଲେ କିଛି ବି ହେବ ନାହିଁ ।" କେହି କହିଲେ—"ବିଶ୍ୱାସ କରି ଯାହା ତାହା ନିକଟରୁ ନାମ ଗ୍ରହଣ କଲେ ହିଁ ହୁଏ ।" ଜଣେ "ଧର ଛେଳି ପତ୍ର ଖାଅ" ମନ୍ତ୍ର ଗୋଟିଏ ମୂର୍ଖ ନିକଟରୁ ଲାଭ କରି ଜପ କରୁଥାଏ । ସେଥିରେ ଭଗବାନ୍ ଛେଳି ହୋଇ ଆସି ତାହା ନିକଟରୁ ପତ୍ର ଖାଉଥିଲେ । ସେ କଥା ମୋତେ ଭଲ ଲାଗିଲା ନାହିଁ, ମୁଁ କଣ ମୋର ପ୍ରାଣର ଠାକୁରଙ୍କୁ ଛେଳି ରୂପରେ ଦେଖି ଶାନ୍ତି ପାଇ ପାରେ । ମୁଁ ଘୃହେଁ ସ୍ୱରୂପ ଦେଖିବାକୁ ଓ ପ୍ରାଣ ମତୁଆଲା ମଧୁମୟ କଥା ଶୁଣିବାକୁ । ସେପରି ଛେଳିର ପତ୍ର ଖାଇବା ଗଲ୍ପରେ ମୁଁ ସନ୍ତୁଷ୍ଟ ହୋଇ ପାରିଲି ନାହିଁ ।

ବହୁ ସାଧୁ-ସନ୍ନ୍ୟାସୀ ଏବଂ ଭକ୍ତମାନଙ୍କ ସହିତ ମିଳିମିଶି ମଧ୍ୟ ପ୍ରକୃତ ପନ୍ଥା ଅବଗତ ହୋଇପାରିଲି ନାହିଁ । ଓହୋ ! କି ଦୁର୍ଭାଗ୍ୟ ମୋର ! ଶାନ୍ତି ପାଇଲି ନାହିଁ । ନାନା କାରଣରେ ଓ ଭୁୟୋଦର୍ଶନର ଅଭିଜ୍ଞତା ଫଳରେ ବ୍ୟବସାୟୀ କୁଳଗୁରୁଙ୍କ ପ୍ରତି ମୋର ବିଶ୍ୱାସ ନଷ୍ଟ ହୋଇଥିଲା । ନିଜ ବଂଶ ପରମ୍ପରାକ୍ରମିକ ଗୁରୁଦେବଙ୍କର କୌଣସି ଦୋଷ ନ ଥିବା ଏବଂ ନ ପାଇବା ସତ୍ତ୍ୱେ ମଧ୍ୟ ତାଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିବାକୁ ଇଚ୍ଛା ହୋଇ ନଥିଲା । ସର୍ବଦା ମନେ ହେଉଥିଲା ସର୍ବଶ୍ରେଷ୍ଠତମ ଗୁରୁ ମୋର ଦରକାର । ମୁଁ ଘୃହେଁ ମହାପ୍ରଭୁ ଶ୍ରୀଗୌରାଙ୍ଗଦେବଙ୍କ ପରି, ପ୍ରଭୁ ନିତ୍ୟାନନ୍ଦଙ୍କ ପରି କିମ୍ବା ଶ୍ରୀରାମକୃଷ୍ଣଦେବଙ୍କ ପରି ଗୁରୁ । ମୁଁ ଏପରି ଗୁରୁ ଘୃହେଁ—ଯେପରି ତାଙ୍କ ଅପେକ୍ଷା କୌଣସି ଶ୍ରେଷ୍ଠ ଗୁରୁ ଆଉ କାହାର ଅଛି ଏପରି କଥା କେବେ ମୁଁ ଶୁଣିବାକୁ ନ ପାଏ । ମୁଁ ଘୃହେଁ କୌଣସି ଅବତାର ଗୁରୁ । ନଚେତ୍ ଦୀକ୍ଷାଗ୍ରହଣ କରିବି ନାହିଁ । ଅଦୀକ୍ଷିତାବସ୍ଥାରେ ମରିଯିବି ତାହା ମଧ୍ୟ ଭଲ ।

ଏପରି ସମୟରେ ବଙ୍ଗଳାର ଗୌରବରବି ବୈଷ୍ଣବକୁଳ ଧୁରନ୍ଧର ଗୌଡ଼ରାଜର୍ଷି ଶ୍ରୀଲ ଶ୍ରୀଯୁକ୍ତମହାରାଜ ମନିନ୍ଦ୍ରଚନ୍ଦ୍ର ନନ୍ଦୀବାହାଦୁରଙ୍କ ଜଣେ ପ୍ରଧାନ କର୍ମୀ ବୈଷ୍ଣବକୁଳଭୂଷଣ ଭକ୍ତଚୂଡ଼ାମଣି ଶ୍ରୀଯୁକ୍ତବାବୁ ବାମାଚରଣ ବସୁ-ମହାଶୟ ଦୟା କରି ପ୍ରାୟ ସପ୍ତାହକାଳ ମୋର କୁଷ୍ଟିୟାସ୍ଥିତ ଘରେ ସପାର୍ଷଦ ଅବସ୍ଥାନ କରି ସର୍ବଦା ଭଗବତ୍‌ଗୁଣାନୁକୀର୍ତ୍ତନରେ ଓ ନାନାବିଧ ଉପଦେଶଦାନରେ ମୋତେ କିମ୍ଭୂତ ଶାନ୍ତ କରିଥିଲେ । ସେ ବୃନ୍ଦାବନ ଧାମରୁ ଇ.ପି.ପାର୍ଶଲ ଯୋଗେ ଶ୍ରୀଶ୍ରୀଗୋବିନ୍ଦଜୀଉଙ୍କର ଯୁଗଳ ଫଟୋପ୍ରତିମୂର୍ତ୍ତି, ଉନବସ୍ତ୍ର, ନାମାବଳୀ ଓ ଜପପାଇଁ ତୁଳସୀମାଳା

ମୋତେ ଅଣାଇ ଦେଇଥିଲେ । ପୁସ୍ତକପାଠ ହୋଇ ମାଳା ଜପମନ୍ତ୍ର ଅର୍ଥାତ୍ ବୈଷ୍ଣବମତରେ ଷୋଳନାମ ବତ୍ରିଶ ଅକ୍ଷର—"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ ।" ଶିକ୍ଷା କରି ପ୍ରାଣପଣେ ଜପ କରିବାକୁ ଲାଗିଲି । ସେତେବେଳେ ଆହୁରି ଅନେକ ସାଧୁବ୍ୟକ୍ତିଙ୍କ ଉପଦେଶରେ ଦୀକ୍ଷାଗ୍ରହଣ ସ୍ଥିର କରି ଗୁରୁ ଅନ୍ୱେଷଣ କରିବାକୁ ଲାଗିଲି । ଗୋଟିଏ ଟିଣଘର କିଣି ରଖିଲି । ନାନା-ଶ୍ରେଣୀର ଛୋଟବଡ଼ ବହୁ ନାମଜାଦା ସାଧୁ-ସନ୍ନ୍ୟାସୀ ଦୟା କରି ସେଠାରେ ଉପସ୍ଥିତ ହୋଇ ସେବା ଗ୍ରହଣ କଲେ । ଏହିପରି ସେମାନଙ୍କର ସଙ୍ଗ କରୁ କରୁ ବହୁଦିନ କଟିଗଲା । ବହୁ ଅର୍ଥ ମଧ୍ୟ ବ୍ୟୟ ହେଲା । ବେଶ୍ ଟିକିଏ ଅଭିଜ୍ଞତା ଲାଭ କରାଗଲା । ଏହି ଅଧମର ପାପ-ଚକ୍ଷୁ ଓ ଅନ୍ତଃକରଣ ସେମାନଙ୍କର ଅଧିକାଂଶକୁ ନିର୍ମଳ, ଖାଣ୍ଟି ବୋଲି ବିଶ୍ୱାସ ଗ୍ରହଣ କରିବାକୁ ପ୍ରସ୍ତୁତ ଏବଂ ସମର୍ଥ ହେଲା ନାହିଁ । ଥରେ ଜଣେ ପ୍ରକୃତ ନିର୍ମଳ ସାଧୁ ପାଇଥିଲି । କିନ୍ତୁ ସେ ଆସିବେ ବୋଲି କହି ଆଉ ଫେରି ଆସିଲେ ନାହିଁ । ଏହି ସମୟରେ ନାନାଗୁହ୍ୟ-ସନ୍ନ୍ୟାସୀ କୁମାରଖାଲି-ନିବାସୀ ଶ୍ରୀଳ ଶ୍ରୀଯୁକ୍ତ ରାମଗୁପ ଚକ୍ରବର୍ତ୍ତୀ-ପ୍ରଭୁ ସର୍ବାପେକ୍ଷା ଉପଯୁକ୍ତ, ବୁଝି ତାଙ୍କ ଶ୍ରୀଚରଣରେ ଶପଥ ଗ୍ରହଣ କଲି । ସେ ଦୟାକରି ମୋତେ ବୈଷ୍ଣବମତରେ ଦୀକ୍ଷାପ୍ରଦାନ କଲେ । ଏହାର ୨।୪ ଦିନ ପୂର୍ବେ ମୋର ସହଧର୍ମିଣୀ ମଧ୍ୟ ପ୍ରସୂତିରେ କୌଣସି ତଦାନୀନ୍ତନ ଆମମାନଙ୍କର ଅପରିଚିତ ସୁନ୍ଦର ପୁଠାମ ପରମ-ରୂପ-ଲାବଣ୍ୟସମ୍ପନ୍ନ ଏକ ଯୁବକ ମହାପୁରୁଷଙ୍କ ନିକଟରୁ ଦୀକ୍ଷାପ୍ରାପ୍ତ ହୋଇଥିଲେ । ଗୁରୁଦେବ ତାହା ଶୁଣି ତାଙ୍କୁ ଦୟାକରି ସମସ୍ତ ବୁଝାଇଦେଲେ । ଦୀକ୍ଷାଗ୍ରହଣାନ୍ତେ ଯଥାସାଧ୍ୟ ସାଧନ-ଭଜନ କରିବାକୁ ଆରମ୍ଭ କଲି । ଗୋଟିଏ ଠାକୁରଘର କରାଇଲି । ତୁଳସୀକାନନ ଓ ଫୁଲବଗିଚା କରାଇଲି ।

ଶ୍ରୀଶ୍ରୀରାଧାକୃଷ୍ଣ ପଟମୂର୍ତ୍ତି ସ୍ଥାପନ ପୂର୍ବକ ନିୟମ ସେବାମତ ପୂଜା, ଆରତି, ଭୋଗରାଗାଦି କାର୍ଯ୍ୟ ଦ୍ୱାରା ସେବା କରି ପ୍ରସାଦ ଭୋଜନ କରୁଥିଲି । ଇଷ୍ଟମନ୍ତ୍ର ଓ କାମ-ବୀଜ, କାମ-ଗାୟତ୍ରୀ ଯଥାରୀତି ଜପ କରା ହେଉଥିଲା । ସଂଧ୍ୟାକାଳରେ ଆରତି କୀର୍ତ୍ତନ-ସହକାରେ ସଂଧ୍ୟା-ଆରତି କାର୍ଯ୍ୟାଦି ସମାପନ କରି ମାଳା ଜପୁଥିଲି । ପୁନରାୟ ରାତ୍ରିରେ ନାମ-ସଂକୀର୍ତ୍ତନ ଓ ପ୍ରଭାତରେ ପ୍ରଭାତୀ କୀର୍ତ୍ତନ କରୁଥାଏ । ନିରାମିଷ ଭୋଜନ ଅର୍ଥାତ୍ ସାତ୍ତ୍ୱିକ ଆହାର କରାହେଉଥାଏ । ଗୀତିମତ ଆତ୍ମରାହ୍ନିକ ପାଳନ କରା ହେଉଥିଲା । ପର୍ବଦା ଉନବସ୍ତ୍ର ପରିଧାନ ଓ ଦେହରେ ନାମାବଳୀ ଧାରଣ କରୁଥିଲି । କଣ୍ଠରେ ତୁଳସୀକଣ୍ଠି ଧାରଣା କରାହେଲା । ମସ୍ତକରେ ଶିଖା ରଖାଗଲା । ତିଳକସେବା ଇତ୍ୟାଦି ବୈଷ୍ଣବଜନୋଚିତ କାର୍ଯ୍ୟସବୁ କରା ହେବାକୁ ଲାଗିଲା । ଏକାଦଶ୍ୟୁପବାସାଦି କରାହେବାକୁ ଲାଗିଲା । ଶ୍ରୀଶ୍ରୀଠାକୁର ଘରର ଶୋଭାବର୍ଦ୍ଧନ ଓ ମନରେ ଶ୍ରୀବୃନ୍ଦାବନର ଭାବଜାଗ୍ରତ କରିବା ଅଭିପ୍ରାୟରେ ଗୁରୋଟି ମୟୂର-ମୟୂରୀ ପୋଷାଗଲା । ପ୍ରଥମ ଉଦ୍ୟମ, ନବ ଅନୁରାଗ, ଖୁବ୍ ପୂଜା ଅର୍ଚ୍ଚନା, ସାଧନ-ଭଜନ, କୀର୍ତ୍ତନାଦି ଶ୍ରବଣ ଘଣ୍ଟି ରହିଲା । ଶ୍ରୀମଦ୍ଭାଗବତ୍, ଶ୍ରୀମଦ୍ଭାଗବତ୍ ଗୀତା, ଶ୍ରୀଚୈତନ୍ୟ-ଭାଗବତ ଶ୍ରୋକ ମହାରାଜାଙ୍କର ଶ୍ରୀବୈଷ୍ଣବ ସମ୍ମିଳନୀର ଶ୍ରୀ ବାମାଚରଣ ବାବୁଙ୍କ କୃପାରୁ ଦାନ ପ୍ରାପ୍ତ ଶ୍ରୀଚୈତନ୍ୟଚରିତାମୃତ, ଶ୍ରୀଭକ୍ତମାଳ ଗ୍ରନ୍ଥ, ଶ୍ରୀନରୋତ୍ତମ ଠାକୁରଙ୍କ ଗ୍ରନ୍ଥ, ତାଙ୍କ ଜୀବନଚରିତ ପ୍ରଭୃତି ଧର୍ମଗ୍ରନ୍ଥ ଓ ଭକ୍ତି, ଶାସ୍ତ୍ର, ଭକ୍ତି, ବୈଷ୍ଣବସଙ୍ଗିନୀ ଓ ଶ୍ରୀଳ ମହାରାଜାଙ୍କର ଶ୍ରୀଗୌରାଙ୍ଗସେବକ ତତ୍ତ୍ୱମଞ୍ଜରୀ ଓ ଉଦ୍‌ବୋଧନ ପ୍ରଭୃତି ଧର୍ମ ବିଷୟକ ପ୍ରଭୃତି ମାସିକ ପତ୍ରିକା ଭକ୍ତି ସହକାରେ ପାଠ କରୁଥାଏ । ଖଡ଼ଦହରେ ବୈଷ୍ଣବ ସମ୍ମିଳନୀ ଅଷ୍ଟମ ବାର୍ଷିକ ଉତ୍ସବରେ ନିମନ୍ତ୍ରିତ ହୋଇ ଯୋଗଦାନ କରି ବହୁ ଶିକ୍ଷାଲାଭ କଲି ।

ଶ୍ରୀଧାମ-ବୃନ୍ଦାବନ, ମଥୁରା, ଗୟା, କାଶୀ ପ୍ରଭୃତି ବହୁ ତୀର୍ଥ ସପରିବାରେ ପରିଭ୍ରମଣ କରି ବହୁ ବିଷୟ ଶ୍ରବଣ ଓ ନୟନଗୋଚର କରି ଆସିଲି । ଅନେକ ଶିକ୍ଷାଲାଭ ହେଲା । ଏହିପରି ପାତବର୍ଷ କାଳ କଠୋର (ଅବଶ୍ୟ ମୋ ପକ୍ଷରେ) ସାଧନା କଲି; କିନ୍ତୁ ପ୍ରକୃତ ଆନନ୍ଦ ଉପଲବ୍ଧି କରିପାରିଲି ନାହିଁ । ପ୍ରକୃତ ଶାନ୍ତିଲାଭ ମୋର ଦୂରଦୃଷ୍ଟିରେ ଘଟିଲା ନାହିଁ । ମୋର ଚେହେରା ସାଧୁଙ୍କ ପରି ହେଲା । ସାଧୁଙ୍କ ପରି ମୋର ନାମ ପ୍ରସ୍ତୁର ହେଲା । ଖୁବ୍ ଆଦର-ଅଭ୍ୟର୍ଥନା ଓ ନିମନ୍ତ୍ରଣ ପାଇବାକୁ ଲାଗିଲି । ପୁଣି କେହି କେହି ଦୟାକରି ଭଣ୍ଡ ଆଖ୍ୟା ପ୍ରଦାନ କରିବାକୁ ତ୍ରୁଟି କଲେ ନାହିଁ । ମୋର ଠାକୁର-ପୂଜାର ଟିକିଏ ଚରଣାମୃତ ବା ଟିକିଏ ନିର୍ମାଲ୍ୟ ଗ୍ରହଣ କରି ଲୋକଙ୍କର ବ୍ୟାଧି ନିରାମୟ ହେଲା, କେତେ କ'ଣ ହେଲା । ମୋ ଘରକୁ କେତେ କ'ଣ ସଦେଶ-ଭୋଗ ଆମଦାନୀ ହେବାକୁ ଲାଗିଲା । ଏହି ସମୟରେ "କତ ଭାଲବାସ ଥେକେ ଆଡ଼ାଲେ" ଏହି ଗୀତଟି ଓ "ଶ୍ରୀଦାମ କହିଛେ ବାଣୀ ଶୁନଗୋ ମା ନନ୍ଦରାଣୀ" ଏହି ଗୋଷ୍ଠ-ଲୀଳାର ଗୀତଟି ମୋତେ ବଡ଼ ଭଲ ଲାଗୁଥିଲା । ଯେତେବେଳେ ଗାଉଥିଲି, ସେତେବେଳେ କାନ୍ଦି ଆକୁଳ ହୋଇ ଯାଉଥିଲି । ଶ୍ରୀକୃଷ୍ଣ ଓ ଶ୍ରୀଗୌରାଙ୍ଗ ନାମରେ ମୋର ଆନନ୍ଦ ହେଉଥାଏ, ରୋମାଞ୍ଚ ହେଉଥାଏ, ଅଶ୍ରୁଧାରାରେ ବକ୍ଷସ୍ଥଳ ପ୍ଲାବିତ ହେଉଥିଲା । କିନ୍ତୁ ସେଥିରେ ବି ମୋ ହୃଦୟରେ ଶାନ୍ତି ଆସିଲା ନାହିଁ । ଭଣ୍ଡାମି କରି ଖୁବ୍ କୃତ୍ରିମ ଭକ୍ତି ଦେଖାଇ ମୁଁ ଖୁବ୍ ଶାନ୍ତି ପାଉଛି, ଏ କଥା ନ କହି ଅନେକ ଭକ୍ତ କହିଲେ, "କେଉଁ ଅପରାଧ ଅଛି, ସେଥିରୁ ଏପରି ହେଉଛି ।"

ଏହି ସମୟରେ ମୋର ପ୍ରତିବେଶୀ ଜଣେ ଶାକ୍ତଚୂଡ଼ାମଣି ବୃଦ୍ଧବ୍ରାହ୍ମଣ ଉଚ୍ଚ-ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂସ୍କୃତଜ୍ଞ ପଣ୍ଡିତ ଓ ଜ୍ଞାନୀ, ଯାହାଙ୍କୁ ମୁଁ ବିଶେଷ ମାନ୍ୟ ଓ ଭକ୍ତିଶ୍ରଦ୍ଧା କରୁଥିଲି, ସେ କହିଲେ—"ସେଥିରେ କିଛି ହେବ ନାହିଁ, କାଳୀ ଉପାସନାହିଁ ଶ୍ରେଷ୍ଠ ଏବଂ ମଦ୍ୟ, ମାଂସ, ପାନ-ଭୋଜନ ବ୍ୟତୀତ କୌଣସି ଉନ୍ନତି ହୋଇପାରେ ନା ।" ତାହାପରେ ଏକ ସମୟରେ ଦିନେ ସେ କଠିନ ରୋଗରେ ମୃତପ୍ରାୟ ହୋଇ ପଡ଼ନ୍ତି ଏବଂ ମୋର ଚିକିତ୍ସା ଓ ଶୁଶ୍ରୂଷାରେ ସୁସ୍ଥ ଓ ପରନ୍ତୁ ହୋଇ ମୋତେ ଭଲ ପାଇ ଉପଦେଶ ଦେଇ—"ଈଶ୍ୱର-ଫିଶ୍ୱର କିଛି ନାହିଁ । ଖାଅ ପିଅ ସୁଖରେ ରୁହ, ଖୁବ୍ ବାବୁଗିରି କର, ସ୍ତ୍ରୀ-ପୁତ୍ର ପ୍ରତିପାଳନ କର, ସେମାନଙ୍କୁ ସୁଖରେ ରଖ, ଏହାଛଡ଼ା ଧର୍ମ-କର୍ମ କିଛି ନାହିଁ ।" ବୈଷ୍ଣବ-ମତରେ ଦୀକ୍ଷାଗ୍ରହଣ ପୂର୍ବରୁ କେତେଥର କାଳୀଘାଟକୁ ଗଲି ଓ କେତେ ଛେଳିଛୁଆ ବଳି ଦେଇ ଆଦ୍ୟଶ୍ରାଦ୍ଧ କଲି । ସେଥିରେ ମଧ୍ୟ ଶାନ୍ତି ପାଇ ନାହିଁ ।

ଏହି ସମୟରେ ମନ ପୁଣି ଭୟାନକ ଉଚ୍ଛୃଙ୍ଖଳ, ଉଦ୍‌ବିଗ୍ନ, ଶାନ୍ତିହରା ଓ ଅତ୍ୟନ୍ତ ସଂଶୟାକୁଳ ହୋଇ ପଡ଼ିଲା । କୃଷ୍ଣ ଭଜିବି କି କାଳୀ ଭଜିବି, ମଦ୍ୟ-ମାଂସ ଖାଇବି କି ସାତ୍ତ୍ୱିକ ଆହାରରେ ଉଦରପୂର୍ତ୍ତି କରିବି, ଏହା ଏକ ବିଷମ ସମସ୍ୟା । କେହି କହିଲେ କାଳୀ କୃଷ୍ଣ ଏକ, କେହି କହିଲେ ତତ୍ତ୍ୱତଃ ଓ ବସ୍ତୁତଃ ଅନେକ ପାର୍ଥକ୍ୟ । କେହି କହିଲେ କୃଷ୍ଣ ସ୍ୱୟଂ ଭଗବାନ୍ । କେହି ପୁଣି କୃଷ୍ଣଲୀଳାର କୁରୁଚିପୂର୍ଣ୍ଣ ବ୍ୟାଖ୍ୟାକରି ମନର ଭାବ ନଷ୍ଟ କରି ଦିଅନ୍ତି । ପୁଣି, ବହୁ ବୈଷ୍ଣବ-ସାଧୁଙ୍କର ଭଣ୍ଡାମି, ସ୍ୱାର୍ଥପରତା, ଅର୍ଥଲୋଲୁପତା ଓ କୁରୁଚିପୂର୍ଣ୍ଣ ବ୍ୟବହାର ଏବଂ କୌଣସି କୌଣସି ନାମଜାଦା ଶାକ୍ତଙ୍କର କଦର୍ଥପୂର୍ଣ୍ଣ ବ୍ୟବହାର ବା ପଞ୍ଚ 'ମ'କାରର ଅପବ୍ୟବହାର, ସେହି ସେହି ସମ୍ପ୍ରଦାୟର ଭକ୍ତମାନଙ୍କର ବ୍ୟାଖ୍ୟା କରି ଦେଖାଇ ଓ ଶୁଣାଇ ଏବଂ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଚକ୍ଷୁରେ ଅଙ୍ଗୁଳିପ୍ରଦାନ ପୂର୍ବକ ପ୍ରଦର୍ଶନ କରାଇଲେ । ସେତେବେଳେ ଆଉ "ସାଧୁଙ୍କର ନ୍ୟାୟ-ଅନ୍ୟାୟ ଆଲୋଚନା, ଚିନ୍ତା ଓ ବିଗ୍ରର କରିବା ଭଲ ନୁହେଁ ସେଥିରେ ନିଜର କ୍ଷତି ଇତ୍ୟାଦି"—ପ୍ରବୋଧ ବାକ୍ୟରେ ମନ ବା ବିବେକ ମାନେନା । ପ୍ରାଣ ଜଳିପୋଡ଼ି ଛାରଖାର ହୋଇଗଲା । ବିବର୍ଗବିଳାସ-ମତରେ ବୈଷ୍ଣବ-ସାଧନା ଶ୍ରବଣ କରି ଓ ବିଶେଷ

ବୈଷ୍ଣବସାଧୁଙ୍କର ମୁଖରୁ ଉପପତ୍ତୀ ସହଯୋଗରେ ଉପାସନା ନ କଲେ ଭଗବାନ ମିଳନ୍ତି ନାହିଁ ଇତ୍ୟାଦି କଥା ଶୁଣି ଏବଂ ତାହାର ପ୍ରମାଣସ୍ୱରୂପ ସେମାନଙ୍କ ମୁଖରୁ ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କର ଓ ଶ୍ରୀସନାତନ ଗୋସ୍ୱାମୀ ପ୍ରଭୁଙ୍କର ଶ୍ରୀବୃନ୍ଦାବନରେ ଉପପତ୍ତୀ ଥିଲେ—ତାହାର ପ୍ରମାଣ ପ୍ରୟୋଗରେ ଗ୍ରନ୍ଥାଦିର ସାହାଯ୍ୟ କରି ମଧ୍ୟ ପୁଣି ମନେହେଲା—"କର୍ଣ୍ଣ ତୁମେ ବଧିର ହୁଅ।" ସେତେବେଳେ ସେହିସବୁ ସମ୍ପ୍ରଦାୟ ପ୍ରତି ବିଶେଷ ଘୃଣା ହେଲା। ଧର୍ମନାମରେ ବ୍ୟଭିଚାର, ଭ୍ରୂଣହତ୍ୟାର ପ୍ରାବଲ୍ୟ ଓ ମାତୃଶକ୍ତି ସ୍ୱରୂପା ଅବଳା-କନ୍ୟାର ଧର୍ମନାମରେ ସତୀତ୍ୱନାଶ ଓ ତାହାର ବହୁରୂପ ପରିମାଣ ଦର୍ଶନରେ ଅସ୍ଥିର ହୋଇପଡ଼ିଲି।

କିଛିକାଳ ମୁସଲମାନ ସାଧକଙ୍କ ସହିତ ସଙ୍ଗ କରାଗଲା। ବଙ୍ଗଳା କୋରାନ୍, ଏରସାଦେଖାଲେକିୟା ବା ଖୋଦାପ୍ରାପ୍ତି ତତ୍ତ୍ୱ ଓ କିମିୟାୟେଛାହାଦତ୍, ତାପସମାଳା, ନମାଜ ଶିକ୍ଷା ପ୍ରଭୃତି ଗ୍ରନ୍ଥ ପାଠ କଲି। କିନ୍ତୁ ସେଥିରେ ମଧ୍ୟ ପ୍ରକୃତ ଶାନ୍ତିଲାଭର ଆଶା ମିଳିଲା ନାହିଁ। ସେତେବେଳେ ଜଣେ ଇଂରାଜୀ ଖ୍ରୀଷ୍ଟାନ୍-ପ୍ରାଦ୍ରୀଙ୍କ ସହିତ ଆଳାପ-ଆଲୋଚନା କରି ଆନନ୍ଦ ବୋଧ ହେଲା, କିନ୍ତୁ ଶାନ୍ତିର ଆଶା ପାଇଲି ନାହିଁ। ତାଙ୍କର ଗୋଟିଏ ଉପଦେଶ ମୋତେ ଖୁବ୍ ଭଲ ଲାଗିଥିଲା। ସେ କହିଥିଲେ—"ସର୍ବଦା ପ୍ରାର୍ଥନା କରନ୍ତୁ, ହେ ଈଶ୍ୱର, ତୁମେ କିଏ ଏବଂ କିପରି, ମୋତେ ଦୟାକରି ଜଣାଇ ଦିଅ, ବୁଝାଇ ଦିଅ, ମୋତେ ଦେଖାଦିଅ, ଇତ୍ୟାଦି।" କିଛିଦିନ ଆକୁଳ ପ୍ରାଣରେ ତାହାହି କଲି। କିନ୍ତୁ ଯଥାପୂର୍ବଂ ତଥାପରଂ। ଏ ପାପ ଚକ୍ଷୁରେ ପ୍ରକୃତ ସାଧୁ ମିଳିଲା ନାହିଁ। ଦେଖିଲି ଅଧିକାଂଶ ହି ବ୍ୟବସାଦାର। କୌଣସି ନା କୌଣସି ଗୋଟିଏ ସ୍ୱାର୍ଥ ନେଇ ଅଛନ୍ତି। ଯେଉଁମାନେ ପ୍ରକୃତ ସାଧୁ ସେମାନେ ପ୍ରାୟ ଲୋକାଳୟରେ ନ ଥାନ୍ତି। ନିର୍ଜ୍ଜନରେ ନିଜର 'ଆତ୍ମଚିନ୍ତାରେ' ନିରତ; ସୁତରାଂ ସ୍ୱାର୍ଥପର। ତେବେ ସେମାନଙ୍କ ସାଧନାର ସୁଫଳ ଜଗତ କିଛି ପାଇଥାଏ ମାତ୍ର। ସେମାନଙ୍କ ଦ୍ୱାରା ମୋ ପରି ସାଧାରଣ ଲୋକର ଖୋଇଅଣା ଶିକ୍ଷାଲାଭ ହୋଇପାରେ ନା।

ଶ୍ରୀଶ୍ରୀପରମହଂସଦେବଙ୍କ ଦକ୍ଷିଣେଶ୍ୱରରେ ଓ ବିବେକାନନ୍ଦଙ୍କ ବେଲୁଡ଼ମଠରେ ଘୂରି ଆସିଲି। ପରମହଂସଦେବଙ୍କ ଛବି ଘରେ ରଖି ତାଙ୍କ ନିକଟରେ କେତେ କାନ୍ଦିଲି। କେତେ "ଜୟ ରାମକୃଷ୍ଣ, ଜୟ ରାମକୃଷ୍ଣ" ଜପିଲି, କିଛି ବୁଝିଲି ନାହିଁ। ଦିନେ ସ୍ୱପ୍ନରେ ଦେଖିଲି ପରମହଂସଦେବ କହିଲେ—"ତୋର କିଛି ହେବ ନାହିଁ।" ଅତ୍ୟନ୍ତ ଭୀତ ହେଲି। ତାଙ୍କର କୌଣସି ଜଣେ ଭକ୍ତଙ୍କୁ କହିଲି, ସେ କହିଲେ—ସେ କିଛି ନୁହେଁ—କିଛି ହେବ ନାହିଁ, ତେବେ ରାମକୃଷ୍ଣ ଆସିଲେ କାହିଁକି? ତାଙ୍କୁ ଡାକିବା କ'ଣ ବିଫଳ ହୁଏ?" କୌଣସି ଜଣେ ସାଧୁଙ୍କ ଉପଦେଶମତେ କେତେ ସୁଦୀର୍ଘ ଯାମିନୀ ପ୍ରାଣପଣେ "ଓଁ" ଜପ କଲି ଓ ଦ୍ୱିଦଳରେ ଔଁକାର ଧ୍ୟାନ କଲି। ଜନୈକ ବୌଦ୍ଧ-ସନ୍ନ୍ୟାସୀଙ୍କ ସହିତ ଆଳାପ ଆଲୋଚନା ଓ ସଙ୍ଗ କରି ମଧ୍ୟ ସୁଖ ପାଇଲି ନାହିଁ।

ଉଦ୍‌ବୋଧନ, ତତ୍ତ୍ୱମଞ୍ଜରୀ, ବ୍ରହ୍ମବିଦ୍ୟା ପ୍ରଭୃତି ପତ୍ରିକା ନିୟମିତ ପାଠ କରିବାକୁ ଲାଗିଲି। "ଜଗଦ୍‌ଗୁରୁ ଆବିର୍ଭାବ" "ଏମାମ୍ ମେହେଦିର ଆବିର୍ଭାବ" "ଯୀଶୁ ଆସିଡେଛେନ୍"—ପ୍ରଭୃତି ପୁସ୍ତକ ପାଠ କରି ମନେହେଲା ଜଗଦ୍‌ଗୁରୁ ଆସୁଛନ୍ତି ଅଥବା ଆସିଛନ୍ତି। ଲୋକେ ଠିକ୍ ଠିକ୍ ଧରି ପାରୁ ନାହାଁନ୍ତି। ଭାବିଲି—"ହାୟ! ହାୟ! ସେ କ'ଣ ମୋ ଜୀବଦ୍ଦଶାରେ ଆସିବେ। ଅଥବା ଯଦି ଆସି ଥାଆନ୍ତି ତେବେ ସେ କେଉଁଠି? ତାହା ବା କିପରି ଜାଣି ପାରିବି?" ଆକୁଳ ହୋଇ ପଡ଼ିଲି। ଶ୍ରୀନିଗମାନନ୍ଦ, ଠାକୁର ଦୟାନନ୍ଦ ଓ ଠାକୁର ହରନାଥଙ୍କର ଭକ୍ତମାନଙ୍କ ସହିତ କିଛିଦିନ ସଙ୍ଗ କରି

କରି ସେମାନଙ୍କର ପୁସ୍ତକାଦି ପାଠ କରି ଓ ସେମାନଙ୍କର ସାଧନ-ଭଜନ ପ୍ରଣାଳୀ ବିଷୟରେ ଆଲୋଚନା କରି କାହିଁକି ଯେପରି ଏହି ହତଭାଗ୍ୟ ପକ୍ଷରେ ସେ-ସମସ୍ତ ସୁବିଧାଜନକ ବୋଧ ହେଲା ନାହିଁ। ଶ୍ରୀନିଗମାନନ୍ଦ ଓ ଠାକୁର ହରନାଥଙ୍କର ଚରଣ ଦର୍ଶନ ଥରେ ମୋ ଭାଗ୍ୟରେ ହୋଇଥିଲା କିନ୍ତୁ ସେ ଅନେକ ପରେ। ଠାକୁର ଦୟାନନ୍ଦଙ୍କର ଶ୍ରୀଚରଣ ଲାଭ ଭାଗ୍ୟରେ ଘଟିଲା ନାହିଁ। ପଟମୂରି ଟୁହରେ ରଖିଥିଲି। ଭଙ୍ଗପଲ୍ଲୀ-ନିବାସୀ କାଶୀବାସୀ ଜନୈକ ବୃଦ୍ଧ ଗୁରୁଙ୍କର ଉପଦେଶମତେ ସ୍ୱରୋଦୟ-ସାଧନା କରି ମଧ୍ୟ କୌଣସି ଫଳ ବୁଝିଲି ନାହିଁ।

ଥିଓସଫିକାଲ୍ ସୋସାଇଟିର ଲୋକମାନଙ୍କ ସହିତ ମିଶି ଦେଖିଲି କାହିଁକି କେଜାଣି ସୁଖବୋଧ ହେଲାନାହିଁ। ଏହି ସମୟରେ ଦେଖି ଶୁଣି ଭାବି ଚିନ୍ତି ଶାନ୍ତି ନ ପାଇ ଉନ୍ମାଦପ୍ରାୟ ହୋଇ ପଡ଼ିଲି। କେବେ କେବେ ନାସ୍ତିକତାହିଁ ଭଲ ମନେ ହେଲା। କିନ୍ତୁ ମନ ତ ମାନେ ନା। ମନ କହେ ନିଶ୍ଚୟ ଭଗବାନ୍ ଅଛନ୍ତି। କିନ୍ତୁ ନାନାପ୍ରକାର ସାମ୍ପ୍ରଦାୟିକ ରକ୍ଷଣଶୀଳତା ଓ ଭଣ୍ଡାମିରେ ବା ବାହ୍ୟିକ ବେଶବିନ୍ୟାସରେ ଓ ଧୁମ୍‌ଧାମ୍‌ରେ ସେ ନାହାଁନ୍ତି। ସେତେବେଳେ ବୁଝିଲି ସଦ୍‌ଗୁରୁକୃପା ବ୍ୟତୀତ ଉପାୟ ନାହିଁ।

ଜ୍ଞାନାନନ୍ଦଦେବଙ୍କ କଥା

ଶ୍ରୀମଦ୍ ଅବଧୂତ ଜ୍ଞାନାନନ୍ଦଦେବଙ୍କ ଭକ୍ତ ଓ ଶିଷ୍ୟଙ୍କ ସହିତ ମିଶିଲି ଓ ସଙ୍ଗ କଲି। ସେମାନଙ୍କ ମଧ୍ୟରେ ମୋର ପରମ ହିତୈଷୀ ଶ୍ରୀଯୁକ୍ତ ଅମୃତଲାଲ ମୁଖୋପାଧ୍ୟାୟ କୁଣ୍ଡିୟାର ତଦାନୀନ୍ତନ ଷ୍ଟେସନ ମାଷ୍ଟର। ଶ୍ରୀଧାମ ନବଦ୍ୱୀପବାସୀ ଶ୍ରୀକେଶବାନନ୍ଦ ଅବଧୂତ, ଶ୍ରୀମହାନନ୍ଦ ଅବଧୂତ ଓ ଶ୍ରୀକୁମାରନନ୍ଦ ଅବଧୂତ—ମହାଶୟଗଣଙ୍କ ନିକଟରୁ ଏ ବିଷୟରେ ମୁଁ ଉପକୃତ ଓ ଖୁବ୍ ଋଣୀ। ସେମାନଙ୍କ କୃପାରେ ମନୋହର ପୁକୁର ମହାନିର୍ବାଣ ମଠକୁ ଗମନକଲି। ପ୍ରସାଦ ଭୋଜନ, ସାଧୁସଙ୍ଗ ଲାଭ କରି ଧନ୍ୟ ହେଲି। ଗୁରୁ-ପୂର୍ଣ୍ଣିମା ଉତ୍ସବରେ ଯୋଗଦାନ କଲି। ସମ୍ପ୍ରଦାୟଟା ମୋତେ ଖୁବ୍ ଭଲ ଲାଗିଲା। ଜ୍ଞାନାନନ୍ଦଦେବଙ୍କର ଫଟୋମୂରି କିଣିଆଣି ଘରେ ରଖିଲି, କେତେ ଭୋଗ ଦେଲି, "ଜୟ ନିତ୍ୟଗୋପାଲ" "ଜୟ ନିତ୍ୟଗୋପାଲ"—କହି କେତେ ଡାକିଲି, ଜପିଲି, କାନ୍ଦିଲି। ମୋର ପ୍ରାଣ ଯାହା ଗ୍ରହଁେ ସେ ତାହା ଏ ଅଧମକୁ ପ୍ରଦାନ କଲେ ନାହିଁ! ତାହା ପାଇବାର କୌଣସି ଆଶା ମଧ୍ୟ ପାଇଲି ନାହିଁ। ସେତେବେଳେ ବ୍ରାହ୍ମ-ସଙ୍ଗୀତର ଗୋଟିଏ ଗୀତର ଅଂଶ ମନେ ପଡ଼ିଲା—"ଆମି ନା ଜାନି କୋନ୍ ଅପରାଧେ (ଆମାର ମନ) ନା ମଜିଲରେ।"

ପ୍ରଭୁ ଜଗଦ୍‌ବନ୍ଧୁଙ୍କ କଥା

କୌଣସି ଜଣେ ଭକ୍ତଙ୍କର ଉପଦେଶ ଓ ଅନୁରୋଧକ୍ରମେ ଏକ ସମୟରେ, ସେ ବହୁଦିନର କଥା, ସେତେବେଳେ ମହେନ୍ଦ୍ର ନାମକ ସାଧୁଙ୍କ ଶୁଭାଗମନ ଶ୍ରୀଅଙ୍ଗନରେ ହୋଇନାହିଁ ଏବଂ ମହାନାମ ସମ୍ପ୍ରଦାୟର ଅସ୍ତିତ୍ୱ ମଧ୍ୟ ସେତେବେଳେ ନ ଥିଲା, ସେତେବେଳେ ଗୌରାଙ୍ଗ ଦାସ ପ୍ରଭୃତି କେତେକ ଭକ୍ତ ଓ ସେବାୟତ୍ ସେଠାରେ ରହୁଥିଲେ, ପ୍ରଭୁ ଜଗଦ୍‌ବନ୍ଧୁଙ୍କର ଶ୍ରୀଅଙ୍ଗନରେ ପ୍ରାୟ ଦିନସାରା "ହା ପ୍ରଭୁ କୃପାକର ଦେଖା ଦିଅ" "ହା ପ୍ରଭୁ କୃପାକର ଦେଖା ଦିଅ"—କହି କେତେ କାତରତାର ସହିତ ଡାକିଲି, କେତେ କାନ୍ଦିଲି, ସାଡ଼ା ଶବ୍ଦ ବା ଦର୍ଶନାଦି କିଛି ପାଇଲି ନାହିଁ। କୌଣସି ଜଣେ ଭକ୍ତର ଯୁକ୍ତିରେ କିଛି ପ୍ରଣାମୀ ପ୍ରଦାନ ପୂର୍ବକ ପ୍ରସାଦ ମିଳିଲା। ପଦ୍ମର ପଟମୂରି କ୍ରୟ କରି ଟୁହରେ ସ୍ଥାପନ

ପୂର୍ବକ ଗୃହରେ ପୂଜା କଲି, ଭୋଗ ଦେଲି, ପ୍ରସାଦ ଭକ୍ଷଣ କଲି ଏବଂ ''ଜୟ ଜଗଦ୍‌ବନ୍ଧୁ ହରି''—ଭଜ କଲି ଓ ଗାଇଲି । ଦିନେ ସ୍ୱପ୍ନରେ ଦର୍ଶନ କଲି—ପ୍ରଭୁ ଆସି ଦୟା କରି ଅଭୟ ଦେଲେ ଏବଂ ମୋର ବକ୍ଷସ୍ଥଳରେ ପଦସ୍ପର୍ଶ କଲେ । ଆଉ ଦିନେ ସ୍ୱପ୍ନରେ ଦେଖିଲି ପ୍ରଭୁ ଆସି କହିଲେ—''ତୁମର କୌଣସି ଚିନ୍ତା ନାହିଁ, ତୁମର ମାତ୍ର ଏକ ଜନ୍ମ ବାକୀ ।''

ପ୍ରଭୁଙ୍କର ସ୍ୱପ୍ନାଦେଶ ଓ ଶ୍ରୀରାମକୃଷ୍ଣଙ୍କର ସ୍ୱପ୍ନାଦେଶ ସାଧାରଣ ବୁଦ୍ଧି ବିଗ୍ରହ ହିସାବରେ କିନ୍ତୁ ସଂପୂର୍ଣ୍ଣ ବିପରୀତ ହେଲା । ମୋର ପ୍ରାଣ ଯାହା ଖୋଜୁଥିଲା ତାହା ତ **ପାଇଲା ନାହିଁ ।**

ଇତିମଧ୍ୟରେ ଦିନେ କୁଷ୍ଟିୟାର ଓକିଲ ପ୍ରଫୁଲ୍ଲଚନ୍ଦ୍ର ରାୟ ମହାଶୟଙ୍କ ଘରେ ପ୍ରଭୁ ଜଗଦ୍‌ବନ୍ଧୁଙ୍କର ଭକ୍ତ ଶ୍ରୀଜୟନିତାଇ ଓ ଶ୍ରୀଜ୍ଞାନାନନ୍ଦଦେବଙ୍କର ପ୍ରଧାନ ଭକ୍ତ ଶ୍ରୀମହାନନ୍ଦ ଅବଧୂତ, ଏହି ଦୁଇଜଣଙ୍କ ମଧ୍ୟରେ ଜ୍ଞାନାନନ୍ଦ ବଡ଼ କି ଜଗଦ୍‌ବନ୍ଧୁ ବଡ଼—ଏହି କଥା ନେଇ ଦୁଇଜଣଙ୍କ ମଧ୍ୟରେ ଖୁବ୍ କଳହ ଓ ମଗାମରି ହେଲା । ଏହା ସ୍ୱଚକ୍ଷୁରେ ଦର୍ଶନ କରି ପ୍ରାଣର ଅବସ୍ଥା କାହିକି କିପରି ହୋଇଗଲା । ଭକ୍ତି କମ୍ ହୋଇ ପଡ଼ିଲା । ମନେହେଲା—''ତେବେ ଶାନ୍ତିଦାତା ଗୁରୁ କେଉଁଠି ? ପ୍ରକୃତ ଜଗଦ୍‌ଗୁରୁ ବା କେଉଁଠି ? ମୋ ଭାଗ୍ୟରେ କ'ଣ ଦୟା ହେବ ନାହିଁ ?'' ବର୍ତ୍ତମାନ ପ୍ରକୃତ ସଦ୍‌ଗୁରୁଙ୍କ ପାଇଁ ମନ ଖୁବ୍ ବ୍ୟାକୁଳ ହୋଇ ପଡ଼ିଲା ।

ସହୃଦୟ ପାଠକ ପାଠିକାଗଣ ଦୟା କରି କ୍ଷମା କରିବେ, ବିରକ୍ତ ହେବେ ନାହିଁ । ଏ ବ୍ୟାପାର ବଡ଼ ସହଜ ନୁହେଁ । ଭାଷାରେ ସହଜରେ ପ୍ରକାଶ କରି ପାରିଲି ନାହିଁ, କିନ୍ତୁ ମୋତେ ଏଥିପାଇଁ ବଡ଼ କଠୋରତା, କ୍ଲେଶ ଓ ଆୟାସ ସ୍ୱୀକାର କରିବାକୁ ହୋଇଥିଲା । ଆଉ, କୌଣସିଟିକୁ ଭଲ କରି ନ ଦେଖି ଛାଡ଼ିଦିଆ ହୋଇନାହିଁ । ଆପଣ, ମୋର ଶାନ୍ତିହରା ଜୀବନ ଇତିହାସର ଆଉ ଗୋଟିଏ ପୃଷ୍ଠା ଖୋଲି ଦେଉଛି, ଦୟାକରି ଟିକିଏ କ୍ଲେଶସ୍ୱୀକାର ପୂର୍ବକ ଆପଣଙ୍କର ଅମୂଲ୍ୟ ସମୟ ନଷ୍ଟକରି ପାଠକରି ଦେଖନ୍ତୁ । ଏହିପରି କେତେ ଦିନ ପରେ ଦିନ, ରାତ୍ରି ପରେ ରାତ୍ରି ମୋର ହୃଦୟରେ ଅଶାନ୍ତି-ଜ୍ୱାଳା ନେଇ କଟାଇବାକୁ ଲାଗିଲି । ଦିନେ କୁଷ୍ଟିୟାର ଡାକ୍ତର ଗୋକୁଳବାବୁ ମୋର ଦୁଃଖ ଅବଗତ ହୋଇ କହିଲେ—''ପ୍ରକୃତ ସଦ୍‌ଗୁରୁଙ୍କର ସନ୍ଧାନ ମିଳିଛି । ସେ ଡାକ୍ତର । ବ୍ରାହ୍ମଣ । ତାଙ୍କ ସାଧନାର ପ୍ରଣାଳୀ ଠିକ୍ ବୈଷ୍ଣବ ଧରଣର । ତାଙ୍କ ସାଧନା ମଧ୍ୟ ନାମୈବ କେବଳମ୍ ଏବଂ ନିରାମିଷ ଖାଇବାକୁ ହୁଏ । ସଂସାରର ସମସ୍ତ କାର୍ଯ୍ୟ ମଧ୍ୟରେ ହିଁ ତାଙ୍କର ସାଧନ-ଭଜନ ଘୁଲିପାରେ ।'' କଥା କେତୋଟି ଶ୍ରବଣ କରି ପ୍ରାଣ ଯେପରି ନାଚି ଉଠିଲା । କିନ୍ତୁ କଥାରେ କଥାରେ ସେ କହିଲେ—''ଅନେକେ ତାଙ୍କୁ ମହାପୁରୁଷ କହନ୍ତି, ପୁଣି ଅନେକେ କହନ୍ତି ସେ ଅବତାର ।''

ଏହି ଅବତାର କଥାଟା ଶୁଣି ସହଜରେ ବିଶ୍ୱାସ କରିବାକୁ ପ୍ରବୃତ୍ତି ହେଲାନାହିଁ । କାହିକି ନା ଇତିପୂର୍ବେ ଅନେକ ସ୍ଥାନରେ ଅନେକବାର ବଡ଼ ଦଗା ପାଇଛି । ଆଜିକାଲି ଗୋଟିଏ ଫେସନ୍ ବା ନିୟମ ହୋଇ ପଡ଼ିଛି, ପେଟେଣ୍ଟ ଔଷଧ ପରି ଅବତାର ପ୍ରସ୍ତୁର । ସେ-ସବୁ ଆଉ ଭଲ ଲାଗେନା, ବିଶ୍ୱାସ ହୁଏ ନା । ଯାହାକୁ କହନ୍ତି—''ଶୁଣି ମୁସଲମାନ ହେବା'' ''ଆଉ ମୁଁ ତାହା ହେଉନାହିଁ''—ଏହା ମନେ କଲି । ପରନ୍ତୁ ତାଙ୍କୁ ଦର୍ଶନ କରିବା ପାଇଁ ମନରେ ବଡ଼ କୌତୂହଳ ଉପସ୍ଥିତ ହେଲା । କ୍ରମେ ମନପ୍ରାଣ ଆକୁଳ ହୋଇଉଠିଲା ।

ଦିନେ ଶୁଣିବାକୁ ପାଇଲି ଯେ ସେ କୁଷ୍ଟିୟାକୁ ଆସିଛନ୍ତି । ମନେହେଲା, ଭଲ, ପରୀକ୍ଷା କରି ଦେଖିବି । ମାନବର ସ୍ୱାଭାବିକ ଧାରଣାକ୍ରମେ ସ୍ୱ-ସ୍ୱ ବୁଦ୍ଧି କୌଣସିଥିରେ ଅନ୍ୟ ଅପେକ୍ଷା କମ୍ ବୋଲି

ମନେହୁଏ ନା । ସେତେବେଳେ ମୋର ମଧ୍ୟ ତାହା ହିଁ ହେଲା । ଏ କଥା ମନେ ହେଲା ନାହିଁ ଯେ କାହାକୁ ପରୀକ୍ଷା କରିବାକୁ ହେଲେ ତାଙ୍କ ସମାନ ସ୍ତରର ବା ତନ୍ନିକଟବର୍ତ୍ତୀ ସ୍ତରର ଲୋକ ହେବା ଦରକାର । ନଚେତ୍ ତାଙ୍କୁ ପରୀକ୍ଷା କରିବା ଅସମ୍ଭବ ଅଥବା କଠିନ କାର୍ଯ୍ୟ । ମାଟ୍ରିକୁଲେସନ୍ ଶ୍ରେଣୀର ଛାତ୍ର ପକ୍ଷରେ ଏମ୍.ଏ. ଅଧ୍ୟାପକଙ୍କୁ ପରୀକ୍ଷା କରିବା ପ୍ରୟାସ କଲେ ଯାହା ହୁଏ ମୋର ମଧ୍ୟ ଗତି ତଦ୍ରୂପ, ତାହା ସେତେବେଳେ ଯେ ମୋର ବୋଧଗମ୍ୟ ନ ଥିଲା ତାହା ନୁହେଁ । ତେବେ ବି ମନେହେଲା ଭଲ ମନ୍ଦ ବୋଧ ଶକ୍ତି, ତ ସମସ୍ତଙ୍କ ମଧ୍ୟରେ ଭଗବାନ୍ ଦେଇଛନ୍ତି ! ଅତଏବ ଛାଡ଼ିବି କାହିକି ।

ସେତିକିବେଳେ କୁଷ୍ଟିୟାର ଓକିଲ, ମୁକ୍ତିୟାର ଓ ଡାକ୍ତର ପ୍ରଭୃତି କୌଣସି କୌଣସି ଭଦ୍ରଲୋକ ତାଙ୍କର ଆଶ୍ରୟ ଗ୍ରହଣ କରିଛନ୍ତି । କେହି କେହି ପୁଣି ସ୍ୱପ୍ନରେ ତାଙ୍କ ନିକଟରୁ ଉପଦେଶ ବା ଦୀକ୍ଷା ପାଇଛନ୍ତି । ସେମାନେ ତାହାଙ୍କୁ କହନ୍ତି—''ଠାକୁର ।''

କୁଷ୍ଟିୟାର ଓକିଲ ପ୍ରଫୁଲ୍ଲବାବୁ ଶ୍ରୀଶ୍ରୀଠାକୁରଙ୍କର ଜଣେ ବିଶେଷ ଭକ୍ତ । ତାଙ୍କ ଘରେ ଯାଇ ଦେଖିଲି, ଜଣେ ଗୌରବର୍ଣ୍ଣ ସୁନ୍ଦର ପୁରୁଷ କମନୀୟ-କାନ୍ତି-ବିଶିଷ୍ଟ ଯୁକ ଚଟାଣରେ ଉତ୍ତାନଭାବରେ ଶାୟିତାବସ୍ଥାରେ ଅବସ୍ଥିତ । ଯେପରି ଅଜ୍ଞାନାବସ୍ଥା । ତାହାଙ୍କୁ ବେଷ୍ଟନ ପୂର୍ବକ ଅନେକ ବିଶିଷ୍ଟ ଭଦ୍ରଲୋକ ଉପବିଷ୍ଟ । ଘରର ବାହାରେ, ଝରକା ସାମନାରେ ବହୁ ଭଦ୍ରମହିଳା ଉତ୍ସୁକଭାବରେ କ'ଣ ଗୋଟିଏ ଯେପରି ଅଦ୍ଭୁତବ୍ୟାପାର ଦର୍ଶନ ପ୍ରୟାସରେ ଠିଆ ହୋଇଛନ୍ତି । ଜଣେ ଭକ୍ତ ତାଙ୍କର ମୁଖ ବିନିର୍ଗତ ବାକ୍ୟସମୂହ ଲିପିବଦ୍ଧ କରୁଥିଲେ । ତାଙ୍କର ଦକ୍ଷିଣପାଦର କଟିଦେଶରୁ ତୁଣ୍ଡାଙ୍ଗୁଳି ପର୍ଯ୍ୟନ୍ତ ଅତି ଦ୍ରୁତଗତିରେ ସବେଗରେ କମ୍ପିତ ହେଉଥିଲା । ମନେହେଲା, ଏ କି ବ୍ୟାପାର ? ଭଣ୍ଡାମି ନୁହେଁ ତ ? ''ଘରପୋଡ଼ା ଗୋରୁ ସିନ୍ଦୂରେ ମେଘ ଦେଖେ ଭୟ ପାୟ ।'' ମୋର ସେତେବେଳେ ସେହିପରି ଅବସ୍ଥା । କେହି କେହି କହିଲେ ଠାକୁରଙ୍କର ସମାଧି ହୋଇଛି । ଏହା ତାଙ୍କର ମହାଭାବାବସ୍ଥା । ସେହି ସମସ୍ତ ବାକ୍ୟ ଜଗତର ମଙ୍ଗଳ ପାଇଁ ''ଶ୍ରୀମୁଖନିଃସୃତ ଭାବବାଣୀ'' । ସେତେବେଳେ କୌତୂହଳାକ୍ରାନ୍ତ ଓ ପରୀକ୍ଷେଚ୍ଛା-ପ୍ରଣୋଦିତ ହୋଇ ତାଙ୍କ ପଦଧାରଣ କରି ଦେଖିଲି ସେ-ସ୍ପନ୍ଦନ କୃତ୍ରିମ ବା ସାଧାରଣ ମନୁଷ୍ୟ-ସାଧ୍ୟାୟତ୍ତ ବ୍ୟାପାର ନୁହେଁ । ଏତେ ଦୀର୍ଘକ୍ଷଣ ଯାଏଁ ସେହି ଦ୍ରୁତସ୍ପନ୍ଦନ ଇଚ୍ଛାକରି କରିବାକୁ ସକ୍ଷମ ହେବା କାହାରିପକ୍ଷରେ ସମ୍ଭବ ନୁହେଁ କହିଲେ ମଧ୍ୟ ବୋଧହୁଏ ଅତ୍ୟୁକ୍ତି ହେବନାହିଁ । ପାଦଟିକୁ ବିଶେଷ ବଳପୂର୍ବକ ଦୃଢ଼ମୁଷ୍ଟିରେ ଧୃପିଧରି ମଧ୍ୟ ସେ-ସ୍ପନ୍ଦନର ଗତିରୋଧ କରି ପାରି ନାହିଁ । ଆଉ, ସେତେବେଳେ ତାଙ୍କର ମୁଖରୁ ଯେଉଁ ସବୁ ବାଣୀ ବିନିର୍ଗତ ହେଉଥିଲା ତାହା ଅତି ସୁନ୍ଦର, ପ୍ରେମପୂର୍ଣ୍ଣ, ଅମୃତ-ନିସ୍ୟନ୍ଦୀ । ଧର୍ମର ଓ କର୍ମର ସାରସତ୍ୟ, ସାରତତ୍ତ୍ୱ ଏବଂ ଜଗତର ସର୍ବପ୍ରକାର ମଙ୍ଗଳଜନକ ଉପଦେଶ-ସମୂହ । ଜୀବର ତ୍ରିତାପଜ୍ୱାଳା ବିଦୂରିତ ହେବାର ଉପାୟାବଳୀ । ମହାଭାବାବସ୍ଥା ପରେ କ୍ରମେ ଅର୍ଦ୍ଧ ବାହ୍ୟଦଶା ଏବଂ ବାହ୍ୟଜ୍ଞାନଲାଭ ହେଲା । ଠାକୁରଙ୍କର ଚେହେରା ଦେଖି ମୋ ଚକ୍ଷୁରେ ସହସା ମହାପୁରୁଷ ବା ଅବତାର ବୋଲି ବୋଧହେଲା ନାହିଁ । ସାଧୁଙ୍କ ପରି କୌଣସି ଚିହ୍ନ ବା ବେଶଭୂଷାଦି ନାହିଁ ! ମନେହେଲା, ଏ ଯେ ନିହାତି ପିଲାଲୋକ । ମୋଠାରୁ ବୟସ ଅନେକ କମ୍ । ଅବତାର କ'ଣ ଗଛର ଫଳ ନା ମୁହଁର କଥା ! କିନ୍ତୁ ଲୋକଟିର କି ସୁନ୍ଦର ଚେହେରା ! କ'ଣ କହିବି, ତାଙ୍କର ସମସ୍ତ ଅଙ୍ଗହିଁ ଯେପରି ପ୍ରେମତରଙ୍ଗରେ ତରଙ୍ଗାୟିତ । ଆହା ! ଏପରି ରୂପ, ଏପରି ଭାବରେ ଢଳ ଢଳ ମୁରି କେବେ ତ ଦେଖିନାହିଁ । ଲଲାଟଦେଶ ସୁପ୍ରଶସ୍ତ ଓ ଜ୍ୟୋତିର୍ମୟ । କି ଅଦ୍ଭୁତ ସରଳତା ! ଏକାବେଳକେ ବାଳକ-ସ୍ୱଭାବ । ଯେତେ ବି ଦର୍ଶନ କରିବାକୁ ଲାଗିଲି

ଦର୍ଶନ-ପିପାସା ସେତେ ବଳବତୀ ହେବାକୁ ଲାଗିଲା । ବେଳ ଅଧିକ ହୋଇଛି, ସ୍ନାନପାଇଁ ତେଲ ଅଣାହେଲା । ଏ ପୁଣି କି ବ୍ୟାପାର ! ଲୋକଟିର ଏ କି ବ୍ୟବହାର । ଭଦ୍ରତା ଓ ଅଭଦ୍ରତାର ପାର୍ଥକ୍ୟଜ୍ଞାନ ଯେପରି ତାଙ୍କର ଏକଦମ୍ ନାହିଁ । ପ୍ରେମର ପ୍ରବଳ ସ୍ରୋତରେ ସେ-ସବୁ ଭାସି ଗ୍ଲଲି ଯାଇଛି । ମୁଁ ସେତେବେଳେ ଜଣେ ପ୍ରତିପତ୍ତିଶାଳୀ ତାକ୍ତର, ମ୍ୟୁନିସିପାଲିଟିର ଭାଇସ୍-ଚେୟାରମ୍ୟାନ (ସ୍ୱାୟତ୍ତ ଶାସନର ସହକାରୀ ସଭାପତି) । ଏହି ବିଂଶ ଶତାବ୍ଦୀର ସଭ୍ୟତାର ଦିନରେ ଆଳାପ ନାହିଁ, ପରିଚୟ ନାହିଁ, ସହସା "ଦାଦା ଆସନ୍ତୁ, ଆପଣଙ୍କୁ ମୁଁ ତେଲ ଲଗାଇ ଦିଏ"—ଏହା କହି ମୋର ଅନୁମତି ଗ୍ରହଣ ନ କରି ସେ ମୋ ଶରୀରରେ ତୈଳମର୍ଦ୍ଦନ ଆରମ୍ଭ କଲେ । ତାଙ୍କର ସେ-କଥାଗୁଡ଼ିକ ମୋର କର୍ଣ୍ଣେ-କର୍ଣ୍ଣେ କାହିଁକି ପ୍ରାଣର ମର୍ମସ୍ଥାନରେ ମଧ୍ୟ ଅମୃତ ଢାଳିଦେଲା । ମନ୍ତ୍ରମୁଗ୍ଧବତ୍ ଚୁପ୍‌କରି ବସି ରହିଲି । ଆହା ! ସେ ଏତେଲୋକଙ୍କର ଠାକୁର ! ମହାମାନ୍ୟର ପାତ୍ର, ଆରାଧ୍ୟ ଦେବତା, ତାଙ୍କର ଏ କିପରି ଦୀନ ବ୍ୟବହାର ! ଏ କ'ଣ ସାର୍ବଜନୀନ ଭ୍ରାତୃପ୍ରେମ ! ଏ କି ସରଳତା ! ଏ କି ଉଦାରତା ! ଏ କି ବିନୟ ! ସମସ୍ତଙ୍କ ପ୍ରତି ସମାନ ଭାବ ଓ ସମସ୍ତଙ୍କୁ ହିଁ ଆପଣାର ଜ୍ଞାନ । ଭେଦଜ୍ଞାନରହିତ ଭାବ । ଏହାହିଁ ଭାବୁଥିଲି । କିନ୍ତୁ ସେ ଯେତେବେଳେ ମୋର ପାଦତଳେ ତେଲ ଲଗାଇବାକୁ ଆରମ୍ଭ କଲେ ସେତେବେଳେ ମୁଁ ଚମକିତ ହୋଇ ଶିହରି ଉଠିଲି, ଆଉ ଆପତ୍ତି ନ କରି ସ୍ଥିର ହୋଇ ରହିପାରିଲି ନାହିଁ । କିନ୍ତୁ ତାଙ୍କ ସହିତ ପାରିବା ଦାୟ ହେଲା । ସେହି ପ୍ରେମର ଖଣି ନିକଟରେ ସବୁ ପରାଜିତ । ତାଙ୍କର କାର୍ଯ୍ୟ ସେ କଲେ । ମୁଁ ତାଙ୍କର ଟିକିଏ ପଦଧୂଳି ଗ୍ରହଣ କରି ମସ୍ତକରେ ଧାରଣ କରି ପାପକ୍ଷୟଜ୍ଞାନରେ ଧନ୍ୟ ହେଲି ।

ସ୍ନାନାହାରପରେ ସମସ୍ତେ ଏକତ୍ର ଉପବେଶନ କରି ସଦାଲୋଚନା ହେଉଛି । ନାନା କଥା ଭାବୁ-ଭାବୁ ମୋର ମନେ ହେଲା, ଲୋକଟିର ଭଲ ପାଇବା ଓ ସଦ୍‌ବ୍ୟବହାର ମୋତ ମୁଗ୍ଧ କରୁଛି ସତ, କିନ୍ତୁ ମହାପୁରୁଷ କି ଅବତାର ବୋଲି ବୁଝିବି କିପରି ? ସହଜରେ ସେ ବିଶ୍ୱାସ ତ ମୋର ହୁଏ ନା । ଏହି ଚିନ୍ତା ମନରେ ଉଦୟ ହେବା ମାତ୍ରେ ହଠାତ୍ ଠାକୁର ମୋ ନିକଟକୁ ଆସି ମୋତେ ଆଲିଙ୍ଗନ କରି ସୁମଧୁର ବଚନରେ କହିଲେ—"ଦାଦା, ମୁଁ ମହାପୁରୁଷ ନୁହେଁ, ଅବତାର ନୁହେଁ । ଆପଣ ଯେଉଁ ପରମପିତାଙ୍କର ସନ୍ତାନ ମୁଁ ମଧ୍ୟ ସେହି ପରମପିତାଙ୍କର ସନ୍ତାନ ।" ମୁଁ ସ୍ତମ୍ଭିତ ହୋଇଗଲି । ଏ କଣ ! ମୋ ମନର କଥା ସବୁତ ଏ ଜାଣିପାରୁଛନ୍ତି ଦେଖୁଛି । ପୁଣି ଭାବିଲି, ସ୍ୱୀକାର ତ କଲେ ନାହିଁ ସତ, କିନ୍ତୁ "ଅବତାର ନାହିଁ କହେ ଆମି ଅବତାର"—ଏହାକଣ ତେବେ ସେହି ଭାବ, ସେ ସମସ୍ତ କଥା ଅନେକଙ୍କ ନିକଟରେ କହିଲି, ସେମାନେ କହିଲେ—"ସେ ସମସ୍ତ କିଛି ନୁହେଁ ଏବଂ ତାହା **(thought- reading)** ମୁହଁ ଦେଖି ମନର କଥା କହିବା, ତାହା **(magician)** ଯାଦୁକର ମଧ୍ୟ ପାରେ ।" ପରେ ଦେଖାଗଲା ସେ କେବଳମାତ୍ର **Thought-reading** ଜାଣନ୍ତି ନାହିଁ । ସେ ପ୍ରକୃତ ଅତ୍ୟନ୍ତ ଅନ୍ତର୍ଯ୍ୟାମୀ । ସେ ଅନେକଥର ମୋର ଜୀବନର ବହୁ ପୂର୍ବର ବହୁ ଗୁପ୍ତ ଘଟଣାର **ହ୍ୱାରୋଦ୍‌ଘାଟନ** କରିଥିଲେ । ସେତେବେଳେ ବୁଝିଲି, ସେ **thought-reader** ନୁହଁନ୍ତି । ସେ ଯାଦୁକର **(magician)** ନୁହଁନ୍ତି । ସେ ଯେ ଯାଦୁକରର ଯାଦୁକର । ଆଉ ଗୋଟିଏ ବିଶେଷତ୍ୱ ଏହି ଯେ, ସେ ତାଙ୍କର ଅନ୍ତର୍ଯ୍ୟାମିତ୍ୱର ବିଷୟ ସର୍ବଦାହିଁ ଗୋପନ ରଖିବାକୁ ଚେଷ୍ଟା କରନ୍ତି । କାରଣବଶତଃ ଦୁଇ-ଏକ ସ୍ଥାନରେ କେବେ-କେବେ ଦୈବାତ୍ ପ୍ରକାଶ ହୋଇପଡ଼େ, ତେବେ ସେ ତାହା ସ୍ୱୀକାର କରନ୍ତି ନାହିଁ ।

ଏହି ବ୍ୟାପାରର ଦୁଇ-ଏକ ଦିନପରେ ଜଗତୀ ରେଳ ଷ୍ଟେସନ ନିକଟବର୍ତ୍ତୀ ବାଡ଼ାଦୀ ଗ୍ରାମର ତାକ୍ତର ଶ୍ରୀଯୁକ୍ତ ବାବୁ ଗୋପେନ୍ଦ୍ରନାଥ ସାହାଙ୍କ ଘରକୁ ଦିନେ ତାଙ୍କ ସହିତ ଯାଇଛି । ଆମ୍ଭେମାନେ ଘରର ବାହାରେ, ସେ ଅନ୍ଦର ମହଲରେ । ହଠାତ୍ ମୋ ଗୋଡ଼ରେ ସାୟେଟିକ ସ୍ନାୟୁରେ ଭୀଷଣ ଯନ୍ତ୍ରଣା ହେବାକୁ ଲାଗିଲା । ମୁଁ ମନେ ମନେ ସେ କଥା ତାଙ୍କ ନିକଟରେ ପ୍ରାର୍ଥନା କରିବା ମାତ୍ରେ ସେ ଅନ୍ଦରମହଲରୁ ଦୌଡ଼ିଆସି ମୋ ନିକଟକୁ ଆସି କହିଲେ—"ଦାଦା, କ'ଣ ହୋଇଛି ? ଆହା ! ପାଦରେ ବଡ଼ ବ୍ୟଥା ହୋଇଛି । ଦେଖନ୍ତୁ ଦାଦା, ମନ ବଡ଼ ପାଜି, ଯଦି ଉପର ଆଡ଼କୁ ଅର୍ଥାତ୍ ପରମପିତାଙ୍କ ଦିଗରେ ଥାଏ ତେବେ ଏ ସବୁ କିଛି ହୁଏ ନା । ଆଉ, ଯଦି ମନ ତଳ ଦିଗରେ ଥାଏ ତେବେ ଏହି ସବୁ ହୁଏ ।" ମୁଁ କହିଲି—"ଟିକିଏ ହୋମିଓପ୍ୟାଥି ଔଷଧ ଦିଅନ୍ତୁ ।" କାରଣ, ମୁଁ ଜାଣିଥିଲି ଯେ ସେ ଖୁବ୍ ଭଲ ହୋମିଓପ୍ୟାଥି ଜାଣନ୍ତି । "ଆଃ, ଭୁଲି ଯାଆନ୍ତୁ ନା"—ଏହା କହି ସେ ମୋର ବେଦନା ସ୍ପର୍ଶ କରିବା ମାତ୍ରେ ମୁଁ ଶାନ୍ତିଲାଭ କଲି । ବେଦନାର ଲେଶମାତ୍ର ରହିଲାନାହିଁ । ସେ ତତ୍‌କ୍ଷଣାତ୍ ଅନ୍ଦରମହଲକୁ ଗ୍ଲଲିଗଲେ । ଦେଖିଲେ ମୋର ପାର୍ଶ୍ୱଦେଶରେ ଶ୍ରୀଶଦା ଉପବିଷ୍ଟ (ରେଳର ସୁପରଭାଇଜର ଅଫ୍ ୱାର୍କସ) ଅଶ୍ରୁପୁଲକ-କମ୍ପାନ୍ୱିତାବସ୍ଥାରେ ଭାବରେ ବିହ୍ୱଳ । ସେ ସ୍ଥିର ହେବାରୁ ତାଙ୍କୁ ପଗ୍ଭରିଲି ଘଟଣା କ'ଣ ? ଶ୍ରୀଶଦା କହିଲେ—"ତୁମେ ତୁମର ବେଦନା ପ୍ରତି ମନଦେଇ ରହିଲ ଦାଦା, ତୁମ ସମ୍ମୁଖରେ କି ଯେ ଖେଳ ହୋଇଗଲା ତାହା ତ ଦେଖିଲ ନାହିଁ । ମୁଁ ଏହି ଠାକୁରଙ୍କୁ ଆଉ କେବେ ଦେଖିନାହିଁ । ଏହାହିଁ ମୋର ପ୍ରଥମ ଦର୍ଶନ । ଯେତେବେଳେ ସେ ତୁମ ସହିତ କଥା କହୁଥିଲେ—ତୁମେ ମୁହଁକୁ ଗ୍ଲହିଁ ଦେଖିନାହଁ ? ମୁଁ ତାଙ୍କର ମୁହଁକୁ ଗ୍ଲହିଁ ଦେଖିଲି, ଠିକ୍ ଯେପରି ଶ୍ରୀଗୌରାଙ୍ଗ-ମୂର୍ତ୍ତି । ଜ୍ୟୋତିର୍ମୟ ! ଆହା ! କ'ଣ ଦେଖିଲି ରେ"—ଏହା କହି ଶ୍ରୀଶଦା ଆଖିଜଳରେ ବୁକୁ ଭସାଇଦେବାକୁ ଲାଗିଲେ । ମୁଁ ତ ଅବାକ୍ । ବର୍ତ୍ତମାନ ଟିକିଏ ବୁଝିଲି ଠାକୁର କିପରି । ପ୍ରଥମେ ତାଙ୍କ ନିକଟକୁ ଗୁପ୍ତଚର ଭାବରେ ଯାଇଥିଲି ତାଙ୍କୁ ପରୀକ୍ଷା କରିବାକୁ, କିନ୍ତୁ ଧରାପଡ଼ିଗଲି ପଦେ ପଦେ । ତାହାପରେ ତାଙ୍କର ସଙ୍ଗ କରୁ କରୁ କେତେ ଦେଖିଲି, କେତେ ଶୁଣିଲି ଓ କେତେ ଜାଣିଲି, ତେବେ ବି ତାଙ୍କର କିଛି ଜଣାଗଲା ନାହିଁ ।

ଆଉଦିନେ ଉକ୍ତ ଗୋପେନ୍ ବାବୁ ତାକ୍ତରଙ୍କ ଘରେ ଶ୍ରୀଶ୍ରୀଠାକୁର, ତାଙ୍କର ଭକ୍ତ ଓ ଆମ୍ଭମାନଙ୍କର ପ୍ରାୟ ୩୦।୪୦ ଲୋକଙ୍କର ନିମନ୍ତ୍ରଣ ହୋଇଛି । ସମସ୍ତେ ସେଠାକୁ ଯିବାପାଇଁ ପ୍ରସ୍ତୁତ ହୋଇ ପ୍ରଫୁଲ୍ଲବାବୁଙ୍କ ଘରେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଉପସ୍ଥିତ ହେଲୁ । କହିଲୁ—"ଠାକୁର, ଗ୍ଲଲନ୍ତୁ ବାଡ଼ାଦୀ ଯିବା । ଟ୍ରେନ୍‌ର ସମୟ ହୋଇଛି ।" ଠାକୁର କହିଲେ—"ପାଦ ଗ୍ଲଲୁ ନାହିଁ ଦାଦା ।" ମୁଁ କହିଲି—"ପାଦ ଗ୍ଲଲୁନାହିଁ କିପରି ?" ସେ କହିଲେ—"ମନ ଗ୍ଲଲୁ ନାହିଁ ।" ମୁଁ କହିଲି— "ସେମାନେ ଏତେ ଲୋକଙ୍କର ଖାଇବାର ବନ୍ଦୋବସ୍ତ କରିଛନ୍ତି, ଏତେକ୍ଷଣ ବୋଧହୁଏ ରନ୍ଧା ଶେଷ ହୋଇ ଯାଇଥିବ । ବର୍ତ୍ତମାନ ନ ଗଲେ ସେମାନେ ମନରେ କେତେ ବ୍ୟଥା ପାଇବେ । ଆଉ, ଆମ୍ଭେମାନେ ଘରେ କହି ଆସିଛୁ ଏ ବେଳା ଘରେ ଖାଇବୁ ନାହିଁ । ବର୍ତ୍ତମାନ ଖାଇବାକୁ ପାଇବୁ କେଉଁଠି ?"ସେ କହିଲେ—"ଷ୍ଟେସନରେ ସେମାନଙ୍କ ଲୋକ ଥାଇପାରେ । ଖଣ୍ଡେ ଚିଠି ଲେଖି ଦିଆଯାଉ ।" ମୁଁ କହିଲି- "କୁଷ୍ଟିୟା ଷ୍ଟେସନରେ ଆଜି ସେମାନଙ୍କ ଲୋକ ରହିବା ସମ୍ଭବ ନୁହେଁ ।" ସେ କହିଲେ—"ଦେଖାଯାଉ ନା ।" ତାହା ହିଁ ହେଲା । ଜଣେ ଚିଠି ନେଇ ଷ୍ଟେସନ ଯାଇ ଦେଖେ ସେଠାରେ ବାସ୍ତବିକ୍ ସେମାନଙ୍କ ଲୋକ ଥିଲା । ତାପରେ ସେ ଆମ୍ଭମାନଙ୍କୁ କହିଲେ—"ଆପଣମାନେ ଏହି ବେଳା ଏହିଠାରେ ଆହାର କରନ୍ତୁ ।" ମୁଁ କହିଲି—"ଏହାଙ୍କ ଘରେ କେତେଜଣଙ୍କ ପାଇଁ ଭାତ ଅଛି ?" ସେମାନେ ପାଞ୍ଚ

ଛଅଜଣଙ୍କ ପାଇଁ ଅନ୍ନବ୍ୟଞ୍ଜନାଦି ଅଛି ବୋଲି କହିଲେ। ମୁଁ କହିଲି—"ସେଥିରେ ୩୦।୪୦ ଜଣ ଲୋକଙ୍କର ହେବ କିପରି ?" ଠାକୁର କହିଲେ—"ଦି'ଟା-ଦି'ଟା ଖାଇ ଜଳ ପିଇ କୌଣସି ରକମ କାମ ଚଳେଇ ନିଅନ୍ତୁ ନା, ପ୍ରଣୟ ଥିଲେ ଚେନ୍ତୁଳି ପତ୍ରରେ ସ୍ଥାନ ବି ହୁଏ, ଏହା ଶୁଣିଛନ୍ତି ତ" — ଏହାକହି ସେ ସମସ୍ତ ଲୋକଙ୍କ ପାଇଁ ପତ୍ର ଦେଇ ବସାଇଦେବାକୁ କହିଲେ। ତାହାହିଁ ହେଲା। ସମସ୍ତେ ଆକଣ୍ଠ ଭୋଜନ କଲେ। ଅର୍ଥାତ୍ ପାଞ୍ଚ ଛଅଜଣଙ୍କ ଉପଯୁକ୍ତଅନ୍ନରେ ତିରିଶ ଗୁଣିଶ ଜଣ ଲୋକଙ୍କୁ ଆକଣ୍ଠ ଭୋଜନ କରାଗଲା।

ଏପରି ସମୟରେ ସମ୍ବାଦ ପାଇ ବାଡ଼ାଦୀ ଗ୍ରାମରୁ ଦୁଇଜଣ ଲୋକ ଦୌଡ଼ି ଆସି କହିଲେ—"ଠାକୁର, ଆପଣମାନେ ନ ଯିବାରୁ ସେମାନେ ବଡ଼ ଦୁଃଖିତ ହୋଇଛନ୍ତି। ମାଆମାନେ କେହି କେହି କାନ୍ଦି ମୂର୍ଚ୍ଛିତା ହୋଇଥିଲେ। ଶୀଘ୍ର ଗୁଲନ୍ତୁ।" ସେତେବେଳେ ଠାକୁର ସେହି ଦୁଇଜଣଙ୍କୁ ମଧ୍ୟ ଏହିଠାରେ ଆହାର କରିବାକୁ କହିଲେ। ସେମାନେ ଆପତ୍ତି କରିବାରୁ ସେ କହିଲେ—"ଖାଇ ନିଅ ଖାଇ ନିଅ, ଅଦୃଷ୍ଟରେ କ'ଣ ଅଛି କୁହାଯାଏ ନା।" ସେମାନଙ୍କୁ ମଧ୍ୟ ଆକଣ୍ଠ-ଭୋଜନ କରାଗଲା। ସେତେବେଳେ ହଠାତ୍ ସେ କହିଲେ—"ଗୁଲନ୍ତୁ ଗୁଲନ୍ତୁ, ବର୍ତ୍ତମାନ ସେଠାକୁ ଯିବି। ସେମାନେ ବଡ଼ ବ୍ୟସ୍ତ ଓ ଦୁଃଖିତ ହୋଇ ପଡ଼ିଛନ୍ତି।" ଆମେମାନେ ଶୁଣି ଆଶ୍ଚର୍ଯ୍ୟ ହୋଇଗଲୁ। ଏଇ ସେଠାକୁ ଯିବା ହେବ ନାହିଁ—ଏଠାରେ ସମସ୍ତଙ୍କୁ ଆହାର କରାଇ ଦିଆଗଲା—ପୁଣି, ବର୍ତ୍ତମାନ ସେଠାକୁ ଯିବାର ଆଦେଶ, ବ୍ୟାପାର କ'ଣ ? ସେତେବେଳେ ସମସ୍ତେ ଘୋଡ଼ାଗାଡ଼ିରେ ବଡ଼ାଦୀ ଗ୍ରାମ ଅଭିମୁଖରେ ଯାତ୍ରା କଲେ। ଶ୍ରୀଶ୍ରୀଠାକୁର, ଶ୍ରୀଶଦା (ନନ୍ଦୀ), ମୁଁ ଏବଂ ଜଣେ ଭଦ୍ରଲୋକ ଟ୍ରେନ୍‌ଟ୍ରଲିରେ (ରେଳର ଠେଲାଗାଡ଼ିରେ,) ଯାତ୍ରାକଲୁ। ପଥ ମଧ୍ୟରେ ଶ୍ରୀଶ୍ରୀଠାକୁର କହିଲେ—"ସତୀଶଦା, ସେଠାକୁ ଯାଇ ଖାଇ ପାରିବେ ତ ?" ମୁଁ କହିଲି—"ସେ କି କଥା, ଥରେ ଆକଣ୍ଠ-ଭୋଜନ କରାଇ ଆଣିଲେ, ଆଉ ଏକ ଖେଳ ଖେଳିଲେ, ୫।୬ ଜଣଙ୍କର ଭାତରେ ୩୦।୪୦ ଜଣଙ୍କୁ ଖୁଆଇଲେ, ପୁଣି ଏ କ'ଣ କହୁଛନ୍ତି।" ସେ କହିଲେ—"ଦେଖନ୍ତୁ ଦାଦା ମୁଁ ବୋକା ମଣିଷ। ସେ ସବୁ କିଛି ତ ବୁଝେ ନା। ସେହି ଦାଢ଼ିବାଲା (କିଶୋରୀମୋହନ) ସେସବୁ ଜାଣେ। ଗୁଲନ୍ତୁ, ଦେଖିବାକୁ ପାଇବେ କୌଣସି ବ୍ୟାପାର ବୋଧହୁଏ ଅଛି।" ସେତେବେଳେ ସେହି ଘରେ ଆମେ ସବୁ ଉପସ୍ଥିତ ହୋଇ ଜାଣିଲୁ ଡାକ୍ତରବାବୁଙ୍କର କନିଷ୍ଠଭ୍ରାତା ଭୋଳାବାବୁଙ୍କର ସ୍ତ୍ରୀଙ୍କର ପ୍ରସବ ବେଦନା ଉପସ୍ଥିତ ହୋଇ ପ୍ରସବରେ କଷ୍ଟ ପାଉଛନ୍ତି ଏବଂ ଅଯଥା ଅତ୍ୟନ୍ତ ବିଳମ୍ବ ହେବାରୁ ଘରର ସମସ୍ତ ଲୋକେ ଅତ୍ୟନ୍ତ ଚିନ୍ତିତ ଓ ବିବ୍ରତ ହୋଇ ପଡ଼ିଛନ୍ତି। ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଆହାରାଦିର ସୁବନ୍ଦୋବସ୍ତ ଠିକ୍-ଠିକ୍ ହୋଇନାହିଁ। ଶ୍ରୀଶ୍ରୀଠାକୁର ସେହି ଘରେ ପଦାର୍ପଣ କରିବାମାତ୍ରେ ଅକ୍ଳେଶରେ ଗୋଟିଏ କନ୍ୟା ଭୂମିଷ୍ଠା ହେଲା। ଏ ଦିଗରେ ଆଉ ଏକ ବ୍ୟାପାର; ଘରର ପ୍ରଧାନ ଡାକ୍ତରବାବୁ ଅତି ଶୀଘ୍ର ଫେରି ଆସିବାକୁ କହି ରୋଗୀ ଦେଖିବାକୁ ଯାଇଥିଲେ। ସେ କାର୍ଯ୍ୟକାରଣରେ ଆବଦ୍ଧ ହେବା ଯୋଗୁଁ ଆସି ପାରିଲେ ନାହିଁ। ଅପରାହ୍ନରେ ସେ ଘରକୁ ପ୍ରତ୍ୟାବର୍ତ୍ତନ କଲେ। ସେଠାରେ ରାତ୍ରିରେ ସମସ୍ତଙ୍କର ମହାସମାରୋହରେ ମହା ଆନନ୍ଦରେ ଆହାରାଦି ହେଲା। ସେତେବେଳେ ସମସ୍ତେ ବୁଝିଲେ, ସେ ଦିନ କେତେ କ'ଣ କାଣ୍ଡ କାରଖାନା ସଂଘଟିତ ହୋଇଗଲା। ଆଉ ପ୍ରକୃତ ଅନ୍ତର୍ଯ୍ୟାମିତ୍ୱ କାହାକୁ କହନ୍ତି ତାହା ବି ସମସ୍ତେ ପ୍ରତ୍ୟକ୍ଷ କରି ପାରିଲେ।

ଏହି ସମସ୍ତ ଘଟଣା ଏବଂ ଆହୁରି ନାନାବିଧ ବହୁ ଘଟଣା ଦ୍ୱାରା ଓ ତାଙ୍କର ଅକୃତ୍ରିମ ଭଲ ପାଇବା ଦ୍ୱାରା କ୍ରମେ କ୍ରମେ ମୁଁ ତାଙ୍କ ଚରଣରେ ଆକୃଷ୍ଟ ହୋଇପଡ଼ିଲି। ତାହାପରେ ଦିନେ

ପ୍ରଫୁଲ୍ଲବାବୁଙ୍କ ଘର ମଧ୍ୟରେ ଶ୍ରୀଶ୍ରୀଠାକୁର ଓ ମହାରାଜଙ୍କୁ ନିର୍ଜ୍ଜନରେ ପାଇ ମୁଁ କହିଲି—"ଠାକୁର, କେହି କେହି ଆପଣଙ୍କୁ ମହାପୁରୁଷ କହନ୍ତି, କେହି କେହି ଆପଣଙ୍କୁ ପୂର୍ଣ୍ଣ ଅବତାର କହନ୍ତି, କିନ୍ତୁ ମୁଁ ତାହା ବର୍ତ୍ତମାନ ବି ବୁଝିପାରୁ ନାହିଁ। ବିଶ୍ୱାସ ମଧ୍ୟ କରି ପାରୁ ନାହିଁ, ତେବେ ଏହା ବୁଝି ପାରିଛି ଯେ ଆପଣ ମୋର ଅନ୍ତରର ସମସ୍ତ ବିଷୟ ଏବଂ ଜୀବନର ସମସ୍ତ ଗୁପ୍ତ ଘଟଣା ଅବଗତ ହୋଇଛନ୍ତି। ମୁଁ ଅନେକ ସାଧୁ-ସନ୍ନ୍ୟାସୀ ଓ ମହାପୁରୁଷଙ୍କ ସଙ୍ଗରେ ମିଳିମିଶି ଘୁରି ଓ ବହୁ ସମ୍ପ୍ରଦାୟର ସମସ୍ତ ଖବର ଜାଣିଶୁଣି ଏବଂ ଗୁରୁଦେବଙ୍କ ନିକଟରୁ ଦୀକ୍ଷାଗ୍ରହଣ କରି ଯଥାସାଧ୍ୟ ସାଧନ-ଭଜନ କରି ମଧ୍ୟ ଅନ୍ଧକାରରେ ହିଁ ପଡ଼ି ରହିଛି। ବିଶେଷ ଏପରି କିଛି ଫଳ ପାଇଲି ନାହିଁ। ଯଦି ସହଜରେ ଶୀଘ୍ର ଅନ୍ଧକାର ଦୂର ହେବାର କୌଣସି ଉପାୟ କରି ଦେଇପାରନ୍ତି ତେବେ ଦିଅନ୍ତୁ, ନଚେତ୍ ଆପଣଙ୍କ ନିକଟରୁ ମୁଁ କିଛି ଗ୍ରହଁ ନା।"

ଶ୍ରୀଶ୍ରୀଠାକୁର ତାଙ୍କର ସ୍ୱଭାବସୁଲଭ ସହାସ୍ୟବଦନରେ ପ୍ରେମମୟ ମଧୁର ବାକ୍ୟରେ କହିଲେ—"ଦାଦା, ମୁଁ ପୂର୍ବରୁ ତ କହିଛି, ମୁଁ ମହାପୁରୁଷ ବି ନୁହେଁ, ମୁଁ ଅବତାର ବି ନୁହେଁ। ତେବେ ଆପଣ ଯାହା ଗ୍ରହୁଁଛନ୍ତି ତାହା ହେବ ଦାଦା। ଆଉ ଭୟ ନାହିଁ, ଆଉ ଦୁର୍ମୂଲ୍ୟ କଟୁ, ତିକ୍ତ, କଷାୟ ଔଷଧ ସେବନଦ୍ୱାରା ରୋଗ ଆରୋଗ୍ୟର ସମୟ ବର୍ତ୍ତମାନ ନାହିଁ। ବର୍ତ୍ତମାନ ସୁଲଭ ଓ ବିଶ୍ୱାସବିହୀନ ଉଚ୍ଚଶକ୍ତି ବିଶିଷ୍ଟ ହୋମିଓପ୍ୟାଥିକ୍ ଏକ ମାତ୍ରା ସେବନରେ ରୋଗାରୋଗ୍ୟ ପରି ଆଧ୍ୟାତ୍ମିକ ରାଜ୍ୟର ରୋଗ ଭଲ କରିବାର ବ୍ୟାପାର ହୋଇଛି। ଏ ଯୁଗରେ ସାଧନ-ଭଜନ ପାଇଁ ଭୀଷଣ କଠୋରତା ଅବଲମ୍ବନ କରିବାକୁ ହେବନାହିଁ। ସହଜରେ ବିନା ଖର୍ଚ୍ଚରେ ଅତି ସତ୍ୱର ସଂସାରର ସମସ୍ତ କାର୍ଯ୍ୟ ମଧ୍ୟରେ ଏପରିକି ପାଇଖାନାରେ ବସି ମଧ୍ୟ ସାଧନ ଭଜନ ଗୁଲି ପାରିବ। ଗାଡ଼ିରେ, ସାଇକେଲରେ, ଘୋଡ଼ାରେ ଚଢ଼ି, ଅଫିସରେ ଚୌକିରେ ବସି, ଖାଇ ଶୋଇ, ଗୁଲି ବୁଲି, ଆଗ୍ରହନିୟମର ଅଯଥା କଠୋରତାରେ ଆବଦ୍ଧ ନ ହୋଇ ସାଧନ-ଭଜନ ଗୁଲି ପାରିବ।"

ମୁଁ କହିଲି—"ଠାକୁର, ମୋର ଗୁରୁ ଅଛନ୍ତି, ଦୀକ୍ଷା ନେଇଛି, ଆପଣଙ୍କ ନିକଟରୁ ପୁନଶ୍ଚାୟ କିଛି ଗ୍ରହଣ କଲେ ଗୁରୁତ୍ୟାଗ ଓ ମନ୍ତ୍ରତ୍ୟାଗଜନିତ ପାପ ହେବ ନାହିଁ ତ ?" ସେ କହିଲେ—"ପ୍ରକୃତ ଗୁରୁତ୍ୟାଗ ହୋଇ ପାରେ ନା। ସେ ଗୁରୁଙ୍କୁ ବିଶେଷ ଭକ୍ତି ଶ୍ରଦ୍ଧା କରିବାକୁ ହେବ। ତାଙ୍କୁ ଯାହା ଦେବାକୁ ହୁଏ ତାହା ଦେବେ, ଯେପରି ବାର୍ଷିକ ପ୍ରଣାମୀ ଇତ୍ୟାଦି। ମୁଁ କାହାରି ଗୁରୁ ନୁହେଁ। କେହି ମୋର ଶିଷ୍ୟ ନୁହେଁ। ଯାହା ପ୍ରକୃତ ସତ୍ୟ ବୋଲି ଜାଣେ, ବନ୍ଧୁଭାବରେ ତାହା ହିଁ କହିଦିଏ। ଏଠାରେ ବଂଶ ପରମ୍ପରାକ୍ରମେ କୌଣସି ସମ୍ବନ୍ଧ ନାହିଁ। ଏଥିରେ କୌଣସି ପାପ ହେବ ନାହିଁ। ଯଦି କୌଣସି ପାପ ହୁଏ, ତାହା ମୁଁ ମୁଣ୍ଡରେ ନେଉଛି। ଆପଣଙ୍କର ସମସ୍ତ ପାପ ତାପ ମୁଁ ଗ୍ରହଣ କଲି।

ଆହା ! କି ମଧୁର ! କେତେ ବଡ଼ ଆଶାର ବାଣୀ ! କେତେ ବଡ଼ ଭରସାର କଥା ! ଶରୀର, ମନ ଓ ଆତ୍ମା ଯେପରି ତତ୍‌କ୍ଷଣାତ୍ ପାପମୁକ୍ତ ଓ ନିର୍ମଳ ହେବାକୁ ଲାଗିଲା। ସେତେବେଳେ ମୋତେ ଗୋଟିଏ ସାଧନ-ପ୍ରଣାଳୀ ଶିକ୍ଷା ଦେଲେ। ସଙ୍ଗେ ସଙ୍ଗେ ପ୍ରାଣ ଆନନ୍ଦରେ ମାତି ଉଠିଲା। ଏକ ଅଭୂତପୂର୍ବ, ଅଚିନ୍ତିତପୂର୍ବ, ବ୍ୟାପାର। କୌଣସି ପ୍ରକାର ଫଳ, ଜଳ, ପୁଷ୍ପ, ପତ୍ର, ହୋମ, ଯଜ୍ଞ, ନୈବେଦ୍ୟ, ପ୍ରଣାମୀ, ମୁଦ୍ରା, ବସ୍ତ୍ରାଦି, ସ୍ନାନ, ବ୍ରତ, ଉପବାସ କିଛି ମଧ୍ୟ ଆବଶ୍ୟକ ହେଲା ନାହିଁ। ପାଇଲି—ବିନା ମୂଲ୍ୟରେ ଗୋଟିଏ ନାମ, ଆଉ ଗୋଟାଏ ସୁନ୍ଦର-ସହଜ ସାଧନ-ପ୍ରଣାଳୀ ଯାହା ପାଇଁ ବହୁକାଳ ଧରି ମୋ ପ୍ରାଣ କାନ୍ଦି ଆକୁଳ-ବ୍ୟାକୁଳ ହେଉଥିଲା। ଆଜି ବିଧି ଠିକ୍ ତାହା ମିଳାଇ ଦେଲା। ବଡ଼ ବଡ଼ ଶ୍ଲୋକଯୁକ୍ତ ପଦ ମନ୍ତ୍ର ବା ନାମ-ଜପ ମୋତେ ଭଲ ଲାଗୁ ନଥିଲା। ସମୟ ବିଶେଷରେ

ସଂଖ୍ୟାରଣି ନାମ ଜପ କରିବାକୁ ଭଲ ଲାଗୁ ନଥିଲା । ଗୋଟିଏ ଛୋଟ ନାମ ଜପ କରିବାକୁ ପ୍ରାଣରେ ବଡ଼ ଆକାଂକ୍ଷା ଜାଗୁଥିଲା । ଗୋଟିଏ ପଦ ଅକ୍ଷଶକ୍ତି ସମ୍ପନ୍ନ ନାମ ଜପ କରିବାକୁ ଯେତେ ସମସ୍ତ ଦରକାର ହୁଏ ସେହି ସମୟରେ ଗୋଟିଏ ଅକ୍ଷାକ୍ଷରଯୁକ୍ତ ବିଶେଷ ଶକ୍ତିଶାଳୀ ନାମ କୋଡ଼ିଏ ବାଗ ଜପ କରାଯାଇପାରେ ଏହା ମନେ ହେଉଥାଏ ।

ଭିନ୍ନ ଭିନ୍ନ କାର୍ଯ୍ୟରେ ବିଭିନ୍ନ ନାମର ବିଭିନ୍ନ ଶକ୍ତି । ସୁତରାଂ କୌଣସି ଦେବ ବା ଦେବୀର କେତେଗୁଡ଼ିଏ ନାମ ଏକପଙ୍କେ ଜପ ଅଥବା ଯେତେ ଯୁଗରେ ଯେତେ ଅବତାର ହୋଇଥିବେ ସମସ୍ତଙ୍କର ନାମ ଏକତ୍ର କରି ଜପିବା କିମ୍ବା ମାଲିକଙ୍କ ସହିତ ପୀର ପୟଗମ୍ବରଙ୍କ ନାମ ଜପ ନ୍ୟାୟ ସଙ୍ଗତ ନୁହେଁ ବୋଧ ହୋଇଥାଏ । ଅଥବା ଅମୁକ ନାମ ତାରକ, ଅମୁକ ନାମ ପାରକ, ସୁତରାଂ ତାରକ ପାରକ ନାମ ଏକପଙ୍କେ ଜପ ନ କଲେ ସୁଫଳ ହୁଏ ନା, ପୁଣି ତାହା ସହିତ ବୀଜଯୁକ୍ତ ମନ୍ତ୍ର ବି ଜପ ନ କଲେ ଫଳ ହୁଏ ନା ଏପରି ବ୍ୟବସ୍ଥା ଅପେକ୍ଷା ଯଦି ଏପରି କୌଣସି ନାମ ମିଳିଯାଏ ଯେଉଁଥିରେ ସର୍ବପ୍ରକାର ବୀଜମନ୍ତ୍ରର ଶକ୍ତି ଓ ତାରକ-ପାରକ ଇତ୍ୟାଦି ସର୍ବଶକ୍ତି ଥାଏ ଏବଂ ତାହା ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ନ ହୋଇ ଯଦି ଅନାହତ ନାମ ବା ଧ୍ୱନ୍ୟାତ୍ମକ ନାମ ହୁଏ ତେବେ ସେହି ନାମଟି ସର୍ବଶ୍ରେଷ୍ଠ । ଆଉ, ସେହି ନାମ ଯଦି ଅକ୍ଷାକ୍ଷରଯୁକ୍ତ ହୁଏ, ତେବେ ତାହାହିଁ ଉତ୍ତମ । ଆଉ ତାହା ଯଦି ଧ୍ୱନ୍ୟାତ୍ମକ ନାମ-ସମୂହ ମଧ୍ୟରେ ସର୍ବୋଚ୍ଚସ୍ତରର ନାମ ବା ଆଦିଧ୍ୱନି ଆଦିବୀଜ ହୁଏ ତେବେ ତାହାହିଁ ସର୍ବାପେକ୍ଷା ଉତ୍ତମ । ସେହି ନାମଟି ପ୍ରକୃତ ସତ୍ୟନାମ ।

ଆଉ ବେଳ କାହିଁ ଭଜିବି ତୋତେ

ହାୟ ! ହାୟ ! ସଂସାରରେ ଏହି ଅଲବସ୍ତ ସମସ୍ୟା ବ୍ୟାପାରରେ ସର୍ବଦା ବ୍ୟାପୃତ ରହିବା ଯୁଗରେ, ମୁଣ୍ଡ ଝାଳ ତୁଣ୍ଡରେ ମାରି ଗୁହୁରାଣ ମେଣ୍ଟାଇବା ଯୁଗରେ, ଏହି ରୋଗବ୍ୟାଧି ବାହୁଲ୍ୟ ଯୁଗରେ, ଏହି ଅକ୍ଷ ଶକ୍ତି ଓ ଅକ୍ଷ ପରମାୟୁ ଯୁଗରେ— ଯଦି ଫୁଲତୁଳସୀ, ଦୁବ ବରକୋଳି ପତ୍ର, ଶଙ୍ଖଘଣ୍ଟା, ଧୂପଦୁଣା, ଫଳମୂଳ ଇତ୍ୟାଦିର ଆୟୋଜନ ଓ ଅଯଥା ଆଘ୍ରର-ନିୟମ କରି ଦିନ କଟିଯାଏ ତେବେ ଅଲବସ୍ତର ଚିନ୍ତା କେବେ ହେବ, ରୋଗ ଚିକିତ୍ସାର ଭାବନା କେବେ କରାଯିବ, ଆଉ ସାଧନ-ଭଜନ ବା କେତେବେଳେ ହେବ ? ସେଥିପାଇଁ ସାଧକ କବି ଗାଇଛନ୍ତି—

"ଜୀବନରୁ ଅଧେ ଗଲା ଶୋଇ ଶୋଇ
ଜରାଶୈଶବେ କଟିଲା କେତେ
ଯଉବନ ଗଲା ସ୍ତ୍ରୀ ସଙ୍ଗେ ପାହି
ଆଉ ବେଳ କାହିଁ ଭଜିବି ତୋତେ ?"

ବାସ୍ତବିକ୍ ଜୀବନର ଅର୍ଦ୍ଧେକ ଅଂଶ ପ୍ରାୟ ନିଦ୍ରାରେ କଟିଯାଏ, ଜରା ଓ ଶୈଶବ ଅବସ୍ଥାରେ ଅନେକାଂଶ ବିତିଯାଏ, ଯୌବନରେ ସ୍ତ୍ରୀ-ସଙ୍ଗେ ପ୍ରମୋଦରେ କେତେକାଂଶ ଘୁଞ୍ଚିଯାଏ, ଆଉ ସମୟ କାହିଁ ଯେ ଈଶ୍ୱର-ଭଜନ ହେବ — ଏହି ଚିନ୍ତା କରି ସାଧକ ଅଧୀର ହୋଇପଡ଼େ । ଟିକିଏ ହିସାବ କରି ଯଦି ଦେଖାଯାଏ ତା'ହେଲେ ଦେଖିବାକୁ ମିଳିବ ଯେ ବର୍ତ୍ତମାନ ଆମ ଦେଶର ଯେପରି ଅବସ୍ଥା ସେଥିରେ ସାଧାରଣତଃ ମଣିଷର ଆୟୁ ଯଦି ହାରାହାରି ୬୦ ବର୍ଷ ଧରି ନିଆହୁଏ, ଆଉ ଯଦି ପ୍ରତିଦିନ ହାରାହାରି ୬ ଘଣ୍ଟା ନିଦ୍ରାରେ ଅତିବାହିତ ହୋଇଯାଏ ତେବେ ମୋଟ ଉପରେ ପ୍ରତ୍ୟେକ

ଜୀବନରେ ହାରାହାରି ୬୦ ବର୍ଷ ମଧ୍ୟରେ—

ନିଦ୍ରାରେ—ଦୈନିକ ୬ ଘଣ୍ଟା ହିସାବରେ ପ୍ରାୟ—	୧୫ ବର୍ଷ
ଶୈଶବରେ ଓ ବାଲ୍ୟକାଳରେ ନିଦ୍ରା ବ୍ୟତୀତ ଅବଶିଷ୍ଟ ସମୟ ପ୍ରାୟ—	୧୦ ,,
ଯୌବନରେ ବନ୍ଧୁବାନ୍ଧବ ଓ ସ୍ତ୍ରୀ ସହିତ ଆମୋଦ-ପ୍ରମୋଦରେ ପ୍ରାୟ—	୫ ,,
ଶ୍ରାନ୍ତି-କ୍ଲାନ୍ତିରେ—	୫ ,,
ବିଦ୍ୟା ଓ ଅର୍ଥ ଉପାର୍ଜ୍ଜନରେ—	୨୦ ,,
ଜରାବ୍ୟାଧି ଅବସ୍ଥାରେ—	୫ ,,
ମୋଟ—	୬୦ ବର୍ଷ

ସମସ୍ତ ସମୟତଳକ ଉପରୋକ୍ତ ପ୍ରକାରେ ଅତିବାହିତ ହୁଏ ଏବଂ ସାଧନ-ଭଜନ ପାଇଁ ସମୟ ନଥାଏ ।

ଏହି ହିସାବରେ ତାରତମ୍ୟ ହେଲେ ମଧ୍ୟ ସାଧନ-ଭଜନ ପାଇଁ ବେଶୀ ସମୟ ମିଳେନା, ଏ ସମସ୍ତ ଭାବି ପହଜ ଶ୍ରେଷ୍ଠ ଆଶୁଫଳପ୍ରଦ ସାଧନ-ଭଜନ ପ୍ରଣାଳୀ ପାଇବା ପାଇଁ ପ୍ରାଣ ଆକୁଳ-ବ୍ୟାକୁଳ ହୋଇ କାନ୍ଦୁଥିଲା । ଭଗବାନ ଦୟାକରି ଆଜି ତାହା ଜୁଟାଇ ଦେଇଛନ୍ତି । ଏହା ଭାବି ମନ-ପ୍ରାଣ ଆନନ୍ଦରେ ନାଚି ଉଠିଲା । ଆଉ ଗୋଟିଏ ବିଶେଷ ସୁବିଧା ଏହି ଯେ ଏହି ପ୍ରଣାଳୀ ଅନୁସାରେ ନାମଜପାଦି କରିବାକୁ ହେଲେ ବୈଷ୍ଣବ ଶାସ୍ତ୍ରେଲିଖିତ ନାମାପରାଧ ବା ସେବାପରାଧର କୌଣସି ଭୟ ନ ଥାଏ ଏବଂ ବୃଥା ନିୟମର କଠୋର କଷାଘାତ ମଧ୍ୟ ନାହିଁ । ଅଯଥା ବାହ୍ୟିକ ଶୁଚି-ଅଶୁଚି ନେଇ ମରାମରିର କାଣ୍ଡକାରଖାନା ଏ ମତରେ ନାହିଁ, ଏହା ମଧ୍ୟ ସାଧକ ପକ୍ଷରେ କମ୍ ସୁବିଧାଜନକ ନୁହେଁ । ଆଉ ଶୁଚି-ଅଶୁଚି ତ ମନରେ । ନାମ-ମାହାତ୍ମ୍ୟରେ ତ ଶୁଚି ହୋଇଥାଏ । ଆହା ! ଏପରି ଅମୂଲ୍ୟ ରତ୍ନ ଥାଉ ଥାଉ ତାହାର ଅଭାବରେ ବୃଥା କଷ୍ଟରେ ବୃଥା ଦୁଃଖରେ କେତେ ସୁଦୀର୍ଘ ଦିବସ-ଯାମିନୀ ଅତିବାହିତ କରିଛି । ମୋ ପରି ଆହୁରି କେତେଜଣ ଯେ ଏପରି କରିଛନ୍ତି ତାହାର ବି ଇୟତ୍ତା ନାହିଁ । ହାୟ ! ହାୟ ! ହାୟ !!!

ଏଠାରେ ଉପଦେଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ହାତେ ହାତେ ଫଳ ମିଳିଯାଏ । ପ୍ରତିଦିନ ସାଧନାରେ କିଛି ନା କିଛି ଅନୁଭୂତି ଉପଲବ୍ଧି ହୋଇଥାଏ । ପ୍ରକୃତରେ ଏଠାରେ ଗୋଟାଏ ଶକ୍ତିଦ୍ୱାରା ସାଧକ ମଧ୍ୟରେ ଶକ୍ତି ସଞ୍ଚାରିତ ବା ଉଦ୍‌ବୋଧିତ ହୋଇଥାଏ । ଶ୍ରୀଶ୍ରୀଠାକୁରଙ୍କୁ ଓ ତାଙ୍କର ମହାନ୍ ପାର୍ଷଦଗଣଙ୍କୁ ଦର୍ଶନ କଲେ ବା ସ୍ପର୍ଶ କଲେ ଶରୀରରେ ଗୋଟାଏ **holy influence** (ପବିତ୍ର-ପ୍ରଭାବ) ବା **spirit force** (ଚୈତନ୍ୟ ଶକ୍ତି) ଲାଭ ହୋଇଥାଏ । ଏଠାରେ ଲୁଆଁ ଅଲୁଆଁ ନାହିଁ । ଆବୃତ୍ତାଳବ୍ରାହ୍ମଣ ସାଦରେ ଟୁହୀତ ଏଠାରେ । ଆଉ, ସେମାନଙ୍କର ଶ୍ରୀମୁଖ ନିଃସୃତ ବଚନାମୃତ ଶୁଣିବାମାତ୍ରେ ହୃଦୟରେ ଧର୍ମଭାବ ବ୍ୟତୀତ ଅନ୍ୟ ଭାବ ସ୍ଥାନ ଲାଭ କରିବାକୁ ସମର୍ଥ ହୁଏନାହିଁ ।

ସେ କଦାପି ପୃଥକ୍ ଉଚ୍ଚାସନରେ ଗାମ୍ଭୀରଭାବରେ ଭୀତିବ୍ୟଞ୍ଜକ ଭୟାକୁ ଗୁରୁମୂର୍ତ୍ତିରେ ଥାଆନ୍ତି ନାହିଁ । ସମସ୍ତଙ୍କୁ ଭଲ ପାଆନ୍ତି । ସମସ୍ତଙ୍କ ସହିତ ଏକାସନରେ ବସନ୍ତି । କେତେବେଳେ କାହାର କାନ୍ଧରେ ଉଠି ବସିଲେଣି ତ କେତେବେଳେ ବା ନିଜ କାନ୍ଧରେ କାହାକୁ ବସାଇଲେଣି । କେତେବେଳେ ଆଲିଙ୍ଗନ, କେତେବେଳେ ବା ମୁଖଚୁମ୍ବନ ଇତ୍ୟାଦି ପଖ୍ୟଭାବ, ବନ୍ଧୁଭାବ । ସ୍ତ୍ରୀଲୋକମାନଙ୍କ ସହିତ ମାତୃଭାବ । ସେ କହନ୍ତି—"ଏ ଯୁଗର ମଧୁରଭାବ ଅର୍ଥାତ୍ ଶ୍ରେଷ୍ଠଭାବ ହେଉଛି

ମାତୃଭାବ।'' ପ୍ରତ୍ୟେକେ ମନେ କରନ୍ତି ଓ ବୁଝିପାରନ୍ତି ଯେ, ସେ ତାଙ୍କୁହିଁ ସବୁଠାରୁ ବେଶୀ ଭଲ ପାଆନ୍ତି। ଏପରି ଭଲ ପାଇବାର ଯେପରି ତାରତମ୍ୟ ନାହିଁ। ସମସ୍ତଙ୍କ ପ୍ରତି ସମଦୟା। ସେ ଦୟାର ସୀମା ନାହିଁ। ଗୁରୁଭାଇମାନେ ମଧ୍ୟ ପରସ୍ପରକୁ ଖୁବ୍ ଭଲ ପାଆନ୍ତି। ସହୋଦର ଭାଇ ଅପେକ୍ଷା ଅଧିକ ଭଲ ପାଇବା। ଅପରନ୍ତି ପ୍ରେମ। ଶ୍ରୀଶ୍ରୀଠାକୁରଙ୍କ ପାର୍ଷଦଗଣ ମଧ୍ୟ ଗୋଟିଏ ଗୋଟିଏ ପ୍ରେମର ଅବତାର। ଯିଏ ତାହା ଦର୍ଶନ କରିଛନ୍ତି କେବଳ ସେ ତାହା ବୁଝିଛନ୍ତି। ଯଦି ତାଙ୍କ ଦ୍ୱାରା ମୋର କୌଣସି ଆଧ୍ୟାତ୍ମିକ ଉନ୍ନତି ବି ନ ହୋଇଥାନ୍ତା, ଯଦି ଦେଖିବାକୁ ସେ ଅତି ସୁନ୍ଦର ନ ହୋଇ କୁତ୍ସିତ କଦାକାର ବି ହୋଇଥାନ୍ତେ ଯଦି ସେ ଜାତିରେ ବ୍ରାହ୍ମଣ ମଧ୍ୟ ହୋଇ ନ ଥାନ୍ତେ, ଯଦି ତାଙ୍କ ଭିତରେ ଅତି ଆଶ୍ଚର୍ଯ୍ୟ ଅଚିମାନବତାକୁ ଦେଖିବାକୁ ବି ନ ପାଇଥାନ୍ତି, ତେବେ ମଧ୍ୟ ତାଙ୍କର ଏହି ଅପାର୍ଥିବ ଅକୃତ୍ରିମ ଅସୀମ ଭଲ-ପାଇବାର ଆକର୍ଷଣ ଦ୍ୱାରା, ଯେଉଁ ଭଲପାଇବା ଓଜନ କରାହୋଇଥିବା ଭଲ ପାଇବା ନୁହେଁ, ତାହାରି ଗୁଣରେ କେତେବେଳେ ତାଙ୍କୁ ଛାଡ଼ିପାରି ନ ଥାନ୍ତି ବା ଭୁଲିଯାଇ ନ ଥାନ୍ତି ଅଥବା କେହି ମଧ୍ୟ ପାରି ନ ଥାନ୍ତେ। ସେ ତ ହୃଦୟର ଦେବତା, ହୃଦୟ ଅଧିକାର କରି ବସିଥାଆନ୍ତି।

ତାଙ୍କ ନିକଟରେ ଉପଦେଶ ଗ୍ରହଣ କରି ଘରକୁ ଆସି ମୋର ଏହି ସଦ୍‌ଗୁରୁ ଗ୍ରହଣର କଥା ମୋର ସ୍ତ୍ରୀକୁ କହିବାରୁ ସେ ଖୁବ୍ ଦୁଃଖିତ ହେଲା। ସେ କହିଲା ଯେ, ଏପରି ପୁନରାୟ ଗୁରୁ ଗ୍ରହଣ ଅନ୍ୟାୟ। ସେ କୌଣସି ମଣିଷ ନିକଟରୁ ଦୀକ୍ଷା ଗ୍ରହଣ କରିନାହିଁ। ସ୍ୱପ୍ନଯୋଗେ ମନ୍ତ୍ର ପାଇଛି ପୁଡ଼ା' ଅନ୍ୟ କାହାରି ନିକଟରୁ ନାମ ଗ୍ରହଣ କରିବ ନାହିଁ। ସେତେବେଳେ ମୋର ମନରେ ଦୁଃଖବୋଧ ହେଲା, କାରଣ ଉକ୍ତ କଥାଗୁଡ଼ିକ ସଂସାରମୂଳକ କଥା ମାତ୍ର। ମନେହେଲା, ସ୍ତ୍ରୀମା ସ୍ତ୍ରୀ ଗୋଟିଏ ପ୍ରଣାଳୀରେ ସାଧନା କରିବା ଭଲ। ବିଶେଷକରି ଏପରି ମଧୁର, ଏପରି ଆନନ୍ଦକର, ଏପରି ଶାନ୍ତିପ୍ରଦ ବସ୍ତୁ ଭାଇ କରିବାରୁ ମୋର ସ୍ତ୍ରୀ ବଞ୍ଚିତ ହେବ ଏହା ଖୁବ୍ ଦୁଃଖର ବିଷୟ। ମନେ ହେବାକୁ ଲାଗିଲା, କିଭାବେ ନିଜର ସହଧର୍ମିଣୀକୁ ଶ୍ରୀଶ୍ରୀଠାକୁରଙ୍କ ଚରଣ-ଛାୟାତଳକୁ ଆନୟନ କରାଯାଇପାରେ। ତାଙ୍କ ନିକଟରେ ମନେ ମନେ ପ୍ରାର୍ଥନା କଲି—'' ହେ ଠାକୁର, ତୁମେ ଅନ୍ତର୍ଯ୍ୟାମୀ, ତୁମେ ଦୟାମୟ, ମୋତେ ଦୟାକରେ ମୋର ସ୍ତ୍ରୀକୁ ଦୟା କରି ତୁମ ଚରଣରେ ସ୍ଥାନ ଦିଅ।'' ଦିନ ଘୁଲିଗଲା, ରାତ୍ରି ଦ୍ୱିପ୍ରହର ସମୟରେ କୌଣସି ଏକ ଶବ୍ଦରେ ନିଦ୍ରାଭଙ୍ଗ ହେବାରୁ ଦେଖିଲି ମୋର ସ୍ତ୍ରୀର ଅଶ୍ରୁପୁଲକ-କମ୍ପାନ୍ୱିତ ଅବସ୍ଥା। କାରଣ ଜିଜ୍ଞାସା କରିବାରୁ ଉତ୍ତର ମିଳିଲା—''ପୂର୍ବେ ଯିଏ ତାଙ୍କୁ ସ୍ୱପ୍ନରେ ଦୀକ୍ଷା ଦେଇଥିଲେ, ଏଇମାତ୍ର ସେ ସ୍ୱପ୍ନରେ ତାଙ୍କୁ ପୁନରାୟ ଦୀକ୍ଷା ଦେବାକୁ ଘୋଷିଲେ। ସେ ଅସଙ୍କୋଚ ହେବାରୁ ବଳପୂର୍ବକ ତାଙ୍କର ହାତଧରି ଆକର୍ଷଣପୂର୍ବକ ବସାଇ ରଖିଗଲେ।'' ପରଦିନ ପ୍ରାତଃକାଳରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇ ରାତ୍ରିର ସମସ୍ତ ଘଟଣା ତାଙ୍କର ଶ୍ରୀଚରଣରେ ନିବେଦନ କଲି। ସେ ଈଷତ୍ ହସି କୃପାପୂର୍ବକ ମୋତେ ସାଙ୍ଗରେ ନେଇ ମୋ ଘରକୁ ଶୁଭାଗମନ କରି ଧନ୍ୟ କଲେ। ଏହା ପ୍ରଥମ ଆଗମନ। ମୋର ସ୍ତ୍ରୀର ମଧ୍ୟ ଏହା ପ୍ରଥମ ଦର୍ଶନ। ଦର୍ଶନମାତ୍ରେ ତାର ଶରୀର ରୋମାଞ୍ଚିତ ହୋଇ କଣ୍ଠ ରୁଦ୍ଧ ହୋଇଗଲା। ଶେଷରେ କହିଲା— ''ପୂର୍ବରୁ ଯିଏ ମୋତେ ସ୍ୱପ୍ନରେ ଦୀକ୍ଷା ଦେଇଥିଲେ, ଯାହାଙ୍କୁ ପାଇବାପାଇଁ ପ୍ରାଣର ବଡ଼ ଆକାଂକ୍ଷା ଓ କାତରତା ନେଇ ବହୁ ତୀର୍ଥ ଭ୍ରମଣ ଓ ଅନୁସନ୍ଧାନ କରି ମଧ୍ୟ ପାଇନାହିଁ ଏବଂ ଗତ ରାତ୍ରିରେ ଯିଏ ସ୍ୱପ୍ନରେ ଦେଖା ଦେଇଥିଲେ, ଏ ହେଉଛନ୍ତି ସେଇ।'' ଶ୍ରୀଶ୍ରୀଠାକୁର ଦୟାକରି ମୋର ସ୍ତ୍ରୀକୁ ସତ୍ୟନାମ ପ୍ରଦାନ କଲେ ମୋର ମନୋବାସନା ଓ ପ୍ରାର୍ଥନା ପୂର୍ଣ୍ଣ ହେଲା। ଏପରି ସମୟରେ ବୀଗୁଦା ଆସି ''ତାଙ୍କର ଗୋଟାଏ ମଜା ଦେଖିବ''— ଏହା କହି ଗୋଟିଏ ଖାତା ଖୋଲି ଦେଖାଇଲେ। ୧୩୨୧ ସାଲର ଭାଦ୍ରବ ମାସରେ

ଶ୍ରୀଶ୍ରୀଠାକୁର ହିମାଇତପୁରରେ ସମାଧି ଅବସ୍ଥାରେ (ନାମ ମିଶିଯିବାରୁ ଜଣାପଡ଼ିଲା) ମୋର ସ୍ତ୍ରୀର ଦୀକ୍ଷା ସମ୍ବନ୍ଧରେ କହିଥିଲେ। ''ଥରେ ହେଲା, ଆଉ ଥରେ ହେବ।'' ସେହି ଭାବବାଣୀ ଉକ୍ତ ଖାତାରେ ଲିପିବଦ୍ଧ ଅଛି। ଉକ୍ତ ଭାବବାଣୀ ସହିତ ଏହି ଘଟଣା ମିଳିଯିବାରୁ ଖୁବ୍ ଆନନ୍ଦ ହେଲା। ଏହି ସମୟରେ ମୋର କନିଷ୍ଠଭ୍ରାତା ଶ୍ରୀମାନ୍ ରାଧାରମଣ ଶ୍ରୀଶ୍ରୀଠାକୁରଙ୍କୁ ଦେଖି ତାଙ୍କ ସହିତ ସାକ୍ଷାତ ନ କରି ବା ତାଙ୍କୁ ପ୍ରଣାମ ନ କରି ଗୃହଦ୍ୱାର ବନ୍ଦ କରି ପଳାଇ ରହିଲା। ଆମମାନଙ୍କର ଏହି କାର୍ଯ୍ୟ ଓ ଶ୍ରୀଶ୍ରୀଠାକୁରଙ୍କୁ ତାର ପସନ୍ଦ ହେଲାନାହିଁ। ତିନି ଘୁରି ଦିନ ଗତ ହୋଇଛି କି ନାହିଁ ସେ ଜାଗ୍ରତ ଓ ସ୍ୱପ୍ନାବସ୍ଥାରେ ଶ୍ରୀଶ୍ରୀଠାକୁରଙ୍କ ଅପାର ମହିମା ବିଷୟ କିଛି ଅବଗତ ହୋଇ ମୋର ବିନାନୁରୋଧରେ ପଦବ୍ରଜରେ ପ୍ରାୟ ଦଶମାଇଲ ଏବଂ ଗଡ଼ାଇ ଓ ପଦ୍ମା ଦୁଇଟି ନଦୀ ଅତିକ୍ରମ କରି ଶ୍ରୀଶ୍ରୀଠାକୁର-ବାଡ଼ୀରେ ଉପସ୍ଥିତ ହୋଇ ତାଙ୍କର ଶ୍ରୀଚରଣାଶ୍ରୟ ଗ୍ରହଣ କଲା। ତହିଁରେ ମୋର ମଧ୍ୟମ ଭ୍ରାତା ତାଙ୍କର ଶ୍ରୀମାନ୍ କ୍ଷୀରୋଦ (ବର୍ତ୍ତମାନ ଯଶୋହର, ଶୈଳକୁମାର ତାଳୁରା) ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ ବିରୁଦ୍ଧାଭାବ ନେଇ ଆସିଥିଲା। ପ୍ରଫୁଲ୍ଲବାବୁଙ୍କ ଘରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରିବାକୁ ଯାଇ ଅଦ୍ଭୁତ ଜ୍ୟୋତିଃ ଦର୍ଶନ କରି ଏବଂ କେତୋଣି କେଉଁ ଭାବ ଉପସ୍ଥିତ ହେବାରୁ ମୂର୍ଚ୍ଛିତ ହୋଇପଡ଼ିଲା ଏବଂ ଅଳ୍ପ ଦିନ ମଧ୍ୟରେ ସପରିବାର ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ସତ୍ୟନାମରେ ଦୀକ୍ଷିତ ହେଲା।

ଏକଘୁଲିଶ ଦିନ ସାଧନାରେ ଆଶ୍ଚର୍ଯ୍ୟ ଫଳ

ପ୍ରଥମ ଉପଦେଶ ଦେବା ସମୟରେ ଶ୍ରୀଶ୍ରୀଠାକୁର କହିଥିଲେ—''ବହୁକାଳ ଧରି ନାନା ପ୍ରକାର ସାଧନା କରି କୌଣସି ଫଳପାଇ ନାହାଁନ୍ତି, କିନ୍ତୁ ଏହି ପ୍ରଣାଳୀଟି ଏତେ ଚମତ୍କାର ଯେ ଏକଘୁଲିଶ ଦିନ ସାଧନା କଲେ ଆଶ୍ଚର୍ଯ୍ୟ ଫଳ ପାଇବେ।'' ସ୍ପଷ୍ଟ କଥା କହିଲେ ପ୍ରତ୍ୟେକ ପ୍ରକାର ସାଧନାରେ ଦୁଇ ଘୁରି ଅଥବା ପାଞ୍ଚ ବର୍ଷକାଳ ଚେଷ୍ଟା କରି ମଧ୍ୟ କୌଣସି ପ୍ରକାର ଉପଲବ୍ଧି ହୋଇ ନ ଥିଲା, କିନ୍ତୁ ଏହି ପ୍ରଣାଳୀମତେ ସାଧନାରେ ପନ୍ଦରଦିନ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ମୋର ଚମତ୍କାର ଉପଲବ୍ଧି ହେବାକୁ ଲାଗିଲା। ମୁଁ ଅତ୍ୟନ୍ତ ଆନନ୍ଦ ଲାଭ କଲି, ପ୍ରତିଦିନ ହାତେ ହାତେ ପ୍ରତ୍ୟକ୍ଷ ଫଳ ପାଇବାକୁ ଲାଗିଲି। ତର୍କସ୍ଥଳରେ କେହି କେହି ହୁଏତ କହି ପାରନ୍ତି ଯେ, ଅନ୍ୟାନ୍ୟ ମତରେ ଆହୁରି ବେଶୀ ଦିନ ସାଧନା କରିଥିଲେ ମଧ୍ୟ ଫଳ ପାଇଥାନ୍ତେ। ତାହାର ଉତ୍ତରରେ ମୁଁ ହାତଯୋଡ଼ି ସବିନୟ ଏହା କହିପାରେ ଯେ ଏହି ମତରେ ଯେପରି ପରିଶ୍ରମ ଓ ଚେଷ୍ଟାରେ ପନ୍ଦର ଦିନରେ ଯେପରି ଫଳ ପାଇଲି, ଅନ୍ୟାନ୍ୟ ମତରେ ସେପରି ପରିଶ୍ରମ ସେପରି ଚେଷ୍ଟାରେ ପନ୍ଦର ମାସରେ ମଧ୍ୟ ତାହାର ଶତାଂଶରୁ ଏକାଂଶ ହେଲାନାହିଁ। ଆଉ, ଏହି ମତରେ ସାଧନା କରୁଥିବା ଗୁରୁଭାଇମାନଙ୍କ ଭିତରେ ଅଳ୍ପଦିନରେ ଯେପରି ଉନ୍ନତି ଓ ଉପଲବ୍ଧି ହୋଇଛି, ଅନ୍ୟାନ୍ୟ ମତାବଲମ୍ବୀ ସାଧୁ-ସନ୍ନ୍ୟାସୀ ଏବଂ ଗୃହସ୍ଥ ସାଧକଗଣଙ୍କ ନିକଟରୁ ଅନୁସନ୍ଧାନ କରି ଦେଖିଛି, ବହୁ ବର୍ଷରେ ମଧ୍ୟ ଅନେକେ ସେପରି ଅନୁଭୂତି ଲାଭ କରିବାକୁ ସମର୍ଥ ହୋଇନାହାଁନ୍ତି। ଆଉ, ଯେଉଁମାନଙ୍କର କିଛି ଅନୁଭୂତି ଲାଭ ଘଟିଛି ଏମାନଙ୍କ ଅପେକ୍ଷା ସେମାନଙ୍କର ବହୁଗୁଣରେ ବେଶୀ ସମୟ ଲାଗିଛି ଏବଂ ସାଧନାରେ ଅଧିକତର କଠୋରତା ଅବଲମ୍ବନ କରିବାକୁ ହୋଇଛି। ଶାସ୍ତ୍ରୋଲ୍ଲିଖିତ ଯେଉଁ ସମସ୍ତ ଉଚ୍ଚାନୁଭୂତି ଲାଭ କରିବାକୁ

କଲିନାହିଁ । କାରଣ ଶ୍ରୀଶ୍ରୀଠାକୁର ଅନ୍ତରଙ୍ଗ ଭକ୍ତଗଣଙ୍କୁ ଚିଦ୍‌ଘନ ମୂରିରେ ବା ପଶଗୀରରେ ଦର୍ଶନଦାନ କରି ଥାଆନ୍ତି ତାହା ମୁଁ ଜାଣିଥିଲି । ତେବେ କେଉଁଦିନ ପ୍ରସବ ହେବ, କଥାଟା ଠିକ୍ ସତ୍ୟ ହେଉଛି କି ନାହିଁ ତାହା ଦେଖିବା ପାଇଁ କୌତୂହଳାକ୍ରାନ୍ତ ହୋଇ ଅପେକ୍ଷା କଲି । ଠିକ୍ ଚତୁର୍ଥ ଦିନ ପ୍ରତ୍ୟୁଷରେ ଗୋଟିଏ କନ୍ୟା ଭୂମିଷ୍ଠା ହେଲା ।

ପ୍ରସବାନ୍ତେ ରକ୍ତସ୍ରାବ ହେତୁ ପ୍ରସୂତି ଅବସନ୍ନ ହୋଇ ମୁମୂର୍ଷୁ ହୋଇ ପଡ଼ିଲା ଏବଂ ଏପରି ଅବସ୍ଥା ହେଲା ଯେ, ମୋର ଜ୍ଞାନ ଓ ବିଶ୍ୱାସରେ ମୃତା ବୋଲି ବୋଧ ହେଲା । ସେତେବେଳେ ମୁଁ ପ୍ରାର୍ଥନା କରି ମନେ ମନେ କହିବାକୁ ଲାଗିଲି– ''ଠାକୁର, ଏ କ'ଣ କଲେ, ସେଦିନ ଜୀବନ ଦାନ କରି ଆଜି ପୁଣି ହରଣ କରିନେଲେ ।'' ପ୍ରାର୍ଥନାନ୍ତେ ତାଙ୍କର ପ୍ରଧାନ ପାର୍ଷଦ ମହାରାଜ ଓ କିଶୋରୀମୋହନ ଆସି ଉପସ୍ଥିତ ହେଲେ । ସେମାନେ କହିଲେ– ଦେଖନ୍ତୁ ତ, ଔଷଧ ଖୁଆ ଯାଇପାରୁଛି କି ନାହିଁ ?'' ମୁଁ ଚେଷ୍ଟା କରି ଦେଖି କହିଲି–'' ନା, ଜୀବନ ନ ଥିଲା ଭଳି ବୋଧ ହେଉଛି ।'' ସେମାନେ କହିଲେ–'' ଆଉ ଔଷଧ ଦେବା ଦରକାର ନାହିଁ, ଆମେ ଏଠାରେ ଛିଡ଼ା ହୋଇନ୍ତୁ, ଆପଣ ତାଙ୍କ ଛାତି ଉପରେ ହାତ ରଖି ନାମ କରନ୍ତୁ ତ ।'' ମୁଁ ସେପରି କରିବାକୁ ଲାଗିଲି । ପ୍ରାୟ ପନ୍ଦର ମିନିଟ୍ ପରେ ସେ ବହ୍ନି ଉଠିଲା । ଏ ଘଟଣାର ଯେଉଁମାନେ ପ୍ରତ୍ୟକ୍ଷଦର୍ଶୀ ସେମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ କିପରି ଏ ସମସ୍ତ ଘଟଣାର ଗୂଢ଼ ରହସ୍ୟ ବୁଝାଇବି ।

ସେତେବେଳେ ଫାଲ୍‌ଗୁନ ମାସ । ଆକାଶ ବେଶ୍ ପରିଷ୍କାର, ବୃଷ୍ଟିର କୌଣସି ସମ୍ଭାବନା ନାହିଁ । ଶ୍ରୀଶ୍ରୀଠାକୁର କହିଲେ– ''ମାକୁ (ପ୍ରସୂତିକୁ) ଯେଉଁ ଗ୍ୱଳଘରେ ଯେଉଁ ସ୍ଥାନରେ ରଖାଯାଇଛି, ଆରବେଳା ବର୍ଷା ହେଲେ ସେଠାରେ ଜଳ ପଡ଼ିବ, ସେ ଚିନ୍ତିଯିବ ।'' ମୁଁ କହିଲି–'' ବର୍ଷା ହେବାର କୌଣସି ଲକ୍ଷଣ ତ ଦେଖାଯାଉ ନାହିଁ ।'' ସେ କହିଲେ– ''ବର୍ଷା ହେବ, ତାକୁ ଅନ୍ୟ ଘରକୁ ନେଇଗଲେ ଭଲ ହୁଏ ।'' ସେତେବେଳେ ଘରକୁ ଯାଇ ପ୍ରସୂତିକୁ ସେ କଥା କହିଲି । ସେ କହିଲା–''ମୋର ଅନ୍ୟ ଘରକୁ ଯିବାର କୌଣସି ଆବଶ୍ୟକତା ନାହିଁ, ଯେଉଁ ଠାକୁର ଦୁଇ ଦୁଇ ଥର ମୋତେ ମୃତ୍ୟୁମୁଖରୁ ବଞ୍ଚାଇଛନ୍ତି ସେ ଥାଉ ଥାଉ କ'ଣ ମୋ ଦେହରେ ଜଳ ପଡ଼ିପାରେ ? ମଲା ମଣିଷକୁ ଯିଏ ବଞ୍ଚାଇ ପାରନ୍ତି, ବର୍ଷା ଜବଜଉ ସେ ରକ୍ଷା କରିବେ । ତାଙ୍କ କୃପାରେ ଓ ତାଙ୍କ ସତ୍ୟନାମ-ମାହାତ୍ମ୍ୟରେ ସବୁ ହୋଇପାରେ ।'' ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇ ସେ ସମସ୍ତ କଥା ନିବେଦନ କଲି । ସେ କହିଲେ– ''ରମଣୀକେ କରେ ସ୍ତ୍ରୀ ବୁଦ୍ଧି ଯେ-ଜନ, କଖନ ନା ହୟ ତାର ବନ୍ଧନ ମୋଚନ । ଆଜି ନ ହେଲେ କାଲି ତାକୁ ସ୍ଥାନାନ୍ତର କରିବେ । ବିଶ୍ୱାସ, ଭକ୍ତି ଓ ନାମ-ମାହାତ୍ମ୍ୟରୁ ସେ ରକ୍ଷା ପାଉଛି । ଆଜି ଚିନ୍ତିବ ନାହିଁ, ସତ, କିନ୍ତୁ ସେ ସବୁ କରିବା ଭଲନୁହେଁ, ତଦ୍ଦ୍ୱାରା **nature** କୁ **blow** (ପ୍ରକୃତିକୁ ଆଘାତ) ଦିଆଯାଏ ।''

ବାସ୍ତବିକ୍ ସେହିଦିନ ଅପରାହ୍ନରେ ଖୁବ୍ ବର୍ଷା ହେଲା । ସେହି ଗ୍ୱଳ ଘରଟା ମଧ୍ୟରେ ଖୁବ୍ ଜଳ ପଡ଼ିଲା, କିନ୍ତୁ ଆଶ୍‌ଚର୍ଯ୍ୟର ବିଷୟ ପ୍ରସୂତିର ଦେହରେ ଟୋପାଏ ବି ଜଳ ପଡ଼ିନାହିଁ । ଧାତ୍ରୀ ମୋତେ ଡାକି ସେହି ଆଶ୍‌ଚର୍ଯ୍ୟ ଘଟଣା ଦେଖାଇଲା । ପରଦିନ ପ୍ରସୂତିକୁ ଅନ୍ୟ ଘରେ ରଖାହେଲା । ପୁନରାୟ ସେଦିନ ବର୍ଷା ହେଲା । ଦେଖାଗଲା, ପୂର୍ବଦିନ ସେହି ପ୍ରସୂତିର ଅବସ୍ଥାନ ସ୍ଥାନରେ ଜଳ ପଡ଼ି ନ ଥିଲା କିନ୍ତୁ ସେତେବେଳେ ସେଠାରେ ଖୁବ୍ ବର୍ଷା ହେଉଛି । କିଏ ଜାଣେ କାହାର କୃପାରେ, କାହାର କେତେଟିକେ ଭକ୍ତି ଓ ବିଶ୍ୱାସ ବଳରେ କାହାର ପ୍ରବଳ କେଉଁ ନାମ-ମାହାତ୍ମ୍ୟରେ ଏହି ବିସ୍ମୟକର

ଅନ୍ୟାନ୍ୟ ମତରେ କଠୋର ସାଧନାରେ ବହୁ ବର୍ଷ ଆବଶ୍ୟକ, ସେପରି ଅନୁଭୂତି ଲାଭ କରିବାକୁ ଏହି ମତରେ ଅଧିକାଂଶ ବ୍ୟକ୍ତିଙ୍କର ଅକ୍ଳେଶରେ ସହଜରେ ଅତି ଅଳ୍প ସମୟ ଆବଶ୍ୟକ ହୋଇଥାଏ ।

ଦିନେ ମୋର ସ୍ତ୍ରୀର ମୁମୂର୍ଷୁକାଳରେ ତାକୁ ମୃତ୍ୟୁ ପାଇଁ ପ୍ରସ୍ତୁତ ହେବାକୁ କୁହାଯିବାରୁ ସେ କହିଲା–''ମୁଁ ପ୍ରସ୍ତୁତ, ମୋର ଜୀବନରେ କୌଣସି ଆକାଂକ୍ଷା ବା ଅବଶୋଷ ନାହିଁ । ତେବେ ମୃତ୍ୟୁ ସମୟରେ ଠାକୁରଙ୍କୁ ଦେଖିବାକୁ ପାଇଲି ନାହିଁ ଏହି ଅବଶୋଷ ।'' ଏହି କଥା କହୁ କହୁ ତାର କଣ୍ଠ ରୁଦ୍ଧ ହୋଇଗଲା, ଦେହ ଶୀତଳ ହୋଇଗଲା ଏବଂ ନାଡ଼ୀ ବନ୍ଦ ହୋଇଗଲା । ଶ୍ରୀଶ୍ରୀଠାକୁର ସେତେବେଳେ ଘରେ ନ ଥିଲେ । ସେ ସପାର୍ଷଦ ଖଲିଲପୁର ଗ୍ରାମର ଅତୁଲ ବାବୁଙ୍କ ଘରକୁ ତାଙ୍କ ପୁଅର ଅନ୍ନପ୍ରାଶନ ଉପଲକ୍ଷ୍ୟେ ଯାଇଥାନ୍ତି । କୌଣସି ସମ୍ବାଦ ଦେଇ ବା ଟେଲିଗ୍ରାମ୍ (ତାର) କରି ଜଣାଇବାର କୌଣସି ଉପାୟ ସେତେବେଳେ ନ ଥିଲା । ମୁଁ ଗୋଟିଏ ଘରେ କବାଟ ବନ୍ଦ କରି ପ୍ରାର୍ଥନା କରୁଥିଲି–''ଠାକୁର, ମୁଁ ବହୁ ଘଟଣାରେ ଜାଣିପାରିଛି– ତୁମେ ଅନ୍ତର୍ଯ୍ୟାମୀ ଏବଂ ଯାହା ଇଚ୍ଛା ତାହା କରିପାର, ଦୟାକରି ଏହି ମୁମୂର୍ଷୁ ରୋଗିଣୀକୁ ଦେଖାଦିଅ ଦୟାମୟ ।'' ସଙ୍ଗେ ସଙ୍ଗେ ସେ ଆସି ଉପସ୍ଥିତ ହେଲେ (ବାସ୍ତବିକ୍ ସେତେବେଳେ ତାଙ୍କର ନ ଆସିବାର ବେଶୀ କାରଣ ଥିଲା) ଏବଂ ମୋ ସ୍ତ୍ରୀ ନିକଟକୁ ଯାଇ ଉଚ୍ଚସ୍ୱରରେ କହିଲେ– ''ମା, ଦେଖ ତୋର ସବୁ ଭଲ ହୋଇଯାଇଛି ।'' ସଙ୍ଗେ ସଙ୍ଗେ ରୋଗିଣୀ ବହ୍ନି ଉଠିଲା, ଉଠି ବସିଲା ଏବଂ କହିଲା–''ବାବା ଆସିଛନ୍ତି, ଅପେକ୍ଷା କରନ୍ତୁ, ମୁଁ ଆପଣଙ୍କୁ ପ୍ରଣାମ କରେ''– ଏହା କହି ସେ ପ୍ରଣାମ କଲା ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସେତେବେଳେ ହିଁ ଗୁଲିବାକୁ ଆରମ୍ଭ କଲା । ସହୃଦୟ ପାଠକପାଠିକାଗଣ ଥରେ ଦୟାକରି ଘଟଣାଟିକୁ ଭାବି ବିସ୍ମୟ କରି ଦେଖନ୍ତୁ, ଏଭଳି ରୋଗୀ ପୁନର୍ଜୀବନ ଲାଭ କରିପାରେ କି ନାହିଁ ? ପାରିଲେ ମଧ୍ୟ ଏତେ ଅଳ୍ପ ସମୟ ମଧ୍ୟରେ ସୁସ୍ଥ ଦେହରେ ଗୁଲିବୁଲି ପାରେ କି ନାହିଁ ? ଏ ଘଟଣାକୁ ଲୋକେ **miracle** (ଅତିମାନବ କାର୍ଯ୍ୟ) କୁହନ୍ତୁ ବା ଆଉ ଯାହା ବି କୁହନ୍ତୁ ସେପରି **miracle** କେହି ପସନ୍ଦ କରନ୍ତୁ ବା ଘୃଣା କରନ୍ତୁ କିନ୍ତୁ ଯିଏ ଜୀବନ ଲାଭ କଲା ସେ ଏବଂ ତାର ପରିବାରର ପ୍ରତ୍ୟେକ ବ୍ୟକ୍ତି ଯଥାସର୍ବସ୍ୱ ବିନିମୟରେ ଏଭଳି ଅଲୌକିକ ଘଟଣା ପାଇଁ ସର୍ବଦା ଲାଳାୟିତ ।

ସେତେବେଳେ ମୋ ସ୍ତ୍ରୀ ପୂର୍ଣ୍ଣ ଦଶମାସ ଗର୍ଭବତୀ ଥାଏ । ଏହି ଘଟଣାପରେ ସେ ଦିନେ ରାତ୍ରିରେ ଶୟନ କରିଛି । ମୁଁ ପ୍ରଫୁଲ୍ଲବାବୁଙ୍କ ଘରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖ ନିଃସୃତ ଅମୀୟବାଣୀ ଶ୍ରବଣ କରୁଥିଲି । ରାତ୍ରି ପ୍ରାୟ ବାରଟା ସମୟରେ ଗୃହକୁ ପ୍ରତ୍ୟାଗମନ କଲି । କବାଟ ଖୋଲି ଦେବାପାଇଁ ଗ୍ୱଳରାଣୀକୁ ଡାକିଲି, କିନ୍ତୁ ମୋ ସ୍ତ୍ରୀ କବାଟ ଖୋଲିଦେଲା । ମୁଁ ଆଶ୍‌ଚର୍ଯ୍ୟାନ୍ୱିତ ହୋଇ କହିଲି–''ତୁମେ ?'' ସେ କହିଲା– ''ହଁ ମୁଁ । ଠାକୁରଙ୍କ କୃପାରୁ ଖୁବ୍ ଭଲ ଅଛି ।'' ମୁଁ କହିଲି–''ଆଜି ତୁମର ଯେପରି ଘଟଣା ହୋଇଛି ସାବଧାନ ହୋଇ ରହିବା ଉଚିତ । ବିଶେଷକରି ଗୋକୁଳବାବୁ (ଡାକ୍ତର) କହିଛନ୍ତି ଆଜି ରାତିରେ ହୁଏତ ପ୍ରସବ ହୋଇପାରେ– ବିଶ୍ରାମ କରିବା ଦରକାର ।'' ସେ କହିଲା–''ଆଜି ରାତିରେ ପ୍ରସବ ହେବନାହିଁ, ଠାକୁର ଏଇମାତ୍ର ଆସି ମୋତେ କହି ଯାଇଛନ୍ତି– ''ଆଜି ପ୍ରସବ ହେବ ନାହିଁ, ଚତୁର୍ଥ ଦିନ ସକାଳେ ପ୍ରସବ ହେବ ।'' ମୁଁ କହିଲି– ''ଅସମ୍ଭବ କଥା, ଏଇମାତ୍ର ମୁଁ ଠାକୁରଙ୍କ ନିକଟରୁ ଉଠି ଆସିଛି, ସେ ଆସିଲେ କିପରି ?'' ମୋର ସ୍ତ୍ରୀ କହିଲା– ''ମୁଁ ଭୁଲ କହୁ ନାହିଁ, ସ୍ୱପ୍ନ ମଧ୍ୟ ଦେଖିନାହିଁ, ମୁଁ ବରାବର ଜାଗ୍ରତ ଅଛି । ସେ ସ୍ପଷ୍ଟ କଥା କହିଗଲେ, ମୁଁ ସ୍ପଷ୍ଟ ଶୁଣିଛି ଏବଂ ଖୋଲା ଆଖିରେ ତାଙ୍କୁ ସ୍ପଷ୍ଟ ଦେଖିଛି । ଘରେ ଆଲୋକ ଅଛି ।'' ମୁଁ କଥାଟାକୁ ଅବିଶ୍ୱାସ

ଘଟଣା ସଂଘଟିତ ହେଲା । ସେହି ଶକ୍ତିମାନ୍‌ର କେଉଁ ଶକ୍ତିର ଲୀଳା ଏହି ଘଟଣା ମଧ୍ୟରେ ଅନ୍ତର୍ନିହିତ ଥିଲା କିଏ ଜାଣେ ? ଯିଏ ଯାହା ବୁଝନ୍ତି ବୁଝି ଦେଖନ୍ତୁ । ମୁଁ ମୋ ଭଳି ବୁଝିଲି ।

ଦିନେ ଶ୍ରୀଶ୍ରୀଠାକୁର ମୋ ଘରେ ବସି ମନକୁ ମନ ଖଣ୍ଡେ ଖାତାରେ ଗୋଟିଏ ପୃଷ୍ଠାରେ ପୃହପ୍ତରେ ଲେଖିଲେ:—

ପ୍ରେମ !

ତୁମର ଉନ୍ନତ ଶିର ଗୁରୁଙ୍କ ପାଦପଦ୍ମରେ ବିକ୍ରୟ କର । ତାଙ୍କର ବଚନ ତୁମର ଚଲିବାର ପଥ ହେଉ, ଗୁରୁ ଅଶରୀରୀ ହୋଇ ମଧ୍ୟ ଶରୀରୀ, ନିରାକାର ହୋଇ ମଧ୍ୟ ସାକାର । କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଆବଦ୍ଧ ନ ହୋଇ ମଧ୍ୟ ସଦ୍‌ଗୁରୁଙ୍କର ଶରୀର ରୂପକ ଘଟରେ କେବଳ ତୁମରି ପାଇଁ ଆବଦ୍ଧ । ସତ୍ୟକୁ ଆଲିଙ୍ଗନ କର, ଆଉ ଛାଡ଼ ନାହିଁ । ଜଗତ୍ ତୁମକୁ ଘୃଣା କଲେ ମଧ୍ୟ ସଦ୍‌ଗୁରୁ ତୁମକୁ ଘୃଣା କରିବେ ନାହିଁ ବା କରନ୍ତି ନାହିଁ ।

ପ୍ରଭୁ ଯୀଶୁ ଓ ଖ୍ରୀଷ୍ଟିୟାନ୍ ପାଦ୍ରୀଙ୍କ କଥା

କୃଷ୍ଣିୟାର ତଦାନୀନ୍ତନ ସର୍ବପ୍ରଧାନ ଖ୍ରୀଷ୍ଟିୟାନ୍ ପାଦ୍ରୀ ସାଧକପ୍ରବର ଶ୍ରୀଯୁକ୍ତ ବାବୁ ଜ୍ଞାନଚନ୍ଦ୍ର ବିଶ୍ୱାସ-ମହାଶୟଙ୍କ ସହିତ ମୋର ବିଶେଷ ବନ୍ଧୁତ୍ୱ ଥିଲା । ଥରେ ମୁଁ ତାଙ୍କୁ କହିଲି— ''ଦେଖନ୍ତୁ, ଏଠାକୁ ଅ.....ଠାକୁର ଆସିଛନ୍ତି । ଅନେକେ ତାଙ୍କୁ ଖୁବ୍ ବଡ଼ ମହାପୁରୁଷ ବୋଲି ମାନନ୍ତି । ଆପଣ ଥରେ ଦେଖନ୍ତୁ ତ ସେ କିପରି ଲୋକ ।'' ଜ୍ଞାନବାବୁ କହିଲେ—'' ତାଙ୍କୁ ଦେଖି ମୁଁ ଯାହା କହିବି ସେଥିରେ ଆପଣଙ୍କର ବିଶ୍ୱାସ ହେବ ତ ?'' ମୁଁ କହିଲି— ''ହଁ ହେବ ।'' ''ତେବେ ମୁଁ ଥରେ ଭଲ କରି ଦେଖି-ଜାଣିଶୁଣି ଆପଣଙ୍କୁ କହିବି, ତାପରେ ଯା ହୁଏ କରିବେ''— ଏହା କହି ସେ କେତେଜଣ ଖ୍ରୀଷ୍ଟିୟାନ୍ ପ୍ରବରଙ୍କୁ ସଙ୍ଗରେ ନେଇ ତାଙ୍କର ଗୋକୁଳବାବୁଙ୍କ ଘରକୁ ଯାଇ ବହୁକ୍ଷଣ ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁରଙ୍କର ସଙ୍ଗ କରି ଏବଂ ଆଳାପ-ଆଲୋଚନା କରି ମୋତେ କହିଥିଲେ— ''ଆପଣ ଉକ୍ତ ଲୋକଙ୍କ ସହିତ ମିଶି ପାରନ୍ତି । ଏ ପ୍ରକୃତ ଖ୍ରୀଷ୍ଟି ମହାପୁରୁଷ ସେଥିରେ ଆଉ କୌଣସି ସନ୍ଦେହ ନାହିଁ ।'' ତାପରେ ଅନେକ ଦିନ ପର୍ଯ୍ୟନ୍ତ ମଝିରେ ମଝିରେ ଦେଖା ହେଲେ ହିଁ ଜ୍ଞାନବାବୁ ଖୁବ୍ ଆନନ୍ଦର ସହିତ ମୋତେ କହନ୍ତି—'' ଦେଖନ୍ତୁ, ମୁଁ ଆପଣଙ୍କୁ ପୂର୍ବରୁ କହିଥିଲି, ଠାକୁର ଖ୍ରୀଷ୍ଟି ମହାପୁରୁଷ । ଏବେ ଠିକ୍ ହେଲା ତ ? ମୁଁ ସେ ସବୁ ବୁଝେ । ମୁଁ ଖ୍ରୀଷ୍ଟିୟାନ୍, ନ ବୁଝି କ'ଣ ଯାହାକୁ ତାହାକୁ ମହାପୁରୁଷ କହିପାରେ !'' ଥରେ ଶ୍ରୀଶ୍ରୀଠାକୁର ଜ୍ଞାନବାବୁଙ୍କ ଆହ୍ୱାନକ୍ରମେ ତାଙ୍କ ସହିତ ସେମାନଙ୍କ ଗାର୍ଡାକୁ ଯାଇଥିଲେ । ଗାର୍ଡାର ଅଭ୍ୟନ୍ତରରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁର ଆନନ୍ଦ ଓ ଭକ୍ତି ସହକାରେ ଗଡ଼ିବାକୁ ଲାଗିଥିଲେ । ହିନ୍ଦୁ, ମୁସଲମାନ୍ କିମ୍ବା ଖ୍ରୀଷ୍ଟିୟାନ୍ ସାଧନାପୀଠ ପ୍ରତି ତାଙ୍କର ତ ସମଜ୍ଞାନ ଥିଲା । ଦିନକର ଜ୍ଞାନବାବୁ ଦଳେ ଖ୍ରୀଷ୍ଟିୟାନ୍ ଭକ୍ତଙ୍କୁ ନେଇ ଶ୍ରୀଶ୍ରୀଠାକୁର ଓ ତାଙ୍କର ଭକ୍ତମାନଙ୍କ ସହିତ ମିଳିତ ହୋଇ ଗୋକୁଳବାବୁଙ୍କ ଘରେ ଖୋଳ ବାଦ୍ୟସହକାରେ ଖୁବ୍ ନୃତ୍ୟକୀର୍ତ୍ତନ କରିଥିଲେ, ସେଥିରେ ଶ୍ରୀଶ୍ରୀଠାକୁରଙ୍କର ମହାଭାବାବସ୍ଥା ହୋଇଥିଲା ଏବଂ ଭାବବାଣୀ ହୋଇଥିଲା । କୀର୍ତ୍ତନଟି ହେଲା: ଘୁଓ କୁଶୋ ପରେ—

ସେହି ଅବସ୍ଥାରେ ନିମ୍ନ ଲିଖିତ ଭାବବାଣୀ ହୋଇଥିଲା:— ତ୍ରିଚତ୍ୱାରିଂଶତ୍ ଦିବସର ଭାବବାଣୀ— କୃଷ୍ଣିୟା । ୧୨-୨-୧୦, ରବିବାର ।

ପ୍ରେମ, ପ୍ରେମ, ପ୍ରେମ ! —ତାହାହିଁ ହେଉ— ସବୁ ଦୁଃଖ, ଦୈନ୍ୟ, କଷ୍ଟ ଯାହା କିଛି ଅଛି ସବୁ ଧୋଇଯାଉ— ସବୁ ରକ୍ତସ୍ରାବ ବନ୍ଦ ହେଉ..... କହୁ ପ୍ରେମ, ପ୍ରେମ— ଉତ୍ତପ୍ତ ହୃଦୟର ସମସ୍ତ ଜ୍ୱାଳା—ନିର୍ମ୍ମଳ ହୋଇଯାଉ.....କହୁ ପ୍ରେମ, ପ୍ରେମ, ପ୍ରେମ । (ହାସ୍ୟ) ।

ଆସ, ଦେଖ ଗ୍ଭଲି ଆସ, ଏହିକ୍ଷଣି ଗ୍ଭଲି ଆସ.....ତ୍ରାତା ଡାକୁଛନ୍ତି, ଅନାହତ ଶବ୍ଦରେ ଡାକୁଛନ୍ତି.....ଶୁଣ, ଉକ୍ତ ଅନାହତ ଶବ୍ଦ, ସବୁ ଶବ୍ଦ ଶବ୍ଦ ଶବ୍ଦ । କର ନା ଭାଇ, ନାମ କର ନା, କେବଳ ନାମ କର— ସବୁ ଧୋଇଯିବ— ପାପତାପ ସବୁ ଧୋଇଯିବ । ମାତ୍ର ଥରେ—ବେଶୀ ଶୁଣିବାକୁ ଗ୍ଭହିଁନା ।

ଆକାଶରେ ଗୋଟିଏ ତାରା ଉଠେ, ତାପରେ ଆଉ ଗୋଟିଏ, ଆଉ ଗୋଟିଏ— ଏହପରି ଅନନ୍ତ । ତୁମେ ଏକା ଆସ, ତାପରେ ଅନନ୍ତ-ଅନନ୍ତ ଆସିବେ ।

ଆକାଶରେ ଚନ୍ଦ୍ରରେ କଳଙ୍କ ଥିଲେ ମଧ୍ୟ ସେ ଉଜ୍ଜ୍ୱଳ— ପାପ ଥିଲେ ମଧ୍ୟ ପରମାତ୍ମାଙ୍କ ଜ୍ୟୋତିରେ ଉଜ୍ଜ୍ୱଳ । କେବଳ କରିଯାଅ, ସେ ଯାହା ହେଉନା କାହିଁକି । (ଉକ୍ତ ଦିନ ଦ୍ୱିତୀୟ ଥର ବାଣୀ) : —ହଁ, ହଁ, ଶକ୍ତ ବିଶ୍ୱାସ ଦରକାରରେ, ଶକ୍ତ ବିଶ୍ୱାସ ଦରକାର, ନ ହେଲେ କ'ଣ ହୁଏ ? ତୋ ଘରେ ଅବିଶ୍ୱାସ ଆଉ ବିଶ୍ୱାସ ଲୋଡ଼ିବୁ କ'ଣ ?

ଦେଖ, ସୁନା ମଧ୍ୟରେ ଯେ ପର୍ଯ୍ୟନ୍ତ ଆବର୍ଜ୍ଜନା ସେପର୍ଯ୍ୟନ୍ତ ସଫା କରିବାକୁ ହେବ, ନାଇଟ୍ରିକ୍ ଏସିଡ୍ **(Nitric acid)** ବ୍ୟତୀତ ହୁଏ ନା । ମୁହଁରେ କହେ ଶୁଦ୍ଧ ଆତ୍ମା— ଅଥଚ ଅନ୍ତରରେ ଗରଳ ।.....ସରଳ ହେବା ଦରକାର ।

ସ୍ୱାର୍ଥର ଗନ୍ଧ ଥିଲେ ପ୍ରେମ ହୁଏ ନା । ଯେତେ କୁଟିଳତା ସବୁ ପ୍ରକାଶ କରି ପକାଇ ଦେ । ସରଳ ଅନ୍ତର ନ ହେଲେ ଶତ-ସହସ୍ରବାର ହରିନାମ କଲେ ମଧ୍ୟ କିଛି ହୁଏ ନା— ପ୍ରଭାବ ହେବା ଦରକାର ।

ଯିଏ ଦେବତା ସେ ବୁଝେ ନା ଯେ ଦେବତା । ବ୍ରାହ୍ମଣର କେବେହେଲେ ଜାତିତ୍ୱର ଭୟ ନାହିଁ । ଯେତିକି ଅବିଶ୍ୱାସ କରିବୁ ସେତିକି ପାପରେ ଘାଣ୍ଟି ହେବୁ । ତାକୁ ଆଉ ଛଡ଼ାଇବାର କୁ ନାହିଁ, —ସରଳ ନ ହେଲେ **impurity** ର ମେଳିନତାରୁ ହାକୁଟି ଉଠେ ।

ତାହାପରେ ଅର୍ଦ୍ଧ-ବାହ୍ୟଦଶା ସମୟରେ କଥୋପକଥନ କାଳରେ ଥରେ କିଶୋରୀ ମୋହନଙ୍କୁ ଲକ୍ଷ୍ୟ କରି କହିଥିଲେ—'' ଯୀଶୁ ଅଜଳଙ୍କ ଚରିତ୍ର, ତୁମେମାନେ ଯୀଶୁଙ୍କର ପୂଜା କରିବ ନା ଭାଇ ?''

ଶ୍ରୀଶ୍ରୀଠାକୁରଙ୍କୁ ଅବତାର କହୁ କାହିଁକି ?

କୃଷ୍ଣିୟାରେ **ସତ୍ୟବ୍ରତବାବୁଙ୍କ** ଘରେ ବସି ଦିନେ **ଶ୍ରୀଶ୍ରୀଠାକୁର** ମୋତେ **କହିଲେ—''ସତୀଶଦା,** ଆପଣ କୁଆଡ଼େ ମୋତେ ଅବତାର କହନ୍ତି ?'' ମୁଁ କହିଲି— ''ଆଜ୍ଞା ହଁ ।'' ସେ କହିଲେ— ''ସେପରି କାହିଁକି କହନ୍ତି ?'' ମୁଁ କହିଲି—''ମୁଁ ମୋର ଜ୍ଞାନ-ବିଶ୍ୱାସ ବଳରେ ଯାହା ସତ୍ୟ ବୋଲି ବୁଝେ, ତାହାହିଁ କହେ, ମିଥ୍ୟାକଥା କହେନା । ମୋର ସ୍ପଷ୍ଟ ମୃତ୍ୟୁ ସମୟରେ ଯାହାଙ୍କ ଦ୍ୱାରା ଜୀବନ ଲାଭ କରିପାରେ, କାତର ଆହ୍ୱାନରେ ବୁଦ୍ଧଦ୍ୱାର ଚୁଡ଼ାଭ୍ୟନ୍ତରରେ ଯିଏ ସଶରୀରରେ ଭକ୍ତକୁ ଦର୍ଶନ ଦାନକରି ବାକ୍ୟାଳାପ ଓ ଶାନ୍ତିଦାନ କରନ୍ତି, ଯାହାକୁ ଦର୍ଶନ ନ କରି, ଯାହାଙ୍କର ନାମ-ଧାମ ନ ଜାଣି ମଧ୍ୟ

ପ୍ରପ୍ନରେ ଯାହାଙ୍କ ନିକଟରୁ ଦୀକ୍ଷା ମିଳିଥାଏ ଏବଂ ଯାହାଙ୍କ ନାମ-ଧାମ ପ୍ରପ୍ନରେ ଜାଣିପାରି ପରେ ଅନୁସନ୍ଧାନ କଲେ ଚାହା ସତ୍ୟହୁଏ, ଯାହାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କଲେ ସର୍ବପ୍ରକାର ମନାଭୀଷ୍ଟ ପୂର୍ଣ୍ଣ ହୁଏ, ଯାହାଙ୍କ ନାମରେ ଭୋଗ ନିବେଦନ କଲେ ଯିଏ ଚିଦ୍‌ଘନ ମୂର୍ତ୍ତିରେ ବା ପଶ୍ଚରୀରରେ ପ୍ରତ୍ୟଂ ଆସି ସେହି ନିବେଦିତ ବସ୍ତୁ ଭୋଜନ କରନ୍ତି, ପିତାମାତାଙ୍କ ଅପେକ୍ଷା ମଧ୍ୟ ଯିଏ ଅଧିକ ଭଲ ପାଆନ୍ତି, ଯାହାଙ୍କର ଭଲ ପାଇବା ସମସ୍ତଙ୍କ ପ୍ରତି ଏପରି କି ସମସ୍ତ ଜୀବ ପ୍ରତି ସମାନ ଦୃଷ୍ଟ ହୁଏ, ଯାହାକୁ ନ ଦେଖି ଏବଂ ନାମ ନ ଶୁଣି ମଧ୍ୟ ପ୍ରପ୍ନରେ ପୂର୍ଣ୍ଣାବତାର ବୋଲି ବହୁଲୋକ ଜାଣି ପାରିଛନ୍ତି, ଭଲ ଭଲ ଜ୍ୟୋତିଷୀଗଣ ଯାହାକୁ ପୂର୍ଣ୍ଣାବତାର ବୋଲି ସ୍ୱୀକାର କରି ଯାହାଙ୍କ ଚରଣରେ ଲୁଣ୍ଠିତ ହୋଇପଡ଼ନ୍ତି, ଯିଏ ବହୁ ଦୂରରେଥାଇ ମଧ୍ୟ ଆମର ସମସ୍ତ ସମ୍ବାଦ ଜାଣିପାରନ୍ତି, ଯିଏ ବହୁ ଦୂରଦେଶରେ ଥାଇ ମଧ୍ୟ ଦୈବବାଣୀ ଦ୍ୱାରା କଥା କହି ଆମକୁ ସମୟ ସମୟରେ ଗ୍ୱଳିତ କରନ୍ତି, ଯାହାଙ୍କର ଦର୍ଶନ-ସ୍ପର୍ଶନରେ ଆମର ରିପୁବୃତ୍ତିକ ଶାନ୍ତ ହୋଇପଡ଼େ, ଧ୍ୟାନକାଳରେ ଜ୍ୟୋତିର୍ମୟ ଦ୍ୱିଭୁଜ ମୁରଲୀଧର ଶ୍ରୀକୃଷ୍ଣ ଦର୍ଶନ ଦେଇ ସ୍ପଷ୍ଟ-ବାକ୍ୟରେ ଯାହାକୁ ଏ ଯୁଗର''— ଏହି କଥାରେ ବାଧାଦେଇ ଶ୍ରୀଶ୍ରୀଠାକୁର ଶୋଇ ପଡ଼ିଲେ ଏବଂ କହୁ କହୁ ନିସ୍ତବ୍ଧ ହେଲେ ଯେ:''ସେ କଥା ଆଉ କହିବେ ନାହିଁ, ମୋର ମୁଣ୍ଡ ଘୂରି ଯାଉଛି।'' ମୁଁ ମଧ୍ୟ ନିସ୍ତବ୍ଧ ହେଲି। କାରଣ, ତାଙ୍କୁ ଅବତାର କହିଲେ ବା ନିଜର ପ୍ରଶଂସା କଲେ ସେ ସନ୍ତୁଷ୍ଟ ହୁଅନ୍ତି ନାହିଁ ବରଂ ଅସନ୍ତୁଷ୍ଟ ହୋଇ ଥାଆନ୍ତି।

ଅବତାର କହିଲେ ମନରେ କଷ୍ଟ ହୁଏ

ଆଉ ଏକଦିନ କଲିକତା ଇଶ୍ୱରମିଲ୍ ଲେନ୍‌ର ଘରେ ଏହିପରି ଶ୍ରୀଶ୍ରୀଠାକୁରଙ୍କୁ ଅବତାର କହୁଥିବା କଥା ହେଉଥିଲା। ସେ କହିଲେ—''ଦେଖନ୍ତୁ, ମୋତେ ଅବତାର ଫବତାର କହିବେ ନାହିଁ, ସେଥିରେ ମୋ ମନରେ ବଡ଼ କଷ୍ଟ ହୁଏ।'' ତାପରେ ଗୋଟାଏ ଦି'ଟା କଥା ହେବାରୁ ସେ କହିଲେ— ''ଯଦି ମୁଁ ମଦ ବୋତଲ କାଖରେ ଜାକି ବେଶ୍ୟାମାଙ୍କ ଘରକୁ ଯାଏ, ଆଉ ତାହା ଦେଖି ମଧ୍ୟ ଯଦି ଭଗବାନ୍ ବୋଲି ବିଶ୍ୱାସ କରିପାରନ୍ତି, ଯଦି ସେତେବେଳେ ବି ଭଗବାନ୍ କହିପାରନ୍ତି ତେବେ ଭଗବାନ୍ କହିବେ।'' ''ତୁମ ସମସ୍ତଙ୍କୁ ନେଇ ଯଦି ମୋତେ ଭଗବାନ୍ ହେବାକୁ ହୁଏ, କିମ୍ବା ନରକକୁ ଯିବାକୁ ହୁଏ ସେଥିରେ ରାଜିଅଛି, କିନ୍ତୁ ତୁମମାନଙ୍କୁ ଛାଡ଼ି ଭଗବାନ୍ ହେବାକୁ ମୁଁ ରାଜି ନୁହେଁ''— ଏହା କହି ସେ ରୋଦନ କରିବାକୁ ଲାଗିଲେ।

କୀର୍ତ୍ତନରେ ଉଦ୍ରମହିଳା

ଇଂରାଜୀ ୧୯୧୮ ମସିହା ଅକ୍ଟୋବର ମାସର ଶେଷଭାଗରେ ଆମେ କଲିକତାର ଉପକଣ୍ଠରେ କୌଣସି ଏକ ବିଖ୍ୟାତ ମହାପୁରୁଷଙ୍କର କୌଣସି ଏକ ବିଶେଷ ଧନୀ ଭକ୍ତଙ୍କ ବଗିଘ୍ରଘରକୁ ଯାଇଥିଲୁ। ଆମ ସାଙ୍ଗରେ ପ୍ରାୟ ଘୁଲିଶଜଣ ଲୋକ ଥାଆନ୍ତି। ଦୁଇଦିନ ପରେ ଶ୍ରୀଶ୍ରୀଠାକୁର ସେଠାରେ ଉପସ୍ଥିତ ହେଲେ। ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ପ୍ରତିଦିନ ସେଠାରେ ମହୋତ୍ସବ ଘୁଲିଲା। ମହାରାଜ, କୃଷ୍ଣଚନ୍ଦ୍ର ଏବଂ କୀର୍ତ୍ତନଦଳ ସହିତ କିଶୋରୀମୋହନ ମଧ୍ୟ ସେଠାରେ ଉପସ୍ଥିତ ହେଲେ। ଗୃହସ୍ୱାମୀ ଦୟାକରି ଭକ୍ତଗଣଙ୍କୁ ଅତି ଭକ୍ତି ଓ ଯତ୍ନ ସହକାରେ ମହାସମାରୋହରେ ଓ ସମାଦରରେ ଭୋଜନାଦି କରାଇବାକୁ ଲାଗିଲେ। ଉପସ୍ଥିତ ଯେ କୌଣସି ବ୍ୟକ୍ତି ସେଠାରେ ପ୍ରସାଦ

ସେବନ କରିପାରୁଥିଲେ। କିଶୋରୀମୋହନଙ୍କର ଜଳକାନିନାଦ-ସମନ୍ୱିତ ମହାନନ୍ଦଦାୟକ ପ୍ରାଣମନ ବିମୁଗ୍ଧକର ଅପୂର୍ବ ରାଧାନାମ କୀର୍ତ୍ତନ ଦିଗ୍‌ଦିଗନ୍ତ ମୁଖରିତ କରି ଆକାଶ ଓ ପୁଣ୍ୟସଲିଳା ଗଙ୍ଗାଦେବୀଙ୍କୁ ପ୍ରକମ୍ପିତ କରି ତୋଳିଲା। ଶ୍ରୀଶ୍ରୀଠାକୁର, କିଶୋରୀମୋହନ ଓ ଭକ୍ତଗଣଙ୍କୁ ପାଇ ଗୃହସ୍ୱାମୀ ସପରିବାର ବଡ଼ ଆନନ୍ଦଲାଭ କଲେ, ପ୍ରେମରେ ମାତି ଉଠିଲେ। କିଶୋରୀମୋହନଙ୍କ କୀର୍ତ୍ତନ ଏପରି ଚିତ୍ତାକର୍ଷକ ଓ ପ୍ରେମାନନ୍ଦଦାୟକ ହୋଇଥିଲା ଯେ ଦିନକର ଜଣେ ବର୍ଷୀୟସୀ ଧନୀ ବିଧବା ଭଦ୍ରମହିଳାମାତା ଆନନ୍ଦରେ ବିଭୋର ହୋଇ ସେହି କୀର୍ତ୍ତନରେ ଯୋଗଦାନ କରି ନୃତ୍ୟ କରିଥିଲେ। ସେ ଗୋଟିଏ ଅଭାବନୀୟ ଅପୂର୍ବ ଅପାର୍ଥିବ ଦୃଶ୍ୟ। କୃଷ୍ଣଚନ୍ଦ୍ରଙ୍କର ଧର୍ମ ବିଷୟକ ବକ୍ତୃତା ମଧ୍ୟ ବଡ଼ ସୁମଧୁର ଓ ପ୍ରାଣାରାମ ହୋଇଥିଲା। ତାହାପରେ ଜଣେ ଭକ୍ତ ଆଖ୍ୟାଧାରୀ ବ୍ୟକ୍ତି ଆସି ଉକ୍ତ ସ୍ଥାନରେ ଉପସ୍ଥିତ ହୋଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲେ— ''ବାବା ମହାପୁରୁଷ, ଗୋଟାଏ ପ୍ରଣାମ କରେ। ତୁମେ ବାବା ମହାପୁରୁଷ, ଭଲ କରି ପାର ବା ନ ପାର, ମନ୍ଦ ଖୁବ୍ କରିପାର।'' ଶୁଣିଲି ସେ ଜଣେ ବଡ଼ ମହାପୁରୁଷଙ୍କର ବଡ଼ ଭକ୍ତ, କିନ୍ତୁ ତାଙ୍କର କଥାଗୁଡ଼ିକ ଏବଂ ତାଙ୍କର ହାବଭାବ ମୋର କ୍ଷୁଦ୍ର ଅନ୍ତଃକରଣରେ ବଡ଼ ଅମିଷ୍ଟ ଲାଗିଥିଲା। ସେଦିନ ତାଙ୍କ ସହିତ କୌଣସି ଆଳାପ କରିନାହିଁ, ବା ଆଉ କ'ଣ ହେଲା ଜାଣିପାରି ନାହିଁ, ଯେହେତୁ ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ରର କଲେରା ସମ୍ବାଦରେ ଆଦେଶ ପ୍ରାପ୍ତିମାତ୍ରେ ମୁଁ ସେହିଦିନ ନୈହାଟୀ ଯାତ୍ରାକଲି। ପରଦିନ କଲିକତା ଯାଇ ଶୁଣିଲି— ହଠାତ୍ ଶ୍ରୀଶ୍ରୀଠାକୁର କାହିକି ସମସ୍ତଙ୍କୁ ସେହି ଗୃହ ପରିତ୍ୟାଗ କରି କଲିକତାର ଶ୍ରୀଯୁକ୍ତ ବାବୁ ଶାକ୍ୟସିଂହ ସେନ୍‌ମହାଶୟଙ୍କ ଗୃହକୁ ଯିବାପାଇଁ ଆଦେଶ ପ୍ରଦାନପୂର୍ବକ ନିଜେ ନୈହାଟୀଗୁଲି ଯାଇଛନ୍ତି! ମୁଁ ମଧ୍ୟ ସଙ୍ଗେ ସଙ୍ଗେ ନୈହାଟୀକୁ ପ୍ରତ୍ୟାଗମନ କଲି।

ସତ୍ୟପ୍ରଗ୍ୱର ନା ମଣିଷପ୍ରଗ୍ୱର

ଇତିମଧ୍ୟରେ ଆଉ ଗୋଟିଏ ଘଟଣା ସଂଘଟିତ ହୋଇଥିଲା। ଉକ୍ତ ବଗିଘ୍ରଘରେ ଆମେମାନେ ଶ୍ରୀଶ୍ରୀଠାକୁରଙ୍କ ଶୁଭାଗମନ ପୂର୍ବରୁ ଅବସ୍ଥାନ କରୁଥିଲୁ। ସେତେବେଳେ ଗୁରୁଭାଇମାନଙ୍କ ମଧ୍ୟରେ କେହି କେହି ମୋତେ ଦେଖାଇ କହୁଥାନ୍ତି ଯେ **truth preach** (ସତ୍ୟପ୍ରଗ୍ୱର) ନ କରି **man preach** (ମଣିଷ ପ୍ରଗ୍ୱର) କରା ହେଉଛି ଏବଂ **miracle** (ଅଲୌକିକ କାର୍ଯ୍ୟ) ପ୍ରଗ୍ୱର ହେଉଛି। ଏହିପରି ମୋ ପ୍ରତି ନାନାପ୍ରକାର ବିଦ୍ରୂପାତ୍ମକ ବାକ୍ୟବାଣ ବର୍ଷଣ ହେଉଥାଏ। ପରେ ଶ୍ରୀଶ୍ରୀଠାକୁର ସେଠାରେ ଉପସ୍ଥିତ ହେବାରୁ ସମସ୍ତେ ତାଙ୍କ ସହିତ ଦ୍ୱିତଳ ଗୃହରେ ଅବସ୍ଥାନ କଲେ। ଶ୍ରୀଶ୍ରୀଠାକୁର ଡାକିଲେ ଉପରକୁ ଯିବି ଏହା ମନେକରି ତଳମହଲାରେ ବସି ରହିଲି। ଶ୍ରୀଶ୍ରୀଠାକୁର ଉପର ମହଲାକୁ ଯିବା ସଙ୍ଗେ ସଙ୍ଗେ ଏ ଅଧମର ମନର କଥା ଜାଣିପାରି ଅଧମକୁ ଡକାଇଲେ। ସେତେବେଳେ ମୁଁ ଦ୍ୱିତଳ ଗୃହରେ ଉପସ୍ଥିତ ହୋଇ ଶ୍ରୀଚରଣ ଦର୍ଶନ ଓ ପ୍ରଣାମ କରି ଧନ୍ୟ ହେଲି। ସେ କହିଲେ—''କ'ଣ ହୋଇଛି ?'' ମୁଁ କହିଲି—'' ସବୁ ତ ଜାଣନ୍ତି, ମୁଁ ଆଉ କ'ଣ କହିବି।'' ''କୁହନ୍ତୁ ନା''— ଏହା କହି ସେ ମୋତେ ଗୋଟିଏ ନିର୍ଜନ କକ୍ଷକୁ ନେଇଗଲେ। ମୁଁ ସବୁକଥା ଖୋଲି କହିଲି। ସେ କହିଲେ— ''କାହାରି କଥାରେ ଅସନ୍ତୁଷ୍ଟ ହେବେ ନାହିଁ। ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ଯାହା ସତ୍ୟ ବୋଲି ଜାଣନ୍ତି, ନିର୍ଦ୍ଦୀକଭାବରେ ସେହି ସତ୍ୟ ପ୍ରଗ୍ୱର କରିବେ, ମୋର ନିଜର ପ୍ରଶଂସା କଲେ ମୁଁ ପୁଖା ହୁଏନା।'' ସନ୍ଧ୍ୟାପରେ ତଳମହଲାର ବୃହତ୍ ପ୍ରକୋଷାଭ୍ୟନ୍ତରରେ ବହୁଭକ୍ତଙ୍କ ସମକ୍ଷରେ କେହି କେହି ପୁଣି ମୋ ସମ୍ବନ୍ଧରେ ସେହି ପୂର୍ବୋକ୍ତ କଥା ଆଲୋଚନା କରୁଛନ୍ତି। ମୁଁ ଚୁପ୍ କରି ବସି ଶୁଣୁଛି! ଏପରି ସମୟରେ ଶ୍ରୀଶ୍ରୀଠାକୁର ସେଠାରେ ଉପସ୍ଥିତ ହୋଇ କହିଲେ—''ଆପଣମାନେ କ'ଣ କହୁଛନ୍ତି ?''

ଅଶ୍ୱିନୀବାବୁ କହିଲେ– ''ସତୀଶ ଡାକ୍ତର ସତ୍ୟସମ୍ବର ନ କରି ମଣିଷସମ୍ବର କରେ ଓ ଅଲୌକିକ ଘଟଣାର କଥା କହେ, ତାହା କେହି କେହି ପସନ୍ଦ କରନ୍ତି ନାହିଁ ବୋଲି ସେହି କଥା ହେଉଛି।'' ଶ୍ରୀଶ୍ରୀଠାକୁର ମୋତେ କହିଲେ–''ଆପଣ କ'ଣ କହନ୍ତି ?'' ମୁଁ କହିଲି– ''ଦେଖନ୍ତୁ, **truth** (ସତ୍ୟ) କାହାକୁ କହନ୍ତି ମୁଁ ତାହା ଠିକ୍ ଠିକ୍ ବୁଝେ ନା।

। ଆଉ ଯେଉଁମାନେ ''ସତ୍ୟ'' ''ସତ୍ୟ'' ବୋଲି ଲମ୍ଫ-ଝମ୍ଫ କରନ୍ତି, ସେମାନେ ମଧ୍ୟ ସତ୍ୟ କାହାକୁ କହନ୍ତି କହିପାରନ୍ତି ନାହିଁ, ବୁଝାଇ ପାରନ୍ତି ନାହିଁ, ଅଥଚ କହନ୍ତି ଯେ, ଯେଉଁ ମଣିଷ ନିକଟରୁ ସତ୍ୟ ମିଳିଥାଏ ତାକୁ ଗୋପନ କରି ସତ୍ୟ ସମ୍ବର କର। ମୁଁ କିନ୍ତୁ ସେପରି ବୁଝେ ନାହିଁ କି ସେପରି କରିପାରେ ନାହିଁ। କାରଣ ମୋର ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ମୁଁ ବୁଝେ– ଯେଉଁ ମଣିଷ ମାଧ୍ୟମରେ ଆମେ ସତ୍ୟପ୍ରାପ୍ତ ହେଉନ୍ତୁ ସେହି ମଣିଷ ଓ ସେହି ସତ୍ୟ ପୃଥକ୍ କରି କହି ହୁଏ ନା। ଯଦି କହେ ଆମେ ଏହି ଯୁଗରେ ଏହି ମହା ସତ୍ୟଲାଭ କରୁନ୍ତୁ ତତ୍‌କ୍ଷଣାତ୍ ପ୍ରଶ୍ନ ହୁଏ କେଉଁଠାରୁ, କେଉଁ ବ୍ୟକ୍ତି ନିକଟରୁ ସେହି ସତ୍ୟ ମିଳୁଛି ? ସେତେବେଳେ ଯେଉଁ **medium** (ମାଧ୍ୟମ) ନିକଟରୁ ସେହି ସତ୍ୟ ପାଉଛି ସେହି **medium** କୁ କିପରି ଗୋପନ କରିବି ତା ମୁଁ ଜାଣେନା, ବୁଝେନା। ଆଉ, ସେପରି ଗୋପନ କରିବାଟା ଭଣ୍ଡାମି ବୋଲି ମୋର ମନେହୁଏ।'' ଶ୍ରୀଶ୍ରୀଠାକୁର କହିଲେ– ''ଯାହା ଭଲ ବୁଝନ୍ତି କହନ୍ତୁ, କିନ୍ତୁ 'ଧୋପେ ଟିକଲେ ହୟ'।'' ସେତେବେଳେ ଏହି 'ଧୋପେ ଟିକଲେ ହୟ' କଥାରେ ସମସ୍ତେ ଉଚ୍ଚସ୍ୱର ହାସ୍ୟ କରିବାକୁ ଲାଗିଲେ ଅର୍ଥାତ୍ ସତୀଶ ଡାକ୍ତରଙ୍କ କଥାଗୁଡ଼ିକ ଯେପରି ଏହି କଥାରେ ଲଘୁ ହୋଇଗଲା। ଅଶ୍ୱିନୀବାବୁ ପଚାରିଲେ– ''ଧୋପେ ଟିକା ମାନେ କ'ଣ ?'' ଶ୍ରୀଶ୍ରୀଠାକୁର କହିଲେ– ''ତାର ଅର୍ଥ ଛାତି ନ ଥରିଲେ ହେଲା।'' ସେତେବେଳେ ଅଶ୍ୱିନୀବାବୁ ଉଲ୍ଲସିତ ହୋଇ କହିଲେ– ''ଯାଅ ସତୀଶ ଡାକ୍ତର, ଆଜିଠାରୁ ଯାହା ସତ୍ୟ ବୋଲି ଜାଣ ଯଦି ଛାତି ନ ଥରୁଥାଏ ତେବେ ପ୍ରାଣ ଖୋଲି କହୁଥାଅ।'' ଅନ୍ୟାନ୍ୟ ଭାଇମାନେ କହିଲେ– ''ସତୀଶଦା, ଆପଣ ଯାହା ଇଚ୍ଛା କହନ୍ତୁ, ଆଜି ଆମର ଭ୍ରମ ଦୂର ହେଲା।''

ମୂର୍ତ୍ତିଧ୍ୟାନ କଥା

ସନ ୧୩୨୨ ସାଲର କଥା। ଥରେ ସତ୍‌ସଙ୍ଗବାଟୀର ଠାକୁରଘରେ ବସି କେଉଁ ମୂର୍ତ୍ତି ଧ୍ୟାନ **(contemplate)** କରିବାକୁ ହେବ ଏହି ବିଷୟରେ କଥା ହେଉଛି। ଶ୍ରୀଶ୍ରୀଠାକୁର କେତୋଟି ଫଟ ଦେଖାଇ କହିଲେ–''ଏହି ସବୁ ସଦ୍‌ଗୁରୁ-ମୂର୍ତ୍ତି ମଧ୍ୟରୁ ଯେ କୌଣସିଟି ମନକୁ ଭଲ ଲାଗେ ଧ୍ୟାନ କରିବେ। ମୋର ମୂର୍ତ୍ତି ଧ୍ୟାନକରିବା ଦରକାର କ'ଣ ?''

ମୁଁ କହିଲି – ଗୁରୁଙ୍କର ସମସ୍ତ ଆଦେଶ ପାଳନ କରିବା ଉଚିତ କି ନା ?

ସେ-ଉଚିତ।

ମୁଁ ପୂର୍ବରୁ ଅନେକ ସଦ୍‌ଗୁରୁ ତ ସେମାନଙ୍କର ମୂର୍ତ୍ତିଧ୍ୟାନ କରିବାକୁ ଲୋକମାନଙ୍କୁ ନିଷେଧ କରିଛନ୍ତି। ସେ କ୍ଷେତ୍ରରେ ସେମାନଙ୍କର ମୂର୍ତ୍ତି ଧ୍ୟାନ କଲେ ତ ସେମାନଙ୍କର କଥା ଅମାନ୍ୟ କରାହେବ।

ସେ-ସେହି ଛଳରେ କେବଳ ଗୁରୁଙ୍କ ଆଦେଶ ଅମାନ୍ୟ କଲେ ଚଳିବ !

ମୁଁ–ତେବେ ସେହି ଛଳରେ ଆମେମାନେ ମଧ୍ୟ ଆପଣଙ୍କ ଆଦେଶ ଅମାନ୍ୟ କରିପାରୁ।

ସେ– ଆପଣଙ୍କ ସହିତ ତର୍କରେ ଜିତିବା ବଡ଼ ମୁସ୍କିଲ୍। ଏହା କହି ସେ ଚୁପ୍ କରି ରହିଲେ।

ଆଉଦିନେ ପଗ୍ଳାଗିଲି ଜଣେ ସାଧୁ କହିଥିଲେ–''ପଙ୍କୁଖରେ କୃଷ୍ଣ ରଖି ଧ୍ୟାନ କରୁ କାହାର ?'' ଅର୍ଥାତ୍ ସଦ୍‌ଗୁରୁଙ୍କ ନିକଟରେ ରହି ଧ୍ୟାନ ନ କଲେ ମଧ୍ୟ ଚଳିବ ନା କ'ଣ ?

ସେ କହିଲେ– ସଦ୍‌ଗୁରୁ ପାଇଲେ ତ !

ଦିନେ ଶ୍ରୀଶ୍ରୀଜନନୀ ମୋତେ କହିଲେ– ''ଆଜ୍ଞା, ତୁମେ ସବୁ ଅ.....ର ମୂର୍ତ୍ତି କାହିଁକି ଧ୍ୟାନ କର ?'' ମୁଁ କହିଲି– ''ଶ୍ରୀକୃଷ୍ଣ-ମୂର୍ତ୍ତି ବା ଅନ୍ୟ ସଦ୍‌ଗୁରୁ-ମୂର୍ତ୍ତି ଧ୍ୟାନ କରୁ କରୁ ଆପଣଙ୍କ ପୁଅଙ୍କ ମୂର୍ତ୍ତି ଆସି ଉପସ୍ଥିତ ହୁଅନ୍ତି, ସେତେବେଳେ ଆମେ କ'ଣ କରିବୁ ?'' ସେ କହିଲେ– ''ସେପରି ଯଦି ସତରେ ହେଉଥାଏ ତେବେ କର।'' କଥାଟା ଯେପରି ଅନିଚ୍ଛା ସହିତ କହିଲେ। ମଧ୍ୟାହ୍ନରେ ଶ୍ରୀଶ୍ରୀଜନନୀଙ୍କର ପୂର୍ବଦ୍ୱାରୀ ବଡ଼ ଟିଣଘରେ ଶ୍ରୀଶ୍ରୀଠାକୁରଙ୍କ ସହିତ ଆମେ ଅନେକେ ଭୋଜନ କରିବାକୁ ବସିଲୁ। ଶ୍ରୀଶ୍ରୀଠାକୁର କହିଲେ– ''ମା, ତୁ ମୋ ଥାଳିରେ ବସି ନିବେଦନ କରି ଦେ ନା, ତୁ ନିବେଦନ କରିଦେ ମୁଁ ପ୍ରସାଦ ଖାଏ।'' ମା କହିଲେ– ''ମୁଁ ବର୍ତ୍ତମାନ ପାରିବିନାହିଁ।'' ସେ ପାଞ୍ଚବର୍ଷର ବାଳକ ପରି ଅଳି କରି କହିଲେ– ''ନା ମା, ତୁ ନିବେଦନ କରି ଦେ, ତୁ ନିବେଦନ କରି ନ ଦେଲେ ମୋତେ ଭଲ ଲାଗିବ ନାହିଁ। ତୁ ଭଲକରି ଭାତ ଗୋଳେଇ ଦେ, ନିବେଦନ କରିଦେ, ଆଉ ଟିକିଏ ଖାଇ ପ୍ରସାଦ କରି ଦେ'ନା ମା।'' ସେତେବେଳେ ଶ୍ରୀଶ୍ରୀଜନନୀ ତାଙ୍କର ଜିଦ୍ ରକ୍ଷାନକରି ରହିପାରିଲେ ନାହିଁ। ସେ ଭୋଜ୍ୟସମାପରେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ବସି ତାଙ୍କର ଇଷ୍ଟମୂର୍ତ୍ତିକୁ ସେହି ଭୋଜ୍ୟସାମଗ୍ରୀ ନିବେଦନ କରିବାକୁ ଲାଗିଲେ, ଧ୍ୟାନରେ ବସିଲେ। ଧ୍ୟାନ କରୁ କରୁ ଦେଖିଲେ, ତାଙ୍କରି ପୁତ୍ର ଆଜି ତାଙ୍କର ଇଷ୍ଟଙ୍କ ସ୍ଥାନରେ ଅଧିଷ୍ଠିତ ହୋଇ ଭୋଜ୍ୟ ଭୋଜନ କଲେ। ସେତେବେଳେ ଶ୍ରୀଶ୍ରୀଜନନୀ (ପୂର୍ବରୁ ମଧ୍ୟ ବୋଧହୁଏ କିଛି ଜାଣିଥିଲେ) କହିଲେ– ''ଏବେ କ'ଣ ତୋର ଅଇଁଠା ମୋତେ ଖାଇବାକୁ ହେବ ନା କ'ଣ ?''

ଶ୍ରୀଶ୍ରୀଠାକୁର କହିଲେ– ''ଓ ମା, ସେ କି କଥା !'' ଶ୍ରୀଶ୍ରୀଜନନୀ କହିଲେ– ''ନିବେଦନ ଜଲି, ଦେଖିଲି ତୁ ତ ଖାଇଗଲୁ।'' ଶ୍ରୀଶ୍ରୀଠାକୁର କହିଲେ– ''ଓ ମା, ସେ କି କଥା।'' ସେତେବେଳେ ସମସ୍ତେ ନୀରବ ରହିଲେ ! ଘଟଣା ବୁଝିବାକୁ ଆଉ କାହାରି ବାକି ରହିଲା ନାହିଁ। ସେହି ଦିନଠାରୁ ଶ୍ରୀଶ୍ରୀଜନନୀ ତାଙ୍କ ପୁତ୍ରଙ୍କୁ ସଦ୍‌ଗୁରୁରୂପେ ଧ୍ୟାନ କରିବାକୁ ଆମମାନଙ୍କୁ ଆଉ ନିଷେଧ କରି ନାହାନ୍ତି।

୨୬

ମୌନ ସନ୍ନ୍ୟାସୀଙ୍କ କଥା

ଇଂରାଜୀ ୨।୧୧।୧୮ ତାରିଖର ଘଟଣା। ନୈହାଟୀରେ ✓ ଶଶାଙ୍କଭୂଷଣ ଚକ୍ରବର୍ତ୍ତୀଙ୍କ ଘରେ ମୁଁ ଶ୍ରୀଶ୍ରୀଠାକୁରଙ୍କ ସଙ୍ଗେ ବସି ଆଳାପ ଆଲୋଚନା କରୁଥାଏ। ସେହି ସମୟରେ ଜଣେ ମୌନ ସନ୍ନ୍ୟାସୀ ଆସି ସେଠାରେ ଉପସ୍ଥିତ ହେଲେ। ଶଶାଙ୍କବାବୁଙ୍କ ସହିତ ସେହି ସନ୍ନ୍ୟାସୀଙ୍କର ପୂର୍ବରୁ ପରିଚୟ ଥିଲା। ସନ୍ନ୍ୟାସୀ ଲେଖିକରି ଜଣାଇଲେ ଯେ ଗୁରୁଙ୍କ ଆଦେଶରେ ସେ ପାଞ୍ଚବର୍ଷ ହେଲା ମୌନବ୍ରତ ପାଳନ କରୁଛନ୍ତି। ତାଙ୍କ ଗୁରୁ ଜଣେ ନାଗା ସନ୍ନ୍ୟାସୀ, ତାଙ୍କର ବର୍ତ୍ତମାନ ବୟସ ତିନିଶହ ପାଚ ବର୍ଷ। ଉକ୍ତ ସନ୍ନ୍ୟାସୀଙ୍କ ସହିତ ଅନେକ ଆଲୋଚନା ହେଲା। ସେ କାଗଜରେ

ଲେଖିଜଣାଇଲେ– ଚାଙ୍କର ସାଧନା କଠୋର; ମୌନବ୍ରତ ଅବଲମ୍ବନ ପୂର୍ବକ ପାହାଡ଼ ପର୍ବତ ଭ୍ରମଣ କରିବା– ଖୁବ୍ କଷ୍ଟକର । ବାଲ୍ୟାବସ୍ଥାରୁ ସେ ସନ୍ନ୍ୟାସ ଅବଲମ୍ବନ କଲେଣି, ବର୍ତ୍ତମାନ ବୟସ ପଚ୍ଚାଶ ବର୍ଷ । ଚାଙ୍କ ସହିତ ଅନ୍ନ ସମୟ ଆଲୋଚନା କରି ଜଣାଗଲା ଯେ ଏତେ କଷ୍ଟ କରି ଏତେ ଦିନ ଧରି ସାଧନା କରି ଯେଉଁ ଅନୁଭୂତି ଲାଭ କରିଛନ୍ତି ତାହା ଆମ ଗୁରୁଭାଇମାନଙ୍କର ତିନି ଘ୍ରୀ ବର୍ଷର ସାଧନାଲବ୍ଧ ଅନୁଭୂତି ତୁଳନାରେ ଅତି ସାମାନ୍ୟ । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣାଶ୍ରିତ ଜଣେ ସାଧାରଣ ଲୋକର ଅନୁଭୂତିର କଥା ଶୁଣି ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ଉକ୍ତ ସନ୍ନ୍ୟାସୀଙ୍କୁ ଶ୍ରୀଶ୍ରୀଠାକୁରଙ୍କ ପରିଚୟ ଦିଆଯାଇ ନ ଥିଲା । ଶ୍ରୀଶ୍ରୀଠାକୁର ଉକ୍ତ ସନ୍ନ୍ୟାସୀଙ୍କ ସହିତ ଏପରି ଭାବରେ କଥାବାର୍ତ୍ତା ହେଲେ ଯେ ସେ କୌଣସି ପ୍ରକାରେ ଶ୍ରୀଶ୍ରୀଠାକୁରଙ୍କ ପରିଚୟ ପାଇପାରିଲେ ନାହିଁ । ପରେ ଶ୍ରୀଶ୍ରୀଠାକୁର ମୋତେ କହିଲେ– ''ସତୀଶଦା, ଏହି ସନ୍ନ୍ୟାସୀ ମୋତେ ଆପଣଙ୍କ କଥା ପଗ୍ଧରୁଥିଲେ । ସେ କହିଲେ ଯେ, ସେ ସାଧୁ ଜଣକ (ଆପଣ) କାହାଁନ୍ତି ? ବାସ୍ତବିକ୍ ଆପଣଙ୍କ ସହିତ ଆଲୋଚନା କରି ସେ ଆପଣଙ୍କୁ ଜଣେ ବିଶିଷ୍ଟ ସାଧକ ବୋଲି ଭାବିଛନ୍ତି । ଦେଖନ୍ତୁ, ଏହି ସନ୍ନ୍ୟାସୀ ଏତେ କଠୋର ସାଧନା କରି ମଧ୍ୟ ବିଶେଷ ଫଳ ଲାଭ କରିନାହାନ୍ତି । ଆପଣମାନେ ସଂସାରରେ ରହି ସାମାନ୍ୟ ସାଧନା କରି ଅଳ୍ପ ଦିନରେ ଚାଙ୍କଠାରୁ ଢେର ବେଶୀ ଫଳ ପାଉଛନ୍ତି । କଥାରେ କହିନ୍ତି–''ବୁଲି ବୁଲି ବାର, ତୁମର ଘରେ ବସି ତେର ।''

ସନ୍ନ୍ୟାସୀ ଗ୍ଧଲିଗଲେ । ଶ୍ରୀଶ୍ରୀଠାକୁରଙ୍କୁ କେତୋଟି ପ୍ରଶ୍ନ ପଗ୍ଧରିଲି । ସେ ବି ମୌନ ସନ୍ନ୍ୟାସୀ ଭଳି ଅଭିନୟ କରିବାକୁ ଲାଗିଲେ, ମୁହଁରେ କିଛି ନ କହି କାଗଜରେ ଲେଖି ଦେଖାଇବାକୁ ଲାଗିଲେ ।

ମୁଁ ପଗ୍ଧରିଲି– ''ଭଗବାନ ଅଛନ୍ତି କି ?'' ସେ ଲେଖିଲେ– ''ଅଛନ୍ତି'' । ଭଲପାଇବା ବିଷୟରେ କଥା ହେଉଥିଲା । ସେ ଲେଖିଲେ– **analysis** (ବିଶ୍ଳେଷଣ) କଲେ ଭଲପାଇବା ଠିକ୍ ବୁଝିହୁଏ ନାହିଁ ଯଦି ତହିରେ ମୋହ ନ ଥାଏ ।'' ଆଉ ଏକ ପ୍ରଶ୍ନର ଉତ୍ତରରେ ଲେଖିଲେ– ''ଶ୍ରୀକୃଷ୍ଣଙ୍କ ବିଷୟ ତ ଜାଣନ୍ତି, ଯାହାକୁ କୌଣସି ପ୍ରକାରେ ସତ୍ ଆଡ଼େ ହେଉ ବା ଅସତ୍ ଆଡ଼େ ହେଉ କୁଆଡ଼େ ହେଲେ ଟାଣି-ଓଟାରି ନେଇଯାଇ ହୁଏନାହିଁ ।''

ଘଟଣାର ଅତିରଞ୍ଜନ ସମ୍ବନ୍ଧରେ କଥା ହେଉଛି– ସେ ଲେଖିଲେ– ''ସତ୍‌ର ପୁଣି ଅତିରଞ୍ଜିତ କ'ଣ ? **feelings** (ଭାବ) ଯୋଗୁଁ ଯାହା ହେବାର କଥା ତାହା ହିଁ ହୁଏ ।''

ମୁଁ ପଗ୍ଧରିଲି– ''ଶୁଣିଛି ଶ୍ରୀବୃନ୍ଦାବନରେ (ବୋଧହୁଏ) ଶ୍ରୀଳ ଜୀବ ଗୋସ୍ୱାମୀ ମନେ କରିଥିଲେ ଯେ ଅନ୍ୟାନ୍ୟ ଗୋସ୍ୱାମୀ ପ୍ରଭୁମାନେ ସେମାନଙ୍କର ଦ୍ୱିଭୁଜ ମୁରଲୀଧର ବିଗ୍ରହଙ୍କୁ ସୁନ୍ଦର ସୁସଜ୍ଜିତ କରି ପୂଜା କରନ୍ତି ଅଥଚ ସେ ଚାଙ୍କର ହସ୍ତପଦହୀନ ଶାଳଗ୍ରାମ ଶିଳାକୁ ସେଭଳି ସୁନ୍ଦରଭାବରେ ସଜାଇ ପୂଜା କରିପାରୁ ନାହାନ୍ତି । ଏଥିପାଇଁ ସେ ମନେ ମନେ ଖୁବ୍ ଦୁଃଖ ଅନୁଭବ କରୁଥିଲେ । ପରଦିନ ପକାରୁ ଉଠି ଦେଖନ୍ତି ଯେ ଚାଙ୍କ ଶାଳଗ୍ରାମ ଶିଳାରେ ହାତ ପାଦ ଲାଗିଯାଇଛି । ତାହା କିପରି ସମ୍ଭବ ହେଲା ? ତାହା ଯଦି ବି ସମ୍ଭବ ହେଲା ତେବେ ପଥର ମୂରି ଜୀବନ୍ୟାସ ପାଇଲେ ନାହିଁ କାହିଁକି ? କଥା **ବା କହିପାରିଲେ ନାହିଁ କାହିଁକି ?**''

ଶ୍ରୀଶ୍ରୀଠାକୁର– ''ସେ ଆଉ ଉପରକୁ କିଛି ଚିନ୍ତା କରି ନାହାନ୍ତି । ଏହି ଭାବ ହେଉଛି **heart** ର (ଅନ୍ତଃକରଣର) । ପଥରର ଶ୍ରୀକୃଷ୍ଣ ଯେ ପଥରର, ଏହା ସେ ଚିନ୍ତା ମଧ୍ୟ କରିପାରନ୍ତି ନାହିଁ । ତେଣୁ ଯିଏ ଯେପରି ଭାବିଲା ସେ ସେପରି ଦେଖିଲା । ଯାହାର ହୃଦୟ ଯେପରି ସେ ସେହିପରି, ମୂର୍ତ୍ତିଟା ଭାବ ଆଉ କଥାଟା ଭାଷା । ସ୍ଥୂଳ ଭାବ ଓ ସୂକ୍ଷ୍ମ ଭାବ । ଯାହାର **impression** (ଧାରଣା) ଯେତେ ଟିଜିଏ । ଯାହା ଯେତେ **finer** (ସୂକ୍ଷ୍ମତର) ତାହା ସେତେ ଠିକ୍ ।

ସୁଶୀଲଦା (ସୁଶୀଲ ଚନ୍ଦ୍ର ବସୁ ବି ଏ) କହିଲେ– ହରିଣାକୁଣ୍ଡାର ଜଣେ ଦୁଇଜଣ କହନ୍ତି ସତୀଶଦା'ଙ୍କର କିଛି ବି ହୋଇନାହିଁ ।

ଶ୍ରୀଶ୍ରୀଠାକୁର ।.....

ମୁଁ – 'କ'ଣ ଲେଖୁଛନ୍ତି ?''

ଶ୍ରୀଶ୍ରୀଠାକୁର– ''କିଏ ନା କଣ କହିଲେ ଆପଣଙ୍କର କିଛି ହୋଇନାହିଁ, ସେଇଯା ଲେଖୁଛି ?''

ଅବତାର ସମ୍ବନ୍ଧରେ କଥାବାର୍ତ୍ତା ଗ୍ଧଲିଥିଲା । ଶ୍ରୀଶ୍ରୀଠାକୁର ଲେଖିଲେ– ''ବୁଦ୍ଧଦେବଙ୍କର ଯାହା ସେଥିରେ ବିଶେଷ ଗୋଳମାଳ ହୋଇନାହିଁ । ସେ ନିଜକୁ ହିଁ ମାନୁଥିଲେ । **This** (ଏହି) **R.S.** (ପଛ) ମତ **also** (ମଧ୍ୟ) **a continuation of Buddha** (ବୁଦ୍ଧଦେବଙ୍କର ଧାରାବିଶେଷ) । **Old** (ପ୍ରାଚୀନ) **R.S.** ସମ୍ପ୍ରଦାୟରେ ବୁଦ୍ଧଦେବଙ୍କୁ **include** (ଅନ୍ତର୍ଗୁଭ) କରିବାର ଦେଖାଯାଏ । କିନ୍ତୁ ଚୈତନ୍ୟଙ୍କର ଉଲ୍ଲେଖ ସେଥିରେ ନାହିଁ । ଏଭଳି **intellect** (ଜ୍ଞାନବୁଦ୍ଧି) ସଙ୍ଗେ ଯଦି ଚୈତନ୍ୟଙ୍କର ପ୍ରେମୋନ୍ମତତା ରହନ୍ତା ତେବେ କେତେ ସୁନ୍ଦର ହୁଅନ୍ତା, ଅଥଚ **intellect side** ରୁ (ବୌଦ୍ଧିକ ଦୃଷ୍ଟିରୁ) ସବୁ ରହିଲା । ଆପଣ କେମିତି ମନେ କରୁଛନ୍ତି ? ଆପଣମାନେ ସବୁ ବୁଝି ପାରିବେ କିନ୍ତୁ ପ୍ରେମ ଶୁଖିବ ନାହିଁ ।'' ''ଆଉ ଦିନେ ସେ କହିଥିଲେ– ''ବୁଦ୍ଧଙ୍କର **depth** (ଗାମ୍ଭୀରତା) ବେଶୀ, ଆଉ ଚୈତନ୍ୟଙ୍କର **width** (ବିସ୍ତୃତି) ବେଶୀ, ତେଣୁ **depth** (ଗାମ୍ଭୀରତା) ଚୈତନ୍ୟଙ୍କର ଉନ୍ନତତା ଏବଂ ତାର ଗାମ୍ଭୀରତାରେ ପାଗଳ କିନ୍ତୁ ଆଉ ଏକ ପ୍ରକାର । ବୁଦ୍ଧଙ୍କର ପ୍ରେମ ଦୁଃଖ ଅପନୋଦନ କରିବାପାଇଁ ପାଗଳ ଏବଂ ଚୈତନ୍ୟଙ୍କର ପ୍ରେମ କେବଳ ଭଲପାଇବାରେ ହିଁ ପାଗଳ, ଅବଶ୍ୟ ସେଥିରେ ମଧ୍ୟ ଦୁଃଖ ଦୂର କରିବାର ଭାବ ଅଛି ! ଏହା କ'ଣ ଠିକ୍ ବୋଲି ବୋଧ ହୁଏ ? ଆପଣ ଯାହା **feel** (ଅନୁଭବ) କରୁଛନ୍ତି ତାହା ଶୁଣିଲେ ହିଁ ସୁଖୀ ହେବି ।'' (୨।୧୧।୧୮ ଶନିବାର ନୈହାଟୀ) ।

ଶ୍ରୀଶ୍ରୀଠାକୁରଙ୍କୁ ବିଷପ୍ରୟୋଗ ସନ୍ଦେହ

୩।୧୨।୧୮ –ରବିବାର, ହୁଗୁଳୀ । ଶ୍ରୀମଦ୍‌ବଧୂତ ଜ୍ଞାନାନନ୍ଦ ଦେବଙ୍କର ମଠରୁ ବୁଲି ଆସି ଶ୍ରୀଶ୍ରୀଠାକୁର ଓ ମୁଁ ନୈହାଟୀରେ ଗଙ୍ଗାରେ ଅବଗାହନପୂର୍ବକ ସ୍ନାନ କରୁଛୁ । ମୁଁ କହିଲି– ''ଠାକୁର, କେତେଦିନ ହେଲା ଗୋଟାଏ କଥା ମୋ ମନରେ ସର୍ବଦା ଜାଗି ଉଠୁଥିଲା ।'' ସେ କହିଲେ– ''କି କଥା କହନ୍ତୁ ତ ?'' ମୁଁ କହିଲି– ''ମୋର ସର୍ବଦା ମନେ ହେଉଥିଲା ଆପଣ .....ନ ଆସିଲେ **ଆପଣଙ୍କୁ ବିଷ ଦେବାର ଚେଷ୍ଟା ହୋଇଥାନ୍ତା ।'' ସେ କହିଲେ**–''କଥାଟା ଠିକ୍ । ମନ **ସେହି ପ୍ରକାରେ** ବହୁତ କିଛି ଜାଣିପାରେ । ଯା' ବିଷୟରେ ବେଶୀ ଚିନ୍ତା କରାଯାଏ ତା' କଥା ସେହିଭଳି ଜଣାଯାଏ ।'' ଆଉ ଏକ ସମୟରେ ସେ ମୋତେ ସେହି ପ୍ରକାରେ ସାବଧାନ କରି ଦେଇଥିଲେ ।

ଶ୍ରୀଯୁକ୍ତ ବିରାଜଦାଙ୍କର ଗୋଟିଏ କଥା

ଏହି ସମୟରେ ଦିନେ ପ୍ରାୟ ୯ଟା ବେଳେ ନୈହାଟୀରେ ବୁକ ପିଗ୍‌ନାଲ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ବାବୁ ସୁରେନ୍ଦ୍ର ନାଥ ଚକ୍ରବର୍ତ୍ତୀ ମହାଶୟଙ୍କ ବସାରେ ବସି କଥାବାର୍ତ୍ତା ହେଉଛୁ । ଶ୍ରୀଧାମ ନବଦ୍ୱୀପବାସୀ ଜଣେ ପ୍ରସିଦ୍ଧ ଶ୍ରୀମଦ୍ ଭାଗବତର ପଣ୍ଡିତ ଓ ଗାୟକ ସୁରେନ୍‌ବାବୁ ଶ୍ରୀଶ୍ରୀଠାକୁର

ଅନ୍ତର୍ଯ୍ୟାମୀ, ଆକୁଳ ପ୍ରାଣରେ ଡାକିଲେ ଭକ୍ତଗଣ ତାଙ୍କର ସାକ୍ଷାତ ଲାଭ କରନ୍ତି– ଏକଥା ଶୁଣି ଶ୍ରୀଯୁକ୍ତ ବିରାଜଦାସ୍ କହିଲେ– ଆଜ୍ଞା ବିରାଜ ବାବୁ, ଡାକନ୍ତୁ ଦେଖି ଆପଣଙ୍କ ଠାକୁରଙ୍କୁ, ଦେଖେ ସେ ଆପଣଙ୍କ ଡାକରେ କଲିକତାରୁ ଏହିକ୍ଷଣି ନୈହାଟୀ ଆସନ୍ତି କି ନା ?'' ସେମାନଙ୍କ ଆଗ୍ରହ ଓ ଅନୁରୋଧକ୍ରମେ ବିରାଜଦାଙ୍କ ମନର ଅବସ୍ଥା ଏପରି ହେଲା ଯେ, ସେ ଆଉ ନ ଡାକି ରହିପାରିଲେ ନାହିଁ। ମନେ ମନେ ଡାକିଲେ। କିଛି ସମୟ ପରେ ସେମାନେ ଜିଦ୍ କରି ଅନୁରୋଧ ପୂର୍ବକ କହିଲେ– ''କୁହନ୍ତୁ ତ ବିରାଜବାବୁ, ଆପଣଙ୍କ ଠାକୁର ବର୍ତ୍ତମାନ କେଉଁଠି ?'' ସେମାନଙ୍କର ବିଶେଷ ଅନୁରୋଧରେ ନିଜର ଅନିଚ୍ଛାସତ୍ତ୍ୱେ ମଧ୍ୟ ବିରାଜଦା କହି ପକାଇଲେ–''ମନେ ହେଉଛି ସେ ବର୍ତ୍ତମାନ ଶିୟାଲଦହ ଷ୍ଟେସନରେ ଟ୍ରେନ୍‌ରେ ଚଢିଲେ।'' ସେମାନେ କହିଲେ–''ଦେଖାଯାଉ କ'ଣ ହେଉଛି, ଏଇଥର ବୁଝାଯିବ।'' ଅଳ୍ପସମୟ ପରେ ଶ୍ରୀଶ୍ରୀଠାକୁର ନୈହାଟୀ ଆସି ସେଠାରେ ଉପସ୍ଥିତ ହେଲେ। ସେମାନେ ଦର୍ଶନ କରି ଘଟଣାଟି କେତେଦୂର ସତ୍ୟ ବୁଝିନେଲେ। ହାୟ-ହାୟ, ଏଭଳି ପରୀକ୍ଷାରେ ହାତେ ହାତେ ଫଳ ପାଇ ମଧ୍ୟ କେତେ ଲୋକ ଜିଦ୍ ଓ ବ୍ୟବସାୟୀ ମନୋବୃତ୍ତି ତ୍ୟାଗକରି ନ ପାରି ଆତ୍ମବଞ୍ଚନା କରୁଛନ୍ତି।

ସ୍ତ୍ରୀ-ପୁରୁଷରେ ଭେଦଜ୍ଞାନ ରାହିତ୍ୟଭାବ

ଆବୁଦିୟା ପାତାନାଥବାବୁଙ୍କ ଘରେ ଦିନେ ଗୋଟିଏ କୋଠରୀ ଭିତରେ ଶ୍ରୀଶ୍ରୀଠାକୁର ମୋତେ କହିଲେ–''ଆପଣଙ୍କୁ ନିର୍ଜ୍ଜନରେ ପାଇଲେ ଗୋଟାଏ କଥା କହିବି ବୋଲି ଇଚ୍ଛା, କିନ୍ତୁ ଆପଣଙ୍କୁ ନିର୍ଜ୍ଜନରେ ଏକାକୀ ପାଏନାହିଁ। ଦେଖନ୍ତୁ, ଅନେକ ସମୟରେ ଭଲପାଇ ଆପଣଙ୍କୁ ଗୃପି ଧରେ, କେତେବେଳେ ବା କାହାରିକୁ କାମୁଡ଼ି ଦିଏ। ଅନେକ ସମୟରେ ମନ ଏଭଳି ସ୍ତରରେ ଥାଏ ଯେ, ସ୍ତ୍ରୀ-ପୁରୁଷ ଭେଦାଭେଦ ଜ୍ଞାନ ରହେନା। ଦିନେ ମା ଶ୍ରୀଶ୍ରୀଇନନୀଙ୍କ ମୁଣ୍ଡରେ କାମୁଡ଼ି ଦେଇଥିଲି। ଯେତେବେଳେ ସ୍ତ୍ରୀଲୋକ ମୋ ପାଖକୁ ଆସନ୍ତି ବା ସ୍ତ୍ରୀଲୋକଙ୍କ ନିକଟକୁ ମୋତେ ଯିବାକୁ ପଡ଼େ ସେତେବେଳେ ମୋତେ ସମ୍ଭାଳି ରଖିବାପାଇଁ ଯଦି କୌଣସି ପୁରୁଷ ଲୋକ ଉପସ୍ଥିତ ନ ଥାନ୍ତି, ଆଉ ଆପଣ ଯଦି ଥାଆନ୍ତି ତାହେଲେ ସ୍ତ୍ରୀଲୋକ ଦେଖି ସେଠାରୁ ଘୁଲିଯିବେ ନାହିଁ। ମୋ ପାଖରେ ରହିବେ। ପ୍ରତିଜ୍ଞା କରନ୍ତୁ।'' ମୁଁ ତାଙ୍କ କଥାରେ ସ୍ପୃକ୍ଚତ ହେଲି। ପୁଣି କହିଲେ– ''ଦେଖନ୍ତୁ ପତୀଶ ଗୋପାଇଁର ମଧ୍ୟ ସେହିପରି ହୁଏ, ତେଣୁ ସେ ସ୍ତ୍ରୀଲୋକ ଦେଖି ଅନେକ ସମୟରେ ସଙ୍କୁଚିତ ହୁଏ ନାହିଁ। **Freely** (ସ୍ୱେଚ୍ଛାଭାବରେ) **mix** (ମିଳାମିଶା) କରେ, ସେଥିରେ ତ ଲୋକେ କେତେକଥା କହନ୍ତି। ତାଙ୍କର କିନ୍ତୁ ମାତୃଭାବ ଏବଂ ଅନେକ ସମୟରେ ସ୍ତ୍ରୀ-ପୁରୁଷ ଜ୍ଞାନ ରହେ ନା।''

ସଦ୍‌ଗୁରୁ ଚିହ୍ନିବାର ଆଉ ଏକ ଉପାୟ

ଶିକ୍ଷକ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ବସୁ-ମହାଶୟଙ୍କର ମନୋଗତ କୌଣସି ଭାବର ଉତ୍ତରରେ ଶ୍ରୀଶ୍ରୀଠାକୁର କହିଥିଲେ–''ମଣିଷଗୁଡ଼ିକ ସବୁ ଭାବର କଣ୍ଢେଇ, କ'ଣ କହୁଛନ୍ତି ନଗେନ୍‌ଦା ?'' ନଗେନ୍‌ଦା ପ୍ରଥମେ ବୁଝି ପାରିଲେ ନାହିଁ, ପରେ ଦେଖିଲେ ଯେ ମଣିଷ–ମଣିଷ ନୁହେଁ, ସବୁ ଯେପରି ଫ୍ରେମ୍, ସବୁ ଯେପରି ଗୋଟାଏ ଛାୟା, ତନ୍ମଧ୍ୟରେ **feeling** (ଭାବ) ପୂର୍ଣ୍ଣ। ନଗେନ୍‌ଦାଙ୍କର ଏ ପ୍ରକାର ଦର୍ଶନ ହେବା ପରେ ଶ୍ରୀଶ୍ରୀଠାକୁର କହିଲେ– ''ଏବେ ଦେଖିଲେ ତ, ବୁଝିଲେ ତ ନଗେନ୍‌ଦା ମଣିଷ କିପରି ଭାବର କଣ୍ଢେଇ।'' ସେତେବେଳେ ନଗେନ୍‌ବାବୁ ମନେ ମନେ ପ୍ରଶ୍ନ କଲେ–

ସଦ୍‌ଗୁରୁ ଚିହ୍ନିବାର ଉପାୟ କ'ଣ ?'' ଶ୍ରୀଶ୍ରୀଠାକୁର ପ୍ରକାଶ୍ୟରେ ଉତ୍ତର ଦେଲେ– ''ଯିଏ ଅତ୍ୟନ୍ତ ଭଲ ପାଆନ୍ତି, ଯିଏ କ୍ଷୁଧାରେ ଖାଦ୍ୟ, ତୃଷ୍ଣାରେ ଜଳ ଦିଅନ୍ତି, ବିପଦରେ ଉଦ୍ଧାର କରନ୍ତି, ସମ୍ପଦରେ ସ୍ଥିର ରଖନ୍ତି, ପ୍ରକୃତରେ ଦୁଃଖରେ ଦୁଃଖିତ ହୁଅନ୍ତି ଏବଂ ଯିଏ ଶାନ୍ତି ଦିଅନ୍ତି ସେ ହିଁ ସଦ୍‌ଗୁରୁ।''

ଦୁଇଜଣ ଭଲଗ୍ନ ସନ୍ନ୍ୟାସୀଙ୍କ କଥା

ସନ ୧୩୩୦ ସାଲ ଆଶ୍ୱିନ ମାସର ଶେଷଭାଗରେ ଦୁର୍ଗୋତ୍ସବ ଛୁଟି ମଧ୍ୟରେ ମୟମନସିଂହ ଓ ଜାମାଲପୁରର ସତ୍‌ସଙ୍ଗୀ-ଭ୍ରାତୃଗଣ ଶ୍ରୀଶ୍ରୀଠାକୁରଙ୍କ ଜନ୍ମୋତ୍ସବ ଉପଲକ୍ଷ୍ୟେ ସେହି ସମୟରେ ନୂତନ ଉତ୍ସବ କରିବେ ବୋଲି ସେମାନଙ୍କ ସହିତ ଯୋଗଦାନ କରିବାଲାଗି ସେଠାକୁ ଯାଇଥିଲି। ସେଠାରେ ଦୁଇଜଣ ଖୁବ୍ ନାମଜାଦା ନାଗା-ସନ୍ନ୍ୟାସୀ (ଉଲଗ୍ନ) ଉପସ୍ଥିତ ଥିଲେ। ପ୍ରଥମେ ଜଣଙ୍କ ସହିତ ଦେଖା କରିବାକୁ ଗଲି। ସଙ୍ଗରେ ଅନେକ ଭଦ୍ରଲୋକ ଥିଲେ। ଅନେକେ ସନ୍ନ୍ୟାସୀଙ୍କର ପ୍ରଶଂସା କଲେ। ସେ ଗୋଶାଳା ପାଇଁ ଅର୍ଥ ସଂଗ୍ରହ କରିବାକୁ ଆସିଛନ୍ତି। ସେ ଗଞ୍ଜାଇ ଖାଆନ୍ତି ନାହିଁ। ତମାଖୁ ଖାଆନ୍ତି। ଶୁଣି ସନ୍ତୁଷ୍ଟ ହେଲି। ଆମେ ଯାଇ ତାଙ୍କୁ ପ୍ରଣାମ କରି ବସିଲୁ। ସେ କହିଲେ– ''ଲୋକମାନେ ଆସନ୍ତି, କେବଳ କହନ୍ତି ଔଷଧ ଦିଅ, ମକଦ୍ଦମାର କଥା କହନ୍ତି, ଅର୍ଥାଭାବର କଥା କହନ୍ତି ଇତ୍ୟାଦି।'' ସେ ମନେ କଲେ ଆମେମାନେ ମଧ୍ୟ ସେହିଭଳି କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ତାଙ୍କ ନିକଟରେ ଉପସ୍ଥିତ ହୋଇଛୁ। ମୁଁ କହିଲି, ମୁଁ ତାଙ୍କ ନିକଟରୁ କିଛି ପ୍ରାର୍ଥନା କରିବାକୁ ଆସିନାହିଁ, ଦର୍ଶନ କରିବାକୁ ଆସିଛି ମାତ୍ର। ଜଣେ ଭଦ୍ରଲୋକ ମୋତେ ଦେଖାଇ କହିଲେ–''ଇଏ ଗତ ରାତ୍ରିରେ ସଭାରେ ବକ୍ତୃତା ଦେଇଥିଲେ।'' ସନ୍ନ୍ୟାସୀ କହିଲେ–''ସେ-ସବୁ କଥା କାଲି ଶୁଣିଛି। ତାଙ୍କ ବକ୍ତୃତାର କଥା ମୋତେ ଖୁବ୍ ଭଲ ଲାଗିଛି।'' ତା'ପରେ ଭଜନ ସମ୍ବନ୍ଧରେ କଥା ପଡ଼ିଲା। ସେ କବୀର ସାହେବଙ୍କର ଅନେକ ଗୁଡ଼ିଏ ଉପଦେଶ କହିଲେ। ଆଉ, ନିରାକାର ଉପାସନାହିଁ ଶ୍ରେଷ୍ଠ ବୋଲି କହିଲେ। ସଦ୍‌ଗୁରୁହିଁ ପ୍ରଧାନ ଆରାଧ୍ୟ, ସଦ୍‌ଗୁରୁ ବ୍ୟତୀତ କିଛି ହୋଇପାରେ ନାହିଁ ଇତ୍ୟାଦି କଥା କହିଲେ। ଇତିମଧ୍ୟରେ ଅନ୍ୟ ଏକ ଗୁହକୁ ଜଣେ ଗୁରୁ ଆସିଛନ୍ତି, ସେ ବି ନାଗା-ସନ୍ନ୍ୟାସୀ, ଏକଥା ତାଙ୍କୁ କୁହାଯିବାରୁ ତାଙ୍କ ମନରେ ହିଂସା ଜାଗି ଉଠିଲା। ପ୍ରକାରାନ୍ତରେ ଏମିତି ସବୁ କଥା କହିବାକୁ - ଲାଗିଲେ ଯଦ୍ଦ୍ୱାରା ସେହି ସନ୍ନ୍ୟାସୀଙ୍କୁ ଖର୍ବ କରାଯାଏ। ମୋତେ ମଧ୍ୟ ଆକ୍ରମଣ କରି କେତେକ କଥା କହିଲେ। ମୁଁ କହିଲି–''ମୁଁ କିଛି ଗୃହୀ ନା, ସାଧୁ ଦର୍ଶନ କରିବାକୁ ଆସିଛି। ମୋ ଗୁରୁଙ୍କ କୃପାରୁ ମୋର କିଛି ଅଭାବ-ବୋଧ ତ ଦେଖିପାରୁନି। ତେବେ ଆଶୀର୍ବାଦ କରନ୍ତୁ ଯାହାଙ୍କୁ ପାଇଛି ତାଙ୍କ ଚରଣରେ ମୋର ଭକ୍ତି ଅଚଳ ଥାଉ।'' ସେ ଚୁନି ହୋଇ ରହିଲେ। କେହି କେହି ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ କିଛି କିଛି ତାଙ୍କୁ କହିଲେ, ସେ ତାହା ଅମାନ୍ୟ କଲେ ନାହିଁ। ଅପରାହ୍ଣରେ ସେଇ ନାଗା-ସନ୍ନ୍ୟାସୀଙ୍କୁ ନେଇ କୀର୍ତ୍ତନ କରୁ କରୁ ଆମେମାନେ ଅପର ସନ୍ନ୍ୟାସୀଙ୍କ ଶିଷ୍ୟଗୃହରେ ତାଙ୍କୁ ଦର୍ଶନ କରିବାକୁ ଗଲୁ। ଲୋକେ-ଲୋକାରଣ୍ୟ ହେଲା ସେଠାରେ। ଉଭୟ ସନ୍ନ୍ୟାସୀଙ୍କ ମଧ୍ୟରେ ଆଳାପ ହେବାକୁ ଲାଗିଲା। ଭଲ କଥାବାର୍ତ୍ତା ହେଉ ହେଉ ଉଭୟ ଉଭୟଙ୍କୁ ଖର୍ବ କରି ନିଜର ପ୍ରାଧାନ୍ୟ ସ୍ଥାପନ କରିବାର ଚେଷ୍ଟା କରିବାକୁ ଲାଗିଲେ। ଶେଷରେ କଳହ ଉପସ୍ଥିତ ହେଲା। ଆମେମାନେ ଫେରି ଆସିଲୁ। ବାଟରେ ଆମ ସଙ୍ଗର ସନ୍ନ୍ୟାସୀ ଜଣକ କ୍ରୋଧରେ ମୁଖ ଓ ଚକ୍ଷୁ ରକ୍ତବର୍ଣ୍ଣ କରି କେତେ କଥା କହି କହି ଆସିଲେ। ମୁଁ କହିଲି–''ଦେଖନ୍ତୁ, ଆପଣମାନେ ସମସ୍ତ ତ୍ୟାଗ କରି ଏତେ ସାଧନା କରି ମଧ୍ୟ ମନର ଏହି ଦୁରବସ୍ଥା ଦୂର କରି ପାରିନାହାଁନ୍ତି, ଇଏ କିପରି କଥା ?'' ସେ

ନିରୁତ୍ତର । ସମସ୍ତେ କହିଲେ, ସେମାନଙ୍କର ଏହାଦ୍ୱାରା ଭକ୍ତିର ଲାଘବ ହେଲା । ସେତେବେଳେ ମୋର ମନେ ପଡ଼ିଲା ଶ୍ରୀଶ୍ରୀଠାକୁରଙ୍କ ପୁଣ୍ୟପୋଥିର କଥା– ''ଜଙ୍ଗଲର ସନ୍ନ୍ୟାସୀ ଗୃହେ ନା, ସଂସାରୀ ସନ୍ନ୍ୟାସୀ ଆବଶ୍ୟକ ।'' ଆଉ ତାଙ୍କର ନୈହାଟୀର ସନ୍ନ୍ୟାସୀ ସହିତ ଆଳାପ ହେବାପରେ ସେଇ କଥା– ''ବୁଲି ବୁଲି ବାର, ଘରେ ବସି ତେର ।''

ମାତୃଆଜ୍ଞା ପାଳନ

ଶ୍ରୀଶ୍ରୀଠାକୁର ଯେ ଅତିଶୟ ମାତୃଭକ୍ତ ତାହା ପୂର୍ବରୁ ବର୍ଣ୍ଣିତ ହୋଇଛି । ପ୍ରାୟ କେବେହେଲେ ସେ ମାତୃଆଜ୍ଞା ଲଘଂନ କରନ୍ତି ନାହିଁ । ସର୍ବଦାହିଁ ଜନନୀଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ କରିଥାନ୍ତି । ଥରେ ମା କହିଥିଲେ– ''ଗୁରୁବାରରେ ଯାତ୍ରା କରିବା ଭଲ ନୁହେଁ ।''ଅତଏବ ଗୁରୁବାରରେ କୌଣସି ସ୍ଥାନକୁ ଯାତ୍ରା କରାଯାଏ ନାହିଁ–ଜନନୀଙ୍କ ବାକ୍ୟ ଠିକ୍ ରଖିବାକୁ ହେବ ବୋଲି । କିନ୍ତୁ ଜଗତର ମଙ୍ଗଳଜନକ କାର୍ଯ୍ୟରେ କାହାରି ବାଧା ସେ ମାନନ୍ତି ନାହିଁ । ନିମ୍ନଲିଖିତ ଘଟଣାଟି ପାଠ କଲେ ସେ କଥା ବୁଝାଯିବ ।

ସନ ୧୩୨୫ ସାଲର ଆଷାଢ଼ ମାସରେ ଶ୍ରୀଶ୍ରୀଠାକୁର ଫରିଦପୁର ଜିଲ୍ଲା ଅନ୍ତର୍ଗତ ମଦାପୁର ଗ୍ରାମକୁ ସପାର୍ଷଦ ଗମନ କରିଥିଲେ । ସେଠାରୁ ସେ ରଂପୁରର ଶ୍ରୀଯୁକ୍ତ ରାଧାରମଣ ଗୋସ୍ୱାମୀ-ପ୍ରଭୁଙ୍କ ସହିତ ତାଙ୍କର ରଙ୍ଗପୁରସ୍ଥ ବାସଭବନକୁ ସଦଳବଳରେ ଯିବାକୁ ପ୍ରତିଶ୍ରୁତି ଦେଲେ । ମଦାପୁରରୁ କୁଷ୍ଟିୟା ବାଟଦେଇ ରଂପୁର ନ ଯାଇ ଘରକୁ ଯାଇ ସେଠାରୁ ପରେ ରଂପୁର ଯିବାପାଇଁ ଶ୍ରୀଶ୍ରୀଜନନୀଙ୍କ ନିକଟରୁ ସମ୍ବାଦ ଆସିଲା । ସେ ପ୍ରତିଶ୍ରୁତି ରକ୍ଷା ନ କରି ପାରନ୍ତି ନାହିଁ, ସୁତରାଂ ଜନନୀଙ୍କର ସେହି ଆଦେଶ ମାନ୍ୟ କରିପାରିଲେ ନାହିଁ । ପରଦିନ ରଂପୁର ଯିବେ ବୋଲି ଲୁଗାପଟା ଆଣିବାପାଇଁ ଘରକୁ ଲୋକ ପଠାଇଲେ । ଲୁଗାପଟା ନ ଦେଲେ ସେ ଘରକୁ ଆସି ପରେ ରଂପୁର ଯିବେ ମନେ କରି ଜନନୀ ଲୁଗାପଟା ଦେଇ ନ ଥିଲେ ଏବଂ ଘରକୁ ଆସି ପରେ ରଂପୁର ଯିବାର କଥା କହି ଦେଇଥିଲେ । ସେହିଦିନ ରଂପୁର ଯିବେ ବୋଲି ଗୋସ୍ୱାମୀପ୍ରଭୁଙ୍କୁ କଥା ଦେଇଛନ୍ତି । ବିଶେଷତଃ ତାହା ଜଗତର ମଙ୍ଗଳ-ଜନକ କାର୍ଯ୍ୟ, ସୁତରାଂ ମାତୃ ଆଦେଶ ପାଳନ କରିପାରିଲେ ନାହିଁ । ଭଲ ଲୁଗାପଟା ନ ନେଇ ସେ ରଂପୁର ଯାତ୍ରା କଲେ । ଘରକୁ ଗଲେ ନାହିଁ । ରଂପୁରରେ ପ୍ରାୟ ଛଅ ଦିନ ଅବସ୍ଥାନପୂର୍ବକ ବଦରଗଞ୍ଜ ଗମନ କରି ସେଠାରେ ଗୋଟିଏ ଦିନ ଅବସ୍ଥାନ କରି ନଓଗାଁ ଯାତ୍ରା କରାଗଲା । ପରଦିନ ସେଠାରୁ ଘରକୁ ଫେରିଗଲେ ।

ଜ୍ଞାନାନନ୍ଦଦେବଙ୍କ ଭକ୍ତର କଥା

ପାବନା ଜିଲ୍ଲା ଅନ୍ତର୍ଗତ କାଶୀନାଥପୁର ଗ୍ରାମ ନିବାସୀ ଶ୍ରୀଯୁକ୍ତ ଜଗତ୍ କୁମାର ସରକାର-ମହାଶୟ ଶ୍ରୀମଦବଧୂତ ଜ୍ଞାନାନନ୍ଦଦେବଙ୍କର ବିଶେଷ ଭକ୍ତ ଏବଂ ସେହି ସମ୍ପ୍ରଦାୟରେ ଦୀକ୍ଷିତ । ଦିନେ ସେହି ଗ୍ରାମର ରସିକଲାଲ ଦାସଙ୍କ ଗୃହରେ କୀର୍ତ୍ତନ ମଧ୍ୟରେ ରସିକଲାଲଙ୍କ ଭାଇ ରତିକାନ୍ତର ଭାବାବସ୍ଥା ହେଲା । ଭଣ୍ଡାମି ମନେ କରି ରସିକଲାଲ ରତିକାନ୍ତକୁ ଖୁବ୍ ମାଡ଼ ଦେଲେ । ପରଦିନ ରତିକାନ୍ତର ଜ୍ୱର ହେଲା । ତହୁଁ ଜଗତ୍‌କୁମାର ଏହି ପୁସ୍ତକରେ ବର୍ଣ୍ଣିତ ଶ୍ରୀଶ୍ରୀଠାକୁରଙ୍କ ନାମ କରିବା ସଙ୍ଗେ ସଙ୍ଗେ ତାଙ୍କୁ ସ୍ମରଣ କରି ରତିକାନ୍ତର ଦେହରେ ହାତ ବୁଲାଇଦେବାରୁ ସେ ତତ୍‌କ୍ଷଣାତ୍ ଆରୋଗ୍ୟଲାଭ କଲା ।

୧୩୨୭ ସାଲର ଆଶ୍ୱିନ ମାସରେ ଉକ୍ତ ଗ୍ରାମର ସାଧୁଚରଣ ଦାସଙ୍କ ସ୍ତ୍ରୀର ପ୍ରସବ ପରେ ଭୟାନକ ରକ୍ତ-ଅମାଶୟ ହେଲା । ସହଜରେ ଉପଶମ ନ ହେବାରୁ ସେମାନେ ଜଗତ୍ କୁମାରଙ୍କୁ କିଛି ଔଷଧ ଦେବାକୁ କହିଲେ । ଜଗତ୍‌କୁମାର କହିଲେ, ସେ କୌଣସି ଔଷଧ ଜାଣନ୍ତି ନାହିଁ । ତଥାପି ସେମାନେ ତାଙ୍କୁ ଛାଡ଼ିଲେ ନାହିଁ । ତହୁଁ ଜଗତ୍‌କୁମାର କହିଲେ– ''ସତ୍‌ସଙ୍ଗବାଟୀଠାରେ ଠାକୁରଙ୍କ ନିକଟକୁ ଯାଅ, ତା,ହେଲେ ଭଲ ହୋଇଯିବ ।'' ସେମାନେ ଏହା ଅସମ୍ଭବ ବୋଲି କହିବାରୁ ଜଗତ୍‌କୁମାର ଶ୍ରୀଶ୍ରୀଠାକୁରଙ୍କ ନାମ କରି ଆଖି ବୁଜି ସମ୍ମୁଖରେ ଯେଉଁ ଗଛଟି ପାଇଲେ, ନ ଦେଖି, ନ ଜାଣି ସେହି ଗଛର ଚେର ଖାଇବାକୁ ଦେଲେ । ଥରେ ମାତ୍ର ସେବନ କରି ରୋଗୀଟି ଆରୋଗ୍ୟ ଲାଭ କଲା । ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଜଗତ୍‌କୁମାରଙ୍କର ଏତେ ବିଶ୍ୱାସ କାହିଁକି ପଚରାଯିବାରୁ ଜଗତ୍‌କୁମାର କହିଲେ– ''ଆଖି ଆଗରେ ବହୁ ପ୍ରତ୍ୟକ୍ଷ ପ୍ରମାଣ ପାଇ ମୁଁ ତାଙ୍କୁ ବିଶ୍ୱାସ କରିଅଛି ।''

(୨୭)
ମହାଗ୍ରନ୍ଥାପହରଣ

ଶ୍ରୀଶ୍ରୀଠାକୁରଙ୍କ ମହାଭାବାବସ୍ଥାକାଳୀନ ଯେଉଁ ଭୁବନ-ମଙ୍ଗଳକର-ବାଣୀ ନିର୍ଗତ ହୁଏ ତାହା ପୁଣ୍ୟପୋଥି ବା **(Holy Book)** ନାମରେ ପୁସ୍ତକାକାରରେ ମୁଦ୍ରିତ କରିବାପାଇଁ ତା'ର ଭାଷ୍ୟ ଓ ବିବୃତିସହ ପାଣ୍ଡୁଲିପି ପ୍ରସ୍ତୁତକରି ମୂଳ ପୁଣ୍ୟପୋଥି ଏବଂ ତତ୍‌ସଂକ୍ରାନ୍ତ ଖାତା ଓ କାଗଜ ଏବଂ କେତେଖଣ୍ଡ ଟୀକା ଉପଦେଶ ପୁସ୍ତିକା ଗୋଟିଏ ମୂଲ୍ୟମାନ ଚର୍ମପେଟିକା **(bag)** ରେ ଆବଦ୍ଧକରି କୁଷ୍ଟିୟାର ଶ୍ରୀଯୁକ୍ତ ବାବୁ ବୀରେନ୍ଦ୍ରନାଥ ରାୟ-ମହାଶୟଙ୍କ ବାସଗୃହରେ ରଖା ଯାଇଥିଲା । ଦିନେ ସେହି ଅମୂଲ୍ୟ ରତ୍ନ ସ୍ୱରୂପ ମହାଗ୍ରନ୍ଥ ସହ ବ୍ୟାଗ୍‌ଟି ଅପହୃତ ହୋଇଗଲା । ସମସ୍ତେ ସେଥିପାଇଁ ମହା ଦୁଃଖିତ ହୋଇପଡ଼ିଲେ । ଜଗତର କଲ୍ୟାଣ ପାଇଁ ସ୍ୱୟଂ ଶ୍ରୀଭଗବାନ ଯେଉଁ ମଙ୍ଗଳମୟ ବାଣୀ ପ୍ରେରଣ କରିଥିଲେ ତାହା ଏପରି ହରଣଗ୍ରଳ ହୋଇଗଲେ କିଏ ବା ଦୁଃଖିତ ନ ହେବ ? ପୁଣି ମିଳିବାର ସମ୍ଭାବନା ଅଛି କି ନାହିଁ କିଏ ଜାଣେ ? ଜଗତର କି ଦୁଭାର୍ଗ୍ୟ ସତେ ! ଭକ୍ତଗଣଙ୍କର ମନୋକଷ୍ଟର ସୀମା ନାହିଁ । ବହୁ କଷ୍ଟରେ ବହୁ ଯତ୍ନରେ ଏହି ଅମୂଲ୍ୟ ରତ୍ନରାଜି ସଂଗୃହୀତ ହୋଇଥିଲା । ଏହା ତ କୌଣସି ମନୁଷ୍ୟକୃତ ନୁହେଁ ଯେ ପୁଣି ଭାବିଚିନ୍ତି ବିଚାରବୁଦ୍ଧି ଖଟାଇ ତାହା ସଂଗ୍ରହ କରାଯାଇ ପାରିବ ।

ଶ୍ରୀଶ୍ରୀଠାକୁରଙ୍କୁ ଏକଥା ଜଣାଇ ଦିଆଗଲା । ସେ ବିଶେଷ କିଛି ମତାମତ ପ୍ରକାଶ କଲେ ନାହିଁ । ତାଙ୍କ ମନୋଭାବରୁ ଜଣାଗଲା ପୁଣି ମିଳିବାର ଆଶା ନାହିଁ ଏହା ନୁହେଁ । ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ଅତୀତ ହୋଇଗଲା, କୌଣସି ସନ୍ଧାନ ମିଳିଲା ନାହିଁ । ଦିନେ ବର୍ଷା ହୋଇଥାଏ । ଉପରବେଳା ମୁଁ **ନଳତାଙ୍ଗା** ରାଜଷ୍ଟେଟର କୁଷ୍ଟିୟା ବାହାଦୁର ଖାଲି କଚେରିରେ ପ୍ରଥମନାଥ ଘୋଷ-ମହାଶୟଙ୍କ ମୁହଁରୁ ଶ୍ରୀଶ୍ରୀଠାକୁରଙ୍କ ମହାଭାବାବସ୍ଥାକାଳୀନ ଉପଦେଶର ୨।୩ଟା କଥା ଶୁଣି ଆଶ୍‌ଚର୍ଯ୍ୟ ହୋଇ ପଗ୍ରରିଲି, ଆପଣ ଏସବୁ କଥା ପାଇଲେ କେଉଁଠୁ ? ସେ କହିଲେ– ''ଗୋଟିଏ ପଡ଼ିଆ ଭିତରେ ଜଳାଶୟ ପାର୍ଶ୍ୱସ୍ଥ ଜଙ୍ଗଲାକୀର୍ଣ୍ଣ ସ୍ଥାନରେ ଛିଣ୍ଡା କାଗଜ କେତେଖଣ୍ଡି ପଡ଼ିଥିଲା, ସେଥିରୁ ଗୋଟିଏ ପୃଷ୍ଠାରେ ଏହା ଲେଖା ହୋଇଥିଲା ।'' ସଙ୍ଗେ ସଙ୍ଗେ ମୁଁ ତାଙ୍କୁ ସେଇ ସ୍ଥାନକୁ ମୋତେ ନେଇଯିବାକୁ ଅନୁରୋଧ କଲି । ଜୋତା ଖୋଲି ତାଙ୍କ ସଙ୍ଗେ ବାହାରିଲି । ମନେମନେ ଭାବୁଥିଲି

ଶ୍ରୀଶ୍ରୀଠାକୁର ଦୟାପୂର୍ବକ ବୋଧହୁଏ ସେହି ଅପହୃତ ଗ୍ରନ୍ଥର ସନ୍ଧାନ ଆଜି ତାଙ୍କର ଏହି ଅଧମ ସେବକକୁ ଜଣାଇଲେ । କେତେ ଧାନବିଲ, କାଦୁଅ ଓ ପାଣି ପାରିହୋଇ ଅବଶେଷରେ ଗୋଟାଏ ଜଙ୍ଗଲ ପାଖରେ ପହଞ୍ଚି ଦେଖିଲି ଉକ୍ତ ଜଙ୍ଗଲ ମଝିରେ ଗୋଟିଏ ଜାଗାରେ ଚମଡ଼ା ବ୍ୟାଗ୍‌ଟି ଟୁକୁରା ଟୁକୁରା ହୋଇ ପଡ଼ିଥାଏ । ବ୍ୟାଗର ଜାଗଜଗୁଡ଼ିକ ଚିରା ହୋଇ ଏଣେତେଣେ ପଡ଼ିଥାଏ । ତା'ଉପରେ ବର୍ଷାପାଣି ପଡ଼ି ସେଗୁଡ଼ିକ ଚିନ୍ତି ଯାଇଥାଏ । କେତେ କାଗଜ ଉପରେ ପିମ୍ପୁଡ଼ି ଅସଂଖ୍ୟ ଅଣ୍ଡା ଦେଇ ତା'ଉପରେ ରହୁଥାନ୍ତି । ଏସବୁ ଦେଖି ମୁଁ ଆନନ୍ଦରେ ଆତ୍ମହରା ହୋଇପଡ଼ିଲି । ସବୁଗୁଡ଼ିକ କାଗଜକୁ ଯତ୍ନସହକାରେ ଗୋଟିଆଗୋଟି କରି ଜ୍ୱଦରରେ ଗଣ୍ଠିଲି ବାନ୍ଧି ମୋ ଔଷଧାଳୟକୁ ନେଇ ଆସିଲି । ସଙ୍ଗେ ସଙ୍ଗେ ସେହି ଅମୂଲ୍ୟ ପଦାର୍ଥକୁ ନିଆଁରେ, ପବନରେ, ଖରାରେ ଶୁଖାଇଲି । ଦେଖାଗଲା ଯେ, ଅସଲ ଜିନିଷ ସବୁ ପ୍ରକୃତରେ ନଷ୍ଟ ହୋଇନାହିଁ । ଏ କାମରେ ମୋତେ ଅସଂଖ୍ୟ ପିମ୍ପୁଡ଼ି କାମୁଡ଼ା ସହ୍ୟକରିବାକୁ ପଡ଼ିଥିଲା । ପରମପିତାଙ୍କ କାର୍ଯ୍ୟ, ତାଙ୍କର ଯାହା ଇଚ୍ଛା ତାହାହିଁ ହେଲା । ଚତୁଃଷଣ୍ଟାର୍ ଚତୁର୍ଦ୍ଦିଗରେ ଏହି ସମ୍ବାଦ ପ୍ରଘୋଷିତ ହୋଇଗଲା । ବର୍ତ୍ତମାନ ସେହି ମହାଗ୍ରନ୍ଥ ପୁଣ୍ୟପୋଥି ବା **Holy Book** ରୂପେ ମୁଦ୍ରିତ ହୋଇ ବହୁ ଲୋକଙ୍କ ଘରେ ବିରାଜିତ ହେବା ସଙ୍ଗେ ସଙ୍ଗେ ଇହଲୌକିକ ଓ ପାରଲୌକିକ ସକଳ ପ୍ରକାର ମଙ୍ଗଳ ଓ ମହୋପକାର ସାଧନ କରୁଅଛି । ଶ୍ରୀଗୌରାଙ୍ଗଦେବଙ୍କ ଯୁଗରେ ମଧ୍ୟ ଥରେ ଏହି ଗ୍ରନ୍ଥାପହରଣ ଓ ତାର ପୁନଃପ୍ରାପ୍ତିର ଘଟଣା ଘଟିଥିଲା ।

ଶ୍ରୀଶ୍ରୀବିଶ୍ୱଗୁରୁ-ଆବିର୍ଭାବ ମହାମହୋତ୍ସବ

୧୩୨୫ ସାଲ (୧୯୧୮ ମସିହା) ଶ୍ରାବଣ ମାସରେ ଦିନେ ଅଶ୍ୱିନୀବାବୁ ଲେଖିବାକୁ ବସି କିଛି ଚିନ୍ତା ବା ବୁଦ୍ଧି ବିବେଚନା ନ କରି ନିମ୍ନଲିଖିତ ନିମନ୍ତ୍ରଣ ବା ଆବେଦନପତ୍ର ଲେଖିଥିଲେ । ସେହି ଆବେଦନପତ୍ରର ଅଧିକାଂଶ ଭାବ ଦୈବଦ୍ୱାରା ପରିଗ୍ରଳିତ ହୋଇ ଲେଖା ହୋଇଥିଲା । ଅଧିକାଂଶ ଉତ୍ତରଣଙ୍କର ଅନୁମୋଦନକ୍ରମେ ମୁଦ୍ରିତ ହୋଇ ଡାକଯୋଗେ ନାନା ସ୍ଥାନକୁ ପ୍ରେରିତ ହେଲା । ସେତେବେଳକୁ ଭାଦ୍ରବମାସ ସମାଗତ ।

ସଦସଦ୍ ଭେଦାତୀତଂ ପରମପୁରୁଷମେକଂ
ତାରୟିତୁମବତୀର୍ଣ୍ଣଂ ନିଖିଳ-ମାନବକୁଳଂ ।
ଧୃତ-ସହଜ-ସମାଧି ମାନନ୍ଦ-ଘନ ମୂରିମ୍,
ପ୍ରେମ-ବିଗଳିତ-ଚିତ୍ତଂ ବିଶ୍ୱଗୁରୁଂ ତଂ ନମାମଃ ॥
ବହୁସ୍ଥାନେ ବହୁରୂପେ ଅଂଶମାତ୍ର ଯାର,
ଘୋଷିତ ହୋଇଛି ଏବେ ବୋଲି ଅବତାର,
ନିଖିଳ ମାନବକୁଳ ଉଦ୍ଧାର କାରଣ;
ଯେ ନରବିଗ୍ରହେ ତାର ପୂର୍ଣ୍ଣ ପ୍ରକଟନ ।
ଇଚ୍ଛାମାତ୍ରେ ସର୍ବଉଚ୍ଚ ସମାଧି ମଗନ,
ହୁଏ ଯେହୁ କରେ ଭାବବାଣୀର ଘୋଷଣ;
ପରମପୁରୁଷ ସେହି ସର୍ବ ଭେଦାତୀତ,

ଜୀବ ପାଇଁ ହୁଏ ପ୍ରେମେ ବିଗଳିତ ଚିତ୍ତ,
ଘନାନନ୍ଦ ମୂର୍ତ୍ତି ଧରି କଲେ ଆଗମନ,
ପାପୀ ପାଏ ଶାନ୍ତି ଯା'ରେ କରି ଦରଶନ ।
ଏହି ସେ ଶ୍ରୀବିଶ୍ୱଗୁରୁ-ବିଗ୍ରହ ମୂରତି;
ସାଷ୍ଟାଙ୍ଗେ ଶ୍ରୀପଦେ ତାର କରୁଛି ପ୍ରଣତି ॥

ବର୍ତ୍ତମାନ ତ୍ରିତାପକ୍ଲିଷ୍ଟ ଜଗତ ଶାନ୍ତି ପାଇଁ ବ୍ୟାକୁଳ ହେଉଛି । ସର୍ବଧର୍ମର ସାଧକ-ମନୀଷିଗଣ ଏପରି ଏକ ମହାପୁରୁଷଙ୍କ ଆବିର୍ଭାବକୁ ପ୍ରତୀକ୍ଷା କରୁଛନ୍ତି ଯିଏ ଆସି ଏହି ଧରାଧାମରେ ଶାନ୍ତିବାରି ସେଚନ କରିବେ । ଖ୍ରୀଷ୍ଟିୟାନମାନେ କହନ୍ତି— ଯୀଶୁ ଆସିବେ, ମୁସଲମାନମାନେ କହନ୍ତି— ଇମାମ୍ ମେହେଦି ଆସିବେ, ବୌଦ୍ଧଧର୍ମବଲମ୍ବୀଗଣ କହନ୍ତି—ମୈତ୍ରେୟ ଆସିବେ, ହିନ୍ଦୁମାନେ କହନ୍ତି— କିଏ ଆସିବେ ଜାଣିନାହୁଁ, କିନ୍ତୁ ଜଣେ ମହାପୁରୁଷ ଆସିବାର ପୂର୍ବଲକ୍ଷଣ ସମୂହ ପ୍ରକାଶ ପାଇଛି । କେହି କେହି ସାଧକ କହନ୍ତି ଯେ, ମହାପୁରୁଷଙ୍କର ଆଗମନ ହୋଇଗଲାଣି, କିନ୍ତୁ ସେ ବର୍ତ୍ତମାନ ଗୋପନରେ ଅଛନ୍ତି, ଖୁବ୍ ଶୀଘ୍ର ଆତ୍ମପ୍ରକାଶ କରିବେ । ଏସବୁର ସ୍ଥିର ସିଦ୍ଧାନ୍ତ ଏ ପର୍ଯ୍ୟନ୍ତ କେହି କହିପାରି ନାହାନ୍ତି ।

କିନ୍ତୁ ଆମେ ଜାଣୁ ସେ ଏଥର ଏକାଧାରରେ ନୁହଁନ୍ତି—ଯାହା ପୃଥିବୀ ପାଇଁ ବହୁଭାଗରେ ବିଭକ୍ତ ହୋଇ ବହୁ ସ୍ଥାନରେ ବହୁ ମହାପୁରୁଷ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି । ସର୍ବଧର୍ମ-ସମନ୍ୱୟକାରୀ ଶ୍ରୀଶ୍ରୀରାମକୃଷ୍ଣଙ୍କଠାରେ ଯେଉଁ ଶକ୍ତିର ଉନ୍ମେଷମାତ୍ରକେ ଦିଗଦିଗନ୍ତ ବ୍ୟାପୀ ପ୍ରତିଧ୍ୱନି ଜାଗରିତ ହେବାର ଦେଖି ସ୍ୱାମୀ ବିବେକାନନ୍ଦ ତାଙ୍କର ପୂର୍ଣ୍ଣାବସ୍ଥା କେବଳ କଳ୍ପନାରେ ଅନୁଭବ କରିବାକୁ କହିଥିଲେ, ଆଜି ବିଶ୍ୱମାନବର ସେହି ପରିପୂର୍ଣ୍ଣ ମହାଶକ୍ତିର ପୂର୍ଣ୍ଣଲୀଳା ଦର୍ଶନର ସମୟ ଉପସ୍ଥିତ । ଏହା ଆଉ କଳ୍ପନାର ବିଷୟ ନୁହେଁ । ଏହି ବାସ୍ତବ ଜଗତରେ ତାର ଅଭିନୟ ଆରମ୍ଭ ହୋଇଯାଇଛି । ପୁଣ୍ୟାଲୋକୋଦ୍ଭାସିତ କୋଟି କୋଟି ସୂର୍ଯ୍ୟକିରଣସମୁଜ୍ଜ୍ୱଳ ଆନନ୍ଦମୟ ଦିବ୍ୟଧାମକୁ ଗମନର ସୁବର୍ଣ୍ଣ-ସୋପାନ ପ୍ରସ୍ତୁତ—ଦିବ୍ୟଧାମ ନିବାସୀ ଦୂତଗଣ ଦ୍ୱାରରେ ଦଣ୍ଡାୟମାନ, ଦୟାଳୁ ବ୍ରହ୍ମର୍ଷିଗଣ ପତିତୋଦ୍ଧାର ନିମିତ୍ତ ହସ୍ତ ପ୍ରସାରିଛନ୍ତି, ସତ୍ୟଲୋକବାସୀ ମୁକ୍ତ-ପୁରୁଷଗଣ ଦ୍ୱାରେ ଦ୍ୱାରେ ପ୍ରେମସୁଧା ବିତରଣରେ ନିଯୁକ୍ତ । ଯଦି ଏହି ମହାପ୍ରେମର ଆକର୍ଷଣରେ ଆକର୍ଷିତ ନ ହୁଅ, ଯଦି ବ୍ରହ୍ମର୍ଷିପ୍ରସାରିତ ହସ୍ତ ଉପେକ୍ଷା କର, ଯଦି ଦ୍ୱାରରେ ପ୍ରସ୍ତୁତ ରଥ ପ୍ରତ୍ୟାଖ୍ୟାନ କର— ତେବେ ତୁମର ଅସହାୟ ଅବସ୍ଥାରେ ସମବେଦନା ପ୍ରକାଶ କରିବାକୁ ଜଣେ ବି କେହି ରହିବେ ନାହିଁ । ହୁଏତ ଖର୍ବ ନିଖର୍ବ ବା ଯୁଗ ଯୁଗାନ୍ତର ବ୍ୟାପୀ ଅଜ୍ଞତାର କୋଳରେ ମହାନିଦ୍ରାରେ ଅଭିଭୂତ ହୋଇ ରହିବ ଏବଂ କିଏ ଜାଣେ କେତେ ଯୁଗ ଯୁଗାନ୍ତର ଧରି କ୍ରୀଡ଼ାପୁତ୍ତଳିକା ପରି ପରିଗ୍ରଳିତ ହେବ ?

ବହୁ ସ୍ଥାନରେ ବହୁ ଭାଗରେ ଆବିର୍ଭୂତ ମହାପୁରୁଷଗଣଙ୍କର ନେତୃତ୍ୱ ଗ୍ରହଣ ପାଇଁ ଶ୍ରୀଭଗବାନ୍ ଯେଉଁ ନରାକାର-ବିଶିଷ୍ଟ ଦେହାବଲମ୍ବନପୂର୍ବକ ମହାଭାବ ବା ସର୍ବୋଚ୍ଚ ସମାଧି ଅବସ୍ଥାରୁ ଭାବବାଣୀ ଦ୍ୱାରା ମହାପୁରୁଷଗଣଙ୍କର ପଥ ନିର୍ଦ୍ଦେଶ ତଥା ଜୀବସାଧାରଣଙ୍କର ଚରମ ମୁକ୍ତିକୁ ଅନାୟାସଲଭ୍ୟ କରି ବିଶ୍ୱକୁ ମହାକର୍ଷଣରେ କେନ୍ଦ୍ରମୁଖୀ କରୁଛନ୍ତି, ସେହି ପରମ ପବିତ୍ର ଶ୍ରୀଶ୍ରୀବିଶ୍ୱଗୁରୁଙ୍କର ଚିନ୍ମୟ

ଦେହ ଏହି ଧରାଧାମରେ ଅବତରଣ ଚିଥିରେ ଆମେ ମହାମହୋତ୍ସବ ପାଇଁ ବିଶ୍ୱବାସୀଙ୍କୁ ଆହ୍ୱାନ କରୁଛୁ ।

ହେ ମାନବ ! ଯଦି ଏହା ବିଶ୍ୱାସ କରିବାକୁ, ଏହା ଧାରଣା କରିବାକୁ ଅକ୍ଷମ– ତଥାପି କହୁଛୁ ଆସ– ତୁମର ସଦିଚ୍ଛା ଚିଜ ନେଇ ଶ୍ରୀଶ୍ରୀବିଶ୍ୱଗୁରୁଙ୍କ ଚରଣତଳେ ଉପସ୍ଥିତ ହୁଅ ଏବଂ ଯଥାସାଧ୍ୟ ପରୀକ୍ଷା କରି ତାଙ୍କର ଆଶ୍ରୟ ଗ୍ରହଣ କର– କିନ୍ତୁ ସ୍ମରଣ ରଖ, ସାଧନ-ଶକ୍ତି ଦ୍ୱାରା ହିଁ ଗୁରୁଙ୍କୁ ପରୀକ୍ଷା କରାଯାଏ । ଶ୍ରୀଶ୍ରୀବିଶ୍ୱଗୁରୁଙ୍କୁ ପରୀକ୍ଷା କରିବାକୁ କେତେ ଅଧିକ ସାଧନ ଶକ୍ତି ପ୍ରୟୋଜନ ତାହା ଥରେ ଚିନ୍ତାକର । ଆମେ ନଗଣ୍ୟ, କ୍ଷୁଦ୍ର, ସାଧନ-ସମ୍ପଦହୀନ ଜୀବ ହୋଇ ମଧ୍ୟ ତାଙ୍କର ଅହେତୁକୀ କୃପାଲାଭରେ ଧନ୍ୟ ହୋଇଛୁ ବୋଲି ଉଚ୍ଚସ୍ୱରରେ ଘୋଷଣା କରୁଛୁ ଯେ, ଯାହାର ସାଧନଶକ୍ତି ଯେତେ ଅଧିକ ସେ ବିଶ୍ୱଗୁରୁଙ୍କୁ ସେତେ ଅଧିକ ପରିମାଣରେ ଚିହ୍ନି ଓ ଜାଣିପାରିବେ । ତେଣୁ ଭାଇମାନେ ସମସ୍ତେ ଆସନ୍ତୁ, ବନ୍ଧୁମାନେ ସମସ୍ତେ ଆସନ୍ତୁ, ଯାହାର ଯେପରି ଇଚ୍ଛା ସେ ସେପରି ଆସନ୍ତୁ, ସହଜ ସରଳ ବିଶ୍ୱାସ ନେଇ ଆସନ୍ତୁ– ଯୁକ୍ତି ତର୍କ ବିଚ୍ଛର ବୁଦ୍ଧି ନେଇ ଆସନ୍ତୁ– ଅନ୍ଧ ବିଶ୍ୱାସ ନେଇ ଆସନ୍ତୁ ବା ସାଧନଶକ୍ତି ବଳରେ ପରୀକ୍ଷା କରିବାକୁ ଆସନ୍ତୁ– ଯେପରି ହେଉ ଥରେ ତାଙ୍କ ସମୀପସ୍ଥ ହୁଅନ୍ତୁ ଏବଂ ମହାଭାବ ବା ସର୍ବୋଚ୍ଚ ସମାଧି ଅବସ୍ଥାରେ ଘୋଷିତ ଭାବବାଣୀ ଶ୍ରବଣ କରନ୍ତୁ, ତାପରେ ଯେପରି ଅଭିରୁଚି ହୁଏ କରନ୍ତୁ । ଗୋଟାଏ କଥା କହି ରଖେ, ଯଦି ହୃଦୟରେ କିଞ୍ଚିନ୍ମାତ୍ର ପ୍ରକୃତ ପ୍ରେମର ଉନ୍ମେଷ ହୋଇଥାଏ ତେବେ ଏହି ଅତିମାନବ ପ୍ରେମସାଗରର ନିକଟସ୍ଥ ହେଲେ ତୁମେ ପ୍ରେମରେ ବିହ୍ୱଳ ହୋଇ ପଡ଼ିବ– ହସିବ, କାନ୍ଦିବ, ନାଚିବ, ଗାଇବ, କେତେ କ'ଣ କରିବ । ଘୃଣା-ଲଜ୍ଜା-ଭୟ କୁଆଡ଼େ ତିରୋହିତ ହୋଇଯିବ । ପରିଶେଷରେ ସଦାନନ୍ଦ ସିନ୍ଧୁନଦୀରେ ଚିର ନିମଗ୍ନ ହେବାକୁ ହେବ ।

ମହୋତ୍ସବର

ସ୍ଥାନ—କୁଷ୍ଟିୟା, ଇ.ଆର, ନଦୀୟା ।

ତାରିଖ– ୨୮ ଭାଦ୍ର (୧୪ ସେପ୍ଟେମ୍ବର) ଓ ୨୯ ଭାଦ୍ର (୧୫ ସେପ୍ଟେମ୍ବର) ।

କାର୍ଯ୍ୟକ୍ରମ—କୀର୍ତ୍ତନ, ବକ୍ତୃତା, ଆଲୋଚନା, ଆବୃତ୍ତି ଏବଂ ଭୋଜ୍ୟ, ପାନୀୟ ଓ ବସ୍ତ୍ରାଦି ଦ୍ୱାରା ଦରିଦ୍ରନାରାୟଣ ସେବା ।

ବିନୀତ–

ଶ୍ରୀ ହରିଶଚନ୍ଦ୍ର ରାୟ, ଓକିଲ । ଶ୍ରୀ ଗୋକୁଳ ଚନ୍ଦ୍ର ମଣ୍ଡଲ ଏଲ୍.ଏମ୍.ଏସ୍ । ଶ୍ରୀ ତ୍ରିଲୋକ ନାଥ ସେନ, ଓକିଲ । ଶ୍ରୀ ବୀରେନ୍ଦ୍ରନାଥ ରାୟ । ଶ୍ରୀ ସତୀଶଚନ୍ଦ୍ର ଜୋୟାରଦାର, ଏଲ୍.ଏମ୍.ପି. । ଶ୍ରୀ ଅଶ୍ୱିନୀ କୁମାର ବିଶ୍ୱାସ, ମୋଭାର, କୁଷ୍ଟିୟା । ଶ୍ରୀ ଯୋଗେନ୍ଦ୍ରନାଥ ସରକାର, ଏମ୍.ଏ, ବି.ଏଲ । ଶ୍ରୀ ପ୍ରମଥ ନାଥ ଶିକଦାର, ବି.ଏଲ୍ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହା, ଓକିଲ । ଶ୍ରୀ କୃଷ୍ଣଚନ୍ଦ୍ର ଦାସ, ତପୋବନ, କାନିପୁର, ପୋ : ଖୋକ୍‌ସା, ନଦୀୟା । ଶ୍ରୀ ସୁଶୀଲଚନ୍ଦ୍ର ବସୁ, ବି.ଏ. । ଶ୍ରୀ ପୂର୍ଣ୍ଣଚନ୍ଦ୍ର କବିରାଜ ବି.ଏ. ।

ଏହିଭଳି ଶ୍ରୀଶ୍ରୀଠାକୁରଙ୍କ ଭକ୍ତଗଣ କୁଷ୍ଟିୟାରେ ବିଭିନ୍ନ ତିଥିରେ ଶ୍ରୀଶ୍ରୀରାମକୃଷ୍ଣଙ୍କ ଜନ୍ମୋତ୍ସବ, ଶ୍ରୀବିବେକାନନ୍ଦଙ୍କ ଜନ୍ମୋତ୍ସବ, ଶ୍ରୀଶ୍ରୀବୁଦ୍ଧଦେବଙ୍କ ଜନ୍ମୋତ୍ସବ, ଶ୍ରୀଶ୍ରୀଚୈତନ୍ୟଦେବଙ୍କ ଜନ୍ମୋତ୍ସବ, ଶ୍ରୀଶ୍ରୀଜନ୍ମାଷ୍ଟମୀ ଉତ୍ସବ ଏବଂ ହଜରତ ମହମ୍ମଦଙ୍କ ଜନ୍ମୋତ୍ସବ ମହାସମାରୋହରେ ସୁସମ୍ପନ୍ନ କରିଥିଲେ । ସେ ସମସ୍ତ ଉତ୍ସବ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁରଙ୍କର ବିଶେଷ ସହାନୁଭୂତି ଥିଲା । ସେ କହୁଥିଲେ– "ଯଦି ଉତ୍ସବ ସଙ୍ଗେ ସଙ୍ଗେ ଗରିବ-ଦୁଃଖୀଙ୍କୁ ବ୍ରାହ୍ମଣ-ଭୋଜନ ପରି ଭୋଜନ କରାଇ ପାରିବେ, ସେମାନଙ୍କର ପଦପ୍ରକ୍ଷାଳନ-କାର୍ଯ୍ୟ ସରଳ ସୁନ୍ଦର ମନରେ ଅଭିମାନ ତ୍ୟାଗକରି, ଜାତି ବିଗ୍ଭର ନ କରି କରିପାରିବେ, ତେବେ ଉତ୍ସବ କରନ୍ତୁ, ନଚେତ୍ ହୋ-ହୋ କରିବା ଦରକାର ନାହିଁ ।" ତଦନୁଯାୟୀ ଏହି ଉତ୍ସବମାନଙ୍କରେ ଦୀନଦୁଃଖୀଙ୍କ ସେବା ମୁଖ୍ୟ କରାଗଲା । ସେମାନଙ୍କର ପଦ-ପ୍ରକ୍ଷାଳନ କରାଗଲା । ଗ୍ରୀଷ୍ମାତିଶଯ୍ୟ ହେତୁ ପ୍ରତ୍ୟେକଙ୍କୁ ଭୋଜନ ବେଳେ ତାଳପତ୍ର ପଙ୍ଖାରେ ବ୍ୟଜନ କରାଯାଇଥିଲା । ଯେଉଁମାନେ ପକ୍‌ଵାନ୍ନ ଭୋଜନ କରିବାକୁ ଅନିଚ୍ଛୁକ ଥିଲେ ସେମାନଙ୍କୁ ଅର୍ଥ ଓ ତଣ୍ଡୁଳ ପ୍ରଦାନ କରାଗଲା । ତତ୍‌ସଙ୍ଗେ ସଙ୍ଗେ ଭୋଗରାଗ, ଆରତୀ, ସଂକୀର୍ତ୍ତନ, ନଗର ସଂକୀର୍ତ୍ତନ ଏବଂ ଶୋଭାଯାତ୍ରାଦି ସାରାଦିନ ଘଲୁଥିଲା । ସନ୍ଧ୍ୟାରେ ସାଧାରଣ ସଭାରେ ଧର୍ମ-ବିଷୟକ ବକ୍ତୃତା ଓ ଜୀବନୀ ଆଲୋଚନା କରାଯାଉଥିଲା । ଏହିପରି ଭାବରେ ସେ ସମସ୍ତ ଉତ୍ସବ ମହାସମାରୋହରେ ସମାହିତ ହୋଇଥିଲା । ଶ୍ରୀଶ୍ରୀଠାକୁର ମଧ୍ୟ ଦୟାପୂର୍ବକ ସପାର୍ଷଦ ସେହି ଉତ୍ସବଗୁଡ଼ିକରେ ଉପସ୍ଥିତ ରହି ସମସ୍ତଙ୍କର ଆନନ୍ଦ ବର୍ଦ୍ଧନ କରୁଥିଲେ । ଏଥର ସମସ୍ତଙ୍କର ଇଚ୍ଛା ହେଲା ଯେ ଶ୍ରୀଶ୍ରୀଠାକୁରଙ୍କ ଜନ୍ମୋତ୍ସବ ମଧ୍ୟ ପାଳନ କରାଯିବ । ଅଶ୍ୱିନୀବାବୁ କହିଲେ—"ଅନ୍ୟାନ୍ୟ ଉତ୍ସବରେ ଦରିଦ୍ର ନାରାୟଣଙ୍କୁ ଅନ୍ନ ବ୍ୟତୀତ ଖେଚେଡ଼ି, ଦହି ଚଡ଼ା ଦ୍ୱାରା ଚର୍ଚ୍ଚା କରାଯାଇଛି କିନ୍ତୁ କୌଣସି ଉତ୍ସବରେ ସେମାନଙ୍କୁ ଲୁଚି ଦିଆଯାଇ ନାହିଁ । ବିଶେଷତଃ ସେମାନେ ମଧ୍ୟ ଲୁଚି ଭୋଜନ କରିବାକୁ ଖୁବ୍ କମ୍ ପାଆନ୍ତି । ତେଣୁ ଆମର ଇଚ୍ଛା ଏଥରକ ଉଲ ଘିଅରେ ଲୁଚି ଛାଣି ମିଷ୍ଟାନ୍ନ ସହିତ ଦରିଦ୍ରମାନଙ୍କୁ ଚୁପ୍‌ଡ଼କରି ଭୋଜନ ଦିଆଯିବ । ଦରିଦ୍ର ଭୋଜନ ପାଇଁ ଲୁଚି ଛାଣି ପାହାଡ଼ ପରି ଜମାଇବାକୁ ମୋର ଇଚ୍ଛା ।" ତାଙ୍କ ଇଚ୍ଛାରେ ସମସ୍ତେ ମତ ଦେଲେ । କର୍ମବୀର ବୀରେନ୍ଦ୍ରନାଥ ରାୟ ଗ୍ରାମେ ଗ୍ରାମେ ବୁଲି ଭକ୍ତ ଭ୍ରାତା ଓ ଜନନୀମାନଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ଲାଗିଲେ । କେତେକେ ନଗଦ ଟଙ୍କା ଦେଲେ । କେହି କେହି ଟଙ୍କା ଦେଇନପାରି ସ୍ୱର୍ଣ୍ଣାଳଙ୍କାର ମଧ୍ୟ ଦେଲେ । ବସ୍ତ୍ର ବ୍ୟବସାୟୀଗଣ ବସ୍ତ୍ର ପ୍ରଦାନ କଲେ । ତନ୍ମଧ୍ୟରୁ ଦୁଇଟି ଦାନ ବିଶେଷ ଉଲ୍ଲେଖଯୋଗ୍ୟ । (୧) ପାବନା ହିମାଇତପୁର ଗ୍ରାମର ତାଲୁକଦାର ବସନ୍ତ କୁମାର ସାହା ଗ୍ରୈଧୁରୀଙ୍କ ମାତା ଶ୍ରୀମତୀ ସାରଦା ସୁନ୍ଦରୀ ସାହା ଗ୍ରୈଧୁରାଣୀ ନଗଦ ୫୦୦ ଟଙ୍କା ଏବଂ (୨) କୁଷ୍ଟିୟାର ଓକିଲ ଶ୍ରୀଯୁକ୍ତ ବାବୁ ପ୍ରଫୁଲ୍ଲଚନ୍ଦ୍ର ରାୟ ମହାଶୟ ତାଙ୍କ ସ୍ତ୍ରୀଙ୍କର ପ୍ରାୟ ତିନିଶହ ଟଙ୍କା ମୂଲ୍ୟର ସୁବର୍ଣ୍ଣ ହାର ଅର୍ଘ୍ୟ ସ୍ୱରୂପ ଦେଇଥିଲେ । କ୍ରମେ ଉତ୍ସବର ଆୟୋଜନ ଘଲିଲା । ଭାଦ୍ରବ ମାସ, ବର୍ଷାଦିନ, ଲୋକମାନଙ୍କର ବସି ଭୋଜନ କରିବାରେ ଅସୁବିଧା ହେବ ବୋଲି ଗୋଟାଏ ଲମ୍ବା ଘଲଘର ତିଆରି ହେଲା । କେବଳ ଏହି ଭୋଜନଗୃହ ନିର୍ମାଣରେ ପ୍ରାୟ ହଜାରେ ଟଙ୍କା ବ୍ୟୟ ହୋଇଥିଲା ।

କୁଷ୍ଟିୟାର ବିଖ୍ୟାତ ଧନୀ ମହାଜନ ମୌଲବି ରଜବାଲୀ ଖାଁ ଚୌଧୁରୀ ସାହେବ ଦୟାପୂର୍ବକ ତାଙ୍କର ଗୋଟିଏ ବିରାଟ ଘର ଓ ଅଗଣା ଉତ୍ସବ କେତେଦିନ ପାଇଁ ଛାଡ଼ି ଦେଇଥିଲେ । ସେଠାରେ ଉତ୍ସବ-କ୍ଷେତ୍ର, ସଭାମଣ୍ଡପ ଧ୍ୱଜା ପତାକା, ପତ୍ର-ପୁଷ୍ପ ଇତ୍ୟାଦି ଦ୍ୱାରା ସୁସଜ୍ଜିତ କରାଗଲା । କୁଷ୍ଟିୟାର ଜଣେ ବିଶିଷ୍ଟ ମାଗୁଆଡ଼ୀ ମହାଜନ ଓ ଶ୍ରୀଶ୍ରୀଠାକୁରଙ୍କ ଭକ୍ତ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ଅଗରୱାଲା

ତାଙ୍କ ନିଜର ଗୋଟିଏ ଗୃହ ଉତ୍ସବର ଅଫିସ୍ (କାର୍ଯ୍ୟାଳୟ) ଓ **enquiry office** (ଅନୁସନ୍ଧାନ କାର୍ଯ୍ୟାଳୟ) କରିଦେଲେ। କୁଷ୍ଟିୟାର ମୋହିନୀ ମିଲ୍ସ୍ ଲିମିଟେଡ୍ ନାମକ ଲୁଗାକଳର ଅଧ୍ୟକ୍ଷମାନେ **ଆବଶ୍ୟକୀୟ ଅର୍ଥ ସଂଗ୍ରହକରି ଉତ୍ସବ ମଣ୍ଡପାଦିକୁ electric light** (ବୈଦ୍ୟୁତିକ ଆଲୋକ) ଦ୍ୱାରା ଆଲୋକିତ କରିଦେଲେ। ଅବଶ୍ୟ ସେଥିପାଇଁ କଲିକତାରୁ କାର୍ଯ୍ୟଦକ୍ଷ ଲୋକ ଅଣାଯାଇଥିଲେ। ଉତ୍ସବର କଥା ପ୍ରଚାର ପାଇଁ କଲିକତାରେ, ନାନାସ୍ଥାନରେ ପାମ୍ପ୍ଲେଟ, ଲିଫ୍‌ଲେଟ ନିମନ୍ତ୍ରଣପତ୍ର ଆଦି ସୁନ୍ଦର ଭାବେ ମୁଦ୍ରିତ ହୋଇ ଘରିଆଡ଼େ ପଠାଗଲା ଏବଂ ନିକଟସ୍ଥ ଗ୍ରାମମାନଙ୍କରେ ଢୋଲ ଡେଣ୍ଡୁରା ପିଟି ଖବର ଜଣାଇ ଦିଆଗଲା। ବହୁସ୍ଥାନକୁ ନିମନ୍ତ୍ରଣପତ୍ର ପ୍ରେରିତ ହେଲା।

ଏହା ପୂର୍ବରୁ ଗୋଟିଏ ଘଟଣା ଘଟିଗଲା। ଏହି ଉତ୍ସବ କରିବା ପୂର୍ବରୁ ଶ୍ରୀଶ୍ରୀଠାକୁରଙ୍କର ଅନୁମତି ଗ୍ରହଣ ନ କରି ଉତ୍ସବର ଆୟୋଜନ ଆରମ୍ଭ ହେଲା। ସେ ଆଦୌ ଏହି ଉତ୍ସବର ପକ୍ଷପାତୀ ନ ଥିଲେ। ନିଜର ପ୍ରଚାର ପ୍ରଶଂସା ସେ କଦାପି ଚାହୁଁ ନ ଥିଲେ। ଅନ୍ୟ ଅବତାରମାନଙ୍କ ଜନ୍ମୋତ୍ସବ କରିବାପାଇଁ ସେ ଅନୁମତି ଦେଇଥିଲେ ଏବଂ ବିଶେଷ ଉତ୍ସାହ ଦେଇଥିଲେ କିନ୍ତୁ ନିଜ ସମ୍ବନ୍ଧରେ ଏକାବେଳକେ କୁଣ୍ଠିତ। ବିଶେଷତଃ ତାଙ୍କୁ ବିଶ୍ୱଗୁରୁ ବୋଲି ପ୍ରଚାର କରିବାକୁ ସେ ଏକାନ୍ତ ଅନିଚ୍ଛୁକ। ମହାଭାବାବସ୍ଥା ବ୍ୟତୀତ "ଅବତାର ନାହିଁ କହେ ମୁଁହି ଅବତାର"। ସେ ମଧ୍ୟ ତାହା କରନ୍ତି।

ଭକ୍ତଗଣ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଲେ। ସେମାନେ ଉତ୍ସବ ଆୟୋଜନରେ ଅତ୍ୟଧିକ ଅଗ୍ରସର ହୋଇ ଯାଇଥିଲେ। ଏଭଳି ଏକ ଉତ୍ସବ ବନ୍ଦ କରିଦେବା ଯେତିକି କଠିନ ସେତିକି ଦୁଃଖଦାୟକ ମଧ୍ୟ। ଅନ୍ୟ ପକ୍ଷରେ ଶ୍ରୀଶ୍ରୀଠାକୁରଙ୍କ ଅନିଚ୍ଛାରେ କୌଣସି କାର୍ଯ୍ୟ କରିବା ମଧ୍ୟ ଅନ୍ୟାୟ। ସେମାନେ ଅନ୍ୟ ଉପାୟ ନ ଦେଖି ଶ୍ରୀଶ୍ରୀଜନନୀଙ୍କର ଶରଣାପନ୍ନ ହେଲେ। ଜନନୀ ଦେଖିଲେ ଯେ ସେମାନେ ଅନେକ ଆଗେଇ ଯାଇଛନ୍ତି। ସେମାନଙ୍କୁ ବାଧାଦେଲେ ସେମାନଙ୍କ ମନରେ ଅତ୍ୟନ୍ତ କଷ୍ଟ ହେବ, ତେଣୁ ସେ ଅନୁମତି ପ୍ରଦାନ କଲେ। ଭକ୍ତଗଣ ନବ ଉତ୍ସାହରେ ଆୟୋଜନରେ ଲାଗିଗଲେ। ଶ୍ରୀଶ୍ରୀଠାକୁର କହିଲେ— "ଉତ୍ସବ କରନ୍ତୁ, କ୍ଷୁଧିତଙ୍କୁ ଭୋଜନ ଏବଂ ବସ୍ତ୍ରହୀନଙ୍କୁ ବସ୍ତ୍ର ପ୍ରଦାନ କରନ୍ତୁ, ସେଥିରେ ମୋର ଆପତ୍ତି ନାହିଁ। ତାହା ତ ଆନନ୍ଦର କଥା, ମଙ୍ଗଳର କଥା। କିନ୍ତୁ ମୋର ଜନ୍ମୋତ୍ସବ ବୋଲି କିଛି କହିବା ଦରକାର ନାହିଁ।" ଉତ୍ସବର ଆୟୋଜନ ଘୁଲିଲା। ଶ୍ରୀଶ୍ରୀଜନନୀ, ମହାରାଜ, ଓ ଶ୍ରୀଶ୍ରୀଠାକୁରଙ୍କ ପାରିଷଦଗଣ ସମସ୍ତେ କୁଷ୍ଟିୟା ଆସିବାକୁ ସଙ୍ଗତ ହେଲେ। କିନ୍ତୁ ଶ୍ରୀଶ୍ରୀଠାକୁର ଏହି ସମୟରେ କୁଷ୍ଟିୟା ଆସିବାକୁ ସଙ୍ଗତ ହେଲେ ନାହିଁ। ପରେ ସମସ୍ତଙ୍କର ଅନୁରୋଧରେ ସଙ୍ଗତ ହେଲେ। ଉତ୍ସବ ପୂର୍ବଦିନ ନାନା ସ୍ଥାନରୁ ବାଳକ, ବାଳିକା, ସ୍ତ୍ରୀ ପୁରୁଷ, ଯୁବକ ବୃଦ୍ଧ, ଧନୀ ଦରିଦ୍ର, ଭଦ୍ରର ଭଦ୍ର, ପଣ୍ଡିତ ମୂର୍ଖ, ସାଧୁ ଅସାଧୁ, ବହୁ ଲୋକ ଆସି ଉପସ୍ଥିତ ହୋଇଥିଲେ।

ରାତ୍ରି ୧୧ଟା ସମୟରେ ପାବନାର ଷ୍ଟିମର ଆସିବାର ଦେଖି ଏବଂ ଏହି ଷ୍ଟିମରରେ ଶ୍ରୀଶ୍ରୀଠାକୁର, ଶ୍ରୀଶ୍ରୀଜନନୀ, ମହାରାଜ ଏବଂ ବହୁ ଭକ୍ତ ଆସିବେ ବୋଲି ସହସ୍ର ସହସ୍ର ଲୋକ ଢୋଲ, ମୃଦଙ୍ଗ, ଶଙ୍ଖ, ଘଣ୍ଟା, ଖୋଳ, କରତାଳ, ଗିନି ଓ ଝାଞ୍ଜ ଧରି ତାଙ୍କୁ ସ୍ୱାଗତ କରିବାପାଇଁ ହରିବୋଲ ଓ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରି ସେଠାରେ ଉପସ୍ଥିତ ହେଲେ। ଲୋକାରଣ୍ୟ ହୋଇ ଉଠିଲା ଷ୍ଟିମର ଘାଟ। ଯଥା ସମୟରେ ଷ୍ଟିମର ଆସି କୂଳରେ ଲାଗିଲା। ଷ୍ଟିମରରୁ ମଧ୍ୟ ଶତ ଶତ ସଂଖ୍ୟାରେ ହରିବୋଲ ହୁଳହୁଳି ଧ୍ୱନି କରୁଥାନ୍ତି।

ଷ୍ଟିମରରେ ତିଳପ୍ରମାଣ ସ୍ଥାନ ନ ଥିଲା। କ୍ରମେ ଷ୍ଟିମରରୁ ଲୋକେ ଓହ୍ଲାଇବାକୁ ଲାଗିଲେ। ସମସ୍ତେ ଓହ୍ଲାଇ ଆସିବାକୁ ପ୍ରାୟ ଦେଢ଼ ଘଣ୍ଟା ସମୟ ଲାଗି ଯାଇଥିଲା। ସମସ୍ତେ ମନେମନେ ଭାବୁଥିଲେ ଶ୍ରୀଶ୍ରୀଠାକୁର ଯେତେବେଳେ ଷ୍ଟିମରରୁ ଅବତରଣ କରିବେ ସମସ୍ତେ କିପରି ତାଙ୍କୁ ପ୍ରଣାମ କରିବେ ଏବଂ ପ୍ରତ୍ୟେକଙ୍କୁ ପ୍ରଣାମ କରିବାକୁ କେତେ ସମୟ ଲାଗିବ। ଏହି ସମୟରେ ହଠାତ୍ ଶ୍ରୀଶ୍ରୀଠାକୁର ଷ୍ଟିମର ଭିତରୁ କୁଦାମାରି ଆସି କୂଳରେ ଛିଡ଼ାହୋଇ ଭୂମିରେ ମୁଣ୍ଡ ଲଗାଇ ପ୍ରଣାମ କଲେ। ଯିଏ ଯେଉଁଠି ଯେଉଁ ଅବସ୍ଥାରେ ଥିଲେ ସେହିପରି ଭାବରେ ପ୍ରତ୍ୟେକେ ତାଙ୍କୁ ପ୍ରଣାମ କରିବାକୁ ଲାଗିଲେ। ପରେ ପରେ ଶ୍ରୀଶ୍ରୀଠାକୁର ଉତ୍ସବ ମଣ୍ଡପ ନିକଟରେ ଉପସ୍ଥିତ ହୋଇ କହିଲେ— "ମୋତେ ଅଭ୍ୟର୍ଥନା କରିବା ଦରକାର ନାହିଁ, ସମାଗତ ଲୋକଙ୍କୁ ଅଭ୍ୟର୍ଥନା କରାଯାଉ।" ଏହା କହି ସଭା ମଣ୍ଡପ, ରନ୍ଧନଶାଳା, ଅଫିସଗୃହ ଇତ୍ୟାଦି ଦର୍ଶନ କରି ସେ ପ୍ରଫୁଲ୍ଲବାବୁଙ୍କ ଘରକୁ ଗମନ କଲେ। ସେଠାରେ ତାଙ୍କର ଅବସ୍ଥାନର ବ୍ୟବସ୍ଥା କରାଯାଇଥିଲା। ଅନ୍ୟାନ୍ୟ ସମାଗତ ବ୍ୟକ୍ତିଙ୍କୁ ଯଥାନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାର ବ୍ୟବସ୍ଥା ହେଲା। ଏହିଦିନ ଯେତେ ପରିମାଣରେ ଲୋକ ହେବେ ବୋଲି ଆଶା କରାଯାଇଥିଲା ତଦପେକ୍ଷା ଦଶଗୁଣ ଅଧିକ ଲୋକ ହୋଇଥିଲେ। ରାତିପାରା ଖାଇବା ପିଇବା କାମ ଘୁଲିଥିଲା। ବର୍ଷାଦିନ। ହଠାତ୍ ଅସରାଏ ବର୍ଷା ହୋଇଗଲା। ସେହି ସମୟରେ ଦଳେ ଲୋକ କୁଆଡ଼େ ଘୁଲିଯାଇଥିଲେ। ସେମାନେ ଭୋଜନ କରିପାରି ନ ଥିଲେ। ସାରାରାତି ସ୍ୱେଚ୍ଛାସେବକଗଣ ବୁଲି ବୁଲି କିଏ କେଉଁଠି ନ ଖାଇ ରହିଗଲେ ତାହାର ତଦାରଖ କରୁଥିଲେ। ସହରର ବିଭିନ୍ନ ଲୋକଙ୍କ ଘରେ ଆଗନ୍ତୁକମାନଙ୍କର ରହିବାର ବ୍ୟବସ୍ଥା କରାଯାଇଥିଲା। ବିଦେଶୀ ଭଦ୍ରମହିଳାମାନଙ୍କ ପାଇଁ ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀଗୁନ୍ଦ ଅଗରୱାଲାଙ୍କ ଦୋମହଲା କୋଠାଘର ଓ ଆଉ ଦୁଇ ତିନିଟି କୋଠା ନିର୍ଦ୍ଦିଷ୍ଟ କରାଯାଇଥିଲା। ସେହିଠାରେ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସେମାନଙ୍କର ଭୋଜନାଦିର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ତା'ପରଦିନ ପକାଳରୁ ପ୍ରକୃତ ମହୋତ୍ସବ ଆରମ୍ଭ ହେଲା। କେହି କେଉଁଠି ଯେପରି ଅଭୁକ୍ତ ନ ରହନ୍ତି ସେଥିପାଇଁ ମାଗୁଆଡ଼ୀମାନଙ୍କୁ ଅନୁରୋଧ କରିବାରୁ ସେମାନେ ବଜାରରେ ଲୋକଙ୍କୁ ଭୋଜନ କରାଇବାର ବ୍ୟବସ୍ଥା କରିଥିଲେ। ବଙ୍ଗାଳୀ ଭ୍ରାତୃଗଣ ଉତ୍ସବ ଆରମ୍ଭ ହେବାର ପୂର୍ବାହ୍ଣରେ ହିଁ କ୍ଷୁଧିତମାନଙ୍କୁ ଅନ୍ନ ଦେବା ନିମିତ୍ତ ଖେଚେଡ଼ି ବ୍ୟବସ୍ଥା କରିଥିଲେ। ଆମକୁ ତ ଟିକିଏ ଫୁରସତ୍ ନ ଥିଲା। ପ୍ରାୟ ଏକମାସ ହେଲା ସମସ୍ତେ ଯଥାସାଧ୍ୟ ପରିଶ୍ରମ କରିଥିଲେ। ଆଉ, ମହୋତ୍ସବ ସମୟରେ ପ୍ରାୟ ଚାରିଦିନ ଓ ଚାରିରାତି ତ ଭକ୍ତଗଣଙ୍କ ଆଖିରେ ନିଦ ନାହିଁ, କିଏ କେତେବେଳେ କିମିତି ମୁଠାଏ କେବଳ ଖାଇନେଉଥାନ୍ତି। ଉତ୍ସବଦିନ ପକାଳୁ ମୁଁ ଶ୍ରୀଶ୍ରୀଠାକୁରଙ୍କୁ ଦେଖାକରି କହିଲି— "ଶୁଣିଛି ଯୀଶୁଖ୍ରୀଷ୍ଟ କୁଆଡ଼େ ପଟେ ରୁଟି ସାହାଯ୍ୟରେ କେତେ ହଜାର ଲୋକଙ୍କୁ ଖୁଆଇଥିଲେ ଆଉ ଆମେ ଏଠାରେ ଏତେ ଜିନିଷ କରି ଯଦି ଲୋକ ଅଭୁକ୍ତ ରହନ୍ତି ତେବେ କମ୍ ଦୁଃଖ ହେବନାହିଁ, ଏବଂ ଆଜି ଯଦି ବର୍ଷା ହୁଏ, ତେବେ ବହୁତ ଅସୁବିଧା ହେବ।" ଶ୍ରୀଶ୍ରୀଠାକୁର କହିଲେ— "ମୋ କଥା ଯଦି ମାନିବେ ତେବେ ଏଇ ପଟେ ଲୁଚି ଦ୍ୱାରା ମଧ୍ୟ ସହସ୍ର ସହସ୍ର ଲୋକଙ୍କୁ ଖୁଆଇ ପାରିବେ। କିନ୍ତୁ ବର୍ଷା ହେବା ଦରକାର, କାରଣ କୁଷ୍ଟିୟା ସହରରେ ଏତେ ଲୋକ ଜମିଛନ୍ତି ଯେ ସେମାନଙ୍କର ମଳମୂତ୍ର ଗନ୍ଧରେ ହଇଜା ଲାଗିଯିବ। କେତେଜଣଙ୍କୁ ଧରିଲାଣି ବୋଲି ମଧ୍ୟ ଶୁଣିଲି।" ମୁଁ କହିଲି— "ଆପଣଙ୍କର କି ଆଦେଶ କୁହନ୍ତୁ?" ସେ କହିଲେ— "ସଭାମଣ୍ଡପରେ ସିଂହାସନରେ ମୋର ଯେଉଁ ଫଟୋ ରଖିଛନ୍ତି ତାହା ଉଠାଇଦେଇ ଅନ୍ୟ ଫଟୋ ରଖନ୍ତୁ।" ଅର୍ଥାତ୍ କିଶୋରୀମୋହନ, ଅଶ୍ୱିନୀକୁମାର ଓ ଶ୍ରୀଶ୍ରୀଠାକୁରଙ୍କୁ ନେଇ ଯେଉଁ

ଫଟୋ ଉଠା ହୋଇଥିଲା ସେହି ଫଟୋ ସେଠାରେ ରଖିବାକୁ କହିଲେ । ମୁଁ ବୀରୁଦା'ଙ୍କ ଆଗରେ ଅଶ୍ୱିନୀବାବୁଙ୍କୁ ସେହିକଥା କହିଲି । ଅଶ୍ୱିନୀବାବୁ କହିଲେ—'' ଯେତେବେଳେ ଶ୍ରୀଶ୍ରୀଠାକୁରଙ୍କ ଫଟୋ ସେଠାରେ ସ୍ଥାପିତ କରିଛି ଆଉ ତାହା ଉଠାଇ ଆଣିପାରିବି ନାହିଁ— ତଦ୍ଦ୍ୱାରା ମୋତେ ନିଷ୍ପେଷିତ ହେବାକୁ ହୁଏ ତ ହେଉ ପଛକେ । ବୀରୁଦା ମୁହଁରେ କିଛି କହିଲେ ନାହିଁ କିନ୍ତୁ ମନେମନେ ଅଶ୍ୱିନୀବାବୁଙ୍କ କଥା ସମର୍ଥନ କଲେ ଏବଂ ଗୋଟାଏ ଫଟୋ ଆଣି ସେଠାରେ ଶ୍ରୀଶ୍ରୀଠାକୁରଙ୍କ ଫଟୋ ପାଖରେ ସ୍ଥାପନ କଲେ । ଦୁଇ ତିନି ଦିନ ଧରି ବଙ୍ଗଳାର ସର୍ବଶ୍ରେଷ୍ଠ କୀର୍ତ୍ତନୀୟାଗଣ କୀର୍ତ୍ତନ ପରିବେଷ୍ଟନ କଲେ ଏବଂ ଅପରାହ୍ନରେ ସଭାମଣ୍ଡପରେ ଧର୍ମ ବିଷୟକ ବକ୍ତୃତା ହେଲା ।

ଭାଦ୍ରବ ୨୯ ଦିନ ପ୍ରାୟ ଦଶହଜାର ଲୋକଙ୍କୁ ଲୁଚି ଓ ମିଷ୍ଟାନ୍ନ ଭୋଜନ ଦିଆଯାଇଥିଲା । ଏହି କାର୍ଯ୍ୟରେ ଅକ୍ଲାନ୍ତ ପରିଶ୍ରମ କରି କୁଷ୍ଟିୟାର ଏବଂ ଅନ୍ୟାନ୍ୟ ସ୍କୁଲର ଛାତ୍ରମାନେ ବାସ୍ତବିକ୍ ଧନ୍ୟବାଦର ପାତ୍ର ହୋଇଛନ୍ତି । ଯେଉଁମାନେ ବଜାରରେ ଖେଚେଡି ଖାଇଥିଲେସେମାନେ ମଧ୍ୟ ମହୋତ୍ସବ କ୍ଷେତ୍ରକୁ ଆସି ଲୁଚି ଓ ମିଷ୍ଟାନ୍ନ ଭୋଜନ କଲେ । ସେଦିନ ଶ୍ରୀଶ୍ରୀଠାକୁରଙ୍କ ଆଦେଶକ୍ରମେ ସେବାସେବକଗଣ ଘର ଘର ଓ ରାସ୍ତା ରାସ୍ତା ବୁଲି ଭୁଲ-ଅଭୁଲ ବହୁଲୋକଙ୍କୁ ଲୁଚି ଆଦି ଖୁଆଇଥିଲେ । ଗୋଟିଏ ବି ଲୋକ ଅଭୁକ ଅବସ୍ଥାରେ ଫେରି ଯାଇନାହିଁ । ଶ୍ରୀକ୍ଷେତ୍ର ପରି ସେ ଦିନ ଜାତି ବିଗ୍ଦର ନ ଥିଲା । ବହୁ ମୁସଲମାନ ମଧ୍ୟ ଦୟାପୂର୍ବକ ଭୋଜନ କରିଥିଲେ । କୁଷ୍ଟିୟା ସବ୍‌ଡିଭିଜନର ବହୁ ଗ୍ରାମର ମାମଲତକାର ଓ ପୁଲିସ୍ କର୍ମଗ୍ରାଗଣଙ୍କ ସୁପାରିଶ ଅନୁଯାୟୀ ଅନେକ ବସ୍ତ୍ରହୀନଙ୍କୁ ବସ୍ତ୍ର ଦିଆଯାଇଥିଲା ।

ଏହି ଉତ୍ସବ ପରଠାରୁ କିନ୍ତୁ ଏ ଧରଣର ଉତ୍ସବ କରିବାକୁ ଶ୍ରୀଶ୍ରୀଠାକୁର ଆଉ ଅନୁମୋଦନ କରିନାହାନ୍ତି । ସେ କହିଲେ ଯେ, ଏପରି ଉତ୍ସବରେ ଅନେକ ଅପବ୍ୟୟ ହୋଇଥାଏ ଯେଉଁ ପରିମାଣରେ ଅର୍ଥ ବ୍ୟୟହୁଏ ତଦନୁରୂପ ଫଳ ହୁଏ ନାହିଁ । ଯେଉଁ ଲୋକ ସବୁ ଖାଇଲେ ସେମାନେ ଓଳିଏ-ଦିଓଳି ନ ଖାଇଥିଲେ ମଧ୍ୟ ସେମାନଙ୍କର ଚଳିଥାନ୍ତା । ଉତ୍ସବରେ ଏପରି ଲୋକସବୁ ଖାଆନ୍ତି ଯେଉଁମାନଙ୍କର ପ୍ରକୃତପକ୍ଷେ ଏତେ ଅଭାବ ନ ଥାଏ । ଯେଉଁମାନେ ପ୍ରକୃତ ଅଭାବଗ୍ରସ୍ତ ସେମାନେ ସମସ୍ତେ ଉତ୍ସବକୁ ଆସିପାରନ୍ତି ନାହିଁ । ଯେଉଁମାନେ ଏଠାରେ ବସ୍ତ୍ର ପାଇଲେ ସେମାନଙ୍କଠାରୁ ଆହୁରି ଅଭାବଗ୍ରସ୍ତ ଲୋକ ଅଛନ୍ତି ଯେଉଁମାନେ ଏଠାକୁ ଆସି ନ ପାରି ବସ୍ତ୍ର ଗ୍ରହଣ କରିପାରି ନାହାଁନ୍ତି । ତେଣୁ ଏଭଳି ଉତ୍ସବ ନ କରି ଯଦି ପ୍ରକୃତ ଦରିଦ୍ରକୁ ସାହାଯ୍ୟ କରିବାକୁ ହୁଏ, ତେବେ ଗ୍ରାମ ଗ୍ରାମ ବୁଲି ଅନୁସନ୍ଧାନପୂର୍ବକ ପ୍ରକୃତ ଅଭାବଗ୍ରସ୍ତଙ୍କୁ ସାହାଯ୍ୟ କରିବା ଦରକାର । ଆଉ ଖାଲି ଗଣ୍ଡିଏ ଖାଇବାକୁ ଦେଲେ, ଖଣ୍ଡେ ପିନ୍ଧିବାକୁ ଦେଲେ, କିଛି ଅର୍ଥ ସାହାଯ୍ୟ ଦେଇଦେଲେ ତା'ର ଯେଉଁ ଉପକାର ହୁଏ, ତାକୁ ଯଦି ଅନ୍ନ ମୂଳଧନ ଦେଇ କୌଣସି ବ୍ୟବସାୟରେ ପୁରାଇ ଦିଆଯାଏ ତେବେ ତା'ର ସମସ୍ୟାର ସ୍ଥାୟୀ ସମାଧାନ କରାଯାଇପାରେ । ଗରିବ ଲୋକର ଅନ୍ନ ମୂଳଧନ ହିଁ ଯଥେଷ୍ଟ । ଏହି କାରଣରୁ ଉତ୍ତମାନେ ୧୯୧୯ ଓ ୧୯୨୦ ମସିହାରେ ଶ୍ରୀଶ୍ରୀଠାକୁରଙ୍କ ଜନ୍ମତିଥି ଉପଲକ୍ଷ୍ୟେ ଗ୍ରାମେ ଗ୍ରାମେ ବୁଲିବୁଲି ଗୁପ୍ତ ଭାବରେ ଉତ୍ସବର ଆୟୋଜନ କରିଥିଲେ । ବିଶେଷ ଧୁମଧାମ ଇତ୍ୟାଦି ହୋଇନାହିଁ, ଅଥଚ କାମ ହୋଇଛି । ୧୯୨୩ ମସିହାରେ ହିମାଇତପୁରଠାରେ ପୂର୍ଣ୍ଣି ମହାସମାରୋହରେ ଉତ୍ସବ ହୋଇଥିଲା ଏବଂ ବିଭିନ୍ନ ସ୍ଥାନରେ ମଧ୍ୟ ପୃଥକ ଭାବରେ ଉତ୍ସବ ହୋଇଥିଲା ।

(୨୮)

ଜ୍ଞାନାନନ୍ଦଦେବଙ୍କ କଥା

ଦିନକର ସନ୍ଧ୍ୟାର ଅବ୍ୟବହିତ ପୂର୍ବରୁ ଶ୍ରୀଶ୍ରୀଠାକୁର ପ୍ରଫୁଲ୍ଲବାବୁଙ୍କ ଘରୁ ମୋତେ ଏକାଜୀ ଡାକି ''ଆସନ୍ତୁ ଦାଦା ! ଟିକିଏ ବୁଲି ଆସିବା''— ବୋଲି କହି ମୋ ହାତ ଧରି ଗଡ଼ାଇ ନଦୀ କୂଳେ କୂଳେ ଯାଉଁ ଯାଉଁ ରେଳ ଷ୍ଟେସନରେ ଷ୍ଟେସନମାଷ୍ଟର ଶ୍ରୀଯୁକ୍ତ ଅମୃତଲାଲ ମୁଖୋପାଧ୍ୟାୟ ମହାଶୟଙ୍କ ବସାରେ ଉପସ୍ଥିତ ହେଲେ । ଅମୃତବାବୁ ମୋର ଜଣେ ବିଶେଷ ବନ୍ଧୁ । ସେ ଜ୍ଞାନାନନ୍ଦ-ଦେବଙ୍କର ଜଣେ ପ୍ରଧାନ ଭକ୍ତ ଓ ଶିଷ୍ୟ ମଧ୍ୟ । ତାଙ୍କ ଗୃହରେ ଉପସ୍ଥିତ ହୋଇ ଶ୍ରୀଶ୍ରୀଠାକୁର କହିଲେ—''ଦାଦା କିଛି ଖାଇବାକୁ ଦିଅନ୍ତୁ ନା, ବଡ଼ ଭୋକ ଲାଗିଲାଣି, ଶୀଘ୍ର ଦିଅନ୍ତୁ ।'' ଅମୃତବାବୁ ପାଚକ ବ୍ରାହ୍ମଣକୁ ଶୀଘ୍ର ମିଷ୍ଟାନ୍ନ ଆଣିବାକୁ ଆଦେଶ ଦେଲେ । ଶ୍ରୀଶ୍ରୀଠାକୁରଙ୍କୁ ଏତେ ଭୋକ ଯେ ସେ ଆଉ ମୁହୂର୍ତ୍ତେ ବି ଥୟ ଧରି ପାରୁନାହାନ୍ତି । ଅମୃତବାବୁ ସଙ୍ଗେ ସଙ୍ଗେ ୨।୪ ଟା ଭଲ ଭଲ ଆମ୍ବ କାଟି ଦେଲେ । ସେ ତାହା ଖାଇଲେ ଏବଂ ପରେ ମିଷ୍ଟାନ୍ନ ମଧ୍ୟ ଭୋଜନ କଲେ । ଅମୃତବାବୁ, ପାଚକ ବ୍ରାହ୍ମଣ ଓ ମୁଁ ପ୍ରସାଦ ସେବନ କଲୁ । ପରେ ଅମୃତବାବୁ ମୋ କାନରେ ଆସ୍ତେ ଆସ୍ତେ କହିଲେ— ''ଠାକୁର ଆଜି ଏପରି ଅଯାଚିତ ଭାବରେ ଆମ ଘରେ କାହିକି ଖାଇଲେ ଜାଣନ୍ତି ? ମୁଁ ଓ ମୋର ପାଚକ ମନେମନେ ଭାବୁଥିଲୁ— ଠାକୁର ଯଦି ଏହିପରି ଆମ ଘରେ ଦୟା କରି ବଳେ ବଳେ ଖା'ନ୍ତି ତେବେ ବୁଝିବୁ ଯେ ତାଙ୍କର ଦୟା ଅଛି ଏବଂ ଆଜି ତାହାହିଁ ହୋଇଗଲା ।'' ସେ ପ୍ରକାଶ୍ୟରେ କହିଲେ— ''ମୋର ଇଚ୍ଛା ଥିଲା ଭାତ ଖୁଆଇବାକୁ । ଏସବୁ ଖୁଆଇବାକୁ ତ ଇଚ୍ଛା କରିନାହିଁ ।'' ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁର ଅନ୍ନ ଭୋଜନ କରିବାକୁ ପଳ୍ପତ ହୋଇଗଲେ । ତତ୍‌କ୍ଷଣାତ୍ ରୋଷେଇ ଆରମ୍ଭ ହୋଇଗଲା । ଅନ୍ୟତ୍ର ଶ୍ରୀଶ୍ରୀଠାକୁର ଅମୃତବାବୁଙ୍କ କୋଳରେ ଶୋଇପଡ଼ିଲେ । ପ୍ରସଙ୍ଗକ୍ରମେ ଜ୍ଞାନାନନ୍ଦଦେବଙ୍କ କଥା ପଡ଼ିଲା । ତାଙ୍କ କଥା ଶୁଣୁ ଶୁଣୁ ଶ୍ରୀଶ୍ରୀଠାକୁର ଆନନ୍ଦରେ ଗଦ୍‌ଗଦ୍ ହୋଇ କହିଲେ— ''ଆପଣଙ୍କ ଠାକୁରଙ୍କର ଗୋଟିଏ ଗୀତ ଗା'ନ୍ତୁ ନା ଦାଦା ।'' ଅମୃତବାବୁ କହିଲେ— ''ମୁଁ ତ ଗୀତ ଜାଣେନାହିଁ, ତେବେ କେଉଁ ଗୀତଟା ଗାଇବି ଆପଣ କୁହନ୍ତୁ ତ ।'' ଶ୍ରୀଶ୍ରୀଠାକୁର କିଛି କହିଲେ ନାହିଁ । ମୁଁ କହିଲି— ''ତୁମେ ନିତ୍ୟ-ନିରଞ୍ଜନ ଲୀଳା ରସମୟ ନିତ୍ୟଗୋପାଳ ଜ୍ଞାନାନନ୍ଦମ୍, ଏଇ ଗୀତଟି ଗାଆନ୍ତୁ ।'' ଅମୃତବାବୁ ସେଇ ଗୀତଟି ଗାଇଲେ । ଗୀତ ଶୁଣୁଶୁଣୁ ଶ୍ରୀଶ୍ରୀଠାକୁରଙ୍କର ଭାବାବସ୍ଥା ଉପସ୍ଥିତ ହେଲା । ପ୍ରାୟ ଗୋଟିଏ ଘଣ୍ଟା ଏହିପରି ଭାବରେ ଅତିବାହିତ ହୋଇଗଲା । ପରେ ପରେ ଅର୍ଦ୍ଧ-ବାହ୍ୟଦଶା ହେଲା, ସେହି ଅବସ୍ଥାରେ ତାଙ୍କୁ ଧରି ଭୋଜନରେ ବସାଇ ଦିଆଗଲା । ମାତ୍ର ଦୁଇ ଏକ ଗ୍ରାସ ମୁହଁରେ ଦେଲେ, ଦେଖାଗଲା ଯେ ସେ ଆଉ ଭୋଜନ କରି ପାରୁନାହାନ୍ତି । ଏଣୁ ପରିପୂର୍ଣ୍ଣ ବାହ୍ୟଦଶା ହୋଇ ନାହିଁ ଏହି ଅନୁମାନ କରି ତାଙ୍କୁ ଶୟନ କରାଇ ଦିଆଗଲା । କିଛି ସମୟ ପରେ ମୋତେ ସାଙ୍ଗରେ ନେଇ ପ୍ରଫୁଲ୍ଲଦାଙ୍କ ଘରକୁ ପ୍ରତ୍ୟାବର୍ତ୍ତନ କଲେ ।

ଶାକ୍ୟସିଂହଙ୍କର ଫେରିକାର୍ଯ୍ୟ

୧୮।୨।୨୦ ତାରିଖର ଘଟଣା । କଲିକତାର ହରାତକୀବାଗାନ ଲେନ୍‌ରେ ରହୁଥିବା

ସମୟରେ ଶ୍ରୀଶ୍ରୀଠାକୁର ଶ୍ରୀଯୁକ୍ତ ଶାକ୍ୟସିଂହ ସେନ୍ ବି.ଏ.ଙ୍କୁ କହିଲେ—''ଯେମିତି ଫେରିବାଲା ତାକି ତାକି ଯାଉଛି 'ଜୟନଗରେର ମୋଓୟା ଗ୍ରାଇ' 'ଜୟନଗରେର ମୋଓୟା ଗ୍ରାଇ' ବୋଲି ସେମିତି ପରିବା ଫେରିକରି ବିକି ଯାହା ଲାଭ ହେବ ସେଇ ପଇସାରେ ମୋତେ ପାୟସ ରାନ୍ଧି ଖୁଆନ୍ତୁ ତ ଶାକ୍ୟଦା।'' ତପରଓଡ଼ି ଶାକ୍ୟଦା ହାଟକୁ ଯାଇ ଗ୍ରାରୋଟି ବନ୍ଧାକୋବି କିଣି ଟୋକେଇରେ ତାକୁ ମୁଣ୍ଡାଇ ଫେରିବାଲାଙ୍କ ପରି ବିକି ଅଣାଏ ପଇସା ଲାଭ କଲେ। ତା'ପରଦିନ ସେଇ ଅଣାକ ପଇସାରେ କିଛି ପାୟସ ତିଆରି କରାହେଲା। ଶ୍ରୀଶ୍ରୀଠାକୁର ତାହା ଭୋଜନ କଲେ। ଏହି ଘଟଣା ପଛରେ ନିଶ୍ଚୟ କିଛି ଉଦ୍ଦେଶ୍ୟ ବା ରହସ୍ୟ ଥିଲା କେହି କିନ୍ତୁ ବୁଝିପାରିଲେନି ତାହା।

ମସ୍ତକରେ ରୌପ୍ୟ-ପାଦୁକା ଧାରଣ

୧୯୨୦ ମସିହାର କଥା। କଲିକତାର କୌଣସି ଜଣେ ବିଖ୍ୟାତ ବାରିଷ୍ଟର ମହୋଦୟଙ୍କର ପତ୍ନୀ ଗ୍ରାନ୍ଦିରେ ହଳେ କଠତ ତିଆରି କରାଇ ଶ୍ରୀଶ୍ରୀଠାକୁରଙ୍କୁ ବ୍ୟବହାର କରିବାକୁ ଦେଇଥିଲେ। ସେହି କଠତର ତଳଭାଗରେ ସେହି ପରିବାରର ଅନେକ ସ୍ତ୍ରୀ ପୁରୁଷଙ୍କ ନାମ ଲେଖା ହୋଇଥିଲା। ଶ୍ରୀଶ୍ରୀଠାକୁର ତାହା ଗୋଡ଼ରେ ନ ମାଡ଼ି ମୁଣ୍ଡରେ ଛୁଆଁଇଲେ। ପରେ ସେହି ମା ଓ ଆଉ ଅନେକେ ଅନୁରୋଧ କରି କହିଲେ ଥରେ ମାତ୍ର କଠତ ପାଦରେ ନ ମାଡ଼ିଲେ ସମସ୍ତଙ୍କ ମନ କଷ୍ଟ ହେବ। ତେଣୁ ଶ୍ରୀଶ୍ରୀଠାକୁର ତାହା ଥରେ ମାତ୍ର ପାଦରେ ଲଗାଇ ଆଉ ବ୍ୟବହାର କରିଲେ ନାହିଁ। ସେ କଠତ ଗ୍ରହଣ କରିବାକୁ ଅସମ୍ମତ ହୋଇଥିଲେ। ପରେ ଉକ୍ତ ମା ଓ ଅନ୍ୟମାନଙ୍କ ଅନୁରୋଧରେ ସେହି କଠତ ହଳକ ଶ୍ରୀଶ୍ରୀଠାକୁରଙ୍କ ଆଶ୍ରମରେ ରହିଲା।

ପାଦୁକା ପ୍ରଦାନ

୧୯୧୭ ମସିହାର କଥା। କୁଷ୍ଟିୟାର ଶ୍ରୀଯୁକ୍ତ ଡାକ୍ତର ସତ୍ୟଚରଣ ଦତ୍ତଙ୍କୁ କହିଲେ— ''ତୁମ ପକେଟରେ ଟଙ୍କା ଅଛି କି ?'' ସେ କହିଲେ ''ଅଛି।'' ଶ୍ରୀଶ୍ରୀଠାକୁର ସଙ୍ଗେ ସଙ୍ଗେ ସତ୍ୟବାବୁଙ୍କୁ କହିଲେ—''ମୋତେ ହଳେ ଜୋତା କିଣି ଦିଅନ୍ତୁ ତ।'' ସତ୍ୟବାବୁ ସଙ୍ଗେ ସଙ୍ଗେ ହଳେ ଜୋତା କିଣି ଆଣିଲେ। ତାଙ୍କ ପାଦରେ ନୂଆଯୋତା ଥିଲେ ମଧ୍ୟ ସେ ତାହା ଓହ୍ଲାଇ ସତ୍ୟବାବୁଙ୍କୁ ପ୍ରଦାନ କଲେ ଏବଂ ସତ୍ୟବାବୁଙ୍କ ପ୍ରଦତ୍ତ ପାଦୁକା ନିଜେ ଗ୍ରହଣ କଲେ। ସତ୍ୟବାବୁ ଉକ୍ତ ପାଦୁକାକୁ ନେଇ ସଯତ୍ନରେ ତାଙ୍କ ଗୃହରେ ସିଂହାସନରେ ସ୍ଥାପନକଲେ। ସେହିଦିନୁ ତାଙ୍କର ବିଶେଷ ମଙ୍ଗଳ ହୋଇଛି।

ଶ୍ରାଦ୍ଧର ଆବଶ୍ୟକତା

ସନ ୧୩୨୬ ସାଲର (୧୯୧୯ ମସିହା) ୧୬ ମାଘର କଥା। କଲିକତା ଶୁଁଡ଼ୋର ଶ୍ରୀଯୁକ୍ତ କ୍ଷେତ୍ରନାଥ ବସୁ ବି.ଏ, ବି.ଏଲ୍, ମହାଶୟଙ୍କ ଘରକୁ ଶ୍ରୀଶ୍ରୀଠାକୁର ଶୁଭାଗମନ କରିଥାଆନ୍ତି। ଆମେ ଅନେକେ ସାଙ୍ଗରେ ଥିଲୁ। ଶଙ୍ଖଧ୍ୱନି ସହକାରେ କୁଳଲଳନା ଓ ଭଦ୍ରମହୋଦୟଗଣ ତାଙ୍କର ଅଭ୍ୟର୍ଥନା କରିଥିଲେ। ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପାଲ-ମହାଶୟଙ୍କ ଗୃହରେ ଡାକ୍ତର ଶ୍ରୀଯୁକ୍ତ ଶଶୀଭୂଷଣ ମିତ୍ର ଏଲ୍.ଏମ୍.ଏସ୍, ମହାଶୟ (ନ୍ୟାସନାଲ ମେଡ଼ିକାଲ ସ୍କୁଲ ଭୂତପୂର୍ବ ଅଧ୍ୟାପକ)ଙ୍କ ସଙ୍ଗେ

ଶ୍ରୀଶ୍ରୀଠାକୁରଙ୍କର ସାକ୍ଷାତ୍ ଆଳାପ ଓ ପରିଚୟ ହେଲା, ଶଶୀବାବୁ ଶ୍ରୀଶ୍ରୀଠାକୁରଙ୍କ ଡାକ୍ତରୀ ପଢ଼ା ସମୟରେ ଶିକ୍ଷକ ଥିଲେ। ପରେ ପୁଣି ସେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣାଶ୍ରୟ ଗ୍ରହଣ କଲେ। ଶ୍ରୀଯୁକ୍ତ ଯତୀନ୍ଦ୍ରନାଥ ବସୁ-ମହୋଦୟଙ୍କ ଗୃହକୁ ମଧ୍ୟ ଶୁଭାଗମନ ହୋଇଥିଲା।

ରାତିରେ କ୍ଷେତ୍ରଦାଙ୍କ ଗୃହରେ ବହୁ ଭକ୍ତଙ୍କ ସହିତ ସେ ବହୁ ସମୟ ଅତିବାହିତ କରିଥିଲେ। ଜଣେ ଭଦ୍ରଲୋକ ପ୍ରଶ୍ନ କରିଥିଲେ ଯେ ମୃତ ବ୍ୟକ୍ତିର ଶ୍ରାଦ୍ଧର କୌଣସି ପ୍ରୟୋଜନୀୟତା ଅଛି କି ନାହିଁ। ଉତ୍ତରରେ ଶ୍ରୀଶ୍ରୀଠାକୁର କହିଥିଲେ—''ତାହା ମୃତ ବ୍ୟକ୍ତିର ଆତ୍ମା ଉପରେ ନିର୍ଭର କରେ। ସେ ଯଦି ଶ୍ରାଦ୍ଧର ଆବଶ୍ୟକତାବୋଧର ଭାବ ନେଇ ପଞ୍ଚତ୍ୱ ପ୍ରାପ୍ତ ହୋଇଥାଏ ତେବେ ତାର ଶ୍ରାଦ୍ଧ କରାଯିବା ଖୁବ୍ ଉଚିତ। ଆଉ ପୂର୍ବରୁ ଯଦି ମୃତ ଆତ୍ମାର ଏ ଭାବ ଥାଏ ଯେ ଶ୍ରାଦ୍ଧର କୌଣସି ଆବଶ୍ୟକତା ନାହିଁ ତେବେ ସେ କ୍ଷେତ୍ରରେ ଶ୍ରାଦ୍ଧ ନ କଲେ ଚଳିପାରେ। ଶ୍ରାଦ୍ଧର ଯେ ଆବଶ୍ୟକତା ନାହିଁ ଏକଥା କୁହାଯାଇ ପାରିବ ନାହିଁ।'' ତତ୍‌ପରେ ସେଠାରେ ଭୋଜନାଦି ପୂର୍ବକ ଶ୍ରୀଶ୍ରୀଠାକୁର ଭକ୍ତଗଣଙ୍କ ସହ ରାତିରେ ହିଁ କଲିକତା ପ୍ରତ୍ୟାବର୍ତ୍ତନ କଲେ।

ଅଳ୍ପ ଖାଦ୍ୟରେ ବହୁ ବ୍ୟକ୍ତିଙ୍କର ଭୋଜନ

ପାବନା ମାଝିପଡ଼ା ନିବାସୀ କୋକନଚନ୍ଦ୍ର ଦାସ ପ୍ରଭୃତି ଶ୍ରୀଶ୍ରୀଠାକୁରଙ୍କ କେତେକ ଭକ୍ତ ଦିନେ ହଠାତ୍ କୁଷ୍ଟିୟାର ପ୍ରଫୁଲ୍ଲବାବୁଙ୍କ ଗୃହରେ ଆସି ଉପସ୍ଥିତ ହେଲେ। ସେତେବେଳକୁ ଖାଇବା ପିଇବା ସରିଗଲାଣି। ମାତ୍ର ଜଣେ ଦୁଇଜଣଙ୍କ ଉପଯୁକ୍ତ ଅନ୍ନାଦି ଅଛି। କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ସେଥିରେ ପାଞ୍ଚ ଛ'ଜଣ ପେଟ ପୂରାଇ ଖାଇଲେ।

ସନ ୧୩୨୭ ସାଲର (୧୯୨୦ ମସିହା) ବୈଶାଖ ମାସର ଗୋଟିଏ ରାତିର ଘଟଣା। ସତ୍‌ସଙ୍ଗବାଟୀ ଯଶୋହର କାଳୀଗଞ୍ଜର କେତେଜଣ ଭକ୍ତ ଆସି ମୋ ଗୃହରେ ପହଞ୍ଚିଲେ। ଆମ ଘରେ ସମସ୍ତଙ୍କର ଭୋଜନ ସରିଯାଇଛି। କେବଳ ଦୁଇଜଣ ଖାଇବା ଭଳି ଖାଦ୍ୟ ଅଛି। ସ୍ଥିର ହେଲା ଯେ ଦି'ଜଣ ଆମ ଘରେ ଖାଇବେ ଓ ଅନ୍ୟ ଗ୍ରାରିଜଣ ପଡ଼ିଶା ରାମକୃଷ୍ଣ ପ୍ରାମାଣିକଙ୍କ ଘରେ ଖାଇବେ। କେତେଜଣ କହିଲେ— ''ଏଇଠି ଯାହା ଅଛି ଅଳ୍ପ ଅଳ୍ପ କରି ସମସ୍ତେ ଖାଇଦେବା।'' ତଦନୁସାରେ ସମସ୍ତଙ୍କୁ ଭୋଜନରେ ବସାଇ ଦିଆଗଲା। ଶ୍ରୀଶ୍ରୀଠାକୁରଙ୍କ ନାମ କରୁ କରୁ ଦେଖାଗଲା ଯେ ସେ ଛଅଜଣ ପେଟପୂରା ଖାଇ ସାରିଲା ପରେ ମଧ୍ୟ ପୁଣି ଦୁଇଜଣଙ୍କର ଖାଦ୍ୟ ପୂର୍ବେ ଯେପରି ଥିଲା ସେହିପରି ରହିଛି। ଉପସ୍ଥିତ ସମସ୍ତେ ଏହି ଘଟଣା ଦେଖି ଆନନ୍ଦିତ ଓ ଧନ୍ୟ ହେଲେ।

ଭକ୍ତର ବୋଝ ବହନ କରିବା ଓ ସଂସାରରେ ଥାଇ ଧର୍ମ କାର୍ଯ୍ୟ

ଦିନେ ରାତୁଲପଡ଼ା ଗ୍ରାମକୁ ମୁଁ ଶ୍ରୀଶ୍ରୀଠାକୁରଙ୍କ ସହିତ ଯାଇଥାଏ। ଶ୍ରୀଯୁକ୍ତ ଯୋଗେନ୍ଦ୍ରନାଥ ସରକାର ଏମ୍.ଏ,ବି.ଏଲ୍. ମହାଶୟ ଖଣ୍ଡିଏ ଲୁଗାରେ ବନ୍ଧା ହୋଇଥିବା କେତୋଟି ଆମ୍ବ ସେହି ଗ୍ରାମର କୌଣସି ଏକ ଘରେ ଦେବାପାଇଁ ଆମ ନିକଟକୁ ଦେବାକୁ ଯାଇଥିଲେ। ଶ୍ରୀଶ୍ରୀଠାକୁର ଯୋଗେନଦା'ଙ୍କ ହାତରୁ ସେହି ଆମ୍ବଗୁଡ଼ିକ ଆଣି ନିଜେ ଧରି ଗ୍ରାଲିଲେ।

ରାସ୍ତାରେ ଯାଉଁ ଯାଉଁ ମୁଁ ଶ୍ରୀଶ୍ରୀଠାକୁରଙ୍କୁ କହିଲି—''ଆଜ୍ଞା ଆମ୍ବପୁଡ଼ାଟି ମୋତେ ଦିଅନ୍ତୁ ନା ମୁଁ କିଛି ବାଟ ନେଇ ଯାଏ, ପରେ ପୁଣି ଆପଣ ନେବେ।'' ସେ ମୋତେ ଆମ୍ବ ପୁଡ଼ିଆଟି ଦେଇଦେଲେ। ରାସ୍ତାଟା ବଡ଼ କାଦୁଆ ଓ ଖସଡ଼ା ହୋଇଥାଏ। ଚପଲ ଦୁଇଟି ଗୋଟିଏ ହାତରେ ଧରିଲି, କୁଞ୍ଚକୁ

ଗୋଟିଏ ହାତରେ ଧରି ଆମ୍ବ ପୁଡ଼ାଟି ମୁଣ୍ଡ ଉପରେ ରଖି ଅତି ସାବଧାନରେ ଗୁଲିଲି। ଶ୍ରୀଶ୍ରୀଠାକୁର କହିଲେ, ''ଏଇ ଆମ୍ବପୁଡ଼ାଟି ଯେପରି ଧରିଛ ଏବଂ ଜୋତା ଓ ଲୁଗାକୁ ସମ୍ଭାଳି ଯେପରି ସାବଧାନରେ ବାଟ ଗୁଲୁଛ ସେହିପରି ସଂସାରରେ ଥାଇ ସବୁ କାମ ଠିକ୍ ଠିକ୍ କରିପାରିଲେ ଧର୍ମ କାର୍ଯ୍ୟ ଖୋଳଅଣା ହୋଇଥାଏ– ମନେ ରଖିବେ ନିଶ୍ଚୟ।''

ଚକ୍ରତୀର୍ଥକୁ ଗମନ

ସନ ୧୩୨୪ ସାଲ (୧୯୧୭ ମସିହା) ପୌଷମାସରେ ଶ୍ରୀଶ୍ରୀଠାକୁର ତାଙ୍କର ପାର୍ଷଦ ତଥା ବହୁ ଭକ୍ତଙ୍କ ସହ ଆମେ ସବୁ ଜୟନଗର ମଜିଲପୁରର ବିରାଜଦାଙ୍କ ଘରକୁ ଯାଇବୁ। ଡିସେମ୍ବର ୨୮ ତାରିଖ ସକାଳୁ କେହି କେହି କହିଲେ– ''ଚକ୍ରତୀର୍ଥ ଏଠାରୁ ମାତ୍ର ସାତ ମାଇଲ, ଯାଇ ବୁଲିଆସିଲେ ହୁଅନ୍ତା।'' ଏଇଟି କିନ୍ତୁ ପୁଣ୍ୟଧାମର ସେ ଚକ୍ରତୀର୍ଥ ନୁହେଁ। ଶ୍ରୀଗୌରାଙ୍ଗ ମହାପ୍ରଭୁ ନୀଳାଚଳ ଯାତ୍ରା ସମୟରେ ଥରେ ଏହି ବାଟ ଦେଇ ଯାଇଥିଲେ। ସ୍ଥାନଟିକୁ ଚକ୍ରତୀର୍ଥ କୁହାଯାଏ। ଶ୍ରୀଶ୍ରୀଠାକୁର ସାଙ୍ଗୋପାଙ୍ଗପାର୍ଷଦାଦିଙ୍କ ସହ ଡକ୍କା ନିନାଦ ପ୍ରକମ୍ପିତ କରି ହରିନାମ କୀର୍ତ୍ତନ ପୂର୍ବକ ନୃତ୍ୟ କରି କରି ଚକ୍ରତୀର୍ଥ ଅଭିମୁଖେ ଗୁଲିଲେ। ଆହା ! ସେ ସମୟରେ ସେ ଦୃଶ୍ୟ ଯିଏ ଦେଖିଛି ସେ ଜାଣେ। ପ୍ରେମରେ ଢଳ ଢଳ, ଭାବରେ ମତୁଆଲା, ସାମନାରେ ଯାହାକୁ ପାଉଛନ୍ତି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ତାକୁ ଆଲିଙ୍ଗନ କରୁଛନ୍ତି।

ଏହିପରି ନୃତ୍ୟ କୀର୍ତ୍ତନ କରି କରି ମୁହୂର୍ତ୍ତେ ବିଶ୍ରାମ ନ କରି ସେହି ସାତ ମାଇଲ ରାସ୍ତା ଅତିକ୍ରମ କରି ଚକ୍ରତୀର୍ଥରେ ଉପସ୍ଥିତ ହେଲେ। ସେଠାରେ ତାଙ୍କର ସମାଧି ଅବସ୍ଥା ହୋଇଥିଲା। କିଛି ସମୟ ବିଶ୍ରାମ କରି ଜଳଯୋଗ ପରେ ପୁଣି ନୃତ୍ୟ କୀର୍ତ୍ତନ କରି କରି ସମସ୍ତଙ୍କ ସଙ୍ଗେ ମଜିଲପୁର ଫେରି ଆସିଲେ। କାଳେ କ୍ଲାନ୍ତ ହୋଇପଡିବେ ସେଥିପାଇଁ ପାଲିଙ୍କି ଅଣାଯାଇଥିଲା। ସେ କିନ୍ତୁ ପାଲିଙ୍କିରେ ଆସିଲେ ନାହିଁ। ମଜିଲପୁର ଆସି ଦେଖାଗଲା ଯେ କେହି ଟିକିଏ ବି କ୍ଲାନ୍ତ ହୋଇନାହାଁନ୍ତି, କି କାହାରି ପାଦରେ କିଛି କଷ୍ଟ ହୋଇନାହିଁ। କେବଳ ତାଙ୍କରି ପାଦ ତଳିପାରେ ଦୁଇଟି ରକ୍ତପୂର୍ଣ୍ଣ ଫୋଟକା ହୋଇଯାଇଛି। ତାହା ଦେଖି କିଶୋରୀମୋହନ କହିଲେ– ''ଏଥିପାଇଁ କାହାରି କିଛି କଷ୍ଟ ହୋଇନାହିଁ କାରଣ ସମସ୍ତଙ୍କର କଷ୍ଟ ସେ ନିଜେ ଗ୍ରହଣ କରିଛନ୍ତି।'' ପରେ କୃଷ୍ଣଚନ୍ଦ୍ର ରାୟଚୌଧୁରୀ ତାଙ୍କରି ଆଦେଶରେ ତାଙ୍କ ପାଦରୁ ସେହି ଜଳୀୟ ରକ୍ତବାହାର କରିଦେଲାପରେ ତାହା ଭଲ ହୋଇ ଯାଇଥିଲା। ବିରାଜଦାଙ୍କ ଘରେ ସଦଳବଳେ ପ୍ରାୟ ଏକ ସପ୍ତାହ ଅବସ୍ଥାନ କରାଯାଇଥିଲା। ପ୍ରତ୍ୟେକ ଦିନ କୀର୍ତ୍ତନ ହେଉଥିଲା। ସବୁଦିନେ ଯେପରି ମହୋତ୍ସବ ଲାଗିଥାଏ। ପ୍ରତ୍ୟାବର୍ତ୍ତନ ଦିନ ଜୟନଗର ଘାଟରେ ଯେପରି ବିଜୟାଦଶମୀ ପରି କାଣ୍ଡ। ଲୋକାରଣ୍ୟ ହୋଇ ଉଠିଥିଲା ସ୍ଥାନଟି। ଅନେକ ପୁରୁଷ ରମଣୀ ଅଶ୍ରୁ ବିସର୍ଜ୍ଜନ କରୁଥିଲେ।

ବ୍ରହ୍ମା, ବିଷ୍ଣୁ ଓ ଶିବ

କଲିକତାର ଭକ୍ତମାନଙ୍କ ସଙ୍ଗେ ଶ୍ରୀଶ୍ରୀଠାକୁର କଥା ହେଉଥିଲେ। ଜଣେ ପ୍ରଶ୍ନକଲେ– ''ବ୍ରହ୍ମା, ବିଷ୍ଣୁ ଓ ଶିବ ଏହି ତିନୋଟି **(term)**ଶବ୍ଦର ଅର୍ଥ କ'ଣ ?''

ଶ୍ରୀଶ୍ରୀଠାକୁର କହିଲେ– ''ଦେଖନ୍ତୁ ଦାଦା, ବ୍ରହ୍ମା, ବିଷ୍ଣୁ ଓ ଶିବ ବୋଲି ନିର୍ଦ୍ଦିଷ୍ଟ କିଛି ନାହିଁ। ଏହି ତିନୋଟି ହେଉଛି ତିନୋଟି **power** (ଶକ୍ତି), ଗୋଟିଏ ସୃଷ୍ଟି କରେ (ବ୍ରହ୍ମା), ଗୋଟିଏ **regulator** (ପାଳନକର୍ତ୍ତା) ବିଷ୍ଣୁ ଏବଂ ଅନ୍ୟଟି ସଂହାର-କର୍ତ୍ତା ଶିବ। ଏହି ତିନୋଟି **in a circle** (ବୃତ୍ତାକାରରେ) ଗୁଲିଛି।

ପ୍ରଶ୍ନ–ପ୍ରଳୟ କଥାର ଅର୍ଥ କ'ଣ ?

ଉତ୍ତର– ପ୍ରଳୟ ଅର୍ଥ ଅବସାଦ, **change** (ପରିବର୍ତ୍ତନ)। ସୃଷ୍ଟି କ୍ରମପରିବର୍ତ୍ତନଶୀଳ। ଜଗତ ଗୋଟିଏ ଭାବରେ ଗୁଲୁ ଗୁଲୁ ତା'ର ଯେତେବେଳେ ଅବସାଦ ଆସିଯାଏ ତାକୁହିଁ ପ୍ରଳୟ କୁହାଯାଏ। ଅର୍ଥାତ୍ ସେତିକିବେଳେ ଜଗତ ନୂଆ କିଛି ଗୁହେଁ।

ଅବତାରଗଣଙ୍କ କଥା

ସେତେବେଳେ ଯେଉଁ ମହାପୁରୁଷ ସେହି ନୂତନ କଥା ଜଗତରେ ଘୋଷଣା କରନ୍ତି ତାକୁହିଁ ଆମେ ସେତେବେଳେ ଅବତାର କହିଥାଉ। ଏଇ ଯେ ଗୀତାରେ ଗୋଟିଏ କଥା ଅଛି ''ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।'' ସେଥିପାଇଁ ନୂତନତ୍ୱର ଘୋଷଣା ପାଇଁ ଅବତାର ଜନ୍ମଗ୍ରହଣ କରନ୍ତି।

ପ୍ରଶ୍ନ-- ସବୁ ଅବତାର ସମାନ **powerful** (ଶକ୍ତିସମ୍ପନ୍ନ) ହୁଅନ୍ତି ନାହିଁ କାହିଁକି ?

ଉତ୍ତର--ଅବତାରଙ୍କ ଭିତରେ ପୁଣି ପ୍ରଭେଦ ଅଛି। କେହି କେହି ଜଗତରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିଥାନ୍ତି। କାରଣ ଜଗତ ପକ୍ଷରେ ସେତେବେଳେ ସେହିଭଳି ପ୍ରୟୋଜନ ଥାଏ। ଯେପରି ଶ୍ରୀକୃଷ୍ଣ। ପୁଣି ଜଣେ ଜଣେ ସେମାନଙ୍କର ପ୍ରଗ୍ରିତ ମତ-ସବୁକୁ **regulate** (ସୁନିୟନ୍ତ୍ରିତ) କରିବା ପାଇଁ ଆସିଥାନ୍ତି। ଯଦ୍ଦ୍ୱାରା ତାହା ଯେପରି ସମ୍ପୂର୍ଣ୍ଣ ବିସ୍ଫୁଟ ହୋଇନଯାଏ।

ପ୍ରଶ୍ନ– ତା'ହେଲେ ପ୍ରତ୍ୟେକ ଅବତାର କ'ଣ ପୃଥକ୍ ?

ଶ୍ରୀରାମକୃଷ୍ଣଦେବଙ୍କ କଥା

ଉତ୍ତର– ନା ! ତେବେ ପରେ ଯିଏ ଆସନ୍ତି ପୂର୍ବବର୍ତ୍ତୀ ତାଙ୍କ ଭିତରେ **include** (ଅନ୍ତର୍ବର୍ତ୍ତୀ) ଥା'ନ୍ତି। ଯେପରି ଶ୍ରୀରାମକୃଷ୍ଣ। କିନ୍ତୁ ଶ୍ରୀରାମକୃଷ୍ଣ ଓ ଶ୍ରୀଗୌରାଙ୍ଗ ତାଙ୍କ ଭିତରେ **included** (ଅନ୍ତର୍ବର୍ତ୍ତୀ)।

ଅପରର ରୋଗ ନିଜ ଶରୀରରେ ଗ୍ରହଣ

ଆମ ଘରକୁ ଶ୍ରୀଶ୍ରୀଠାକୁର ଓ ଶ୍ରୀଳ ସତୀଶଚନ୍ଦ୍ର ଗୋସ୍ୱାମୀ ମହାଶୟ ଆସିଥାନ୍ତି। ଗୋସ୍ୱାମୀ ମହାଶୟଙ୍କ ଅଣ୍ଡା ଖୁବ୍ ବିନ୍ଧୁଥାଏ। ବସିଲେ ଉଠିବାକୁ କଷ୍ଟହୁଏ, ପୁଣି ଉଠିଲେ ବସି ହୁଏ ନାହିଁ। ଶ୍ରୀଶ୍ରୀଠାକୁର ପଗ୍ଧରିଲେ, ''ସତୀଶ ଦା, ଆପଣଙ୍କର କ'ଣ ହୋଇଛି।'' ସତୀଶଦା ଶ୍ରୀଶ୍ରୀଠାକୁରଙ୍କର ପାଦଦୁଇଟି ଦୁଇହାତରେ ଧରି କହିଲେ– ''ଆଜ୍ଞା, ଆପଣ ଆଉ ସେ କଥା ପଗ୍ଧରିବେ ନାହିଁ।'' ସତୀଶଦା ଏପରି କହିବାର ତାତ୍ପର୍ଯ୍ୟ ହେଉଛି, ସେ ଭଲଭାବରେ ଜାଣନ୍ତି ଯେ ଶ୍ରୀଶ୍ରୀଠାକୁର ଅନେକ ସମୟରେ ଅପରର ରୋଗ ନିଜେ ଗ୍ରହଣ କରନ୍ତି। ସେଇଥିପାଇଁ ସେ ତାଙ୍କର ଏହି ପାଟାର କଥା ଶ୍ରୀଶ୍ରୀଠାକୁରଙ୍କୁ ଜଣାଇବାକୁ ଗ୍ୱିନଥିଲେ। ତାପରେ ସେମାନେ ଦୟାପୂର୍ବକ କିଛି ଜଳଯୋଗ କରିବାକୁ ବସିଲେ। ଉଠିଲାବେଳେ ଗୋସ୍ୱାମୀଙ୍କର କିଛି କଷ୍ଟ ହୋଇନାହିଁ। ସେ ସହଜରେ ଉଠି

ପଡ଼ିଲେ । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କର ଅଣ୍ଡାରେ ଏପରି କଷ୍ଟ ହେଲା ଯେ ସେ ବସିଲାଠାରୁ ଉଠିପାରିଲେ ନାହିଁ । ଗୋସ୍ୱାମୀ ମହାଶୟ କହିଲେ– ''ମୁଁ ସେତେବେଳେ କହୁଛି ଯେ ମୋ ପାଡ଼ା କଥା ଆପଣଙ୍କର ଶୁଣିବାଦରକାର ନାହିଁ । ଏଇ ଦେଖନ୍ତୁ ବର୍ତ୍ତମାନ ମୋର କଷ୍ଟ ଭଲ ହୋଇ ଆପଣଙ୍କୁ ଧରିଲା ।'' ସେ ଇଚ୍ଛା ନ କଲେ ମଧ୍ୟ ଅନେକ ସମୟରେ ମନୋଯୋଗ ଆକୃଷ୍ଟ ହୋଇ ଏହିପରି ଅପରର ରୋଗଯନ୍ତ୍ରଣା ତାଙ୍କ ଦେହରେ ପ୍ରକାଶ ପାଇବାର ଦେଖାଯାଏ ।

ସନ ୧୩୨୭ ସାଲ (୧୯୨୦ ମସିହା) ବୈଶାଖ ମାସର କଥା । ଦିନେ ସତ୍‌ସଙ୍ଗବାଟୀରେ ପହଞ୍ଚି ଦେଖିଲି ଯେ ପ୍ରତିଦିନ ଅପରାହ୍ନରେ ଶ୍ରୀଶ୍ରୀଠାକୁରଙ୍କୁ ଅଳ୍ପ ଅଳ୍ପ ଜ୍ୱର ହେଉଛି । ପ୍ରାୟ ମାସେକାଳ ଚିକିତ୍ସିତ ହେଲେ ମଧ୍ୟ ଜ୍ୱର ଛାଡୁ ନାହିଁ । ମୁଁ ପଗ୍ଭରିଲି–''ଏ କ'ଣ ହେଲା ?'' ସେ କହିଲେ– ''ମୋର **consumption** (କ୍ଷୟରୋଗ) ହୋଇଛି ।'' ମୁଁ କହିଲି– ''ସେ ରୋଗ ତ ଆପଣଙ୍କ ଶତ୍ରୁରେ ହୋଇପାରେନା । ନାମମାତ୍ର ଦେହରେ ରୋଗର ଜୀବାଣୁ ଧ୍ୱଂସ ହୋଇଯାଏ ଯେ ।'' ସେ କହିଲେ– ''ଜଣକୁ ଏହି ରୋଗ ହୋଇଥିଲା । ସେ ପ୍ରାର୍ଥନା କଲା ତୁମେ ମୋର ଏ ରୋଗ ନେଇ ଯାଅ, ମୁଁ ସହ୍ୟ କରିପାରୁ ନାହିଁ, ତୁମେ ପାରିବ । ଏହା କହି ପ୍ରାର୍ଥନା ଓ ଧ୍ୟାନ କରେ । ସେଇଥିପାଇଁ ଏହିପରି ହେଲା ।'' ସେହି ରୋଗରେ ସେ ପ୍ରାୟ ଦୁଇମାସ କଷ୍ଟ ଭୋଗକରି କଲିକତା, କସିୟାଂ ପ୍ରଭୃତି ସ୍ଥାନକୁ ଯାଇ ବାୟୁ ପରିବର୍ତ୍ତନ କରି ବଡ଼ ବଡ଼ ଡାକ୍ତର କବିରାଜଙ୍କ ଦ୍ୱାରା ଚିକିତ୍ସିତ ହୋଇ ବର୍ଷାଦିନରେ କୁଷ୍ଟିୟାରେ ରହି ମଧ୍ୟ ଆରୋଗ୍ୟ ଲାଭ କରିପାରିଲେ ନାହିଁ । ଶେଷରେ ସତ୍‌ସଙ୍ଗବାଟୀକୁ ଆସି ନିଜର ବ୍ୟବସ୍ଥା ମତେ ଓ ମହାରାଜଙ୍କ ଔଷଧରେ ଆରୋଗ୍ୟ ଲାଭକଲେ ।

କଟକରେ ରହୁଥିବା ଜଣେ ଭଦ୍ରମହିଳାଙ୍କର ଗୋଟିଏ ସନ୍ତାନ ରକ୍ତ ଆମାଶୟ ରୋଗରେ ଅତିଶୟ କଷ୍ଟ ପାଉଥିଲା । ଭଦ୍ରମହିଳା ଆକୁଳ ଭାବରେ ପ୍ରାର୍ଥନା କରୁଥିଲେ, ''ଠାକୁର ଦୟାକରି ଏହାକୁ ରୋଗମୁକ୍ତ କରିଦିଅ ।'' ପତ୍ର ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଦେଇଥିଲେ । ସେହି ସମୟରେ ମୁଁ ସତ୍‌ସଙ୍ଗବାଟୀରେ **ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଥିଲି । ଶ୍ରୀଶ୍ରୀଠାକୁରଙ୍କର ରକ୍ତ ଆମାଶୟ ଆରମ୍ଭ ହେଲା ।** ପଗ୍ଭରିଲି, '' ଏ ପୁଣି କଣ ହେଲା ?'' ସେ କହିଲେ– ''କଟକରେ ...ବଡ଼ ଆକୁଳ ଭାବରେ ପ୍ରାର୍ଥନା କରୁଛି, ବୋଧହୁଏ ସେଥିପାଇଁ ଏପରି ହେଲା ।'' ଆମେମାନେ ମଧ୍ୟ ତାହାହିଁ ଅନୁମାନ କରିଥିଲୁ । ପରେ ପତ୍ରରୁ ଜଣାଗଲା ଠିକ୍ ସେହିଦିନଠାରୁ ଉକ୍ତ ପିଲାଟି ସୁସ୍ଥ ହୋଇଯାଇଛି । ଏହିପରି ଆହୁରି ଅନେକ ଘଟଣା ପ୍ରତ୍ୟକ୍ଷୀଭୂତ ହୋଇଛି ।

ଆତ୍ମସମର୍ପଣ ବା ବକଲମା

କଥା ପ୍ରସଙ୍ଗରେ ଦିନେ ଶ୍ରୀଶ୍ରୀଠାକୁର କହିଲେ– ''ଅନେକେ କହନ୍ତି ଆଉ ସାଧନ ଭଜନ କରିପାରୁ ନାହିଁ । ଯଦି ଖଟି ଖଟି ସାଧନ ଭଜନ କରିବାକୁ ହେଲା ତେବେ ସଦ୍‌ଗୁରୁ ଲାଭ ହୋଇ ଆଉ ବେଶୀ କ'ଣ ହେଲା ? ତେବେ ସଦ୍‌ଗୁରୁଙ୍କ ପାଖକୁ ଆସି ଲାଭଟା କ'ଣ ହେଲା ? ଦେଖନ୍ତୁ ସଦ୍‌ଗୁରୁଙ୍କ ପାଖକୁ ଆସି ପ୍ରକୃତରେ ବହୁ ଲାଭ ହୋଇଛି । ବହୁ ଜନ୍ମର କାମ ଏକ ଜନ୍ମରେ ହୋଇଯାଇ ପାରିବ, ତେବେ ମୋଟେ କିଛି ନ କଲେ କିମିତି ହେବ ? ତାଙ୍କଠାରେ ଦୃଢ଼ ବିଶ୍ୱାସ ରଖି ତାଙ୍କର ଆଜ୍ଞା ପାଳନ କରିବାକୁ ହେବ ତ ! ତେବେ ସଦ୍‌ଗୁରୁ ଲାଭ କରି ବିନା ସାଧନ-ଭଜନରେ ମଧ୍ୟ ହୋଇପାରେ; କିନ୍ତୁ ତା'ହେଲେ ସେଇ ଶ୍ରୀରାମକୃଷ୍ଣ ଠାକୁରଙ୍କ କଥା–ବକଲମା ଦେବାକୁ ହେବ, ଅର୍ଥାତ୍ ସମ୍ପୂର୍ଣ୍ଣ ଭାବରେ ତାଙ୍କ ଚରଣରେ ଆତ୍ମସମର୍ପଣ କରିବାକୁ ହେବ । ସେଇଭଳି ଆତ୍ମସମର୍ପଣ କଲେ ସାଧନ-ଭଜନ ନ

କରିଲେ ମଧ୍ୟ ଚଳେ । କିନ୍ତୁ ତଦ୍ଦ୍ୱାରା ନିଜସ୍ୱ ବୋଲି ଆଉ କିଛି ରଖିପାରିବ କି ଭାବି ପାରିବ ନାହିଁ । ଯେପରି ପିଲାର ମୃତ୍ୟୁ ହୋଇଗଲେ ମଧ୍ୟ କାନ୍ଦି ପାରିବ ନାହିଁ । ଠିକ୍ ଏହିପରି ହେବାକୁ ପଡ଼ିବ ।''

ଭୟଙ୍କର ମୂର୍ତ୍ତିରେ ଦର୍ଶନ ପ୍ରାପ୍ତି

ପାବନା ନିକଟସ୍ଥ ଜଣେ ବିଶିଷ୍ଟ ଜମିଦାର ଅତ୍ୟନ୍ତ ମଦ୍ୟପାନାସକ୍ତ ଓ ପରସ୍ତ୍ରୀ ହରଣକାରୀ ଥିଲେ । ସେ କୌଣସି ଗୋଟିଏ ବିଖ୍ୟାତ ସମ୍ପ୍ରଦାୟର ଶିଷ୍ୟ । ସେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ପ୍ରଥମ-ପ୍ରଥମ ଆସିଲେ ଭୟଙ୍କର ମୂର୍ତ୍ତି ଦର୍ଶନ କରୁଥିଲେ । ଦିନେ ସେ ଭୀତ ଓ କମ୍ପାନ୍ୱିତ କଳେବରରେ ଶ୍ରୀଶ୍ରୀଜନନୀଙ୍କ ଉଦ୍ଦେଶ୍ୟରେ କହିଲେ–''ମା ରକ୍ଷାକର, ମା ରକ୍ଷାକର, ତୁମ ପୁଅ ଭୀଷଣ ମୂର୍ତ୍ତି ଧାରଣ କରି ମୋତେ ଧ୍ୱଂସକରିବାକୁ ଉଦ୍ୟତ । ପୃଥିବୀଠାରୁ ଆକାଶ ପର୍ଯ୍ୟନ୍ତ ତାଙ୍କର ଦେହ ବିସ୍ତୃତ । ସେ ଦେହରେ ଅନେକ ମୁଣ୍ଡ, ସହସ୍ର ହସ୍ତରେ ସହସ୍ର ଅସ୍ତ୍ର ଦେଖି ମୁଁ ସ୍ଥିର ହୋଇ ରହିପାରେ ନାହିଁ । ତୁମ ପାଖକୁ ଆସିଲେ ସେ ଏ ରୂପ ସମ୍ବରଣ କରନ୍ତି ।'' ଏହିପରି ଭାବରେ ସେ ଭୟରେ ପାଗଳପ୍ରାୟ ହୋଇ ଯାଇଥିଲେ ।

ଶ୍ରୀଯୁକ୍ତ ରାଧିକାନାଥ ବିଶ୍ୱାସଦାଦା ଏହି ସତ୍ୟନାମ ଗ୍ରହଣ କରିଲେ, କିନ୍ତୁ ତାଙ୍କ ସ୍ତ୍ରୀ ସ୍ୱାମୀ ଅଖଣ୍ଡାନନ୍ଦଙ୍କର ଶିଷ୍ୟା । ଏଇ ମା'ଟି ସ୍ୱାମୀଙ୍କର ଅନୁରୋଧ ସତ୍ତ୍ୱେ ବି ମହ୍ୟାହାର ପରିତ୍ୟାଗ କରିନଥିଲେ । ରାଧିକାଦା ଶ୍ରୀଶ୍ରୀଠାକୁରଙ୍କ ନିକଟରେ ମନେ ମନେ ପ୍ରାର୍ଥନା କଲେ– ''ଠାକୁର, ଦୟା କରି ମୋ ସ୍ତ୍ରୀର ମାଛ ଖାଇବା ଛଡ଼ାଇ ଦିଅ ।'' ପରଦିନ ଦ୍ୱିପ୍ରହରରେ ତାଙ୍କ ସ୍ତ୍ରୀ ରୋଷେଇଘରୁ କୌଣସି କାମରେ ଯେଉଁ ଘରେ ଶ୍ରୀଶ୍ରୀଠାକୁରଙ୍କ ଫଟୋ ଥିଲା ସେହି ଘରେ ଆସି ଉପସ୍ଥିତ ହେବାମାତ୍ରେ ଦେଖିଲେ, ଉକ୍ତ ଫଟୋମୂର୍ତ୍ତି ଜାଜ୍ୱଲ୍ୟମାନ ଓ ଜୀବନ୍ତ ହୋଇ ଉଠି ହସ୍ତରେ ଖଡ୍‌ଗ ଧାରଣ କରି ତାଙ୍କୁ କହୁଛନ୍ତି–''ତୁ ମାଛ ଖାଇବା ନ ଛାଡ଼ିଲେ ତୋତେ କାଟି ପକାଇବି ।'' ସେଥିରେ ସେ ଭୀତା ହୋଇ ଚିତ୍କାର କରୁ କରୁ ବାହାରକୁ ପଳାଇ ଆସିଲେ । ସେଠାରେ ମଧ୍ୟ ଦେଖିଲେ ସେହି ମୂର୍ତ୍ତି ତାଙ୍କୁ ଗ୍ରାସ କରିବାକୁ ଉଦ୍ୟତ । ସେହିଦିନୁ ସେ ମହ୍ୟାହାର ତ୍ୟାଗ କଲେ । (ରାଧିକାଦା'ଙ୍କ ଉକ୍ତି) ।

ବାଲ୍ୟକାଳର ଗୋଟିଏ କଥା

ପିଲାଦିନେ ଶ୍ରୀଶ୍ରୀଠାକୁର ଯେତେବେଳେ ପାବନା ଇନ୍‌ଷ୍ଟିଚ୍ୟୁସନ୍‌ରେ ଅଧ୍ୟୟନ କରୁଥିଲେ ସେତେବେଳେ ଦିନେ ଜବ୍-ଅଦାଲତ୍‌ର ସାମନାରେ ଥିବା ଫୁଲ ବଗିଘରୁ ଗୋଟିଏ ସୂର୍ଯ୍ୟମୁଖୀ ଫୁଲ ତୋଳୁଥିଲେ । ଯୋଗେନ୍ ନାମକ ଗୋଟିଏ ବାଳକ ତାଙ୍କ ହାତରୁ ଫୁଲଟି ଝିଙ୍କି ନେଇଗଲା, ସେ ପୁଣି ଯୋଗେନ୍‌ଠାରୁ ତାହା ଆଣିବାକୁ ଯିବାରୁ ଯୋଗେନ୍ ତାଙ୍କ ଗାଲରେ ଗୋଟାଏ ଜୋର୍ ଚଟକଣା ବସାଇ ଦେଲା । ସେ କିନ୍ତୁ ପ୍ରତିଶୋଧ ନ ନେଇ କହିଲେ–''ଭାଇ ମୁଁ ଯଦି ତୁମକୁ ଏହିପରି ଚଟକଣା ମାରେ ତେବେ ତୁମକୁ କେମିତି ଲାଗିବ ?'' ଏହା କହିବାରୁ ଯୋଗେନ୍ ତାଙ୍କ ପାଦଧରି କ୍ଷମା ପ୍ରାର୍ଥନା କଲେ ।

ଦକ୍ଷିଣେଶ୍ୱର ମନ୍ଦିରରେ ଅଦ୍ଭୁତ ଘଟଣା

କଲିକତାରୁ କେତେଜଣ ସାଙ୍ଗଙ୍କ ସହ ସେ ଥରେ ଦକ୍ଷିଣେଶ୍ୱର କାଳୀବାଡ଼ୀ ଦେଖିବାକୁ ଯାଇଥିଲେ । ପରମହଂସଦେବଙ୍କ ଶୟନ କକ୍ଷରେ ପହଞ୍ଚି ପ୍ରଣାମ କରିବାକୁ ଗଲେ । ବେଶ୍ ଦେଖାଗଲା ପରମହଂସଦେବ ଯେପରି ଶରୀରୀ ହୋଇ ତାଙ୍କୁ ପ୍ରତି-ପ୍ରଣାମ କରୁଛନ୍ତି । ସେ ମଧ୍ୟ ପୁଣି ପ୍ରତି-ପ୍ରଣାମ କଲେ ।

ତତ୍‌ପରେ ଶ୍ରୀଶ୍ରୀକାଳୀମାତାଙ୍କ ମନ୍ଦିରକୁ ଯାଇ କହିଲେ—"ମା, ବଡ଼ ଭୋକ ଲାଗିଲାଣି, କିଛି ଖାଇବାକୁ ଦେ।" କାଳୀମାତା କିଛି କହିଲେ ନାହିଁ। କୌଣସି ଆହାର୍ଯ୍ୟ ମଧ୍ୟ ପ୍ରଦାନ କଲେ ନାହିଁ। ତାପରେ ଅନ୍ୟତ୍ର ଯାଇ ବିଶ୍ରାମ କରୁ କରୁ ଦେଖିଲେ ଯେପରି ଶ୍ରୀଶ୍ରୀକାଳୀମାତା ପୁନଶ୍ଚ ରମଣୀ ବେଶରେ ନାନାବିଧ ମିଷ୍ଟାନ୍ନ ଦ୍ୱାରା ତାଙ୍କୁ ଆଦର କରି ଭୋଜନ କରାଇଲେ। ତାଙ୍କର କ୍ଷୁଧାତୃଷ୍ଣା ତିରୋହିତ ହୋଇଗଲା।

ଶ୍ରୀଶ୍ରୀକାଳୀମାତାଙ୍କ କର୍ତ୍ତୃକ ପ୍ରତି-ନମସ୍କାର

ଏକଦା କଲିକତାର ଠନ୍‌ଠନିୟାର କାଳୀବାଡ଼ୀନିକଟ ଦେଇ ଯାଉଁଯାଉଁ କାଳୀମାତାଙ୍କ ସମ୍ମୁଖରେ ମସ୍ତକ ଅବନତ କଲେ। ସଙ୍ଗେ ସଙ୍ଗେ ଦେଖିଲେ କାଳୀମାତା ବି ନିଜେ ମସ୍ତକ ଅବନତ କରିଛନ୍ତି। ଏହି ସମୟରେ ସେ ଏପରି ଭାବରେ ବିଭୋର ରହୁଥିଲେ ଯେ, ଯେ କୌଣସି ବିଷୟରେ ଚିନ୍ତା ଉପସ୍ଥିତ ହେବା ମାତ୍ରକେ, କେତେବେଳେ ବା ସେଇ ଚିନ୍ତା ନିରପେକ୍ଷ ଅବସ୍ଥାରେ, କେତେବେଳେ ବା ବିନା ଚିନ୍ତାରେ ନାନା ଦେବତା ଓ ଅତୀତ ମହାପୁରୁଷଗଣଙ୍କର ମୂର୍ତ୍ତି ଖୋଲା ଆଖିରେ ପ୍ରାୟ ସର୍ବଦା ତାଙ୍କର ନିକଟରେ ଦେଖିବାକୁ ପାଉଥିଲେ।

ଘେରଘଙ୍ଗେ ଘେରି କରିବାକୁ ଶ୍ରୀଶ୍ରୀଠାକୁରଙ୍କ ଗମନ

ଦିନେ ସେ ଜାଣିପାରିଲେ ଯେ ଗ୍ରାମରେ ଗୋଟିଏ ଲୋକ ଘେରି କରୁଛି। ଆର୍ଥିକ ଅଭାବ ତା'ର ଖୁବ୍ ବେଶୀ। ସଂଶୋଧନ କରିବାପାଇଁ ସେ ତାକୁ ଡାକି କହିଲେ—"ତୁମେ ଯେ ଏପରି ଏକାକୀ ଘେରି କରିବାକୁ ଯାଉଛ, ଧରାପଡ଼ିଲେ ତ ବିପଦ ଅଛି, ପୁଣି କେହି ଧରି ମାରିପାରେ ମଧ୍ୟ। ଗୋଟିଏ କାମ କର, ଆଜିଠାରୁ ଯେଉଁଦିନ ଘେରି କରିବାକୁ ଯିବ ମୋତେ ସଙ୍ଗରେ ଡାକିନେବ। ମୁଁ ତୁମ ସଙ୍ଗେ ଯିବି, କିଛି ଭୟ ନାହିଁ।" ସେ ତାକୁ ପରମ ବନ୍ଧୁ ମନେ କରି ରାତିରେ ଘେରି କରିବାକୁ ଗଲାବେଳେ ଶ୍ରୀଶ୍ରୀଠାକୁରଙ୍କୁ ଡାକିଲେ। ଶ୍ରୀଶ୍ରୀଠାକୁର ମଧ୍ୟ ତାର ଅନୁଗମନ କଲେ। କିଛି ଦୂର ଆଗେଇବା ପରେ ସେ ତାଙ୍କର ସ୍ୱଭାବସିଦ୍ଧ ପ୍ରେମମୟ ମଧୁର ବଚନରେ କହିଲେ—"ଦେଖ ତୁମେ ତ ଘେରି କରିବାକୁ ଯାଉଛ, ତୁମ ଘରେ ବର୍ତ୍ତମାନ ରକ୍ଷଣାବେକ୍ଷଣ କରିବା ଲୋକେ କେହି ନାହାଁନ୍ତି, ଘରର କବାଟ ଖୋଲା ରହିଛି। କେହି ଲୋକ ଯଦି ବର୍ତ୍ତମାନ ଘରେ ସ୍ତ୍ରୀଲୋକମାନଙ୍କ ଉପରେ ଅତ୍ୟାଗ୍ରହ କରେ କ'ଣ ହେବ ? ଆଉ ତମେ ଧରାପଡ଼ିଲେ ଜେଲ ହେବ କିମ୍ବା କେହି ମଧ୍ୟ ମାରି ଦେଇପାରେ। ଆଜିଠାରୁ ଏପରି କାମ ଆଉ କରନାହିଁ। ଏଇ ପାଞ୍ଚଟଙ୍କା ନେଇଯାଅ, ବ୍ୟବସାୟ କରି ସଂସାର ଚଳାଅ।" ସେହି ଘେର ସେହିଦିନୁ ଆଉ ଘେରି କରିନାହିଁ। ଆଉ ଏହା ମଧ୍ୟ ସେ ବିଶେଷ ଭାବରେ କାହାକୁ ଜଣାଇ ନାହାଁନ୍ତି। ଆହା ! ଏ କିଏ। ଘେରଘଡି ପୁଣି ଏହାଙ୍କର ଏତେ ଦୟା, ଯାହାଙ୍କ ପଦେ କଥାରେ ଘେର ସାଧୁ ପାଲଟେ, ଅନେକ ତ ତାକୁ ଚିହ୍ନିବାକୁ ଚେଷ୍ଟା କରିଲେ ନାହିଁ। ହାୟ ! ସେଦିନ ରାତିରେ ସେ ଘେର ସଙ୍ଗେ ଘରୁ ବାହାରି ଯାଇ କେତେବଡ଼ ଭୟାନକ ବିପଦକୁ ଆଲିଙ୍ଗନ କରିବାକୁ ତାକୁ ପ୍ରସ୍ତୁତ ହେବାକୁ ପଡ଼ି ନ ଥିଲାଟି ତାକୁ ସତ୍‌ପଥକୁ ଆଣିବାପାଇଁ।

୨୯

ନିଆଁରେ ହାତଦେଲେ ପୋଡ଼େ ନାହିଁ

ଥରେ ଶ୍ରୀଶ୍ରୀଠାକୁର ଦେଖିଲେ ଯେ, ମନର ଭାବରେ ସବୁ ହୁଏ। ନିଜର ଇଚ୍ଛାନୁସାରେ ତ ସମସ୍ତ। ନିଆଁରେ ହାତ ପୁରାଇଲେ ବି ଯଦି ଇଚ୍ଛା ନ କରାଯାଏ ତେବେ ହାତ ପୋଡ଼ିଯିବ ନାହିଁ। ଏହା

କହି ସେ ନିଆଁ ଜଳାଇ ସେଥିରେ ହାତ ପୁରାଇ ଦେଖିଲେ, ଆଙ୍ଗୁଠି ପୋଡ଼ିଗଲା ନାହିଁ କି ତାକୁ ଆଦୌ କଷ୍ଟ ମଧ୍ୟ ହେଲା ନାହିଁ। କିନ୍ତୁ ଆଉ ଥରେ ଅନ୍ୟଭାବରେ ନିଆଁରେ ଆଙ୍ଗୁଠି ଦେଇ ଦେଖିଲେ ଖୁବ୍ କଷ୍ଟ ହେଉଛି।

ଉର୍ଦ୍ଧ୍ୱ ପୁଛରେ କାହାର କଣ୍ଠସ୍ୱରରେ ଗାଈ ଧାଏଁ ?

ଦିନେ ପାବନାର କାଶୀପୁରଠାରୁ ହିମାଇତପୁର ଅଭିମୁଖେ ସେ କେତେ ଜଣ ସାଙ୍ଗଙ୍କ ସହିତ ଆସୁଥାନ୍ତି। ହଠାତ୍ ସେ ଗୀତ ଗାଇବାକୁ ଆରମ୍ଭ କଲେ। ତାଙ୍କର କଣ୍ଠସ୍ୱର ଶୁଣିବାମାତ୍ରେ ଚତୁର୍ଦ୍ଦିଗରେ ଚରୁଥିବା ଗୋରୁପଲ ଚନ୍ଧା ହୋଇଥିବା ଦୌଡ଼ିକୁ ଛିଣ୍ଡାଇ ମୁଣ୍ଡ ଓ ଶିଙ୍ଗ ହଲାଇ, ଲାଞ୍ଜଟେକି ଦ୍ରୁତବେଗରେ ନାଚି ନାଚି ତାଙ୍କ ଆଡ଼କୁ ଛୁଟିଲେ। ଅନ୍ୟମାନେ ଆଶଙ୍କା କରୁଥିଲେ କାଳେ ଗୋରୁପଲ ସେମାନଙ୍କୁ ଆକ୍ରମଣ କରିବେ। କିନ୍ତୁ ଆଶ୍‌ଚର୍ଯ୍ୟର କଥା ଗୋରୁମାନେ ତାଙ୍କ ଘୁରିପାଖରେ ନୀରବରେ କିଛି ସମୟ ଛିଡ଼ାହୋଇ ତାଙ୍କର ସୁମଧୁର କଣ୍ଠସ୍ୱର ଶ୍ରବଣ କରି ପରିତୃପ୍ତି ଓ ଆନନ୍ଦଲାଭ ପୂର୍ବକ ପୁଣି ନିଜ ନିଜ ସ୍ଥାନକୁ ଘୁଲିଯାଇଥିଲେ। ଏତେବେଳେ ଯାଇ ଦର୍ଶକମାନେ ବୁଝିପାରିଲେ ପ୍ରକୃତ ଘଟଣା କ'ଣ ? ଏହା ଗଭୀର ଚିନ୍ତାର ବିଷୟ ନୁହେଁ କି ? ମନରେ ଯାହା ହୁଏ ଭାଇ ଓ ମା'ମାନେ ବୁଝି ଦେଖନ୍ତୁ।

ବିଖ୍ୟାତ ଜ୍ୟୋତିଷୀଙ୍କ କଥା

ବର୍ଦ୍ଧମାନ ଜିଲ୍ଲାର କାଟୋୟା ଅନ୍ତର୍ଗତ ଜାମଡ଼ା ଗ୍ରାମକୁ ଜଣେ ପ୍ରସିଦ୍ଧ ପଶ୍‌ଚିମା ଜ୍ୟୋତିଷୀ ଆସିଥାନ୍ତି। ସେ ଅତୀତ ଭବିଷ୍ୟତ କଥା ଯାହା ସବୁ କହୁଥାନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ ହେଉଥାଏ। ତେଣୁ ସ୍ଥାନୀୟ ଲୋକେ ତାକୁ ଖୁବ୍ ବିଶ୍ୱାସ କରୁଥାନ୍ତି। ସେହି ଗ୍ରାମର ଜମିଦାରଙ୍କ ପୁତ୍ର ଶ୍ରୀଯୁକ୍ତ ଦୁର୍ଗାପଦ ଚୌଧୁରୀ-ମହାଶୟ ତାହାର ୨।୧ ଦିନ ପୂର୍ବେ ସତ୍‌ସଙ୍ଗବାଟୀକୁ ଆସି ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ ହୋଇ ଦୀକ୍ଷା ଗ୍ରହଣ କରି ଫେରିଥାନ୍ତି। ନିଜର ଦୀକ୍ଷା ଗ୍ରହଣ କରିବା କଥା ସେ କାହାରିକୁ କହି ନ ଥାନ୍ତି। କୌତୂହଳପୂର୍ବକ ସେ ଉକ୍ତ ଜ୍ୟୋତିଷୀଙ୍କୁ ହାତ ଦେଖାଇ କହିଲେ—ତାଙ୍କର ସଦ୍‌ଗୁରୁ ଲାଭ ହେବ କି ନାହିଁ ? ଜ୍ୟୋତିଷୀ କହିଲେ—"ଆପଣ ଅତି ଅଳ୍ପଦିନ ହେଲା ଦୀକ୍ଷା ଗ୍ରହଣ କରିଛନ୍ତି। ଯାହାଙ୍କର ଦୀକ୍ଷା ଗ୍ରହଣ କରିଛନ୍ତି ସେ ନିଜେ ସଦ୍‌ଗୁରୁ। ସେ ପୂର୍ଣ୍ଣ ଅବତାର। ତାଙ୍କୁ କେତେଜଣ ଅଂଶ ଅବତାର ଘେରି ରହିଛନ୍ତି(ପୋର୍ଷଦରୂପେ)। ଯେପରି ସୂର୍ଯ୍ୟ ଚତୁର୍ପାର୍ଶ୍ୱରେ ଗ୍ରହ ନକ୍ଷତ୍ର ପରିବେଷ୍ଟନ କରି ଥାଆନ୍ତି, ସେହିପରି ଜଗତର ସମସ୍ତ ମହାପୁରୁଷଙ୍କର ସେ ହେଉଛନ୍ତି କେନ୍ଦ୍ର-ସ୍ୱରୂପ।" ଦୁର୍ଗାପଦବାବୁ କହିଲେ— "ଯଦି ଏପରି ତେବେ ଆପଣ ସେ ମହାପୁରୁଷଙ୍କ ନିକଟକୁ ଯାଇ ନାହାଁନ୍ତି କାହିକି ?" ସେ କହିଲେ— "ମୋର ଏବେ ଯିବାର ସମୟ ହୋଇ ନାହିଁ କି ହୁକୁମ ହୋଇନାହିଁ ବୋଲି ଯାଉନାହିଁ। ସମୟ ଓ ହୁକୁମ ହେଲେ ନିଶ୍ଚୟ ଯିବି। ସେ ଦୟାକରି ମୋତେ ମଝିରେ ଦେଖାଦିଅନ୍ତି ଏବଂ ତାଙ୍କରି କୃପାରୁ ହିଁ ମୁଁ ଏସବୁ କଥା କହିବାକୁ ସମର୍ଥ ହେଲି।" ତାପରେ ଦୁର୍ଗାପଦ ବାବୁ କହୁଥିଲେ ସେ (ଜ୍ୟୋତିଷୀ) ଯାହା ଯାହା କହିଲେ ତାହା ଅବିକଳ ମିଳିଗଲା ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ। (ଚୈତ୍ରମାସ, ୧୩୨୭ ସାଲ)

ପର ମନରେ କଷ୍ଟ ଦେବାର ଫଳ

୧୩୨୮ ସାଲ ମାର୍ଗଶୀର ମାସର ଶେଷ ବୁଧବାର ପୂର୍ଣ୍ଣିମା ରାତ୍ରିରେ ସତ୍‌ସଙ୍ଗବାଟୀରେ ନାନା ପ୍ରସଙ୍ଗରେ ଆଲୋଚନା କରୁ କରୁ ଶ୍ରୀଶ୍ରୀଠାକୁର କହିଲେ— "କୌଣସି ଲୋକ ମନରେ

କୌଣସି ପ୍ରକାରେ କଷ୍ଟ ଦେବା ଉଚିତ୍ ନୁହେଁ । କାରଣ କୌଣସି ଲୋକ କୌଣସି ପ୍ରକାରେ ଯଦି ଆପଣଙ୍କଠାରୁ ଆଘାତ ବା ବ୍ୟଥା ପାଇଥାଏ ତେବେ ଆପଣଙ୍କର **misfortune** (ଦୁଃସମୟ) ରେ ଉକ୍ତ ଲୋକ ମନରେ କଷ୍ଟ ଦେବାଦ୍ୱାରା ଆପଣଙ୍କର ମଧ୍ୟ ଦୁଃଖ ବହୁତ ବଢ଼ିଯାଏ । ଏପରିକି ଯଦି ଆପଣ କଠିନ ରୋଗାକ୍ରାନ୍ତ ହୋଇଥାନ୍ତି ତେବେ ହୁଏତ ମୃତ୍ୟୁ ମୁଖରେ ମଧ୍ୟ ପଡ଼ିଯାଇ ପାରନ୍ତି ।'' ମୁଁ କହିଲି– '' ଯଦି କେହି ଅନ୍ୟାୟ କରେ ତାର ପ୍ରତିକାର ତ କରିବା ଉଚିତ । ଆଉ ପ୍ରତିକାର କରିବାକୁ ଯାଇ ଯଦି ଆମେ ତା'ର ମନଦୁଃଖର କାରଣ ହେଉ ତେବେ କ'ଣ କରାଯାଇପାରେ ?'' ସେ କହିଲେ– ''ସେଭଳି କଲାବେଳେ ମଧ୍ୟ ଅନେକ ସମୟରେ ଭୁଲ ହୋଇଯାଇ ପାରେ । ଧରନ୍ତୁ ଜଣକୁ ଘୋର, ମିଥ୍ୟାବାଦୀ ବା **dishonest** (ଅସାଧୁ) ମନେ କରି ଆପଣ ତାକୁ ଉପଯୁକ୍ତ ଶାସ୍ତି ଦେଲେ ବା ତାକୁ ତା ମୁହଁରେ ଘୋର, ମିଥ୍ୟାବାଦୀ ବୋଲି କହିଲେ । ସେ ଖୁବ୍ କଷ୍ଟ ପାଇଲା । କିନ୍ତୁ ପ୍ରକୃତରେ ସେ ସେତେଟା ଦୋଷୀ ନୁହେଁ ବିଶେଷ ଅନୁସନ୍ଧାନ ପରେ ଏକଥା ଆପଣ ଜାଣିପାରିଲେ । ଏଭଳି କ୍ଷେତ୍ରରେ ତା'ର ମନ ଦୁଃଖ ଫଳରେ ଆପଣଙ୍କର **misfortune** (ଦୁର୍ଭାଗ୍ୟ) ନିଶ୍ଚୟ ବଢ଼ିବ । ସେଥିପାଇଁ କୌଣସି ଅନ୍ୟାୟ କାର୍ଯ୍ୟ ବିଷୟରେ ସନ୍ଦେହ ହେଲେ ସଂଶୋଧନ କରିବାର ଚେଷ୍ଟା କରିବାହି ଭଲ, ମନରେ ଦୁଃଖ ଦେଲାଭଳି କଥା କହିବା ବା ବ୍ୟବହାର କରିବା ଭଲ ନୁହେଁ । ଯେପରି ଯଟୀନ୍‌ର ଭାରୁଆ ଗୋଟିଏ ଟଙ୍କା । ଯେପରି ଆପଣ 'ମ' କୁ ଗାଳି ଗୁଲଜ ନ କଲେ ମଧ୍ୟ ସେ ଅନ୍ୟାୟ ଭାବରେ ବିନା ଦୋଷରେ ଆପଣଙ୍କୁ ଗାଳିମନ୍ଦ କଲା ଏବଂ ତଦ୍ଦ୍ୱାରା ତା'ର ସର୍ବନାଶ ହୋଇଥାନ୍ତା, କିନ୍ତୁ ଆପଣ ଗାଳିମନ୍ଦ କରିବା ଦ୍ୱାରା ସେ ରକ୍ଷା ପାଇଯାଇଛି । ଦେଖନ୍ତୁ ସେହି କାରଣରୁ ସେଦିନ କହିଥିଲି ଆପଣମାନେ ଓ ସେମାନେ ସମସ୍ତେ ମିଶି 'ଜ'-କୁ ମାରିପକାଇଛନ୍ତି ।'' ମୁଁ କହିଲି– ''ଯେତେବେଳେ ଖୁବ୍ ଗାଳିଗୁଲଜ କରି ପ୍ରାଣରେ କଷ୍ଟ ଦେବାକୁ ଲାଗିଲା, କୌଣସି ପ୍ରକାରେ ବନ୍ଦ ହେଲାନାହିଁ, ସେତିକିବେଳେ ମୁଁ କହିଥିଲି– ରୁମର ବାଲିକୁଦ ଉପରେ ତିଆରି ହୋଇଥିବା କୋଠା ଅବିଳମ୍ବେ ଭୁଷୁଡ଼ି ପଡ଼ିବ ।'' ଶ୍ରୀଶ୍ରୀଠାକୁର କହିଲେ– ''ତଦ୍ଦ୍ୱାରା 'ଜ'ର ମୃତ୍ୟୁ ବହୁତ ନିକଟ ହୋଇଗଲା । ଯାହା ହେବାର କଥା ତାହା ହୋଇଥାନ୍ତା, କିନ୍ତୁ ସେପରି କରିବାଦ୍ୱାରା ତାହା ଟିକେ ଚଞ୍ଚଳ ଫଳିଗଲା । ଦେଖନ୍ତୁ ଆପଣ ଓ ଅଶ୍ୱିନୀଦା ଯାହାକୁ ଯାହା କହନ୍ତି ଅବଶ୍ୟ ସତ୍ୟ କହନ୍ତି, ତାହାର ଭଲ ପାଇଁ ମଧ୍ୟ କହନ୍ତି, କିନ୍ତୁ ଏପରି ଭାବରେ କହନ୍ତି ଯେ ତା' ମନରେ କଷ୍ଟ ହୁଏ ବୋଲି ଆପଣମାନଙ୍କର ମଝିରେ ମଝିରେ କଷ୍ଟ ଭୋଗ ହୋଇଥାଏ । ସେପରି ନ କରୁଥିଲେ ଆପଣଙ୍କର ଏପରି ହେଉ ନ ଥାନ୍ତା । ପୁଣି ଦେଖନ୍ତୁ, ସେତେବେଳେ ଖୁବ୍ ଝୁରିରେ ଆପଣ ନାମ ଓ କାମ ଯେପରି କରୁଥିଲେ, ତା'ରି ଫଳରେ ଏତେ ଭୟଙ୍କର ଇନ୍‌ଫ୍ଲୁଏଞ୍ଜାରେ ମଧ୍ୟ କୁଷିୟାରେ କିଛି ଅନିଷ୍ଟ ହୋଇପାରି ନାହିଁ । କେବଳ ସତ୍‌ସଙ୍ଗୀ କାହିକି ଅନ୍ୟମାନେ ମଧ୍ୟ ଉପକୃତ ହୋଇଛନ୍ତି, ରକ୍ଷା ପାଇ ଯାଇଛନ୍ତି । ପୁଣି ସେହିପରି **full force** (ପୂର୍ଣ୍ଣ ବେଗରେ) ଫୁଲି କରି କାମ କରିଲେ ଆପଣମାନଙ୍କର କୌଣସି ରୋଗ ଯନ୍ତ୍ରଣା ଦୁଃଖକଷ୍ଟ ହେବନାହିଁ । ଆପଣମାନେ କିଛି କରିବେ ନାହିଁ ଆଉ ମୁଁ କ'ଣ କରିବି !''

ପରଦିନ ଗୁରୁବାର ସକାଳେ କଥାପ୍ରସଙ୍ଗରେ କହିଲେ– ''ଦେଖନ୍ତୁ କାହାରି ଚରିତ୍ର ଭଲ ରୂପେ ଜାଣିବା ଉଚିତ ନୁହେଁ । କାରଣ ଧରନ୍ତୁ ଜଣକ ପ୍ରତି ଆପଣଙ୍କର ସଗାଢ ଭକ୍ତି ଓ ବିଶ୍ୱାସ ଥିଲା, କିଛିଦିନ ପରେ ତା' ଚରିତ୍ରର ଗୋଟାଏ ଦୁଇଟା କଥା ଜାଣିପାରି ଆପଣଙ୍କ ଭକ୍ତି ଓ ବିଶ୍ୱାସ ଅନେକାଂଶରେ କମିଗଲା । ସେଥିପାଇଁ କହିଥିଲି–''ଭଲପାଅ କିନ୍ତୁ ଦିହଘଷା ହୁଅନାହିଁ । ଦେଖନ୍ତୁ ଅଦୋଷ-ଦର୍ଶୀ ହେବା ଭଲ ଏବଂ ଯାହାର ଦୋଷ ଦେଖିଥିଲେ, ଭଲ କରି ଅନୁସନ୍ଧାନ କରି ଦେଖନ୍ତୁ,

ହୁଏତ ତା'ରି ଭିତରେ ଅନେକ ଭଲଗୁଣ ମଧ୍ୟ ଅଛି, ଆପଣ ପ୍ରଥମେ ଯାହା ଜାଣିଥିଲେ ପରେ ବିଶେଷ ଅନୁସନ୍ଧାନ କରି ଦେଖିଲେ ତା'ର ବିଶେଷ ଦୋଷ ନାହିଁ । ଯେପରି 'ଯ' ର ହୋଲି ଏସୋସିଏସନ କଥା ପରି ।''

ସତ୍ୟଯୁଗ ଆରମ୍ଭ କଥା

ପରଦିନ ଶୁକ୍ରବାର । କଥା ପଡ଼ିଥିଲା ଯେ ମହାରାଜ ଘୁରିହାତ ଲମ୍ବା । ଶ୍ରୀଶ୍ରୀଠାକୁର କହିଲେ– ''ଦେଖନ୍ତୁ ଆପଣ ମଧ୍ୟ ଆଉ ପାଢ଼େ ତିନିହାତ ନୁହଁନ୍ତି, ପାଢ଼େ ତିନିହାତ ଅପେକ୍ଷା ଆହୁରି ବେଶୀ ।'' ମୁଁ କହିଲି– ତା'ତ ହେବ, ସତ୍ୟଯୁଗ ଆରମ୍ଭ ହୋଇଯାଇଛି ଯେ । ସେ ସୁମଧୁର ହାସ୍ୟ କଲେ ।

କାୟସ୍ଥଙ୍କ କଥା

ଶନିବାର ଦିନ କହିଲେ– ''କାୟସ୍ଥମାନଙ୍କର ହାବଭାବ, ଆଗ୍ରର ବ୍ୟବହାର ଦେଖି ମୋର ଖୁବ୍ ବିଶ୍ୱାସ ହୁଏ ଯେ, ଏମାନେ **degenerated** (ସ୍ୱଧର୍ମଭ୍ରଷ୍ଟ) କ୍ଷତ୍ରିୟ ।'' ତା'ପରଦିନ କହିଲେ–''ପରଚର୍ଚ୍ଚା ଅପେକ୍ଷା ଆତ୍ମଚର୍ଚ୍ଚା ଭଲ ।''

Political Salvation ବା ଦେଶର ରାଜନୈତିକ ମୁକ୍ତି

ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଆଧ୍ୟାତ୍ମିକ ଓ ବିଜ୍ଞାନ ଆଲୋଚନା ବ୍ୟତୀତ ବାଜେ କଥା ବା **Political** (ରାଜନୈତିକ) ଆଲୋଚନା ହୁଏ ନାହିଁ । ଦିନେ ଅନେକେ **Political Salvation** (ଦେଶର ରାଜନୈତିକ ମୁକ୍ତିର) କଥା ଉଠାଇବାରୁ ଶ୍ରୀଶ୍ରୀଠାକୁର କହିଲେ– **Political Salvation**ର ଦୁଇଟି ଜିନିଷ ଦରକାର–

୧– ଶରୀରର ଖାଦ୍ୟ– ଅନ୍ନ ।

୨– ମନର ଖାଦ୍ୟ– ବିଶ୍ୱାସ ।

କ୍ଷୁଧାରେ ଖାଦ୍ୟ ଦୈବଯୋଗରେ ମିଳେ

ପ୍ରଥମାବସ୍ଥାରେ ଥରେ ଶ୍ରୀଶ୍ରୀଠାକୁର ରେଳଗାଡ଼ିରେ ଯାତ୍ରା କରୁଥିଲେ । କ୍ଷୁଧାରେ ଅତ୍ୟନ୍ତ କାତର ହୋଇପଡ଼ିଲେ । କାରଣବଶତଃ ସେ କାହାରି ଆଗରେ ଏ କଥା କହିଲେ ନାହିଁ କି ଖାଇବା ପାଇଁ ଚେଷ୍ଟା ମଧ୍ୟ କରିଲେ ନାହିଁ । ଜଣେ ପାଦ୍ରୀ ସାହେବ ଅଯାଚିତ ଭାବରେ ତାଙ୍କୁ ଆଦର ଯତ୍ନ କରି ଫଳ ଖୁଆଇଲେ । ସେ ଜଳପାନ କରି ନ ଥିଲେ । ତାଙ୍କୁ ଖୁବ୍ ଶୋଷ ହେଉଥିଲା । ଗାଡ଼ି ଗୋଟାଏ ଷ୍ଟେସନରେ ରହିଲା । ସେଠାରେ ଜଣେ ଲୋକ ଅଯାଚିତଭାବରେ ଆସି କହିଲା– ''ଏଇ ଜଳପାନ କରନ୍ତୁ, ମୁଁ ବ୍ରାହ୍ମଣ ।'' ସେ ପାନ କଲେ ।

ପରେ ଶ୍ରୀଶ୍ରୀଠାକୁରଙ୍କର ବୟସ ଯେତେବେଳେ ମାତ୍ର ଏଗାର ମାସ ସେତେବେଳେ ଶ୍ରୀଶ୍ରୀଜନନୀ ତାଙ୍କୁ ନେଇ ପାବନାର ଶ୍ରୀଯୁକ୍ତ ବାବୁ ଦୁର୍ଗାସୁନ୍ଦର ରାୟ ମହାଶୟଙ୍କ ଘରୁ ଶ୍ରୀଯୁକ୍ତ ବାବୁ କାଳୀଚରଣ ସେନ୍-ମହାଶୟଙ୍କ ଘରକୁ ଯାଇଥିଲେ । ସେଠାରେ ଜଣେ ପନ୍ୟାସୀ ଶିଶୁଙ୍କୁ ଦର୍ଶନ କରି କହିଥିଲେ (ତାଙ୍କର ଏଇ ଭାବ)–ଶିଶୁ ଭବିଷ୍ୟତରେ ଜଣେ ଅସାଧାରଣ ପୁରୁଷ ହେବେ ।

ରୋଗୀ ନ ଦେଖି ମଧ୍ୟ ଭବିଷ୍ୟତ ଫଳ କଥନ

କଲିକତା ବରାହନଗରର ବନହୁଗୁଲୀରେ ସ୍ଥାନୀୟ ତଦାନୀନ୍ତନ ମ୍ୟୁନିସିପାଲ୍‌ଟି ଭାଇସ୍

ଚେୟାରମ୍ୟାନ (ପ୍ରାୟର-ଶାସନ ପରିଷଦ କାରୀ-ସଭାପତି) ଓ ଅବୈତନିକ ମାଜିଷ୍ଟ୍ରେଟ (ଅବୈତନିକ ଦାଣ୍ଡିମ) ଶ୍ରୀଯୁକ୍ତ ବାବୁ ପାଞ୍ଚୁଗୋପାଳ ଚକ୍ରବର୍ତ୍ତୀଙ୍କ ଘରେ ତାଙ୍କର ଭଣଜା ଅର୍ଥାତ୍ ହିମାଇତପୁରର ଶ୍ରୀଯୁକ୍ତ ବାବୁ ରାଜେନ୍ଦ୍ର ନାରାୟଣ ଚୌଧୁରୀଙ୍କ ପୁତ୍ରର ପାଲିପାତିକ-କ୍ରର ଚିକିତ୍ସା ପାଇଁ ୧୩୨୫ ସାଲ ଫାଲ୍ଗୁନ ମାସର ଶେଷ ଆଡ଼କୁ ମୋତେ ଓ ରାମକୃଷ୍ଣ ପ୍ରାମାଣିକ ଭାଇଙ୍କୁ କୁଷ୍ଟିୟାରୁ ପଠାଯାଇଥିଲା। ଶ୍ରୀଶ୍ରୀଠାକୁର ଚିଠିଦ୍ୱାରା ଜଣାଇଥିଲେ। ସେହି ଚିଠିରେ ଏପରି ଏକ କବିତା ଲେଖିଥିଲେ ଯହିଁରୁ ମୁଁ ବୁଝିପାରିଥିଲି ଯେ, ପିଲାଟିର ମୃତ୍ୟୁ ଅବଶ୍ୟମ୍ଭାବୀ। ରୋଗୀର ମୃତ୍ୟୁ ହେଲା ପରେ ମୁଁ ସେଇ ଚିଠିଟି ଚତ୍ରକ୍ଷଣାତ୍ ସେହିଠାରେ ସମସ୍ତଙ୍କୁ ଦେଖାଇଥିଲି।

ଅଜ୍ଞାତ ବିପଦରୁ ଉଦ୍ଧାରରେ ସହାୟତା

ସେ ଆଜକୁ ପ୍ରାୟ ଗୁରିବର୍ଷ ତଳର କଥା। ଭାଦ୍ରବ ମାସ। ଗୋଟିଏ ବଡ଼ ନୌକାରେ ଆମେ ପ୍ରାୟ କୋଡ଼ିଏ ଜଣ ଯାଏ ଗୁରୁଭ୍ରାତା କୁଷ୍ଟିୟାରୁ ସତ୍‌ସଙ୍ଗବାଟୀକୁ ଯାତ୍ରା କଲୁ।

ପଦ୍ମାନଦୀରେ ନୌକାରେ ବସିଲାବେଳେ ରାତ୍ରି ପ୍ରାୟ ୮ଟା। ପଦ୍ମାର ସେତେବେଳେ ଭୟଙ୍କର ଅବସ୍ଥା। ଦୁଇକୂଳ ପାଣି ଖାଉଥାଏ। ମଝିରେ, ମଝିରେ ମଳମଳା। ପଦ୍ମାର ଓସାର ପ୍ରାୟ ଅଢ଼େଇ କୋଶ। ଘୋର ଅନ୍ଧକାର। ହଠାତ୍ ପୁଣି ବର୍ଷା ପବନ ଆରମ୍ଭ ହୋଇଗଲା। ମୁହଁକୁ ମୁହଁ ଦିଶୁ ନାହି। ନାବିକମାନେ ନୌକା କେଉଁ ଦିଗକୁ ନେବେ ଠିକ୍ କରିପାରୁ ନାହାନ୍ତି। ଆରୋହୀଗଣ ମଧ୍ୟ କେହି ଦିଗ ବାରିପାରୁ ନାହାନ୍ତି। ନୌକା ପବନ ଓ ପାଣି ହାବୁକାରେ ଖାଲି ଏପାଖ ସେପାଖ ଦୋହଲୁ ଥାଏ। ଜଣେ ଅନ୍ୟ ଜଣକ ଉପରେ ମାଡ଼ି ପଡୁଥାଏ। ତଙ୍ଗା ଓ ଖୁଣ୍ଟିଧରି କୌଣସି ପ୍ରକାରେ ସମସ୍ତେ ବସି ରହିଥାନ୍ତି। ମଝିରେ ମଝିରେ ନୌକାରେ ପାଣି ପଶି ଯାଉଥାଏ। ନାବିକମାନେ ପାଟିକରି କହିଲେ— "ଖୋଦାର ନାମ ଲେଓ, ଲାଓ ତୋ ଆର ବାଁଚେ ନା।" ଏହି ସମୟରେ ପୁଣି ନୌକାର ଆଲୁଅଟା ବି ଲିଭିଗଲା। ଅନ୍ଧାରରେ କିଏ କାନ୍ଦୁଛି, କିଏ ହସୁଛି, କିଏ ଗୁଣୁ ଗୁଣୁ କରି ଗୀତ ଗାଉଛି। କିଏ ଭଗବାନଙ୍କୁ ଡାକୁଛି। ଜଣେ କହିଲେ— "ନା...ନା କିଛି ହେବ ନାହିଁ, ଆମେ ସବୁ ସତ୍‌ସଙ୍ଗବାଟୀକୁ ଯାଉଛୁ, ଆମେସବୁ ସତ୍‌ସଙ୍ଗୀ, ଆମେ କେବେ ମରିବୁ ନାହିଁ।" ପଦ୍ମାର ଉରାଳ ତରଙ୍ଗରେ ନାଚି ନାଚି ନୌକା ଗୁଲିଛି। କାଚ ପାଉନାହିଁ। ମାଝିମାନେ ହତାଶ ହୋଇ କାଚ ଛାଡ଼ିଦେଲେଣି। ନୌକା ଦୋହଲି ଦୋହଲି ଲକ୍ଷ୍ୟହୀନ ଭାବରେ ଛୁଟିଛି। ହଠାତ୍ ଜଣେ ଦେଖିବାକୁ ପାଇଲା ଦୂରରେ ଗୋଟାଏ ଆଲୁଅ ଦିଶୁଛି। ସେ କହିଲା ସେହି ଆଡ଼କୁ ନୌକା ଚଳାଅ। କ୍ରମେ କ୍ରମେ ଆଲୋକଟି ନିକଟବର୍ତ୍ତୀ ହେବାକୁ ଲାଗିଲା। କିଛି ସମୟପରେ ଦେଖାଗଲା ନୌକା ସତ୍‌ସଙ୍ଗବାଟୀରେ ପହଞ୍ଚି ଯାଇଛି। ଉଚ୍ଚସ୍ୱରରେ ହରିବୋଲ ପଡ଼ିଲା। ଶ୍ରୀଶ୍ରୀଠାକୁର ପଦ୍ମାନଦୀରେ ଜଙ୍ଘେ ପାଣିରେ ଛିଡ଼ାହୋଇ ଆଲୁଅ ଦେଖାଉଛନ୍ତି। ନୌକା କୂଳକୁ ଆସିବା ମାତ୍ରେ ଶ୍ରୀଶ୍ରୀଠାକୁର ଡିଆଁ ମାରି ନୌକା ଭିତରକୁ ଆସିଲେ ଓ ସମସ୍ତଙ୍କୁ ପ୍ରଣାମ କରିଗଲେ ଏବଂ ସମସ୍ତଙ୍କୁ ଆଲିଙ୍ଗନ କରି ପକାଇଲେ। ସେତେବେଳେ ତାଙ୍କର ଆନନ୍ଦର ସୀମା ନାହିଁ। ଯେପରି ପିତାଙ୍କ ପୁତ୍ରଗଣ ବା ଭ୍ରାତାଙ୍କର ଭ୍ରାତାଗଣ ନିଶ୍ଚିତ ମୃତ୍ୟୁମୁଖରୁ ଫେରି ଆସିଛନ୍ତି। ଆନନ୍ଦର ଢେଉ ଖେଳିଗଲା। ତା'ପରଦିନ ଶ୍ରୀଶ୍ରୀଠାକୁରଙ୍କ ସହିତ ବହୁ ଲୋକଙ୍କର ଫଟୋ ଉଠିଥିଲା।

ମୃତ୍ୟୁକାଳୀନ ଅବସ୍ଥା ଓ ଚିତ୍ରଗୁପ୍ତ

ଦିନେ ଶ୍ରୀଶ୍ରୀଠାକୁର କହିଥିଲେ—"ଜୀବଦ୍ଦଶାରେ ଯେଉଁ ସବୁ କାର୍ଯ୍ୟ ଓ ଚିନ୍ତା କରାଯାଇଥାଏ, ମୃତ୍ୟୁ ସମୟରେ ସେ ସବୁର ଛବି ମୂରି ଧାରଣ କରି ଆସି ସାମନାରେ ଉପସ୍ଥିତ ହୁଏ। ତାପରେ ସେ

ସମସ୍ତ ଚିତ୍ର ଅଦୃଶ୍ୟ ଓ ଗୁପ୍ତ ହୋଇଯାଏ। (ତା'ରି ନାମହିଁ ଚିତ୍ରଗୁପ୍ତର ଖାତା ଅର୍ଥାତ୍ ମଣିଷର ସମସ୍ତ କାର୍ଯ୍ୟ ଓ ଚିନ୍ତା ବିଷୟକ ଚିତ୍ର ମସ୍ତିଷ୍କରେ ଅଙ୍କିତ ହୋଇଥାଏ)। ସେତେବେଳେ **light** (ଜ୍ୟୋତିଃ) ଦେଖାଯାଏ। ଜୀବିତାବସ୍ଥାରେ ଯେଉଁମାନେ ମନ୍ଦ କର୍ମ କରନ୍ତି ସେମାନେ ସେହିଭଳି ବିଭତ୍ସ ବିକଟ ଚିତ୍ର ଦେଖି ଭୟଭୀତ ହୋଇଯା'ନ୍ତି। କିନ୍ତୁ ଜୀବିତାବସ୍ଥାରେ ଯେଉଁମାନେ ସାଧନା ଦ୍ୱାରା ଏହି ଜ୍ୟୋତିଃ ଦର୍ଶନ କରି ତା'ସହିତ ପରିଚିତ ହୋଇଥାନ୍ତି ସେମାନେ ମୃତ୍ୟୁ ସମୟରେ ତାହା ଦେଖି ଭୟଭୀତ ହୁଅନ୍ତି ନାହିଁ। କାରଣ ସେତେବେଳେ ସେହି ଜ୍ୟୋତି ମଧ୍ୟରେ ସଦ୍‌ଗୁରୁ ଦେଖାଦିଅନ୍ତି ଏବଂ ତାକୁ ଠିକ୍ ବାଟରେ ନେଇ ଯାଆନ୍ତି। ମହାନନ୍ଦରେ ସେ ଗଲିଯାଏ ତାଙ୍କ ସଙ୍ଗେ।" (ଏହାର ବିସ୍ତୃତ ବିବରଣୀ ମୋ ରଚିତ "ଛେଲେଦେର ଧର୍ମକଥା" ଶୀର୍ଷକ ପୁସ୍ତକରେ ଲିପିବଦ୍ଧ ହୋଇଛି)। ଆହୁରି ମଧ୍ୟ ସେ କହିଥିଲେ— "ଯେଉଁମାନେ ଏଠାକୁ ଆସିବେ, ଏଠାକାର ସଙ୍ଗ କରିବେ, ସେମାନଙ୍କର ତାହା କଦାପି ବିଫଳ ହେବନାହିଁ। ସେମାନେ ହେଉଛନ୍ତି ପରମ ପିତାଙ୍କର ପ୍ରସାଦୀ। ସେମାନେ **good will** (ସତ୍‌ଇଚ୍ଛା) ଓ **good spirit** (ସଦ୍‌ଭାବ) ଦ୍ୱାରା ଘେରା ହୋଇରହିବେ। ଯେଉଁ କର୍ମଫଳ ସେମାନଙ୍କୁ ବହୁଦିନ ଧରି ଭୋଗ କରିବାକୁ ପଡ଼ିଥାନ୍ତା, ସେମାନଙ୍କର ତାହା ଶୀଘ୍ର ଶୀଘ୍ର ଭୋଗ ହୋଇ କଟିଯିବ। ଆମ ଭାଇମାନଙ୍କୁ ଅନ୍ଧକାରରେ ଅଖାଳି ହେବାକୁ ପଡ଼ିବ ନାହିଁ, ସେମାନେ **ruined** (ଧ୍ୱଂସ) ହେବେ ନାହିଁ। ସେମାନେ ମରିଗଲେ ମଣିଷ ଜନ୍ମଛଡ଼ା ଅନ୍ୟଜନ୍ମ ପାଇବେ ନାହିଁ ବରଂ ମଣିଷ ସମାଜରେ ସବୁ ବିଷୟରେ ଉନ୍ନତ ଓ ଶ୍ରେଷ୍ଠ ହୋଇ ଜନ୍ମ ହେବେ।"

ମାନବଜନ୍ମ ଦେବତାମାନେ ମଧ୍ୟ ଇଚ୍ଛା କରନ୍ତି କାହିଁକି ?

ଆଉ ଦିନେ ପ୍ରଶ୍ନୋତ୍ତର ଛଳରେ କହିଥିଲେ—"ମଣିଷ ଏହି ଜୀବନରେ ସାଧନା କରି ପରଲୋକରେ (ବା ସ୍ୱର୍ଗରେ) ଯେଉଁ ଉଚ୍ଚ ସ୍ତରକୁ ଯାଏ ତା'ଠାରୁ ଆହୁରି ଉଚ୍ଚତର ବା ଉଚ୍ଚତମ ଧାମକୁ ଯିବାକୁ ହେଲେ ପୁନରାୟ ମନୁଷ୍ୟ ହୋଇ ଜନ୍ମ ହୋଇ ତେବେ ଯାଇଁ ଯିବାକୁ ହେବ।"

ଅକାଳମୃତ୍ୟୁ ହରଣ

ଆଉ ଦିନେ କହିଥିଲେ— "ଆପଣମାନେ କେହି ମୋ କଥା ଶୁଣିଲେ ନାହିଁ। ଯଦି କଥା ଶୁଣି କାମରେ ଲାଗି ପଡ଼ିଥାନ୍ତେ, ଜଗତର ମଙ୍ଗଳ ହେଉଥାନ୍ତା ଓ ଆପଣମାନଙ୍କର ମଧ୍ୟ ମଙ୍ଗଳ ହୋଇଥାନ୍ତା। ଅନେକ ମହାପୁରୁଷ ଓ ଅବତାରପୁରୁଷ ଆସି ଜଗତର ଅନେକ ଉପକାର କରିଯାଇଛନ୍ତି, କିନ୍ତୁ ସବୁ ଦିଗରୁ ସକଳ ଶ୍ରେଣୀର ଉପକାର ହେଇନାହିଁ। ଅକାଳମୃତ୍ୟୁ ଲୋପ କରିବାର କୌଣସି ଉପାୟ ହୋଇନାହିଁ ଯେ। ଯଦି ଅକାଳମୃତ୍ୟୁ ଉଠାଇ ଦିଆଯାଏ ତେବେ ଧାର୍ମିକ, ଅଧାର୍ମିକ, ଶିକ୍ଷିତ, ଅଶିକ୍ଷିତ, ଆପାମର ଓ ସାଧାରଣ ସମସ୍ତଙ୍କର ଉପକାର କରାଯାଇପାରେ। ଗୋଟିଏ ଲୋକର ଅକାଳମୃତ୍ୟୁ ହୋଇଗଲେ ମୁଁ ଅନୁଭବ କରେ ଯେପରି ମୋ ଶରୀରର ଅଣୁ ପରମାଣୁ ଧ୍ୱଂସ ହୋଇଯାଉଛି। ଦିନେ ଦେଖୁଲି କେତେଗୁଡ଼ିଏ ଆତ୍ମା ଆସି ମୋତେ କହୁଛନ୍ତି, ତୁମେ ଅକାଳମୃତ୍ୟୁ ନିରାକରଣ ପାଇଁ ଏତେ ଯତ୍ନାଦି ବ୍ୟବସ୍ଥା କରୁଛ କିନ୍ତୁ ତା'ର ସୁଫଳ ଆମେ ଭୋଗ କରି ଯାଇପାରିଲୁ ନାହିଁ। ବଡ଼ ଦୁଃଖର କଥା।" (ବିସ୍ତୃତ ବିବରଣ ଏହି ଗ୍ରନ୍ଥର ଅନ୍ୟତ୍ର ଦ୍ରଷ୍ଟବ୍ୟ)।

ବର୍ତ୍ତମାନ ଯୁଗଧର୍ମ ବା ପୂର୍ଣ୍ଣାଙ୍ଗ ସାଧନା, ଜ୍ୟୋତିଃ ଓ ଶବ୍ଦ

ଶ୍ରୀଶ୍ରୀଠାକୁର କହିଲେ— "ଜ୍ୟୋତିଃ— ନାଦ ବା ଶବ୍ଦର ଶରୀରସ୍ୱରୂପ। ଜ୍ୟୋତିଃଠାରୁ ନାଦ

ଆଦୁରି ପୁଷ୍ପ । ଯେ ଯେତେ ଭଲ ଭାବରେ ଶବ୍ଦ ସାଧନା ଜାଣେ ତା'ର ସାଧନ ପଦ୍ଧତି ସେତେ ଉନ୍ନତ ଓ ଶ୍ରେଷ୍ଠ ବୋଲି କୁହାଯିବ । ଏଠାପରି ସହଜ, ସରଳ, ବାହ୍ୟାଡ଼ମ୍ବରଶୂନ୍ୟ ପ୍ରକୃତ ଓ ଉଚ୍ଚତମ ନାଦଯୋଗ ସାଧନା ହିଁ ବର୍ତ୍ତମାନ ଯୁଗର ଯୁଗଧର୍ମ ବା ପୂର୍ଣ୍ଣାଙ୍ଗ ସାଧନା ।''

ଅସାଧାରଣ ସହିଷ୍ଣୁତା, କ୍ଷମା ଓ ଅକ୍ରୋଧ

ଏପରି ଅସାଧାରଣ ସହିଷ୍ଣୁତା ଓ କ୍ଷମା କୌଣସି ନରଦେହଧାରୀ ପକ୍ଷେ ସମ୍ଭବ କି ନା ଜଣାଯାଇ ନାହିଁ । କୌଣସି ଇତିହାସ ବା ଶାସ୍ତ୍ରରେ ଏଭଳି ଦୃଷ୍ଟାନ୍ତ ଦେଖାଯାଇ ନାହିଁ । କେତେବର୍ଷ ଧରି କେତେ ଭଲଲୋକ, ମନ୍ଦଲୋକ, ଅତି ମନ୍ଦଲୋକ, ଦୁଷ୍ଟଲୋକ ନାନା ଉଦ୍ଦେଶ୍ୟରେ ତାଙ୍କ ପାଖକୁ ଯାଇ ଆସି ତାଙ୍କ ଉପରେ କେତେ ଅତ୍ୟାଗ୍ଭର କରିଥିଲେ ମଧ୍ୟ ସେ ଟିକିଏ ବିରକ୍ତ ହୋଇନାହାଁନ୍ତି । ତାଙ୍କର କ୍ରୋଧର ଉଦ୍ରେକ ହୁଏନାହିଁ । ସେ ସମସ୍ତଙ୍କୁ ପ୍ରେମପୂର୍ବକ ଗଭୀର ଭାବରେ ଭଲପାଇ ସଂଶୋଧନ କରି ନିଅନ୍ତି । କୌଣସି ମନ୍ଦଲୋକ ସମ୍ବନ୍ଧରେ ତାଙ୍କ ନିକଟରେ କହିଲେ ସେ କହନ୍ତି— ଯିଏ ମୋତେ ପ୍ରତିଦିନ ଦଶଥର ପ୍ରଣାମ କରେ ଭକ୍ତି କରେ, ଭଲପାଏ ସେ ମୋ ନିକଟରେ ଯାହା, ଯିଏ ମୋତେ ଗାଳିଗୁଲଜ କରେ, ନିନ୍ଦାକରେ ସେ ମଧ୍ୟ ମୋ ନିକଟରେ ତାହା । ବରଂ ଦୁଷ୍ଟଙ୍କ ପ୍ରତି ମୋର ବେଶୀ ସ୍ନେହ ।

ଆପଣମାନେ କଣ ସାଧୁ ମହାପୁରୁଷଙ୍କୁ ଉଦ୍ଧାର କରିବାକୁ ଆସିଛନ୍ତି ନା ପାପୀଙ୍କୁ ଉଦ୍ଧାର କରିବାକୁ ଆସିଛନ୍ତି । ମହାପାପୀଗଣଙ୍କୁ ଯଦି ଛାତିକୁ ଟାଣିନେଇ ସଂଶୋଧନ କରି ନ ପାରନ୍ତି ତେବେ ଆଉ ହେଲା କ'ଣ ? କେତେ ଲୋକ କେତେ ଘୃଣିତ କାମ କରନ୍ତି ଓ ଘୃଣିତ ଜୀବନ ନେଇ ମୋ ପାଖକୁ ଆସନ୍ତି, ସେ ସବୁ ଜାଣି କ'ଣ ମୁଁ ଘୃଣା କରିପାରେ ? ତଦ୍ଦ୍ୱାରା କ'ଣ ସେମାନଙ୍କର ମଙ୍ଗଳ କରାଯାଇ ପାରିବ ? ଆଉ ଘୃଣାକରି ଯଦି ଜଣ ଜଣକୁ ବାଦ ଦିଆଯାଏ ତା'ହେଲେ ପ୍ରାୟ ସମସ୍ତେ ବାଦ୍ ପଡ଼ିଯିବେ । ତା'ହେଲେ ଚଳିବେ କିପରି ? ସମସ୍ତଙ୍କୁ ଯେ ଛାତିକୁ ଟାଣିନେବାକୁ ହେବ ଦାଦା ।''

ଶ୍ରୀଶ୍ରୀଠାକୁରଙ୍କ ଦେହରେ ପଦାଘାତ

କୁଷ୍ଟିୟାର ନିକଟବର୍ତ୍ତୀ ଗୋଟିଏ ଗ୍ରାମବାସୀ କାୟସ୍ଥ ଯୁବକ ବି.ଏ. ପାଶ୍, ଏକ ସମୟରେ ସତ୍‌ସଙ୍ଗବାଟୀକୁ ଆସି କିଛି ଅତ୍ୟାଗ୍ଭର ଅନାଗ୍ଭର କରିଥିଲେ । ଶ୍ରୀଶ୍ରୀଠାକୁରଙ୍କ ଆଦେଶକ୍ରମେ ତାକୁ କୌଣସି ପ୍ରକାରେ ଶାସନ କରାଯାଇ ନାହିଁ । କିନ୍ତୁ ତାଙ୍କ ଭକ୍ତମାନେ ମନେ ମନେ ଖୁବ୍ ବିରକ୍ତ ହେଉଥିଲେ ଉକ୍ତ ଯୁବକ ଉପରେ । ଦିନେ ଯୁବକଟି ତାହାର ସଙ୍କେତ ପାଇ ଶ୍ରୀଶ୍ରୀଠାକୁରଙ୍କର ଶୋଇଥିବା ଅବସ୍ଥାରେ ତାଙ୍କ ପିଠିରେ ଖୁବ୍ ଜୋର୍‌ରେ ତିନି ଗୋଇଠା ମାରିଥିଲା ଏବଂ କହିଲା— ''ଠାକୁରେ ତୁମ ଭକ୍ତମାନେ ମୋ ପ୍ରତି ଦୁର୍ବ୍ୟବହାର କରୁଛନ୍ତି ଆଉ ତୁମେ ଚୁପ୍ କରି ଶୋଇଛ ।''

ପଦାଘାତରେ ଶ୍ରୀଶ୍ରୀଠାକୁର ଅତ୍ୟନ୍ତ କଷ୍ଟ ପାଇଥିଲେ ମଧ୍ୟ ତାକୁ ସଯତ୍ନେ ଉଠାଇ କଅଁଳ କଥା କହି ତୁଷ୍ଟ କରିଥିଲେ । ଯୁବକଟିର ସମୟେ-ସମୟେ ମସ୍ତିଷ୍କ ବିକୃତ ହେଉଥିଲା ବୋଧହୁଏ । ପରେ ସେ କୁଷ୍ଟିୟା ଫେରିଆସି ପ୍ରକୃତିସ୍ଥ ଅବସ୍ଥାରେ କହିଲା— ''ଠାକୁରଙ୍କୁ ପରୀକ୍ଷା କରିବାକୁ ଯାଇଥିଲି । ତାଙ୍କୁ କହିଲି ତାଙ୍କ ସ୍ତ୍ରୀ ମୋତେ ଗୋଡ଼ ଧୋଇବାକୁ ପାଣି ଦେବ । ସେଇୟା ହେଲା । ପୁଣି କହିଲି

ସ୍ନାନାନ୍ତେ ମୋ ପାଲଟା ଲୁଗାକୁ ତାଙ୍କରି ସ୍ତ୍ରୀଙ୍କୁ ଧୋଇ ଦେବାକୁ ହେବ । ସେହିପରି ହେଲା । କିନ୍ତୁ ଭକ୍ତଗଣ ଏହା ଦେଖି ଅସନ୍ତୁଷ୍ଟ ହେବାରୁ ଠାକୁରଙ୍କ ପାଖକୁ ଗଲି । ଯାଇ ଦେଖିଲି ଠାକୁର ନିଦ୍ରିତ, ସେହି ଅବସ୍ଥାରେ ତାଙ୍କ ପିଠିରେ ତିନି ଗୋଇଠା ମାରିଲି । ସେ ଖୁବ୍ ଆଘାତ ପାଇଲେ ସତ ମାତ୍ର ସଙ୍ଗେ ସଙ୍ଗେ ଉଠି ମୋତେ ମିଠାକଥା କହି ଖୁସି କରିଦେଲେ । ଜଣେ ଭକ୍ତ ମୋତେ ମାରିବାକୁ ଉଠିଥିଲା କିନ୍ତୁ ଠାକୁରଙ୍କ ଆଦେଶରେ କେହି ମୋର କିଛି କଲେ ନାହିଁ । ଧନ୍ୟ ଠାକୁର । ବିଷ୍ଣୁଙ୍କ ବକ୍ଷରେ ଭୃଗୁ ପାଦଚିହ୍ନ ଓ ଶ୍ରୀଶ୍ରୀଠାକୁରଙ୍କ ଛାତିରେ କାୟସ୍ଥର ପାଦଚିହ୍ନ । ବଡ଼ ଦୁଃଖର ସହିତ ଘଟଣାଟି ଲେଖିବାକୁ ପଡ଼ିଲା । ସହୃଦୟ ପାଠକପାଠିକା ଟିକିଏ ଭାବି ଦେଖନ୍ତୁ ତ ଘଟଣାଟା କ'ଣ !

ଯୁବତୀ-କର୍ତ୍ତୃକ ଭୟାନକ ଅତ୍ୟାଗ୍ଭର

ସେ ଆଜକୁ ୪।୫ ବର୍ଷ ତଳର କଥା । ଶ୍ରୀଶ୍ରୀଠାକୁର ସପାର୍ଷଦ ଥରେ ବରାହନଗରରେ କଲିକତା ନିବାସୀ ଶ୍ରୀଯୁକ୍ତ ବାବୁ ଶରତଚନ୍ଦ୍ର ଦେ-ମହାଶୟଙ୍କର। ଗଙ୍ଗାତୀରସ୍ଥ ଉଦ୍ୟାନ ଗୃହରେ ପ୍ରାୟ ଏକ ସପ୍ତାହକାଳ ଅବସ୍ଥାନ ପୂର୍ବକ କେତେ ଦିନ ପାଇଁ ନୈହାଟୀ ଆଗମନ କରି ✓ ଶଶୀଭୂଷଣ ଚକ୍ରବର୍ତ୍ତୀ-ମହାଶୟଙ୍କ ଗୃହରେ ରହିଥିଲେ । ଏହି ସମୟରେ ଜଣେ ଗୈରିକ-ବସନା ସନ୍ନ୍ୟାସିନୀ ସେଠାରେ ଆସି ଉପସ୍ଥିତ ହେଲା । ସେ ପୂର୍ବୋକ୍ତ ଉଦ୍ୟାନ ଗୃହରେ ଉପସ୍ଥିତ ଥିଲା ଏବଂ ✓ ଶରତଚନ୍ଦ୍ର ବାବୁଙ୍କ ସୁପରିଚିତା ବୋଲି ନିଜର ପରିଚୟ ପ୍ରଦାନ କଲା । ସେହି ରମଣୀଟି ନୈହାଟୀରେ ଯାଇଁ ପହଞ୍ଚିବାରୁ ଶ୍ରୀଶ୍ରୀଠାକୁର ମୋତେ କହିଲେ— ''ସେ ସ୍ପଟି କାହିଁକି ଆସିଛି ପଗ୍ଭରିଲେ ।'' ମୁଁ ତାହା ପଗ୍ଭରିବାରୁ ସେ କହିଲା— ''ତମ ଠାକୁର ଗ୍ଭଳି ଆସିବାରୁ ମନଟା ଖରାପ ଲାଗିଲା । ପ୍ରାଣଟା ଏଠାକୁ ଛୁଟି ଆସିଲା ତେଣୁ ଗ୍ଭଳି ଆସିଲି ।''ଶ୍ରୀଶ୍ରୀଠାକୁର ମୋତେ ଇଙ୍ଗିତରେ କହିଲେ ଯେ ରମଣୀଟି ପ୍ରକୃତରେ ସନ୍ନ୍ୟାସିନୀ ନୁହେଁ—ଛଦ୍ମବେଶଧାରିଣୀ । ସେ ଦେଖିବାକୁ ଶ୍ୟାମାଙ୍ଗୀ, ସୁନ୍ଦରୀ, ବିଦୁଷୀ, ବୟସରେ ମଧ୍ୟ ଯୁବତୀ, ବୁଦ୍ଧିମତୀ, ମିଷ୍ଟଭାଷିଣୀ । ତାର ସଙ୍ଗୀତ ଓ କଣ୍ଠସ୍ୱର ବଡ଼ ଚମତ୍କାର ଓ ମନୋହର । ନୈହାଟୀରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସମୟରେ ସେ ଆମ ସଙ୍ଗ ପରିତ୍ୟାଗ କରିବାକୁ ଆଦୌ ରାଜି ହେଲା ନାହିଁ ।

ଶ୍ରୀଶ୍ରୀଠାକୁର ମୋତେ କହିଲେ—''ସେ ଯଦି କୁଷ୍ଟିୟାରେ ମୋ ଘରେ ରହି ହୋମିଓପାଥି ଶିଖି ମା'ମାନଙ୍କ ମଧ୍ୟରେ ଡାକ୍ତରୀ କରିବାକୁ ଗ୍ଭହେଁ ତେବେ ଆମ ସଙ୍ଗରେ ଆସିପାରେ ।'' ରମଣୀ ଏହି ପ୍ରସ୍ତାବରେ ସମ୍ମତି ହୋଇ କୁଷ୍ଟିୟା ଆସିଲା । ଶ୍ରୀଶ୍ରୀଠାକୁର ସତ୍‌ସଙ୍ଗବାଟୀକୁ ପ୍ରତ୍ୟାବର୍ତ୍ତନ କଲେ । ରମଣୀଟି ଦିନେ ମାତ୍ର ମୋର କୁଷ୍ଟିୟା ବାସଭବନରେ ରହି ଜିଦ୍ କରି ସତ୍‌ସଙ୍ଗବାଟୀକୁ ପଳାଇଗଲା । କିଛିଦିନ ପରେ ମୁଁ ସତ୍‌ସଙ୍ଗବାଟୀରେ ଉପସ୍ଥିତ ହୋଇ ଶ୍ରୀଶ୍ରୀଠାକୁରଙ୍କଠାରୁ ଶୁଣିଲି ଯେ ରମଣୀଟି ନିଜକୁ ମିଛରେ ବ୍ରାହ୍ମଣ କନ୍ୟା ବୋଲି ପରିଚୟ ଦେଇଛି । ପ୍ରକୃତରେ ସେ ଜଣେ ରଜକ କନ୍ୟା ଏବଂ ଗୋଟିଏ ଛଦ୍ମବେଶଧାରିଣୀ ବାରବନିତା । ଅନେକ ଦିନ ଓ ଅନେକ ଘଟଣା ପରେ ଉକ୍ତ ରମଣୀଟି ନିଜେ ଏହା ସ୍ୱୀକାର କରିଥିଲା । ପ୍ରଥମେ ପ୍ରଥମେ ସେ ଖୁବ୍ ଭକ୍ତିମତୀ ଭାବରେ ରହି ପରେ ଗୋପନରେ ପ୍ରକାଶ କରିଲା ଯେ, ସେ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଅନୁରକ୍ତା ଏବଂ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ତା'ର ଗୂଢ଼ ମୋହ ଅଛି । ସେ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଖୁବ୍ କାମାସକ୍ତା । ଶ୍ରୀଶ୍ରୀଠାକୁର ତାଙ୍କର ସ୍ୱଭାବସିଦ୍ଧ ପ୍ରେମମୟ ମଧୁର ମାତୃଭାବାନୁପ୍ରାଣିତ ଭାବରେ ଓ ଭାଷାରେ ରମଣୀକୁ 'ମା' ବୋଲି ସମ୍ବୋଧନ କରି ସୁମଧୁର ବଚନରେ ସରଳ ଭାବରେ ବୁଝାଇ ଦେଲେ ଯେ ଏଠାରେ ତା'ର କୁପ୍ରବୃତ୍ତି

ଓ ମନ୍ଦ ଆଶା ଚରିତାର୍ଥ ହେବାର କୌଣସି ଆଶାନାହିଁ । ଏଠାରେ ସମସ୍ତେ ସ୍ତ୍ରୀ ଲୋକଙ୍କୁ ମାତୃଭାବରେ ଦେଖନ୍ତି ଓ ବ୍ୟବହାର କରନ୍ତି ।

ଏହାପରେ ଦିନେ ରାତ୍ରିରେ ଶ୍ରୀଶ୍ରୀଠାକୁର ଯେତେବେଳେ ଏକ ଅନବଗୁଣ୍ଠ ଗୃହ ମଧ୍ୟରେ ନିଦ୍ରିତ ଥିଲେ ସେତେବେଳେ ଏହି ରମଣୀ ଗୁପ୍ତ ଭାବରେ ଏକାକିନୀ ସେହି ନିର୍ଜ୍ଜନ ଅନ୍ଧକାର ଗୃହ ମଧ୍ୟରେ ପ୍ରବେଶ ପୂର୍ବକ ସହସା ଇନ୍ଦ୍ରିୟାସକ୍ତି ଚରିତାର୍ଥ କରିବାପାଇଁ ଜନମାନବର ଅଗୋଚରରେ ଶ୍ରୀଶ୍ରୀଠାକୁରଙ୍କ ଶଯ୍ୟା ଉପରକୁ ଉଠି ତାଙ୍କୁ ଉଲଗ୍ନ କରି ଖୁବ୍ ଜୋର୍‌ରେ ଆଲିଙ୍ଗନ-ତତ୍ପରା ହୋଇ ଉଠିଲାମାତ୍ରେ ଶ୍ରୀଶ୍ରୀଠାକୁର ସୁପ୍ରୋତ୍‌ଥିତ ଶାର୍ଦ୍ଦୁଳବତ୍ ତାକୁ ତାଙ୍କର ଶଯ୍ୟାରୁ ଆଖି ପିଛୁଳାକେ ତଳକୁ ପକାଇ ଦେଇ ପାର୍ଷଦମାନଙ୍କୁ ଡାକି ପକାଇବାକ୍ଷଣି ସେମାନେ ତତ୍‌କ୍ଷଣାତ୍ ସେଠାରେ ଆସି ଉପସ୍ଥିତ ହୋଇଗଲେ । ରମଣୀଟି ଦ୍ରୁତ ବେଗରେ ଉକ୍ତ ସ୍ଥାନ ତ୍ୟାଗ କରି ଗଡ଼ିଯାଇଥିଲା । ଶ୍ରୀଶ୍ରୀଠାକୁରଙ୍କ ପ୍ରତି ରମଣୀର ଏତାଦୃଶ ଅତ୍ୟାଗ୍ରର ସତ୍ତ୍ୱେ ସେ ଆଦେଶ ଦେଲେ ଯେ ଏହି ରମଣୀ ପ୍ରତି କେହି ଯେପରି କୌଣସି ଦୁର୍ବ୍ୟବହାର ନ କରେ, ଅତ୍ୟାଗ୍ରର ନ କରେ, କେହି ଯେପରି କ୍ରୋଧ ବଶବର୍ତ୍ତୀ ନ ହୁଏ କି ତାର ରହିବା ଖାଇବାର ଯେପରି କିଛି ତ୍ରୁଟି ନ ହୁଏ । ସେ ନିଜେ ସନ୍ତୁଷ୍ଟ ଚିତ୍ତରେ ଏହି ସ୍ଥାନ ତ୍ୟାଗ କରି ନ ଯିବା ପର୍ଯ୍ୟନ୍ତ କେହି ତାକୁ ସ୍ଥାନ ତ୍ୟାଗ କରିବାକୁ ଯେପରି ନ କହନ୍ତି । ପାପକୁ ଢଙ୍କା କରାହେଉ ପାପୀକୁ ନୁହେଁ । ସେତେବେଳେ ରମଣୀର ଧର୍ଦ୍ଧା ଆହୁରି ବୃଦ୍ଧି ପାଇଗଲା । ସେ ଅନ୍ଧକାର ରାତ୍ରିରେ ନିର୍ଜ୍ଜନରେ ଏକାକୀ ଆଉ ଦୁଇ ତିନିଥର ଶ୍ରୀଶ୍ରୀଠାକୁରଙ୍କୁ କୁତ୍ସିତ ଭାବରେ ଆକ୍ରମଣ କରି ବ୍ୟର୍ଥ ହୋଇ ମହାରାଜଙ୍କୁ ଥରେ ଆକ୍ରମଣ କରି ମଧ୍ୟ ବ୍ୟର୍ଥକାମ ହେଲା । ଧରା ପଡ଼ିଗଲା । ପୁଣି ଥରେ ଶ୍ରୀଶ୍ରୀଠାକୁରଙ୍କୁ ଆକ୍ରମଣ କରିବାକୁ ଇଚ୍ଛାକରି ଏବଂ ତା'ର ଉଦ୍ଦେଶ୍ୟ ଯଦି ସିଦ୍ଧ ନ ହୁଏ ତେବେ ତାଙ୍କୁ ହତ୍ୟା କରିବ ବୋଲି ମଧ୍ୟ ଭାବ ପ୍ରକାଶ କଲା । ଶ୍ରୀଶ୍ରୀବଧୂମାତାଙ୍କ ମନରେ ଅଶାନ୍ତିସୃଷ୍ଟି କରିବାକୁ ଚେଷ୍ଟା କରି ମଧ୍ୟ ବ୍ୟର୍ଥ ହେଲା । ଶେଷରେ ସେ ଏପରି ବ୍ୟବହାର କରିବାକୁ ଲାଗିଲା ଯେ, ସମସ୍ତେ ଆଶଙ୍କା କଲେ କାଳେ ଶ୍ରୀଶ୍ରୀବଧୂମାତାଙ୍କୁ ହତ୍ୟା କରିଦେଇ ପାରେ । ସେତେବେଳେ ତାକୁ ସମସ୍ତେ ସତ୍‌ସଙ୍ଗବାଟୀରୁ ଚଡ଼ି ଦେବାକୁ ଇଚ୍ଛା କଲେ, କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶ ଥାଏ, ''ସେ ନିଜେ ନଗଲେ ତାକୁ ତଡ଼ାଯିବ ନାହିଁ । ଆମେମାନେ ଭଲ ହେଲେ ସେ କିଛି କରିପାରିବ ନାହିଁ ।'' ଏହିପରି ପ୍ରାୟ ଦୁଇବର୍ଷ ଉକ୍ତ ସ୍ଥାନରେ ରହି ଶେଷରେ ନିଜର ପ୍ରକୃତ ପରିଚୟ ପ୍ରଦାନ କରି ନିଜ ହାତରେ ନିଜର ମୁଣ୍ଡ ଲାଞ୍ଛି କରି ପଳାଇଗଲା । ଯିବା ସମୟରେ ସେ କହିଗଲା— ବହୁ ମହାପୁରୁଷଙ୍କୁ ସେ ପରୀକ୍ଷା କରି ସଫଳତା ଲାଭ କରିଥିଲା, କିନ୍ତୁ ଏଠାରେ ହିଁ ସମ୍ପୂର୍ଣ୍ଣ ପରାଭୂତା ହେଲା ଏବଂ ଏ କୁକାର୍ଯ୍ୟ କରିବାପାଇଁ ତାକୁ କେହି ପ୍ରରୋଚିତ କରିଥିବାର ମଧ୍ୟ ଭାବ ପ୍ରକାଶ କଲା । ଧନ୍ୟ ସହିଷ୍ଣୁତା ଓ ଧନ୍ୟ କ୍ଷମା । ତଥାପି ତା ପ୍ରତି କୌଣସି ଅସମ୍ମାନ କରାଯାଇ ନାହିଁ ।

୩୦
ଶ୍ରୀଶ୍ରୀଠାକୁରଙ୍କର ପୁରୀଧାମକୁ ଗମନ

ସନ ୨୩୨୯ ସାଲର ପୌଷ ୧୬, ରବିବାର ପ୍ରାତଃକାଳରେ ଶ୍ରୀଶ୍ରୀଠାକୁର ପୁରୀଧାମରେ ଉପସ୍ଥିତ ହେଲେ । ବହୁ ପୁରୁଷ-ରମଣୀ ଭକ୍ତ ତାଙ୍କ ସହିତ ଯାଇଥିଲେ । କଟକର ଗଭର୍ଣ୍ଣମେଣ୍ଟ ଓକିଲ ଶ୍ରୀଯୁକ୍ତ ବାବୁ ଜାନକୀନାଥ ବସୁ ରାୟ-ବାହାଦୁର-ମହାଶୟ ସମସ୍ତ ଲୋକଙ୍କର ଯାତାୟାତ ଖର୍ଚ୍ଚ ଏବଂ ଦୁଇମାସରୁ ଉର୍ଦ୍ଧ୍ୱ ସେଠାରେ ଅବସ୍ଥାନକାଳୀନ ଆହାରାଦିର ବ୍ୟୟଭାର ବହନ କରିଥିଲେ । ଶ୍ରୀଶ୍ରୀଠାକୁର 'ହରନାଥ ଲଜ୍' ନାମକ କୋଠାଘରେ ଅବସ୍ଥାନ କରୁଥିଲେ; ସେଠାରେ ଶ୍ରୀଶ୍ରୀଜନନୀ, ମହାରାଜ ଓ ବହୁ ଭକ୍ତ ରହୁଥିଲେ । ଆହୁରି ମଧ୍ୟ ବହୁ ଭକ୍ତଙ୍କର ରହିବାପାଇଁ ଜାନକୀବାବୁ ଆଉ ଦୁଇଟି କୋଠା ଘର ନିଜ-ବ୍ୟୟରେ ଭଡ଼ାକରି ଦେଇଥିଲେ । କଲିକତାର ବାରିଷ୍ଟର ଶ୍ରୀଯୁକ୍ତ ଜେ.ଏନ୍. ଦତ୍ତ-ମହାଶୟ ସ୍ୱୟଂ ଓ ତାଙ୍କର ସହଧର୍ମିଣୀ ବହୁ ଯତ୍ନ ଓ ପରିଶ୍ରମ କରି ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନ କରୁଥିଲେ । ଶ୍ରୀଯୁକ୍ତ ଜାନକୀବାବୁ ମଧ୍ୟ ମଝିରେ ମଝିରେ କଟକରୁ ପୁରୀକୁ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସୁଥିଲେ ଏବଂ ତାଙ୍କର ପରମ ଭକ୍ତିମତୀ ପତ୍ନୀ ମଧ୍ୟ ସେହି ସମୟରେ ପୁରୀଧାମରେ ଅବସ୍ଥାନ କରୁଥିଲେ । ଶ୍ରୀଶ୍ରୀଠାକୁରଙ୍କ ଅନେକ ଭକ୍ତଙ୍କ ସହିତ ମୁଁ ମଧ୍ୟ ମାଘ ୭ ତାରିଖରେ ତାଙ୍କର ଶ୍ରୀଚରଣସମୀପରେ ଉପସ୍ଥିତ ହୁଏ । ତାହାର ଦିନେ ବା ଦୁଇଦିନ ପରେ କିଶୋରୀମୋହନ ତାଙ୍କର କୀର୍ତ୍ତନଦଳ ଓ ବହୁଭକ୍ତଙ୍କ ସହିତ ସେଠାରେ ଉପନୀତ ହୋଇ ଶଙ୍ଖ, ଘଣ୍ଟା, ମୃଦଙ୍ଗ ଇତ୍ୟାଦି ବାଦ୍ୟ—ସହକାରେ ଶ୍ରୀଭଗବାନଙ୍କର ନାମ-କୀର୍ତ୍ତନରେ ପୁରୀଧାମ ପ୍ରକମ୍ପିତ କରି ମାନବ ହୃଦୟରେ ଅଭୂତପୂର୍ବ ଅଭାବନୀୟ ଭକ୍ତି ଓ ଆନନ୍ଦସ୍ରୋତ ପ୍ରବାହିତ କରିଥିଲେ । ଏହାର ପରବର୍ତ୍ତୀ ଗୁରୁବାର ଦିନ ସୂର୍ଯ୍ୟୋଦୟର କିଛି ସମୟ ପରେ ଅକସ୍ମାତ୍ ଶ୍ରୀଶ୍ରୀଠାକୁରଙ୍କୁ ଦେଖିବାକୁ ମିଳିଲା ନାହିଁ । ସେ କଠଉ ପାଦରେ ଦେଇ ପଦଘୂରଣ କରି କରି କେଉଁଆଡ଼େ ଯେ ଗଡ଼ି ଯାଇଥିଲେ କେହି ତାହା କହିପାରିଲେ ନାହିଁ । ସେତେବେଳେ ହୁଲସ୍ଥୁଲ ପଡ଼ିଗଲା । ଅନେକେ ଭୀତ ହୋଇ ଅଶ୍ରୁ ବିସର୍ଜ୍ଜନ କରିବାକୁ ଲାଗିଲେ, ଅନେକଙ୍କର ମଧ୍ୟାହ୍ନରେ ଆହାର ହେଲାନାହିଁ । ବହୁ ଲୋକ ବହୁ ସ୍ଥାନରେ ଅନୁସନ୍ଧାନ କରି ମଧ୍ୟ ତାଙ୍କର ସନ୍ଧାନ ମିଳିଲା ନାହିଁ । କଟକକୁ ମଧ୍ୟ ତାର ଯୋଗେ ସମ୍ବାଦ ଆଦାନ-ପ୍ରଦାନ ହେବାକୁ ଲାଗିଲା । ଏଣେ ନାମ-ସଂକୀର୍ତ୍ତନ ଓ ପ୍ରାର୍ଥନା ହେବାକୁ ଲାଗିଲା । ସୂର୍ଯ୍ୟଦେବ ଅସ୍ତାଚଳ ଶିଖରାରୋହଣ କରିଛନ୍ତି । ହିମାଂଶୁମାଳୀ ଉଦୟାଚଳ ପରିତ୍ୟାଗ କରି ରଜନୀର ଅନ୍ଧକାର ବିଦୂରିତ କରି ଲୋକଲୋଚନରେ ଗୋଚର ହୋଇଛନ୍ତି, ଏପରି ସମୟରେ ଦେଖାଗଲା ଶ୍ରୀଶ୍ରୀଠାକୁର କୂପ ନିକଟରେ ସହାସ୍ୟବଦନରେ ଦଣ୍ଡାୟମାନ । ଅନେକ ଲୋକ ସେଠାରେ ଉପସ୍ଥିତ ଥିଲେ ସୁଦ୍ଧା କେହି ତାଙ୍କର ଆଗମନ ଦେଖିପାରି ନାହାଁନ୍ତି, କିନ୍ତୁ ତାଙ୍କର ଉପସ୍ଥିତିରେ ସମସ୍ତେ ପରମାନନ୍ଦରେ ଭାସିବାକୁ ଲାଗିଲେ, ଯେପରି ହଜିଲା ଧନ ପାଇଗଲେ । ତାଙ୍କୁ ପଘୂରିବାରୁ ଅବଗତ ହେଲୁ, ସେ 'ସାକ୍ଷୀଗୋପାଳ' ଯାଇଥିଲେ । ଦିନସାରା କିଛି ଭୋଜନ କରି ନାହାଁନ୍ତି । କହିଲେ— ''ବାଟ ଚିହ୍ନି ନ ଥିଲି, ଅନୁମାନ କରି କଠଉ ମାଡ଼ି ଅନେକ ଦୂର ଗଲି, ପରେ ହାତରେ କଠଉ ଧରି ଅବଶ୍ୟ କଠଉ ମାଡ଼ି ଯାଇ ପାରିଥାନ୍ତି କିଛିଦୂର ଯାଉ ଯାଉ ଗୋଟିଏ ଜାଗାରେ ପାଦ ଆଉ ଚଳିଲା ନାହିଁ, ବନ୍ଦ ହୋଇଗଲା । ସେଠାରେ ପଘୂରିଲି, ଏ ସ୍ଥାନର ନାମ କ'ଣ ? ଉତ୍ତର ପାଇଲି— ସାକ୍ଷୀଗୋପାଳ । ତାପରେ ଗଡ଼ି ଆସିଛି ।''

ପ୍ରଥମରେ କିଛିଦିନ ସମୁଦ୍ରରେ ସ୍ନାନକରି ନାହାଁନ୍ତି । ଫେବୃୟାରୀ ୭ ତାରିଖ ଦିନ ପ୍ରଥମ ସମୁଦ୍ରରେ ସ୍ନାନ କରନ୍ତି । ବହୁ ଭକ୍ତ ସେହି ସମୟରେ ସ୍ନାନ କରନ୍ତି । ସେ ଏକ ମହୋତ୍ସବ । ଦିନକର ସେ ସମୁଦ୍ର ଭିତରେ ଅଳ୍ପ ଜଳରେ ଦଣ୍ଡାୟମାନ ହେବାମାତ୍ରେ ତାଙ୍କର ଫଟୋ ଉଠାଇ ନିଆ ହୋଇଥିଲା । ଫେବୃୟାରୀ ୧୪ ତାରିଖ, ବୁଧବାର ଦିନ ପୁରୀରୁ କଲିକତା ପ୍ରତ୍ୟାବର୍ତ୍ତନ କରନ୍ତି । ସେ ପୁରୀରେ ଦୁଇମାସରୁ କିଛି କମ୍ ଦିନ ଅବସ୍ଥାନ କରିଥିଲେ । ତାଙ୍କ ସଙ୍ଗରେ ଦୁଇ ଶତାଧିକ ପୁରୁଷ-ରମଣୀ ଭକ୍ତ ସେଠାରେ ଥିଲେ । ଚିରାଚରିତ ପାଧାରଣ ପ୍ରଥା ଅନୁସାରେ ଶ୍ରୀଶ୍ରୀଠାକୁର ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ନାହାଁନ୍ତି ବା ଶ୍ରୀଶ୍ରୀଜଗନ୍ନାଥ ଦର୍ଶନ କରି ନାହାଁନ୍ତି । ପ୍ରତ୍ୟାଗମନ କରିବାର ଦିନେ ଦୁଇଦିନ ପୂର୍ବରୁ ନିର୍ଜ୍ଜନଭାବରେ ମହାରାଜଙ୍କ ସହିତ ସେ ଶ୍ରୀ ମନ୍ଦିରକୁ ପ୍ରାତଃକାଳରେ ଗମନ କରିଥିଲେ । ସାଙ୍ଗରେ ଅନ୍ୟ କେହି ଯିବାକୁ ଆଦେଶ ପାଇ ନ ଥିଲେ । ତେବେ ଶ୍ରୀମାନ୍ ଜ୍ୟୋତିଷଚନ୍ଦ୍ର ଘୋଷ ଦୂରରେ ଅବସ୍ଥାନ ପୂର୍ବକ ତାଙ୍କର ଅନୁଗମନ କରି ତାଙ୍କର ଜଗନ୍ନାଥ ଦର୍ଶନାଦିର ଘଟଣା ପ୍ରତ୍ୟକ୍ଷ କରିଥିଲେ ।

ଦୈବବାଣୀ—ମହାନ୍ ଅବତାର

ପୁରୀରେ ଶ୍ରୀଯୁକ୍ତ ଏସ୍.କେ. ରାୟ, ଏମ୍.ବି, ଡାକ୍ତର-ମହାଶୟଙ୍କର ପିଉସୀମାତାଠାକୁରାଣୀ ଦିନେ ସନ୍ଧ୍ୟାପରେ ଆହ୍ନିକକୃତ୍ୟ କରୁକରୁ ମନେ କଲେ—"ଏଇ ଯେଉଁ ଠାକୁର ଆସିଛନ୍ତି, ଇଏ କିଏ ? ଆଉ, ଇଏ ଯେଉଁ ସତ୍ୟନାମ ପ୍ରସ୍ତୁର କରୁଛନ୍ତି ଏହା କିପରି ? ଏତେ ଦିନ ହେଲା ଆମେ ଯେଉଁ ନାମ କରୁଛୁ ତା'ସହିତ ଏହି ନାମର ପାର୍ଥକ୍ୟ ବା କ'ଣ ?" ଏହିପରି ଚିନ୍ତା କରିବା ପରେ ସେ ସ୍ପଷ୍ଟ ଦୈବୀବାଣୀ ଶୁଣିଲେ— "ଏହି ନାମ ହିଁ ଚାରକବ୍ରହ୍ମ ନାମ ।" ସେ ପୁନରାୟ ସନ୍ଧ୍ୟା କରିବାକୁ ଲାଗିଲେ, ସେତେବେଳେ ସେହି ଅବସ୍ଥାରେ ଦେଖିଲେ ପ୍ରକାଣ୍ଡ ଅତ୍ୟୁଜ୍ଜ୍ୱଳ ସୁସ୍ନିଗ୍ଧ ଶୁଭ୍ରବର୍ଣ୍ଣ ଜ୍ୟୋତିଃ ଆଉ ସେହି ଜ୍ୟୋତିଃ ମଧ୍ୟରୁ ଦୈବବାଣୀ ହେଲା—"(ଇଏ) ମହାନ୍ ଅବତାର, ମହାନ୍ ଅବତାର, ମହାନ୍ ଅବତାର ।" ସେ ତତ୍‌କ୍ଷଣାତ୍ ଘଟଣାଟି ଡାକ୍ତର ରାୟଙ୍କୁ କହିଲେ । ପରଦିନ ଡାକ୍ତର ରାୟ ସପରିବାର ପିଉସୀମାଙ୍କୁ ସାଙ୍ଗରେ ନେଇ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରୟ ଓ ସତ୍ୟନାମ ଗ୍ରହଣ କଲେ ଏବଂ ଆତ୍ମୀୟମାନଙ୍କ ନିକଟରେ ଘଟଣାଟି ବର୍ଣ୍ଣନା କଲେ । ମୁଁ ଘଟଣାଟି ପିଉସୀମାଙ୍କ ନିକଟରୁ ଭଲ କରି ଶୁଣିନେଲି ।

ପୁରୀ ନୋଳିଆ ସାହିର ତୀର୍ଥାଶ୍ରମରେ ଜଣେ ସାଧୁମାତା ଥିଲେ, ତାଙ୍କର ନାମ ନୁଟୁମଣି ଦେବୀ । ଅନେକେ ତାଙ୍କୁ ଖୁବ୍ ମାନ୍ୟ କରନ୍ତି । ସେ ଏହି ଘଟଣା ଶୁଣି ଡାକ୍ତରବାବୁଙ୍କ ବସାକୁ ଆସି ସମସ୍ତ ଅବଗତ ହୋଇ ଶ୍ରୀଶ୍ରୀଠାକୁରଙ୍କ ସହିତ ଦେଖାକଲେ । ଧ୍ୟାନ କରିବା ସମୟରେ ତାଙ୍କର ମଧ୍ୟ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଛି ଜାଣିପାରି ପରଦିନ ଡାକ୍ତରବାବୁଙ୍କ ସହିତ ଉକ୍ତ ସାଧୁମାତାଙ୍କ ଘରକୁ ଗଲି, ଅନେକ ସଦାଲୋଚନା ହେଲା । ମୁଁ ଘଟଣା ପଗ୍ଭରିବାରୁ ସେ ମୋତେ ତାଙ୍କ ଘରକୁ ଏକାକୀ ଯିବାକୁ କହିଲେ । ସେତେବେଳେ ସେ କହିଲେ— "ଡାକ୍ତରବାବୁଙ୍କ ପିଉସୀମା ଖୁବ୍ ଖାଣ୍ଟି ଲୋକ, ଖୁବ୍ ସାଧନା କରନ୍ତି । ତାଙ୍କର କଥାରେ ମୋର ଖୁବ୍ ବିଶ୍ୱାସ ହୁଏ, ତେଣୁ ବାବା ତୁମର ଠାକୁରଙ୍କ ନିକଟକୁ ଯାଇ ଏହି ସତ୍ୟନାମ ନେବାକୁ ଗ୍ରହେ । ସେ ସ୍ୱୟଂ ନାମ ଦିଅନ୍ତି ନାହିଁ, ଏଥିପାଇଁ ମନଦୁଃଖରେ ଘରକୁ ଫେରି ଆସିଲି । ମୋର ଗୁରୁ ଶ୍ରୀଶ୍ରୀରାମକୃଷ୍ଣ ପରମହଂସ । ସେହିଦିନ ରାତ୍ରିରେ ଧ୍ୟାନ ସମୟରେ ଦେଖିଲି ଶ୍ରୀରାମକୃଷ୍ଣ, ଶ୍ରୀଚୈତନ୍ୟ, ଶ୍ରୀବୁଦ୍ଧ, ଶ୍ରୀନାନକ ଓ ଶ୍ରୀଶଙ୍କରାଚାର୍ଯ୍ୟ ପ୍ରଭୃତି

ଅବତାର ପୁରୁଷଗଣ ଜ୍ୟୋତିର୍ମୟ-ମୂର୍ତ୍ତିରେ ଶ୍ରୀଶ୍ରୀଠାକୁରଙ୍କ ଦେହରେ ମିଶିଗଲେ, ଆଉ ଶ୍ରୀରାମକୃଷ୍ଣ ଦେବ କହିଲେ– ଏଇ ଅବତାର । ସେହି ଦିନହିଁ ସ୍ୱପ୍ନରେ ସ୍ୱୟଂ ଠାକୁରଙ୍କ ନିକଟରୁ ସତ୍ୟନାମରେ ଦୀକ୍ଷା ପାଇଲି ।''

ଡାକ୍ତର ଏସ୍.କେ. ରାୟ-ମହାଶୟ ବର୍ତ୍ତମାନ କଲିକତାରେ ଲାବୋରେଟାରୀ କରିଛନ୍ତି । ସେଠାରୁ ଡାକ୍ତର ପିଉସୀମା ୧୩୩୨ ସାଲରେ ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କର ସତ୍‌ସଙ୍ଗବାଟୀକୁ ଆସନ୍ତି । ଅନୁରୋଧ କରି କାଣିଲି, ସେ ଆହୁରି ଦୈବବାଣୀ ପ୍ରାପ୍ତ ହୋଇଛନ୍ତି । ଏହି ସତ୍ୟନାମ ଗ୍ରହଣ କରିବା ପୂର୍ବରୁ ସେ ବହୁକାଳ ସାଧନା କରି ମଧ୍ୟ ଏପରି ଦୈବବାଣୀ ଶୁଣି ନାହାଁନ୍ତି । ୧୩୩୦ ସାଲର ଚୈତ୍ର ୧୦ ତାରିଖ ରାତ୍ରିକାଳରେ ସେ ତୃତୀୟଥର ଦୈବବାଣୀ ଶୁଣିଲେ– ''(ଇଏ) ଗୁରୁରୂପେ ସ୍ୱୟଂ ଭଗବାନ୍ ।''

ଅନ୍ୟ ଏକ ଦିନ (୪ର୍ଥ):–''ଭଲ ଗୁରୁ ।''

ଅନ୍ୟ ଦିନ (୫ମ):– ''ଦେଖୁନା, ଦେଖୁନା, ଦେଖୁନା ଭାବବାଣୀ (ପୁଣ୍ୟପୋଥି) ଯାହା ଦ୍ୱାରା ଅନ୍ତର୍ଜଗତର କଥା ପ୍ରକାଶ ହେଉଛି ।''

ପରେ (୬ଷ):– ଦେଖିଲେ ଆଜ୍ଞାଚକ୍ରରେ ଶ୍ରୀଶ୍ରୀଠାକୁର, ପରେ ବାହାରକୁ ଆସି ଠିଆ ହେଲେ । ସେ ଯେପରି ଦୁଧ ଦ୍ୱାରା ପାଦ ଧୋଇ ଦେଉଛନ୍ତି । ଠାକୁର ହସି କହିଲେ– ''ବେଶ୍ ବେଶ୍ । ସଂସାରରେ ଦୁଇ ପ୍ରକାର ଲୋକ ଅଛନ୍ତି– ସତ୍ ଏବଂ ଅସତ୍ ।''

ପୁଣି ଆଉଦିନେ (୭ମ):–''ଅନ୍ୟାନ୍ୟ ଯୁଗରେ ବହୁ ସାଧନାରେ ସିଦ୍ଧି, ଏ-ସମୟରେ ଅଳ୍ପ ସାଧନାରେ ସିଦ୍ଧି ।''

ଅନ୍ୟ ଦିନ (୮ମ):–''ସମସ୍ତଙ୍କୁ ପ୍ରେମ କର ।''

ଅନ୍ୟ ଏକ ଦିନ (୯ମ):– ''ଲୋକ ଭଗବାନ୍ ସ୍ୱହେ.....(ଏଇ) ଠାକୁରଙ୍କୁ ଯିଏ ନିନ୍ଦା କରେ ସେ-ସ୍ଥାନ ତାର ଅଗ୍ନିରେ ଦଗ୍ଧ ହୋଇଯିବ ।''

ବାଲ୍ୟକାଳର ଅନ୍ୟ ଏକ କଥା

ବାଲ୍ୟକାଳରେ ସେ ଯେତେବେଳେ ଉଚ୍ଚ-ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ସେତେବେଳେ ଜଣେ ଶିକ୍ଷକ ଗଣନା କରିବା ସମୟରେ କହୁଥିଲେ–''ଏକ ଆଉ ଏକ–ଦୁଇ ।'' ଏହି ଏକ ଆଉ ଏକ–ଦୁଇ ଶୁଣିବାମାତ୍ରେ ସେ କହିଲେ–''ଏକ ଆଉ ଏକ ଦୁଇ କିପରି ହୋଇପାରେ ? ଜଗତରେ ଦୁଇଟି ଏକ ତ ରହିପାରିବ ନାହିଁ ! ଏକହିଁ ଏକ, ସେତେବେଳେ ଏକ ଆଉ ଏକ କିପରି ଦୁଇ ହେବ ?'' ଶିକ୍ଷକ-ମହାଶୟ ଏହି ଅଦ୍ଭୁତ ବାଳକର ଏହି ଅଦ୍ଭୁତ ସତ୍ୟଜ୍ଞାନ ନ ବୁଝି ତାଙ୍କୁ ବେତ୍ରାଘାତ କଲେ । ସେଥିରେ ସେ ବଡ଼ କଷ୍ଟ ବୋଧ କରିଥିଲେ । ଏବେ ମଧ୍ୟ ସେ-କଥା ତାଙ୍କର ମନେଅଛି ।

ଅନ୍ତର୍ଯ୍ୟାମିତ୍ୱ ସମ୍ବନ୍ଧରେ କେତୋଟି ବିଶେଷ କଥା

୧୩୩୧ ସାଲର ବୈଶାଖ ମାସର 'ପ୍ରବାସୀ' ପତ୍ରିକାରେ ଯାଜ୍ଞବଲକ୍ୟଙ୍କର ବ୍ରହ୍ମବାଦ ପ୍ରବନ୍ଧ ପାଠ କରୁ କରୁ ସେ କହିଲେ—''ଏଇ ଦେଖନ୍ତୁ, ମୁଁ ପୂର୍ବେ କହୁଥିଲି ଅନ୍ତର୍ଯ୍ୟାମିତ୍ୱ ଶବ୍ଦର ସାଧାରଣ ଯେଉଁ ଅର୍ଥ ଆପଣମାନେ ବୁଝନ୍ତି ତାହାର ପ୍ରକୃତଅର୍ଥ କିନ୍ତୁ ତା'ନୁହେଁ, ଏଠାରେ ମଧ୍ୟ ତା'ଲେଖା ଅଛି''— ଏହା କହି ପାଠକଲେ ''ଅନ୍ତର୍ଯ୍ୟାମୀ ଶବ୍ଦର ଗୋଟିଏ ଭୁଲ ଅର୍ଥ ପ୍ରଚଳିତ ଅଛି। ଅନେକେ ମନେ କରନ୍ତି—ଯିଏ ଅନ୍ତରର ସମୁଦାୟ କଥା ଜାଣନ୍ତି ସେହି ଅନ୍ତର୍ଯ୍ୟାମୀ। କିନ୍ତୁ ଏହାର ପ୍ରକୃତ ଅର୍ଥ ହେଉଛି:—ଯିଏ ଅନ୍ତରକୁ ନିୟମିତ କରନ୍ତି ସେହି ଅନ୍ତର୍ଯ୍ୟାମୀ। ଏ ସ୍ଥଳରେ ଏହି ଅର୍ଥରେ ଅନ୍ତର୍ଯ୍ୟାମୀ ଶବ୍ଦ ବ୍ୟବହୃତ ହୋଇଅଛି। ଉଦ୍ଦାଳକ ପ୍ରଶ୍ନ କରିଛନ୍ତି ''ଅନ୍ତର୍ଯ୍ୟାମୀ କିଏ ? ଯାଜ୍ଞବଲ୍କ୍ୟଙ୍କର ଉତ୍ତର ହେଉଛି:— ଯିଏ ପୃଥିବୀରେ ଅବସ୍ଥିତ ଅଥଚ ପୃଥିବୀଠାରୁ ପୃଥକ୍.....ଯିଏ ପୃଥିବୀକୁ ନିୟମିତ କରୁଛନ୍ତି, ସେ ତୁମର ଆତ୍ମା, ସେ ଅନ୍ତର୍ଯ୍ୟାମୀ ଓ ଅମୃତ।'' ଏହି ପର୍ଯ୍ୟନ୍ତ ପାଠ କରି କହିଲେ—''ଆପଣମାନେ ଯେଉଁ ଅନ୍ତର୍ଯ୍ୟାମୀ ମାନେ କହନ୍ତି ମନର କଥା ଜାଣିବା, ବହୁ ପୂର୍ବେ ମୁଁ କହିଛି ସେଟା କିନ୍ତୁ ତା'ନୁହେଁ। ଆପଣମାନେ ଉକ୍ତ ଅର୍ଥରେ ମୋତେ ଅନ୍ତର୍ଯ୍ୟାମୀ କହନ୍ତି। ମୁଁ କିନ୍ତୁ ତା'ବୁଝେ ନା। ମୁଁ ଆପଣମାନଙ୍କ ସଙ୍ଗେ ଯୁକ୍ତ ହେଲେ ହିଁ ଆପଣମାନଙ୍କର ଅନ୍ତରସ୍ଥ ଭାବ ଅନୁଯାୟୀ ଆପଣମାନଙ୍କୁ ନିୟମିତ କରିଥାଏ, ସେଟା ଆପଣାଛାଏଁ ମୋର ହୁଏ। ସେଟା ବୋଧହୁଏ **Causeo-activity** (ଆଦିକାରଣ ଗୃଢ଼ଲକ୍ଷ୍ୟ ବା କାର୍ଯ୍ୟତତ୍ପରତା) ଯୋଗେ ହୁଏ। ସେଟା ଚେଷ୍ଟା କରି ହୁଏ ନା। ଆଉ, ମୁହଁ ଦେଖି ମନର କଥା କହିବା **(thought reading)** ତା'ମଧ୍ୟ ଚେଷ୍ଟା କରି ମୋର ହୁଏ ନା। ଚେଷ୍ଟା ନ କରି ବି ମନ **vacant** (ଖୋଲି) ହେଲେ ଆପଣାଛାଏଁ ହୁଏ।'' ସମୟ-ସମୟରେ ସେ କହିଥାଆନ୍ତି— ''ଏପରି ଗୋଟାଏ କିଛି ଅଛି ତା'ସହିତ ମୁଁ ଯେତେବେଳେ ଯୁକ୍ତ ହୁଏ ସେତେବେଳେ ମୁଁ ସର୍ବଜ୍ଞାନ୍ତା। ବିଶ୍ୱର ସମସ୍ତ ଜାଣିପାରେ, ବୁଝିପାରେ ଓ ଦେଖିପାରେ। ନ ହେଲେ ଅନ୍ୟ ସମୟରେ ହୁଏ ନା।''

ଅନ୍ୟ ଏକ ସମୟରେ କହିଛନ୍ତି—''ମନର କଥା କହିଦେବା ପାଇଁ ମୁଁ କହିପାରେ ନା, ସେଥିରେ ଅନେକ ତଳକୁ ଆସିବାକୁ ହୁଏ। ସେଟାକୁ ଚେଷ୍ଟା କରି ଆପଣମାନଙ୍କର ମନର **level** (ସମତଳ ସ୍ତର) ପର୍ଯ୍ୟନ୍ତ ମୋର ମନକୁ ଖସାଇ ଆଣି କହିବାକୁ ହୁଏ। ସେଟା ବଡ଼ ନିମ୍ନସ୍ତରର କାର୍ଯ୍ୟ। ତା'ନ ହୋଇ ଆପଣମାନଙ୍କର ମନର ଅବସ୍ଥା ମୋର **position** (ଅବସ୍ଥାରେ) ରହି ଆପଣମାନଙ୍କର ମନକୁ **study** (ଅଧ୍ୟୟନ) କରିବାକୁ ଆପଣମାନଙ୍କର **level** (ସମାନସ୍ତରକୁ) ଖସି ନ ଆସି ଆପଣମାନଙ୍କର ସକଳ ମନର, ଭାବର, ଅବସ୍ଥାର ଭାବ ପରିସ୍ଫଳନ ବା ନିରାକରଣ ଭାବ, ଏହି ମନରେ ଆପଣାଛାଏଁ ଉଦୟ ହୋଇ ତଦନୁରୂପ ଉତ୍ତର ଦେବା ବା କାର୍ଯ୍ୟ କରାହୁଏ। ଏଇଟାହିଁ ଭଲ ଲାଗେ। ମନର ସବୁ **detail** (ଟିକିନିଖି) ଖବର ଜାଣିବାକୁ ଇଚ୍ଛା ହୁଏ ନା। ଦରକାର ବି ହୁଏନା। ତେବେ ଆପଣମାନଙ୍କ ମଙ୍ଗଳ ପାଇଁ, ଚଳାଇବା ପାଇଁ ଆବଶ୍ୟକ ଅନୁସାରେ ଭାବ ଜାଣି ତଦନୁସାରେ ପ୍ରୟୋଗ ହୁଏ।'' ସେ ସହଜରେ ସବୁ ସମୟରେ ଏ-ସମସ୍ତ କଥା କହନ୍ତି ନାହିଁ, ତେବେ **inspired** (ଐଶ୍ୱରିକ) ଭାବରେ କଥା ଛଳରେ କେତେବେଳେ କେତେବେଳେ ଅଳ୍ପ ଅଳ୍ପ କହି ପକାନ୍ତି, ସେଗୁଡ଼ିକର ସାର-ସଂଗ୍ରହ ଏହି ସମସ୍ତ କଥା।

କେବେ କେହି କହି ପକାନ୍ତି, ତାଙ୍କର ମସ୍ତିଷ୍କ ମଧ୍ୟରେ ଯେପରି ଅନେକ **wireless telegraph** (ତାରହୀନ ସମାଦରା) ଷ୍ଟେସନ୍ ବୋଧହୁଏ ଅଛି ! କେବେ କେବେ କହି ପକାନ୍ତି, ସର୍ବଦା ନାନାବ୍ୟକ୍ତିଙ୍କର ନାନାସ୍ଥାନର ଓ ନାନାସମୟର ଫଟୋ (ଛବି) ସର୍ବଦା ଯେପରି ତାଙ୍କର ସମ୍ମୁଖରେ ଦେଖିବାକୁ ପାଇଥାନ୍ତି। ଆଉ, ତାର ବହୁ ପ୍ରତ୍ୟକ୍ଷ ପ୍ରମାଣ ମଧ୍ୟ ଆମେମାନେ ସର୍ବଦା ପାଇଥାଉଁ।

ଦିନେ କଣେ ଭକ୍ତଙ୍କୁ କହିଲେ—''ଦେଖନ୍ତୁ, ମଣିଷର ମନର କଥା ଜାଣିବାଟା ବେଶୀ କିଛି ନୁହେଁ; ଖୁବ୍ ନାମ କରିଲେ ହିଁ ହୁଏ। ଖୁବ୍ ନାମ କରିବେ ଆଉ ଯେଉଁ ବ୍ୟକ୍ତି ସାମନାକୁ ଆସିବ ଠିକ୍ କରି ତା ଆଡ଼କୁ ଏହିପରି ଗୁହିଁ ରହିଲେ ହିଁ ଜାଣିପାରିବେ ସେ କ'ଣ ମନେ କରି ଆସିଛି।''

୧୩୩୦ ସାଲର ଶେଷଭାଗରେ ମୁକ୍ତାଗାଛାର ଜମିଦାର ଯତୀନ୍ଦ୍ର ଦିନେ ଶ୍ରୀଶ୍ରୀଠାକୁରଙ୍କୁ ସ୍ମିତମୁଖରେ କହିଲେ—''ଠାକୁର, ମୋର ବାରଅଣା ପଇସା ଆପଣ ଦିଅନ୍ତୁ। ଜାଣି ଶୁଣି ମୋର ବାରଅଣା ଦଣ୍ଡ ଲଗାଇଲେ। ଜାଣନ୍ତି ତ ମୋର କାଲି ଟଙ୍କା ଆସିବ, ତେବେ ପୁଣି ଟେଲିଗ୍ରାମ୍ କରିବାକୁ ମୋତେ ଅନୁମତି ଦେଲେ କାହିଁକି ?'' ଶ୍ରୀଶ୍ରୀଠାକୁର କହିଲେ—''ଆପଣ ଟେଲିଗ୍ରାମ୍ କରିବାକୁ ଇଚ୍ଛା କଲେ ବୋଲି।'' ଯତୀନ୍ଦ୍ରା କହିଲେ— ''ଟଙ୍କା ଆସିବ ଜାଣିଲେ କ'ଣ ମୁଁ ଟେଲିଗ୍ରାମ୍ କରିବାକୁ ଇଚ୍ଛା କରିଥାନ୍ତି ! ମା'ଙ୍କୁ ତ କାଲି ଗୋପନରେ କହିଥିଲେ ଯେ, ଆଜି ଯତୀନ୍ଦ୍ରାଙ୍କର ଟଙ୍କା ଆସିବ, ମା, ତୁମକୁ ଆଉ ଟଙ୍କା ପାଇଁ ପାବନା ଯିବାକୁ ହେବନାହିଁ। ଠାକୁର, ମା'ଙ୍କୁ କହିଲେ, ଆଉ ମୋତେ କହିଲେ ନାହିଁ। ମୋତେ କହିଲେ ତ ଆଉ ମୁଁ ଟେଲିଗ୍ରାମ୍ କରି ନଥାନ୍ତି।'' ଶ୍ରୀଶ୍ରୀଠାକୁର ସୁମଧୁର ମୃଦୁହାସ୍ୟ ସହକାରେ କହିଲେ— ଆପଣଙ୍କୁ କହିଲେ ତ କହିଥାନ୍ତେ ଆପଣ ଅନ୍ତର୍ଯ୍ୟାମୀ !'' ଶ୍ରୀଶ୍ରୀଜନନୀ କହିଲେ—''ସେ (ଶ୍ରୀଶ୍ରୀଠାକୁର) କାଲି କିନ୍ତୁ ମୋତେ ଚୁପ୍ କରି କହିଥିଲା ଆଜି ଯତୀନ୍ଦ୍ରାଙ୍କର ଟଙ୍କା ଆସିବ, ମା, ତୁମକୁ ଆଉ ପାବନା ଯିବାକୁ ହେବନାହିଁ।

ତପୋବନ ଆଦର୍ଶ-ବିଦ୍ୟାଳୟ

ମନୁଷ୍ୟର ବାଲ୍ୟକାଳରୁ **training** (ଶିକ୍ଷା) ଦେଇ ଗଢ଼ି ତୋଳି ନ ପାରିଲେ ମନୁଷ୍ୟକୁ ପ୍ରକୃତ ମନୁଷ୍ୟ କରାଯାଏ ନାହିଁ। କେବଳ ଧର୍ମଗ୍ରନ୍ଥ ବା ନୀତିଗ୍ରନ୍ଥ ପାଠ ଦ୍ୱାରା ଅଥବା ବକ୍ତୃତା ଶୁଣିବା ଦ୍ୱାରା ମନୁଷ୍ୟ ଯଥାର୍ଥ ମନୁଷ୍ୟ ହୋଇପାରେ ନାହିଁ, ଯଦି ବାଲ୍ୟକାଳରୁ ସେପରି ଆଦର୍ଶଯୁକ୍ତ ଶିକ୍ଷାପ୍ରାପ୍ତ ନ ହୁଏ। ଆଜିକାଲିର **Godless education** ବା ନୀତିଧର୍ମହୀନ ବିଦ୍ୟାଶିକ୍ଷା କରିବା ଫଳରେ ସେହି ଉଦ୍ଦେଶ୍ୟ କିଛି ବି ସଫଳ ହୁଏ ନାହିଁ ଦେଖି ଶ୍ରୀଶ୍ରୀଠାକୁର ନୂତନଯୁଗର ନବ-ଆଦର୍ଶରେ ଓ ପ୍ରାଚୀନ ମୁନିଋଷିଙ୍କର ଆଦର୍ଶର ସମ୍ମିଶ୍ରଣରେ ଏକ ଅତି ଉତ୍ତମ ଉନ୍ନତ ଧରଣର ତପୋବନ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ଏହି ତପୋବନକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ନିମିତ୍ତ ଚେଷ୍ଟା ହେଉଅଛି।

ଆଦର୍ଶ ବହୁଗୁଣିଆ ଓ ବାଳିକା-ବିଦ୍ୟାଳୟ ଏହା ମଧ୍ୟ ଉକ୍ତ ତପୋବନର ଶାଖାସ୍ୱରୂପ ହେଉଅଛି। କାର୍ଯ୍ୟାରମ୍ଭ ହୋଇଅଛି।

ବିଶ୍ୱବିଜ୍ଞାନ କେନ୍ଦ୍ର—ଗୋଟିଏ ବିଶ୍ୱବିଜ୍ଞାନ କେନ୍ଦ୍ର ଶ୍ରୀଶ୍ରୀଠାକୁର ସ୍ଥାପନ କରାଇ କାର୍ଯ୍ୟାରମ୍ଭ କରାଇ ଦେଇଅଛନ୍ତି। କେତେଜଣ ଅଧ୍ୟାପକ ଓ ବୈଜ୍ଞାନିକ ଏହି କାର୍ଯ୍ୟରେ ଜୀବନୋତ୍ସର୍ଗ କରି

ଶ୍ରୀଶ୍ରୀଠାକୁରଙ୍କର ଆଦେଶ ଓ ଉପଦେଶ ଅନୁଯାୟୀ ନାନାବିଧ ବୈଜ୍ଞାନିକ **research** (ଗବେଷଣା ବା ପରୀକ୍ଷା-କାର୍ଯ୍ୟ) କରୁଅଛନ୍ତି । ଶ୍ରୀଶ୍ରୀଠାକୁର କହନ୍ତି—''ଲୋକର ପେଟ ପାଇଁ ଦି'ଟା ଭାତ ଯୋଗାଡ଼ କରି ନ ପାରିଲେ, କୃଷକର ଉନ୍ନତି କରି ନ ପାରିଲେ, ସହସ୍ର ଚେଷ୍ଟାରେ ମଧ୍ୟ ଦେଶର ଉନ୍ନତି ବା ଧର୍ମର ଉନ୍ନତି ହୋଇପାରେ ନା ।'' ସେଥିପାଇଁ ବାୟୁମଣ୍ଡଳରୁ **electricity** (ବିଦ୍ୟୁତ୍) ଧରି ନାନା ଆବିଷ୍କୃତ ଯନ୍ତ୍ରଯୋଗେ ବୈଦ୍ୟୁତିକ ଆଲୋକ ଜଳାଇବା, ରନ୍ଧନ କାର୍ଯ୍ୟ କରିବା, ନୌକାସ୍ଖଳନା କରିବା, କଳ ଘୂଳନା କରିବାର ସହଜ ଉପାୟ ଉଦ୍ଭାବନ କରା ହେଉଅଛି । କାର୍ଯ୍ୟରେ **success** (ସଫଳତା) ଅନେକ ହୋଇଛି । କିରାସିନି ତେଲର ଖର୍ଚ୍ଚ ଅପେକ୍ଷା ଏହି ଆଲୋକ ଜଳାଇବାରେ ପ୍ରାୟ ଶହେ ଭାଗରେ ଏକ ଭାଗ ମାତ୍ର ଖର୍ଚ୍ଚ ପଡ଼ିବ । ଜଗତର ପ୍ରଭୂତ ମଙ୍ଗଳର ସୂତ୍ରପାତ ହେଲା । ପରେ **cloud accumulator** (ମେଘ-ଯନ୍ତ୍ର) ନିର୍ମାଣ କରି ଆବଶ୍ୟକ ଅନୁଯାୟୀ ବୃଷ୍ଟି ବର୍ଷଣ କରାଇ କୃଷି-କାର୍ଯ୍ୟରେ ସୁବିଧା ପାଇଁ ଗବେଷଣା ଘୂଲିଛି । ତାହା ସହିତ ଗୋଟିଏ ଲାବୋରେଟରୀ ବା ପରୀକ୍ଷାଗାର ନିର୍ମାଣ କରାଇ ବିଜ୍ଞାନବଳରେ ବୃକ୍ଷ, ଲତା ଓ ଶସ୍ୟାଦିର ଉତ୍କର୍ଷ-ସାଧନ ଏବଂ ଅକାଳମୃତ୍ୟୁ ହରଣର ଉପାୟ ସ୍ୱରୂପ ଯନ୍ତ୍ରାଦି ଓ ଔଷଧାଦି ଏବଂ **(radium)** ପ୍ରଭୃତି ସହଯୋଗରେ ନାନାପ୍ରକାର ଉନ୍ନତିକର କାର୍ଯ୍ୟ ବା ଜଗତର ଏକ ଅଭୂତପୂର୍ବ, ଅଚିନ୍ତିତପୂର୍ବ, ସ୍ୱପ୍ନର ଅଗୋଚର ଏକ ଅଦ୍ଭୁତ କାର୍ଯ୍ୟାରମ୍ଭର ସୂତ୍ରପାତ ଶ୍ରୀଶ୍ରୀଠାକୁର କରାଇ ଦେଇଛନ୍ତି ।

ଜାତିସ୍ମରତ୍ୱ ବା ପୂର୍ବଜନ୍ମର ସ୍ମୃତି

ଶ୍ରୀଶ୍ରୀଠାକୁରଙ୍କ ଭକ୍ତମାନଙ୍କ ମଧ୍ୟରୁ କେହି କେହି ଜାତିସ୍ମରତ୍ୱ ଲାଭ କରିଛନ୍ତି ତାହାର ଯଥେଷ୍ଟ ପ୍ରମାଣ ମିଳିଛି । ଶ୍ରୀଶ୍ରୀଠାକୁର ମଧ୍ୟ କେବେ-କେବେ ହଠାତ୍ ଭାବାବେଗରେ ତାଙ୍କର ପୂର୍ବ-ପୂର୍ବ ଜନ୍ମର (ତ୍ରେତାଯୁ ଓ ଦ୍ୱାପରାଦି ଯୁଗର) କଥା କହୁ କହୁ ଘୂପି ରଖିଲେ ମଧ୍ୟ ଅନେକାଂଶରେ ପ୍ରକାଶିତ ହୋଇପଡ଼ିଛି । ସେ କହନ୍ତି—''ଖୁବ୍ ନାମ କରୁ କରୁ ମନ ତିଆରି ହେଲେ ଜୀବନର ପୂର୍ବ-ପୂର୍ବ ଘଟଣା ସ୍ମରଣ କରୁ କରୁ ଜନ୍ମକାଳର କଥା ଶେଷରେ ପୂର୍ବଜନ୍ମର କଥା ସ୍ମୃତିପଟରେ ଉଦିତ ହୋଇଥାଏ ।

ପ୍ରକୃତ ବ୍ରହ୍ମଚର୍ଯ୍ୟ

ଆଜିକାଲି ବ୍ରହ୍ମଚର୍ଯ୍ୟ ବିଷୟରେ ପ୍ରାୟ ସମସ୍ତଙ୍କର ଲକ୍ଷ୍ୟ ପଡ଼ିଛି, କିନ୍ତୁ ପ୍ରକୃତ ବ୍ରହ୍ମଚର୍ଯ୍ୟ କ'ଣ ତାହା ନ ଜାଣି ବା ନ ବୁଝି ଅନେକ ଯୁବକ ସାଧାରଣ ପୋଥି ପଢ଼ି ବା ଅଯୋଗ୍ୟ ଗୁରୁର କଥାରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଯାଇ ରୋଗଗ୍ରସ୍ତ ହୋଇ ପଡ଼ିଛନ୍ତି । ଏପରି ବହୁ ଯୁବକ ଶ୍ରୀଶ୍ରୀଠାକୁରଙ୍କ କୃପାରେ ଆମ ନିକଟକୁ ଆସିଛନ୍ତି । ବ୍ରହ୍ମଚର୍ଯ୍ୟ ସମ୍ବନ୍ଧରେ ଏପରି ଗୋଳମାଳ ଦେଖି ଶ୍ରୀଶ୍ରୀଠାକୁର ଦୟାକରି ପ୍ରକୃତ ବ୍ରହ୍ମଚର୍ଯ୍ୟ ଏବଂ ସହଜ ସରଳଭାବରେ ତାହା ପାଳନ କରିବାର ଉପାୟ ଯାହା ଆମମାନଙ୍କୁ ଜଣାଇ ଦେଇଛନ୍ତି ସେଥିରେ ସମସ୍ତେ ସଂସାରରେ ରହି ସହଜରେ ଏବଂ ରୋଗର ହାତ ଏଡ଼ାଇ ଦେଇ ପ୍ରକୃତ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ ।

ଭୋଗ ନ ଦେବା ସତ୍ତ୍ୱେ ଠାକୁରଭୋଗ ହେଲା

ତାହା ପ୍ରାୟ ସାତବର୍ଷ ତଳର କଥା । ଦିନେ ଅଶ୍ୱିନୀ ମୋର କୁଷ୍ଟିୟାର ଔଷଧାଳୟକୁ ଆସି ମୋତେ କହିଲେ—''ଭାଇ ଗୋଟିଏ ଆଶ୍ଚର୍ଯ୍ୟ କଥା କହୁଛି ଶୁଣ; ଆଜି ମୋ ଘରେ ଠାକୁରଙ୍କ ସିଂହାସନର ସମ୍ମୁଖରେ ଭୋଗ ହୋଇ ରହିଛି । ଠାକୁର ଘରେ ବାସନ ଥିଲା ଆଉ ଗୋଟିଏ ଡବାରେ ଭୋଗର ଉପଯୁକ୍ତ ଦ୍ରବ୍ୟ ବନ୍ଦ ହୋଇଥିଲା; କିନ୍ତୁ କି ଆଶ୍ଚର୍ଯ୍ୟ ! ଥାଳିରେ ଭୋଗ ଓ ଗିଲାସରେ ଜଳ ଦେଇ ଠିକ୍ କିଏ ଯେମିତି ଆସି ଠାକୁର ଭୋଗ ଦେଇ ଯାଇଛି । ଠାକୁର ଘର ତାଲା ଦ୍ୱାରା ବନ୍ଦ ଥିଲା । ମୋ ସ୍ତ୍ରୀଙ୍କର ଆଜି ଗୋଟିଏ ଝିଅ ଜନ୍ମ ହୋଇଛି । ଘରେ ଭୋଗ ଦେବାପାଇଁ ଅନ୍ୟ କୌଣସି ଲୋକ ମଧ୍ୟ ନ ଥିଲା । ପଡ଼ିଶାଘର ଲୋକଙ୍କୁ ତଥା ସାହିର ଅନେକ ଲୋକଙ୍କୁ ପଘ୍ଘରି ବୁଝିଲି କେହି ଆସି ନାହାଁନ୍ତି ବା ସେପରି କେହି କରି ନାହାଁନ୍ତି ।'' ଆମେମାନେ ଏହି ଅତ୍ୟାଶ୍ଚର୍ଯ୍ୟ ଘଟଣା ଶୁଣି ଆନନ୍ଦିତ, ବିସ୍ମୟାବିଷ୍ଟ ଓ କୌତୂହଳାକ୍ରାନ୍ତ ହୋଇ ଅଶ୍ୱିନୀଙ୍କ ଘରେ ଉପସ୍ଥିତ ହୋଇ ତାଙ୍କ ନିକଟରୁ ସେହି ପ୍ରସାଦ ଗ୍ରହଣ ପୂର୍ବକ ଭକ୍ଷଣ କରି ଧନ୍ୟ ହେଲୁ । ଘରର ଲୋକମାନଙ୍କ ପାଇଁ ମଧ୍ୟ କିଞ୍ଚିତ୍ ପ୍ରସାଦ ନେଇ ଆସିଲି ।

ଭୟଙ୍କର ଛୁରି ଓ ରିଭଲ୍‌ଭର କଥା

ଯୌବନର ପ୍ରାରମ୍ଭରେ ଦିନେ ଶ୍ରୀଶ୍ରୀଠାକୁର ସାନ୍ଧ୍ୟସମୀରଣ ସେବନ ଓ ଭ୍ରମଣ କରୁ କରୁ ନିକଟବର୍ତ୍ତୀ ଷ୍ଟିମରଘାଟରେ ଉପନୀତ ହେଲେ । ସେତେବେଳକୁ ସନ୍ଧ୍ୟା ଅତୀତ ହୋଇଯାଇଛି । ସୁସ୍ନିଗ୍ଧ ଉଜ୍ଜ୍ୱଳ ଚନ୍ଦ୍ରକିରଣରେ ଅନ୍ଧକାରବିମୁକ୍ତ ରଜନୀ ସେତେବେଳେ ବଡ଼ ଆନନ୍ଦଦାୟକ ବୋଧ ହେଉଥିଲା । ହଠାତ୍ ଦୁଇଜଣ ଅପରିଚିତ ଅପରିଣତ ବୟସ୍କ ଯୁବକ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କୁ ଆହ୍ୱାନ ପୂର୍ବକ ପଦ୍ମାଚରକୁ ନେଇଗଲେ । ସେଠାକୁ ଯିବାମାତ୍ରେ ସହସା ଅତର୍କିତ ଭାବରେ ସେହି ଦୁଇଜଣ ତାଙ୍କର ଦୁଇପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଆକ୍ରମଣ ଓ ଭୟ ପ୍ରଦର୍ଶନ ଭଙ୍ଗୀରେ ଜଣେ ରିଭଲ୍‌ଭର (ଛୋଟ ବନ୍ଧୁକ) ଓ ଅନ୍ୟ ଜଣକ ପ୍ରକାଣ୍ଡ ସୁତୀକ୍ଷ୍ଣ ଶାଣିତ ଉଜ୍ଜ୍ୱଳ ଭୟଙ୍କର ଛୁରି ତାଙ୍କ ଆଡ଼କୁ ଉରୋଳନ କରି କହିଲା—''ତୁମେ ଯଦି ଆମ ଦଳରେ (ରାଜଦ୍ରୋହୀ) ଯୋଗଦାନ କରି ଶପଥ ଗ୍ରହଣ କରି ବର୍ତ୍ତମାନ ନାମ ଦସ୍ତଖତ ନ କର ତେବେ ଏହାକୁ ତ ଦେଖୁଛ ଆଉ କ'ଣ ।'' ସେ କହନ୍ତି, ସେହି ରିଭଲ୍‌ଭର ଓ ଛୁରି ଚନ୍ଦ୍ରାଲୋକରେ ଝକ୍ ଝକ୍ କରି ଉଠିଲା । ସେହି ଦୁଇଜଣଙ୍କର ସେହି ସମୟର ରୁଦ୍ରମୂର୍ତ୍ତି ଆଉ ସେହି ଭୟଙ୍କର ଅସ୍ତ୍ରାଦି ଦେଖିଲେ ଭୟରେ ପ୍ରାଣ ଯେପରି ଉଡ଼ିଯାଏ । ସେ କିନ୍ତୁ ସେଥିରେ ଟିକିଏ ମଧ୍ୟ ଭୟଭୀତ ନ ହୋଇ ଅତି ଉଚ୍ଚସ୍ୱରରେ ହୋ ହୋ କରି ହସି ଉଠିଲେ । ସେ-ହାସ୍ୟରେ ଚନ୍ଦ୍ରମାଶୋଭିତ ତାରକାଖଚିତ ସୁନୀଳ ନୈଶଗଗନ ଓ ପଦ୍ମାନଦୀର ଚନ୍ଦ୍ର-କିରଣୋଜ୍ଜ୍ୱଳ କ୍ଷୁଦ୍ର କ୍ଷୁଦ୍ର ଚୀଚିମାଳା ସଂକ୍ଷୁବ୍ଧ ଜଳରାଶିର ସହିତ ଯୁବକଦ୍ୱୟଙ୍କର ହୃଦୟ କମ୍ପିତ ହୋଇ ଉଠିଲା । ପରପାରିସ୍ଥ ପ୍ରତିଧ୍ୱନି ହୋ-ହୋ କରି ସେମାନଙ୍କ ପ୍ରତି ବିଦ୍ରୂପବାଣ ବର୍ଷଣ କଲା । ସେ ଦୁଇଜଣଙ୍କର ମୁଖମଣ୍ଡଳ ବିବର୍ଣ୍ଣ ହୋଇଗଲା । ସେହି ଭୈରବ-ହାସ୍ୟରେ ଶଙ୍କିତ ହୋଇ ସେମାନଙ୍କର ବୀରତ୍ୱ ସେମାନଙ୍କୁ ଭୀରୁତାର ଅତଳଗର୍ଭରେ ନିକ୍ଷେପକରି ପଳାୟନ କଲା । ସେମାନେ ଉନ୍ମୁକ୍ତ ବଦନରେ ବିସ୍ଫାରିତ ଲୋଚନରେ ଭୟ ଓ ବିସ୍ମୟମିଶ୍ରିତ ଭାବରେ ଚିତ୍ରାର୍ପିତବତ୍ ଶ୍ରୀଶ୍ରୀଠାକୁରଙ୍କ ମୁଖ ଆଡ଼କୁ ଘୂହିଁ ରହିଲେ । ଶ୍ରୀଶ୍ରୀଠାକୁର ଦୃଢ଼ତାର ସହିତ କହିଲେ—''ମୁଁ ତୁମର ଦଳରେ ଯୋଗ ଦେବି

କାହିଁକି ? ତୁମର ଦଳରେ ମୁଁ ଯୋଗ ଦେଇ ପାରେନା । ମୋର ବି ଗୋଟାଏ ଦଳ ଅଛି, ତା' ସେପରି ନୁହେଁ, ପବିତ୍ର ନିର୍ମଳ । ଧର୍ମ ଓ ସତ୍ କର୍ମର ଦଳ । ତୁମେମାନେ ସେହି ଦଳ ଛାଡ଼ି ମୋ ଦଳରେ ଆସି ଯୋଗଦିଅ ।'' ତାଙ୍କର ଏହି ବାକ୍ୟର ସ୍ୱରରେ ସେମାନଙ୍କର ଚମକ ଯେପରି ଭାଙ୍ଗିଗଲା । ସେତେବେଳେ ସେମାନଙ୍କର ସେହି ଭୀତ-ଚକିତ ଭାବ କିଞ୍ଚିତ୍ ଯେପରି ଅପନୋଦିତ ହେଲା । ସେମାନେ କମ୍ପିତ କଣ୍ଠରେ ନରମ ସ୍ୱରରେ କହିଲେ—''ଆମର ଉପରବାଲାର ଆଦେଶ ଛଡ଼ା ତ ତୁମ ଦଳକୁ ଆମେ ଯାଇପାରିବୁ ନାହିଁ ।'' ସେ କହିଲେ—''ଯାଅ ଶୁଣି ଆସ ।'' ଏହି କଥାରେ ସେମାନେ ଯେପରି କୌଣସିମତେ ରକ୍ଷା ପାଇଲେ ଏବଂ ସେ-ସ୍ଥାନରୁ ପ୍ରସ୍ଥାନ କଲେ । ସେମାନେ ଆଉ କେବେହେଲେ ତାଙ୍କ ସହିତ ଦେଖା କରି ନାହାଁନ୍ତି । ସେ ମଧ୍ୟ ସେମାନଙ୍କର ଆଉ କୌଣସି ସନ୍ଧାନ ପାଇ ନାହାଁନ୍ତି । ଆଉ କେବେ ମଧ୍ୟ ଉଭୟାବର କୌଣସି ଲୋକ ତାଙ୍କ ନିକଟରେ ଉପସ୍ଥିତ ହୋଇନାହାଁନ୍ତି । ଜୟ, ସତ୍ୟର ଜୟ ! ଜୟ, ଧର୍ମର ଜୟ ! ଜୟ, ସଦ୍‌ଗୁରୁଙ୍କର ଜୟ !

ଆଉ ଏକ ଦିନ କଥା ଛଳରେ କହୁଥିଲେ—''ବିବେକାନନ୍ଦ ଏତେ ବଡ଼ ହୋଇଥିଲେ ରାମକୃଷ୍ଣଙ୍କୁ ମୁଣ୍ଡରେ ଧରି, ଫୋପାଡ଼ି ଦେଇ ନୁହେଁ ।''

ଜାତିସ୍ମରତ୍ୱ ବା ପୂର୍ବଜନ୍ମର ସ୍ମୃତି

ପୂର୍ବ-ପୂର୍ବ ଜନ୍ମର କଥା ଶ୍ରୀଶ୍ରୀଠାକୁରଙ୍କ ସ୍ମୃତିପଟରେ ବେଶ୍ ଅଙ୍କିତ ହୋଇଅଛି; ସେ ତାହା ସର୍ବଦା ସମସ୍ତଙ୍କ ନିକଟରେ ସ୍ପଷ୍ଟଭାବରେ ପ୍ରକାଶ କରନ୍ତି ନାହିଁ । ତେବେ ପ୍ରଧାନ-ପ୍ରଧାନ ଭକ୍ତଗଣ କଥା ହେବା ସମୟରେ ଥରେ ଦୁଇଥର କିଞ୍ଚିତ୍-କିଞ୍ଚିତ୍ ଆଭାସ ପାଇ ତାହା ବୁଝି ପାରିଛନ୍ତି । ଦିନେ ସେ ବିଶିଷ୍ଟ ଭକ୍ତ ତାଙ୍କର ଗୋକୁଳବାବୁଙ୍କୁ କହିଲେ— ''ଆପଣଙ୍କର ଅତି ଶିଶୁକାଳର କଥା କିଛି ମନେ ଅଛି ?'' ଗୋକୁଳବାବୁ କହିଲେ—''ନା ମୋର ମନେ ନାହିଁ । ତା' କ'ଣ ଲୋକର ମନେ ଥାଏ ?'' ଶ୍ରୀଶ୍ରୀଠାକୁର କହିଲେ— ''ନିଶ୍ଚୟ ଥାଏ । ଟିକିଏ ଚେଷ୍ଟା କରିଲେହିଁ ସବୁ ମନେକରାଯାଏ !'' ଗୋକୁଳବାବୁ କହିଲେ— ''ଆପଣଙ୍କର କ'ଣ ମନେ ଅଛି ?'' ସେ କହିଲେ ''ହଁ, ନିଶ୍ଚୟ ଅଛି, ମୋର ଜନ୍ମ ପରେ, ନାଡ଼ୀକଟା ହେବାପରେ (ନାଭିଚ୍ଛେଦନ) ମା ଯେତେବେଳେ ଗରମ ସେକ ଦେଲେ ସେତେବେଳେ ମୋତେ ଭଲ ଲାଗୁ ନ ଥିଲା, କଷ୍ଟ ହେଉଥିଲା, ମୁଁ କାନ୍ଦୁଥିଲି, ତା'କେହି ବୁଝି ପାରୁ ନ ଥିଲେ । ମୁଁ ତା'କହି ପାରୁ ନ ଥିଲି, ମୋର ବେଶ୍ ମନେ ଅଛି ।'' ଆଉ ଦିନେ କହିଥିଲେ—ଭୂମିଷ୍ଠ ହେବା ସମୟରେ ସୂତିକାଗୃହରେ ଆଲୁଅ ଜଳୁଥିଲା, ସେ ତାହା ଦେଖିଥିଲେ— ସେକଥା ତାଙ୍କର ବେଶ୍ ମନେ ଅଛି । ଏହିପରି ଆହୁରି ଅନେକ କଥା ଓ ଘଟଣା ତାଙ୍କର ଏପର୍ଯ୍ୟନ୍ତ ମଧ୍ୟ ଭଲଭାବରେ ମନେ ଅଛି, ସେ ଗୋକୁଳବାବୁଙ୍କୁ କହିଲେ— ''ଆପଣଙ୍କର ପୂର୍ବଜନ୍ମର କଥା ମନେ ଅଛି ?'' ଗୋକୁଳବାବୁ କହିଲେ—''ନା, ପୂର୍ବଜନ୍ମର କଥା କ'ଣ କାହାର ମନେ ଥାଏ ?'' ସେ କହିଲେ—''ହଁ ଟିକିଏ ଚେଷ୍ଟା କରିଲେ ପୂର୍ବଜନ୍ମର କଥା ମନେ କରିହୁଏ ।'' ଗୋକୁଳବାବୁ କହିଲେ— ''ଆପଣଙ୍କର କ'ଣ ମନେ ଅଛି ?'' ସେ କହିଲେ— ''ହଁ ଅଛି ।'' ଗୋକୁଳବାବୁ କହିଲେ— ''କୁହନ୍ତୁ ନା ଶୁଣେ ।'' ସେ କହିଲେ—''ନା, ସେ ସବୁ କହି କିଛି ଲାଭ ନାହିଁ ?'' ଗୋକୁଳବାବୁ ଅନେକ ଅନୁରୋଧ କରିବାରୁ କହିଲେ— ''ସେ ସବୁ କହିବା ଭଲ ନୁହେଁ ।'' ଗୋକୁଳବାବୁ ବହୁତ କାତର ଭାବରେ ପ୍ରାର୍ଥନା କରିବାରୁ କହିଲେ— ''ଯଦି କାହାରି ନିକଟରେ ନ କହିବେ ତା'ହେଲେ କହୁଛି ।''

ଗୋକୁଳବାବୁ କହିଲେ— ''ଏକେବାରେ କାହାରି ନିକଟରେ କହିବି ନାହିଁ ତା କ'ଣ ହୋଇପାରେ ! ଆପଣ ଯେତେବେଳେ ଟିକିଏ ଆଭାସ ଦେଇଛନ୍ତି ମୁଁ ନିଶ୍ଚୟ ଶୁଣିବି, ମୁଁ ନ ଶୁଣି ରହି ପାରିବି ନାହିଁ, ଆପଣଙ୍କୁ କହିବାକୁ ହେବ ।'' ସେ କହିଲେ— ''ତେବେ କୁହନ୍ତୁ, ବିଶେଷ ଭକ୍ତ ଓ ବିଶ୍ୱାସୀ ଖୁବ୍ କମ୍ ବ୍ୟକ୍ତିଙ୍କ ଛଡ଼ା ପ୍ରକାଶ କରିବେନାହିଁ ।'' ଗୋକୁଳବାବୁ କହିଲେ—''ତାହାହିଁ ହେବ ।'' ସେ କହିଲେ—''ମୋର ବେଶ୍ ମନେ ହେଉଛି ପୂର୍ବଜନ୍ମରେ ମୁଁ ଜଣେ ରାଜାଙ୍କ ଘରେ ଜନ୍ମଗ୍ରହଣ କରିଥିଲି; ଘରେ ଗୋଟିଏ ଗମ୍ବୁଜଭଳି ଥିଲା, ତାର ଅଗ୍ରଭାଗରେ ସୁନାର ପାତିଆ ମୋଡ଼ା ହୋଇଥିଲା । ଛୋଟ ଛୋଟ ପୁଅ ଝିଅମାନେ ଓ ପ୍ରଜାଲୋକମାନେ ମୋତେ ଖୁବ୍ ଭଲ ପାଉଥିଲେ । ବାଳକମାନେ କୌଣସି ଖାଇବା ଜିନିଷ ମିଠା ଲାଗିଲେ ମୋତେ ନ ଦେଇ ଖାଉ ନ ଥିଲେ । ଏପରିକି ପଶୁପକ୍ଷୀ ମଧ୍ୟ ମୋତେ ଭଲ ପାଉଥିଲେ । ଗାଈ ବାଛୁରୀ ଗୁଡ଼ିକ ମୋତେ ଖୁବ୍ ଭଲ ପାଉଥିଲେ ।'' ଏହି କଥା ପରେ ଗୋକୁଳବାବୁ କୌଣସି ଏକ କଥା କହିବାରୁ ସେ ଆଉ କହିଲେ ନାହିଁ ।

ଆଉ ଦିନେ କହିଥିଲେ— ''ଗୋଟିଏ ଜନ୍ମରେ ହିମାଳୟ ପର୍ବତର ଗୋଟିଏ ଗୁମ୍ଫା ମଧ୍ୟରେ ମୁଁ ସାଧନା କରୁଥିଲି, ସେଠାରେ ଗୋଟିଏ ବିରାଟ ଧଳାପଥର ଥିଲା ଓ ସୁନ୍ଦର ଧଳାରଙ୍ଗର ଗୋଟିଏ ବଡ଼ ଫୁଲଗଛ ଥିଲା, ମୋର ମନେ ହେଉଛି ଏବେ ମଧ୍ୟ ସେହି ସ୍ଥାନକୁ ବାଟ ଚିହ୍ନି ମୁଁ ଯାଇ ପାରିବି ।''

ଅନ୍ୟ ଏକ ଦିନ କଲିକତାରେ ଯତୀନ୍‌ଦା (ମୁଭାଗାଛାର ଜମିଦାର) ଙ୍କ ଘରେ ମଧ୍ୟାହ୍ନ ଆହାରାନ୍ତେ ଯତୀନ୍‌ଦାଙ୍କ ମୂଲ୍ୟବାନ୍ ସୁକୋମଳ ଦୁଗ୍ଧଫେନନିଭ ଶଯ୍ୟା ଉପରେ ତକିଆରେ ଆଉଜି ବସି ମୂଲ୍ୟବାନ୍ ହୁକାରେ ତମାଖୁ ସେବନ କରୁ କରୁ କହିଲେ— ''ମୋତେ ଯେପରି ରାଜା ପରି ବସାଇ ତମାଖୁ ଖୁଆଉଛି । ଯେପରି ଦିଲ୍ଲୀର ବାଦଶାହା ନା ଆଉ କ'ଣ ! ଆଚ୍ଛା ସତୀଶଦା, ଆପଣ ପୂର୍ବଜନ୍ମରେ ଦିଲ୍ଲୀର ସିଂହାସନରେ ନ ଥିଲେ ?'' ମୁଁ କହିଲି— ''ତା' ତ ମୁଁ ଜାଣେନା, ତେବେ ଯଦି ଦିଲ୍ଲୀରେ ରହିଥାଏ ତା'ହେଲେ ବର୍ତ୍ତମାନର ଭାଗ୍ୟ ଦେଖି ମନେ ହେଉଛି ବୋଧହୁଏ ସିଂହାସନରେ ନ ଥିଲି, ହୁଏତ କୌଣସି ବାଦଶାହାଙ୍କ ଘୋଡ଼ାର ସହିସ ବା ଏଭଳି ଗୋଟାଏ କିଛି ହୋଇ ପାରିଥାଏ । ଆଉ ସେ ସବୁ ତ ମୋର କିଛି ମନେ ନାହିଁ ।'' ସେ କହିଲେ—''ଦିଲ୍ଲୀ ମାନେ ଇନ୍ଦ୍ରପ୍ରସ୍ଥ ବୁଝିଲେ ତ ।'' ମୁଁ କହିଲି—''ସେତେବେଳେ ହୁଏତ ଥାଇପାରେ ?'' ସେ କହିଲେ— ''ମୁଁ ନ ଥିଲି ?'' ମୁଁ କହିଲି —''ମୋର ମନେହୁଏ ଆପଣ ଯୁଧିଷ୍ଠିର ପ୍ରଭୃତିଙ୍କ ସଙ୍ଗେ ସଙ୍ଗେ ଥିଲେ ।'' ସେ ଶ୍ରୀଶ୍ରୀଜନନୀଙ୍କୁ ଡାକି କହିଲେ—''ମା, ମୁଁ କ'ଣ ଇନ୍ଦ୍ରପ୍ରସ୍ଥରେ ଥିଲି ?'' ଜନନୀ ଅନ୍ୟମନସ୍କ ଭାବରେ କହିଲେ— ''ଥିଲୁ ।'' ସେ କହିଲେ—''ଦୂର୍, ତୁ କ'ଣ କହୁଛୁ ! ନ ଜାଣି ନ ଶୁଣି ଗୋଟାଏ କଥା କହି ପକାଉ ନା କ'ଣ !'' ଜନନୀ କହିଲେ— ''ତା' କ'ଣ ଜାଣେ ବାପା, ତୋର ଏତେ କଥା ମୁଁ କିଛି ବୁଝିସୁଝି ପାରେ ନା ।'' ସେ ସୁମଧୁର ଭଙ୍ଗୀରେ ହସିବାକୁ ଲାଗିଲେ । ଆଉ ଦିନେ ସେ ସତ୍‌ସଙ୍ଗ ଭବନରେ ପଦ୍ମାତୀରସ୍থ ପଶ୍ଚିମପଟର ପକ୍କା ବେଦୀ ଉପରେ ବସି ଚଲ୍ଲାଲୋଚନା କରୁଥିଲେ. ଅନେକ ପୁରୁଷ ଓ ସ୍ତ୍ରୀ ଭକ୍ତ ସେଠାରେ ଉପସ୍ଥିତ । ସହସା କହି ଉଠିଲେ— ''ଏ କ'ଣ ! ଏପରି ମନୋଯୋଗ ଦେଇ ଆଲୋଚନା ଭିତରେ ମଧ୍ୟ ହଠାତ୍ ମୋର କାହିଁକି ମନେ ହେଉଛି ଯେ, ମୁଁ ଯେପରି ସରଯୂ ନଦୀତୀରରେ ବସିଅଛି, ଆଉ ଏଇ ସେହି ସରଯୂ ।'' ମୁଁ କହିଲି—''ପୂର୍ବ କୌଣସି ଏକ ଜନ୍ମର ସ୍ମୃତିଟି ହୁଏତ ହଠାତ୍ ଜାଗି ଉଠିଛି ।'' ସେ ଗମ୍ଭୀରଭାବରେ ଅଳ୍ପ ସମୟ ଚୁପ୍ ରହି ସେ କଥା ବନ୍ଦ କରିଦେଇ ସୁମଧୁର ସହାସ୍ୟବଦନରେ ଚଲ୍ଲୋପଦେଶମୂଳକ କଥା କହିବାକୁ ଲାଗିଲେ । ଶିଶୁ ଅବସ୍ଥାରେ ହାତରେ

ଗୋଟିଏ ଛୋଟ ବାଡ଼ି ଧରି ଚଖିବାକୁ ସେ ଭଲ ପାଉଥିଲେ, ସେଥିପାଇଁ ଲୋକେ ତାଙ୍କୁ ଭଲ ପାଇ ଆଦରର ସହିତ 'ଗାଡ଼ିଆଳ' ବୋଲି ଡାକୁଥିଲେ । ସେ କଥା ଏ ପର୍ଯ୍ୟନ୍ତ ତାଙ୍କର ଭଲଭାବରେ ମନେ ଅଛି ।

କେତେବର୍ଷ ପୂର୍ବେ ଥରେ ମୋର କିଛି ଦିନ ଧରି ଏପରି ଅବସ୍ଥା ହୋଇଥିଲା ଯେ ମୁଁ ଧ୍ୟାନ କରିବାକୁ ବସିଲେ ଧ୍ୟାନରେ ରଙ୍ଗ ଦର୍ଶନ ହେଉଥିଲା । ପରେ ଦିନେ ବା ଦୁଇ-ଦିନ ମଧ୍ୟରେ କାହାରି ନା କାହାରି ରଙ୍ଗପାଚ ହେଉଥିଲା । ସେଥିରେ ଟିକିଏ ବିଚଳିତ ହୋଇ ମୁଁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ନିବେଦନ କରିବାରୁ ସେ ଦୟାକରି କହିଲେ– ''ଶୀଘ୍ର ସେ ଅବସ୍ଥା କଟିଯିବ । ପୂର୍ବଜନ୍ମରେ ଆପଣ ଅନେକ ନରହତ୍ୟା କରିଥିଲେ ବୋଧହୁଏ, ସେଥିପାଇଁ ଏପରି ହେଉଛି ।'' ତା' ପରଦିନଠାରୁ ତାଙ୍କର ଦୟାରେ ମୋର ଆଉ ସେପରି ହୋଇନାହିଁ ।

ଅନେକ ସମୟରେ ଦେଖାଯାଇଛି ପରର ଦୁଃଖରେ ସେ ଖୁବ୍ ଦୁଃଖିତ ଓ ଚିନ୍ତିତ ହୋଇଥାନ୍ତି । ସମୟ ସମୟରେ ରୋଗ-ଭୋଗ କରିବାକୁ ହୁଏ, କେବେ କେବେ କେହି ରୋଗାରୋଗ୍ୟ ପ୍ରାର୍ଥନା କରିବାରୁ ରୋଗମୁକ୍ତ ହୁଏ କିନ୍ତୁ ତାଙ୍କୁ ସେହି ରୋଗ ଭୋଗିବାକୁ ହୋଇଥାଏ । ପୁନଶ୍ଚ ଦୁଇଟି ବିବାଦମାନ ପକ୍ଷ ଆସି ତାଙ୍କୁ ଅନେକ ସମୟରେ ବିବ୍ରତ କରିପକାନ୍ତି, କେତେବେଳେ ବା ଅନ୍ୟାନ୍ୟ ନାନା କାରଣରୁ ତାଙ୍କୁ ପରପାଇଁ କଷ୍ଟଭୋଗ କରିବାକୁ ହୋଇଥାଏ । ଦିନେ ସେ-ସମସ୍ତ କଥା ତାଙ୍କୁ ଜିଜ୍ଞାସା କରାଯିବାରୁ ସେ କହିଲେ–''କର୍ମଫଳ ।'' ମୁଁ କହିଲି– ''ଆପଣଙ୍କର ମଧ୍ୟ କ'ଣ କର୍ମଫଳ ଥିଲା, ଆଉ ସେଥିପାଇଁ ଭୋଗିବାକୁ ହେଉଛି ?'' ସେ କହିଲେ– ''ମୋର ଏତେ କର୍ମଫଳ ତା'ଯଦି କୁହେ ଆଉ ଆପଣ ଯଦି ତା' ଶୁଣନ୍ତି ତେବେ ଆପଣ ମୂର୍ଚ୍ଛା ହୋଇଯିବେ । କୁରୁକ୍ଷେତ୍ର ଯୁଦ୍ଧର ଯେତେ କର୍ମଫଳ ସବୁ ମୋତେ.....'' କହି ସେ-କଥାଟା ବନ୍ଦ କରିଦେଇ ଅନ୍ୟ କଥା ଉତ୍‌ଥାପନ କଲେ । ଆମେମାନେ ମଧ୍ୟ ସାହସ କରି ଆଉ କିଛି କହିପାରିଲୁ ନାହିଁ ।

ସମାପ୍ତ

SATSANG PUBLISHING HOUSE
SATSANG